ମୋ ଯୁଗାଠଣୀର କାହାଣୀ

ଫଚୁରାନନ୍ଦ

Digitized by srujanika@gmail.com

ମୋ ଫୁଟାଡଙ୍ଗାର କାହାଣୀ

ଫତୁରାନନ୍ଦ

ପ୍ରକାଶକ

ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ୍

ଏ-୬୨, ନୂଆପଲ୍ଲୀ, ଭୁବନେଶ୍ୱର–୭୫୧୦୦୩

Digitized by srujanika@gmail.com

ମୋ ଫୁଟାଡଙ୍ଗାର କାହାଣୀ

[ଆତ୍ମଜୀବନୀ]

ଫତୁରାନନ୍ଦ

ପ୍ରକାଶକ :

ଇଷ୍ଟର୍ଣ୍ଣ ମିଡ଼ିଆ ଲି଼

ଏ/୬୨, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୦୩

ମୁଦ୍ରାକର :

ଶ୍ରୀ ଗୁରୁଗୌରାଙ୍ଗ ପ୍ରେସ୍

ନୂଆପଲ୍ଲୀ, ଭୁବନେଶ୍ୱର-୧୨

ପ୍ରଚ୍ଛଦ :

ଶ୍ରୀ ଛନ୍ଦାଚରଣ ଆଚାର୍ଯ୍ୟ

ପ୍ରଥମ ପ୍ରକାଶ : ଅକ୍ଟୋବର, ୧୯୮୯

ମୂଲ୍ୟ : ସୁଲଭ-୪୩.୦୦
ଶୋଭନ-୫୦.୦୦

Mo Phuta Dangara Kahani, Auto-biography of Phaturananda.' Published by Eastern Media Ltd., A/62, Nayapalli, Bhubaneswar-751003. Printed at Sri Guru Gouranga Press, Nayapalli, Bhubaneswar. Cover design-Chhanda Ch. Acharya. **Price Rs.**43.00, Deluxe : Rs. 50.00. 1st Edition-October 1989.

Digitized by srujanika@gmail.com

ଉତ୍ସର୍ଗ

ବୋଉ,

ଏ ପିଣ୍ଡରେ ତୁ ଜୀବନ ଦେଇଥିଲୁ ଓ ଜୀବନ ବାରିଧିକୁ ପାରିହେବା-ଲଗି ହାତଗୋଡ଼ରେ ତାକତ ଦେଇଥିଲୁ, କିନ୍ତୁ ଭଗ୍ୟ ଦେଇ ନ ଥିଲୁ । ତାହା ତୋ' ଅକ୍ତିଆରରେ ନ ଥିଲା । ଜୀବନ ବାରିଧି ଅତିକ୍ରମ କରିବାଲଗି ମୁଁ ଗୋଟିଏ ପାଲ-ଟଣା ଡଙ୍ଗା ସଂଗ୍ରହ କଲି ସେଇଥିରେ ଏକୁଟିଆ ଯାତ୍ରା ଆରମ୍ଭ କଲି । ମୋ ଭଗ୍ୟକୁ ଯେ ଡଙ୍ଗାଟା ଫୁଟା ପଡ଼ିଲା । ମୋ ଡଙ୍ଗା ବୁଡ଼ିବା ପୂର୍ବରୁ ତୁ ଗ୍ଲଲିଗଲୁ । ଭଲହେଲା । ତୁ କାହିଁକି ମୋ କାଲୁବାଲୁ ଦେଖି ନିଜେ କଷ୍ଟ ପାଇଥାଆନ୍ତୁ । ତୋର ଜଣା ଅଜଣା ସବୁତକ ଏକାଠି କରି ମୋର ଏ ଫୁଟା ଡଙ୍ଗାର କାହାଣୀ ବହିଟିକୁ ତୋ ପାଦ-ତଳେ ନୈବେଦ୍ୟ ରୂପେ ଅର୍ପଣ କଲି ।

ତୋର

ଚନ୍ଦନ

Digitized by srujanika@gmail.com

ପ୍ରାକ୍‌କଥନ

୧୯୭୪ ମସିହା କେଉଁ ମାସ କେଉଁ ତାରିଖ ତାହା ମୋର ମନେ ନାହିଁ । ଏଥିପୂର୍ବରୁ ମୁଁ ଓ ରଘୁନାଥ ମହାପାତ୍ର ଦିନେ କୁଞ୍ଜବିହାରୀ ଦାଶଙ୍କ ଘରେ ଯାଇଁ ପହଞ୍ଚିଲୁ । ତାଙ୍କ ଆତ୍ମଜୀବନୀ ଲେଖିବା ଆରମ୍ଭ କରିବାଲାଗି ତାଙ୍କୁ ଅନୁରୋଧ କଲୁ । ତାହା ଧାରାବାହିକ ଭାବରେ ଡଗରରେ ବାହାରିବ ବୋଲି କହିଲୁ । ଡଗରର ସେ ଜଣେ ମଙ୍ଗଳାକାଙ୍‌କ୍ଷୀ ବନ୍ଧୁ ଥିଲେ । ଡଗରରେ ବାହାରିବ ବୋଲି ଶୁଣିବାରୁ ସେ ରାଜିହେଲେ ଏବଂ ଲେଖା ଆରମ୍ଭ କଲେ, ତାହା ସଙ୍ଗେ ସଙ୍ଗେ ଡଗରରେ ପ୍ରକାଶ ପାଇଲା । ଡଗରରୁ ଦୁଇଖଣ୍ଡ ନେଇ ଆମେ ଯାଇଁ ତାଙ୍କ ହାତରେ ଦେଇ ଆସିଥିଲୁ ଏବଂ ତା'ପର ବିଷୟ ଦେବାଲାଗି ଅନୁରୋଧ କରିଥିଲୁ । ଏହି ଆତ୍ମଜୀବନୀ ଅନେକଗୁଡ଼ିଏ ସଂଖ୍ୟାରେ ନିୟମିତ ଭାବରେ ବାହାରିଲା ଏବଂ ପାଠକମାନଙ୍କର ଦୃଷ୍ଟିଆକର୍ଷଣ କଲା ।

ତାଙ୍କ ଜୀବନୀର ଅଧିକାଂଶ ପ୍ରକାଶିତ ହୋଇଗଲା । ଦିନେ ଆମେ ଦୁହେଁ କୁଞ୍ଜବାବୁଙ୍କ ଘରେ ବସିଛୁ, ସେ ମୋତେ କହିଲେ–"ଫତୁରାନନ୍ଦ, ତୁମେ ତୁମର ଆତ୍ମଜୀବନୀ ଲେଖ ।" ମୁଁ କହିଲି–"ଆପଣ କ'ଣ ମୋତେ ବିଦ୍ରୂପ କରୁଛନ୍ତି ? ମୁଁ ଯୋଉ ମଣିଷ, ସେଥିରେ ପୁଣି ଗୋଟାଏ ଆତ୍ମଜୀବନୀ ! ମୋର ଜୀବନ ଅଛି ନା ?"

ସେ ବାଧାଦେଇ କହିଲେ–"କାହିଁକି ? କ'ଣ କିଛି ମାରା ହୋଇଯାଇଛି ? ଅନେକ ଲୋକ ଆତ୍ମଜୀବନୀ ଲେଖିଲେଣି । ମୁଁ ଲେଖୁଚି । ତୁମେ ସେମିତି ଗୋଟାଏ ଲେଖିବ । କ୍ଷତି କ'ଣ ?"

ମୁଁ କହିଲି–"ସମସ୍ତଙ୍କର କିଛି ନା କିଛି ଗୋଟାଏ ପ୍ରତିଷ୍ଠା ଅଛି । ସେହି ପ୍ରତିଷ୍ଠା ବଳରେ ସେମାନେ ଲେଖିବାକୁ ସାହସ କରୁଛନ୍ତି । ମୋର ସେତକ କାହିଁ ? ସମସ୍ତଙ୍କର ଉପହାସର ପାତ୍ର ହେବି ସିନା ।"

ସେ ପୁଣି କହିଲେ–"ତୁମ ଜୀବନରେ ହସର ଖୋରାକ ଯୋଗାଇଲା ଭଳି ବହୁତ ଘଟଣାବଳି ଅଛି । ତୁମେ ବହି ଲେଖି ଯେପରି ହସର ଉଦ୍ରେକ କରୁଚ, ଆତ୍ମଜୀବନୀ ଲେଖି ସେପରି କିଛି ହେଲେ ହସର ତ ଉଦ୍ରେକ କରି ପାରନ୍ତ ? ତୁମେ ମୋ କଥା ମାନି ଲେଖା ଆରମ୍ଭ କର ।"

ମୁଁ ଗୁମ୍ ଖାଇ ରହିଗଲି ଏବଂ କହିଲି–"ହଁ ଏ ଯେଉଁ କଥା କହୁଛନ୍ତି ତାହା କେତେକାଂଶରେ ସତ । ଆପଣମାନଙ୍କ ପରି ମୋର 'ବିରଟ' ପ୍ରତିଷ୍ଠା ନାହିଁ । ସମସ୍ତଙ୍କୁ ହସାଇବା ଲାଗି ମୁଁ ଯେପରି ବହିଗୁଡ଼ିକ ଲେଖୁଚି ସେହିପରି ହାସ୍ୟ ଘଟଣା ପରିପୂର୍ଣ୍ଣ

Digitized by srujanika@gmail.com

ମୋ ଜୀବନୀଟିକୁ ସମସ୍ତଙ୍କ ଆଗରେ ଉପସ୍ଥାପିତ କରି ଅନ୍ତତଃ ସମସ୍ତଙ୍କ ମୁହଁରେ କିଛି କିଛି ହସ ସଞ୍ଚାର କରି ପାରିବି । ମୋର ଅନ୍ୟ କିଛି ହେଲେ ନାହିଁ ଯେଉଁଥିରେ କି ଜନସାଧାରଣଙ୍କୁ ମୋ ଜୀବନୀ ପ୍ରତି ଆକୃଷ୍ଟ କରିପାରିବି ।”

ମୋତେ ଟିକିଏ ନଇଁବାର ଦେଖି ସେ ମୋ ଉପରେ ଆଦେଶର ଏକ ବଡ଼ ବୋଝ ଲଦି ଦେଲେ । ମୁଁ ଏକାବେଳକେ ନଇଁ ପଡ଼ିଲି ଏବଂ ତାଙ୍କ ଘରୁ ଫେରିଲି । ବାଟରେ ରଘୁବାବୁ ମଧ୍ୟ ମତେ ଖୁବ୍ ଉତ୍ସାହ ଦେବାକୁ ଲାଗିଲେ । ଘରେ ଏକାନ୍ତରେ ବସି ସ୍ଥିର କଲି ଯେମିତି ଗପ ଲେଖୁଚି ସେମିତି ହସିବା ପରି ଘଟଣା ଗୁଡ଼ିକ ଲେଖି-ଦେଇ ଯିବି । ଗୋଟିଏ ଶୁଭ ଦିନ ଦେଖି ଆରମ୍ଭ କରିବି ବୋଲି ମନେ ମନେ ସ୍ଥିର କଲି ।

ନିକଟରେ ମୋର ଇଷ୍ଟଦେବତା ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କର ଜନ୍ମଦିନ ପଡ଼ିବାର ଥାଏ । ସେଇଦିନ ମୋର ଜୀବନୀ ଲେଖା ଆରମ୍ଭ କରିବି ବୋଲି ସ୍ଥିର କଲି । ୧୯୭୪ ମସିହା ନଭେମ୍ବର ୨୩ ତାରିଖ ଦିନ ସକାଳୁ ଶୁଚିମନ୍ତ ହୋଇ ଲେଖାଟି ଆରମ୍ଭ କଲି । କିଛି ଲେଖି ସାରିବା ପରେ ବହିର ନାଁ କ’ଣ ଦେବି ସେ ବିଷୟ ଚିନ୍ତା କଲି । ମନେମନେ ଭାବିଲି ଭଗବାନ ମତେ ପୃଥିବୀକୁ ପଠେଇଲେ । ଏଠି ଏ ଭବ-ସାଗରରୁ ପାରିହେବାଲାଗି ମୋତେ ଯେଉଁ ଡଙ୍ଗାଟିଏ ଦେଲେ ସେଇଟା ଏକ ଗର-ମଜଭୁତ ଫୁଟା ଡଙ୍ଗା । ଏଥିରେ ଭବସାଗର ପାରିହେଲାବେଳେ ତା’ଭିତରେ ପଶୁଥିବା ପାଣିକୁ ମୁଁ କାଢ଼ି କାଢ଼ି ବେହାଲ ହଉଚି, ବହିରେ ତ ଏତିକି ବିଷୟ ଦିଆଯିବ । ତେଣୁ ବହିର ନାଁ ରଖିଲି ‘ମୋ ଫୁଟାଡଙ୍ଗାର କାହାଣୀ ।’

କେତେବର୍ଷଯାଏ ମୁଁ ମୋ ନିଜ ହାତରେ ଲେଖୁଥିଲି । ଯେତେବେଳେ ମୋର ଦୁଇ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା ସେତେବେଳେ ମୁଁ ଲେଖନକାରମାନଙ୍କର ସାହାଯ୍ୟ ନେଲି । ଲେଖନକାରମାନେ ହେଲେ ଶ୍ରୀ ଧ୍ରୁବଚରଣ ବାରିକ, ବର୍ତ୍ତମାନର ଜୟ-ପୁରଠାରେ ଅବସ୍ଥିତ ଜୁଡ଼ିସିଆଲ ମାଜିଷ୍ଟ୍ରେଟ, ଡଃ ଶ୍ୟାମସୁନ୍ଦର ମିଶ୍ର, ବର୍ତ୍ତମାନର ରେଭେନ୍‌ସା କଲେଜର ଓଡ଼ିଆ ବିଭାଗ ଅଧ୍ୟାପକ, ଶ୍ରୀ ବୀରକିଶୋର ସାହୁ, ଆଡଭୋ-କେଟ୍ ଶ୍ରୀ ଶରତଚନ୍ଦ୍ର ପ୍ରଧାନ ଓ ଶ୍ରୀ ଅର୍ଜୁନୀ ଚରଣ ଦାସ । ଏମାନଙ୍କର ଆନ୍ତରିକତା-ପୂର୍ଣ୍ଣ ଲେଖନ ବିନା ଏହା ପୁସ୍ତକାକାରରେ ପ୍ରକାଶିତ ହୋଇପାରି ନ ଥାନ୍ତା ।

କୃଷ୍ଣବାବୁଙ୍କର ପାଣ୍ଡୁଲିପିର ମଞ୍ଜିପୋତା ଏବଂ ଲେଖନକାରମାନଙ୍କର ନିୟମିତ ଜଳସେଚନ ଫଳରେ ଆଜି ଏହା ଏକ ପୂର୍ଣ୍ଣ ଦ୍ରୁମରେ ପରିଣତ ହୋଇଛି । ଲେଖା ଲେଖିରେ ଥକିପଡ଼ିବା ବେଳେ ଅଧ୍ୟାପକ ଡକ୍ଟର ବିଜୟାନନ୍ଦ ସିଂହଙ୍କର ଉତ୍ସାହବାଣୀ ମତେ ପ୍ରେରଣା ଯୋଗାଇ ପାରିଛି । ସେ ମଧ୍ୟ ଇଷ୍ଟର୍ଣ୍ଣ ମିଡ଼ିଆର ମ୍ୟାନେଜିଂ ଡାଇରେକ୍ଟର ଶ୍ରୀଯୁକ୍ତ ସୌମ୍ୟରଂଜନ ପଟ୍ଟନାୟକଙ୍କୁ ଏଇ ପାଣ୍ଡୁଲିପି ବିଷୟ କହିବାରୁ ସେ ତାହା ଅଳ୍ପ ସମୟ ମଧ୍ୟରେ ଛାପିଦେବା ଲାଗି ଆଗ୍ରହ ପ୍ରକାଶ କଲେ ଏବଂ ତାଙ୍କର ସହକର୍ମୀ ଶ୍ରୀ ଗୌରହରି ଦାସଙ୍କ ଜରିଆରେ ପାଣ୍ଡୁଲିପି ଶୀଘ୍ର ଦେବାଲାଗି ଖବର ପଠାଇଲେ ।

Digitized by srujanika@gmail.com

ସୌମ୍ୟରଂଜନଙ୍କ ଦକ୍ଷତା ମୋତେ ଆଗରୁ ଅବିଦିତ ନ ଥିଲା । ଥରେ ଗୋଟିଏ କାର୍ଯ୍ୟ ଉପଲକ୍ଷେ ତାଙ୍କ ନିକଟକୁ ଯାଇଥିଲି । ମୁଁ ସେଠି ତାଙ୍କୁ ଆତ୍ମ ପରିଚୟ ଦେବାକୁ ଆରମ୍ଭ କଲି । ସେ ମୋ ବକ୍ତବ୍ୟର ଅଧାରେ ମୋତେ ନିବୃତ୍ତ କରାଇ କହିଲେ—“ଥାଉ ଥାଉ ମୋତେ ଆଉ ବେଶି ଅପମାନ ଦିଅନ୍ତୁ ନାହିଁ । ମୁଁ କଲେଜରେ ପଢିଲା ବେଳେ ଆପଣଙ୍କ ପାଖକୁ ବହୁବାର ଯାଇଛି ଏବଂ ଆପଣଙ୍କ ସାହିତ୍ୟର ଖୁବ୍ ପରିଚୟ ପାଇଛି । ଆପଣଙ୍କ ସାହିତ୍ୟ ସମ୍ପର୍କରେ ମୋର ଅତି ଉଚ୍ଚ ଧାରଣା ଅଛି ଏବଂ ମୁଁ ଆପଣଙ୍କୁ ବହୁତ ସମ୍ମାନ କରେ ।” ଏହି କଥାଟି ମୋର ମନେପଡ଼ିଗଲା—ବହୁତ ପ୍ରକାଶକଙ୍କ ସଙ୍ଗେ ମୋର ସମ୍ବନ୍ଧ ହୋଇଛି କିନ୍ତୁ ସୌମ୍ୟରଂଜନଙ୍କ ସେଦିନର ଆଦର ଓ ଆତ୍ମୀୟତା ମୋତେ ତାଙ୍କ ପାଖକୁ ଟାଣିନେଇଥିଲା—ମୁଁ ମନେ ମନେ ଭାବିଲି ଅନ୍ୟ କାହାକୁ ପାଣ୍ଡୁଲିପି ଦେଲେ ସେମାନେ ହୁଏତ ମୋ ଜୀବନକାଳରେ ପ୍ରକାଶ କରି ପାରିବେନି । ଏହି ବହିର କଳେବର ଦୃଷ୍ଟିରୁ ମୋ ଜୀବନର ସାୟାହ୍ନରେ ଅତ୍ୟାଧୁନିକ ମୁଦ୍ରଣ କୌଶଳ ଓ ପରିପାଟୀ ସହ ଅତି ଶୀଘ୍ର ପ୍ରକାଶ ପାଇବ ବୋଲି ଆଶାକରି ସୌମ୍ୟରଂଜନଙ୍କୁ ପ୍ରଦାନ କଲି । ମୋ ଜୀବନର ଯବନିକାପାତ ପୂର୍ବରୁ ମୁଁ ‘ମୋ ଫୁଟା ଡ଼ଙ୍ଗାର କାହାଣୀ’ ବହିଟି ଦେଖିପାରିବି ବୋଲି ଦୃଢ଼ ଆଶାପୋଷଣ କରୁଛି ।

ଏଥିଲାଗି ମୁଁ ଶ୍ରୀଯୁକ୍ତ ସୌମ୍ୟରଂଜନ ପଟ୍ଟନାୟକ, ଶ୍ରୀ ଗୌରହରି ଦାସ ଓ ଅଧ୍ୟାପକ ଡକ୍ଟର ବିଜୟାନନ୍ଦ ସିଂହଙ୍କ ପ୍ରତି ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି ।

ତା ୧୦ । ୧୦ । ୧୯୯୮

ମହାଳୟା, କଟକ

ସଚ୍ଚୁରାନନ୍ଦ

Digitized by srujanika@gmail.com

ସୂଚିପତ୍ର

ବିଷୟ		ପୃଷ୍ଠା
୧.	ପୂର୍ବପୁରୁଷ ଓ ବଂଶଲତା	୧
୨.	ଜନ୍ମ	୧୦
୩.	ଶୈଶବ	୧୪
୪.	ଚାଟଶାଳୀ ଜୀବନ	୪୨
୫.	ସ୍କୁଲ ଜୀବନ	୬୩
୬.	ଡାକ୍ତରୀ ସ୍କୁଲ ଜୀବନ	୧୨୦
୭.	ସାହିତ୍ୟିକ ଜୀବନ	୧୭୯
୮.	ସାହିତ୍ୟିକ ସ୍ୱୀକୃତି	୨୩୫
୯.	ଓଡ଼ିଆ ସାହିତ୍ୟରେ ଧସ୍ତାଧସ୍ତି	୨୪୧
୧୦.	ମୋର ପରମମିତ୍ର—ମହାବ୍ୟାଧି	୨୪୭
୧୧.	ଅନ୍ତିମ ଯାତ୍ରା	୨୫୩

★

Digitized by srujanika@gmail.com

ପୂର୍ବପୁରୁଷଗଣ ଓ ବଂଶଲତା

ମୋର ପୂର୍ବପୁରୁଷମାନଙ୍କର କଥା ଯଦି କହିବି ତେବେ ଅନ୍ତରେ ରହିବି କାହିଁକି, ଅର୍ଥାତ୍ କେତେ ଶହ ବର୍ଷ ବା କେତେ ସହସ୍ର ବର୍ଷ ବା କେତେ ଲକ୍ଷ ବର୍ଷରେ ରହିବି କାହିଁକି ? ମୁଁ ସମସ୍ତଙ୍କୁ ଟପିଯାଇ ଏକାବେଳକେ ଶେଷବାକ ଆଡୁ କହି ଆସିବି । ମୋର ପୂର୍ବପୁରୁଷମାନେ ଶିଉଳି ରୂପରେ ଅନନ୍ତ ଜଳରାଶି ମଧ୍ୟରେ ଭାସୁଥିଲେ । ତାଙ୍କରିଠାରୁ ଏମାନେ ପ୍ରଥମେ ଏକକୋଷୀ ଜୀବ ଓ ପରେ ବହୁକୋଷୀ ଜୀବ ରୂପରେ ଲୀଳାଖେଳା ଆରମ୍ଭ କଲେ । ସେଇମାନେ ପରେ ଖେଚର, ଜଳଚର ଓ ଭୂଚର ରୂପ ଗ୍ରହଣ କଲେ । ଏହି ଭୂଚରମାନଙ୍କ ମଧ୍ୟରୁ କେତେକ ଖୁବ୍ ଉନ୍ନତି କରି ଚାରିଗୋଡ଼ିଆ ହୋଇଗଲେ ଓ ସେମାନଙ୍କ ପଛରେ ଗୋଟାଏ ଲମ୍ବା ଲାଙ୍ଗୁଡ଼ ବାହାରିଲା । ସେମାନେ ମନେମନେ ଭାବିଲେ—ଆମେ ଅନ୍ୟମାନଙ୍କଠାରୁ ଖୁବ୍ ଉପରେ ଯାଇଁ ରହିବା । ସେତେବେଳକୁ ଭୂମିରେ ଚାରିଆଡ଼େ ବଡ଼ ବଡ଼ ଗଛର ଜଙ୍ଗଲ ହୋଇଯାଇଥିଲା । ଉପରେ ରହିବାକୁ ଯାଇଁ ସେମାନେ ଏଇ ଗଛ ଉପରକୁ ଉଠିଲେ । ସେମାନେ ତଳକୁ ଓହ୍ଲେଇଲେ ନାହିଁ । ଏ ଗଛରୁ ସେ ଗଛ, ହୋଇ ଚାରିଆଡ଼େ ବୁଲିଲେ । ଗଛର ଫଳମୂଳ ଖାଇ ଆରାମରେ କାଳ କଟାଇଲେ । ଆଜିକାଲିକା ଲୋକେ ତାଙ୍କୁ ମାଙ୍କଡ଼ ବୋଲି କହୁଚନ୍ତି । କାଳକ୍ରମେ ସେମାନେ ଆଉ ଗଛ ଉପରେ ରହିବାକୁ ଭଲ ପାଇଲେ ନାହିଁ । ଅନେକ ମାଙ୍କଡ଼ଙ୍କ ଲାଙ୍ଗୁଡ଼ କ୍ରମେ ଛୋଟ ହୋଇ ଆସିଲା । ଏଣୁ ସେମାନେ ନିଃ ଲାଙ୍ଗୁଡ଼ିଆ ମାଙ୍କଡ଼ ରୂପରେ ପରିଚିତ ହେଲେ । ଏମିତି ହଜାର ହଜାର ବର୍ଷ ଚାଲିଗଲା । ଏମାନେ ତଳକୁ ଓହ୍ଲେଇ ଆସି ଭୂଇଁ ଉପରେ ବୁଲାବୁଲି କଲେ । ଦଳେ ଚାରିଗୋଡ଼ରେ ଯିବା-ଆସିବା ନ କରି ଦୁଇ ଗୋଡ଼ରେ ଯିବା ଆସିବା କଲେ । ସେମାନେ କ୍ରମେ ଚାଲାଖ ହେଲେ, ଚିନ୍ତା କରିବାକୁ ଶିଖିଲେ । ସେମାନଙ୍କ ବୁଦ୍ଧି ମଧ୍ୟ କ୍ରମେ ଚଞ୍ଚଳ ଚଞ୍ଚଳ ବଢିବାକୁ ଲାଗିଲା । ଖରା ବର୍ଷା ଶୀତରୁ ରକ୍ଷା ପାଇବା ପାଇଁ ସେମାନେ ଡ଼ାଳପତ୍ରରେ କୁଡ଼ିଆମାନ ତିଆରିକରି ତା'ରି ଭିତରେ ରହିଲେ । ସେମାନେ କ୍ରମେ ଦଳ ବାନ୍ଧିଲେ । କେତେକ ଦଳ ଲଙ୍ଗଳା ହୋଇ ବୁଲିବାକୁ ଭଲ ନ ଲାଗିବାରୁ ଲମ୍ବା ଲମ୍ବା ପତ୍ରସବୁ ଅଣ୍ଟାରେ ବାନ୍ଧିଦେଇ ବୁଲିଲେ । ଏମାନେ ପୁଣି କେତେ ଦଳରେ ବିଭକ୍ତ ହୋଇଗଲେ । ଗୋଟାଏ ଦଳ ନାନା ପ୍ରକାର ଶବ୍ଦ କରି ନିଜର ମନ କଥା ଅନ୍ୟମାନଙ୍କୁ ଜଣେଇଲେ । କ୍ରମେ ସେମାନେ କଥା କହି ଶିଖିଲେ । ଏମାନେ ମଧ୍ୟ ବହୁ ଦଳରେ ବିଭକ୍ତ ହୋଇଗଲେ ।

ଲକ୍ଷ ଲକ୍ଷ ବର୍ଷ ବିତିଗଲା । ଏହି ଦଳ ଅସମ୍ଭବ ପ୍ରକାର ବୁଦ୍ଧିମାନ ହୋଇ କଥାବାର୍ତ୍ତା କରି ନିଜ ନିଜର ଭାବ ପ୍ରକାଶ କଲେ ଓ ସେମାନଙ୍କ ପିଲାପିଲିମାନଙ୍କୁ ତାହା ଶିଖେଇଲେ । ସେତେବେଳକୁ ସେମାନଙ୍କ ମଧ୍ୟରେ ନାନା ଭାଷା ଚଳିଲା ଏହି ଭାଷାମାନଙ୍କ ମଧ୍ୟରେ ବହୁ ତଫାତ୍ ଦେଖାଗଲା । ଏମାନଙ୍କ ମଧ୍ୟରୁ ଦଳେ ଯେଉଁ ଭାଷା

Digitized by srujanika@gmail.com

କହୁଥିଲେ ସେମାନଙ୍କୁ ଅନ୍ୟମାନେ ଓଡ଼ିଆ ବୋଲି କହିଲେ । ସେମାନେ ଗ୍ରରିଆଡ଼େ ଖେଦିଗଲେ । ସମସ୍ତେ ପଢ଼ାଶୁଣା କରୁଥିଲେ । ତାଙ୍କ ଭିତରେ ଯେଉଁମାନେ ବେଶି ବୁଦ୍ଧିଆ ହୋଇଯାଉଥିଲେ ସେମାନେ ଅକ୍ଷର ସୃଷ୍ଟି କଲେ ଓ ତାଳପତ୍ରରେ ସେଗୁଡ଼ିକ ଲିପିବଦ୍ଧ କରି ରଖିଲେ । ସେମାନେ ଗୁଣକର୍ମ ଅନୁସାରେ ଗ୍ରରି ଜାତିରେ ବିଭକ୍ତ ହୋଇ-ଯାଇଥିଲେ । ବ୍ରାହ୍ମଣମାନେ ପାଠ ପଢ଼ିଲେ ଓ ପଢ଼େଇଲେ, କ୍ଷତ୍ରୀୟମାନେ ଦୁଷ୍ଟ ମଣିଷ-ମାନଙ୍କ ମଧ୍ୟରେ ହେଉଥିବା ଗଣ୍ଡଗୋଳକୁ ଦମନ କଲେ, ବୈଶ୍ୟମାନେ ଉତ୍ପାଦନ, ବିନିମୟ ଓ ବଣ୍ଟନ କରିବାରେ ଲାଗିଲେ, ଶୂଦ୍ରମାନେ ଏ ତିନି ଦଳକୁ ଖଟିଲେ । ପୁରୀରେ ଜଣେ ଭଲ ରଜା ରଜୁତି କରୁଥିଲେ । ସେ ଏ ବ୍ରାହ୍ମଣମାନ'ଙ୍କୁ ନେଇଯାଇ ଗୋଟାଏ ଜାଗାରେ ଥଇଥାନ କରିଦେଲେ । ସେଇ ଜାଗାଟା ନାଁ ହେଲା ବୀର ହରେ-କୃଷ୍ଣପୁର ଶାସନ ।

ଏଇ ବ୍ରାହ୍ମଣମାନେ ଖୁବ୍ ନାଁ କଲେ । ରଜା ସେମାନଙ୍କୁ ଖାଇବାକୁ ପିଇବାକୁ ଦେଇ ଅତି ଅୟସରେ ରଖିଲେ । ସେମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଲା । କଥାରେ ଅଛି 'ବହୁତ ଲୋକ ଯହିଁ ମିଳି ଅବଶ୍ୟ ଉପୁଜଇ କଳି' । ଏମାନଙ୍କ ଭିତରେ ଥେଣ୍ଡା ଥେଣ୍ଡି ଗ୍ରଲିଲା । ଏଇ ବ୍ରାହ୍ମଣମାନଙ୍କର ଗୋଟାଏ ଛୋଟ ଦଳ କଟକ ଜିଲ୍ଲା ଅଡ଼ଙ୍ଗ ଶାସନକୁ ଗ୍ରଲି ଆସିଲେ । ସେମାନଙ୍କ ଭିତରୁ କେତେକ ଜ୍ୟୋତିଷଗିରି କରୁଥିଲେ । ଏଇ ଜ୍ୟୋତିଷ ବୃତ୍ତିରେ ପୋଷିହେବାକୁ କଷ୍ଟ ହେବାରୁ ସେମାନେ ଜ୍ୟୋତିଷ ସହିତ ଚେରମୂଳିରେ ଚିକିତ୍ସା ଆରମ୍ଭ କଲେ; ତା ସଙ୍ଗେ ସଙ୍ଗେ ପୁରୋହିତି କାମ ମଧ୍ୟ କଲେ । ଚଳପ୍ରଚଳରେ କଷ୍ଟ ଅନୁଭବ କରିବାରୁ ଏମାନଙ୍କ ମଧ୍ୟରୁ କେତେଜଣ ଅନ୍ୟ-ଆଡ଼େ ରହିବା ଲାଗି ଥାନ ଖୋଜିଲେ । ସେମାନଙ୍କ ମଧ୍ୟରୁ ଜଣେ ନିଜ ବେଉସା କରିବା ଲାଗି ନୂଆ ଥାନ ଖୋଜୁ ଖୋଜୁ ଏ ବର ଝାଞ୍ଜିରୀମଙ୍ଗଳାରେ ଆସି ପହଞ୍ଚିଲେ । ତାଙ୍କ ନାଁ ଥିଲା ଭିକାରୀ ମିଶ୍ର ।

ଝାଞ୍ଜିରୀମଙ୍ଗଳାରେ ସେତେବେଳେ ଘୋର ଜଙ୍ଗଲ ଥାଏ । ସେଇଠି ଗୋଟାଏ ଥାନ ଥିଲା, ତା ନାଁ ହାଡ଼ିସାହି, ଭିକାରୀ ମିଶ୍ର ସେଠାକୁ ଆସିବା ପୂର୍ବରୁ ଦଳେ ନିର୍ମାଣ କାମ କରୁଥିବା ରଜମିସ୍ତ୍ରୀ ସେ ଜଙ୍ଗଲିଆ ସ୍ଥାନରୁ ହରିଜନମାନଙ୍କୁ ତଡ଼ି ଦେଇଥିଲେ । ସେମାନେ ଇଚ୍ଛା କରୁଥିଲେ ଯେ ଜଣେ ବ୍ରାହ୍ମଣ ସେଠାରେ ରହିଲେ, ସେମାନଙ୍କର ବହୁ ଉପକାର ହୁଅନ୍ତା । ଭିକାରୀ ମିଶ୍ର ଆସି ପହଞ୍ଚିଲେ । ସେମାନେ ଖୁବ୍ ଗୌରବ କରି ଏହିଠାରେ ତାଙ୍କୁ ଗୋଟିଏ ଥାନ କରଇ ଦେଲେ । ଭିକାରୀ ମିଶ୍ରେ ଏଇମାନଙ୍କ ସାହାଯ୍ୟରେ ଗୋଟିଏ ଝାଟିମାଟି ଘର ତିଆରି କରଇ ରହିଲେ । ଏଇଠି ତାଙ୍କର ଗୋଟିଏ ପୁଅ ହେଲା ତା'ର ନାଁ ସୋମନାଥ ମିଶ୍ର । ସେ ଜ୍ୟୋତିଷ ଓ ପୁରୋହିତଗିରି କରିବା ସଙ୍ଗେ ସଙ୍ଗେ ବଟୁଆ କବିରଜିଗିରି ଖୁବ୍ ଭଲ ଭବରେ କଲେ । ଗୋଟିଏ ବଡ଼ ବଟୁଆ ତାଙ୍କର ଔଷଧ ଭଣ୍ଡାର ରୂପେ ରହିଥିଲା । ବଟୁଆ ଭିତରେ ଥିବା ଚେରମୂଳି ସାହାଯ୍ୟରେ ସେ ଖୁବ୍ ଭଲ କବିରଜି କରିବାକୁ ଲାଗିଲେ ।

Digitized by srujanika@gmail.com

ତାଙ୍କଠାରୁ ଦୁଇ ପୁଅ ଜନ୍ମହେଲେ । ଜଣକ ନାଁ ଆର୍ତ୍ତତ୍ରାଣ ମିଶ୍ର ଓ ଅନ୍ୟଟିର ନାମ ଦିବ୍ୟସିଂହ ମିଶ୍ର ।

ଆର୍ତ୍ତତ୍ରାଣ ମିଶ୍ର ବଡ଼ ଗଣ୍ଡଗୋଳିଆ ଲୋକ ଥିଲେ । ତାଙ୍କ ବ୍ୟବହାରରେ ବ୍ୟଥିତ ହୋଇ ତାଙ୍କ ସାନ ଭାଇ ଦିବ୍ୟସିଂହ ମିଶ୍ର ଘରଛାଡ଼ି ଦଳେ ବାବାଜୀଙ୍କ ସାଙ୍ଗରେ ବିହାରକୁ ଚାଲିଗଲେ ଏବଂ ସେଇଠାରେ ମୁଜାଫର୍‌ପୁରଠାରେ ଗୋଟିଏ ମଠ ସ୍ଥାପନ କରି ନିଜେ ମହନ୍ତ ହେଲେ ଓ ବେଶ୍ ଅୟସରେ ସେଠାରେ କାଳ କଟାଇବାକୁ ଲାଗିଲେ । ସୋମନାଥ ମିଶ୍ର ସବୁ ପ୍ରକାର ଯତ୍ନ ନେଇ ଆର୍ତ୍ତତ୍ରାଣ ମିଶ୍ରଙ୍କୁ କବିରାଜି ଶିଖାଇଲେ । ଆର୍ତ୍ତତ୍ରାଣ ମିଶ୍ରେ ଭଲ ପୋଥି ଲେଖିପାରୁଥିଲେ । ସେ ବହୁ କବିରାଜି ପୋଥି ସଂଗ୍ରହ କରି ତା'ର ଗୋଟିଏ ଗୋଟିଏ ନକଲ କରି ନିଜ ପାଖରେ ରଖିଲେ । ଏହିପରି ଗୁଡ଼ାଏ କବିରାଜି ତାଳପତ୍ର ପୋଥି ତାଙ୍କ ପାଖରେ ହୋଇଗଲା । ତାଙ୍କ କବିରାଜି ବୃତ୍ତିରେ ମଧ୍ୟ ଆଶାତୀତ ଉନ୍ନତି ହେଲା । ଏଇ ଅଞ୍ଚଳଟି ପୁରୀ ଉତ୍ତର ପାର୍ଶ୍ୱ ମଠ ମହନ୍ତଙ୍କର ଜମିଦାରୀ ଥିଲା । ଆର୍ତ୍ତତ୍ରାଣ ମିଶ୍ରେ ଏଇ ସ୍ଥାନରେ ଥିବା ଉତ୍ତର ପାର୍ଶ୍ୱ ମଠକୁ ପୁରୀରୁ ମହନ୍ତ ମହାରାଜ ଯେତେବେଳେ ଆସୁଥିଲେ ସେତେବେଳେ ତାଙ୍କର ବେଗମ ଆରମ ବିଷୟ ଦେଖୁଥିଲେ ଏବଂ ସେ ବାଧିକିରେ ପଡ଼ିଲେ ତାଙ୍କୁ ଯାଇଁ ପରୀକ୍ଷା କରୁଥିଲେ ଏବଂ ଔଷଧ ଦେଇ ଭଲ କରୁଥିଲେ । ମହନ୍ତ ମହାରାଜ ଏଥିରେ ତାଙ୍କ ଉପରେ ଖୁସିହୋଇ କବିରାଜଙ୍କ ଘରକୁ ଲାଗିଥିବା ମଠର ଏକ ବିରାଟ ଅଞ୍ଚଳ ଆର୍ତ୍ତତ୍ରାଣ ମିଶ୍ରଙ୍କ ନାମରେ କରିଦେଲେ ।

ଆର୍ତ୍ତତ୍ରାଣ ମିଶ୍ରଙ୍କର କବିରାଜି ଖ୍ୟାତି ଖୁବ ବଢିଗଲା । ସେ ସମୟରେ ଦୋକାନ ବଜାର ଖୁବ୍ କମ୍ ଥିଲା । ଏହି ସମୟରେ ଗୋଟିଏ ବଡ଼ ସୌଦାଗର କାଠ-ଯୋଡ଼ୀ ନଈ କୂଳ ପାଖରେ ଥିବା ରଜାବଗିଚା ତୋଟାରେ ନିଜର ଡେରା ପକାଇଲେ ଓ ତାଙ୍କର ବିପଣୀ ଖୋଲିଲେ । ନାନାପ୍ରକାରର ଜିନିଷର ପସରା ସେ ସେଠାରେ ମେଲାଇ ଦେଲେ । ସେଠି ତାଙ୍କର ବ୍ୟବସାୟ ଖୁବ୍ ଭଲଭାବରେ ଚାଲିଲା, ସୌଦାଗରଙ୍କ ସହ ଦୁଇଟି ଓଟ ଓ ଗୋଟିଏ ହାତୀ ମଧ୍ୟ ଆସିଥିଲେ । ହଠାତ୍ ଦିନେ ସୌଦାଗରଙ୍କୁ ଜ୍ୱର ହେଲା । ସ୍ଥାନୀୟ ଲୋକେ ତାଙ୍କୁ ଆର୍ତ୍ତତ୍ରାଣ ମିଶ୍ର କବିରାଜଙ୍କୁ ଡ଼କାଇବା ଲାଗି ଉପଦେଶ ଦେଲେ । ଆର୍ତ୍ତତ୍ରାଣ ମିଶ୍ର ଡ଼ାକରା ପାଇ ସେଠାକୁ ଗଲେ, ଜ୍ୱରର ଲକ୍ଷଣ ସବୁ ଦେଖି ସେ ମନେ ମନେ ଗୋଟାଏ ଔଷଧ ମଧ୍ୟ ସ୍ଥିର କରିନେଲେ । ସୌଦାଗରଙ୍କର ପସରା ଭିତରେ ଗୋଟିଏ ଭଲ କବିରାଜି ଖଲ ମଧ୍ୟ ଥିଲା । ସେ ଖଲ ଦେଖି ଆର୍ତ୍ତତ୍ରାଣ ମିଶ୍ରଙ୍କର ସେଇଟିକୁ କିଣିବାଲାଗି ଇଚ୍ଛା ହେଲା । କାଳେ ବେଶି ଦାମ୍ ହାଙ୍କିଦେବ ସେଥିଲାଗି ତାଙ୍କୁ ଖଲ କିଣିବା କଥା ନ କହି କହିଲେ—ଶେଠଜୀ, ଆପଣଙ୍କ ଲାଗି ଯେଉଁ ଔଷଧ ଦରକାର ତାହା ମୁଁ ସ୍ଥିର କରି ସାରିଲିଣି । ତେବେ ତାହା ପ୍ରସ୍ତୁତ କରିବାଲାଗି ମୋ ପାଖରେ ଉପଯୁକ୍ତ ଖଲ ନାହିଁ । ଏହି ଖଲଟି ଦେଲେ ମୁଁ ସେଥିରେ ଔଷଧ ତିଆରି କରି ଆପଣଙ୍କୁ ପୁଣି ଫେରାଇ ଦେବି । ସୌଦାଗରଙ୍କର ଜ୍ୱର ଖୁବ ବଢିଯାଇଥାଏ । ସେ ସଙ୍ଗେ ସଙ୍ଗେ ଖଲ ଓ ଖଲ ପୁଆ ଆର୍ତ୍ତତ୍ରାଣ ମିଶ୍ରଙ୍କୁ

Digitized by srujanika@gmail.com

ଦେଇଦେଲେ । ସେଇ ଖଲରେ ଘରେ ଔଷଧ ତିଆରି କରି ତହିଁ ଆର ଦିନ ସୌଦା-ଗରଙ୍କୁ ମିଶ୍ରେ ଖାଇବାକୁ ଦେଲେ । ଭଗ୍ୟ ତେଜ ଥିଲା, ଦୁଇ ଗ୍ଣରିଦିନ ଚିକିତ୍ସାରେ ସୌଦାଗର ସଂପୂର୍ଣ୍ଣ ରୂପେ ସୁସ୍ଥ ହୋଇଗଲେ । ସେ ଖୁବ୍ ଖୁସି ହୋଇଯାଇ ତାଙ୍କୁ କହିଲେ କବିରାଜେ, ମୁଁ ଆଉ ତୁମକୁ କି ପାରିଶ୍ରମିକ ଦେବି । ତୁମେ ସେ ଖଲଟି ପାରିଶ୍ରମିକ ସ୍ୱରୂପ ନିଅ । ଆର୍ତ୍ତତ୍ରାଣ ମିଶ୍ର ଆନନ୍ଦରେ ସେ ଖଲଟି ରଖିଲେ ।

ଏହି ଘଟଣା ପରେ ତାଙ୍କର ଖ୍ୟାତି ଖୁବ୍ ବଢିଗଲା । ଚିକିତ୍ସା ବ୍ୟବସାୟରେ ତାଙ୍କର ଖୁବ୍ ଉନ୍ନତି ଘଟିଲା । ଓଡ଼ିଶାର ଗ୍ଣରିଆଡୁ ତାଙ୍କ ପାଖକୁ ରୋଗୀ ଧାଇଁଲେ । ତାଙ୍କର ଦୁଇଟି ପୁଅ ଓ ଦୁଇଟି ଝିଅ ଥିଲେ । ଗୋଟିଏ ସଂସ୍କୃତ ଶ୍ଳୋକ ଅଛି । 'ବୈଦ୍ୟ-ନାରାୟଣୋ ହରିଃ' ଅର୍ଥାତ୍ ବୈଦ୍ୟ, ନାରାୟଣ ଓ ହରିଙ୍କ ସଦୃଶ । ଏହି ଶ୍ଳୋକ ଅନୁ-ଯାୟୀ ସେ ବଡ଼ ପୁଅଙ୍କ ନାଁ ନାରାୟଣ ମିଶ୍ର ଓ ସାନ ପୁଅଙ୍କ ନାଁ ହରେକୃଷ୍ଣ ମିଶ୍ର ରଖିଲେ । ଏ ଦୁହିଁଙ୍କୁ ବୈଦ୍ୟଶାସ୍ତ୍ରରେ ପାରଦର୍ଶୀ କରାଇବା ଲାଗି ସେ ଖୁବ ଯତ୍ନର ସହିତ ସଂସ୍କୃତ ଓ ଆୟୁର୍ବେଦ ପଢ଼ାଇଥିଲେ । ଯଥାର୍ଥ ପିତାର ସେ ଦୁହେଁ ଯଥାର୍ଥ ସନ୍ତାନ ଥିଲେ । ଆର୍ତ୍ତତ୍ରାଣ ମିଶ୍ର ଗ୍ରାମଘର ନିକଟରେ ଥିବା ଗୋଟିଏ ପୋଖରୀକୁ ପୋତେଇ ଦେଇ ଗୋଟିଏ ବଡ଼ ଲମ୍ବା କୋଠା ତିଆରି କରିଦେଇଥିଲେ, ଭବିଷ୍ୟତ ଦୃଷ୍ଟି ତାଙ୍କର ଖୁବ୍ ଭଲ ଥିଲା । ଦୁଇ ପୁଅ ଯେପରି ଅତି ସହଜରେ ନିଜ ମଧ୍ୟରେ ବଣ୍ଟୁଆରା କରି ସେ କୋଠାରେ ରହିପାରିବେ ତାହାର ବାଟ ସେ କରିଥିଲେ । କେବଳ ମଝିରେ କାନ୍ଥଟିଏ ଦେଇଦେଲେ ସେ ଲମ୍ବା କୋଠାଟି ଦୁଇ ସମାନ ଭାଗରେ ବିଭକ୍ତ ହୋଇ-ଯିବାର ବ୍ୟବସ୍ଥା ଥିଲା । ନାରାୟଣ ମିଶ୍ର ଓ ହରେକୃଷ୍ଣ ମିଶ୍ର ବୈଦ୍ୟଶାସ୍ତ୍ରରେ ପାରଙ୍ଗମ ହେବାମାତ୍ରେ ଆର୍ତ୍ତତ୍ରାଣ ମିଶ୍ରେ ଆଖିବୁଜିଲେ । ନାରାଣ ମିଶ୍ରେ ଓ ହରେକୃଷ୍ଣ ମିଶ୍ରେ ବେଶ ମନମିଳାଇ ଅନେକ ଦିନ ଯାଏ ରହିଲେ । ସମୁଦାୟ ଘରଟି ଗୋଟିଏ ଘରପରି ରହିଲା, ଆର୍ତ୍ତତ୍ରାଣ ମିଶ୍ରେ କହିଯାଇଥିଲେ ଯେ ଏଇ ଲମ୍ବପିଣ୍ଡାକୁ କେବେ ଭାଗ ଭାଗ କରିବ ନାହିଁ, କାରଣ କୌଣସି ଶୁଭ କାର୍ଯ୍ୟରେ ଭଦ୍ରଲୋକମାନଙ୍କୁ ନିମନ୍ତ୍ରଣ କଲେ ସେମାନେ ପଦାରେ ନବସି ଏଇ ଘର ଭିତରେ ପିଣ୍ଡାରେ ବସି ଆନନ୍ଦରେ ଖିଆପିଆ କରିପାରିବେ; କି ବର୍ଷା, କି ଖରା କେଉଁଥିରେ କିଛି ଅସୁବିଧା ହେବ ନାହିଁ ।

କାଳକ୍ରମେ ନାରାୟଣ ମିଶ୍ରଙ୍କର ଗୋଟିଏ ପୁଅ ଓ ଦୁଇଟି ଝିଅ ଜନ୍ମହେଲେ । ପୁଅ ଥିଲେ ଦୟାନିଧି ମିଶ୍ର । ହରେକୃଷ୍ଣ ମିଶ୍ରଙ୍କର କିନ୍ତୁ ତିନିପୁଅ ଥିଲେ, ଝିଅ ବିଲକୁଲ ନଥିଲେ । ବଡ଼ପୁଅଙ୍କ ନାଁ ବିଦ୍ୟାଧର ମିଶ୍ର, ମଝିଆ-ପଦ୍ମମଣି ମିଶ୍ର ଓ ସାନ ପଦ୍ମନାଭ ମିଶ୍ର । ହରେକୃଷ୍ଣ ମିଶ୍ରଙ୍କ ପୁଅମାନେ ସମସ୍ତଙ୍କ ଆଗରେ ପ୍ରୌଢ଼ି ଦେଖାଇ କହନ୍ତି ଆମେ କାହାରି ଶଳା ନୋହୁଁ, କିନ୍ତୁ ନାରାୟଣ ମିଶ୍ରଙ୍କ ପୁଅ ଦୟାନିଧି ମିଶ୍ରଙ୍କର ଦୁଇ ଭଉଣୀ ଥିଲେ । ନାରାୟଣ ମିଶ୍ରଙ୍କର ନିଜ ସମ୍ପୁଦିମାନେ ତାଙ୍କ ମୁଣ୍ଡରେ ଭର୍ତ୍ତି କରିଦେଲେ—ଦେଖ ତମର ଗୋଟିଏ ପୁଅ, କିନ୍ତୁ ହରିଙ୍କର ତିନି ପୁଅ । ତୁମର ସେରେ ଗ୍ଣଉଳ ଖର୍ଚ୍ଚ ହେଲେ ତାଙ୍କର ତିନିସେରେ ଗ୍ଣଉଳ ଖର୍ଚ୍ଚ ହେବ, ଇଜିମାଲିରେ ରହିବା ଉଚିତ ନୁହେଁ । ଶୀଘ୍ର

Digitized by srujanika@gmail.com

ଭିନ୍ନ ହେବାର ବ୍ୟବସ୍ଥାକର । ପ୍ରଥମେ ପ୍ରଥମେ ନାରାୟଣ ମିଶ୍ରେ ଏସବୁ ଶୁଣିଲେନାହିଁ । ତାଙ୍କ ପୁଅ ଦୟାନିଧି ମିଶ୍ରେ ପୁରୀର ରୂପୁଦେଈପୁର ଶାସନରେ ପ୍ରଥମ ବିବାହ କରିଥିଲେ । ତାଙ୍କର ତିନି ଝିଅ ଓ ଚାରିପୁଅ ଜନ୍ମହେଲେ । ସବା ବଡ଼ ସନ୍ତାନ ଥିଲେ ଚମ୍ପକ ଲତା, ତା'ପରେ ମଲ୍ଲିକା. ତାପ'ରେ କେତକୀ । ତା'ପରେ ଚାରି ପୁଅ ଜନ୍ମହେଲେ । ବୟସ ଅନୁକ୍ରମରେ ସେମାନେ ହେଲେ-ରମାନାଥ, ଗୋପୀନାଥ, ଲୋକନାଥ ଓ ବିଶ୍ୱନାଥ । ଏ ନାମକରଣରେ ନାରାୟଣ ମିଶ୍ର କିନ୍ତୁ ଏକମତ ହେଲେ ନାହିଁ । ସେ ଆଉ ଗୋଟିଏ ଗୋଟିଏ ନାମ ଦେଲେ ଯଥା—ରଘୁନାଥ ରାଧାନାଥ, ପତିତପାବନ ଓ ବିଭୁତିଭୂଷଣ ।

ମୁଁ କିନ୍ତୁ ସେମାନଙ୍କୁ ନିମ୍ନୋକ୍ତ ପ୍ରକାରେ ଡାକୁଥିଲି—ଚମ୍ପାନାନୀ, ମଲ୍ଲୀନାନୀ, କେତିନାନୀ, ରମାନା, ଗୋପୀନାଥ, ଲୋକନାଥ ଓ ବିଶ୍ୱନାଥ । ରମାନାଙ୍କ ତଳକୁ ଅନ୍ୟ ସମସ୍ତେ ମୋଠାରୁ ସାନ ଥିଲେ । ତେଣୁ ମୁଁ ଏହି ନାଁରେ ସମସ୍ତଙ୍କୁ ଡ଼ାକୁଥିଲି,—

ଏତକ ଗଲା ନାରାୟଣ ମିଶ୍ରଙ୍କ ପରିବାର । ହରେକୃଷ୍ଣ ମିଶ୍ରଙ୍କ ପରିବାରରେ ତାଙ୍କ ବଡ଼ପୁଅ ବିଦ୍ୟାଧର ମିଶ୍ରଙ୍କର ମୁଁ ଥିଲି ଏକମାତ୍ର ପୁଅ—ରାମଚନ୍ଦ୍ର ଓ ଗୋଟିଏ ଝିଅ— ସାବିତ୍ରୀ । ମୋ ଉପରେ ବାପାଙ୍କର 'କୁମୁଦ' ନାମରେ ଗୋଟିଏ ଝିଅ ହୋଇ ମରିଯାଇଥିଲା । ହରେକୃଷ୍ଣଙ୍କ ମଧ୍ୟମ ପୁତ୍ର ଯଦୁମଣି ମିଶ୍ରଙ୍କର ସନ୍ତାନ ହେଲେ କ୍ରମାନ୍ୱୟରେ ହୃଷୀକେଶ, କଞ୍ଚନ, ବାସୁଦେବ ଓ ବଂଶୀଧର । ବାସୁଦେବ ଓ ବଂଶୀଧରଙ୍କ ମଧ୍ୟରେ ସେବତୀ ନାମରେ ଗୋଟିଏ ଝିଅ ହୋଇ ମରିଯାଇଥିଲା । ବାସୁଦେବ ପରେ ମରିଯାଇଥିଲା । ହରେକୃଷ୍ଣଙ୍କ ସାନପୁଅ ପଦ୍ମନାଭ ମିଶ୍ରଙ୍କର ପ୍ରଥମେ ଗୋଟିଏ ପୁତ୍ର ହୋଇ ଶିଶୁ ଅବସ୍ଥାରେ ମରିଗଲା । ତାହାପରେ ଜନ୍ମହେଲେ ପୂର୍ଣ୍ଣଚନ୍ଦ୍ର ବୈଦେହୀ, କୃଷ୍ଣଚନ୍ଦ୍ର, ଶ୍ୟାମସୁନ୍ଦର ପ୍ରେମଲତା ଓ ଅନନ୍ତ । ଏମାନଙ୍କ ମଧ୍ୟରୁ କୃଷ୍ଣଚନ୍ଦ୍ର ମେଡ଼ିକାଲ କଲେଜର ଶେଷବର୍ଷରେ ପଢିବା ସମୟରେ ମରିଗଲା । ଏହି ଛ'ଜଣ ସନ୍ତାନଙ୍କ ଛଡ଼ା ପଦ୍ମନାଭଙ୍କର କୋଡ଼ିଏଟି ସନ୍ତାନ ଜନ୍ମଗ୍ରହଣ କରି ବର୍ଷେ ନ ପୂରୁଣୁ ଇହଲୀଳା ସମ୍ବରଣ କରିଛନ୍ତି ।

ନାରାୟଣ ଓ ହରିମିଶ୍ରଙ୍କର ଏକ ବିରାଟ ପରିବାର ହୋଇଗଲା । ଦଦେଇ ଦୟାନିଧି ମିଶ୍ରଙ୍କର ସ୍ତ୍ରୀ ଅର୍ଥାତ ଆମର ଦେଠେଇ ଏ ଦୁଇ ପରିବାରକୁ ବହୁଦିନଯାଏ ଏକାଠି କରି ରଖିଲେ । ମୋ ବୋଉ ଓ ଆଉ ଦୁଇ ଖୁଡ଼ିଙ୍କୁ ସେ ନିଜର ସାନ ଭଉଣୀ ପରି ଏକ ପ୍ରକାର ଲାଳନପାଳନ କରି ଆସିଥିଲେ । ଆମର ବୁଢ଼ୀମା ଅର୍ଥାତ୍ ହରେକୃଷ୍ଣ ମିଶ୍ରଙ୍କ ସ୍ତ୍ରୀ ଦେଠେଇଙ୍କୁ ଢୋଲଝିଅ ବୋଲି ଡାକୁଥିଲେ । ଦୁଇଟି ପରିବାର ଖୁବ୍ ସ୍ୱଚ୍ଛଳ ଥିବାରୁ ଆମଘରେ ସର୍ବଦା ବନ୍ଧୁବାନ୍ଧବଙ୍କର ଭିଡ ଜମୁଥିଲା । ଏପରି ଦିନ ନଥିଲା ଯେତେବେଳେ କି ପାଞ୍ଚଛଜଣ ବନ୍ଧୁବାନ୍ଧବ ଆମଘରେ ନଥିଲେ ।

କ୍ରମେ ଦୁଇ ପରିବାର ମଧ୍ୟରେ ମନାନ୍ତର ଓ ମତାନ୍ତର ଦେଖାଦେଲା । କଟକର କେତେଜଣ ଖ୍ୟାତନାମା ବ୍ୟକ୍ତିଙ୍କର ମଧ୍ୟସ୍ଥତାରେ ଦୁଇଟି ପରିବାର ଅଲଗା

Digitized by srujanika@gmail.com

ଅଲଗା ହୋଇଗଲେ କିନ୍ତୁ ଦେଠେଇର ଜିଦ୍ ଫଳରେ ଲମ୍ବ ବରଣ୍ଡାରେ କାନ୍ଥ ଉଠି ନଥିଲା । ଦେଠେଇ ବହୁବାର ମୋ ବୋଉ ଓ ଦୁଇଖୁଡ଼ିଙ୍କୁ ଘୋଷାଡ଼ିନେଇ ତାଙ୍କ ହାଣ୍ଡିଶାଳରେ ଏକାଠି ପଖାଳ ଖାଉଥିଲେ । ବେଳେବେଳେ ସେମାନଙ୍କୁ କହୁଥିଲେ– ସେ ମଣିଷମାନେ ଯାହା ହେଉଚନ୍ତି ହେଉଥାନ୍ତୁ, ଆମେ କିନ୍ତୁ ସବୁଦିନେ ଏକାଠି ରହିବା । ସେ ବଂଚିଥିବାଯାଏ ଆମ ଦୁଇଘର ମଧ୍ୟରେ ତରକାରୀ ଦିଆନିଆ ଚାଲି-ଥାଏ । କୌଣସି ଶୁଭକାମ ବା ପର୍ବପର୍ବାଣୀ ହେଲେ ଦୁଇଘର ମଧ୍ୟରେ କିଛି ପାର୍ଥକ୍ୟ ଦେଖାଯାଉ ନଥିଲା ।

ଦେଠେଇର ମୃତ୍ୟୁ ହୋଇଯିବା ପରେ ଦୁଇ ପରିବାର ଉପରେ ଚଡ଼କ ପଡ଼ିଲା । ସମସ୍ତଙ୍କୁ ଏକମନ କରି ବାନ୍ଧିରଖିବା ଲାଗି ଅନ୍ୟ କେହି ସ୍ତ୍ରୀଲୋକ ନଥିଲେ । ଦୟାନିଧି ମିଶ୍ର ଆଠଗଡ଼ରେ ଦ୍ୱିତୀୟ ବିବାହ କରିଥିଲେ । ଦ୍ୱିତୀୟା ପତ୍ନୀଙ୍କର ଗୋଟିଏ ମାତ୍ର କନ୍ୟା ଜନ୍ମ ହୋଇଥିଲା । ତା ନାଁ ଥିଲା ସୁମିତ୍ରା, ସୁମିତ୍ରା ଡା: ଶ୍ରୀ ରାମଚନ୍ଦ୍ର ଦାସ (ବର୍ତ୍ତମାନ ଆଡ୍‌ଭୋକେଟ୍‌)ଙ୍କୁ ବିବାହ କରିଥିଲା ଓ ତା'ର ଗୋଟିଏ କନ୍ୟା ଜନ୍ମ ହୋଇଥିଲା । ସେ କନ୍ୟାଟି ବିବାହ ହେବା ପରେ ସୁମିତ୍ରାର ମୃତ୍ୟୁ ହେଲା ।

କ୍ରମେ ଆମ ଦୁଇ ପରିବାର ମଧ୍ୟରେ ମନୋମାଳିନ୍ୟ ବଢିବାକୁ ଲାଗିଲା । ଆମ ପିଲାମାନଙ୍କ ମଧ୍ୟରେ ରମାନା ସମସ୍ତଙ୍କଠାରୁ ବଡ଼ଥିଲେ । ସେ ତାଙ୍କର ବୋଉ-ଙ୍କର ଯଥାର୍ଥ ପୁଅ ଥିଲେ । ତାଙ୍କ ବୋଉ ଯେପରି ସବୁ ସ୍ତ୍ରୀ ଲୋକଙ୍କୁ ସ୍ନେହ ବଳରେ ଏକଜୁଟ କରି ରଖିଥିଲେ ରମାନା ସେହିପରି ଆମ ପିଲାଦଳଙ୍କୁ ଏକଜୁଟ କରି ରଖି-ଥିଲେ । ଆମ୍ଭମାନଙ୍କ ମଧ୍ୟରେ ସେ ଥିଲେ ଏକ ବଳିଷ୍ଠ ସର୍ଦ୍ଦାର । ତାଙ୍କର ସମସ୍ତ ଆଦେଶ ଆମେ ଆକୁଣ୍ଠ ଚିତ୍ତରେ ପାଳନ କରୁଥିଲୁ । ସେ ଚିନ୍ତାମଣି ଆଚାର୍ଯ୍ୟଙ୍କ ସାନ-ଝିଅକୁ ବିବାହ କରିଥିଲେ । ବିବାହ ପରେ ପରେ ସେ ଝିଅଟି ଆମଘରକୁ ଆସିବା ପୂର୍ବରୁ ମରିଗଲା । ସେ ଦ୍ୱିତୀୟଥର ପାଇଁ ଓଡ଼ିଶାର ପ୍ରସିଦ୍ଧ କାରଜଶିଳ୍ପୀ ଓ ବିଦେ-ଶରେ ଉଚ୍ଚ ତାଲିମପ୍ରାପ୍ତ ପ୍ରାଣକୃଷ୍ଣ ନନ୍ଦଙ୍କ ଭଉଣୀ ଶାନ୍ତିଲତାଙ୍କୁ ବିବାହକଲେ ଓ ତାଙ୍କର ଏକମାତ୍ର ପୁଅ ଦୁର୍ଗାପ୍ରସନ୍ନ ମିଶ୍ର ବର୍ତ୍ତମାନ ଆମେରିକାରେ ସ୍ଥାୟୀ ବାସିନ୍ଦା ରୂପେ ରହିଯାଇଛି । ରାଧାନାଥ ଓରଫ ଗୋପୀନାଥଙ୍କର ଏକମାତ୍ର ପୁଅ ଭବାନୀ-ଶଙ୍କର ବର୍ତ୍ତମାନ କଟକର ଏକ ବିଶିଷ୍ଟ ଆଡ଼ଭୋକେଟ୍ । ଦୁଇଝିଅ ମଧ୍ୟରେ ବଡ଼ ଦମୟନ୍ତୀ, ବର୍ତ୍ତମାନ ଓଡ଼ିଶା ସରକାରଙ୍କର ଜଣେ ପଦସ୍ଥ କର୍ମଚାରୀ ଶ୍ରୀ ଶରତଚନ୍ଦ୍ର ମିଶ୍ରଙ୍କୁ ଓ ସାନଝିଅ ସକୁନ୍ତଳା ଇଂରାଜୀ ଅଧ୍ୟାପକ କବି ଶ୍ରୀ ନୃସିଂହ ଚରଣ ରଥଙ୍କୁ ବିବାହ କରିଛନ୍ତି । ପତିତପାବନ ଜଣେ ଏମ୍. ବି. ବି. ଏସ୍ ଡାକ୍ତର ଓ ସେ ଘରୋଇ ଚିକିତ୍ସା ବ୍ୟବସାୟରେ ଖୁବ୍ ଉନ୍ନତି କରି ଓଡ଼ିଆ ବଜାରରେ ଥିବା ଜାନକୀ ବୋଷଙ୍କ (ସୁବାସ ବୋଷଙ୍କ ପିତା)ଘର କିଣି ସେଠାରେ ବସବାସ କରୁଛନ୍ତି । ତାଙ୍କର ଏକ-ମାତ୍ର ପୁଅ ଓ ଛ'ଟି ଝିଅ । ପୁଅ ରବି ଜଣେ ଘରୋଇ ଡାକ୍ତର । ବିଶ୍ୱନାଥଙ୍କର ତିନି ପୁଅ ଓ ଗୋଟିଏ ଝିଅ । ତିନିଜଣଯାକ ପୁଅ ବର୍ତ୍ତମାନ ସିନେମା ଶିଳ୍ପରେ ମନୋନିବେଶ

Digitized by srujanika@gmail.com

କରି ସଫଳତା ଲାଭ କରିଛନ୍ତି । ଝିଅ ରଞ୍ଜୁ କେନ୍ଦ୍ର ସରକାରଙ୍କ କଷ୍ଟମସ୍ ଅଫିସର ଶ୍ରୀ ରମେଶ ଚନ୍ଦ୍ର ମିଶ୍ରଙ୍କୁ ବିବାହ କରିଛନ୍ତି ।

ଏଥରକ ଆମ ପରିବାର ଅର୍ଥାତ୍ ହରେକୃଷ୍ଣ ମିଶ୍ରଙ୍କ ପରିବାର କଥା ମୁଁ ଆରମ୍ଭ କରୁଛି । ହରେକୃଷ୍ଣ ମିଶ୍ରଙ୍କର ବଡ଼ ପୁଅ ବିଦ୍ୟାଧର ମିଶ୍ର ପି. ଏମ୍. ଏକାଡ଼େମୀରେ ଶେଷ ଶ୍ରେଣୀଯାଏ ପଢିଥିଲେ । ଇଂରେଜୀ ପାଠକୁ ବୁଢ଼ା ବାପାଙ୍କର ବଡ଼ ଅନାଦର ଥିଲା । ସେ ମୋ ବାପାଙ୍କୁ କବିରାଜି କ୍ଷେତ୍ରରେ ତାଙ୍କୁ ସାହାଯ୍ୟ କରିବା ଲାଗି ବାରମ୍ବାର କଟାକ୍ଷ କଲେ । ବାପା, ବୁଢ଼ା ବାପାଙ୍କୁ ଶେଷରେ କବିରାଜି କ୍ଷେତ୍ରରେ ସାହାଯ୍ୟ କଲେ । ବାପା ପୁରୁଣାକାଳିଆ କବିରାଜି ବ୍ୟବସାୟର ଢ଼ଙ୍ଗକୁ ସଂପୂର୍ଣ୍ଣ ରୂପେ ବଦଳାଇ ଦେଇ ଆଧୁନିକ କରିପକାଇଥିଲେ । ମାଲ୍ଗୋଦାମ ପଡ଼ିଆର ଶେଷ ମୁଣ୍ଡରେ ବର୍ତ୍ତମାନ ଯେଉଁଠି 'କଟକ ବୁକ୍ ଷ୍ଟଲ' ବୋଲି ବହି ଦୋକାନଟିଏ ଅଛି ସେଇଠାରେ ସେ ସମୟରେ ଜଣକ ସହ ଭାଗୀଦାର ହୋଇ ଚନ୍ଦ୍ରୋଦୟ ପ୍ରେସ୍ ନାମରେ ଗୋଟିଏ ପ୍ରେସ୍ ବସାଇଥିଲେ । ସେଇଥିରେ ସେ ଆୟୁର୍ବେଦ ଅନୁଯାୟୀ ଏକ ଦ୍ରବ୍ୟଗୁଣ ଓ ଆଉ ଏକ ନାଡ଼ି ଲକ୍ଷଣ ବହି ଛପାଇଥିଲେ । ଦୁଇଟିଯାକ ବହିର ଲେଖକ ଥିଲେ ବୁଢ଼ା ବାପା—ହରେକୃଷ୍ଣ ମିଶ୍ର । ସେ ସମୟର ପୁରୀର ସଂସ୍କୃତ କଲେଜରେ ଆୟୁର୍ବେଦ ବିଭାଗରେ ସେ ଦୁଇଟିଯାକ ବହି ପାଠ୍ୟରୂପେ ମନୋନୀତ ହୋଇଥିଲା ।

ଦୁଇ ଜଣ ଓଡ଼ିଆ ଏକାଠି କୌଣସି ବ୍ୟବସାୟ କରିପାରନ୍ତି ନାହିଁ—ଏହା ଏକ ସ୍ୱତଃ ସିଦ୍ଧ କଥା । ବାପା କବିରାଜି କଥା ବୁଝୁଥିଲେ-ତାଙ୍କ ବନ୍ଧୁ ପ୍ରେସ୍ କଥା ବୁଝୁଥିଲେ । ଏ ଯୌଥ କାରବାର ଶୀଘ୍ର ଭାଙ୍ଗିଗଲା ଓ ସେ ପ୍ରେସ୍‌ଟି ବିକ୍ରି ହୋଇଗଲା । ବାପା ସେଥିରୁ ପଇସାଟିଏ ବି ପାଇଲେ ନାହିଁ । ସେ ଯାହାହେଉ କବିରାଜିର ଆଧୁନିକୀକରଣରେ ସେ ଖୁବ୍ ଉନ୍ନତି କରିଥିଲେ । ବିଜ୍ଞାପନ ଦେବା, ଚିଠିରେ ପାଇଥିବା ରୋଗ ଲକ୍ଷଣ ଦେଖି ରୋଗୀ ପାଖକୁ ଔଷଧ ଭି. ପି. ଯୋଗେ ପଠାଇବା ଏବଂ ରେକର୍ଡ଼ ପତ୍ର ସବୁ ସାଇତି କରି ରଖିବା ଇତ୍ୟାଦି କାମ ସେ ସୁଶୃଙ୍ଖଳରୂପେ ସଂପାଦନ କରିଥିଲେ । ଗୋଟିଏ ସୁନ୍ଦର ବନ୍ଧେଇ ଖାତାରେ ଓଡ଼ିଶାର ଯେଉଁ ବଡ଼ ବଡ଼ ଲୋକେ ବୁଢ଼ା ବାପାଙ୍କ ଚିକିତ୍ସାରେ ଉପକୃତ ହୋଇଥିଲେ ସେମାନଙ୍କଠାରୁ ପ୍ରଶଂସା ପତ୍ର ସବୁ ଲେଖାଇ ରଖିଥିଲେ, ବୁଢ଼ା ବାପାଙ୍କର କବିରାଜିରେ ଚରମ ଉନ୍ନତି ହେବା ପରେ ପରେ ବାପା ବ୍ୟାଧିଗ୍ରସ୍ତ ହେଲେ ଓ କବିରାଜି ଛାଡ଼ି ଦେଲେ । କୁଜଙ୍ଗ ରଜା ଆର୍ତ୍ତତ୍ରାଣ ମିଶ୍ରଙ୍କୁ ଦୁଇବାଟି ଭୂମି ଦାନ କରିଥିଲେ । ଆର୍ତ୍ତତ୍ରାଣ ମିଶ୍ରଙ୍କ ମୃତ୍ୟୁପରେ ନାରଣ ମିଶ୍ର ଓ ହରି ମିଶ୍ର ସେ ସଂପତ୍ତି ଭୋଗ କରୁଥିଲେ । ସେ ସ୍ଥାନ ଦୂର ପଡ଼ିବାରୁ ଓ ଧାନ ଆଣିବାରେ ନାନା ଅସୁବିଧା ଜାତ ହେବାରୁ ନାରଣ ମିଶ୍ର ତାଙ୍କ ଅଂଶଟି ଆମ ବୁଢ଼ା ବାପାଙ୍କୁ ବିକ୍ରି କରିଦେଇ ଚୌଦ୍ୱାର ନିକଟସ୍ଥ ପଲାଶିଆରେ ଜମି କିଣିଲେ । ମୋ ବାପା କବିରାଜି ଛାଡ଼ିଦେଇ କୁଜଙ୍ଗ ସମ୍ପତ୍ତିର ରକ୍ଷଣାବେକ୍ଷଣରେ ମନ ଦେଲେ । ସେଇଠାରେ ହାତଗୁଷ୍ଟ କରାଇ ସେଠା ଖର୍ଚ୍ଚ ବାଦ୍ ଉଦ୍‌ବୃତ୍ତ ଧାନ ଡ଼ଙ୍ଗାରେ ନେଇ ଆସୁଥିଲେ । ସେଥିପାଇଁ

Digitized by srujanika@gmail.com

ପ୍ରତି ବର୍ଷ ଏ୍ବରିମାସଯାଏ ବାପାଙ୍କୁ ସେହିଠାରେ ରହିବାକୁ ହେଉଥିଲା । ଅଦ୍ୟାବଧି ଆମର ସେଠାରେ ଖମାର ଘର ରହିଅଛି ।

କୁଜଙ୍ଗର ଲୁଣି ହାଓ୍ୱାରେ ବାପାଙ୍କ ବ୍ୟାଧି ବଢିବାରୁ ସେ ସେଠାକୁ ଆଉ ଗଲେ ନାହିଁ । ଶେଷ ପର୍ଯ୍ୟନ୍ତ ସେ ଘରେ ରହିଥିଲେ । ବାପାଙ୍କର ମୁଁ ଏକମାତ୍ର ପୁଅ ଥିଲି । ମୋ ଉପରେ କୁମୁଦ ନାମରେ ଏକ ଝିଅ ପୋଢୁଆଁ ହୋଇ ମରିଯାଇଥିଲା । ମୋ ତଳେ ସାନ ଭଉଣୀ ସାବିତ୍ରୀ ଛତିଆର ବ୍ରଜବନ୍ଧୁ ନନ୍ଦଙ୍କର ମଧ୍ୟମ ପୁତ୍ର ଚତୁର୍ଭୁଜ ନନ୍ଦଙ୍କୁ ବିବାହ କରିଅଛି ।

ହରେକୃଷ୍ଣ ମିଶ୍ରଙ୍କ ଦ୍ୱିତୀୟ ପୁତ୍ର ଥିଲେ ଯଦୁମଣି ମିଶ୍ର । ସେ ଆମ ବଂଶରେ କେବଳ ନୁହେଁ ଆମ ଅଞ୍ଚଳର ପ୍ରଥମ ମାଟ୍ରିକ୍ୟୁଲେଟ । ସେ ମାଟ୍ରିକ ପାଶକରି ପ୍ରଥମେ ଓଡ଼ିଶା ମେଡ଼ିକାଲ ସ୍କୁଲରେ ନାମ ଲେଖାଇଥିଲେ । ମାତ୍ର ଦୁଇ ବର୍ଷ ପରେ ତାଙ୍କୁ ଏକ ଅଜଣା ପୀଡ଼ା ଆକ୍ରମଣ କଲା । ମେଡ଼ିକାଲର ସମସ୍ତ ଓ ବୁଢ଼ା ବାପାଙ୍କର ସମସ୍ତ ଚିକିତ୍ସା ନିଷ୍ଫଳ ହେଲା । ଜଣେ ଜ୍ୟୋତିଷୀ କହିଲେ–ସେ ଡ଼ାକ୍ତରୀ ପଢ଼ା ଛାଡ଼ିଦେଲେ ତାଙ୍କର ରୋଗ ଭଲ ହୋଇଯିବ । ଆଶ୍ଚର୍ଯ୍ୟର କଥା ସେ ଡାକ୍ତରୀ ପଢ଼ା ଛାଡ଼ିବା ସଙ୍ଗେ ସଙ୍ଗେ ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇଗଲେ ଓ ସରକାରଙ୍କ ଜଳକର ବିଭାଗରେ ଏକ ଚାକିରୀ କଲେ । ତାଙ୍କର ପୁଅ ହୃଷୀକେଶ ମିଶ୍ର ଆମ ପରି-ବାରେ ଆମ ପୁରୁଷ ମଧ୍ୟରେ ଜ୍ୟେଷ୍ଠ, ତାଙ୍କ ତଳକୁ ମୁଁ ।

ବୁଢ଼ା ବାପାଙ୍କ ସାନ ପୁଅ ଥିଲେ ପଦ୍ମନାଭ ମିଶ୍ର । ବୁଢ଼ା ବାପା ଅତି କଡ଼ା-କଡ଼ି ଭାବରେ ତାଙ୍କୁ ଜଣେ ଖ୍ୟାତନାମା ପଣ୍ଡିତଙ୍କ ପାଖରେ ସଂସ୍କୃତ ପଢ଼ାଇ କବିରାଜି ବ୍ୟବସାୟରେ ଆବଦ୍ଧ କରି ରଖିଲେ । ବୁଢ଼ା ବାପାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ସୁଚାରୁରୂପେ କବିରାଜି ଚଳାଇଲେ । ତାଙ୍କର ବଡ଼ ପୁଅ ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବେ ମଧ୍ୟ କବିରାଜି କରୁଅଛନ୍ତି । ଦ୍ୱିତୀୟ ପୁଅ କୃଷ୍ଣଚନ୍ଦ୍ର ମିଶ୍ର ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଶେଷ ବର୍ଷର ଛାତ୍ରଥିବାବେଳେ ପ୍ରାଣତ୍ୟାଗ କଲେ । ତୃତୀୟ ପୁତ୍ର ଶ୍ୟାମ-ସୁନ୍ଦର ମିଶ୍ର ଏବେ ରେଭେନ୍ସା କଲେଜର ଓଡ଼ିଆ ବିଭାଗରେ ଅଧ୍ୟାପକ ଅଛନ୍ତି । ଚତୁର୍ଥ ପୁତ୍ର ଅନନ୍ତ ଚରଣ ମିଶ୍ର ଓଡ଼ିଶା ସରକାରଙ୍କର ମତ୍ସ୍ୟ ବିଭାଗରେ ଏକ ଉଚ୍ଚ କର୍ମକର୍ତ୍ତା ଅଛନ୍ତି, ଦୁଇ ଝିଅ ବୈଦେହୀ ଓ ପ୍ରେମଲତା ଯଥାକ୍ରମେ ଖୋର୍ଦ୍ଧା ନିକଟସ୍ଥ ଗୋଡ଼ିପଡାରେ ଓ ସାକ୍ଷୀଗୋପାଳ ନିକଟସ୍ଥ ବାଲିସାହିରେ ବିବାହକରି କାଳାତିପାତ କରୁଛନ୍ତି । ଅନନ୍ତ ଚରଣ ମିଶ୍ର ଡାକ୍ତରୀ ପଢିବେ ବୋଲି ବ୍ରହ୍ମପୁର ମେଡ଼ିକାଲ କଲେଜରେ ସିଟ୍ ପାଇ-ଥିଲେ । ନାନା ଅସୁବିଧା ହେତୁ ସେ ସେଠାରେ ପଢିପାରିଲେ ନାହିଁ । ମୋଟ ଉପରେ ହରେକୃଷ୍ଣଙ୍କ ପରିବାରରେ ଜଣେ ଡାକ୍ତର ସୃଷ୍ଟି କରିବା ଲାଗି ଚାରୋଟି ପ୍ରଚେଷ୍ଟା ହୋଇ-ଥିଲା ଏବଂ ସବୁ ଅସଫଳ ହୋଇଥିଲା ।

Digitized by srujanika@gmail.com

ବଂଶ ଲତା



Digitized by srujanika@gmail.com

ଜନ୍ମ

ବୋଉ କହିବାର ଶୁଣିଛି ଯେ ସେ ମୋତେ ନଅ ମାସ ଯାଏ ଗର୍ଭରେ ଧରିବା ପରେ ଦିନେ ଆମ ପରିବାରର ଗୋଟିଏ ଝିଅର କାନରେ ସୁନା ଫାସିଆ ଟିଏ ପିନ୍ଧେଇ ଦେଉଥିଲା । ଝିଅଟି ଭୟରେ ଗୋଡ଼ ହାତ ଛାଟି ବେକ ଦରକଟା ଛେଳିପରି ରଡ଼ି ଛାଡ଼ୁଥିଲା । ସେଥିଲାଗି ତାକୁ ଆଉ କେତେଜଣ ମାଡ଼ିବସିଥିଲେ । ବୋଉ ଫାସିଆ କାନରେ ଦେବାର ଉପକ୍ରମ କରୁଥାଏ । ଏହି ସମୟରେ ଆମ ପରିବାରର ଆଉ ଗୋଟିଏ ପିଲା ଆର୍ତ୍ତର ଦୁଃଖମୋଚନ ନିମନ୍ତେ ଚଞ୍ଚଳ ହୋଇଉଠିଲା । ସମସ୍ତ ଆଖି ନିବିଷ୍ଟ ଝିଅ ଉପରେ, ଆଉ କାନ ତାର ବିକଟ ଚିତ୍କାର ଉପରେ । ଦର୍ଶକ କେତେ ଜଣ ବି ଝିଅକୁ ସାନ୍ତ୍ୱନା ଦେବାରେ ବ୍ୟସ୍ତ-କାନ୍ଦନା, କାନ୍ଦନା, କାନକୁ ବିଲ୍‌କୁଲ୍ କିଛି ଜଣା ଯିବ ନାହିଁ । ଅମୁକ ଅମୁକ ଝିଅମାନେ ଫାସିଆ ପିନ୍ଧିଲାବେଳେ ହସୁଥିଲେ । ଫାସିଆ କେତେବେଳେ ଏ ପାଖରୁ ଯାଇ ସେ ପାଖରେ ବାହାରିଗଲା ତାହା ସେମାନେ ଟିକିଏ ହେଲେ ଜାଣିପାରିନାହାନ୍ତି ବୋଲି ନିର୍ଭୁଲ ଭାବରେ ଅମୁକ ଅମୁକଙ୍କ ପାଖରେ ଜମାନ ବନ୍ଦୀ ଦେଇଛନ୍ତି । ଏପରିଭାବରେ ଚିତ୍କାର କରିବା ଡ଼ରକୁଳୀ, ନାକକାନ୍ଦୁରୀ, ବାଟହଗୁରୀ, ଅସନା ଝିଅମାନଙ୍କ କାମ । ତାପରି ବୁଦ୍ଧିମତୀ, ସାହସିନୀ ଓ ଉତ୍ତମ ଝିଅମାନଙ୍କୁ ମୋଟେ ଶୋଭା ପାଏ ନାହିଁ । ହେଲେ ଏ ସାନ୍ତ୍ୱନା ବାଣୀଗୁଡ଼ାକ ରଡ଼ି ଛାଡ଼ିଥିବା ଝିଅର କାନରେ ପଶୁନଥାଏ । ସମସ୍ତଙ୍କ ଅଲକ୍ଷରେ ସେହି ଆର୍ତ୍ତବନ୍ଧୁ ବାଳକଟି ଅସ୍ତ୍ର ସଂଗ୍ରହ କରିବାକୁ ଯାଇ ପିଢ଼ାଟିଏ ଆବିଷ୍କାର କଲା । ସେଇଟାକୁ ଉଠେଇ ନେଇ ନଇଁପଡ଼ି ଫାସିଆ ଦେଉଥିବା ମୋ ବୋଉର ଅଣ୍ଟାରେ ପାହାରେ ଦେଲା । 'ବୋଉଲୋ' ବୋଲି ପାଟି କରି ମୋ ବୋଉ ସେହିଠାରେ ବସିଗଲା । ପିଲାଟି ଯେତେବେଳେ ଦେଖିଲା ଯେ ତାର ଏହି ବୀରତ୍ୱପୂର୍ଣ୍ଣ କାର୍ଯ୍ୟକୁ କେହି ପ୍ରଶଂସା କରିବାକୁ ପ୍ରସ୍ତୁତ ନୁହନ୍ତି ବରଂ ଗାଲରେ ଖୁନ୍ଦା କାନ ମୋଡ଼ିବା ଇତ୍ୟାଦି ଅବାଞ୍ଛିତ କର୍ମ ଗୁଡ଼ାକ କରିବାରେ ଅଧିକ ଆଗ୍ରହ ଦେଖାଉଅଛନ୍ତି ସେତେବେଳେ ସେ ବିଚକ୍ଷଣତାର ସହ ସେ ସ୍ଥାନ ଛାଡ଼ି ପଳାଇଲା । ଏଣେ ମୋ ବୋଉ ବସି ପଡ଼ି ବେଦନା ପ୍ରକାଶ କରୁଥାଏ । କେତେଜଣ ତା ଅଣ୍ଟାକୁ ଆଉଁସୁଥାଆନ୍ତି, ଆଉ 'ଟୋକାଟା କ'ଣ ନକଲା' କହି ବିସ୍ମୟ ପ୍ରକାଶ କରୁଥାନ୍ତି । କିଛି ସମୟ ପରେ ବୋଉର ଗର୍ଭଯନ୍ତଣା ଆରମ୍ଭ ହୋଇଗଲା । ଅନ୍ୟମାନେ ତାକୁ ଧରି ଏନ୍ତୁଡ଼ିଶାଳକୁ ନେଇଗଲେ । ବୋଉ ମାରଫତ୍‌ରେ ମୁଁ ମାଡଟିଏ ଖାଇ କିଛି ସମୟ ପରେ ସେହି ଏନ୍ତୁଡ଼ିଶାଳର ମାଟି ଛୁଇଁଲି । ମୋର ମାଟି ଛୁଇଁବା ସମୟଟାକୁ ତାଳ ପତ୍ରରେ କୁଆଡ଼େ ଏହିପରି ଟିପା ହୋଇଥିଲା—୧ ଜୁନ୍ ୧୯୧୫ ମସିହା ଦିନ ୧୧ଟା ୪୫ ମିନିଟ ।

ଏଇଟା ଯେ ଠିକ୍ ସମୟ ତାହା କିଏ କହିବ । ସେ ସମୟରେ କଟକରେ ରେଡ଼ିଓ ନଥିଲା । ତେଣୁ ପ୍ରତିଦିନ ଘଣ୍ଟା ମିଳେଇ ନେବାର ସୁଯୋଗ ନଥିଲା । ମୁଁ ଜନ୍ମ ହେବାମାତ୍ରେ ସମସ୍ତେ କେଇଟା ବାଜିଛି କେଇଟା ବାଜିଛି ବୋଲି କହି୫/୧୦ମିନିଟ୍ ଏପାଖ

Digitized by srujanika@gmail.com

ସେପାଖ ହୋଇଥିବେ । କାହାର ଘଣ୍ଟାରେ ୧୧ଟା କାହା ଘଣ୍ଟାରେ ସାଢ଼େ ୧୧ଟା କାହାର ବା ସାଢ଼େ ୧୦ଟା ବାଜିଥିବ । ଯୋଉ ଘଣ୍ଟାଟା ଆଗ ହାବୁଡ଼େ ପଡ଼ିଲା ସେହିଟାକୁ ଠିକ୍ ବୋଲି ଧରି ନିଆଯାଇଥିବ । ଏଣୁ ଏ ସମୟଟାକୁ ଏତେ କଡ଼ାକଡ଼ି ଧରିବା ଦରକାର ନାହିଁ । ୧୯୧୫ ମସିହାରେ ହିଁ କାମ ଚଳିବ । ମାସ, ଦିନ, ଘଣ୍ଟା, ମିନିଟ୍, ସେକେଣ୍ଡ ତୁଳିକୁ ଯାଉ ସେଇ ୧୯୧୫ କୋଉ ମନେ ରହୁଛି । ଏଇ ମସିହା ଯୋଗୁଁ ମୁଁ ସବୁ-ବେଳେ ଇତିହାସରେ ଫେଲ୍ହୁଏ । କ୍ଲାସରେ ଯେତେବେଳେ ଶିକ୍ଷକ ପଗ୍ଚରି ଦିଅନ୍ତି— ପ୍ରଥମ ପାନିପଥ ଯୁଦ୍ଧ କେବେ ହୋଇଥିଲା ? ସେତେବେଳେ ମୋର ହଂସା ଉଡ଼ିଯାଏ । ଯେଉଁମାନେ ପଟ୍‌ପାଟ୍ କହି ଦିଅନ୍ତି ସେମାନଙ୍କଠାରେ ଈଶ୍ୱରଙ୍କ କଳା ଅଛି ବୋଲି ମୁଁ ମନେ ମନେ ସ୍ଥିର କରିନିଏ । ଘରେଇ ଶିକ୍ଷକଙ୍କର ବହୁବାର ବେତ ମାଡ଼ପରେ ପ୍ରଥମ ମହାଯୁଦ୍ଧ ଟା ୧୯୧୪ରେ ଆରମ୍ଭ ହୋଇଥିଲା ବୋଲି କୌଣସି ପ୍ରକାରରେ ମୁଁ ମନେ ରଖି ପାରିଲି । ଏହାର ବର୍ଷକ ପରେ ମୋର ଜନ୍ମ । ଏତକ ବି ମନେ ରଖିବାକୁ ମନେ ମନେ ଗୋଟିଏ ଗପ ଗଢିନେଲି । ପ୍ରଥମ ମହାଯୁଦ୍ଧ ଲାଗିଗଲା । ପ୍ରଥମେ ଭଗବାନ୍ ଚୁପ୍ ଗୁପ୍ ହୋଇ ବର୍ଷେ କାଳ ଶୋଇ ପଡ଼ିଲେ । ଘମାଘୋଟ ଯୁଦ୍ଧ ଲାଗିବାରୁ ଭଗବାନ୍ ଉଠିପଡ଼ି ମୋତେ କହିଲେ—'ଯାବେ ଯା ଏଠି ବସି ଦାନ୍ତ ନେଫେଡୁଛୁ କାହିଁକି ? ଯା ପୃଥିବୀରେ ଗୋଟାଏ ବଢିଆ ଯୁଦ୍ଧ ହେଉଛି ଦେଖି ଆସିବୁ ।' ଭଗବାନଙ୍କ କଥା ମାନି ଯୁଦ୍ଧ ଲାଗିବାର ବର୍ଷକ ପରେ ଅର୍ଥାତ୍ ୧୯୧୫ରେ ଜନ୍ମ ଗ୍ରହଣ କଲି । ଏକବର୍ଷ ପରି-ବର୍ତ୍ତେ ଯଦି ୨/୩ ବର୍ଷ ହୋଇଥାନ୍ତା ତେବେ ମନେ ରଖିବା କାଠିକର ପାଠ ହୋଇ-ଥାନ୍ତା । ୧ ବା ପହିଲି ବର୍ଷ ହୋଇଥିବାରୁ ମନେ ରଖିବାକୁ ସୁବିଧା ହେଲା । ବର୍ଷଟା ମନେ ରହିଗଲା । ଏହିପରି ମନ ଭିତରେ ଗୋଟିଏ ଗପ ତିଆରିକରି ମୋ ଜନ୍ମବର୍ଷ-ଟାକୁ ମନେରଖି ପାରିଲି । ମାସ, ଦିନ, ଘଣ୍ଟା ପାଇଁ ଏବେ ବି ମୋତେ ଟିପା ଖାତା ବ୍ୟବହାର କରିବାକୁ ପଡୁଛି । ଜଣ ଜଣକର ଗୋଟିଏ ଗୋଟିଏ ପେଚ ଢିଲାଥାଏ । ଅନ୍ୟଗୁଡ଼ିକ ଅବଶ୍ୟ କଷ୍ଟ ହୋଇଥାଏ । ମୋର ଯେମିତି ଏ ସମୟ ମନେ ରଖିବା ପେଚଟି ଢିଲା ।

ମୋ ଜନ୍ମଟା କୁଆଡ଼େ ପରିବାର ମଧ୍ୟରେ ବିଶେଷ ଆନନ୍ଦପ୍ରଦ ନଥିଲା । ତାର କାରଣ ମୋ ଆଗରୁ କୁମୁଦ ନାମକ ଜଣେ ଭଉଣୀ ବା ନାନୀ ସମସ୍ତଙ୍କ ସ୍ନେହ ଓ ଆଦରତକ ଆତ୍ମସାତ୍ କରି ସାରିଥିଲା । କେତୋଟି ବର୍ଷ ପୋଡୁଆଁ ହୋଇସାରି ସେ ତା ବାଟକାଟି ଗ୍ଚଲିଗଲା । ତା ଯିବାପରେ ଯଦି ମୋ ଜନ୍ମ ହୋଇଥାନ୍ତା ତେବେ ମୋ ନାଁ ରାମ ପରିବର୍ତ୍ତେ କଣ୍ଡରା, ଗୋବରା କି ଘୁଷୁଡ଼ା ହୋଇଥାନ୍ତା । ସେ ଗ୍ଚଲି ଯାଇଥିଲେ ସୁଦ୍ଧା ସମସ୍ତେ ମୋ ବୋଉକୁ କୁମୁଦ ବୋଉ ବୋଲି ଡ଼ାକୁଥିଲେ । କେହି ଭୁଲରେ ବି ରାମ ବୋଉ ଡ଼ାକୁନଥିଲେ । କୁମୁଦ ନାନୀ ଗ୍ଚଲି ଯିବାପରେ ବୋଉ ମୋ ପାଇଁ ଉଦ୍ଦିଷ୍ଟ ସବୁ ସ୍ନେହକୁ ପେଟରେ ଲୁଚେଇ ରଖିଲା । ପାଟିବାଟେ କାଢିଲା ନାହିଁ । ବେଶି ସ୍ନେହ କଲେ ଦେବତାମାନେ ହୁଏତ ଈର୍ଷା କରି କିଛି ଅମଙ୍ଗଳ ଘଟେଇପାରନ୍ତି । ଦୂର୍ ଦୂର୍ ମାର୍ ମାର୍ କଲେ ବରଂ ଦେବତାମାନେ ଆହା କରିବେ । ଏହି ଉପାୟରେ ବୋଉ ଦେବତାମାନଙ୍କୁ ଠକି ଦେଲା ।

Digitized by srujanika@gmail.com

ମୋ ଜନ୍ମ ପରେ ଆମ ନାହାକ ଜାତକ ସାଧି ମୁଁ କୁଆଡ଼େ ଭରି କପାଳିଆ ହେବି, ମୋ ଶନି, ଶୁକ୍ର ଆଦି ଗ୍ରହମାନେ ଖୁବ୍ ଉଚ୍ଚରେ ଅଛନ୍ତି ବୋଲି କହିଥିଲା । କୁମୁଦ ନାନୀ ମରିଯିବାପରେ କିନ୍ତୁ ନାହାକ ହଠାତ୍ ଦେଖିଲା ଯେ ମୋ ଗ୍ରହମାନେ ଗଛରୁ ପାଚିଲା ଆମ୍ବ ଖସିଲା ପରି ତଳକୁ ଖସି ପଡ଼ିଛନ୍ତି । ଭରି ଅଶୁଭ । ଚନ୍ଦ୍ର ଗୋଟାଏ କ'ଣ ଗୋଳମାଳିଆ 'କେଁ' ଭର୍ତ୍ତି କରି ଦେଇଛି । ବୋଉ ହାଉଳି ଖାଇଗଲା । ଚନ୍ଦ୍ରକୁ ଟେକାଟେକି କରି ପୂଜା କଲେ ଓ ସୁନାର ଚନ୍ଦ୍ରଟାଏ ବ୍ରାହ୍ମଣକୁ ଦାନ କଲେ ଚନ୍ଦ୍ର ଦେବତା ମୋ ଉପରୁ ଦୃଷ୍ଟି ଫେରାଇନେବେ । ଜ୍ୟୋତିଷୀ ଜଣକ ବଡ଼ ନିଃସ୍ୱାର୍ଥପର । ସୁନାଚନ୍ଦ୍ରଟିକୁ ଜ୍ୟୋତିଷୀକୁ ଦାନ ନ କରି ଯାହା ବ୍ରାହ୍ମଣକୁ ଦାନ କରିବାକୁ କହିଲେ, ଏଇଟା କିଛି କମ୍ ସ୍ୱାର୍ଥତ୍ୟାଗ ନୁହେଁ । ଦିଅଁ ପୂଜାପୂଜି, ବ୍ରାହ୍ମଣ ଭୋଜନି, ପଣ୍ଡିତ ଚର୍ଚ୍ଚାକୁ ବୁଢ଼ାବାପା (ହରିମିଶ୍ର)ଙ୍କର ଏକ ସଉକ ଥିଲା । ଜ୍ୟୋତିଷୀର ବିଧାନ ପତ୍ର ବା ପ୍ରେସ୍କ୍ରିପ୍‌ସନ୍‌ରେ ରାଜି ହୋଇଗଲେ । ସପ୍ତାହକୁ କି ଦି ସପ୍ତାହକୁ ଥରେ ଏ ପୂଜା ହେଉଥିଲା । ଅଜ୍ଞାନାବସ୍ଥାଠାରୁ ହେତୁ ହେବା ଯାଏ ଏ ପୂଜା ଲାଗି ରହିଥିଲା । ହେତୁ ହେଲା ବେଳକୁ ଦେଖିଲି—ଗୋଟିଏ ପିଢ଼ା ଉପରେ ଗୋଟିଏ ଥାଳି, ସେଥିରେ ଅର୍ଦ୍ଧ-ଚନ୍ଦ୍ରାକାର ହୋଇଥିବା ଛେନାଗୁଡ଼ ଚକଟା, ତା ପାଖକୁ ସୁନା ପାତିଆରେ ତିଆରି ଏକ ଚନ୍ଦ୍ର ଆଉ ବୋଧ ହୁଏ ଗୋଟାଏ ଗୁଆ । ବୋଉର ସେ ଦିନ ଓପାସ । ସନ୍ଧ୍ୟାବେଳେ ପୁରୋହିତ ବତେଇ ଦେଇଥିବା ପୂଜା କରି ସାରି କେଉଁ ମୁଣ୍ଡିଆଟିଏ ପକାଏ ଆଉ ସେ ଛେନାଗୁଡ଼ ମୂର୍ତ୍ତିଟିକୁ ମୋତେ ଖାଇବାକୁ ଦିଏ । ତାପରେ ଗୁଆ ଓ ସୁନା ପାତିଆଟି ନେଇ ଗୋଟିଏ ପେଡ଼ିରେ ରଖେ । ଛେନାଗୁଡ଼ତକ ମହାନନ୍ଦରେ ଖାଇ ଏପରି ପୂଜାର ଚିରସ୍ଥାୟିତ୍ୱ କାମନା କରୁଥିଲି । ଯେଉଁ ଦିନ ଏ ପୂଜା ଉଝୁଆଁ ହେଲା ସେଦିନ ମୋ ମନଟା ଭରି ଖଟା ହୋଇଗଲା । ବହୁ ଅନୁସନ୍ଧାନ ପରେ ପୂଜାର କାରଣ ସ୍ୱରୂପ ଜାଣିଲି ଯେ ଚନ୍ଦ୍ର ଗ୍ରହ ମୋ ଜାତକରେ ଗୋଟିଏ ଅଥାନରେ ରହିଯାଇଥିଲେ । ସେହି-ଦିନ ସେ ସ୍ଥାନ ତ୍ୟାଗ କରି ଅନ୍ୟତ୍ର ଚାଲିଗଲେ । ମନେ ମନେ ଚନ୍ଦ୍ରଙ୍କୁ ଗାଳିଦେଇ କହିଲି—ଯେଉଁଠି ଥିଲ ସେଇଠି ଆଉ ଦଶ ବାର ବର୍ଷ ରହିଯାଇଥିଲେ କି ମୁସ୍କିଲଟା ହୋଇଯାଇଥାନ୍ତା ଯେ ! କ'ଣ ଏମିତି ତନାଘନା କାମ ପଡ଼ିଲା ଯେ ଏକାବେଳେକେ ଛାଡ଼ିଦେଇ ଚାଲିଗଲ । ଯାହା ହେବାର ହେଲାଣି, ଶୀଘ୍ର ଫେରିଆସ । ମୋ ଛେନାଗୁଡ଼ ଖିଆ ବନ୍ଦ ହୋଇଗଲା ଯେ !

ଏ ଚନ୍ଦ୍ର ବ୍ରତ ଛଡ଼ା ବୋଉ ମୋର ସମସ୍ତ ପ୍ରକାର ଗ୍ରହ ଦୋଷ କଟେଇବାକୁ ଆହୁରି ଅନେକ ବ୍ରତ, ଓପାସ କରୁଥିଲା କିନ୍ତୁ ମୋର ଛେନା ଖାଇବାର ବ୍ୟବସ୍ଥା ନଥିବାରୁ ସେସବୁ କିଛି ମୋର ମନେ ରହିଲା ନାହିଁ । ଛେନା ଗୁଡ଼ ଖାଇବାକୁ ମିଳୁ-ଥିବାରୁ ପୂର୍ବୋକ୍ତ ଚନ୍ଦ୍ର ଓପାସଟି ଯାହା କେବଳ ମନେ ରହିଲା ।

ମୋର ନିରାପତ୍ତା ପାଇଁ ବୋଉ ଆଉ ଗୋଟିଏ କାମ ମଝିରେ ମଝିରେ କରୁଥିଲା । କେତେବେଳେ ଯଦି ମୁଁ ଚମକି ପଡ଼େ କି କୌଣସି କାରଣରୁ ଡରିଯାଏ ତେବେ ସେ ଥୁ ଥୁ କରି ଛେପ ମୋ ଉପରକୁ ପକାଇଦିଏ । ସେତେବେଳେ ଅବଶ୍ୟ

Digitized by srujanika@gmail.com

ଏ କାର୍ଯ୍ୟର ଗୂଢ଼ତତ୍ତ୍ୱ ବା ଅନ୍ତର୍ନିହିତ ଦର୍ଶନ ମୋର ବୋଧଗମ୍ୟ ହେଉ ନଥିଲା । ବହୁ ଦିନ ପରେ ଅନ୍ୟମାନଙ୍କୁ ପଗ୍ଭରି ଓ ମୋର ବୈଜ୍ଞାନିକ ବୁଦ୍ଧି ଖଟେଇ ଜାଣି ପାରିଲେ ଯେ ଯମ ମୋ ଶରୀରରେ ଛେପ ପଡ଼ିଥିବାର ଦେଖି ମୋ ପ୍ରତି ଆକୃଷ୍ଟ ହେବ ନାହିଁ, ମୋତେ ପରିତ୍ୟାଗ କରି ଅନ୍ୟକାହାପାଖକୁ ଗ୍ଭଲିଯିବ । ବୋଉର ବିଚକ୍ଷଣ ବୁଦ୍ଧି ଓ କର୍ମ କୁଶଳତାକୁ ବହୁତ ବହୁତ ପ୍ରଶଂସା କଲି ।

ଏଠି ଜନ୍ମ ଦିନଟା ଟିପି ଦେବା ଉଚିତ୍ ହେବ ବୋଲି ମନେ କରି ଟିପାଖାତା ଦଗର୍ଣ୍ଡିଲି । ବହୁ ଦରଣ୍ଡାଦରର୍ଣ୍ଡିପରେ ଟିପାଖାତା ପାଇଲି । ସେଥିରେ ଲେଖାଥିଲା– ଜ୍ୟେଷ୍ଠ କୃଷ୍ଣ ଏକାଦଶୀ ମଙ୍ଗଳବାର ୧୩୨୨ ସାଲ ସକାଳ ୧୨ଟା ୪୫ ମିନିଟ୍ । ଏହିଦିନ ଭଗବାନ୍ ମୋ କପାଳ ଠେକିକୁ ପାହାରେ ଦେଇ ପୃଥିବୀକୁ ପଠାଇଦେଲେ । ମୋ ବୋଉ ଛଡ଼ା ଅନ୍ୟ କେହି ବୋଧହୁଏ ମୋର ଆଗମନକୁ ସ୍ୱାଗତ କରିନଥିଲେ । ପରବର୍ତ୍ତୀ ଘଟଣାବଳୀରୁ ଏହି ଧାରଣା ମୋର ଦୃଢ଼ୀଭୂତ ହୋଇଥିଲା ।

●

Digitized by srujanika@gmail.com

ଶୈଶବ

ଅଜ୍ଞାନ ଶିଶୁ ଅବସ୍ଥାରେ ମୋର ଯେ କେତେ କାଳ କଟି ଯାଇଥିଲା ତାର କିଛି ହେଲେ ଛାପ ମୋ ମନରେ ନାହିଁ । ମୁଁ କଣ କରୁଥିଲି ବା କିଏ କ'ଣ ବ୍ୟବହାର ମୋ ପ୍ରତି କରୁଥିଲା ତାର ବିନ୍ଦୁ ବିସର୍ଗ ମୋର ମନେ ନାହିଁ; ମୋ ମନ ଭିତରେ ପ୍ରଥମ ସ୍ମୃତିର ଯେଉଁ ଛାପ ଲଗି ଯାଇଥିଲା ତାହା ଏ ପର୍ଯ୍ୟନ୍ତ ମୋର ମନେ ଅଛି । ଏହି ସ୍ମୃତିର ଆଗରୁ ଓ ପରେ ବହୁ ଘଟଣାବଳୀ ଏବେବି ମୋର ମନେ ନାହିଁ, ସେତେବେଳେ ମୋତେ କେତେ ବୟସ ହୋଇଥିଲା ମୁଁ ତାହା କହିପାରିବି ନାହିଁ । ପ୍ରଥମ ସ୍ମୃତିଟି ହେଲା ଏଇୟା–

ଟିକି ମାଙ୍କଡ଼ଛୁଆକୁ ତା ମାଆ ଛାତିରେ ଜାକିଧରିଲା ଭଳିଆ ମୋତେ ଜଣେ କିଏ ତା ଛାତି ଭିତରେ ପୋତି ଦେଇଥାଏ, ମୋତେ ଛାତିରେ ଜାକି ଧରି ସେ ଗୋଟିଏ ଅଜଣା ଥାନରେ ଠିଆ ହୋଇଥାଏ । ତା ସାଙ୍ଗରେ ଆଉ କିଏ ଥିଲେ କି ନଥିଲେ ତାହା ମୁଁ ଜାଣି ନଥିଲି । ମୁଁ ସେ ଥାନାକୁ କେଉଁଠୁ କିପରି ଗଲି ତାହା ମୁଁ ଜାଣିନାହିଁ; ମୁଁ ଳୁଳୁଳୁଳୁ କରି ଗ୍ଭରି ଆଡ଼କୁ ଗ୍ଭହୁଁଥାଏ । କିଛି ଜାଣି ପାରୁ ନଥାଏ, ବହୁ ସମୟ ସେଠାରେ ରହିବାପରେ ହଠାତ୍ ମୁଁ ଦେଖିଲି ଗୋଟାଏ ଅଦ୍ଭୁତ ଲମ୍ବା-ଜୀବ ମୋ ଆଗରେ ଥୋଡ଼ାଏ ବାଟ ଗ୍ଭଲିଗଲା । ସେ ଶବ୍ଦ କରୁଥିଲା କି ନାହିଁ ମୋର ମନେ ନାହିଁ । ସେ ଲମ୍ବାଜୀବର ପେଟଯାକ ଜୁଳୁଜୁଳୁ ହୋଇ ଆଲୁଅ ଦିଶୁଥାଏ । ସେଇ ଜୁଳୁଜୁଳୁ ହୋଇ ଦିଶୁଥିବା ସ୍ଥାନମାନଙ୍କରେ ଗୁଡ଼ାଏ କୁଣ୍ଢେଇ ଦେଖାଯାଉଥାନ୍ତି, କୁଣ୍ଢେଇଗୁଡ଼ିକ ହାତଗୋଡ଼ ହଲଉ ଥା'ନ୍ତି, ମୋତେ ଯିଏ ଛାତିରେ ଜାକି ଧରିଥିଲା ସେ ସେଇ ଆଡ଼କୁ ଗଲା । ତା'ପରେ ତାଛାତି ଭିତରେ ମୁଁ ଶୋଇ ପଡ଼ିଲି, ଆଉ କିଛି ମନେ ନାହିଁ; ଏ ଅଦ୍ଭୁତ ଜୀବଟି କିଏ, ସେତେବେଳେ ମୁଁ କିପରି ସେଠାରେ ରହିଲି, କିଏ ମୋତେ ସେଠାକୁ ନେଲା ଏ ବିଷୟରେ ମୁଁ ବହୁତ ଧନ୍ଦି ହୋଇଛି । ମୋର ଜ୍ଞାନୋ-ଦୟ ହେବାପରେ ଏ ଘଟଣାଟି କ'ଣ ଜାଣି ପାରି ନଥିଲି । ଏ ସ୍ମୃତିର ଛାପଟି କିନ୍ତୁ ସବୁବେଳେ ମୋ ମନରେ ସତେଜ ହୋଇ ରହିଥାଏ, ଦିନେ ବୋଉ ପାଖରେ ବସିଥିଲାବେଳେ ସେ ମୋ ଶିଶୁ ଅବସ୍ଥାର କଥାସବୁ କହୁଥିଲା । ତାରି କଥା ସବୁ ଶୁଣି ମୁଁ ଜାଣି ପାରିଲି ଯେ ସେହି ସମୟରେ ଘରର ଅନ୍ୟାନ୍ୟ ଲୋକଙ୍କ ସହିତ ମୋ ବୋଉ ମୋତେ ନେଇ ପୁରୀ ଜଗନ୍ନାଥ ଦର୍ଶନରେ ଯାଇଥିଲା । କଟକ ଷ୍ଟେସନରେ ଉଠି ଖୋର୍ଦ୍ଧା ଷ୍ଟେସନ୍‌ରେ ଗାଡ଼ି ବଦଳାଇବାକୁ ଓହ୍ଲାଇଥିଲା, ଏବଂ ପ୍ଲାଟ୍‌ଫର୍ମରେ ଅନ୍ୟ-ଗାଡ଼ିକୁ ଅପେକ୍ଷା କରିଥିଲା । କିଛି ସମୟପରେ ପୁରୀ ଯାଉଥିବା ଗାଡ଼ିଟି ଆସିଲା ଏବଂ ମୋ ବୋଉ ଅନ୍ୟାନ୍ୟ ଲୋକମାନଙ୍କ ସହ ମୋତେ ଛାତିରେ ଜାକିରଖି ସେହି ଗାଡ଼ି-ଭିତରେ ପଶିଥିଲା । ଏତେଦିନ ପରେ ସ୍ମୃତିର ଛାପଟିକୁ ମୁଁ ବିଶ୍ଳେଷଣ କରି ପାରିଲି । ପେଟରେ ଆଲୁଅ ଜଳୁଥିବା ଅଦ୍ଭୁତ ଲମ୍ବାଜୀବଟି ଯେ ରେଳଗାଡ଼ି ତାହା ମୁଁ

Digitized by srujanika@gmail.com

ଏବେ ଜାଣି ପାରିଲି । ଏହାପରେ ଅନ୍ୟ ଯେ କେତେ ଘଟଣା ହୋଇଯାଇଥିବ ତାର କୌଣସି ହେଲେ ଛାପ ମୋ ମନରେ ନାହିଁ । ଏହି ଘଟଣାଟି ମୋ ମନରେ କିପରି ଲଗି ରହିଗଲା ତାହା ମୁଁ ଜାଣିପାରୁନାହିଁ ।

ଗୋଟିଏ ଗୋଟିଏ ଛୋଟ ଘଟଣା କାଁ ଭାଁ ଘଟି ମୋ ମନରେ ରହିଯାଇଛି, କେତେ ମନରୁ ସବୁ ଉଭେଇ ଯାଇଛି, ମୋ ଉପରେ କୁମୁଦ ବୋଲି ଜଣେ ଭଉଣୀ-ଥିଲେ, ମୋ ବାପା ବୁଢ଼ାବାପାଙ୍କର ଜ୍ୟେଷ୍ଠପୁତ୍ର ଥିଲେ । କୁମୁଦନାନୀ ତାଙ୍କର ଜ୍ୟେଷ୍ଠ ସନ୍ତାନ । ସେଥିଲାଗି ପରିବାରର ସମସ୍ତ ସ୍ନେହ ସେ ଲୁଟି ନେଉଥିଲା । ବହୁତ ସମ-ୟରେ ସେ ମୋତେ ଖେଳାଉ ଥିଲା । ଅଗ୍ନନକ ତାର କ'ଣ ଦେହ ଖରାପ ହେଲା, ଘରକୁ ତାକୁ ଦେଖିବାଲାଗି ବହୁ ପ୍ୟାଣ୍ଟ ପିନ୍ଧା ଡାକ୍ତର ସବୁ ଆସିଥିଲେ । ସେ କିନ୍ତୁ ବୁଢ଼ାବାପାଙ୍କର ଓ ପ୍ୟାଣ୍ଟପିନ୍ଧା ଡାକ୍ତରଙ୍କ ଚିକିତ୍ସାକୁ ବୁଢ଼ା ଆଙ୍ଗୁଠି ଦେଖାଇ ଦେଇ ଚାଲିଗଲା । ସେ ମରିଗଲାବେଳେ ବୋଉ ସମେତ ଅନ୍ୟମାନେ ବହୁତ କନ୍ଦାକଟା କଲେ, ସମସ୍ତେ କାହିଁକି କାନ୍ଦୁଛନ୍ତି ବୋଲି ମୁଁ କାହାକୁ ଜଣେ ପଚାରିଲି । ମୋତେ ଜଣେ କହିଲା ଯେ ଗୋଟାଏ ମାଙ୍କଡ଼ ସେମାନଙ୍କୁ କାମୁଡ଼ି ଦେଇଛି, ସେଇଥିଲାଗି ସେମାନେ କାନ୍ଦୁଛନ୍ତି, ସେତିକିରେ ମୁଁ ସନ୍ତୁଷ୍ଟ ହୋଇଗଲି । ତାପରେ ଆଉ କିଛି ମନେ ନାହିଁ । କେତେବର୍ଷପରେ ମୋର ଗୋଟିଏ ସାନ ଭଉଣୀ ଦେଖାଦେଲା । ତା ନାଁ ସାବିତ୍ରୀ, ସମସ୍ତେ ତାକୁ ସାବି ସାବି ଡାକୁଥିଲେ । ତା ବିଷୟରେ ପ୍ରଥମ ଘଟଣାଟି ମୋର ମନେ ଅଛି, ରାତିରେ ବୋଉ ପାଖରେ ଆମେ ଦୁହେଁ ଶୋଇଥିଲୁ । ସେ କେତେ-ବେଳେ ଶେଯରେ ଦୁଇ କରି ଦେଇଥିଲା । ମୁଁ ମଧ୍ୟ ତା ଉପରେ ଗଡ଼ାଗଡ଼ି କରି-ଦେଇଥିଲି, ଫଳରେ ସକାଳୁ ଉଠିଲା ବେଳକୁ ଦେଖାଗଲା ମୋ ଦେହଯାକ ଦୁର୍ଗନ୍ଧ ଚନ୍ଦନ ବୋଳା ହୋଇଛି । ମୁଁ ସେଥିରେ ବିଶେଷ ପ୍ରଭାବିତ ହୋଇ ନଥିଲି । ଘରର ସମସ୍ତେ ମୋତେ ଦେଖିଲା ମାତ୍ରେ 'ଇସ୍ ଇସ୍ ଇହି ଇହି' ପାଟିକଲେ, ମୁଁ ସେତେ-ବେଳେ ଜାଣିପାରିଲି ଯେ ମୋ ଦେହରେ ଗୋଟାଏ କିଛି ଖରାପ କାମ ହୋଇ-ଯାଇଛି । ଏହା ଶୁଣି ମୁଁ ଭେଁ ଭେଁ ହୋଇ କାନ୍ଦି ଉଠିଲି । କାନ୍ଦି କାନ୍ଦି କାହାକୁ ଗୋଟାଏ ଧରି ପକାଇବାକୁ ଏଣେତେଣେ ଗଲି । ସମସ୍ତେ ମୋ ପାଖରୁ ଦୂରେଇ ଗଲେ । ବୋଉ ଗାଧୋଇ ଯାଇଥିଲା । ମୋର ଏପରି ଅବସ୍ଥା କଥା ଜାଣିପାରି ନଥିଲା, ସେ ମୋ ଦେହରେ ତେଲଘଷି ବୋଲି ହୋଇଥିବା ପଦାର୍ଥ ଗୁଡ଼ିକ ପୋଛି ପକାଇଲା ଏବଂ ମୋତେ ଭଲକରି ଗାଧୋଇ ଦେଲା । ସେ ବିଛଣା ଚାଦରକୁ ଧୂଆ ଧୋଇ କରିବାରେ ତା'ର ଗୁଡ଼ାଏ ସମୟଗଲା । ସେ ନିଜେ ପୁଣି ଗାଧୋଇଲା । ଏଥିପାଇଁ ମୁଁ ମୋ ଭଉଣୀ ଉପରେ ଚିଡ଼ିଥିଲି କି ନାହିଁ ତା ମୋର ମନେ ନାହିଁ ।

ଦୁଧ ଭାତ ଖାଇ ମୁଁ ବଡ଼ ଗୁଲୁଗୁଲା ହୋଇଥିଲି, ମୋର ଏକ ପ୍ରକାର ଚୌଧୁରୀୟା ଚେହେରା ଦେଖି କେତେଜଣ ମନ୍ତବ୍ୟ ପାସ୍ କରିବାର ମୁଁ ଶୁଣିଛି— ଏଇଟାତ ଏଇଦିନୁ ଏତେ ମୋଟା ହେଲାଣି, ବସିବ କେମିତି ପାଠ ପଢିବ କେମିତି ମ !

Digitized by srujanika@gmail.com

ଏ ମନ୍ତବ୍ୟକୁ କେହି କର୍ଣ୍ଣପାତ କରନ୍ତି ନାହିଁ । ବୋଉ କିନ୍ତୁ ମୁହଁଟା ଶୁଖାଇ ଦିଏ । ମୋତେ ଗୋଟା କଡ଼ପଟିଆ ଥାନକୁ ନେଇ ଯାଇ ମୋ ଦେହରେ ଟିକେ ଛେପ ପକାଇ ଦିଏ ।

ମୋ ବୁଢ଼ାବାପା ହରେକୃଷ୍ଣ ମିଶ୍ର ଖାଇ ବସିଲାବେଳେ ମୋତେ ପାଖରେ ବସାଉଥିଲେ । ଦୁଧଭାତ ଗୋଳାଇ ମୋତେ ଖୁଆଇ ଦେଉଥିଲେ, ଏବଂ ନିଜେ ଖାଉଥିଲେ । ଭାତରେ ସେ ଦୁଧ ଗୋଳାଇଲାବେଳେ ସରର କିଛି ଅଂଶ ତା ସହିତ ଗୋଳାଇ ହୋ'ଇ ଯାଉଥିଲା । ମୁଁ ସେତକ ଜାଣିପାରୁ ନଥିଲି । ଦିନେ ମୁଁ ମନେ ମନେ ଭାବିଲି ବୁଢ଼ା ବାପା ସବୁ ସରତକ ଖାଉଛନ୍ତି ମୋତେ ଦଉ ନାହାନ୍ତି । ମୁଁ ସେଦିନ ଆଉ ଖାଇବି ନାହିଁ କହି ଚଞ୍ଚଳ ଉଠିଆସିଲି । ବୋଉ ମୋ ମୁହଁ ଧୋଇ ଦେଲା । ମୁଁ ଶୀଘ୍ର ଶୀଘ୍ର ଚାଲି ଆସି ପାଖରେ ପଡ଼ିଥିବା ଗୋଟାଏ ଢ଼େଲା ଗୋଟେଇଲି । ଢ଼େଲାଟି ଧରି କୋଠାର ଗୋଟିଏ ଖୁଣ୍ଟ ପାଖରେ ଚୁପ୍ ହୋ'ଇ ଠିଆ ହେଲି । ବୁଢ଼ୀ ମାଆ ମୋତେ ଏପରି ଅବସ୍ଥାରେ ଦେଖି ପଚାରିଲେ–ହଇରେ ! ଏଠି ଢ଼େଲାଟାଏ ଧରି କାହିଁକି ଚୁପ୍‌ଚାପ୍ ଠିଆ ହୋଇଛୁ ? ମୁଁ କହିଲି– ବୁଢ଼ାବାପା ସବୁ ସରତକ ଖାଇ ମୋତେ ଦେଉ ନାହାନ୍ତି ଓ ସେ ଏଇବାଟେ ଆସିଲାବେଳେ ମୁଁ ତାଙ୍କୁ ଢ଼େଲା ମାରିବି । ବୁଢ଼ୀ ମା ହସି ହସି ଏଇକଥା ମୋ ବୋଉକୁ କହିଦେଲେ । ବୋଉ ଦଉଡ଼ି ଆସି ମୋ ହାତରୁ ଢ଼େଲାଟା ଛଡ଼ାଇ ନେଲା ଏବଂ କହିଲା–ହଇରେ, ତୁ ବୁଢ଼ା ବାପାଙ୍କୁ ଢେଲା ମାରିବୁ ? ମୁଁ କିଛି ଉତ୍ତର ନ ଦେଇ ଚୁପ୍ ରହିଲି । ସେତେବେଳକୁ ମୋର ଯୁଦ୍ଧ ଉଦ୍ୟମର ବାର୍ତ୍ତା ପରିବାରର ଅଧିକାଂଶଙ୍କ କାନରେ ପଡ଼ି ସମସ୍ତଙ୍କର ହାସ୍ୟ ଉଦ୍ରେକ କରିଥିଲା । ଏପରି ଚର୍ଚ୍ଚା ଓ ହସରୁ ମୁଁ ଅନୁମାନ କରିପାରିଲି ଯେ ମୁଁ ନିଶ୍ଚିନ୍ତ ଭାବରେ ଗୋଟାଏ ଖରାପ କାମ କରିପକାଇଛି । ସେତିକିବେଳେ ବୁଢ଼ାବାପା ଖାଇସାରି ମୁହଁ ଧୋଇ ସେଇବାଟେ ଆସିଲେ ଏବଂ ମୋ ହାତ ଧରି ତାଙ୍କ ଶୋଇବା ଘରକୁ ନେଇ ଆସିଲେ ଏବଂ ପିଠିରେ ହାତମାରି କହିଲେ–ଆଚ୍ଛା ତତେ କାଲିଠାରୁ ସରତକ ଆଗ ଦିଆଯିବ ।

ସେତେବେଳେ ମୋ ଦି ହାତରେ ଦୁଇଟା ଓ ଗୋଡ଼ରେ ଦୁଇଟା ଖଡ଼ୁ, ଅଣ୍ଟାରେ ଅଣ୍ଟାସୂତା, କାନରେ ଫାସିଆ, ବେକରେ ଗୋପ ଲଗାଇ ଦିଆଯାଇଥିଲା । ଯାଇତାଇ ଲୁଗାଟା ଯେ ନିହାତି ପିନ୍ଧିବା ଦରକାର ସେକଥା କେହି ଉପଲବ୍ଧି କରୁ ନଥିଲେ । ଫଳରେ ମୁଁ ସବୁବେଳେ ଲଙ୍ଗଳା ହୋଇ ବୁଲୁଥିଲି । ଶରୀରର ସମସ୍ତ ଅଂଶ ଖୋଲା ପବନ ଖାଇ ସୁସ୍ଥ ରହେ ବୋଲି ସେତେବେଳେ ବୋଧହୁଏ ସମସ୍ତେ ବିଚାର କରୁଥିଲେ ।

ବୁଢ଼ା ବାପାଙ୍କର ବଡପୁଅଙ୍କର ବଡ ପୁଅ ବୋଲି ମୁଁ ଟିକେ ଗେହ୍ଲା ହୋଇ ଯାଇଥିଲି । ଚାକର ବାକରମାନେ ମୋତେ ବାରମ୍ବାର କାଖେଇ ପକାଉଥିଲେ । ମୋତେ ସବୁ କୌତୁକିଆ କଥା କହୁଥିଲେ । ଆମଘର ଏକ ଖ୍ୟାତନାମା କବିରାଜଙ୍କ ଘର ହୋଇଥିବାରୁ ସବୁବେଳେ ଔଷଧ ତିଆରିର ଧୁମ୍ ଲାଗିଥାଏ । ବେଳେବେଳେ

Digitized by srujanika@gmail.com

ବୋଉ ଖୁଡ଼ିମାନେ ମଧ୍ୟ ଔଷଧ ତିଆରିରେ ଭାଗ ନେଉଥିଲେ । ଆମଘରେ ସେତେବେଳେ ପ୍ରାୟ ୪।୫ ଜଣ ଚାକର ଥିଲେ । ଏମାନେ ଅଧିକାଂଶ ସମୟରେ ମୋତେ କହୁଥିଲେ–ବାବୁ ! ମୋତେ ଜ୍ୱର ହୋଇଛି ଟିକେ ଔଷଧ ଦେଲ । ସେମାନଙ୍କ ମଧ୍ୟରୁ ଆଉ ଜଣେ ଦୁଇଜଣ ମୋ ହାତକୁ ଧରି ମୋ ପୁରୁଷାଙ୍ଗରୁ ଟିକିଏ ଔଷଧ କାଢି ଆଣିଲା ଭଳି କରି ତା ହାତରେ ଖାଲି ହାତଟାକୁ ଲଗାଇ ଦେଉଥିଲେ । ଏହିପରି ବହୁବାର ଶିଖେଇବା ଫଳରେ ମୋର ସେଇଟା ମନେ ରହିଗଲା । ତାପରେ ଯିଏ ମୋତେ କହେ–ହେ ଟିକେ ଔଷଧ ଦେଲୁ, ମୁଁ ସେହିପରି ହାତ ପୁରୁଷାଙ୍ଗରେ ମାରି ତା'ହାତରେ ଦେଲାପରି ଅଭିନୟ କରେ । ଆଖ ପାଖରେ ସମସ୍ତେ ହସୁଥା'ନ୍ତି । ଦାଣ୍ଡଘରଟା ଆମର ଔଷଧ ଘର ଥାଏ । ସେଇଠି ବୁଢ଼ାବାପା, ଆଗନ୍ତୁକ ରୋଗୀମାନଙ୍କର ରୋଗ ନିର୍ଣ୍ଣୟ କରି ଔଷଧର ବ୍ୟବସ୍ଥା କରୁଥା'ନ୍ତି । ବହୁ ବଡ଼ ବଡ଼ ଲୋକ ଚିକିତ୍ସିତ ହେବାପାଇଁ ସେଇଠି ବୁଢ଼ାବାପାଙ୍କ ପାଖରେ ଆସି ବସୁଥା'ନ୍ତି । ଦିନେ ମୁଁ ସେ ଘରକୁ ପଶିଯାଇ ବୁଢ଼ାବାପାଙ୍କର ହାତ ବାକ୍ସ ଉପରେ ବସିଲି । ପାଖରେ ଦୁଇଜଣ ଭଦ୍ରବ୍ୟକ୍ତି ବସିଥିଲେ । ତାଙ୍କ ଭିତରୁ ଜଣେ ବୁଢ଼ାବାପାଙ୍କୁ ପଚାରିଲେ–ଏଇଟି କ'ଣ ଆପଣଙ୍କ ନାତି ? ବୁଢ଼ାବାପା କହିଲେ–ହଁ । ସେ ବିଦ୍ୟାଧରର ପୁଅ । ଭଦ୍ରବ୍ୟକ୍ତି ଜଣକ ମୋ ଗାଲରେ ହାତମାରି ଟିକେ ଗେଲ କରିଦେଲେ, ସେ ବୋଧହୁଏ ମନେ ମନେ ଭାବିଲେ କବିରାଜଙ୍କ ପୁଅ କବିରାଜ, ତାଙ୍କ ପୁଅବି କବିରାଜ । ତେଣୁ ସେ ଗେଲରେ ମୋତେ କହିଲେ–ଟିକି କବିରାଜେ, ମୋ ହାତରେ ଟିକେ ଔଷଧ ଦେଲ । ପୂର୍ବରୁ ଚାକରମାନଙ୍କ ଠାରୁ ଶିଖିଥିବା ପାଠ ଅନୁଯାୟୀ ମୁଁ ସଙ୍ଗେ ସଙ୍ଗେ ପୂର୍ବପରି ତାଙ୍କୁ ଔଷଧ ଟିକେ ଦେଇଦେଲି । ବାପା ସାମନା ଘରରେ ବସିଥିଲେ । ସବୁ ଦେଖିଲେ । ରାଗରେ ସେ ଘରୁ ଉଠି ଆସି ମୋତେ ଟେକି ନେଇଗଲେ ଓ ପିଣ୍ଡାରେ ନେଇ କଚି ଦେଲେ । ମୁଁ ଭେଁ ଭେଁ ଡ଼ାକ ପକାଇଲି । ସେ ଭଦ୍ରବ୍ୟକ୍ତି ଦୁଇଜଣ କ୍ଷୁବ୍ଧ ହୋଇଯାଇ ବାପାଙ୍କୁ କହିଲେ– "ହେତ୍ । ସେ ଛୁଆଟାକୁ କାହିଁକି ଏପରି କଲ । ଅଜ୍ଞାନ ବାଳୁତ ସେ କ'ଣ ଜାଣିଛି ।" ମୋର କାନ୍ଦଣା ଶୁଣି ତଳଘରଆଡୁ ବୁଢ଼ୀମା ଦୌଡ଼ି ଆସିଲେ, ଏବଂ ମୋତେ କାଖେଇ ବାପାଙ୍କ ଉପରେ ଗାଳି ବର୍ଷଣ କରିଦେଲେ । ବୁଢ଼ୀମାଆଙ୍କ ଆଦରରେ କି ବାପାଙ୍କ ଉପରେ ଗାଳିବର୍ଷଣରେ ମୁଁ ତୃପ୍ତ ହୋଇ ପ୍ରକୃତିସ୍ଥ ହେଲି ତାହା ମୋତେ ଜଣା ନଥିଲା ।

ବୋଉର ପାଖ ମୁଁ ମୋଟେ ଛାଡ଼ୁ ନଥାଏ । ତାର ସାନ୍ନିଧ୍ୟଟା ମୋ ଦେହରେ ଯେପରି ଆନନ୍ଦ ଉଲ୍ଲାସ ବୋଳି ଦେଉଥାଏ । ସମୟ ସମୟରେ କିଛି ଗୋଟାଏ ଦର୍ଶନୀୟ ଜିନିଷ ମୁଁ ଦେଖୁଥାଏ । ତାହା ସରିଯିବା ମାତ୍ରେ ଦୌଡ଼ି ଯାଇ ହାଣ୍ଡିଶାଳେ ଥିବା ବୋଉ ପାଖରେ ହାଜର ହୋଇଯାଏ । ଅନ୍ୟ ପିଲମାନେ ତାଙ୍କ ବୋଉ ପାଖରେ ରହି ବେଶି ସମୟ ଏପାଖ ସେପାଖ ହେଲେ ସେମାନେ ତାଙ୍କୁ 'ଯାଆ ଏଠି ଗଣ୍ଡଗୋଳ କରନା' କହି ଘଉଡ଼ାଇ ଦେଉଥିଲେ । ଦରକାର ପଡ଼ିଲେ ୨/୪ ଚାପୁଡ଼ା ଦେବା ପାଇଁ ମଧ୍ୟ ଛାଡ଼ୁନଥିଲେ । ମୋ ବୋଉ କିନ୍ତୁ ଅନ୍ୟ ପ୍ରକାରର ଥିଲା । ସେ କେବେହେଲେ ତା ପାଖରୁ ମୋତେ ତଡ଼ିନାହିଁ କି ବିରକ୍ତି ଛୁଆ ତା ଦେହରେ

Digitized by srujanika@gmail.com

ଘଷିହେଲେ ସେ ବିରକ୍ତ ହୋଇ ନାହିଁ । ବୋଉତ ପ୍ରାୟ ସବୁବେଳେ ହାଣ୍ଡିଶାଳ ଘରେ ଥାଏ, ତେଣୁ ମୁଁ ମଧ୍ୟ ଅଧିକାଂଶ ସମୟ ହାଣ୍ଡିଶାଳରେ ରହିଥାଏ, ଦିନେ ରାତିରେ ବୋଉ ପାଖରେ ମୁଁ ଶୋଇଥାଏ । ଘୋର ନିଦରେ ଶୋଇ ମଧ୍ୟ ପ୍ରାୟ ରାତି ୨ଟା ବେଳେ ମୁଁ ଖଟରୁ ଓହ୍ଲାଇ ପଡ଼ି ଟୁଙ୍ଗ୍ ଟୁଙ୍ଗ୍ ହେ'ଇ ହାଣ୍ଡିଶାଳ ଘର ଯାକେ ଚାଲି ଯାଇଥିଲି । ହାଣ୍ଡିଶାଳ ଘରର କବାଟ ଲାଗିଥିଲା । ମୁଁ କବାଟରେ ହାତବାଡ଼ାଇ ବୋଉ ବୋଉ ବୋଲି କାନ୍ଦିବାକୁ ଲାଗିଲି ! କାନ୍ଦର ପ୍ରଖରତା କ୍ରମେ ବଢିବାକୁ ଲାଗିଲା । ହାଣ୍ଡିଶାଳ ପାଖରେ ଦୁଇ କକେୟୀଙ୍କ ଘରଥିଲା । ଜଣେ ଖୁଡ଼ିର ନିଦ ଭାଙ୍ଗିଗଲା । ସେ ପାଟିକଲା, ଅନ୍ୟ ସମସ୍ତେ ଉଠି ପଡ଼ିଲେ, ବୋଉ ଅଣ୍ଡାଳି ଦେଖିଲା ମୁଁ ତା'ପାଖରେ ନାହିଁ । ସେ ପଡ଼ି ଉଠି ଧାଇଁଲା । ହାଣ୍ଡିଶାଳ ଦୁଆରକୁ ଦଉଡ଼ି ଯାଇ ମୋତେ କୁଣ୍ଢାଇ ନେଇ ଆସିଲା । ତପର ଦିନ ଆମ ଘରେ ଗୋଟିଏ ଅନୁସନ୍ଧାନ କମିଟି ବସିଗଲା । କିଏ କହିଲା ଟୋଟାଏ କୌଣସି ସୈତାନ ତାକୁ ଆକୃଷ୍ଟ କରି ସେ ଯାଏ ନେଇ ଯାଇଥିଲା । ଆଉ କିଛି ସମୟ ଯାଇଥିଲେ ବଡ ଖରାପ କଥାଟା ହୋଇଥାନ୍ତା, କିଏ କହିଲା ଏହା ଚିରୁଗୁଣୀର କାମ । ବୁଢାବାପା କହିଲେ ଏହା କୌଣସି ଏକ ପିଶାଚର କାମ । ମୁଁ ନିଜେ ମଧ୍ୟ ସେଠାକୁ କିପରି ଗଲି ଜାଣି ପାରିଲି ନାହିଁ, ଆମ ଘରେ ରାଉତ ବୁଢ଼ା ବୋଲି ଜଣେ ଅତି ବିଶ୍ୱସ୍ତ ଚାକର ଥିଲା । ସେ ଜଣେ ଭଲ ଗୁଣିଆ ଓ ଭୂତ ପ୍ରେତ ଛଡ଼ାଇ ପାରେ ବୋଲି ତାର ବେଶ୍ ଖାତିର୍ ଥିଲା । ସେ ବହୁତ ଭାବିଚିନ୍ତି ସେଇଟା ଏକ ଅଶରରୀ ପ୍ରେତର କାର୍ଯ୍ୟ ବୋଲି କହିଥିଲା । ଯେହେତୁ ସେ ଭୂତ ପ୍ରେତଙ୍କର ମେଳରେ ଖୁବ୍ ଜଣାଶୁଣା ଥିଲା ସମସ୍ତେ ତାରି କଥାକୁ ଗ୍ରହଣ କରିଗଲେ । ଆଗରୁ ଗୋଟିଏ ତେଉଁରିଆଁ ମୋ ହାତରେ ଥିଲା । ରାଉତ ବୁଢ଼ା ପରାମର୍ଶରେ ଆଉରି ଗୋଟିଏ ତେଉଁରିଆଁ ମୋ ଅଣ୍ଟାରେ ବନ୍ଧାଗଲା । ରାଉତ ବୁଢ଼ା ମୋ ଦେହକୁ କିଳିଦେଲା ଅର୍ଥାତ୍ ମୋ ଦେହର ଚାରିକଡ଼େ ଏପରି ଏକ ଅଦୃଶ୍ୟ ବାଡ଼ ତିଆରି କରିଦେଲା ଯେ କୌଣସି ଭୂତ ପ୍ରେତର ସେ ବାଡ଼କୁ ଭାଙ୍ଗିବା ସମ୍ଭବପର ନଥିଲା । ମୋର ସତ୍ୟ ନାରାୟଣ ପୂଜାଟିବି ସାମାନ୍ୟ କିଛି ବିଳମ୍ବ ହୋଇ ଯାଇଥିଲା । ସଙ୍ଗେ ସଙ୍ଗେ ସେହିଦିନ ସେହି ପୂଜାର ବ୍ୟବସ୍ଥା କରାଗଲା, ଏମ୍ଭବୁ ଭୂତ ପ୍ରେତ କିଏ, ତାଙ୍କର ଭୟାବହତା କେତେ, ସେମାନଙ୍କର କାର୍ଯ୍ୟ କ'ଣ, ସେ ବିଷୟରେ ମୋର ବିନ୍ଦୁବିସର୍ଗ ଧାରଣା ନଥିଲା । ସେହିଦିନଠାରୁ ବୋଉ ମଙ୍ଗଳାଙ୍କ ଖଣ୍ଡିଏ ବେତ ଅଣାଇ ଆମ ଶୋଇଲା ଜାଗାରେ ତକିଆ ତଳେ ଗୁଞ୍ଜି ଦେଇଥାଏ, ଏଇଟା ସର୍ବଶ୍ରେଷ୍ଠ ପ୍ରତିଷେଧକ ବ୍ୟବସ୍ଥା ବୋଲି ତା ମନରେ ଦୃଢ଼ ଧାରଣା ଥିଲା ।

ରାଉତ ବୁଢ଼ା ପାଖରେ ବସି ବେଳେବେଳେ ମୁଁ ଭୂତ ପ୍ରେତଙ୍କ ବିଷୟରେ ବହୁତ ଭୟାନକ କଥା ଶୁଣିଲି, ସେମାନେ ଯେ ନିଶାଚର ଏବଂ ଅନ୍ଧାରକୁ ଭଲ ପା'ନ୍ତି । ଅନ୍ଧାରରେ ଚାଲବୁଲ କରନ୍ତି, ସେ ବିଷୟ ମୁଁ ତା'ଠାରୁ ଜାଣିଲି । ସେହିଦିନଠାରୁ ଅନ୍ଧାରକୁ ମୋର ଭାରି ଭୟ ହେଲା । ଆମ ଘର ତିନି ପ୍ରସ୍ଥ ଥାଏ, ପ୍ରଥମ ପ୍ରସ୍ଥରେ ବୁଢ଼ା-ବାପା ରହନ୍ତି ଓ କଡ଼ ଘରେ ସେ ରୋଗୀ ଦେଖନ୍ତି । ଔଷଧ ପତ୍ର ଖୋଲା ଖୋଲି ସେହି ଘରେ ମଧ୍ୟ ହୁଏ, ମଝି ପ୍ରସ୍ଥରେ ମୁଁ, ବାପା ଓ ବୋଉ ଥାଉ । କଡ଼ ଘରଟା ଗଲା ଆସିଲା

Digitized by srujanika@gmail.com

ବଂଧୁବାନ୍ଧବଙ୍କ ପାଇଁ ଥାଏ, ପଛ ପାଖ ଦି ଘରେ ଦୁଇ କକେୟୀ ଥାନ୍ତି । ତୃତୀୟ ପ୍ରସ୍ଥଟି ରୁଳଘର ଥିଲା । ସେଠି ଲଗିଲଗି ହାଣ୍ଡିଶାଳ ଓ ଖାଇବା ଘର ଥିଲା । ତାହାର ଗୋଟା କଡ଼କୁ ପାଚିରୀଦ୍ୱାରା ସମ୍ପୂର୍ଣ୍ଣ ବିଛିନ୍ନ ହୋଇ ଢିଙ୍କିଶାଳ, ଗୁହାଳ ଓ କୂଅ ଥିଲା । ସନ୍ଧ୍ୟା ହୋଇଗଲେ ବୋଉ ସଞ୍ଜଦୀପ ସବୁଆଡେ ଦେଇ, ଆମ ଇଷ୍ଟ ଦେବତୀ ମାଆ—ଦୁର୍ଗାଙ୍କୁ ମୁର୍ଣ୍ଡିଆ ମାରି ହାଣ୍ଡିଶାଳକୁ ଗ୍ଲଲି ଯାଉଥିଲା । ମୁଁ ଦୈବାତ୍ ଯଦି ଉପରେ ରହିଯାଇ ଥାଏ ତେବେ ବୋଉ ପାଖକୁ ଯିବାକୁ ଭରି ଭୟ ଲାଗେ । କାରଣ ସେ ଯାଗାଟା ଅନ୍ଧାରୁଆ । ତଥାପି ବୋଉର ଆକର୍ଷଣ ମୋତେ ଟାଣି ନେଉଥିଲା । ମୁଁ ଗୋଟାଏ ବଡ଼ ପାଟି କରି ଦୌଡ଼ି ଦୌଡି ହାଣ୍ଡିଶାଳ ଘରକୁ ପଶିଯାଏ, ମୋ ପାଟି ଶୁଣି ବୋଉ ହାଣ୍ଡିଶାଳ ଘର ଭିତରୁ ବାହାରି ଆସି ପାଟିକରେ 'ହଁ ହଁ ମୁଁ ଏଇଠି ଅଛି' । ବୋଉକୁ କୁଣ୍ଢାଇ ଧରିବା ମାତ୍ରେ ସବୁ ଭୟତକ କୁଆଡ଼େ ଉଭେଇଯାଏ ।

ମୋର ବା ଅନ୍ୟ କାହାର ଦେହ ଅସୁସ୍ଥହେଲେ ଆମ ଘରକୁ ବଡ଼ ଡାକ୍ତରମାନେ ଆସୁଥିଲେ । ସେତେବେଳେ ଡାକ୍ତର ଦେବେନବାବୁଙ୍କ ନାଆଁ ମୁଁ ବହୁବାର ଶୁଣିଛି, ଡାକ୍ତରମାନେ ବୁଢ଼ା ବାପାଙ୍କୁ ଭରି ଖାତିର୍ କରୁଥିଲେ, ତାର ଏକ କାରଣ ମଧ୍ୟ ଥିଲା । ଜଣେ ଡାକ୍ତରଙ୍କ ପୁଅକୁ ଜଳଉଦରୀ ବା ଆସାଇଟିସ୍ ହୋଇଥିଲା । ସେ ସମୟରେ ଜଳଉଦରୀ ଏକ ମାରାତ୍ମକ ରୋଗଥିଲା । କେହି ଭଲ ହେଉ ନଥିଲେ । ଡାକ୍ତରମାନଙ୍କର ତା ଉପରକୁ ଆଶା ତୁଟି ଯାଇଥିଲା । ସେ ଡାକ୍ତର ବୁଢ଼ାବାପାଙ୍କ ପାଖରେ କବିରାଜୀର ଭଲ ଔଷଧ କାଳେ ଥାଇପାରେ ଭାବି ନେଇ ଆସିଥିଲେ । ବୁଢ଼ାବାପା ସେ ପିଲାଟିକୁ ଭଲ କରାଇ ଦେଇ ସବୁ ଡାକ୍ତରଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ । ସେହି ଦିନଠାରୁ ଡାକ୍ତରମାନେ ବୁଢ଼ାବାପାଙ୍କୁ ଭରି ଖାତିର୍ କରୁଥିଲେ । ଆମ ଘରେ କାହାର କିଛି ଟିକେ ହୋଇ ଯାଉଥିଲେ ସେମାନେ ଦୌଡ଼ି ଆସୁଥିଲେ ।

ଥରେ ମୋର କ'ଣ ଟିକେ ଗଡ଼ବଡ଼ ହୋଇ ଯାଇଥିଲା । କ'ଣ ସବୁ ପରୀକ୍ଷା ହେବ ବୋଲି ଦେବେନ ବାବୁ ଡାକ୍ତର ମୋତେ ଡାକ୍ତରଖାନା ନେଇ ଯିବାଲାଗି ବୁଢ଼ାବାପାଙ୍କୁ କହିଥିଲେ । ଦିନେ ସକାଳୁ ବୁଢ଼ାବାପା ଡାକ୍ତରଖାନାକୁ ବାହାରିଲେ । ଆମ ଘରେ ଥିବା ରଉତ ବୁଢ଼ା ମୋତେ କାନ୍ଧେଇ ବୁଢ଼ା ବାପାଙ୍କ ପଛେ ପଛେ ଗ୍ଲଲିଲା । ସେତେବେଳେ ଘୋଡାଗାଡ଼ିର ପ୍ରଚଳନ ଖୁବ୍ କମ୍ ଥିଲା । ବୁଢ଼ାବାପା ଗ୍ଲଲି ଗ୍ଲଲି ମେଡ଼ିକାଲ ଓ୍ୱାର୍ଡ଼ ବାଟେ କ୍ଲିନିକାଲ ଲାବରେଟରୀକୁ ଯାଇଥିଲେ । ଦୁଇତିନିଜଣ ଡାକ୍ତର ମୋତେ ତନ୍ନ ତନ୍ନ କରି ପରୀକ୍ଷା କରିବାକୁ ଲାଗିଲେ । ବଡ଼ ଡାକ୍ତରଙ୍କ ପାଖରେ ବସି ବୁଢ଼ାବାପା ବହୁତ ସମୟ ଯାଏ କ'ଣ କଥାବାର୍ତ୍ତା ହେଲେ, ତା'ପରେ ତାଙ୍କଠାରୁ ଏକ କାଗଜ ନେଇ ଗ୍ଲଲିଆସିଲେ । ମୁଁ ରଉତ ବୁଢ଼ା କାନ୍ଧରେ ବସି ଫେରି ଆସିଲି । ସେତେବେଳର ମେଡ଼ିକାଲର ଚେହେରା ମୋର ମନେ ଅଛି । ମେଡ଼ିକାଲ୍ ଓ୍ୱାର୍ଡ଼, ସରଜିକାଲ୍ ଓ୍ୱାର୍ଡ ଦୁଇ ଧାଡ଼ି କୋଠା ଥାଏ । ଏ ଦୁଇଟି ଆଉ ଗୋଟିଏ ଧାଡ଼ି ଦ୍ୱାରା ସଂଯୁକ୍ତ ହୋଇଥାଏ । ସେତେବେଳେ ମେଡ଼ିକାଲ୍‌ର ସୀମା ନିର୍ଦ୍ଧାରକ ପାଚେରୀ ନଥିଲା । ରାଣୀହାଟ ଛକରୁ ଡାକ୍ତରଖାନାକୁ ସଡ଼କ ରାସ୍ତା ଉପରେ କିଛିବାଟ ଗଲୁ, ତାପରେ ରାସ୍ତାର ଗୋଟିଏ ଗଡ଼ାରେ ଗଡ଼ି ଗଲୁ । ଲୋକ ଗ୍ଲଲି ଗ୍ଲଲି ଗୋଟିଏ ରାସ୍ତା ହୋଇଯାଇଥିଲା,

Digitized by srujanika@gmail.com

ସେଇ ସଡ଼କ ରାସ୍ତାଟି ଜଗନ୍ନାଥ ରୋଡ଼ ଥିଲା । ମେଡ଼ିକାଲ ହତା ଭିତରେ ବହୁଗଛ ଓ ଓ ବଣ ଥିଲା । ଘରଦ୍ୱାର ଖୁବ୍ କମ୍ ଥିଲା, ଜଗନ୍ନାଥ ରୋଡ଼ରେ ଯାତ୍ରୀମାନେ ପଲ ପଲ ହୋଇ ଆସିଲାବେଳେ ବହୁ ରୋଗର ଶୀକାର ହେଉଥିଲେ । ହଇଜା ଓ ଅନ୍ୟାନ୍ୟ ଝାଡ଼ାରେ ଆକ୍ରାନ୍ତ ହେଉଥିଲେ । ସେଥିଲାଗି ଜଗନ୍ନାଥ ରୋଡ଼ କଡ଼ରେ ସାହେବମାନେ ଡାକ୍ତରଖାନା ବସାଇଥିଲେ । ବର୍ତ୍ତମାନର ଡାକ୍ତରଖାନାକୁ ସେ ସମୟ ସହିତ ତୁଳନା କଲେ ତାହା ଶହେ ଭାଗରୁ ଭାଗେ ମଧ୍ୟ ହେବ ନାହିଁ । ବଡ଼ଦିନ ଯେତେବେଳେ ମୁଁ ଯାଇ ସେଠାରେ ପାଠ ପଢ଼ିଲି ସେତେବେଳେ ମୋତେ ଭାରି କୌତୂହଳ ଲାଗିଥିଲା । ମୋର ଯୁବକ ସମୟ ଓ ଶିଶୁ ସମୟର ତୁଳନା କରି ମୁଁ ମୋର ସଙ୍ଗୀମାନଙ୍କୁ ପୁରୁଣା ମେଡ଼ିକାଲ୍‌ର ଚିତ୍ର ଦେଉଥିଲି ।

ଆମ ଘର ଭିତରେ ଆମ ଉପରେ ଭାରି କଡ଼ା ନଜର ସବୁ ଦିଆ ହୋଇଥାଏ, ଟିକେ କିଛି ବ୍ୟତିକ୍ରମ ହୋଇଗଲେ ଆମ ଉପରକୁ ସମସ୍ତେ ଖିଙ୍କାରି ହୋଇ ଉଠନ୍ତି । ସନ୍ଧ୍ୟା ବେଳକୁ ବୁଢ଼ୀମା ପାଖରେ ଆମେ ରୁଣ୍ଡ ହୋଇ ତା ପାଖରୁ ଗପ ଶୁଣୁ । ଆମର ପାଠ ପଢ଼ା ସବୁ ଆରମ୍ଭ ହୋଇ ନଥିବାରୁ ଆମେ ବହୁତ ସମୟ ଧରି ବୁଢ଼ୀମାଆ ଠାରୁ ଗପ ଶୁଣୁ । ମାଆ ଅଧିକାଂଶ ସମୟରେ ଗୋଟିଏ ମଣ୍ଡା ପିଠା ଗପ କହୁଥିଲା-ଗୋଟାଏ ଗଛରେ ମଣ୍ଡାପିଠା ସବୁ ଫଳିଥିଲା । ସେଥିରୁ ବହୁ ଲୋକେ ମଣ୍ଡାପିଠା ତୋଳି ଖାଉ-ଥିଲେ । ସେବତୀ ନାମରେ ଜଣେ କକେୟୀ ଝିଅ ଭଉଣୀ ଆମର ଥିଲା । ସେ ଭାରି ମଣ୍ଡା ପିଠା ପ୍ରିୟ ଥିଲା । ସବୁଦିନେ ସେ ବୁଢ଼ି ମାଆକୁ ଜିଗର କରେ ମଣ୍ଡାପିଠା ଗପଟି ଆଗ କହିବାକୁ, ବୁଢ଼ୀ ମାଆ ତାକୁ ଭାରି ଥଟ୍ଟା କରୁଥିଲା । ସେ ମଣ୍ଡାପିଠା ଗପ ଶୁଣି-ବାକୁ କହିବା ମାତ୍ରେ ଆମେ ସମସ୍ତେ ହସି ଉଠୁଥିଲୁ ।

କେଉଁ ଆଡ଼େ କିଛି ଦେଖିବା ପାଇଁ ଯିବାକୁ ପଡ଼ିଲେ ଆମ ଗୁକରମାନଙ୍କ କାନ୍ଧରେ ସବାର ହୋଇ ଯାଉଥିଲୁ । ଦଶହରା ପରି ଉତ୍ସବମାନ ଦେଖିଯିବା ଲାଗି ବୁଢ଼ାବାପାଙ୍କର ବଡ଼ ବଡ଼ ମାଡ଼ୁଆଳୀ ବନ୍ଧୁମାନେ ସେମାନଙ୍କର ଘୋଡ଼ାଗାଡ଼ି ପଠାଇ ଦେଉଥିଲେ । ଯଦି ଘୋଡାଗାଡ଼ି ସମ୍ଭବ ନ ହେଉଥିଲା ତେବେ ବୋଉ, ଖୁଡ଼ି, ପିଲା-ମାନେ ଓ କକେୟୀ ସମସ୍ତେ ଗୋଟିଏ ଶଗଡ଼ ଗାଡ଼ିରେ ଦଶହରା ଦେଖି ବାହାରୁଥିଲେ । ସେତେବେଳେ ପରଦା ପ୍ରଥା ଅତି ଭୀଷଣ ଥିଲା । ଟାଟି ଭିତରେ ଛୋଟ ଛୋଟ କଣା କରାଯାଇଥାଏ, ସେ କଣା ବାଟେ ବୋଉ, ଖୁଡ଼ିମାନେ ପ୍ରତିମା ଦେଖୁଥିଲେ ଆଗ ଓ ପଛରେ ପରଦା ପଡ଼ିଥାଏ । ସବା ଆଗରେ ଜଣେ ମୁରବୀ ବସୁଥିଲେ ।

ମୋହନ ଗୋସେଇଁଙ୍କ ରାସ ଓ ବଳଙ୍ଗା ଆର୍ଟ ଥିଏଟର୍ ଦେଖିବାକୁ ଆମ ଘରର ବୋଉ ଖୁଡ଼ୀମାନେ ସେହି ବଳଦଗାଡ଼ିରେ ଯାଉଥିଲେ । ଗାଈ ପଛରେ ବାଛୁରୀ ଗୋଡ଼ାଇଲା ପରି ମୁଁ ସବୁବେଳେ ବୋଉର କାନିକୁ ଧରି ତା ପଛେ ପଛେ ଦଉଡୁ-ଥାଏ । ମୋର ଏପରି ଅବସ୍ଥା ଦେଖି ବୁଢ଼ାବାପା ଦିନେ କହିଲେ–"ଆରେ ଏଇଟା ତା ବୋଉକୁ କିଛି କାମ କରାଇ ଦେବନି । ତାକୁ ଗୁହାଳି ଘରେ ନେଇ ବସାଅ ।"

Digitized by srujanika@gmail.com

ସେତେବେଳେ ମୋର ସମ୍ପୂର୍ଣ୍ଣ ଦିଗମ୍ବର ବେଶ ଥିଲା । ଲୁଗାଟା ମୋତେ ଭାରି ବିରକ୍ତ ଲାଗୁଥିଲା । ଗ୍ରହାଳି ଘରେ ଲଙ୍ଗଳା ହୋଇ ବସିବାଟା ଖରାପ । ତେଣୁ ବୋଉ ଗୋଟାଏ କଷ୍ଟା ଲୁଗା ମୋ ଅଣ୍ଟାରେ ବାନ୍ଧି ଦେଇଥାଏ, ସେ ଏପରି ଗଣ୍ଠି ପକାଇ ଦେଇଥାଏ ଯେ ତାକୁ ଖୋଲିବା ମୋ ପକ୍ଷରେ କଷ୍ଟକର । ମୋର ଏକା କାହିଁକି ଆମ ଘରର ସବୁ ପିଲାଙ୍କ ବେଶ ଅଦ୍ଭୁତ ପ୍ରକାରର । ଗୋଡ଼ରେ ରୂପା ଖଡ଼ୁ, ହାତରେ ରୂପା ଖଡ଼ୁ, କହୁଣୀ ପାଖରେ ୨ଟା ଖଡ଼ୁ, ଅଣ୍ଟାରେ ଗୋଟିଏ ରୂପା ଗୋଠ, ବେକରେ ଗୋଟିଏ ସୁନା ଗୋପ । ଆଜିକାଲିକା ସମୟ ହୋଇଥିଲେ ସମସ୍ତେ ଝିଅ ବୋଲି ଠଉରାଇ ନେଇ ଥାନ୍ତେ । କଷ୍ଟାଟିଏ ଗୁଡ଼ାଇ ହୋଇ ମୁଁ ଗ୍ରହାଳୀ ଘରକୁ ଗଲି, ବନ୍ଧୁ-ବାନ୍ଧବ ଭିତରୁ ଜଣେ କିଏ ମୋ ହାତ ଧରି ଗ୍ରହାଳି ଭିତରକୁ ନେଇ ଯାଇଥିଲେ, ଗ୍ରହାଳୀ ଘରର ବର୍ଣ୍ଣନା ମୁଁ ପରେ ଦେବି ।

ସେଠି ମୋର କେତେ ଜଣ ନାନୀ (ବଡ ଭଉଣୀ) ପାଠ ପଢ଼ୁଥିଲେ । ଜଣେ ମାଟି ବଂଶ ଅବଧାନ ପାଠ ପଢ଼ାଉଥିଲା । ସେ ଅବଧାନେ ଅବଶ୍ୟ ବେତ ବ୍ୟବହାର କରୁ ନଥିଲେ, ବୋଧ ହୁଏ ସମସ୍ତେ ଝିଅ ପିଲା ଥିବାରୁ ସେ ବାଡ଼ୋଉ ନଥିଲେ । ମୁଁ ତ ସହଜେ ମଣ ହେବା ପାଇଁ ସେଠି ବସିଥିଲି, ତେଣୁ ମୋ ଉପରେ ମଧ୍ୟ ତାଙ୍କର କିଛି ଆକ୍ରୋଶ ନଥିଲା : ୨/୩ ଦିନ ପରେ ତଳ ଚଟାଣରେ ଥିବା ଟାଇଲିରେ ଗୋଟିଏ ଇଟା ଘଷିଦିଆ ଗଲା । ତା ଦେହରେ ଅବଧାନେ ୍ଟା 'ଠ' ଲେଖି ଦେଲେ । ମୋ ହାତରେ ଗୋଟିଏ କୋଚିଲା ଖଡ଼ି ଧରାଇଦେଇ ଅବଧାନେ ମୋ ହାତକୁ ଧରି 'ଠ' ଉପରେ ବୁଲାଇବାକୁ ଲାଗିଲେ, ତାଙ୍କ ହାତ ସାଙ୍ଗେ ମୋ'ହାତ ବୁଲୁଥାଏ । ଅବଧାନେ କହୁଥା'ନ୍ତି—"କହ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର," ମୁଁ ମଧ୍ୟ ଆଗ୍ରହର ସହିତ ମୁଣ୍ଡ ହଲାଇ କହିବାରେ ଲାଗିଥାଏ—"ବମା, ବିଷ୍ଣୁଁ ମହେଛଲ" ମୋର ଆଗ୍ରହ ଦେଖି ସେଠି ବସିଥିବା ମାମୁଁ, କକେୟୀ ଆଦି ବହୁଲୋକ କହିବାକୁ ଲାଗିଲେ- ଆରେ ବାଃ । ଏ ଟୋକାଟା ଭଲ ପଢିବ । ଚାରି ପାଞ୍ଚ ଥର ମୋ ହାତକୁ ବୁଲାଇ ଦେଇ ଅବଧାନେ ମୋ ହାତକୁ ଛାଡ଼ିଦେଲେ, ବସିଥିବା ମୁରବୀମାନେ ମୋତେ ଉତ୍ସାହ ଦେବାକୁ ଲାଗିଲେ—ହୁଁ ହୁଁ ଲେଖ୍ ଲେଖ୍, ହୁଁ ହୁଁ ମଡ଼ା ମଡ଼ା, ଦେଖି ଦେଖି । ସେମାନଙ୍କର ଉତ୍ସାହ ବାଣୀ ଶୁଣି ମୁଁ ହାତ ଚଳେଇଲି କିନ୍ତୁ ତାହା ବୃତ୍ତ ନ ହୋଇ ଖାଲି ଗାରମୟ ହୋଇଗଲା । ଜଣେ ମନ୍ତବ୍ୟ ଦେଲେ- "ହବ, ହବ ଧୀରେ ଧୀରେ ହବ । ଆଜି ସେତିକି ଥାଉ ।" ମୁଁ ଜାଣିଲି ମୋର ପଢ଼ା ସରିଗଲା, ଉଠି ଠିଆ ହେଲି, ସଙ୍ଗେ ସଙ୍ଗେ ଛୁଟି ମିଳିଗଲା । "ହଉ ହଉ ଯାଆ" ବୋଲି ଜଣେ କହିଲେ । ମୁଁ ଫୁରୁକୁଟିଆ ଡ଼ିଆଁଟାଏ ମାରିଦେଇ ପଳେଇଲି, ପ୍ରଥମ ସାହାଲା, ମଝି ସାହାଲା ପାର ହୋଇ ଏକାବେଳକେ ହାଣ୍ଡିଶାଳେ ଯାଇ ବୋଉ ପାଖରେ ପହଞ୍ଚିଲି । କଷ୍ଟାର ଗଣ୍ଠିକୁ ଫିଟାଇ ନପାରି କାନ୍ଦିଲି । ବୋଉ ସାଙ୍ଗେ ସାଙ୍ଗେ ଫିଟାଇ ଦେଲା, ତାପରେ ମୁଁ ବୋଉ ସାଙ୍ଗରେ ମିଶିଗଲି, ମୋ ଉପରେ ବୁଢାବାପା, ବାପା, ଦୁଇ କକେୟୀ, ଦୁଇ ଖୁଡ଼ି ମୁରବୀ ସ୍ଥାନୀୟ କେତେ ବନ୍ଧୁଙ୍କର ଗୋଛାଏ ଆଖି ରହିଥାଏ, ଟିକେ ଦଉଡ଼ି ଗଲେ—"ହେ ହେ ହେ'ଇ କାହିଁକି

Digitized by srujanika@gmail.com

ଦଉଡ଼ୁଛୁ ? ପଡ଼ିଯିବୁ ", କାହା ସହିତ ଝୁରି ଖାଇଲେ—"ହଇରେ ଦୁଷ୍ଟ କାହାଁକା" ଧୂଳିରେ ଅସନା ହେଲେ—"ହଇରେ ଧୂଳି କାହିଁକି ହେଉଛୁ ?" ଏହିପରି ପ୍ରତି ମୁହୂର୍ତ୍ତରେ କଟକଣାର ସମ୍ମୁଖୀନ ହେବାକୁ ପଡ଼ୁଥିଲା । ହାଣ୍ଡିଶାଳ ଭିତରକୁ ପଶିଯାଇ ବୋଉ କାନିଟାକୁ ଧରି ପକାଇଲେ ଏ ସବୁ କଟକଣା ଉଭେଇ ଯାଉଥିଲା । ତେଣୁ ବୋଉର ସାନ୍ନିଧ୍ୟ ମୋର ସବୁ ଠାରୁ ନିରାପଦ ସ୍ଥାନ ଥିଲା ।

ଏମିତି କିଛି ଦିନ କଟିବାପରେ ଦିନେ ଶୁଣିବାକୁ ପାଇଲି ବୋଉ ଓ ମୁଁ ମାମୁଁ ଘରକୁ ଯିବୁ । ମାମୁଁ ଆସି ନେଇଯିବେ, ଆଗରୁ ମାମୁଁ ଘର ଦେଖିଥିଲି କି ନାହିଁ ମୋର ମନେ ନାହିଁ । ଏଣୁ ମାମୁଁ ଘର ପ୍ରତି ମୋର ଆକର୍ଷଣ କି ବିକର୍ଷଣ ନ ଥିଲା । ଦିନେ ବଡ଼ି ଭୋରୁ ଆମ ଶଗଡ଼ରେ ଗଦି ପଡ଼ିଲା । ମାମୁଁ, ମୁଁ ଓ ବୋଉ ଶଗଡ଼ରେ ବସିଲୁ । ନାଲା ଓ ସୁନା ଦୁଇଟି ବଳଦ ଶଗଡ଼ରେ ଯୋଗ ହେଲେ । ଜଣେ ଗ୍ରକର ଆଗରେ ଶଗଡ଼ିଆ କାମ କଲା ଓ ପଛରେ ଜଣେ ଗ୍ରକର ଦଣ୍ଡା ଧରିଲା । ଗାଡ଼ି ମାମୁଁ ଘର ଅଭିମୁଖେ ଗ୍ରଲିଲା ।

ଶଗଡ଼ଗାଡ଼ିରେ ପ୍ରାଏ ୧୬ ମାଇଲ ବାଟ ଯିବା ବଡ଼ ବିରକ୍ତିକର ଓ କ୍ଳେଶ-ଦାୟକ ଜଣା ଯାଇ ଥାନ୍ତା, ମାମୁଁ ଓ ବୋଉକୁ କେମିତି ଲାଗୁଥିଲା କେଜାଣି ମୋତେ କିନ୍ତୁ କିଛି ଖରାପ ଲାଗିନି, ଶଗଡ଼ ଭିତରେ ମୁଁ ପ୍ରାୟ ୧୮/୧୯ ଥର ଶୋଇଥିବି ଓ ଉଠି-ଥିବି । ତେଣୁ ମୋତେ ବିରକ୍ତି ଲାଗିବାର ପ୍ରଶ୍ନ ନଥିଲା । ବାଟରେ ବଳଦମାନଙ୍କୁ ପାଣି ପିଆଇବା ଲଗି ୨/୩ ଜାଗା ଶଗଡ଼ ଫିଟା ହେଉଥିଲା । ସବା ଶେଷରେ ଶଗଡ଼ ଗୋଟିଏ ନଈ ପାର ହୋଇ ମାମୁଁ ଘର ଗାଆଁ ଛୁଇଁଲା; ବୋଉ ଟିକେ ସତେଜ ହୋଇ-ଗଲା ପରି ଜଣାଗଲା । ମାମୁଁଙ୍କ ସାଙ୍ଗରେ ବେଶି ବେଶି କଥାବାର୍ତ୍ତା କଲା, ମାମୁଁଙ୍କୁ କେତେ କଥା ପଗ୍ରରୁ ଥାଏ, ଅଳ୍ପ ସମୟ ଭିତରେ ଆମ ଗାଡ଼ିଟି ମାମୁଁଘର ଦ୍ୱାର ମୁହଁ ପାଖରେ ଫିଟାଗଲା । ମାମୁଁଘର ଭିତରୁ ମାଇଁ ଆସି ବୋଉକୁ ନେଇଗଲା, ଆଉଜଣେ କିଏ ମୋତେ କାଖେଇ ପକାଇଲା, କେତେ ଜଣ ମୋତେ 'ଗମ ଗମ' କହିକରି ଗେଲ କରିପକାଇଲେ । ସନ୍ଧ୍ୟା ହୋଇ ଆସୁଥାଏ । ସେଦିନ ମାମୁଁଘରର ଭୂଗୋଳ ଦେଖି-ବାର ସୁବିଧା ନଥିଲା । ପରଦିନ ମୋ ସାଙ୍ଗରେ ଖେଳ ଓ ଦୌଡ଼ା ଦୌଡ଼ି କରିବା ଲାଗି ବହୁତ ଛୁଆ ମିଳିଗଲେ, ସେମାନଙ୍କ ସାଙ୍ଗରେ ମୁଁ ରାସ୍ତାରେ ଦୌଡ଼ା ଦୌଡ଼ି କରିବାକୁ ଲାଗିଲି । ମାମୁଁ ଘରକୁ ଲାଗି କରି କାଶିନାଥ ମହାନ୍ତିଙ୍କ ଘର । ଆମର ଜ୍ଞାନ ପୀଠ ପୁରସ୍କାର ବିଜେତା ଗୋପିନାଥ ମହାନ୍ତି ତାଙ୍କର ଜ୍ୱାଇଁ । ତାଙ୍କର ବିଭା-ଘର ବେଳକୁ ମୁଁ ବଡ଼ ହୋଇ ଯାଇଥିଲି, ଦିନେ ମାମୁଁ ମୋତେ ହରି ମହାନ୍ତିଙ୍କ ଘରକୁ ନେଇଗଲେ । ହରି ମହାନ୍ତି କାଶିନାଥ ମହାନ୍ତିଙ୍କ ଭାଇ । ସେ ଆମ ବୁଢ଼ା ବାପା ହରିମିଶ୍ରଙ୍କର ସଙ୍ଗାତ ଥିଲେ । ମୋତେ ଦେଖିବା ମାତ୍ରେ ମାମୁଁଙ୍କ ପାଖରୁ ନେଇଗଲେ ଏବଂ ପାଖରେ ବସାଇଲେ । କିଛି ଗେଲ କରିବା ପରେ ମୋତେ ମିଠେଇ ଖାଇବାକୁ ଦେଲେ । କାଶିନାଥ ମହାନ୍ତିଙ୍କ ପୁଅ ବଂଶୀ ମହାନ୍ତିଙ୍କୁ ସେ ପୁଅ କରି ନେଇଥିଲେ, ବଂଶୀ ମହାନ୍ତି ସେତେବେଳକୁ ଟୋକା ହୋଇ ସାରିଥିଲେ, ପ୍ରତିଦିନ ସକାଳେ ଆମେ

Digitized by srujanika@gmail.com

ସବୁ 'ପାଇକା' ନଈକୁ ଗାଧୋଇବାକୁ ଯାଉ, ସେତେବେଳେ ପାଇକା ନଈରେ ବହୁତ ବଡ଼ ବଡ଼ ଚିଙ୍ଗୁଡ଼ି ହୋଇଥାଏ । ମୁଁ ଚିଙ୍ଗୁଡ଼ି ଭଲପାଏ ଜାଣି ବଂଶୀ ମହାନ୍ତି ଗୋଟା ଗୋଟା ବଡ଼ ଚିଙ୍ଗୁଡ଼ି ଧରି ମୋତେ ଦିଅନ୍ତି । ମୁଁ ଖୁସିରେ ତାକୁ ନେଇ ଚାଲି ଆସେ । ମାମୁଁ ଘରେ ଆକଟର ଚିହ୍ନ ବର୍ଣ୍ଣ ନଥିଲା । ସେଥିଲାଗି ମୋର ଦୁଷ୍ଟାମୀ ଟିକେ ବଢି ଯାଇଥିଲା । ଦିନେ ଗୋଟିଏ ଯୋଗୀ ମାମୁଁ ଘର ପିଣ୍ଡାକୁ ଉଠିଲା । ମୁଁ ଘରଭିତରକୁ ଦୌଡ଼ି ଯାଇ କବାଟ ଆଉଜାଇ ଦେଇ କିଳିଣୀ ଲଗାଇଦେଲି ଓ ଖଣ୍ଡେ ପାଞ୍ଚଣ ବାଡ଼ି ଧରି ଲୁଚି ଠିଆ ହୋ'ଇ ରହିଲି । ଯୋଗୀଟି କବାଟର କିଳିଣୀଟିକୁ ଖୋଲି ଦେବା ଲାଗି ପାଖରେ ଥିବା ଗୋଟିଏ ଫାଟରେ ହାତ ଭର୍ତ୍ତି କରି କିଳିଣୀ ଆଡ଼କୁ ଆଣିଲା । ସେତିକି-ବେଳେ ତା ହାତରେ ମୁଁ ପାଞ୍ଚଣରେ ପାହାରେ ଦେଲି । ତାକୁ କାଟିଲା ପରି ପାହାର ଅବଶ୍ୟ ମୁଁ ଦେଇ ନ ଥିଲି । ମୋର ମଧ୍ୟ ସେପରି ବାଡ଼େଇବାର ଜୋର ନଥିଲା । ତଥାପି ସେ ଯୋଗୀଟି ପାଟି କରି ଉଠିଲା । ମୁଁ ଭୟରେ କିଳିଣୀଟି ଖୋଲିଦେଲି । ତା' ହାତରେ ଗୋଟିଏ ଫଟା ଥାଳ ଥିଲା । ଯୋଗୀଙ୍କ ପାଟି ଶୁଣି ବୋଉ ଦଉଡ଼ି ଆସିଲା । ସେ ବୋଉକୁ କହିଲା—"ଦେଖ ଛୁଆବାବୁ ମୋ ଥାଳକୁ ପିଟି ଫଟାଇଦେଲେ ।" ବୋଉ ଏକାବେଳେକେ ଭୀତତ୍ରସ୍ତ ହୋଇ ପଡ଼ିଲା । ଯୋଗୀକୁ ମାରିବା ଗୋଟିଏ ବିରାଟ ଅପରାଧ । ଯୋଗୀଟି ସେ ବହୁତ ଅନୁନୟ ବିନୟ କରି ବୁଝାଇଲା ଓ କ୍ଷମା ମାଗିଲା, ମୋ ପାପର କ୍ଷାଳନ ପାଇଁ ତାକୁ ଘର ଭିତରକୁ ଡ଼ାକି ନେଇ ଖାଇବାକୁ ଦେଲା ଏବଂ ଯୋଡ଼ିଏ ପଇସା ଦେଲା । ତାପରେ ପୁଣି ମୋ ମୁଣ୍ଡରେ ଟିକେ ହାତ ବୁଲାଇ ଦେଇ ମୋତେ ଆଶୀର୍ବାଦ କରିବା ଲାଗି ଅନୁରୋଧ କଲା । ସେ ମଧ୍ୟ ମୋ ମୁଣ୍ଡରେ ହାତ ବୁଲାଇ ଦେଇ କହିଲା—"ବାଳୁତ ପିଲା, ଜାଣି ନାହିଁ ।"

ଘରୁ ମାମୁଁ ଘରକୁ ଆସିଲାବେଳେ ମୋ ମୁଣ୍ଡରେ ଗୋଟାଏ ବଥ ଉଙ୍କି ମାରୁଥିଲା, ମାମୁଁ ଘରକୁ ଆସିବା ପରେ ତାହା କ୍ରମେ ବଡ଼ ହୋଇ ଏକ ନୁଟୁପୁଟିଆ ବଥରେ ପରିଣତ ହେଲା । ମୁଁ କିନ୍ତୁ ତାହାର ବେଦନା କିଛି ଜାଣି ପାରୁ ନଥାଏ,ଦିନେ ମାମୁଁ ମୋତେ କାଖରେ ଧଇଲେ । ଗୋଟିଏ ଗାଉଁଲି ସର୍ଜନ ଭଣ୍ଡାରୀକୁ ସେ ଆଗରୁ ଡକାଇ ଥିଲେ । ଭଣ୍ଡାରୀ ତା କ୍ଷୁରଟାକୁ ପ୍ରସ୍ତୁତ କରି ରଖିଥିଲା । ମାମୁଁ ଯାକିଯୁକି ମୋତେ ଧରି ଥା'ନ୍ତି । ସେ ବଥଟାକୁ ପଚ୍‌କରି କାଟି ଦେଲେ । ମୁଁ ଚିଲେଇ ଉଠିଲି; ଗିନାଏ ଖଣ୍ଡେ ପୂଜ ବାହାରି ଗଲା । ସେ ବାରିକକୁ ମୁଁ ଭାରି ଭୟ କରିଗଲି, ୨/୪ ଦିନେ ଘାଆଟି ଶୁଖିଗଲା । କିନ୍ତୁ ବାରିକକୁ ମୋର ଭୟଟା ରହିଗଲା । ମୁଁ ଦୁଷ୍ଟାମୀ ଆରମ୍ଭ କଲେ ହେଇ ବାରିକ ଆସିଲା ବୋଲି କେହି କେହି କହି ଦେଉଥିଲେ, ମୁଁ ଭୟରେ ବାରିଆଡ଼କୁ ଦୌଡ଼ି ପଳାଉଥିଲି ।

ବୋଧହୁଏ ୧୫।୨୦ ଦିନ ମୁଁ ମାମୁଁଘରେ ରହିଲି । ଆମ ଘରୁ ଜଣେ ଖବର ଯାଇ ପହଞ୍ଚିଲା । ଘରକୁ ଫେରିବା ଲାଗି ସମସ୍ତେ କହିଛନ୍ତି ବୋଲି କହିଲା । ଦିନେ ଦୁଇ ଦିନପରେ ମାମୁଁଘର ଗୋଟିଏ ବଳଦ ଗାଡ଼ି ସଜିଲି କଲେ । ମାମୁଁ

Digitized by srujanika@gmail.com

ଘରର ଆନନ୍ଦର କୁଆରଟାକୁ ବାରିକ ଭଙ୍ଗା ପକାଇ ଦେଇଥିଲା । ତେଣୁ ମାମୁଁଘର ପରିତ୍ୟାଗ କରିବାରେ ମୋର ଦୁଃଖ ନଥିଲା । ବୋଉ ଗାଡ଼ିରେ ବସିବାର ପ୍ରାୟ ଘଣ୍ଟାକ ଆଗରୁ ଜୋରରେ କାନ୍ଦିବାକୁ ଲାଗିଲା । କାହିଁକି ସେ କାନ୍ଦିଲା ମୁଁ କିଛି ବୁଝି ପାରିଲି ନାହିଁ । ଗାଆଁର ବହୁତ ସ୍ତ୍ରୀ ଲୋକ ତା କାନ୍ଦଣା ସହ ଯୋଗ ଦେଇଥିଲେ । ତାହା ଏକ ସର୍ବନାଶିଆ କାନ୍ଦଣା ପରି ଶୁଭୁଥିଲା । ମୁଁ ମନେ ମନେ ଭାବିଲି ବୋଉକୁ ସିନା କିଏ ମାରିଲା ସିଏ କାନ୍ଦୁଛି, ଏମାନେ କାହିଁକି କାନ୍ଦୁଛନ୍ତି ? ମୁଁ କଥାଟିର ସାର-ଭଙ୍ଗକରି ନପାରି ଚୁପ୍ ରହିଲି । ଶଗଡ଼ରେ ବସିଲି । ବୋଉ ସେମିତି କାନ୍ଦୁଥାଏ, ମାଇଁ, ଆଉ କେତେଜଣ ସ୍ତ୍ରୀଲୋକ ନଈ କୂଳଯାଏ ବିଦାୟ ଦେବାକୁ ଆସିଲେ । ମାମୁଁ ସାଙ୍ଗରେ ଆସିଲେ । ମୋର ହେତୁହେବା ପରେ ମୁଁ ଆଉ ଥରେ ବୋଉ ସହ ମାମୁଁ ଘରକୁ ଯାଇଥିଲି । ସେତେବେଳକୁ ମୋର ଭଲମନ୍ଦ ବୁଝିବାର ଜ୍ଞାନ ଆସି ଯାଇଥାଏ । ମାମୁଁ-ଙ୍କର ବଡ଼ ଝିଅ ଶାଶୁଘରକୁ ଯିବା ଉପଲକ୍ଷେ ବୋଉ ଓ ମୁଁ ମାମୁଁଘରକୁ ଆସିଥିଲୁ । ଯେଉଁଦିନ ମାମୁଁଙ୍କ ବଡ଼ ଝିଅ ଶାଶୁଘରକୁ ବାହାରିଲା ସେଦିନ ବୋଉ ଓ ଦୁଇ ମାଉସୀ, ମାଇଁ ଆଦି ସମସ୍ତେ ଏତେ ଜୋରରେ କାନ୍ଦିଲେ ଯେ କାନ ଅତଡ଼ା ପଡ଼ି-ଗଲା । ମାମୁଁଙ୍କ ଝିଅ ଉପାମାନାନୀ ପହିଲେ ଟିକେ ହୁଁ ହୁଁ ହେଲା । ସେ ହୁଁ ହୁଁ ଟା କ୍ରମେ ଉଁ ଉଁ ରେ ପରିଣତ ହେଲା । ତାହାପରେ ବିକଟ ଚିତ୍କାର କରି ସେ ମଧ୍ୟ କାନ୍ଦିବାକୁ ଲାଗିଲା । ସେ କାନ୍ଦଣା ସଙ୍ଗରେ ଗୀତ ବୋଲିଯାଉଥାଏ । କାନ୍ଦଣା ଭିତରେ କିଏ ସରସ ହେବ, ତା'ର ଏକ ପ୍ରତିଯୋଗିତା ଲାଗିଥାଏ, ମୁଁ ମନେ ମନେ ଭାବୁଥାଏ ଏମିତି ଏମାନେ କାହିଁକି କାନ୍ଦୁଛନ୍ତି । ସିଏତ ତା'ର ଶାଶୁଘରକୁ ଯାଉଛି, ଏମାନଙ୍କର କି ଅନିଷ୍ଟ ହେ'ଇଯାଉଛି ଯେ ? ଉପମାନାନୀ ସବାରୀରେ ବସି ପ୍ରାୟ ୨୦୦ ଗଜ ଦୂରରେ ଥିବା ତା ଶାଶୁଘରକୁ ଚାଲିଗଲା । ତାପରେ ମାମୁଁ ଘରେ ସମସ୍ତେ ଆନନ୍ଦ କଳ-ରୋଳ ଆରମ୍ଭ କରିଦେଲେ । ସବା ସାନ ପୋହଜୀ ମାଉସୀ ହସି ହସି କହିଲା-'ଉପାମ ଏମିତି କାନ୍ଦି ପାରିବ ବୋଲି କିଏ ଜାଣିଥିଲା ମ ?' ଏପରି ଉତ୍କୃଷ୍ଟ କାନ୍ଦଣା କାନ୍ଦି-ଥିବାରୁ ଉପାମକୁ ସମସ୍ତେ ବାହାଧଇ ଦେଇ ଆନନ୍ଦ ଧ୍ୱନି କରିଥିଲେ । ସେତେବେଳେ ମୁଁ ଭାବିଥିଲି—ଆରେ ହେ ଏମାନେ ମହା ଠକ । ପେଟରେ ତ ଏତେ ଆନନ୍ଦ ଥିଲା କାନ୍ଦ ବାହାରିଲା କୁଆଡୁ ? ପ୍ରଥମ କାନ୍ଦଣା ତତ୍ତ୍ୱ ମୁଁ ଏତେଦିନେ ଧରି ପାରିଛି ।

ଆମ ବଳଦଗାଡ଼ି ନଈ ପାର ହୋଇ ସଡ଼କରେ ପହଞ୍ଚିଲା, ଦିନ ୪ଟା ୫ଟା ବେଳକୁ ଆସି ନୂଆ ବଜାର ପୋଲ ପାଖରେ ହେଲା । ସେତିକିବେଳେ ଅଗ୍ନକ ମେଘ ଘୋଟି ଆସି କୁକୁଡ଼ା ଅଣ୍ଡା ପରି କୁଆପଥର ଅଜାଡ଼ି ଦେଇଗଲା । ପାଖରେ ଥିବା ଲୋକମାନେ ପାଟି କରି ଉଠିଲେ- "ବଳଦ ଫିଟାଇ ଦେ" । ଶଗଡ଼ିଆ ସଙ୍ଗେ ସଙ୍ଗେ ବଳଦ ଫିଟାଇ ଦେଲା । ତାଳତାଟି ଉପରେ ଗାବୁ ଗାବୁ ହୋଇ କୁଆପଥର ମାନ ପଡ଼ୁଥାଏ । କିନ୍ତୁ ତାଟି ଫୁଟି ନଥିଲା । ଆମମାନଙ୍କର କିଛି ମଧ୍ୟ କ୍ଷତି ହୋଇନଥିଲା । ବର୍ଷା ଥମିଯିବାରୁ ପୁଣି ବଳଦ ଯୋଗୁ ହେଲା । ସନ୍ଧ୍ୟାବେଳେ ଆମେ ଘରେ ଆସି ପହଞ୍ଚିଲୁ ।

Digitized by srujanika@gmail.com

ଆମ ଘରର ପର୍ବପର୍ବାଣୀ-

ଆମ ଘରେ ସବୁଠାରୁ ବଡ ପର୍ବ ହେଲ ଦୁର୍ଗାପୂଜା । ଆମ ପିଲମାନଙ୍କର ସବୁଠାରୁ ବେଶି ଆକର୍ଷଣ ଥିଲା । ନୂଆ ଲୁଗା ଓ କାମିଜ୍, ବାଧାହୀନ ବୁଲାବୁଲି,ପାଞ୍ଚ ଦିନ ବ୍ୟାପୀ ସୁସ୍ୱାଦୁ ଭୋଜନ, ସପ୍ତମୀ ପୂର୍ବରୁ ବୁଢ଼ାବାପା ଓ କକେୟାଙ୍କ ସାଙ୍ଗେ ଆମେ ବଜାରକୁ ଯାଉ । ସେଠି ଜଣେ ଦରଜୀ ଆମର ସବୁ ମାପଚୁପ ନିଏ । ବେଳେ-ବେଳେ ଆମେ କୋଟା ପାଇଁ ଅଳି କରୁ । ତାହା ମଧ୍ୟ ମଞ୍ଜୁରୀ ପାଇଥାଏ । ଯଥା ସମୟରେ ସେସବୁ ଆସି ଆମ ଘରେ ଥୁଆ ହୋଇଥାଏ, ସପ୍ତମୀ ଦିନ ସକାଳେ ସେ ସବୁ ଆମମାନଙ୍କୁ ଦିଆଯାଏ । ସପ୍ତମୀ ଦିନ ସକାଳେ ଆମ ଘରେ ପୂଜା ପାଉ-ଥିବା ପିତଳ ଦୁର୍ଗାମୂର୍ତ୍ତିଙ୍କୁ ଖଟୁଲିରୁ କାଢି ଆଣି ମଜାମଜି କରାଯାଏ । ଲେମ୍ବୁ ପାଣିରେ ମଜାମଜି କରିବା ଦ୍ୱାରା ତାହା ଖୁବ୍ ଚକ୍ ଚକ୍ ହୋଇଯାଏ । ମୂର୍ତ୍ତିଙ୍କୁ ଭଲଭାବରେ ଗାଧୋଇ ପାଧୋଇ ଦେଇ ତାଙ୍କ ପାଇଁ କିଣା ହୋଇ ଆସିଥିବା ନୂଆ ଜରୀଲୁଗା ପିନ୍ଧାଇ ଦିଆଯାଏ । ତାପରେ ସୁ ସଜ୍ଜିତ ଖଟୁଲିରେ ତାଙ୍କୁ ଥୁଆଯାଏ । ସକାଳୁ ସକାଳୁ କିଛି କିଛି ମିଠାଇ ଆମେ ଖାଇଥାଉ । ମୁଁ ସହଜେ ଗୋଟିଏ ଧରମ ପେଟୁ ଥାଏ । ସବୁବେଳେ ଭାବୁଥାଏ କେତେବେଳେ ୧୦ଟା ବାଜିବ, ଠାକୁରାଣୀ ପୂଜା ସରିବ ଆଉ ଆମେ ଖେଚୁଡ଼ି, ତିଅଣ ଓ କ୍ଷୀରି ଇତ୍ୟାଦି ଖାଇବୁ । ଘଣ୍ଟାଟା ୧୦ ବାଜିବାକୁ ମଠମଠ କରୁଛି ବୋଲି ମୁଁ ଅନୁଭବ କରେ । ଖାଇସାରି ଅମେମାନେ ସମସ୍ତେ ସାହି ଟୋକାଙ୍କ ସହିତ ଦଳବାନ୍ଧି ବୁଲୁ । ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀ ଓ ଏକାଦଶୀ ଗୁଡ଼ିକ ମହାବେଗରେ ପଳାଉଥିବାରୁ ମନରେ ଭାରି ଦୁଃଖ ଜାତ ହେଉଥିଲ ।

ତା'ପରେ ଆସେ କାଳୀପୂଜା । କାଳୀପୂଜା ଦିନ ସନ୍ଧ୍ୟା ପୂର୍ବରୁ ଦୀପାଳୀ ମାନଙ୍କରେ ତେଲ ଦେଇ ଆଳୁଅ ସଜାଇବାରେ ଅନେକ ଲଗିଯା'ନ୍ତି, ମୁଁ ବୁଢ଼ାବାପାଙ୍କ ସହିତ ମାଡୁଆଳୀ ପଟିରେ ଥିବା ଔଷଧ ଦୋକାନକୁ ଚାଲିଯାଏ । ବାଟରେ କାଳୀମୂର୍ତ୍ତି ଦେଖିଦିଏ । ଆମ ସାଙ୍ଗରେ ଜଣେ ଚାକର ଗୋଟିଏ ବଡ଼ ବେତା ନେଇ ଯାଇଥାଏ । ବେତାଟି ଦୋକାନରେ ଥୁଆ ହୁଏ । ବହୁ ମାଡୁଆଳୀ ବନ୍ଧୁ ପୁଳା ପୁଳା ଫୋଟକା ଓ ଅନ୍ୟାନ୍ୟ ଆତସବାଜି ଆଣି ସେହି ବେତାରେ ପକାନ୍ତି । ଆମେ ଫେରିଲା ବେଳକୁ ବେତାଟି ନାନାବିଧ ଆତସବାଜିରେ ପୂର୍ଣ୍ଣ ହୋଇଯାଇଥାଏ । ଚାକର ତାକୁ ମୁଣ୍ଡାଇ ଆମ ଘରକୁ ଆସେ । ଘରେ ପହଞ୍ଚିବା ମାତ୍ରେ ପଇଆ ଶ୍ରାଦ୍ଧ ଆରମ୍ଭ ହୋଇ-ଯାଏ । ଆମେ ସବୁ କାଉଁରିଆ ବିଡା ଧରି ଶ୍ରାଦ୍ଧପାଖରେ ନିଆଁରେ ଲଗାଉ ଏବଂ ଜଳନ୍ତା କାଉଁରିଆ କାଠିଗୁଡ଼ିକୁ ଦାଣ୍ଡକୁ ନେଇ ଆସୁ । କାଉଁରିଆ କାଠି ଦାଣ୍ଡରେ ଥୁଆ ହେବା ମାତ୍ରେ ବାଣ ଫୁଟା ଆରମ୍ଭ ହୋଇଯାଏ । ଆମେ ସବୁ ଝୁରୁଝୁରିଆ ରଙ୍ଗିନ୍ ଦିଆସିଲି, ଚଡଚଡ଼ି ଫୁଟାଉ । ଫୋଟକା ଫୁଟାଇବାକୁ ଭୟ ହୁଏ । ଅବଶ୍ୟ ଅନ୍ୟର ହେମତ୍ ଓ ଉପଦେଶ ପାଇ ଗୋଟାଏ ଅଧେ ଫୋଟକା ଫୁଟାଉ । ବେଳେ-ବେଳେ ହାତରେ ଥିବା ଅବସ୍ଥାରେ ଗୋଟା ଗୋଟା ଫୋଟକା ଫୁଟିଯାଏ । ତା'ପରେ

Digitized by srujanika@gmail.com

ଭୟରେ ଆଉ ଫୁଟାଉ ନାହିଁ । ବଡ ବଡ ହାଉବେଲୀ ଓ ଡବଲ ଫୋଟକାମାନ ବଡ଼ ମଣିଷମାନେ ଲଗାନ୍ତି । ହାଉବେଲୀ ମାନଙ୍କର ଗର୍ଜନ ଶୁଣି ଆମ କାନ ତାବଦା ହୋଇଯାଏ । ଅନାର, ମହତାପ, ଚକ୍ରି ଆଦି ବାଣ ବୟସ୍କମାନଙ୍କ ପାଇଁ ଉଦ୍ଦିଷ୍ଟ ଥାଏ । କେବଳ ଆମ ଘର ନୁହଁ, ଆମ ଦାଣ୍ଡଟା ବିସ୍ତୃତ ହୋଇ ଥିବାରୁ ସମସ୍ତେ ସେହିଠାରେ ଫୋଟକା ଫୁଟାନ୍ତି । ଫୋଟକା ଫୁଟା ସରୁ ସରୁ ରାତି ପ୍ରାୟ ୧୨ଟା ବାଜିଯାଏ । ଦୋକାନରୁ ଫେରିଲା ବେଳେ ଆମେ ବାଟରେ ଦୋକାନୀ ମାନଙ୍କର ଆଖି ଝଲସିଆ ରୋଷନୀ ସବୁ ଦେଖୁ । ଅଧିକାଂଶ ଦୋକାନ ଦୀପ ଆଲୁଅରେ ସଜ୍ଜା ହୋଇଥାଏ । ବଡ଼ ବଡ଼ ଦୋକାନରେ ଗ୍ୟାସ ଅଲୁଅର ଝାଡ଼ ଶୋଭାପାଉଥାଏ ; ଦୋକାନ ଭିତରେ ଏକାଧିକ ପଞ୍ଚ ଲାଇଟ୍ ଲାଗି ଦୋକାନଟିକୁ ଦିନ ପରି କରିଦେଇ ଥାଏ । ଫଳନ୍ତି ଓ ଅଫଳନ୍ତି କଦଳୀ ଗଛରେ ଦୋକାନ ଆଗଗୁଡ଼ିକ ସଜ୍ଜା ହୋଇଥାଏ । ସେ ସମୟରେ ଦେବାଳିର ୧୦।୧୨ ଦିନ ଆଗରୁ ପ୍ରତି ଅଧ ମିନିଟ୍‌ରେ ଗୋଟାଏ ଦି'ଟା ଢ଼ୋ ଢ଼ା ଶବ୍ଦ ଶୁଭୁଥାଏ । ଦେବାଳି ଦିନ ପ୍ରତି ସେକେଣ୍ଡରେ ଶହ ଶହ ଫୋଟକାର ଶବ୍ଦ ଶୁଭୁଥାଏ । ସକାଳୁ ଉଠି ଦାଣ୍ଡକୁ ଚାହିଁଲେ ଦାଣ୍ଡଟି ପ୍ରାୟ ଆଣ୍ଠିଏ ବହଳର ତାଳ-ପତ୍ରରେ ଭର୍ତ୍ତି ହୋଇ ଯାଇଥିବାର ଦେଖୁ । ରାତିରେ ଗୋଟିଏ ଗୋଟିଏ ଫୋଟକା ଫୁଟେ ନାହିଁ । ବଡ଼ ବଡ଼ ପିଲାଏ ତାକୁ ଗୋଟାଇ ଆଣି ପିଣ୍ଡାରେ ବସି ତାକୁ ଖୋଲନ୍ତି । ବାରୁଦ ତକ ଝାଡ଼ି ପିଣ୍ଡା ଉପରେ ଏକାଠି କରନ୍ତି । ଆମେ ସବୁ କ'ଣ ହେବ ବୋଲି ଭାବି ଚାହିଁ ଥାଉ । ସେ ବଡ଼ ପିଲା ଗୋଟାଏ କାଉଁରିଆର ନିଆଁ ଖୁଣ୍ଟା ଆଣି ସମସ୍ତଙ୍କୁ ଆଡେଇ ଦେଇ ଓ ନିଜେ ଟିକେ ଘୁଞ୍ଚିଯାଇ ବାରୁଦ ଦେହରେ ନିଆଁ କାଠି ଗେଞ୍ଜି ଦିଏ । ସେ ଭସ୍ସ କରି ଜଳିଯାଏ ଓ ଗୋଟାଏ ବଡ଼ ଆଲୁଅ ଦିଶେ । ଆମେ ସବୁ ଆଶ୍ଚର୍ଯ୍ୟ ହୋଇଯାଉ । ମୁଁ ଏଇ ନୂଆ ଗବେଷଣାଟିକୁ ମନେରଖି ନେଇଥିଲି । ଥରେ ସକାଳୁ ଉଠି ଫୁଟି ନଥିବା ଫୋଟକା ସବୁ ଗୋଟାଇଲି, ଗୁଡ଼ାଏ ଫୋଟକା ମିଳିଲା । ତାକୁ ସବୁ ଫିଟାଇ ଗୋଟାଏ କାଗଜରେ ରଖିଲି । ତାହା ଗୋଟାଏ ପୁଡ଼ିଆ ହୋଇଗଲା । ବାରୁଦ ସଙ୍ଗରେ ଏପରି ଖେଳୁଥିବାର ଦେଖି ଜେଜେମା ଆସି ମୋ କାନଟିକୁ ମୋଡ଼ି ଦେଲେ ଏବଂ ସେ ବାରୁଦ ତକ ଗୋଟାଏ ପୁଡ଼ିଆ କରିଦେଇ ବାଡ଼ି ଆଡ଼ର ହାତ ନପାଇବା ଭଳି ଗୋଟିଏ କାନ୍ଥ କୁଗରେ ରଖିଦେଲେ । ଆମ ଘରେ କଂସା ବାସନ ମାଜୁଥିବା ଗୋଟିଏ ଛୁଆ ଝିଅ ଥିଲା, ନାଁ ତାର ହେମ । ଜେଜେମାଙ୍କର କାନ୍ଥ କୁଗରେ ବାରୁଦ ପୁଡ଼ିଆ ରଖିବାଟା ତା ଦୃଷ୍ଟିରୁ ଲୁଚି ରହି ପାରିଲା ନାହିଁ । ବଡ ବଡ ମଣିଷ ନଥିଲାବେଳେ ସେ ତହିଁ ଆରଦିନ ମୋତେ ଗୁପ୍ତରେ ଡ଼ାକିଲା । "ନାମ ଆ ହାଓ୍ୱା କଲିବା" । ମୁଁ ପଚାରିଲି—ବାରୁଦ କୋଉଠି ଅଛି ? ସେ ବାରୁଦ ରଖା-ଯାଇଥିବା ଥାନଟି ମୋତେ ଦେଖାଇ ଦେଲା । ଆମ ଦୁହିଁଙ୍କ ହାତ ସେଠିକି ପାଇବା ଅସମ୍ଭବ ଥିଲା ! ନିକଟରେ ଥିବା ଗୋଟିଏ ଉଗୁଡ଼ା ମାଟିକୁଣ୍ଡକୁ ସେ ଓ ମୁଁ ଦୁହେଁ ଲାଗିପଡ଼ି ବହୁ କଷ୍ଟରେ କାନ୍ଥକୁଗ ତଳକୁ ଠେଲି ଠେଲି ନେଇ ଆସିଲୁ । ସେ କୁଣ୍ଡ ଉପରେ ଚଢ଼ି ବାରୁଦ ପୁଡ଼ିଆଟିକୁ ତଳକୁ ନେଇ ଆସିଲା । ମହାନନ୍ଦରେ ଆମେ ଦୁହେଁ ତାକୁ ଫିଟାଇ ହାଓ୍ୱା କରିବା ଲାଗି ପ୍ରସ୍ତୁତ ହୋଇଗଲୁ । ଗୋଟାଏ କରଛୁଲିରେ

Digitized by srujanika@gmail.com

ଟିକିଏ ନିଆଁ ଥିବା ଗୋଟିଏ ବଡ଼ ଅଙ୍ଗାର ମୁଣ୍ଡା ସେ ଆଣିଲା । ମୁଁ ତାକୁ ବାରୁଦ ଉପରେ ଫକାଇ ଦେଲି । ଅଙ୍ଗାରଟା ତଳକୁ ରହିଗଲା ନିଆଁଟା ଉପରକୁ ରହିଗଲା । ତେଣୁ ହାଓ୍ୱା ହେଲା ନାହିଁ । ମୁଁ ଆଙ୍ଗୁଠିରେ ସେ ଅଙ୍ଗାରଟାକୁ ଏପାଖ ସେପାଖ କଲି ଓ ସେ ତାକୁ ଫୁଙ୍କିଲା । ହାଓ୍ୱାର କରାମତି ସେଦିନ ସଙ୍ଗେ ଅନୁଭବ କରି ନେଲୁ । ଭସ୍‌କରି ଗୋଟାଏ ବଡ଼ ନିଆଁ ଉପରକୁ ଉଠିଗଲା । ତା ବାଳତକ ସବୁ ପୋଡ଼ିଯାଇ ଫୁରୁକୁଟି ଗନ୍ଧ କଲା । "ଇଲେ ଇଲେ" ହୋଇ ସେ ପାଟିକଲା । ତାର ସମ୍ପୂର୍ଣ୍ଣ ମୁହଁଟି ଓ ମୋର ଦୁଇହାତ ଯାକ କଳା ପଡ଼ିଗଲା । ମୁଁ ଭୟରେ ତଟସ୍ଥ ହୋଇଗଲି । ତାର ମାଆ ତାର କାନ୍ଦଣା ଶୁଣି ଦୌଡ଼ି ଆସିଲା । ତାକୁ ସାନ୍ତ୍ୱନା ଦେବା ପରିବର୍ତ୍ତେ ତା ପିଠିରେ ବିଧା ଗୁପୁଡ଼ା ଲଦିବାକୁ ଲାଗିଲା । ଆଉ ଅନ୍ୟମାନେ ଦୌଡ଼ି ଆସି ତାକୁ ମାରିବାକୁ ବାରଣ କଲେ । କକେୟୀ କୋଉଠୁ ଶୁଣି ଧାଇଁ ଆସିଲେ । ମୋତେ ଗାଳି ଦେଇ କହିଲେ—ହଇରେ ମାଙ୍କଡ଼, ମୁଁ ଏଠି ଆଣି ବାରୁଦ ପୁଡ଼ିଆ ଥୋଇଲି । ତଥାପି ତୋ ଆଖିକୁ ଦିଶିଗଲା । ସଙ୍ଗେ ସଙ୍ଗେ ହେମର ଓ ମୋର ଚିକିତ୍ସା ଆରମ୍ଭ ହୋଇଗଲା । ତା ମୁହଁରେ ଗୋଟାଏ ପ୍ରସ୍ତ ଖ୍ୱେପା ଓ ମୋ ଦୁଇ ହାତରୁ ୨ଟା ଖ୍ୱେପା ଛାଡ଼ିଗଲା । ବାଳୁତ ବୟସ ଥିବାରୁ ସବୁ ହଜମ ହୋଇଗଲା । ଏତକ ହେବା ପାଇଁ ପ୍ରାୟ ମାସେ ସମୟ ଲାଗିଲା । ଏ ଘଟଣାର ବହୁଦିନ ଯାଏ ଆମ ଘରର ଲୋକେ ତାକୁ ଦେଖିଲେ କହୁଥିଲେ—'ଆ ନାମ ହାଓ୍ୱା କଲିବା' ।

ଏହା ପରେ ଆମଘରେ ଆଉ ଗୋଟିଏ ବଡ଼ ପର୍ବ ପାଳନ୍ତି; ତାହା ହେଉଛି କାର୍ତ୍ତିକ ପୂର୍ଣ୍ଣିମା ବା ଡଙ୍ଗା ଭସା ଉତ୍ସବ । ସେ ସମୟରେ କାର୍ତ୍ତିକ ପୂର୍ଣ୍ଣମୀକୁ ଏତେ ଶୀତ ପଡ଼ୁଥାଏ ଯେ ପଦାକୁ ବାହାରିଲେ ଦେହ କନକନ ହୋଇଯାଉଥାଏ । ପୂର୍ଣ୍ଣମୀ ପୂର୍ବଦିନ ରାତିରେ ଡଙ୍ଗାସବୁ କିଣା ହୋଇ ଆସେ । ବୋଉ ଓ ଖୁଡ଼ିମାନେ ସୋଲ ଡଙ୍ଗାରେ ବତୀ ସବୁ ଫୋଡ଼ି ଲଗାନ୍ତି, ପ୍ରାୟ ରାତି ୪ଟା ବେଳେ ସମସ୍ତେ ଉଠନ୍ତି । ଡଙ୍ଗା, ଲୁଗା-ପଟା ଓ ବାଣ ସହ ଆମକୁ ନେଇ ପୋଖରୀକୁ ଯାନ୍ତି । ଶୀତରେ ଥରୁଥିବାରୁ ଆମେ ଘୋ ଘଇ ହୋଇ ଥାଉ । ପୋଖରୀ କୂଳରେ ନିଆଁ ପୁଇଁବା ପାଇଁ ଆମ ପାଇଁ କିଛି ନିଆଁ ଜଳାଇ ଦିଅନ୍ତି, ସେମାନେ ଆଗ ସମସ୍ତେ ଗାଧୋଇ ପଡ଼ନ୍ତି । ତାପରେ ଆମ-ମାନଙ୍କୁ ନେଇ ଗାଧୋଇ ଦେଇ, ଦୀପ କାଠିକୁ ଜଳାଇ ଦେଇ ଆମ ହାତରେ ଡଙ୍ଗା ଧରାଇ ଦେଇ ଭସାଇବାକୁ କୁହନ୍ତି । ଆମେ ସମସ୍ତେ ଆଗରୁ ଗୀତ ଶିଖିଥାଉ । ଭସାଇଲାବେଳେ ବୋଲୁ—"ଅକାମାଆ ଗୋଇଲେ, ପାନ ଗୁଆ ଖାଇଲେ, । ପାନ ଗୁଆ ତୋର, ମାସକ ଧରମ ମୋର" । ଶୁଖିଲା ଲୁଗା ସବୁ ସାଙ୍ଗରେ ଯାଇଥାଏ । ଡଙ୍ଗାଭସାଇ ଦେବାପରେ ଓଦାଲୁଗା ସବୁ ଫୋପାଡ଼ି ଦେଇ ଆମେ ଶୁଖିଲା ଲୁଗା ପିନ୍ଧୁ ଓ ନିଆଁ ପୋଉଁ । ସେତିକିବେଳେ ଫୋଟକା ସବୁ ଫୁଟାଉ । ଏଇ ଫୋଟକା ତକ ଫୁଟାଇବା ଲୋଭରେ ଆମେ ଶୀତରେ ଥୁରୁଥୁରୁ ହୋଇ ଗାଧୋଉ । ଆମ ସାହିର ପ୍ରାୟ ସମସ୍ତେ ଆମର ପୋଖରୀରେ ଯାଇ ଡଙ୍ଗା ଭସାନ୍ତି, ଅନ୍ଧାରରେ ଆମ ପୋଖରୀ ଗୋଟାଯାକ ଡଙ୍ଗାଗୁଡ଼ିକର ଦୀପ ଆଲୁଅରେ ବଡ଼ ସୁନ୍ଦର ଦେଖାଯାଉ-ଥିଲା । ଘରକୁ ଆସି ଦିନ ବେଳା ଖେଚେଡ଼ି ଓ ତିଅଣ ଓ ସନ୍ଧ୍ୟା ବେଳକୁ ମଣ୍ଡାପିଠା

Digitized by srujanika@gmail.com

ପାଇଁ ପାଟିରୁ ନାଳ ଗଡାଇବାରେ ଲଗିପଡ଼ୁ । ଅତି ପିଲା ହୋଇଥିବାରୁ 'ବାଲିଯାତ୍ରା' ଦେଖିବାର ସୌଭଗ୍ୟ ଆମମାନଙ୍କର ନଥିଲା । ସେତେବେଳେ ସମସ୍ତେ ଗ୍ଲି ଗ୍ଲି ବାଲିଯାତ୍ରା ପଡ଼ିଆକୁ ଯାଉଥିଲେ । ପିଲା ହୋଇଥିବାରୁ ଏତେବାଟ ଗ୍ଲି ପାରିବୁନି ବୋଲି ଆମକୁ ସେଠାକୁ ଯିବାକୁ ଦିଆ ହେଉ ନଥିଲା । ବଡ଼ ବଡ଼ ମାନେ ଯାଉଥିଲେ । ଆମେ ଭଲକରି ଜାଣିଥାଉ ସେମାନେ ରାତି ୮ଟା ୯ଟା ବେଳକୁ ଫେରିଲା ବେଳେ ସାଙ୍ଗରେ ଶିଳପୁଆ ପରି ଗୋଲପକାମ୍ଫ , ଛୋଟ କଖାରୁ ପରି ରସଗୋଲା ଓ ଲଡୁ ନିଶ୍ଚୟ ଆଣିବେ । ଆସିବାମାତ୍ରେ ଆମେ ବେଢିଯାଉ ଏବଂ ତା ଦେହରୁ ଅଂଶ ବିଶେଷ ସବୁ ପାଉ । ସେହି ସମୟରେ ଗୋଟିଏ 'ବୋଲି' ଶୁଣାଯାଉଥିଲା—'ଆରେ ଛତରା । ଦଶରା ଗଲା, ଦିଆଲି ଗଲା ଆସୁଛି ବାଲି ଯାତରା' ।

ବାଲି ଯାତ୍ରାଟି ଗ୍ଲିଯିବା ପରେ ଆମ ମନ ଯାହାସବୁ କଷ୍ଟ ହେଉଥାଏ ତାକୁ କିଂଚିତ୍ ଲଘବ କରି ଦେଉଥିଲା ପୋଢୁଆଁ ଅଷ୍ଟମୀ, ଆମ ଘରେ କେବଳ ମଝିଆଁ ଖୁଡ଼ି ଓ ମଝିଆଁ କକେୟାଙ୍କ ପୁଅ ପୋଢୁଆଁ ହୁଅନ୍ତି । ମୋ ଉପରେ ଜଣେ ନାନୀ ପୋଢୁଆଁ ହୋଇ ମରିଯାଇଥିବାରୁ ମୁଁ ପୋଢୁଆଁ ହବାର ଦାବୀ ହରାଇଥିଲି । ଭଇନାଙ୍କ ପାଇଁ ତାଙ୍କ ମାମୁଁ ଘରୁ ଲୁଗା ଓ ମିଠେଇ ଆସେ । ମୁଁ ତ ପୋଢୁଆଁ ନୁହେଁ ମୋପାଇଁ ଆସିବ ବା କାହିଁକି । ମୁଁ କିନ୍ତୁ ଜବରଦସ୍ତି ପୋଢୁଆଁ ହେବା ଲାଗି ବହୁତ କନ୍ଦାକଟା କରିବାରୁ ବୋଉ ଗୋଟାଏ ବାସି ଲୁଗା ଆଣି ମୋତେ ପିନ୍ଧାଇ ଦେଇ ଭଇନାଙ୍କ ପାଖରେ ବସାଇ ଦିଏ । ତାଲୁଅ ଯୋଗୁ କାନିସିରି ପାଣି ପାଇଲା ପରି ମୁଁ ପୋଢୁଆଁ ହେବାର କିଂଚିତ୍ ସୁଖ ପାଇଯାଏ, ଅସଲ ସୁଖ ଏଣ୍ଡୁରି ପିଠା ଖାଇ-ବାରେ । ଘରର ସମସ୍ତେ ଏଣ୍ଡୁରୀ ଖାଉଥିଲେ ସୁଦ୍ଧା ପୋଢୁଆଁ ଆଗ ଖାଏ । ଆଗ ଖାଇବାର ସୁଖଟା ଅବଶ୍ୟ ଲୋଭନୀୟ ଥିଲା ।

ଏହାପରେ ଲକ୍ଷ୍ମୀ ପୂଜା ଆସୁଥିଲା, ସେଥିରେ ମଧ୍ୟ ବହୁତ ପିଠାପଣା ହୁଏ । ଏସବୁ ବାଦ ଆହୁରି ଅନେକ ଛୋଟ ଛୋଟ ପର୍ବ ଥାଏ । ରଜ ପର୍ବରେ ସେହିପରି ରାତି ୪ଟାରେ ଉଠି ଗାଧୁଆ ପାଧୁଆ କରିସାରି ପୋଡ଼ପିଠା ଖାଇବାରେ ଲାଗିଯାଉ । ପୂର୍ବ ଦିନ ରାତିରେ ବୋଉ ଓ ଖୁଡ଼ିମାନେ ଅଳଙ୍କାର ପତ୍ର ସବୁ ମାଜିମୁଜି ରଖିଥାନ୍ତି । ରଜ ପର୍ବର ଭୋରରୁ ଏସବୁ ଏବଂ ନୂଆ ଲୁଗା ପିନ୍ଧି ସେମାନେ ସାହି ପଡ଼ୋଶୀଙ୍କ ଘରକୁ ଯାନ୍ତି । ସେମାନେ ମଧ୍ୟ ଆମ ଘରକୁ ଆସନ୍ତି, ରଜରେ ଗୋଟିଏ ଜିନିଷ ବିଷୟ ବର୍ଣ୍ଣନା କଲେ ପାଠକମାନଙ୍କୁ ବିଶେଷ ଆମୋଦ ଦେଇ ପାରେ ।

ଆମ ଘରେ ସେଦିନ ଫନିଗ୍ରାଫ ବାଜିବାର ବ୍ୟବସ୍ଥା ହୋଇଥାଏ । ସେତେ-ବେଳେ ସେ ଖଣ୍ଡମଣ୍ଡଳରେ ଫୁନ୍ଦଇବାଲା ଗୋଟିଏ କୁକୁର ମାର୍କା ଫନିଗ୍ରାଫ୍ ଅଳ୍ପ ଦୂରରେ ଥିବା ଆମ ସୂର୍ଯ୍ୟବନ୍ଧୁ ଶ୍ୟାମସୁନ୍ଦର ନନ୍ଦଙ୍କ ଘରେ ଥାଏ । ଦିନ ପ୍ରାୟ ୮ଟା/୯ଟା ବେଳକୁ ଜଣେ ଦିଲ୍ଲଣ ଗ୍କରଙ୍କ ସହିତ ଆମେ ୨।୩ ଜଣ ପିଲା ଫନିଗ୍ରାଫ୍ ଆଣିବାଲାଗି ସେଠାକୁ ଯାଉ । ଆମ ଭିତରୁ ଜଣେ ଫୁନ୍ଦଲଟା ଧରେ, ଜଣେ ଗ୍କର

Digitized by srujanika@gmail.com

ବାକ୍‌ସଟିକୁ ମୁଣ୍ଡାଏ, ଆଉ ଜଣେ ଗ୍ଭକର ରେକର୍ଡ ବାକ୍‌ସଟିକୁ ମୁଣ୍ଡାଇ ଫେରୁ ସାଉଣ୍ଡ୍ ବକ୍‌ସଟିକୁ ନନ୍ଦଙ୍କଘର ସାନପୁଅ ଭଗିରଥୀ ନିଜ ହାତରେ ଧରି ଆମ ସହିତ ଆସନ୍ତି । ମୁଁ ଥରେ ତାଙ୍କୁ କହିଥିଲି—"ସେଇଟା ଆମକୁ ଦଉନା ଆମେ ନେଇଯିବୁ" ସେ କିନ୍ତୁ ସାଉଣ୍ଡ୍ ବକ୍‌ସର ଗୁରୁତ୍ୱ ଆମମାନଙ୍କୁ ବୁଝାଇବାକୁ ଯାଇ କହିଥିଲେ—

ପିଲେ ବୁଝିଲ । ଏ ଫନିଗ୍ରାଫ୍ ଭିତରେ ଏଇଟି ହେଲ ଅସଲ ଜିନିଷ । ଏଇଟି ନଥିଲେ ଏ ଫୁନ୍ଦଲ, ଏ ବାକ୍‌ସ, ଏ ରେକର୍ଡ କେହି କିଛି କାମ କରିପାରିବେନି । ଏଇଟି ହେଲ ଫନିଗ୍ରାଫର ଜୀବନ । ଏଇଟି ଲଗିବା ମାତ୍ରେ ଫନିଗ୍ରାଫ୍‌ରେ ଜୀବପନ ପଶେ ଏବଂ ସେ ଗାଇ ଉଠେ । ତେଣୁ ଏ ଜିନିଷଟିକୁ ମୁଁ ନିଜେ ନେଇକରି ଯିବି । ପିଲଙ୍କ ହାତରେ ଦେବି ନାହିଁ । ଅତି ହୁସିଆର ହୋଇ ଏହାକୁ ବ୍ୟବହାର କରିବାକୁ ହୁଏ । ଟିକେ ଓଲମ ବିଲମ ହେଲେ ଏଥିରୁ ଜୀବନ ଛାଡ଼ିଯିବ । ମୋର ଭରି କୌତୂହଳ ଜାତ ହେଉଥିଲା । ଜୀବନଟା କେମିତିଆ ଓ ତା ଭିତରେ ସେ କେଉଁଠି ଲୁଚିରହିଛି, ତାହା ଦେଖିବି । ଘରେ ଗ୍ରାମ୍‌ଫୋନ୍ ବାଜି ଉଠିଲବେଳେ ମୁଁ ଗୀତ ଫିତ ନଶୁଣି ସାଉଣ୍ଡ୍ ବକ୍‌ସରେ ଜୀବନଟା କେଉଁଠି ଅଛି ଏବଂ ତାହା କି କାମ କରୁଛି ତାହାକୁ ନିରେଖି କରି ଗ୍ଭହୁଁଥାଏ । ଗ୍ରାମଫୋନ୍ ବାଜିଲବେଳେ ଆମ ଘରେ ଜମି ଯାଇଥିବା ବନ୍ଧୁବାନ୍ଧବମାନେ ଗ୍ଭରିଆଡ଼େ ତାକୁ ଆବୋରି ବସୁଥିଲେ, ସମସ୍ତେ ମୋହନ ଗୋସେଇଁଙ୍କର ଗୀତଗୁଡ଼ିକୁ ଭରି ତାରିଫ୍ କରୁଥିଲେ । ଜଣେ ଜଣେ କହୁଥିଲେ—"ମୋହନ ଗୋସେଇଁଙ୍କଠାରେ ଈଶ୍ୱରଙ୍କଘ ଗୋଟାଏ କଳା ନିଶ୍ଚୟ ଅଛି ।" ତା ନହେଲେ ଜଣେ ମଣିଷ ପକ୍ଷରେ ଏପରି ଗୀତ ବୋଲିବା ଅସମ୍ଭବ । ମୁଁ କିନ୍ତୁ ଈଶ୍ୱର, କଳା, ମୋହନ ଗୋସାଇଁଙ୍କ ଗଳା, ବିଷୟ ମୁଣ୍ଡରେ ପୂରଉ ନଥିଲି । ମୁଁ ଖାଲି ଗ୍ଭହିଁଥାଏ ସାଉଣ୍ଡ୍ ବକ୍‌ସକୁ ଆଉ ସବୁବେଳେ ଜୀବନଟାକୁ ତା ଭିତରେ ଖୋଜୁଥାଏ । ମହନ ଗୋସେଇଁଙ୍କର କଳା କେଉଁ ବାଟ ଦେଇ ସେ ଯନ୍ତ୍ରରେ ପଶୁଛି ଏବଂ ସେଇଠୁ ଗୀତ ବାହାରି ପଡୁଛି, ତାହାହିଁ ଦେଖିବା ଲଗି ଟାକି ରହିଥାଏ । କିନ୍ତୁ କିଛି ନ ପାଇ ହତାଶ ହୁଏ । ଗୀତର ପ୍ରଭବ ମୋ ଉପରେ କିଛି ପଡୁ ନଥାଏ । ବଜାଣ ସାରି ନନ୍ଦେ ସାଉଣ୍ଡ ବକ୍‌ସଟିକୁ କାଢି ନେଇଯାନ୍ତି, ଅନ୍ୟ ସବୁ ଜିନିଷ ଆମ ଘରେ ରହେ । ତାପର ଦିନ ପୁଣି ସାଉଣ୍ଡ୍ ବକ୍‌ସକୁ ଆଣି ବଜାନ୍ତି । ଏହିପରି ୩ ଦିନ କଟିଯାଏ । ପ୍ରଥମ ଦିନ ରଜରେ ଆଉ ଗୋଟିଏ ବିଶିଷ୍ଟ ବିଷୟରେ ଆମେ ପିଲାଏ ଅଂଶଗ୍ରହଣ କରୁ । ସେଦିନ ଆମ ଘରକୁ ବରଫ ଆସିବ ବୋଲି ଆଗରୁ ସ୍ଥିର କରଯାଇଥାଏ । ସକାଳୁ ମୁଁ ଜଣେ ଗ୍ଭକର ସହ ରଣୀହାଟରେ ଥିବା ଆମର ଜଣେ ସମ୍ପର୍କୀ ବନ୍ଧୁଙ୍କ ଘରକୁ ଯାଏ । ସେ ଥିଲା ଜଣେ ବଡ଼ ମେକାନିକ୍ ନୀଳୁ ଗ୍ଭେଧୁରୀଙ୍କ ଘର । ସେ ମୋ ବୋଉକୁ ଧରମ ଝିଅ କରିଥିଲେ । ମୁଁ ସେଠାକୁ ଗଲେ ଆଈର ଆଦରରେ ବୁଡ଼ୁବୁଡ଼ୁ ହୋଇଯାଏ । ଆଈ ମୋତେ ଦେଖିଲା ମାତ୍ରେ ଆଗ କିଛି ମିଠାଇ ଖାଇବାକୁ ଦିଏ । ତାପରେ ଯାଇ ଯୋଉ କଥାବାର୍ତ୍ତା । ବରଫ ପାଇଁ ଆସିଛି ବୋଲି ମୁଁ କହିବା ମାତ୍ରେ ତା ପାଇଁ ସବୁ ବରଦ ହୋଇଯାଏ । ବରଫକଳର ଜଣେ କାରୀଗର ସେହି ଘରର ଲୋକ । ସେ ମୋର ମାମୁଁ ହୁଅନ୍ତି । ସେ ତାଙ୍କର ସକାଳ କାମସବୁ

Digitized by srujanika@gmail.com

ସାରି ଦେଇ ବରଫକଳକୁ ଯାନ୍ତି । ସେତେବେଳେ ସେ ବରଫକଳର ନାମ ଭୀମା ବରଫକଳ ଥିଲା କି ଆଉ କ'ଣ ଥିଲା ମୋର ମନେ ନାହିଁ । ମାମୁଁ ମୁଁ ଆଉ ଆମ ଚାକର ସେହି ବରଫ କଳ ଆଡେ ଯାଉ । ସେ କଳ ଘରର ପିଣ୍ଡାରେ ଠିଆ ହୋଇ ସେ ଘର ଭିତର ଆଡ଼େ ମୁଁ ବହୁତ ସମୟ ଧରି ଚାହେଁ । କେତେ ପ୍ରକାର ଯନ୍ତ୍ର ସବୁ ସେଠି ଚାଲିଥାଏ ମୁଁ ସେ ସବୁ ଦେଖି ହାବା ହୋଇଯାଏ । ଗୋଟିଏ କୁଣ୍ଡ ଭିତରୁ ଗୋଟିଏ ବଡ଼ ପଥର ପରି ଖଣ୍ଡେ ବରଫ ବାହାରି ଆସେ । ମୁଁ ଦେଖି ଆବାକ୍ ହୋଇଯାଏ, ମୁଁ ବରଫକୁ ଦେଖି ମନେ ମନେ ଭାବେ ପାଣି ହାଣ୍ଡିକୁ ଚୁଲି ଉପରେ ଥୋଇ ଜାଳଦେଲେ ତାହା ତ ଗରମ ହୋଇଯାଏ । କିନ୍ତୁ ଏଡ଼େ ଥଣ୍ଡା ହୁଏ କେମିତି ଓ ବରଫ ହୁଏ କେମିତି ? ଯନ୍ତ୍ର ତାକୁ କେମିତି ବରଫ କରେ ସେହି ବିଷୟ ନେଇ ମୁଁ ବହୁତ ଚିନ୍ତା କରେ କିନ୍ତୁ କିଛି ଥଳକୂଳ ପାଏ ନାହିଁ ଏହି ସମୟରେ ମାମୁଁ କ'ଣ ସବୁ ଟିକଟ ଫିକଟ କରଇ ଖଣ୍ଡେ ବରଫ କାଟି ଓଜନ କରନ୍ତି । ଦୁଇ ସେର ବରଫ କରତ ଗୁଣ୍ଡରେ ପୋତି ଦେଇ ଆମର ଚାକର ନେଇଥିବା ଗାମୁଛାରେ ବାନ୍ଧି ଦିଅନ୍ତି, ଚାକରଟି ଦୁଇ ଅଣା ପଇସା ସେଠାରେ ବସିଥିବା ବାବୁଙ୍କୁ ଦେଇ ଦିଏ । ଟିକଟ ନେଇ ଆମେ ଚାଲି ଆସୁ । ଘରେ ଆସି ବରଫ ବିଷୟରେ ଜାଣିବା ଲାଗି ଲାଗିପଡ଼େ । ସର୍ବତ ପ୍ରସ୍ତୁତ ହେଉଥିଲା ବେଳେ ଚୁନା ବରଫରୁ ଖଣ୍ଡେ ପାଟିରେ ଭର୍ତ୍ତି କରି 'ଇଲୋ ବାପା' ବୋଲି ପାଟିକରି ପୁଣିତାକୁ କାଢିପକାଏ, ବରଫଟା ଯା ତା ଦେହରେ ଘଷି ଦେଇ ନାନା କୌତୁକ କରେ । ମୁଁ କିନ୍ତୁ ବରଫ କିପରି ହେଲା ତାହା ସର୍ବତରେ ପଡ଼ି ଶେଷ ହେବା ପର୍ଯ୍ୟନ୍ତ ଭାବୁଥାଏ ।

ଏହାପରେ ଆମ୍ବ ଗଛରେ ଝୁଲୁଥିବା ଦୋଳିରେ ବସି ଆମେ ସବୁ ଝୁଲୁ । ଟିକେ ବେଶୀ ଝୁଲିଗଲେ ଆମକୁ ଡର ଲାଗେ । ତେଣୁ ଆମେ ଅଳ୍ପ ଅଳ୍ପ ଝୁଲୁ । ଯେଉଁ ବଡ଼ ମଣିଷମାନେ ପେଙ୍ଗାମାରି ଦୋଳିକୁ ଖୁବ୍ ଉପରକୁ ଉଠାଇ ନେଇ ଯାଉଥାନ୍ତି ସେମାନଙ୍କର କରାମତି ଦେଖି ବିସ୍ମିତ ହୋଇ ଯାଉଥାଉ । ସାହିର ମଙ୍ଗଳା ଦାଣ୍ଡରେ ଡୁ ଡୁ ଖେଳ ଓ କୁସ୍ତି ହୁଏ । ସେ ସମୟରେ ବାଜା ମଧ୍ୟ ବାଜେ । ଏହିପରି ୩ଟା ଦିନ କଟିଯାଏ ।

ଆଉ ସବୁ କେତେକ ଖାଇବା ପିଇବା ପର୍ବଥାଏ । ସେଗୁଡ଼ିକ ହେଲା ସମ୍ବର ଦଶମୀ, ଧନୁ ବା ମୁଆଁ ସଂକ୍ରାନ୍ତି, ଖଜା ବା ମକର ସଂକ୍ରାନ୍ତି, ଗଣେଶ ଚତୁର୍ଥୀ, ସରସ୍ୱତୀ ପୂଜା, ଜନ୍ମାଷ୍ଟମୀ ଇତ୍ୟାଦି । ଆମ ନିଜର ନହେଲେ ବି ମହରମ୍ ପର୍ବ ବା ତାଜିଆ ଆମକୁ ଭାରି ଆକୃଷ୍ଟ କରୁଥାଏ । ଏହି ପର୍ବଟି ମୁସଲମାନଙ୍କର ହୋଇଥିଲେ ସୁଦ୍ଧା ହିନ୍ଦୁ-ମାନେ ତହିଁରେ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରୁଥିଲେ । ତାଜିଆ ବାହାରିବାର ପୂର୍ବ-ଦିନ ରାତିରେ ଝୋଲାସାହି ଆଖଡା ଆମ ଘର ଆଗକୁ ଆସେ, ଆମ ସାହିର ପ୍ରାୟ ସବୁ ଭେଣ୍ଡିଆ ସେହି ଆଖଡ଼ାରେ ଅଂଶ ଗ୍ରହଣ କରନ୍ତି, ପଟା ବା ଖଣ୍ଡା ବୁଲାଇବା, ବାଡ଼ି-ଖେଳ, ସିଂହ ଖେଳ, ଛୁରୀ ଖେଳ ଆଦି ବାଜାବାଜିବା ସଙ୍ଗେ ସଙ୍ଗେ ଭେଣ୍ଡିଆମାନେ ଦେଖାନ୍ତି । ଆଖଡ଼ାରେ ଅଂଶ ଗ୍ରହଣ କରୁଥିବା ସମସ୍ତ ଭେଣ୍ଡିଆ ପ୍ରାୟ ହିନ୍ଦୁ ଥାନ୍ତି । ଆଖଡା ଦଳର ମୁରବୀ ହିସାବରେ ଜଣେ ମାତ୍ର ମୁସଲମାନ ଖଲିଫା ଭାବରେ ଥାଏ ।

Digitized by srujanika@gmail.com

ଆଖଡ଼ାମାନେ ବାହୁ ସାଧନା ବା ଜିମ୍ନାସିୟମର ଖେଳମାନ ଦେଖାଯାଏ । ଏହା ପ୍ରାୟ ଘଣ୍ଟାଏ ଖଣ୍ଡେ ରହେ । ଖଲିଫା କକେୟାଙ୍କଠାରୁ ଯୋଡ଼ିଏ ଟଙ୍କା ନେଇ ଆଖଡ଼ା ସହ ଅନ୍ୟତ୍ର ଯାଏ । ଏହା ପୂର୍ବରୁ ଦିନବେଳା ବାଘ ନାଚ ମଧ୍ୟ ହୁଏ । ମହରମ୍ ଦିନ ସକାଳୁ ଆମେ ନୂଆଲୁଗା ପିନ୍ଧି ଯାତ ଦେଖି ଯିବା ଲାଗି ଅଳିକରୁ, ନୂଆ ଲୁଗା ପାଇଁ ଆମେ ଭାରି ଅମାନିଆ ହେଉ । ଶେଷରେ ଆମକୁ ଧୋବଲୁଗା ଓ କମିଜ୍ ପିନ୍ଧାଇ ଛାଡ଼ି ଦିଆଯାଏ । ନୟାସଡ଼କରେ ଥିବା ଆମର ଔଷଧ ଦୋକାନକୁ ଆମେ ବଡ଼ ବଡ଼ୁଆଙ୍କ ସାଙ୍ଗରେ ଯାଉ । ସେହିଠାରେ ଗ୍ରାନ୍ଦିନୀଚଉକ ଆଡ଼ୁ ଆସୁଥିବା ଗୋଟିଏ ଗୋଟିଏ ତାଜିଆ ଦେଖୁ, ଦଶରା ମେଢ଼ ପରି କାରୁକାର୍ଯ୍ୟ ଖଚିତ ତାଜିଆ ସବୁ ବଡ ସୁନ୍ଦର ଦେଖାଯାଏ । ସବୁ ତାଜିଆ ଯିବାପରେ ଆମେମାନେ ଘରକୁ ଫେରୁ । ସେତେ-ବେଳେ ଆମେ ତାଜିଆକୁ ଆମର ଏକ ପର୍ବ ବୋଲି ଭାବୁଥିଲୁ । ପର୍ବପର୍ବାଣୀମାନଙ୍କରେ ହିନ୍ଦୁ ମୁସଲମାନମାନଙ୍କର ଏକତା ସେତେବେଳେ ଖୁବ୍ ଉଚ୍ଚ ସ୍ତରରେ ଥିଲା । ଆମ ବୁଢ଼ା ବାପା ଏକ ନୈଷ୍ଠିକ ହିନ୍ଦୁ ଥିଲେହେଁ ମୁସଲମାନଙ୍କ ପ୍ରତି ତାଙ୍କର ଶ୍ରଦ୍ଧା କିପରି ଥିଲା ତାହା ନିମ୍ନରେ କେତୋଟି ଘଟଣାରୁ ଜଣା ପଡ଼ିବ ।

ସେତେବେଳର ଡାକ୍ତର ସୟଦ ଏକରାମ ରସୁଲ ବୁଢ଼ାବାପାଙ୍କର ଧରମ ଭାଇ ଥିଲେ । ସେ ବୁଢ଼ାବାପାଙ୍କୁ ସବୁବେଳେ 'ଭାଇ ଭାଇ' ବୋଲି ଡାକୁଥିଲେ । ସେ ଆମ ଘରକୁ ଗଲେ ବୁଢ଼ାବାପାଙ୍କ ଖଟ ଉପରେ ଦୁହେଁ ବସି ହସଖୁସି ଗପ କରୁଥିଲେ ଦିନେ ଦିନେ ଯିବାକୁ ଡ଼େରି ହୋଇଗଲେ ସେ କହନ୍ତି–

"ଭାଇ ଡେରି ହୋଇଗଲା । ମୋର ନମାଜ ସମୟ ହେ'ଇଗଲାଣି, ଆଜି ଏଇଠି ନମାଜ କରିନେବି ।" ବୁଢ଼ାବାପା ସଙ୍ଗେ ସଙ୍ଗେ ଗୋଟିଏ ଚାକରକୁ ଡାକି ପାଣି ଦେବାକୁ ଓ ପିଣ୍ଡାରେ ସତରଞ୍ଜି ପକାଇ ଦେବାକୁ କହନ୍ତି, ଏକରାମ ରସୁଲ ଗୋଡ଼ହାତ ଧୋଇ ସେହି ସତରଞ୍ଜି ଉପରେ ନମାଜ ପଢୁଥିଲେ, ଆମେ ତାଙ୍କ ପଛରେ ଠିଆହୋଇ ତାଙ୍କର ନମାଜ ପଦ୍ଧତିସବୁ କୌତୂହଳର ସହିତ ଲକ୍ଷ କରୁଥିଲୁ । ତାଙ୍କର ନମାଜ ସରିଯିବା ପରେ ଆମେ ଜଣେ ଦିଜଣ ଠିକ୍ ସେହିପରି ସତରଞ୍ଜି ଉପରେ ନମାଜ ପଢୁ ,ବୁଢ଼ାବାପା ଓ ଏକରାମ ବାବୁ ଏହା ଦେଖି ହସରେ ଫାଟିପଡ଼ନ୍ତି । ଏକ୍-ରାମ ବାବୁ ଆମ ପାଖକୁ ଆସି କୁହନ୍ତି–

'ହଁ। ନମାଜ ପଢୁଛ ନା'

ଏତକ କହି ଆମମାନଙ୍କ ଗାଲକୁ ଟିକେ ଚିପି ଦିଅନ୍ତି ।

ଆଉ ଗୋଟିଏ ଦୃଷ୍ଟାନ୍ତ ମୁଁ ଦେଉଛି । ଆମ ବୁଢାବାପା ଏତେ ରକ୍ଷଣଶୀଳ ଯେ ଆମ ଠାକୁର ଘର ଆଗରେ ଯଦି ଜଣେ ହରିଜନ ଚାଲି ଯାଉଥିଲା ତେବେ ସେ ଭାରି ବିରକ୍ତ ହେଉଥିଲେ । ଯଦି କିଏ ଜଣେ ହରିଜନକୁ ଛୁଇଁ ଦେଉଥିଲା ତେବେ ସେ ଲୁଗା ପାଲଟି ପକାଇ ଲୁଗାକୁ ଧୋଉଥିଲା । ଆମ ଠାକୁର ଘର ଭିତରକୁ ଜଣେ ହରିଜନ ପଶିଯିବା କଳ୍ପନାତୀତଥିଲା । ଦିନେ ମହମ୍ମଦ ଯାକେରିଆଙ୍କ ପତ୍ନୀ ଆମ ଘରକୁ ଆସିଥିଲେ । ସେ

Digitized by srujanika@gmail.com

ମଧ୍ୟ ବୁଢ଼ାବାପାଙ୍କର ଧରମ ଭଉଣୀ ଥିଲେ, ସେ ଆସି ପହଞ୍ଚିଲାବେଳେ ବୁଢ଼ାବାପା ଠାକୁର ଘରେ ଚନ୍ଦନ ଘୋରୁଥିଲେ ଯାକେରିଆଙ୍କ ସ୍ତ୍ରୀ ଆସି ଠାକୁରଘର ଆଗରେ ଠିଆ ହୋଇ କହିଲେ–"ଭଇ ଏଇ ତୁମର ଠାକୁର ଘର ?" ବୁଢ଼ା ବାପା ଖୁସି ହୋଇ ଯାଇ କହିଲେ–"ହଁ ହଁ, ଏଇଟା ଆମ ଠାକୁର ଘର । ତୁ ଭିତରକୁ ଆ । ସବୁ ଠାକୁରଙ୍କୁ ଦେଖିନବୁ ।" ବୁଢ଼ୀ ଠାକୁର ଘର ଭିତରକୁ ପଶିଲେ । କାନ୍ଥରେ ହୋଇଥିବା ସବୁ ଦେବାଦେବୀଙ୍କ ବିଷୟରେ ବୁଢ଼ାବାପା ତାଙ୍କୁ ବୁଝାଇ ଦେଲେ । ବୁଢ଼ୀ ସେସବୁ ଦେଖି ଭରି ଖୁସି ହୋଇଗଲେ, କେବଳ ଏତିକି ନୁହେଁ ବୁଢ଼ାବାପା ଟିକେ ପାଦୁକ ପାଣି ତାଙ୍କ ଉପରେ ଛିଞ୍ଚି ଦେଲେ । ବୁଢ଼ୀ ଆନନ୍ଦରେ ଗଦଗଦ ହୋଇ କହିଲେ–

"ଭଇ ତୁମ ଠାକୁର ତକ ଭରି ଭଲ ।" ତାପରେ ବୁଢ଼ାବାପା ତାଙ୍କୁ ଖଟ ଉପରେ ବସିବାକୁ କହିଲେ । ସେ ମଧ୍ୟ ପୂଜାସାରି ତାଙ୍କ ସାଙ୍ଗରେ କଥାବାର୍ତ୍ତା ହେଲେ । ବୁଢ଼ାବାପା ପୂଜା ନସାରିବାଯାଏ ବୁଢ଼ୀ ଆମମାନଙ୍କୁ ଅତି ଆଦରରେ ଗେଲ କରୁଥାନ୍ତି । ମୁଁ ତାଙ୍କୁ ଜଣେ ବଢ଼ିଆ ଆଈ ବୋଲି ମନେ ମନେ ଭାବିଲି । ଏବେ ସେ ସବୁ କଥା ମନେ ପଡ଼ିଗଲେ ମନରେ ଭରି ଦୁଃଖ ଆସେ । ମନେ ମନେ ଭାବେ ବଦମାସ ରାଜନୀତିଜ୍ଞମାନେ ଏଇ ଦୁଇ ଜାତି ଭିତରେ କନ୍ଦଳ ଲଗାଇଦେଲେ ।

ଆମଘର ଏକ ପ୍ରସିଦ୍ଧ କବିରାଜ ଘର ହୋଇଥିଲେ ହେଁ ଦିହଟିକେ ଉଷୁମ ହେବା କିମ୍ବା ତର୍ଣ୍ଣି ପଡ଼ିବା ଇତ୍ୟାଦି ଭୂତ ପ୍ରେତଙ୍କ କାମ ବୋଲି ଧରି ନିଆଯାଏ, ଜ୍ୱରର ପ୍ରଥମାବସ୍ଥାରେ ଦେହ ଝଡ଼ାଝଡ଼ି କରିବାଲାଗି ଜଣେ ଗୁଣିଆକୁ ଡକାଯାଏ । ସେ ଗୁଣିଆଙ୍କୁ ସମସ୍ତେ ଡାକୁଥିଲେ ସତ୍ ଚମାର, ସେ ଥିଲେ ଖୁବ୍ ଡେଙ୍ଗା, ୭ଫୁଟ ଖଣ୍ଡେ ହେବ ପରା । ତ୍ରିପଣ୍ଡ କଳା, ବପୁ ପୃଥୁଳ ନୁହେଁ । ଖଣ୍ଡେ କରିଆ ସେ ପିନ୍ଧିଥାନ୍ତି, ପାଟିରେ ଗୋଟିଏ ପିକା ଜାକିଥାନ୍ତି । ସେ ଆସିବାମାତ୍ରେ ଆମକୁ ଜଣେ କୋଳରେ ଧରି ତାଙ୍କ ଆଗରେ ବସାଇ ଦିଏ । ସେ କ'ଣ ଫୁଟୁରୁ ଫାଟର ହୋଇ ଆମ ଦେହକୁ ଝାଡ଼ି ଦିଅନ୍ତି ଓ ଫୁଙ୍କି ଦିଅନ୍ତି । ଯଦି ଭୂତ ପ୍ରେତ ନ ଓହ୍ଲାନ୍ତି ତେବେ ଔଷଧର ବ୍ୟବସ୍ଥା କରାଯାଏ । ଏମିତି ଏମିତି ମୋର ୫ଟା ବର୍ଷ ଗଡ଼ି ଚାଲିଗଲା ।

ବିଦ୍ୟାରମ୍ଭ ବା' କାନଫୋଡ଼ା–

୫ ବର୍ଷ ଗଡ଼ିଯାଇଥିବାରୁ ଘରେ ସମସ୍ତେ ଭାଇନା ଓ ମୋର କାନଫୋଡ଼ାଟା ସାରି ଦେବାଲାଗି ତତ୍ପର ହୋଇ ଉଠିଲେ ।ଜ୍ୟୋତିଷୀ ଆସିଲେ । ଆଉ ୨।୩ଜଣ ପଣ୍ଡିତଙ୍କୁ ଡାକିଲେ । ବହୁ ନଥିପତ୍ର ଓ ଅଙ୍କ କଷା କଷି ହେବା ପରେ ଦିନ ସ୍ଥିର ହୋଇଗଲା । ବନ୍ଧୁ ବାନ୍ଧବମାନଙ୍କ ପାଖକୁ ଖବର ଚାଲିଗଲା । ମୋ ବୋଉ କାନଫୋଡ଼ା ପୂର୍ବରୁ ମୋ ଦେହକୁ ଟାଣ କରିବା ଲାଗି ମୋତେ ବୁଝାଉଥାଏ ଯେ' କାନ ଫୋଡ଼ାରେ କିଛି କଷ୍ଟ ଜଣାଯାଏ ନାହିଁ । ଛେନା ଗୁଡ଼ ଚକଟା ପ୍ରଥମେ ଖାଇବାକୁ ଦିଆଯାଏ । ତାକୁ ଖାଉଥିଲାବେଳେ ଭଣ୍ଡାରି କାନକୁ ଛୁଞ୍ଚିରେ ଫୋଡ଼ି ଦେଇ ଗୋଟିଏ ସୂତା ବାନ୍ଧି

Digitized by srujanika@gmail.com

ଦିଏ । ଭଲ ପିଲମାନେ ଟିକିଏ ହେଲେ ଉଁ ଆଁ ହୁଅନ୍ତି ନାହିଁ ।” ସେହି ଛେନା ଗୁଡ଼ କଥାଟା ମୋ ଦେହକୁ ପୂରାପୂରି ଟାଣ କରି ଦେଲା । ଅନେକ ପଣ୍ଡିତ ଓ ପୁରୋହିତ ନିମନ୍ତ୍ରିତ ହୋଇ ଆସିଥିଲେ । ବନ୍ଧୁବାନ୍ଧବମାନେ ଆସି ମଧ୍ୟ ଘରେ ଭର୍ତ୍ତି ହୋଇ ଯାଇଥିଲେ । କର୍ମ-କର୍ମାଣି ଓ ହୋମର ଧିମ୍ ଛୁଟିଲା । ବହୁ ମନ୍ତ୍ର ଯନ୍ତ୍ର ପଢ଼ା ଯିବା ପରେ ନଡ଼ିଆ ପିଟା ଆରମ୍ଭ ହେଲା । ମୁଁ ଛେନା ଖାଇବି ବୋଲି ବଡ଼ ଫୁର୍ତ୍ତି ହୋଇ ପଡ଼ୁଥାଏ । ଗୋଟାଏ ନଡ଼ିଆକୁ ଶିଳପୁତା ଉପରେ ଛେଚି ଦେଇ ଦିଫାଳ କରି ଦେଲି । ଉପସ୍ଥିତ ସମସ୍ତେ ମୋର କର୍ମ କୁଶଳତାକୁ ଭୂରି ଭୂରି ପ୍ରଶଂସା କଲେ । ସେଥିରେ ମୁଁ ଆହୁରି ଉତ୍‌ଫୁଲ୍ଲ ହୋଇଯାଇଥିଲି । ଭାଇନା କିନ୍ତୁ ଏକା ପାହାରକରେ ଦୁଇଫାଳ କରି ପାରିଲେ ନାହିଁ । ତାଙ୍କୁ ଏକାଧିକ ଥର ବାଡ଼େଇବାକୁ ପଡ଼ିଥିଲା । ଉପସ୍ଥିତ ସମସ୍ତେ ଫୁଟ୍‌ବଲ୍ ଖେଳାଳୀକୁ ଉତ୍ସାହିତ କଲା ପରି—

"ହାଁ, ହାଁ ! ବାଃ ! ଆଉଥରେ ଆଉଥରେ କିଛି ପରବାୟ ନାହିଁ" ଇତ୍ୟାଦି ଉତ୍ସାହପୂର୍ଣ୍ଣ ବାକ୍ୟରେ ତାଙ୍କୁ ତେଜୋଉଥିଲେ । ଶେଷରେ କାନଫୋଡ଼ାର ସମୟ ଆସିଗଲା ଭାଇନାଙ୍କ କାନଫୋଡ଼ା ବେଳେ ସେ ଭାରି ଜୋର୍‌ରେ କାନ୍ଦି ଉଠିଲେ । ମୁଁ କିନ୍ତୁ ଛେନା ଚକଟା ଖାଇବାରେ ଏତେ ତନ୍ମୟ ହୋଇ ଯାଇଥିଲି ଯେ ଛୁଞ୍ଚି ଫୋଡ଼ା କଷ୍ଟଟା ମୋତେ ବାଧିଲା ନାହିଁ । ଉପସ୍ଥିତ ସମସ୍ତେ ମୋତେ ହସାଇବାକୁ ବହୁତ ଚେଷ୍ଟା କରିଥିଲେ । ଏହିପରି ଭାବରେ କର୍ମକର୍ମାଣି ସରିଥିଲା । ପରଦିନ ଆମେ ଦୁହେଁ ନୂଆ କୋଠିଲା ଖଡ଼ି ଧରି ଚାହାଳିକୁ ଗଲୁ । ଖଣ୍ଡେ ଖଣ୍ଡେ ନୂଆ କସ୍ତା ଲୁଗା ମଧ୍ୟ ଆମେ ପିନ୍ଧିଥାଉ । ଆମ ଚାହାଳି ଘରର ବର୍ଣ୍ଣନା ମୁଁ ଏହାପରେ ଦେବି । ସେ ଚାହାଳି ଘରେ ଖାଉନ୍ଦେ ବନ୍ଧୁବାନ୍ଧବ ବସିଥା'ନ୍ତି । ଆମେ ଦୁହେଁ ଚାହାଳିରେ ପହଞ୍ଚିବା ମାତ୍ରେ ସମସ୍ତଙ୍କ ମୁହଁରୁ ଉତ୍ସାହ ଧ୍ୱନିର ସୁଅ ଛୁଟିଲା—

"ଆରେ ବାଃ ! ଏଇ ଠିକ୍ ପଢିବ । ଇଏ ଖୁବ୍ ଭଲ ପଢିବ । ଏହା କପାଳରେ ଖୁବ୍ ପାଠ ଅଛି, ଇତ୍ୟାଦି ଇତ୍ୟାଦି ।"

ମାଟିବଂଶ ଅବଧାନେ ଆମକୁ ଯଥା ସ୍ଥାନରେ ବସାଇଲେ । ହାତରୁ ଖଡ଼ି ନେଇ ତିନିଟି ମୁଣ୍ଡଳା ଲେଖି ଦେଲେ । ସେଗୁଡ଼ା ଆଗରୁ ଆମେ ଶିଖିଯାଇଥିଲୁ । ଏଇଟା ସରକାରୀ ଭାବେ ଥରେ ଲେଖିବାକୁ ପଡ଼ିଲା, ଅବଧାନଙ୍କ ଆଦେଶରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର କହି ମୁଣ୍ଡିଆ ମାରିଲୁ । ତାପରେ ବେସରକାରୀ ଭାବରେ 'ଅ, ଆ' ଆଦି କେତୋଟି ଅକ୍ଷର ପର୍ଯ୍ୟନ୍ତ ତ ଆମେ ଆଗେଇ ଯାଇଥିଲୁ । ତା'ର ମଧ୍ୟ ପୁନରାବୃତ୍ତି ସେତେବେଳେ କରାଗଲା । କେଉଁ ଅକ୍ଷର ଠାରୁ ଆମେ ନୂଆ ଆରମ୍ଭ କଲୁ, ତାହା ମୋର ଠିକ୍ ମନେ ନାହିଁ । ତେବେ ଅବଧାନେ ଯେଉଁ ନୂଆ ଅକ୍ଷର ଲେଖିଦେଲେ ତାକୁ ଉଚ୍ଚସ୍ୱରରେ ଡାକି ମଡ଼ାଇବାକୁ ଲାଗିଲୁ । ଆମ ସ୍ୱର ସହ ଅବଧାନ ମଧ୍ୟ ସ୍ୱର ମିଶାଇ ଥିଲେ । ତାକୁ ଲିଭାଇ ଦିଆଯାଇ ମନକୁ ଲେଖିବା ଲାଗି ଅବଧାନେ କହିଲେ । ମୁଁ ଅଷ୍ଟବକ୍ର ଋଷିଙ୍କ ପରି କେତୋଟି ଅକ୍ଷର ଲେଖିଲି । କେତୋଟି ଅକ୍ଷର ପାରିନଥିଲି ।

Digitized by srujanika@gmail.com

ତାକୁ ପୁଣି ଅବଧାନେ ଆଉଥରେ ମଡ଼ାଇଲେ । ସେଦିନର ପଢ଼ା ସରିଗଲା । ଗୁହାଳି ଘରରୁ ଛୁଟି ମିଳିବା ମାତ୍ରେ ମୁଁ ଡ଼ିଆଁଟା ମାରିଦେଇ ଏକାବେଳକେ ହାଣ୍ଡିଶାଳରେ ବୋଉ ପାଖରେ ପହଞ୍ଚିଲି । ବାରଣ୍ଡା ପାଖ ଦେଇ ଗଲାବେଳେ କଣ୍ଡାଟାକୁ ଝିଙ୍କିଝାଙ୍କି ଫୋପାଡ଼ି ଦେଲି । ଲଙ୍ଗଳା ହୋଇଯାଇ ବୋଉ ପାଖରେ ପହଞ୍ଚିଗଲି । ବୋଉ ସେତେବେଳେ ରନ୍ଧଣାରେ ଲଗିଥିଲା । ସେ ମୋତେ ଆଉଁସି ଦେଇ କେତେ ପଢିଛୁ ବୋଲି ପଚାରିଲା । ମୁଁ ସବୁପାଠ ପଢିନେଇଛି ବୋଲି କହିଲି । ବୋଉ ମୋ ପିଠିକି ଆଉଁସି ଦେଲା । ଘରିରେ ଔଷଧ ଘରର ବୈଠକ ଖାନାରେ ପାଠ ଅନ୍ୟମାନେ ପଢ଼ନ୍ତି । ଆମେ କିଛିଦିନ ଘରିରେ ଖାଲି ସେଠାରେ ବସୁଥିଲୁ ।

ଆମ ଗୁହାଳଘର—

ଆମ କୋଠାର ପ୍ରାୟ ୪୦।୫୦ ଫୁଟ ଆଗରେ ଆମ ଗୁହାଳି ଥିଲା । ଖୁବ୍ ଉଚ୍ଚା ପିଣ୍ଡା । ଏଡ଼େ ଉଚ୍ଚା ଯେ ଆମ ହାତ ପାଏନି । ପାହାଚ ଦେଇ ଆମେ ସବୁ ସେହି ଘର ଭିତରକୁ ଯାଉ । ଗୁହାଳି ଘରଟି ଗୋଟିଏ ଅଧା କାନ୍ଥି ଦ୍ୱାର ଦୁଇଭାଗରେ ବିଭକ୍ତ, ପଢ଼ା ଘରଟି ଖୁବ୍ ବଡ଼ । ଆମ ଛଡା ଆମ ଦଦେଇଙ୍କର ଝିଅ, ପୁଅ ଓ ସାହି ମଧ୍ୟରୁ ଆଉ ଜଣେ ଦି'ଜଣ ଛୁଆ ପିଲା ସେଠାରେ ପଢୁଥିଲେ । ବଡ଼ ଘରଟି ଅପେକ୍ଷାକୃତ ଛୋଟ ଥିଲା । ଭିତରେ ଗୋଟିଏ ଛୋଟ ବାଟ ସହିତ ତାହା ସଂଯୁକ୍ତ ଥିଲା । ଅଧାକାନ୍ଥି ଉପରେ ଅନ୍ୟାନ୍ୟ ଜିନିଷ ସହ ଅବଧାନଙ୍କର ଗୁଡ଼ୁଗୁଡ଼ୁ ସୁଟ୍ ବା ହୁକାନଳୀଟି ଥୁଆ ହୋଇଥାଏ । ସେ ହୁକାନଳୀକୁ ଆମେ ଗୁଡ଼ୁଗୁଡ଼ୁ ସୁଟ୍ ନାମ ଦେଇ ଥାଉ । କାରଣ ଅବଧାନେ ହୁକା ଟାଣିଲାବେଳେ ସେଥିରୁ ଗୁଡ଼ୁଗୁଡ଼ୁ ଶବ୍ଦ ବାହାରୁଥାଏ । ସେତିକିବେଳେ ଗୋଟିଏ ପ୍ରଚଳିତ ଢଗ ଆମର ମନେରହି ଥାଏ ।

ଗୁଡ଼ୁଗୁଡ଼ୁ ସୁଟ୍ ଚିନ୍ତା ପୁଅ ଉଠ୍ ।

ସେ ଛୋଟ ଘରଟି ଭେଷଜ ବା ଚେରମୂଳୀର ଗନ୍ତାଘର ଥିଲା । ହେମଦସ୍ତା, କରେଇ, ଚଟୁ ଇତ୍ୟାଦି ବହୁ ଜିନିଷ ତା ମଧ୍ୟରେ ଭର୍ତ୍ତିହୋଇଥିଲା । ସେ ଘର କଡ଼କୁ ଗୋଟିଏ ଏକପାଖିଆ ଗୁଳି ଥିଲା । ସେଥିରେ ନାନା ପ୍ରକାର ଚୁଲିଥିଲା । ହେମଦସ୍ତାରେ କୁଟା ହେବାପାଇଁ କାଠର ପିଣ୍ଡିସବୁ ପୋତା ହୋଇଥିଲା । ସେ ସ୍ଥାନଟି ଆମ ଔଷଧାଳୟର ଫର୍ମାସୀ ଥିଲା । ଉଦୟ ହରେକୃଷ୍ଣ ଓ ନାରଣ ମିଶ୍ରଙ୍କର କମ୍ପାଉଣ୍ଡରମାନେ ସେଠାରେ ଔଷଧସବୁ ତିଆରି କରୁଥିଲେ । ତୈଳ, ଘୃତ, ମକରଧ୍ୱଜ, ମୋଦକ, ଅବଲେହ ଇତ୍ୟାଦି ବହୁପ୍ରକାର ଔଷଧ ସେଠାରେ ପ୍ରସ୍ତୁତ କରଯାଉ ଥିଲା । ଘରଟି ଗୁଳଘର ଥିଲା । ସେ ଘରକୁ କେବଳ ଗୁହାଳିଘର କହିଲେ ଭୁଲ୍ ହେବ । ପ୍ରକୃତରେ କହିବାକୁ ଗଲେ ତାହା ଏକ ବହୁମୁଖୀ ବା ମଲ୍ଟି ପରପସ୍ ଘର ରୂପେ କାର୍ଯ୍ୟ କରୁଥିଲା । ପାଠପଢା ବା'ଦେ ନିମ୍ନୋକ୍ତ ବିଷୟମାନ ସେହିଠାରେ କରଯାଉ ଥିଲା:—

୧) ତା'ସ୍ ଓ ପଶାଖେଳ
୨) ନିଶାପ

Digitized by srujanika@gmail.com

୩) ବନ୍ଧୁବାନ୍ଧବଙ୍କ ବିଶ୍ରାମ ସ୍ଥାନ

୪) ଗଳ୍ପ ବିକାଶ କେନ୍ଦ୍ର

୫) ପଦାର୍ଥ କ୍ରୟ କେନ୍ଦ୍ର

୬) ଶାସ୍ତ୍ର ଚର୍ଚ୍ଚା

୭) ପ୍ରାୟଶ୍ଚିତ ବିଧିବିଧାନ ନିରୂପଣ

୮) ଜାତକ ତିଆରି କେନ୍ଦ୍ର

୯) ଗ୍ରହଫଳ ବିଚାର

୧୦) ବାହାରୁ ଆହରିତ ଖବରଗଡ଼ିକର ବର୍ଣ୍ଣନା

୧୧) ବନ୍ଧୁବାନ୍ଧବଙ୍କ ଭିତରେ ସମୟେ ସମୟେ କଳହ ଓ ଅନ୍ୟମାନଙ୍କ ଦ୍ୱାରା ତାର ମୀମାଂସା ଇତ୍ୟାଦି ଇତ୍ୟାଦି । ଏତେ ଗୁଡ଼ିଏ ବିଷୟ ମଧ୍ୟରେ ପାଠ ବିଚରା ବହୁ-କଷ୍ଟରେ ଜାକିଜୁକି ହୋଇ ସେଠାରେ ପ୍ରବେଶ କରେ ଓ କେମିତି ପଳାଇବ ବୋଲି ବାଟ ପାଏ ନାହିଁ ।

ସେ ସମୟର ଅବଧାନ ଜଣକ ନିଷ୍ଠୁର ବା ବଦରାଗୀ ନ ଥିଲେ । ମୋର ମଧ୍ୟ ତାଙ୍କର ରାଗ ବା ନିଷ୍ଠୁରତା ବହନ କରିବା ବୟସ ହୋଇ ନଥିଲା । ସେହେତୁ ବୋଧ-ହୁଏ ସେ ମୋ ପ୍ରତି ନିଷ୍ଠୁରତା ଆଚରଣ କରି ନ ଥିଲେ । ଧୀରେ ଧୀରେ ଆମେ ଅକ୍ଷରତକ ଆୟତ୍ତ କଲୁ । ପଣିକିଆ, କଡ଼ାଗଣ୍ଡା ଓ ପାହି ପଣିକିଆ ଆଡ଼େ ଆଗେଇ ଗଲୁ । କ୍ରମେ ଆମର ଖଡ଼ି ପାଠ ସରିଗଲା ଓ ନୂଆ ସିଲଟ ଆସିଲା । ଏଣିକି ସିଲଟ ପେନ୍‌ସିଲ ଧରି ସିଲଟରେ ଲେଖିବାକୁ ପଡ଼ିଲା । ପ୍ରତିଦିନ ବର୍ଣ୍ଣମାଳା ଓ ପଣିକିଆ ଆଦି ସେହି ସିଲଟରେ ଲେଖିବାକୁ ପଡ଼ୁଥିଲା । ଏହାପରେ ଆମପାଇଁ ମଧୁବାବୁଙ୍କ ବର୍ଣ୍ଣବୋଧ ଆସିଲା । ଏହି ସମୟରେ ହିଁ ଆମର ଅବଧାନ ବଦଳି ହେଲେ । ଜଣେ ନୂଆ ରୁକ୍ଷ ପ୍ରକୃତିର ଅବଧାନ ଆସିଲେ । ପୂର୍ବର ଦୟାଳୁ ଅବଧାନ ଯେ କାହିଁକି ଗଲେ ତାହାର କାରଣ ଆମେ ଜାଣି ନ ଥିଲୁ । ସେ ଦେଖିବାକୁ ଶାନ୍ତ ପ୍ରକୃତିର ଥିଲେ । ଚିଡ଼ିଚିଡ଼ା ମିଜାସ ତାଙ୍କର ମୋଟେ ନଥିଲା । ଆମ ପିଠିରେ ତାଙ୍କର ବେତ ଦିନେ ହେଲେ ବସି ନାହିଁ । ବୋଧହୁଏ ଏପରି କୋମଳମତିସମ୍ପନ୍ନ ଅବଧାନ ଅପେକ୍ଷାକୃତ କଠିନ ପାଠ ପଢ଼ାଇବାକୁ ଅନୁପଯୁକ୍ତ ବୋଲି ଭାବି ତାଙ୍କୁ ବିଦାୟ ଦିଆଯାଇ ଥିଲା । ନୂତନ ଶିକ୍ଷକ ଥିଲେ ଖୁବ୍ ଡେଙ୍ଗା, କୃଶ ଶରୀର ବିଶିଷ୍ଟ, ମୁଖ ସର୍ବଦା ଭୀତି ଉତ୍ପାଦକ, କଥା କର୍କଶ, ହଠାତ୍ ରାଗିଯିବାରେ ସେ ଧୂରନ୍ଧର ଥିଲେ । ଆମ ଅଭିଭାବକମାନେ ଏହିପରି ଏକ ଶିକ୍ଷକ ଦରକାର ବୋଲି ଭାବି ତାଙ୍କୁ ଆଣିଥିଲେ କି ଆମ କପାଳ ଫାଟିଲା ବୋଲି ସେ ସ୍ୱୟଂ ଆଜି ବିଜେ କଲେ ତାହା ଆମେ ଜାଣିବାକୁ ଅକ୍ଷମ ଥିଲୁ । ମଧୁ ବର୍ଣ୍ଣବୋଧ ପଢ଼ାଯିବା ଆରମ୍ଭ ହେଲା । ନୂଆ ଶିକ୍ଷକଙ୍କର ଗାଉଟ୍ ବେମାରି ଥିଲା । ଚିଡ଼ିଚିଡ଼ା ଖୋଇ ଏ ରୋଗର ଗୋଟେ ପ୍ରଧାନ ଲକ୍ଷଣ । ଶିକ୍ଷକତାର ୪।୫ ଦିନ ଯାଏ ସେ ଆମ ପିଠି ଆଡ଼େ ନଜର ଦେଇ ନ ଥିଲେ । ବହି ଘୋଷିଲା ବେଳେ ଟିକେ ଅମନଯୋଗିତା

Digitized by srujanika@gmail.com

ସେ ଲକ୍ଷ୍ୟକରି ତାଙ୍କ ବେତକୁ ଆଗ ମୋ'ରି ପିଠିରେ ବ୍ୟବହାର କଲେ । ବେତ୍ରାଘାତଟା ଅବଶ୍ୟ ଟିକେ କୋମଳ ଥିଲା । ତେଣୁ ତାହା ବିଶେଷ କଷ୍ଟପ୍ରଦ ହୋଇ ନଥିଲା । ସେତକ ସହଜରେ ହଜମ କରିପାରି ଥିଲି । କ୍ରମେ ତାଙ୍କର ବେତ ଉଚ୍ଚଟରୁ ଉଚ୍ଚଟତର ହେବାକୁ ଲଗିଲା । ଏହି ଉଚ୍ଚଟତା ଧୀରେ ଧୀରେ ବଢ଼ିଥିବାରୁ ମୋର ପିଠି ତାହା ସହ୍ୟ କରିବାରେ ଅତି ବେଶି କଷ୍ଟ ଅନୁଭବ କରି ନ ଥିଲା । ଏହିପରି ଭବରେ ମଧ୍ୟ ବର୍ଣ୍ଣ-ବୋଧ ପଢ଼ିବାରେ ଆମେ ଧୀରେ ଧୀରେ ଆଗେଇ ଥିଲୁ । ଦୁଇ ପ୍ରହର ପାଠଟା ଆମକୁ କଷ୍ଟକର ବୋଧ ହେଉ ନଥିଲା । କାରଣ ସେହି ସମୟରେ ଆମ ପାଖରେ ପଶା କିମ୍ବା ତାସ ଖେଳର ଧୂମ୍ ଉଠୁଥିଲା । ସେ ଖେଳରେ କକେୟା, ଦଦେୟା, ପିଉସା, ମଉସା-ମାନେ ଖେଳୁଥିଲେ । ଆଉ ୫।୬ ଜଣ ବନ୍ଧୁବାନ୍ଧବ ମଧ୍ୟ ଉତ୍ସାହଦାତା ରୂପେ ଯୋଗ ଦେଉଥିଲେ । ପ୍ରତ୍ୟେକ ବାଜି ଖେଳ ପରେ ଏକ କୋଳାହଳର ବିସ୍ଫୋରଣ ଘଟୁଥିଲା । ପାଠ ଏବଂ ଖେଳର ସହାବସ୍ଥାନ ବେଶ୍ ଜମି ଉଠୁଥିଲା । ଖେଳ ଭିତରେ ଆମ ପିଉସାଙ୍କର ପାଟି ଓ କରାଘାତ ସର୍ବାଧିକ ଥିଲା । ଏକ ସ୍ୱତନ୍ତ୍ର ଅଧ୍ୟାୟରେ ମୁଁ ଏହି ପିଉସାଙ୍କ କଥା ପରେ ବର୍ଣ୍ଣନା କରିବି ।

ଦିନକର କଥା । ସେତେବେଳକୁ ଆମେ ମଧ୍ୟ ବର୍ଣ୍ଣବୋଧର ଯୁକ୍ତାକ୍ଷର ପର୍ଯ୍ୟନ୍ତ ଆଗେଇ ଯାଇଥିଲୁ । ବର୍ଣ୍ଣବୋଧ ପଢ଼ିଲାବେଳେ ଆମ ପାଖରେ ତାସ ଖେଳଟା ଖୁବ୍ ଜମି ଉଠିଥାଏ । ପିଉସାଙ୍କର କୁହାଟ ସ୍ଥାନଟିକୁ ଥରାଇ ଦେଉଥାଏ । ତାଙ୍କର ତାସ ପକାଇବା ପାଳିବେଳେ ଯଦି ସେଇ ତାସଟି ଜିତାପଟର ସୂଚକ ଥାଏ, ତେବେ ସେ ତାକୁ ପାପୁଲିରେ ଜାକି ଧରି ଅନ୍ୟ ତାସ ତିନିଟି ଉପରେ ଏକ ନିର୍ଘାତ ଘପୁଡ଼ା ଦେଉଥିଲେ ଏବଂ ନିଜର ପାରିଲା ପଣର ଉତ୍କର୍ଷତା ବୟାନ କରୁଥିଲେ । ମୁଁ ସେତେବେଳେ ମଧ୍ୟ ବର୍ଣ୍ଣବୋଧରୁ—"ଦରିଦ୍ର ପିନ୍ଧେ ଛିଣ୍ଡାକନ୍ଥା

ଅନ୍ଧକୁ ନ ଦିଶଇ ପନ୍ଥା" ।

ପଦଟି ବାରମ୍ବାର ଆବୃତ୍ତି କରିବାରେ ଲାଗିଥାଏ । ଶିକ୍ଷକ ତାହା କରିବାକୁ ମୋତେ ଆଦେଶ ଦେଇ ନିଜେ ଖେଳରେ ବୁଦ୍ଧିଦାତା ଭବରେ ଯୋଗ ଦେଇଥାନ୍ତି । ମୁଁ ମଧ୍ୟ ବହିକୁ ନଗ୍ରହି ଏଇ ଦୁଇଧାଡ଼ି ଆବୃତ୍ତି କରିବାରେ ଲାଗିଥାଏ ଏବଂ ଖେଳ ଆଡ଼କୁ ଗ୍ରହିଁ ଥାଏ । କେଉଁ ତାସର ଶକ୍ତି କେତେ କିପରି ଅବସ୍ଥାରେ ଅନ୍ୟମାନଙ୍କୁ ଏହି ତାସଟି ଦମନ କରେ ତାହାର ତଥ୍ୟଟି ଜାଣିବା ଲାଗି ମୋର ମନ ଉଦ୍‌ଗ୍ରୀବ ହୋଇ ଉଠୁଥାଏ । ପାଟି କିନ୍ତୁ ପୂର୍ବପରି ଆବୃତ୍ତି କରିବାରେ ଲାଗିଥାଏ । ଶିକ୍ଷକ ଏହି ଦୁଇଧାଡ଼ିର ଅର୍ଥ କ'ଣ ମୋତେ ବୁଝାଇ ନ ଥିଲେ । ମୋତେ ବୁଝାଇ ନାହାନ୍ତି ବୋଲି ତାଙ୍କର ମନେ ମଧ୍ୟ ନ ଥିଲା । ଗୋଟାଏ ତାସ ଖେଳର ତାହା ଶେଷ ପର୍ଯ୍ୟାୟ ଥିଲା । ଘୋର ଗର୍ଜନ କରି ପିଉସା ଜୟଲଭର ସୂଚନା ଦେଲେ । ଖେଳ ସରିଥିଲେ ସୁଦ୍ଧା ଖେଳ କୌଶଳର ଉତ୍କର୍ଷତା ଓ ଅପକର୍ଷ ବିଷୟରେ ଘୋର ବାଦାନୁବାଦକୁ ଲାଗିଥାଏ । ଶିକ୍ଷକ ଏବଂ ମୁଁ ସେ ବାଦାନୁବାଦକୁ ଉପଭୋଗ କରି ଲାଗିଥିଲୁ । ହଠାତ୍ ଶିକ୍ଷକ ମୁଣ୍ଡ ବୁଲାଇ ଦେଖିନେଲେ ଯେ ମୁଁ ବହି ଆଡ଼େ ନ ଗ୍ରହିଁ ସେ ଦୁଇ ଧାଡ଼ି ଆବୃତ୍ତି କରୁଛି କିନ୍ତୁ ଖେଳ

Digitized by srujanika@gmail.com

ଆଢ଼େ ଗୃହିଁ ରହିଛି । ଏଇଟା ଏକ ଅମାର୍ଜନୀୟ ଅପରାଧ ଥିଲା । ଖେଳ ଆଢ଼େ ଗୃହିଁ-ବାର ଲାଇସେନ୍ସ ସେ ପାଇଥିଲେ କିନ୍ତୁ ମୁଁ ପାଇ ନ ଥିଲି । ସେ ଖିଙ୍କାରି ହୋଇ ବେତ ଟେକି ମୋତେ ପାହାରେ ଦେଲେ ଏବଂ କହିଲେ—

ବହିକୁ ଗୃହିଁଛୁ ନା ଖେଳଆଡ଼େ ଗୃହିଁଛୁ ? ହଉ ତା'ମାନେ କ'ଣ କହିଲୁ ?

ସେ ଯେ ନିଜେ ବୁଝାଇ ନାହାନ୍ତି ସେ କଥା ସେ ଖେଳ ଇହସରେ ମାତି ସଂପୂର୍ଣ୍ଣ ଭୁଲି ଯାଇଥିଲେ । ତାଙ୍କର ଭୀତିପ୍ରଦ ବେତଟି ହଲୁଥିଲା ଏବଂ ସେ ପଗ୍ୱରିଲେ—

ହୁଁ, ତା'ର ମାନେ କ'ଣ କହିବୁଟି ? ମୁଁ ମୋର ଅନୁଭୂତି ଭଣ୍ଡକୁ ମନ୍ଥନ କରିବାକୁ ଲାଗିଲି । ଦରିଦ୍ର ଅର୍ଥ ହେଉଛି ଯୋଗୀ, ଭିକାରୀ ଯେଉଁମାନଙ୍କ ପାଖରେ ପଇସା ନାହିଁ । ପିନ୍ଧିବା ବୋଇଲେ ଲୁଗା ପିନ୍ଧିବା, ଛିଣ୍ଡା କନ୍ଥାକୁ ମଧ୍ୟ ମୁଁ ଆଗରୁ ଜାଣିଥିଲି କାରଣ ଆମ ଘରେ ଜଣେ ପଠୋଉଣୀ ବୁଢ଼ୀ କନ୍ଥା ସିଲାଇ କରୁଥିଲା । ତେଣୁ ଉପର ଧାଡ଼ିଟି ସବୁ ବୁଝିଗଲିଯେ ଯୋଗୀ ଭିକାରୀମାନେ ଛିଣ୍ଡାଲୁଗା ପିନ୍ଧନ୍ତି । ଭଲ ଲୁଗା ବୋଧହୁଏ ପିନ୍ଧିବାକୁ ପାଆନ୍ତି ନାହିଁ । ସେ ଧାଡ଼ିର ଅର୍ଥଟା ମୁଁ କହି ଦେଇ ପାରିଲି । ତଳ ଧାଡ଼ିଟା କିଛି ଅଂଶ ମଧ୍ୟ ଜାଣିଗଲି । "ଅନ୍ଧକୁ ନ ଦିଶଇ" ଏଇଟା ବୁଝିବା କଷ୍ଟକର ନଥିଲା । ମୁଁ କହିଦେଲି ଅନ୍ଧକୁ ଦିଶେ ନାହିଁ । ଶିକ୍ଷକ ତହୁଁ କହିଲେ—

ହୁଁ' ଆଉ ପନ୍ଥା କ'ଣ ?

ପନ୍ଥା ଠେଇଁ ମୁଁ ଆଣ୍ଡେଇଲି । ତା'ର ଅର୍ଥ ବିଲ୍‌କୁଲ୍ ମୁଁ ଜାଣେନା । କିନ୍ତୁ ଜରୁରୀ ପରିସ୍ଥିତି ସୂଚକ ବେତର ନର୍ତ୍ତନ ମୋତେ ଭବିବାର ତୀକ୍ଷ୍ଣତା ଆଣିଦେଲା । ଏଇଟା କିଛି ମନଗଢ଼ା କଥା ନୁହେଁ । ପ୍ରତ୍ୟେକ ମହାଯୁଦ୍ଧର ଜରୁରୀ ପରିସ୍ଥିତି ବେଳେ ବୈଜ୍ଞାନିକମାନେ ଗବେଷଣା କରି ବଡ଼ ବଡ଼ ଜିନିଷ ସବୁ ଉଦ୍ଭାବନ କରିଥାନ୍ତି । ମୁଁ ସେହିପରି ଗବେଷଣାରେ ଲାଗିଗଲି । ଦରିଦ୍ର ଛିଣ୍ଡାକନ୍ଥା ପିନ୍ଧିଥାଏ । ସମସ୍ତେ ତା'ର କ'ଣ ଦେଖନ୍ତି, କିନ୍ତୁ ଅନ୍ଧ ଦେଖିପାରେ ନାହିଁ । ଜରୁରୀକାଳୀନ ଗବେଷଣାର ଫଳ ମୋ ମନରେ ସଙ୍ଗେ ସଙ୍ଗେ ବାହାରି ପଡ଼ିଲା । ଛିଣ୍ଡାକନ୍ଥା ପିନ୍ଧି-ଥିବାରୁ ସମସ୍ତେ ତାହାର ଗାଣ୍ଡିଟି ଦେଖି ପାଉନ୍ତି କିନ୍ତୁ ଅନ୍ଧକୁ ସେଇଟା ଦିଶେ ନାହିଁ । ଏଣୁ ପନ୍ଥାର ଅର୍ଥ ସୁନିଶ୍ଚିତ ଭବରେ 'ଗାଣ୍ଡି' । ଶିକ୍ଷକ ସେହିପରି ବେତ ହଲାଉ ହଲାଉ ପୁଣି ପଗ୍ୱରିଲେ—କିରେ ପନ୍ଥା ଅର୍ଥ କ'ଣ କହୁନୁ ?

ମୁଁ ମୋର ଗବେଷଣାର ସୁ ଫଳଟାକୁ ସଙ୍ଗେ ସଙ୍ଗେ ବାଡ଼ିଦେଲି ।

—ପନ୍ଥା ଅର୍ଥ ଗାଣ୍ଡି ।

ମୋର ବୁଦ୍ଧିମତାକୁ ସେ ନିଷ୍ଟୟ ବଧେଇ ଦେବେ ବୋଲି ଭବି ତାଙ୍କର ସାବାସୀକୁ ଅପେକ୍ଷା କରୁଥିଲି । କିନ୍ତୁ ଏ କ'ଣ ହେଲା ? ବିନା ମେଘେ ବଜ୍ରପାତ ! ତାଙ୍କର ଉଦ୍ୟତ ବେତ ନିଷ୍ଠୁର ଭବରେ ୩।୪ ଥର ମୋ ପିଠିରେ ପଡ଼ିଲା । ମୁଁ

Digitized by srujanika@gmail.com

ହାଉଳି ଖାଇ କାନ୍ଦି ଉଠିଲି । ମୋ କାନ୍ଦଣା ଶୁଣି ସମସ୍ତେ ଶିକ୍ଷକଙ୍କୁ ପଗ୍ଭରିଲେ—କ'ଣ ହେଲା ?

ବେତକୁ ସମ୍ବରଣ କରି ଶିକ୍ଷକ କହିଲେ—ଏ ଛତରଗଟା ପଛାର ଅର୍ଥ କହୁଛି 'ଗାଣ୍ଡି' ।

ଅଭିଭାବକଗଣ ଶିକ୍ଷକଙ୍କୁ ଅଧିକ ଉତ୍ସାହିତ କରି କହିଲେ—

ପିଟ ପିଟ, କଷିକରି ପିଟ । ସେ ଛତରଗଟା ବାଲୁଙ୍ଗା ପିଲାଙ୍କ ସାଙ୍ଗରେ ପଡ଼ି ଏଇଆ ସବୁ ଶିଖୁଛି । ଶିକ୍ଷକ ଯୋଖିଦେଲେ—

କ'ଣ କରିବ । ବହି ପଢ଼ିଲାବେଳେ ସିନା ବହିକୁ ଗ୍ଭହିଁଲେ ହୁଅନ୍ତା, ସେ ତ ସବୁବେଳେ ଖେଳ ଆଡ଼େ ଗ୍ଭହୁଁଛି । ହବ କୁଆଡ଼ୁ ।

ଅଭିଭାବକମାନେ କହିଲେ—ହଁ । ସେ ଯେତେବେଳେ ଖେଳ ଆଡ଼େ ଗ୍ଭହୁଁଛି, ସେତିକିବେଳେ ତା'ପିଠିରେ ଦୁଇ ବେତ କଷି ଦେଉନା କାହିଁକି ?

ମୋର ଭାଗ୍ୟ ଭଲ ଥିଲା ଯେ, ଶିକ୍ଷକ ମୋ ଅପେକ୍ଷା ବେଶି ସମୟ ଖେଳ ଆଡ଼େ ଗ୍ଭହୁଁଥିଲେ । ତେଣୁ ମୋର ଦୃଷ୍ଟି ଆଡ଼େ ନଜରଦେବା ତାଙ୍କ ପକ୍ଷେ ଅସମ୍ଭବ ଥିଲା । ସେହି ସମୟରୁ ମୁଁ ମଧ୍ୟ ଖେଳ ଆଡେ ମୁଣ୍ଡ ନ ବୁଲାଇ କଣେଇ କଣେଇ ଗ୍ଭହିଁଲି ।

ମଧୁ ବର୍ଣ୍ଣବୋଧ ପଢ଼ିଲା ବେଳେ ମୁଁ ଏହିପରି ବହୁତ ଜାଗାରେ ଝୁଣ୍ଟିଥିଲି ।

ଗୁରୁଣ୍ଡି ଗୁରୁଣ୍ଡି ଏରୁଣ୍ଡି ଉପରେ
ମାଧବ ବସିଛି ଯାଇଁ ।
ମାତାଙ୍କ ଆଡ଼କୁ ଅନାଇ ଅନାଇ
ମାଟି ଦେଉଅଛି ଖାଇ ।

ଏହାକୁ ଘୋଷିଲା ବେଳେ ମୋର ମନ ଗବେଷଣାଗାରକୁ ଗ୍ଭଲିଗଲା । ଭାବି ଲାଗିଲି । ଆମେ ସବୁ ପିଲାଦିନେ ମାଟି ଖାଇଲାବେଳେ ବୋଉମାନେ ଦୌଡ଼ି ଆସି ଗାଲରେ ଚଟ୍‌କଣାଟିଏ ଦେଇ ପାଟି କରି ଉଠନ୍ତି—

'ଛି ଛି, ମାଟି ଗୁଡ଼ାକ ଖାଇଲୁ, ପାଟି ଅସନା କଲୁ ।'

ଏହା କହି ପାଟି ଧୋଇ ଦିଅନ୍ତି ଓ ଆଉ ଏପରି ନ କରିବାକୁ ଉପଦେଶ ଦିଅନ୍ତି ମାଧବ ଏମିତି ଗୁରୁଣ୍ଡି ଗୁରୁଣ୍ଡି ତା ମାଙ୍କ ଆଗରେ ମାଟି କେମିତି ଖାଇଲା, ପୁଣି ମାଆଙ୍କ ଆଡ଼କୁ ଗ୍ଭହିଁ ତାର ମାଆତ ନିଶ୍ଚୟ ତା' ପାଟିରେ ମାଟି ଦେଖିଥିବେ, ସେ ତାକୁ ଚଟକଣା ଦେଲେ ନାହିଁ କାହିଁକି ? ମାଧବର ମାଆ ବୋଧହୁଏ ଭାରି ଭଲ । ଗବେଷଣାରତ ଥିଲାବେଳେ ଆବୁଭିରେ ଝୁଣ୍ଟି ବେତ୍ରା ଘାତ ଖାଇଥିଲି ।

Digitized by srujanika@gmail.com

ସେହିପରି ଆଉ ଗୋଟିଏ ପଦ–

ଅରଣା ମଇଁଷି ରହିଛି ଅନାଇଁ ।
ମଇଁଷିର ପାଶ ନ ଯାଅ ଦନାଇ ।।

ଏହାକୁ ପଢ଼ିଲାବେଳେ ସେହିପରି ଭାବି ଲାଗିଲି–ଦନାଇ ନିଶ୍ଚୟ ଆମଠାରୁ ଭାରି ସାହସୀ; ସେ ବୋଧହୁଏ ମଇଁଷିକୁ ନ ଡ଼ରି ତା ଆଡ଼କୁ ମାଡ଼ି ଯାଉଥିଲା । କେହି ଆକଟ କରି ନ ଥିଲେ ସେ ବୋଧହୁଏ ମଇଁଷିପାଏ ଚାଲି ଯାଇଥାନ୍ତା ଏବଂ ତା'ଠାରୁ ଭୁଷା ଖାଇ ଥାନ୍ତା । ବୋଧହୁଏ ତା ବାପା ଦନେଇକୁ ଯିବା ଲାଗି ବାରଣ କଲେ । ପିଠି ଉପରେ ବେତର ସ୍ପର୍ଶ ମୋତେ ଭାବନା ରାଜ୍ୟରୁ ଓହ୍ଲାଇ ଆଣୁଥିଲା । ଏହିପରି ମଧ୍ଯ ବର୍ଣ୍ଣବୋଧର ବହୁପଦ ମୋ ପିଠିରେ ବେତର ସ୍ପର୍ଶ କରାଇ ଥିଲା । ଗାଧ ଯେପରି ମାଡ଼ଟାକୁ ଅବଲୀଳାକ୍ରମେ ଭୁଲିଯାଏ, ମୁଁ ସେହିପରି ଶିକ୍ଷକଙ୍କ ବେତ ମାଡ଼କୁ ସହଜରେ ଭୁଲି ଯାଇ ପାରୁଥିଲି । ପଢ଼ା ଶେଷରେ ଯେତେବେଳେ ବୋଉ କୋଡ଼ରେ ଯାଇଁ ପଶି ଯାଉଥିଲି ସେ ମୋତେ ଆଉଁସି ପକାଇ ମୋ ପିଠିଟାକୁ ଦେଖି ନେଉଥିଲା । ବେଳେବେଳେ ତାର ଟୋପାଏ ଲୁହ ମୋ ପିଠିରେ ପଡ଼ି ଯାଉଥିଲା । ସେ ତାକୁ ସଙ୍ଗେ ସଙ୍ଗେ ପୋଛି ଦେଉଥିଲା । ଏ ଲୁହ ଟୋପାର ଅର୍ଥ କ'ଣ ମୁଁ ସେତେବେଳେ ବୁଝି ପାରୁ ନ ଥିଲି । ଦିନ ଗଡ଼ିଯିବା ସଙ୍ଗେ ସଙ୍ଗେ ଆମର ପାଠ ବି ଗଡ଼ି ଚାଲିଲା । ବର୍ଣ୍ଣବୋଧ ଛାଡ଼ି ଆମେ ଅନ୍ୟାନ୍ୟ ବହି ପଢିବାକୁ ଆରମ୍ଭ କଲୁ । ଚାହାଳି ପାଠ ସଙ୍ଗେ ସରସ୍ୱତୀ ପୂଜାର ଏକ ଅଚ୍ଛେଦ୍ୟ ସମ୍ବନ୍ଧ ଥିଲା । ସରସ୍ୱତୀ ପୂଜାର ପ୍ରାୟ ମାସକ ପୂର୍ବରୁ ଆମର ଶିକ୍ଷକ ଆମକୁ 'ବନ୍ଦଇ ହରି' ଶିଖାଉଥିଲେ । ଶିକ୍ଷକ ଆମକୁ ଗୋଟିଏ ପଦ ଭଲ କରି ବୁଝାଇ ଦେଇଥିଲେ, ତାହାହେଲା–

ଅଦିଆ ବନ୍ଧୁର ପାଶ ନ ଯାଉଁ ।
ଘରକୁ ଗଲେ ପରଚୁଆ ପାଉଁ ।

ସରସ୍ୱତୀ ପୂଜା ଆଗ ଦିନ ଆମ ପାଇଁ ଦୁଇଟି ସରସ୍ୱତୀ ମୂର୍ତ୍ତି ବଜାରରୁ କିଣା ହୋଇ ଆସୁଥିଲା । ଗୋଟିଏ ରଙ୍ଗୀନ ମାଟିର ଆସନ ଉପରେ ସଜାହୋଇ ୪ଟି କାଠି ଲାଗିଥାଏ । ସେ କାଠିରେ ନାନା ଜାତି ସୋଲର ଫୁଲ ଲାଗିଥାଏ, ତା' ଉପରେ ଗୋଟିଏ ଟୋପର ଏବଂ ତା ଉପରେ ଗୋଟିଏ ପତକା । ବେଶ ସୁନ୍ଦର ଦେଖାଯାଉଥାଏ । ସରସ୍ୱତୀ ପୂଜାଦିନ ଏହାକୁ ଆମେ ପୂଜା କରୁ । ଶିକ୍ଷକ ଓ ଆମମାନଙ୍କ ପାଇଁ ନୂଆ ଲୁଗା ହୋଇଥାଏ । ପୂଜା ଅନ୍ତେ ବେଶ୍ ଭୁରି ଭୋଜନର ଆୟୋଜନ ହୋଇଥାଏ । ପୂଜକ କିପରି ପୂଜା ସାରିବେ ସେଥିପାଇଁ ଆମେ ଅସ୍ତବ୍ୟସ୍ତ ହୋଇ ପଡ଼ୁଥାଉ । ସରସ୍ୱତୀଙ୍କୁ ଛାଡ଼ି ଆମ ମନ ଘରେ ରନ୍ଧନଶାଳରେ ନିବିଷ୍ଟ ଥାଏ । ସେ ମୂର୍ତ୍ତିକୁ ଆମେ ବନ୍ଦଇ ହରି କହୁଥିଲୁ । ପୂଜା ସରିବାର କିଛିଦିନ ବାଦ୍ ଆମକୁ ଶିକ୍ଷକ ବନ୍ଦଇ ହରି ଧରାଇ ବନ୍ଧୁବାନ୍ଧବମାନଙ୍କ ଘରକୁ ଅଭିଭାବକଙ୍କର ଅନୁମୋଦନକ୍ରମେ ବୁଲାଇ ନେଉଥିଲେ । ପ୍ରତ୍ୟେକ ବନ୍ଧୁଙ୍କ ଘରେ ଆମେ ଖାଇବା ଆରମ୍ଭ କରି ଦେଉଥିଲୁ । "ବନ୍ଦଇ ହରି, ଦେବ ମୁରାରୀ, ଲକ୍ଷ୍ମୀ ଦେବୀଙ୍କର କାନ୍ତ, ଅଭୟ ବର, ଦ୍ୟନ୍ତ କୁମର, ସେ ପ୍ରଭୁ ଦେଲେ ଅନନ୍ତ ।" ତା'ର ଅର୍ଥ ଅବଶ୍ୟ ଆମେ ବିଶେଷ କିଛି ବୁଝି ନଥାଉ । କେବଳ

Digitized by srujanika@gmail.com

ଅଦିଆ ବନ୍ଧୁର ପାଶ ନ ଯାଉଁ ।
ଘରକୁ ଗଲେ ପରଚୁଆ ପାଉଁ ।।

ଏହାର ଅର୍ଥ ଆମେ ଭଲଭବରେ ଜାଣି ଥାଉ, ଆଉ ଗୋଟିଏ ପଦ ମଧ୍ୟ ମନେ ଥାଏ ।

ବରଷକେ ଥରେ ଆମ୍ଭ ମାଗୁଣି ।
ଭଲ ଭିଆଇଲେ ସାରଙ୍ଗପାଣି ।।

ବନ୍ଧୁ ଘରେ ବୋଲି ସାରିବା ପରେ ଗୃହ କର୍ତ୍ତା ଆମକୁ ଖୁଆଇ ପିଆଇ ସାରି ଟିକିଏ ଗେଲ କରିବା ପାଇଁ କୁହନ୍ତି—"ଗୀତ ତ ବୋଲିଲ, ଖିଆ ପିଆ ସରିଲ, ଆଉ କ'ଣ ?" ଶିକ୍ଷକଙ୍କ ପାଉଣା ଗୋଟିଏ ଟଙ୍କା ନ ପାଇବା ପର୍ଯ୍ୟନ୍ତ ଆମେ ସେଠି ଲାଖି ରହୁ ଏବଂ ଗୃହ କର୍ତ୍ତା ଗେଲରେ ଆଉ କିଛି ଦେବେ ନାହିଁ ବୋଲି କହିଲେ ଆମେ ସାଙ୍ଗେ ସାଙ୍ଗେ ପଦଟି ବୋଲି ଦେଉ—

ବରଷକ ଥରେ ଆମ୍ଭ ମାଗୁଣି,
ଭଲ ଭିଆଇଲେ ସାରଙ୍ଗପାଣି ।

ସେମାନେ ଯଦି ଅଧିକ ଗେଲ କରିବାକୁ ଯାଇ କହନ୍ତି—ମୁଁ କିଛି ତ ଦିଏ ନାହିଁ । ଆମେ ସଙ୍ଗେ ସଙ୍ଗେ ବୋଲି ଦେଉ—

ଅଦିଆ ବନ୍ଧୁର ପାଶ ନ ଯାଉଁ,
ଘରକୁ ଗଲେ ପରଚୁଆ ପାଉଁ ।

ସେ ହସି ହସି ଆମ ହାତରେ ଟଙ୍କାଟିଏ ଗୁଞ୍ଜି ଦିଅନ୍ତି । ଆମେ ସଙ୍ଗେ ସଙ୍ଗେ ତାହା ନେଇ ଶିକ୍ଷକଙ୍କୁ ଦେଇ ଦେଉ । ଆମେ କେବଳ ୪ଟି ବନ୍ଧୁ ଘରକୁ ଯାଉଥିଲୁ । ସେ ହେଲେ ତେଲେଙ୍ଗା ବଜାରର କିଣେଇ ସାହୁ । ତାଙ୍କର ମିଷ୍ଟାନ୍ନ ଭଣ୍ଡାର ଥାଏ ବୋଲି ଆମର ସେଠାକୁ ଯିବାକୁ ପ୍ରବଳ ଆଗ୍ରହ ଥାଏ । ତାପରେ ବାଲୁବଜାରର ବନମାଳୀ ଚୌଧୁରୀ, ତାଙ୍କର ସ୍ତ୍ରୀ କଲିନାନୀ ଏତେ ଆଦର ଓ ସ୍ନେହ କରନ୍ତି ଯେ ଆମର ସ୍ଥାନ ଛାଡ଼ିବାକୁ ଇଚ୍ଛା ହୁଏ ନାହିଁ । ଆଉ ଜଣଙ୍କ ଘରଥିଲା ଏବେର ହାଇକୋର୍ଟ ପାଖ ସାଧୁ ଚୌଧୁରୀଙ୍କ ଘର । ସେ ଥିଲେ ଏବେର ଆକାଶବାଣୀର କର୍ମଚାରୀ ଶ୍ରୀଯୁକ୍ତ ଗୋପାଳ ଚୌଧୁରୀଙ୍କ ଅଜା । ଏ ଦୁଇ ଘର ପ୍ରତି ଆମର ଅନ୍ୟ ଆକର୍ଷଣ ଥାଏ । ଫେରି ଆସିଲାବେଳେ ସେମାନେ ଗୋଟିଏ ଟଙ୍କା ସହିତ ଗୋଟିଏ ଖେଳନା ଦେଉଥିଲେ । ଏ ତିନି ଘର ଛଡା ଆମେ ଅନ୍ୟ କୁତ୍ରାପି ଯାଉ ନଥିଲୁ । ଏଇଟା ମଧ୍ୟ ଆମ ବୁଢ଼ା ବାପାଙ୍କର ନିର୍ଦ୍ଦେଶ ଥିଲା । ଏହି ତିନିଟା ଟଙ୍କା ଏକା ଦିନକରେ ଶିକ୍ଷକ ପାଇ ଥା'ନ୍ତି । ତାହା ତାଙ୍କର ମାସିକ ଦରମା ସହ ସମାନ ଥାଏ । ବେଳେ ବେଳେ, ଏହି ପୂଜା ଅଭିଯାନରେ ଆମ ଶିକ୍ଷକ ପିଲଙ୍କ ସଂଖ୍ୟା ବଢ଼ାଇବା ଲାଗି ପାଖରେ ଥିବା ପିଠାପୁର ଚାହାଳିରୁ ୩/୪ ଜଣ ଗୀତ ବୋଲି ପାରୁଥିବା ପିଲା ଆମ ସାଙ୍ଗରେ ନେଇ ଯାଆନ୍ତି । ଏଣୁ ଗୀତ ବୋଲିବାଟା ସବୁଠାରେ ଭଲ ଭବରେ ହୋଇଥାଏ ।

Digitized by srujanika@gmail.com

କ୍ରମେ ଆମର ଚାଟଶାଳୀ ପାଠ ସରିଗଲା । ଏଣିକି ବାହାର ପଢ଼ାର ଆବଶ୍ୟକତା ଆସିଲା । ଏହା ଭିତରେ ବୁଢ଼ାବାପା ଆଗରୁ ଅମର କୋଷ ବହି ଆଣି ଆମକୁ ଘୋଷିବାକୁ ଦେଇଥିଲେ । ସେଥିରୁ ଗୋଟିଏ ସର୍ଗ ନ ସରୁଣୁ ତହିଁରେ ଡେ଼ରି ବନ୍ଧାହେଲା । ଘୋଷା ପାଠରୁ ଆମେ ବର୍ତ୍ତି ଗଲୁ । ସ୍କୁଲ ପାଠ ପାଇଁ ଇଂରଜୀ ଜ୍ଞାନ ଥିବା ଶିକ୍ଷକ ଦରକାର, ଖୋଜା ଚାଲିଲା । ଅଳ୍ପ ଦିନେ ଜଣେ ଶିକ୍ଷକ ମିଳିଲେ । ତାଙ୍କ ନାଆଁ ଥିଲା ମୁରଲୀଧର ମହାନ୍ତି । ସେ ଆମର ଗୃହ ଶିକ୍ଷକ ହୋଇ ରହିଲେ । ସ୍କୁଲରେ ନାଆଁ ଲେଖା ହେବା ପୂର୍ବରୁ ଆମେ ଇଂରଜୀ ଅକ୍ଷର ଶିକ୍ଷା ଓ "ଫାଷ୍ଟ୍ ବୁକ୍ ଅଫ୍ ରିଡ଼ିଙ୍ଗ୍" ବହିଟି ଆୟତ୍ତ କରି ନେଲୁ । ଏହି ସମୟରେ ମଧ୍ୟ ଭଲ ଭାବରେ ବଙ୍ଗଳା ଶିକ୍ଷା କରିଥିଲୁ । 'ହାସିଖୁସି' ନାମକ ଏକ ବହି ଆଣି ବାପା ଦେଇଥିଲେ । ଅକ୍ଷର ଚିହ୍ନିବା ଓ ଲେଖିବା ସଙ୍ଗେ ସଙ୍ଗେ ମୁଁ ଏ ବହିଟିକୁ ଏକାବେଳକେ ମୁଖସ୍ଥ କରି ଦେଇଥିଲି । ଏ ବହିଟି ଏଡ଼େ ଆକର୍ଷଣୀୟ ହୋଇଥିଲା ଯେ ମୋର ଆଉ ଦୁଇଜଣ ଭଉଣୀ ତାକୁ ମୁଖସ୍ଥ କରି ପକାଇଥିଲେ । ଏ ବହି ପରେ ବାପା 'ହରିଶ୍ଚନ୍ଦ୍ର' ଓ 'ଶ୍ରୀବତ୍ସ' ନାମକ ଦୁଇଟି କବିତା ବହି ଦେଇଥିଲେ । ତାକୁ ମଧ୍ୟ ମୁଁ ଅଧା ଅଧି ମୁଖସ୍ଥ କରିଦେଇ ଥିଲି । ଏହି ବଙ୍ଗଳା ଜ୍ଞାନ ପରବର୍ତ୍ତୀ କାଳରେ ମୋତେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର 'ବ୍ୟାକରଣ କୌମୁଦୀ' ଆଦି ପଢିବାରେ ସାହାଯ୍ୟ କରିଥିଲା । କାଶୀରାମଙ୍କର ମହାଭାରତ ବି ମଧ୍ୟ ମୁଁ ୨/୩ ଥର ଶେଷ କରି ଦେଇଥିଲି । ସ୍କୁଲ ଜୀବନ ଆଗରୁ ଆଉ କେତେ ଗୁଡ଼ିଏ ପ୍ରସ୍ତୁତି ଆମର ହୋଇଥିଲା । ଆମେ ହାତରେ ଗୋଡ଼ରେ ଓ କହୁଣୀ ପାଖରେ ଖଡ଼ୁ ସବୁ ପିନ୍ଧୁ ଥିଲୁ । ବେକରେ ସୁନାର ଗୋପ ପଡ଼ିଥାଏ । ସ୍କୁଲରେ ଏଗୁଡ଼ିକ ସବୁ ଚଳି ପାରିବ ନାହିଁ । ଅନ୍ୟାନ୍ୟମାନେ ଆମକୁ ଦେଖିଲେ ହସରେ ଉଡ଼ାଇ ଦେବେ । ନାନା ଟାହି ଟାପରା କରିବେ । ଏଣୁ ଏଗୁଡ଼ିକ ସଂପୂର୍ଣ୍ଣରୂପେ ଦେହରୁ କାଢି ଦେବାକୁ ହେବ । ପାଖରେ ଥିବା ଶ୍ରୀଧର ବଡ଼ାଇକୁ ଡାକି ଏସବୁ କଢ଼େଇବାର ବ୍ୟବସ୍ଥା କରାଗଲା । ବାପା, କକେୟୀମାନେ ସ୍କୁଲରେ ପଢିଥିଲେ । ଏଣୁ ସ୍କୁଲରେ କିପରି ଆଚରଣ ଦେଖାଇବାକୁ ହେବ, କିପରି କ୍ଲାସରେ ଯୋଗ ଦେବାକୁ ହେବ, ଉପସ୍ଥାନ ଡାକିଲାବେଳେ କ'ଣ କହିବାକୁ ହେବ, ଗୋଟିଏ ଗୋଟଏ ବିଷୟ ପଢ଼ାଯିବା ଲାଗି କିପରି ସମୟ ନିର୍ଦ୍ଦିଷ୍ଟ ଏବଂ ଶେଷରେ କିପରି ସମାପ୍ତିସୂଚକ ଘଣ୍ଟା ବାଜେ । ଖେଳଛୁଟି ସମୟର ବିଶେଷତ୍ୱଆଦି ବହୁତ ବିଷୟରେ ପ୍ରଶିକ୍ଷଣ ଦିଆଗଲା । ସ୍କୁଲ ଜୀବନ ପାଇଁ ଉପଯୁକ୍ତ କରିବା ଲାଗି ଆମ ପିଛା ବହୁତ ପରିଶ୍ରମ କରାଯାଇ ଥିଲା ।

—୦—

Digitized by srujanika@gmail.com

ଗୃହଶାଳୀ ଜୀବନ

ଏହି ଜୀବନ ଆରମ୍ଭ କରିବା ପୂର୍ବରୁ ଆମ ପରିବାର ମଧ୍ୟରେ ଯେଉଁ କେତେଜଣ ବନ୍ଧୁବାନ୍ଧବ ଶ୍ରେଣୀୟ ଲୋକ ଆମ ଉପରେ ବେଶ୍ ପ୍ରଭାବ ପକାଇ ଥିଲେ ସେମାନଙ୍କ ବିଷୟରେ ପଦେ ଅଧେ ଏଠି କହିବା ଆବଶ୍ୟକ ବୋଲି ମୁଁ ମନେ-କରୁଛି ।

ମଧୁଆ ପିଉସାଃ—

ଏହି ବନ୍ଧୁବାନ୍ଧବମାନଙ୍କ ଭିତରେ ମଧୁଆ ପିଉସା ଥିଲେ ସର୍ବ ପ୍ରଧାନ । ସେ ବୁଢ଼ା ବାପାଙ୍କର ସମସାମୟିକ ଥିଲେ । ବୁଢ଼ାବାପାଙ୍କର ଔଷଧ ପ୍ରସ୍ତୁତିକ୍ଷେତ୍ରରେ ସେ ଥିଲେ ଜଣେ ଅଭିଜ୍ଞ ସହାୟକ । ଔଷଧ ପ୍ରସ୍ତୁତି, ତା'ର ରକ୍ଷଣାବେକ୍ଷଣ ଓ ତା'ର ବଣ୍ଟନ ଭାର ତାଙ୍କ ଉପରେ ନ୍ୟସ୍ତ ଥିଲା । କାୟିକ ପରିଶ୍ରମ ତାଙ୍କୁ କରିବାକୁ ପଡ଼ୁ ନଥିଲା । ସେ ୨।୩। ଜଣ ଔଷଧ ପ୍ରସ୍ତୁତକାରୀଙ୍କ କାର୍ଯ୍ୟ ତଦାରଖ କରୁଥିଲେ । ବୁଢ଼ା ବାପା ଭୀଷଣ କ୍ରୋଧୀ ଥିଲେ । ରାଗ ଯେତେବେଳେ ତାଙ୍କ ମୁଣ୍ଡ ଉପରକୁ ଉଠିଯାଏ, ସେତେବେଳେ ସେ ଇନ୍ଦ୍ର ଚନ୍ଦ୍ର କାହାରିକୁ ମାନନ୍ତି ନାହିଁ । ବିଶେଷତଃ ସେ ଗୁଳକର, ପୁଅ, ନାତିମାନଙ୍କ ଉପରେ ରାଗଟାକୁ ଛିଣ୍ଡାଇ ଦିଅନ୍ତି । କିଛି କରି ନ ପାରିଲେ, ତଳୁ ଗୋଟିଏ ମାଟି ମୁଣ୍ଡା ଉଠାଇ ଗୁଳକରମାନଙ୍କ ଉପରକୁ ଫୋପାଡ଼ନ୍ତି । ପୁଅମାନଙ୍କ ଉପରକୁ ଖିଙ୍କାରି ହୋଇ ଉଠନ୍ତି । ନାତିମାନଙ୍କ ଉପରେ ଗୁମାଗୁମ୍ ଥୋଇ ଦିଅନ୍ତି । ଏତିକିବେଳେ ତାଙ୍କୁ ଆୟତ୍ତ କରି ପାରନ୍ତି କେବଳ ମଧୁଆ ପିଉସା । ସେ ବୁଢ଼ାବାପାଙ୍କ ଉପରକୁ ଆଉରି ଜୋର୍‌ରେ ଖିଙ୍କାରି ହୋଇ ଉଠନ୍ତି—

"ହୁଁଃ...ହୁଁଃ...ଏମିତି ଗୋଟାଏ କାହିଁକି ହେଉଛ ? କି ମୁସ୍କିଲ୍ ହୋଇ ଯାଇଛି ଯେ, ଏତେ ରାଗ କାହିଁକି ? ଅତି ରାଗ ହେଲେ ନିଜର ନାନା କ୍ଷତି ? ଆଉ ବେଶି ସେମିତି ବକର ବକର ହୁଅନା । ଯାଅ, ସେ ଘର ଖଟ ଉପରେ ବସ, ଆଉ ପାଟି—ତୁଣ୍ଡ କରନା ।"

ବୁଢ଼ାବାପା ମୌନାବତାର ହୋଇ ନିଜ ଖଟ ଉପରେ ଚୁପଚାପ୍ ହୋଇ ବସନ୍ତି । ବସ୍ତୁତଃ ମଧୁଆ ପିଉସା ହିଁ ବୁଢ଼ା ବାପାଙ୍କୁ ସମ୍ଭାଳି ଥା'ନ୍ତି । ଏଥିଲାଗି ଘରର ସମସ୍ତେ ତାଙ୍କୁ ବହୁତ ବେଶି ଖାତିର କରିଥାନ୍ତି । ମୋ ବାପା ଓ କକେୟୀମାନେ ତାଙ୍କୁ ମଧୁଆ ପିଉସା ବୋଲି ଡାକୁଥିଲେ । ଆମେ ମଧ୍ୟ ତାଙ୍କୁ ମଧୁଆ ପିଉସା ବୋଲି ଡାକୁଥିଲୁ । ଗୁଳକରବାକରମାନେ ମଧ୍ୟ ତାଙ୍କୁ ମଧୁଆ ପିଉସା ବୋଲି ଡାକୁଥିଲେ । ନିତି ଆସୁଥିବା ଭିକ୍ଷା ଯୋଗୀ ଓ ଭିକାରୀମାନେ ମଧ୍ୟ ତାଙ୍କୁ ମଧୁଆ ପିଉସା ବୋଲି ଡାକୁଥିଲେ । ବେଳେବେଳେ ସେ ଟିକିଏ ବିବ୍ରତ ହୋଇଉଠି କହୁଥିଲେ—ହୁଁଃ,...ମୁଁ

Digitized by srujanika@gmail.com

କ'ଣ ସମସ୍ତଙ୍କର ପିଉସା ହୋଇ ଯିବିକି ? ଗୋଟା ନବରଙ୍ଗ ଲାଗିଛି । ଯିଏ ଆସିଲା ସିଏ କହିଲା—ମଧୁଆ ପିଉସା ।

ପ୍ରକୃତରେ କହିବାକୁ ଗଲେ ସେ ସମସ୍ତଙ୍କର ମଧୁଆ ପିଉସା ହୋଇଯାଇ ଥିଲେ ।

କୌଣସି ଏକ ଜଟିଳ ସମସ୍ୟାର ସମାଧାନ କରିବା ଲାଗି ଜରୁରୀ ଆବଶ୍ୟକତା ଦେଖାଦେଲେ ସମସ୍ତଙ୍କର ଦୃଷ୍ଟି ପଡ଼େ ମଧୁଆ ପିଉସାଙ୍କ ଉପରେ । ଆମର ଗୃହ ଭଣ୍ଡାରୀ ତାହାର ବାର୍ଷିକ ପ୍ରାପ୍ୟ ନେଲାବେଳେ ଯଦି ଅସନ୍ତୋଷ ପ୍ରକାଶ କରୁଥିଲା ତେବେ ସେ ତତ୍‌କ୍ଷଣାତ୍ ଗୋଟିଏ ବଡ଼ପାଟି କରି ତାକୁ କହୁଥିଲେ— ଏଁ଼ଃ,...କ'ଣ ଦୁନିଆଟାଯାକ ଲୁଟି ନେବୁ କିରେ ! ସପ୍ତାହକେ ଥରେ କ୍ଷର କରୁଛୁ କି ନାହିଁ, ଛୁଆମାନଙ୍କ ତ ୫।୬ ମାସରେ ଥରେ କ୍ଷର କରୁ କି ନାହିଁ । ଥରକୁ ଅଧଲାଏ ଲେଖା ନେଲେ ତୋର କେତେ ବେଶି ପ୍ରାପ୍ୟ ହୋଇ ଯାଉଛି କି ? ଗୋଟାଏ କିଛି ନିମିତ୍ତ କାମହେଲେ ତୁ'ତ ୪।୫ ଟଙ୍କା ବାଡ଼େଇ ଦେଉଛୁ । ତା'ଘରେ ଲୁଗା ଓ ଚାଉଳ ଅଛି, ହାନିଲାଭକୁ ସବୁବେଳେ ତୁ ତ ଏଠିକି ଆସୁଛୁ । ଆଉ ଏଥିରେ ତୁ କାହିଁକି ଅସନ୍ତୋଷ ହେଉଛୁ ଯେ ? ଯା...ଯା, ତୋତେ ୨ଟଙ୍କା ଦିଆ ଗଲାଣି, ଆଉ କେତେ ଦିଆ ଯାଆନ୍ତା, ସେମିତି ଜିଗର—କରନା । କେତେ ବାଟରେ ପାଇଯିବୁ ।

ଭଣ୍ଡାରୀ ବାପୁଡ଼ା ସେଇଠି ମୁହଁ ମୋଡ଼ି ଚାଲିଯାଏ । ନିମିତ୍ତ କାମମାନଙ୍କରେ ସମସ୍ତଙ୍କ ପାଇଁ ଲୁଗାପଟା କିଣା ହେଲାବେଳେ ତାଙ୍କର ମତାମତ ଲୋଡ଼ା ଯାଇଥାଏ ! ଫୋ'ଫା ପାଟି କରି ଅମଙ୍ଗ ଲୋକକୁ ମଙ୍ଗାଇ ଦେବାରେ ସେ ସିଦ୍ଧହସ୍ତ ଥିଲେ । ତାଙ୍କର ରହଣୀଟା ଚାହାଳିଘର ଭିତରେ ଥିଲା । ଆମେ ସବୁ ପଢୁଥିଲାବେଳେ ଆମରି ପାଖରେ ହେଉଥିବା ପଶା ଓ ତା'ସ ଖେଳର ସେ ଥିଲେ କର୍ଣ୍ଣଧାର । ଘଡ଼ଘଡ଼ି ପରି ତାଙ୍କର ପାଟି ଥିଲା । ଖେଳରେ ସେ ଜିତୁଥିଲେ, ଦଶଟା ଘଡ଼ଘଡ଼ି ପରି ରଡ଼ି ଛାଡ଼ୁଥିଲେ । ହାରିଗଲେ ବି ୫ଟା ଘଡ଼ଘଡ଼ି ନିଶ୍ଚିତଭାବରେ ମାରୁଥିଲେ ।

ସେ ଜଣେ ସୁଦକ୍ଷ ଗଳ୍ପକାର ଥିଲେ । ସେ ନିଜେ ଗଳ୍ପ ସୃଷ୍ଟି କରୁଥିଲେ କି ଅନ୍ୟ କାହାର ସୃଷ୍ଟିକୁ ପରିବେଷଣ କରୁଥିଲେ ତାହା ଏବେ ମଧ୍ୟ ମୁଁ କହି ପାରିବି ନାହିଁ । ଯେତେବେଳେ ପାଠରୁ ବିଶ୍ରାମ ମିଳେ ସେତେବେଳେ ଆମେ ଯାଇଁ ତାଙ୍କ ପାଖରେ ବସି ଯାଉ । ବହୁତ ଗେଲେଇ ହୋଇ ତାଙ୍କୁ ପଚାରୁ—

"ମଧୁଆ ପିଉସା ! ଭୀମ ସେ ମଣ୍ଡାଖିଆ ଅସୁରକୁ କେମିତି ମାରିଲା ?"

ସେ ସାଙ୍ଗେ ସାଙ୍ଗେ କିଛି କୁହନ୍ତି ନାହିଁ; ଆମ ଉତ୍କଣ୍ଠାକୁ ବଢ଼ାଇ ଚାଲନ୍ତି । ଅନୁନୟ ବିନୟ ବଳେଇ ପଡ଼ିଲେ ଶେଷରେ ଖୁବ୍ ଧୀର ସ୍ଥିର ଓ ଶାନ୍ତ ଭାବରେ କୁହନ୍ତି—

—ହଉ ହଉ ଶୁଣ !

Digitized by srujanika@gmail.com

ଆମେ ପିଲାମାନେ ସମସ୍ତେ ତାଙ୍କ ଆଗରେ ବସିଯାଉ । ତାଙ୍କ ପାଖରେ ଆଉ କେତେଜଣ ଆଗନ୍ତୁକ ମଧ୍ୟ ବସିଥା'ନ୍ତି । ପ୍ରଥମେ ସେ ଧୀରେ ଧୀରେ ଆରମ୍ଭ କରନ୍ତି –

"ପଞ୍ଚୁପାଣ୍ଡବ ଯେତେବେଳେ ବଣରେ ବୁଲୁଥିଲେ ସେତିକିବେଳେ ବୁଲି ବୁଲି ଗୋଟିଏ ବ୍ରାହ୍ମଣ ଘରେ ଯାଇଁ ପହଞ୍ଚିଲେ । ସେଠି କିଛିଦିନ କଟାଇଲେ । ଦିନେ ତା'ଘରେ କାନ୍ଦ ବୋବାଳି ପଡ଼ିଲା" । ମଧୁଆ ପିଉସାଙ୍କ ମୁହଁରେ ବିଷାଦର କାଳିମା ଘୋଟିଯାଏ ।

–କୁନ୍ତୀ, କାହିଁକି କାନ୍ଦୁଛ ବୋଲି ପଚାରିଲେ, ବ୍ରାହ୍ମଣ କହିଲା–ଆଜି ଆମ ଘରେ ପାଳି । ଓଦନରେ ମଣ୍ଡାପିଠା ନେଇ ଶଗଡ଼ ଅଡ଼େଇ ଅଡ଼େଇ ମୋ ପୁଅ ଆଜି ଅସୁର ପାଖକୁ ଯିବ । ଅସୁର ମଣ୍ଡାପିଠାକୁ ଖାଇବ, ବଳଦ ଦୁଇଟାକୁ ଖାଇବ, ଶେଷରେ ମୋ ପୁଅଟାକୁ ବି ଖାଇବ ।

ସେତେବେଳେ ମଧୁଆ ପିଉସାଙ୍କ ମୁହଁ କାନ୍ଦ କାନ୍ଦ ହେଲା ପରି ଦିଶେ ।

କୁନ୍ତୀ କହିଲେ–ଥାଉ ଥାଉ । ତୁମ ପୁଅକୁ ପଠାଅନା । ମୁଁ ମୋ ଭୀମାକୁ ପଠାଇବି । ମଧୁଆ ପିଉସା ସେତେବେଳେ ଟିକେ ସଳଖି ବସନ୍ତି ।

–ବ୍ରାହ୍ମଣ ନାହିଁ ନାହିଁ ହୋଇ ଶେଷରେ ରାଜି ହେଲା । ଶଗଡ଼ରେ ଓଦନରେ ମଣ୍ଡାପିଠା ଲଦି ଭୀମ ଶଗଡ଼ ଅଡ଼ାଇ ଅଡ଼ାଇ ଅସୁର ପାଖକୁ ଗଲା । ବାଟରେ ଗଲାବେଳେ ବାଆଁ ହାତଟା ଓଦର ଭିତରକୁ ଭର୍ତ୍ତି କରି ଗୋଟିଏ ଗୋଟିଏ ମଣ୍ଡାପିଠା ନେଇ ଆସୁଥାଏ ଓ ଏକାଥରେ ପାଟିରେ ଭର୍ତ୍ତି କରି ଦେଉଥାଏ । ସେ ମଣ୍ଡା ପିଠା କ'ଣ ଛୋଟ ଛୋଟ ହୋଇଛି ! ଏଁ...ହେଁ...ଗୋଟା ଗୋଟା ବୋଇତି କଖାରୁ ଭଳିଆ, ଦୁଇ ତିନି ପୂଳାରେ ଖତମ ହୋଇଯାଏ ।

ଏତକ କହିଲାବେଳେ ମଧୁଆ ପିଉସା ପଛ ଆଡ଼କୁ ହାତ ବଢ଼ାଇ ଦେଇ ସେମିତି ମଣ୍ଡା ଆଣିଲା ଭଳି ହାତକୁ ନେଇ ଆସି ପାଟିରେ ଭର୍ତ୍ତି କରି ଦେଉଥାନ୍ତି । ବେଳେବେଳେ ପଛରେ ଥୁଆ ହୋଇଥିବା ବଟୁଆଟା ତାଙ୍କ ହାତରେ ଚାଲି ଆସୁଥାଏ । ଭୁଲ୍ ଜିନିଷଟା ଆସିଗଲା ଜାଣି ତାକୁ ସେ ତଳେ ଥୋଇ ଦେଉଥାନ୍ତି । ସେତେବେଳେ ସେ ଭୀମ ମଣ୍ଡା ଖାଇଲା ପରି ଅଭିନୟ କରୁଥାନ୍ତି । ଏହିପରି ଖାଉ ଖାଉ ସେ କେତେବେଳେ ଅଧା ଓଦର ଖାଇ ସାରିଲାଣି ତାହା ଜାଣି ନାହିଁ । ଅସୁର ଘର ପାଖରେ ପହଞ୍ଚି ଭୀମା ଶଗଡ଼ ଫିଟାଇ ଦେଲା ଏବଂ ଭାବିଲା ଆଉ ଏ ଅଧାତକ ତାକୁ କାହିଁକି ଦେବି, ମୁଁ ନିଜେ କାହିଁକି ନ ଖାଇବି । ଏହା କହି ଟପାଟପ୍ ଦୁଇ ହାତିଆ ଚଳାଇ ଦେଲା ।

ସେତେବେଳେ ପିଉସାଙ୍କର ହାତ ଠିକ୍ ସେହିପରି ମୁହଁ ଯାଏ ଯାଉଥାଏ, ଆସୁଥାଏ ।

Digitized by srujanika@gmail.com

ଏହି ସମୟରେ ଅସୁର ଘର ଭିତରୁ ବାହାରି ଆସିଲା । ମଧୁଆ ପିଉସାଙ୍କ ପାଟି ଘଡ଼ଘଡ଼ି ପରି ଶୁଭିଲା । ଅସୁର ଗଗରେ ଗର୍ଜନ କଲା ।

କିଁବେ ! ମୋ ପିଠାକୁ ତୁ ଖାଇଲୁ ? ରହ, ତୋତେ ଆଗ ଏଇଠି ଶେଷ କରିବି, ତାହାପରେ ଯାଇ ଯୋଉ କଥା । ଏହା କହି ସେ ଗୋଟା ତାଳଗଛ ଉପାଡ଼ି ଆଣି ଭୀମ ଉପରେ ପିଟିବାକୁ ଲାଗିଲା । ଭୀମ ସେମିତି ଖାଇ ଲାଗିଥାଏ । ତା' ଦେହ ତ ବଜ୍ର ଅଙ୍ଗ, ଏ ତାଳଗଛ ତା'ର କ'ଣ କରିବ । ତାଳଗଛ ଚୂନା ହୋଇଗଲା । ପୁଣି ଆଉ ଗୋଟାଏ ତାଳଗଛ ଉପାଡ଼ି ଆଣିଲା । ସେ ବି ଶେଷ ହୋଇଗଲା । ଏହିପରି ୪।୫ ଟା ତାଳଗଛ ସରିଲା ବେଳକୁ ଭୀମର ଖିଆ ସରିଗଲା । ସେଇଠୁ ସେ ହୁଙ୍କାର କରି ଉଠିଲା । ହଇବେ ଶଳା ! ମୋତେ କ'ଣ ବୋଲି ପାଇଛୁ କିରେ ? ଏତକ କହି ଅସୁରର ବେକକୁ ଯାଇ ଧରି ପକାଇଲା ।

ପାଖରେ ବସିଥିବା ବ୍ୟକ୍ତିଙ୍କ ବେକ ଉପରେ ମଧୁଆ ପିଉସାଙ୍କ ହାତ ପଡ଼ିଯାଏ । ଅସୁର ବେକକୁ ଭୀମ ଆକର୍ଷିଲା ପରି ସେ ପାଖ ଲୋକର ବେକକୁ ଟାଣି ଆଣୁଥିଲେ । ସେ ବିଚରା ହସି ହସି କହୁଥିଲେ—

ଆରେ ହୋ ହୋ ମଧୁଆ ପିଉସା, ମୁଁ ଅସୁର ନୁହଁ ହୋ ।

ତା'ପରେ ତାକୁ ଛାଡ଼ି ଦେଇ ସେ ହସ୍ତ ମୁଦ୍ରା ଦେଖାଉ ଥିଲେ । ଭୀମ ଅସୁର ଲଢ଼େଇର ଅଭିନୟ ବେଳେ ଠିଆ ହୋଇ ଯାଉଥିଲେ । ବେଳେ ବେଳେ କୁଞ୍ଚ କାନି ଖୋସି ଦେଉଥିଲେ । ଶେଷରେ ପାଖରେ ବସିଥିବା ବ୍ୟକ୍ତିର ବେକକୁ ମାଡ଼ି ବସି ଭୀମ ଅସୁରକୁ ମାଡ଼ି ବସିଲା ପରି ମାଡ଼ି ବସୁଥିଲେ । ଆମେ ହୋ...ହୋ...ହୋଇ ହସି ଉଠୁ ।

ଏ ଗପଟି ଆମର ଏତେ ଆମୋଦଦାୟକ ହୋଇଥାଏ ଯେ ବୋଧହୁଏ ଏହା ଆମେ ତାଙ୍କଠାରୁ ଶହେ ଥର ଶୁଣିଥିବୁ । କେବଳ ଏହି ଗପ ନୁହଁ, ଭୀମ ଦୁର୍ଯ୍ୟୋଧନ ଲଢ଼େଇ, ହନୁମାନ ରାବଣ ଲଢ଼େଇଆଦି ଗପମାନ କହିଲାବେଳେ ସେ ଏକାବେଳକେ ଅଭିନୟ କରି ପକାଉଥିଲେ । ସେ ଗୋଟିଏ ଉତ୍କୃଷ୍ଟ ଅଭିନେତା ଥିଲେ ।

ଯେତେବେଳେ ଘୋର ବର୍ଷା ହେଉଥାଏ, ସେତେବେଳେ ପାଠ ପଢ଼ାପଢ଼ି ଓ ଅନ୍ୟାନ୍ୟ କାର୍ଯ୍ୟ ସବୁ ବନ୍ଦ ହୋଇଯାଏ । ସେହି ଗୁହାଳି ଘର ଭିତରେ ରହି ଆମେ ତାଙ୍କ ପାଖରୁ ବର୍ଷାକାଳୀନ କଥା ସବୁ ଶୁଣୁ । ସେ ଏକ ଜ୍ଞାନର ଭଣ୍ଡାର ବୋଲି ଅନେକ ତାଙ୍କୁ ଖାତିର କରୁଥିଲେ । ବିଜ୍ଞାନ କଥା ମଧ୍ୟ ସେ ଖୁବ୍ ଭଲ ଜାଣିଥିଲେ । ଥରେ ଖୁବ୍ ଜୋର୍‌ରେ ଏକ ଘଡ଼ଘଡ଼ି ମାରିଲା । ସମସ୍ତଙ୍କ ଜ୍ଞାନ ତାବଦା ହୋଇଗଲା । ଘର ଭିତରେ ସମସ୍ତେ ରାମ ରାମ ଉଚ୍ଚାରଣ କଲେ । ଏଇଟା କୁଆଡ଼େ ଶାସ୍ତ୍ରରେ ଅଛି ଯେ—ରାମ ରାମ ଉଚ୍ଚାରଣ କଲେ ଘଡ଼ଘଡ଼ି ତା'ଉପରେ ପଡ଼େ ନାହିଁ । କିନ୍ତୁ

Digitized by srujanika@gmail.com

ଅସୁବିଧାଟା ଥିଲା, ଘଡ଼ଘଡ଼ି ମାରିବା ପରେ ସମସ୍ତେ ଗମ ଗମ କହୁଥିଲେ । ଜଣେ ବ୍ୟକ୍ତି ମଧୁଆ ପିଉସାଙ୍କୁ ଥରେ ଘଡ଼ଘଡ଼ି ମାରିଲା ବେଳେ ପଚାରିଲା—

ମଧୁଆ ପିଉସା ! ଏ ଘଡ଼ଘଡ଼ିଟା କେମିତିଆ ଜିନିଷ । ଏଇଟା ଇନ୍ଦ୍ରଙ୍କର ଅସ୍ତ୍ର ସତ, କିନ୍ତୁ ଦେଖିବାକୁ କେମିତିଆ ? କାହିଁ ସେ କଥା ତ କେହି କିଛି କହୁ ନାହାନ୍ତି ।

ମଧୁଆ ପିଉସା ମୁଣ୍ଡ ହଲାଇ ଓ ମୁରୁକି ହସା ଦେଇ କହିଲେ—

ଉଁ; ତାକୁ କ'ଣ ସମସ୍ତେ ଦେଖି ପାରିବେ ! ସେ ପରା ଦେବ ଅସ୍ତ୍ର ।

ଜଣେ କିଏ ପଚାରିଦେଲା—

ମଧୁଆ ପିଉସା ତୁମେ ଦେଖିନା ?

ସେ ଗମ୍ଭୀର ହୋଇ ଯାଇ କହିଲେ—

ହୁଁ; ଦେଖିଛି, ସେମିତି ଭଗ୍ୟରେ ଥିଲେ ଦେଖିବାକୁ ମିଳେ ।

ଜ୍ଞାନର ଭଣ୍ଡାର ମଧୁଆ ପିଉସା ଯେ ମିଛ କେବେହେଲେ କହିବେ ନାହିଁ, ଏ କଥା ସମସ୍ତ ଭଲଭବରେ ଜାଣି ଥାନ୍ତି, ତାଙ୍କୁ ବେଢିଯାଇ ସମସ୍ତେ କହିଲେ—

ମଧୁଆ ପିଉସା, କୁହ କୁହ, ସେଇଟା କେମିତିକା ?

ମଧୁଆ ପିଉସା ଆରମ୍ଭ କଲେ—

ଥରେ ଏହାଠୁ ଚାରିଗୁଣ ଆହୁରି ନିଷ୍ଠୁତିଆ ବର୍ଷା ହେଉଥାଏ । ଖେଚେଡ଼ା ପିଲାଗୁଡ଼ାକ ରାସ୍ତାରେ ଗାଲୁଥିବା ପାଣିରେ ଚବର ଚବର ହେଉଥାନ୍ତି । ପାଣିରେ ତିନି ତିନି ସେମାନେ କାଗଜ ଡଙ୍ଗା ଭସାଇବାରେ ଲାଗି ପଡ଼ିଥାନ୍ତି । ମାଛ ଗୋଟାଏ ଦି'ଟା ଆସିବାର ଦେଖି ସେମାନେ ତାଙ୍କ ପଛରେ ଲାଗିଗଲେ । ଚକ୍ ଚକ୍ ହୋଇ ବିଜୁଳି ମାରୁଥାଏ । ମୁଁ ପାଟିକରି କହିଲି—

ଆରେ ହେ ପିଲେ ! ପଳାଇ ଆସ, ପଳାଇ ଆସ, ବିଜୁଳି ମାରୁଛି । କେତେ-ବେଳେ ବଜ୍ର ଖସିବ ତା'ର କିଛି ଠିକଣା ନାହିଁ, ପଳାଇ ଆସ, ପଳାଇ ଆସ ।

ପିଲାଙ୍କ କାନରେ ସେଗୁଡ଼ା ପଶିବ କିଆଁ ? ଏତିକିବେଳେ ଖଚ୍ କରି ଗୋଟାଏ ବଡ଼ ବିଜୁଳି ମାରିଦେଲା । ସମସ୍ତଙ୍କ ଆଖି ଝଲ୍‌ସିଗଲା । ପଛେ ପଛେ ଢାଏ କରି ଘଡ଼-ଘଡ଼ିଟାଏ ପଡ଼ିଲା । ସମସ୍ତଙ୍କ କାନ ତାବଦା ହୋଇଗଲା । ଭଗ୍ୟକୁ କୋଉ ପିଲା ଉପରେ ପଡ଼ି ନ ଥାଏ । ସେମାନେ ପଡ଼ିଉଠି କାଦୁଅରେ ଇଟପଟ ହୋଇ ପଳାଇ ଆସିଲେ । ମୋତେ ଜଣାଗଲା ଘଡ଼ଘଡ଼ିଟା କୋଉଠି ନିଶ୍ଚୟ ପାଖରେ ପଡ଼ିଛି । ମୁଁ ନିକଟରେ ଥିବା ଗଛ ପାଖକୁ ଉଣ୍ଡିବାକୁ ଗଲି । ସେଠି ଦେଖିଲି ଗଛର ଦୋକାନିଆରେ ଗୋଟାଏ ଚକ୍ ଚକ୍ କରୁଥିବା ଲୁହା ଲାଖି ଯାଇଛି । ପ୍ରାୟ ହାତେ ଲମ୍ବ ହେବ । ୫।୬ ଆଙ୍ଗୁଳି ଚଉଡ଼ା ହେବ ପ୍ରାୟ, ୩ ଆଙ୍ଗୁଳି ମୋଟା ହେବ (ସେତିକି ଯେପରି ମୁଁ ତାକୁ ଆଖିରେ ଦେଖି ମନେ ମନେ ମାପି ଦେଲି) । ମୁଁ ପଟ୍ କରି ଜାଣିଗଲି

Digitized by srujanika@gmail.com

ସେଇଟା ଦେବବାଣ ବଜ୍ର । ଆଉ କେତେଜଣ ମୋ ସାଙ୍ଗରେ ଯାଇଥିଲେ । ସମସ୍ତଙ୍କୁ ତରବର କରି ପଳାଇ ଆସିବାକୁ କହି ମୁଁ ପଳାଇ ଆସିଲି । ସମସ୍ତଙ୍କୁ କହିଲି–ଦେଖିଲ ତ ସେହି ଚକ୍ ଚକ୍ ଲୁହାଟି ହେଉଛି ବଜ୍ର । ହେଲେ ଇନ୍ଦ୍ର ତାକୁ ସେଇଠି ଛାଡ଼ି ଦେବେ ନାହିଁ । ସେ ପୁଣି ତାକୁ କିସ୍ କଦରରେ ନେଇଯିବେ । ଆମେ ସମସ୍ତେ ତର ତର ହୋଇ ପଳାଇ ଆସୁଥିଲୁ । ଆମ ମୁହଁ କଥା ମୁହଁରେ ଅଛି । ହଠାତ୍ ଆଉ ଗୋଟାଏ ବଜ୍ର ପଡ଼ିଲା । କାନ ଫାଟେ କି ନ ଫାଟେ, ସେ ବଜ୍ରଟା ଗଛକୁ ଆଉ ଟିକେ ଫଟାଇ ଦେଲା ଓ ପୂର୍ବ ବଜ୍ରକୁ ସଙ୍ଗରେ ନେଇ ପଳାଇଲା ।

ତାଙ୍କ ସାଙ୍ଗରେ ଅନ୍ୟମାନେ ବି ଗୁଳିଖଟି ଗପରେ ମାତି ଗଲେ । ଜଣେ କହିଲେ–ସେ ଗଧୁଆ କମାରର ଖତଗଦାରେ ଥରେ ଏମିତି ଗୋଟାଏ ବଜ୍ର ପଡ଼ି ଗୋବର ଭିତରେ ପୋତି ହୋଇ ଯାଇଥିଲା । କମାରଟି ବିଚରା ଖତ ଖୋଳୁଖୋଳୁ ବଜ୍ରଟିକୁ ପାଇଲା । ଭଲ ଲୁହାଟିଏ ବୋଲି ଭାବି–ଘର ଭିତରକୁ ନେଇଗଲା । ଧୋଇଧାଇ କରି ତାକୁ ଗୋଟାଏ ଭଲ ଲଙ୍ଗଳ ଫାଳ କରିବ ବୋଲି ଶାଳରେ ପକାଇଲା । ସେ ହେଲା ଦେବ ଅସ୍ତ୍ର ବଜ୍ର । ସିଏ କି ନିଆଁ ଉପରେ ଆଉ ସମ୍ଭଳା ପଡ଼େ । ଢାଉ କରି ଗୋଟାଏ ବଡ଼ ଆବାଜ କରି ଉପରକୁ ଉଠି ପଳାଇଲା । ତା' ଘରଟି କଣା ହୋଇଗଲା । ଏହପରି ୪।୫ ଜଣ ଲୋକ ବଜ୍ର ଦେଖିଥିବାର ଅଭିଜ୍ଞତା ବର୍ଣ୍ଣନା କରିଗଲେ । ବର୍ଷାଟା ଛାଡ଼ି ନ ଥାଏ । ମଧୁଆ ପିଉସା ପୁଣି ଆରମ୍ଭ କଲେ–

ବଜ୍ରର ଗୋଟିଏ ଭଲ ଗୁଣ ହେଉଛି ଯେ ସାଧୁଲୋକ ଉପରେ ପଡ଼େ ନାହିଁ । ସେ ବାଛି ବାଛି କେବଳ ଅସାଧୁ, ପାପୀ ଲୋକ ଉପରେ ପଡ଼େ । ଥରେ ଗୋଟିଏ ଗୁହାଳିରେ ଦଳେ ଲୋକ ବର୍ଷାବେଳେ ଖୁନ୍ଦି ହୋଇ ବସିଥିଲେ । ଜଣେ ବାବାଜୀ ମଧ୍ୟ ଥିଲେ । ସେ କହିଲେ–ଦେଖ, ଆମ ଭିତରେ ଜଣେ ପାପୀ ଅଛି । ଆମେ ଚିହ୍ନି ପାରୁ ନାହୁଁ । ସେ ଏଠୁ ଗୁଳିଯିବା ଉଚିତ୍ । ନ ହେଲେ ସମସ୍ତେ ବଜ୍ର ମାଡ଼ରେ ମରିବେ । ଗୋଟିଏ କାମ କର । ଜଣେ ଲେଖାଏ ଦୂରରେ ଥିବା ଗଛ ମୂଳକୁ ଏଠାରୁ ଯାଅ । ଯିଏ ପାପୀ ଥିବ ସିଏ ସେ ଗଛ ମୂଳରେ ପହଞ୍ଚିବା ମାତ୍ରେ ତା' ଉପରେ ବଜ୍ର ପଡ଼ିବ । ସେ ମରିଯିବ । ହେଲେ ଅନ୍ୟମାନେ ଉଦ୍ଧାର ପାଇ ଯିବେ । ପ୍ରସ୍ତାବଟା କାର୍ଯ୍ୟକାରୀ କରାଗଲା । ପ୍ରଥମେ ଜଣେ ଯାଇ ଗଛମୂଳେ ଠିଆ ହେଲା । କିଛି ନ ହେବାରୁ ଗୁଳି ଆସିଲା । ତା'ପରେ ଆଉ ଜଣେ ମଧ୍ୟ ସେହିପରି ଯାଇ ଫେରି ଆସିଲା । ତା'ର କିଛି ହେଲା ନାହିଁ । ଏହିପରି ଜଣ ଜଣ ହୋଇ ସମସ୍ତେ ଗଲେ ଓ ଫେରିଲେ । କିନ୍ତୁ କାହାରି କିଛି ହେଲା ନାହିଁ । ସବା ଶେଷ ଜଣଙ୍କ ଭାବିଲା ଯେ ସେ ନିଶ୍ଚେ ପାପୀ । ସେ ଗଛ ମୂଳକୁ ଯିବା ମାତ୍ରେ ତା ଉପରେ ବଜ୍ର ପଡ଼ିବ । ଭୟରେ ଜଡ଼ ସଡ଼ ହୋଇ ସେ ଗୋଟିଏ ଗୋଟିଏ ଆଗେଇଲା । ସେ ଗଛ ମୂଳରେ ପହଞ୍ଚିଛି କି ନାହିଁ ଗୁହାଳି ଘର ଉପରେ ବଜ୍ର ପଡ଼ି ସମସ୍ତଙ୍କୁ ମାରି ଦେଲା । ସେହି ଗୋଟିଏ ପୁଣ୍ୟଲୋକ ଥିବାରୁ ଘର ଉପରେ ବଜ୍ର ପଡ଼ି ନ ଥିଲା । ଆଉ ସମସ୍ତେ ପାପୀ ଥିଲେ । ପୁଣ୍ୟ ଲୋକଟି ବାହାରି ଯିବା ମାତ୍ରେ ବଜ୍ର ମାଡ଼ରେ ସବୁ ପାପୀ ମରିଗଲେ । ଏଗୁଡ଼ା ଯେ କ୍ୟାରେଟ୍ ସତ ତାହା ଆମେ ପିଲାଏ ଗ୍ରହଣ କରି ନେଇଥିଲୁ ।

Digitized by srujanika@gmail.com

ଯେଉଁଦିନ ଝଡ଼ିବର୍ଷା ହୁଏ, ସେହିଦିନ ମଧୁଆ ପିଉସାଙ୍କ ପେଟ ଏହିପରି ଗପରେ ଫମ୍ପେଇ ଉଠେ । ସେତକ ନ ଓକାଳିବା ଯାଏ ତାଙ୍କର ବାହାର ସହେ ନାହିଁ । ଉପରୋକ୍ତ କଥାଗୁଡ଼ିକ କାମଧନ୍ଦା ନ ଥିଲା ବେଳେ ପିଉସାଙ୍କ ମୁହଁରୁ ବାରମ୍ବାର ଶୁଣି-ବାକୁ ମିଳୁଥିଲା ।

ପିଉସା ଯେ କେବଳ ଏହି ଧରଣର ଗପ କୁହନ୍ତି ତାହା ନୁହଁ, ତା'ସ ଓ ପଶା ଖେଳରେ ତାଙ୍କର ନିପୁଣତା ଓ ଦକ୍ଷତା ବିଷୟରେ ପୂର୍ବର ଅଭିଜ୍ଞତା ସବୁ କହି ସମ-ସ୍ତଙ୍କୁ ଚମତ୍କୃତ କରୁଥିଲେ । ତା'ସ ଖେଳରେ ସେ ନିଜର ଅନ୍ତଃଦୃଷ୍ଟି ବଳରେ କାହା ପାଖରେ କେଉଁ ତା'ସ ଅଛି ତାହା ପଟ୍‌କରି ଜାଣି ଯାଉଥିଲେ । ଫଳରେ ତାଙ୍କର ପ୍ରାୟ ସବୁବେଳେ ଜିତାପଟ ହେଉଥିଲା । ତାଙ୍କ ସାଙ୍ଗରେ ତା'ସ ଖେଳରେ ବସିବା ଲାଗି ଖେଳାଳୀମାନେ କଳି ତକରାଳ କରୁଥିଲେ । ସେ ଖେଳରେ ବସିବା ଅର୍ଥ ଜିତାପଟଟାକୁ ଘୋଷାଡ଼ି ଆଣି ଗାମୁଛାରେ ବାନ୍ଧିଦେବା । ଆମେ ପିଲାଏ ସେତେବେଳକୁ ତା'ସ ଖେଳର କୌଶଳ ଓ ନିୟମ ଜାଣି ନ ଥାଉ । ତଥାପି ଗ୍ରହଣ କରିନେଉ ଯେ ପିଉସା ଜଣେ ବଡ଼ ଖେଳାଳୀ । ହାରିବା କଥା ତାଙ୍କ ଜାତକରେ ନାହିଁ । ପାଠପଢ଼ା ସମୟରେ ପାଖରେ ଖେଳ ହେଉଥିଲା । ଆମେ କିନ୍ତୁ ଦେଖୁଥିଲୁ ମଧୁଆ ପିଉସା ପ୍ରତି ଖେଳ ଶେଷରେ ଭାରି କଳି ତକରାଳ କରୁଥିଲେ । ସମସ୍ତଙ୍କ କଥାରୁ ଆମେ ଜାଣି ପାରୁଥିଲୁ ଯେ ମଧୁଆ ପିଉସା ଖେଳରେ ହାରିଯାଇ କଳି କରୁ ଅଛନ୍ତି ।

କାହ୍ନୁଆ ଓରଫ୍ କାହ୍ନୁଚରଣ ପତି-

ଆମ ଘର ଏକ ବିଶାଳ ପରିବାର ଥିଲା । ବୁଢ଼ାବାପା ଓ ବଡ଼ ବୁଢ଼ାବାପା ନାମ-ଜାଦା କବିରାଜ ହୋଇଥିବାରୁ ବନ୍ଧୁବାନ୍ଧବମାନଙ୍କ ଭିତରେ ଯାହାର ଗୋଟିଏ କାଛୁ ହେଉଥିଲା ସେ ଧାଇଁ ଆସୁଥିଲା ଆମ ଘରକୁ ଚିକିତ୍ସିତ ହେବାଲାଗି । ଚିକିତ୍ସିତ ହେବା-ଲାଗି ଯେତେ ନୁହଁ, ତା'ଠାରୁ ବେଶିଥିଲା ଟିକେ ମଉଜ ମଜଲିସ୍ କରିବା ଲାଗି । ଦି ବୁଢ଼ା ବାପାଙ୍କର ଦୁଇ ଭଉଣୀ ଥିଲେ । ଜଣେ ବଡ଼ ନାନୀ ଓ ଆଉ ଜଣେ ସାନ ନାନୀ । ସେମାନେ ପ୍ରାୟ ସବୁବେଳେ ଆମ ଘରେ ଥା'ନ୍ତି । ଗରୀବ ଓ କୁଳୀନ ବ୍ରାହ୍ମଣ ଘରେ ସେମାନଙ୍କର ବିବାହ ହୋଇଥିବାରୁ ସେମା'ନେ ପ୍ରାଏ ଅଧିକାଂଶ ସମୟରେ ଆମ ଘରେ ଆସି ରହୁଥିଲେ । ଆମ ଘରେ ଯେପରି ମଧୁଆ ପିଉସା ଓ ତାଙ୍କ ପୁତୁରା କାଶୀନାଥ ଓତା ଥିଲେ । ବଡ଼ ବୁଢ଼ା ବାପାଙ୍କ ଘରେ ସେହିପରି ବାନାମ୍ବର ପତି ଥିଲେ । ଏହି ବାନାମ୍ବର ପତିଙ୍କର ପୁତୁରା ହେଲେ କାହ୍ନୁଆ ଓ ଭୀକା । ବାନାମ୍ବର ପତିଙ୍କ କଥା ମୁଁ ପରେ କହିବି । ଫକୀରମୋହନଙ୍କର ଗଣ୍ଡିପୁଅ ଅନ୍ତାର ଅବତାର ରୂପେ କାହ୍ନୁଆ ବୋଧହୁଏ ଜନ୍ମ ଗ୍ରହଣ କରିଥିଲା । ସେ ଆମ ଘରେ ଔଷଧ ତିଆରି କାମରେ ସାହାଯ୍ୟ କରୁଥିଲା । ବଦମାସୀ ଓ ବାଳୁଙ୍ଗାମିରେ ସେ ଫକୀରମୋହନଙ୍କ ଗଣ୍ଡିପୁଅ ଅନ୍ତାକୁ ମଧ୍ୟ ବଳି ଯାଇଥିଲା । ଭାରି ସାହସୀ ସେ । କାହାକୁ ଡରିଯିବା ତା' ଜାତକରେ ନଥିଲା । ବଡ଼ମାନେ ତାକୁ ଡାକୁଥିଲେ ଦଣ୍ଡାବାଳୁଙ୍ଗା । ତା'ର ବୋଉ ଆମ ଘରେ ଥାଏ ।

Digitized by srujanika@gmail.com

କାହ୍ନୁଆ ପ୍ରତି ନିକ୍ଷିପ୍ତ ହେଉଥିବା ଉପାଧି ଗୁଡ଼ିକ ତାକୁ ବଡ଼ ବ୍ୟଥିତ କରୁଥାଏ । କାହ୍ନୁଆର ଏହିପରି ଗୁଣ ଥିବାରୁ ସେ ଆମମାନଙ୍କର ଏକପ୍ରକାର ସର୍ଦ୍ଦାର ହୋଇଯାଇଥିଲା । ଢ଼େଲା ମାରିବାରେ ତାର ଅପୂର୍ବ ଦକ୍ଷତା ଥାଏ । ଗଛ ଅଗରେ ଥିବା ଗୋଟିଏ ଆମ୍ବ ଯଦି ତୋଳିବାକୁ ଦରକାର ପଡ଼ୁଥିଲା, ତା ସେ ମାତ୍ର ଗୋଟିଏ ଢେଲାରେ ତାହା ଖସାଇ ପକାଉଥିଲା, ପ୍ରଥମଟି ଖସି ଗଲେ ଦ୍ୱିତୀୟଟି ବାଜୁଥିଲା, ଦ୍ୱିତୀୟଟି ଖସିଗଲେ ତୃତୀୟଟିରେ ଆମ୍ବ ନିଶ୍ଚୟ ଖସୁଥିଲା । ତୃତୀୟ ଢ଼େଲା ତାକୁ ପ୍ରାୟ ମାରିବାକୁ ପଡ଼ି ନଥାଏ । ଏବେ ତା କଥା ଭାବିଲେ ମନେହୁଏ ସେ ଯେପରି ଆମ କ୍ରିକେଟ୍ ବୋଲର୍ କପିଳ ଦେବଙ୍କର ପୂର୍ବ ପୁରୁଷ ଥିଲା । ସେ ଯଦି ଆଜି ଥା'ନ୍ତା ତେବେ କ୍ରିକେଟ୍ ବାଲାଏ ତାକୁ ଘୋଷାଡ଼ି ନେଇ ଯାଇଥା'ନ୍ତେ । ଗଛରେ ଚଢ଼ିବା ତା'ର ଦ୍ୱିତୀୟ ଭଲ ଦକ୍ଷତା ଥିଲା । ଯେଉଁ ଗଛରୁ ପେଷାଦାର ଚଢ଼ାଳିମାନେ ଆମ୍ବ ତୋଳିବାକୁ ଅମଙ୍ଗ ହେଉଥିଲେ ସେ ସବୁ ଗଛରେ କେବଳ କାହ୍ନୁଆ ହିଁ ମାଙ୍କଡ଼ ପରି ଚଢ଼ି ଯାଉଥିଲା ଏବଂ ପେଷାଦାର ଚଢ଼ାଳିମାନଙ୍କୁ ଥଟ୍ଟା ନକଲ କରୁଥିଲା । ବେଳେ ବେଳେ କଠିନ କାମ କରିବାରେ ସେ ଅପୂର୍ବ ଦକ୍ଷତା ଦେଖାଏ । ଟିକେ ଟେକିଟାକି କରି କହି ଦେଲେ ସେ ଘଣ୍ଟାକର କାମ ୧୫ ମିନିଟ୍‌ରେ କରି ଦିଏ । ମନ ନ ପାଇଥିଲେ ହଜାରେ ଶୋଧାରେ ବି ସେ ଟଳେ ନି । ଚଢ଼େଇମାନଙ୍କର ସେ ଥିଲା ଗୋଟିଏ ଆତଙ୍କପ୍ରଦ ବ୍ୟକ୍ତି । ଚଢ଼େଇମାନଙ୍କର ଯିବା ଆସିବାରୁ କେଉଁଠାରେ ସେମାନେ ବସା କରିଛନ୍ତି ତାହା ସେ ଜାଣି ପାରୁଥିଲା । ତା ଜ୍ଞାନର ସତ୍ୟତା ଜଣାଇବା ଲାଗି ସେ ସଙ୍ଗେ ସଙ୍ଗେ ଗଛ ଉପରେ ମାଙ୍କଡ଼ ପରି ଚଢ଼ି ଯାଇ, ଚଢ଼େଇ ବସାରୁ ଅଣ୍ଡା କାଢ଼ି ତଳେ ଠିଆ ହୋଇଥିବା ଆମମାନଙ୍କୁ ଦେଖାଏ । ଚଢ଼େଇମାନେ ରଡ଼ିଛାଡ଼ି ଏ ପାଖ ସେ ପାଖ ଉଡ଼ନ୍ତି । ବେଳେ ବେଳେ ତା ମୁଣ୍ଡକୁ ଖୁମ୍ପି ପକାନ୍ତି । କାଳକ୍ରମେ ଚଢେଇମାନେ ତାକୁ ଏକ ଦୁର୍ନିବାର ଶତ୍ରୁ ବୋଲି ଜ୍ଞାନ କଲେ, ତାକୁ ଦେଖିଲେ ଚଢ଼େଇମାନେ କିଚିରି ମିଚିରି ହେଉଥିଲେ ।

କୂଅରେ ଡ଼ାଳଟିଏ କି ଗଗ୍ର ଗୋଟିଏ ପଡ଼ିଗଲେ ତାକୁ କେହି ନ କହିଲେ ସୁଦ୍ଧା ସେ ସଙ୍ଗେ ସଙ୍ଗେ କୂଅରେ ବୁଡ଼ି ତାକୁ କାଢ଼ି ପକାଏ । ଥରେ ସେ ପଡ଼ିଆରେ ହନ୍ତି ବାହାଦୁରୀ ଦେଖାଇବା ଲାଗି ଗୋଟିଏ କୂଅ ଭିତରେ ଛଇଁଚି ହେଉଥିଲା । ସେଥିପାଇଁ ପୁରସ୍କାର ସ୍ୱରୂପ ବଡ଼ମାନଙ୍କ ଠାରୁ ସେ କିଛି କାନ ମୋଡ଼ା ଓ ଖୁନ୍ଦା ଖାଇଥିଲା ।

ଥରେ ଆମ ଘରେ ମାଆ ବସନ୍ତ ବିଜେ କଲେ ଏବଂ ମୋର ମଝିଆଁ କକେୟୀ ଯଦୁମଣି ମିଶ୍ରଙ୍କୁ ନେଇ ଯାଇଥିଲେ । ତାପରେ ମାଆ କାହ୍ନୁଆ ଉପରେ ସ୍ନେହ ଦୃଷ୍ଟି ପକାଇଲେ । ତାକୁ ଏପରି ଭୀଷଣ ଭାବରେ ବସନ୍ତ ହେଲା ଯେ ସେ ବଞ୍ଚିବ ବୋଲି କେହି ଆଶା ରଖି ନଥିଲେ ।

ସେ ଯେପରି ତା ଗାଆଁରେ ମରିବ ସେଥିଲାଗି ତାକୁ ଏକ ଶଗଡ଼ ଗାଡ଼ିରେ ଗାଆଁକୁ ପଠାଇ ଦିଆଗଲା । ମାସକପରେ କିନ୍ତୁ ସେ ଝାଡ଼ିଝୁଡ଼ି ହୋଇ ପୁଣି ଆସି ପହଞ୍ଚିଲା । ମୁହଁ ଓ ଦେହଯାକ ଜାଲି ଚଟୁ ପରି ହୋଇଯାଇଥାଏ । ମାଆ ତା'ର ଆଖିରେ କିନ୍ତୁ ହାତ ଦେଇ ନଥିଲେ ।

Digitized by srujanika@gmail.com

କିଛି ଦିନ ପରେ ସେ କେତେ ଜଣ ଗାଆଁ ଲୋକଙ୍କ ସାଥିରେ କଲିକତାକୁ ଗ୍ଲିଗଲା । ବର୍ଷକପରେ ଫେରି ଆମ ସାଙ୍ଗରେ ଖଣ୍ଡିଆ ବଙ୍ଗଳାରେ କଥାବାର୍ତ୍ତା ହେଲା ଓ କଲିକତାରେ ତା'ର କାର୍ଯ୍ୟକଳାପ ବିଷୟରେ ବହୁତ କିଛି ଆମକୁ କହିଲା । କିଛିଦିନ ରହି ପୁନର୍ବାର ସେ କଲିକତା ଗ୍ଲିଗଲା । ସେହିଦିନଠାରୁ ଆଉ ଫେରି ନାହିଁ । ତା ବିଷୟରେ କେହି କିଛି ଖବର ଦେଇ ପାରିଲେନି । ସେଠାରୁ ଫେରୁଥିବା ଓଡ଼ିଆମାନେ ମଧ୍ୟ ତା ବିଷୟରେ କିଛି ଖବର ଅନ୍ତର ଦେଇ ପାରିଲେନି । ସେ ମରିଗଲା ବୋଲି ସମସ୍ତେ ସ୍ଥିର କରି ନେଲେ । ବୋଧହୁଏ ତାହାହିଁ ସତ୍ୟ । ସେ ବଞ୍ଚିଥିଲେ ନିଶ୍ଚୟ ତା'ର ପୂର୍ବ କର୍ମକ୍ଷେତ୍ରକୁ ଥରେ ଦିଥର ଆସିଥା'ନ୍ତା । ମଥୁରାକୁ ଯାଇ କହ୍ନେଇ ସିନା ଗୋପପୁରକୁ ଭୁଲି ଯାଇଥିଲେ, କାହ୍ନୁଆ କିନ୍ତୁ ବଞ୍ଚିଥିଲେ କଲିକତାରୁ କଟକ ନିଶ୍ଚୟ ଫେରି ଥା'ନ୍ତା । ତେଣୁ ତା'ର ମୃତ୍ୟୁ ଯେ ଏକ ଅଭ୍ରାନ୍ତ ସତ୍ୟ ତାହା ସମସ୍ତେ ଗ୍ରହଣ କରି ନେଲେ । ଆମ ପିଲାମାନଙ୍କ ଉପରେ ତା'ର ଏତେ ପ୍ରଭବ ପଡ଼ିଥିଲା ଯେ ଏବେ ଏ ପରିଣତ ବୟସରେ ମଧ୍ୟ ଆମେ ତାକୁ ଭୁଲି ପାରିନାହୁଁ । ତାର କାର୍ଯ୍ୟକଳାପ ଆମ ସ୍ମୃତିପଟରେ ଏବେ ମଧ୍ୟ ସଜୀବ ହୋଇ ରହିଅଛି ।

ବାନାମ୍ବର ପର୍ବ-

ବାପାଙ୍କଠାରୁ ସେ ବୟସରେ ବଡ ଥିବାରୁ ଆମେ ତାଙ୍କୁ ବାନା ଦଦେଇ ବୋଲି ଡାକୁଥିଲୁ । ବଡ଼ ବୁଢାବାପାଙ୍କର ସେ ଫାର୍ମାସିଷ୍ଟ୍ ଭବରେ କାର୍ଯ୍ୟ କରୁଥିଲେ । ମୁଣ୍ଡରେ ତାଙ୍କର ଗୋଟାଏ ମୋଟା ଚୁଟିଥିଲା । ଦେଖିବାକୁ ସେ ତକ ତକ ଗୋରା ଓ ଖୁବ୍ ଡେଙ୍ଗା ଥିଲେ । ଫାର୍ମାସିଷ୍ଟ୍ ଥିଲେ ମଧ୍ୟ ରନ୍ଧନ କାର୍ଯ୍ୟରେ ତାଙ୍କର ଅପୂର୍ବ ଦକ୍ଷତା ଥିଲା । ଦର୍ପଣୀ ରଜାଙ୍କ ଘରେ ସେ ବହୁବାର ରନ୍ଧନ କରି ଦକ୍ଷତା ଦେଖାଇଥିଲେ । ରଜା ଘରେ ଥିବା କାଶ୍ମୀର ରନ୍ଧୁଣିଆଙ୍କଠାରୁ ମଧ୍ୟ ବହୁ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ଓ ମିଷ୍ଟାନ୍ନ ତିଆରି କୌଶଳ ଶିଖିଥିଲେ । ଆମ ଦୁଇଘରେ ଅର୍ଥାତ୍ ବୁଢ଼ାବାପା ଓ ବଡ଼ ବୁଢ଼ାବାପାଙ୍କ ଘରେ ବିବାହ, ବ୍ରତ, କାନ ଫୋଡ଼ା ଆଦି କୌଣସି ଶୁଭ ଅନୁଷ୍ଠାନ ଆରମ୍ଭ ହେଲେ ରନ୍ଧଣା ଭର ତାଙ୍କରି ଉପରେ ପଡ଼େ । କେବଳ ଲଡ଼ୁ ମିଠାଇ ତିଆରି ପାଇଁ ଗୁଡ଼ିଆମାନେ ଆସନ୍ତି କିନ୍ତୁ ଅନ୍ୟ ସମସ୍ତ ପ୍ରକାର ରନ୍ଧନ ପାଇଁ ବାନା ଦଦେଇ ହିଁ ନିଯୁକ୍ତ ହୋଇ ଥାନ୍ତି । ଆମ ଘରେ ବୋଉ ଓ ଖୁଡ଼ିମାନଙ୍କୁ ସେ ନାନା ବ୍ୟଞ୍ଜନ ତିଆରିର କୌଶଳ ଶିଖାଇ ଦେଇଥିଲେ । ଏବର ଅଧ୍ୟାପକ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ମିଶ୍ରଙ୍କର ମାତା (ମୋର ସାନ ଖୁଡ଼ୀ) କେବଳ ଏହି ଦକ୍ଷତା ହାସଲ କରି ପାରିଥିଲେ । ବାନା ଦଦେଇ କିପରି ଥରେ ଦର୍ପଣୀ ରଜାଙ୍କୁ ରନ୍ଧନରେ ଚମତ୍କୃତ କରି ଦେଇଥିଲେ ତାହା ବହୁବାର ଆମକୁ କହିଥିଲେ । ସେ ଥରେ ଗୋଟିଏ ପତର ଓ ଡେମ୍ଫ ଲଗା ବାଇଗଣକୁ ୪ ଫଡ଼ା କରି ଗୋଟିଏ ଫଡ଼ା ଆମ୍ବିଳ, ଗୋଟିଏ ଫଡ଼ା ବେସର, ଗୋଟିଏ ଫଡ଼ା ଭଜା ଓ ଅନ୍ୟ ଫଡ଼ାଟିକୁ ସନ୍ତୁଳା କରି ତାକୁ ଗୋଟିଏ ପ୍ଲେଟ୍‌ରେ ସେହିପରି ଡେମ୍ଫ ଓ ପତ୍ରଲଗା ଅବସ୍ଥାରେ ଖାଇବାକୁ ଦେଇଥିଲେ । ଦର୍ପଣୀ ରଜା ଏଥିରେ ଅବାକ୍ ହୋଇ

Digitized by srujanika@gmail.com

ଯାଇଥିଲେ । ଏପରି ଅସମ୍ଭବ କଥା କିପରି ସମ୍ଭବ ହେଲା ତାହା ଆମକୁ ବୁଝାଇ କହିବା ଲାଗି ଆମେ ତାଙ୍କୁ ବହୁତ ଅନୁରୋଧ କଲୁ । ସେ ବୁଝାଇ ଦେଲେ ଗୋଟିଏ ଡେଙ୍ଗ ଓ ପତ୍ର ଲଗା ବାଇଗଣକୁ ସେ ଆଣି ଛୁରୀରେ ୪ ଫଡ଼ା କରିଦେଲେ । ଡେଙ୍ଗରେ କିନ୍ତୁ ୪ଟା ଯାକ ଫଡ଼ା ଲାଗି ରହିଥାଏ । ଡେଙ୍ଗ ଓ ପତ୍ରକୁ ଓଦାକନାରେ ଗୁଡ଼ାଇ ରଖି ସେ ଫଡ଼ା ୪ଟିକୁ ଫୁଟନ୍ତା ଘିଅରେ ସିଝାଇ ଦେଲେ । ତା'ପରେ ୪ଟି ଗିନାରେ ବେସର, ଆମ୍ବିଳ, ଝୋଳ ଓ ଭଜା ମସଲା ରଖି ଗୋଟି ଗୋଟି କରି ବୁଡ଼ାଇ ଦେଇ-ଥିଲେ । ତାପରେ ପ୍ଲେଟ୍‌ରେ ତାକୁ ସଜାଡ଼ି ରଜାଙ୍କୁ ଖାଇବାକୁ ଦେଲେ । ରଜା ଅତିଶୟ ପ୍ରୀତ ହୋଇ ତାଙ୍କୁ ୨ଟଙ୍କା ବକ୍‌ସିକ୍ ଦେଇଥିଲେ । ସେ ସମୟର ୨ଟଙ୍କା ଏବେ ବୋଧହୁଏ ଆଜିର ଦୁଇଶହ ଟଙ୍କାରୁ ଅଧିକ ହେବ । ସେ ମଧ୍ୟ ପରମ ତୃପ୍ତ ହୋଇଯାଇଥିଲେ ।

ବାନା ଦଦେଇ ଆଉ ଗୋଟିଏ ରନ୍ଧନ ପରାକାଷ୍ଠା ବିଷୟରେ ଆମକୁ କହି-ଥିଲେ । ସେ କୁଆଡ଼େ ଥରେ ସେରେ ଚାଉଳ, ସେରେ ଗୁଆଘିଅ ଓ ସେରେ ଚିନିରେ ପଲଉ ତିଆରି କରି ଦର୍ପଣୀ ରଜାଙ୍କୁ ଖାଇବାକୁ ଦେଇଥିଲେ । ଦର୍ପଣୀ ରଜବାଟୀରେ ଏଥିଲାଗି ରଜାଙ୍କର ଅନ୍ୟାନ୍ୟ ପାଚକମାନେ ଏକଥା ଶୁଣି ବାନା ଦଦେଇଙ୍କୁ ହସରେ ଉଡ଼େଇ ଦେଇଥିଲେ । ବାନା ଦଦେଇ ରଜାଙ୍କ ସମ୍ମୁଖରେ ବାଜି ମାରି ଏହି ପଲଉ ତିଆରି କରି ରଜାଙ୍କ ଠାରୁ ଇନାମ ପାଇଥିଲେ ।

ଆମେ ଆବାକାବା ହୋଇ ତାଙ୍କୁ ପଚାରିଲୁ—ବାନା ଦଦେଇ ! ତୁମେ ପଲଉ କଲ ନା ପଖାଳ କଲ ମ ? ସେଇ ଚାଉଳ ସେଇ ଘିଅ ପିଇବ କେମିତି ? ତାକୁ ପୁଣି ମଣିଷ ଖାଇବେ କେମିତି ? ସେ ଘିଅ ପଖାଳ ହୋଇଥିବ । ଏଇଟା ବଡ଼ ଅସ-ମ୍ଭବ କଥା ।

ବାନା ଦଦେଇ ହସିଲେ । ଗୁମର କଥାଟା ସେ କହିବାକୁ କୁନ୍ଥକୁନ୍ଥ ହେଉ-ଥିଲେ । ଜିଗର କରି ପଚାରିବାରୁ ସେ ଆମକୁ ବୁଝାଇଦେଲେ ।

ଆଗ ଚାଉଳକୁ ପାଏ ଘିଅରେ ମିଠା ନିଆଁରେ କଷିବାକୁ ହେବ । ଚାଉଳ-ତକ ଘିଅକୁ ପିଇଯିବ । ତାପରେ ତାକୁ କାଢ଼ିକରି ରଖିଦେବ । ସେରେ ଚିନିରେ ତିନିପା' ଘିଅ ଦେଇ ପାଗ କରିଦେବ । ଘିଅ ଚିନି ଏକାଠି ହୋଇଯିବ, ଚିନି ଘିଅଟାକୁ ଶୋଷି ନବ, ତାପରେ ଫୁଟିଲା ଗରମ ପାଣିରେ ଚାଉଳକୁ ପକାଇ ଦେବ । ସେ ଠିକ୍ ପଲଉ ପାଗ ହୋଇ ଆସିଲା ବେଳକୁ ଏ ଘିଅ ପିଆ ଚିନିକୁ ଛାଡ଼ିଦେବ । ସବୁ ଘାଣ୍ଟିଘୁଣ୍ଟି ମସଲା ମସିଲି ଦେଇ ପଲଉ ପୂରା ହୋଇଗଲେ ଉତାରି ଆଣିବ । ଆମେ ପଚାରିଲୁ—ଦଦେଇ ତାକୁ କିଏ ଖାଏ ନା ଖାଲି ଦେଖେ ?

ସେ ପୁଣି ହସି କହିଲେ—ସେ ଏକ ଦିବ୍ୟ ପଲଉ, ତାର ସ୍ୱାଦ ଖୁବ୍ କମ୍ ଲୋକ ଜାଣନ୍ତି, ଖୁବ୍ ଭଲ ଲାଗେ ଖାଇବାକୁ । ହେଲେ ଗୁଣ୍ଡାଏ ଖାଇଦେଲେ ପାଟି ବାନ୍ଧିଯିବ ।

Digitized by srujanika@gmail.com

ଆମେ ତାଙ୍କୁ ଥରେ ସେମିତିଆ ପଲଉ ଆମ ଘରେ କରିବାକୁ କହିଥିଲୁ । ସେ କହିଲେ–ଆରେ ଏସବୁ ରଜାଘର ଖାନା, ଯିଏ ସିଏ କ'ଣ ଏହାକୁ କରି ପାରିବେ ନା ଖାଇ ପାରିବେ ?

ଇଏତଗଲା ତାଙ୍କର ରନ୍ଧନ ଦକ୍ଷତା । ଔଷଧ ତିଆରି ଦକ୍ଷତା ମଧ୍ୟ ତାଙ୍କର କିଛି କମ୍ ନଥିଲା । କବିରଜମାନେ ଯାହା ପାଇଁ ଔଷଧ ତିଆରି କରିବେ ସେ ଔଷଧରୁ ଚଉଠେ କାଢି ରଖିବା ତାଙ୍କର ହକ୍ । ଏଇଟା ସମସ୍ତଙ୍କର ଜଣାଶୁଣା । ଆମ ଦୁହିଁଙ୍କ ଘରେ ସେତେବେଳେ ଚିନ୍ତାମଣି ରସ ନାମରେ ଏକ ଉତ୍କୃଷ୍ଟ ସ୍ୱର୍ଣ୍ଣଘଟିତ ବଟିକା ତିଆରି ହେଉଥିଲା । ସେଇଟା ଭାରି ଉପକାରୀ ଔଷଧ ଥିଲା । ବୁଢ଼ାମାନଙ୍କ ପାଇଁ ତାହା ଏକ ଟନିକ୍ ଭଳି କାମ କରୁଥିଲା । ଥରେ ଦର୍ପଣୀ ରଜାଙ୍କର ସେହି ଚିନ୍ତାମଣି ରସ ବରାଦ ହେଲା । ରଜାଙ୍କ ଲୋକେ ସାଫ୍ ସାଫ୍ ଶୁଣାଇଦେଲେ ଯେ ତୁମକୁ ସେ ଚଉଠର ଦାମ ଆମେ ଦେଇଦେବୁ । ତୁମେ କିନ୍ତୁ ସମୁଦାୟ ଔଷଧ ଆମକୁ ଦେଇ ଦେବ । ଗୋଟିଏ ହେଲେ ବଟିକା ନେବାକୁ ହେବ ନାହିଁ । ଏହାକହି ତାଙ୍କର ଜଣେ ଲୋକ ବାନା ଦଦେଇଙ୍କ ପାଖରେ ବସି ରହିଲା । ସେ ତାଙ୍କୁ ଛକି ବସିଥାଏ, ବାନା ଦଦେଇ ମନେ ମନେ ଭାବି ଲାଗିଥାନ୍ତି । କବିରଜ ଯଦି ଔଷଧରୁ ଚଉଠେ ନନିଏ ସେଇଟା ତାଙ୍କୁ ଗୋଟିଏ ଲାଜର କଥା । କେଉଁ ବାଟେହେଲେ ତାଙ୍କୁ ପଟିମାରି ନେବାକୁ ହେବ । ଏହା ଭାବି ଭାବି ସେ ଉପାୟ ସବୁ ସ୍ଥିର କରି ନେଲେ । ଔଷଧ ଖଲା ହୋଇ ସାରି ବଳା ହେବା ଅବସ୍ଥାକୁ ଆସିଗଲା । ବାନା ଦଦେଇ ମୋଟା ହୋଇ ବଳା ହୋଇଥିବା ଔଷଧରୁ ଟିକେ ଟିକେ ଆଣି ସେଥିରୁ ଡାହାଣ ହାତରେ ଖୁବ୍ ଛୋଟ ଛୋଟ ଆକାରରେ ନେଇ ତାକୁ ଗୋଲି ତିଆରି କରିବାରେ ଲାଗିଲେ । ରଜାଙ୍କ ଲୋକଟି ଖଲ ଭିତରକୁ ବଗ ମୀନ ଚାହିଁଲା ପରି ଚାହିଁ ରହିଥାଏ । ଦଦେଇଙ୍କ ମୁଣ୍ଡରେ ଗୋଟିଏ ବଡ଼ ଚୁଟି ଥାଏ, ଚୁଟିଟା ଗୁଡ଼ିଆ ହୋଇ ଗୋଟିଏ ଚଉଁରି ଭୁଣ୍ଡି-ପରି ଦିଶୁଥାଏ । ମଝିରେ ମଝିରେ ବାନା ଦଦେଇ ବାଆଁ ହାତରେ ମୁଣ୍ଡ କୁଣ୍ଡେଇ ହୋଉଥାନ୍ତି । ରଜାଙ୍କ ଲୋକ ସେଇଟାକୁ ସେତେ ଗୁରୁତ୍ୱ ଦେଉ ନଥାନ୍ତି । ପଛ ଚଉଁରୀଭୁଣ୍ଡିକୁ ଛାଡ଼ିଦେଲେ ବାନା ଦଦେଇଙ୍କ ମୁଣ୍ଡ ଆଉ ଗୁରିଆଡ଼େ ସଫା । ତେଣୁ ସେ ଔଷଧ ଲୁଚାଇବେ କେଉଁଠି ? ଏହା ଭାବି ରଜାଙ୍କ ଲୋକଟି ନିଶ୍ଚିତ ହୋଇ ବସି ଥାଏ । ବାନା ଦଦେଇ ଏହିପରି ମୁଣ୍ଡ କୁଣ୍ଡାଇ ହେଉ ହେଉ ଥରେ ତାଙ୍କ ଚୁଟି ଭିତରେ ଟିକିଏ ଔଷଧ ଗୁଞ୍ଜିଦେଲେ । ଜଗୁଆଳୀ ଜଣକ ଏହି କାର୍‌ସାଦି ଟିକକ ଧରି ପାରି-ଲାନି । ଔଷଧ ତକ ତିଆରି କରି ସାରି ଜଗୁଆଳଙ୍କ ଜିମା ଦିଆଗଲା । ସେ ଚାଲି-ଗଲେ । ବଡ଼ଦୁଃଖରେ ଅନ୍ୟମାନେ ବାନା ଦଦେଇଙ୍କୁ ପଚାରିଲେ–

ହଇହେ ବାନାଘର ! ରଖିପାରିଲ ନାହିଁ । ରଜାଙ୍କ ମଣିଷ ତୁମକୁ ଜିତି ଗଲା । ବାନା ଦଦେଇ ହସି ହସି ଚୁଟିରୁ ସେତକ କାଢିକରି ଦେଖାଇଲେ । ସମସ୍ତେ ତାଙ୍କୁ ତାରିଫ୍ କରି କହିଲେ–ଯାହା ହେଉ କବିରଜଙ୍କ ଇଜ୍ଜତ ରଖିଲ ।

ଆମ ଘର ଦକ୍ଷିଣକୁ ଉତ୍ତର ପାର୍ଶ୍ୱ ମଠ ଥାଏ । ସେଠି ସ୍ୱର୍ଗତ ଅଧ୍ୟାପକ ଶ୍ରୀ କରୁଣାକର କର ରହି ପାଠ ପଢୁଥିଲେ । ତାଙ୍କ ପୂର୍ବରୁ ସ୍ୱର୍ଗତ ଅଧ୍ୟାପକ ରତ୍ନାକର

Digitized by srujanika@gmail.com

ପତି ମଧ୍ୟ ରହିଥିଲେ । ଆମେ କିନ୍ତୁ ତାଙ୍କୁ ଦେଖି ନଥିଲୁ । ଆମର ନୂଆ ଗୃହ ଶିକ୍ଷକ ପାଠପଢ଼ା ଜାଗାରେ ପଶା ଖେଳ ବା ତା'ସ ଖେଳ ହେବା ପାଇଁ ବାରଣ କଲେ । ସେହେତୁ ସେ ଆମର ଉତ୍ତର ପାର୍ଶ୍ୱ ମଠକୁ ଉଠିଗଲା । ଦି ପହରେ ସବୁ ଖେଳାଳୀମାନେ ସେଇଠି ଯାଇ ହାବୁଡ଼ି ଯାଆନ୍ତି ଏବଂ କରୁଣାକର କର ଆସି ଆମ ମାଷ୍ଟରଙ୍କ ପାଖରେ ଚୁପ୍‌ଚାପ୍ ହୋଇ ବସନ୍ତି । ବେଳ ଉଣ୍ଡି କେବଳ ପାଟିର ଚାଳନା ଦ୍ୱାରା ତା'ସ କିମ୍ବା ପଶା କହି ଦେଉଥିଲେ । ଶବ୍ଦ ସିନା ଶୁଭୁ ନଥାଏ କିନ୍ତୁ ମୁଖ ଚାଳନାରୁ ପରିଷ୍କାର ବୁଝା ପଡ଼ୁଥାଏ ସେ ପଶା ପାଲି ଚାହୁଁଛନ୍ତି କି ତା'ସ ଚାହୁଁଛନ୍ତି । ଉପଯୁକ୍ତ ଜିନିଷଟାକୁ ଆମ ଶିକ୍ଷକ କାଛ ଆଲମାରୀରୁ କାଢି ତାଙ୍କୁ ଧରାଇ ଦିଅନ୍ତି । ସେ ପାଲି ବା ତା'ସକୁ କାଖରେ ଯାକି ଗାମୁଛା ଘୋଡ଼େଇ ହୋଇ ଟୁଙ୍ଗ୍ ଟୁଙ୍ଗ୍ ହୋଇ ଚାଲି ଯାଉଥିଲେ । ସେ ଆସି ପହଞ୍ଚିଯିବା ମାତ୍ରେ ଆମେ ଜାଣୁଥିଲୁ ସେ ହୁଏତ ପଶା ବା ତା'ସ ନେବାକୁ ଆସିଛନ୍ତି ।

ଛେନାବାଲା ଗଉଡ଼--

ଆମ ଚାହାଳିଘରୁ ପଶା ତା'ସର ଧୂମ୍ ସିନା କମିଗଲା, ହେଲେ ଗୁଲି ଖଟି ଗପ ଓ ଜିନିଷ ପତ୍ର ଖରିଦ କେନ୍ଦ୍ର ଭାବରେ ତାର ଖ୍ୟାତି ଜାରି ରହିଲା । ଗୋଟିଏ ଗଉଡ଼ ଛେନା ନେଇ ସେଇଠି ବିକ୍ରି କରିବାକୁ ଆସି ପହଞ୍ଚେ । ତାର ଛେନା ବିକ୍ରିଟା ଅତି ହାସ୍ୟୋଦ୍ଦୀପକ ହୋଇଥାଏ । ତାର ଅବଲୟ ମୁଖ ବିକୃତି ଓ ମୃଦୁ ଆର୍ତ୍ତନାଦ ଆମମାନଙ୍କର ବେଶ୍ କୌତୂହଳ ଓ ହାସ୍ୟ ଉତ୍ପାଦନ କରିଥାଏ । ସେ ଆସି ପହଞ୍ଚିବା ମାତ୍ରେ କକେୟୀ, ମଧୁଆ ପିଉସା ଓ ଅନ୍ୟାନ୍ୟମାନେ ଆସି ତା' ପାଖରେ ପହଞ୍ଚି ଯା'ନ୍ତି । ଦରଦାମ କଷାକଷିର ଝୁଙ୍କ...ଛିଡ଼ିଯାଏ । ତାର ନାହିଁ...ନାହିଁ ଆମର ହଁ...ହଁ ଭିତରେ ଗୋଟିଏ ରେଟ୍ ଧାର୍ଯ୍ୟ ହୋଇଯାଏ । ତାର ଛେନାକୁ ଚିପି ପାଣି ନିଗାଡ଼ି ଦେବାକୁ ହେବ ବୋଲି ତାକୁ ଆଗରୁ କହି ଦିଆଯାଏ । ସଙ୍ଗେ ସଙ୍ଗେ ଆମର ଔଷଧ ପ୍ରସ୍ତୁତକାରୀମାନଙ୍କୁ ଡକାଯାଏ । ଦୁଇଜଣ ଚାପୁଆଣି ଧରି ଆସି ପହଞ୍ଚିଯାନ୍ତି; ଚାପୁଆଣି ହେଲା ଦୁଇଖଣ୍ଡ ରୁଲ୍‌ବାଡ଼ି ଭଳି ଗୋଲିଆ କାଠ । ଏଗୁଡ଼ିକ ତୈଳ କାଣ୍ଡି ଚିପାରେ ବ୍ୟବହୃତ ହୁଏ । ତେଲ ପିଇ ପିଇ ସେଗୁଡ଼ିକ ଏକଦମ୍ ପାଚି ଯାଇଥାଏ । ସଙ୍ଗେ ସଙ୍ଗେ ଗୋଟିଏ ଗାମୁଛା ଆସିଯାଏ । ଗାମୁଛାଟିକୁ ଦୁଇ ପରସ୍ତ କରି ତା ଭିତରେ ଛେନା ଭର୍ତ୍ତି କରାଯାଏ । ତାର ଚୁଟିକୁ ଧରି ମୋଡ଼ାଯାଏ ଏବଂ ତଳର ଗୋଲେଇ ଅଂଶରେ ଦୁଇଜଣ ଚାପୁଆଣିକୁ ଲଗେଇଚିପନ୍ତି । ଜଣେ ଉପରୁ ଚୁଟିକୁ ମୋଡ଼ିବାରେ ଲାଗିଥାଏ । ଗଉଡ଼ ବଡ଼ ବ୍ୟସ୍ତ ହୋଇ ବେଶି ଚିପିବାକୁ ବାରଣ କରୁଥାଏ ।

ବାରଣ ନମାନି ଚାପୁଣିଆମାନେ ଖୁବ୍ କଷିକରି ଚିପୁଡ଼ିବାରେ ଲାଗିପଡ଼ନ୍ତି । ଗଉଡ଼ ଟା "ଓଃ...ଆଃ...ଏତେ କାହିଁକି ଚିପୁଛ ? ବାବୁ ଏଁ...ଏଁ ମୁଁ ତ ଏତେ ଚିପିବାକୁ କହୁନଥିଲି । ହଁ। ହଁ। ଫାଟିଯିବ । ଓଃ–ଆଃ" ବୋଲି ରଡ଼ି ଛାଡ଼ିଥାଏ । ଚାପୁଣିଆମାନେ ତାକୁ ଥଟ୍ଟା କରି କୁହନ୍ତି–ଏଁ...ଏଁ ତୋ କୋଷଟାକୁ ଚିପିଦେଲା

Digitized by srujanika@gmail.com

ଭଳିଆ କ'ଣ ପାଟି କରୁଛୁ ? ସମସ୍ତେ ହୋ...ହୋ ହୋଇ ହସନ୍ତି । ବେଳେବେଳେ ଗଉଡ଼ 'ଓହୋ' କଲା ବେଳେ ଟିକେ ଟେକି ହୋଇ ଯାଉଥାଏ । ଏହି ସମୟରେ ପିଉସା ମନ୍ତବ୍ୟ ଦିଅନ୍ତି—ଆରେ ଏଇଟା ବଡ ଅବଲୟ କରୁଛି । ସତରେତ ଯାର ଯେମିତି କିଏ ଚିପି ଦେଲା ଭଳି ହଉଛି । ସେ ପ୍ରକୃତରେ ଦୁଃଖ ପ୍ରକାଶ କରୁଥାଏ କି ସମସ୍ତଙ୍କୁ ହସାଇବା ଲାଗି ଏ ଅବଲୟ କରୁଥାଏ, ତା' ଆମର ଜାଣିବାର ଉପାୟ ନଥିଲା । ଆମେ ଭାବୁ ଆଜିଠାରୁ ସେ ଗଉଡ଼ ଆଉ ଆସିବନି । ସେ କିନ୍ତୁ ୪।୫ ଦିନେ ଥରେ ନ ଆସିଲେ ତାର ଭାତ ହଜମ ହୁଏନି । ତାକୁ ବୋଧହୁଏ ଭାରି ଆଶ୍ୱସ୍ତି ଜଣାଯାଏ ।

ସାର୍ବଜନୀନ ଅଜା (କେଳୁମିଶ୍ରେ)-

ଏହାଙ୍କ ଘର ଏବର ପୁରୁଣା ଭୁବନେଶ୍ୱର ବୈତାଳି ମନ୍ଦିର ନିକଟରେ ଥିବା ବ୍ରାହ୍ମଣ ସାହିରେ ଥିଲା । କକେୟୀ ତାଙ୍କ ଝିଆରୀକୁ ବାହା ହୋଇ-ଥିଲେ । ଏପରି ସ୍ନେହୀ ଅଜା ଆମେ ସାତ ଜନ୍ମରେ ଆଉ ପାଇବୁ ନାହିଁ । ମାସେ ଦୁଇ ମାସରେ ଥରେ ସେ ଆମ ଘରକୁ ଆସନ୍ତି । ସେ ଆସିଲେ ୧୦।୧୫ ଦିନରୁ କମ୍‌ରେ ତାଙ୍କୁ କେହି ଛାଡ଼ନ୍ତି ନାହିଁ । ସେ ଘରେ ଗୋଡ଼ ଦେବାମାତ୍ରେ ଅଜା ଅଜା ବୋଲି ଆମେ ପାଟିକରି ତାଙ୍କୁ କୁଣ୍ଢାଇ ପକାଉ । ଜଣେ ଅଧେ ତାଙ୍କ ଉପରକୁ ଚଢି ଯାଇ ନାଉ ହୁଅନ୍ତି । ସେ ଉଲସି ଉଠି କହନ୍ତି—ଆବେ ଆବେ ଶଳେ ! ଏମିତି କାହିଁକି ହଉଛ ବେ ? ଥୟ ଧର, ଏଇ ନିଅ ନିଅ କୋରା ନିଅ ।

ସେ ଭୁବନେଶ୍ୱରରୁ କୋରର ଗୋଟିଏ ପୁଟୁଳି ଆଣିଥା'ନ୍ତି । ସେଇଠି ଆମେ ତାର ଅଧେ ଶେଷ କରିଦେଉ । ସେ ଭୁବନେଶ୍ୱରରେ ଜଣେ ଖ୍ୟାତନାମା କର୍ମଣିଆ ବ୍ରାହ୍ମଣ ଥିଲେ । ସେଠି ମଧ୍ୟ ତାଙ୍କର ଖୁବ୍ ଖାତିର୍ ଥିଲା । ସେ ଖୁବ୍ ଗରୀବ ଥିଲେ ସୁଦ୍ଧା ଆମ ଘରେ ଝିଆରୀ ଦେଇଥିବାରୁ ସମସ୍ତେ ତାଙ୍କୁ ଖୁବ୍ ଭାଗ୍ୟବାନ୍ ବୋଲି ମନେକରି ଖାତିର୍ କରୁଥିଲେ । ସେ ଟିକେ ସୁସ୍ଥ ହୋଇ ବସିବା ମାତ୍ରେ ଆମ ଦୁଇ ଘରର ପିଲାମାନେ ତାଙ୍କୁ ଆଉ ସୁସ୍ଥ କରି ବସାଇ ଦେଉ ନ ଥିଲୁ । ଆଜା ଭାରି ଫିମ୍ପୁଡ଼ି ଦେଖାଉ ଥା'ନ୍ତି । କିନ୍ତୁ ପେଟ ଭିତର ସେ ଯେମିତି ଖୋଜୁଥା'ନ୍ତି ଯେ ଏ ଟୋକାଗୁଡ଼ା ମୋ ସାଙ୍ଗରେ ସେମିତି ଲାଗିଥା'ନ୍ତୁ । ଦୈବାତ୍ ଯଦି ଆମେ ସମସ୍ତେ ଅନ୍ୟ କୌଣସି କାମରେ ମାତି ଥାଉ ଓ ତାଙ୍କ ପାଖକୁ ନ ଆସିଥାଉ ତେବେ ତାଙ୍କର ଦେହ ଓ ମନ ବିଷେଇ ଉଠେ । ସେ ପାଟିକରି ଡାକନ୍ତି—"ଆବେ ଶଳେ ! କୁଆଡ଼େ ଗଲ ବେ !

ଆମର ଚେତା ପଶିଯାଏ । ଦଳଟାଯାକ ସବୁ କାମ ଛାଡ଼ି ଦେଇ ତାଙ୍କ ଉପରେ ଚଢ଼ୋଉ କାମ ଆରମ୍ଭ କରିଦେଉ । ସେ ମଧ୍ୟ ପୂର୍ବପରି ପାଟି କରିବା ଆରମ୍ଭ କରି ଦିଅନ୍ତି ।

—ଆବେ ଶଳେ ଏମିତି କାହିଁକି ହଉଛ ବେ ! ଥିରି ହୋଇ ବସ ।

Digitized by srujanika@gmail.com

ଆମେ ଥିରି ହୋଇ ବସିଲେ ସେ ଗଣ୍ଡ କଥାକୁ ଦୁଇ ଗରିଟା ଆରମ୍ଭ କରିଦିଅନ୍ତି । ଆମେ ହସି ହସି ପୁଣି ତାଙ୍କ ଉପରେ ଚଢି ଯାଉ । ରାତିରେ ଶୋଇଲାବେଳେ ତାଙ୍କୁ କେମିତି କ'ଣ ଲାଗେ କେଜାଣି ! ବଡ଼ି ଅନ୍ଧାରୁଆରୁ ସେ ଉଠି ପଡ଼ନ୍ତି । ତାଙ୍କର ନିତ୍ୟକର୍ମ ସାରି ଦିଅନ୍ତି । ତାଙ୍କର ପୂଜା ପୂଜି ସରିଲା ବେଳକୁ ଆମେ ପ୍ରାୟ କେହି ଉଠି ନଥାଉ । ପୂଜା ସାରି ସେ ପୁଣି ପାଟି କରନ୍ତି– ଆବେ ଶଳେ ! କୁଆଡ଼େ ଗଲବେ ! ଆବେ ଶଳେ ! ଏତେବେଳଯାଏ ଶୋଇଛନା ?

ଆମକୁ ଜଣାଯାଏ ଯେମିତି ରାତିଯାକ ସେ ବଡ଼ ଆଶ୍ୱସ୍ତିବୋଧ କରି ଶୋଇ-ଥିଲେ । ତାଙ୍କ ଉପରେ ଧୁମ୍ ଧଡ଼କ ଧସ୍ତା ଧସ୍ତି ହୋଇ ନଥାଏ । କାରଣ ପିଲାମାନେ ସମସ୍ତେ ଶୋଇପଡ଼ିଥା'ନ୍ତି । ଆମର ପାଠପଢ଼ା ସରିଲେ ତାଙ୍କ ସଙ୍ଗେ ଖେଳ କସରତ ଆରମ୍ଭ ହୋଇଯାଏ । ତାଙ୍କର 'ଆବେ ଶଳେ ! ଏମିତି କାହିଁକି ହଉଛବେ' କଥା ଗୁଡ଼ିକ ଆମ କାନରେ ସଙ୍ଗୀତର ମୂର୍ଚ୍ଛନା ସୃଷ୍ଟି କରୁଥାଏ । ଯେତେବେଳେ ଆମର ମାତ୍ରାଟିକେ ବେଶି ହୋଇଯାଏ ସେତେବେଳେ ଆମର ଅଭିଭବକମାନେ ଆମକୁ ଗାଳି ଗୁଲଜ କରି ବାଡ଼େଇବାକୁ ଧମକାନ୍ତି । ସଙ୍ଗେ ସଙ୍ଗେ ଅଜା ସେମାନଙ୍କ ଗାଳିର ପ୍ରତିବାଦ କରି କହି-ଉଠନ୍ତି–"ଆହା ସେମିତି କାହିଁକି କହୁଛ ? ମୋର ତ କିଛି ଖରାପ ହୋଇ ଯାଉନି । ଏ ପିଲାଙ୍କ ଖେଳରେ ବାଧା ଦେଉଛ କାହିଁକି ?"

ଆମେ ଟିକେ ଟିକେ ବଡ଼ହେବା ପରେ ଥରେ ଥରେ ଟ୍ରେନ୍‌ରେ ଦଳବାନ୍ଧି ମାମୁଁ ଘରକୁ ଯାଉ । ଭୁବନେଶ୍ୱର ଷ୍ଟେସନ୍‌ରେ ଓହ୍ଲାଇଲା ମାତ୍ରେ ଆମ ପାଖକୁ କେତେ ଗୁଡ଼ିଏ ଲୋକ ଆସି ପଚାରନ୍ତି–ପଣ୍ଡା କିଏ ? ପଣ୍ଡା କିଏ ? ଅଜାଙ୍କ ନାମଧରି ଆମେ କହୁ–କେଳୁ ମିଶ୍ରେ ଆମର ପଣ୍ଡା । ସେମାନେ ଘର ଓ ବାପା ନାଁ ସବୁ ପଚାରି ଯାନ୍ତି । ଆମେ କିନ୍ତୁ ସେସବୁ କିଛି ନ କହି କହୁ–

କେଳୁ ମିଶ୍ରେ ଆମ ପଣ୍ଡା, ଆମେ ତାଙ୍କୁହିଁ ସବୁକଥା କହିବୁ ।

କ୍ରମେ ଆଉ କିଛି ଲୋକ ଆସି ସେଠି ଜମା ହୋଇ ଯାନ୍ତି, ଜଣେ ଅଧେ ଆମକୁ ଚିହ୍ନି ପାରି ହସନ୍ତି ଓ ଅନ୍ୟମାନଙ୍କୁ କହି ଦିଅନ୍ତି–ଆରେ ହେ । ଏ ଟୋକାଗୁଡ଼ା କେଳୁମିଶ୍ରଙ୍କ ନାତି । କଟକିଆ, କଟକିଆ । ସମସ୍ତେ ଆମକୁ ଛାଡ଼ି ଚାଲି ଯାନ୍ତି । ଅଜାଙ୍କ ଘରେ ପହଞ୍ଚିଲେ । ଅଜା ଆମକୁ ଦେଖି ଏକ୍‌ଦମ୍ ଭୋଳ ହୋଇ ଯାନ୍ତି । ଏପରିକି ତାଙ୍କ ଠାକୁର ପୂଜା କାମରେ ମଧ୍ୟ ବ୍ୟାଘାତ ପଡ଼ିଯାଏ । ଆମକୁ ନେଇ ଚାରିଆଡ଼ ବୁଲାଇ ଆଣନ୍ତି । ମନ୍ଦିରମାନଙ୍କ ବିଷୟରେ କିମ୍ବଦନ୍ତୀ ସବୁ କୁହନ୍ତି । ମନ୍ଦି-ରରେ ପଙ୍ଗତ ହେଉଥିଲେ ଆମ ସମସ୍ତଙ୍କୁ ସେଠାକୁ ଘୋଷାଡ଼ି ନେଇ ଯାଉଥିଲେ । ଏ ଅଜା ଆମର ଏତେ ପ୍ରିୟ ଥିଲେ ଯେ ତାଙ୍କ ଚେହେରା ଆମେ ଆଜିଯାଏ ଭୁଲି ପାରି-ନାହୁଁ ।

ଥରେ ଅଜା ଟାଇଁ ଟାଇଁ ଖରାବେଳେ ଆସି ଆମ ଘରେ ପହଞ୍ଚିଲେ । ଗ୍ରୀଷ୍ମ ଦିନିଆ ଖରା ସେ ଭାରି ତୃଷାର୍ତ୍ତ ହୋଇଥିଲେ । ଏତିକିବେଳେ ରମାନା ନୋରଣ ମିଶ୍ରଙ୍କ

Digitized by srujanika@gmail.com

ବଡ଼ ନାତି ଓ ଆମ ସମସ୍ତଙ୍କର ନେତା) ଆସି ଅଜାଙ୍କୁ କହିଲେ–ଅଜା ସର୍ବତ ପିଇବ ? ଅଜା କହିଲେ–ହଁରେ ନାତି ପିଇବା । ଆଣ, ରମାନା ଗିଲସେ ସଢ଼ା ପାଣି କଖାରୁ ପାଣି ନେଇ ଆସିଲେ । ତାହା ଏଡ଼େ ଦୁର୍ଗନ୍ଧ ଯୁକ୍ତ ଥିଲଯେ ଟିକେ ଶୁଙ୍ଘିବାମାତ୍ରେ ବାନ୍ତି ଦେଖାଉଥିଲ । ସେଇ ଗିଲସଟିକୁ ଆଣି ସେ ଅଜାଙ୍କୁ ଧରଇ ଦେଲେ । ଅଜା ସତରେ ସର୍ବତ ବୋଲି ଭବି ତରତରରେ ପାଟିରେ ଲଗାଇ ଦେଲେ । ପାଟି ଭିତରକୁ କିଛି ଟାଣିନେବା ମାତ୍ରେ ଭଣଭଣ ଗନ୍ଧରେ ସେ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେ । ଅଃ ଅଃ ଥୁ ଥୁ କରି ସେ ପାଟିଭିତରୁ ସେଗୁଡ଼ା କାଢ଼ି ପକାଇଲେ ।

ହେଃ ଶଳାଟା ଏଇ ସର୍ବତ ଆଣିଲୁ ? ଦେ ଦେ ଭଲ ପାଣି ଆଣ । ମୁଁ ଆଗ ମୁହଁ ଧୁଏ ।

ସଙ୍ଗେ ସଙ୍ଗେ ଆମେ ଗୋଟିଏ ଗ୍ଲାସ ଭଲପାଣି ନେଇ ଆସିଲୁ । ସେ ବହୁ-ବାର କୁଳୁକୁଞ୍ଚା କରି ଟିକେ ଆଶ୍ୱସ୍ତ ହେଲେ, ଏ କଥାଟା କ୍ରମେ ଦଦେଇଙ୍କ କାନକୁ ଗଲ । ସେ ଆସି ରମାନାଙ୍କୁ ଭରି ଆକଟ କଲେ । ଅଜା ମଧ୍ୟ ପ୍ରତିବାଦ କରି ଦଦେଇଙ୍କୁ କହିଲେ–

"ଆହା ! ପିଲଟା କ'ଣ କରି ପକେଇଲା ଯେ ତା ଉପରେ ଏତେ ରାଗ ।"

ସଙ୍ଗେ ସଙ୍ଗେ ଦଦେଇ ଭଲ ସର୍ବତ ଗିଲସେ ତିଆରି କରି ଅଜାଙ୍କୁ ଦେଲେ । ଅଜା ସେତକ ପିଇସାରି ତୃପ୍ତି ପାଇଲେ ଏବଂ ସଙ୍ଗେ ସଙ୍ଗେ କହିଲେ–"ନାତିଟା ଯଦି ଏତକ କରି ନଥା'ନ୍ତା ଏତକ ମୁଁ ପାଇଥାନ୍ତି କୁଆଡୁ ?"

କେଳୁ ଅଜା ଭଣ୍ଡ କଥାର ଏକ ଅସରନ୍ତି ଭଣ୍ଡାର ରଖିଥିଲେ । ବେଳେବେଳେ ସେହି ଭଣ୍ଡ କଥାରୁ ଗୋଟିଏ ଗୋଟିଏ ଆମ ଉପରକୁ ଫୋପାଡ଼ି ଦେଉଥିଲେ । ଆମେ ସମସ୍ତେ ହସି ହସି ତାଙ୍କୁ ଗଡ଼େଇ ଦେଉ ଥିଲୁ । ତାଙ୍କର ଗୋଟିଏ ଭଣ୍ଡଶ୍ଳୋକ ଏ ପର୍ଯ୍ୟନ୍ତ ମୋର ମନେ ଅଛି ଏବଂ ତାହାକୁ ମୁଁ ମୋର ଗୋଟିଏ ଗପରେ ବ୍ୟବହାର କରି ଦେଇଛି । ତାହାହେଲ–

"ଉତ୍ତମା ଚଡ଼କା ପାଡ଼ାଃ ଟୁଁ ଟାଇଁଶ୍ଚ ମଧ୍ୟମାଃ
ପୁଁ ସି ନିର୍ବଂଶୀ ଗୋଳାଃ ପ୍ରାଣ ଘାତକାଃ ।"

ଏହାର ଅର୍ଥ ସୂଚନା ହେଉଛି ଜୋର୍‌ରେ ଶବ୍ଦକରି ହେଉଥିବା ଅଧୋବନ୍ଧୁ ଉତ୍ତମ ଶ୍ରେଣୀୟ, ସ୍ୱଳ୍ପ ଶବ୍ଦାୟମାନ ଟୁଁ ଟାଁ ମଧ୍ୟମ ଶ୍ରେଣୀୟ, ଅତିକ୍ଷୀଣ ଶବ୍ଦଯୁଗ ପୁଁ ପରିବାରର ଦୁର୍ନାମକାରୀ ଏବଂ ବିନା ଶବ୍ଦରେ ଯାଉଥିବା ଗୋଳ ବା ଗୋଳେଇ-ଦେବା ବାୟୁ ପ୍ରାଣଘାତକ ସଦୃଶ । ଏହାର ଆବିର୍ଭାବ ହେଲେ ସମସ୍ତେ ଉଠି ପଳାନ୍ତି ଫଳରେ ପରିବାର ନିଶ୍ଚିହ୍ନ ହୁଏ । ସେ ତାଙ୍କର ହସର ଅସରନ୍ତି ଭଣ୍ଡାର ନେଇ ଆସି-ଥାନ୍ତି ଆମ ଘରକୁ, ଆମମାନଙ୍କୁ ହସାଇ ହସାଇ ବେଦମ୍ କରି ପୁଣି ଚାଲିଯାନ୍ତି, ଗଲ-ବେଳେ ସେ ଆମମାନଙ୍କୁ ଲୁଚି କରି ଯା'ନ୍ତି । କାରଣ ଯିବା କଥା ଆମେ ଜାଣିଗଲେ

Digitized by srujanika@gmail.com

ତାଙ୍କୁ କେବେହେଲେ ଛାଡ଼ିଦବୁ ନାହିଁ । ସେଥିପାଇଁ ଆମେ ଅଭିଭବକମାନଙ୍କଠାରୁ ଗାଳି ଓ ବେଳେବେଳେ ମାଡ଼ ମଧ୍ୟ ଖାଇ ଥାଉ । ଏତକ ନ ଦେଖିବାଲାଗି ସେ ଲୁଚି କରି ପଳାନ୍ତି । ଆମେ ୨।୩ ଦିନ ଯାଏ ତାଙ୍କୁ ଝୁରୁ ଥାଉ ।

ଥରେ ସେ ଆଉ ଆସିଲେ ନାହିଁ । ଆସିବା ସମୟ ବହୁତ ଗଡ଼ି ଯିବାରୁ ମଝିରେ ମଝିରେ ଆମେ କଥାବାର୍ତ୍ତା ହେଉ–ଶଳା ଅଜାଟା ଆସୁନି କାହିଁକି ମ ? ଦିନେ ଶୁଣିଲୁ ଅଜା ଆମର ମରିଗଲେ । ଆମ ଆଖିରୁ ଲୁହ ବାହାରି ପଡ଼ିଲା । ପିଲା ମନ ଅବଶ୍ୟ ଏ ଦୁଃଖଦ ଘଟଣାକୁ ଦିନେ ଦି ଦିନ ପରେ ପାଶୋରି ଦେଲୁ । ପୁରୁଣା ଯାଦୁ ମଝିରେ ମଝିରେ କୁଣ୍ଡାଇ ହେଲା ପରି ତାଙ୍କ କଥା ମନେ ପଡ଼ିଯାଏ । ସେତିକିବେଳେ ମନଟି ଭରି କଷ୍ଟ ହୋଇଯାଏ । ପରକ୍ଷଣରେ ମନରୁ ତାହା ଉଭଇ ଯାଏ । ତାଙ୍କ ମୁହଁ ଓ ସ୍ୱର ମୁଁ ଆଜିଯାଏ ବି ଭୁଲିପାରି ନାହିଁ ।

ଗଉଡ ବୁଢ଼ା :–

ଆମ ଘରର ଇଏ ଥିଲା ସବୁଠାରୁ ବିଶ୍ୱସ୍ତ ଚାକର ଓ ୩।୪ ଜଣ ଚାକରଙ୍କ ଉପରେ ସର୍ଦ୍ଦାର ଏ ଗଉଡ ବୁଢ଼ାର ପ୍ରଭବ ମୋ ଉପରେ ଗଭୀର ଭବରେ ପଡ଼ିଥିଲା । ଏପରିକି ମୋ ଡଲଖାରେ ମଧ୍ୟ ତାର ପ୍ରଭବ ପଡ଼ିଛି ।

ଆମ ଘରର ପୂର୍ବକୁ ୧୨ ଏକରର ଗୋଟିଏ ବିରାଟ ବିଲ ଥିଲା । ଧାନ ଓ ନାନା ଜାତି ପରିବାରେ ଏ ବିଲଟି ସବୁବେଳେ ଭରପୁର ଥାଏ । ତିନି ଚାରଟି ମୂଲିଆ ସବୁବେଳେ ସେଠାରେ ଖଟୁଥାନ୍ତି । ସେ ବିଲଟା ଏଡ଼େ ନିଛାଟିଆ ଥିଲା ଯେ ଦିନ ଦି-ପ୍ରହରେ କେହି ନଥିବା ବେଳେ ସେ ଯାଗାକୁ ଯିବା ଲାଗି ଅନେକ ପଛୋଉ ଥା'ନ୍ତି । କାରଣ ସେ ବିଲରେ ଭୂତ, ପ୍ରେତ, ଦୈତ୍ୟ, ଚାମୁଣ୍ଡା, ବାସେଲୀ, ମାଦଳମୁଣ୍ଡା, ବ୍ରହ୍ମ-ଦୈତ୍ୟ, ଖପିସ ଆଦି ନାନା ପ୍ରେତାତ୍ମା ମାନେ ସେମାନଙ୍କର ନିତ୍ୟ ବସ ଲଗାଇଥାନ୍ତି । ସେମାନଙ୍କ ସାଙ୍ଗରେ ଗଉଡ ବୁଢ଼ାର ଘନିଷ୍ଠ ସମ୍ବନ୍ଧ ଥାଏ । ଆଉ କିଏ ହୋଇଥିଲେ ଗୋଟାଏ ଝାଡ଼ା ଓ ଗୋଟାଏ ବାନ୍ତିରେ ଖତମ ପାଇ ଯାନ୍ତା । କିନ୍ତୁ ଗଉଡବୁଢ଼ା ଜଣେ ଜବରଦସ୍ତ ଗୁଣିଆ ଥିଲା । ଏ ଭୂତ, ପ୍ରେତମାନେ ତା ଗୁଣିଆ ଗିରୀର ମାରତ୍ମକତା ବିଷୟରେ ଖୁବ୍ ସଚେତନ ଥିବାରୁ ତା ସହିତ ଖରାପ ବ୍ୟବହାର କରୁ ନଥିଲେ । ଏଇଟା ମୁଁ ଖୋଦ୍ ତା ମୁହଁରୁ ବହୁବାର ଶୁଣିଛି । ଗଉଡବୁଢ଼ା ଏହି ଭୂତ ପ୍ରେତମାନଙ୍କୁ ନିମନ୍ତ୍ରଣ କରିଆଣି ସ୍ଥାନ ଦେଇଥିଲା କି ସେମାନେ ଆଗରୁ ରହିଥିଲେ ଏବଂ ଗଉଡ ବୁଢ଼ାକୁ ଦେଖି କୌଣସି ଉତ୍ପାତ ନକରି ଶାନ୍ତ ହୋଇ ରହିଥିଲେ ତାହା ଅବଶ୍ୟ ମୁଁ କହି ପାରିବି ନାହିଁ । ଆଜିକାଲି ଜଣକ ବାଡ଼ିରେ ଗୋଟିଏ ପିଜୁଳି କି ଅମ୍ବ ପାଚିଲେ ତାକୁ ଖାଇବାର ଆଶା ଗଛ ମାଲିକର ନବେ ପ୍ରତିଶତ ରହେ ନାହିଁ । କାରଣ ବାଡ଼ି ମାଲିକ ଆଖିରେ ଏହା ପଡ଼ିବା ପୂର୍ବରୁ ଆଖପାଖରେ ଥିବା ତୀକ୍ଷ୍ଣଦୃଷ୍ଟି ସମ୍ପନ୍ନ ଖେଚଡ଼ ଛୁଆମାନଙ୍କୁ ତାହା ଦିଶିଯାଏ । ଚୋରୀ ଗବେଷଣାରେ ଡ଼ିଲିଟ୍ ପ୍ରାପ୍ତ ଏହି

Digitized by srujanika@gmail.com

ଖେଚଡ଼ା ଟୋକାମାନେ ଏଗୁଡ଼ିକୁ ଉଭନ୍ କରି ଦିଅନ୍ତି । ଏହି ଖେଚଡ଼ା ଛୁଆମାନଙ୍କ ଦାଉରେ ଆଜିକାଲି ବାଡ଼ିରେ ଲୋକେ ଲଙ୍କାମରିଚ ଗଛଟିଏ ଲଗାଇବାକୁ ମଧ୍ୟ ସାହସ କରୁ ନାହାନ୍ତି । କିନ୍ତୁ ସେ ସମୟରେ ଏଡ଼େ ବଡ଼ ନିଛାଟିଆ ବିଲରେ ବାଇଗଣ କଖାରୁ, କାକୁଡ଼ି, କନ୍ଦମୂଳ ଆଦି ପରିବାମାନ ଭୂଇଁ ଉପର ଯାକ ଶୋଇଥାନ୍ତି । ଏତେ ପରିବା ହୋଇଥାଏ ଯେ, ଟିକେ ଦୂରକୁ ବିଲଟା ଖାଲି ପରିବାମୟ ଦେଖାଯାଏ । ଦିନରେ ଚାଷୀମାନେ ତ ସେଠାରେ ଥା'ନ୍ତି । ରାତିହେଲେ ଗଉଡବୁଢ଼ା ଭୂତ ପ୍ରେତ-ମାନଙ୍କୁ ସେଠି ଜଗାଇ ଦେଇ ଅନ୍ୟାନ୍ୟ ଚାଷୀଙ୍କ ସହିତ ଘରକୁ ଚାଲିଆସେ । ମାସ ମାସ ଧରି ସେଠାରୁ କାକୁଡ଼ିଟିଏ ବି ଚୋରି ହେବାର ଖବର ମିଳୁ ନଥିଲା । ଏହିଭୂତ ପ୍ରେତମାନେ ରାତିଯାକ ଜଗି ରହୁଥିବାରୁ ସେଠାକୁ କୌଣସି ଚୋର ଭୁଲରେ ସୁଦ୍ଧା ଯାଉ ନଥାଏ । ଭୂତ ପ୍ରେତମାନଙ୍କୁ ଜବତ କରି ରଖିଥିବା କଥା ଗଉଡ ବୁଢ଼ା ଠାରୁ ଆମ ସାହିର ପ୍ରାୟ ସମସ୍ତେ ଜଣା ଅଧିକେ ଶୁଣିଥାନ୍ତି । ଗଉଡ ବୁଢ଼ା ଛଡ଼ା ଅନ୍ୟ କେହି ସେଠାରେ ରାତିରେ ପାଦଦେବା କଥା ମନରେ ଭାବିପାରୁ ନଥିଲେ । ସନ୍ଧ୍ୟା ପୂର୍ବରୁ ଚାଷୀମାନେ ଘରକୁ ପଳାଇ ଆସନ୍ତି କିନ୍ତୁ ଗଉଡ ବୁଢ଼ା ଅଧିକାଂଶ ଥର ରାତି ୧୦।୧୧ଟା ବେଳେ ବିଲରୁ ଫେରେ । ସମସ୍ତେ ନିଃସନ୍ଦେହ ବୁଝିଯାଇଥାନ୍ତି ଯେ ଗଉଡ ବୁଢ଼ା କେବଳ ଜଣେ ଉଚ୍ଚକୋଟୀର ଗୁଣିଆ ହୋଇଥିବାରୁ ଏପରି କରିବା ତା ପକ୍ଷରେ ସମ୍ଭବ । ମନ୍ତ୍ର ବଳରେ ସେ ତା ଦେହକୁ କିଳି ଦେଇଥାଏ । ତେଣୁ ଭୂତ ପ୍ରେତମାନେ ଗଉଡ ବୁଢ଼ା ଠାରୁ ସବୁବେଳେ ୧୦ ହାତ ଦୂରରେ ରହିଥାନ୍ତି । ତା ପାଖକୁ ଆସିବା ସେମାନଙ୍କର କଳ୍ପନାତୀତ । ପ୍ରତିଦିନ ସନ୍ଧ୍ୟାରେ ବା ରାତିରେ ତା' ପାଖରେ ବସି ମୁଁ ତାର ଭୂତ ଦଳନ କାର୍ଯ୍ୟକଳାପ ବିଷୟରେ ରୋମାଞ୍ଚକାରୀ କଥାଗୁଡ଼ିକ ଶୁଣେ । ସେ ସବୁ ବୃତ୍ତାନ୍ତରୁ କେତେ ଗୁଡ଼ିଏ ବର୍ଣ୍ଣନା ନ କଲେ ପାଠକମାନେ ଗଉଡବୁଢ଼ାର ପରାକ୍ରମ ବିଷୟରେ କିଛି ଧାରଣା କରିପାରିବେ ନାହିଁ । ଏଣୁ ପାଠକମାନଙ୍କର ସୁବିଧା ନିମନ୍ତେ ନିମ୍ନରେ କେତେଗୋଟି ଯୁଦ୍ଧ ବୃତାନ୍ତ ଦିଆଗଲା ।

ଦିନେ ରାତି ୮ଟା ବେଳେ ଗଉଡବୁଢ଼ା ଗୋଟିଏ ବଡ଼ ଆମ୍ବ ଗଛ ତଳେ ବସିଥିଲା । ସେଟାଏ ଅଚିହ୍ନା ବ୍ରହ୍ମଦୈତ୍ୟ ହଠାତ୍ ଆମ୍ବଗଛର ଗୋଟାଏ ବଡ଼ ଡାଳକୁ ବଙ୍କାଇ ଗଉଡ ଉପରେ ମାଡ଼ିଦେଲା । ଗଉଡ ବୁଢ଼ା ଟିକିଏ ହସିଲା । କହିଲା—ହଇରେ ପୁଅ ମୋତେ ଚିହ୍ନିନୁ ନା, ହଉ ହଉ, ରହ । ତୋତେ ପାନେ ଦଉଛି । ଏହା କହି ସେ ବାଆଁ ପାଦତଳୁ ମୁଠାଏ ବାଲି ଡାହାଣ ହାତରେ ନେଇ ଆସିଲା । ମନ୍ତ୍ର ପଢ଼ି ବାଲିକୁ ଟିକେ ଫୁଙ୍କି ଦେଲା । ସେତେବେଳକୁ ବ୍ରହ୍ମ ଦୈତ୍ୟ ଗଛରୁ ଓହ୍ଲାଇ ତା ଆଗରେ ଠିଆ ହେଲା ଏବଂ ତା'ର ବିରାଟ ଦାନ୍ତ ଗୁଡାକ ଦେଖାଇ ଗଉଡକୁ ଚୋବାଇବ ବୋଲି ଉପକ୍ରମ କଲା । ସେ ପାଖକୁ ଆସିବା ମାତ୍ରେ ଗଉଡ ବୁଢ଼ା ବାଲିତକ ତା ଉପରକୁ ଛାଟିଦେଲା । ଦେଖ ତା ମଜ୍ଜା, ଏଡେ ବଡ଼ ବ୍ରହ୍ମଦୈତ୍ୟଟା ତଳେ ଦାଲୁ କରି ପଡ଼ି ଗଡ଼ିଗଲା । କାନଫଟା ଚେଁ ଚେଁ ଆବାଜ କରୁଥାଏ । ଦୟାକର ଦୟାକର ବୋଲି ଚିଲ୍ଲେଉ ଥାଏ । ଗଉଡ ବୁଢ଼ା ମୁରୁକି ହସା ଦେଉଥାଏ । ତାକୁ ସମ୍ବୋଧନ କରି ସେ କହିଲା—

Digitized by srujanika@gmail.com

ଆରେ ବେଟା ! ଟିକେ ରୁଖିଯା, ଟିକେ ରୁଖିଯା, ମନ୍ତ୍ର କରମତି ଟିକେ ରୁଖିଯା ।

ଏଡ଼େ ବଡ଼ ବ୍ରହ୍ମ ଦୈତ୍ୟଟା ଛାଟିପିଟି ହୋଇ ତଳେ ଗଡ଼ୁଥାଏ ଏବଂ କାତରକଣ୍ଠରେ କହୁଥାଏ—

ଦୟାକର, ମୁଁ ଆଉ ଦିନେ ଏ ଭୁଲ କାମ କରିବି ନାହିଁ । ମୁଁ ଚିହ୍ନି ନଥିଲି । ବହୁତ ମିନତି କରିବା ପରେ ଗଉତ ବୁଢ଼ାର ମନରେ ଦୟା ହେଲା । ତହୁଁ ସେ ବାଆଁ ହାତରେ ଡାହାଣ ପାଦ ତଳୁ ଟିକେ ବାଲି ସଂଗ୍ରହ କଲା ଏବଂ ତାକୁ ମନ୍ତ୍ର ପଢ଼ି ତା ଉପରକୁ ଛାଟିଦେଲା । ଦୈତ୍ୟଟି ଝାଡ଼ିଝୁଡ଼ି ହୋଇ ତା ଆଗରେ ହାତଯୋଡ଼ି ବସିଲା । ମୁଣ୍ଡିଆ ମାରି କହିଲା—

ଆଉ ଦିନେ ଏପରି ଭୁଲ୍‌କାମ କରିବି ନାହିଁ ।

ଗଉତବୁଢ଼ା ହସି ହସି ତାକୁ ଆଜ୍ଞା ଦେଲା—

ହଉ ତେବେ ତୁ ଯାଆ, ଏ ବିଲ ଶେଷରେ ଯେଉଁ ସାହାଡ଼ା ଗଛଟି ଅଛି ସେଇଠି ଚୁପ୍ ଚାପ୍ ହୋଇ ରହିବୁ । ଆଉ ଦେଖ୍ ମୋ ଖାମିଦଘର ଲୋକଙ୍କୁ କେବେ-ହେଲେ ଡରଇବୁ ନାହିଁ ।

ବ୍ରହ୍ମ ଦୈତ୍ୟଟି ପୁନର୍ବାର ତା ଗୋଡ଼ତଳେ ପଡ଼ି ଗୋଟିଏ ସୁଧାର ପିଲାପରି ଟୁଙ୍ଗୁଟୁଙ୍ଗୁ ହୋଇ ସେହି ସାହାଡ଼ା ଗଛକୁ ଚାଲିଗଲା ।

ଆଉଦିନେ ଗଉତ ବୁଢ଼ା ବିଲ ଭିତରେ ଥିବା ଗୋଟିଏ ଚାଳ ଘରେ ବସି ତା ବଟୁଆରୁ ପାନ ଭାଙ୍ଗି ଖାଇବାର ଉପକ୍ରମ କରୁଥାଏ । ରାତି ପ୍ରାୟ ୭ଟା କି ୮ଟା ହେବ । ସାମନାକୁ ଚାହିଁ ଦେଖିଲା ପ୍ରାୟ ୧୦ ହାତ ଦୂରରେ ଗୋଟାଏ ବିରଟକାୟ ଷଣ୍ଢ । ତାର ପୁଣି ତିନିଟା ଆଖି । ଗଉତବୁଢ଼ା ଭରି ବ୍ୟସ୍ତ ହୋଇ ପଡ଼ିଲା । ମନେ-ମନେ ଭାବିଲା ଆହା ଏ ଶଳା ଷଣ୍ଢଟା କେତେବେଳେ ବିଲରେ ପଶି ଗଲାଣି । ସବୁ ପରିବାଗଛ ତ ଚାଟିଚୁଟି ଦେବ । ବଟୁଆଟାକୁ ଚଟାପଟ୍ ଅଣ୍ଟାରେ ଖୋସିଦେଇ ଧଡ଼ାଟା ଧରି ତାକୁ ବାଡ଼େଇବାକୁ ବାହାରିଲା । ସେ ଷଣ୍ଢଟା ସାଙ୍ଗେ ସାଙ୍ଗେ ଗୋଟାଏ ଘୋଡ଼ା ହୋଇଗଲା । ସେ ପୁଣି ଅଙ୍ଗଭଙ୍ଗି ଘୋଡ଼ା । ତା ମୁଣ୍ଡରେ ଦୁଇଟା ଶିଙ୍ଗ । ଗଉତବୁଢ଼ା ଚଟାପଟ ତାକୁ ଚିହ୍ନିପାରି ହସି ଦେଇ ତାକୁ କହିଲା—

ହଇରେ ଶଳା ଖପିସ ! ତୁ କ'ଣ ମୋତେ ଚିହ୍ନିନୁ କିରେ ? ଆସିଛୁ ମୋତେ ଡରଇବାକୁ । ତୋର ପୁଣି ଏଡ଼େ ସାହସ ହେଲାଣି, ମୋତେ ଡରଇବୁ । ହଉ ହଉ ତୁ ପାଦତଳୁ ବାଲି ଉଠାଇବାର ଉପକ୍ରମ କଲା ମାତ୍ରେ ସେ ଗୋଟାଏ ବିଲୁଆ ହୋଇ ଧାଇଁ ପଳାଇ ଗଲା । ଗଉତ ବୁଢ଼ା ବାଲି ଧରି ତାକୁ ଗୋଡ଼ାଇ ଗଲା । ସେ ସାଙ୍ଗେ ସାଙ୍ଗେ ଗୋଟଏ ତାଳଗଛ ପରି ହୋଇଯାଇ ଦୂରରେ ଥିବା ଦୁଇଟା ମାହାଳ

Digitized by srujanika@gmail.com

ଗଛ ଉପରେ ଯାଇ ବସିଗଲା । ଗଉତ ବୁଢ଼ା ବଟୁଆରୁ ୨ଟା କିଅମ୍ପିନି କଣ୍ଟା କାଢି ସେ ଦୁଇ ମହାଳଗଛ ଦେହରେ ପୋତିଦେଲା । ଖପିଯଟା ବାହୁନି ବାହୁନି ଖୁବ୍ କାନ୍ଦିଲା । ଗଉତବୁଢ଼ା ତାକୁ ଆଜ୍ଞା ଦେଲା—"ସେଇଠି ସବୁଦିନେ ବସିଥିବୁ । ଆଉ ବଦ୍‌ମାସୀ କରିବୁ ନାହିଁ । ଆଉ ମୋ ଖାମିନ୍ଦଘର ଲୋକଙ୍କ ଆଗରେ କେବେହେଲେ ଦେଖା ଦେବୁ ନାହିଁ ।"

ଆଉ ଦିନକର କଥା । ସେଦିନ ସନ୍ଧ୍ୟା ହୋଇ ଆସୁଥାଏ । ଗଉତବୁଢ଼ା ଘରକୁ ଫେରୁଥାଏ । ହଠାତ୍ ସେ ଦେଖିଲା ବଡ଼ ଏକ କଖାରୁ ଭଳିଆ କ'ଣ ଗୋଟାଏ ତାରି ଆଡ଼କୁ ଗଡ଼ିଗଡ଼ି ଆସୁଛି । ଟିକେ ଆଗେଇ ଯାଇ ଗଉତବୁଢ଼ା ତାକୁ ଗୁହିଁଲା । ପଟ୍ କରି ଚିହ୍ନି ଦେଲା ଯେ ସେଇଟା ଗୋଟେ ମାଦଳ ମୁଣ୍ଡା, ତାକୁ ଶୁଣେଇ କହି-ଦେଲା—

"ଆରେ ବଦମାସ୍ ଆଉ କିଏ ହୋଇଥିଲେ ସିନା ତା ଦୁଇ ଗୋଡ଼ ଭିତରେ ପଶି ପଳାଇ ଯାଇଥାନ୍ତୁ । ସିଏ ବିଚରା ଗୋଟିଏ ଝାଡ଼ା ଆଉ ଗୋଟିଏ ବାନ୍ତିରେ ସେଇଠି ଟଳି ପଡ଼ିଥାନ୍ତା, ଗଉତ ବୁଢ଼ା ଆଗରେ ଫେଟ୍‌କାମୀ ଚଳିବ ନାହିଁ ।"

ସେ ସାଙ୍ଗେ ସାଙ୍ଗେ ତା କୁଞ୍ଚଟାକୁ ତଳକୁ ଝୁଲଇ ମାଟିରେ ଲଗାଇ ଦେଲା । ଆଉ ମନ୍ତଟା ମନେ ମନେ ବୋଲି ଦେଲା । ମାଦଳ ମୁଣ୍ଡା ଆଉ କି ପାଖକୁ ଆସେ । ଗିଡ଼ି ଗିଡ଼ି ହୋଇ ପଳାଇ କୁଆଡ଼େ ଉଭେଇଗଲା । ଗଉତ ବୁଢ଼ା ତାକୁ ଟିକେ ବଡ଼ ପାଟିରେ ଶୁଣାଇଦେଲା—ହଉ ଯା ଯା, ତୋ କଥା ମୁଁ କାଲି ବୁଝିବି ।

ଆଉ ଦିନେ ଗଉତ ବୁଢ଼ା ଘରେ ଖାଇ ପିଇ ସାରି ରାତି ପ୍ରାୟ ୧୧ଟା ବେଳେ କାଳେ ବିଲରେ ଗାଈ ପଶି ଧାନ ଉଜାଡୁଥିବେ ତାହା ଦେଖିବା ପାଇଁ ଗଲା । ଧଡ଼ାଟା ଧରି ବତ ହିଡ ଉପରେ ଗଲାବେଳେ ଦେଖିଲା ଆଗରେ ଝାମ୍ପୁରୀମୁଣ୍ଡି ଗୋଟାଏ ମାଇ-କିନିଆ ବସିଛି, କାଳିଆ ଶାଢ଼ୀଟା ପିନ୍ଧିଛି । ଗଉତ ବୁଢ଼ା ତାକୁ ଗାରେଡେଇ ଗୁହିଁ ବାସେଲେଇ ବୋଲି ଚିହ୍ନି ଗଲା । ତାକୁ ଡାକି କହିଲା—"କାହିଁକି ସେଠି ବସିଛୁ ? ଯାଉନୁ ତୋ କାମରେ । ଉଠ୍ ବାଟରୁ ।"

ସେ ଗଉତ ଆଡକୁ ବଡ ମଠେଇ ଗୁହିଁଲା । ଲମ୍ବା ଲମ୍ବା ତାର ମୁଣ୍ଡବାଳ ସବୁ ଠିଆ ହୋଇ ଗଲା ଗଉତବୁଢ଼ାର ମନେ ପଡ଼ିଗଲା । ତାକୁ ସେ ଗୋଟାଏ ଡ଼ିମିରି ଗଛରେ ବର୍ଷକ ତଳେ ବନ୍ଦୀକରି ରଖି ଦେଇଥିଲା । ଅଜାଣତରେ ଜଣେ ମୂଲିଆ ଗଛଟାକୁ କାଟି ଦେବାରୁ ସେ ମୁକୁଳି ଯାଇଛି । ବାସେଲୀଟା ଦେହକୁ ଝାଡ଼ି ଦେଲା । ସାଙ୍ଗେ ସାଙ୍ଗେ ତା ଦେହରେ ୧୦।୧୨ ଟା ହାତ ବାହାରି ପଡ଼ିଲା । ତା ଆଖି ୨ଟା ଦପ୍ ଦପ୍ ହୋଇ ଜଳୁଥିଲା । ଗୁହୁଁ ଗୁହୁଁ ତା ଲୁଗାଟା ସାପ ଭଳିଆ ହୋଇ କୁଆଡେ ଅନ୍ଧାର ସାଙ୍ଗରେ ମିଳାଇ ଗଲା । ସେ ଅଭୁତ ଲଙ୍ଗଳା ହୋଇ ଦୁଇ ହାତରେ ୨ଟା କଟୁରୀ ଧରି ଗଉତ ବୁଢ଼ା ଆଡକୁ ଉହୁଁକି ଆସିଲା । ଗଉତବୁଢା ସାଙ୍ଗେ ସାଙ୍ଗେ ପାଦତଳୁ ମାଟି ଆଣି ତିନି ଥର ଫୁଙ୍କି ଦେଲା ଏବଂ ତାକୁ କହିଲା—

Digitized by srujanika@gmail.com

ଲୁଗା ପିନ୍ଧୁଛୁ ନା ତୋ ଉପରକୁ ମନ୍ଥଗ ଧୂଳି ଛାଟିବି ? ଡିମିରି ଗଛ କଥା ମନେ ନାହିଁକି ? କେତେଦିନ ସେଠି ବନ୍ଦୀ ହୋଇ ରହିଥିଲୁ ?

ହାତରେ ମନ୍ଥଗ ଧୂଳି ଦେଖି ବାସେଲୀ ଡରିଗଲା । ଭୟରେ ସେମିତି ଲଙ୍ଗଳା ହୋଇ ଦୌଡ଼ି ପଳାଇଲା ।

ଏହିପରି କେତେ ଯେ ଭୂତ ଗପ ମୁଁ ତା ଠାରୁ ଶୁଣିଛି ତାର ଇୟତ୍ତା ନାହିଁ । ଶୁଣିଲାବେଳେ ମୁଁ ଭୟରେ ଥରି ଉଠୁଥାଏ । ଦିନେ ମୁଁ ଗଉତ ବୁଢ଼ାକୁ କହିଲି–

"ହେ ଗଉତ ! ମୋ ଦେହକୁ ଟିକେ କିଳି ଦିଅନ୍ତୁ ।"

ସେ କହିଲା–ହଉ ତେବେ ବସ । ପାଖରେ ଥିବା ଚୂଲି ଝିଙ୍କାରୁ ସେ ନଖେଇ କରି ଟିକେ ମାଟି ନେଇ ଆସିଲା । କ'ଣ ଫୁଟୁରୁ ଫାଟୁରୁ କରି ଗୁଡ଼ାଏ ମନ୍ତ୍ର ବୋଲି ଦେଲା । କିଛି ଭଲ ଶୁଭୁ ନ ଥାଏ, ଖାଲି ତା ଓଠ ଦିଟା ଫଟର ଫଟର ହେଉଥାଏ । ଖୁବ୍ କାନେଇ କାନେଇ କେବଳ ୨ଟି ନାଆଁ ଶୁଣି ପାରିଲି । ଗୋଟିଏ ଥିଲା ନିତେଇ ଧୋବଣୀ' ଆଉ ଗୋଟିଏ ଥିଲା ପିତେଇ ସଉରୁଣୀ' ସେହି ମାଟିକୁ ସେ ମୋ ଦେହରେ ବୋଳି ଦେଲା । ବଟୁଆରୁ ଗୋଟିଏ କରସିନି କଣ୍ଟା କାଢି ମୋ ଦେହ ଗୁରିଆଡ଼ ଯାକ ଛୁଆଇଁ ଦେଲା । ଶେଷରେ କହିଲା–ଏଥର ଯାଆ । ସାହେବ ଭୂତ ଆସିଲେ ବି ତୋର କିଛି କରି ପାରିବନି ।

ମୋ ମନରୁ ସବୁ ଭୟ ଗୁଡ଼ା ଗ୍ଲଲିଗଲା । ଆମ ସାହିରେ ବା ଆଖ ପାଖରେ ଯଦି କେହି ନିରଶ୍ରୟ ଲୋକ ମରି ଯାଉଥିଲା ତେବେ ଗଉତ ବୁଢ଼ା ପ୍ରଗ୍ଭର ଚଳେଇ ଦେଉ-ଥିଲା ଯେ ସେ ପୂର୍ବଦିନ ଗତିରେ ଗୋଟିଏ କାକୁଡ଼ି ଗ୍ଭେରି କରିବାକୁ ବିଲରେ ପଶି-ଥିଲା । ସାହେବ ଭୂତ ହାବୁଡ଼ରେ ପଡ଼ିଗଲା । ବୋପାଲେ ମାଆଲେ ହୋଇ ପଳାଇ ଗଲା ସିନା ହେଲେ କତର ଧଇଲା । କୋଉ ବଇଦ ତାକୁ ଭଲ କରିବ ? ଶେଷରେ ମଶାଣୀକୁ ଗଲା । ସାହେବ ଭୂତ ହାବୁଡ଼ରେ ଯିଏ ପଡ଼ିବ ସିଏକି ଆଉ ବଞ୍ଚେ । ଏହି-ପରି ବହୁ ନିରଶ୍ରୟ ଲୋକଙ୍କର ମୃତ୍ୟୁ କାହାଣୀ ସିଏ ପ୍ରଗ୍ଭର କରି ଲଗିଥାଏ । ସବୁଥିରେ ସେ ମୃତ ବ୍ୟକ୍ତିର କୌଣସି ଏକ ଭୂତ ବା ପ୍ରେତ ସଙ୍ଗେ ଆମରି ବିଲରେ ଭେଟଣା ହେବା କଥା ଖଞ୍ଜି ଦିଏ । ଏଇଥିଲାଗି ଦିନ ଦୁଇ ପ୍ରହରରେ ବି ବାହାରର କେହି ଲୋକ ଆମ ବିଲକୁ ପଶିବାକୁ ଭୟ କରୁଥିଲେ । ଗତି ତ ଦୂରର କଥା । ଏବେ ମୁଁ ବୁଝୁଛି ଗଉତ ବୁଢ଼ା ଏ ଭୂତ ଖପିସମାନଙ୍କୁ ଗତିରେ ଆମ ବିଲରେ ଜଗୁଆଳ କରି ରଖିଥିଲା କେହି ଯେପରି ଫଳ ବା ଫୁଲ ଗ୍ଭେରୀ କରି ପାରିବେ ନାହିଁ । ବିନା ଦରମାରେ ଏପରି ଜଗୁଆଳ ରଖିବା କିଛି କମ୍ କଥା ନୁହଁ ।

ଆମର ସ୍ୱାର୍ଥ ରକ୍ଷା ପାଇଁ ବୁଢ଼ାର ଏପରି ପ୍ରଚେଷ୍ଟା ମନେ ପକାଇ ଏବେ ମୁଁ ହସେ ସିନା କିନ୍ତୁ ତା ଉଦ୍ଦେଶ୍ୟରେ ମୋ ମୁଣ୍ଡ ନଇଁଯାଏ । ତା'ପ୍ରତି ଆମ ପରିବାରର କର୍ତ୍ତବ୍ୟରେ ହେଳା ବିଷୟ ଭାବି ଏବେ ମଧ୍ୟ ମୋ ମନ ବିଷେଇ ଉଠେ । ତାର ମୋ ପ୍ରତି ସ୍ନେହ ସହାନୁଭୂତି କଥା ମନେ ପକାଉ ମୁଁ ବେଳେବେଳେ ଦୀର୍ଘଶ୍ୱାସ ଛାଡ଼େ ।

Digitized by srujanika@gmail.com

ପହ୍ନଲେ ବସ୍ ଦେଖ-

ଆମ ଘରର ଗୋଟିଏ ପାଖରେ ପିଠାପୁରତାଗଣ୍ଡ ପାଟଣା ରେଡ଼ ଲଗି-ଥାଏ । ଏଇ ରାସ୍ତାକୁ ଲଗି ଆମର ଦଶ ଏକରିଆ ପ୍ଲଟର ଗୋଟିଏ ଜମି ଥାଏ । ତନ୍‌ମଧ୍ୟରେ କୁଞ୍ଜିଆ ପୋଖରୀ ବୋଲି ଗୋଟିଏ ବଡ଼ ପୋଖରୀ ଥିଲା । ପ୍ରାୟ ଦିନ ଗ୍ଵରିଟାବେଳେ ଆମେ ଏଇଠାକୁ ଦୁଇ କରିବାକୁ ଯାଉ ଓ କୁଞ୍ଜିଆ ପୋଖରୀରେ ଶୌଚ ହେଉ । ଦିନେ ସେହି ପୋଖରୀ ହୁଡ଼ାରେ ବସିଥିଲୁ । ଆମ ସହ କାହ୍ନୁଆ ଥିଲା । ଆମ ଜମିକୁ ଲାଗି ପିଠାପୁର ରାସ୍ତା ଯାଇଥାଏ । ଦିନେ ଗୋଟିଏ ମଟର ବସ୍ ସେହି ରାସ୍ତା ଉପରଦେଇ ଧୀରେ ଧୀରେ ଯାଉଥିଲା । ତାହା ଆଜିକାଲିକା ବସ୍‌ର ଅଧାରୁ ବି କମ ହେବ । ଆମେ ବସିଥିବା ସ୍ଥାନରୁ ସେ ରାସ୍ତା ଏତେ ଦୂର ଯେ ସେଠାରେ ଯିବା ଆସିବା କରୁଥିବା ଲୋକଙ୍କୁ ଚିହ୍ନିବା ସହଜ ନଥିଲା । ମୁଁ ବସ୍‌ଟିକୁ ଦେଖି 'କେଡ଼େ ବଡ଼ ମଟର ଗାଡ଼ି' ବୋଲି ବିସ୍ମୟ ପ୍ରକାଶ କଲି । କାହ୍ନୁଆ କହିଲା—"ଦେଖୁଚ ସିନା ଏଡ଼େ ବଡ଼ ଗାଡ଼ି ହେଲେ ତା' ଆଗରେ ହାତ ଦେଖେଇ ଦେଲେ, ଗାଡ଼ିଟା ଠକ୍ କରି ରହିଯାଏ ।"

ଏହାର ସତ୍ୟାସତ୍ୟ ପରୀକ୍ଷା କରିବା ଲଗି ମୁଁ ସେଇଠି ଠିଆ ହୋଇ ହାତ ଦେଖେଇ ଦେଲି । କୌଣସି କାରଣରୁ ଗାଡ଼ିଟି ସେଇଠାରେ କିଛି ସମୟ ଠିଆ ହୋଇ-ଗଲା । କାହ୍ନୁଆ କଥା ସତ ବୋଲି ମୁଁ ପଟ୍‌କରି ଜାଣିଗଲି । ସଙ୍ଗେ ସଙ୍ଗେ ମୋତେ ଆତଙ୍କ ଗ୍ରାସିଗଲା । ମନେ ମନେ ଭାବିନେଲି ଯେ ମଟରବାଲା ଧାଇଁ ଆସି ମୋତେ ନିଶ୍ଚୟ ପକଡ଼ିବ ଏବଂ କାହିଁକି ବସ୍‌କୁ ଅଟକାଇଲୁ ବୋଲି ପ୍ରଶ୍ନ କରି ମୋ କାନ ମୋଡ଼ି ଘରେ ମୁରବୀମାନଙ୍କ ପାଖରେ ହାଜର କରାଇବ । ଏକ ମହାଗଣ୍ଡଗୋଳର ସୂତ୍ରପାତ ହେଇଯିବ । ଏଥିରୁ ରକ୍ଷା ପାଇବା ଲଗି ମୁଁ ସେଠାରୁ ଦୌଡ଼ି ଘରକୁ ପଳାଇ ଆସିଲି ଏବଂ ଘରେ ଶୋଉଥିବା ଖଟତଳେ ଲୁଚି ରହିଲି । କଥାଟା ଜଣା ପଡ଼ିଲାଣିକି ନାହିଁ ତାହା ଶୁଣିବାକୁ କାନ ଡେରି ରହିଲି । କିଛି କୁଆଡୁ ଶୁଣିଲି ନାହିଁ । ରତି ପଢ଼ା ଆରମ୍ଭର ସମୟ ହେଲା । ମତେ ଖୋଜା ପଡ଼ିଲା । ମୋତେ ବି ସେ ଅନ୍ଧାରୁଆ ଘରେ ରହିବାକୁ ଭରି ଭୟ ଲଗୁଥାଏ । ମୁଁ ଚୁପ୍‌ଚାପ୍ ସେଠାରୁ ବାହାରି ପଦାକୁ ଗ୍ଵଲିଆସିଲି । କାହ୍ନୁଆକୁ ପଚରାପଚରି କରି ବୁଝିଲି ମୋର ସେପରି ଭୟ ନିରର୍ଥକ ଥିଲା ।

—o—

Digitized by srujanika@gmail.com

ସ୍କୁଲ୍ ଜୀବନ

ଆମର ଚଟ୍ଟାଳି ପାଠ ସବୁ ଅମଳ ହୋଇ ଯିବାପରେ ଆମର ଭବିଷ୍ୟତ ପାଠ ସମ୍ବନ୍ଧରେ ଘରେ ଆଲୋଚନା ଚାଲିଲା । ବୁଢ଼ାବାପା କହିଲେ ଟୋଲ୍‌ରେ ନାଆଁ ଲେଖାଇ ସଂସ୍କୃତ ପାଠ ଆରମ୍ଭ କରାଯାଉ । ଏହା ହେଲେ ଆୟୁର୍ବେଦ ପଢ଼ିବା ପାଇଁ ସୁବିଧା ହେବ । ବୁଢ଼ାବାପା ଚାହୁଁଥିଲେ ତାଙ୍କ ପଛକୁ ପଛକୁ କବିରାଜ ପଉଜ ସୃଷ୍ଟି କରିଦେବେ । ବାପା ଓ ଦୁଇ କକେଇ ତାଙ୍କର ତୀବ୍ର ପ୍ରତିବାଦ କଲେ । ସେମାନଙ୍କ ମତ ହେଲା ଆଜିକାଲି ସ୍କୁଲପାଠ ନ ପଢ଼ିଲେ ଭବିଷ୍ୟତରେ ଏମାନେ ମାନ୍ଦା ହୋଇ ପଡ଼ିବେ । ଆଜିକାଲି ଯେଉଁମାନେ ସ୍କୁଲ ପାଠ ପଢ଼ୁଅଛନ୍ତି, ସେମାନେ ବହୁତ ସାଧାରଣ କଥା ଜାଣିପାରୁଛନ୍ତି । ସ୍କୁଲରେ ସଂସ୍କୃତ ସହିତ ଇଂରେଜୀ ମଧ୍ୟ ପଢ଼ାଯାଉଛି । ଏ ଦୁଇଟି ବିଷୟ ଆୟତ୍ତ କରିପାରିଲେ ପିଲାମାନେ ଆଉ କେଉଁଠି ହାରିବେ ନାହିଁ । ବୁଢ଼ାବାପା ଇଂରେଜୀର 'ଏ' ଅକ୍ଷରବି ଜାଣି ନଥିଲେ । ଇଂରେଜୀ ପ୍ରତି ତାଙ୍କର ଗୋଟାଏ ଅନାଦର ଥିଲା । ସେ ଭାବୁଥିଲେ ସାହାବମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ଏପାଠଟା ସଂସ୍କୃତକୁ ଏକାବେଳକେ ଅପବିତ୍ର କରିଦେବ । ଫଳରେ ଆମେ ସଂସ୍କୃତ ଭଲ ଭାବରେ ହାସଲ କରିପାରିବୁ ନାହିଁ ଏବଂ ଆୟୁର୍ବେଦରେ ପାରଙ୍ଗମ ହୋଇପାରିବୁ ନାହିଁ । ତେଣୁ ଭବିଷ୍ୟତରେ ଆମେ ଭଲ କବିରାଜ ହୋଇପାରିବୁ ନାହିଁ । ବାପା ଓ କକେଇ ଜିଗର ଧରି ବସିଲେ–ନା, ପିଲାଏ ସ୍କୁଲରେ ପଢ଼ିବେ । ଶେଷରେ ବୁଢ଼ାବାପା ହାତ ହଲେଇ ଓ ମୁଖବିକୃତ କରି କହିଲେ–ହଉ, ଯାହା ତୁମର ଇଚ୍ଛାକର । ସେ ଏତେ ବିରକ୍ତ ହୋଇ ଯାଇଥିଲେ ଯେ ବସିବା ସ୍ଥାନରୁ ଉଠି ଶୋଇବାଘରକୁ ପଳେଇଲେ । ଅବଶ୍ୟ ଏ ବିରକ୍ତି ତାଙ୍କର ପନ୍ଦର ମିନିଟ୍ ଯାଏ ବୋଧହୁଏ ରହି ନଥିଲା । ସଂସ୍କୃତ ପକ୍ଷରେ ଜଣେ, ଆଉ ଇଂରେଜୀ ପକ୍ଷରେ ଏକରେ ବାପା ଓ ଦୁଇ ଜଣ କକେଇ–ଏପରି ତିନିଜଣ । କଥାରେ ଅଛି ଯେ ତାକୁ ଘୋଡ଼ା ସରି ନୁହେଁ । ବାପା ଓ କକେଇ ସହଜେ ତିନିଜଣ, ସେଠି ବୁଢ଼ାବାପା ପଛଘୁଞ୍ଚା ଦେବା ଏକ ସ୍ୱାଭାବିକ କଥା । ଆମ୍ଭମାନଙ୍କର ସ୍କୁଲରେ ପଢ଼ିବା କଥା ନିଶ୍ଚିତ ଭାବରେ ଧାର୍ଯ୍ୟ ହୋଇଗଲା । ଚଟଶାଳିଆ ଅବଧାନଙ୍କ ପରିବର୍ତ୍ତେ ଜଣେ ସ୍କୁଲ ପାଠ ବିଷୟରେ ଅଭିଜ୍ଞତା ଥିବା ଇଂରେଜୀଆ ଅବଧାନ ନିଯୁକ୍ତ ହେଲେ ।

କେଉଁ ସ୍କୁଲରେ ଆମ ନାଁ ଲେଖାଯିବ, ସେଥିପାଇଁ ଖୁବ୍ ତନାଘନା ଆଲୋଚନା ଲାଗିଲା । କେଉଁ ସ୍କୁଲରେ ବୁଢ଼ା ବାପାଙ୍କର ଜଣାଶୁଣା ତଥା ବନ୍ଧୁବାନ୍ଧବ ଲୋକ ଅଛନ୍ତି ସେ ବିଷୟରେ ଖୋଜାଚାଲିଲା । ଶେଷରେ ପ୍ରାକ୍‌ଟିସିଙ୍ଗ୍ ମିଡ୍‌ଲ୍ ଇଂଲିସ୍ ସ୍କୁଲଟି ମନୋନୀତ ହେଲା । ସେଥିରେ ହେଡମାଷ୍ଟର ଓ ଇଂରେଜୀ ମାଷ୍ଟରଙ୍କୁ ଛାଡ଼ିଦେଲେ ଆଉ ସମସ୍ତ ଶିକ୍ଷକ ବୁଢ଼ାବାପାଙ୍କର ଭଲଭାବରେ ଜଣାଶୁଣା । କାରଣ ସମସ୍ତେ

Digitized by srujanika@gmail.com

ବୁଢ଼ାବାପାଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲେ । ଜଣେ ପଣ୍ଡିତ ଖୁବ୍ ଆଖପାଖ ବନ୍ଧୁ ଥିଲେ । ଆଉ ଗୋଟିଏ ଆକର୍ଷଣୀୟ କାରଣ ମଧ୍ୟ ଥିଲା । ଆମର ଜଣେ ବଡ଼ ଭାଇ ଓ ଜଣେ କକେଇ ସେ ସ୍କୁଲରେ ଆମ ଆଗରୁ ପଢୁଥିଲେ । ସେମାନେ ଆମ ଅଭି-ଭାବକର କାର୍ଯ୍ୟ କରିପାରିବେ ବୋଲି ଭାବି ସେଇ ସ୍କୁଲଟି ସର୍ବସମ୍ମତିକ୍ରମେ ଠିକ୍ କରା ଯାଇଥିଲା ।

ସ୍କୁଲରେ ନାମ ଲେଖାଇବା ପୂର୍ବରୁ ଆମର ପ୍ରାରମ୍ଭିକ ପ୍ରସ୍ତୁତି କରାଗଲା । ଝିଅପିଲାଙ୍କ ପରି ଆମ ହାତରେ, ଗୋଡ଼ରେ ଓ ବାହୁରେ ଖଡୁମାନ ଥିଲା । କାନରେ ଗୋଖରା ଥିଲାତ, ବେକରେ ଗୋପ ଥିଲା । ଅଣ୍ଟାରେ ରୂପା ଅଣ୍ଟାସୂତା ଥିଲା । ଏଗୁଡ଼ିକ ଯେ ବିକର୍ଷଣୀୟ ବସ୍ତୁ ତାହା ବୁଢ଼ା ବାପା ଜାଣିପାରି ନଥିଲେ ! ବାପା ଓ କକେଇ-ମାନେ ହାଇସ୍କୁଲରେ ପଢିଥିଲେ । ତେଣୁ ସେ ସମୟର ସ୍କୁଲ ଆବହାଓା ବିଷୟରେ ସଚେତନ ଥିଲେ । ସେମାନେ କହିଲେ ସଙ୍ଗୀ ପିଲାମାନେ ଏସବୁ ଦେଖି ନିଶ୍ଚୟ ଥଟ୍ଟା ପରିହାସ କରିବେ । ସେଗୁଡ଼ାକ ଟଣାଟଣି କରିବେ । ଆମେମାନେ ନାନା ବିଦ୍ରୂପର ଶରବ୍ୟ ହେବୁ । ଏଣୁ ଏସବୁ ଅଳଙ୍କାର ଗୁଡ଼ିକ କାଢିପକାଇବା ସର୍ବାଦୌ କର୍ତ୍ତବ୍ୟ ।

ପ୍ରସ୍ତାବ ପାଶ୍ ହୋଇଯିବା ସଙ୍ଗେ ସଙ୍ଗେ ଆମ ଘର ପାଖେ ଥିବା ଶିରୀଧାରୀ (ଶ୍ରୀଧର) ବଢ଼େଇକୁ ଡକାଗଲା । ସେ ଏକ ଭ୍ରାମ୍ୟମାଣ ଯନ୍ତ୍ରୀଭଳି ଷଣ୍ଡୁଆସି, ପେଚ-କସ, ହାତୁଡ଼ି ଆଦି ଯନ୍ତ୍ରପାତି ଧରି ଆମ ବୈଠକଖାନାରେ ପହଞ୍ଚିଲା । ମୁଁ ବସିପଡ଼ି ଆଗ ଗୋଡ଼ ବଢ଼େଇଦେଲି । ବଡ଼ଦିନ ଯାଏ ପିନ୍ଧିବି ବୋଲି ବଡ଼ଖଡୁ ହୋଇଥିଲା । କିନ୍ତୁ ଗୋଡ଼ର ଗୋଲେଇ ଛୋଟ ହୋଇଥିବାରୁ ତାକୁ ପିଟିପାଟି ଗୋଟିଏ ମୁହଁ ଉପରେ ଆର ମୁହଁଟାକୁ ମଡ଼େଇ ଦିଆଯାଇ ଥିଲା । ଶିରୀଧାରୀ ପ୍ରଥମେ ସେ ଖଡୁକୁ ପରୀକ୍ଷାକରି ଖଡୁଟା ଷଣ୍ଡୁଆସି ସାହାଯ୍ୟରେ ଖୋଲିହେବ ନାହିଁ ଏବଂ ବିଶେଷ କଳା-କୌଶଳ ଯେଥିପାଇଁ ଦରକାର ବୋଲି ମତବ୍ୟକ୍ତ କଲା । ଗୋଟିଏ ପୋଖତ ଯନ୍ତ୍ରୀ ବିକଳ ଯନ୍ତ୍ରକୁ ଦେଖି ନିଜର ମସ୍ତିଷ୍କଚାଳନା କଲାପରି ସେ ପ୍ରଥମେ ତା'ର ମସ୍ତିଷ୍କ ଚାଳନା କଲା । ଶେଷରେ ଉପାୟଟି ତା ମସ୍ତିଷ୍କରେ ପଶିଲା । ସୂତାର ସରୁ ଦଉଡ଼ି ଦୁଇଟି ଆଣିବାକୁ ସେ ଆଦେଶ ଦେଲା । ଖଡୁର ଦୁଇପାଖ ପେଟରେ ଦୁଇ ସୂତୁଲୀକୁ ବାନ୍ଧି-ଦିଆଗଲା । ଗୋଟିଏ ଦିଗରେ ସ୍ୱୟଂ ଯନ୍ତ୍ରୀ—ଶିରୀଧାରୀ ଓ ଅନ୍ୟପଟେ ଆମର ଜଣେ ବନ୍ଧୁ ଧରି ଟାଣିଲେ । ଯନ୍ତ୍ରୀ ଯେ ଏସବୁ କାର୍ଯ୍ୟରେ ବିଶେଷ ପଟୁତା ଓ ଦକ୍ଷତା ଲାଭ କରିଛି ତାହା ଅନ୍ୟୁନ ଆଠ ଦଶଥର ବ୍ୟକ୍ତ କରିସାରିଥିଲା । ଏପରି ଏକ କଳାକୌଶଳ-ପୂର୍ଣ୍ଣ ଯାନ୍ତ୍ରିକ ପ୍ରକ୍ରିୟାକୁ ଦେଖିବାଲାଗି ଆମ ଚାରିପାଖଯାକ ଅନ୍ୟୁନ ସାତ ଆଠ ଜଣ ଦର୍ଶକ ଘେରି ଠିଆ ହୋଇଥିଲେ । ଦଉଡ଼ି ଟଣା ଖେଳପରି ଦୁଇପାଖରୁ ଟଣାହେଲା-ବେଳେ ଉପସ୍ଥିତ ଦେଖଣାହାରୀଏ ଉତ୍ସାହବାଣୀ ମଧ୍ୟ ଦେଉଥିଲେ । ଦୁର୍ଭାଗ୍ୟବଶତଃ ଯନ୍ତ୍ରୀପାଖ ସୂତୁଲୀଟା ପୋରିହା ବୋଲି କାହାରି ସନ୍ଦେହ ମଧ୍ୟ ହୋଇନଥିଲା । ଯନ୍ତ୍ରୀ ପାଖ ସୂତୁଲୀଟା ଏବେ ଭଡ଼୍ କରି ଛିଣ୍ଡିଗଲା । ତା ମୁଣ୍ଡଟା କବାଟରେ ବାଡ଼େଇ ହୋଇଗଲା । ସେ ସମସ୍ତଙ୍କ ଉପରେ ବିରକ୍ତ ହୋଇ କହିଲା—ଏସବୁ ହୁସିଆର କାମରେ

Digitized by srujanika@gmail.com

ଏମିତି ପାଟିତୁଣ୍ଡ କଲେ ଗୋଳମାଳ ହବଇ ହବ । ତା ମୁଣ୍ଡଟା କବାଟରେ ବାଜିବା ଓ ସୂତାଟା ଛିଣ୍ଡିଯିବା ପାଇଁ ଏପରି ପାଟିତୁଣ୍ଡ ଦାୟୀ । ପୁଣି ମୋଟା ନୂଆ ସୂତୁଲୀ ଆସିଲା ଏବଂ ଦୁଇ ଗୋଡ଼କୁ କଡ଼ାମୁକ୍ତ କରାଗଲା । ଦରକାର ନଥିଲେବି ଶିରିଧାରୀର ସମସ୍ତ ଯନ୍ତ୍ରପାତି ଅଳଙ୍କାର ଗୁଡ଼ିକୁ ସ୍ପର୍ଶ କରିଥିଲା । କାନ ଗୋଖର ଏବଂ ବେକର ଗୋପ ସବୁ ବାପା ଓ କକେଇମାନେ ଖୋଲି ଦେଇଥିଲେ । ଦେହଟା ଲଙ୍ଗଳା ଲଙ୍ଗଳା ଲାଗିଲା । ସାତ ଆଠ ବର୍ଷ ବେଡ଼ିସହ ଦେହର ଅଛେଦ୍ୟ ସମ୍ବନ୍ଧ ସ୍ଥାପିତ ହୋଇସାରିଥିଲା । ତେଣୁ ଦେହ ପ୍ରଥମେ ପ୍ରଥମେ ବିଦ୍ରୋହ କରି ଉଠିଥିଲା ଓ ଧୀରେ ଧୀରେ ଭୁଲିଯାଇ ଥିଲା ।

ପରିଧାନର ମଧ୍ୟ ପରିବର୍ତ୍ତନ କରାଗଲା । ଆଗରୁ ଆମେ ଆଣ୍ଠୁଯାଏ ପଡୁଥିବା ନାଲିଆ ନେଳିଆ କସ୍ତା ପିନ୍ଧୁଥିଲୁ । ଆଣ୍ଠୁ ତଳକୁ ଝୁଲିପଡ଼ୁଥିବା ଲୁଗା ପିନ୍ଧେଇ ଆମକୁ ଗ୍ରଲ୍‌ବୁଲ୍ କରିବାରେ ଅଭ୍ୟସ୍ତ କରାଗଲା । ଦଉଡ଼ା ଦଉଡ଼ି କଲାବେଳେ କାଳେ ଛନ୍ଦିରିମନ୍ଦିରି ହୋଇ ପଡ଼ିଯିବୁ, ତାହାର ନିବାରଣ ପାଇଁ ଏପରି ପ୍ରସ୍ତୁତି ଅପରିହାର୍ଯ୍ୟ ହୋଇଉଠିଲା ।

ଶେଷରେ ପାଠଘରେ ନୂଆ ଇଂରଜିଆ ଅବଧାନ ସ୍କୁଲ ବିଷୟରେ ଆମଦୁହିଁଙ୍କୁ ପ୍ରାରମ୍ଭିକ ସୂଚନା ଦେବାରେ ଲାଗିପଡ଼ିଲେ । ସ୍କୁଲରେ ବହୁତ ଶ୍ରେଣୀ ଅଛି । ଏକା-ପାଠ ପଢୁଥିବା ପିଲାଏ ଗୋଟାଏ ଶ୍ରେଣୀରେ ପଢ଼ନ୍ତି । ଉଚ୍ଚ ପାଠ ପାଇଁ ଉଚ୍ଚ ଶ୍ରେଣୀ ଓ ନିମ୍ନ ପାଠ ପାଇଁ ନିମ୍ନ ଶ୍ରେଣୀ ସବୁ ଅଛି । ପ୍ରତ୍ୟେକ ବିଷୟ ପାଇଁ ଜଣେ ଜଣେ ମାଷ୍ଟର ଅଛନ୍ତି । ସେ ୪୫ ମିନିଟ୍ ପଢ଼ାଇସାରିବା ପରେ ଶ୍ରେଣୀ ବା କ୍ଲାସ୍‌ରୁ ଗ୍ରଲି-ଯାଆନ୍ତି ଓ ଆଉ ଜଣେ ମାଷ୍ଟର ଆସି ଆଉ ଏକ ବିଷୟ ପଢ଼ା ଆରମ୍ଭ କରନ୍ତି । ପ୍ରଥମେ ଯେଉଁ ମାଷ୍ଟର ଆସି କ୍ଲାସ୍‌ରେ ହାଜିର ଡକାନ୍ତି ତାଙ୍କୁ କ୍ଲାସ୍ ମାଷ୍ଟର କହନ୍ତି । ସେ ଆସି ତୁମ ନାଁ ଡ଼ାକିଲାବେଳେ ତୁମେ ଠିଆହୋଇ 'ପ୍ରେଜେଣ୍ଟ୍ ସାର୍' ବୋଲି କହିବ । କାଳେ ଏ ଶବ୍ଦଟି ଆମେ ଭୁଲିଯିବୁ ସେଥିଲାଗି ଆମକୁ ତାହା ଦଶ ପନ୍ଦର ଥର ଘୋଷେଇ ଦିଆଯାଇଥିଲା । ଯଦି କେତେବେଳେ ଅଡୁଆ କି ଅସୁବିଧା ଉପୁଜେ ତେବେ ଉପର କ୍ଲାସ୍‌ରେ ପଢୁଥିବା ରମାନ୍ନା ଓ କାହ୍ନୁ'କେଇଙ୍କୁ ପଚାରିବ । ସ୍କୁଲ ସମୟ ମଝିରେ ଟିକେ ବୁଲାଚଲା କରିବା ଲାଗି ଅଧ ଘଣ୍ଟାଏ ଛାଡ଼ି ଦିଆଯାଏ । ତାକୁ ଖେଳ-ଛୁଟି ପିରିଅଡ୍ କହନ୍ତି । ଆଗରେ ମାଷ୍ଟ୍ରଙ୍କୁ ଦେଖିବା ମାତ୍ରେ ମୁଣ୍ଡ ନୂଆଇଁ ନମସ୍କାର କରିବ । କ୍ଲାସ୍‌ରେ ପଢିଲାବେଳେ ଯଦି ଶୋଷ ଲାଗେ ବା ପରିସ୍ରା ଦେଖାଏ ତେବେ ପଢ଼ାଉଥିବା ମାଷ୍ଟ୍ରଙ୍କୁ କହି ବାହାରକୁ ଯିବ । ଏସବୁ ପାଠ ଆୟତ୍ତ କରିବା ଲାଗି ଆମକୁ ବହୁବାର ପରୀକ୍ଷା ଦେବାକୁ ପଡ଼ିଥିଲା । ଆଗରୁ ଜଉତିଷକୁ ଡକାଇ ନାମ ଲେଖାର ଦିନ ଧାର୍ଯ୍ୟ କରାଯାଇ ଥିଲା । କଟକ ସହରର ପ୍ରାୟ ସବୁ କର୍ମାଣିଆ ପଣ୍ଡିତ ବୁଢ଼ାବାପାଙ୍କର ଅତି ଆପଣାର ଥିଲେ । ବୁଢ଼ାବାପା ତାଙ୍କ ଦ୍ୱାରା ମଧ୍ୟ ଶୁଭଦିନ ନିର୍ଘଣ୍ଟ କରାଇ ଦେଇଥିଲେ । ସେଇସବୁ ଦିନମାନଙ୍କ ଭିତରୁ ଆମକୁ ସୁହାଇଲା ଭଳି ଦିନଟିଏ ସ୍ଥିର ହୋଇ ଯାଇଥାଏ । ନିର୍ଦ୍ଦିଷ୍ଟ ଦିନ ବଡ଼ କକେଇ, ତାଙ୍କ ପୁଅ ହୃଷୀକେଶ

Digitized by srujanika@gmail.com

ଘଟଣା, ମୁଁ, ଦଦେଇଙ୍କ ପୁଅ ରମାନ୍ନା ଓ କାହ୍ନୁ କକେଇ, ଆମର ଇଂରେଜିଆ ଅବ-ଧାନ, ଆମ ମଧୁ ପିଉସା ଏକ ଦଳରେ ଏକପ୍ରକାର ଶୋଭଯାତ୍ରା କରି ପ୍ରାକ୍‌ଟିସିଂ ମିଡଲ୍ ଇଙ୍ଗଲିଶ୍ ସ୍କୁଲକୁ ବାହାରିଲୁ । ବୋଉ ଆମ ଦୁହିଁଙ୍କ ଉପରେ ଟିକେ ପାଦୁକପାଣି ସିଞ୍ଚି ଦେଇଥିଲା । ଖାଇବା ପିଇବାଟା ମଧ୍ୟ ସେଦିନ ଖୁବ ଭଲ ହୋଇଥିଲା । ଠାକୁରଙ୍କ ପାଖରେ ମୁଣ୍ଡିଆ ମାରି ଶୁଭ ମୁହୂର୍ତ୍ତରେ ଘରୁ ବାହାରି ପଡ଼ିଲୁ । ବାଙ୍କିସାହି ଗସ୍ତାଦେଇ ତେଲେଙ୍ଗା ବଜାରରୁ ନୃସିଂହନାଥ ମଠ ଦେଇ ଏକାବେଳକେ କାଠଯୋଡ଼ି ବନ୍ଧ ଉପରକୁ ଆସି ସେଇ ବନ୍ଧେ ବନ୍ଧେ ସିଧାସଳଖ ଯାଇ ପ୍ରାକ୍‌ଟିସିଂ ଇଙ୍ଗ୍‌ଲିଶ୍ ମିଡ୍‌ଲ୍ ସ୍କୁଲ ହତାରେ ପଶିଲୁ । ଚିହ୍ନା ଓ ବନ୍ଧୁ ମାଷ୍ଟରମାନେ ଆମମାନଙ୍କୁ ବଡ଼ ଆଦର କଲେ । ଅଳ୍ପ ସମୟ ଭିତରେ ସେ ସମୟର ଷଷ୍ଠ ଶ୍ରେଣୀରେ ଆମର ନାମ ଲେଖା ହୋଇଗଲା । ଆମ ଉପରେ ସତର୍କ ଦୃଷ୍ଟି ରଖିବା ଲାଗି ଛାତ୍ରପଣିଆରେ ଆଗରୁ ପୋଖତ ହୋଇଥିବା ରମାନ୍ନା ଓ କାହ୍ନୁ କକେଇଙ୍କୁ ନିର୍ଦ୍ଦେଶ ଦିଆଗଲା । ଷଷ୍ଠ ଶ୍ରେଣୀରେ ସବା ଆଗ ବେଞ୍ଚ୍‌ରେ ଆମର ସ୍ଥାନ କରି ଦିଆଗଲା । ଗୋଟିଏ ପିରିଅଡ୍ ସରିଯିବା ମାତ୍ରେ ସଙ୍ଗୀ ପିଲାମାନେ ଆସି ଆମକୁ ବେଢି ଯାଆନ୍ତି । ଆମେ ନୂଆ ହୋଇଥିବାରୁ ଆମକୁ ଭାରି ଭୟ ଭୟ ଲାଗୁଥାଏ । ଆମର ଡରକୁଳା ଓ ଲାଜକୁଳା ପଣ ଦେଖି ଅନ୍ୟ ପିଲାମାନେ ନାନାପ୍ରକାର ଥଟ୍ଟା କରିବାକୁ ଲାଗିଲେ । ସମସ୍ତେ ଯେ ଆମର ଶତ୍ରୁ ଥିଲେ ତା'ନୁହେଁ । ଜଣେ ଅଧେ ପିଲା ନୂଆ ପିଲାଙ୍କୁ ଏପରି ଥଟ୍ଟା କରିବା ଉଚିତ୍ ନୁହେଁ ବୋଲି କହିଥିଲେ । କେତେକ ମାଙ୍କଡ଼ିଆ ପିଲା ଆମକୁ ଦାନ୍ତ ଦେଖାଇ ଖେଚେଇ ହେଉଥିଲେ ଏବଂ ଆମର ଚୁଟି ଓ କାମିଜିକୁ ମଝିରେ ମଝିରେ ଟାଣି ଦେଉଥିଲେ । ଆମ ଦୁହିଁଙ୍କ ଭିତରୁ ଜଣେ ଆକ୍ରାନ୍ତ ହୋଇ ଉଠିଲେ ଆମେ ଦୁହେଁ କାନ୍ଦି ପକାଉ ଥିଲୁ । ତାହାମଧ୍ୟ ହାସ୍ୟରୋଳ ସୃଷ୍ଟି କରୁ-ଥିଲା । ଚୁଟି ଟାଣିଲାବାଲା କହୁଥିଲା, "ଆରେ ମୁଁ ଯା' ଚୁଟି ଟାଣିଲି ସେ ଧନା କାନ୍ଦନ୍ତା, ଯା' ଚୁଟି ଟାଣିନି ସେ କାହିଁକି କାନ୍ଦୁଚି ?" ଆମେ ସମୟେ ସମୟେ ଯାଇ ରମାନ୍ନା ଓ କାହ୍ନୁକେଇଙ୍କ ପାଖରେ ଫେରାଦ ହେଉ । କଥାଟା କ୍ରମେ ବୁଢ଼ାବାପାଙ୍କର ଅତିପ୍ରିୟ ବନ୍ଧୁ ଡ୍ରିଲ ଟିଚର କମଳବାବୁଙ୍କ କାନଯାଏ ଯାଏ । ସେ ହେଡ୍‌ମାଷ୍ଟଙ୍କଠାରୁ ଆହୁରି ଅଧିକ ଶକ୍ତିଶାଳୀ ଥିଲେ । ତା'ର କାରଣ ପରେ ବର୍ଣ୍ଣିତ ହେବ । ଚୁଟି ଟାଣିଥିବା ପିଲାଟି ତାଙ୍କଠାରୁ ଦୁଇ ଗରିବେତ ଖାଏ । ଏଇପରି କେତୋଟି ଦୁଷ୍ଟ ପିଲା କମଳ ବାବୁଙ୍କର ବେତମାଡ଼ ଖାଇବା ପରେ ଆମକୁ ହଇରାଣ କରୁଥିବା ପିଲାଏ ସତର୍କ ହୋଇଗଲେ । ସେମାନେ ଜାଣି ପାରିଲେ କମଳବାବୁ ଓ ଅନ୍ୟାନ୍ୟ ମାଷ୍ଟରମାନେ ଆମର ଜଣାଶୁଣା । କ୍ରମେ ଶତ୍ରୁତା ମିତ୍ରତାରେ ପରିଣତ ହୋଇଥିଲା । ତେବେ ମଝିରେ ମଝିରେ ଚିମୁଟା ଚିମୁଟି, ଗାଳି ଦିଆଦେଇ ଯେ ନ ହେଉଥିଲା ଏମନ୍ତ ନୁହେଁ ।

ଆମେ ଦୁହେଁ ରମାନ୍ନା ଓ କାହ୍ନୁକକେଇଙ୍କ ଉପରେ ଏତେ ନିର୍ଭରଶୀଳ ହୋଇପାଇଥିଲୁ ଯେ କ୍ଲାସ୍‌ଚାଲିଥିବା ବେଳେ ପେନ୍‌ସିଲ୍‌ର ମୁନ ଭାଙ୍ଗିଗଲେ ପେନ୍‌ସିଲ୍‌କୁ ନେଇ ଉପର କ୍ଲାସ୍‌କୁ ଯାଉଥିଲୁ । ସେଠି ରମନ୍ନା କିମ୍ବା କାହ୍ନୁକେଇ ଆମକୁ ଦେଖିବା ମାତ୍ରେ କ୍ଲାସ୍‌ରୁ ବାହାରିଆସି ଆମ ପେନ୍‌ସିଲ୍ କାଟି ଦେଉଥିଲେ ବା ଅନ୍ୟ ଯାହାକିଛି

Digitized by srujanika@gmail.com

କରିବାର କଥା କରିଦେଉଥିଲେ ବା ଉପଦେଶ ଦେଉଥିଲେ । ତାଙ୍କ କ୍ଲାସ୍‌ର ଶିକ୍ଷକ ମଧ୍ୟ ଆମର ଅସହାୟ ପଣିଆ ଜାଣି ଥିବାରୁ ତାଙ୍କ କାର୍ଯ୍ୟକୁ ଅନୁମୋଦନ କରୁଥିଲେ । ପ୍ରଥମେ ପ୍ରଥମେ କ୍ଲାସ୍ ବଦଳିବେଳେ ଆମେ ବଡ଼ ଅଡୁଆରେ ପଡୁଥିଲୁ । ନର୍ମାଲ୍ ଟ୍ରେନିଂ ସ୍କୁଲର ଅଧୀନରେ ଆମ ସ୍କୁଲଟି ଥିଲା । ବେଳେ ବେଳେ ଆମକୁ ଶ୍ରେଣୀଗୃହ ଛାଡ଼ି ହଲ୍‌କୁ ଯିବାକୁ ପଡୁଥିଲା । ହଲ୍‌ରେ ଆମେ ସବୁ ଆଗବେଞ୍ଚରେ ବସୁଥିଲୁ । ପଛ ବେଞ୍ଚ ମାନଙ୍କରେ ନର୍ମାଲ ଟ୍ରେନିଂ ସ୍କୁଲର ଭେଣ୍ଡିଆ ଛାତ୍ରମାନେ ବସୁଥିଲେ । ସେଇ ଟ୍ରେନିଂ ସ୍କୁଲର ମାଷ୍ଟରମାନେ ଆମକୁ ନମୁନା ପ୍ରଶିକ୍ଷଣ ଦେଉଥିଲେ । ତାହା ଟ୍ରେନିଂ ସ୍କୁଲର ଭେଣ୍ଡିଆ ଛାତ୍ରମାନେ ବସି ଶୁଣୁଥିଲେ । ଏଇପରି ଘଟଣାରେ ଥରେ ଆମଶ୍ରେଣୀ ପିଲା-ଏ ଯାଇଁ ହଲ୍‌ର ଆଗ ବେଞ୍ଚ୍‌ମାନଙ୍କରେ ବସିଗଲେ । ତା ଆଗରୁ ଟ୍ରେନିଂ ସ୍କୁଲର ପିଲା-ମାନେ ପଛବେଞ୍ଚ୍‌ରେ ବସିସାରିଥିଲେ । ପ୍ରଥମେ ଆମେ ଶ୍ରେଣୀରେ ଥାଇଁ ଭାବିଲୁ ଏ ପିଲାମାନେ ଛୁଟି ହୋଇ ଚାଲିଗଲେ । ଆମେ ପଦାକୁ ବାହାରି ଅନ୍ୟ କୌଣସି ପିଲାର ସନ୍ଧାନ ପାଇଲୁ ନାହିଁ । ତହୁଁ ଆମେ ଉପର ଶ୍ରେଣୀର ଜମାନ୍ଦା ଓ କାହ୍ନୁ-କେଇଙ୍କ ପାଖକୁ ଗଲୁ । କାହ୍ନୁକେଇ ବାହାରି ଆସି ଆମକୁ କହିଲେ—"ଆରେ ତୁମେ ଏଆଡ଼େ କୁଆଡ଼େ ଆସିଲ ? ତୁମେ ଯା ହଲ୍‌ରେ ବସିବ । ସେଠି ପଘ ଟିଚିଂକ୍ଲାସ ହେଉଛି । ବଡ଼ ସାର୍‌ମାନେ ପାଠ ପଢାଉଛନ୍ତି । ଯା' ସେଠିକି ଯା ।" ଆମେ ଦୁହେଁ ଯାଇଁ ହଲ ଦୁଆର ମୁହଁରେ ଠିଆହେଲୁ । ସେତେବେଳକୁ ଟ୍ରେନିଂ ସ୍କୁଲର ସାର୍ ପଢ଼ା ଆରମ୍ଭକରି ଦେଇଥାନ୍ତି । ସେ ବୋଧହୁଏ ମନରେ ଭାବିଲେ ବାଟ ଭୁଲି ଦି'ଟା ଛେଲି-ଛୁଆ ଇଆଡ଼େ ମାଡ଼ି ଆସୁଛନ୍ତି । ସେ ଆମ ଦୁଇଜଣଙ୍କୁ ମନା କରିଦେଲେ—ଏଠିନାଇଁ, ପଳାପଳା । ଆମେ ଭୟରେ ସେଠୁଁ ପଳାଇ ଆସୁଥିଲୁ । ଅନ୍ୟ ଦିଗରୁ ହେଡ଼ମାଷ୍ଟେ ଆସୁଥିଲେ । ସେ ଆମ ଦୁଇଜଣଙ୍କୁ ଦେଖି କହିଲେ—ଆରେ ! ତୁମେ କ୍ଲାସ୍‌ରୁ ପଳାଇ ଆସିଲ କାହିଁକି ? ଆମେ କହିଲୁ ଯେ ସେଠିକି ଯିବାକୁ ସାର୍ ଆମକୁ ବାରଣ କଲେ । ତହୁଁ ହେଡ଼ମାଷ୍ଟେ ଆମ ଦିହିଁଙ୍କ ହାତଧରି ହଲ୍‌ଭିତରକୁ ନେଇଗଲେ ଏବଂ ବଡ଼ସାର୍‌ଙ୍କୁ କହିଲେ—"ଏ ପିଲାଦୁହେଁ ନୂଆ । ମଣ ହୋଇ ନାହାନ୍ତି । ମଣ ହୋଇଗଲେ ସବୁ ଜାଣିପାରିବେ । ଯାଙ୍କୁ କ୍ଲାସ୍ ଭିତରକୁ ନିଅନ୍ତୁ ।" ଆମଭଳି ଦୁଇଟି ଛେଳିଛୁଆଙ୍କୁ ଦେଖି ବଡ଼ସାର୍ ହସିଦେଲେ ଓ ଆଗବେଞ୍ଚ୍‌ରେ ଥାନକରି ଆମକୁ ବସାଇଦେଲେ । ଆମ ଦୁହିଁଙ୍କୁ ମଣ ହେବାଲାଗି ପ୍ରାୟ ଦଶ ପନ୍ଦର ଦିନ ଲାଗିଥିଲା ।

ଆମର ଲାଜକୁଳା ଓ ଡରକୁଳା ଭାବ ପୂରାପୂରି ଚାଲିଯିବା ପାଇଁ ପ୍ରାୟ ୫/୬ ମାସ ଚାଲିଗଲା । ଘରୁ ଆମେ ଯେତେବେଳେ ସ୍କୁଲକୁ ବାହାରୁ, ସେତେବେଳେ ଆମେ ଚାରିଜଣ ଥାଉ । ବାଟରେ ଆମ ସାହିରୁ ଦୁଇଜଣ ପିଲା ଯୋଗ ଦିଅନ୍ତି । ବାମ୍ଫିସାହିରୁ ଚାରିଜଣ ପିଲା ଯୋଗ ଦିଅନ୍ତି । ଏହିପରି ଆମେ ଦଶଜଣ ପିଲା ଗୋଟିଏ ଦଳ ବାନ୍ଧି ନିତି ସ୍କୁଲକୁ ଯାଉ ଓ ଫେରୁ । ଆମ ଘର ଖୁବ୍ ପ୍ରତିପତ୍ତିଶାଳୀ ହୋଇଥିବାରୁ ଏ ପିଲାମାନେ ଆମକୁ ଭାରି ଖାତିର୍ କରୁଥିଲେ । ଏଣୁ ଆମ ମେଣ୍ଟଟା ଖୁବ୍ ଟାଣୁଆ ହୋଇଥିଲା । ବାଟରେ କାହାକୁ ଭୟ ନକରି ସ୍ୱଚ୍ଛନ୍ଦରେ ସ୍କୁଲକୁ ଯାଉଥିଲୁ ଓ ଫେରୁ-ଥିଲୁ । ଘର ବାହୁଡ଼ା ଗୋରୁମାନେ ମଝିରେ ମଝିରେ ଯେପରି ଶିଙ୍ଗରେ ମୃଦୁ ଭୁଷା-

Digitized by srujanika@gmail.com

ଭୂଷି ହୋଇଯାଆନ୍ତି, ଆମଦଳ ଭିତରେ ସେହିପରି ମଝିରେ ମଝିରେ ପେଲାପେଲି ଲାଗିଯାଏ । ଆମ ଦଳ ବାହାରର ଜଣେ ଅଧେ ପିଲା ଫେରିଲାବେଳେ ଆମଦଳର ପିଲାଙ୍କୁ ଟିକେ ଥଟ୍ଟା ନକଲ କଥା କହିଦେଲେ ଆମ ତରଫରୁ ସେହିପରି ଥଟ୍ଟାନକଲ ଚାଲେ । ଟିକେ ହୋ ହା ହୋଇଯାଏ । ତା'ପରେ ବାଟରୁ ଜଣ ଜଣ ହୋଇ ଖସି ଯାଆନ୍ତି । ଆମେ ଚାରିଜଣ ଆସି ଘରେ ପହଞ୍ଚୁ ।

ଟ୍ରେନିଂ ସ୍କୁଲ ଓ ଆମ ସ୍କୁଲ ବିଷୟରେ ଦି'ଚାରିପଦ ନକହିଲେ ଆମ ସ୍କୁଲ ଜୀବନଟା ଅପୂର୍ଣ୍ଣ ରହିଯିବ । ଟ୍ରେନିଂ ସ୍କୁଲର ହେଡ୍‌ମାଷ୍ଟର ସେତେବେଳେ ଥାଆନ୍ତି ଦାଶରଥି ପାଣିଗ୍ରାହୀ । ସାଧାରଣ ଉଚ୍ଚତା ଓ ସରୁ ଦେହ । ବେଶ୍ ଭଲ ନିଶ ଦାଢି ରଖିଥାଆନ୍ତି । ତାହା ତ'ଙ୍କୁ ଖୁବ୍ ମାନୁଥାଏ । ସେ ସ୍କୁଲର ସାର୍‌ମାନଙ୍କୁ ଆମେ ବଡ଼ସାର୍ କହୁଥାଉ । ଯେହେତୁ ଆମ ସ୍କୁଲ ଟ୍ରେନିଂ ସ୍କୁଲର ଅଧୀନରେ ଥାଏ । ଆମେ ବଡସାର୍‌ମାନଙ୍କୁ ମହାକ୍ଷମତାଶାଳୀ ବୋଲି ଭାବୁଥିଲୁ । ଦୈବାତ୍ ବାଟରେ ହାବୁଡ଼ି ଗଲେ ଆମେ ନମସ୍କାର ପକାଇ ଚାରିପାଞ୍ଚ ହାତ ଘୁଞ୍ଚିଯାଉଥିଲୁ । ଆମ ସ୍କୁଲର ହେଡ୍‌ମାଷ୍ଟର ଥିଲେ ହାରାଧନ ବୋଷ । ତାଙ୍କ ପରି ଛାତ୍ରବତ୍ସଳ ହେଡ୍‌ମାଷ୍ଟରଟିଏ ଆଜିଯାଏ ମୋ ଆଖିରେ ପଡ଼ିନି । ଶେଷ ଦୁଇ କ୍ଲାସରେ ସେ କେବଳ ଇଙ୍ଗ୍ଲିଶ୍ ପଢ଼ାନ୍ତି । କ୍ଲାସ୍ ନଥିଲାବେଳେ ବେଳେବେଳେ ସେ ବେତଟିଏ ଧରି ସ୍କୁଲର ଏମୁଣ୍ଡରୁ ସେମୁଣ୍ଡଯାଏ ବାରଣ୍ଡାରେ ପଇଁଚାରି (ପାଦଚାଳନା) କରନ୍ତି । କେଉଁଠି କେଉଁ ପିଲା ଗଣ୍ଡଗୋଳ କରିବାର ଦେଖିଲେ ସେ ତାକୁ ପାଖକୁ ଡାକି ବେତରେ ପାହାରେ ଦିଅନ୍ତି । ସେ ବେତ ଖୁବ୍ ଉପରକୁ ଉଠେ ସତ; ମାତ୍ର ପିଲା ଉପରେ ପଡିଲାବେଳେ ତାଙ୍କ ହୃଦୟର ପିତୃସୁଲଭସ୍ନେହ ବେତରଗତିକୁ ଶିଥିଳ କରିଦିଏ । ବେତଟି ପିଲା ପିଠିରେ ପଡ଼ିବା ପରିବର୍ତ୍ତେ, ତାକୁ ସ୍ପର୍ଶ କରେ ମାତ୍ର । ତଥାପି ସେ ପିଲାଟି 'ବୋପାଲୋ, ମାଆଲୋ' ବୋଲି ରଡ଼ି ଛାଡେ । ତା'ପରେ ହେଡ୍‌ମାଷ୍ଟେ ତା ପିଠିକୁ ଆଉଁସିଦେଇ ତାକୁ ବୁଝେଇ ଲାଗନ୍ତି—ଆଉ ଦିନେ ଏପରି ଗଣ୍ଡଗୋଳ କରିବୁନି । ବେତର ସ୍ପର୍ଶମାତ୍ରେ ଏପରି ରଡି ଦେବା ପଛରେ ଗୋଟିଏ ପରମ୍ପରା ରହିଥିଲା । କେଉଁ ଅଜଣାଦିନ ଗୋଟିଏ ଛାତ୍ର ଏଇପରି ବଡ ପାଟିକରି ହେଡମାଷ୍ଟଙ୍କର କ୍ରୋଧ ଓ ବିରକ୍ତିକୁ ଶାନ୍ତ କରାଇ ତାଙ୍କ ହୃଦୟକୁ ସ୍ନେହରେ ବିଗଳିତ କରାଇଦେଇ ପାରିଥିଲା । ସେଇ ପିଲାଟି ଏହି ଗବେଷଣା-ଲବ୍ଧ ଜ୍ଞାନଟିକୁ ଅନ୍ୟ ପିଲାମାନଙ୍କୁ ଜଣେଇ ଦେଇ କହିଥିଲା—ହେଡ୍‌ମାଷ୍ଟେ ଯେତେବେଳେ ପ୍ରଥମ ବେତରେ ପିଠି ସ୍ପର୍ଶ କରିବେ ସେତେବେଳେ ବୋପାଲୋ ମାଆଲୋ କରି ପାଟି-ଟାଏ କରିଦେଲେ ସେତିକିରେ ବେତ୍ରାଘାତ ବନ୍ଦ ହୋଇଯିବ । ଓଲଟା ହେଡ୍‌ମାଷ୍ଟେ ପିଠିକୁ ଆଉଁସି ପକାଇବେ । ଏତକ ନକଲେ ତାଙ୍କର ଦ୍ୱିତୀୟ ଓ ଅପେକ୍ଷାକୃତ ଅଧିକ ପିଡାଦାୟକ ବେତ୍ରାଘାତ ଭୋଗିବାର ନିଶ୍ଚିତ ସମ୍ଭାବନା ରହିବ । ହେଡମାଷ୍ଟଙ୍କ ପ୍ରଥମ ବେତର ସ୍ପର୍ଶ ପିଠି ଉପରେ ଥିବା କାମିଜ୍ କେବଳ ଅନୁଭବ କରେ । ପିଠିର ଚର୍ମ ଯାଏ ତାହା ପହଞ୍ଚିପାରେ ନାହିଁ । ଏହି ଜ୍ଞାନଟି ସ୍କୁଲର ପ୍ରତ୍ୟେକ ପିଲାଙ୍କ ପାଖରେ ବିତରିତ ହୋଇ ସାରିଥିଲା ।

Digitized by srujanika@gmail.com

ଆମ ହେଡ୍‌ମାଷ୍ଟ୍ରେ ବର୍ଷାଗମ ଓ ଘଡଘଡ଼ିକୁ ଭାରି ଭୟ କରନ୍ତି । ଥରେ ଖୁବ୍ ଜୋର୍‌ରେ ଗୋଟାଏ ଘଡଘଡ଼ି ମାରିଦେବାରୁ ଅଫିସ୍‌ରେ ବସିଥିବା ସମୟରେ ସେ ବେହୋସ୍ ହୋଇଗଲେ । ଯଦି ବର୍ଷା ଜୋରରେ ଅସରଏ ହୋଇ ଛାଡ଼ିଯାଏ ଓ ସେହି-ପରି ପାଗ ମେଘୁଆ ହୋଇ ରହେ, ତେବେ ସେ ଦପ୍ତରୀ (ପିଅନ)କୁ ଯୋଡ଼ିଏ ଟଙ୍କା ଦେଇ ମୁଢ଼ି, ଉଖୁଡ଼ା, ନଡ଼ିଆ ନେଇ ଆସିବାକୁ କହନ୍ତି । ଅଳ୍ପ ସମୟ ଭିତରେ ବଡବଡ ବେତାରେ ତିନିବେତା ମୁଢ଼ି, ତା ସହିତ ଉଖୁଡ଼ା ଓ ନଡ଼ିଆ ଆସିଯାଏ । ପ୍ରତି ଶ୍ରେଣୀକୁ ଯାଇ ଦପ୍ତରୀ ସବୁପିଲାଙ୍କ ଅର୍ଣ୍ଣିରେ ଆଞ୍ଜୁଳାଏ ଆଞ୍ଜୁଳାଏ ମୁଢ଼ି ଦେଇ ଚାଲିଯାଏ । ସ୍କୁଲର ଶେଷାର୍ଦ୍ଧରେ ଯଦି କଳାହାଣ୍ଡିଆ ମେଘ ଘୋଟିଆସେ କେତେକ ସାହସୀପିଲା ଅଫିସ୍‌କୁ ଯାଇ ହେଡ୍‌ମାଷ୍ଟରଙ୍କୁ କହନ୍ତି–"ସାର୍ ! ଭାରି ଜୋରରେ ମେଘ ଘୋଟି ଆସୁଛି ।" ସେ ସଙ୍ଗେ ସଙ୍ଗେ ପଦାକୁ ଆସି ଆକାଶକୁ ଚାହାନ୍ତି ଏବଂ ସ୍କୁଲ୍ ଛୁଟି ହୋଇଯିବାର ଘୋଷଣା କରିଦିଅନ୍ତି । ପିଲାମାନେ କିଚିରିମିଚିରି ପାଟିକରି ଦୌଡ଼ା ଦୌଡ଼ି ହୋଇ ସ୍କୁଲ ଛାଡ଼ି ପଳାନ୍ତି । ପଳେଇ ଗଲାବେଳେ ହେଡ୍‌ମାଷ୍ଟ୍ରେ ଉପଦେଶ ଦିଅନ୍ତି–"ବର୍ଷା ହେବା ପୂର୍ବରୁ ଶୀଘ୍ର ଶୀଘ୍ର ଘରକୁ ପଳେଇବ । ଯଦି ବାଟରେ ଯିବା-ବେଳେ ବର୍ଷା ହୋଇଯାଏ, ତେବେ କାହା ଘର ବାରଣ୍ଡାରେ ଠିଆ ହୋଇଯିବ, ବର୍ଷାରେ ତିନ୍ତିବ ନାହିଁ ।" ପିଲାମାନେ କିନ୍ତୁ ବର୍ଷାରେ ତିନ୍ତି ତିନ୍ତି ଘରକୁ ଯିବାର ସୌଭାଗ୍ୟ ଉଣ୍ଡୁଥା'ନ୍ତି ।

ଥରେ ଇଂଲିସ୍ ପରୀକ୍ଷା ଖାତା ଦେଖୁ ଦେଖୁ ଗୋଟିଏ ପିଲାର ନମ୍ବର ମିଶେଇ ଦେଖିଲେ ଶହେରୁ ବେଶୀ ହୋଇଯାଉଛି । ସେ ଆବାକ୍ ହୋଇଗଲେ । ଏହା କିପରି ହେଲା ? ପ୍ରାୟ ପଚାଶ ଥର ପୁନଃ ପୁନଃ ମିଶାଇ ଦେଖିଲେ ସେଇ ଏକା ନମ୍ବର । ତାଙ୍କ ମୁଣ୍ଡ ଖରାପ ହୋଇଗଲା । ସେ ମନେ ମନେ ଭାବିଲେ ବୋଧହୁଏ କେଉଁଠି ତାଙ୍କ ମିଶାଣରେ ଭୁଲ ରହିଯାଉଛି । ତେଣୁ ସେ ଅଙ୍କ ଶିକ୍ଷକ ଆର୍ତ୍ତତ୍ରାଣ ଶତପଥୀଙ୍କୁ ଡ଼କାଇ ପଠାଇଲେ । ସେ ମଧ୍ୟ ମିଶେଇ ଦେଖିଲେ ସେଇଆ ହେଉଛି । ସେ ବି ପ୍ରଥମେ ଏହାର କାରଣ କିଛି ସ୍ଥିର କରିପାରିଲେ ନାହିଁ । ବହୁତ ଭାବିବା ପରେ ସେ ଆଉ ଗୋଟେ କାଗଜରେ ପ୍ରଶ୍ନ ଓ ନମ୍ବରକୁ ଅଲଗା କରି ତଳକୁତଳ ଲେଖିଚାଲି ଗଲେ । ପ୍ରଶ୍ନରେ ଥିଲା ଯେ କୌଣସି ୧୦ ଟିର ଉତ୍ତର ଦେବାକୁ ହେବ । ପ୍ରଶ୍ନଗୁଡ଼ିକ ଗଣି ଦେଖିଲେ ତହିଁରୁ ବେଶୀ ଉତ୍ତର ଅଛି । ଛାତ୍ରଟି ଖାତାରେ ସମୁଦାୟ ପ୍ରଶ୍ନର ଉତ୍ତର ଲେଖି ଦେଇଛି । ଫଳରେ ନମ୍ବର ବଢ଼ିଯାଇଛି । ଅସୁବିଧାଟି ଅଙ୍କସାର୍ ହେଡ୍‌ମାଷ୍ଟରଙ୍କୁ ବୁଝେଇ ଦେଲେ । ଗୋଟାଏ ଦୀର୍ଘଶ୍ୱାସ ଛାଡ଼ି ହେଡମାଷ୍ଟ୍ରେ ପ୍ରକୃତିସ୍ଥ ହେଲେ । ଏଇ ଘଟଣାଟି ବହୁ ଦିନଯାଏ ଶିକ୍ଷକ ତଥା ଛାତ୍ରମାନଙ୍କ ମନରେ ବେଶ୍ କୌତୂହଳ ସଞ୍ଚାର କରିଥିଲା ।

ଆର୍ତ୍ତତ୍ରାଣ ଶତପଥୀ ଅଙ୍କ, ସାହିତ୍ୟ ଓ ପଟା ପାଉଡି ଲିଖନର ଶିକ୍ଷକ ଥିଲେ । ଅଙ୍କ ଓ ସାହିତ୍ୟ ପଢ଼ାଇଲାବେଳେ ସେ ବେଶ୍ ଖୁସି ମନରେ ପଢ଼ାନ୍ତି ଓ ନ ବୁଝିପାରିବା ଛାତ୍ରଙ୍କୁ ବାରମ୍ବାର ବୁଝେଇ ଦିଅନ୍ତି । ତାଙ୍କ ମନରେ କ୍ରୋଧର ଟିକେ ହେଲେ ଉଦ୍ରେକ

Digitized by srujanika@gmail.com

ହେଉନଥିଲା । କିନ୍ତୁ ତମସୁକ ଲିଖନ ପଢ଼ାଇଲାବେଳେ ସେ ରୁଦ୍ରମୂର୍ତ୍ତି ଧରୁଥିଲେ । ମୁଖସ୍ଥ ଥିବା ତମସୁକ କହିଗଲାବେଳେ ଯଦି ପିଲା ଧାଡ଼ିଏ ଛାଡ଼ିଯାଏ, ତେବେ ସେ କ୍ରୋଧରେ ଅସ୍ଥିର ହୋଇ ଦାନ୍ତ କଡ଼ମଡ଼ କରି ବେତରେ ତାକୁ ନିର୍ମମ ଭାବରେ ପିଟି ପକାନ୍ତି । ତା ପିଠିରେ ନୋଳା ଫାଟିଯାଏ । ଫଳରେ ମନେ ନରଖିଥିବା ଛାତ୍ରମାନେ ତାଙ୍କ କ୍ଲାସରେ ନରହି ଆଗରୁ ଚମ୍ପଟ ଦେଇଥାନ୍ତି । ସେ ପିରିଅଡ୍ ସରିଲେ ସେମାନେ ପୁଣି କ୍ଲାସକୁ ଆସନ୍ତି । ଛାତ୍ରମାନଙ୍କ ମୁହଁରୁ ସେ ଦେବାଦେବୀଙ୍କର ପ୍ରସନ୍ନ ହେବା କଥା, କାଳିସୀର ଆବିର୍ଭାବ ହେବା କଥା ଅତି ମନଯୋଗ ସହ ଶୁଣନ୍ତି । ଥରେ ଜଣେ ଛାତ୍ର ତାଙ୍କ ସାହିରେ ଗୋଟିଏ ଭୟଙ୍କର କାଳିସୀ ଜଣକ ଦେହରେ ପ୍ରବେଶ କରିବା କଥାକୁ କହୁ କହୁ କହିଲା ଯେ ମହାରାଗୀ କାଳିସୀ ଆସନ୍ତା ପାଳିକୁ ପଣା ମାଗିଛି । ପଣା ଠିକ୍ ଠିକ୍ ଭାବରେ ନ ଦେଲେ ସେ ସାହିର ଅଧା ଲୋକଙ୍କୁ ଚୋବେଇ ଖାଇଯିବ । ଆର୍ତ୍ତତ୍ରାଣ ସାର୍ ଅତି ମନଯୋଗ ସହିତ ସେସବୁ ଶୁଣିଗଲେ ଏବଂ ଆସନ୍ତା ପାଳି ଦିନ ପଣା ଦିଆଗଲା କି ନାହିଁ ତା'ର ସବିଶେଷ ବିବରଣୀ ଦେବାଲାଗି ଛାତ୍ରଟିକୁ ଉପଦେଶ ଦେଲେ । ସେ ମଧ୍ୟ କହିଲେ ଯେ ଯଦି ପଇସା ଅଭାବରୁ ପଣାର ସୁବ୍ୟବସ୍ଥା ନ ହୋଇପାରେ, ତେବେ ତାଙ୍କଠାରୁ ଯାଇ ପଇସା ନେଇ ଆସିବ । କାଳିସୀର ସନ୍ତୋଷ-ବିଧାନ ପାଇଁ ସେ ଚାରିଅଣା ପର୍ଯ୍ୟନ୍ତ ଦେଇଦେବେ । ତେଣୁ ପଣାଦାନରେ କୌଣସି ପ୍ରକାର ଅବହେଳା ଦେଖାଇବା ନିଷ୍ପ୍ରୟୋଜନ । ସେ ପିରିଅଡ୍‌ଟା ଏଇ ପାଠରେ ଶେଷ ହୋଇଗଲା । ଏହାପରେ ଆସିଲେ ଇଂରେଜୀ ସାର୍ ପ୍ରବୋଧ ବାବୁ । ସେ ଜଣେ ଖ୍ରୀଷ୍ଟିୟାନ । ସେ ଛୋଟେଇ ଛୋଟେଇ ଚାଲୁଥିଲେ । କାରଣ ତାଙ୍କର ଗୋଟିଏ ଗୋଡ଼ ବଙ୍କା । ଇଂରେଜୀ ସାର୍ ଥିବାରୁ ଆମେମାନେ ତାଙ୍କୁ ଗୋରାସାହେବମାନଙ୍କର ଆଖପାଖ ଲୋକ ବୋଲି ବିଚାରୁଥିଲୁ । ସେତେବେଳେ ଗୋରାସାହେବ ଦେଖିଲେ ଲୋକେ ମୁଣ୍ଡ ନୁଆଁଇ ଦଶ ବାର ଫୁଟ ଆଡ଼େଇ ଯାଉଥିଲେ । ପ୍ରବୋଧ ବାବୁ ଯେତେ-ବେଳେ ଗୋରା ସାହେବଙ୍କ ଆଖପାଖ ଲୋକ, ସେତେବେଳେ ତାଙ୍କୁ ଦେଖିଲେ ମୁଣ୍ଡ ନୁଆଁଇ ଅନ୍ତତଃ ତିନି ଚାରି ଫୁଟ ଆଡ଼େଇ ହୋଇଯିବା ଉଚିତ ବୋଲି ଆମେମାନେ ଭାବୁଥିଲୁ । ଗୋରାସାହେବମାନଙ୍କର ପ୍ରିୟ ହୋଇଥିବାରୁ ତାଙ୍କୁ ଆମେ ମନ ଭିତରେ ଧରି ଡରୁଥିଲୁ । ତାଙ୍କୁ ଉତ୍ତର ନାହିଁ ବୋଲି ଆମେମାନେ ମନେ ମନେ ଧରିନେଉ-ଥିଲୁ । ତାଙ୍କର ଅନ୍ୟାୟ ଧରଯିବ ନାହିଁ । ତାଙ୍କୁ ସାତଖୁଣ୍ ମାଫ୍ । ପଣ୍ଡିତ ପୁଅ ମାଙ୍କଡ଼ ମାଇଲେ ମାଙ୍କଡ଼ ଧାକଡ଼ । ସେ କ୍ଲାସକୁ ପଶିବାମାତ୍ରେ ମୁଣ୍ଡ ନୁଆଁଇ ସମସ୍ତେ ଠିଆହେଲେ । ସେ ବସିବାରୁ ସମସ୍ତେ ବସିଲେ । ଗୋଟିଏ ବଡ଼ ସାହସୀ ପିଲା ପୂର୍ବ ପିରିଅଡ୍‌ର କଥାସବୁ ତାଙ୍କ ଆଗରେ କହିଲା । ସମ୍ପୃକ୍ତ ପିଲାକୁ ସେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରିବାକୁ କହିଲେ । ସେ ଅତି ଉତ୍ସାହର ସହିତ ସବୁ ବର୍ଣ୍ଣନା କରିଗଲା । ସାର୍ କେବଳ ମୁରୁକେଇ ମୁରୁକେଇ ହସୁଥାନ୍ତି । ତାଙ୍କ ମୁହଁରେ ତାଚ୍ଛଲ୍ୟ ଭାବ ଫୁଟି ଉଠୁଥାଏ । ସହଜେ ସେ ଖ୍ରୀଷ୍ଟିୟାନ । ହଠାତ୍ ସେ ଚିଲେଇ ଉଠିଲେ । "ପୋଲିସ୍‌କୁ ଡାକିନେଇ ଥାନାରେ ହାଜର କରାଇପାରିଥିଲେ କାଳିସୀ ଥଣ୍ଡାହୋଇ ଯାଇଥାନ୍ତା । ଚାରିପାଞ୍ଚ ହଣ୍ଟର୍ (ଚାବୁକ୍) ବାଜିଯାଇଥିଲେ ତମ କାଳିସୀ ବୋପାଲୋ ମାଆଲୋ କହି

Digitized by srujanika@gmail.com

ଛାଡ଼ି ପକେଇ ଯାଇଥାନ୍ତା । ଆଉ ତୁମର ତେତିଶିକୋଟି ବିଅଁ ଦେବତା କେହି ତାକୁ ସାହାଯ୍ୟ କରିବାକୁ ଆସି ନଥାନ୍ତେ । ତମର ଦେବୀ, ଦେବତା ଓ ଧର୍ମ ସବୁ ଅଜବ । ସେ ପିଲାଟିର ମୁହଁ କଳାକାଠ ପଡ଼ିଗଲା । ଆମେ ମଧ୍ୟ ସମସ୍ତେ ଟିକେ ଦୁଃଖିତ ହେଲୁ । ମୁଁ ମନେ ମନେ ଭାବିଲି ଆମ ଦେବାଦେବୀଙ୍କୁ ଛି ଛାକର କରୁଛନ୍ତି, ବଳେ ପରାଭବ ପାଇବେ ନାହିଁ ଯେ । ଗୋଟାଏ ଗୋଡ଼ତ ଛୋଟା, ଆଉ ଗୋଡ଼ଟା ଛୋଟା ହୋଇଯିବ । କିନ୍ତୁ ସେହି ମହା ପରାକ୍ରମଶାଳୀ ସାର୍‌ଙ୍କ ମୁହଁରେ ଜବାବ ଦେବାକୁ କାହାର ସାହସ ନଥିଲା । ତହିଁଆରଦିନ ଆର୍ତ୍ତତ୍ରାଣ ଶତପଥୀଙ୍କ କ୍ଲାସ୍‌ରେ କେତେ-ଜଣ ପିଲା ସାର୍‌ଙ୍କୁ କହିଲେ ଯେ, ପ୍ରବୋଧ ବାବୁ ଏ ଘଟଣା ଶୁଣି ଆମ ଦେବାଦେବୀଙ୍କୁ ଗାଳିଗୁଲଜ କରିଛନ୍ତି । ସାର୍ ଟିକେ ଚୁପ୍ ଚୁପ୍ କରି କହିଲେ–ଆରେ ସେ ହେଲେ ସାହେବଙ୍କ ଲୋକ । ସହଜେ ଖ୍ରୀଷ୍ଟିୟାନ୍ । ତାଙ୍କ କଥା ସାହାବମାନେ ଆଗେ ଶୁଣିବେ । ତେଣୁ ଚୁପ୍ ହୋଇଯିବା ଭଲ । କଥାଟି ସେଇଠି ସରିଗଲା । ଆଉ କାଳିସୀ କଥା ସେ ଉଠାଇ ନାହାନ୍ତି । କାଳେ ପ୍ରବୋଧ ବାବୁ ଶୁଣି ତାଙ୍କ ବିରୁଦ୍ଧରେ କେଉଁଠି କ'ଣ ଫୋଡ଼ି ଦେବେ ।

ଆଉ ଜଣେ ସାର୍ ଥିଲେ ଭାସ୍କର ପଣ୍ଡିତେ । କ'ଣ ସେ ପଢ଼ାଉଥିଲେ ମୋର ଠିକ୍ ମନେ ନାହିଁ । ଏତିକି ମୋର ମନେ ଅଛି–ଦିନେ ଦିନେ ସେ ପ୍ରଥମରୁ ଶେଷ ପିରି-ୟଡ଼ ପର୍ଯ୍ୟନ୍ତ ଆମ କ୍ଲାସରେ ବସି ରହନ୍ତି । ଯେଉଁ ସବୁ ସାର୍ ନ ଆସିଥାନ୍ତି ସେମାନ-ଙ୍କର କାମ ସେ ତୁଲାଇ ଦିଅନ୍ତି । ସେ ଅଙ୍କ, ସାହିତ୍ୟ, ଇତିହାସ, ଭୂଗୋଳ ସବୁ କିଛି ପଢାଇ ଦିଅନ୍ତି । ସେ ଆମର ବଂଧୁ ଥିବାରୁ ଆମ ପ୍ରତି ବିଶେଷ ନଜର ସବୁବେଳେ ରଖିଥିଲେ । କୌଣସି ପିଲାଙ୍କ ଉପରେ ସେ ରାଗିଗଲେ ସେ ପାପୁଲିରେ ପିଲାର ନାକକୁ ଦାବି ଟିକେ ହଲାଇ ଦିଅନ୍ତି, ସେ ବେତ ବ୍ୟବହାର କରନ୍ତି ନାହିଁ । ନାକକୁ ପାପୁଲିରେ ଦଳିବା ହେଲା ତାଙ୍କର ପ୍ରଧାନ ଶାସ୍ତି ଦାନ । ଏଇଟା ପିଲମାନଙ୍କୁ ଭାରି ବିରକ୍ତିକର ଜଣାଯାଏ ।

ଥରେ ଜଣେ ଖେଚେଡ଼ିଆ ଟୋକା ନାକ ଦଳାର ସମ୍ମୁଖୀନ ହୋଇଥିଲା । ତାକୁ ଆଗରୁ ଭାରି ଜୋରରେ ସର୍ଦ୍ଦି ହୋଇଥିଲା । ଭାସ୍କର ସାର୍ ଯେତେବେଳେ ତା ନାକକୁ ଦଳିଲେ ସେ ସୁଁ କରି ଭଡ଼କାଏ ସିଙ୍ଗାଣି ଛାଡ଼ି ଦେଲା । ଇହି–ଅସନା ପୋଚରା ବୋଲି ତାକୁ ଗାଳିଦେଇ ସେ ପଦାକୁ ହାତ ଧୋଇବାକୁ ଚାଲିଗଲେ । ସେହି ଦିନଠାରୁ ତାଙ୍କର ନାକଦଳା ବନ୍ଦ ହୋଇଗଲା । ସିଙ୍ଗାଣିନାକୀ ପିଲାଟି ପିଲାଙ୍କ ଆଗରେ ତା'ର ପୌରୁଷ ବାରମ୍ବାର ଜାହିର୍ କରିବାକୁ ଲାଗିଲା । ସବୁବେଳେ କହି ଲାଗିଲା–ଦେଖ ମୁଁ ସାର୍‌ଙ୍କ ନାକଦଳା କିପରି ବନ୍ଦ କରିଦେଲି ।

ଡ୍ରିଲ୍ ସାର୍ ଥିଲେ କମଳବାବୁ । ତାଙ୍କୁ ସମସ୍ତେ ଡରୁଥିଲେ, ଏପରିକି ହେଡ୍-ମାଷ୍ଟେ ମଧ୍ୟ । ଆମ ସ୍କୁଲକୁ ବହୁତ ଗୋରା ହାକିମ ପରିଦର୍ଶନ କରିବାକୁ ଆସୁଥିଲେ । ମିଡ଼ିଲ୍ ସ୍କୁଲରେ ସେମାନେ ବା କି ପାଠ ଦେଖିବେ ? ସେମାନେ ସବୁବେଳେ ଦେଖୁ-ଥିଲେ ଡ୍ରିଲ୍‌ଟା ଠିକ୍ ହେଉଛି କି ନାହିଁ । ନାନା ପ୍ରକାରର କସରତ, ମାର୍ଚ୍ଚିଂ, ସ୍କାଉଟିଂ

Digitized by srujanika@gmail.com

ଉପରେ ବିଶେଷ ନଜର ଦେଉଥିଲେ । ଟ୍ରେନିଂ ସ୍କୁଲର ପିଲମାନଙ୍କୁ ଆଣି ଆମ ପଢ଼ି-ଆରେ ଠିଆ କରାଇ ଦେଉଥିଲେ । ସମସ୍ତେ ହାପ୍ ପ୍ୟାଣ୍ଟ ପିନ୍ଧୁଥିଲେ । ସାହେବ ଟେବୁଲ ଉପରେ ଠିଆ ହେଉଥିଲେ । କଡ଼ରେ ଗୋଟିଏ ଗ୍ରାମୋଫୋନ୍‌ରେ ରେକର୍ଡ ବାଜୁଥିଲା । ତା'ରି ତାଳେ ତାଳେ ସେ ଟେବୁଲ୍ ଉପରେ ହାତରେ ନାନାରକମର କସରତ ଦେଖାଉ-ଥିଲେ । କେତେବେଳେ ଶରୀରକୁ ଆଗକୁ ପଛକୁ ଓ ଦୁଇ କଡ଼କୁ ଘଙ୍ଗୁଥିଲେ । ଟ୍ରେନିଂ ସ୍କୁଲ ପିଲମାନେ ତାଙ୍କୁ ଅନୁକରଣ କରୁଥିଲେ । କମଳବାବୁ ସବୁଥିରେ ସାହେବଙ୍କର ସାହାଯ୍ୟକାରୀ ହୋଇଥାନ୍ତି । ସେମାନେ କମଳବାବୁଙ୍କ ସାଙ୍ଗରେ ସବୁବେଳେ କଥା-ବାର୍ତ୍ତା ହେଉଥାନ୍ତି । ଆଉ କୌଣସି ସାରଙ୍କ ସଙ୍ଗେ ସେମାନଙ୍କର କଥାବାର୍ତ୍ତା ନଥାଏ । ଏଥିଲାଗି ଅନ୍ୟାନ୍ୟ ସାର୍ ଓ ପିଲମାନେ କମଳବାବୁଙ୍କୁ ବଡ ଭାଗ୍ୟବାନ୍ ମନେ କରୁ-ଥିଲେ । ସେ କାଳେ ଅନ୍ୟ ସାର୍‌ମାନଙ୍କ ବିରୁଦ୍ଧରେ ସାହେବମାନଙ୍କ ପାଖରେ ଖଟ-ମିଛ କହିଦେବେ ସେଥିଲାଗି କେହି କମଳବାବୁଙ୍କୁ ବିରକ୍ତ କରିବାକୁ ସାହସ କରୁ ନଥିଲେ । ହେଡ୍‌ମାଷ୍ଟ୍ରେ ମଧ୍ୟ ତାଙ୍କ କଥାରେ ମୁଣ୍ଡ ଟୁଙ୍ଗାରି ଦେଉଥିଲେ । ସାରା ସ୍କୁଲର ଶାସନଭାର ସେ ନିଜ ହାତରେ ରଖିଥିଲେ । ସେଥିପାଇଁ କାହାର ଆଦେଶ ତାଙ୍କର ଦରକାର ନଥିଲା ।

ଥରେ ଆମେ ସ୍କୁଲରୁ ଘରକୁ ଫେରିବା ବାଟରେ ଗୋଟାଏ ଦୁଷ୍ଟ ପିଲା ଆମ-ମାନଙ୍କୁ ଲକ୍ଷ୍ୟ କରି ଆଡୁ ସାଡୁ ଗାଳି ଦେଇଥିଲା । ଆମ ଦଳରେ ବେଶି ପିଲା ଥିଲେ । ତାହା ଆଡ଼କୁ ଉହୁଁକି ଗଲାରୁ ସେ ପୃଷ୍ଠଭଙ୍ଗ ଦେଇ ପଳାଇଗଲା । ଆମେ ଏ ଘଟଣାଟା ଘରେ ଅଭିଭାବକମାନଙ୍କୁ କହିଲୁ । ଯୋଗକୁ ତହିଁ ଆରଦିନ କମଳବାବୁ ଆମ ଘରକୁ ଗଲେ । ତାଙ୍କୁ କେହିଜଣେ ଆମ ଘଟଣାଟା କହିଲେ । କମଳବାବୁ ଆମକୁ ପଚାରି-ବୁଝିଲେ ଯେ ସେ ଆମ ଉପର କ୍ଲାସ୍‌ରେ ପଢ଼େ । ସେ ବିରକ୍ତ ହୋଇ କହିଲେ—ସ୍କୁଲରେ ମୋତେ ଆଜି କହିଲ ନାହିଁ କାହିଁକି ? ହଉ, ହଉ, କାଲି ବୁଝିବା । ତହିଁ ଆରଦିନ ସ୍କୁଲରେ କମଳବାବୁ ଆସି ଆମଠାରୁ ସେ ପିଲାର ନାମ ପଚାରି ବୁଝିଗଲେ । ଆମ କ୍ଲାସରେ ଜଣେ ସାର୍ ପଢ଼ାଉ ଥାନ୍ତି । ସେ କାହାକୁ କିଛି ନପଚାରି ଆମ କ୍ଲାସ ଭିତରକୁ ପଶି ଆସିଲେ । ପାଠପଢ଼ା ବନ୍ଦ ହୋଇଗଲା । ମୋତେ ଡାକି କ୍ଲାସ୍‌ରୁ ନେଇ ଗଲେ । ସେତେବେଳକୁ ଉପର ଶ୍ରେଣୀରେ ହେଡ୍‌ମାଷ୍ଟ୍ରେ ଇଂରାଜୀ ପଢାଉ ଥା'ନ୍ତି । ମୋତେ ସାଙ୍ଗରେ ନେଇ ସେ ହେଡ୍‌ମାଷ୍ଟ୍ରେଙ୍କ କ୍ଲାସ ଭିତରେ ପଶିଗଲେ । ହେଡ୍-ମାଷ୍ଟରଙ୍କ ଅନୁମତି ନେବା ତାଙ୍କ ପକ୍ଷରେ ଦରକାର ନଥିଲା । ମୁଁ ପିଲାଟିକୁ ଦେଖାଇ ଦେଲି । କମଳବାବୁ ହେଡ୍‌ମାଷ୍ଟରଙ୍କୁ କହିଲେ—ଦେଖନ୍ତୁ, ଏ ପିଲାଟା ଖୁବ୍ ବଜାରୀ ହୋଇ ଗଲାଣି । କାଲି ସ୍କୁଲରୁ ଗଲାବେଳେ ମିଶ୍ର ଘର ପିଲାଙ୍କୁ ଗାଳି ଗୁଲଜ କରୁଛି । ଏତକ କହି ସେ ତା ପାଖକୁ ଯାଇ ୨୪ ବେତ କଷିଦେଲେ । ସେ ପିଲାଟି ବିଚରା—ଆଉ ଏପରି କରିବିନି କରିବିନି ବୋଲି କହିବାରୁ କମଳବାବୁଙ୍କ ବେତ ଶାନ୍ତ ପଡ଼ିଲା । ହେଡ୍‌ମାଷ୍ଟ୍ରେ ମନ୍ତବ୍ୟ ଦେଲେ—ଏମିତିଆ ପିଲାଙ୍କୁ ଏମିତି ବେତ ମାଡ଼ ଦର-କାର । ତାପରେ କମଳବାବୁ ମୋତେ ନେଇ ସେଠାରୁ ଚାଲି ଆସିଲେ । ଏହି ଘଟ-ଣାରେ ଯେ କୌଣସି ଲୋକ କହିଥାନ୍ତା ପ୍ରକୃତରେ ହେଡ୍‌ମାଷ୍ଟ୍ରେ ହେଉଛନ୍ତି କମଳବାବୁ ।

Digitized by srujanika@gmail.com

ଅନେକ ସମୟରେ ଗୋଟାଏ ଗୋଟାଏ କ୍ଲାସରେ ଜଣେ ଜଣେ ଅତି ଖେଚେଡ଼ା ପିଲା ଥା'ନ୍ତି । ପଢାଉଥିବା ସାର୍ ଗୋଟିଏ ପିଲାକୁ ପଠାଇ କମଳ-ବାବୁଙ୍କୁ ଡକାଇ ଆଣନ୍ତି । କମଳବାବୁ ଆସି ତତ୍କ୍ଷଣାତ୍ ପିଲାଟିର ଖେଚେଡ଼ାମିକୁ ଛଡ଼ାଇ ଦିଅନ୍ତି ।

ଏମାନଙ୍କ ଛଡ଼ା ଆଉ ଯୋଉ ସାର୍‌ମାନେ ଥା'ନ୍ତି, ସେମାନେ ଅତି ସାଧା-ସିଧା । ସମସ୍ତଙ୍କ ଆଖିରେ ପଡ଼ିବା ଭଳି ସେମାନଙ୍କର କୌଣସି ବିଶେଷତ୍ୱ ନଥାଏ ।

ଆମ ହେଡ୍‌ମାଷ୍ଟରଙ୍କ ଠାରୁ ବର୍ଷାଦିନ ଛୁଟି ବା ରେନିଂ ଡେ ପାଇବା ଲାଗି ପିଲାଏ ନାନା କୌଶଳ ଅବଲମ୍ବନ କରନ୍ତି । ଥରେ ଦିଦିନ ଧରି ଝଡ଼ି ବର୍ଷା ଲାଗି ରହିଲା । ସେ ଦୁଇ ଦିନ କେହି ସ୍କୁଲକୁ ଗଲେ ନାହିଁ । ତୃତୀୟ ଦିନ ବେଳକୁ ଛତା ଧରି ଅନେକ ସ୍କୁଲକୁ ଗଲେ । ସେତେବେଳକୁ ସ୍କୁଲପଡ଼ିଆରେ ଆଣ୍ଠୁଆଣି ପାଣି ଜମି ଯାଇଥାଏ । ଗୁରିଆଡ଼େ ଜଳାର୍ଣ୍ଣବ ହୋଇ ଯାଇଥାଏ । ପାଣି ସ୍କୁଲ ଘର ଭିତରେ ଚର୍‌ଚର୍ ହୋଇ ମାଡ଼ି ଯାଇଥାଏ । ହେଡ୍‌ମାଷ୍ଟ୍ରେ କି ଅନ୍ୟ ମାଷ୍ଟରମାନେ ସେତେବେଳକୁ ଆସି ନଥାନ୍ତି । ପିଲାମାନେ ସଙ୍ଗେ ସଙ୍ଗେ କାମରେ ଲାଗିଲେ । ପଡ଼ିଆ ଭିତରୁ ସମସ୍ତେ କ୍ଲାସ ଭିତ-ରକୁ ପାଣି ବୋହିଲେ । କ୍ଲାସ ଘର ଭିତରେ ପାଣି ଭର୍ତ୍ତି ହୋଇଗଲା । ତାପରେ ପିଲାଏ ଭାବିଲେ ତଳେଟା ପାଣି ରହିଲେ, ସାର୍‌ମାନେ ଉପରେ ପଢାଇବା ବନ୍ଦ କରିବେନି । ତାଙ୍କର ବୋର୍ଡ଼ ଦେହରେ ଲେଖିବାରେ କିଛି ବାଧା ରହିବନି । ମୂଲିଆ ଲଗାଇ ସେମାନେ ପାଣିତକ କାଢିଦେବେ । ତହୁଁ ପିଲାମାନେ ଜମିଥିବା ନାଲି ନାଲି ସଡ଼କଧୁଆ ପାଣିକୁ ବ୍ଲାକ୍‌ବୋର୍ଡ ଓ କାନ୍ଥକୁ ଛାଟିଦେଲେ । ଗୁରିଆଡ଼ ଓଦା ହୋଇ-ଗଲା । ପାଣିରେ ଗୁବୁରୁ ଗୁବୁରୁ ହୋଇ ପିଲାମାନେ ଖେଳିବାକୁ ଲାଗିଲେ । ପାଣିରେ କେତେଜଣ ଗଡ଼ିଗଲେ । ସେମାନଙ୍କ ଲୁଗାପଟା ନାଲି ହୋଇଗଲା । ସେଥିରେ ସେମା-ନଙ୍କର ଭାରି ଆନନ୍ଦ । ଅନେକ ପିଲା ଜାଣି ଜାଣି ପାଣିରେ ଗଡ଼ିଯାଇ ନିଜ ଲୁଗାପଟା ରଙ୍ଗାଇ ନେଲେ । ଏହି ସମୟରେ ହେଡ୍‌ମାଷ୍ଟ୍ରେ ଆସି ପହଞ୍ଚିଗଲେ । ବହୁ କଷ୍ଟରେ ସେ ପ୍ୟାଣ୍ଟ୍ ଟେକି ଓ ଯୋତାକୁ ହାତରେ ଧରି ନିଜ ଅଫିସ୍‌ରେ ଯାଇଁ ବସିଲେ । ପାଣିରେ ଭିଜି ଯାଇଥିବା ପିଲାମାନେ ଯାଇଁ ହେଡ୍‌ମାଷ୍ଟରଙ୍କ ପାଖରେ ଫେରାଦ୍ ହେଲେ —ସାର୍ ଆମେ ଏ ପାଣି ଭିତରେ ଆସୁ ଆସୁ ଗୋଡ଼ ଖସିଗଲା । ଆମେ ଓଦା ହୋଇ ଗଲୁ । ଓଦା ଲୁଗା ପିନ୍ଧି ଆମେ କେମିତି ବସି ରହିବୁ । ହେଡ୍‌ମାଷ୍ଟ୍ରେ ପଗ୍ଭରିଲେ-ସମସ୍ତଙ୍କ ଗୋଡ଼ କ'ଣ ଏକାବେଳେ ଖସିଗଲା ? ସମସ୍ତେ ଏକ ସଙ୍ଗେ କହି ଉଠିଲେ—ହଁ ସାର୍ ଆଜି ଛୁଟି କରି ଦିଅନ୍ତୁ । ହେଡ୍‌ମାଷ୍ଟ୍ରେ ଟ୍ରେନିଂ ସ୍କୁଲ ହେଡ୍‌ମାଷ୍ଟରଙ୍କ ସହ ପରାମର୍ଶ କରିବାକୁ ଗଲେ । ସେତେବେଳେ ଟ୍ରେନିଂ ସ୍କୁଲ୍ ହେଡ୍‌ମାଷ୍ଟ୍ରେ ଥାନ୍ତି ଜାବୁଲ୍ ହକ୍ । ହେଡ୍‌ମାଷ୍ଟ୍ରେ ତାଙ୍କୁ କହିଲେ ଯେ ସ୍କୁଲ୍ ଘରମାନଙ୍କରେ ପାଣି ପଶି ଯାଇଛି । ଜାବୁଲ୍ ହକ୍ କଥାର ସତ୍ୟତା ଜାଣିବା ଲାଗି ନିଜେ ଆମ ସ୍କୁଲକୁ ଆସିଲେ । ସେ ଶ୍ରେଣୀ ଭିତରକୁ ଆସି ଦେଖିଲେ ବ୍ଲାକ୍‌ବୋର୍ଡଟା ସମ୍ପୂର୍ଣ୍ଣ ଓଦା । କାନ୍ଥ ଛାତ ପର୍ଯ୍ୟନ୍ତ ସବୁ ନାଲି ପାଣିରେ ଓଦା । ତହୁଁ ସେ ପିଲାମାନଙ୍କୁ କହିଲେ—ତମେ ସମସ୍ତେ ଅସଲ ପାଜି ।

Digitized by srujanika@gmail.com

ହଉଥରେ ! ପାଣି କ'ଣ ଛାତ ପର୍ଯ୍ୟନ୍ତ ତା' ମନକୁ ଉଠି ଯାଇଥିଲା ? ଏତେ ତ ପାଣି କୋଉଠି ଉଠିନି । ଏତେ ଉପରକୁ ଉଠିଥିଲେ ଆମେ ସମସ୍ତେ ତ ପାଣିରେ ବୁଡ଼ିଯାଇ ଥାନ୍ତୁ । ପାଜି ସଇତାନ୍, ଏସବୁ ତୁମରି କାମ । ସେ ପିଲାଙ୍କୁ ଗାଳିଦେଲେ ସତ, କିନ୍ତୁ ଗୁଡ଼ାଏ ପିଲା ଭିଜି ଯାଇଥିବାର ଦେଖି ଓ ଶ୍ରେଣୀ ଗୃହରେ ପିଲା ଓଦାରେ ବସିଲେ କ୍ଷତି ହେବ ଭାବି ସେ ଛୁଟି କରିଦେବା ଲାଗି ହେଡ୍‌ମାଷ୍ଟରଙ୍କୁ ଉପଦେଶ ଦେଲେ । ହେଡ୍‌ମାଷ୍ଟେ ସାଙ୍ଗେ ସାଙ୍ଗେ ଛୁଟି ଘୋଷଣା କରିଦେଲେ । ପିଲାମାନେ ଗଡ଼ ଜୟ କରି ଓ ନାନା ପ୍ରକାର କିଚିରି ମିଚିରି ଶବ୍ଦ କରି ଆନନ୍ଦ ଉଲ୍ଲାସରେ ପଳାଇ ଗଲେ ।

ମଠ ବୃତ୍ତାନ୍ତ–

ଥରେ ସକାଳୁଆ ସ୍କୁଲ ବେଳେ ଆମେ ସମସ୍ତେ ଏକାଠି ହୋଇ ସ୍କୁଲକୁ ଯାଇ-ଥିଲୁ । ଆମର ସବୁଦିନିଆ ରାସ୍ତା ଥିଲା ଘରୁ ବାହାରି ବାଙ୍ଗାଳିସାହି ଓ ତେଲେଙ୍ଗା ବଜାର ଦେଇ କାଠଯୋଡ଼ୀ କୂଳେ କୂଳେ କଚିରି ପାଖ ମିଡ୍‌ଲ୍ ସ୍କୁଲ ପର୍ଯ୍ୟନ୍ତ । ସକାଳେ ସେଇ-ବାଟ ଦେଇ ଯାଇଥିଲୁ । ଫେରିଲାବେଳକୁ ରାହାସବିହାରୀ ମଠ ପାଖରେ ଗୋଟାଏ ବିରାଟ ଗଣ୍ଡଗୋଳ ହୋଇଥିବାର ଲକ୍ଷଣ ସବୁ ଦେଖିଲୁ । କାଠଯୋଡ଼ୀ ବନ୍ଧରୁ ରାହାସ-ବିହାରୀ ମଠ କଡ଼େ କଡ଼େ ଓହ୍ଲାଇ ଆସିବା ପାଇଁ ଯେଉଁ ରାସ୍ତା ଥିଲା ସେ ରାସ୍ତାଟି ଢ଼େଲା ବୋଲୁଅ ଓ ହାଡରେ ଛାଇ ହୋଇ ଯାଇଥିଲା । ଆମେ ଘରକୁ ଆସିବୁ କ'ଣ, ସେଇଠି ଥାଇ ଗଣ୍ଡଗୋଳର ଖବର ନେଲୁ । ଶୁଣିଲୁ ଯେ ରାମଦାସ ନାମକ ଜଣେ ବୈଷ୍ଣବ ବାବାଜୀ ତାଙ୍କର ଦଳ ବଳ ସହ କୀର୍ତ୍ତନ ଓ ଭଜନ କରି କରି ରାହାସବିହାରୀ ମଠର କିଛି ଅଂଶରେ ନିଜର ଆସ୍ଥାନ ଜମାଇବା ଲାଗି ମାଡି ଆସୁଥିଲେ । ରାହାସବିହାରୀ ମଠର ମହନ୍ତ ଆଗରୁ ତାଙ୍କର ଆସିବାର ସୂଚକ ପାଇ ନିକଟରେ ଥିବା ହାଡ଼ି ସାହିର ଲୋକଙ୍କୁ ସେମାନଙ୍କ ଅସ୍ତ୍ରଶସ୍ତ୍ର ଗୋରୁହାଡ଼, ଢ଼େଲା ଓ ଠେଙ୍ଗାବାଡ଼ି ସହ ସଜ୍ଜିତ କରି ରଖାଇ-ଥିଲେ । ରାମଦାସ ବାବାଜୀ ସମ୍ମୁଖରେ ଏପରି ଏକ ସୈନ୍ୟବ୍ୟୂହ ଦେଖି ସେଇଠାରେ ଅଟକିଗଲେ ଏବଂ ବୁଲିପଡ଼ି ନିଜର କୀର୍ତ୍ତନିଆ ଅନୁଚରମାନଙ୍କୁ ଆଉ ନ ଆଗେଇ ଫେରି-ଯିବାକୁ କହିଲେ । ବୈଷ୍ଣବ ବୈଷ୍ଣବଙ୍କ ମଧ୍ୟରେ ମାରପିଟ ହେବା ଘୋର ପାପର କଥା ହେବ । ସେମାନେ ସଦଳବଳ ସେଇଠାରୁ ଫେରିଗଲେ । ଆଜିକାଲି ବଙ୍ଗାଳି ସାହି ମଠ ଯେଉଁଠାରେ ଅଛି ସେଠାରେ ଗୋଟାଏ ବଡ଼ ଗଛ ଥିଲା । ରାମଦାସ ବାବାଜୀ ସେହି ଗଛ ଛାଇରେ ଶିଷ୍ୟମାନଙ୍କ ସହ ବସିପଡ଼ିଲେ । ସମସ୍ତେ ପ୍ରଶ୍ନକଲେ ଯେ ଏବେ ସେମାନେ କ'ଣ କରିବେ । କେଉଁଠି ଆଶ୍ରୟ ନେବେ । ରାମଦାସ ବାବାଜୀ କହିଲେ– "ଆମେ ଏଇଠାରେ ଆମ ମଠ ସ୍ଥାପନ କରିବା । ରାହାସବିହାରୀ ମଠ ଆଡ଼କୁ ଆଉ ଦିନେ ହେଲେ ଚାହିଁବା ନାହିଁ । ତାହାହିଁ ହେଲା । ବଙ୍ଗାଳିସାହି ମଠ ସେହିଠାରେ କାଳ କ୍ରମେ ବଢି ଉଠିଲା । ବାବାଜୀମାନେ ସ୍କୁଲ ପିଲାମାନଙ୍କ ପରି ଏପରି ଗଣ୍ଡଗୋଳ କରିବାଟାକୁ ଆମେ ପସନ୍ଦ କରି ନଥିଲୁ । କେତେଦିନ ପରେ ସକାଳୁଆ ସ୍କୁଲ ଆରମ୍ଭ ହେଲା । ଯେଉଁଦିନ ସକାଳୁଆ ସ୍କୁଲର ନୋଟିସ୍ ହେଲା, ସେଦିନ ଆମେ ସମସ୍ତେ ସ୍କୁଲରୁ

Digitized by srujanika@gmail.com

ପଳାଇ ଆସିଥିଲୁ । ଆମେ ପଳେଇ ଆସିବାପରେ ଶେଷ ପିରିୟର୍ଡଆଡ଼କୁ ନୋଟିସ୍ ବାହାରି ଥିଲା । ଆମେ ଜାଣିପାରି ନଥିଲୁ । ତହିଁଆରଦିନ ସାଢ଼େନଅଟା ବେଳକୁ ଆମେ ଘରୁ ବାହାରି କାଠଯୋଡ଼ି କୂଳରେ ପହଞ୍ଚିଲବେଳକୁ ତେଣୁ ପିଲାଏ ସ୍କୁଲ ସାରି ଫେରୁଥାନ୍ତି । ସେମାନେ ଆମକୁ ଦେଖି ପେଟପୂରା ଉପହାସ କଲେ । ଆମେ ଲାଜରେ ଫେରି ଆସିଲୁ । ଘରେ ପହଞ୍ଚିବାମାତ୍ରେ କଥାଟା ପ୍ରଘଟ ହୋଇଗଲା । ପୂର୍ବ ଦିନ ପଳାଇ ଆସିଥିବା କଥା ଧରାପଡ଼ିଗଲା । ପୁରସ୍କାର ସ୍ୱରୂପ ଦି'ଗୁରି ବେତ ଲେଖାଏ ଖାଇଥିଲୁ । ସ୍କୁଲରୁ ପଳେଇ ଆସିବା ଆମ ଦୁହିଁଙ୍କର ପ୍ରଧାନ ଦୋଷ ନଥିଲା । ରମାନନ୍ଦ ଓ କାହ୍ନୁ ଜେଇ ଖେଳଛୁଟି ବେଳେ ସ୍କୁଲରୁ ଚାଲିଆସିବାକୁ ସ୍ଥିର କଲେ । ସ୍କୁଲରେ ଆମକୁ ଛାଡ଼ିଦେଇ ଯିବାକୁ ତାଙ୍କର ଇଚ୍ଛା ହେଲାନି । କାଳେ ଆମର କିଛି ଅସୁବିଧା ହେବ ଭାବି ସେମାନେ ଆମକୁ ସାଙ୍ଗରେ ନେଇ ଆସିଥିଲେ ।

ବହିରା ପହିଲ୍‌ମାନ୍-

ତହିଁଆରଦିନ ବଡ଼ି ଭୋରରୁ ଆମକୁ ଉଠେଇ ଦିଆଗଲା । ଫର୍ଚ୍ଚା ହୋଇ ନ ଥାଏ । ସମସ୍ତେ ନିତ୍ୟକର୍ମ ସାରି ବହିଧରି ବାହାରିପଡ଼ିଲା ବେଳକୁ ଫର୍ଚ୍ଚା ହୋଇଯାଇ ଥାଏ । ଘରୁ ବାହାରି ପଡ଼ିବା ସଙ୍ଗେ ସଙ୍ଗେ ଆମେ ଆକାଶ ଆଡ଼େ ଚାହିଁଲୁ । ଯଦି ଉଡ଼ନ୍ତା ଶଙ୍ଖଚିଲଟାଏ ନଜରରେ ପଡ଼ିଯାଏ, ତେବେ ଆମେ ପାଟିକରି କହୁ "ଶଙ୍ଖଚିଲ ଭାଇ ନମସ୍କାର, ମାଟିଆଚିଲକୁ ଗୋଇଠାମାର ।" ସେଇଦିନଟି ସ୍କୁଲରେ ଭଲଭାବରେ କଟିବ ବୋଲି ଆମେ ଧରିନେଉ । ଯେଉଁଦିନ ମାଟିଆ ଚିଲଟାଏ ଦେଖୁ, ସେଦିନ ବିରକ୍ତ ହୋଇ କହୁ—ହା ଶଳା ! ଆଜି ସ୍କୁଲରେ ଦିନଟି ଭାରି ଖରାପଭାବରେ କଟିବ । ବାଟରେ ଆସିଲାବେଳେ ଆମେ ମାଟିଆଚିଲ, ଶଙ୍ଖଚିଲ ଓ କୁକୁରମାନଙ୍କୁ ଗଣିଗଣି ଆସୁ । ଘରୁ ଆମେ ଏତେ ଚଞ୍ଚଳ ବାହାରିଥାଉ ଯେ ସ୍କୁଲରେ ପହଞ୍ଚିବାବେଳକୁ ଘରସବୁ ଖୋଲା ହୋଇ ନଥାଏ । ଆମ ସ୍କୁଲ କଡ଼ ଓ ପ୍ରଧାନ ରାସ୍ତା ମଝିରେ ଗୋଟିଏ ପୀରଙ୍କ ଆସ୍ଥାନ ଥାଏ । ତେନ୍ତୁଳି ଓ ଅନ୍ୟାନ୍ୟ ଗଛ ସେ ଜାଗାଟାକୁ ଏକରକମ ଘୋଡ଼େଇ ପକେଇ-ଥାଏ । ପୀରଙ୍କ ପାଖକୁ ଲାଗି ଗୋଟିଏ କୁଡ଼ିଆ ଓ ତା' ପାଖକୁ ଗୋଟିଏ ଫୁଲ୍‌କା । ସେ କୁଡ଼ିଆରେ ବହିରା ପହିଲ୍‌ମାନ୍ ଥାଏ । ସେ ଅନ୍ଧାରୁ ଅନ୍ଧାରୁ ତାର ନିତ୍ୟକର୍ମ ସାରି ଗୋଟିଏ ଗାମୁଛା ବେଢ଼େଇ ହୋଇପଡ଼େ ଏବଂ ଫୁଲ୍‌କା ପାଖରେ ଆସି ବୁଲେ । କୁସ୍ତିକସରତ୍ ଶିଖିବା ପାଇଁ ତା'ର ବହୁତ ଛାତ୍ର ଥାଆନ୍ତି । ସେମାନେ ଆସି ପହଞ୍ଚି ଗଲେ କସରତ ଆରମ୍ଭ ହୁଏ । କାଛା ଓ ଚଡ଼ି ପିନ୍ଧି ସମସ୍ତେ ଦଣ୍ଡ—ବୈଠକ ମାରିବା ଆରମ୍ଭ କରିଦିଅନ୍ତି । ଜଣେ ଫୁଲ୍‌କାକୁ ମୁଣ୍ଡିଆମାରି ଓ ଗୋଟାଏ ଫାଉଡ଼ା ହାତରେ ଧରି ଫୁଲ୍‌କା ଭିତରକୁ ପଶେ ଏବଂ ଫୁଲ୍‌କା ମାଟିକୁ ହାଣି ଫସ୍‌କେଇ ଦିଏ । ଫୁଲ-କାଟି ପ୍ରାୟ ୧୫ ଫୁଟରେ ପନ୍ଦର ଫୁଟର ଏକ ବର୍ଗାକାର କ୍ଷେତ୍ରଥାଏ । ଚାରିକଡେ ହିତ ଥାଏ । ଫୁଲକାର ମାଟିରେ ତେଲ, ହଳଦୀପାଣି ସିଞ୍ଚି ମିଶେଇ ଦିଆଯାଇ ଥାଏ । ମାଟି ଭଲ ପାଗିଲା କି ନାହିଁ ତାହା ବହିରା ପହିଲ୍‌ମାନ୍ ମୁଠାଏ ମାଟି ହାତରେ ଧରି

Digitized by srujanika@gmail.com

ଜାଣି ପାରେ । ଦରକାର ପଡ଼ିଲେ ଦୁଇଥର ଫାଉଡ଼ାରେ କୋଡା ହୁଏ । କସରତ ସରିଲେ ବହିଗ ପହିଲିମାନ ଗାମୁଛା ଖୋଲିଦେଇ ଫୁଲ୍‌କା ଭିତରକୁ ପଶିଯାଏ । ମାଟିଟା ତୁଳାପରି ହୋଇଯାଇ ଥାଏ । ଦୁଲ୍‌ଦାଲ୍ ପଡ଼ିଲେ କାହାରି କିଛି କ୍ଷତି ହୁଏ ନାହିଁ । ବହିଗ ପହିଲିମାନର ଦେହ ଗୋଗ, ସୁଗଠିତ ଶରୀର, ମାଂସପେଶୀ ଗୁଡ଼ିକ ସ୍ଫୀତ, ଦେଖିବାଭଳି ଗୋଟିଏ ଶରୀର । ସେ ଫୁଲ୍‌କା ଭିତରକୁ ଯିବା ପୂର୍ବରୁ ଆମେ ତା'ଶରୀରକୁ ଭଲଭବରେ ଗ୍ରହିଁଥାଉ । ସେତେବେଳେ ସେ ସେତେଟା ପରିପୁଷ୍ଟ ଦେଖା ଯାଏ ନାହିଁ । ଯେତେବେଳେ ଫୁଲ୍‌କା ଭିତରକୁ ସେ ପଶିଯାଏ, ସେତେବେଳେ ସେ ବିକ୍ରମରେ ଫୁଲିଯାଏ । ମୂଷାଟାକୁ ବିରାଡ଼ି ମାଡ଼ିବସିଲା ବେଳେ ସେ ଯେପରି ଫୁଲି ଯାଇଥାଏ । ବହିରା ସେଇପରି ଫୁଲି ଯାଇଥାଏ । ସେ ତାର ଛାତ୍ରମାନଙ୍କୁ ଗୋଟି ଗୋଟି କରି ଫୁଲ୍‌କା ଉପରକୁ ଡାକେ । ଜଣେ ଜଣେ ତା'ସାଙ୍ଗରେ କୁସ୍ତି କରନ୍ତି । ବହିଗ ସେମାନଙ୍କୁ ପେଣ୍ଡୁପରି ଗଡେଇ ତଡେଇ ଦୁଲ୍‌ଦାଲ୍ କରି କଗ୍ରଡ଼ି ଦିଏ । ମଝିରେ ମଝିରେ ତାକୁ ଧରି ଦାଉଁ କିପରି ମାରିବାକୁ ହୁଏ ତାହା ଶିଖେଇ ଦେଉଥାଏ । ଜଣ ଜଣ କରି ସମସ୍ତଙ୍କ ସାଙ୍ଗରେ କୁସ୍ତିକରିବା ଓ ଦାଉଁ ଶିଖେଇ ଦେବାପରେ ସେ ସମ-ସ୍ତଙ୍କୁ ଏକାବେଳକେ ତା' ଭିତରକୁ ଡାକେ । ସେ ଏକୁଟିଆ ହୋଇ ସମସ୍ତଙ୍କ ସାଙ୍ଗରେ ଲଢେ । ଛାତ୍ରମାନେ ପିମ୍ପୁଡ଼ି ବେଢ଼ିଲାପରି ତାକୁ ବେଢିଯାଆନ୍ତି । କିଏ ଚଡ଼ିକୁ ଧରି ତାକୁ ପଛକୁ ଟାଣେ । କେହି କେହି ଦୁଇ ଗୋଡ଼କୁ ଧରି ଟାଣନ୍ତି । ଦୁଇ ଗ୍ରରିଜଣ ଦି ହାତକୁ ଧରି ପକେଇ ଥାନ୍ତି । ସମସ୍ତେ ପ୍ରାଣମୂର୍ଚ୍ଛା ଘୋଷର ଓଟଗ କରନ୍ତି । କିନ୍ତୁ ବହିଗକୁ କେହି ଫୁଲ୍‌କାରେ ଗଡେଇ ଦେଇ ପାରନ୍ତି ନାହିଁ । ସମ୍ମିଳିତ ଶକ୍ତି ମଧ୍ୟ ବହିଗ ପାଖରେ ହାର୍ ମାନେ । ବହିଗ ହସି ହସି ହୁଁ, ହାଁ' ଶବ୍ଦ କରୁଥାଏ । ଶେଷରେ ସେ ତାର ବିକ୍ରମ ଦେଖାଏ । ସମସ୍ତେ ଛିଟିକି ପଡ଼ି ଦୁଇ ଗ୍ରରିହାତ ଦୂରରେ ଗଡ଼ିଯାଆନ୍ତି । କାଳେ ବେଶୀ ଗଡ଼ାଗଡ଼ି କରି କଚିଦେବ ସେଇ ଭୟରେ ସମସ୍ତେ ଫୁଲ୍‌କା ଉପରୁ ଉଠିଯାନ୍ତି । ଫୁଲ୍‌କା ଉପରୁ ଉଠିଗଲେ ପୁଣି ଥରେ ଫୁଲ୍‌କା ଭିତରକୁ ଘେ ଷାଡ଼ି ନେବା ନିୟମ ବହିର୍ଭୂତ । ଛାତ୍ରମାନେ ଏଇପରି ରୁକ୍ଷ ପ୍ରଶିକ୍ଷଣ ପାଇ ଟାଣ ଓ ବେଶ୍ ବଳୁଆ ହୋଇ ଉଠୁଥାନ୍ତି । ପରବର୍ତ୍ତୀ ଜୀବନରେ ସେମାନେ ସମସ୍ତେ ଗୋଟିଏ ଗୋଟିଏ ନାମଜାଦା ଗୁଣ୍ଡା ହୋଇଥିଲେ ।

ବହିଗର ଛାତ୍ରମାନଙ୍କ ଭିତରେ ଗୋଟିଏ ନୁଡ୍‌ବୁଡ଼ିଆ ମାରୁଆଡି ଟୋକା ଥାଏ । ଟୋକାର ବାପ ବହିରାକୁ ମାସକୁ ମାସ ମୋଟା ଟଙ୍କା ଦେଉଥାଏ । ତେଣୁ ବହିଗ ଅନ୍ୟମାନଙ୍କ ସହ ଯେପରି ରୁକ୍ଷଣ ଦେଖାଏ, ତାହା ଉପରେ ସେପରି ରୁକ୍ଷତା ଦେଖାଏ ନାହିଁ । ସେ ଟୋକାକୁ ସେ ପାଖରେ ଠିଆକରି କେଉଁ ସ୍ଥାନକୁ ଧରିବାକୁ ହେବ ଏବଂ କିପରି ଭବରେ ତାହା ଗ୍ରଳନା କରିବାକୁ ହେବ ତାହା ଆଗ ବତାଇ ଦିଏ । ତାପରେ ତା' ନିଜ ଉପରେ ଦାଉଁ(କୌଶଳ)ଲଗାଇବାକୁ କହେ । ସେଇଠୁ ସେ ନିର୍ଜୀବ ଟୋକା ବହିଗର ଜଙ୍ଘରେ ହାତ ପୁରଇ ଏବଂ ହାତକୁ ଧରି ପାଇଥିବା ଶିକ୍ଷାପରି ଦାଉଁ ଲଗାଏ । ବହିରା ଗୋଟିଏ ମୂର୍ତ୍ତିପରି ତଳକୁ ଟଳିପଡେ । ଏହାଦେଖି ଗ୍ରହିଁ ରହିଥିବା ଅନ୍ୟଛାତ୍ରମାନେ

Digitized by srujanika@gmail.com

ଚୁପ୍ ଚୁପ୍ ହେଇ କଥାବାର୍ତ୍ତା ହୁଅନ୍ତି—"ଆମକୁ ଶିଖେଇଲାବେଳେ ଗୁଡେଇ ତୁଡେଇ ମାରୁଛି; କିନ୍ତୁ ତାକୁ ଶିଖେଇଲାବେଳେ ତା' ଦେହରେ ଆଞ୍ଚ୍ ନ ଲଗାଇ ନିଜେ ଗଡିଯାଉଛି ।" ନୁଡୁବୁଡ଼ିଆ ଛାତ୍ରଟି ବହିଗକୁ ଗଡ଼େଇ ଦେବାବେଳେ ମୂଷାବିରାଡିକୁ ଗଡେଇ ଦେବାପରି ଦେଖାଯାଏ ଓ ଚତୁର୍ଦ୍ଦିଗରେ ହସ ସୃଷ୍ଟି ହୁଏ । ଥରେ ଗୋଟେ ବଡ ମାରୁଆଡି କୁସ୍ତି ଶିଖୁଥିଲା । ଶିଖେଇବା ଲାଗି ବହିଗ ତାକୁ ଏକ ଦାଉଁ ଲଗେଇବା ବେଳେ ସେ ମାରୁଆଡି ଗଛକାଟିଲା ପରି ପଡିଗଲା । ତା ଅଣ୍ଟା ଜଖମ ହୋଇଗଲା । ସେ ଉଠି ପାରିଲାନି । ବହିଗ ତାକୁ ଶୂନ୍ୟେ ଶୂନ୍ୟେ ଟେକିନେଇ ପୀରଙ୍କ ଆସ୍ଥାନ ପାଖରେ ଶୁଆଇଦେଲା ଓ ନିଜେ ତେଲମାରି ତା' ଅଣ୍ଟାକୁ ମାଲିସ୍ କରିବାକୁ ଲାଗିଲା । ଅନ୍ୟ ଛାତ୍ରମାନେ ଗୁଁ ଗୁଁ ହେଲେ । କହିଲେ—"ମୋଟା ଟଙ୍କା ପାଉଛି ବୋଲି ନିଜେ ମାରୁଆଡି ଅଣ୍ଟାକୁ ମାଲିସ୍ କରୁଛି । ଆମେ ହୋଇଥିଲେ କହିଥାନ୍ତା ! ଆବେ ଯା, ଶୀଘ୍ର ଘରକୁ ଯାଆ । ସେଇଠି କାହାକୁ କହିବୁ ତୋ ଅଣ୍ଟାରେ ଭଲକରି ତେଲମାଲିସ୍ କରିଦେବ ।

ଖେଳ କସରତ ସରିଆସିଲା ବେଳକୁ ସ୍କୁଲଘର ସବୁ ଖୋଲା ହୋଇଯାଏ । ଝାଡୁଦାର ଝାଡୁ ଦେଇଯାଏ । ମାଷ୍ଟ୍ର ଓ ପିଲାମାନେ ଗୋଟି ଗୋଟି ହୋଇ ଆସି ପହଞ୍ଚି ଯାଆନ୍ତି । ଆମେ ସେ ସ୍ଥାନ ଛାଡି ସ୍କୁଲକୁ ପଳେଇ ଆସୁ ।

ପ୍ରତିଶ୍ରେଣୀରେ ଶିକ୍ଷକ ବସିବା ପାଇଁ ଖୁବ୍ କମ୍‌ରେ ଦୁଇଟି ଲେଖାଏ ଚଉକି ପଡିଥାଏ । ଖେଳଛୁଟି ବେଳେ ପିଲାଏ ଶ୍ରେଣୀରେ ନଥାନ୍ତି । ସେହି ବେଳ ଉର୍ଦ୍ଧ ପିଲାମାନେ ଅନ୍ୟ ଶ୍ରେଣୀରୁ ଚଉକିନେଇଆସି ନିଜ ଶ୍ରେଣୀର ଚଉକି ସଂଖ୍ୟା ବଢ଼ାନ୍ତି । ପୁଲିସ୍ ସାହାବ ଶ୍ରୀକୃଷ୍ଣ ମହାପାତ୍ରଙ୍କର ଦୁଇ ପୁଅ ଫେଲୁ ଓ ମଣ୍ଟୁ ସେହି ସ୍କୁଲରେ ପଢୁଥାନ୍ତି । ପୁଲିସ୍ ସାହେବଙ୍କର ପୁଅବୋଲି ସମସ୍ତେ ତାଙ୍କୁ ଡରିଥାନ୍ତି । ଫେଲୁ ସେ ସମୟର ଅଷ୍ଟମ ଶ୍ରେଣୀ ବା ଫାଷ୍ଟ୍ କ୍ଲାସରେ ପଢୁଥାଏ । ମଣ୍ଟୁ ପଞ୍ଚମ ଶ୍ରେଣୀରେ ପଢୁଥାଏ । ଦିନେ ମଣ୍ଟୁ ସବୁ କ୍ଲାସରୁ ଜୋରଜବରଦସ୍ତି କରି ନିଜ କ୍ଲାସକୁ ଚୌକିସବୁ ଆଣି ଜମେଇ ଦେଇଥାଏ । ଫେଲୁ କ୍ଲାସ୍‌ରେ ଅଧିକ ଚୌକି ଥିବା କଥା ସେ ସମ୍ଭାଳି ପାରିଲା ନାହିଁ । ମଣ୍ଟୁ ଫେଲୁ ଶ୍ରେଣୀ ଭିତରକୁ ପଶିଯାଇ ଗୋଟାଏ ଚୌକି ଉଠେଇ ଆଣିଲାବେଳେ ଫେଲୁର ନଜର ପଡ଼ିଗଲା । ସେ ଦୌଡ଼ିଯାଇ ତା'ଠୁ ଚୌକି ଛଡ଼େଇଲା । ଦି'ଭାଇଙ୍କର ଚୌକି ଛଡ଼ାଛଡ଼ିକୁ ଅନ୍ୟମାନେ ବେଶ୍ ଉପଭୋଗ କଲେ । ମଣ୍ଟୁ ହାଡ଼େ ହାଡ଼େ ଦୁଷ୍ଟଥିଲା । ଫେଲୁ କିନ୍ତୁ ଟିକେ ନମ୍ର ସ୍ୱଭାବର ପିଲା । ସେ ବେଶି ବଳଖର୍ଚ୍ଚ ନ କରି ଚୌକି ଛାଡ଼ି ଦେଲା । ପଞ୍ଚମ ଶ୍ରେଣୀ ପିଲାଏ ମଣ୍ଟୁର ଜୟଗାନ କରି ଓ ନାନା ଧ୍ୱନିଦେଇ ନିଜ ଶ୍ରେଣୀ ଭିତରକୁ ଚୌକି ସହ ପଶିଗଲେ । କଥାଟା ହେଡ୍‌ମାଷ୍ଟ୍ରଙ୍କ ଯାଏ ଗଲା । ହେଡ୍‌ମାଷ୍ଟ୍ରେ କହିଲେ—ମହାଦୁଷ୍ଟଟାଏ ! ଏଇନେ କିଛି କୁହନାହିଁ । ସ୍କୁଲ ଛୁଟି ହେଉ; ପିଅନକୁ କହି ଚୌକିଗୁଡା ସେ ଶ୍ରେଣୀରୁ କାଢି ଆଣିବା ଓ ଯଥା ସ୍ଥାନରେ ରଖିଦେବା ।

Digitized by srujanika@gmail.com

ଏହା ଭିତରେ ପ୍ରଥମ ଟର୍ମିନାଲ୍ ପରୀକ୍ଷା ଆସିଗଲା । ଘରେ ଆମ ଗୃହ ଶିକ୍ଷକ ପରୀକ୍ଷା କ'ଣ, କିପରି ଦେବାକୁ ହେବ, ତାର ନିୟମ ସବୁ କ'ଣ—ସେସବୁ ଭଲଭାବରେ ଆମକୁ ବୁଝାଇ ଦେଇଥିଲେ ଏବଂ ପରୀକ୍ଷା ପାଇଁ ଆମକୁ ଭଲଭାବରେ ପ୍ରସ୍ତୁତ କରାଇ ଥିଲେ । ଆମମାନଙ୍କର ପ୍ରସ୍ତୁତି ଆଶାନୁରୂପ ହୋଇଥିଲା । ତେଣୁ ବିଶେଷ ଡର ନଥିଲା । କିନ୍ତୁ ଲିଖନପାଠ (ଦଲିଲଦସ୍ତାବିଜ) ଯେତେ ଘୋଷିଲେ ବି ଆୟତ୍ତ ହୋଇ ପାରିଲା ନାହିଁ । ଲିଖନପାଠରେ କୋର୍ଟ କଚେରୀରେ ବ୍ୟବହୃତ ହେଉଥିବା ଭଗ-ପଟା, ଇସ୍ତମରାରି ପଟା, ଗ୍ରନ୍ଦନୀ ପଟା, ହ୍ୟାଣ୍ଡନୋଟ୍, ଖଜଣା ପାଉତି, ହାକିମଙ୍କୁ ଦରଖାସ୍ତ, ସାଧାରଣ ରସିଦ ଆଦି ପଢ଼ାଯାଉଥିଲା । ସେଗୁଡ଼ିକ ଯେତେ ଘୋଷିଲେବି ଆମର ମନେରହିଲା ନାହିଁ । ପରୀକ୍ଷାରେ ଭଗପଟା ଓ ଇସ୍ତମରାରିପଟା ଏଇ ଦୁଇଟିରୁ ଗୋଟିଏ ଆସିବାର ନିଶ୍ଚିତ ଥାଏ । ଆମର ବିଲ୍‌କୁଲ୍ ସ୍ମରଣ ନହେଉଥିବା ଦେଖି ଆମ ଶିକ୍ଷକ ଆମରି ହାତରେ ଦୁଇଟାଯାକ ପଟା ଲେଖେଇଲେ । ସେ ସମୟରେ ପରୀକ୍ଷା ପାଇଁ ଆମେ ନିଜେ ଖାତା ତିଆରି କରି ଘରୁ ନେଉଥିଲୁ । ଆମ ଖାତା ଭିତରେ ଦୁଇଟି-ଯାକ ପଟା ରଖିଦେଇ ଶିକ୍ଷକ କହିଲେ—'ପ୍ରଶ୍ନରେ ଯେଉଁ ପଟାଟି ପଡ଼ିଥିବ, ସେଇ ପଟାଟିକୁ ରଖି, ଆର ପଟାଟି ଚିରିଦେବ ।' ଆମଘର କାଳି ଆମେ ମଧ୍ୟ ଦୁଆତରେ ପୂରାଇ ସାଙ୍ଗରେ ନେଉଥିଲୁ । ଆମ ଓଷଦ କମ୍ପାଉଣ୍ଡର ହରିଡ଼ା ବାହାଡ଼ା ସିଝେଇ ତହିଁରେ ହୀରା କଷ ପକାଇ ଗୋଟାଏ ଉଜ୍ଜ୍ୱଳ କଳାଚଙ୍ଗର କାଳି ତିଆରି କରୁଥିଲା । ସେଗୁଡ଼ିକ ଛାଣି ବୋତଲରେ ଭର୍ତ୍ତି କରି ରଖୁଥିଲା । ସେଇ ବୋତଲରୁ କାଳିନେଇ ଆମେ ବ୍ୟବହାର କରୁଥିଲୁ । ସେ କାଳିରେ ସଂରକ୍ଷକ (ପ୍ରିଜରଭେଟିଭ୍) ଦିଆଯାଉ ନ ଥିବାରୁ ତାହା ଦଶ—ପନ୍ଦର ଦିନରେ ସଡିଯାଇ ଗୁହପରି ଗନ୍ଧ ହେଉଥିଲା । ଦୁଆତରେ କାଳି-ଧରି ଆମ୍ଭେମାନେ କ୍ଲାସକୁ ଗଲୁ । ଦୁର୍ଯୋଗକୁ ଦୁଆତଟି ଟେବୁଲ ଉପରୁ ଗଡ଼ିପଡ଼ିଲା ଏବଂ ଖାତା ଉପରଟା ତଥା ଲୁଗାପଟା କାଳି ହୋଇଗଲା । ଏହା ଭିତରେ ପ୍ରଶ୍ନ ମିଳିଯାଇ-ଥାଏ । ପ୍ରଶ୍ନ ପାଇବାମାତ୍ରେ ପଡ଼ିଥିବା ପଟାଟି ରଖି ଅନ୍ୟ ପଟାଟି କାଢି ଚିରି ଫୋପାଡ଼ି ଦେଇଥିଲୁ । ସ୍କୁଲରୁ କାଳି ଦିଆଗଲା । ତା'ର ରଂଗ ଅଲଗା । ପ୍ରଶ୍ନର ଉତ୍ତର ସବୁ କରିସାରି ପଟାକାଗଜଟି ସବା ଉପରକୁ ନେଇ ଆସିଲି ଓ ଖାତା ସିଲେଇ କରିଦେଲି । ଜଗୁଆଳ ଶିକ୍ଷକଙ୍କୁ କୈଫିୟତ୍ ଦେଲି -ସାର୍ ! ଏ ପଟାଟି ପହିଲେ ଲେଖି ସାରିବାପରେ ମୋ କାଳି ଦୁଆତଟି ଗଡ଼ିଗଲା । ପୁଣି ବାଧ୍ୟହୋଇ ସ୍କୁଲ କାଳିରେ ଲେଖିଲି । ଦୁଇଟା କାଳି ହୋଇଗଲା । ଶିକ୍ଷକ ଖାତା ଉପର ଓ ମୋ ଲୁଗାଦେଖି ବିଶ୍ୱାସ କରିଗଲେ । ସ୍କୁଲ ଶିକ୍ଷକଙ୍କୁ ଏଇପରିଭାବେ ପଟିମାରି ଗୃହଶିକ୍ଷକଙ୍କଠାରୁ ସାବାସ୍ ପାଇଲୁ । ଡ୍ରଇଂ ପରୀକ୍ଷାବେଳକୁ ଆମେମାନେ ହଲ୍‌ଭିତରେ କାଗଜ, ପେନ୍‌ସିଲ୍ ଓ ରବର ଧରି ବସିଲୁ । ଇଂରଜୀ ଶିକ୍ଷକ ପ୍ରବୋଧବାବୁ ଗାର୍ଡଥିଲେ । ସେ ଗୋଟାଏ ଲଣ୍ଠନ ଆଣି ଟେବୁଲ ଉପରେ ଥୋଇଦେଲେ ଓ କହିଲେ ଏଇଟାକୁ ଆଙ୍କ । ଆମେ କ୍ଲାସ୍‌ରେ ବାଇଗଣ, କଦଳୀ, କମଳାଲେମ୍ବୁ ପରି ସହଜସାଧ୍ୟ ଡ୍ରଇଂସବୁ ଆଙ୍କିବା ଶିଖିଥିଲୁ । କିନ୍ତୁ ଲଣ୍ଠନଟା ଆଙ୍କିବା ସମସ୍ତଙ୍କର କଳ୍ପନାତୀତ ଥିଲା । ପିଲାମାନେ ପ୍ରତିବାଦ କରି କହିଲେ—"ଆମେ

Digitized by srujanika@gmail.com

ପରୀକ୍ଷା ଦେବୁନାହିଁ । ଏଡ଼େ କଷ୍ଟଟାଏ କିପରି ଆଙ୍କିବୁ ?" କେତେଜଣ ହଲ୍‌ରୁ ବାହାରି-ଆସିବାକୁ ବସିଲେ । ପ୍ରବୋଧବାବୁ ଗୋଟାଏ ବାଡ଼ିରେ ଗୋଟାଏ ମୋଟା ସୂତୁଲୀ ଭଲ କରି ବାନ୍ଧିଦେଇ ସେଇଥିରେ ବାହାରି ଆସିବାକୁ ଉଦ୍ୟତଥିବା ପିଲମାନଙ୍କୁ ପିଚ୍‌ପିଚ୍ କରି ଗୋଡ଼ରେ ପିଟି ପକାଇଲେ । ବୋପାଲେ ମାଆଲେ ରଡ଼ିଛାଡ଼ି ସମସ୍ତେ ଚୁପ୍‌ଚାପ୍ ହୋଇ ବସିଗଲେ । ମୋର ଡ୍ରଇଂ ଖୁବ୍ ଭଲ ହେଉଥିଲା । ଲଣ୍ଠନ ଦେଖି ମୁଁ ଡରି ନଥିଲି । ଭଇନା ମଧ୍ୟ କାଗଜଧରି ମୋ ପାଖରେ ବସିଥିଲେ । ସେ ବାଇଗଣ ଆଙ୍କିଲେ ତାହା ଆଳୁ-ପରି ହୋଇଯାଉଥିଲା । ଅଶ୍ୱତ୍ଥପତ୍ର ଆଙ୍କିଲେ ତାହା ପିଆଜପରି ଦେଖାଯାଉଥିଲା । ସେ ଏକାବେଳକେ ହତ୍‌ବତ୍ତ୍ୱେଇ ଯାଇଥିଲେ । ମୁଁ ତାଙ୍କୁ ସାହସ ଦେଇ କହିଲି—"ଡର-ନାହିଁ, ମୁଁ ତୁମର ଆଙ୍କିଦେବି ।" ଏହାକହି ଆଙ୍କିବାରେ ଲାଗିପଡ଼ିଲି । ଆଗ ତାଙ୍କର ଆଙ୍କି ତାଙ୍କୁ ଦେଇଦେଲି । ତାପରେ ମୁଁ ନିଜର ଆଙ୍କିଲି । ମୁଁ ଆଙ୍କୁଥିଲାବେଳେ ସେ କେବଳ ପେନ୍‌ସିଲ୍ ଚଳଉଥିଲେ; କିନ୍ତୁ ଗାର ପଡୁ ନଥିଲା । ଡ୍ରଇଂ ପରୀକ୍ଷାରେ ସେ ଫାଷ୍ଟ୍ ହୋଇଥିଲେ ଓ ମୁଁ ସେକେଣ୍ଡ୍ ହୋଇଥିଲି । ଆଉଗୋଟେ ମାନସାଙ୍କ ପରୀକ୍ଷା ହେଉଥିଲା । ସେଥିରେ ବାରଣ୍ଡାରେ ଆମେସବୁ ଧାଡ଼ିହୋଇ ଠିଆ ହେଉଥିଲୁ । ଅଙ୍କସାର୍ ଗୋଟେ ପ୍ରଶ୍ନ ପଚାରି ଦେଉଥିଲେ । ମିନିଟକ ଭିତରେ ତାର ଉତ୍ତରଟା ଖଣ୍ଡେ କାଗ-ଜରେ ଲେଖିବାକୁ ହେଉଥିଲା । ତିନି—ଚାରିଟି ପ୍ରଶ୍ନ ପଚାରି ସେ କାଗଜ ଛଡ଼ାଇ ନେଉ-ଥିଲେ । ସେଥିରେ ଆମ ଦୁହିଁଙ୍କର ଶୂନ ରହିଥିଲା । ଆଉ ଗୋଟେ ପରୀକ୍ଷା ହେଉଥିଲା "ମ୍ୟାପ୍ ପଏଣ୍ଟି ।" ମ୍ୟାପ୍ ସବୁ ଟଙ୍ଗା ହୋଇଥାଏ; ଜଣେ ଜଣେ ପିଲାଙ୍କୁ ଡକା ହେଉଥାଏ । ପଏଣ୍ଟର ଧରି ଶିକ୍ଷକ କହିଲେ ପୁରୀ କେଉଁଠି ଅଛି ଦେଖା । ମୁଁ ପଏଣ୍ଟର ନେଇ ହିମାଳୟ ପାଖରେ ଖୋଜୁଥିଲି । ଭଇନାଙ୍କର ମଧ୍ୟ ସେଇ ଅବସ୍ଥା ହୋଇ-ଥିଲା । ଆମେ ଦୁହେଁ ଶୂନ ପାଇଥିଲୁ । ଏଇପରି ଭବରେ ଆମର ତିନିଟା ପରୀକ୍ଷା ସରିଲା । ଫଳ ବାହାରିଲା । ଆମେ ଦୁହେଁ ପାଶ୍ କରିଥିଲୁ । ଆମେ ଷଷ୍ଠ ଶ୍ରେଣୀରୁ ସପ୍ତମ ଶ୍ରେଣୀକୁ ଉଠିଥାନ୍ତୁ । କିନ୍ତୁ ସେଇବର୍ଷ ସରକାର ଗୋଟିଏ ଶ୍ରେଣୀ ଉପରୁ କାଟି ଦେଇଥିବାରୁ ଆମେ ଷଷ୍ଠ ଶ୍ରେଣୀରୁ ଷଷ୍ଠ ଶ୍ରେଣୀକୁ ନଉଠି ଷଷ୍ଠ ଶ୍ରେଣୀକୁ ଉଠିଲୁ । ହେଡ୍‌ମାଷ୍ଟ୍ରେ ସବୁ କ୍ଲାସକୁ ଯାଇ ପାଶ୍ କରିଥିବା ପିଲାଙ୍କ ନାଆଁ ଡାକି-ଦେଲେ । ଗୋଟିଏ ପିଲା ଆସି ମୋତେ କହିଲା—"ଆରେ ହେ ! ହେଡ୍‌ମାଷ୍ଟ୍ରେ ଖେଳ ଖେଳୁଚନ୍ତି । ଆମେ ସମସ୍ତେ ଫେଲ୍ । କନ୍ଦାକଟା କରିବୁବୋଲି ସେ ଖାଲି କହିଦେଲେ ତୁମେମାନେ ପାଶ୍ କରିଛ । ଆମେତ ଷଷ୍ଠଶ୍ରେଣୀରେ ପଢୁଥିଲୁ, ସପ୍ତମ ଶ୍ରେଣୀକୁ ଉଠିଥା'ନ୍ତୁ । ପୁଣି ଷଷ୍ଠ ଶ୍ରେଣୀକୁ ଗଲୁ କେମିତି ?" ଏତକ ଶୁଣି ମୋ ପେଟରୁ କାନ୍ଦର ହାବୁକା ଉଠିଲା । ମେଣ୍ଢାପରି ଭେଁ ଭେଁ ରଡ଼ି ଛାଡ଼ିଲି । ହେଡ୍‌ମାଷ୍ଟ୍ରେ ପାଖରେ ଥିଲେ । ମୋ ପାଖକୁ ଧାଇଁ ଆସିଲେ । ପଚାରିଲେ—"କିରେ, କାନ୍ଦୁଛୁ କାହିଁକି ?" ଜଣେ କହି-ଦେଲା—ସେ କୁଆଡ଼େ ଫେଲ୍ ହୋଇଛି । ହେଡମାଷ୍ଟ୍ରେ କହିଲେ—"ନାହିଁତ ତା ନାଆଁ ଡାକିଲି; ସେ ପାଶ୍ କରିଛି ।" କାନ୍ଦର ଲହଡ଼ି ଟିକେ କମେଇ ମୁଁ କହିଲି—"ମୁଁ ତ ସପ୍ତମ ଶ୍ରେଣୀକୁ ଯାଇଥାନ୍ତି,ସେଇ ଷଷ୍ଠଶ୍ରେଣୀରେ ପଢିବି ? ଆଉ ପାଶ୍ କଲି କେମିତି ?"

Digitized by srujanika@gmail.com

ହେଡ୍‌ମାଷ୍ଟେ ମୋ ପିଠି ଥାପୁଡ଼େଇ ବୁଝେଇ ଶୁଝେଇ କହିଲେ–"ଆରେ ସରକାର ଉପରୁ ଗୋଟାଏ କ୍ଲାସ କାଢ଼ି ନେଇଛନ୍ତି । ତେଣୁ ସପ୍ତମଟା ଷଷ୍ଠ ହୋଇଗଲା । ତୁମେ ସେଇ ଷଷ୍ଠଶ୍ରେଣୀରେ ଉପରକ୍ଲାସ୍‌ର ବହିପଢ଼ିବ ଫେଲ୍ ହୋଇଥିଲେ ଉପର କ୍ଲାସର ବହି ପଢ଼ନ୍ତ କେମିତି ?"

ଭୀମ ରାଉତ–

ଏହି ସମୟରେ ଟ୍ରେନିଂସ୍କୁଲକୁ ଭୀମ ରାଉତ ହେଡ୍‌ମାଷ୍ଟ ହୋଇ ଆସିଲେ । ସେ ଡବଲ୍ ଏମ୍. ଏ. ଥିଲେ । ସେ ଦେଖିବାକୁ ଗେଡ଼ା । ସବୁବେଳେ ଟିକେ ନଇଁ ପଡ଼ିବା ପରି ଦିଶନ୍ତି । ସେ ଭାରି ବଦରାଗୀ ଥିଲେ । ପିଲାମାନଙ୍କୁ କିଚିରି ମିଚିରି ହୋଇ ଗଣ୍ଡଗୋଳ କରିବାର ଦେଖିଲେ ବେତ ଧରିଥିବା ହାତଟି ତାଙ୍କର କପ୍‌କପ୍ ହୋଇ-ଉଠେ । ପିଲାଙ୍କ ପିଠିରେ ସେ କପ୍‌କପ୍‌କୁ ଶାନ୍ତ କରିଦିଅନ୍ତି । ସେ ଯେତେବେଳେ କାର୍ଯ୍ୟ ଉପଲକ୍ଷେ ଆମ ସ୍କୁଲକୁ ମାଡ଼ି ଆସନ୍ତି, ସମସ୍ତଙ୍କୁ ଜଣାଯାଏ ଯେପରି ମହାବଳ ବାଘଟାଏ ମାଡ଼ି ଆସୁଛି । ସମସ୍ତେ ଭୟରେ କମ୍ପି ଉଠନ୍ତି ।

ଏଇପରି କିଛିଦିନ କଟିଗଲା । ପିଲାମାନେ ତାଙ୍କର କ୍ରୂରତା ବିଷୟରେ ବହୁ ଆଲୋଚନା କଲେ । ଦିନେ ଖେଳଛୁଟି ପିରିୟଡ଼ରେ ଗ୍ରାଲ୍ ସେଡ୍ ଭିତରେ ଚାରି/ପାଞ୍ଚଜଣ ପିଲା ବସି କ'ଣ ଗପସପ ଆରମ୍ଭ କଲେ । ସେ ପିଲାଙ୍କ ଭିତରେ ଆମ କ୍ଲାସ୍‌ର ଜଣେ ଖୁବ୍ ସାହସୀ ପିଲା ଥିଲା । ଉପର କ୍ଲାସ୍‌ର ଜଣେ ଦିଜଣ ସାହସୀପିଲା ଥିଲେ । ଆଉ ଦି' ତିନିଜଣ ଅଳ୍ପସାହସୀ ପିଲା ଥାଆନ୍ତି । ମୁଁ ଯାଇ ସେଇଠି ବସିଗଲି । ଜଣେ ଖୁବ୍ ସାହସୀପିଲା ଖୁବ୍ ରାଗିଯାଇ କହିବାର ଶୁଣିଲି "ଭୀମବାବୁ ସାର୍‌ଟା ବଡ଼ ଖରାପ ଲୋକ । କଥାନାଇଁ ବାର୍ତ୍ତାନାଇଁ ଦେ'ପିଟ । ଆମେ କ'ଣ ଆସିଚୁ ଏଠି ଖାଲି ପିଟା ଖାଇବାକୁ ? ଏମିତିଆ ଖରାପ ହେଡ୍‌ମାଷ୍ଟର ଆଗରୁ କେବେ ଆମେ ଦେଖିନୁ । କୁହା-ବୋଲା କରି ତାଙ୍କୁ ଏଠୁ ବଦଳି କରିଦେବାକୁ ହେବ ।" ସେ ସମୟରେ ସ୍କୁଲ ଇନିସ୍-ପେକ୍ଟରଙ୍କ ପୁଅ ଆମ ସାଙ୍ଗରେ ପଢୁଥିଲେ । ସମସ୍ତେ କହିଲେ ଯେ ତାକୁ କହି ତା ବାପାଙ୍କ ପାଖକୁ ଖବର ଦେବା । ଆମର ଦୁଃଖ ଜଣେଇବା । ସେ ପୁଅ କଥା ଶୁଣି ନିଶ୍ଚେ ତାକୁ ବଦଳି କରିଦେବେ । ଆଉ ଜଣେ କଥାଟାକୁ ନାପସନ୍ଦ କରିଦେଇ କହିଲା "ଯେଉଁଟା ନହୋଇ ପାରିବ ସେମିତି କଥା କୁହ କାହିଁକି ? ତା କଥା ଶୁଣି ତା ବାପା ଓଲଟି ତାକୁ ବାଡ଼େଇବେ ।" ଆଉ ଜଣେ କହିଲା–"ରାତିରେ ତାଙ୍କ ଘରଭିତରକୁ ଢେଲା ପକେଇବା ।" ପ୍ରତିବାଦ କରି ଆଉଜଣେ କହିଲା–"ଯଦି ପୁଲିସ ହାବୁଡ଼ରେ ପଡ଼ିବା ତେବେ କଣ ହେବ ?" ପିଲାଟିର ପାଟି ଆଁ ଆଁ ହୋଇଗଲା । ନିରାଶାର ଛାଇ ସମସ୍ତଙ୍କ ମୁହଁରେ ଖେଳିଗଲା । ପ୍ରବଳ ପରାକ୍ରମୀ ପୁଲିସ୍ ଆଗରେ ମହା ମହା ଗୁଣ୍ଡା ଆଣ୍ଠେଇ ପଡୁଚନ୍ତି । ପିଲାଙ୍କର ଆଉ ପ୍ରଶ୍ନ ଅଛି ନା ? ସମସ୍ତଙ୍କ ମୁହଁରେ ନିରା-ଶାର ଛାଇ ଖେଳିଗଲା । ଜଣେ ମାର୍କାମରା ବୁଦ୍ଧିଆ ପିଲା ଚୁପଚାପ୍ ହୋଇ ସବୁ ଶୁଣୁ-ଥିଲା । ସେ ବଡ଼ କୌଶଳୀ ଓ ପେଞ୍ଚପାଞ୍ଚ କରିପାରେ ବୋଲି ତାର ଟିକେ ଖ୍ୟାତି ଥିଲା । ତା ଆଡ଼େ ସମସ୍ତେ ଚାହିଁଲେ । ସେ ଗମ୍ଭୀର ହୋଇ ଆରମ୍ଭ କଲା–"ମୁଁ କିଛି କହୁନି କି

Digitized by srujanika@gmail.com

କରୁନି । ଯଦି କହିବି ଓ କରିବି, ତେବେ ଭୀମ ସାର୍ ଏ ଜାଗା ଛାଡ଼ି ପଳେଇବେ । ମୁଁ ସେଆଡ଼କୁ ନଜର ଦେଉନି ବୋଲି ଏମିତି ଲୀଳା ଚାଲିଛି ।” ମଝିଦରିଆରେ ଭସୁଥିବା ପିଲାମାନଙ୍କ ପାଖରେ ଗୋଟାଏ ନାଆ ଆସି ଲାଗିଗଲା ପରା ! ସମସ୍ତେ ତା ପାଖରେ କାକୁତି ମିନତି କଲେ–କଣ ପେଞ୍ଚପାଞ୍ଚ ଜାଣିଛ ଶୀଘ୍ର କର । ଆମକୁ ବଞ୍ଚାଅ । ପିଲାମାନେ ଅଯଥାରେ ମାଡ଼ ଖାଉଥିବେ, ଆଉ ତୁମେ ଚୁପ୍‌ଚାପ୍ ହୋଇ ବସିଥିବ ? କଣ କରିବ କୁହ ? ବାରମ୍ବାର ପେଞ୍ଚପାଞ୍ଚ ବିଷୟରେ ପଚାରିଯିବାରୁ ସେ ଆରମ୍ଭକଲା– ଆରେ ଏଇଟା ଅତି ସାମାନ୍ୟ କଥାଟାଏ; କିନ୍ତୁ ଏହାକୁ ନେଇଆଣି ଥୋଇ ପାରିଲେ କାମ ଫତେ । ଏଥର ପିଲାମାନଙ୍କ ଆଗ୍ରହ ଆହୁରି ବଢ଼ିଗଲା । ସେ ଆହୁରି ଗମ୍ଭୀର ହୋଇ କହିଲା–ଆରେ, ତୁମେମାନେ ଜାଣିଚନା ସେ ଜଣେ ସରକାରୀ ଚାକର ? ସମସ୍ତେ କହିଲେ–ହଁ । ଯାହାର ହାଇଡ୍ରୋସିଲ୍ ଥାଏ ତାକୁ ସରକାର ଚାକିରୀ ଦିଏ ନାହିଁ । ଭୀମସାର୍‌ଙ୍କର ଗୋଟେ ହାଇଡ୍ରୋସିଲ୍ ଅଛି । ସେତକ ସରକାର ଜାଣେ ନାହିଁ । ତାକୁ ଲୁଚେଇ ରଖିବାଲାଗି ଭୀମ ସାର୍ ସବୁବେଳେ ବଙ୍କେଇ ବଙ୍କେଇ ଚାଲନ୍ତି । ସରକାରଙ୍କ କାନରେ ଏଇଟା ପକେଇଦେଲେ ସାଙ୍ଗେ ସାଙ୍ଗେ ଡ଼ିସ୍‌ମିସ୍ । ସାତତାଳ ପାଣି ତଳୁ ହଜିଥିବା ଚାବିକାଠିଟା ସତେଯେମିତି ମିଳିଗଲା !

ଆମେ ସମସ୍ତେ ଉତ୍ସାହିତ ହୋଇପଡ଼ିଲୁ । ପୁଣି ପ୍ରଶ୍ନ ଉଠିଲା–କିଏ ଯାଇ ସରକାରଙ୍କୁ ଏକଥା କହିବ ? ସେ ପିଲା କହିଲା–ସରକାର କ’ଣ ପିଲାଙ୍କ କଥା ଶୁଣିବେ ? ଆମେ ଯାଇ ଆମ ସ୍କୁଲ ଡାକ୍ତରଙ୍କୁ ଏକଥା କହିବା । ତାଙ୍କ ପାଖରେ କାକୁତିମିନତି ହେବା । ତାଙ୍କ ଗୋଡ଼ତଳେ ପଡ଼ିବା । ସରକାରଙ୍କୁ ଏକଥା କହିଦେବା-ଲାଗି ତାଙ୍କୁ ଅନୁରୋଧ କରିବା । ଡାକ୍ତରବାବୁ ଆମ କାକୁତିମିନତି ଶୁଣି ନିଶ୍ଚେ ସରକାରଙ୍କୁ କହିଦେବେ । ତହିଁଆରଦିନ ଭୀମସାର୍ ଡ଼ିସ୍‌ମିସ୍ । ସମସ୍ତଙ୍କ ପିଣ୍ଡରେ ପ୍ରାଣ ପଶିଲା । ଆମ ସ୍କୁଲର ଡାକ୍ତର ସେତେବେଳେ ଥାଆନ୍ତି ସୁରେନ୍ଦ୍ର ସାହୁ । ଆମେ ଏଇ ପାଞ୍ଚ ଛ’ ଜଣ ତା ପରଦିନ ଖେଳଛୁଟି ପିରିୟଡ୍‌ରେ ଯାଇ ତାଙ୍କ ପାଖରେ ଗୁହାରି କରିବା କଥା ଠିକ୍ ହେଲା ।

ପ୍ରକୃତରେ ଭୀମସାର୍ ଟିକେ ଲମ୍ବା କାମିଜ୍ ପିନ୍ଧୁଥିଲେ । ଅଫିସ୍‌କୁ ଆସିଲା-ବେଳେ କାମିଜ୍‌ଟାକୁ ମୋଡ଼ିମାଡ଼ି ପ୍ୟାଣ୍ଟ୍ ଭିତରକୁ ଗୁଞ୍ଜି ଦେଉଥିଲେ । ସେଇଥିଲାଗି ପ୍ୟାଣ୍ଟ୍‌ଟା ଟିକେ ଉଚ୍ଚ ଦିଶୁଥିଲା । ସେ ମଧ୍ୟ ଟିକେ ବଙ୍କା ହୋଇ ଚାଲୁଥିଲେ । ପେଞ୍ଚୁଆ ପିଲାଟି ମନେ ମନେ ନିଧାର୍ଯ୍ୟ ଭାବରେ ଜାଣିଯାଇଥିଲାଯେ ଏଇଟା ନିଶ୍ଚିତ ଭାବରେ ହାଇଡ୍ରୋସିଲ୍ ବ୍ୟତୀତ ଅନ୍ୟକିଛି ନୁହଁ ।

ପରଦିନ ଖେଳଛୁଟି ପିରିୟଡ୍ ହେବାମାତ୍ରେ ଆମେ ସମସ୍ତେ ଡାକ୍ତରବାବୁଙ୍କ ଘରଆଡ଼େ ଖୁବ୍ ତରତର ହୋଇଗଲୁ । ମୁଁ ତାଙ୍କ ସାଙ୍ଗରେ ଯାଉଥାଏ । ମୋର କିନ୍ତୁ ଭୟରେ ପ୍ରାଣ କମ୍ପି ଉଠୁଥାଏ । ଯଦି ଭୀମସାର୍ ଏକଥା ଜାଣିଯା’ନ୍ତି, ଆଉ ଯଦି ତାଙ୍କର କିଛି ନହୁଏ, ତେବେ ସେ ଆମମାନଙ୍କର ପିଠିରୁ ଛାଲ ଉତାରିଦେବେ । କ’ଣ କରିବି ଭାବି ନପାରି ମୁଁ ରାସ୍ତା କଡ଼ରେ ପରିସ୍ରା କରି ବସିଗଲି । ସମସ୍ତେ ଭାବିଲେ

Digitized by srujanika@gmail.com

ମୁଁ ପରିସ୍ରା ସାରି ବୋଧହୁଏ ତାଙ୍କ ସାଙ୍ଗରେ ଯୋଗ ଦେବି । ତେଣୁ ସମସ୍ତେ ତରତର ହୋଇ ଗ୍ଲଲିଗଲେ । ସେମାନେ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ମୁଁ ପରିସ୍ରା କରୁଥାଏ । ଯଦି କେହି ବାଟୋଇ ସେତେବେଳେ ମୋ ଉପରେ ନଜର ପକେଇଥାନ୍ତା, ତେବେ ସେ ଭବିଥାନ୍ତା—ଏଢ଼େ ଟିକେ ଛୁଆକୁ ପୁଣି ବହୁମୂତ୍ର ରୋଗ ଧରିଛି ! ପରିସ୍ରା ଛାଡ଼ି ମୁଁ ଉଠିପଡ଼ିଲି । ଦୁଇତିନି ଇଞ୍ଚ ଜାଗା ମାତ୍ର ପରିସ୍ରାରେ ଓଦା ହୋଇଥାଏ । ମାତ୍ର ଦୁଇଗ୍ଲମଚ ପାଣିରେ ସେତିକି ଥାନ ଓଦା ହୋଇଯିବ । ମୁଁ ଉଠି ଖୁବ୍ ମନ୍ଥର ଗତିରେ ଧୀରେ ଧୀରେ ଆଗେଇଲି । ଛେଳିକୁ ହାଣକାଠକୁ ନେଲା ଭଳି ମୁଁ ଯାଉ-ଥାଏ । ଅଳ୍ପକିଛି ବାଟ ଯାଇ ଠିଆ ହେଲି । ସେମାନେ ଯାଇଥିବା ବାଟକୁ ଗ୍ଲହିଁ ରହିଲି । ଏଇପରି ଭବରେ ପ୍ରାୟ ପନ୍ଦର ମିନିଟ୍ ସେଇଠି ଲଙ୍ଗରପଙ୍ଗର ହେଲି । ହଠାତ୍ ଦେଖିଲି ସେହି ପିଲମାନେ ଛାନିଆରେ ଦୌଡ଼ି ପଳେଇ ଆସୁଚନ୍ତି । ବିପଦ ପଡ଼ିଯାଇଚି ଭବି ମୁଁ ଆଗେ ଆଗେ ଦୌଡ଼ି ପଳେଇ ଆସିଲି ଏବଂ ଖେଳଛୁଟି ସମୟ ସରି ନଥିଲେ ସୁଦ୍ଧା ଶ୍ରେଣୀ ଭିତରେ ଯାଇ ଭଲପିଲା ପରି ବସିଗଲି । ମନେ ମନେ ଆମ ସାହି ଠାକୁରଣୀ ମା' ମଙ୍ଗଳାଙ୍କ ନାମ ବାରମ୍ବାର ସ୍ମରଣ କଲି । ସେମାନେ ସମସ୍ତେ ସ୍କୁଲକୁ ଆସି ନିଜ ନିଜର ବହିପତ୍ର ଧରି ଘରକୁ ପଳେଇଲେ । ଆମ କ୍ଲାସ୍‌ର ପିଲାକୁ ପଗ୍ଲରି-ବାକୁ ମୋର ସାହସ ହେଲା ନାହିଁ । ସେ ପିଲାମାନେ ଗ୍ଲରିପାଞ୍ଚଦିନ ଯାଏ ସ୍କୁଲକୁ ଆସିଲେ ନାହିଁ । ଦି' ଦିନପରେ ଆମ କ୍ଲାସ୍ ପିଲାଟି ଆସିଲା । ଖେଳଛୁଟି ପିରିଅର୍ଡରେ ସମସ୍ତେ କ୍ଲାସ୍‌ରୁ ଗଲାପରେ ସେ ଓ ମୁଁ କ୍ଲାସ୍ ଭିତରେ ରହିଲୁ । ତାକୁ ମୁଁ ପଗ୍ଲରିଲି —କ'ଣ ହେଲାକିରେ ? ଭୟମିଶ୍ରିତ କଣ୍ଠରେ ସେ ଚୁପଚୁପ୍ କରି କହିଲା—ଡାକ୍ତରଙ୍କ ଘରେ ଯାଇ ଆମେ ସମସ୍ତେ ପହଞ୍ଚିଲୁ । ସମସ୍ତେ ନମସ୍କାର କଲୁ । ପେଞ୍ଚୁଆ ପିଲାଟି ପାଦ-ଧୂଳି ନେଇ ମୁଣ୍ଡରେ ମାରିଲା । ଜଣେ ଦି'ଜଣବି ଗୋଡ଼ ତଳେ ପଡ଼ିଥିଲେ । ସ୍ନେହରେ ସେ ପଗ୍ଲରିଲେ—କ'ଣ ହେଲାକିରେ ପିଲେ ? ପେଞ୍ଚୁଆ କହିଲା—ସାର୍; ଭୀମସାର୍ ଆମକୁ ଭରି ବାଡ଼େଉଚନ୍ତି । ଡାକ୍ତରବାବୁ କହିଲେ—ତମେମାନେ ଦୁଷ୍ଟାମୀ କରିବ, ପାଠ ପଢିବନି, ସେ ବାଡ଼େଇବେନି ଆଉ କ'ଣ ପୂଜା କରିବେ ?

—ନାଇଁ ସାର୍ ଆମେ ଦୁଷ୍ଟାମୀ କରୁନୁ । ପାଠ ଠିକ୍ ଠିକ୍ ପଢୁଚୁ । ତଥାପି ସେ ଆମକୁ ବାଡ଼େଉଚନ୍ତି । —ତେବେ ମୁଁ କ'ଣ କରିବି ?

—ସାର୍, ତାଙ୍କୁ ତଡ଼ି ଦିଅନ୍ତୁ । ସେ ଖେଁ ଖେଁ ହୋଇ ହସି ଉଠିଲେ । କହିଲେ ଆରେ ସେ କ'ଣ ମୋ ଅଧୀନରେ ଗ୍ଲକିରୀ କରିଛନ୍ତି ଯେ ମୁଁ ତାଙ୍କୁ ତଡ଼ି ଦେବି ? ବରଂ ସେ ଗ୍ଲହିଁଲେ ମୋତେ ତଡିଦେବେ । କି କଥା କହୁଛୁ ?

—ସାର୍ ଆପଣ ଇଛାକଲେ ତାଙ୍କୁ ତଡ଼ିଦେଇ ପାରିବେ ।

—ଦୁର୍ ହୁଅ । ତୋ ମୁଣ୍ଡ କ'ଣ ଖରାପ ହେଇଗଲାଣି କିରେ ? ତାକୁ ତଡିବ କିଏ ?

Digitized by srujanika@gmail.com

—ସାର୍, ତାଙ୍କର ଗୋଟେ ଗୁମର ଅଛି । ସେତକ ଆପଣ ଫିଟେଇ ଦେଲେ ସେ ତଡା ଖାଇଯିବେ । ସରକାର ଆଉ ତାଙ୍କୁ ରଖିବନି ।

—କି ଗୁମର ?

—ସାର୍ ତାଙ୍କର ଗୋଟେ ହାଇଡ୍ରୋସିଲ୍ ଅଛି ।

—ହଇରେ, ରହ ରହ, ତୁମ ଭୀମ ସାର୍‌ଙ୍କୁ ଯାଇ ଏସବୁ କଥା କହିବି । ତମ ଭଳିଆ ପିଲାଙ୍କୁ ସେ ବାଡ଼େଇବେନି ତ ଆଉ କାହାକୁ ବାଡ଼େଇବେ ? ରହ ରହ, ତୁମ ସମସ୍ତଙ୍କୁ ଧରି ମୁଁ ଭୀମ ସାର୍‌ଙ୍କ ପାଖକୁ ନେଇଯିବି ଆଉ ଏକଥା କହିଦେବି ।

ଆଉ କି ସମ୍ଭଳା ପଡେ ? ଆମେ କେମିତି ସେଠୁ ଦୌଡି ପଳେଇ ଆସିବୁ ତ'ର ସହିଲା ନାହିଁ । ଆଉକିଛି ସମୟ ଅପେକ୍ଷା କରିଥିଲେ ସେ ନିଶ୍ଚେ ଆମ ଭିତରୁ ଦି' ତିନି ଜଣଙ୍କୁ ଧରି ଭୀମସାର୍‌ଙ୍କ ପାଖକୁ ଆସିଥାନ୍ତେ । ଭୀମସାର୍ ଆମ ପିଠିରୁ ଛାଲ ଉତାରି ଦେଇଥାନ୍ତେ ।

ମୁଁ ଯେ ସେତେବେଳେ ଘଣ୍ଟାକଡରେ ବହୁ ସମୟ ଧରି ପରିସ୍ରା କରି ବୁଦ୍ଧିମାନର କାର୍ଯ୍ୟ କରିଛି, ତା ବେଶ୍ ଅନୁଭବ କରିପାରିଲି । କହିବା ବାହୁଲ୍ୟ ଯେ ଡାକ୍ତରବାବୁ ମଉଜି ଦେଖିବା ଲାଗି ଏକଥା କହିଥିଲେ । ଆମମାନଙ୍କ ମନରୁ ଭୟ ସଂପୂର୍ଣ୍ଣ ରୂପେ ଦୂର ହୋଇଯିବା ଲାଗି ପ୍ରାୟ ଧନ୍ଦର କୋଡିଏ ଦିନ ଲାଗିଥିଲା । ଏ କଥାଟି କ୍ରମେ ପବନରେ ମିଳେଇଗଲା ।

ଇନ୍‌ସ୍‌ପେକ୍‌ଟରଙ୍କ ପରିଦର୍ଶନ-

କିଛିଦିନ ପରେ ବଡ଼ ଇନିସ୍‌ପେକ୍‌ଟର ସ୍କୁଲ୍ ପରିଦର୍ଶନ କରିବାକୁ ଆସିବେ ବୋଲି ଖବର ଆସିଲା । ତରବରରେ ସ୍କୁଲ୍‌ଘରସବୁ ସଫେଇତି ହେଲା । ସ୍କୁଲ କମ୍ପାଉଣ୍ଡ୍ ମଧ୍ୟ ଭଲଭାବରେ ଓଳାଯାଇ ସଫା କରାଗଲା । କେଉଁଠାରେ କାଗଜ ଟୁକୁରାଟିଏ ନ ପକେଇବାକୁ ପିଲାମାନଙ୍କୁ ସତର୍କ କରିଦିଆଗଲା । ଇନିସ୍‌ପେକ୍ଟର ଆସିବା ଦିନ, ସମସ୍ତେ ବାସିଲୁଗା ଓ କାମିଜ୍ ପିନ୍ଧି ଆସିବା ଲାଗି ପିଲାମାନଙ୍କୁ ମଧ୍ୟ କୁହାଗଲା ।

ଯେଉଦିନ ଆମେ ସମସ୍ତେ ବାସିଲୁଗା ପିନ୍ଧି ଖୁବ୍ ଆଗରୁ ଯାଇ କ୍ଲାସରେ ଖୁବ୍ ଶାନ୍ତଶିଷ୍ଟ ପିଲାପରି ବସି ରହିଲୁ । ଝରକା ବାଟେ ଗୁହିଁଥାଉ, କେତେବେଳେ ଇନିସ୍‌ପେକ୍ଟର ଆସିବେ । ଇନିସ୍‌ପେକ୍ଟର ଗୋରା କି କଳା ତାହା ଜାଣିନଥାଉ । ଯାହାହେଉ ଠିକଣା ସମୟ ଆସିଗଲା । ଡ୍ରିଲ୍‌ମାଷ୍ଟର କମଳବାବୁ ଟ୍ରେନିଂ ସ୍କୁଲର ସ୍କାଉଟ୍‌ମାନଙ୍କୁ ବାଡ଼ିଧରି ଇନିସ୍‌ପେକ୍ଟର୍ ଆସିବା ବାଟର ଦୁଇ କଡ଼ରେ ଧାଡ଼ି କରି ଠିଆ କରିଦେଇଥିଲେ । ଘୋଡାଗାଡ଼ିରୁ ଇନିସ୍‌ପେକ୍ଟର୍ ଓହ୍ଲେଇବା ମାତ୍ରେ ସ୍କାଉଟ୍ ମାନେ ଦୁଇକଡ଼ରୁ ବାଡ଼ି ଯୋଡି ଏକ ଖିଲାଣପରି କରିଦେଲେ । ଆମ ହେଡ୍‌ମାଷ୍ଟର ଓ ଇଂରେଜୀ ମାଷ୍ଟର ପ୍ରବୋଧବାବୁ ଗାଡି ପାଖରୁ ତାଙ୍କୁ ପାଛୋଟି ଆଣିଲେ । ଇନିସ୍‌ପେକ୍ଟର ଆଗରେ, ଅନ୍ୟମାନେ ପଛରେ ସେଇ ଖିଲାଣ ଭିତର ଦେଇ ସ୍କୁଲ କମ୍ପାଉଣ୍ଡ୍‌ରେ ପଶିଲେ । ତାପରେ ସ୍କାଉଟ୍‌ମାନେ ଅଫିସ୍‌ଯାଏ ସେଇପରି ବାଡ଼ିର ଖିଲାଣ ତିଆରି କରିଦେଲେ । ଇନିସ୍‌ପେକ୍ଟର ହେଡ୍‌ମାଷ୍ଟରଙ୍କ ଅଫିସ୍ ଭିତରକୁ ପଶିଲେ ।

Digitized by srujanika@gmail.com

ସେଠି ଚୌକି ସଜାହୋଇ ରହିଥିଲା । ସେଇଠାରେ ସେ ବସିଲେ । ଏଣେ ଆମ କ୍ଲାସ୍‌ରେ କ୍ଲାସ୍‌ସାର୍ ଠେଙ୍ଗାପରି ସିଧାହୋଇ ଠିଆହୋଇ ଭୟରସହିତ ପାଠ ପଢ଼ାଇବାକୁ ଲାଗିଲେ, ଯଦି ପିଲାଟାଏ ଛିଙ୍କି ଦେଉଥାଏ, ତେବେ ସେ ଖିଙ୍କାରି ହୋଇ ତା ଆଡ଼କୁ ଉହୁଙ୍କି ଯାଉଥାନ୍ତି । ଆଉ କେଉଁ କ୍ଲାସ୍‌ରେ କ'ଣ ହୋଇଥିଲା ତାହା ଅବଶ୍ୟ ମୁଁ କହିପାରିବିନି । ସବୁ ଶ୍ରେଣୀ ବୁଲି ସାରି ଇନିସ୍ପେକ୍ଟର ଆସି ଆମ ଶ୍ରେଣୀରେ ପଶିଲେ । ପିଲାଙ୍କୁ ଇଂରେଜୀରେ ଗ୍ରାମର୍‌ର ଦି'ଚାରି କଥା ପଚାରିଲେ । ପିଲାମାନେ ଇଂରେଜୀରେ ପଚରା ଉଚରା ପାଇଁ ପ୍ରସ୍ତୁତ ନଥିଲେ । ଠିକ୍‌ଭାବରେ ବୁଝିନପାରିବାରୁ କିଛି କହି ପାରିଲେନି । ହେଡ୍‌ମାଷ୍ଟ ଓ କ୍ଲାସ୍ ମାଷ୍ଟଙ୍କୁ ଇଂରେଜୀରେ ଗାଳିଗୁଲଜ କରି ଅନ୍ୟ ଶ୍ରେଣୀକୁ ଚାଲି-ଗଲେ । ସେମାନେ ଯିବାପରେ ଆମର କ୍ଲାସ ଶିକ୍ଷକ ଆମମାନଙ୍କୁ ମନଇଚ୍ଛା ଶୋଧି ଦେଇଗଲେ । କହିଲେ—ହଇରେ ଗଧା କେଉଁଠିକାର, ନାଉନ୍ କାହାକୁ କହନ୍ତି ଜାଣିନା ? ଆଡ୍‌ଜେକ୍‌ଟିଭ୍ କାହାକୁ କହନ୍ତି ଜାଣିନା ? ତୁମେ ଗ୍ରାମାର୍ କ'ଣ କିଛି ପଢ଼ିନା ? ହଇରେ ମୂର୍ଖ ଛତରା, ଏଥରକ ବେତ ସାହାଯ୍ୟରେ ତୁମକୁ ଗ୍ରାମାର୍ ପଢ଼େଇ ଦିଆଯିବ । ଜଣେ କହିଲା—ସାର, ଆମେ କ'ଣ ଏତିକି ଜାଣିନୁ ? ଆମକୁ ଓଡ଼ିଆରେ ସିନା ପଚାରିଥିଲେ ଆମେ କହିଥାନ୍ତୁ ! ସେ ଇଂରେଜୀରେ ପଚାରିଲେ, ଆମେ କିଛି ବୁଝି ପାରିଲୁନି । ଇନିସ୍‌ପେକ୍ଟର ଆମ ଉପର କ୍ଲାସ୍‌ରେ ମଧ୍ୟ ସେଇପରି ଗ୍ରାମାର ପଚାରି କିଛି ଉତ୍ତର ପାଇଲେନି । ଇନିସ୍‌ପେକ୍ଟର ଜଣକ ଗୋରା ନଥିଲେ, ଥିଲେ ଦେଶୀ । ସେ ପୁଣି ପିନ୍ଧିଥିଲେ ହାପ୍‌ପ୍ୟାଣ୍ଟ୍ । ଦେହର ରଙ୍ଗ ଥିଲା ଗୋରା । ପ୍ରାୟ ଦୁଇ ଘଣ୍ଟା ଧରି ପରିଦର୍ଶନ କରି ସେ ଘୋଡ଼ାଗାଡ଼ିରେ ଚଢ଼ି ଚାଲିଗଲେ ।

ହେଡ୍‌ମାଷ୍ଟ ଓ ଅନ୍ୟ ମାଷ୍ଟମାନଙ୍କ ମନରେ ବିଷାଦ ଭରି ଉଠିଥିଲା । ଆସ୍ତେ ଆସ୍ତେ ସବୁ ଖବର ଆମେ ଜାଣିପାରିଲୁ । ତାଙ୍କ ରିପୋର୍ଟରେ ସେ କୁଆଡେ ଲେଖି-ଦେଇଥିଲେ—ଏ ସ୍କୁଲରେ ଗ୍ରାମାର୍ ମୋଟେ ପଢାଯାଏନି । ବୃଥାରେ ଗୋଟେ ଲାଇବ୍ରେରୀ ଅଛି । ଦିନେହେଲେ ଗୋଟାଏ ବହି ଏଠାରୁ ପିଲାମାନଙ୍କୁ ଇସୁ ହୋଇନାହିଁ । ତହିଁ ଆର-ଦିନଠାରୁ ଇଂଲିଶ୍ କ୍ଲାସମାନଙ୍କରେ ବେତର ପଟପାଟ୍ ଶବ୍ଦ ଓ ମୃଦୁ କାନ୍ଦଣା ଶୁଭିବାକୁ ଲାଗିଲା । ହେଡ୍‌ମାଷ୍ଟ୍ରେ କଡା ଅର୍ଡର ପାଶ୍ କରିଦେଲେ—କ୍ଲାସ୍ ମାଷ୍ଟମାନେ ପାଳିକରି ଖେଳଛୁଟି ପିରିୟଡରେ ଗୋଟିଏ ଗୋଟିଏ କ୍ଲାସ୍‌ର ପିଲାଙ୍କୁ ଲାଇବ୍ରେରୀରୁ ବହି ଇସୁ କରିବେ ଏବଂ ବହି ଫେରେଇବା ଦିନ ସେ ବହିରେ କ'ଣ ସବୁ ଲେଖା ହୋଇଥିଲା ବୋଲି ସେ ବହି ନେଇଥିବା ଛାତ୍ରଙ୍କୁ ପଚାରିବେ । ଏଇଟା ଖୁବ୍ କଡାକଡ଼ିଭାବେ ପାଳନ କରାଗଲା ଏବଂ ହେଡ୍‌ମାଷ୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାମଟି ସୁରୁଖୁରୁରେ ଚାଲିଲା ।

ମୋର ଲାଇବ୍ରେରୀ ବହି ପଠନ—

ଆମ କ୍ଲାସ୍ ପାଳିଦିନ ମୁଁ ଆଉ ମୋର ଜଣେ ସାଙ୍ଗ ଖେଳଛୁଟି ପିରିୟଡରେ ବୁଲୁବୁଲୁ ଲାଇବ୍ରେରୀକୁ ଯିବା ଡେରି ହୋଇଗଲା । ଲାଇବ୍ରେରୀରୁ ବହି ଆଣିବା କଥା ମନେପଡିଯିବାରୁ ଆମେ ଦୁହେଁ ଲାଇବ୍ରେରୀକୁ ତରତର ହୋଇ ଗଲୁ । ସେଠି ଆମ କ୍ଲାସ୍ ଶିକ୍ଷକ ବସିଥିଲେ । ଅନ୍ୟମାନେ ବହିନେଇ ଚାଲିଯାଇଥିଲେ ! ଆମପାଇଁ ଦୁଇଟି ବହି

Digitized by srujanika@gmail.com

ଟେବୁଲ ଉପରେ ପଡ଼ି ରହିଥିଲା । ଗୋଟିଏ ତ୍ରିରଙ୍ଗ ଛବିଯୁକ୍ତ ଚକଚକିଆ ବହି, ଆଉ ଗୋଟିଏ ପୋକଖିଆ ଓ ମରମତି ହୋଇଥିବା ଅସନା ବହି । ଚକଚକିଆ ବହିଟି ଥିଲା ବାଳମହାଭରତ । ଆମେ ଦୁହେଁ ତା'ରି ଉପରକୁ କୁଦି ପଡ଼ିଲୁ । ସାଙ୍ଗଟିର ହାତ ଆଗ ସେ ବହି ଉପରେ ପଡ଼ିଥିଲା । ଦୁଇଜଣ ବହିକୁ ଛଡ଼ାଛଡ଼ି କଲୁ । ସାର୍ ମୋତେ ବୁଝେଇବାଝେଇ କହିଲେ–ସେ ଆଗ ଧରିଛି, ବହିଟି ନେଉ, ତୁ ଆରପାଳିନେବୁ । ମୁଁ ବାଧ୍ୟହୋଇ ବହିଟି ତାକୁ ଛାଡ଼ିଦେଲି । ପୋକଖିଆ ତାଳିପକା ବହିଟିକୁ ଖୋଲି ମୁଁ ଦେଖିଲି ତା ନାଆଁ 'ଛ'ମାଣ ଆଠଗୁଣ୍ଠ', ମୁଁ ବହି ଦେଖି ଡରିଗଲି । ମୁଁ ସାଙ୍କେତିକ ଅଙ୍କରେ ଟିକେ ଅପାରଗ ଥିଲି । ଛ'ମାଣ ଆଠଗୁଣ୍ଠ ନାଆଁ ଶୁଣି ମୁଁ ମନେ ମନେ ଭବିଥିଲି ତାହା ଏକ ଅଙ୍କ ବହି । ସାର୍‌ଙ୍କୁ କହିଲି–ନା ସାର୍, ମୁଁ ଏ ଅଙ୍କ ବହି ନେବି-ନାହିଁ । ମୋତେ ଆଉ କଣ ଖଣ୍ଡେ ବହି ଦିଅନ୍ତୁ । ସାର୍ ମୋତେ ବୁଝେଇ ଦେଲେ ଯେ ସେଇଟା ଅଙ୍କ ବହି ନୁହେଁ, ଗୋଟାଏ ଭଲ ଗପ ବହି । 'ପଢ଼ିଲେ ଜାଣିପାରିବୁ ।' ସାର୍‌ଙ୍କ କଥାକୁ ଅମାନ୍ୟ କରିବା ଭଲ ହେବନାହିଁ ବୋଲି ଭବି ମୁଁ ସେ ବହିଟାକୁ ଆଣିଲି । ବହିଖଣ୍ଡ ଧରିଥିଲା ବେଳେ ମୋତେ ଲାଗୁଥିଲା ଯେପରିକି ମୁଁ ଗୋଟାଏ ଅସନା ଜିନିଷ ଧରିଛି । ଘରେ ବହିଟାକୁ ପଢ଼ିନଥାନ୍ତି । କିନ୍ତୁ ଫେରେଇବା ଦିନ ସେ ବହି ବିଷୟରେ କିଛି କହିବାକୁ ହେବ । ଏଇ ଭୟରେ ପତ୍ର ଓଲଟେଇବାକୁ ଲାଗିଲି । ବହି ସାରିବାକୁ ଚାରି-ପାଞ୍ଚଦିନ ଲାଗିଲା । ପହିଲୁ ପହିଲୁ ମୋତେ ମୋଟେ ଭଲ ଲାଗିଲା ନାହିଁ । 'ବୁଢ଼ୀମଙ୍ଗଳା' ପରିଚ୍ଛେଦଟି ମୋତେ ଭରି ଭଲ ଲାଗିଲା । ଆମର ସାହି ଠାକୁରାଣୀ ହେଉଛନ୍ତି ବୁଢ଼ୀମଙ୍ଗଳା । ଆମ ସାହି ଠାକୁରାଣୀଙ୍କ ବିଷୟରେ ମୁଁ ବୁଢ଼ାବୁଢ଼ୀମାନଙ୍କଠାରୁ ଯାହା ଶୁଣିଥିଲି ତା' ସହିତ ବହିର ବୁଢ଼ୀମଙ୍ଗଳାଙ୍କ କଥା ଖାପ ଖାଇଗଲା । ସେହି ଅଂଶଟି ଦୁଇଥର ପଢ଼ିଥିଲି । ବହିର ଆଉ ବାକୀ ଅଂଶ ଗୁଡ଼ିକ ମୁଣ୍ଡରୁ ଉଭେଇ ଯାଇଥିଲା । ବହି ଫେରେଇଲାଦିନ କହିଥିଲି–ସାର୍, ଆମ ସାହିର ବୁଢ଼ୀ-ମଙ୍ଗଳାଙ୍କ କଥା ଏ ବହିରେ ଲେଖାହୋଇଛି । ଲେଖକ ଫକୀର ମୋହନଙ୍କୁ ଜଣେ ବୁଢ଼ା, ଗରିବ, ପଠାଣ ବୋଲି ମନରେ ଭବିଥିଲି ।

ଗ୍ରାମାର୍ ପଢ଼େଇବା କାମଟାକୁ ଖୋଦ୍ ହେଡ୍‌ମାଷ୍ଟ୍ର ହାତରେ ରଖିଲେ । କାଳେ ଅନ୍ୟମାନେ ତହିଁରେ ହେଳା କରିଦେବେ ! ଗ୍ରାମାର୍ ପଢ଼େଇଲାଦିନ ହେଡ୍‌ମାଷ୍ଟ୍ର ଭରି ରାଗିଯାଆନ୍ତି । ଖିଙ୍କାରି ହୋଇ ପିଲାଙ୍କୁ କହନ୍ତି–ତମେ ପାଠ ପଢ଼ିବ ନାହିଁ, ଇନିସ୍-ପେକ୍ଟର ମୋ ଉପରେ ଘୋଡ଼ା ଚଢ଼ିବ ? ବେଳେବେଳେ ସେ ନକହିପାରିବା ପିଲାଙ୍କୁ ବେତରେ ପିଟନ୍ତି । ମାଡ଼ ଖାଇବା ପିଲାଏ କିନ୍ତୁ ଭଲଭବରେ ଜାଣିଥାନ୍ତି ବେତଟି ତାଙ୍କ ପିଠି ଛୁଇଁଲାବେଳକୁ ଦୁର୍ବଳ ହୋଇପଡ଼ିଥିବ ।

କିଛିଦିନପରେ ଆମ ସ୍କୁଲର ପୁରସ୍କାର ବିତରଣ ଉତ୍ସବ ଆଗେଇ ଆସିଲା । ସବୁ କ୍ଲାସ୍ ମାଷ୍ଟ୍ରମାନଙ୍କୁ ଭିନ୍ନ ଭିନ୍ନ ବିଷୟ ବାଛି ଯୋଗ୍ୟପିଲାମାନଙ୍କୁ ଶିଖାଇବା ଲାଗି ଆଦେଶ ଦି'ଆଗଲା । ଖବ୍ ଉତ୍ସାହ ଉଦ୍ଦୀପନା ଖେଳିଗଲା । ଆମ କ୍ଲାସରେ ଗୋଟିଏ ଟିକି ନାଟକ "ପର୍ଶୁରାମ ଭେଟ" ହେବାର ସ୍ଥିର କରାଗଲା । ଆମ କ୍ଲାସ୍‌ରେ କବି ମହାପାତ୍ର ଓ ମୁଁ, ଦୁଇଜଣ ଠିକ୍ ଏକାପରି ଦେଖାଯାଉଥିଲୁ । ସେ ଖାଲି ଟିକିଏ

Digitized by srujanika@gmail.com

୯ଡ଼ । ଆମ ଦିଁଜଣଙ୍କୁ ରାମଲକ୍ଷ୍ମଣ ସଜେଇ ଦେଲେ ଭରି ବଢ଼ିଆ ଦେଖାଯିବ ବୋଲି ସମସ୍ତେ ଠିକ୍ କଲେ । ଆମ ସମସ୍ତଙ୍କୁ ଘୋଷିବାଲାଗି ପାର୍ଟ ଦିଆଗଲା । ମୁଁ ମୋ ପାର୍ଟଟି ଘୋଷି ମୁଖସ୍ଥ କରିଦେଲି । ଘରେ ଗୃହଶିକ୍ଷକ ମଧ୍ୟ ତାହା କିପରି କହିବାକୁ ହେବ, ସେକଥା ମୋତେ ବାରମ୍ବାର ବତେଇ ଦେଲେ । କଥାରେ ଅଛି—"ଷାଠିଏ ଶ୍ଳୋକ ପଢ଼ଇ ଶୁଆ, ବିରଡ଼ି ଦେଖିଲେ ଅଗ୍ରବୁଆ ।" ମୁଁ ସେହିପରି ଘରେ ଓ ସାଙ୍ଗ-ମାନଙ୍କ ପାଖରେ ବିଶ୍ ନାହିଁ ତିଶ୍ ଗପିଯାଉଥିଲି । ଯେଉଁଦିନ କ୍ଲାସରେ ପ୍ରଥମ ରିହିଅର୍-ସାଲ୍ ଆରମ୍ଭ ହେଲା, ସେଦିନ ମୋ ଛାତିରେ ଛନକା ପଶିଲା । ହଲ୍‌ରେ ରିହିଅର୍‌ସାଲ୍ ହେଉଥାଏ । ହେଡ୍‌ମାଷ୍ଟ୍ରେ ଓ ଅନ୍ୟ ସାର୍‌ମାନେ ବସିଥାନ୍ତି । ଯେତେବେଳେ ଆମ ରିହିଅର୍‌ସାଲ୍‌ଟି ଆରମ୍ଭହେଲା, ସେତେବେଳେ ମୋ ଦେହରୁ ଝାଳ ବୋହି ପଡ଼ିଲା । ଗୋଡ଼ଆଡ଼ୁ କମ୍ପ ଉଠିଲା । ଗୋଟିପଣେ ଥରିଲି । ମୋ ଫଳାପଟି କହିଲାବେଳେ ମୁଁ ମୁହଁକୁ ତଳକୁ କରି ଗୋଟିଏ ବହି ପଢ଼ିଲାଭଳି କହିଦେଇଗଲି । ସମସ୍ତେ ହସିଉଠିଲେ । ଜଣେ ସାର୍ ଆସି ମୋ ହାତକୁ ଧରି ହଲେଇ, ମୁଣ୍ଡକୁ ସଳଖକରି ଏବଂ ଆଗକୁ ପଛକୁ ଟାଣି ତାଙ୍କପରି କହିବାକୁ ଶିଖେଇଲେ । ଦେଖଣାହାରୀଏ କହିଲେ—ହଁ, ହୋଇଯିବ । ପହିଲିଥର, ସେଇଲାଗି ଟିକେ ଛନ୍ଦିରି ହେଉଛି । ଆମ ବିଷୟଟି ସେଇଟି ସରିଗଲା । ମୁଁ ପଳେଇ ଆସିଲି । ମୋତେ ଜଣାଗଲା ଯେପରି ମୁଁ ଫାଶୀ ଖୁଣ୍ଟରୁ ଡେଇଁ ପଳେଇ-ଆସିଲି । କେବଳ ଯୋଡ଼ିଟି ଠିକ୍ ରାମଲକ୍ଷ୍ମଣଙ୍କପରି ସୁନ୍ଦର ଦେଖାଯାଉଥିବାରୁ ସ୍କୁଲ ସାର୍ ଓ ଘର ସାର୍ ମୋ'ପିଛା ବହୁ ପରିଶ୍ରମ କଲେ । ଘରେ ମୁଁ ଉଣା ଅଧିକେ କରି-ଦେଉଥାଏ । ସ୍କୁଲରେ ଖାଲି ଛେପ ଢ଼ୋକୁଥାଏ ।

ଅଭିନୟ ଗୁଡ଼ିକ କିପରି ହୋଇଛି ତାହା ଟ୍ରେନିଂ ସ୍କୁଲର ହେଡ୍‌ମାଷ୍ଟ୍ରେ ଭୀମ ରାଉତ ଦେଖିବାକୁ ଚାହିଁଲେ । କାରଣ ଆମ ସ୍କୁଲର ଭଲମନ୍ଦ ପାଇଁ ସେ ଦାୟୀ ଥିଲେ । ସେଠିକି ଯିବା କଥା ଶୁଣି ମୋର ହଂସା ଉଡ଼ିଗଲା । ମୁଁ ଗୋଟିପଣେ ଥରୁଥାଏ । ଆମ ଅଭିନୟର ସମୟ ଆସିଗଲା । କବି ମହାପାତ୍ର ଠିକ୍ ଠିକ୍ କହିଗଲେ । ମୋର କେବଳ ଏତିକି ଥିଲା କହିବାକୁ, "ଯେଉଁ ବ୍ରାହ୍ମଣ କୁଳ କଳଙ୍କ ପର୍ଶୁରାମ ନିରପରାଧଧର୍ମ କ୍ଷତ୍ରିୟମାନଙ୍କୁ ବିନାଶ କରି ମହାପାତକୀ ହୋଇ ଅଛନ୍ତି; ସେ ପର୍ଶୁରାମ ତ ଆପଣ ନୁହନ୍ତି ?" ମୁଁ ଏତେ ଭୟରେ ଜଡ଼ସଡ଼ ହୋଇଯାଇଥାଏ ଯେ ମୋ ପାଟି ଖନି ବାଜି-ଗଲା । 'ବ୍ରାହ୍ମଣକୁଳ କଳଙ୍କ' କହି ଭେଁ କରି କାନ୍ଦି ପକାଇଲି । ସମସ୍ତେ ଅବାକ୍ ହୋଇ-ଗଲେ—କାନ୍ଦିଲା କାହିଁକି ? ମୁଁ ସୁଁ ସୁଁ ହେଉଥାଏ । ମୋ ପିଠି ଥାପୁଡ଼େଇ, ମୋ ମୁଣ୍ଡ ଆଉଁସିଦେଇ ଜଣେ ବଡ଼-ସାର୍ ପଚାରିଲେ—"ବାପା, ତୁ କାହିଁ କାନ୍ଦୁଛୁ ? ତୋ'ର କ'ଣ ହେଲା ?" ମୁଁ କହିଲି-ମୋ ମନରେ ଭାରିକଷ୍ଟ ହୋଇଚି । ସେ ପଚାରିଲେ—କାହିଁକିରେ ବାପା, କାହିଁକି କଷ୍ଟହୋଇଚି ? ସେହି ସମୟରେ ରଜନୀବାବୁଙ୍କ ଡ଼ାକ୍ତରଖାନାରେ ବଡ଼ କକେଇଙ୍କର କୋଷ ଅପରେସେନ୍ ହୋଇଥାଏ । ସେଇ କଥାଟି ମୋ ମନରେ ପଡ଼ିଗଲା । ତତ୍‌କ୍ଷଣାତ୍ ମୁଁ କହିଦେଲି—ସାର୍, ମୋ ବଡ଼ କକେଇଙ୍କର କୋଷ ଅପରେସନ୍ ହୋଇଛି । ସମସ୍ତେ ହୋ' ହୋ' ହୋଇ ହସି ଉଠିଲେ । ମୋତେ ବୁଝୋଉଥିବା ସାର୍ ବିରକ୍ତ ହୋଇ କହିଲେ—

Digitized by srujanika@gmail.com

ଆରେ ବାପା, ତୋ'ରତ ଅପରେସନ୍ ହୋଇନାହିଁ, ତୋତେ କଷ୍ଟ କାହିଁକି ହେଉଛି ? ଭୀମ ସାର୍ କହିଲେ–ଥାଉ, ଥାଉ, ଆଉ ଗୋଟେ ପିଲାକୁ ସେ ପାର୍ଟଟା ଦିଅ । ସେ ଡ଼ରକୁଳାଟା । ତା'ଦେଇ କିଛି ହେବନି । ମୋତେ ଜଣାଗଲା ଯେପରି କେହି ଏକ ଦେବଦୂତ ଆସି ମୋତେ ମୃତ୍ୟୁମୁଖରୁ ଉଦ୍ଧାର କଲେ । ଘରେ ସମସ୍ତେ ଏହାଶଣି ମୋ ଉପରେ ବିରକ୍ତ ହେଲେ । ମୁଁ କିନ୍ତୁ ରକ୍ଷା ପାଇଯାଇଛି ବୋଲି ମନେ ମନେ ଆଶ୍ୱସ୍ତ ହୋଇଥିଲି ।

କିଛିଦିନପରେ ବଡ଼ କକେଇ (ଯଦୁମଣି ମିଶ୍ର) ବସନ୍ତ ରୋଗରେ ମରିଗଲେ । ଆମ ଘରେ ଖୁବ୍ କନ୍ଦାକଟା ଲାଗିଲା । ଆମେ ନିୟମିତ ରୂପେ ସ୍କୁଲ ଯାଉଥିଲୁ । ଦିନେ ସାନ କକେଇ (ପଦ୍ମନାଭ ମିଶ୍ର) ଆମ ସ୍କୁଲକୁ ଗଲେ । ତାଙ୍କୁ ଦେଖି କମଳବାବୁ ତାଙ୍କ ପାଖକୁ ଚାଲିଆସିଲେ । କମଳାବାବୁଙ୍କୁ କକେଇ ବଡ଼ କକେଇଙ୍କର ମୃତ୍ୟୁ ସମ୍ବାଦ ଦେଲେ । କମଳବାବୁ ବହୁତ ଦୁଃଖ ପ୍ରକାଶ କଲେ ଏବଂ କହିଲେ–ପିଲାଏତ କାହିଁ ମୋତେ ଏକଥା କହି ନାହାନ୍ତି ? ସାଙ୍ଗେ ସାଙ୍ଗେ ସେ ଆମ କ୍ଲାସ୍ ଭିତରକୁ ପଶି ଆସିଲେ । ସେତେବେଳେ ହେଡ୍‌ମାଷ୍ଟେ ଆମକୁ ଇଂରେଜୀ ପଢ଼ାଉ ଥାଆନ୍ତି । ପ୍ରଥମେ ସେ ହେଡ୍‌ମାଷ୍ଟଙ୍କୁ କହିଲେ–ହରିମିଶ୍ରଙ୍କର ମଝିଆଁ ପୁଅ ମରିଗଲେ । ପାଠପଢ଼ା ବନ୍ଦ ହେଲା । ହେଡ୍‌ମାଷ୍ଟ ଓ କମଳବାବୁ ଏ ଦୁଃଖାବହ ଘଟଣା ବିଷୟରେ ଚର୍ଚ୍ଚା କଲେ । ତାପରେ କମଳବାବୁ ଆମ ପାଖପାଏ ଆସି ଆମକୁ ଆକଟ କଲାଭଳି କହିଲେ–ହଇରେ, ତମେ ଏକଥା ମୋତେ କାହିଁ କହିଲ ନାହିଁ ? ଆମେ କଣ ଉତ୍ତର ଦେବୁ ଜାଣିପାରିଲୁ ନାହିଁ । ସେ ଆମ ଉପରେ ବିରକ୍ତ ହୋଇ ଚାଲିଗଲେ । ପ୍ରାୟ ପନ୍ଦର ମିନିଟ ପରେ ପୁଣି ପଢ଼ା ଆରମ୍ଭ ହେଲା । କମଳବାବୁ ପୁଣି ପଢ଼ାରେ ହସ୍ତକ୍ଷେପ କରି କହିଲେ–ପଦ୍ମନାଭ ଆସିଛନ୍ତି । ଏ ପିଲା ଦୁହେଁ ଆଜି ତାଙ୍କ ସାଙ୍ଗରେ ଯାଆନ୍ତୁ । ହେଡ୍‌ମାଷ୍ଟଙ୍କର ସମ୍ମତିକୁ ଅପେକ୍ଷା ନକରି ସେ ଆମ ଦୁଇ ଜଣଙ୍କୁ କହିଲେ–ଯାଅ, ଯାଅ, ତୁମେ ଦୁହେଁ ତୁମ କକେଇଙ୍କ ସାଙ୍ଗରେ ଘରକୁ ଯାଅ । ଆମେ ଦୁହେଁ କ୍ଲାସ୍ ଛାଡ଼ି ଚାଲିଆସିଲୁ । ହେଡ୍‌ମାଷ୍ଟଙ୍କ ଉପରେ ଡ୍ରିଲ୍ ମାଷ୍ଟ କମଳବାବୁଙ୍କର ତତ୍କାଳୀନ ପ୍ରଭାବ ମନେ ପଡ଼ିଲେ ଏବେ ହସ ମାଡ଼େ ।

ମୋ' ବ୍ରତଘର–

ଏଇ ସମୟରେ ମୋର ବ୍ରତଘର ହେବାର ଯୋଗାଡ଼ ଚାଲିଲା । ଘରେ ମୋତେ ଚଳୁମନ୍ତ, ପଇତାମନ୍ତ ଏବଂ କେତେକ ସଂସ୍କୃତ ଶ୍ଳୋକ ଘୋଷି ମୁଖସ୍ଥ କରିବାକୁ ପଡ଼ିଲା । ବନ୍ଧୁବାନ୍ଧବମାନଙ୍କ ପାଖକୁ ଖବର ଦିଆଗଲା । ମୋର ନିଜ ମାମୁଁ ସେତେବେଳେ ବଲାଙ୍ଗୀର ଷ୍ଟେଟ୍‌ର 'ଆଟଗାଁ' ଗ୍ରାମରେ ରହୁଥିଲେ । ସେ ସେଠି ବ୍ୟବସାୟପତ୍ର ଓ ଜମିବାଡ଼ି କରି ବେଶ ଅୟସରେ କାଳ କଟାଉଥିଲେ । ଜଣେ ବଡ଼ ମହାଜନଭାବରେ ସେଠାରେ ତାଙ୍କର ବିଶେଷ ଖ୍ୟାତି ଥିଲା । ମାମୁଁଙ୍କ ଅସଲଘର କଟକର ବୋଧପୁରରେ ଥିଲା । ମାଈଁ ସେଇ ବୋଧପୁରରେ ମରିବା ପର୍ଯ୍ୟନ୍ତ ରହିଥିଲେ । ଆଟଗାଁରେ ମାମୁଁଙ୍କ

Digitized by srujanika@gmail.com

ପାଖରେ ଜଣେ ସହକାରୀ ମାଇଁ ଥିବାରୁ ମୋର ଅସଲ ମାଇଁ ବୋଧପୁର ଛାଡ଼ି ସେଠାକୁ ଯାଇ ନର୍ପିଲେ । ମାମୁଁ ମଧ୍ୟ ଏଆଡ଼େ ଆସୁନଥିଲେ । ମାମୁଁଙ୍କ ପାଖକୁ ବାରମ୍ବାର ଚିଠି ଗଲା । ସେ କିଛି ଉତ୍ତର ନଦେବାରୁ, ତାର ବି ଗଲା । ତଥାପି ଉତ୍ତର ନାହିଁ । ଭଉନାଙ୍କର ନିଜ ମାମୁଁ ତିନିଜଣ ଥିଲେ । ମୋତେ ସମସ୍ତେ ଭଲ ପାଉଥିଲେ । ତେଣୁ ମୋର ମାମୁଁ କାମ ଚଳେଇନେବା ଲଗି ସେମାନେ ଆଗେଇ ଆସିଲେ । ଅସଲ ମାମୁଁ ଆସିବେନି ବୋଲି ଭବି ବୋଉ ମନରେ ଭରି ଦୁଃଖ ହୋଇଥିଲା । ଗ୍ରିକର୍ମର ପୂର୍ବଦିନ ମାମୁଁ ହଠାତ୍ ଆସି ପହଞ୍ଚିଗଲେ । ଆଗ ସେ ମୋତେ କାଖେଇ ପକେଇଲେ । ବୋଉ ଆନନ୍ଦରେ କାନ୍ଦି ପକେଇଲା । ଯାହାହେଉ ମୋତେ ମାମୁଁ ଛେଉଣ୍ଡ ହେବାକୁ ପଡ଼ିନଥିଲା । ବ୍ରତଘରର ତିନି ଗ୍ରି ଦିନ ପୂର୍ବରୁ ଦୁଇ ଜଣ ଗୁଡ଼ିଆ ଆସି ମିଠେଇ ତିଆରିରେ ଲଗି ପଡ଼ିଥିଲେ । ପ୍ରାୟ ତିନି ଗ୍ରି ଟିଣ ଗୁଆ ଘିଅ ମିଠେଇ ତିଆରି ହେବାକୁ ଆସିଥିଲା । ଆମ ଘରେ ଆନନ୍ଦ ଓ ଉଲ୍ଲାସର ହାବୁକା ଉଠୁଥାଏ । ବ୍ରତଘର ଦିନ କର୍ମ-କର୍ମାଣି ସାରି ଭିକ୍ଷାରମ୍ଭ ହେଲା । କିଏ କ'ଣ ଭିକ୍ଷା ଦେଲେ ମୋର ମନେନାହିଁ; କିନ୍ତୁ ଏବେ ଆକାଶବାଣୀରେ ଯେଉଁ ଗୋପାଳ ଚୌଧୁରୀ ଅଛନ୍ତି ତାଙ୍କର ବୁଢ଼ାବାପା ସାଧୁ-ଚୌଧୁରୀ ଏକ ସୁନାର ତିନିଖିଅ ପଇତା କରି ମୋ ବେକରେ ପକାଇ ଦେଇଥିଲେ । ବନ୍ଧୁବାନ୍ଧବମାନେ ଟଙ୍କାଏ ଦି'ଟଙ୍କା କରି ଭିକ୍ଷା ଦେଇ ଯାଉଥାନ୍ତି । ଜଣେ ସେସବୁ କାଗଜରେ ଲେଖୁଥାଏ । ସମସ୍ତେ ମାମୁଁ ଧରିଥିବା ଥାଳୀରେ ପକେଇ ଦେଉଥାନ୍ତି । କେହି କେହି ଆଠଣା ଗ୍ରଣା ମୋ ହାତରେ ଗୁଞ୍ଜି ଦେଉଥାନ୍ତି । ମୋ ପଛପାଖକୁ ଆମ ଘରର କମ୍ପାଉଣ୍ଡର କାହ୍ନୁଆ ପତି ଓରଫ ଦଣ୍ଡାବାଲୁଙ୍ଗା (ତାଙ୍କୁ ବଡ଼ବଡ଼ିଆମାନେ ଦଣ୍ଡାବାଲୁଙ୍ଗା ବୋଲି ଡାକନ୍ତି) ଠିଆ ହୋଇଥିଲା । ଏ ଆଠଣି ଗ୍ରଣିତକ ମୁଁ ଚୁପ୍‌ଗ୍ରପ୍ ତା ହାତକୁ ବଢ଼େଇଦିଏ । ସେତକ ମୋର ନିଜ ଆୟ ଥିଲା । ଯେଉଁଗୁଡ଼ିକ ଥାଳୀରେ ପଡ଼ିଲା ସେଗୁଡ଼ାକ ନାଁ ହେଲା ସିନା ମୋତେ ଦିଆଯାଇଥିବା ଭିକ୍ଷା, କିନ୍ତୁ ସେ ସବୁ କେତେକ ମୁଦି ସମେତ ବୋଉ କାନିରେ ଚାଲାଗଲା । ସୁନାପଇତାଟା ମୋ କାନ୍ଧରେ ପଡ଼ିଥିଲା । କର୍ମଶେଷରେ ତାହା ମଧ୍ୟ କଡ଼ା ହୋଇ ବୋଉ ହାତକୁ ଗଲା ।

ତନିଗାର ଡିଆଁ :—

ବେଦୀ ଉପର କର୍ମ ସରିବା ପରେ ମୁଁ ବଂଧୁବାଂଧବମାନଙ୍କ ସହିତ ମଙ୍ଗଳା ଠାକୁରଣୀଙ୍କ ଆଡ଼େ ଗ୍ଲିଲି । ବାଜା ବାଜୁଥାଏ, ଆମେ ସମସ୍ତେ ଗ୍ଲି ଗ୍ଲି ଯାଉଥାଉ । ଏଇଟା ଥିଲା ଗାଁ'ରେ ବୁଲି ଭିକ୍ଷା କରିବା । ଗାଁ ମାଇପେ କିଏ ଗ୍ରି ପଇସା, କିଏ ଦୁଇ ପଇସା ମୋ ହାତରେ ଆଣି ଗୁଞ୍ଜିଦେଉଥାନ୍ତି । ମୋର ବ୍ୟକ୍ତିଗତ କୋଷାଧ୍ୟକ୍ଷ କାହ୍ନୁଆ ହାତରେ ମୁଁ ସେସବୁ ଗୁଞ୍ଜି ଦେଉଥାଏ । ମଙ୍ଗଳାଙ୍କଠାରେ ସାହିଟାଯାକ ଲୋକ ଠିଆ ହୋଇଥାନ୍ତି । ତିନିଟି ଗାର ପଡ଼ିଥାଏ । ମୋତେ ଆଗରୁ ଶିଖେଇ ଦିଆଯାଇ-ଥାଏ ଯେ ମାମୁଁ ମୋତେ ପଗ୍ରିବେ—କେଣେ ଯାଉଛ ବ୍ରହ୍ମଗ୍ରୀ ? ତା'ର ଉତ୍ତରରେ ମୁଁ କହିବି—ମାମୁଁ ବ୍ରତ କଲେ, ବାପା ବାହାକଲେ ନାହିଁ; ତେଣୁ ମୁଁ ଋଷି ଗ୍ଲି ଯାଉଛି । ଏସବୁ କଥାବାର୍ତ୍ତା କେବଳ ଦୁଇଗାର ଡେଇଁବା ଭିତରେ ହେବ । ତୃତୀୟ ଗାର

Digitized by srujanika@gmail.com

ଡେଇଁବା ପୂର୍ବରୁ ମାମୁଁ ଅଟକେଇ ଦେଇ ମୋତେ କହିବେ–ଅଚ୍ଛା, ଅଚ୍ଛା, ମୁଁ ତୋତେ ତିନିଟା ବାହା କରେଇ ଦେବି । ଏତେ ଲୋକ ଭିଡ଼, ଏତେ ହଇଚଇ ଭିତରେ ମାମୁଁ ମୋତେ ଅଟକେଇ ଦେବାକୁ ଭୁଲିଗଲେ । ସେ ତିନିଟା ବାହାଘର କରେଇ ଦେବେ ବୋଲି କହିବା ପୂର୍ବରୁ ମୁଁ ତୃତୀୟ ଗାର ଡେଇଁ ଯାଇଥିଲି । ହଠାତ୍ ଆଉ ଜଣେ ମାମୁଁ ଏହା ଦେଖିପାରି ମୋତେ ତୃତୀୟ ଗାର ପଛକୁ ଟାଣି ଆଣିଲେ । କିନ୍ତୁ ଏହା ଅଛପା ରହିଲା ନାହିଁ । ଗୁପ୍ତରେ ମାମୁଁଙ୍କୁ ସମସ୍ତେ ଭର୍ତ୍ସନା କଲେ । ସେଇଠୁ ମଙ୍ଗଳା ଠାକୁରଣୀଙ୍କ ପାଖରୁ ସମସ୍ତେ ଫେରିଲୁ । ମୁଁ ଘରେ ପହଞ୍ଚିବା ପୂର୍ବରୁ କେହି ଜଣେ ଦଉଡ଼ି ଆସି ବୋଉ ଆଗରେ କହିଦେଲା- ରାମ ଭୁଲ୍‌ରେ ତିନିଗାର ଡେଇଁଗଲା । ଗଛ କାଟିଲା ପରି ସେ ଦୁଲ୍‌କରି ପଡ଼ିଯାଇ ମୂର୍ଚ୍ଛା ଗଲା । ଘରେ ଗୋଟାଏ କରୁଣ ବାତାବରଣ ସୃଷ୍ଟି ହୋଇ-ଗଲା । ଆମେ ସମସ୍ତେ ଘରେ ପହଞ୍ଚିବା ବେଳକୁ ତା'ର ମୂର୍ଚ୍ଛା ଭାଙ୍ଗିବାର ଚେଷ୍ଟା ଚାଲିଥାଏ । ମୁଁ ପହଞ୍ଚିବାର କିଛି ସମୟ ପରେ ତା'ର ମୂର୍ଚ୍ଛା ଭାଙ୍ଗିଲା । କକେଇ, ମାମୁଁ, ବାପା ଓ ଅନ୍ୟାନ୍ୟ ମାମୁଁ ମାଇଁ ତାକୁ ପ୍ରବୋଧ ଦେଇ କହିଲେ–ଏତେ ମିଛ କଥାଟାଏ କିଏ ଆସି କହିଦେଲା ? ମାମୁଁ ବାତ୍‌ଫୁଲ୍ଲସି କରି କହିଲେ–"ମୁଁ ରାମକୁ ମୋ କଡ଼େ କଡ଼େ ଧରି ବଡ଼ ହୁସିଆରରେ ଦ୍ୱିତୀୟ ଗାର ଟପିବାମାତ୍ରେ ଅଟକେଇ ଦେଲି । ସେଇଠି ବାହାଘର କରେଇ ଦେବି ବୋଲି କହି ସେଉଠୁ ଫେରେଇ ଆଣିଚି । ମୁଁ ଖୁବ୍ ହୁସିଆରରେ ତାକୁ ଅଟକେଇ ରଖିଥିଲି । ମାମୁଁଙ୍କ କଥା ଶୁଣି ବୋଉ ଟିକେ ଆଶ୍ୱସ୍ତ ହେଲା ଏବଂ ଗୋଟିଏ ଜାଗାରେ ଯାଇ ଚୁପ୍‌ଚାପ୍ ବସିରହିଲା । ସମସ୍ତେ ସ୍ୱ ଚକ୍ଷୁରେ ମୋତେ ତିନିଗାର ଭିତରେ ଥିବା କଥା ଦେଖିଛନ୍ତି ବୋଲି ତାହାମିଛ କଥାଟାକୁ ଆହୁରି ଅଧିକ ମିଛ ବୋଲି କହିଲେ । ସେଇ ସମୟଠାରୁ ବୋଉର ମୁହଁରୁ ପ୍ରସନ୍ନତା ଲୁଚି ଯାଇଥିଲା ।

ବ୍ରତଘର ହେବାଯାଏ ମୁଁ ଲଙ୍ଗଳା ହୋଇ ହଗି ଯାଉଥିଲି । ଘରେ ରହିବା ସମୟତକ ସର୍ବଦା ଲଙ୍ଗଳା ହୋଇ ରହୁଥିଲି । ବୋଉ ମୋତେ ନିତି ବୁଝାଉ ଥାଏ–ଗାମୁଛା ପିନ୍ଧି ପୋଖରୀପାଣି ଯିବୁ । ପୋଖରୀପାଣି ବସିବା ବେଳେ କଛା ଖୋଲି ଆଗକଡ଼େ ଖୋସିଦେବୁ । ଛଅଞ୍ଚି (ଶୁଚି) ହେବାକୁ ଗଲାବେଳେ ଗାମୁଛା ଖସେଇ ପକେଇବୁ । ପୁଣି ପୋଖରୀରେ ଛଅଞ୍ଚି ହେଲା ବେଳେ ଗାମୁଛା ଟେକି ଛଅଞ୍ଚି ହେବୁ । ହାତମାଟି କରି ପୁଣି କଛା ମାରିବୁ ଏବଂ ଘରକୁ ଚାଲିଆସିବୁ । ହଗିବସିବାଠାରୁ ପାଣି-ସାରିବା ଯାଏ ଡାହାଣ କାନରେ ପଇତାଟା ଗୁଡାଇ ଦେଇଥିବୁ । କାନରେ କାହିଁକି ଗୁଡାଇବି ବୋଲି ପଚାରିବାରୁ ସେ ମୋତେ କହିଥିଲା–କାନରେ ଗଙ୍ଗା ଅଛନ୍ତି । ତେଣୁ ପଇତାଟା ଅପବିତ୍ର ହୁଏ ନାହିଁ । ଆଉମଧ୍ୟ ମୋତେ ବାରମ୍ବାର ତାଗିଦ୍ କରି-ଦେଇଥିଲା–ହଗିବସିବା ଓ ପରିସ୍ରା କରିବାବେଳେ କାନରେ ପଇତା ଦେବୁ ଏବଂ ମୁହଁ ଫିଟେଇ କିଛି କହିବୁ ନାହିଁ । ମୁହଁଟି ବନ୍ଦ ରଖିଥିବୁ । ଆମଘର ଆଗରେ ଥିବା ରାସ୍ତାର ଦୁଇ ପାଖରେ ପ୍ରାୟ ବାଇଶ ଏକର ଜମି ମିଶ୍ର ବଂଶର (ହରି ମିଶ୍ର ଓ ନାରଣ ମିଶ୍ର) ଥିଲା । ବହୁ ଆମ୍ବଗଛ, ବାଉଁଶ ଗଛ ଭର୍ତ୍ତି ହୋଇଥିଲା । ସେ ଦୁଇ ପାଖଯାକ ବଡ଼ ନିଛାଟିଆ ଥିଲା । କାହ୍ନୁଆ ଓରଫ୍ ଦଣ୍ଡାବାଳୁଙ୍ଗା ମୋତେ ବ୍ରତଘର ପରେ ପରେ ତା'ର

Digitized by srujanika@gmail.com

ପୁରାଣ ଫିଟେଇ କହିଲା—ହଇରେ ରାମ, ତୁ ପଇତାର ଘଇତା କିଏ ଜାଣିଚୁ ? ମୁଁ କହିଲି—ନାହିଁ । ସେ କହିଲା—ଆରେ, ଜାଣିଚୁନା; ତୋତେ ଏକୁଟିଆ ଦେଖି ଆମ୍ବ ଗଛରୁ ବ୍ରହ୍ମଦୈତ୍ୟ ଓହ୍ଲେଇ ପଚାରିଦେବ—ପଇତାର ଘଇତା କିଏ ? ତୁ ଯଦି କହି ନ ପାରିବୁ ତେବେ ସେ ତୋତେ ହାଡ଼ରେ ପିଟି ମାରି ଦେବ । ମୋର ରୁମ ଟାକୁରେଇ ଉଠିଲା । ଭାବିଲି—ଏଡ଼େ ବଡ଼ ବିପଦଟାଏ ମୋ ମୁଣ୍ଡରେ ଆଣି ଥୋଇଦେଲେ ? କେହିତ ଏକଥା କହିଲେ ନାହିଁ ! ଭୟରେ ପଚାରିଲି—ଘଇତା କିଏ ? ସେ କହିଲା—ମନେ ରଖିଥା, ଭଲ କରି ଘୋଷି ଦେଇଥା; ପଇତାର ଘଇତା ହେଉଛି ଗର୍ଣ୍ଣ । ସେଇ ଦିନଠାରୁ ମୁଁ ମନେ-ରଖିବା ପାଇଁ ଘୋଷି ଲାଗିଲି—ପଇତାର ଘଇତା ଗର୍ଣ୍ଣ............ପଇତାର ଘଇତା ଗର୍ଣ୍ଣ............ । ମୋର ମନେ ରହିଗଲା । ଆମର ସେତେବେଳେ ପାଇଖାନା ତିଆରି ହୋଇ ନ ଥାଏ । ନିଜର ବିସ୍ତୃତ ଧାନଜମିରେ ବଡ଼ି ଭୋରରୁ ଏବଂ ସନ୍ଧ୍ୟାବେଳେ ବୋଉ ଓ ଖୁଡ଼ୀମାନଙ୍କ ସାଙ୍ଗରେ ମୁଁ ଝାଡ଼ାଫେରି ଯାଉଥିଲି ।

ଦିନେ ଦି'ପହରରେ ମୋତେ ଝାଡ଼ା ଦେଖେଇଲା । ମୁଁ ବୋଉକୁ କହିଲି—ବୋଉ, ମୋତେ ଝାଡ଼ା ମାଡ଼ିଲାଣି, ମୁଁ ଏକୁଟିଆ ଯିବି କେମିତି ? ବୋଉ କହିଲା—ହଁ'ମ, ସେ ପୋଖରୀ ପାଖରେ ଲୋକ ଥିବେ । ସଡ଼କରେ ବି ତ ଲୋକ ଯିବା ଆସିବା କରୁଛନ୍ତି । ଯା' ଚାଲି ଯା' । ଅନ୍ଧାରତ ହୋଇନି, ଡରିବାର କିଛି ନାହିଁ । ମୁଁ ଦୁଇ ସାରି ପୋଖରୀକୁ ଶୌଚ ହେବାକୁ ଗଲାବେଳେ ମନେପଡ଼ିଲା ବ୍ରହ୍ମଦୈତ୍ୟ କଥା । ଭାବିଲି ବ୍ରହ୍ମଦୈତ୍ୟ ଆସି ମୋ ଆଗରେ ଠିଆହୋଇ ଗଲେ ତାକୁ ଦେଖିବାମାତ୍ରେ ତ ମୋ ଜୀବନ ଛାଡ଼ିଯିବ । ପୁଣି ପଇତାର ଘଇତା ଗର୍ଣ୍ଣ ବୋଲି ତାକୁ କହିବି କେମିତି ? ମୁଁ ମନେ ମନେ ଭାବିଲି ସେ ତ ଶୁଣି ପାରିବନି ! ସେ ନିଶ୍ଚୟ ପିଟିବ । ଏଣେ ବୋଉ ବାର-ମ୍ବାର କହିଛି ଝାଡ଼ାଫେରି ପାଣିସାରିବା ଯାଏ ପାଟିଫିଟାଇ କିଛି ହେଲେ କହିବୁନି । କିରେ କ'ଣ ? ଏବେ ବ୍ରହ୍ମଦୈତ୍ୟ ହାବୁଡ଼ରୁ ବଞ୍ଚିବି କିପରି ? କାହ୍ନୁଆ ମୋତେ ବୁଦ୍ଧି ବତେଇବା ସାଙ୍ଗେ ସାଙ୍ଗେ କହିଥିଲା—ବ୍ରହ୍ମଦୈତ୍ୟକୁ ଗର୍ଣ୍ଣ ବୋଲି କହିଦେବା ମାତ୍ରେ ସେ ଛାନିଆଁରେ ଲଙ୍ଗଳାମୁକୁଳା ହୋଇ ପଳେଇବ । ମୁଁ ନିବାରଣସୂଚକ ବା Preventive ଉପାୟ ଗ୍ରହଣ କଲି । କେହି ତ ନାହାନ୍ତି; କଥା କହିଲେ କିଏ ଅବା ଶୁଣୁଚି ? ତହୁଁ ମୁଁ ଟିକେ ଉଚ୍ଚ ସ୍ୱରରେ କହିବାକୁ ଲାଗିଲି-ମୁଁ ଜାଣିଚି ପଇତାର ଘଇତା ଗର୍ଣ୍ଣ, ମୁଁ ଜାଣିଚି ପଇତାର ଘଇତା ଗର୍ଣ୍ଣ, ମୁଁ ଜାଣିଚି ପଇତାର ଘଇତା ଗର୍ଣ୍ଣ । ଶୌଚ ସାରି ଘରକୁ ଫେରିବା ପର୍ଯ୍ୟନ୍ତ ମୁଁ ସେଇପରି କହି ଲାଗିଥାଏ । ମୋର ଦୁର୍ଭାଗ୍ୟକୁ ଜଣେ ବଡ଼ ମଣିଷ ବାଉଁଶ ବୁଦା ଅଢୁଆଳରେ ଦୁଇ କରୁଥିଲା । ସେ ଝାଡ଼ା ଫେରିସାରି ଶୌଚ ପୂର୍ବରୁ ମୋର ଏପରି କହିବାର ଶୁଣିଥିଲା । ସେ ଆସି ଘରେ କହିଦେଲା—ରାମ ଆଜି ଝାଡ଼ା ଫେରିଥିଲେ ସୁଦ୍ଧା କହୁଥିଲା—ମୁଁ ଜାଣିଚି ପଇତାର ଘଇତା ଗର୍ଣ୍ଣ । ଏଇପରି କହି କହି ସେ ଶୌଚ ହେବାକୁ ଗଲା ଏବଂ ଘରକୁ ଫେରିବା ପର୍ଯ୍ୟନ୍ତ ସେମିତି କହୁଥିଲା । ଘରେ ବିରକ୍ତିର ଢେଉ ଖେଳିଗଲା । କକେଇ ରାଗିଯାଇ କହିଲେ—ଏ ପଇତା ପିନ୍ଧିବାରେ ଏତେ ଗୁଡ଼ାଏ ଟଙ୍କା ଖର୍ଚ୍ଚ ହେଲା, ତୁ ପଇତାକୁ ନଷ୍ଟ କରିଦେଲୁ ? ପଇତା ତ ନଷ୍ଟ କଲୁ, ଏବେ ସେ ପଇତା ପାଇଁ ଯେତେ ଟଙ୍କା ଖର୍ଚ୍ଚ ହୋଇଥିଲା

Digitized by srujanika@gmail.com

ତାହା ସବୁ ଆଣ । ବୋଉ ମୋତେ କହିଲା–ହଇରେ ମୁଁ ଏତେ ବୁଝେଇ କହିଲି, ତୁ ମୋ କଥା ମାନିଲୁ ନାହିଁ ? ଏ ପଇତା ପେ ମାଗ ହୋଇଗଲା ! ପୁରୋହିତଙ୍କୁ ଡକାଗଲା । ସେ ମୋ ମୁଣ୍ଡ ଉପରେ ଠାକୁର ଗାଧୁଆ ପାଣି ସିଞ୍ଚିଦେଲେ ଏବଂ ଦୁଇ ପଟ ନୂଆ ପଇତା ମନ୍ତ୍ରରେଇ କରି ମୋତେ ପିନ୍ଧାଇ ଦେଲେ ଏବଂ ମୋ ପୁରୁଣା ପଇତା ଛିଣ୍ଡେଇ କୂଅରେ ପକେଇ ଦେବା ଲାଗି ଜଣକୁ କହିଲେ । ଏହାପରେ ମୁଁ ଆଉ ଏହାର ପୁନରୁକ୍ତି କରି ନଥିଲି । ମୁଁ ମନେ ମନେ ଠିକ୍ କରି ନେଇଥିଲି ଯେ ବ୍ରହ୍ମଦୈତ୍ୟତ ଭଇଗାବରେ ଶୁଣିସାରିଛି–ମୁଁ ପଇତାର ଘଇତା ଗର୍ଣ୍ଣି–ଏହା ଜାଣିଚି ବୋଲି । ସେ ଆଉ ଅପଦସ୍ତ ହେବାଲାଗି ମୋ ପାଖକୁ କେବେହେଲେ ଆସିବ ନାହିଁ ।

ମୁଁ ହାତରେ ଗୋଟିଏ ମୁଦି ପିନ୍ଧିଥିଲି । ତାହା ଦିନେ ହଜିଗଲା । ମଧୁଆ ପିଉସା ଘୋର ବିରକ୍ତି ପ୍ରକାଶ କରି କହିଲେ–"ସୁନା, ପାଇଲେ କରିବି ଚୂନା, ହଜେଇଲେ କରିବି ଚୂନା" । ସୁନା କେଉଁଠୁ ପାଇଲେ ଖରପ, ହଜେଇଲେବି ଖରପ । ବୋଉ ମୋ ଉପରେ ଠାକୁର ଗାଧୁଆ ପାଣି ଦୁଇତିନି ଦିନଯାଏ ସିଞ୍ଚିଥିଲା ଏବଂ ଠାକୁରଙ୍କ ପାଖରେ ମୁଣ୍ଡିଆ ମାରି ମୋ ଲାଗି ବହୁତ କିଛି ମିନତି କରିଥିଲା ।

ମୋର ବ୍ରତଘରକୁ ଆମ ସ୍କୁଲର ସବୁ ମାଷ୍ଟ୍ରେ ନିମନ୍ତ୍ରିତ ହୋଇ ଆସିଥିଲେ ଏବଂ ମୋତେ ଆଶୀର୍ବାଦ ଦେଇଯାଇଥିଲେ । ସାତମଙ୍ଗଳା ପରେ ମୁଁ ପୁଣି ସ୍କୁଲକୁ ଗଲି । ସାଙ୍ଗପିଲାମାନେ ମୋତେ ବସେଇ ଉଠେଇ ଦେଲେନି । ସମସ୍ତେ କାମିଜ ତଳୁ ପଇତାକୁ କାଢି ଘୋଷାଡ଼ିବାକୁ ଲାଗିଲେ । ଜଣେ ଅଧେ ପଗ୍ଭରିଲେ–ହଇରେ ! ମାମୁଁ ତୋତେ କେଇଟା ବାହା ଦେଲେ ? ମୁଁ କାହାକୁ କିଛି କହିଲିନି । ଅନ୍ୟମାନେ ମୋ ପାଖରେ ଆହୁରି ଥଟ୍ଟା ନକଲ ଲଗେଇଥାନ୍ତି । କିନ୍ତୁ କମଳବାବୁଙ୍କ ଭୟରେ କେହି ଅଧିକ କିଛି କହିଲେ ନାହିଁ ।

ବ୍ରତଘର ସରିବା ପରେ ପରେ ମୋତେ ଗାଧୋଇ ନିୟମିତ ରୂପେ ଠାକୁର ଘରକୁ ଯିବାକୁ ପଡ଼ିଲା । ସେଠାରେ ବୁଢ଼ାବାପା କିମ୍ବା କକେୟୀ ଚନ୍ଦନଲାଗି ହେଉ-ଥିଲେ ଏବଂ ମୋତେ ତାଲିମ୍ ଦେଉଥିଲେ । ଠାକୁର ପୂଜା କିପରି କରିବାକୁ ହେବ ବିଶେଷକରି ଠାକୁର ଗାଧୋଇଦେବା, ଚନ୍ଦନଲାଗି କରାଇବା ଏବଂ ଗେଷେଇ ସରି-ଗଲେ ଠାକୁରଙ୍କୁ କିପରି ଭୋଗ କରିବାକୁ ହେବ ତାହାସବୁ ଶିଖାଇ ଦେଉଥିଲେ । ୨।୩ ଟା ଦିନରେ ମୁଁ ସେ ସବୁ ଆୟତ୍ତ କରିନେଲି । ବୁଢ଼ାବାପା ମୋ ଉପରେ ଖୁବ୍ ଖୁସି ହୋଇଗଲେ ।

ଆମ ଘରେ ଗେଷେଇ ପରେ ଠାକୁରଙ୍କୁ ପୂଜା ନକଲେ କେହି ଖାଆନ୍ତି ନାହିଁ । ଦିନବେଳା ଖାଇ ପିଇସାରି ୯ଟା ବେଳେ ଆମେ ସ୍କୁଲକୁ ବାହାରୁ । ଏଣେ ଠାକୁର ପୂଜା ନକରି ଖାଇବା ନିଷିଦ୍ଧ ଥିଲା । ବୁଢାବାପା, କକେୟୀ ସେତେବେଳେ ଔଷଧ ଘରେ ରୋଗୀଙ୍କ ପାଖରେ ବ୍ୟସ୍ତଥାନ୍ତି । ଠାକୁର ପୂଜା କରିବା ସେମାନଙ୍କ ପକ୍ଷରେ ସମ୍ଭବ ନଥାଏ । ବାଧ୍ୟ ହୋଇ ଭଇନା କିମ୍ବା ମୁଁ ଠାକୁରପୂଜା କରି ଖାଇବସୁ ।

Digitized by srujanika@gmail.com

ତାପରେ ବାହାରୁ, ଘଡ଼ିବେଳା ଆମେ ଘରେଇ ମାଷ୍ଟରଙ୍କ ପାଖରେ ପାଠ ପଢୁ। ବୁଢ଼ାବାପା ଓ କକେୟୀ ନୟାସଡ଼କରେ ଥିବା ଆମ ଔଷଧ ଦୋକାନରୁ ଫେରି ଘରେ ନ ପହଞ୍ଚିବା ପର୍ଯ୍ୟନ୍ତ ଆମର ପଢ଼ା ସରିବାର ଉପାୟ ନଥାଏ । ସେମାନେ ଫେରିବା ପର୍ଯ୍ୟନ୍ତ ଆମର ପଢିବାର ଧୈର୍ଯ୍ୟ ନଥାଏ । ଆମେ ଢ଼ୋଳେଇ ଢ଼ୋଳେଇ ବେଳେବେଳେ ବହି ଉପରେ ମୁଣ୍ଡ ମାଡ଼ିଦେଉ । ମାଷ୍ଟରଙ୍କ ଖିଙ୍କାର ଓ ସମୟେ ସମୟେ ବେତ ଆମକୁ ଉଠାଇ ଦେଉଥିଲା । ବେଳେ ବେଳେ ସ୍ୱୟଂ ମାଷ୍ଟର ଏକାବେଳକେ ଲମ୍ବିଯାଇ ଘୁଙ୍ଗୁଡ଼ି ମାରନ୍ତି । ଆମକୁ ତାଗିଦ୍ କରି ଦିଅନ୍ତି ଯେ ବୁଢ଼ାବାପାଙ୍କର ଫେରିବା ସମୟ ହୋଇଗଲେ ତାଙ୍କୁ ଉଠାଇ ଦେବାକୁ ହେବ । ଆମ୍ଭେମାନେ ମଧ୍ୟ ଏଥିରେ ସମ୍ମତ ହୋଇଯାଉ । ମାଷ୍ଟେ ଶୋଇପଡ଼ିଲେ ଆମକୁ ପଢ଼ାପଢିରୁ ଅବ୍ୟାହତି ମିଳିଯାଏ । ଆମେ ବରଣ୍ଡାରେ ଟିକେ ବୁଲବୁଲି କିମ୍ବା ଗପସପ କରୁ । ରାସ୍ତାକୁ ବରବର ନଜର ଦେଇଥାଉ । ସେମାନେ ଫେରିବାବେଳେ ପ୍ରଥମେ ଆମର ଦ୍ୱିତୀୟ କମ୍ପାଉଣ୍ଡର୍ ଲଣ୍ଠନଟିଏ ଧରି ଆଗେ ଆଗେ ଆସେ । ତା' ପଛରେ ବୁଢ଼ାବାପା ବାଡ଼ିଟିଏ ଧରି ଚାଲି ଚାଲି ଆସନ୍ତି ଓ ତାଙ୍କ ପଛରେ କକେୟୀ ଆସନ୍ତି । ଏ ଦୃଶ୍ୟ ଦୂରରୁ ଦେଖିବା ମାତ୍ରେ ଆମେ ଚଟାପଟ୍ ବହି ପାଖରେ ବସିଯାଇ ମାଷ୍ଟରଙ୍କୁ ଉଠାଇ ଦେଇ ବଡ଼ପାଟିରେ ବହି ଘୋଷିବାରେ ଲାଗିଯାଉ । ମାଷ୍ଟେ ମଧ୍ୟ ଖୁବ୍ ବଡ଼ପାଟିରେ ଆମକୁ ବୁଝାଇବାକୁ ଲାଗି ପଡ଼ନ୍ତି । ବୁଢ଼ାବାପା ଓ କକେୟୀ ଆମ ପଢିବାର ଓ ମାଷ୍ଟରଙ୍କ ପଢ଼ାଇବାର ନିଷ୍ଠା ଦେଖି ଖୁବ୍ ଖୁସି ହୋଇଯାନ୍ତି । ଘରେ କକେୟୀ ଗାମୁଛା ପାଲଟି, ଗୋଡ଼ ହାତ ଧୋଇ ଠାକୁର ଘରକୁ ଯା'ନ୍ତି । ବୋଉ ଥାଳିରେ ଭତ ନେଇ ଥୋଇଦେଇ ଆସେ । କକେୟୀ ପୂଜା କରିସାରିବା ପରେ ବୋଉ ଥାଳି ନେଇ ଆସେ । କକେୟୀ ଠାକୁରଙ୍କୁ ଘୋଡ଼ାଘୋଡ଼ି କରି ଦେଇ କବାଟ ଲଗାଇ ଦେଇ ଚାଲି ଆସନ୍ତି । ଠାକୁର ପୂଜା ଘଣ୍ଟି ଆମ କାନରେ ପଡ଼େ । ଆମେ ବହିପତ୍ର ବୁଜିବାର ଉପକ୍ରମ କରୁ । ଅଳ୍ପ ସମୟ ଭିତରେ ଘରୁ ଆମ ୩ ଜଣଙ୍କୁ ଡାକରା ଆସେ । ଆମେ ତିନିହେଁ ବହିପତ୍ର ଥୋଇଦେଇ ଘରକୁ ଚାଲିଯାଉ । ନିତି ଯେ ଏହିପରି ହୁଏ ତାହା ନୁହେଁ । ଦିନେ ଦିନେ ବୁଢ଼ାବାପା ବଜାରକୁ ଯିବାପରେ ଆମ ପଢ଼ା କୋଠରୀରେ ତା'ସ ଖେଳ ଆରମ୍ଭ ହୋଇଯାଏ । ଘମାଘୋଟ ପାଟିତୁଣ୍ଡ ଚାଲେ । ବୁଢ଼ାବାପାଙ୍କର ବଜାରରୁ ପ୍ରତ୍ୟାବର୍ତ୍ତନର ସଙ୍କେତ ପାଇବାମାତ୍ରେ ସବୁ ଚୁପ୍‌ଚାପ୍ ହୋଇଯାଏ । ମାମୁଁ, ମଉସା, ପିଉସାମାନେ ଘର ଭିତରୁ ବାରଣ୍ଡାକୁ ଚାଲିଯା'ନ୍ତି ଏବଂ ଭଦ୍ରଲୋକ ପରି ନିଜ ନିଜ ଭିତରେ ସେହିଠାରେ ଗପସପ କରନ୍ତି ।

ବ୍ରତଘର ବେଳେ ଭିକ୍ଷା ଟଙ୍କାରୁ ମୁଁ କିଛି ଆତ୍ମସାତ୍ କରି କାନ୍ଥୁଆ ଜିମାରେ ଲୁଚାଇ ରଖିଥିଲି । ପରେ ତାହା ଗଣିବାରେ ଟ ୩.୦୦ କେତେ ଅଣା ହୋଇ ଥିଲା । ସେଥିରେ ରମାନାଙ୍କ ପରାମର୍ଶକ୍ରମେ ଗୋଟାଏ ଫୁଟ୍‌ବଲ୍ କିଣାଗଲା । ତାହା ବୋଧହୁଏ ୩ ବା ୪ ନମ୍ବରର ଥିଲା । ତା'ର ଦାମ୍ ଥିଲା ଟ ୩.୦୦ । ଆମ ବିଲରେ ଫୁଟ୍‌ବଲ ଖେଳିବା ପାଇଁ ଯାଗା ବି ମିଳିଗଲା । ସେଠି ଆମେ ସମସ୍ତେ ମିଶି ଖୁବ୍ ଫୁଟ୍‌ବଲ୍ ଖେଳିଲୁ । ପାଟିରେ ଫୁଙ୍କି ବନ୍ଧାବନ୍ଧି କରିଦେଲେ ସେଇଟା ଫୁଟ୍‌ବଲ୍ ପରି

Digitized by srujanika@gmail.com

ବିଶେ ସତ କିନ୍ତୁ ମାରିଲାବେଳେ ଧପ ଧପ ଶବ୍ଦ ହୁଏ । କାରଣ ସେଥିରେ ପାଟିଦ୍ୱାରା ଯଥେଷ୍ଟ ପବନ ଭର୍ତ୍ତି କରି ହେଉ ନଥିଲା । ସ୍କୁଲରେ ଗୋଟିଏ ଫୁଟ୍‌ବଲ୍ ପମ୍ପ ଥିଲା । ଆମେ ଦିନେ ଦିନେ ଫୁଟ୍‌ବଲ୍‌ରେ ପମ୍ପ ଦେବା ଲାଗି ତାହା ସ୍କୁଲକୁ ଆଣୁଥିଲୁ । ସ୍କୁଲକୁ ଆଣିବା ଫଳରେ ନାନା ଗଣ୍ଡଗୋଳ ସେଠି ହେଲା । ଅନ୍ୟମାନେ ସମୟ ସମୟରେ ତାହା ଆମଠାରୁ ଛଡ଼ାଇ ନେଇ ସେଥିରେ ଖେଳିଲେ । ଥରେ ଖେଳିଲାବେଳେ ତହିଁରେ ଗୋଟିଏ କଣ୍ଟା ପଶିଯାଇ ସେଥିରେ ଗୋଟାଏ କଣା ହୋଇଗଲା । ଆମ ଘର ପାଖରେ ଥିବା ଜଣେ ବନ୍ଧୁଙ୍କ ଘରେ ତାକୁ ପ୍ୟାଚ୍ କରିବାକୁ ଦେଇଥିଲୁ । ସେ ସେହି ବ୍ଲାଡ଼ରଟିକୁ କେଉଁଠି ହଜାଇଦେଲେ । ଆଜି ଦେବି, କାଲି ଦେବି କହି ବହୁତ ଭଣ୍ଡାଇବା ପରେ ସେ ମୋତେ ଘଉଡ଼ାଇ ଦେବାଲାଗି ଗୋଟିଏ ଉପାୟ ସ୍ଥିର କଲେ । ମୁଁ ପହଞ୍ଚିବା ମାତ୍ରେ ସେ ମୋତେ ପାଠ ପଢ଼ାର ପ୍ରଶ୍ନମାନ ପଚାରିବା ଆରମ୍ଭ କରିଦେଲେ । ମୁଁ ପ୍ରଶ୍ନଗୁଡ଼ିକରେ ବ୍ୟତିବ୍ୟସ୍ତ ହୋଇ ଦୌଡ଼ି ପଳାଇ ଆସିଲି । ୨।୩ ଥର ଫେରିବା ପରେ ରମାନା କହିଲେ-ରହ ମୁଁ ଗୋଟିଏ ବ୍ଲାଡ଼ର ନେଇ ଆସୁଛି । ତହୁଁ ସେ ତାଙ୍କ ବୁଢ଼ାବାପାଙ୍କ ପାଖକୁ ଯାଇ କହିଲେ–

ବାପା ! ମୁଁ ଗୋଟିଏ ଫୁଟ୍‌ବଲ୍ କିଣିବି । ମୋତେ ଚାରିଟା ଟଙ୍କା ଦିଅ ।

ବଡ଼ ବୁଢ଼ାବାପା ଜାଣିଥିଲେ ଯେ ପିଲାମାନେ କେବଳ ବହିପତ୍ର କିଣିବା ଲାଗି ପଇସା ମାଗନ୍ତି । ରମାନାଙ୍କ ବୋଉଙ୍କ ଘର ପୁରୀରେ ହୋଇଥିବାରୁ ସେ ବାପାଙ୍କୁ ନନା ଓ ବୁଢ଼ାବାପାଙ୍କୁ ବାପା ବୋଲି ଡ଼ାକୁଥିଲେ । ଆମେ କିନ୍ତୁ ଏଥିରେ ଅଭ୍ୟସ୍ତ ନ ଥିଲୁ । ମୋ ବୋଉ କଟକ ଜିଲ୍ଲାର ହୋଇ ଥିବାରୁ ସେ ବାପାଙ୍କୁ ବାପା ଏବଂ ବୁଢ଼ା-ବାପାଙ୍କୁ ବୁଢାବାପା ଡାକିବାକୁ ଶିଖାଇ ଦେଇଥିଲା । ଆମର ସେହି ଚଳଣି ଥିଲା । ରମାନାଙ୍କ ବୁଢ଼ାବାପା ଯାହାଙ୍କୁ କି ଆମେ ବଡ଼ ବୁଢ଼ାବାପା ବୋଲି ଡାକୁଥିଲୁ ସେ ଚଟାପଟ୍ ଚାରିଟି ଟଙ୍କା ଦେଇ ଦେଲେ । ସଙ୍ଗେ ସଙ୍ଗେ ଆଉ ଗୋଟିଏ ଭଲ ଫୁଟ୍‌ବଲ୍ ଆସିଗଲା । ଆମ ଖେଳରେ ଆଉ କିଛି ବ୍ୟାଘାତ ଘଟିଲା ନାହିଁ । ଆମର ଆଗ ଫୁଟ୍-ବଲ୍‌ଟିକୁ ଆମେ ଅତିଶୀଘ୍ର ଭୁଲିଗଲୁ । କାରଣ ସେହିଟା ପୂରା ଗୋଲ୍ ନଥିଲା । ପମ୍ପ ଦେବା ପରେ ତା'ର ଆକାର ବଡ଼ ବିଚିତ୍ର ଧରଣର ହୋଇଯାଉଥାଏ । ଗୋଲ୍ ଅଥଚ ଟିକେ ଚେପଟା । ସେହିଟା ଏପରି କାହିଁକି ହେଲା ଆମେ ତାହା କହିବାକୁ ଅସମର୍ଥ । ବଡ଼ ବୁଢ଼ାବାପା ରମାନାଙ୍କୁ ଚାରି ଟଙ୍କା ଦେଇ କିଛି ଦିନପରେ ତାଙ୍କ ଘରେଇ ମାଷ୍ଟର୍‌ଙ୍କୁ ଯାଇ ପଚାରିଲେ–

ହଇହୋ ମାଷ୍ଟେରେ ! ଆମ ରଘୁନାଥ (ରମାନାଙ୍କୁ ତାଙ୍କର ଦତ୍ତ ନାମ) କ'ଣ ଗୋଟିଏ ଫୁଟୁବଲ ବହି କିଣିବ ବୋଲି ମୋଠୁ ୪ ଟଙ୍କା ଆଣିଲା । ସେ ବହି କିଣିଲା ନା ? ମାଷ୍ଟେ ବଡ଼ ବିବ୍ରତ ହୋଇ ପଡ଼ିଲେ । ଯଦି ସତ କଥାଟା କହି ଦେଉ-ଛନ୍ତି ତେବେ ରମାନା ଗାଳି ଫଜିତ ଏବଂ ମାଡବି ଖାଇବାର ଆଶଙ୍କା ଥିଲା । ତେଣୁ ସେ କହିଦେଲେ–

ହଁ ହଁ କିଣିଛି ।

Digitized by srujanika@gmail.com

ବଡ଼ ବୁଢ଼ାବାପା ପଗ୍ଭରିଲେ—କ'ଣ ସେଇଟା ସଂସ୍କୃତ ବହି ତ ?

ମାଷ୍ଟ୍ରେ କହିଲେ—ହଁ ହଁ ।

ବଡ ବୁଢ଼ାବାପା ମାଷ୍ଟ୍ରଙ୍କୁ ତାଗିଦ୍ କରି କହିଲେ—

ତାକୁ ଶ୍ଳୋକ ଗୁଡ଼ାକ ପୂରପୂରି ଘୋଷେଇ ଦେବ ।

ମାଷ୍ଟ୍ରେ ମଧ୍ୟ ତାହା କରିବାକୁ ସମ୍ମତ ହୋଇଗଲେ । ବଡ଼ ବୁଢ଼ାବାପା ମନ ଖୁସିରେ ଘରକୁ ଫେରିଗଲେ ।

ବଡ଼ ବୁଢ଼ାବାପାଙ୍କର ଅସାଧାରଣ ସଂସ୍କୃତ ଜ୍ଞାନ ଥିଲା । ସଂସ୍କୃତ ଶ୍ଳୋକ ତାଙ୍କର ଏତେ ମନେ ଥିଲା ଯେ ଆମେ ତାହା ଜାଣି ଆଶ୍ଚର୍ଯ୍ୟ ହୋଇ ଯାଉଥିଲୁ । ସେ ବାଟରେ ଗଲାବେଳେ ଯଦି କାହାକୁ ଗୋଟିଏ ସଂସ୍କୃତ ଶ୍ଳୋକ ବୋଲୁଥିବାର ଶୁଣନ୍ତି ତାଙ୍କର ଯେତେ କାମ ଥାଉ ପଛକେ ସେଇଠି ଅଟକି ଯାଇ ଶ୍ଳୋକର ପରପାଦଟିକୁ ନିଜେ ବୋଲି ଦେଉଥିଲେ । ପ୍ରଥମ ବ୍ୟକ୍ତି ଯେତେ ଶ୍ଳୋକ ବୋଲୁଥିଲା ସେ ସବୁଗୁଡ଼ିକର ଦ୍ୱିତୀୟ ପାଦଟି ବଡ଼ ପାଟିରେ ବୋଲି ଦେଉଥିଲେ । ପ୍ରଥମ ବ୍ୟକ୍ତି ଚୁପ୍ ନହେବା ପର୍ଯ୍ୟନ୍ତ ସେ ସେସ୍ଥାନଟି ଛାଡୁ ନଥିଲେ ।

ଥରେ ବହୁଦିନ ପରେ ଏହି ବିଷୟ ନେଇ ଗୋଟିଏ ବଡ କୌତୁକପ୍ରଦ ଘଟଣା ଘଟିଥିଲା । ଦିନେ ସକାଳେ ବଡ଼ ବୁଢ଼ାବାପା ଦୁଇ ର ଜରୁରୀ ଡାକର ପାଇ ଗାମୁଛା ଖଣ୍ଡେ ପିନ୍ଧି ବିଲକୁ ତରତର ହୋଇ ଯାଉଥିଲେ । ମଜା ଦେଖିବାଲାଗି ଜଣେ ସଂସ୍କୃତିଆ ମାମୁଁ ଘର ଭିତରୁ ତାଙ୍କ କାନରେ ପଡ଼ିବା ଭଳି ଗୋଟିଏ ଶ୍ଳୋକର ପ୍ରଥମ ପାଦଟି ବଡ଼ ପାଟିରେ ପଢି ଦେଲେ । ବଡ଼ ବୁଢାବାପା ଝାଡ଼ାର ତଲବକୁ ଅସ୍ୱୀକାର କରି ସେହିଠାରେ ଠିଆ ହୋଇଗଲେ । ସଙ୍ଗେ ସଙ୍ଗେ ସେ ଶ୍ଳୋକର ପରପାଦଟିକୁ ପୂରଣ କରିଦେଲେ । ମାମୁଁ ଆଉ ଗୋଟିଏ ଶ୍ଳୋକ ବୋଲିଲେ । ବଡ଼ବୁଢାବାପା ତାକୁ ମଧ୍ୟ ପୂରଣ କରିବାକୁ ଛାଡ଼ିଲେ ନାହିଁ । ଏହିପରି ୪।୫ଟି ଶ୍ଳୋକ ପୂରଣ କରି ସାରି ସେ ଛଟପଟ ହେବାକୁ ଲାଗିଲେ । ପେଟକୁ ଚିପିଧରି ଓ ଅଣ୍ଟାକୁ ହଲାଇ ସେ କଷ୍ଟ ପାଉଥିବାର ଲକ୍ଷଣମାନ ପ୍ରକାଶ କଲେ । ତଥାପି ସେ ନଛୋଡ଼ ବନ୍ଧା । ମାମୁଁ ପୁଣି ଶ୍ଳୋକ ଚଲାଇଲେ । ତଥାପି ବଡ ବୁଢ଼ାବାପା ଛାଡ଼ିଲେ ନାହିଁ । ଏହି ସମୟରେ ଆମର ପିଉସା ମାମୁଁଙ୍କୁ ଆସି ଚୁପ୍‌ଚୁପ୍ କରି ଗାଳିଦେଇ କହିଲେ—ହେଦ୍, ବୁଢ଼ାଟା କେତେ କଷ୍ଟ ପାଇଲାଣି, ଚୁପ୍ କରିଯା ।

ମାମୁଁ ଚୁପ୍ ହୋଇ ଗଲେ । ମାମୁଁ ପରସ୍ତ ହୋଇଗଲେ ବୋଲି ଜାଣି ବଡ଼ ବୁଢ଼ାବାପା ବିଲକୁ ବିଜୁଳି ମାରିଲା ଭଳି ଛାଡ଼ି ପଳାଇଲେ । ସେ ଦୃଶ୍ୟଟା ଆଜିପର୍ଯ୍ୟନ୍ତ ମୋ ଆଖି ଆଗରେ ନାଚି ଯାଉଛି ।

ବଡ଼ ବୁଢ଼ାବାପା ଏକାଯେ ଫୁଟ୍‌ବଲକୁ ସଂସ୍କୃତ ବହି ବୋଲି ଜାଣିବାରେ ଭୁଲ୍ କରିଥିଲେ ତାହା ନୁହେଁ । ଆମ ବୁଢ଼ାବାପା ମଧ୍ୟ ସେହିପରି ଦିନେ ପିଉସାଙ୍କୁ ପଗ୍ଭରି- ଥିଲେ—

Digitized by srujanika@gmail.com

ହଇହୋ ! ତା'ସ୍ ଗୋଟାଏ କି ଜିନିଷ ? ପିଉସା ତାଙ୍କୁ କହିଦେଲେ– ସେଇଟା ଗୋଟାଏ ବାଉନପତ୍ରିଆ ବହି ।

ବୁଢ଼ାବାପା ପୁଣି ପଚାରିଲେ–ଏ ବାଉନପତ୍ରିଆ ବହି ପାଇଁ ଏ ଘ୍ରହାଳି ଘରେ ବେଳେବେଳେ ଏମିତି କାହିଁକି ପାଟିତୁଣ୍ଡ ହେଉଛି ? ପିଉସା ବୁଝାଇ ଦେଇଥିଲେ– କିଏ କହୁଛି ଏଇଟା ଠିକ୍ କିଏ କହୁଛି ଏଇଟା ଭୁଲ୍ । ଏହିଥିରୁ ପାଟି ହଉଛି ।

ପାଠ ଉପରେ ଏପରି ରଦଖଦ ହେଉଥିବା କଥା ଶୁଣି ବୁଢ଼ାବାପା ଆଶ୍ୱସ୍ତ ହୋଇଯାଇଥିଲେ, ଦୁଇ ବୁଢ଼ାବାପାଙ୍କର ଜ୍ଞାନ ଦେଖି ସେଠାରେ ସମସ୍ତେ ବେଶ୍ ଆନନ୍ଦ ଉପଲବ୍ଧି କରିଥିଲେ ।

ବଡ଼ ବୁଢ଼ାବାପା ଇଂରାଜୀରେ 'ଇ' ଅକ୍ଷର ଧାର ଧାରି ନ ଥିବାରୁ ଓ ଖାର୍ଣ୍ଣି ଫସ୍ତୁତ ପାଠୁଆ ଥିବାରୁ ଫୁଟବଲ୍‌କୁ ଫୁଟବଲ୍ ବହି ବୋଲିଭବି ତାହା କିଣିବାକୁ ଟଙ୍କା ଦେଇଥିଲେ ଏବଂ ବୁଢାବାପା ତା'ସ୍‌କୁ ବାଉନପତ୍ରିକା ବହି ଭବି ଖେଳବେଳେ ହେଉ-ଥିବା ଗଣ୍ଡଗୋଳକୁ ପାଠ ଆଲୋଚନା ବୋଲି ମଧୁଆ ପିଇସାଙ୍କ କଥାରେ ବିଶ୍ୱାସ କରି ଯାଇଥିଲେ । ଆମେ ଇଂରେଜୀ ପଢୁଆମାନେ କିଛି କମ୍ ପାରିଲାପଣ ଦେଖାଇ ନଥିଲୁ । ଆମ ଘରେ ବାପା ତାଙ୍କ ଅମଳର କବିରାଜି ଖ୍ୟାବୃଦ୍ଧି ପାଇଁ ଗୋଟିଏ ସୁଦୃଶ୍ୟ ବନ୍ଧେଇ ସାର୍ଟିଫିକେଟ୍ ଖାତା କରି ରଖିଥିଲେ । ତହିଁରେ ମିଷ୍ଟର୍ ଦାସଙ୍କଠାରୁ ଆରମ୍ଭକରି କଟକର ଅଧିକାଂଶ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ଓ ରେଭେନ୍‌ସା କଲେଜିଙ୍କର ପ୍ରଫେ-ସର ବି. ଭି. ଗୁପ୍ତ ସାଚ୍ଚିଦାକାନ୍ତ ଗାଙ୍ଗୁଲି ଓ ଅନ୍ୟକେତେକ ଉଚ୍ଚ ସରକାରୀ କର୍ମ-ଘରୀମାନଙ୍କର ସାର୍ଟିଫିକେଟ୍‌ସବୁ ସେଇମାନଙ୍କ ହାତରେ ଲେଖା ହୋଇ ରହିଥିଲା । ସେ ଖାତାଟି ମୋ ଆଖିରେ ପଡ଼ିବାମାତ୍ରେ ମୁଁ ତାର ସଦ୍‌ବ୍ୟବହାର କରିବା ଲାଗି ଚଞ୍ଚଳ ହୋଇ ଉଠିଲି । ସେଥିର କାଗଜଗୁଡ଼ିକ ଭରି ବଢିଆ ଥିଲା । ତେଣୁ କେତେଗୁଡ଼ିଏ କାଗଜ ସାର୍ଟିଫିକେଟ୍ ଲେଖାରେ ନଷ୍ଟ ହୋଇଯାଇଛି ଭବି ମୁଁ ସେଗୁଡାକ ଚିରି ଫୋପାଡ଼ି ଦେଲି ଏବଂ ବାକି କାଗଜରେ ଡ୍ରଇଁସବୁ କଲି । ମୋ ଇଂରେଜି ପଢ଼ା କରା-ମତି କେବଳ ଏତିକି ନୁହେଁ, ସେ ସମୟରେ ବାପା ବିଶ୍ୱନାଥ କରଙ୍କ ଦ୍ୱାରା ସମ୍ପାଦିତ ଉତ୍କଳସାହିତ୍ୟ ପତ୍ରିକାର ଆଜୀବନ ଗ୍ରାହକ ହୋଇଥିଲେ । ଗୋଟିଏ ପିଅନ ମାସକୁ ମାସ ଖଣ୍ଡେ ଲେଖାଏଁ ଉତ୍କଳସାହିତ୍ୟ ଆମ ଘରେ ଆଣି ଦେଇ ଯାଉଥିଲା । ବାପା ତାକୁ ସଜେଇ ସାଜେଇ ଗୋଟିଏ ବଡ ଆଲମାରିର ତଳ ଥାକରେ ଅତି ଯତ୍ନର ସହ ରଖିଥିଲେ । ଦିନେ ମୋର ଶନିଦୃଷ୍ଟି ତା' ଉପରେ ପଡ଼ିଗଲା । ସେଥିରୁ ଗୋଟିଏ କାଢି ଆଣି ଖୋଲିଲି । ପ୍ରଥମେ ଜଣେ ରଜାଙ୍କର ସୁନ୍ଦର ଫଟୋଟିଏ ଥିଲା । ଫଟୋଟିକୁ ମୁଁ ଚିରିଆଣି ମୋ ପାଠ୍ୟପୁସ୍ତକ ସଜାଇବାଲାଗି ଅଠାରେ ମାରିଦେଲି ଏବଂ ବହିଟିକୁ ଫୋପାଡ଼ିଦେଲି । କେତେ ପତ୍ରିକାରେ ଫଟୋ ଥିଲା ଓ କେତେ ପତ୍ରିକାରେ ନଥିଲା । ଫଟୋଥିବା ସବୁ ପତ୍ରିକାଗୁଡ଼ିକ ଚିରି ମୋ ବହିରେ ଅଠାଦେଇ ମାରିଲି । ମୋ ପାଠ୍ୟ-ପୁସ୍ତକ ଗୁଡ଼ିକ ସଜାଇ ସାରି ଯେଉଁ ଫଟୋଗୁଡ଼ିକ ବଳିପଡ଼ିଲା ତାକୁ କାନ୍ଥରେ ବାଡ଼ରେ

Digitized by srujanika@gmail.com

ମାଇଲି । ସବୁଯାକ ପତ୍ରିକା ମୋ ଶନିଦୃଷ୍ଟିରେ ପଡ଼ି ଧ୍ୱଂସ ପାଇଗଲା । ଏବେ ମନେ ପଡ଼ିଲେ ମୁଁ ଡହଳବିକଳ ହୋଇଯାଉଛି ।

ମୋର ଜଣେ ବଂଧୁ ପନ୍ଦର ହଜାର ଟଙ୍କାରେ ତାଙ୍କର 'ଉତ୍କଳସାହିତ୍ୟ ସେଟ୍' ଟି ଗୋଟିଏ ବିଶ୍ୱବିଦ୍ୟାଳୟକୁ ବିକ୍ରୟ କଲେ । କେଡ଼େ ବଡ଼ ମୂଲ୍ୟବାନ ସମ୍ପଦଟି ମୁଁ ମାଙ୍କଡ଼ାମି କରି ନଷ୍ଟ କରିଦେଲି ତାହା ଭାବି ଏବେ ମୁଁ ମୁଣ୍ଡରେ ହାତ ଦେଉଛି ।

ଭଇନା ଓ ମୁଁ ନୂଆ ଷଷ୍ଠ ଶ୍ରେଣୀ ବା ପୁରୁଣା ଦ୍ୱିତୀୟ ଶ୍ରେଣୀରେ ବସିଲୁ । ପଢ଼ା ଆରମ୍ଭ ହୋଇ ନଥାଏ । ମୋନା ଓ କାହ୍ନୁ ଜଣେଇ ଆମର ଉପର କ୍ଲାସ ଅର୍ଥାତ୍ ନୂଆ ସପ୍ତମ ଶ୍ରେଣୀ ବା ପୁରୁଣା ଅଷ୍ଟମ ଶ୍ରେଣୀରେ ବସିଲେ । ନନ୍ଦନନ୍ଦନ ମହାପାତ୍ର ଓରଫ ଫେଲୁ ଓ ସଚ୍ଚିଦାନନ୍ଦ ମହାପାତ୍ର ଆଦି ଛାତ୍ରମାନେ ସ୍କୁଲରୁ ପାସ୍‌କରି ଚାଲିଗଲେ । ସେମାନେ ସ୍କୁଲକୁ ଆସୁଥାନ୍ତି କେବଳ ସ୍କୁଲ ଲିଭିଂ ସାର୍ଟିଫିକେଟ୍ ନେବା-ଲାଗି । ଏହି ସମୟରେ ଦିନେ ରାତିରେ ହେଡ୍‌ମାଷ୍ଟରଙ୍କ ଅଫିସ୍‌ର ଝରକିବାଟେ ଚୋର ପଶି ସ୍କୁଲ ଘଣ୍ଟାଟିକୁ ଚୋରିକରି ନେଇ ପଳାଇଲା । ହେଡ୍‌ମାଷ୍ଟର ଇନିସ୍‌ପେକ୍ଟରଙ୍କୁ ଖବର ଦେଲେ । ସେତେବେଳେ ଇନିସ୍‌ପେକ୍ଟର ଆମ ସ୍କୁଲ ପାଖରେ ଥିବା ଗୋଟିଏ କ୍ୱାଟରସ୍‌ରେ ରହୁଥାନ୍ତି । ସେ ହେଡ୍‌ମାଷ୍ଟରଙ୍କୁ ପାସ୍ କରିଥିବା ପିଲାମାନଙ୍କୁ ସ୍କୁଲ ଲିଭିଂ ସାର୍ଟିଫିକେଟ୍ ନ ଦେବା ଲାଗି ଆଦେଶ ଦେଲେ । ସେ କହିଲେ ଅନୁସନ୍ଧାନ ହୋଇସାରିଲାପରେ ସ୍କୁଲ ଲିଭିଂ ସାର୍ଟିଫିକେଟ୍ ଦେବ । ହେଡ୍‌ମାଷ୍ଟରଙ୍କ ପେଟରେ ଏ କଥାଟି ଲୁଚି ରହିପାରିଲା ନାହିଁ । ଏଣେ ସ୍କୁଲ ଛାଡ଼ିଥିବା ପିଲାମାନେ ହାଇସ୍କୁଲରେ ନାମ ଲେଖାଇବା ଲାଗି ସ୍କୁଲ ଲିଭିଂ ସାର୍ଟିଫିକେଟ୍ ମାଗିଲେ ଓ କୁଆ ବସାରେ ଢ଼ିମଣି ପଶିଲାଭଳି ପାଟି ହାଉହାଉ କଲେ । ହେଡ୍‌ମାଷ୍ଟେ ପିଲାମାନଙ୍କୁ ଇନିସ୍‌ପେକ୍ଟରଙ୍କ ଆଦେଶଟି ଶୁଣାଇ ଦେଲେ । ପିଲାମାନେ ଯାଇ ଘରେ ଅଭିଭାବକମାନଙ୍କୁ ଏ କଥା କହିଦେଲେ । ଫଳରେ ଅଭିଭାବକମାନେ ଆସି ମାଛହାଟର ପାଟି ସୃଷ୍ଟି କଲେ । କାଚୁର୍ କାଚୁର୍ ହୋ ହାରେ ସ୍କୁଲ ଅଫିସ୍ କମ୍ପିଲା । ଫେଲୁ ପୋଲିସ୍ ସାହେବ ଶ୍ରୀକୃଷ୍ଣ ମହା-ପାତ୍ରଙ୍କ ପୁଅ ଥିଲେ । ଶ୍ରୀକୃଷ୍ଣ ମହାପାତ୍ର କଥାଟା କଣ ବୁଝିବାଲାଗି ତାଙ୍କ ଗୃହଶିକ୍ଷକଙ୍କୁ ପଠାଇଲେ । ଗୃହଶିକ୍ଷକ କିଛି ଯା'ର ତା'ର ଗୃହଶିକ୍ଷକ ନୁହଁନ୍ତି, ଖୋଦ୍ ପୁଲିସ-ସାହେବଙ୍କ ପୁଅର ଗୃହଶିକ୍ଷକ । ସେ ଆସି ହେଡ୍‌ମାଷ୍ଟରଙ୍କ ଉପରକୁ ମାର ମାର ହୋଇଗଲେ । ରାଗରେ ପାଚିଯାଇ ହେଡ୍‌ମାଷ୍ଟଙ୍କୁ କହିଲେ—ଆପଣ କି ହେଡ୍‌ମାଷ୍ଟ ହୋ—ଚୋର ନେଲା ଘଣ୍ଟା, ଆପଣ ଭଦ୍ରଲୋକଙ୍କ ପିଲାମାନଙ୍କୁ ଚୋରତଳେ ନେଇ-ରଖିଲେଣି । ଏପରି ଅଭଦ୍ରୋଚିତ ବ୍ୟବହାରର ଫଳ କଣ ଜାଣିଛନ୍ତି ? ହେଡ୍‌ମାଷ୍ଟେ ଡରିଗଲେ । ତାଙ୍କୁ ମୁଲାୟାମ କଣ୍ଠରେ କହିଲେ—ମୋର ଉପରିସ୍ଥ ହାକିମ ଯାହା କହିଲେ ମୁଁ ତାହା କରିଛି । ଆପଣ ଏପରିଭାବରେ ମୋତେ ଯଦି ଧମକ ଦେଇ ଭୟଭୀତ କରନ୍ତି ତେବେ ମୁଁ ନାଚାର । କଥାଟା ଇନିସ୍‌ପେକ୍ଟରଙ୍କ ପାଏ ଗଲା । ଗୋଳମାଳିଆ ଅବସ୍ଥା ଦେଖି ସେ ସ୍କୁଲ ଲିଭିଂ ସାର୍ଟିଫିକେଟ୍ ଦେଇଦେବାଲାଗି କହିଲେ । ଫେଲୁଙ୍କ ଲାଗି ସମସ୍ତେ ତପ୍ତବୈତରଣୀ ପାର ହୋଇଗଲେ ବୋଲି ଭାବିଲେ ।

Digitized by srujanika@gmail.com

ଆମ ସ୍କୁଲରେ ଗୋଟିଏ ଚୁଣିଁ ଫୁଟ୍‌ବଲ ଟିମ୍ ଥାଏ । ସେଥିରେ ଦୁର୍ଗା ଦାଶ ନାମରେ ଜଣେ ଭଲ ଖେଳାଳି ଥିଲେ । ସେ ଖୁବ୍ ଚମତ୍କାର ଫାଉଲ୍ କରିପାରେ ବୋଲି ତା'ର ଏକ ଖ୍ୟାତି ଥିଲା । ଦିନେ ସ୍କୁଲ ପଡ଼ିଆରେ ପିଲାମାନେ ଦୁଇଦଳ ହୋଇ ଖେଳୁଥାନ୍ତି । ଇବ୍ରାହିମ୍ ବୋଲି ଗୋଟିଏ ପିଲା ବଲ୍ ନେଇ ଆଗେଇ ଯାଉଥିଲା । ଦୁର୍ଗା ଦାଶ ତା ପଛରେ ଥାଇ କଣ ଟିକେ କରିଦେଲା ଯେ ସେ ବିଗ୍ରର ଗଛ କାଟିଲା ଭଳିଆ ତଳେ ପଡ଼ି ଗଡ଼ିଗଲା । ମୁଁ ମନେମନେ ଭାବିଲି ଏପରି ଏକ ଉପାଦେୟ ଖେଳ କୌଶଳ ଶିଖିବା ଅତି ଆବଶ୍ୟକ । ଦୁର୍ଗା ଦାଶକୁ ଏ କୌଶଳଟି ଶିଖେଇ ଦେବାଲାଗି ବହୁତ ନେହୁର ହେଲି । ପ୍ରାୟ ମାସେ ପର୍ଯ୍ୟନ୍ତ ତାହାଠାରେ ତୈଳ ମର୍ଦ୍ଦନ କରିବା ପରେ ସେ ମୋତେ କୌଶଳଟି ଶିଖାଇଦେବାକୁ ଯାଇକହିଲା—ପଛଆଡୁ ଆଗକୁ ଯାଉଥିବା ଗୋଡ଼ଟାକୁ ନିଜ ଗୋଡ଼ରେ ତା'ର ଆର ଗୋଡ଼ ପଛକୁ ଟିକେ ଛାଟିଦେବ । ଆଗକୁ ଯିବାକୁ ଉଦ୍ୟତ ଥିବା ଗୋଡ଼ଟି ଆରଗୋଡ଼ରେ ଛନ୍ଦିରି ହୋଇ-ଯାଇ ଅଟକିଯାଏ । ଫଳରେ ଖେଳାଳିଟି ଦାଲୁକରି ତଳେ ପଡ଼ିଯାଏ । ଏହି ଉପାଦେୟ ପ୍ରଶିକ୍ଷଣଟି ପାଇ ମୁଁ ନିଜକୁ ଧନ୍ୟ ମନେକଲି । ଆମ ସାହିରେ ଫୁଟବଲ୍ ଖେଳଟାଏ ଆରମ୍ଭ କରିଦେଇ ଏହି କଳା ନୈପୁଣ୍ୟ ଦେଖାଇଦେଲି । ଜଣେ ବିରାଟକାୟ ମାଲ ଖେଳିବା ବେଳେ ଏହିପରି ଫାଉଲ୍‌ର ଶରବ୍ୟ ହୋଇ ଗୋଟା କାଛ ଭୁଷୁଡ଼ି ପଡ଼ିଲାପରି ତଳେ କଗ୍ରଡ଼ି ହୋଇ ପଡ଼ିଲା । ସମସ୍ତେ ମୋର ଫାଉଲ୍ କଳା ନୈପୁଣ୍ୟକୁ ଖୁବ୍ ତାରିଫ୍ କଲେ । ଅବଶ୍ୟ ସେ ମାଲଟି ମୁହଁ ଶୁଖେଇ ଦେଇ କହିଲା—

"ବାବୁ ଏମିତି କ'ଣ ଖେଳନ୍ତି ? ତୁମେ ସିନା ପେଣ୍ଡୁକୁ ଅଟକାଉ ଥା'ନ୍ତ, ମୋ ଗୋଡ଼କୁ କାହିଁକି ଅଟକାଇଲ ।" ସେ ଖେଳାଳୀଟି ମୋ ଭଳି ଦଶ ଜଣଙ୍କୁ ଚକଟିମର୍କି ଦେଇ ପାରିଥା'ନ୍ତା । ମୋ ଦ୍ୱାରା ତା'ର ଏପରି ବିକଳ ଅବସ୍ଥା ସୃଷ୍ଟି ହୋଇଥିବାରୁ ଦେଖଣାହାରିଏ ପାଠର ଉଚ୍ଚ ପ୍ରଶଂସା କରି ମନ୍ତବ୍ୟ ଦେଲେ ଯେ ଇସ୍କୁଲ ପାଠର ମୂଲ୍ୟ ଖୁବ୍ ବେଶୀ । ଦେଖୁନା, ଏଡ଼େବଡ଼ ଭେଣ୍ଡିଆ ମାଲଟା ବାବୁ କ'ଣ ଟିକେ କରିଦେଲେ ସେଥିରେ ଗଛ କାଟିଲା ପରି କଗ୍ରଡ଼ି ହୋଇ ପଡ଼ିଲା । ଇସ୍କୁଲରେ ପାଠ ପଢିଲେ ପିଲା-ମାନେ ଏମିତିଆ ଟିକିଟିକି ଦାଉଁ ଶିଖନ୍ତି । ଖାଲି ଦେହର ଯୋର୍ ରଖିଲେ କ'ଣ ହେବ ? ବୁଦ୍ଧି ଓ ଦାଉଁର ଯୋର୍ ବେଶି । ମୋଠାରୁ ସାହି ପିଲାଏ ଏହି ସୂକ୍ଷ୍ମ କଳା କୌଶଳ ଶିଖିଗଲେ ଓ ଖେଳବେଳେ ନିଜ ନିଜ ଭିତରେ ବାଡ଼ିଆ ବାଡ଼ି ହୋଇ ଖେଳକୁ ଉଜେଇଁ ଦେଲେ ।

ଆମ କ୍ଲାସ୍‌ରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପୁଅ ଅଶୋକ ଦାସ ମଧ୍ୟ ପଢୁ-ଥିଲେ । ସବୁ ପିଲାଙ୍କ ଭିତରେ ତାଙ୍କର ଗୋଟାଏ ନେତାଳିଆ ଢ଼ଙ୍ଗ ଥିଲା । ପାଠରେ ଅବଶ୍ୟ ସେ ବିଚକ୍ଷଣ ନ ଥିଲେ କିନ୍ତୁ ବୁଦ୍ଧି ଓ ସାଧାରଣ ଜ୍ଞାନରେ ସେ ସମସ୍ତଙ୍କର ଅଗ୍ରଣୀ ଥିଲେ । ଦିନେ ମାଷ୍ଟ୍ରେ କ୍ଲାସ୍‌ରେ ସମସ୍ତଙ୍କୁ ପଚାରିଲେ—ଆରେ,—ଉଡ଼ାଜାହାଜ କେହି ଦେଖିଛ ? ଜଣେ କହିଲା ଘୋଡ଼ାଗାଡ଼ି ଭଳିଆ କିନ୍ତୁ ଘୋଡ଼ା ନଥାଏ । ଆଉ ଜଣେ କହିଲା—ନାହିଁ' ନାହିଁ' ରେଳଗାଡ଼ି ଭଳିଆ । ଆଉ ଜଣେ ସେ ଦୁଇଜଣଙ୍କ କଥାକୁ

Digitized by srujanika@gmail.com

କାଟିଦେଇ କହିଲା—ହେ, ନଦେଖି ଆଡ଼ୁସାଡ଼ୁ ଗୁଡ଼ାଏ କହୁଛନ୍ତି । ସେଇଟା ଠିକ୍ ମଟର ଗାଡ଼ି ଭଳିଆ । ଟିକେ ଲମ୍ବା, ଏମିତି ପଚରା ପଚରି ପରେ ଶେଷରେ ଅଶୋକକୁ ପଚରାଗଲା । ସେ କହିଲା—ହଁ ମୁଁ ଦେଖିଛି । ମାଷ୍ଟ୍ରେ ପଚାରିଲେ—କୋଉଠି ଦେଖିଛୁ ? ସେ କହିଲା ବାପାଙ୍କ ସାଙ୍ଗେ ପାଟନା ଯାଇଥିଲି ସେଇଠି ଦେଖିଲି । ମାଷ୍ଟ୍ରେ ପୁଣି ପଚାରିଲେ—କେମିତିଆ ଦେଖିଲୁ କହିଲୁ ? ତହୁଁ ସେ କହିଲା—ସେଇଟା ଗୋଟାଏ କର୍କି ଭଳିଆ ଦେଖିବାକୁ । କର୍କି ଭଳି ଦି ଥାକ ପର ଅଛି । ମଝିରେ ଗୋଟାଏ ଇଞ୍ଜିନ୍ ଅଛି । ସେଇଟା ଭରି ଯୋରରେ ଘୁରେ । ସେହି ଇଞ୍ଜିନ୍‌ଟା ତାକୁ ଉପରକୁ ଟେକି ନେଇଯାଏ । ମାଷ୍ଟ୍ରେ ତାକୁ ସାବାସ ଦେଲେ ଓ କହିଲେ—ତୁ ଠିକ୍ ଦେଖିଛୁ ।

ମୁଁ ମନେ ମନେ ଭାବିବାକୁ ଲାଗିଲି, ଓହୋ କେଡ଼େ ବଡ଼ ଜିନିଷଟାଏ ସେ ନ ଦେଖିଛି ବାସ୍ତବିକ୍ ତା ଜୀବନ ଧନ୍ୟ, ସେ କ'ଣ ନାହିଁ କ'ଣ ଜଣେ । ପାଟନା ମୁଲକକୁ ଦେଖିଲା ତହିଁରେ ପୁଣି ଉଡ଼ାଜାହାଜ ଦେଖିଲା । ତା ଜୀବନ ଧନ୍ୟ । ମୁଁ ଜୀବନରେ କିଛି ଦେଖି ପାରିଲି ନାହିଁ । ଅଶୋକର ନେତାଗିରି, ଆଉଦିନେ ଜଣା ପଡ଼ିଗଲା । ଆମ କ୍ଲାସ୍‌ର ଜଣେ ବ୍ରାହ୍ମଣ ପିଲା ଦିନେ ଗୋଟିଏ ପଠାଣ ପିଲା ସାଙ୍ଗେ କିଛି ଖାଇଦେଲା । ତାକୁ ଦେଖିଥିବା ଆଉ ଗୋଟିଏ ପିଲା କ୍ଲାସ୍‌ରେ ଆସି ପ୍ରଘଟ କରିଦେଲା । ସେ ପିଲାର ଜାତି ଚାଲିଯାଇଛି ବୋଲି ଆମେ ସମସ୍ତେ ନିଧାର୍ଯ୍ୟ ଭାବେ ଜାଣିଗଲୁ । କିନ୍ତୁ ସେଥିପାଇଁ କ'ଣ କରିବାକୁ ହେବ ତାହା ଆମ ମନକୁ କିଛି ପାଇଲା ନାହିଁ । ଅଶୋକ ମୁଣ୍ଡରୁ କିନ୍ତୁ ଚଟାପଟ ବୁଦ୍ଧି ବାହାରି ପଡ଼ିଲା । ଆମ ଆଗରେ ଏହା ଏକ ବିରାଟ ସମସ୍ୟା ଥିଲା । ଆମେ ଏହାର କୂଳ କିନାରା କିଛି ପାଉନଥିଲୁ । ଅଶୋକ କିନ୍ତୁ ସମସ୍ୟାର ସମାଧାନ ସଙ୍ଗେ ସଙ୍ଗେ କରିଦେଲା । ସେ କହିଲା—"ଆର୍ତ୍ତ ସାର୍ କ୍ଲାସ୍‌କୁ ଆସିଲେ, ତାଙ୍କ କାନରେ ଏ କଥାଟି ପକାଇ ଦେବାକୁ ହେବ ।" ଆର୍ତ୍ତ ସାର୍ ଆସିଲେ । ଚୌକିରେ ବସିବା ମାତ୍ରେ ଅଶୋକ ତାଙ୍କ ପାଖକୁ ଚାଲିଗଲା । ତା ସାଙ୍ଗରେ ଆଉ ୨।୩ ଜଣ ମଧ୍ୟ ଗଲେ । ଅଶୋକ ଚୁପ୍‌ଚୁପ୍ କରି ତାଙ୍କ କାନରେ କହିଦେଲା—"ସାର୍, ଅମୁକ ବ୍ରାହ୍ମଣ ପିଲାଟି କାଲି ଜଣେ ପଠାଣ ପିଲା ସାଙ୍ଗରେ ଏକାଠି ଖାଇ ଦେଇଛି ।" ଆର୍ତ୍ତସାର୍‌ଙ୍କ ପାଟି ମେଲା ହୋଇଗଲା । ହାତରୁ ବେତ ଖଣ୍ଡିକ ଖସି ପଡ଼ିଲା । କିଛି ସମୟ ପର୍ଯ୍ୟନ୍ତ ତାଙ୍କ ପାଟିରୁ କଥା ବାହାରିଲା ନାହିଁ । କେବଳ ଏତିକି ଶୁଣି ପାରିଲି— "ଚଣ୍ଡାଳ' କ'ଣ କଲା ?" ସେ ପିଲାକୁ ସାଙ୍ଗେ ସାଙ୍ଗେ ପାଖକୁ ଡ଼ାକିଲେ । ସେତେବେଳକୁ ତା ଆଖିରୁ ଲୁହ ବାହାରୁଥାଏ । ଭୟରେ ତା ମୁହଁ ଶେତା ପଡ଼ିଯାଇଥାଏ । ବଳି କାଠ ଅର୍ଗଳିକୁ ପେଲା ହୋଇ ଗଲାପରି ସେ ଗୋଟିଏ ଗୋଟିଏ ଗଲା । ଆର୍ତ୍ତ ସାର୍ ତାକୁ ଅବଶ୍ୟ ପିଟାପିଟି କଲେ ନାହିଁ । ତାକୁ ପଚାରିଲେ—ହଇରେ ତୁ ବ୍ରତ ହୋଇଛୁ ନା ? ତା ପାଟିରୁ ଅସ୍ପଷ୍ଟ ସ୍ୱରରେ ବାହାରିଲା—ହଁ । ଆର୍ତ୍ତ ସାର୍ ସଙ୍ଗେ ସଙ୍ଗେ ଏକ ବ୍ୟବସ୍ଥାପତ୍ର ତାକୁ ଶୁଣାଇଦେଲେ—ଆଜି ସ୍କୁଲରୁ ଯିବା ମାତ୍ରେ ତୁ ତୁମ ପୁରୋହିତ ପାଖକୁ ଯିବୁ । ତାଙ୍କୁ କହିବୁ ତୋତେ ଗୋଟିଏ ନୂଆ ପଇତା ପିନ୍ଧାଇଦେବେ । ପଞ୍ଚଗବ୍ୟ ପିଇବୁ । ପାଖରେ ଥିବା ମହାଦେବ ମନ୍ଦିରରେ ଯାଇ ଗୋଡ଼ତଳେ ପଡ଼ି

Digitized by srujanika@gmail.com

ଆସିବୁ । ସେ ସବୁଥିରେ ସମ୍ମତ ହୋଇଗଲା । ଅଶୋକର ନେତୃତ୍ୱ ବିଶେଷ ଉପଲବ୍ଧି କରିହେଲା ।

ଆର୍ତ୍ତତ୍ରାଣ ସାର୍‌ଙ୍କର ନ୍ୟାୟ ବିଗ୍ଭର ବିଷୟ ମଧ୍ୟ ଭଲଭାବେ ଆଜିଯାଏ ମନେ ରଖିଛି । କଥାଟି ହେଲା—ଗୋଟିଏ ପିଲା ଦିନେ ଆଉ ଗୋଟିଏ ପିଲାର ପେନ୍‌ସିଲ୍‌ଟିକୁ ଲୁଗ୍ଭଇନେଇ ଗଲା । ସେ ପିଲାଟି ପରେ ତାହା ଜାଣିପାରି ତାକୁ ପେନ୍‌ସିଲ୍‌ଟିକୁ ଫେରାଇ ଦେବା ପାଇଁ କହିଲା । ସେ ସଫ୍ ସାଫ୍ କହିଦେଲା— ସେ ପେନ୍‌ସିଲ୍‌ଟି ତା'ର । ତେଣୁ ସେ ଫେରାଇଦେବ କାହିଁକି ? ଦୁହେଁ ତେରିମେରି ହୋଇ ଆର୍ତ୍ତ ସାର୍‌ଙ୍କ ପାଖକୁ ଆସିଲେ । ପେନ୍‌ସିଲ୍‌ର ପ୍ରକୃତ ଅଧିକାରୀ ତା'ର ଅଭିଯୋଗ ବର୍ଣ୍ଣନା କଲା । ଗ୍ଭେରାଇ ନେଇଥିବା ପିଲାଟି କହିଲା—ସାର୍ ସେ ମିଛ କଥା କହୁଛି । ପେନ୍‌ସିଲ୍‌ଟା ମୋ'ର । ଆର୍ତ୍ତ ସାର୍ କ'ଣ କରିବେ କିଛି ଠିକ୍ କରି ପାରିଲେ ନାହିଁ । ବହୁତ ମୁଣ୍ଡ ଖେଳାଇ ସେ ସେଇଠୁ ଉପାୟଟିଏ ପାଇଲେ । ପେନ୍‌ସିଲ୍‌ର ପ୍ରକୃତ ଅଧିକାରୀକୁ ସେ କହିଲେ—ତୁ ମୋ ଦେହ ଛୁଇଁ କହ ସେ ପେନ୍‌ସିଲ୍‌ଟି ତୋ'ର ? ସେ ସଙ୍ଗେ ସଙ୍ଗେ ସାର୍‌ଙ୍କ ଦେହ ଛୁଇଁ ନିୟମ କରି କହିଲା—ଆପଣଙ୍କ ଦେହ ଛୁଇଁ କହୁଛି ସେ ପେନ୍‌ସିଲ୍‌ଟି ମୋ'ର । ସାର୍ ତହୁଁ ଅନ୍ୟ ଜଣକୁ ପଗ୍ଭରିଲେ—ହଇରେ ତୁ ଯଦି କହୁଛୁ ତୋ'ର ବୋଲି, ମୋ ଦେହ ଛୁଇଁ କହ । ସେ ସମୟରେ ଗୁରୁଙ୍କ ଦେହ ଛୁଇଁ ଶପଥ କରିବା ଏକ ମହାପାପ ବୋଲି ପ୍ରାୟ ସବୁ ପିଲା ଜାଣିଥିଲେ । ପିଲାଟା ହଡ଼ବଡ଼େଇ ଗଲା । ସେ ତହୁଁ ସାର୍‌ଙ୍କୁ କହିଲା—ସାର୍ ମୋ ପେନ୍‌ସିଲ୍ ସେ ନେଲେ ନେଉ । ତା'ର ସିନା ପାପପୁଣ୍ୟର ଜ୍ଞାନ ନାହିଁ ବୋଲି ସେ ଆପଣଙ୍କ ଦେହ ଛୁଇଁ ଦେଲା । ମୁଁ କିନ୍ତୁ ତାହା କରିପାରିବି ନାହିଁ । ସାମାନ୍ୟ ପେନ୍‌ସିଲ୍‌ଟା ପାଇଁ ଗୁରୁଙ୍କ ଦେହଛୁଇଁ କ'ଣ ନର୍କରେ ପଡ଼ିବି ? ସେ ପଛେ ମୋ ପେନ୍‌ସିଲ୍‌ଟା ନେଉ । ଗୁରୁଙ୍କର ପାଦଧୂଳି ମୁଣ୍ଡରେ ମାରିବା ଆମର କାମ । ପବିତ୍ର ଅଙ୍ଗ ଛୁଇଁ ମୁଁ ପାପ ଅର୍ଜିବି ନାହିଁ । ଏତକ କହି ସେ ଆଖିରୁ ଦୁଇଧାର ଲୁହ ଗଡ଼ାଇ ପକାଇଲା । ଆର୍ତ୍ତ ସାର୍ ପରିଷ୍କାର ବୁଝିଗଲେ ଯେ ପୂର୍ବ ପିଲାଟିର ପେନ୍‌ସିଲ୍ ନୁହଁ । ଏହାର ପେନ୍‌ସିଲ୍‌ଟାକୁ ଠକି କରି ନେଇଗଲା । ତାକୁ ବେତରେ ପାହାରେ ଦେଇ କହିଲେ—ଯାଆ ଯାଆ । ପେନ୍‌ସିଲ୍‌ଟାତ ପାଇଗଲୁ ଏଥର ଯାଆ । ମିଛ କଥା କହି ପୁଣି ମୋ ଦେହଟାକୁ ଛୁଇଁଲୁଣି । ତୋ'ର ବିଦ୍ୟା ଯାହା ହେବ ତାହା ମାଆ ଗଙ୍ଗେଇ ଜାଣନ୍ତି । ପୁଟଲଗା ମିଛ ସତକୁ କିପରି ଘଉଡ଼ାଇ ଦିଏ ତା'ର ଏକ ଉଜ୍ଜ୍ୱଳ ନମୂନା ଦେଖି ମୁଁ ଅବାକ୍ ହୋଇଯାଇଥିଲି ।

ଦିନ ଗଡ଼ିଗଲା । ସେ କ୍ଲାସର ପାଠ ସରିଗଲା । ଆମେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସପ୍ତମ ଶ୍ରେଣୀକୁ (ପୂର୍ବର ଅଷ୍ଟମ ଶ୍ରେଣୀ) ଗଲୁ । ସପ୍ତମ ଶ୍ରେଣୀରେ ପଢୁଥିବା ରମାନା ଓ କାହ୍ନୁ କକେୟୀ ଦୁହେଁ ପାଶ୍ କରି ସେ ସ୍କୁଲ୍ ଛାଡ଼ିଦେଲେ ଏବଂ କଲେଜିଏଟ୍ ସ୍କୁଲରେ ନାଆଁ ଲେଖାଇଲେ । ଘରେ ଭଲେଣି ପଡ଼ିଗଲା । ରମାନାଥ ଓ କାହ୍ନୁ ତ ଅନ୍ୟ ସ୍କୁଲରେ ପଢିଲେ । ଆମେ ଦୁଇଜଣ କିପରି ସହାୟହୀନ ଭବରେ ସ୍କୁଲରୁ ଘରକୁ ଫେରିବୁ । ଶେଷରେ ସ୍ଥିର ହେଲା ଯେ ସ୍କୁଲ୍ ଛୁଟି ହେଲେ ଆମେ କଲେଜିଏଟ୍ ସ୍କୁଲ୍‌କୁ ଗ୍ଭଲିଯିବୁ । ସେଠାରୁ ରମାନା ଓ କାହ୍ନୁ କକେୟୀଙ୍କ ସାଙ୍ଗରେ

Digitized by srujanika@gmail.com

ଘରକୁ ଫେରିବୁ । ଆଜିକାଲି ଅବଶ୍ୟ ପାଠକମାନେ ଆମକୁ ମଣିଷ ଶାବକ ବୋଲି ମନେକରିବେ ନାହିଁ । ଦୁଇ ଦୁଇ ବର୍ଷ ସ୍କୁଲକୁ ଯିବା ଆସିବା କରିବା ପରେ ବଡ଼ଭଇ ଓ କକେୟୀଙ୍କର ସାହାଯ୍ୟ ନ ନେଇ ସ୍କୁଲରୁ ଘରକୁ ଫେରି ପାରୁ ନଥିଲୁ ବୋଲି ବିଶ୍ୱାସ କରି ପାରିବେ ନାହିଁ । ପ୍ରକୃତପକ୍ଷେ ଆମେ ଦୁହେଁ ସେ ସମୟରେ ମେଷ ଶାବକ ହିଁ ଥିଲୁ । ଏବେ ମୁଁ ଭବୁଛି ଯେ ଏପରି ଅସହାୟ ପଣିଆ ଆମ ଘରର କଠୋର କଟକଣା ଓ ବହୁ ଲୋକଙ୍କର ନଜରରେ ଆବଦ୍ଧ ହୋଇ ରହୁଥିବାର ଫଳ । ଆଜିକାଲିର ପିଲାମାନେ ଗୁରୁଜନମାନଙ୍କୁ ସତରପଟ ଚିତାକାଟିବାରେ ବେଶ୍ ସମର୍ଥ । ଅଭିଭବକମାନଙ୍କର ନିର୍ଦ୍ଦେଶାନୁଯାୟୀ ମୁଁ ଓ ଭଇନା ଆମ ସ୍କୁଲ୍ ଛୁଟି ହେବା ପରେ ସିଧାସଳଖ କଲେଜିଏଟ୍ ସ୍କୁଲକୁ ଚାଲିଯାଉ । ସେଇଠି ପିଣ୍ଡାରେ ଚୁପ୍‌ଚାପ୍ ହୋଇ ବସୁ । କଲେଜିଏଟ୍ ସ୍କୁଲ ଛୁଟି ହେବା ପରେ ରମାନା ଓ କାହ୍ନୁ କକେୟୀଙ୍କ ସହ ମିଶି ଏବଂ ନିମିଚଉଡ଼ି, ବାଲୁବଜାର, ନୟାସଡ଼କ ଓ ଚୌଧୁରୀବଜାର ବାଟ ଦେଇ ଘରକୁ ଫେରୁ । କଲେଜିଏଟ୍ ସ୍କୁଲ୍‌ରେ ଜଣେ ଖୁବ୍ ଡେଙ୍ଗା ବଙ୍ଗାଳୀ ସାର୍ ଥିଲେ । ତାଙ୍କ ମୁହଁଟା ଟିକେ ଦେଖିବାକୁ ଅବାଗିଆ । ସେ ସର୍ବଦା ମୁହଁଟାକୁ ହାଣ୍ଡି ପରି କରି-ଥାଆନ୍ତି । ତାଙ୍କ ନାଆଁ ଥିଲା ସୁରେନ୍ଦ୍ର ସାର୍ । କିନ୍ତୁ ତାଙ୍କୁ କଲେଜିଏଟ୍ ସ୍କୁଲ୍ ପିଲା-ମାନେ ତାଙ୍କ ପଛରେ ଖୋବା ଖାଁ ବୋଲି ଡାକୁଥିଲେ । ରମାନା ଓ କାହ୍ନୁ କକେୟୀଙ୍କ-ଠାରୁ ତାଙ୍କର ନାଆଁ ଖୋବା ଖାଁ ବୋଲି ଆମେ ଜାଣିପାରିଲୁ । ଖୋବା ଖାଁ ସାର୍ ନିତି ଦେଖନ୍ତି ଯେ ଆମେ ଦୁଇଟି ଛୁଆ ନିତିଯାଇ ସେହି ପିଣ୍ଡା ପାଖରେ ବସୁଛୁ ଏବଂ ଛୁଟି ହେଲେ ଆଉ ଦୁଇଟି ପିଲା ସାଙ୍ଗରେ ମିଶି ଘରକୁ ଫେରୁଛୁ । ଆମଭଳି ଦୁଇଟି ମେଣ୍ଢା ଛୁଆଙ୍କୁ ଦେଖି ତାଙ୍କର ବଡ଼ କୌତୂହଳ ହେଲା । ସେ ଓଡ଼ିଆ ଜାଣି ନଥିଲେ । ଆମକୁ ବଙ୍ଗଳାରେ କ'ଣ ପଚାରିଲେ । ଆମେ କିଛି ବୁଝିପାରିଲୁ ନାହିଁ । ଆପୁ ଆପୁ ହୋଇ-ଗଲୁ । ତାଙ୍କର ବିଶାଳକାୟ ଚେହେରା ଦେଖି ଡରି ଯାଇଥିଲୁ । ସେ ଜଣେ ଭଷାନ୍ତର-କାରୀ ପିଲାକୁ ଡାକି ଆମକୁ ପଚରା ପଚରି କରିବାକୁ କହିଲେ । ସେ ଓଡ଼ିଆରେ ଆମକୁ ପଚାରୁ ଥା'ନ୍ତି । ଆମେ ଆମର ନାଆଁ, ବାପା ନାଆଁ, ଘର, ସ୍କୁଲ୍ ନାଆଁ, କେଉଁ ଶ୍ରେଣୀରେ ପଢୁଛୁ ତାହାସବୁ ଜଣାଇ ଦେଲୁ । ସେଠି ନିତି ବସୁଥିବାର କାରଣ ମଧ୍ୟ କହିଲୁ ଯେ ଆମର ବଡ଼ ଭଇନା ଓ ଜଣେ କକେୟୀ ସେହି ସ୍କୁଲ୍‌ରେ ପଢୁଛନ୍ତି । ତାଙ୍କର ଛୁଟି ହୋଇଗଲେ ଆମେ ତାଙ୍କ ସହିତ ଘରକୁ ଆସୁ । ଆମଭଳି ଦୁଇଟି ମେଷ ଶାବକଙ୍କ ପ୍ରତି ଖୋବା ଖାଁ ସାର୍‌ଙ୍କର ଭରି ସ୍ନେହର ଉଦ୍ରେକ ହେଲା । ସେ ଦିନେ ଦିନେ ସେହି ଭଷାନ୍ତରକାରୀକୁ ଡାକି ଓ ଆମ ଦୁଇ ଜଣଙ୍କୁ ନେଇ ପାଣି ପିଇବା ଘରେ ବସାନ୍ତି ଓ ଏଣୁ ତେଣୁ ବହୁତ ବିଷୟ ପଚାରି ବୁଝନ୍ତି । କ୍ରମେ ଆମେ ଜାଣିପାରିଲୁ ତାଙ୍କ ମୁହଁଟା କ୍ରୋଧରେ ସେପରି ଆକାର ଧାରଣ କରି ନାହିଁ । ଏହା ତାଙ୍କର ସ୍ୱାଭବିକ ମୁହଁ । ତେଣୁ ତାଙ୍କର ବ୍ୟବହାର ସହିତ ତାଙ୍କ ମୁହଁର କୌଣସି ସମ୍ବନ୍ଧ ଥିଲାପରି ଜଣା ପଡୁନାହିଁ ।

୧୯୨୬ରେ ଆମେ ମିଡ଼ିଲ୍ ସ୍କୁଲରୁ ପାଶ୍ କରିଗଲୁ । ଘରେ କେଉଁ ସ୍କୁଲରେ ପଢ଼ାଇବେ ବୋଲି ଗୋଟାଏ ବିଚାର ଆଲୋଚନା ଚାଲିଲା । କଲେଜିଏଟ୍ ସ୍କୁଲ୍‌ରେ

Digitized by srujanika@gmail.com

ଦରମା ମାସିକ ୨.୫୦ କିମ୍ବା ୨.୭୫ ପଇସା ଥାଏ । ଅନ୍ୟ ସମସ୍ତ ସ୍କୁଲର ଦରମାଠାରୁ ଏ ସ୍କୁଲର ଦରମା ବେଶି ଥିଲା । ମୋ ବାପା ଓ କକେୟାମାନେ ପି. ଏମ୍. ଏକାଡେମୀରେ ପଢ଼ିଥିଲେ । ସେ ସ୍କୁଲ ପ୍ରତି ସେମାନଙ୍କର ଆକର୍ଷଣ ଅବଶ୍ୟ ଥିଲା । ତଥାପି ଭମାନା ଓ କାଙ୍କୁ କକେୟା ଆମର ଠିକ୍ ଠିକ୍ ଅଭିଭବକତ୍ୱ କରିପାରବେ ବୋଲି ଆମର ନାଆଁ କଲେଜିଏଟ୍ ସ୍କୁଲ୍‌ରେ ଲେଖାଇ ଦିଆଗଲା । ସେଠାରେ ମଧ୍ୟ କେତେ ଜଣ ଶିକ୍ଷକ ଆମ ଘରୁ ଔଷଧ ଖାଉଥିଲେ । ତାହାମଧ୍ୟ ଅନ୍ୟ ଏକ କାରଣ ହୋଇଥିଲା । ଖୋବା ଖାଁ ସାର୍, ଆମେ କଲେଜିଏଟ୍ ସ୍କୁଲରେ ନାଆଁ ଲେଖାଇଥିବା ଜାଣି ଭରି ଖୁସି ହୋଇଗଲେ । ସେତେବେଳକୁ ଆମେ ପରେ ବଙ୍ଗଳା ଶିକ୍ଷା କରିସାରିଥାଉ । କହିପାରୁ ନ ଥାଉ ସିନା କିନ୍ତୁ ସବୁ ବୁଝୁଥାଉ । ଖୋବା ଖାଁ ସାର୍‌ଙ୍କ କଥା ଅନ୍ଧେ ବହୁତେ ବୁଝୁଥାଉ । ସେହି ସମୟରେ କଲେଜିଏଟ୍ ସ୍କୁଲ୍‌ର ହେଡ୍‌ମାଷ୍ଟର ଥିଲେ ଉପେନ୍ଦ୍ର ନାରାୟଣ ଦତ୍ତ ଗୁପ୍ତ । ତାଙ୍କୁ ଦେଖିଲେ ଛାତ୍ରମାନେ ଭୟରେ କମ୍ପିଯାଆନ୍ତି । ସେ ଅଫିସରୁ ଶ୍ରେଣୀବାଟ ଦେଇ ଫାଷ୍ଟ୍ କ୍ଲାସ୍‌କୁ ଗଲାବେଳେ ଶ୍ରେଣୀ ଭିତରକୁ ଚାହିଁ ଚାହିଁ ଯାଆନ୍ତି । ଦୈବାତ୍ ଗୋଟିଏ ପିଲା ଯଦି ବେଞ୍ଚ୍‌ରେ ମୁଣ୍ଡଦେଇ ଶୋଇପଡ଼ିଥାଏ କିମ୍ବା କିଛି ଗଣ୍ଡଗୋଳ କରିବାର ସେ ଦେଖନ୍ତି ତାହାହେଲେ କ୍ଲାସ୍ ଭିତରକୁ ପଶିଯାଇ ପିଲାଟିର କାନପାଖ କଲିବାଳକୁ ଧରି ଉପରକୁ ଟେକି ଦିଅନ୍ତି ଓ ବେଞ୍ଚ୍ ଉପରେ ଠିଆକରି ଦିଅନ୍ତି । ପିଲାଟି ବିଚରା ଯନ୍ତ୍ରଣାରେ ଛଟପଟ ହୋଇଯାଏ । ସେ ଶ୍ରେଣୀ ବାଟ ଦେଇ ଗଲାବେଳେ ଅସାବଧାନ ପିଲାମାନଙ୍କୁ ଅନ୍ୟମାନେ ସାବଧାନ କରାଇ ଦିଅନ୍ତି । ଆମେ ଅବଶ୍ୟ ତାଙ୍କ କଟାକ୍ଷରେ କେବେହେଲେ ପଡ଼ି ନଥିଲୁ । ଯୋଗକୁ ସେ ସେହି ବର୍ଷ ବଦଳି ହୋଇଗଲେ । ଆମେ ଭୟରୁ ତ୍ରାଣ ପାଇଲୁ । କିନ୍ତୁ ଆମେ ଦେଖିଲୁ ପୁଣି ଭୀମ ରାଉତ ସାର୍ ସେଠାକୁ ହେଡ୍‌ମାଷ୍ଟର୍ ହୋଇ ଆସିଲେ । ଆମେ ମନେ ମନେ ଭାବିଲୁ ମଣିଷ ମହାରଗରୁ ଯାଇ କନ୍ଦାରରେ ପଡ଼ିଲା । ଭୀମ ରାଉତଙ୍କର କଠୋରତା ବିଷୟରେ ଆମେ ଆଗରୁ ବେଶ୍ ପରିଚିତ ଥିଲୁ । ଆମେ ଅନ୍ୟ ସମସ୍ତଙ୍କୁ ତାଙ୍କର କଠୋର ପଣିଆ ବିଷୟରେ ସଚେତନ କରାଇଦେଲୁ । ସେ ଆସି ସ୍କୁଲରେ ମୁତୟନ ହେବା ସାଙ୍ଗେ ସାଙ୍ଗେ ତାଙ୍କର କଠୋର ଶୃଙ୍ଖଳାକୁ ସ୍କୁଲରେ ଜାହିର୍ କରିଦେଲେ । ହେଡ୍‌ମାଷ୍ଟର୍‌ଙ୍କ ନୋଟିସ୍ ଖାତା ପ୍ରାୟ ଚଉଠେ ସରିଥିଲା କି ନାହିଁ ତାହା କେଇଟା ମାସରେ ଶେଷ ହୋଇଗଲା । ପ୍ରତିଦିନ ନିହାତିପକ୍ଷେ ଗୋଟିଏ ଖଣ୍ଡେ ନୋଟିସ୍ ପିଲାମାନଙ୍କ ପ୍ରତି ଉଦ୍ଦିଷ୍ଟ ଥାଏ । ବେଳେ ବେଳେ ଦୁଇଟା ଓ ତିନିଟା ନୋଟିସ୍ ଶ୍ରେଣୀମାନଙ୍କରେ ବୁଲାଇ ଦିଆଯାଏ । ସବୁଗୁଡ଼ିକ ପିଲାମାନଙ୍କର ଆଚରଣ ବିଧି ନିୟନ୍ତ୍ରଣ ବିଷୟରେ ଲେଖାଯାଇଥାଏ । ଦିନେ ଖେଳଛୁଟି ପରିୟଡ୍‌ରେ ଆମେ ଶ୍ରେଣୀର ପିଣ୍ଡାରେ ଏପାଖ ସେପାଖ ହେଉଛୁ , ଆମର ଜଣେ ସାଙ୍ଗ ନବକିଶୋର ତ୍ରିପାଠୀ ହେଡ୍‌ମାଷ୍ଟରଙ୍କ ବିଷୟରେ ଆଲୋଚନା କରୁ କରୁ ଅଙ୍ଗ ଅବଲୟ କରି ଓ ଆଙ୍ଗୁଠିରେ ମାପ ଦେଖାଇ କହିଲା—ହେଡ୍‌ମାଷ୍ଟରଟି ଏଡ଼ିକିଟିଏ । ଦୈବଯୋଗକୁ ହେଡ୍‌ମାଷ୍ଟେ ଶ୍ରେଣୀର ଆଗବାଟ ଦେଇ କଡ଼ବାଟକୁ ବଙ୍କେଇ ଆସିଲେ । ନବ ତ୍ରିପାଠୀ ଅବଲୟ କଲାବେଳକୁ ହେଡ୍‌ମାଷ୍ଟେ ଠିକ୍ ତା ପଛରେ ହୋଇଯାଇଥିଲେ । ହେଡ୍‌ମାଷ୍ଟ୍‌ରଙ୍କୁ ଦେଖି ସମସ୍ତେ ଖିଦ୍ ଖାଦ୍ ହୋଇ ପଳାଇ ଗଲେ । ନବ ବିଚରା

Digitized by srujanika@gmail.com

ଭୟରେ କଳାକାଠ ପଡ଼ିଗଲା । ଆମେ ସବୁ ଭାବିଲୁ ବିଚରା ନବଟାକୁ ହେଡ୍‌ମାଷ୍ଟେ ସ୍କୁଲ୍‌ରୁ ତଡ଼ିଦେବେ । କେହି କେହି ଭାବିଲେ ବେତରେ ନବାଡେଇ ସେ ଛାଡ଼ିବେ ନାହିଁ । ସେଦିନ ଅବଶ୍ୟ କିଛି ଜଣାଗଲା ନାହିଁ । ନବ ବି ଡରି ୨ ଦିନ ଯାଏ ସ୍କୁଲକୁ ଆସିଲା ନାହିଁ । ଘରେ ପେଖନା ଦେଖାଇ ରହିଗଲା । କିନ୍ତୁ କିଛି ଘଟଣା ଘଟି ନଥିଲା । ହେଡ୍‌ମାଷ୍ଟେ ଏ ଘଟଣାଟିକୁ ଦେଖି ନଥିବା କି ଶୁଣି ନଥିବାପରି ଜଣାଗଲା ।

କଲେଜିଏଟ୍ ସ୍କୁଲଟି ପାଖରେ ଲାଗିଥିବା ଟ୍ରେନିଂ କଲେଜ୍‌ର ଅଧୀନରେ ଥିଲା । ଟ୍ରେନିଂ କଲେଜ୍‌ର ଅଧ୍ୟକ୍ଷ ସେତେବେଳେ ଥିଲେ ହୁଇଟ୍ ମୁର୍ । ଆମେ ବେଳେ ବେଳେ ଟ୍ରେନିଂ କଲେଜ୍‌କୁ ଯାଉଥିଲୁ । ସେଠି ଟ୍ରେନିଂ କଲେଜ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବାକୁ ଯାଇ କଲେଜ୍‌ର ଅଧ୍ୟାପକମାନେ ଆମକୁ ପାଠ ପଢ଼ାନ୍ତି । ଟ୍ରେନିଂ କଲେଜ୍‌ର ପିଲାମାନେ ମଧ୍ୟ ପରୀକ୍ଷା ଦେବାକୁ ଆମର କ୍ଲାସମାନଙ୍କୁ ଆସି ପାଠ ପଢ଼ାନ୍ତି । ଅଧ୍ୟାପକ ବା ଅଧ୍ୟକ୍ଷ ଚୁପ୍‌ଚୁପ୍ ଆସି ସବା ପଛ ବେଞ୍ଚରେ ବସି ଯାଇ ଶିକ୍ଷକଙ୍କର ପାଠପଢ଼ାର ଭୁଲ୍ ଠିକ୍ ଗୁଡ଼ାକ ଖାତାରେ ଟିପି ନେଇ ଯାଆନ୍ତି । ଆମ କ୍ଲାସ୍‌ରେ ପ୍ରାୟ ୧୦।୧୧ ଜଣ ମାଇନର ସ୍କଲାର୍‌ସିପ୍ ପାଇଥିବା ପିଲା ପଢୁଥିଲେ । ସାହିତ୍ୟ ପଢ଼ା ହେବାବେଳେ ବଙ୍ଗାଳୀପିଲାମାନେ ଅଲଗା ଶ୍ରେଣୀରେ ଯାଇ ପଢ଼ନ୍ତି । ମୁସଲମାନ ପିଲାମାନେ ଗୋଟିଏ ଛୋଟିଆ କୋଠରୀକୁ ଯାଇ ସେଠାରେ ଜଣେ ମୌଲବୀଙ୍କ ପାଖରେ ଉର୍ଦ୍ଦୁ ପଢ଼ନ୍ତି । ଭୂଗୋଳ ପାଠ ପାଇଁ ଏକ ସ୍ଵତନ୍ତ୍ର ହଲ୍ ଥାଏ । କ୍ଲାସ୍‌ମାନଙ୍କରେ ଖରଦିନେ ହାତଟଣା ପଙ୍ଖାର ବ୍ୟବସ୍ଥା ଥିଲା । ସ୍କୁଲ ପାଖରେ ପାଣି ପିଇବା ଘର । ଯାହାକୁ ଶୋଷ ହୁଏ ପାଣି ପିଇବାକୁ ଯିବା ମାତ୍ରେ ପାଣିବାଲା ବାଞ୍ଛା ଗଉଡ ଗୋଟିଏ ଗ୍ଲାସ ଧୋଇ ପାଣି ଧରାଇ ଦିଏ । ତା'ର କଞ୍ଚାଗୋଲା ଓ ପେଡା ଅତି ସୁସ୍ଵାଦୁ । ବହୁ ରଜା ଓ ଜମିଦାରଙ୍କ ପିଲା ଆମ ସ୍କୁଲରେ ପଢୁଥିଲେ । ସେମାନେ ପାଣି ପିଇବାକୁ ଗଲାବେଳେ ପନ୍‌ଝାଏ ସାଙ୍ଗସାଥିରୁ ଧରି ଯାଉଥିଲେ । ସେମାନେ ବାଞ୍ଛା ପାଣିବାଲାର ହାଣ୍ଡିରୁ ଚଉଠେ ସାଫ୍ କରିଦେଇ ପାଣି ପିଇ ଚାଲି ଆସୁଥିଲେ । ମଝିରେ ମଝିରେ ମୁଁ ଗୋଟାଏ ଗୋଟାଏ ଖାଇବାର ସୌଭାଗ୍ୟ ପାଇଥିଲି । ସେ ସମୟରେ ଗୋଟାଏ ଗୋଲାର ଦାମ୍ ଥିଲା, ଦୁଇ ପଇସା । ଏବେ ତାହା ପ୍ରାୟ ଦୁଇଟଙ୍କା । ହେଡ୍‌ମାଷ୍ଟରଙ୍କର କ୍ୱାର୍ଟରସ୍‌ଟା ସ୍କୁଲ୍‌ର ପାଖାପାଖି ।

ମହମ୍ମଦ ତାହିରୁଦ୍ଦିନ୍ ଆମର ଅଙ୍କ ଶିକ୍ଷକ ଥିଲେ । ତାଙ୍କୁ କେହି କେବେ ହସିବାର ଦେଖିନାହିଁ । ତାଙ୍କ ଗାଆଁରେ ଗୋଟିଏ ପରୀକ୍ଷାମୂଳକ ପୋଷ୍ଟଅଫିସ୍ ବସାଯାଇଥାଏ । ସେଥିରେ ସରକାର ସର୍ତ୍ତ ରଖିଥା'ନ୍ତି ଯେ ବର୍ଷକୁ କେତେ ହଜାର ଟଙ୍କାର କାରବାର ନହେଲେ ସେ ପୋଷ୍ଟଅଫିସ୍‌କୁ ଉଠାଇ ଦିଆଯିବ । ଏଥିଲାଗି ସେଠାରେ ଘର କରିଥିବା ବହୁ ସରକାରୀ କର୍ମଚାରୀ ପୁଳାପୁଳା କାର୍ଡ ଓ ଲଫାପା ନେଇଯାଇ ପଦା ସହରରେ ନେଇ ବିକ୍ରି କରୁଥିଲେ । ତାହିରୁଦ୍ଦିନ୍ ଏହିପରି ଜଣେ ସରକାରୀ କର୍ମଚାରୀ ଥିଲେ । ସେ ଥିଲେ ଆମ ସ୍କୁଲର ଚଳନ୍ତି ପୋଷ୍ଟ ଅଫିସ୍ । ଯେଉଁ ପିଲାର କାର୍ଡ ବା ଲଫାପା ଦରକାର ହୁଏ ସେ କ୍ଲାସ୍ ଭିତରକୁ ପଶିଯାଇ ତାଙ୍କଠାରୁ କିଣି ନେଇଆସେ । ତାଙ୍କର ଖିଙ୍କର ଖିଙ୍କିରିରୁ ରକ୍ଷା ପାଇବାଲାଗି ମୁଁ ଘରୁ ପଇସା ନେଇ କାର୍ଡ, ଲଫାପା

Digitized by srujanika@gmail.com

ତାଙ୍କ ଠାରୁ କିଣି ଆଣେ । ଯେଉଁଦିନ ତାଙ୍କଠାରୁ ମୁଁ କାର୍ଡ କିଣିଥାଏ, ସେଦିନ ସେ ମୋ ଉପରେ ମୋଟେ ଖିଙ୍କାରି ହୁଅନ୍ତି ନାହିଁ । ତେଣୁ ଯେଉଁଦିନ ତାଙ୍କର ଘରିଯତ୍ ଥାଏ ସେଦିନ ମୁଁ କାହାରି ନା କାହାରି ପୋଷ୍ଟକାର୍ଡ ବା ଲଫାପା ସେ କ୍ଲାସ୍‌କୁ ଆସିବା ମାତ୍ରେ କିଣିନିଏ । ଦିନେ ତାଙ୍କ କ୍ଲାସ୍‌ରେ ମୁଁ ଲୁଚିକରି ଟିକେ କ'ଣ ଦୁଷ୍ଟାମି କରି-ଦେଲି, ସେ ତାହା ଦେଖି ପାରିଲେ ଓ ମୋତେ ପଏଣ୍ଟର୍ ବାଡ଼ିରେ ଦୁଇ ଚାରି ପାହାର କଷିଦେଲେ । ସେ କ୍ଲାସ୍‌ରୁ ଚାଲିଯିବା ପରେ ମୋର କେତେକ ସାଙ୍ଗ ମୋ ପାଖରେ ଆସି ବସି ବଡ ଦୁଃଖ ପ୍ରକାଶ କଲେ । ସେମାନେ କହିଲେ—ମାଡ଼ତ ଯାହା ଖାଇଲୁ ଖାଇଲୁ ସେଥିରେ କିଛି ଯା'ଆସ ନାହିଁ । ସେଥିରେ ଯେ ତୋର ଜାତି ଚାଲିଗଲା । ମଠାଣ ହାତରୁ ମାଡ ଖାଇଲୁ । ତୋ ଘରେ ଯଦି ଶୁଣିବେ କଥା କ'ଣ ହବ ? ପୁଣି ତୋତେ ଜାତି ହେବାକୁ ପଡ଼ିବ । ମୁଁ ଖୁବ୍ ଭୟ କରିଗଲି । କାଳେ କିଏ ଯାଇ ଘରେ କହିଦେବ । ସେଥିପାଇଁ କେତେଦିନ ଯାଏ ମୋ ଛାତି ଧଡ଼ ଧଡ଼ ହୋଇଥିଲା । ସୌଭାଗ୍ୟବଶତଃ ମୋ'ଛଡା ଅନ୍ୟ ସମସ୍ତେ ସେ କଥାକୁ ସେହିଦିନ ହିଁ ଭୁଲିଯାଇ-ଥିଲେ । ଏବେ ସେସବୁ କଥା ମନେ ପଡ଼ିଗଲେ ମୁଁ ଭାବୁଛି ଆଜିକାଲିର ପ୍ରଥମ,ଦ୍ୱିତୀୟ ଶ୍ରେଣୀର ପିଲାଏ ସେ ସମୟର ମୋପରି ଅଷ୍ଟମ ଶ୍ରେଣୀ ପିଲାକୁ ସତରପଟ ଚିତା କାଟିଦେବେ । ବଜାରରେ ମୋତେ ମଧ୍ୟ ବିକ୍ରି କରି ଦେବେ । ଏବେ ମଧ୍ୟ ମୁଁ ଭାବୁଛି, ଏବ ପିଲାଙ୍କ ତୁଳନାରେ ମୁଁ କେଡେ ମୂର୍ଖ ଓ ହୁଣ୍ଡା ନ ଥିଲି !

ଘରେ କ୍ରମେ ଅଭିଭାବକମାନେ ଅନୁଭବ କଲେ ଯେ ଆଉ ଟିକେ ବେଶି ପାଠ ପଢିଥିବା ମାଷ୍ଟର ଆମ ପାଇଁ ଦରକାର । ରମାନାଙ୍କ ପାଇଁ ଜଣେ କଲେଜ୍ ଛାତ୍ର ଗୃହ ଶିକ୍ଷକ ରୂପେ ନିଯୁକ୍ତ ହୋଇ ସାରିଥିଲେ । ଆମ ପାଇଁ ସେହିପରି ଆଉ ଜଣେ କଲେଜ୍ ଛାତ୍ର ଗୃହଶିକ୍ଷକ ରୂପେ ନିଯୁକ୍ତ ହେଲେ । ତାଙ୍କର ନାମ ଥିଲା କାହ୍ନୁ ଚରଣ ମିଶ୍ର । କାହ୍ନୁ ଜକେୟୀଙ୍କର ବାପା ସ୍ୱୟଂ ଜଣେ ସ୍କୁଲ୍ ଶିକ୍ଷକ ଥିବାରୁ ତାଙ୍କର ଗୃହଶିକ୍ଷକ ରଖିବାର ଆବଶ୍ୟକତା ନ ଥିଲା । ତଥାପି ସେ ମଝିରେ ମଝିରେ ଆସି ଆମ ମାଷ୍ଟର୍‌ଙ୍କ ଠାରୁ କିଛି କିଛି ବୁଝି ସନ୍ଦେହମୋଚନ କରୁଥିଲେ ।

ମୁଁ ଓ ଭାଇନା ଅତିରିକ୍ତ ପାଠ ହିସାବରେ ସଂସ୍କୃତ ନେଇଥିଲୁ । ମୋ'ର ଅଙ୍କ ନେବା ପାଇଁ ଭାରି ଇଚ୍ଛା ଥିଲା । ତାହା ହୋଇଥିଲେ ମୁଁ କଲେଜରୁ ବିଜ୍ଞାନ ପଢିଥା'ନ୍ତି । ବିଜ୍ଞାନ ପ୍ରତି ମୋର ପ୍ରଗାଢ଼ ଆକର୍ଷଣ ଥିଲା । କିନ୍ତୁ କାହ୍ନୁମାଷ୍ଟେ ମୁଁ ପାରିବିନି ବୋଲି କହି ମୋତେ ନିରୁତ୍ସାହିତ କରି ଦେଇଥିଲେ । ଅଙ୍କ ନେଇଥିଲେ ତାଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାନ୍ତା । ଦୁହିଁଙ୍କ ଘରେ ଦୁଇଜଣ କଲେଜଛାତ୍ର ଗୃହଶିକ୍ଷକ ଭବେଥିବାରୁ ସେମାନଙ୍କର ବହୁଛାତ୍ର ବନ୍ଧୁ ଆମମାନଙ୍କ ଘରକୁ ଆସୁଥିଲେ । ସେମାନଙ୍କଠାରୁ ଆମେ ବହୁ ସାଧାରଣଜ୍ଞାନ ଲାଭ କରୁଥିଲୁ । କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କର ଲୁଗା କାଚୁଥିବା ଧୋବା ମଧ୍ୟ ଆମ ଘରକୁ ଆସୁଥିଲା । ସେ ବୁଢ଼ାବାପାଙ୍କଠାରୁ ଔଷଧ ଖାଉଥିଲା । ସାହେବମାନଙ୍କର କପଡା କାଚୁଥିବାରୁ ଆମେ ତାକୁ ବଡ ଭାଗ୍ୟବାନ୍ ବୋଲି ବିଚାରୁଥିଲୁ । ତାହାଠାରୁ ସାହେବ ଅଧ୍ୟାପକମାନଙ୍କ ବିଷୟରେ ବହୁତ କଥା

Digitized by srujanika@gmail.com

ପଗ୍ଟରି ବୁଝୁଥିଲୁ । ଆମେ ଆଗରୁ ଶୁଣିଥିଲୁ ଯେ ସାହେବମାନେ ଛ'ଞ୍ଚି ନହୋଇ କାଗଜରେ ମଳଦ୍ୱାର ପୋଛି ଦିଅନ୍ତି । ଆମେ ଏହି ବିଷୟଟା ତନ୍ନତନ୍ନ କରି ତାହାପାଖରୁ ବୁଝୁଥିଲୁ । ତାଙ୍କ ପ୍ୟାଣ୍ଟ୍‌ରେ ମଳ ଲାଗେକି ନାହିଁ, ସେ ବିଷୟ ଖୁବ୍ ଆଗ୍ରହରେ ପଗ୍ଟରି ବୁଝୁଥିଲୁ । ମଳଲାଗେ ନାହିଁ ବୋଲି ସେ କହିଲାବେଳେ ମୁଁ ବଡ଼ ଧନ୍ଦି ହୋଇ ପଡ଼େ । ମନେ ମନେ ଭାବେ ଛଞ୍ଚି ନହୋଇ କାଗଜରେ ମଳଦ୍ୱାର ପୋଛିବା କଥାଟା ସତ ନୁହଁ । ଲୋକମାନେ ସାହେବମାନଙ୍କୁ ଥଟ୍ଟା କରି କହୁଛନ୍ତି । ସେମାନଙ୍କ ବିଷୟରେ ମୁଁ ତନ୍ନତନ୍ନ କରି ଧୋବାକୁ ପଗ୍ଟରେ । ସେ କହେ—"ଅର୍ଦ୍ଦଳି ସାହେବଟା (T. C. Urgil) ଭାରି କାମ୍ପୀ, ଗୋଟାଏ ପଇସା ବି ଛାଡ଼ିବ ନାହିଁ । ହେଲେ ଲମ୍ପଟ (H. Lambert) ସାହେବ ଭାରି ଦିଲ୍‌ଦାରିଆ । ହାତଖୋଲା ବକ୍‌ସିସ୍ ଦିଏ । ଅଷ୍ଟ ସମିତି ସାହେବଟା ବହୁତ ଖାଏ (P. Osten Smith) ଆଉ ହୁଇଟ୍‌ଲକ୍ (Whit Lock) ଯେମିତି ଢେଙ୍ଗା ସେମିତି ଭାରି କଡ଼ା ମିଜାଜର ଲୋକ । ହେଲେ ସେ ବକ୍‌ସିସ୍ ଦିଏ । ସେ ଧୋବା ଯେଉଁଦିନ ଆସେ ମୁଁ ସେଦିନ ତାକୁ ସାହେବମାନଙ୍କ ବିଷୟରେ ପୁନରାବୃତ୍ତି କରିବାକୁ କହେ । ତା'ର ହାସ୍ୟୋଦ୍ଦୀପକ ନାମକରଣ ମୋତେ ବେଶ୍ ଆନନ୍ଦ ଦେଉଥାଏ ।

କାହ୍ନୁ ମାଷ୍ଟରଙ୍କର ପଢ଼ାଇବା ପଦ୍ଧତି ଖୁବ୍ ଉଚ୍ଚଧରଣର ଥିଲା । ପ୍ରତି ରବିବାର ଦିନ ସେ ଗୋଟିଏ ବିଷୟରେ ପ୍ରଶ୍ନ ଦେଇ ପରୀକ୍ଷା କରୁଥିଲେ । ଗୋଟିଏ ବଡ଼ ମୋଟା ଖାତାରେ ଏସବୁ ଉତ୍ତରଗୁଡ଼ିକ ରହୁଥିଲା । ଯେଉଁଠି ଯାହା ଭୁଲ୍ ହେଉଥାଏ ସେ ତାକୁ ସଂଶୋଧନ କରିଦେଉଥିଲେ । ପୁଣିଥରେ ସେହି ଭୁଲ୍ ଦେଖାଗଲେ ସେ ହାତରେ ଯାହା ପାଉଥିଲେ ତାକୁ ଧରି ପିଟି ପକାଉଥିଲେ । ଫଳରେ ମୋର ସବୁକିଛି ମନେରହି ଯାଉଥିଲା । ଗ୍ଟରିବର୍ଷର ପାଠ ଗ୍ଟରି ବର୍ଷରେ ସାରିବା ଲାଗି ସେ ବେଶ୍ ଭଲ ମୂଳଦୁଆ ପକାଇଦେଇଥିଲେ ।

ଅସହଯୋଗ ଆନ୍ଦୋଳନ:-

ଯେତେବେଳେ କଂଗ୍ରେସର ଆନ୍ଦୋଳନ ପ୍ରାୟ ଲାଗି ରହିଥାଏ । ମୋ ମନ ଏ ଆନ୍ଦୋଳନରେ ଭାରି ଧନ୍ଦି ହେଉଥାଏ । ମୁଁ ଭାବୁଥାଏ—"ସାହେବମାନଙ୍କର ତ ବନ୍ଧୁକ ଅଛି । କଂଗ୍ରେସିଆମାନଙ୍କ ହାତରେ ତ କିଛି ନାହିଁ । ସେମାନେ କିପରି ଲଢ଼େଇ କରୁଛନ୍ତି ? ସାହେବମାନେ ଇଚ୍ଛା କଲେ ତ ସମସ୍ତଙ୍କୁ ବନ୍ଧୁକରେ ମାରିଦେବେ । ତାଙ୍କର କିଏ କ'ଣ କରିବ ?" ଏହି ବିଷୟଟି ଆମ ମାଷ୍ଟଙ୍କ ପାଖକୁ ଆସିଥିବା ତାଙ୍କର ଜଣେ ସାଙ୍ଗଙ୍କ ଠାରୁ ପଗ୍ଟରି ବୁଝିଥିଲୁ । ସେ ଆମକୁ ଭଲଭାବରେ ବୁଝାଇ ଦେଇଥିଲେ ଯେ ସାହେବମାନେ ସମସ୍ତଙ୍କୁ ମାରିଦେଇ ପାରିବେ ନାହିଁ । ପ୍ରଥମ ମହାଯୁଦ୍ଧ ପରେ 'ଲିଗ୍ ଅଫ୍ ନେସନ୍' ଗଢ଼ାଯାଇଛି । ସେ ସମସ୍ତଙ୍କ ଉପରେ ନିଜର ହୁକୁମ ଜାରି କରେ । ସାହେବମାନେ ଯଦି କଂଗ୍ରେସିଆଙ୍କୁ ମାରିଦେବେ ତାହାହେଲେ 'ଲିଗ୍ ଅଫ୍ ନେସନ୍' ତାଙ୍କୁ ହଲପଟା କରିଦେବ । ସେହି ଡରରେ ସାହେବମାନେ ମାରୁ ନାହାନ୍ତି । କିଏ କ'ଣ ବୁଝୁ ବା ନବୁଝୁ ମୁଁ ଓ ରମାନା ଭଲଭାବରେ ବୁଝିଗଲୁ । ଆମର ବି ଇଚ୍ଛା ହେଲା

Digitized by srujanika@gmail.com

ସାହେବମାନଙ୍କୁ ବାଡ଼େଇବା ଲାଗି । ସେତେବେଳେ 'ଆଶା' ଖବରକାଗଜ ବାହାରୁ-ଥାଏ । ସଂପାଦକୀୟ ଉପରେ ଭାରତମାତାଙ୍କର ଗୋଟିଏ ଚିତ୍ର ଦିଆଯାଉଥାଏ । ଆମେ ତାଙ୍କୁ ଠାକୁରାଣୀ ବୋଲି ଭାବୁଥାଉ । ମନେ ମନେ ତାଙ୍କୁ ପ୍ରାର୍ଥନା କରୁଥାଉ- 'ହେ ମାଆ, ଆମ ଦୁହିଁଙ୍କୁ ଦୁଇଟା ଖଣ୍ଡା ଦେ । ଆମେ ଦୁହେଁ ତାଙ୍କୁ ଖଣ୍ଡାରେ ଭୁଷି ଭୁଷି ପେଲି ନେଇଯାଆନ୍ତୁ ।' ଶେଷରେ ଆରବସାଗର ଭିତରକୁ ତାଙ୍କୁ ଠେଲି ଦିଅନ୍ତୁ । ସେମାନେ ସେହିବାଟେ ତାଙ୍କ ଦେଶକୁ ପଳାନ୍ତେ । ଯଦି ସେ ବାଡିଆବାଡି ଆରମ୍ଭ କରିବେ ତେବେ ଆମେ "ଲିଗ୍ ଅଫ୍ ନେସନ୍" କୁ ଏକ ଚିଠିଲେଖି ପଠାଇଦେବା । "ଲିଗ୍ ଅଫ୍ ନେସନ୍" ତାଙ୍କୁ ଆଚ୍ଛା କରି ପାନେ ଦିଅନ୍ତା । ହାଇସ୍କୁଲ୍‌ରେ ପଢିଲାବେଳେ ଆମର ଏହି ଜ୍ଞାନ ଥିଲା । ପାଠକେ ଏହାକୁ ପଢି ଭାବିବେ ଯେ ଆମେ ଗୋଟିଏ ଗୋଟିଏ ଗାଲୁଆ ମିଛୁଆ । ଆମେ ଲଗେଇ କୁଟେଇ ଗୁଡ଼ାଏ ମିଛକଥା କହୁଛୁ । ପ୍ରକୃତରେ ଆମେ ଏହିପରି ନିର୍ବୋଧ ଥିଲୁ ।

ସେଇ ସମୟରେ ଅସହଯୋଗ ଆନ୍ଦୋଳନ ଖୁବ୍ ଜୋର୍‌ସୋର୍‌ରେ ଚାଲିଥିଲା । ଚାରିଆଡ଼େ ଗୀତ ବୋଲାଯାଇ ପାର୍ଶ୍ୱ ସଂଗ୍ରହ କରାହେଉ ଥିଲା । ଜଣେ ସତ୍ୟାଗ୍ରହୀ ଅନେକ ସମୟରେ ଆମ ପରିବାରର ଚାହାଳି ଘରକୁ ଆସି ଅସହଯୋଗ ଆନ୍ଦୋଳନ ବିଷୟରେ ନାନା କଥା କହୁଥିଲେ ଓ ଗୀତ ଗାଉଥିଲେ । ତାଙ୍କର ଗୋଟିଏ ଗୀତର ଗୋଟିଏ ଧାଡ଼ି ମୋର ଆଜିଯାଏ ମନେ ଅଛି—"ସରିଗଲାଣି ସରକାର ସରଖିଆରେ ।" ଏଇଟି ମୋର ମନେ ରହିବାର କାରଣ ହେଲା ମୁଁ ସର ଖାଇବାକୁ ଭାରି ଭଲ ପାଉ-ଥିଲି । ପୋଲିସବାଲାଙ୍କୁ ମୁଁ ସରକାର ବୋଲି ବିଚାରୁ ଥିଲି । ସେମାନେ ଖୁବ୍ ତଗଡା ତଗଡା ହୋଇ ଥାଆନ୍ତି । ମୁଁ ମନେ ମନେ ବିଚାରି ଥିଲି ଏମାନେ ଖାଲି ସର ଖାଇ ଖାଇ ଏପରି ତଗଡ଼ା ହୋଇଛନ୍ତି । ବାରମ୍ବାର ସେହି ଅସହଯୋଗୀଙ୍କଠାରୁ ଏ ଗୀତଟି ଶୁଣିବା ଫଳରେ ମୋର ମନେ ରହି ଯାଇଥିଲା । କାଳକ୍ରମେ ଏଇ ପଦଟି ଛଡ଼ା ଆଉ ସବୁ ଭୁଲି ଯାଇଛି । ଏପରି ଗୀତ ସେ ଲେଖିଥିବାରୁ ମୁଁ ତାଙ୍କୁ ଦୈବୀଶକ୍ତିସମ୍ପନ୍ନ ବୋଲି ମନେ ମନେ ଭାବି ନେଇଥିଲି । ତା' ନ ହେଲେ ଏପରି ଉପର ପଦର ଶେଷ ଓ ତଳ ପଦର ଶେଷ ଅକ୍ଷର କିପରି ମିଶିଯାଉଚି । ମୁଁ ଏହାକୁ ଅନୁକରଣ କରି କବିତା ଲେଖିବା ଲାଗି ଚେଷ୍ଟା ଆରମ୍ଭ କରିଦେଲି ଏବଂ ସରକାର ବିରୁଦ୍ଧରେ ଚାରି ପାଞ୍ଚ ଧାଡ଼ିଆ କବିତା-ଟିଏ ଲେଖିଲି । କବିତା ମନେ ନାହିଁ କିନ୍ତୁ ବିଷୟବସ୍ତୁ ଟିକିଏ ଟିକିଏ ମନେ ଅଛି—ତାହା ହେଲା—"ଆରେ ବଦମାସ ସରକାର, ତୁ ଆଉ ସର ଖାଇ ପାରିବୁ ନାହିଁ । ତତେ ଆଉ ସର କେହି ଦେବେ ନାହିଁ । ତୁ ମର । ତତେ ବିଲୁଆ ଖାଉ । ତୁଟା ଭାରି ବଦମାସ । ତୋର ପୁଅ ମାଇପ ସମସ୍ତେ ମରନ୍ତୁ ।"

କବିତାଟି ସାରିଦେଇ ଗୋଟିଏ ଭଲ କାଗଜରେ ତାକୁ ଉତାରି ଦେଲି । ଏଡ଼େ ବଡ଼ ଉପାଦେୟ କବିତାଟି ସମସ୍ତଙ୍କ ନଜରରେ କିପରି ପଡ଼ିବ ତା'ର ଉପାୟ ଖୋଜିବାରେ ଲାଗିଲି । ଆମ ଘରୁ ପିଠାପୁର ରାସ୍ତାକୁ ଆସିବା ଲାଗି ବାଟଟା ଖୁବ୍ ନିଛାଟିଆ ଓ ଜଙ୍ଗଲିଆ ଥିଲା । ରାତି ୭ଟା ୮ଟା ହୋଇଗଲେ ସେବାଟେ ଲୋକଙ୍କ

Digitized by srujanika@gmail.com

ଯିବାଆସିବା ବନ୍ଦ ହୋଇ ଯାଉଥିଲା । ଗ୍ୱରି ପାଞ୍ଚ ଜଣ ଏକାଠି ନହେଲେ କେହି ସେ ବାଟେ ଯାଉ ନଥିଲେ । କାହ୍ନୁଆ ଓ ଆଉ ଦୁଇ ତିନିଜଣ ପିଲାଙ୍କ ଆଗରେ ମୋର ପ୍ରସ୍ତାବ ଉତ୍‌ଥାପନ କଲି । ସର୍ବସମ୍ମତିକ୍ରମେ ସ୍ଥିର ହେଲା ରାତି ନ'ଟା ବା ଦଶଟାରେ ପିଠାପୁର ଛକ ପାଖକୁ ଯାଇ ମହାଦେବ ମନ୍ଦିରର ପାଚେରୀରେ ଅଠା ଲଗାଇ ଏ କାଗଜଟିକୁ ମାରି ଦିଆଯିବ । ଚଞ୍ଚଳ ଯାଇ ମାରିଲେ କାଳେ କିଏ ଦେଖିନେବ, ସେ ସାଙ୍ଗେ ସାଙ୍ଗେ ପୁଲିସକୁ କହିଦେବ । ପୁଲିସ ଧାଇଁ ଆସି ଆମର ଦଫା ରଫା କରିଦେବ । ଆମେ ସମସ୍ତେ ଯିବା ପିଠାପୁର ଛକ ପାଖରେ ଅପେକ୍ଷା କରିବା । ଯଦି ଲୋକବାକ କାହାକୁ ନ ଦେଖିବା ତାହେଲେ କାଗଜରେ ଅଠାମାରି ସେଇଠାରେ ଲଗାଇ ଦେଇ ଆସିବା । ଯଦି ସେଠାରେ କେହି ଥାଏ ତେବେ ତାହା ଲଗାଇବା ନାହିଁ ।

ଦିନେ ରାତି ପ୍ରାୟ ସାଢେ ୯ଟା ବେଳେ ଗୀତ କାଗଜ ଓ ଅଠାନେଇ ଛକ ପାଖରେ ପହଞ୍ଚିଲୁ । ସେତେବେଳକୁ ରାସ୍ତାଟି ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇ ପଡ଼ିଥାଏ । ତଥାପି ଭୟରେ ମୁଁ ନିଜେ ନ ଲଗାଇ କାହ୍ନୁଆକୁ ଲଗାଇବାକୁ କହିଲି । ସେ ଚଟାପଟ ସେ କାମଟିକୁ ସାରିଦେଲା ଓ ଆମେ ସମସ୍ତେ ନସତଃପସର ହୋଇ ପଳେଇ ଆସିଲୁ । ମୁଁ ମନେ ମନେ ଭାବି ଦେଇଥାଏ ଯେ କାଲି ସକାଳୁ ସେଠି ନାଲି ପଗଡ଼ିଆ ସବୁ ଆସି ଜମି ଯାଇଥିବେ । ପିଠାପୁରିଆ କେତେଜଣଙ୍କୁ ନିଶ୍ଚୟ ବାନ୍ଧି ପକାଇ ଥିବେ । କିଏ ସରକାର ବିରୋଧୀ ଗୀତ ଏଠି ମାରିଲା ସେ କଥା ସମସ୍ତଙ୍କୁ ପଚ୍ୱରୁଥିବେ । ସେ ସ୍ଥାନକୁ ଯିବା ଅନୁଚିତ । ଯଦି ପୁଲିସବାଲା ଆମ ମୁହଁକୁ ଦେଖି ଜାଣିଯିବ ଯେ ଆମେ ଲଗେଇଚୁ ତେବେ ଆମ କଥା ଶେଷ ହୋଇଯିବ । ଏହା ଭାବି ପ୍ରାୟ ଗ୍ୱରି ପାଞ୍ଚଦିନ ଯାଏ ସେ ସ୍ଥାନ ମୁଁ ମାଡ଼ିଲି ନାହିଁ । ମଝିରେ ମଝିରେ ପିଠାପୁରର ଗୋଟିଏ ପିଲା ଦେଖିଲେ ସେ ସ୍ଥାନକୁ ପୁଲିସ୍‌ବାଲା ଆସି କିଛି ଧରପଗଡ କରିଛନ୍ତି କି ନା ତାହା ବୁଝୁଥାଏ । କାହାରିଠାରୁ କିଛି ସନ୍ଦେଶ ପାଇଲି ନାହିଁ । ପୁଲିସ ସେଠାରେ ଆସି ଜମିବା କଥା ବିଲ୍‌କୁଲ ଶୁଣିଲି ନାହିଁ । ଦିନେ ସାହସ ସଞ୍ଚୟ କରି ଭଲ ପିଲାଟି ପରି ସେ ସ୍ଥାନକୁ ଗଲି । ଯେଉଁଠି କାଗଜ ମରା ହୋଇଥିଲା ସେ ସ୍ଥାନଟି ଖାଲି ଥିବା ଦେଖିଲି । ପୁଣି ମନେ ମନେ ଭାବିଲି ପୁଲିସବାଲା ଆସି ସେ କାଗଜଟିକୁ କାଢିନେଇ ଯାଇଛନ୍ତି । ସେ ନିଶ୍ଚୟ ସବୁ ସ୍କୁଲକୁ ଏ କାଗଜକୁ ନେଇ ମାଷ୍ଟରମାନଙ୍କୁ ଦେଖାଇ ଏଇଟା କାହା ଅକ୍ଷର ବୋଲି ପଚ୍ୱରୁଥିବେ । ଆମ କ୍ଲାସ ସାର୍ ମୋର ହସ୍ତାକ୍ଷର ତ ଚିହ୍ନିଦେବେ । ସେ ଯଦି ମୋ ନାଁ ପୁଲିସକୁ କହି ଦିଅନ୍ତି ତେବେ ମୋ କଥା ଶେଷ ।

ପ୍ରାୟ ମାସେ ଯାଏ ମୁଁ ଆତଙ୍କଗ୍ରସ୍ତ ହୋଇ ରହିଥିଲି । କ୍ରମେ ଏହା ମୁଁ ପାଶୋରି ପକାଇ ଥିଲି ।

ଅଷ୍ଟମ ଶ୍ରେଣୀରୁ ଆମେ ସୁରୁଖୁରୁରେ ନବମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଲୁ । ରମାନା ଓ କାହ୍ନୁ କକେୟୀ ନବମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଗଲେ । ଏହି ସମୟରେ ପୁରସ୍କାର ବିତରଣୀ ହେବାର ଆୟୋଜନ ଗ୍ୱଲିଲା । ଦିନେ ହେଡ୍‌ପଣ୍ଡିତେ ଫକୀରସାର୍ ଆମ କ୍ଲାସକୁ ପଶିଆସି ପଚ୍ୱରିଲେ –"ତୁମ ଭିତରୁ କିଏ ଭଲ ଗୀତ ବୋଲେ ।" ଗୋଟେ

Digitized by srujanika@gmail.com

ଚଗଲିଆ ପିଲା ଦୁଇଜଣଙ୍କ ନାଆଁ କହିଦେଲା । ଫକୀର ପଣ୍ଡିତେ ତାକୁ ବେଞ୍ଚଉପରେ ଠିଆ କରି ଦେଇ କହିଲେ—"ବଦ୍‌ମାସ୍; ମୋ ସାଙ୍ଗରେ ଖେଳୁଛୁ ?" ସେ ଦୁଇ ପିଲା ଦୁଇ ଭାଇ ଥିଲେ । ଦି ଜଣଙ୍କର ଜିଭ ଖୁବ୍ ଛୋଟଥିଲା । ସେଥିଲାଗି ସେମାନେ ଭଲରେ କଥା ବି କହି ପାରନ୍ତି ନାହିଁ । ଖନେଇ ଖନେଇ କଥା କୁହନ୍ତି । ସମୟ ସମୟରେ ବୁଝିବା ମଧ୍ୟ କଷ୍ଟକର ହୋଇଉଠେ । ଆମ କ୍ଲାସ୍‌ରେ ଆଉ ଜଣେ ଶିକ୍ଷକ ମଧ୍ୟ ବସିଥିଲେ । ତାଙ୍କୁ ସେ କହିଲେ—"ଦେଖ ଏ ପିଲାଟା କେଡେ ବଦ୍‌ମାସ୍ । ସେ ଭଲ କରି ଜାଣେ ଏ ଦୁଇଜଣ ଖନା । ଯିଏ ଭଲ ଭାବରେ କଥା କହି ପାରନ୍ତି ନାହିଁ ସେ ଭଲ ଗୀତ ବୋଲନ୍ତି ବୋଲି ମୋତେ ଚିହ୍ନାଇ ଦେଉଛି । ବଦ୍‌ମାସ୍ ମୋତେ ଥଟ୍ଟା କରୁଛି ।" ଅନ୍ୟ ସବୁ ପିଲାମାନେ କୁରୁକୁରୁ ହୋଇ ହସିଲେ । କାଳେ ଫକୀର ସାର୍‌ଙ୍କର ନଜର ମୋ ଉପରେ ପଡ଼ିଯିବ ସେଥିଲାଗି ମୁଁ ମୁହଁକୁ ତଳକୁ ପୋତି ଦେଇଥାଏ । ସଭାରେ ପଦେ କହିବା କି ଗୀତ ଗାଇବା ମୁଁ କଳ୍ପନା କରି ପାରୁ ନଥିଲି ।

ସବୁଠାରୁ ଭଲଭାବରେ ପଢ଼ାଉଥିଲେ ଇତିହାସ ଶିକ୍ଷକ ଅପୂର୍ବ ସରକାର । ସେ ସାହିତ୍ୟିକ ଉମେଶଚନ୍ଦ୍ର ସରକାରଙ୍କ ପୁଅ ଥିଲେ । ଇତିହାସକୁ ସେ ଗଳ୍ପ ଆକାରରେ ପଢ଼ାଉ ଥିଲେ । ଫଳରେ ଗଳ୍ପ ଶୁଣିବାଲାଗି କ୍ଲାସ୍‌ରେ ସମସ୍ତେ ଚୁପ୍‌ଚାପ୍ କାନ ଡେରି ଥା'ନ୍ତି । ତାଙ୍କ କଥା ଗୁଡ଼ାକ ବି ମନେ ରହି ଯାଉଥାଏ । ଆଉ ଜଣେ ଶିକ୍ଷକ ଥିଲେ ଭୂଗୋଳ ଶିକ୍ଷକ ପଦ୍ମଚରଣ ପଟ୍ଟନାୟକ । ଭୂଗୋଳ ପଢାଇବା ପାଇଁ ଏକ ସ୍ୱତନ୍ତ୍ର ବଡ଼ କୋଠରୀ ଥାଏ । ମ୍ୟାପ୍ ଓ ଅନ୍ୟାନ୍ୟ ଭୂଗୋଳ ଆସବାବପତ୍ର ସେଠି ସବୁବେଳେ ସଜା ହୋଇ ରଖା ହୋଇଥାଏ । ସେ ସବୁବେଳେ କହନ୍ତି—"ଭୂଗୋଳ ଅତି ସହଜ ପାଠ; ତାକୁ ଭୟ କରିବା ଆଦୌ ଉଚିତ ନୁହେଁ । ଠିକ୍ ସମୟରେ ମୁଁ ତୁମକୁ ଭୂଗୋଳର ଚାବିକାଠିଟି ଦେଇଦେବି । ତୁମେ ଆଉ ଭୂଗୋଳ ପଢିବା ପାଇଁ କାହାର ସାହାଯ୍ୟ ଦରକାର କରିବ ନାହିଁ । ସେହି ଚାବିଟି ଲଗାଇ ଭୂଗୋଳକୁ ଖୋଲି ଦେଲେ ତାହା ତୁମ ଆଖି ଆଗରେ ସବୁ ଭାସିଉଠିବ । ତୁମେ ସବୁକିଛି ଛାଏଁ ଛାଏଁ ଜାଣିଯିବ । ଆମେ ପ୍ରତି ଭୂଗୋଳ କ୍ଲାସ୍‌ରେ ତାଙ୍କୁ କହୁ—"ସାର୍ ! ଚାବିକାଠି ଆଜି ଦେବେ ? ସେ ଧୈର୍ଯ୍ୟ ଧରିବାକୁ କୁହନ୍ତି ଓ ଠିକଣା ସମୟରେ ଚାବି ଦେବେ ବୋଲି ନି'ତି ଆଶ୍ୱାସନା ଦିଅନ୍ତି । ଅପୂର୍ବ ସରକାର ଓ ପଦ୍ମଚରଣ ପଟ୍ଟନାୟକଙ୍କ ପାଠ ପଢେଇବାଟାକୁ ମୁଁ ଅତି ଆଗ୍ରହର ସହିତ ଶୁଣୁଥିଲି । ହେଲେ ମୁଁ ସବୁ ପରୀକ୍ଷାରେ ଇତିହାସ ଓ ଭୂଗୋଳରେ ଫେଲ୍ ହେଉଥିଲି । କେବଳ ମାଟ୍ରିକ୍ ପରୀକ୍ଷାରେ ମୁଁ ଭୂଗୋଳ ଓ ଇତିହାସରେ ପାସ୍ କରିଥିଲି । ସମୟ ଓ ଦୂରତାଜ୍ଞାନ ମୋର ନଥିଲା ବୋଲି କହିଲେ ଚଳେ । ଏହାହିଁ ମୋର ଇତିହାସ ଓ ଭୂଗୋଳରେ ଦୁର୍ବଳତାର କାରଣ ଥିଲା ।

ଥରେ ସଂସ୍କୃତର ଦ୍ୱିତୀୟ ଶିକ୍ଷକ ଚନ୍ଦ୍ରଶେଖର ମିଶ୍ର କିଛିଦିନ ଛୁଟିନେଇ ଯିବାରୁ ତାଙ୍କ ସ୍ଥାନରେ ଆଉ ଯେଉଁ ପଣ୍ଡିତ ଆସିଲେ ସେ ଥିଲେ ଆମର ବନ୍ଧୁବାନ୍ଧବ । ମୋର

Digitized by srujanika@gmail.com

ଅଙ୍କ ହିସାବ । ଥରେ ଘର ପାଠ ଖାତାରେ ଦସ୍ତଖତ କରିବା ପାଇଁ ଆମ କ୍ଲାସର ସବୁ ପିଲ ପଣ୍ଡିତଙ୍କୁ ଘେରି ଖାତାରେ ଦସ୍ତଖତ କରାଇନେବାଲାଗି ତାଙ୍କ ଚଉକିଡ଼ରେ ଠିଆ ହୋଇଥିଲେ । ଚଉଳିଶି ଖାତା ଦେଖିବାକୁ ସମୟ ଲଗୁଥିଲ । ଏହି ସମୟରେ ଗୋଟିଏ ମାଙ୍କଡ଼ାମୀ ମୋ ମୁଣ୍ଡରେ ପଶିଲା । ଗୋଟିଏ ଛୋଟିଆ କାଗଜରେ ଲେଖିଲି 'ଗଧ' । ତା'ର ଗୋଟିଏ କଣରେ ସୂତା ଗଳାଇ ଗଣ୍ଠି ପକାଇ ଦେଲି । ସୂତାର ଅନ୍ୟପ୍ରାନ୍ତରେ ଗୋଟିଏ ଫାଶ କରିଦେଲି । ପଣ୍ଡିତଙ୍କର ଗୋଟିଏ ବଡ଼ ଚୁଟିଥିଲ । ସେ ସେଥିରେ ସବୁଦିନେ ଫୁଲଟିଏ ବାନ୍ଧି କ୍ଲାସକୁ ଆସୁ-ଥିଲେ । ସେଇଥିରେ ସେ ଗଧ ଲେଖିଥିବା କାଗଜର ଫାଶକୁ ଗଳାଇଦେଲେ ତାହା ବେଶ୍ ଝୁଲୁ ଥିବ ଏବଂ ବଡ଼ କୌତୂହଳପ୍ରଦ ହେବବୋଲି ମୁଁ ବିଚାରିଲି । ମୋ ପାଖରେ ଆଉ କେତେଜଣ ଖେଚେଡ଼ିଆ ପିଲଙ୍କର ଭିଡ଼ ଜମାଇ ଦେଲି । ସେ ଖାତା ପଢି ଗୋଟିଏ ଗୋଟିଏ ଦସ୍ତଖତ କରୁଥିବାବେଳେ ଅତି ସନ୍ତର୍ପଣରେ ଫାଶଟିକୁ ଚୁଟିରେ ଗଳାଇ ଦେବାର ଉପକ୍ରମ କରୁଥିଲି । ଯଦି କିଛି ଗଣ୍ଡଗୋଳ ନହୋଇ ଥା'ନ୍ତା ତେବେ ମୋର ଧରା ପଡ଼ିବାର ଉପାୟ ନଥିଲ । କିନ୍ତୁ ଏହା କଲାବେଳେ ମୋଠାରୁ ଜଣେ ଅଧିକ ମାଙ୍କଡ଼ା ପିଲ ମୋ କହୁଣିଟାକୁ ହଠାତ୍ ଆଗକୁ ଠେଲି ଦେଲ । ମୋ ଆଙ୍ଗୁଠି ଗୁଡ଼ିକ ତାଙ୍କ ମୁଣ୍ଡରେ ଗେବି ହୋଇଗଲ । ପଣ୍ଡିତେ ହଠାତ୍ ପଛ ଆଡ଼କୁ ଚାହିଁ ଦେଇ ମୋ ଉପରକୁ ପାଟି କରି ଉଠିଲେ—"ହଇରେ ! ତୁ ମୋ ଚୁଟି ଟାଣୁଛୁ । ରହ ହେଡ୍-ମାଷ୍ଟରଙ୍କୁ କହି ତୋତେ ବେତମାଡ଼ ଖୁଆଉଛି ।" ଏହା କହି ସେ ତରତର ହୋଇ ହେଡ୍-ମାଷ୍ଟରଙ୍କ ଅଫିସ୍ ଆଡ଼କୁ ଧାଇଁଲେ । ମୁଁ ସମସ୍ତଙ୍କୁ କାକୁତିମିନତି ହୋଇ କହିଲି— ହେ ! ତାଙ୍କ ଚୁଟିରୁ ସେ କାଗଜ ଖଣ୍ଡିକ କାଢି ଆଣ । କେହି ସାହସ କରି ସେ କାମ କଲେ ନାହିଁ । ହେଡ୍‌ମାଷ୍ଟେ ଭୀମ ରାଉତ ସହକାରୀ ହେଡ୍‌ମାଷ୍ଟେ ଖୋବା ଖାଁ ଓରଫ୍ ସୁରେନ୍-ବାବୁ ଅଫିସ୍‌ରେ ବସିଥିଲେ । ତାଙ୍କ ପାଖରେ ଅଭିଯୋଗ କରି ସେ ଫେରିଲବେଳକୁ ଦୁହେଁ ତାଙ୍କ ଚୁଟିରେ ସେ କାଗଜ ଝୁଲୁଥିବାର ଦେଖିଲେ । ସେତକ ଯଦି ଦେଖି ନଥା'ନ୍ତେ ତା'ହେଲେ ମୋର ବିଶେଷ କିଛି କ୍ଷତି ହୋଇ ନଥା'ନ୍ତା । ମୁଁ ମଧ୍ୟ ରକ୍ଷା ପାଇବାର ବାଟ ସ୍ଥିର କରିଥିଲି । କହିଥାନ୍ତି—"ଖାତା ଦେଖେଇବାକୁ ଆମେ ସମସ୍ତେ ତାଙ୍କ ଚାରିପାଖରେ ଠେଲଠେଲି ହେବାରୁ ମୋ ହାତଟି ପେଲି ହୋଇଗଲ ଏବଂ ତାଙ୍କ ମୁଣ୍ଡରେ ବାଜିଲ ।" ସେତିକିରେ ମୁଁ ଖସି ଯାଇ ପାରିଥା'ନ୍ତି । କିନ୍ତୁ କାଳ ହେଲ 'ଗଧ' ଲେଖା ହୋଇଥିବା ସେହି ଚିରୁକୁଟିଟି । ହେଡ୍‌ମାଷ୍ଟେ ସେଇଟାକୁ କାଢିନେଇ 'ଗଧ' ବୋଲି ଲେଖା ହୋଇଥିବା ଜାଣିଲେ ଏବଂ ମୋ ପ୍ରତି କଠୋର ଶାସ୍ତି ବିଧାନ କଲେ । ସଙ୍ଗେ ସଙ୍ଗେ ସେ ନୋଟିସ୍ ଖାତାରେ ଲେଖିଥିଲେ ଯେ ନବମ ଶ୍ରେଣୀର ରାମଚନ୍ଦ୍ର ମିଶ୍ରଙ୍କୁ ୭ ଦିନ ଯାଏ ସମସ୍ତ କ୍ଲାସ୍‌ରେ ବେଞ୍ଚ ଉପରେ ଠିଆ ହେବାକୁ ପଡ଼ିବ । ଯଦି ସେ ଘରୁ ନ ଆସେ ତେବେ ଯେତିକି ଦିନ ସେ ଘରେ ରହିବ ସେତିକି ଦିନ ଅଧିକା ଠିଆ ହେବାକୁ ପଡ଼ିବ । ସାରାସ୍କୁଲଯାକ ସେ ନୋଟିସ୍ ମାଷ୍ଟରମାନଙ୍କ ପାଖକୁ ପଠାଯାଇ ସେମାନଙ୍କ ଦସ୍ତଖତ ସଂଗ୍ରହ କରାଗଲ । ମୋର ଭାରି ଭୟ ଥିଲ ଯେ ହେଡ୍-ମାଷ୍ଟେ ମୋତେ ବେତରେ ବାଡ଼େଇବେ । ସେତକ ନହେବାରୁ ମୁଁ ବଡ଼ ଆଶ୍ୱସ୍ତ ହେଲି ।

Digitized by srujanika@gmail.com

କିନ୍ତୁ ଆଉ ଗୋଟିଏ ବିପଦ ଦେଖାଦେଲା । କ୍ଲାସ୍‌ରେ ମୁଁ ବେଞ୍ଚରେ ଠିଆ ହୋଇ-ଥିଲାବେଳେ ଅନ୍ୟ କ୍ଲାସ୍‌ର ପିଲାମାନେ ଦଳଦଳ ହୋଇ ଜମାହେଲେ ଏବଂ ମୋତେ ଦେଖାଇ କୁହାକୁହିହେଲେ—"ହେଇ ଏଇ ପିଲା ପଣ୍ଡିତଙ୍କ ଚୁଟିରେ 'ଗଧ' ଲେଖା ଥିବା ଚିରୁକୁଟି ଝୁଲାଇଥିଲା ।" ମୋ ମନଟା ଏକାବେଳକେ ବିଶେଇ ଉଠିଲା । ନିଜକୁ ଭାରି ଧିକ୍‌କାର କଲି । ଘରେ ସମସ୍ତେ ଜାଣିଲେ । ଘରେ କିନ୍ତୁ ମୋର ବୁଢ଼ୀମା ମୋତେ ଅନ୍ୟମାନଙ୍କ ରୋଷାଗ୍ନିରୁ ଘଣ୍ଟ ଘୋଡ଼ାଇଲା । ସେ ସାଫ୍‌ସାଫ୍ ଶୁଣାଇଦେଲା—"କଲାତ କ'ଣ ହେଲା ? ଅଜା ସାଙ୍ଗରେ ନାତି କ'ଣ ଥଟ୍ଟା ନକଲ ଖେଳେନି ?" ଅଜା ମଧ୍ୟ ଆମ ଘରକୁ ଆସି ମୋତେ ପ୍ରବୋଧ ଦେଇଥିଲେ । ସେତେବେଳକୁ ତାଙ୍କ ହୃଦୟରୁ ସମସ୍ତ ରାଗ ଦୂର ହୋଇ ଯାଇଥିଲା ଓ ସେ ଯାଗାକୁ ସ୍ନେହ ଅଧିକାର କରି ସାରିଥିଲା । ସେ ମୋତେ ଓଲଟି ବୁଝାଇଲେ—"ତୁ ଝୁଲେଇଲୁ, ସେଇଟାକୁ କାଢି ନେଲୁନି । ମୁଁ ବି ଯଦି ଜାଣିଥା'ନ୍ତି ତେବେ ନିଜ ହାତରେ କାଢି ଫୋପାଡ଼ି ଦେଇଥାନ୍ତି । ସେତକ ଜାଣି ନଥିବାରୁ ମୁଁ ହେଡ୍‌ମାଷ୍ଟରଙ୍କ ପାଖକୁ ଚାଲିଗଲି । ଫେରି ଆସିବା ବେଳକୁ ହେଡ୍‌ମାଷ୍ଟେ ଦେଖିଦେଲେ ।"

ଏ ସାତଦିନିଆ ଦଣ୍ଡ ଅବଶ୍ୟ ଦୁଇଦିନ ପରେ ବନ୍ଦ ହୋଇଗଲା । ଗୋପାଳ ଚନ୍ଦ୍ର ସିଂହ ଶିକ୍ଷକ ଏପରି ଏକ ଦଣ୍ଡଦ୍ୱାର କ୍ଲାସରେ ଏକ ଗଣ୍ଡଗୋଳ ହେଉଥିବାର ଜାଣି ମୋତେ ବସାଇଦେଲେ ଏବଂ ହେଡ୍‌ମାଷ୍ଟରଙ୍କ ସାଙ୍ଗରେ ଯାଇ କଳି କଲେ । ସେ କହିଲେ—"ଏକେତ କ୍ଲାସ୍‌ର ସବୁ ପିଲାଙ୍କର ଦୃଷ୍ଟି ତା ଆଡ଼େ ଆକୃଷ୍ଟ ହେଉଛି । ଅନ୍ୟ କ୍ଲାସର ପିଲାମାନେ ମଧ୍ୟ ଆସି ସେଠାରେ କୁର୍ କୁର୍ ହେବା ଫଳରେ ପାଠପଢ଼ାରେ ବ୍ୟାଘାତ ହେଉଛି । ଏ ଦଣ୍ଡକୁ ଶୀଘ୍ର ପ୍ରତ୍ୟାହାର କରି ନିଅନ୍ତୁ ।" ହେଡ୍‌ମାଷ୍ଟେ ସେଥିରେ ରାଜି ହୋଇଗଲେ । ମୁଁ ଏକ ବିରାଟ ବିପଦରୁ ରକ୍ଷା ପାଇଗଲି ଏବଂ ଗୋପାଳ ସିଂହଙ୍କ ଉଦ୍ଦେଶ୍ୟରେ ଠାକୁରଙ୍କ ପାଖରେ ବହୁତ ମୁଣ୍ଡିଆ ମାରିଲି । ସେ ମଧ୍ୟ ଆମ ଘରୁ ଔଷଧ ଖାଉଥିଲେ । ଆଉ ଦୁଷ୍ଟାମୀ ନ କରିବା ଲାଗି ମୋତେ ଘରେ ବହୁତ ଉପଦେଶ ଦେଇଥିଲେ ।

ଏହି ନବମ ଶ୍ରେଣୀରେ ପଢିଲା ବେଳେ ଦିନେ ପାଠପଢ଼ା ସମୟରେ ହଠାତ୍ ଆକାଶରେ ଏକ ବିରାଟ ଗର୍ଜନ ଶୁଣାଗଲା । ମଟର କାରର ଗର୍ଜନ ଏତେବଡ଼ ହୋଇ ପାରିବ ନାହିଁ । ସମସ୍ତେ ଅବାକ୍ ହୋଇଗଲେ । ପାଠପଢା ବନ୍ଦ ହୋଇଗଲା । ସମସ୍ତେ ପଦାକୁ ବାହାରି ଆସି ଉପରକୁ ଚାହିଁଲେ । ଜଣେ ହୁରି ପକାଇଲା—"ହେ ହେ ! ଆମ ସ୍କୁଲ ଉପର ଦେଇ ଗୋଟାଏ ଉଡ଼ାଜାହାଜ ଗଲା । ସେତେବେଳକୁ ଉଡ଼ାଜାହାଜ କିଲା ପଡ଼ିଆ ଉପରକୁ ଚାଲିଗଲାଣି । ବହୁ ଦୂରରେ ତଳକୁ ଖସୁଥିବା ଉଡ଼ାଜାହାଜଟିକୁ ମୋ ସହିତ ଆହୁରି ଅନେକ ଲୋକ ଦେଖି ପାରିଥିଲେ । ଏଥିପୂର୍ବରୁ ଉଡ଼ାଜାହାଜ କେବେ କଟକ ଆସି ନଥିଲା । ଅନେକପିଲା ଆଗରୁ ଦେଖିଥିବା ପରି କହି ଲାଗିଲେ—ସେଇଟା ଆଖିକୁ ସିନା ଏଡ଼େ ଟିକେ ଦେଖା ଯାଉଛି, ସେଥିରେ ଥିବା କୋଠରି ଗୁଡ଼ିକ ଆମ ହଲ୍‌ପରି ବଡ଼ । ବହୁତ ଲୋକ ତା ଦେହରେ ବସନ୍ତି । ଲମ୍ବା ପ୍ରାୟ ଆମ ସ୍କୁଲ ପରି

Digitized by srujanika@gmail.com

ହେବ । ଠିକ୍ ଆମ ସ୍କୁଲ ଉପର ଦେଇ ଯିବାରୁ ଏଡ଼େ ଶବ୍ଦ ଶୁଭିଲା । ଗଲା ବାଟରେ ସେ ଗୋଟାଏ ଦୁଇଟା ଗଛ ନିଶ୍ଚୟ ଭାଙ୍ଗିଥିବ ।” ସେଦିନଟା ଯାକ ଉଡ଼ାଜାହାଜ ଚର୍ଚ୍ଚାରେ ଗଲା । ସମସ୍ତଙ୍କୁ କହିବାର ଶୁଣିଲି ଏ ଉଡ଼ାଜାହାଜ ତାଙ୍କରି ଘର ଉପର ଦେଇଗଲା । ଆମ ଘରେ ମଧ୍ୟ ସେହି କଥାର ପ୍ରବଳ ଚର୍ଚ୍ଚା ଚାଲିଥାଏ । ଜଣେ କହିବାର ଶୁଣିଲି—“ମୁଁ ନିଜେ ଦେଖିଛି ପରା । ଏଇ ଆମ ଘର ଉପର ଦେଇ ଗଲା । ମେନେଜର କୋଠା ଉପରେ ପାଣିପିଇ ଚାଲିଗଲା ।” କଟକ ସହରର ପ୍ରାୟ ଅଧେ-ଲୋକ କିଲାପଡ଼ିଆରେ ଯାଇ ଜମା ହୋଇ ଯାଇଥିଲେ । ପି. ଏମ୍. ଏକାଡ଼େମୀର ପ୍ରାୟ ସବୁ ମାଷ୍ଟର ଓ ପିଲା ସ୍କୁଲ ଛାଡ଼ି ଚାଲିଯାଇଥିଲେ । ଜଣେ ଜଣେ ଡଷ୍ଟର୍ ଓ ପଏଣ୍ଟର ଥୋଇବାକୁ ସମୟ ନପାଇ ହାତରେ ଧରି ଚାଲି ଯାଇଥିଲେ । ମୋର ପ୍ରବଳ ଇଚ୍ଛା-ଥିଲେ ସୁଦ୍ଧା ମୁଁ କିଲାପଡ଼ିଆକୁ ଯାଇ ପାରିଲି ନାହିଁ । କେବଳ ଉଡ଼ାଜାହାଜ ବିଷ-ୟରେ ମୁଁ ସମସ୍ତଙ୍କଠାରୁ ଖବର ସଂଗ୍ରହ କରୁଥିଲି । ସମସ୍ତଙ୍କଠାରୁ ବିବରଣ ସଂଗ୍ରହ କରି ଜାଣି ପାରିଲି ଯେ ଏହା ଏକ ମସ୍ତବଡ଼ କଙ୍କିପରି । ଦି ପାଖରେ ଦି’ଦିଟା ଡେଣା । ପେଟଭିତରେ ଯୋଡ଼ାଏ ଗାତ । ତା’ରି ଭିତରକୁ ଦୁଇଜଣ ମଣିଷ ପଶିଯାଆନ୍ତି । ଜାହା-ଙ୍କର ମୁହଁଟା ଗୋଜିଆ, ତା ଅଣ୍ଟରେ ନିଶ ଭଳିଆ ଗୋଟାଏ ଜିନିଷ ଖୁବ୍ ଯୋର୍‌ରେ ବୁଲେ । ସେହି ଜିନିଷଟି ଉଡ଼ାଜାହାଜକୁ ଟେକି ନେଇ ଚାଲିଯାଏ । କାଳକ୍ରମେ ମୁଁ ମଧ୍ୟ ଅନ୍ୟମାନଙ୍କ ମୋ କଳ୍ପନାର ଉଡ଼ାଜାହାଜ ନିଖୁଣଭାବେ ଦେଖିଥିବା କଥା ଅନ୍ୟମାନଙ୍କୁ ବର୍ଣ୍ଣନା କରିଥିଲି । ଏ ଉଡ଼ାଜାହାଜ ଚାଲିଯିବାର କିଛିଦିନ ପରେ ଅନ୍ୟ ଦିଓଟି ଉଡ଼ା-ଜାହାଜ କଲିକତାରୁ ବାରମ୍ବାର କଟକକୁ ଆସିଲେ । ସେହି ଉଡ଼ାଜାହାଜଗୁଡ଼ିକୁ ମୁଁ ଅବଶ୍ୟ ଦେଖିଥିଲି । ସେଇଟା କେମିତି ଉଡୁଛି ସେ ବିଷୟରେ ମୁଁ ବହୁତ ଭାବିଥିଲି । ଏଡ଼େ ଭାରି ଜିନିଷଟାଏ । ସେଇଟାକୁ ଉପରକୁ ଆଗକୁ କିଏ ଟାଣି ନେଉଛି । ବହୁବର୍ଷ-ଯାଏ ମୁଁ ଏହି ବିଷୟ ଚିନ୍ତାକରି ଲାଗିଥିଲି । ଏ କୌତୂହଳ ମୋତେ ଏତେ ଆକ୍ରାନ୍ତ କରି ପକାଇଥିଲା ଯେ ପରିଣତ ବୟସରେ ମୁଁ ଏରୋନଟିକ୍‌ସ ବହିପଢି ସମସ୍ତ ବିଷୟ ଭଲ ଭାବରେ ବୁଝି ପାରିଲି । ଏହିପରି ବହୁ ବିଷୟରେ କୌତୂହଳାକ୍ରାନ୍ତ ହୋଇ ମୁଁ ରେଳଇଞ୍ଜିନ୍, ମୋଟରକାର୍, ପାଣି ଜାହାଜ, ବୁଡ଼ା ଜାହାଜ ଆଦି ବିଷୟରେ ବହିସବୁ ପଢି ଜ୍ଞାନ ଅର୍ଜନ କରିଥିଲି । ସିନେମାଯନ୍ତ୍ର ବିଷୟରେ ମଧ୍ୟ ମୁଁ ବହୁତ ଭାବିଚିନ୍ତି ଯାହା ସ୍ଥିର କରିଥିଲି ତାହା ମଧ୍ୟ ପରେ ଠିକ୍ ସେଇଆ ବୋଲି ଜଣାଗଲା । ଏ ସିନେମା ବିଷୟଟି ବଡ଼ କୌତୂହଳପ୍ରଦ ଥିଲା । ପିଲାବେଳେ ସ୍କୁଲପାଠ ଆରମ୍ଭ ପୂର୍ବରୁ ମୁଁ ପ୍ରଥମେ ଏ ସିନେମାକଥା ଶୁଣିଲି । ଆମ ବୁଢିମାଙ୍କୁ ବୁଢ଼ାବାପାଙ୍କର ଜଣେ ବନ୍ଧୁ ମୁନିସିପାଲିଟିରେ ପଡ଼ିଥିବା ଗୋଟିଏ ସିନେମା ଦେଖାଇବାକୁ ନେଇ ଯାଇଥିଲେ । ମାଆ ଦେଖି ଆସି ଯାହା ବର୍ଣ୍ଣନା କଲା ତାହା ଅବିକଳ ଏମିତି—“କେଡ଼େ ଆଚମିତ କଥା । ପେଣ୍ଟପିନ୍ଧା ସାହେବ ଗୁଡ଼ାକ ଖାଲି ଧସ୍ତାଧସ୍ତି ହେଉଛନ୍ତି । ଠିକ୍ ମଣିଷଙ୍କ ଭଳିଆ ଦିଶୁଛନ୍ତି । ଗୋଟିଏ ଛୋଟ ଅଟା ବସ୍ତାକୁ ଫୋପଡ଼ା ଫୋପଡ଼ି ହେଲେ । ବସ୍ତା ଫାଟିଯାଇ ଅଟାଗୁଡ଼ା ଘରିଆଡ଼େ ଉଡ଼ିଲା । ସତକୁ ସତ ଅଟା ଉଡ଼ିଲା ଭଳି ଦିଶିଲା । ସେ ଘର ଭିତରକୁ ଜଣେ ଜଣେ ପଶି ଆସୁଥାନ୍ତି । ଖାଲି ପାଟି ପାକୁ ପାକୁ

Digitized by srujanika@gmail.com

କରୁଥାନ୍ତି । ଠିକ୍ ମଣିଷମାନେ କଥାବାର୍ତ୍ତା ହେଲା ଭଳିଆ, କ'ଣ ନ କରିଛନ୍ତି ଏ ସାହାବମାନେ । ଲୋକଙ୍କ ସାହା ପୁରୁଷ ତର୍ଣ୍ଣିଯାଏ ଗ୍ଲାଲି ଆସୁଥାନ୍ତି ହେଲେ ଆଉ ଟିକେ ପଦାକୁ ବାହାରି ପାରୁ ନଥାନ୍ତି । ସେତିକି ହୋଇଗଲେ ମଣିଷତ ଜୀବନ୍ୟାସ ପାଇଯା'ନ୍ତା । ଠିକ୍ ମଣିଷ ହୋଇଯା'ନ୍ତା । ହେଲେ ମଣିଷ ସେତିକି କରିପାରିନି । ତାକୁ ଦେଖିବାକୁ ପୁଣି ଏତେ ଦେଖଣାହାରୀ ଯାଇଥିଲେ ଯେ ତାହା କହିବାର ନୁହେଁ ।"

ନୀରବ ଚଳଚ୍ଚିତ୍ରର ଯୁଗ-

ସେତେବେଳେ ମୁଁ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ପଢୁଥାଏ । ଯେଉଁଦିନ ଡଗଲସ୍ ଫେଆର ବ୍ୟାଙ୍କ ବା ମାଷ୍ଟର ଭିଟଲଙ୍କର ଫିଲ୍ମ ଥାଏ ସେଦିନ କଲେଜ ଓ ହାଇସ୍କୁଲର ପିଲାମାନେ ସିନେମା ହଲରେ ଖୁନ୍ଦି ହୋଇ ଯାଆନ୍ତି । ମାଷ୍ଟର ଭିଟଲ ଫିଲ୍ମରେ ଗୋଟିଏ ପ୍ରକାର ମାରପିଟ୍ ସବୁବେଳେ ଦେଖାଯାଏ । ଯେତେବେଳେ ଭିଲେନ୍ ମାଷ୍ଟର ଭିଟଲଙ୍କୁ ମାଡ଼ିବସି ତା ଉପରେ ବିଧାକୋଡ଼େ ଦର୍ଶକମାନେ ଅଥୟ ହୋଇ ଉଠନ୍ତି । ଗୋଳ ଉଠେ "ଆରେ ସେ ଶଳାକୁ ଲେଉଟେଇ ଦେଇ ଥୋଉନୁ ।" ପୁଣି ହିରୋ, ଭିଲେନ୍‌କୁ ଲେଉଟେଇ ଦେଇ ଯେତେବେଳେ ମାଡ଼ ଆରମ୍ଭ କରେ ଦର୍ଶକମାନଙ୍କର ହର୍ଷ ଧ୍ୱନିହଲ୍ କମ୍ପେଇ ଦିଏ । ଭିଲେନ୍ ମୁଣ୍ଡରେ ମାଷ୍ଟର ଭିଟଲ ଯେତେବେଳେ ବିଧା କୋଡ଼େ ସେତେବେଳେ ଚାରିଆଡୁ ସ୍ୱର ଉଠେ, "ମାର ଶଳାକୁ ଶେଷ କରିଦେ ।" ଥରେ ମାର୍‌ପିଟ୍‌ର ଚରମ ପର୍ଯ୍ୟାୟ ବେଳେ ଜଣେ ଦର୍ଶକ ଏପରି ଉତ୍ତେଜିତ ହୋଇ ପଡ଼ିଲେ ଯେ ସେ ତାଙ୍କର ଟିଣ ଚଉକୀଟିକୁ ଉଠାଇ ଭିଲେନ୍ ଉଦ୍ଦେଶ୍ୟରେ ନିକ୍ଷେପ କଲେ । କିନ୍ତୁ ଚଉକୀଟି ମଞ୍ଚଯାକେ ନଯାଇ ଆଗରେ ବସିଥିବା କେତେକ ଦର୍ଶକଙ୍କ ଉପରେ ପଡ଼ିଲା । ଅନେକ ଖଣ୍ଡିଆ ମଣ୍ଡିଆ ହେଲେ । ଫିଲ୍ମ ବନ୍ଦ ହେଇଗଲା । କିଏ ଚେୟାର ଫିଙ୍ଗିଲା ଜଣାପଡ଼ିଲା ନାହିଁ । ସବୁ ଶାନ୍ତ ପଡ଼ିବାକୁ ପ୍ରାୟ ଦଶ ପନ୍ଦର ମିନିଟ୍ ଲାଗିଲା ।

ପରେ ଟକି ଆସିଲା । ସେତେବେଳେ ଦର୍ଶକମାନଙ୍କର ଏ ହଲ୍ଲାଗୋଳ ସ୍ୱଭାବ ଛଡ଼ାଇବା ଲାଗି ପ୍ରତି ଦୁଇତିନି ମିନିଟ୍‌ରେ 'Silence please' ବୋଲି ହଲ୍‌ରେ ଲେଖାଟିଏ ଦେଖାଇ ଦିଆହେଉଥାଏ । ମୁଁ ମନେ ମନେ ଭାବୁଥାଏ ନୀରବ ଚଳଚ୍ଚିତ୍ର ବରଂ ଭଲ ଥିଲା । ଦର୍ଶକମାନେ ନିଜ ଉଚ୍ଛ୍ୱାସକୁ ପଦାରେ ପ୍ରକାଶ କରିପାରୁଥିଲେ । ବର୍ତ୍ତମାନ ଛବି ଯଦି କାହାର ଅପସନ୍ଦ ହୁଏ ତେବେ ସେ ପ୍ରକାଶ କରି ପାରିବ ନାହିଁ । ଏଥିରେ ଗଣତାନ୍ତ୍ରିକ ଚେତନା ବାଧା ପଡୁଛି ।

ମଝିରେ ମଝିରେ ସହରକୁ ମୋହନ ଗୋସେଇଁ ରାସ, ବଲାଙ୍ଗା ଆର୍ଟ ଥିଏଟର, ଚନ୍ଦନବେଳେ ବହୁ ଯାତ୍ରାଦଳ ଓ ସର୍କସ ଆସି ଲୋକଙ୍କ ମନୋରଞ୍ଜନ କରୁଥିଲା ।

Digitized by srujanika@gmail.com

ବିଶେଷ କିଛି ଉଲ୍ଲେଖଯୋଗ୍ୟ ଘଟଣା ବିନା ନବମ ଶ୍ରେଣୀରୁ ଦଶମ ଶ୍ରେଣୀକୁ ଉଠିଲି । ସେତିକିବେଳେ ହେଡ୍‌ମାଷ୍ଟେ ଭୀମ ରାଉତ ବଦଳୀ ହୋଇଗଲେ ଓ ତାଙ୍କ ଯାଗାରେ ସର୍ଚ୍ଚିରାଏ ଆସିଲେ । ସେ 'ଅକ୍‌ସଫୋର୍ଡ'ରୁ ବି.ଏ. ପାସ୍‌କରି ଆସି-ଥା'ନ୍ତି । ତାଙ୍କର ଚେହେରା ଓ ବ୍ୟବହାର ଅତି କମନୀୟ ଥିଲା । କାହା ଉପରକୁ ଚିଡ଼ିବା ଆମେ ଦିନେହେଲେ ଦେଖିନାହୁଁ । ଦଶମ ଓ ଏକାଦଶ ଶ୍ରେଣୀରେ ଆମେ ତାଙ୍କରି-ଠାରୁ ଶିକ୍ଷା ପାଇଥିଲୁ । ସେ ଇଂରାଜୀ ଓ ବେଳେବେଳେ ଇତିହାସ ପଢ଼ାଉଥିଲେ । ପିଲମାନଙ୍କର ମନକୁ ସତେଜ ଓ ଖୁସି ରଖିବାପାଇଁ ସେ ବେଳେବେଳେ ଯାଦୁକର-ମାନଙ୍କୁ ଡକାଇ ପିଲମାନଙ୍କ ଆଗରେ ଖେଳ ଦେଖାଉଥିଲେ । ସେତେବେଳେ ମାଟ୍ରିକ୍ ପରୀକ୍ଷା ପାଟନା ଇଉନିଭରସିଟି କରଉଥିଲା । ଦଶମ ଶ୍ରେଣୀରୁ ଛାତ୍ରମାନେ ଏକାଦଶ ଶ୍ରେଣୀକୁ ଉଠିଲାବେଳେ ସେ ଏକାବେଳକେ ପ୍ରମୋସନକୁ କଷି ଦେଇଥିଲେ ! ଆମ କ୍ଲାସରେ ବୃତ୍ତି ପାଇଲା ପିଲା ପ୍ରାୟ ୧୫ଜଣ ଥିଲେ । ଶୁଣାଗଲା ମୋଟେ ୧୫ଜଣ ଏକା-ଦଶ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ଏହାଶୁଣି ମୋର ହଲକ ଶୁଖିଗଲା । ଓଯେଉଁ-ମାନେ ନିଶ୍ଚିନ୍ତ ଭାବରେ ପାସ୍ କରିବେ ମୋ ମନ ଭିତରେ କଳ୍ପନାକରି ଦେଖିଲି । ମନେକଲି ପ୍ରାୟ ୨୦ ଜଣ ପିଲା ପାସ୍ କରିବେ । କିନ୍ତୁ ପାସ୍ କରିଛନ୍ତି ପ୍ରାୟ ୧୫ଜଣ ପିଲା । ମୁଁ ନିଜେ ଫେଲ ହୋଇଛି ବୋଲି ମନେମନେ ଧରିନେଲି । ମନଦୁଃଖରେ ସ୍କୁଲକୁ ଆସିଲି ନାହିଁ । ପ୍ରମୋସନ୍ ଡକାହେବା ଦିନ ଘରେ ଚୁପ୍ ହୋଇ ଶୋଇ ରହିଲି । ଘରେ ମଧ୍ୟ ସମସ୍ତେ ଅନ୍ଦାଜ କରି ନେଲେ ଯେ ମୁଁ ଫେଲ୍ ହୋଇଛି । ତହିଁ ଆରଦିନ ମୁଁ ମଧ୍ୟ ଆଉ ସ୍କୁଲକୁ ଆସିଲି ନାହିଁ । ସାଇକେଲ୍‌ରେ ଜଣେ ସାଙ୍ଗ ଘରକୁ ଗଲି । ସେ ନିଜେ ଫେଲ୍ ହୋଇ ଯାଇଥିଲା । ମୋତେ ଦେଖିବାମାତ୍ରେ ସେ ମୋତେ ବଧେଇ ଦେଇ କହିଲା ଯେ ମୁଁ ପାସ୍ କରିଛି । ତଥାପି ମୋର ବିଶ୍ୱାସ ହେଲା ନାହିଁ । ତା ପରଦିନ ହାଜିର ନିଆଗଲାବେଳେ ମୁଁ ବରଣ୍ଡାରେ ଠିଆ ହୋଇ କାନେଇଲି ହଠାତ୍ ମୋ ନାଆଁଟା ମଧ୍ୟ ଡକାଗଲା । ମୁଁ ନସରପସର ହୋଇ ପଶି ଯାଇ ହାଜିର ପକାଇଦେଲି । ଅଭିଭାବକମାନଙ୍କର କାକୁତିମିନତି ଏଡ଼ାଇ ଦେବା ଲାଗି ସର୍ଚ୍ଚିରାଏ ପାଣ୍ଡ୍‌ଲିଷ୍ଟ୍ ଡାକି ଦେଇ ରାତିଏ ରାତିଏ କଟକ ବାହାରକୁ ପଳାଇଲେ । ପ୍ରାୟ ୩।୪ ଦିନ ପରେ ଆସିଲେ । ତଥାପି ବହୁ ଅଭିଭାବକ ଆସି ରୁଷ୍ଟ ହୋଇଥିଲେ । କିନ୍ତୁ ସର୍ଚ୍ଚିରାଏ କାହାରିକଥା ଶୁଣିଲେ ନାହିଁ । ଏକାଦଶ ଶ୍ରେଣୀରେ ସର୍ଚ୍ଚିରାଏ ପିଲମାନଙ୍କୁ ପ୍ରଗାଢ଼ ଯତ୍ନର ସହ ଇଂରାଜୀ ଏବଂ ଇତିହାସ ପଢ଼ାଇଥିଲେ । ରାତିରେ କ୍ଲାସ୍ ଖୋଲି ଡେ-ଲାଇଟ୍ ଲଗାଇ ହଷ୍ଟେଲ ପିଲାଙ୍କୁ ପଢ଼ାଉଥିଲେ । ସେହି ସମୟରେ କଂଗ୍ରେସ ଆନ୍ଦୋଳନ ଭାରି ଜୋର୍‌ସୋର୍‌ରେ ହେଉଥିଲା । ନେତାମାନେ ଗିରଫ୍ ହୋଇ ସେହିବାଟ ଦେଇ କଚେରୀକୁ ଯାଉଥିଲେ । ପ୍ରତ୍ୟେକ ଗିରଫ ହୋଇଥିବା ନେତାଙ୍କ ପଛରେ ଏକ ପଟୁଆର ଜୟଧ୍ୱନି କରି ଯାଉଥା'ନ୍ତି । ସେତେବେଳେ ହଣ୍ଟରସନ୍ ସାହେବ ଟ୍ରେନିଂ କଲେଜର ପ୍ରିନ୍‌ସପାଲ୍ ଥା'ନ୍ତି । ପଟୁଆରରେ ଥିବା ଲୋକେ ପିଲମାନଙ୍କୁ ସ୍କୁଲଛାଡ଼ି ପଳାଇଯାଇ ସେମାନଙ୍କ ସାଙ୍ଗରେ ଯୋଗଦେବା ଲାଗି ବଡ଼ପାଟିରେ ରଡ଼ି ଛାଡ଼ିଥାନ୍ତି । ପିଲାଏ ନଶୁଣୁଥିବାରୁ ତାଙ୍କୁ ଅତି କୁତ୍ସିତ ଭାଷାରେ ଗାଳିଗୁଲଜ କରୁଥାନ୍ତି । ହଣ୍ଟରସନ୍ ଘରିଆଡ଼େ ବୁଲି

Digitized by srujanika@gmail.com

ହେଡ୍‌ମାଷ୍ଟର୍ ଓ ମାଷ୍ଟରମାନଙ୍କୁ ଅତି କଠୋର ଭବରେ ଶୃଙ୍ଖଳା ରଖିବା ଲାଗି ଆଦେଶ ଦେଇଦେଲେ । କେତେକ ପିଲ ପଳାଇବା ଲାଗି ଛକୁଙ୍କି ଉଠୁଥିବାର ଦେଖି ମାଷ୍ଟରମାନେ ଝରକାଗୁଡ଼ା ବନ୍ଦ କରିଦେଲେ । ତଥାପି ବିନୋଦ କାନୁନ୍‌ଗୋ କେତେଜଣ ସାହସୀ ପିଲଙ୍କୁ ନେତୃତ୍ୱ ଦେଇ ଭୁସ୍‌କରି ଝିଡ଼ିକିଟାକୁ ଫିଟାଇ ଦେଇ ଡେଇଁ ପଳାଇ ଗଲେ । ହଁା, ହଁା' ବୋଲି ଭରି ଗେଳ ଉଠିଲ । କେତେ ମାଷ୍ଟର୍ ତା' ପଛରେ ଗୋଡ଼ାଇଲେ । ସେମାନେ ଦୋଡ଼ିଯାଇ ପଟୁଆର ସାଙ୍ଗରେ ମିଶିଗଲେ । ଗୋଡ଼େଇଥିବା ମାଷ୍ଟରଙ୍କ ପ୍ରତି ଜନତା ଅତି ଭଣ୍ଡଷଣ୍ଡ ଭବରେ ଗାଳିବର୍ଷଣ କରିବାକୁ ଲଗିଲେ । ହଣ୍ଡର୍‌ସନ୍ ଆପେ ପହଞ୍ଚି ଗଲେ । ସଙ୍ଗେ ସଙ୍ଗେ ସେ ୩୧୪ ଜଣ ପିଲଙ୍କୁ ସ୍କୁଲରୁ ବହିଷ୍କାର କରି-ଦେବା ଲଗି ସଚିବଏଙ୍କୁ ଅର୍ଡର ଦେଇ ଗ୍ଲଲିଗଲେ । ଆମେ ଭବିଲୁ ବିଚର ବିନୋଦ କାନୁନ୍‌ଗୋ ଓ ତା' ସାଥିମାନେ ଗଲେ, ବୁଡ଼ିଗଲେ । ବିନୋଦ କାନୁନ୍‌ଗୋ ମୂଳରୁ କଂଗ୍ରେସିଆ ଥିଲେ ଓ ଖଦଡ଼ ପିନ୍ଧୁଥିଲେ । ପରୀକ୍ଷା ବର୍ଜ୍ଜନ କରିବା ଲଗି ସେ ବହୁତ ଚେଷ୍ଟା କରିଥିଲେ । ହେଲେ ଆମ୍ଭେମାନେ ତାଙ୍କ କଥାରେ ପଡ଼ି ନଥିଲୁ । ପ୍ରବଳପ୍ରତାପୀ ଇଂରେଜ ସରକାରଠାରୁ କ୍ଷମତା ଛଡ଼ାଇ ଆଣିବା କଂଗ୍ରେସ ପକ୍ଷେ ସମ୍ଭବ ହେବ ନାହିଁ । କେତେଗୁଡ଼ିଏ ଛାତ୍ରଙ୍କର ଜୀବନ ବରବାଦ ହେବାହିଁ ସାର ହେବ । ଯେତେବେଳେ ମାଷ୍ଟରମାନେ ବା ପୁଲିସ୍ ନ ଥା'ନ୍ତି ସେତେବେଳେ ମୁଁ ପୂରା ରାଜଦ୍ରୋହୀ ପାଲଟିଯାଏ ଏବଂ ଇରେଜ ସରକାରକୁ ଖରାପ ଭଷାରେ ଗାଳିଦିଏ କିନ୍ତୁ ପୁଲି୍ସ ବା ମାଷ୍ଟର୍‌ଙ୍କୁ ଦେଖିବାମାତ୍ରେ ମୁଁ ରାଜଭକ୍ତ ବନିଯାଏ । ସେତେବେଳେ କଂଗ୍ରେସୀ ନେତାମାନଙ୍କୁ କଟୁ ଭଷାରେ ଗାଳିଦିଏ । ଥରେ ଆମର ସଂସ୍କୃତ ହେଡ୍‌ପଣ୍ଡିତେ ରାଜ ଭକ୍ତିରେ ପୂତୁପୁତୁ ହେଉଥିବା ଗୋଟିଏ ସଂସ୍କୃତ ଶ୍ଳୋକ ଲେଖି କ୍ଲାସରେ ଆମକୁ ଶୁଣାଇଲେ । ସେ କାଗଜଟିକୁ ଗ୍ଲହିଁ ପଢୁଥିବାବେଳେ ଗୋଟିଏ ଖେଚେଡ଼ିଆ ପିଲ କହିଦେଲ–"ଗଭର୍ଣ୍ଣ-ମେଣ୍ଟସ୍ୟ ଶ୍ୱାନ" କିଏ କହିଲ–କିଏ କହିଲ ବୋଲି ଭରି ହଇଚଇ ପଡ଼ିଗଲ । "କହିଥିବା ପିଲଟି ଗୁଣ୍ଡା ଶ୍ରେଣୀର ଓ ମାଲଥିବାରୁ କେହି ଭରସି କହିଲେ ନାହିଁ ।"

ଏଇଠି ମୋ ଭିତରେ ଥିବା ଲେଖକ ମଞ୍ଜିଟି ହଠାତ୍ ଗଜେଇଲ । ଏଇଠି ମୋର ଗୋଟିଏ ଲେଖା ଛପା ଅକ୍ଷରରେ ବାହାରିଲ । ହେଡ୍‌ପଣ୍ଡିତେ ଆମ ମାଗା-ଜିନ୍ "ଛାତ୍ରବଂଧୁ"ର ପରିଗ୍ଲଳନା କରୁଥିଲେ । ସେଥିପାଇଁ ସେ ଛାତ୍ରମାନଙ୍କଠାରୁ ଗୁଡ଼ିଏ ଲେଖା ମାଗି ନେଇଥିଲେ । ସେ ଦିନେ କ୍ଲାସ୍‌ରେ କହିଲେ–"ଆରେ ସମସ୍ତେ କବି ପାଲ୍‌ଟି ଯାଇଛ । ଗପ କେହି ଗୋଟିଏ ଲେଖିନା ? ଖାଲି କ'ଣ କବିତା ଛାପି ମୁଁ "ଛାତ୍ରବଂଧୁ" କାଢିବି ?" ମୁଁ ପଣ୍ଡିତଙ୍କୁ କହିଲି–"ସାର୍ ମୁଁ ଗୋଟାଏ ଗପ ଲେଖି-ଦେଲେ ଛାପିବେ ?" ସେ କହିଲେ–"ହଁ କାହିଁକି ନ ଛାପିବି ?" ମୁଁ ଆଗରୁ ଆଲୁକୁଚି-ମାଲୁକୁଚି ଲେଖି କିଛି କାଗଜ ନଷ୍ଟ କରିଥିଲି । ସଙ୍ଗେ ସଙ୍ଗେ ଘରେ ଗୋଟିଏ ଗପ ଲେଖି ପକାଇଲି । ସେତେବେଳେ ପୁଅଝିଅ ଏକତ୍ର ପଢିବାର ସମ୍ଭାବନା ବି ନଥିଲ । ତେଣୁ ନାୟିକା ବା ମୋ ଗପରେ ପଶିବ କିପରି ? ମୋର ମନେପଡ଼ୁଛି ଗପଟିର ନାଆଁ ବୋଧହୁଏ ଥିଲ "ଅଦ୍ଭୁତ ମିଳନ" । ଦୁଇଟି ବଂଧୁ ଖୁବ୍ ସାଙ୍ଗ ଥିଲେ । ହଠାତ୍ କିଛି କାରଣ ନଥାଇ ଅଲଗା ଅଲଗା ହୋଇଗଲେ । ଦୁହେଁ ଦୁହିଁଙ୍କୁ ବଣ, ପାହାଡ଼,

Digitized by srujanika@gmail.com

ନଇ ସବୁଠି ଖୋଜିଲେ । ବଡ଼ପାଟିରେ ନାଆଁ ଧରିକରି ଡାକିଲେ ଏବଂ ଦୁହେଁ ପାଗଳ ହୋଇଗଲେ । ସେହିପରି ହଠାତ୍ ଦୁହେଁ ଦୁହିଁଙ୍କୁ ଗୋଟିଏ ଜଙ୍ଗଲରେ ଭେଟିଲେ । ଉଭୟଙ୍କର ପାଗଳାମୀ ପଟ୍‌କରି ଉଭେଇଗଲା । ଅଦ୍ଭୁତଭବେ ଦୁହିଁଙ୍କର ମିଳନ ହୋଇଗଲା । ଗପଗୁଡ଼ିକ ମାଗାଜିନ୍ ପାଇଁ ଖୁବ୍ କମ୍‌ଥିବାରୁ ପଣ୍ଡିତେ ମୋ ଗପଟାକୁ ମଧ୍ୟ ଛାପି ଦେଲେ । ହେଲେ କାହାଠାରୁ ମୁଁ ପ୍ରଶଂସା ପାଇଲି ନାହିଁ, ବରଂ ଥଟ୍ଟା ପରିହାସ ବହୁତ ମିଳିଥିଲା । ସାହିତ୍ୟ ଗଜାଟି ସେଇଠି ଗଜାମରୁଡ଼ିରେ ଗଲା । ଦିନେ ସଚିଗଏ ଆମ କ୍ଲାସରେ ଇଂରଜୀ ପଢ଼ାଉ ଥା'ନ୍ତି । ଏହି ସମୟରେ ଟ୍ରେନିଂ କଲେଜର ପ୍ରଫେସର ମହେଶ ପଧାନ ଆମ ଶ୍ରେଣୀର ଦୁଆର ପାଖରେ ଠିଆ ହୋଇ ସଚିଗଏଙ୍କୁ ଚୁପ୍‌ଚୁପ୍ କରି କହିଲେ–"ହଣ୍ଡରସନ୍ ସୁଇସାଇଡ୍" ସଚିଗଏ ପ୍ରାୟ ଦୌଡ଼ିଲା ଭଳିଆ ହୋଇ ତାଙ୍କ ସାଙ୍ଗରେ ଚାଲିଗଲେ । କିଛି ସମୟ ପରେ ସ୍କୁଲ ଛୁଟି ହେବାର ଘଣ୍ଟା ବାଜିଗଲା । ଆମେ ସମସ୍ତେ ପଦାରେ ଯାଇ ହଳ ହଳ ହେଲୁ । ସେତେବେଳକୁ କଟକ ସହରର ଅଧିକାଂଶ ସାହେବ ଟ୍ରେନିଂ କଲେଜରେ ଆସି ପହଞ୍ଚି ଯାଇଥାନ୍ତି । ଖବର କିଛି ଜଣା ପଡୁ ନଥାଏ । କିଛି ଗୋଟାଏ ଶୁଣିବା ପାଇଁ ଆମେ ଉତ୍କଣ୍ଠିତ ହୋଇ ଠିଆ ହୋଇଥାଉ । ଜଣେ ଲୋକ ସେଠାରୁ ଫେରିଆସି କହିଲା–ହଣ୍ଡରସନ୍ ସାହେବ ନିଜ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି । ଗୋଟାଏ କାଗଜରେ ଲେଖିଦେଇ ଯାଇଛନ୍ତି–ରିଭଲଭର କିକ୍ ସୁଇସାଇଡ୍,(Revolver Keys Suicide) ପିଲମାନଙ୍କ ସହିତ ବାହାରଲୋକ ମଧ୍ୟ ବହୁତ ଜମିଯାଇ ଥା'ନ୍ତି । ଗୋଟିଏ ପିଲା କ'ଣ କଥାବାର୍ତ୍ତା ହେଉ ହେଉ ହେଁ ହେଁ ହୋଇ ହସି ଉଠିଲା । ଆଉ ଜଣେ ପିଲା ତାକୁ ଆକଟ କରି କହିଲା–"କେଡ଼େ ଅଖାଣ୍ଡୁଆ କଥାଟା । ଆମ ସ୍କୁଲର କର୍ତ୍ତା ମରିଗଲେ, ତତେ କ'ଣ ହସ ଲାଗୁଛି ?" ଏହା କହି ସେ ଆଖି ପୋଛି ପକାଇଲା । ଆଉ ଜଣେ ତାକୁ ବାଧା ଦେଇ କହିଲା–"ହଣ୍ଡରସନ୍ ମରିଛି ଭଲ ହୋଇଛି । ପିଲାମାନଙ୍କୁ କଂଗ୍ରେସିଆ ହେବାକୁ ବାରଣ କଲା । ଆମ ନେତାମାନେ ଗିରଫ ହେଉଛନ୍ତି । ଆମେ ସମସ୍ତେ ସ୍କୁଲ ଛାଡ଼ି ପଳାଇଥାନ୍ତୁ, ତାଙ୍କ ପଛରେ ଜୟଧ୍ୱନୀ କରି କରି କଚେରୀ ପର୍ଯ୍ୟନ୍ତ ଯାଇଥା'ନ୍ତୁ । ଏତକ ଆମକୁ କରଇ ଦେଲାନି । ସେ ମରିବନି ଆଉ କିଏ ମରିବ, ଭଲ ହୋଇଛି ।" କାହାର ଯୁକ୍ତି ଠିକ୍ କାହାର ଯୁକ୍ତି ଭୁଲ୍ ମୁଁ ତାହା ସେତେବେଳେ ଜାଣିପାରି ନ ଥିଲି । ଏବେ ମୁଁ ଚିନ୍ତାକରି ଜାଣୁଛି ଯେ ହଣ୍ଡରସନ୍ ଯାହା କରିଥିଲେ ଭଲ କରିଥିଲେ । ଯେଉଁମାନେ ପାଠ ପଢ଼ାପଢି ଛାଡ଼ିଦେଲେ ସେମାନଙ୍କୁ ନେତାମାନେ ଗୋଟିଏ ଗୋଟିଏ ପକା ଟାଉଟର୍ କରିଦେଇଛନ୍ତି । ଯେଉଁମାନେ ସ୍କୁଲ ବର୍ଜ୍ଜନ ନ କରି ପାଠ ପଢିଗଲେ ସେମାନେ ଏବେ ବେଶ୍ ଅୟସରେ ଅଛନ୍ତି । ସେମାନେ ନେତା ହୋଇ ଅଛନ୍ତି ।

କିଏ ଜଣେ କହି ପକାଇଲା–"ପୁଲିସ୍ ସାହେବଟା ଏଠିକି କାହିଁକି ଆସିଛି ? କ'ଣ ହଣ୍ଡରସନ୍‌କୁ ବଞ୍ଚାଇଦେବ ? ଡାକ୍ତର ସାହେବ ସିନା ଆସିଥିଲେ କିଛି କରି ଥାନ୍ତେ ।" ଆଉ ଜଣେ ଏକ ମାମଲତକାର ଭଳି ଦେଖାଯାଉଥିବା ବୁଦ୍ଧିମାନ୍ ଲୋକ କହିଲେ–"କ'ଣ ସବୁ କହୁଛ ? ପ୍ରକୃତରେ ଏଇଟା ଆତ୍ମହତ୍ୟା କି କିଏ ହତ୍ୟା କରିଛି

Digitized by srujanika@gmail.com

ସେଇଟା କିଏ କହିବ ? ହୁଏତ କେହି କଂଗ୍ରେସିଆ ତା' ଘରଭିତରେ ପଶି ତାକୁ ମାରିଛି । ମଲା ପରେ ପେଟ୍ରୋଲ୍ ଇଡ଼ି ନିଆଁ ଲଗାଇ ଖସି ପଳାଇ ଯାଇଛି । ଗୋରା ପୁଲିସ୍ ସାହେବ ନହେଲେ ଯାକୁ ଧରିପାରିବ କିଏ ? କେତେଗୁଡ଼ାଏ ପୁଲିସ୍ ବି ସେଠି ଏପାଖ ସେପାଖ ହେଉଥା'ନ୍ତି । ସେ ମାମଲତ୍‌କାର ସାଙ୍ଗରେ ଆଉ କେତେଜଣଙ୍କର କଥା କଟାକଟି ଚାଲିଲା । କର୍ଫ୍ୟୁ ଲାଗିଯିବା ପର୍ଯ୍ୟନ୍ତ କଥାଟା ଗଲା । ଆମେ ଛାତ୍ରମାନେ ସେ ସ୍ଥାନ ପରିତ୍ୟାଗ କରିବା ଉଚିତ ମନେକରି ସେଠାରୁ ପଳାଇଗଲୁ । ପରଦିନ ଶୋକସଭା ହେଲା । ବହୁ ହଷ୍ଟେଲ ଛାତ୍ର ହଣ୍ଡରସନ୍‌ଙ୍କର ବହୁ ଭଲ ଗୁଣ ବାଛୁନି-ଥିଲେ । ରାତିରେ ଏଣେ ତେଣେ ପଳାଉଥିବା ଯେଉଁ ଛାତ୍ରଙ୍କୁ ହଣ୍ଡରସନ୍ ଧରୁଥିଲେ ତାକୁ ନାନା ଭୟ ଦେଖାଇବା ସଙ୍ଗେ ସଙ୍ଗେ ଭଲ ବାଟକୁ ଆସିବାର ସବୁ ଉପାୟ କରି ଦେଉଥିଲେ । ତାର ଅଭାବ ଅସୁବିଧା ମୋଚନ କରି ଦେଉଥିଲେ । ହଷ୍ଟେଲ୍ ଭିତରେ ପଶି ପଠନରତ ପିଲାମାନଙ୍କୁ କଷ୍ଟ ପାଠଗୁଡ଼ିକୁ ଭଲଭାବରେ ବୁଝାଇ ଦେଉ-ଥିଲେ । ସେ ଗୋଟିଏ ଖାଣ୍ଟି ଓଡ଼ିଆ ଭଳି ଓଡ଼ିଆ ଭଲଭାବେ ପଢି ପାରୁଥିଲେ ଓ ଉଚ୍ଚାରଣ କରି ପାରୁଥିଲେ । ମୁଁ ଆଉମଧ୍ୟ ଜାଣି ପାରିଲି ଯେ ସେ ବହୁ ଗରୀବ ଛାତ୍ରଙ୍କୁ ପକେଟରୁ ଟଙ୍କା ଦେଉଥିଲେ । ଏତକ ଶୁଣିସାରି ମୁଁ ମନେ ମନେ ଭାବିଲି— ଆହା, ଏଡେ ସୁନ୍ଦର ସାହେବଟା ମରିଗଲା !

କିଛିଦିନ ପରେ ପାଟନା ଟ୍ରେନିଂ କଲେଜ୍‌ର ଗୋରା ପ୍ରିନ୍‌ସିପାଲ୍ ପଢ଼ାଇବା କୌଶଳ ଶିଖାଇବାଲାଗି ଟ୍ରେନିଂ କଲେଜରେ ଆସି ପହଞ୍ଚିଲେ । ଆମେ ଏକାଦଶ ଶ୍ରେଣୀର ସବୁ ଛାତ୍ର ସେଠାକୁ ଗଲୁ । ଟ୍ରେନିଂ କଲେଜର ଛାତ୍ରମାନେ ଗ୍ୟାଲେରୀରେ ବସିଥାନ୍ତି, କଟକର ଅନ୍ୟାନ୍ୟ ସ୍କୁଲମାନଙ୍କର ହେଡ୍‌ମାଷ୍ଟ ଓ ମାଷ୍ଟମାନେ ମଧ୍ୟ ସେହି ଗ୍ୟାଲେରୀରେ ବସିଥା'ନ୍ତି । ଗୋରା ପ୍ରିନ୍‌ସିପାଲ୍ ପଢ଼ାଇବା ଆରମ୍ଭ କଲେ । ଆମ ଇଂରାଜୀ ବହିରୁ "ବାଲଡ୍ ଅଫ୍ ସେମର୍ ଓ୍ୱାଟର୍" କବିତାଟି ସେ ପଢ଼ାଇଲେ । ତାଙ୍କ ଉଚ୍ଚାରଣ ବୁଝିବାକୁ ଆମର କିଛି ଅସୁବିଧା ହୋଇ ନ ଥିଲା । ସେ ଥରେ ନିଜେ ପଢି-ଗଲେ, ତା'ପରେ ପିଲାମାନଙ୍କୁ ପଢିବାକୁ କହିଲେ । ଯେଉଁ ପିଲାଟି ସଳଖ ଭାବରେ ଠିଆ ନ ହୋଇ ଟିକେ ବିକୃତ କରି ପଢୁଥିଲା ତାକୁ ସେ ଖତେଇ ହେଲା ଭଳି ଟିକେ ବଙ୍କେଇ ଠିଆହୋଇ ଛାତ୍ରଟିର ବିକୃତ ପଢ଼ାକୁ ଅଧିକ ବିକୃତ କରି କହୁଥିଲେ—"ମୁଁ ଏମିତିତ ପଢୁ ନ ଥିଲି" ଯାହାର ଉଚ୍ଚାରଣ ଭୁଲ୍ ହେଉଥିଲା ତାକୁ ସେ ଠିକ୍ ଉଚ୍ଚାରଣଟା କହି ଦେଉଥିଲେ ଓ ତା ମୁହଁରୁ ସେଇଟା ଆଦାୟ କରୁଥିଲେ । ତାହାପରେ କବିତାଟିକୁ ବୁଝାଇବା ଆରମ୍ଭ କଲେ । ସେ ପଢିଲାବେଳେ ରୀତିମତ ଅଭିନୟ କରି ପକାଉଥିଲେ । ପିଲାଙ୍କୁ ହସାଇ ମଜାଇ କ୍ଲାସଟାକୁ ସରଗରମ କରି ଦେଉଥିଲେ । ତାଙ୍କର ପଢ଼ାଇବା କୌଶଳ ମୋର ଆଜିଯାଏ ମନେଅଛି ।

ଏହାପରେ ଆଉ ଦିନେ ସେହି କଲେଜର ଜଣେ କଳା ନୁଡୁବୁଡ଼ିଆ ଅଧ୍ୟାପକ ପଢ଼ାଇବା କୌଶଳ ଦେଖାଇଲେ । ଆମେ ପୁଣି ସେଠାକୁ ଗଲୁ । ଟ୍ରେନିଂ କଲେଜ ପିଲା ସେହିପରି ଗ୍ୟାଲେରୀରେ ବସିଥା'ନ୍ତି । ତାଙ୍କ ବାକ୍ୟର ଭାଗେ ଶବ୍ଦ ମୁଁ କୌଣସି-

Digitized by srujanika@gmail.com

ମତେ ବୁଝି ପାରୁଥିଲି ଆଉ ତିନିଭାଗ ଶବ୍ଦ ଏକାବେଳକେ ବୋଧଗମ୍ୟ ହେଉ ନ ଥିଲା । ସେ ତଳକୁ ମୁହଁକରି କହି ଲାଗିଥା'ନ୍ତି, ଏଣେ ତାଙ୍କ ଡାହାଣ କଡ଼କୁ ଗୋଟିଏ ଟିପେଇ (ଷ୍ଟାଣ୍ଡ) ଉପରେ ଥୁଆ ହୋଇଥିବା ଗୋଟିଏ ବାଲି ଡାଲାର ବାଲିକୁ ଡ଼ାହାଣ ହାତରେ ଖାଲି ଚକଟି ଲାଗିଥା'ନ୍ତି କିଏ କ'ଣ ଭାବୁଥିଲା କେଜାଣି ମୁଁ ସବୁବେଳେ ବସି ଭାବୁ-ଥାଏ ସେ ବାଲି ସେଠାରେ ରହିଲା କାହିଁକି ଓ ସେ ତାକୁ ସବୁବେଳେ ଚକଟୁଛନ୍ତି କାହିଁକି ? ତାଙ୍କର ପାଠ ପଢ଼େଇ ସରିବା ସଙ୍ଗେ ସଙ୍ଗେ ସେ ବାଲି ଚକଟା ସରିଲା । ମୁଁ ସେଠୁ ଫେରିଲାବେଳେ ଭାବୁଥାଏ—"ସେ କ'ଣ ପଢ଼ାଇଲେ । ଇଂରେଜୀ ବହିର କୋଉ ପାଠ ମୁଁ ତ' କାହିଁକି ଜାଣିପାରୁ ନାହିଁ । ଇତିହାସ କି ଭୂଗୋଳ ପରି ତ ଜଣା ପଡୁନାହିଁ । ଅଙ୍କ ସଂସ୍କୃତ କଥା ତ ବିଲ୍‌କୁଲ୍ ଉଠୁନାହିଁ, ତେବେ ସେ ପଢ଼ାଇଲେ କ'ଣ ? ଆମ ମାଷ୍ଟରଙ୍କ ମାଷ୍ଟର—ଏଡ଼େ ବଡ଼ ମାଷ୍ଟର ଜଣେ ପାଠ ପଢ଼ାଇଲେ ଅଥଚ ମୁଁ କିଛି ବୁଝି ପାରିଲିନି ।" ନିଜକୁ ଧିକ୍‌କାର କଲି । ଭାବିଲି ମୁଁ ଆଉ ମାଟ୍ରିକ୍ ପାସ୍ କରି ପାରିବି ନାହିଁ । ଏକାଦଶ ଶ୍ରେଣୀର ପାଠବୁଝିବା ପାଇଁ ମୋର ମୁଣ୍ଡ ନାହିଁ । ମାଟ୍ରିକ୍ ଯେ ମୁଁ ପାସ୍ କରି ପାରିବି ନାହିଁ ତାହା ଠିକ୍ ଭାବରେ ଜାଣିଗଲି । ବାଟରେ ଆସିଲା-ବେଳେ ଆମ କ୍ଲାସର ଯେ ସବୁଠାରୁ ଭଲ ପିଲା ତାକୁ ଚୁପ୍‌ଚୁପ୍ କରି ପଚାରିଲି—"ହଇରେ ! ସେ କ'ଣ ପଢ଼ାଇଲେ ?" ଅନ୍ୟ ପିଲାମାନେ ଏ ପ୍ରଶ୍ନଟା ଶୁଣିଦେଲେ ମୋର ବିରାଟ ମୂର୍ଖତାକୁ ଠଉରାଇଦେଇ ହସି ଉଠିବେ ଏହି ଭୟରେ ମୁଁ ଖୁବ୍ ଅନୁଚ୍ଚ ସ୍ୱରରେ ତାକୁ ପଚାରିଥିଲି । ସେ ବି ଟିକେ କଡ଼ ପଟିଆ ହୋଇଯାଇ ଓ ଆଡ଼କୁ ସାଡ଼କୁ ଚାହିଁ ଦେଇ ମୋତେ କହିଲା—"କେଜାଣି ଶଳାଟା କ'ଣ ପଢ଼ାଇଲା ସେ ଜାଣେ । ମୁଁ ଗଣ୍ଡିମୁଣ୍ଡ କିଛି ବୁଝି ପାରିଲି ନାହିଁ ।" ମୁଁ ହୃଦୟରେ ଟିକେ ସାହସ ବାନ୍ଧିଲି ଯେ ମୋ ପରି ଆଉ ଜଣେ ମଧ୍ୟ ପିଲାଅଛି, ତଥାପି ମନ ସନ୍ତୁଷ୍ଟ ହେଲାନାହିଁ । ଆଉ ଦୁଇ ଜଣକୁ ପଚାରିଲି ଓ ଏକା ଉତ୍ତର ପାଇଲି । ଆଉ ବେଶି ପଚାରିବାକୁ ଇଚ୍ଛା ହେଲାନାହିଁ କାରଣ ମୋର ଭୟ ଥିଲା ଯଦି କୌଣସି ଛାତ୍ର ଠିକ୍ କଥାଟି କହି ଦେଇଥା'ନ୍ତା ତାହେଲେ ମୁଁ ଓ ଅନ୍ୟ ତିନୋଟି ପିଲା ପୁନର୍ବାର ମୂର୍ଖ ତାଲିକାକୁ ଚାଲିଯାଇ ଥା'ନ୍ତୁ ।

ଆମ ସମୟରେ ଟେଷ୍ଟ୍ ପରୀକ୍ଷା ପୂର୍ବରୁ ଗୋଟିଏ ପ୍ରିଟେଷ୍ଟ୍ ପରୀକ୍ଷା ହେଉ-ଥିଲା । ପ୍ରିଟେଷ୍ଟ୍ ଓ ଟେଷ୍ଟ୍ ପରୀକ୍ଷାରେ ମୁଁ ପାଶକରି ମାଟ୍ରିକ୍ ପରୀକ୍ଷା ଦେବାଲାଗି ବଛା ହୋଇଥିଲି । ହେଡ୍‌ମାଷ୍ଟର୍ ସଚ୍ଚିଦାଏ ପରୀକ୍ଷାର୍ଥୀ ବାଛିବାରେ ଏଥର ମଧ୍ୟ ଖୁବ୍ କଡ଼ାକଡ଼ି ପନ୍ଥା ଧରିଥିଲେ । ସ୍କୁଲର ଇଜତ ମହତ ବଢ଼ାଇବା ଲାଗି ସେ ଖୁବ୍ ସତର୍କ ଥିଲେ । ବଛା ହୋଇଥିବା ପରୀକ୍ଷାର୍ଥୀମାନଙ୍କ ଭିତରେ ମୁଁ ମଧ୍ୟ ରହିଯାଇଥିଲି । ୧୯୩୦ରେ ମୁଁ ମାଟ୍ରିକ୍ ପରୀକ୍ଷାରେ ବସିବାପାଇଁ ଆମ ସ୍କୁଲ ଛାଡ଼ିଲି । ରମାନାଥ, ମୁଁ ଓ ମାନଗୋବିନ୍ଦ ଭୂୟାଁ ଏକ ସଙ୍ଗରେ ପରୀକ୍ଷା ଦେବୁବୋଲି ଘରେ ଖୁବ୍ କଠିନ ପରିଶ୍ରମ କରୁଥିଲୁ । କଟକ ଜିଲ୍ଲାର ସବୁ ହାଇସ୍କୁଲର ପିଲାମାନେ ଆମରି ସ୍କୁଲକୁ ପରୀକ୍ଷା ଦେବା ପାଇଁ ଆସିଥିଲେ । ପ୍ରଥମ ପରୀକ୍ଷାଦିନ ଆମେ ଖୁବ୍ ଆଗରୁ ଯାଇ ସ୍କୁଲରେ ପହଞ୍ଚିଥିଲୁ । ପିଅନ୍ ଆମମାନଙ୍କୁ କହିଲା ଯେ ହେଡ୍‌ମାଷ୍ଟେ କହିଛନ୍ତି ତାଙ୍କ

Digitized by srujanika@gmail.com

ତଳଘରେ ସମସ୍ତେ ଯାଇ ବସ । ଆମେ ସେହି ଅନୁସାରେ ଯାଇ ବସିଲୁ । ଆମେ ମନେ ମନେ ଭାବୁଥିଲୁ ବୋଧହୁଏ ହେଡ୍‌ମାଷ୍ଟେ ଗୋଟାଏ ଦୁଇଟା ପ୍ରଶ୍ନ କ'ଣ କହି-ଦେବେ । ହେଡ୍‌ମାଷ୍ଟେ ତଳକୁ ଓହ୍ଲାଇଲେ ଏବଂ ଆମ ସମସ୍ତଙ୍କୁ ପୁଣି ନେଇ ଉପରକୁ ଗଲେ । ତାଙ୍କର ସ୍ତ୍ରୀ ଆମ ସମସ୍ତଙ୍କ ମଥାରେ ଠାକୁରାଣୀଙ୍କ ସିନ୍ଦୁର ଦେଇଥିଲେ । ତାଙ୍କଠାରୁ ଆଶୀର୍ବାଦ ନେଇ ଆମେ ପୁଣି ସ୍କୁଲକୁ ଫେରି ଆସିଲୁ । ହଲ୍‌ରେ ନନ୍ଦ ବାନାର୍ଜୀ ନାମକ ଗୋଟିଏ ଖୁବ୍ ବଡ଼ ଡେଙ୍ଗା ପିଲାର ସିଟ୍ ପଡ଼ିଥାଏ । ତାକୁ ଦେଖିଲେ ବାହାର ଲୋକ ମାଷ୍ଟର ବୋଲି ସନ୍ଦେହ କରିବା ସ୍ୱାଭାବିକ ଥିଲା । ପରୀକ୍ଷାରେ ଲେଖିଲାବେଳେ ସେ ଥରେ ବୁଲିପଡ଼ି ପଛପିଲାକୁ କ'ଣ ପଚରାପଚରି କଲା । ଜଗୁଆଳ ମାଷ୍ଟେ ଖେପିଆସି ତାକୁ ଧରି ପକାଇଲେ । ସେ କାହିଁକି ବୁଲିଯାଇ ତାକୁ ପଚାରୁଥିଲା ବୋଲି ପଚାରିଲେ । ସେ ଅତି ସ୍ୱାଭାବିକ ଭାବରେ କହିଲା—"ସାର୍ ମୁଁ କ'ଣ କରିବି । ପୃଥିବୀଟା ବୁଲିଯାଉଛି ବୋଲି ମୁଁ ବୁଲିଗଲି", ହଲ୍‌ରେ ଗୋଟାଏ ହସଗୋଳ ଉଠିଲା । ତାକୁ ଆଉ ସେପରି ନ କରିବାକୁ ତାଗିଦ୍ କରି ଜଗୁଆଳ ଚାଲିଗଲେ । ତହିଁ ଆର ଦିନ ସେ ପକେଟ୍‌ରେ ଗୋଟିଏ କଦଳୀ ପୂରାଇ ପରୀକ୍ଷା ଦେବାକୁ ଆସିଲା । ଲେଖିଲାବେଳେ ସେ ବାରମ୍ବାର ପକେଟକୁ ଚାହିଁ ଲେଖୁଥାଏ । ଜଗୁଆଳ ସଙ୍ଗେ ସଙ୍ଗେ ନିଜ ଥାନରୁ ତା ପାଖକୁ ଖେପି ଆସିଲେ ଏବଂ ପଚାରିଲେ—"ତୋ ପକେଟରେ କ'ଣ ଅଛି ?" ସେ ଟିକେ ଭୟଭୀତ ହେଲାପରି ଅଭିନୟ କରି ପ୍ରଥମେ କିଛି କହିଲା ନାହିଁ । ତହୁଁ ଜଗୁଆଳ ରାଗିଯାଇ କହିଲେ—"କ'ଣ ରଖିଛୁ ସେ ପକେଟ୍‌ରେ ?" ସେ ବେପରୱା ଭାବରେ ବୁଢ଼ା ଆଙ୍ଗୁଠି ଦୁଇଟି ଦେଖାଇ ଦେଇ କହିଲା—"କଦଳୀଟାଏ", ଜଗୁଆଳ କହିଲେ—"ହୁଁ, ଏଡ଼େ ଦିମାକ ତୋର ।" ଏହା କହି ସେ ସଙ୍ଗେ ସଙ୍ଗେ ପାଖରେ ଥିବା ହେଡ୍‌ମାଷ୍ଟଙ୍କ ଅଫିସ୍‌କୁ ଚାଲିଗଲେ ଏବଂ ଆସିଷ୍ଟାଣ୍ଟ ହେଡ୍‌ମାଷ୍ଟରଙ୍କୁ ସଙ୍ଗରେ ନେଇ ଚାଲି ଆସିଲେ । ସେ ମଧ୍ୟ ପଚାରିଲେ—"କିରେ, ପକେଟ୍‌ରେ କ'ଣ ଅଛି ?" ନନ୍ଦ କହିଲା—"କହିଲି ପରା କଦଳୀଟାଏ ଅଛି ।" ଆସିଷ୍ଟାଣ୍ଟ ହେଡ୍‌ମାଷ୍ଟର ଆଉ ବେଶିକିଛି ନ କହି ତା ପକେଟ୍ ଭିତରେ ହାତଟାକୁ ଭର୍ତ୍ତି କରିଦେଲେ ଓ ସତକୁ ସତ କଦଳୀଟାଏ କାଢ଼ି ଆଣିଲେ । ସେ ପୁଣି ପଚାରିଲେ—"ପରୀକ୍ଷା ହଲ୍ ଭିତରକୁ କଦଳୀ କାହିଁକି ଆଣିଛୁ ?" ନନ୍ଦ ଧୀରସ୍ଥିର ଭାବରେ ଉତ୍ତର ଦେଲା—"ମୋତେ ମଝିରେ ମଝିରେ ଭରି ଭୋକ ହୁଏ ବୋଲି ଖାଇବା ଲାଗି ତାକୁ ଆଣିଛି ।" ହଲ୍‌ରେ ପୂର୍ବପରି ହାସ୍ୟରୋଳ ଖେଳିଗଲା । ଦୁହେଁ ମୁହଁ ପୋତି ସେଠାରୁ ଚାଲିଗଲେ । ନନ୍ଦ ବାରମ୍ବାର ଏହିପରି ଜଗୁଆଳମାନଙ୍କୁ ହଟହଟା କରୁଥିଲା ।

ଆମର ମାଟ୍ରିକ୍ ପରୀକ୍ଷା ସରିଲା । ପରୀକ୍ଷା ଫଳ ପାଟନାର "ସର୍ଚ୍ଚଲାଇଟ୍" କାଗଜରେ ବାହାରିଛି ବୋଲି ଶୁଣାଗଲା । ରମାନା ଓ ମାନଗୋବିନ୍ଦ ଭୂୟାଁ ରେଭେନ୍‌ସା କଲେଜ ଅଫିସ୍‌କୁ ଯାଇ ସେମାନଙ୍କର ନାଆଁ ଦେଖି ଚାଲି ଆସିଲେ । ମୁଁ ତାଙ୍କୁ ପଚା-ରିଲି—"ମୋ ନାଆଁ ବାହାରିନି ।" ସେ କହିଲେ—"ସେଠିକା କିରାଣୀକୁ ଆମେ ଦୁଇ-ଜଣ ନାଆଁ କହିବାରୁ ସେ ହଁ ପାସ୍ କରିଛ ବୋଲି କହିଦେଲା । ତୁ ଥିଲେ ତୁ ପଚାରି-

Digitized by srujanika@gmail.com

ଥା'ନ୍ତୁ ଏବଂ ସେ କହିଦେଇଥାନ୍ତା । ମୋର ଭରି ସନ୍ଦେହ ହୋଇଗଲା । ମନେ ମନେ ମୁଁ ଭାବିନେଲି ଯେ ମୁଁ ଫେଲ୍ ହୋଇଯାଇଛି । ଘରେ ମୁଁ ମୁହଁ ମାଡ଼ି କଇଁକଇଁ ହୋଇ କାନ୍ଦି ଉଠିଲି । କିଛି ସମୟ ପରେ ଆମର ଗୃହ ଶିକ୍ଷକ 'କାହ୍ନୁ ମାଷ୍ଟେ ଆସି ମୁଁ ପାସ୍ କରିଛି ବୋଲି କହିଲେ । ମୋର କିନ୍ତୁ ବିଶ୍ୱାସ ହେଲାନି । ତେଣୁ ସେ ମୋତେ ରେଭେନ୍‌ସା କଲେଜ୍ ଅଫିସ୍‌କୁ ନେଇଗଲେ । ମୋର ତୃତୀୟ ଶ୍ରେଣୀଯା ବୁଝିଥିଲା । ତେଣୁ ମୁଁ ତୃତୀୟ ଶ୍ରେଣୀର ନାଆଁ ଗୁଡ଼ାକ ଦେଖିଗଲି; ରମାନାଙ୍କ ନାଆଁ ଓ ମାନ-ଗୋବିନ୍ଦ ଭୂୟାଁଙ୍କ ନାଆଁ ଦେଖିଲି । କିନ୍ତୁ ମୋ ନିଜ ନାଆଁ ପାଇଲି ନାହିଁ । କାହ୍ନୁ-ମାଷ୍ଟେ ପାଖରେ ଠିଆ ହୋଇଥିଲେ । ମୁଁ ମୁହଁଟାକୁ ହାଣ୍ଡି ଭଳି କରି ତାଙ୍କ ପାଖକୁ କାଗଜଟାକୁ ଫୋପାଡ଼ି ଦେଲି ଏବଂ କହିଲି—"ମିଛଟାରେ ମୋତେ କାହିଁକି ଏଠାକୁ ଡ଼ାକି ଆଣିଲ ? ସେ ନିଜେ କାଗଜଟାକୁ ଦେଖି ଲାଗିଲେ । ଦ୍ୱିତୀୟ ଶ୍ରେଣୀରେ ମୋ ନାଆଁଟାକୁ ପାଇ କହିଲେ-"ଦେଖ୍ ବାହାରିଛି କି ନାହିଁ ।" ସତକୁ ସତ ମୁଁ ଦେଖିଲି ଦ୍ୱିତୀୟ ଶ୍ରେଣୀରେ ମୁଁ ପାସ୍ କରିଛି । ମୁଚୁକୁନ୍ଦିଆ ହସ ମୋ ମୁହଁରେ ଫୁଟି ଉଠିଲା । ଆନନ୍ଦରେ ଘରକୁ ଫେରିଲି ।

କିଛିଦିନ ଆନନ୍ଦରେ କଟିଗଲା । ମୋର ଇଚ୍ଛାଥାଏ କଲେଜରେ ପଢ଼ିବାକୁ । ବୁଢ଼ାବାପା କହିଲେ—"ନାହିଁ ଡାକ୍ତରୀ ପଢ଼ ।" ତାଙ୍କର ଇଚ୍ଛା ଥିଲା ତାଙ୍କ ପଛକୁ ମୁଁ ଚିକିତ୍ସାବୃତ୍ତି ଅବଲମ୍ବନ କରିବି । କକେୟୀ, ବାପାଙ୍କର ମଧ୍ୟ ଅନୁରୂପ ଇଚ୍ଛାଥିବାରୁ ତାହାହିଁ ସ୍ଥିର ହୋଇଥିଲା ।

ଦିନେ ଦି ପହରରେ ମୁଁ ମୋ ମାମୁଁ ପୁଅ ଭାଇ ସହିତ ବଜାରକୁ ଗୋଟିଏ ସାଇକେଲ୍ ଟାୟାର୍ କିଣିବାକୁ ଯାଇଥିଲି । ସେଠୁ ଘରକୁ ଫେରୁଛୁ ବାଟରେ ଜଣେ ପ୍ରୌଢ଼ ଭଦ୍ରବ୍ୟକ୍ତିଙ୍କୁ ଦେଖିଲୁ । ଆମେ ଦୁହେଁ କଥାବାର୍ତ୍ତା ହୋଇ ତାଙ୍କ ସହ କିଛିବାଟ ଆଗେଇଲୁ । ଆମର କଥାବାର୍ତ୍ତା ଶୁଣି ପ୍ରୌଢ଼ବ୍ୟକ୍ତି ଜଣଙ୍କ ମୋତେ ଅତି ଆଦରରେ ପଚାରିଲେ—"ବାବୁ ତୁମ ନାଆଁ କ'ଣ ?" ମୁଁ ଟିକେ ବିରକ୍ତିଭାବ ପ୍ରକାଶକରି କହିଲି —"ଆପଣଙ୍କର ମୋ ନାଆଁ ଜାଣିବା କି ଦରକାର ?" ସେ କହିଲେ—"ତୁମେ ଝାଞ୍ଜିରି ମଙ୍ଗଳା ମିଶ୍ରଙ୍କଘର ପିଲା କି ?" ମୁଁ କହିଲି—"ହଁ, କ'ଣ ହେଲା ?" ସେ ହସି ହସି କହିଲେ—"ତୁମମାନଙ୍କ କଥାବାର୍ତ୍ତାରୁ ମୁଁ ତାହାହିଁ ସନ୍ଦେହ କଲି । ନାମ କହିବାର କିଛି ଆପତ୍ତି ଅଛି କି ?" ତାଙ୍କର ସ୍ନେହବୋଳା କଥା ଶୁଣି ମୁଁ କହିଲି—"ମୋ ନାଆଁ ରାମ-ଚନ୍ଦ୍ର ମିଶ୍ର ।" ସେ ପଚାରିଲେ—"ତୁମେ ବିଦ୍ୟାଧରର ପୁଅ କି ?" ମୁଁ କହିଲି—'ହଁ', ମୋ ମାମୁଁ ପୁଅ ଭାଇ ଜଣକ ମୋ ହାତକୁ ଚିମୁଟି ଦେଇ କହିଲା—"ଆରେ ହେ ସେ ରତ୍ନାକର ପତି ।" ଆମ ଘରେ ରତ୍ନାକର ପତି ବହୁ ଆଗରୁ ଭଲଭାବେ ଜଣାଶୁଣା ଥିଲେ । ମୁଁ ମଧ୍ୟ ଜାଣିଥିଲି ସେ ରେଭେନ୍‌ସା କଲେଜର ଅଧ୍ୟାପକ ଥିଲେ । ମୁଁ ସଙ୍ଗେ ସଙ୍ଗେ ପ୍ରକୃତିସ୍ଥ ହୋଇ ତାଙ୍କୁ ମୁଣ୍ଡନୁଆଇଁ ନମସ୍କାର କଲି ଏବଂ କହିଲି—"ଆଜ୍ଞା କ୍ଷମା କରିବେ । ମୁଁ ଆପଣଙ୍କୁ ରତ୍ନାକର ପତି ବୋଲି ଚିହ୍ନି ପାରିଲି ନାହିଁ ।" ସେ ମୋ ମୁଣ୍ଡରେ ହାତ ବୁଲାଇ ଦେଇ କହିଲେ—"ହଉ, ବାପା, ବ୍ୟସ୍ତ ହେବାର କିଛି କାରଣ

Digitized by srujanika@gmail.com

ନାହିଁ ।" ବାଟରେ ଚାଲୁଚାଲୁ ସେ ତାଙ୍କର ପିଲାଦିନର କଥା କହି ଲାଗିଲେ—"ତମ ବାପା ବିଦ୍ୟାଧର ମୋର ଅତି ଅନ୍ତରଙ୍ଗ ବନ୍ଧୁ । ତାର ଉପକାର ମୁଁ କେବେହେଲେ ଭୁଲି-ପାରିବି ନାହିଁ । ଆମେ ଦୁହେଁ ଏକାସଙ୍ଗେ ପି. ଏମ୍. ଏକାଡେ଼ମୀରେ ପଢୁଥିଲୁ । ମୁଁ ପ୍ରତିଦିନ ଅନ୍ଧାରୁ ଅନ୍ଧାରୁ ବିରିବାଟୀ ପାଖରୁ ଚାଲି ଚାଲି ଆସେ । ନୂଆ ବଜାରଠାରେ ଭେଟ ହୁଏ । ସେଇଠି ଗୋଟିଏ କିଆ ବୁଦାରେ ହାତରେ ଆଣିଥିବା ଠେଙ୍ଗାଟିକୁ ଲୁଚାଇ ଦିଏ । ସେହି ନୂଆ ବଜାରରେ ପ୍ରାତଃକର୍ମ ସବୁ ସାରି ପୁଣି ଚାଲି ଚାଲି ସ୍କୁଲକୁ ଆସେ । ସ୍କୁଲ ଛୁଟି ହେଲେ ବିଦ୍ୟାଧର ଓ ମୁଁ ଏକସଙ୍ଗେ ଏହିବାଟେ ଆସୁ । ବିଦ୍ୟାଧର ତା ଘରକୁ ଯାଏ । ମୁଁ ଚାଲି ଚାଲି ନୂଆବଜାର ଯାଏ । ସେଠାରୁ ଠେଙ୍ଗାଟି କାଢି ପୁଣି ବିରିବାଟୀ ପାଖ ମୋ ଘରକୁ ଯାଏ । ଦିନେ ବିଦ୍ୟାଧର, ମୁଁ ଏପରି କଷ୍ଟ କରୁଥିବା କଥା ଜାଣି ମୋତେ ତୁମଘର ପାଖରେ ଥିବା ଉତ୍ତର ପାର୍ଶ୍ୱ ମଠରେ ଗୋଟିଏ ରହିବା ଘରର ବନ୍ଦୋବସ୍ତ କରିଦେଲା । ସେ ମଧ୍ୟ ନିୟମିତ ଭାବରେ ତୁମଘରୁ ଚାଉଳ ଡାଲି ପ୍ରଭୃତି ମୋ ପାଖକୁ ପଠାଇ ଦେଉଥିଲା । ତା'ର ଋଣ ମୁଁ ଏ ଜୀବନରେ ସୁଝି ପାରିବି ନାହିଁ । ସେହିଠାରେ ରହି ମୁଁ କଲେଜ୍ ଶିକ୍ଷା ଶେଷ କରିଥିଲି ।" ମୁଁ ମାଟ୍ରିକ୍ ପରୀକ୍ଷା ଦେଇ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଥିବା କଥା ଶୁଣି ସେ ମୋ ପିଠିରେ ହାତମାରି କହିଲେ—ବାଃ, ଶୁଣି ଖୁସିହେଲି । ଏଥର ମୁଁ ତୁମକୁ କଲେଜରେ ନିତି ଦେଖି ପାରିବି । ସେ ଥିଲେ ମହା ଗପୁଡି । ଆମ ଘରକୁ ଭାଙ୍ଗିଯିବା ଛକଠାରେ ସେ ଦୁନିଆଯାକର କଥା ଆମକୁ କହିବାକୁ ଲାଗିଲେ, ସନ୍ଧ୍ୟା ଯାଇ ରାତି ହୋଇଗଲା । ତଥାପି ତାଙ୍କର ଗପ ସରୁ-ନଥାଏ । ଶେଷରେ ସେ ଆମକୁ ବିଦାୟ ଦେଇ କହିଲେ--"ହଉ ଯାଅ ବାପା, ରାତି ହୋଇଗଲାଣି । ମୁଁ ତ ନିଶ୍ଚୟ ତୁମକୁ କଲେଜ୍‌ରେ ଦେଖିବି ।" ଏହା କହି ସେ ତାଙ୍କ ରାସ୍ତାରେ ଧୀରେ ଧୀରେ ଆଗେଇଲେ ।

Digitized by srujanika@gmail.com

ଡାକ୍ତରୀ ସ୍କୁଲ୍ ଜୀବନ

ଯେଉଁଦିନ ମେଡ଼ିକାଲ୍ ସ୍କୁଲ ଅଫିସ୍‌କୁ ଫର୍ମ ଆଣିବାକୁ ଗଲି ସେଦିନ ମୋତେ ଜଣାଯାଉଥାଏ ସତେ ଯେମିତି ମୋ ପରି ଗୋଟିଏ ଦୁଇ ଗୋଡ଼ିଆ ଛେଳିକୁ ଗୋଟିଏ କଂସେଇ କଂସେଇଖାନାକୁ ମୋ ବେକରେ ଦଉଡ଼ି ବାନ୍ଧି ଘୋଷାଡ଼ି ଘୋଷାଡ଼ି ନେଉଛି । ମୋର ତ ରେଭେନ୍‌ସା କଲେଜରେ ପଢ଼ିବା ପାଇଁ ଭରି ଇଚ୍ଛା ଥିଲା । କେବଳ ମୋର ଇଚ୍ଛା ହେଲେତ ଚଳିବ ନାହିଁ । ଅଭିଭାବକମାନଙ୍କର ଇଚ୍ଛା ଅନ୍ୟ ପ୍ରକାର ଥିଲା । ଜୀବନର ଏଇ ଶେଷାବସ୍ଥାରେ ଏବେ ମୁଁ ବୁଝୁଛି ଅଭିଭାବକମାନଙ୍କର ଇଚ୍ଛାହିଁ ମୋ ପକ୍ଷେ ଏକ ଆଶୀର୍ବାଦ ଥିଲା । ଆମ କଲେଜିଏଟ୍ ସ୍କୁଲରୁ ଆଗରୁ ପାସ୍‌କରି ଯାଇଥିବା ସଚ୍ଚିଦାନନ୍ଦ ମହାପାତ୍ର, ଅନିଲ୍ ବାନାର୍ଜୀ ମେଡ଼ିକାଲ ସ୍କୁଲ୍‌ରେ ଦ୍ୱିତୀୟ ବାର୍ଷିକ ଶ୍ରେଣୀରେ ପଢୁଥିଲେ । ସେଠି ତାଙ୍କ ସାଙ୍ଗରେ ଦେଖା ହୋଇଯିବାରୁ ମୋ ମନରେ ଖୁବ୍ ଦମ୍ଭ ଆସିଗଲା । ଫର୍ମଟି ଅଫିସ୍‌ରୁ ନେଇ ଚାଲି ଆସିଲି । ତାକୁ ଯଥା-ବିଧି ପୂରଣ କରି ପୁଣିଥରେ ଅଫିସ୍‌କୁ ଯାଇ ଦେଇ ଆସିଲି । କଲେଜିଏଟ୍ ସ୍କୁଲରେ ନବମ ଶ୍ରେଣୀରେ ପଢ଼ିଲାବେଳେ ଥରେ ଗୋଟିଏ ନୋଟିସ୍‌କୁ କ୍ଲାସ୍‌ରେ ପଢ଼ାଉଥିବା ଶିକ୍ଷକ ଭଲ ପଢୁନଥିବା କେତେକ ପିଲାଙ୍କୁ ଲକ୍ଷ୍ୟ କରି କହିଥିଲେ–"ହଇରେ ଏଠି ତୁମ ଦେଇ ତ ପାଠ ହେଉ ନାହିଁ, କାହିଁକି ମିଛରେ ଏଠାରେ ପଡ଼ି ରହିଛ ? ହେଇ ମେଡ଼ିକାଲ୍ ସ୍କୁଲ୍‌ରୁ ନୋଟିସ୍ ଆସିଛି । ସେଠି ଛାତ୍ର ଦରକାର । ତମେମାନେ ସେଠାକୁ ଚାଲିଯାଅ । ସେଠି ଚାରିବର୍ଷ ପଢ଼ିଦେଲେ ବେଶ୍ ଦୁଇ ପଇସା ରୋଜଗାର କରିବ । ମିଛରେ ଏଠାରେ କାହିଁକି ପଡ଼ିରହି ନିଜେ ହଇରାଣ ହେଉଛ ଓ ଆମକୁ ହଇରାଣ କରଉଛ ।" ମୁଁ ମନେ ମନେ ବିଚାରିଲି–"ମୁଁ ତ ନିଶ୍ଚୟ ସ୍ଥାନ ପାଇଯିବି । ଯେଉଁଠି ମାଟ୍ରିକ୍ ପାସ୍ କରି ନଥିବା ପିଲାଏ ସ୍ଥାନ ପାଉଛନ୍ତି ସେଠି ମୋ ଭଳିଆ ଦ୍ୱିତୀୟ ଶ୍ରେଣୀରେ ମାଟ୍ରିକ୍ ପାସ୍ କରିଥିବା ପିଲାଟିର ସ୍ଥାନ ପାଇବା କିଛି କଷ୍ଟକର ନୁହେଁ ।" ସେତେବେଳକୁ କିନ୍ତୁ ମେଡ଼ିକାଲ ସ୍କୁଲର ଅବସ୍ଥା ବଦଳି ଯାଇଥିଲା । ବଛାବଛି ଦିନ ମୁଁ ଯାଇ ଅଫିସ୍‌ରେ ପହଞ୍ଚିଲି । କଟକର ଜିଲ୍ଲା ମାଜିଷ୍ଟ୍ରେଟ୍ ମାରୁଡ୍ ସାହେବ ବଛାବଛି କମିଟିର ସଭାପତି ଥା'ନ୍ତି । ମୋ ନାଆଁ ଡକା ହେବାମାତ୍ରେ ମୁଁ ଯାଇ ସମସ୍ତଙ୍କ ଆଗରେ ଠିଆ ହେଲି । ଖାଉଡ଼େ ଲୋକ ଥା'ନ୍ତି । ସମସ୍ତେ ମୋ ତାଳୁରୁ ତଳିପାଯାଏ ଚାହିଁଗଲେ । ବିଶେଷ କିଛି ପଚାରିଲେ ନାହିଁ । "ବାପାଙ୍କ ନାଆଁ କ'ଣ ? ସେ କ'ଣ କରନ୍ତି ?" ଏ ମାମୁଲି ଦି'ପଦ ମାତ୍ର ପଚାରିଲେ । ମେଡ଼ିକାଲ ସ୍କୁଲରେ ପଢ଼ିବା ପାଇଁ ମୋର ବୟସ ହୋଇନାହିଁ ବୋଲି ସ୍ଥିର କରି ମୋତେ ଗ୍ରହଣ କଲେ ନାହିଁ । ମୁଁ ଫେରି ଆସିଲି, ପରେ ବଛାବଛି ତାଲିକା ଦେଖି ଜାଣିପାରିଲି ଯେ ମୁଁ ଅଯୋଗ୍ୟ

Digitized by srujanika@gmail.com

ବୋଲି ବିବେଚିତ ହୋଇଛି । ଘରେ ବୁଢ଼ାବାପାଙ୍କ ମନ ଭାରି ଦୁଃଖ ହେଲା । ସେହି ଦିନ ବଙ୍ଗାଳୀ ସାହିର ରଘୁ ଗଉତବାବୁ ବୁଢାବାପାଙ୍କ ପାଖକୁ ଔଷଧ ପାଇଁ ଆସିଥିଲେ । ବୁଢ଼ାବାପା ତାଙ୍କୁ କହିଲେ–"ହଇହୋ ରଘୁବାବୁ ! ମୋ ନାତିଟା ମେଡ଼ିକାଲରେ ପଢିବା ପାଇଁ ସ୍ଥାନଟିଏ ପାଇ ପାରିଲା ନାହିଁ ।" ସେ ଶୁଣି ଚିହିଁକି ଉଠିଲେ, କହିଲେ–"କ'ଣ ହେଲା ? ଆପଣଙ୍କ ପରି ଜଣେ ବିଖ୍ୟାତ କବିରାଜଙ୍କ ପିଲା ମେଡ଼ିକାଲ ସ୍କୁଲରେ ସ୍ଥାନ ପାଇ ପାରିବ ନାହିଁ । ଏ କି କଥା କହୁଛନ୍ତି !" ତହୁଁ ସେ ମୋତେ ବଛାବଛି କମିଟିର ସଭ୍ୟମାନଙ୍କର ନାଆଁ ସ୍କୁଲ ଅଫିସ୍‌ରୁ ସଂଗ୍ରହ କରିବା ଲାଗି ପଠାଇଲେ । ମୁଁ ତାହା ଆଣିଦେଲି । ସେ ତାଲିକା ଦେଖି ବୁଢ଼ାବାପାଙ୍କୁ କହିଲେ– "ଆଶ୍ଚର୍ଯ୍ୟ କଥା, ଏ ଲୋକଙ୍କ ଭିତରୁ ଅଧିକାଂଶ ଲୋକ ଆପଣଙ୍କଠାରୁ ଔଷଧ ଖାଆନ୍ତି । ଆପଣ କ'ଣ ସେମାନଙ୍କୁ କିଛି କହି ନଥିଲେ ?" ବୁଢାବାପା କହିଲେ–"କହିବାକୁ ହୁଏ ବୋଲି ମୁଁ କ'ଣ ଜାଣିଛି ?"ରଘୁବାବୁ କହିଲେ–"ସେଇଠି ଅସୁବିଧା ହୋଇଗଲା । ଆପଣ ଟିକେ ଆଗରୁ କହିଦେଇ ଥିଲେ ସେ ନିଶ୍ଚୟ ସ୍ଥାନ ପାଇଥା'ନ୍ତା । ହଉ ମୁଁ ତାକୁ ସାଙ୍ଗରେ ନେଇ ସମସ୍ତଙ୍କ ପାଖରୁ ଚିଠି ଲେଖେଇ ଆଣିବି । ସେ ସେତକ ନେଇ ମେଡ଼ିକାଲ ସ୍କୁଲର ସୁପରିନ୍‌ଟେଣ୍ଡେଣ୍ଟ୍‌ଙ୍କୁ ଦେଇଦେଲେ ତା'ର ହୋଇଯିବ ।" ସେଇଆ ହେଲା, ସବୁ ସଭ୍ୟ ମୋତେ ସ୍ଥାନ ଦେବାଲାଗି ସୁପରିନ୍‌ଟେଣ୍ଡେଣ୍ଟ୍‌ଙ୍କୁ ଚିଠି ଲେଖିଦେଲେ । ସେତେ-ବେଳେ ସୁପରିନ୍‌ଟେଣ୍ଡେଣ୍ଟ୍ ଥିଲେ ଲେଫଟ୍‌ନାଣ୍ଟ୍ କର୍ଣ୍ଣେଲ୍ ଅନାଥ ନାଥ ପାଲିତ୍, ଏଫ୍.ଆର୍.ସି.ଏସ୍ , ଆଇ.ଏମ୍.ଏସ୍. । ସେ ଜଣେ ଟଗର୍ଢ଼ା ଓ ଗମ୍ଭୀର ପ୍ରକୃତିର ଲୋକ ଥିଲେ । ତାଙ୍କ ଅଫିସ ନିକଟରେ ମୁଁ ତାଙ୍କୁ ଅପେକ୍ଷାକରି ଠିଆ ହୋଇ ରହିଲି । ସେ ଆସିବାମାତ୍ରେ ମୁଁ ତାଙ୍କୁ ନମସ୍କାର କରି ଚିଠି ପୁଡ଼ାଟା ତାଙ୍କ ହାତକୁ ଦେଇଦେଲି । ସେ ଅଫିସ୍ ଭିତରକୁ ପଶିଯିବାମାତ୍ରେ ମୋର କାମ ସରିଗଲା ଭାବି ସାଇକେଲରେ ପଳାଇ ଆସିଲି । ମୁଁ ପ୍ରାୟ ମଙ୍ଗଳାବାଗ ଛକ ପାଖରେ ଆସି ହୋଇଛି କି ନାହିଁ, ମେଡ଼ିକାଲର ଜଣେ ପିଅନ୍ ସାଇକେଲ୍‌ରେ ମୋତେ ଗୋଡ଼ାଇ ଗୋଡ଼ାଇ ଆସି ମୋ ପଛରୁ ପାଟିକଲା–"ହୋ ବାବୁ, ହୋ ବାବୁ, ରୁହ, ରୁହ" ମୁଁ ରହିଗଲି । ସେ ମୋ ପାଖକୁ ଯାଇ କହିଲା-"ବାବୁ ତୁମେ ପଳାଇ ଆସିଲ କାହିଁକି ?" ମୁଁ କହିଲି–"ମୋର ଚିଠିଦେବାର ଥିଲା । ମୁଁ ଦେଇ ଚାଲି ଆସିଲି ।" ସେ ମୋତେ ନା' ପସନ୍ଦ କରି କହିଦେଲା–"ତାଙ୍କଠାରୁ କିଛି ଗୋଟାଏ ନଶୁଣି ଚାଲି ଆସିଲ କେମିତି ?" ସାହେବ ଡକାଇଛନ୍ତି ଶୀଘ୍ର ଆସ । ମୁଁ ପୁଣି ଯାଇ ଅଫିସ୍‌ରେ ତାଙ୍କୁ ଦେଖାକଲି । ସେ ମୋତେ କହିଲେ–"ଏ କଥା କ'ଣ ମୁଁ କିଛି ବୁଝିପାରୁ ନାହିଁ । ଏମାନେ ସମସ୍ତେ ତ କମିଟିର ସଭ୍ୟ । ବଛାବଛି ଦିନ ସମସ୍ତେ ବି ଥିଲେ । ସେଠି କାହିଁ କେହି କିଛି କହିଲେ ନାହିଁ । ସେମାନେ କ'ଣ ତୁମକୁ ଚିହ୍ନି ନଥିଲେ ?" ମୁଁ କହିଲି– "ଆଜ୍ଞା ନା, ସେମାନେ ମୋ ବୁଢ଼ାବାପାଙ୍କୁ ଜାଣନ୍ତି । ତାଙ୍କଠାରୁ ଔଷଧ ଖାଆନ୍ତି ।" ସେ କହିଲେ–"ତୁମେ ଦରଖାସ୍ତ କରିଛ ବୋଲି ତୁମ ବୁଢ଼ାବାପା କ'ଣ ସେମାନଙ୍କୁ କିଛି କହି ନଥିଲେ ।" ମୁଁ କହିଲି–"ନା ଆଜ୍ଞା ।" ତହୁଁ ସେ ସ୍କୁଲର ମୁଖ୍ୟ କିରାଣୀଙ୍କୁ ଡକାଇଲେ । ସେ ଆସିବାରୁ ମୋତେ ଦେଖାଇ ଦେଇ ତାଙ୍କୁ କହିଲେ–"ଦେଖ ଯେଉଁ

Digitized by srujanika@gmail.com

ତାଲିକା ହୋଇଛି ସେଥିରୁ ଯଦି କେହି ନାଆଁ ନ ଲେଖାଏ ତେବେ ଏହାଙ୍କ ନାମ ଲେଖାଇଦେବ ।" ଏହା କହି ସେ ଏକ ଆଦେଶନାମା ତାଙ୍କୁ ଦେଇଦେଲେ ଓ ମୋତେ ବିଦାୟ ଦେଲେ । ମୋ ସାଙ୍ଗରେ ଜଣେ ପିଲା ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ୍‌କରି ବୃତ୍ତି ପାଇଥିଲା । ତା ନାଆଁ ହେଉଛି ଯାଦବାନନ୍ଦ ଦାଶ । କଲେଜିଏଟ୍ ସ୍କୁଲରେ ସେ ମୋ ସାଙ୍ଗେ ପରୀକ୍ଷା ଦେଇଥିଲା ଏବଂ ବୃତ୍ତିଲାଭ କରିଥିଲା । ଆଉ ବଛାବଛି ତାଲିକାରେ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ପିଲା କେହି ନଥିଲେ । ସେ ମେଡ଼ିକାଲ୍‌ରେ ପଢିଲେ ବୃତ୍ତିଟି ହରେଇବ ଜାଣିପାରି ରେଭେନ୍‌ସା କଲେଜରେ ନାମ ଲେଖାଇଲା । ସେ ଶୂନ୍ୟ ସ୍ଥାନଟି ମୁଁ ପାଇଗଲି । ପରେ ମୁଁ ଜାଣିପାରିଲିଯେ ସେ ସ୍ଥାନଟିକୁ ବିକ୍ରିକରି ମୁଖ୍ୟ କିରାଣୀ ଦି ପଇସା ପାଇଥାନ୍ତା । କିନ୍ତୁ ପାଲିତ୍ ସାହେବ-ଙ୍କର ଆଦେଶନାମା ହେତୁ ସବୁକିଛି ଭଣ୍ଡୁର ହୋଇଗଲା । ମୋର ଆଉ ଗୋଟିଏ ଲାଭ ହୋଇଥିଲା । ମୁଖ୍ୟ କିରାଣୀ ମୋତେ ପାଲିତ୍ ସାହେବଙ୍କର ଲୋକବୋଲି ଭାବି ଖୁବ୍ ଭଲ ବ୍ୟବହାର ଦେଖାଇଥିଲା । ନାଆଁ ଲେଖାଇଥିବା ପରେ ମୁଁ ସ୍କୁଲ୍ ହଷ୍ଟେଲ୍‌କୁ ଯାଇଁ ମୋର ସ୍କୁଲ ଅଗ୍ରଜ ସଚ୍ଚିଦାନନ୍ଦ ମହାପାତ୍ର ଓ ଅନିଲ୍ ବାନାର୍ଜୀଙ୍କୁ ନାମ ଲେଖାଇଥିବା କଥା ଜଣାଇଲି । ମୁଁ ସ୍ଥାନ ପାଇ ନାହିଁ ବୋଲି ସେମାନେ ଆଗରୁ ଜାଣିଥିଲେ । ଏ ଖବର ଶୁଣି ସେମାନେ ଭାରି ଖୁସି ହୋଇଗଲେ ।

କ୍ଲାସ୍‌ରେ ପାଠପଢ଼ା ଆରମ୍ଭ ହେଲା । ଝାଞ୍ଜିର ମଙ୍ଗଳାସ୍ଥ ଆମ ଘରୁ ମୁଁ ସ୍କୁଲକୁ ଯାଉଥାଏ ଓ ଫେରୁଥାଏ । ଘରେ ସକାଳେ ଜଳଖିଆ ଖାଇ କ୍ଲାସ୍‌କୁ ଯାଉ-ଥିଲି । ବାରଟାବେଳେ ଫେରି ଗାଧୁଆ ପାଧୁଆ, ଖିଆପିଆ କରୁଥିଲି ଏବଂ ପୁଣି ସ୍କୁଲକୁ ଯାଉଥିଲି । ୪/୫ଟା ବେଳେ ଘରକୁ ପୁଣି ଫେରୁଥିଲି । ବହିପତ୍ରସବୁ କଲିକତାରୁ କିଣା ହୋଇ ଆସି ସାରିଥିଲା । ସମ୍ପୂର୍ଣ୍ଣ ନୂଆ ଧରଣର ବହି; ବୁଝିବା କଷ୍ଟକର ହେଉଥିଲା । ମୁଁ କିନ୍ତୁ ଭଲ ଭଲ ପିଲାଙ୍କୁ ପଚରାପଚରି କରି ସବୁ ଆୟତ୍ତ କରି ନେଉଥିଲି ।

ସେତେବେଳେ ସ୍କୁଲ ଦରମା ମାସକୁ ଦୁଇ ଟଙ୍କା ଥିଲା । ହଷ୍ଟେଲ ଭଡ଼ା ମଧ୍ୟ ସେଇଆ ଥିଲା । ମୁଁ ହଷ୍ଟେଲ୍‌ରେ ନଥିଲି । କେବଳ ସ୍କୁଲ ଦରମା ମୋତେ ଦେବାକୁ ପଡୁଥିଲା ତାହା ମଧ୍ୟ ୬ ମାସରେ ଥରେ ଦିଆ ଯାଉଥିଲା । ପାଟନାସ୍ଥିତ "ବିହାର ଓଡ଼ିଶା ମେଡ଼ିକାଲ୍ ଏକ୍‌ଜାମିନେସନ୍ ବୋର୍ଡ" ଆମ ସ୍କୁଲର ପରୀକ୍ଷା ପରିଚାଳନା କରୁ-ଥିଲା । ଆମର ପ୍ରଥମ ଶ୍ରେଣୀର ପାଠ୍ୟ ଥିଲା ଫିଜିକ୍‌ସ୍, କେମିଷ୍ଟ୍ରି, ଆନାଟୋମୀ, ଫିଜିଓ-ଲଜି ଓ ମେଟେରିଆମେଡ଼ିକା । ସବୁଥିରେ କ୍ଲାସ୍ ପରୀକ୍ଷା ଦେବାକୁ ପଡ଼ିଥିଲା କିନ୍ତୁ ବୋର୍ଡ ପରୀକ୍ଷା ପାଇଁ କେବଳ ଫିଜିକସ୍ ଓ କେମିଷ୍ଟ୍ରି ନିର୍ଦ୍ଦିଷ୍ଟ ଥିଲା । ଫିଜିକ୍‌ସ୍, କେମିଷ୍ଟ୍ରି ଓ ଫିଜିଓଲଜିର ଡ଼େମନ୍‌ଷ୍ଟ୍ରେଟର୍ ଥିଲେ ଡକ୍ଟର ଆଶୁତୋଷ ରକ୍ଷିତ୍ । ତିନୋଟି-ଯାକ ବିଷୟ ଶ୍ରେଣୀରେ ସେ ଏଭଳି ଡ଼େମନଷ୍ଟ୍ରେଟ୍ କରୁଥିଲେ ଯେ ତାହା ସହଜରେ ସମସ୍ତଙ୍କର ମନେରହିଯାଉଥିଲା । ପ୍ରାକ୍ଟିକାଲ୍ ବିଷୟ ଗୁଡ଼ିକ ମୋର ଭଲଭାବେ ମନେରହି ଯାଉଥିଲା କିନ୍ତୁ ପାଠ ପଚାରବେଳେ ମୁଁ ଆପ୍ଟୁ ଆପ୍ଟୁ ହୋଇ ଯାଉଥିଲି । ଆଶୁବାବୁ ଶ୍ରେଣୀରେ ଯେତେବେଳେ ପାଠ ପଚାରି ଦିଅନ୍ତି ସେତେବେଳେ ମୁଁ ମେ ମେ ହୋଇ-ଯାଏ । ସେ ମୋତେ ପଛ ବେଞ୍ଚରୁ ସଭଆଗକୁ ଡାକି ନେଇ ଯାନ୍ତି । ତାଙ୍କ ପାଖରେ

Digitized by srujanika@gmail.com

ଠିଆକରି ମୋତେ ପଗ୍ଭରନ୍ତି । ମୋ ଗୋଡ଼ ଆଡୁ ଜୀବନ ଛାଡ଼ିଆସେ; ପାଟିରୁ କଥା ବାହାରେ ନାହିଁ । ଦିନେ ସେ ମୋତେ ଭରି ଗାଳିଦେଲେ । କହିଲେ–"ହଇରେ, ତୁ ଗୋଟିଏ ମେଞ୍ଚଡ଼ ଟୋକା, ତତେ ଏଠାକୁ ପଢିବାକୁ ଆସିବା ପାଇଁ କିଏ କହିଲା ? ଏଠାକୁ କେବଳ ଗୁଣ୍ଡା, ବଡ଼ ବଡ ତଗଡ଼ା ପିଲା ଓ ନିଶଉଠା ଭେଣ୍ଡିଆମାନେ ପଢିବାକୁ ଆସନ୍ତି, ତୋ'ରତ ନିଶ ଉଠିନାହିଁ," ତତେ କିଏ ଏଠିକି ପଠେଇଲା ? ମୋ ଦେହରେ ଆଉ ଜୀବନ ନଥାଏ । ମୋ ଅବସ୍ଥା ଦେଖି ତାଙ୍କର ଭରି ଦୟା ହୁଏ । ସେ ମୋତେ ଆଉଥରେ ବୁଝାଇଦେଇ ପଛରେ ଯାଇ ବସିବାଲାଗି କହନ୍ତି । ମୁଁ ବଡ଼ ଅସ୍ତବ୍ୟସ୍ତ ହୋଇପଡେ । ଦିନେ ହଠାତ୍ ଶୁଣିଲି ଆଶୁବାବୁଙ୍କର ବଦଳି ହୋଇଯାଉଛି । ସେ ଶ୍ରେଣୀରେ ଆସି ସେହିକଥା କହିଲେ, ସମସ୍ତଙ୍କ ମନ ଦୁଃଖରେ ଅଭିଭୂତ ହୋଇଗଲା । ସେ ହସି ହସି ପୁଣି କହିଲେ–"ତୁମ ଭିତରେ ଗମ ଅବଶ୍ୟ ଖୁସି ହୋଇଥିବ ।" ମୁଁ ପ୍ରକୃତରେ ଖୁସି ହୋଇଥିଲି କିନ୍ତୁ ମୁହଁ ଶୁଖାଇ କହିଲି–"ନାହିଁ ସାର୍ ! ମୁଁ ମୋଟେ ଖୁସି ହୋଇନି, ମୋ ମନ ମଧ୍ୟ ଭରି କଷ୍ଟ ।" ସେ ହସିଦେଇ କହିଲେ–"ଆରେ ! ମୁଁ ତୋତେ ଏପରି ଗୁଡ଼େଇ ତୁଡ଼େଇ ପ୍ରଶ୍ନ ପଗ୍ଭରୁଥିଲି ତାର କାରଣ ଥିଲା ତୁ ମନ ଦେଇ ପଢିବୁ । ତୁ'ତ ଛୁଆଟା, ତୋର ଭଲମନ୍ଦ ଜ୍ଞାନ ଏପର୍ଯ୍ୟନ୍ତ ହୋଇନି । ସେ ଯାହାହେଉ ତୁ ମନଦେଇ ପାଠ ପଢିବୁ ।" ଏତକ ଶୁଣିବା ପରେ ମୋ ମନଟା ପ୍ରକୃତରେ ଭରି କଷ୍ଟ ହୋଇଗଲା । ତାଙ୍କର ଗୋଟାଏ ଖୁବ୍ ବଡ ଦକ୍ଷତା ଥିଲା । ସେ ସ୍କୁଲ ଥିଏଟର୍‌ରେ ଚମତ୍କାର ନିର୍ଦ୍ଦେଶନା ଦେଉଥିଲେ । ସେ ଜଣେ ଭଲ ଅଭିନେତା ଥିଲେ । ଅଭିନୟ କରି ଶିଖାଇ ଦେଉଥିଲେ ସେତେବେଳେ ମେଡ଼ିକାଲ୍‌ରେ ଦୁଇଦିନ ଧରି ଡ୍ରାମା ହେଉଥିଲା । ପହିଲିଦିନ ବଙ୍ଗାଳୀ ପିଲା ଓ ଦ୍ୱିତୀୟ ଦିନ ଓଡ଼ିଆ ପିଲାମାନେ ଡ୍ରାମା କରୁଥିଲେ । କେତେଜଣ ବାହାର ଲୋକ ଆସି ଓଡ଼ିଆ ପିଲାଙ୍କୁ କହିଲେ–"ହଇହୋ; ସେମାନେ କାହିଁକି ପ୍ରଥମ ଦିନ କରିବେ । ତୁମେ ସବୁ ପ୍ରଥମ ଦିନଟା କରୁନ ?" ଓଡ଼ିଆ ମାମଲତକାରମାନେ କହିଲେ–"ସେମାନେ ପ୍ରଥମ ଦିନଟା କରୁଥିବାରୁ ସେମାନଙ୍କୁ ରଙ୍ଗମଞ୍ଚ ବାନ୍ଧିବାକୁ ଓ ସଜାଇବାକୁ ପଡୁଛି । ଆମର ଏତେ ହେଙ୍ଗାମରେ କିଏ ପଶେ । ସେମାନେ ସବୁ ଠିକ୍ କରି ଦେଉଛନ୍ତି ଆମେ କେବଳ ଅଭିନୟ କରୁଛୁ ।" ତାଙ୍କ ଭିତରୁ ଜଣେ କହିଲେ–"ତୁମେ ସବୁ ଏତେ ପରିଶ୍ରମକାତର ଯେ ନିଜର ଟେକ ରଖିବାକୁ ମଧ୍ୟ କାତର ହୋଇ ପଡୁଛ, " ଓଡ଼ିଆ ପିଲାଏ ବହୁଦିନ ଯାଏ ଏଥିରେ ମୁଣ୍ଡ ଭର୍ତ୍ତି କରି ନଥିଲେ ।

ପାଠ ପଢ଼ାଟି ଛାଡ଼ିଦେଲେ ମୁଁ ଆଉ ଅନ୍ୟସବୁ ବିଷୟରେ ପୂର୍ଣ୍ଣଦକ୍ଷତା ଦେଖାଉଥିଲି । ପରୀକ୍ଷା ନିକଟେଇ ଆସିଲା । ମୋର ବହି ଧରିବାକୁ ଇଚ୍ଛା ହେଉନଥାଏ । ମୁତ୍‌ଫରକା କାମମାନଙ୍କରେ ମୁଁ ଲାଗିଥାଏ । ବୋର୍ଡ଼ ପରୀକ୍ଷା ଆସିଗଲା । କେବଳ ଫିଜିକ୍‌ସ୍, କେମିଷ୍ଟ୍ରିରେ ପରୀକ୍ଷା ଦେବାକୁ ଥିଲା । ଆମ ଖାତା ଗୁଡ଼ିକ ପାଟନା ମେଡ଼ିକାଲ କଲେଜର ଅଧ୍ୟାପକମାନଙ୍କ ହାତରେ ପଡୁଥିଲା ଏବଂ ସେହି ପରୀକ୍ଷକ ବାହାର ପରୀକ୍ଷକ ଭବରେ ଏଠାକୁ ପରୀକ୍ଷା କରିବାକୁ ଆସୁଥିଲେ । ସବୁପିଲା ବାହାର ପରୀକ୍ଷକ କ'ଣ କ'ଣ ପଗ୍ଭରନ୍ତି ବୋଲି ଖବର ସଂଗ୍ରହ କରନ୍ତି । ମୁଁ କିନ୍ତୁ ସଂଗ୍ରହ

Digitized by srujanika@gmail.com

କରୁଥିଲି କ'ଣ କଲେ ଓ କି ବ୍ୟବହାର ଦେଖାଇଲେ ପରୀକ୍ଷକ ଖୁବ୍ ଖୁସି ହୋଇଯାନ୍ତି । ସେ ବର୍ଷ ଫିଜିକ୍ସ, କେମିଷ୍ଟ୍ରି ଅଧ୍ୟାପକ ଜଣେ ମିଆଁ ଆସିଥିଲେ । ଆମ ସ୍କୁଲ ଶିକ୍ଷକ ଥିଲେ ନାରାୟଣ ଦତ୍ତ, ସେ ଆୟୁର୍ବେଦ ଚିକିତ୍ସାରେ ଭରି ବିଶ୍ୱାସ କରୁଥିଲେ ଏବଂ ବୁଢ଼ାବାପାଙ୍କଠାରୁ ନିୟମିତ ଔଷଧ ଖାଉଥିଲେ । ବୁଢ଼ାବାପାଙ୍କୁ ସେ ମଧ୍ୟ ବହୁତ ଖାତିର କରୁଥିଲେ । ସେହି ସୂତ୍ରରେ ସେ ମୋତେ ଭରି ସ୍ନେହ କରୁଥିଲେ । ପରୀକ୍ଷା ଖାତାରେ ମୁଁ କପିକରି ଲେଖିଦେଇଥିବାରୁ ଲେଖାରେ ପାସ୍‌କରିବାର କୌଣସି ସନ୍ଦେହ ନଥିଲା । ବାହାର ପରୀକ୍ଷକଙ୍କ ବିଷୟରେ ମୁଁ ଖବର ସଂଗ୍ରହ କରିଥିଲି ଯେ ତାଙ୍କୁ ଯିଏ 'ଜୀ ହଜୁର' ବୋଲି କହିବ, ସେଥିରେ ସେ ଭରି ସନ୍ତୁଷ୍ଟ ହୋଇଯାନ୍ତି । ମୁଁ ସେଥିପାଇଁ ପ୍ରସ୍ତୁତ ହୋଇ ଯାଇଥାଏ । ମୋ ନାଆଁ ଡ଼କରା ହେଲା । ମୁଁ ମୌଖିକ ପରୀକ୍ଷା ଦେବା ଲାଗି ତାଙ୍କ ଆଗରେ ଯାଇ ପହଞ୍ଚିଲି । ସେଠି ସେ ଏବଂ ନାରାୟଣ ଦତ୍ତ ଦୁହେଁ ବସି-ଥିଲେ । ମୁଁ ନବେ ଡ଼ିଗ୍ରୀଆ ନମସ୍କାରଟିଏ ପକାଇ ଠିଆହେଲି । ପରୀକ୍ଷକ ମିଆଁ ସାହେବ ମୋତେ ଇଂରାଜୀରେ ପଚାରିଲେ—"କ'ଣ କେମିଷ୍ଟ୍ରି ଭଲଭାବରେ ପଢ଼ିଛ ?" ମୁଁ ହାତଯୋଡ଼ି କହିଲି—"ଜୀ ହଜୁର", ଏଣୁତେଣୁ କ'ଣ ପାଠ ବହିର୍ଭୂତ ଗୋଟିଏ ଦିଓଟି ପ୍ରଶ୍ନ ପଚାରିଲେ । ମୁଁ ତାଙ୍କୁ 'ଜୀ ହଜୁର' ପଦରେ ପୋତି ପକାଇଲି । ତାପରେ ସେ ମୋତେ ଫେରସ୍ ସଲ୍‌ଫେଟ୍‌ର ଗୁଣ କ'ଣ ବୋଲି ପଚାରିଲେ । ଆମର ପାଠ ଭିତରେ ଫେରସ୍ ସଲଫେଟ୍ ଅନ୍ତର୍ଭୁକ୍ତ ନଥିଲା । ମୁଁ ତହୁଁ ନାରଣବାବୁଙ୍କୁ ଓଡ଼ିଆରେ କହିଲି—"ସାର୍, ଏଇଟାତ ଆମର ପଢ଼ା ହୋଇନି ମୁଁ କହିବି କ'ଣ ?" ସେ ମଧ୍ୟ ଓଡ଼ିଆରେ କହିଲେ—"ଯାହା ଆସୁଛି ଓଡ଼ିଆରେ କହିଦେ ।" ମୋର ମନେ ପଡ଼ିଗଲା ପିଲାଦିନେ ଆମ କମ୍ପାଉଣ୍ଡର୍ ଆମ ପାଇଁ କାଳି ତିଆରି କରୁଥିଲା । ସେ ହରିଡ଼ା ବାହା-ଡ଼ାକୁ ସିଝାଇ ତା ଦେହରେ 'ହୀରାକଷ' ପକାଇଦେବାମାତ୍ରେ ଗାଢ଼ କଳାକାଳି ତିଆରି ହୋଇଯାଉଥିଲା । ହୀରାକଷ ହେଉଛି ଫେରସ୍ ସଲ୍‌ଫେଟ୍ । ମୁଁ ସେଥିରେ କାଳି ତିଆରି ହୁଏ ବୋଲି ଓଡିଆରେ କହି ଦେଲି । ମିଆଁ ସାହେବ ଓଡିଆରେ ବିନ୍ଦୁ ବିସର୍ଗ ବୁଝି ପାରୁନଥିଲେ । ତେଣୁ ମୁଁ କ'ଣ କହୁଛି ବୋଲି ସେ ନାରଣବାବୁଙ୍କୁ ପଚାରିଲେ, ମୁଁ ସବୁ ଠିକ୍ କହିଛି ବୋଲି ନାରଣବାବୁ ତାଙ୍କୁ ବୁଝାଇ ଦେଲେ । ସେ ମୋ ଉପରେ ଭରିଖୁସି ହୋଇଗଲେ । ମୁଁ ମଧ୍ୟ ଆଉ ୪/୫ଟା 'ଜୀ ହଜୁର' ବେଲପତ୍ରୀ ଚଢ଼ାଇଲାପରି ତାଙ୍କ ଉପରେ ଚଢ଼ାଇଦେଲି । ମହାଦେବ ମଧ୍ୟ ସନ୍ତୁଷ୍ଟ ହୋଇ ବର ଦେଲା ଭଳି ସେ ମୋ ଉପରେ ସନ୍ତୁଷ୍ଟ ହୋଇ ମୋତେ ଚାଲିଯିବାକୁ କହିଲେ । ମୁଁ ପାସ୍ କରିଛି—ବୋଲି ସେଇଠି ଅନୁମାନ କରି ନେଇଥିଲି ।

ଯେଉଁଦିନ ପ୍ରଥମଥର ପାଇଁ ମୁଁ ଆନାଟୋମୀ ଓ ଡ଼ିସେକ୍‌ସନ୍ ହଲ୍‌କୁ ଗଲି ସେ ଦିନଟା ମୋ ପକ୍ଷରେ ଗୋଟିଏ ଅତି ଘୃଣିତ ଦିନ ଥିଲା । ଆନାଟୋମୀ ଡେମନ୍-ଷ୍ଟ୍ରେଟର୍ ପ୍ରଥମେ ଆମକୁ ମୃତଦେହ ସବୁ କିପରି କୁଣ୍ଡରେ ସାଇତା ହୋଇରହେ ତାହା ଦେଖାଇବାକୁ ନେଇଗଲେ । ସେ ଗନ୍ଧ ଓ ସେ ଦୃଶ୍ୟ ମୋ ଦେହକୁ ଦୋହଲାଇ-ଦେଲା । ବାନ୍ତି କରି ପକାଇଥା'ନ୍ତି ଅଳ୍ପକେ ରହିଗଲା । ଗୋଟିଏ ଲମ୍ବା କୁଣ୍ଡରେ ଶବ-ଗୁଡ଼ିକ ପଡ଼ିଥାନ୍ତି । ସେଥିରେ ଲଙ୍ଗୁଡ଼ିଆ ପୋକସବୁ ସାଲୁ ସାଲୁ ହେଉଥାନ୍ତି । ଶବ

Digitized by srujanika@gmail.com

ଉପରଟାଯାକ ବୋଲି ହୋଇଗଲା ପରି ସେମାନେ ଦିଶୁଥାନ୍ତି । ଶବଟା ଏକପ୍ରକାର ଧଳା ଦିଶୁଥାଏ, ଦେହଟା ଶିରିଶିରେଇ ଉଠିଲା । ମୁଁ ଆଉ ସହି ନପାରି ପଛ ଆଡ଼କୁ ମୁହଁ ବୁଲାଇଦେଲି । କେମିତି ସେଠାରୁ ପଳାଇ ଆସିବି ମୋତେ ବାଟ ଦିଶିଲା ନାହିଁ । ତାପର ଦିନ ଆମମାନଙ୍କୁ ଶବ ବାଣ୍ଟିଦେଲେ । ତାପରେ କିପରି କଟାକଟି ଆରମ୍ଭ କରିବାକୁ ହେବ ତାହା ଦେଖାଇ ଦେବା ଲାଗି ଛୁରୀ ଧରିଲେ । ସେ ଯେତେବେଳେ ଶବ ପେଟରେ ଛୁରୀ ଲଗାଇଲେ ମୁଁ ତାକୁ ସହି ନପାରି ଆଖି ବୁଜିଦେଲି । ସେ ଖାଲି ଯାହା କହୁଥାନ୍ତି ଶୁଣୁଥାଏ କିନ୍ତୁ ଆଖି ବୁଜି ଦେଇଥାଏ, ପିଲାଟିଦିନୁ ମୋର ଏହିପରି ସ୍ୱଭାବ ଥିଲା । ଆମସାହି ମଙ୍ଗଳାଙ୍କ ପାଖରେ ଯେତେବେଳେ ବୋଦା ପଡ଼େ ଲୋକେ ସେଠାରେ ଭିଡ଼ବାନ୍ଧି ଦେଖୁଥାନ୍ତି ଅଥଚ ଘାତକ କଟୁରୀ ଟେକିବାମାତ୍ରେ ମୁଁ ମୁହଁକୁ ପଛଆଡ଼କୁ କରି ନେଉଥିଲି । ପିଲାଦିନେ ବଥ ଅପରେସନ୍ ବା ଇଞ୍ଜେକ୍ସନ ଫୋଡ଼ାକୁ ମଧ୍ୟ ମୁଁ ସହି ପାରୁ ନଥିଲି । ଡିସେକ୍ସନ୍ ରୁମ୍‌ରେ ଏଥିରେ ଅଭ୍ୟସ୍ତ ହେବାଲାଗି ମୋତେ ପ୍ରାୟ ୧୦।୧୫ ଦିନ ଲାଗି ଯାଇଥିଲା । ମୁଁ ହଷ୍ଟେଲରେ ଥିବା ମୋର ସାଙ୍ଗ-ମାନଙ୍କ ପାଖରେ ବସି ପ୍ରାୟ ରାତି ୧୧।୧୨ଟା ଯାଏ ପଢ଼ାପଢ଼ି କରୁଥିଲି ଏବଂ ସେହି ୧୧।୧୨ଟା ବେଳେ ଘରକୁ ସାଇକେଲରେ ଫେରୁଥିଲି । ସେତେବେଳେ ରାଣୀହାଟ ଛକପାଖରୁ ଦୋଳମୁଣ୍ଡାଇଛକ ଏବଂ ସେଠାରୁ ଆମ ଘର ପର୍ଯ୍ୟନ୍ତ ରାସ୍ତାଟି ସମ୍ପୂର୍ଣ୍ଣ ଜନଶୂନ୍ୟ ରହୁଥିଲା । ଏକୁଟିଆ ଜଣେହେଲେ କେହି ଯିବାର ଦେଖାଯାଉ ନଥିଲା । ୩।୪ ଜଣ ଏକାଠି ନହେଲେ କେହି ଯାଉ ନଥିଲେ । ମୁଁ କିନ୍ତୁ ସାଇକେଲରେ ନିର୍ଭୟରେ ସମୁଦାୟ ରାସ୍ତା ଅତିକ୍ରମ କରୁଥିଲି । ବାଟରେ ବଜ୍ରକବାଟୀଠାରେ ଗୋଟାଏ ମଦଖଟିଥିଲା । ଅନେକ ସମୟରେ ସେ ଖଟି ପାଖରେ ମଦୁଆମାନେ ବକର ବକର ଓ ମରାମରି ହେଉଥିଲେ । ସେହି ସ୍ଥାନଟି ଅତିକ୍ରମ କଲାବେଳେ ମୋତେ ଭାରି ଭୟ ଲାଗେ । ଖୁବ୍ ଯୋର୍‌ରେ ସାଇକଲ ଛୁଟାଇ ପଳାଏ, ଦିନେ ମୁଁ ସେହିବାଟେ ଗଲାବେଳେ ଦୁଇଜଣ ମଦୁଆ ରାସ୍ତାଉପରେ ଗାଳି ଦିଆ ଦେଇ ହୋଇ ମରାମରି ହେଉ-ଥିଲେ । ମୁଁ କଡ଼େଇ ହୋଇ ଗଳିଯିବି କ'ଣ ସେମାନେ ଠେଲାଠେଲି ହୋଇ ମୋ ସାଇକଲ ଉପରେ ପଡ଼ିଗଲେ । ମୁଁ ପଡ଼ିଉଠି ସାଇକଲ ଗଡ଼ାଇଗଡ଼ାଇ ଦୌଡ଼ି ଆସିଲି ଏବଂ କିଛିବାଟ ଆସିବା ପରେ ପୁଣି ସାଇକଲ୍ ଚଢ଼ି ପଳାଇ ଆସିଲି । ମନେ ମନେ ସ୍ଥିର କଲି—"ନା କାଲି ରାତି ଦୁଇଟା ବେଳେ ଘରକୁ ଫେରିବି । ସେ ବାଟଦେଇ ଆସିବାବେଳେ ମଦ ଖଟିରେ ନିଆଁ ଲଗାଇଦେଇ ପଳାଇ ଆସିବି । ଗୁଡ଼ରେ କିଛି ସ୍ପିରିଟ୍ ଇଡ଼ିଦେବି । ତାପରେ ଦିଆସିଲି ମାରି ପକାଇ ଆସିବି । ସେତେବେଳେ ସେଠି ଆଉ ମଦୁଆ କେହି ନଥିବେ" । ଏଇଆ ଭାବି ମୁଁ ଘରେ ସେଦିନ ଶୋଇଲି । ସକାଳୁ ଉଠି ମୋର ନିତ୍ୟକର୍ମ ସାରି ପୁଣି ମେଡ଼ିକାଲକୁ ସାଇକେଲରେ ଗଲି କିନ୍ତୁ ହାୟ ହାୟ ମଦଖଟିର ଏକ ଦୃଶ୍ୟ ! ତାହା ସମ୍ପୂର୍ଣ୍ଣଭାବେ ପୋଡ଼ି ପାଉଁଶ ହୋଇ-ଯାଇଥିଲା । ମୁଁ ମନେ ମନେ ଭାବିଲି ବୋଧହୁଏ ମୋରିପରି ଅନ୍ୟ କେଉଁ ଦୁର୍ଦ୍ଦଶାଗ୍ରସ୍ତ ଲୋକ ମୋ କରିବା କାମଟାକୁ ରାତିରେ କରି ଦେଇଛି । ମୁଁ ଖୁବ୍ ଆନନ୍ଦିତ ହୋଇ-ଗଲି । ପରେ ପରେ ହଷ୍ଟେଲରୁ ମୁଁ ଶୁଣିଲି ଯେ ଦଳେ ଛାତ୍ର ଡାକ୍ତରଖାନାରୁ

Digitized by srujanika@gmail.com

ଗୋଟିଏ ଶବ ନେଇ ଖାନନଗର ଶ୍ମଶାନରେ ପୋଡ଼ିବାକୁ ଯାଉଥିଲେ । ଗୋଟିଏ ମାଢ୍ଓ୍ଵାଡ଼ି ଡାକ୍ତରଖାନା ଅଫିସରେ ଗୋଟିଏ ଫଣ୍ଡ୍ ଖୋଲି ଦେଇଥିଲା । ତା'ରି ଟଙ୍କାର ସୁଧରେ ଅନାଥ ସବର୍ଣ୍ଣ ହିନ୍ଦୁ ମରିଗଲେ ତା'ର ସତ୍କାର କରାଯାଉଥିଲା । ହଷ୍ଟେଲ୍‌ରେ ଗୋଟିଏ ମଡ଼ାପୋଡ଼ା ଫଉଜ ଥିଲେ । ସେମାନେ ମଡ଼ାଟିକୁ ନେଇଯାଇ ମଶାଣୀରେ ପୋଡ଼ି ଦେଉଥିଲେ । ସେଦିନ ବକ୍ରକବାଟୀ ପାଖରେ ମୁଁ ଅପଦସ୍ତ ହେବା ଆଗରୁ ଦଳେ ପିଲା ଗୋଟିଏ ଶବନେଇ ଯାଇଥିଲେ । ବକ୍ରକବାଟୀ ଖଟି ପାଖରେ ପହଞ୍ଚି ସେମାନେ ପଟ୍ଟାଦାରକୁ ମଦ ମାଗିଲେ । ସେ ନାହିଁ କରିଦେଇ କହିଲା—"ଆଠଟା ପରେ ମଦ ବିକିବା ମନା । ମୁଁ ଆଉ ଦେଇ ପାରିବି ନାହିଁ ।" ସେମାନଙ୍କର ଗମାତ୍‌ଟା ଫସର ଫାଟି ଗଲା । ପ୍ରାୟ ରାତି ଗୋଟାଏ ବେଳକୁ ସେମାନେ ଖାନନଗର ମଶାଣିରୁ ଫେରିଲେ । ସେତେବେଳେ ସେ ଖଟିଟା ଏକାବେଳକେ ନିଛାଟିଆ ହୋଇ ଯାଇଥିଲା । ଗୋଟିଏ ହେଲେ ଲୋକ କେହି ନ ଥିଲେ । ଏହି ସୁବିଧା ଦେଖି ସେମାନେ ଦିଆସିଲି ମାରି ଘରରେ ଲଗାଇ ଦେଲେ । ଘର ଯେମିତି ଟିକେ ଧରି ନେଲା ସେମାନେ ଦୌଡ଼ି ହଷ୍ଟେଲ୍‌କୁ ପଳାଇ ଆସିଲେ । ଏ ଘଟଣାରେ ବହୁଲୋକ ଅବଶ୍ୟ ସନ୍ତୋଷ ପ୍ରକାଶ କରିଥିଲେ । ପଟ୍ଟାଦାର ସେମାନଙ୍କୁ ସନ୍ଦେହ କରିଥିଲା କିନ୍ତୁ ସେମାନଙ୍କୁ ଧରିବାର କୌଣସି ଉପାୟ ନଥିଲା । କେହି ସାକ୍ଷୀ ଥିଲେ ସୁଦ୍ଧା ସେ ମେଡ଼ିକାଲ ପିଲାଙ୍କ ବିରୁଦ୍ଧରେ କହିବାକୁ ପ୍ରସ୍ତୁତ ନଥିଲେ । କାରଣ ସେମାନେ ମେଡ଼ିକାଲ୍ ପିଲାଙ୍କଠାରୁ ନାନା ଭାବରେ ଉପକାର ପାଉଥିଲେ । ଏ ଘଟଣା ପରେ ପରେ ମୁଁ ରାତିରେ ଆଉ ଘରକୁ ନ ଫେରି ହଷ୍ଟେଲରେ ରହିବାର ବ୍ୟବସ୍ଥା କରିଦେଲି । ରାତିରେ ହଷ୍ଟେଲ୍ ମେସ୍‌ରେ ଖାଏ ଓ ସକାଳ ବେଳା ଘରେ ଖାଏ ।

ମେଡ଼ିକାଲ୍‌ରେ ମୋ କାର୍ଯ୍ୟକଳାପ ବିଷୟରେ ବୁଢ଼ାବାପା ସବୁଖବର ଜାଣି ପାରୁଥିଲେ । ବହୁ ଡ଼ାକ୍ତର ଏବଂ ଛାତ୍ର ବୁଢ଼ାବାପାଙ୍କର ଜଣାଶୁଣା ଥିଲେ । ସେମାନଙ୍କୁ ବୁଢ଼ାବାପା ସବୁବେଳେ ମୋ ବିଷୟରେ ପଚାରୁଥିଲେ । ମୁଁ ଯାହା ଯାହା କରୁଥିଲି ସେମାନେ ବୁଢ଼ାବାପାଙ୍କୁ ଶୁଣାଇ ଦେଉଥିଲେ । ହଠାତ୍ ଘରର କଠୋର କଟକଣା ଭିତରୁ ବାହାରି ମୁଁ ହଷ୍ଟେଲ୍‌ର ଅଖଣ୍ଡ ସ୍ୱାଧୀନତା ଭୋଗକରି ଏକାବେଳକେ ବିଗିଡିଗଲି । ସବୁଦିନେ କିଛିନା କିଛି ଦୁଷ୍ଟାମୀ ନ କଲେ ମୋ ପେଟ ଫମ୍ପାଇ ଦେଉଥିଲା । ବୁଢ଼ାବାପା ସେତକ ଶୁଣି ଘର ଭିତରେ ସମସ୍ତଙ୍କ ଆଗରେ ମୋ ଉଦ୍ଦେଶ୍ୟରେ ଖତେଇ ବିଗୁଲେଇ-ହେଉଥିଲେ । ତାଙ୍କୁ ଏକା ବୁଢ଼ୀ ମାଆ ଅଧିକ ଖତେଇ ବିଗୁଲେଇ ହୋଇ ଚୁପ୍‌କରାଇ ଦେଉଥିଲା । ସବୁ ପିଲାଙ୍କ ଭିତରେ ମୁଁ ଛୋଟ ହୋଇଥିବାରୁ ମୋତେ ଥିଏଟରରେ ନାଚବାଲୀ ପାର୍ଟ ଜବରଦସ୍ତ ଦିଆଯାଉଥିଲା । ମୁଁ ଅମଙ୍ଗ ହେଲେ ଶିକ୍ଷକମାନେ ଆସି ମୋତେ ଧମକାଇ ଦେଉଥିଲେ । ମୁଁ ବାଧ୍ୟ ହୋଇ ଜଣେ ନର୍ତ୍ତକୀ ସାଜିଥିଲି । ଏକଥାଟା ବୁଢ଼ାବାପାଙ୍କ କାନରେ ପଡିଗଲା । ଏହାକୁ ଶୁଣିବାମାତ୍ରେ ସେ ଘରଭିତରକୁ ଚାଲିଯାଇ ବୁଢ଼ୀମାଆଙ୍କ ଆଗରେ ଖିଙ୍କାରୀ ହୋଇ କହିଲେ—"ଉଁଃ...ଆମ ରାମ ମେଡ଼ିକାଲ୍‌ରେ ଯାଇ ଧେଇ ଧେଇ ହୋଇ ନାଚୁଛି ।" ଏତକ କେବଳ କହି ସେ କ୍ଷାନ୍ତହେଲେ ନାହିଁ ସେ ନିଜ ପାଦକୁ ଦାଲୁ ଦାଲୁ କରି ଭୂଇଁରେ କଚାଡି ଅବଲୟ କରି କହିଲାଗିଲେ—

Digitized by srujanika@gmail.com

"ଆମ ବାବୁ ଏମିତି ଧେଇକି ଧେ, ଧେଇକି ଧେ, ଧେଇକି ଧେ କରି ନାଚ କରୁଛନ୍ତି । ପାଠ-ପଢ଼ା ସବୁ ଗଲାଣି କୁଆଡ଼େ ।" ସେ ଯେତେବେଳେ ପାଦ ତଳେ ବାଡ଼େଇ ଲାଗିଲେ ସେତିକି ବେଳେ ବୁଢ଼ୀ ମାଆ–"ଥାଉ ଥାଉ ସେତିକି ନାଚିଥାଅ, ଗୋଡ଼ହାତ ଦରଜ ହୋଇ ଯିବ" ବୋଲି କହିଲା । ବୁଢ଼ାବାପା ବିଗିଡିଯାଇ ପୁଣି ଔଷଧ ଘରକୁ ପଳାଇ ଆସିଲେ ।

ବୋର୍ଡ ପରୀକ୍ଷାରେ ମୁଁ ପ୍ରଥମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଦ୍ୱିତୀୟ ଶ୍ରେଣୀରେ ପାଦ ଦେଲି । ଏ ବର୍ଷର ପାଠଟା ଅତିକଷ୍ଟ । ଆନାଟୋମୀ, ଫିଜିଓଲଜୀ, ମେଟେରିଆ-ମେଡିକାରେ ବୋର୍ଡ ପରୀକ୍ଷା ଦେବାକୁ ପଡୁଥିଲା । ଆନାଟୋମୀ ପାଠ ସହିତ ଡିସେକ୍-ସନ୍ ସମ୍ପୂର୍ଣ୍ଣ କରିବାକୁ ପଡୁଥିଲା । କିଛି ଡିସେକ୍‌ସନ୍ ପ୍ରଥମ ଶ୍ରେଣୀରେ କରିବାକୁ ପଡୁଥିଲା ।

ଡ଼ାକ୍ତରୀପାଠ ଏକୁଟିଆ ପଢି ହେଉ ନଥିଲା । ସେଥିଲାଗି ଦୁଇ ତିନି ଜଣ ଗୋଟିଏ ଦଳ ବାନ୍ଧି ଏକାଠି ପଢୁଥିଲେ ଏବଂ ଆଲୋଚନା ମଧ୍ୟ ସେଇଠି ହୋଇଯାଉ-ଥିଲା । ମୁଁ ଯାଇଁ ଯେଉଁ ଦଳରେ ବସେ ସେ ଦଳର ପାଠପଢା ପଢି ଭଣ୍ଡୁର ହୋଇ-ଯାଏ । ନାନା ଗପ ଜମେଇଦେଇ ମୁଁ ସମସ୍ତଙ୍କ ପଢ଼ାକୁ ଭଣ୍ଡୁର କରୁଥିଲି । ମୁଁ ଯେ ଏମିତିଆ ପିଲା ଏକା ଥିଲି ତାହା ନୁହେଁ । ଆହୁରି ୨/୩ ଜଣ ପିଲା ମୋର ସମକର୍ମା ଥିଲେ । ମୁଁ ଯେଉଁ ଦଳକୁ ପଢିବାକୁ ଗଲି, ସେ ଦଳ ମୋତେ ଦୂର୍ ଦୂର୍ ମାର୍ ମାର୍ କରି ତଡିଦେଲେ । କହିଲେ–"ତୋର ତ ପାଠ ପଢିବାରେ ଇଛା ନାହିଁ, ତୁ ଯା ବୁଲିବୁ । ଆମ ପାଠ ପଢ଼ାକୁ କାହିଁକି ଭଣ୍ଡୁର କରୁଛୁ ?" ମୋର ସମକର୍ମାମାନଙ୍କୁ ଏକାଠି କରି ଗୋଟିଏ ଦଳ ତିଆରି କଲି । ଛଅ ଖଟିଆ ବିଶିଷ୍ଟ ଏକ ବଡ଼ କୋଠ-ରୀରେ ଆମେ ପଢ଼ା ଆରମ୍ଭ କଲୁ । ଘଣ୍ଟାଏ ଦିଘଣ୍ଟା ଗଣେଶଙ୍କ ବନ୍ଦନା ଭଳି କିଏ କେଉଁଠି କ'ଣ କଲା ସେ ବିଷୟରେ ରୀତିମତ ଚର୍ଚ୍ଚା ଚାଲିଲା । ଘର ପଢାରେ ଏହିପରି ଅବସ୍ଥା । ତେଣେ ଡିସେକ୍‌ସନ୍ ରୁମ୍‌ରେ ମଧ୍ୟ ସେହି ଅବସ୍ଥା । ରାମକୃଷ୍ଣ ମିଶ୍ର ଓରଫ୍ କାଳିଆ ରାମ ମୋର ଡିସେକ୍‌ସନ୍ ସଙ୍ଗୀ ଥିଲେ । ଆମେ ଦୁହେଁ ନିଜ ହାତରେ ଖୁବ୍ କ୍ୱଚିତ୍ ଛୁରୀ ଧରୁଥିଲୁ । ଯେଉଁଟା ଦେଖିବା ଦରକାର ପଡ଼େ ସେଇଟା ଅନ୍ୟମାନଙ୍କ ପାଖରେ ଠିଆ ହୋଇ ଦେଖୁ ଏବଂ କହୁ–"ଭାଇ, ଏ ନାଡିଟା ଆମ ଶବଦେହରେ ନାହିଁ ।" ସେମାନେ ଖିଙ୍କାରୀ ହୋଇ କହନ୍ତି–"ତମ ଶବଟା ତାହେଲେ ସ୍ୱର୍ଗରୁ ଅସିଛି ? ଚାଲିଲୁ ଦେଖିବା କେମିତି ନାହିଁ ?" ସେମାନେ ଆସି ଆମ ଶବକୁ କାଟି ସେ ନାଡିଟିକୁ କାଢି ଦେଖାଇ ଦିଅନ୍ତି । ଏହିପରି ଭାବରେ ଆମର ଡିସେକ୍‌ସନ୍ କାମ ଚାଲିଥାଏ । ଏତକ ବି ଆମର କରିବା ଦରକାର ପଡି ନଥାନ୍ତା । ସେତେବେଳେ ପ୍ରତି-ଦିନ ପ୍ରାକ୍ଟିକାଲ୍ ପରୀକ୍ଷା ହୁଏ । ଡେମନ୍‌ଷ୍ଟ୍ରେଟର୍ ଆସି ଶବ ଠିକ୍‌ଭାବରେ ଡିସେକ୍‌ସନ୍ ହୋଇଛି କି ନାହିଁ ଦେଖନ୍ତି ଓ ପରୀକ୍ଷା ନିଅନ୍ତି । ଗୋଟିଏ ଡିସେକ୍‌ସନ୍ କାର୍ଡଥାଏ । ତହିଁରେ ପ୍ରତ୍ୟେକ ଅଂଶରେ ତାଙ୍କର ମନ୍ତବ୍ୟ ସେ ଲେଖି ଦସ୍ତଖତ କରନ୍ତି । ଆମ ଦି' ଜଣକୁ ଛାଡିଦେଲେ ପ୍ରାୟ ଅଧିକାଂଶ ପିଲା 'ଏକ୍‌ସଲେଣ୍ଟ','ଗୁଡ୍', 'ଭେରିଗୁଡ୍','ଫେୟାର୍' ବୋଲି ମନ୍ତବ୍ୟ ପାଆନ୍ତି । 'ଫେୟାର' ମନ୍ତବ୍ୟଟିଏ ପାଇଲେ ସେମାନଙ୍କ ମୁହଁ ଶୁଖିଯାଉ-ଥିଲା । ଆମ କାର୍ଡରେ ପ୍ରାୟ ସବୁବେଳେ 'ଭେରିବ୍ୟାଡ୍', 'ବ୍ୟାଡ୍', 'ଟଲରେବ୍ଲ', ମନ୍ତବ୍ୟ

Digitized by srujanika@gmail.com

ପଡେ । ମୁଁ ମଧ୍ୟ ସେଥିରେ ସନ୍ତୁଷ୍ଟ ଥାଏ । ଦିନେ ଆମ ଡେମନଷ୍ଟ୍ରେଟର୍ ମୋ କାର୍ଡରେ 'ଫେୟାର୍' ଲେଖିଦେଲେ । ମୁଁ ସେଦିନ ଆନନ୍ଦରେ ଅଧିର ହୋଇ ପଡିଲି । ସମସ୍ତଙ୍କୁ ନେଇ ଦେଖାଇଲି–"ଦେଖିବେ, ମୋର ଆଜି 'ଫେୟାର୍' ହୋଇଛି ।"ସମସ୍ତେ ଥଟ୍ଟା କରନ୍ତି । ମୋର ତହିଁକି ଖାତିର୍ ନଥାଏ । ବେକ ମୁଣ୍ଡ ଡିସେକ୍ସନ୍ ବେଳେ ଆମ ଦୁହିଁଙ୍କର ଚରମ ବିପର୍ଯ୍ୟୟ ହେଲା । ବ୍ୟବସ୍ଥା ଅନୁଯାୟୀ ବେକର ସମସ୍ତ ଅଂଶ ଠିକ୍ ଠିକ୍ ଡିସେକ୍ଟ ହୋଇଗଲେ ମୁଣ୍ଡଟା ଗଣ୍ଠିରୁ ଆଗେ ଅଲଗା ହୋଇଯାଏ ।

ଦିନେ ଆମ ଡେମନଷ୍ଟ୍ରେଟର୍ ଆମ ଶବ ପାଖକୁ ଆସି କହିଲେ–"ପରୀକ୍ଷା ଆସି ମୁଣ୍ଡ ଉପରେ ହେଲଣି, ତମର ମୁଣ୍ଡତ ଗଣ୍ଠିରୁ ଅଲଗା ଏ ପର୍ଯ୍ୟନ୍ତ ହେଲନାହିଁ । କେଉଁ ଦିନ ତମର ଡିସେକ୍ସନ୍ ସରିବ ?" ଆମେ ଦୁହେଁ ସ୍ଥିରକଲୁ ଯେ ଆଗ ଗୁଲ ଗଣ୍ଠିରୁ ମୁଣ୍ଡକୁ କରତରେ କାଟି ଅଲଗା କରିଦେବା । ସେଇଆ ମଧ୍ୟ ସଙ୍ଗେ ସଙ୍ଗେ କରିଦେଲୁ । ଡେମନ୍‌ଷ୍ଟ୍ରେଟର୍ କିଛି ସମୟ ପରେ ଆସି ଦେଖିଲେ ଗଣ୍ଠିରୁ ମୁଣ୍ଡ ଅଲଗା; ସେ ଭୟାନକ ରଗିଯାଇ ଆମକୁ ଖୁବ୍ ପରସ୍ତେ ଗାଳିଦେଲେ ଓ ସତର ଜନ୍ମରେ ଆନାଟୋମୀରେ ପାସ୍ କରିପାରିବ ନାହିଁ ବୋଲି ମନ୍ତବ୍ୟ ଦେଇ ଦେଲେ । ସେ ମଧ୍ୟ ଆନାଟୋମୀ ଶିକ୍ଷକଙ୍କୁ ଆମର ଫାଙ୍କିଦେବା କଥା ସବୁ ତନ୍ନ ତନ୍ନ କରି କହିଦେଲେ । ଶିକ୍ଷକ ଟେଷ୍ଟ୍ ପରୀକ୍ଷାରେ ବି ଆମ ଦୁହିଁଙ୍କୁ ଫେଲ୍ କରିଦେଲେ । ସେ ସମୟରେ ଟେଷ୍ଟ୍ ପରୀକ୍ଷାରେ କେହି ଫେଲ ହୋଇ ନଥିଲେ । ଶୀର୍ଷ ଶ୍ରେଣୀର ବହୁ ପିଲା ଆମ ପାଇଁ ତାଙ୍କ ପାଖରେ ବହୁତ କାକୁତି ମିନତି ହୋଇ ପାସ୍ କରିଦେବା ପାଇଁ ଅନୁରୋଧ କଲେ । ଶିକ୍ଷକ ତାଙ୍କୁ କହିଲେ–"ସନାତନ ପୂଜାରୀ ଏଥରକ ଆନାଟୋମୀ ପରୀକ୍ଷକ ହୋଇ ଆସୁଅଛନ୍ତି । ତାଙ୍କ ଭଳିଆ ପିଲା ଦେଖିଲେ ଆମର ଇଜ୍ଜତ ମହତ ସେ ରଖିବେନା ।" ସମସ୍ତେ କହିଲେ–"ସେଠି ସେ ମାଙ୍କଡ଼ଚିତ୍ ମାରୁ । କାହାରି କିଛି କହିବାକୁ ନଥିବ । ତାକୁ ଗେଟ୍ ପାସ୍‌ଟା ଦେଇ ଦିଅନ୍ତୁ, ଏଣିକି ସେ ଯାହା ଭୋଗୁଛି ଭୋଗୁ ।" ଅନୁରୋଧଟା ଅତିବେଶୀ ହେବାରୁ ସେ ଏକା ମୋତେ ଛାଡ଼ିଦେଲେ । କାଳିଆ-ରମର କଥା ଶୁଣିଲେ ନାହିଁ । ବୋର୍ଡ ପରୀକ୍ଷା ପୂର୍ବରୁ ମୁଁ ସନାତନ ପୂଜାରୀଙ୍କ ମତିଗତି ବିଷୟରେ ଖବର ଅନ୍ତର ସଂଗ୍ରହ କରି ବୁଝିଲି ସେ କୁଆଡ଼େ ଖାତାରେ ଚିତ୍ର ଦେଖିଲେ ଭାରି ଖୁସି ହୋଇଯାନ୍ତି । ବୋର୍ଡ ପରୀକ୍ଷାରେ ୪ଟି ମାତ୍ର ପ୍ରଶ୍ନ ପଡ଼ୁଥିଲା । ଗୋଟିଏ ପ୍ରଶ୍ନର ଉତ୍ତର ଦେଇ ନପାରିଲେ ଫେଲ୍ ହେବା ସୁନିଶ୍ଚିତ ଥିଲା । ଆନାଟୋମୀ ପାଠଟା ଅତି ବିରାଟ ପାଠଥିଲା । ଭଲ ପାଠୁଆ ପିଲାମାନଙ୍କ ଛଡ଼ା ଅନ୍ୟ ସମସ୍ତେ କପି ବହି ତିଆରିକରି ପେଟରେ ଗୁଞ୍ଜି ନେଉଥିଲେ । ମୁଁ କେବଳ କେତେଗୁଡ଼ିଏ ଚିତ୍ରର ସ୍କେଚ୍ କରି ନେଇଥିଲି । ମନେମନେ ଠିକ୍ କରିଥିଲି ଏପାର୍ ନହେଲେ ସେପାର୍ । ମଝି ମଝିଆ କାମ ମୋଦ୍ୱାରା ହେବନି । କପାଳ ଏମିତି ତେଜ ଥିଲା ଯେ ୪ଟି ପ୍ରଶ୍ନର ଚିତ୍ର ମୋ ପାଖରେ ଥିଲା । ତାକୁଇ ଦେଖି ମୁଁ ୪ଟି ପୃଷ୍ଠାରେ ୪ଟି ଯାକ ଚିତ୍ର ଭଲ ଭାବରେ ଆଙ୍କି ନାଲି ନେଳି ପେନ୍‌ସିଲ୍‌ରେ ରଙ୍ଗ କରି ନେଇଥିଲି । ସେହି ଚିତ୍ର ବିଷୟରେ ଅଳ୍ପ କିଛି କିଛି ଲେଖିଦେଇଥିଲି । ଅନ୍ୟ ପିଲାଏ ଗ୍ରରିଗ୍ରରିଟା ଖାତା ଲେଖିଥିବା ସ୍ଥଳେ ମୋର ଗୋଟିଏ ଖାତାରୁ ମାତ୍ର ୮ଟି ପୃଷ୍ଠା ଲେଖା

Digitized by srujanika@gmail.com

ହୋଇଥିଲା । ମାଷ୍ଟର ଓ ଡେମନ୍‌ଷ୍ଟ୍ରେଟର୍‌ମାନେ ମୋ ପାଖଦେଇ ଯିବାବେଳେ ପଦେ ପଦେ ଶୁଣାଇ ଦେଉଥାନ୍ତି—"କାହିଁକି ମିଛରେ ଏଠି ବସି କଷ୍ଟ ପାଉଛୁ ? ଲେଖାଲେଖି ତ କିଛି ନାହିଁ । ଖାତା ଫୋପାଡି ଦେଇ ଯା ପଳା ।"

ଲେଖା ପରୀକ୍ଷା ସରିଲା । ମୌଖିକ ପରୀକ୍ଷା ଆରମ୍ଭ ହେଲା । ସନାତନ ପୂଜାରୀ ଆସିଲେ । ମୋ ନାଆଁ ଯେତେବେଳେ ଡକରା ଗଲା ସନାତନ ବାବୁ ଉପସ୍ଥିତ ଶିକ୍ଷକ ଓ ଡେମନ୍‌ଷ୍ଟ୍ରେଟର୍‌ମାନଙ୍କୁ କହିଲେ—"ଏହି ପିଲାଟି ସମସ୍ତଙ୍କଠାରୁ ଭଲ ଡିସେକ୍‌ସନ୍ କରିଛି ।" ସମସ୍ତେ ମୁହଁ ବୁଲାଇ ହସି ପକାଇଲେ । ମୁଁ ଆଉମଧ୍ୟ ଖବର ଆଗରୁ ସଂଗ୍ରହ କରିଥିଲି ଯେ ସନାତନ ବାବୁଙ୍କ ପାଖରେ ଡରି ଡରି କାକୁସ୍ଥ ହୋଇଯିବାର ଅଭିନୟ କଲେ ସେ ପରୀକ୍ଷାର୍ଥୀକୁ ଭାରି ଦୟା ଦେଖାନ୍ତି । ମୁଁ ମଧ୍ୟ ଅତି ନିଖୁଣଭାବରେ ତାଙ୍କ ପାଖରେ ଏହି ଅଭିନୟ କରିଥିଲି । ସେ ମୋ ପିଠିରେ ହାତମାରି କହିଲେ—"ଡରୁଛୁ କାହିଁକି ? ମୁଁ କ'ଣ ବାଘ ହୋଇଛି ଖାଇଯିବି ?" ମୋତେ ସାହାଯ୍ୟ କରିବାଲାଗି ସେ ଉତ୍ତରର ଟିକେ ଟିକେ ସୂଚକ ଦେଇ ଦେଉଥିଲେ । ଫଳରେ ସଠିକ ଉତ୍ତର ଦେବାରେ ମୋର କୌଣସି ଅସୁବିଧା ହେଇ ନ ଥିଲା । ଆଗରୁ ଡିସେକ୍‌ସନ୍ ହୋଇଥିବା ନମୂନା ଶବ ପାଖକୁ ମୋତେ ନେଇଯାଇ ଖୁବ୍ ସହଜ ସହଜ ୨/୩ଟା ପ୍ରଶ୍ନ ପଚାରିଲେ । ତାହା ମଧ୍ୟ ତାଙ୍କରି ସାହାଯ୍ୟରେ ଉତ୍ତର ଦେଲି । ସେ ମୋ ପିଠିରେ ହାତମାରି କହିଲେ—"ହଉ ଯା ।" ପୁଣି ଆଉ ଥରେ ସେ ସମସ୍ତଙ୍କୁ କହିଲେ—"ବାସ୍ତବିକ୍ ଏ ପିଲାଟି ଏଡ଼େ ସୁନ୍ଦର ଡିସେକ୍‌ସନ୍ କରିଛି ଯେ ତାକୁ ବେଶୀ ପଚାରିବାକୁ ମୋର ଇଚ୍ଛା ହେଲା ନାହିଁ । ପରୀକ୍ଷା ଶେଷରେ ସମସ୍ତେ ଆସି ମୋତେ କହିଲେ—"ହଇରେ ରାମ ତୁ କ'ଣ ମନ୍ତ୍ର ଯନ୍ତ୍ର କିଛି କଲୁକିରେ ?" ସେମାନେ ହସି ହସି ବେଦମ୍ ହୋଇଯାଇଥିଲେ । ଶିକ୍ଷକ କହିଲେ ଏମିତି ପୁଣି ବେଳେ ବେଳେ ଦେଖାଯାଏ ।

ଏହିପରି ଫିଜିଓଲଜି ପରୀକ୍ଷକଙ୍କର ମତିଗତି ମୁଁ ଆଗରୁ ସଂଗ୍ରହ କରିଥିଲି । ସେ ପଚାରିବା ସଙ୍ଗେ ସଙ୍ଗେ ଯଦି ଉତ୍ତର ଦେବାରେ ଡେରି ହେଉଥିଲା ତେବେ ସେ ଭୟଙ୍କର ରାଗି ଯାଉଥିଲେ । ସେ ଉତ୍ତରଦାତାଙ୍କ ଉପରେ ରାଗିଯାଇ କହୁଥିଲେ—"ତମର ସିନା ସମୟର ମୂଲ୍ୟ ନାହିଁ, ମୋ ସମୟର ମୂଲ୍ୟ ଅଛି ।" ଫିଜିଓଲଜି ଲାବରେଟରୀରେ ପରୀକ୍ଷକ ବସିଥାନ୍ତି । ଆଉ ଗୋଟିଏ ଅଂଶରେ ଆମେ ପରୀକ୍ଷାର୍ଥୀମାନେ ବସିଥାଉ । କଂସେଇଖାନାକୁ ଛେଳି ଟଣା ହୋଇ ଯାଉଥିବା ପରି ଆମ ଭିତରୁ ଜଣେ ଜଣେ ତାଙ୍କ ଆଗକୁ ଯାଉଥାନ୍ତି ଓ ହାଣ ଖାଉଥାନ୍ତି । ୬/୭ ଜଣ ପରୀକ୍ଷାର୍ଥୀ ଫେଲ୍‌ ହୋଇଯିବା ପରେ ମୋ ପାଳି ପଡ଼ିଲା । ମୁଁ ପରୀକ୍ଷକଙ୍କ ଆଗରେ ବସିବାମାତ୍ରେ ସେ ଗୋଟିଏ ପ୍ରଶ୍ନ ମୋତେ ପଚାରି ଦେଲେ । ତାଙ୍କ ମୁହଁରୁ ପ୍ରଶ୍ନ ସରିବାମାତ୍ରେ ମୁଁ କହିଦେଲି—"ସାର୍ ମୋର ମନେ ନାହିଁ ।" ତାଙ୍କ ମୁହଁଟି ବେଶ୍ ପ୍ରସନ୍ନ ହୋଇ ଉଠିଲା । ମୋତେ ସେ ଏକ ବ୍ୟତିକ୍ରମ ବୋଲି ଦେଖିଲେ । ମୋ ଉପରେ ତାଙ୍କର କରୁଣାବାରି ଭୁଷ୍ ଭୁଷ୍ ହୋଇ ଅଜାଡ଼ି ହୋଇ ପଡ଼ିଲା । ସେ ପୁଣି ମୋତେ ପଚାରିଲେ—"ତୁମେ କେଉଁ ବିଷୟଟିକୁ ଭଲଭାବରେ ପଢିଛ ?" ମୁଁ କହିଲି "ସାର୍ ରେସ୍‌ପିରେଟୋରୀ ସିଷ୍ଟମ୍ ।" ତେଣୁ ସେ କହିଲେ—"ଆଚ୍ଛାହେଉ ଯାହା ଜାଣିଛ କହିଯାଅ ।"

Digitized by srujanika@gmail.com

ମନେଥିବା ଜିନିଷଗୁଡ଼ିକ ମୁଁ ଭଡ଼ାଭଡ଼ କହିଗଲି । ସେତିକିରେ ସେ ଖୁସ୍ ହୋଇଯାଇ ମୋତେ ଛାଡ଼ିଦେଲେ । ପ୍ରାକ୍ଟିକାଲ୍ ବିଷୟଗୁଡ଼ିକ ମୋର ଖୁବ୍ ଭଲ ହେଉଥିଲା । ସେଥିରେ ମୁଁ ତାଙ୍କୁ ଖୁବ୍ ଭଲଭାବେ ସନ୍ତୁଷ୍ଟ କରି ଦେଇ ଥିଲି । ସେ ଖୁସି ମନରେ ମୋତେ ବିଦାୟ କରିଦେଲେ ।

ମେଟେରିଆମେଡ଼ିକା ଶିକ୍ଷକ ଆଗରୁ ମୋ ଉପରେ ଭାରି ସନ୍ତୁଷ୍ଟ ଥିଲେ । କବିରାଜ ଘରର ପିଲାବୋଲି ମୋତେ ସେ ଆଗରୁ ଜାଣିଥିଲେ । ଥରେ ବନୌଷଧି ପରିଚୟ ବେଳେ ଆମେସବୁ ମ୍ୟୁଜିୟମ୍‌ରେ ନମୂନାଗୁଡ଼ିକ ଦେଖୁଥିଲୁ । ଶିକ୍ଷକ ଚିହ୍ନାଇ ଦେଉଥିଲେ । ଲାଲ ଚିତା ଗଛଟିର ନମୂନା ସେଠାରେ ନଥିଲା । ସେ ତହୁଁ ମୋତେ ପଚାରିଲେ–"ହଇରେ, ତୁ ଲାଲ ଚିତା ଦେଖିଛୁ ?" ମୁଁ କହିଲି–"ହଁ ମୁଁ ଦେଖିଛି ।" ସେ କହିଲେ–"ହେ ତୁ ମିଛ କହୁଛୁ । ତୁ ଧଳାଚିତା ଦେଖିଥିବୁ ।" ମୁଁ କହିଲି–''ନାହିଁ ସାର୍, ଆମ ବାଡ଼ିରେ ନାଲିଚିତା ଗଛ ଅଛି ।" ତାଙ୍କର ଟିକିଏ ହେଲେ ବିଶ୍ୱାସ ହେଲାନାହିଁ । ବୁଢ଼ାବାପା ପ୍ରାୟ ଅଧିକାଂଶ ଔଷଧ ଗଛ ଆମ ବିଲରେ ଓ ଘରକୁ ଲାଗିଥିବା ବାଡ଼ିରେ ଲଗାଇ ରଖିଥିଲେ । ଲାଲଚିତା ଗଛଟି ପ୍ରକୃତରେ ଦୁର୍ଲଭ ଥିଲା । ସେ ଗଡ଼ଜାତରୁ ଆସୁଥିବା ବହୁ ଲୋକଙ୍କୁ ଏହି ଲାଲ୍‌ଚିତା ଗଛ ବିଷୟରେ କହି ଶେଷରେ ଜଣଙ୍କଠାରୁ ସେଇ ଗଛଟି ପାଇଥିଲେ । ତାକୁ ଅତି ସାବଧାନତାରସହିତ ଆମର ଔଷଧ ଘର ପାଖକୁ ଲାଗି ରହିଥିବା ବାଡ଼ିରେ ଲଗାଇ ଥିଲେ । ନିଜ ହାତରେ ସେ ଗଛର ଯତ୍ନ ନେଉଥିଲେ । ଫଳରେ ଗଛଟି ବେଶ୍ ଛନଛନେଇ ଉଠିଥିଲା । ତାକୁ ଛାଡ଼ି କିଛି ଦୂରରେ ସେ ଧଳାଚିତା ଗଛ ମଧ୍ୟ ଲଗାଇ ଥିଲେ । ଦୁହିଁଙ୍କ ଭିତରେ ପ୍ରଭେଦ କେବଳ ଏତିକି ଥିଲା–ଧଳାଚିତାର ଫୁଲ ପୂରାପୂରି ଧଳା ଓ ପତ୍ର ପୂରାପୂରି ସାଗୁଆ । ନାଲି ଚିତାର ଫୁଲ ଗାଢ଼ ନାଲି ଓ ପତ୍ରଟିକେ ନାଲିଆଂଶିଆ । ନାଲିଚିତା ଗଛରେ ଯଦି କିଏ ଟିକେ ହାତ ଦେଇଦେଉଥିଲା ବୁଢ଼ାବାପା ତା ଉପରେ ଖିଂକାରୀ ହୋଇ ଉଠୁଥିଲେ ଓ ବଡ଼ ବେଜମାନ କରି ଶୋଧୁଥିଲେ ।

ଦିନେ ସନ୍ଧ୍ୟାବେଳେ ମୁଁ ଘରକୁ ଗଲି । ବୁଢ଼ାବାପା ଓ କକେୟୀ ବାଲୁବଜାର ପାଖରେ ଥିବା ଔଷଧ ଦୋକାନକୁ ଚାଲିଯିବା ପରେ ମୁଁ ଦୁଇଟି ଗଛରୁ ୨ଟି ଡାଳ କାଟିଲି । ଦୁଇଟି ଛୋଟ ବୋତଲରେ ପାଣି ପୂରାଇ ସେ ଡାଳ ଦିଓଟି ସେଥିରେ ପୂରାଇ ଦେଲି ଓ ମୁହଁରେ କନା ବାନ୍ଧି ଦେଲି । ତାପରେ ଗୋଟିଏ ହାତ ମୁଣିରେ ଦୁଇଟିଯାକ ବୋତଲ ରଖି ହଷ୍ଟେଲ୍‌କୁ ପଳାଇ ଆସିଲି । ତହିଁଆରଦିନ ସକାଳେ ମେଟେରିଆ-ମେଡ଼ିକା କ୍ଲାସ୍‌କୁ ଯାଇ ଶିକ୍ଷକଙ୍କ ଆଗରେ ଦୁଇଟିଯାକ ବୋତଲ ଥୋଇଦେଲି । ଗୋଟିକରେ ଧଳାଚିତା ଓ ଅନ୍ୟଟିରେ ନାଲିଚିତା । ସେ ଏତେ ଖୁସି ହୋଇଗଲେ ଯେ ତାହା କହିହେବ ନାହିଁ । ସେ ପୁଣି ମୋତେ କହିଲେ–ଏ ଲାଲଚିତାର ଖଣ୍ଡେ ନମୂନା ପାଇଁ ମୁଁ ବର୍ଷ ବର୍ଷ ଧରି ଚେଷ୍ଟା କରୁଛି । କେଉଁଠାରୁ ପାଇଲି ନାହିଁ । ତୋତେ ଓ ତୋ ବୁଢ଼ାବାପାଙ୍କୁ ପ୍ରଶଂସା ନକରି ରହି ପାରୁ ନାହିଁ । ମେଟେରିଆମେଡ଼ିକାରେ ତୁ କେବେହେଲେ ହଟିବୁ ନାହିଁ । ଏହି ଘଟଣାଟି ଯୋଗୁ ମେଟେରିଆମେଡ଼ିକା ବାଡ଼କୁ ଫକ୍‌କରି ଡେଇଁ ଚାଲିଗଲି ।

Digitized by srujanika@gmail.com

ସମସ୍ତେ କଳ୍ପନା–ଜଳ୍ପନାରେ ମୋତେ ଫେଲ୍ ଲିଷ୍ଟ୍‌ରେ ଏକ ନମ୍ବରରେ ରଖି-ଥିଲେ । ପରୀକ୍ଷା ଫଳ ଯେତେବେଳେ ବାହାରିଲା, ଫେଲ୍‌ଲିଷ୍ଟ୍‌ରେ ବିଲ୍‌କୁଲ୍ ମୋ ନାଆଁ ନଥିବାରୁ ସମସ୍ତେ ମୁହଁ ଚାହାଁଚାହିଁ ହୋଇଥିଲେ । କେବଳ ସେତିକି ନୁହଁ, କୁହାକୁହି ହୋଇଥିଲେ–"ଓଃ ଭରି କପାଳବାଜିଆଟାଏ, ପରୀକ୍ଷାକୁ ମୁଥମାରି ତାଠାରୁ ପାସ୍ ଆଦାୟ କରି ନେଲା ।"

ଏହି ଶ୍ରେଣୀରେ ହିଁ ମୋର ପରମ ଫେଲ୍ ମିତ୍ର ରାମକୃଷ୍ଣ ମିଶ୍ର ଓରଫ୍ କାଳିଆ ରାମ ସହିତ ବିଚ୍ଛେଦ ଘଟିଲା । ସେ ମଙ୍ଗଳାବାଗ ଛକରେ ଗୋଟିଏ ଭଡା ଘରେ ରହୁଥିଲା । ସେହି ଭଡ଼ା ଘରଟି ଏବେ ଛକର କେନ୍ଦ୍ରରେ ଥିବା ସ୍ଥାନାନ୍ତରିତ ଠାକୁର ଘରରେ ପରିଣତ ହୋଇଅଛି । ସେତେବେଳେ ସେ ଦୁଇଟଙ୍କା ଭଡ଼ାରେ ରହିଥିଲା । ଆଡ୍‌ଡ଼ା ମାରିବାକୁ ଖୁବ୍ ବଢିଆ ଯାଗାଟିଏ ହୋଇଥିଲା । ମୁଁ ଯେତେବେଳେ ଯାଇ ତା ପାଖରେ ପହଞ୍ଚିଯାଏ ଭୁଲ୍‌ଚୁକ୍‌ରେ ସେ ଯଦି ବହି ଖୋଲିଥାଏ ତାହେଲେ ତାହା ଚଟ୍‌କରି ବନ୍ଦ ହୋଇଯାଏ ଏବଂ ଗପ ଆରମ୍ଭ ହୋଇଯାଏ । ଦିନେ ସେ ମୋତେ କହିଲା ତା ବାପା ଗୋଟିଏ ଜମିଦାରର ଗୁମାସ୍ତା ଥିଲେ । ମାସକୁ ଦରମା ଦୁଇ ଟଙ୍କା ଥିଲା । ସେ ଚଣାଚଟା ଜମୀଦାର ବର୍ଷକଯାଏ ଦରମା ଦେଇ ପାରିଲାନି । ତହୁଁ ସେ ତା ବାପାଙ୍କୁ ଡାକି କହିଲା –"ମିଶ୍ରେ ! ତୁମର ତ ଗୁଡ଼ାଏ ଟଙ୍କା ହୋଇଗଲା । ମୁଁ ତ ଦେଇ ପାରିଲି ନାହିଁ । ଏବେ ତୁମେ ଗୋଟାଏ କାମ କର । ସେହି ଟଙ୍କାର ଧାନ ତୁମେ ନେଇ ଯାଅ । ବାପା ଖୁବ୍ ଆନନ୍ଦିତ ହୋଇ ସେ ପ୍ରସ୍ତାବରେ ସମ୍ମତ ହୋଇଗଲେ । ସାତ ଦିନଯାଏ ତିନିଟା ଶଗଡ଼ ଆମ ଘରକୁ ଧାନ ବୋହିବାରେ ଲାଗିଲା । ଆମଘର ଚାରିଆଡ଼ ଧାନରେ ଭର୍ତ୍ତି ହୋଇଗଲା । ଶୋଇବା ଘରେ ବି ଧାନ ଭର୍ତ୍ତି ହୋଇଗଲା । ଲୋକଙ୍କର ଆଖି ଖୋସି ହୋଇଗଲା ।"

ଆଉଦିନେ ସେ ତାର ଜରଜୀର୍ଣ୍ଣ ସାଇକେଲ୍ ବିଷୟରେ ଏକ ଭାଷଣ ଦେଇ କହିଲା–ଆରେ, ତୋତେ ସିନା ମୋ ସାଇକେଲ୍ ଦେଖି ହସ ଲାଗୁଛି । ବେଲ୍ ନାହିଁ । ଭଙ୍ଗା ମଡ୍‌ଗାର୍ଡ ଗୁଡ଼ାକ ବଢିଆ ବେଲ୍‌ର କାମ କରେ । ଦଶହାତ ଦୂରରେ ବାଟୋଇ ସହଜରେ ଜାଣିପାରେ ଯେ ପଛରୁ ଗୋଟିଏ ସାଇକେଲ ଆସୁଛି । ବେଲ୍‌ର ଆଉ କି ଦରକାର ? ଏଠି ସିନା ମୋ ସାଇକେଲ୍ ଦେଖି ସମସ୍ତେ ହସି ଦେଉଛନ୍ତି ହେଲେ ଗାଆଁରେ ଏହାଠାରୁ ଆହୁରି ଅଧିକ ଧୋତଡ଼ା ସାଇକେଲ୍‌ର ମଧ୍ୟ ଖୁବ୍ ଖାତିର୍ ଅଛି । ଆମର ଗାଆଁରେ ଜଣଙ୍କର ପୁଅ ଏଠାରେ କ'ଣ ଗୋଟାଏ କାମ କରୁଥିଲା । କିଛି ପଇସା ଜମେଇ ଗୋଟାଏ ଛୋଟା ସାଇକଲ୍ ଜଣଙ୍କଠାରୁ କିଣିଲା । ଗୋଟିଏ ସାଇକଲ୍ ମରମତି ଦୋକାନରେ ତାହାକୁ ଚାଲିବା ଭଳି ମରମତି କରି-ନେଲା । ସାତଟା ପ୍ୟାଚ୍ ପଡ଼ିଥିବା ଦୁଇଟା ଟ୍ୟୁବ୍ ଓ ଦୁଇ ଚାରିଟା ଲେଖାଏ ଗେଟିସ୍ ପଡ଼ିଥିବା ଫୁଟା ଟାୟାର୍ କିଣି ତାକୁ ଚଳତ୍‌ଶକ୍ତିବିଶିଷ୍ଟ କରିଥିଲା । ଗାଆଁରେ ଯେତେବେଳେ କଟକରୁ ସାଇକଲ୍‌ରେ ଯାଇଁ ପହଞ୍ଚିଗଲା ସେତେବେଳେ ତା ବାପା ସହିତ ଅନ୍ୟାନ୍ୟ ୭/୮ ଜଣ ଗ୍ରାମବାସୀ ଧାଇଁ ଆସି ତାକୁ ଘେରିଗଲେ । ହଡ଼ା ବଳଦକୁ କିଣିଲାବେଳେ ଯେପରି ପରୀକ୍ଷା କରନ୍ତି । ସେହିପରି ସାଇକଲ୍‌କୁ ସମସ୍ତେ

Digitized by srujanika@gmail.com

ପରୀକ୍ଷା କରିବାକୁ ଲାଗିଲେ, ଓ ତା ବାପା ପାଖରେ ତା'ର ଭରି ତାରିଫ୍ କରିବାକୁ ଲାଗିଲେ । ବାପାଙ୍କର ମନ ସେତେବେଳକୁ କୁଣ୍ଢେମୋଟ ହୋଇଗଲାଣି । ସେ ଗୋଟିଏ ପୋଖତ ମାମଲତ୍କାର ଭଳି କହିଲାଗିଲେ-"କ'ଣ କରିବି ? ପୁଅଟା ଯିବା-ଆସିବା ଲାଗି ଟିକେ ହଇରଣ ହେଲା, ଠୋ କରି ଶହେ ଟଙ୍କା ତା ପାଖକୁ ପକାଇ-ଦେଲି । ସେ ତା ଦରମାରୁ ଆଉ ପଚାଶଟା ଟଙ୍କା ମିଶାଇ ସାଇକଲ୍‌ଟାଏ କିଣି ପକାଇଲା । ତାକୁ ଖୁବ୍ ସୁବିଧା ହୋଇଗଲା । ଏଇ ଟିକକ ଆଗରୁ କଟକରେ ଥିଲା । ଭୁଷ୍‌କରି ଆସି ଏଠାରେ ପହଞ୍ଚି ଗଲା ଆଖିପିଛୁଳାକେ । "ଆଜି ଡିମା ଡିମା କରି ସମସ୍ତେ ଦେଢ଼ଶହ ଟଙ୍କିଆ ସାଇକେଲ୍‌କୁ ଖୋଜୁଁଥାନ୍ତି । ସେ ସମୟରେ ବିଲାତି ନୂଆ ଗଲେ ସାଇକଲ୍ ତିରିଶ ଟଙ୍କା ଥିଲା । ସେ ମନେ ମନେ ଭାବିଥିଲେ ମିଛ କହିବି ତ ଅଳ୍ପ କାହିଁକି କହିବି । ମିଛର ଶେଷ ସୀମାକୁ ଏକାବେଳେ ପଳାଇ ଯିବି । କାଳିଆ ରାମ ସେ ସାଇକଲ୍‌କୁ ଦେଖିଥିଲା । ତା ସାଇକଲ୍ ତୁଳନାରେ ସେ ସାଇକଲ୍‌ଟି ଏକ ଗୋଦାମରଦି ସାଇକଲ୍ ଥିଲା । କାଳିଆରାମ ଆହୁରି ମଧ୍ୟ ଯୋଖିକରି କହିଲା-"ମୋର ସାଇକଲ ଏତେ ଦାମିକା ଯେ ତାକୁ ଯଦି ମୁଁ ସାଇକଲ୍ ଚୋରଙ୍କ ଆଡ୍‌ଡା ସ୍ଥାନରେ ଛାଡ଼ିଦେଇ ଚାଲି ଆସିବି ଓ ଦି ଦିନ ପରେ ଯାଇ ଦେଖିବି ତେବେ ସେ ସାଇକଲ୍‌ଟି ସେମିତି ମୁହଁସୁଖାଇ ଠିଆ ହୋଇଥିବ । ଚୋର ବି ତାକୁ ନେଉ ନାହାନ୍ତି ଜାଣି ସେ ତା ମୁହଁଟିକୁ ଛୋଟ କରି ଦେଇଥିବ ।"

କାଳିଆ ରାମ ତା ସାଇକଲ୍ ବିଷୟରେ ବେଳେବେଳେ କହିବାକୁ ଯାଇଁ ତାହାର ନିଜର ଯାନ୍ତ୍ରିକ ଦକ୍ଷତା ବିଷୟରେ ଅନେକ ତାରିଫ୍ କରୁଥିଲା । ତା ସାଇକଲ୍ ସିଟ୍ ପଛରେ ଗୋଟିଏ ମଗମତି ଚମଡ଼ା ବ୍ୟାଗ୍ ଝୁଲୁଥାଏ । ଦିନେ ସେ ତା'ର ମଙ୍ଗଳାବାଗ ବସାଘରୁ ସାଇକଲ୍‌ରେ ତା' ଘରକୁ ବାହାରିଲା । ମହାନଦୀ ବାଲିରେ ଚାଲିଲାବେଳେ ସାଇକଲ୍‌ଟି ସୁରୁଖୁରୁରେ ଯିବବୋଲି ତାର ଦୁଇ ଚକାରୁ ପମ୍ପ କାଢି ଦେଇଥିଲା । ମହାନଦୀ ଆର ପାଖରେ ପହଞ୍ଚି ସାଇକଲ୍‌ରେ ପମ୍ପ ଦେଇ ବାହାରିଲା । ମାଇଲିଏ ଖଣ୍ଡେ ଯାଇଛି କି ନାହିଁ ପଛ ଚକାରୁ ପମ୍ପ ଏକାବେଳକେ ବାହାରିଗଲା । ସେ ସେଥିରେ ବିବ୍ରତ ନ ହୋଇ ସାଇକଲ୍ ପଛ ଚକକୁ ପ୍ୟାଚ୍ କରିବାକୁ ବାହାରିଲା । ସିଟ୍ ପଛରେ ଥିବା ଯନ୍ତ୍ରବାକ୍ସ ଖୋଲି ଦେଖିଲାବେଳକୁ ସେଥିରେ ସଲ୍ୟୁସନ୍ କିମ୍ବା ରବର ନଥିଲା । ସେ ଭାବିଲା-"ଆସିଲାବେଳେ ବ୍ୟାଗ୍‌ଟା ଦେଖିଥିଲେ ସଲ୍ୟୁସନ୍ ଆଣି ପାରିଥା'ନ୍ତି । ହଉ ଦେଖିବା" ଏହା କହି ସେ ଟାୟାର୍ ଲିଭର୍‌ରେ ଚକ ଖୋଲିଦେଲା । ଟ୍ୟୁବ୍‌କୁ କାଢି ଦେଖେତ ତାର ଅଷ୍ଟମ କି ନବମ ପ୍ୟାଚ୍‌ଟି ଅଧା ଖୋଲିଯାଇଛି । ତହୁଁ ସେ ରାସ୍ତାକଡ଼ରେ ଥିବା ଏକ ଆମ୍ବଗଛ ପାଖକୁ ଗଲା । ଗଛ ଚାରିକଡ଼ଯାକ ବୁଲି ଗୋଟିଏ ଯାଗାରେ ଆମ୍ବ ଅଠା ବାହାରିଥିବାର ଦେଖିଲା । ସେତକ ଗର୍ଣ୍ଣିନେଇ ଆସିଲା । ଟ୍ୟୁବ୍‌ରେ ଲଗାଇ ପୁରୁଣା ପ୍ୟାଚ୍‌ଟିକୁ ସେଥିରେ ମାଡ଼ି ଦେଲା । ତାକୁ ପୁଣି ସାଇକଲ୍ ଭିତରେ ଭର୍ତ୍ତି କରି ପମ୍ପ ଦେଲା । ପମ୍ପ ଗୁଡ଼ାକ କିନ୍ତୁ ସେ ଟ୍ୟୁବ୍ ଭିତରେ ରହିବାଲାଗି ଅପମାନଜନକ ମନେକଲେ । ତାର ଦୁର୍ଦ୍ଦଶା ସେତିକିରେ ରହିଲା ନାହିଁ । ସେତେବେଳକୁ ଆଗ ଚକ ମଧ୍ୟ ଫାଁ ଗାଳି ପଡ଼ି ଯାଇଥାଏ । ବହୁଦୂର

Digitized by srujanika@gmail.com

ଗଲେ ଯାଇ ସାଇକଲ୍ ଦୋକାନଟାଏ ମିଳିବ । ଗ୍ଲି ଗ୍ଲି ଗଲେ ବହୁ ସମୟ ଲାଗିବ । ତା ମୁଣ୍ଡରେ ତ ଲହୁଣି ପଚପଚ ଟିକେ ମୁଣ୍ଡକୁ ମନ୍ଥି ଦେଇଛି ଯେମିତି ସଙ୍ଗେ ସଙ୍ଗେ ବୁଦ୍ଧି ଲହୁଣି ମେଞ୍ଚାଟାଏ ବାହାରି ପଡ଼ିଲା । ବାଟରେ ଥିବା ଗୋଟିଏ ଗାଆଁକୁ ଯାଇ ନଡ଼ା ଦି ବିଡ଼ା କିଣିଲା । ଟ୍ୟୁବ୍ ଦିଟା ବିଲ୍‌କୁଲ୍ କାଢି ପକାଇଲା । ଟାୟାର ଦେହରେ ସେହି ନଡ଼ାକୁ ଖୁନ୍ଦି ଭର୍ତ୍ତି କରିଦେଲା । ତା'ପରେ ସାଇକଲ୍‌ରେ ବସି ଗୃହାଭିମୁଖେ ଗ୍ଲିଲା । କଥାରେ ଅଛି-ଦୁର୍ଭାଗ୍ୟ ଏକୁଟିଆ ଆସେ ନାହିଁ, ସାଙ୍ଗସାଥି ସହ ଆସେ । କିଛିବାଟ ଆଗେଇଛି ଏହି ସମୟରେ ତା ଚେନ୍ ଆଉ ପଛ ଚକକୁ ଟାଣିଲା ନାହିଁ । କ୍ରାଙ୍କ୍ ଓ ଫ୍ରିହୁଇଲ୍ ଉଭୟ ପୂର୍ଣ୍ଣ ସ୍ୱାଧୀନତା ଲାଭ କରିଗଲେ । ଅର୍ଥାତ୍ କ୍ରାଙ୍କ୍‌କୁ ବୁଲାଇଲାବେଳେ ସେ ଘିର୍ ଘିର୍ ହୋଇ ବୁଲିଯାଉଥାଏ କିନ୍ତୁ ଫ୍ରିହୁଇଲ୍ ତା କଥା ନଶୁଣି ଚୁପ୍‌ଗ୍ପ୍ ସ୍ଥିର ହୋଇ ରହିଥାଏ । ସେ ଜାଣିପାରିଲା ଯେ ଫ୍ରିହୁଇଲ୍‌ରେ କିଛି ଗଣ୍ଡଗୋଳ ହୋଇଗଲା । ପାଖରେ ଥିବା ଗୋଟିଏ ଘରୁ ଗୋଟିଏ କୁରଢ଼ୀ ଏବଂ ଗୋଟିଏ ବଡ଼ କଣ୍ଟା ମାଗିଆଣି ଫ୍ରିହୁଇଲ୍‌ଟାକୁ ଖୋଲିଲା । କୁରଢ଼ୀର ମୁଣ୍ଡଟା ହାତୁଡ଼ିର କାମ କରୁଥାଏ । ଫ୍ରିହୁଇଲ୍‌ଟା ଖୋଲିଗଲା । କ'ଣ ଖରାପ ହୋଇଛି ଜାଣିବାଲାଗି ସେ ଫ୍ରିହୁଇଲକୁ ଭଲଭବେ ତନଖି କଲା । ଫ୍ରିହୁଇଲ୍ ଭିତରେ ଥିବା ରେଚେଟ୍ ଦୁଇଟାକୁ ଦେଖି ସେ ଭବିଲା ଏଇ ଦୁଇଟା ଜିନିଷ କିପରି ଏହା ଭିତରେ ପଶିଥିବାରୁ ସେ ଫ୍ରିହୁଇଲ୍‌କୁ କାମ କରଇ ଦେଉନି । ସେ ଦୁଇଟା କାଢି ସେ ପଦାକୁ ଫୋପାଡ଼ି ଦେଲା । ତା'ପରେ ଫ୍ରିହୁଇଲ୍‌କୁ ପୁଣି ଖଞ୍ଜିଦେଇ ସାଇକଲ୍ ଚଢିବାକୁ ବାହାରିଲା କିନ୍ତୁ ଫ୍ରିହୁଇଲ୍ ତା କଥା ମାନିବାକୁ ଅମଙ୍ଗ ହେଲା । ସାଇକଲ୍ ଧରି ସେ ପ୍ରାୟ ଦୁଇ ମାଇଲ୍ ଯିବା ପରେ ଗୋଟିଏ ସାଇକଲ୍ ଦୋକାନୀକୁ ଭେଟିଲା । ସାଇକଲ୍ ଦୋକାନୀ ପ୍ରଥମେ ଦୁଇ ଟ୍ୟୁବ୍‌କୁ ପ୍ୟାଚ୍ କଲା । ପ୍ୟାଚ୍ କରିସାରି ତାକୁ ପାଣିରେ ବୁଡ଼ାଇ ପରୀକ୍ଷା କରିନେଲା । ଆଉ ଲିକ୍ ଥିବାର ଚିହ୍ନ ଦେଖିଲା ନାହିଁ । ତାପରେ ସେ ଫ୍ରିହୁଇଲ୍ ଖୋଲିଲା । ସେ ଦେଖିବା ମାତ୍ରେ କହିଲା—"ବାବୁ ! ଦୁଇଟା ରେଚେଟ୍ ଏଥିରେ ଲାଗିବ ।" ରେଚେଟ୍ କେମିତିଆ ଜିନିଷ ପଗ୍ରିବାରୁ ସେ ଦୁଇଟା ରେଚେଟ୍ ଆଣି ଦେଖାଇଲା । ତହୁଁ ରାମ କହିଲା—"ମଲା ମଲା ମୁଁ ତ ଏମିତିଆ ଦୁଇଟା ଜିନିଷ ତା ଦେହରୁ କାଢି ଫୋପାଡ଼ି ଦେଲି । ଦୋକାନୀ ସବୁ ଫିଟ୍‌ଫାଟ୍ କରିଦେଇ ଆଠଣା ପଇସା ମାଗିଲା । ବହୁ ତର୍କ ବିତର୍କ ଓ ଉପଦେଶ ଦେବାପରେ ସେ ତାକୁ ଛଅଣା ପଇସା ଦେଲା ଏବଂ ସାଇକଲ୍‌ରେ ବସି ଘରେ ପହଞ୍ଚିଲା ବେଳକୁ ରାତି ହୋଇ ଯାଇଥିଲା । ତାକୁ ଯଦି କେହି ପଗ୍ରେ—"ହଇରେ, ଏମିତିଆ ସାଇକଲ୍‌ଟାଏ ରଖିଛୁ କାହିଁକି ?" ସେ ଗମ୍ଭୀର ହୋଇଯାଇ କହେ—"ଆରେ ଏ ସାଇକଲ ପାଇଁ ମୁଁ ବେଧଡ଼କ, ସାଇକଲ୍‌ଟା ରାତିରେ ଦିନେ ଦିନେ ଭୁଲ୍‌ରେ ପଦାରେ ରହିଯାଇ ଥାଏ । ମୁଁ କବାଟ ଲଗାଇ ଘର ଭିତରେ ଶୋଇପଡ଼େ । ସକାଳୁ ଉଠି ଦେଖେ ସାଇକଲ୍ ସେମିତି ଅଧିଆ ପଡ଼ିଛି, ଏପରି ବିଶ୍ୱସ୍ତ ସାଇକଲ୍‌କୁ କିଏ ଛାଡ଼େ !"

ଆମ ଶ୍ରେଣୀରେ ଆମେ ଗ୍ରି ରାମ ଥାଉ । ମୋତେ ସମସ୍ତେ ଗୋରା ରାମ ଡାକୁଥିଲେ । ରାମକୃଷ୍ଣ ମିଶ୍ରଙ୍କୁ କାଳିଆ ରାମ ବୋଲି ଡାକୁଥିଲେ, ଆଉଜଣେ ରାମଥାଏ ।

Digitized by srujanika@gmail.com

ତା ନାଆଁ ରାମକୃଷ୍ଣ ମହାପାତ୍ର, କଲେଜିଏଟ୍ ସ୍କୁଲରେ ଆମେ ଦୁଇଜଣ ଏକାଠି ପଢୁଥିଲୁ । ମେଡ଼ିକାଲ୍‌ରେ ମଧ୍ୟ ଏକାଠି ପଢ଼ିଲୁ । ତାକୁ ସମସ୍ତେ ବାଳୁଆ ରାମ ବୋଲି ଡାକୁଥିଲେ, କାରଣ ତାର ଛାତିଯାକ ଭାଲୁପରି ବାଳ ଥିଲା । ଦି କାନ ଭିତରୁ ଘାସ ଉଠିଲା ପରି ବାଳ ପଦାକୁ ବାହାରି ପଡ଼ିଥିଲା । ପିଠିରେ ମଧ୍ୟ ବାଳ ଥିଲା । ତାକୁ ଅନେକ ଥଟ୍ଟାକରି କୁହନ୍ତି–ହେ ହେ; ତୋ ଜିଭଟିକେ କାଢି ଦେଖାଇଲୁ, କେତେ ବାଳ ଅଛି ଦେଖିବା । ଆଉଜଣେ ରାମଥାଏ, ତା ନାଆଁ ହେଉଛି ରାମକୃଷ୍ଣ ପଟ୍ଟନାୟକ, ତାକୁ ସମସ୍ତେ ଗୋଟିଏ "ଲୁଆ" ଅକ୍ଷର ଲାଗିଥିବା ଏକ ଅଶ୍ଳୀଳ ନାମରେ ଡାକୁଥିଲେ । ଡାକ୍ତରୀ ପାସ୍ କରିବା ପରେ ସେ ସରକାରୀ ଚାକିରୀ ପାଇଁ ସକ୍ଷମ ହେବାଲାଗି ନିଜର କୋଷ ଅପରେସନ୍ କରାଇ ନେଇଥିଲା ଓ ସେ ନାମରୁ ମୁକ୍ତି ପାଇଥିଲା ।

ଏହି ଦ୍ୱିତୀୟ ବାର୍ଷିକ ଶ୍ରେଣୀରେ ଆଉ ଜଣେ ସହପାଠୀଙ୍କ ସଙ୍ଗେ ମୋର ଏକ ପାତଳିଆ ବନ୍ଧୁତ୍ୱ ଜମିଯାଇଥିଲା । ସେ ହେଉଛି ଜୟକୃଷ୍ଣ ମହାନ୍ତି, ସେ ଜଣେ ବଡ଼ ଘରର ଥିଲା । ତା ପ୍ରତି ମୋର ଏକ ତାତ୍ସଲ୍ୟଭାବ ଜାଗି ଉଠିଥିଲା । କାରଣ ମୁଁ ଅଧିକାଂଶ ସମୟରେ ତାକୁ ଦେଖେ ସେ ବହିର ଅକ୍ଷର ଜଙ୍ଗଲ ଭିତରେ ଏକାବେଳକେ ଲୁଚିଯାଇ ଥାଏ । ଗୋଟିଏ ବହି ଧରିଥିବା ବେଳେ କେହି ତା ପାଖରେ ଆସି ଠିଆ ହେଲଣି ତାହା ସେ ଜାଣି ପାରେନି, ତାକୁ ମୁଁ ନିପଟ ପାଠଖୋର ପୁସ୍ତକକୀଟ କହେ ବୋଲି ବଡ଼ ଆଶ୍ଚର୍ଯ୍ୟ ଓ କୌତୂହଳର କଥା ଯେ ଏହି ଜୟୀ ମହାନ୍ତି ଲାଗି ମୁଁ ଆଜି ଜଣେ ଲେଖକ ହୋଇ ପାରିଛି, ସେ ବିଷୟ ମୁଁ ପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିବି । ଆଉ ଜଣେ ମୋର ଅନ୍ତରଙ୍ଗ ବଂଧୁଥିଲା ଜର୍ଜ ପଟ୍ଟନାୟକ । ସେ ଫୁଟ୍‌ବଲ, କ୍ରିକେଟ୍ ଓ ଟେନିସ୍‌ରେ ସର୍ବଶ୍ରେଷ୍ଠ ଖେଳାଳୀ ଓ କ୍ୟାପ୍‌ଟେନ୍ ଥିଲା । କଲେଜିଏଟ୍ ସ୍କୁଲ୍‌ରେ ସେ ମୋର ଉପର ଶ୍ରେଣୀରେ ପଢୁଥିଲା । କଲେଜରେ ବର୍ଷେ ପଢି ପୁଣି ସେ ମେଡ଼ିକାଲ୍‌ରେ ନାଆଁ ଲେଖାଇଲା, ସେତେବେଳକୁ ମୁଁ ମଧ୍ୟ ମେଡ଼ିକାଲ୍‌ରେ ନାଆଁ ଲେଖାଇ ଥିଲି, ଫଳରେ ଦୋସ୍ତି ଜମିଗଲା । ପ୍ରତିଦିନ ଚାରିଟାରେ କ୍ଲାସ ସରିବାମାତ୍ରେ ଆମେ ଦୁଇଜଣ ସାଇକଲରେ ତୁଳସୀପୁରରେ ଥିବା ତାଙ୍କର ଆନନ୍ଦ ଭବନକୁ ଯାଉଥିଲୁ । ସେଠି କିଛି ସମୟ କଟେଇ ଚାହା ପକୁଡ଼ି ଖାଇ ହଷ୍ଟେଲକୁ ଫେରୁଥିଲୁ । ଜର୍ଜର ବୋଉ ଦିନେ ଦିନେ କାକରପିଠା କରି ହଷ୍ଟେଲକୁ ପଠାଉଥିଲେ । ମୁଁ ଜର୍ଜ ହାତରୁ ସେ ପିଠା କିଛି ଖାଉଥିଲି ଏବଂ ଚୋରୀକରି ଆଉକିଛି ପିଠା ଖାଉଥିଲି । ସେତେବେଳକୁ ମୁଁ ସିଗାରେଟ୍ ଖୋର ହୋଇଯାଇ ଥାଏ । ଜର୍ଜର ସିଗାରେଟ୍ ମୁଁ ବରବର ଚୋରିକରି ଟାଣିଦିଏ । ସେ ମୋ ଚୋରୀକୁ ବନ୍ଦ ନ କରିପାରି ଗୋଟିଏ ଉପାୟ କଲା । ଗୋଟିଏ କଣରେ ତାର ଖାଲି ସିଗାରେଟ୍ ଖୋଳଗୁଡ଼ିକ ପଡ଼ିଥାଏ । ଜର୍ଜ ତା'ର ସିଗାରେଟ୍ ଥିବା ପାକେଟ୍‌ଟିକୁ ସେଇ ଫାଙ୍କା ସିଗାରେଟ୍ ଖୋଳ ଭିତରେ ଲୁଚାଇଦେଇ ମୋତେ କିଛିଦିନ ଭୁଆଁ ବୁଲାଇ ଦେଲା । ସିଗାରେଟ୍ ଆଉ କାହିଁକି ପିଉନୁବୋଲି ମୁଁ ଯେତେବେଳେ ତାକୁ ପଚାରେ ସେତେବେଳେ ସେ ମୋତେ କହେ– "ଏ ସିଗାରେଟ୍ ପିଆଟାକୁ ଆସ୍ତେ ଆସ୍ତେ ଛାଡ଼ିଦେବି, ତଣ୍ଟି ଖରାପ କରୁଛି । ବେଳେବେଳେ ଜଣେ କିଏ ଯାଚିଦେଲେ ସେଇଆକୁ ଟାଣି ଦେଉଛି ।" ଜର୍ଜର ଏପରି ପରିବର୍ତ୍ତନ

Digitized by srujanika@gmail.com

ଦେଖି ମୁଁ ଶଙ୍କିତ ହୋଇପଡ଼ିଲି । ଦଶ ପନ୍ଦରଦିନ ଏପରି କଟିଗଲା । ଏହି ସମୟରେ ବାଣୀ ନାମ୍‌ରେ ଜଣେ ବଙ୍ଗାଳୀ ପିଲା ସିଗାରେଟ୍ ଖୋଳସବୁ କାଟି ତହିଁରେ ଖୁବ୍ ସୁନ୍ଦର ସୁନ୍ଦର ହ୍ୟାଣ୍ଡବ୍ୟାଗ୍ ଓ ଫୁଲଦାନୀ ତିଆରି କରୁଥିଲା । ତିଆରି କରୁଥିବା କୌଶଳ ମୁଁ ତାଠାରୁ ଶିଖି ନେଲି । ଜର୍ଜ କୋଠରୀର କଣରେ ଗୁଡ଼ାଏ ସିଗାରେଟ୍ ଖୋଳ ଜମା ହୋଇଥିଲା । ସେଗୁଡ଼ିକ ଆଣି ମୁଁ ସେମିତି ତିଆରି କରିବି ବୋଲି ମନସ୍ଥ କଲି । ଦିନେ ଜର୍ଜ ନଥିବାବେଳେ ମୁଁ ସେ ଖୋଳଗୁଡ଼ିକ ସଂଗ୍ରହ କଲି । ସେ ଖୋଳ ସଂଗ୍ରହ କରୁ କରୁ ତା ଭିତରେ ସିଗାରେଟ୍ ପୂର୍ଣ୍ଣ ଏକ ଖୋଳ ଆବିଷ୍କାର କଲି । ମନରେ ଭାରି ଖୁସି ହୋଇଗଲି । ଭାବିଲି ଜର୍ଜ ମୋତେ ଏହି ଉପାୟରେ ଚିବା କାଟି ଦେଉଛି । ମୁଁ ସେ ସିଗାରେଟ୍ ଖୋଳରୁ ଗୋଟିଏ ସିଗାରେଟ୍ ନେଇଆସି ତାକୁ ବନ୍ଦ କରିଦେଲି ଏବଂ ତା ଉପରେ ଖାଲି ଖୋଳଗୁଡ଼ିକ ସେହିପରି ଜମା କରିଦେଲି । ବୁଦ୍ଧି ଖଟାଇ ମୁଁ ଭାବିନେଲି କୁକୁଡ଼ାକୁ ଜିଆଁଇ ରଖିଥିଲେ ପ୍ରତିଦିନ ଗୋଟିଏ ଗୋଟିଏ ଅଣ୍ଡା ପାଇ ପାରିବି, ତାକୁ ମାରିଦେଇ ସବୁ ଅଣ୍ଡାତକ ନେବାକୁ ଚେଷ୍ଟାକଲେ ଶେଷରେ କିଛି ପାଇବି ନାହିଁ । ଦିନକୁ ଗୋଟିଏ ଲେଖାଁ ସିଗାରେଟ୍ କିଛି ଦିନ ଖାଇଲି । ଏହା ଗୋଟିକରୁ ବଢ଼ିବଢ଼ି ଯେତେବେଳେ ତିନିଟାରେ ପହଞ୍ଚିଲା ସେତେବେଳେ ଜର୍ଜ ଜାଣି ପାରିଲା ଯେ କେହିଜଣେ ଠାଉଆ ସିଗାରେଟ୍‌ର ସନ୍ଧାନ ପାଇସାରିଲାଣି । ତେଣୁ ସେଠାରେ ରଖିବା ସେ ଆଉ ନିରାପଦ ମନେ କଲାନି । ସେ ମୋତେ ହିଁ ମନେ ମନେ ସନ୍ଦେହ କରୁଥିଲା । ଦିନେ ମୋ ଗ୍ରେରିଟାକୁ ଖୋଦ୍ ଜର୍ଜ ପକଡ଼ିଲା । ଦୁହିଁଙ୍କର ହୋ ହୋ ହସରେ ଗ୍ରେରୀଟା କୁଆଡ଼େ ଉଡ଼ିଗଲା । କଥାରେ ଅଛି—ଗ୍ରେରୀ କରିବ ଓ ମହତ ଲୋକର ହାବୁଡ଼େ ପଡ଼ିବ, ଏ କଥାର ଯଥାର୍ଥତା ମୁଁ ସେଇଦିନ ଅନୁଭବ କରି ପାରିଥିଲି । ଜର୍ଜ ସ୍କୁଲ ଭିତରେ ସବୁଠାରୁ ବଳି ଏକ ଆଖିଦୃଶିଆ ବିରାଟକାୟ ଛାତ୍ର-ଥିଲା । ମାରପିଟ୍ ବେଳେ ସେ ଏକ ସେନାପତିର କାମ କରୁଥାଏ ।

ବାହାର ଖେଳମାନଙ୍କର ମୁଁ ନାଆଁ କେବଳ ଜାଣିଥିଲି, ଫୁଟ୍‌ବଲ ଖେଳରୁ କିଛି କିଛି ଜାଣିଥିଲି । ତାହା ମଧ୍ୟ ଆମ ବଂଶ ଭିତରେ ସୀମାବଦ୍ଧ ଥିଲା । ମେଡ଼ିକାଲ୍‌ରେ ଆନ୍ତଃଶ୍ରେଣୀୟ ପ୍ରତିଯୋଗିତାରେ ବହୁତ ଖୋସାମତ କରି ଥରେ ଗୋଲ୍‌ରକ୍ଷକଭାବେ ସ୍ଥାନ ପାଇଥିଲି । ପ୍ରତି ପକ୍ଷରେ ଜଣେ ଖେଳାଳୀ ତୋପଗୁଳାପରି ଗୋଟିଏ ବଲ୍ ଖୁବ୍ ଜୋର୍‌ରେ ମୋ ଗୋଲ୍‌ପୋଷ୍ଟ ଆଡ଼େ ମାରିଲା । ମୁଁ ତାକୁ ହାତରେ ଅଟକାଇ ଦେଲି । ହେଲେ ମୋ ହାତ ଛଟଛଟ ହୋଇଗଲା । ଆଙ୍ଗୁଠିରେ ଗୋଟିଏ ବାଣୀ ଫାଟିଗଲା । ପାପୁଲି ଦି’ଟା ଏଡ଼େ ଦରଜ ହୋଇଗଲା ଯେ ଦୁଇତିନି ଦିନଯାଏ ହାତରେ କିଛି କାମ କରିପାରିଲି ନାହିଁ । ଫୁଟ୍‌ବଲ୍ ଖେଳରେ ମୋର ପୂର୍ଣ୍ଣ-ଛେଦ ପଡ଼ିଲା । କ୍ରିକେଟ୍ ଖେଳିବାକୁ ମନ ସକସକ ହେଲା । ଦିନେ କେତେଜଣ ଖେଳାଳୀ ଅଭ୍ୟାସ କରୁଥିଲେ । ମୁଁ ଯାଇ ବ୍ୟାଟ୍‌ଟାକୁ ଧରିଦେଲି । କିନ୍ତୁ କେହି ମୋ ପାଖକୁ ପେଣ୍ଡୁ ଫିଙ୍ଗିଲେ ନାହିଁ । ଜର୍ଜକୁ ଟିକେ ଖୋସାମତ କଲି । ସେ ରାଜି-ହୋଇ ମୋ ପାଖକୁ ବଲ୍ ଫିଙ୍ଗିଲା । ସେଇଟା ଟିକେ ଦୂରେଇ ହୋଇଗଲା । ତେଣୁ ତାକୁ ମାରିପାରିଲି ନାହିଁ । ତହୁଁ ସେ ମୁଁ ମାରିବାଭଳି ଗୋଟିଏ ବଲ୍ ଫୋପାଡ଼ିଲା ।

Digitized by srujanika@gmail.com

ସେ ବଲ୍‌ଟାକୁ ମାରିପାରିବି ବୋଲି ମୋର ଦୃଢ଼ ବିଶ୍ୱାସ ହୋଇଗଲା । ମୁଁ ଖୁବ୍ ଯୋର୍‌ରେ ବ୍ୟାଟ୍‌କୁ ବୁଲାଇ ଦେଲି । ଏତେ ଯୋର୍‌ରେ ବୁଲାଇ ଦେଇଥିଲି ଯେ ତାହା ମୋ ହାତରୁ ଖସିଯାଇ ଜର୍ଜ ଆଡ଼କୁ ଚାଲିଗଲା । ଜର୍ଜ ବ୍ୟାଟ୍‌ଟାକୁ ଧରିନେଲା । ପେଣ୍ଡୁ ସିନା କିଏ ଧରେ କିନ୍ତୁ ଜର୍ଜ ବ୍ୟାଟ୍‌ଟାକୁ ଧରିନେଲା । ଏମିତିଆ ରେକର୍ଡ ବୋଧହୁଏ ପୃଥିବୀରେ କେହି କରି ନଥିବ । ଜର୍ଜ ବିରକ୍ତ ହୋଇ କହିଲା--"ହଟ୍‌ବେ ହଟ୍ । ବ୍ୟାଟ୍ ଧରି ଆସିନି କ୍ରିକେଟ ଖେଳିବ ।" ସେହିଦିନଠୁ ମୋର କ୍ରିକେଟ୍‌ରେ ଡୋର ବନ୍ଧା ହେଲା । ତାପରେ ଟେନିସ୍‌ର ପାଳି ପଡ଼ିଲା । ଏହି ଖେଳଟି ମୋତେ ସୁହାଇ-ଥିଲା । ଜର୍ଜର ଉତ୍ତମ ପ୍ରଶିକ୍ଷଣ ଯୋଗୁଁ ମୁଁ ଖୁବ୍‌ଭଲ ଟେନିସ୍ ଖେଳିପାରୁଥିଲି । ସେତିକିରେ ସନ୍ତୁଷ୍ଟ ନହୋଇ ମୁଁ ହକି ଖେଳରେ ଯୋଗ ଦେଇଥିଲି । ଦିନେ ଖେଳିଲା-ବେଳେ ବଲ୍‌ଟା ଖୁବ୍ ଯୋର୍‌ରେ ଆସି ମୋ ବାଆଁ ନଳୀ ଗୋଡ଼ରେ ବାଜିଗଲା । ଏତେ କଷ୍ଟ ହେଲାଯେ ମୁଁ ସେଇଠି ବସି ପଡ଼ିଲି । ବାଜିବା ସ୍ଥାନରେ ଗୋଟିଏ ଆବୁ ବାହାରିପଡ଼ିଲା । ଛୋଟେଇ ଛୋଟେଇ ପଡ଼ିଆରୁ ଚାଲିଗଲି । ସେ ଆବୁ ସେହିପରି ଥାଏ । ଔଷଧ ଲଗାଇବା ଫଳରେ ଆବୁଟା କମିଗଲା । କିଛିଦିନ ପରେ ଆମେ ୫।୬ ଜଣ ସାଇକଲରେ ପୁରୀ ଚାଲିଗଲୁ । ଗୋଏଁକା ଧର୍ମଶାଳାରେ ଯାଇ ରହିଲୁ । ସନ୍ଧ୍ୟାବେଳକୁ ଯାଇ ସମୁଦ୍ର କୂଳରେ ସମସ୍ତେ ବସିଲୁ । ରାତି ୯ଟା ବେଳକୁ ଯେତେ-ବେଳେ ଧର୍ମଶାଳାକୁ ଫେରିବାକୁ ବସିଲୁ ସେତେବେଳେ ମୁଁ ବସିଲାଯାଗାରୁ ଉଠି ପାରିଲି ନାହିଁ । ମୋତେ ଜଣାଗଲା ମୋତେ ଖୁବ୍ ଜର ହୋଇଯାଇଛି, ଗୋଡ଼ରେ ବସିଯାଇଥିବା ଆବୁଟି ପୁଣି ମୁଣ୍ଡଟେକି ଆତ୍ମପ୍ରକାଶ କରିଛି । ଦୁଇଜଣ ସାଙ୍ଗଙ୍କ ସାହା-ଯ୍ୟରେ କୌଣସି ମତେ ଗୋଏଁକା ଧର୍ମଶାଳାକୁ ଫେରିଆସିଲି, ଭୀଷଣ ଜ୍ୱରରେ ମୁଁ ଆକ୍ରାନ୍ତ ହୋଇ ପଡ଼ିଥିଲି । ଆବୁ ସହିତ ସମବେଦନା ଜଣାଇ ଜଙ୍ଘ ଉପରକୁ ଗୋଟିଏ ଗିଲ୍‌ଟି ପଡ଼ି ଯାଇଥାଏ । ବଡ଼ କଲବଲ ହୋଇ ଟ୍ରେନ୍‌ରେ ମେଡ଼ିକାଲ୍‌କୁ ଫେରିଲି, ସଙ୍ଗେ ସଙ୍ଗେ ଓ୍ୱାର୍ଡରେ ଭର୍ତ୍ତି ହୋଇଗଲି । ବଥଟିର ଅପରେସନ୍ ହେଲା । ଆରୋଗ୍ୟ ଲାଭ କରି ଘରକୁ ଚାଲିଗଲି । ତାପରେ ପୁଣି ହଷ୍ଟେଲ୍‌କୁ ଆସିଲି । ଏଇଠି ମୋର ଖେଳ ଜୀବନ ସମାପ୍ତ ହୋଇଥିଲା ।

ମୋ ପରି ପାଠଦ୍ୱାରା ବିବ୍ରତ ହୋଇପଡ଼ିଥିବା ଆଉ କେତେଜଣ ସହପାଠୀଙ୍କର ରାଜନୈତିକ ଗୁରୁ ଥିଲା ରବିଘୋଷ । କଟକ ସାହେବ ଜାଦା ବଜାରରେ (ଏବେର ଘୋଷାକୋଷ ଲେନ୍) ଥିବା ଓକିଲ ରେବତୀ କାନ୍ତ ଘୋଷଙ୍କର ସେ ଜ୍ୟେଷ୍ଠ ପୁତ୍ର ଥିଲା । ସେ ସମୟରେ କଲିକତାରେ ଥିବା ଅନେକ ଆତଙ୍କବାଦୀଙ୍କ ସହ ତାର ଜଣାଶୁଣା ଥିଲା । ଆତଙ୍କବାଦୀମାନଙ୍କୁ ମୁଁ ମନେ ମନେ ଭରି ଶ୍ରଦ୍ଧା କରୁଥିଲି । ସେମାନଙ୍କର ଧାସ ରବିଘୋଷ ଦେହରେ ବାଜିଥିବାରୁ ମୁଁ ରବିଘୋଷକୁ ଭରି ଖାତିର୍ କରୁଥିଲି ।

କେତେଜଣ ବିପ୍ଳବ ମନୋଭାବାପନ୍ନ ତୀଖା ମିଜାସ ଯୁକ୍ତ, କଥା ପଦପଦକେ 'ଯୁଦ୍ଧ' ଦେହି ଡାକର ଦେଉଥିବା ପିଲାଙ୍କ ସମେତ ମୁଁ ରବିଘୋଷର ଏକ ପ୍ରକାର ଛାତ୍ର ହୋଇଗଲି, ଏତେ ଅମାୟିକ ଭଦ୍ରଲୋକ ସେ ଥିଲା ଯେ ଅତି ସହଜରେ ସମସ୍ତଙ୍କ

Digitized by srujanika@gmail.com

ଦୃଷ୍ଟି ତା ପ୍ରତି ଆକୃଷ୍ଟ ହେଉଥିଲା । ଅତି ଗୋପନରେ ଓ କେହି ନ ଶୁଣିବାଭଳି ଦି' ଚାରି ପଦ ଗାଳି ସରକାରଙ୍କୁ ଦେଇ ବାହାରକୁ ଭଲଲୋକି ସାଜିବା ଥିଲା ମୋ ମତରେ ରାଜନୀତି । ରବି ଘୋଷର ଲଞ୍ଜକୁ ଜାବୁଡ଼ି ଧରିବାର ଆଉ ଗୋଟିଏ ଆକର୍ଷଣୀୟ କାରଣ ଥିଲା, ତା'ର ଭିଣୋଇ ସେତେବେଳେ ଥିଲେ କଟକର ଡ଼ି. ଏସ୍. ପି. (ସି. ଆଇ. ଡ଼ି) । ତା' ଭିଣୋଇ ଯୋଗୁଁ ତା'ର ସାତଖୁଣ ମାଫ୍ ହେବା ସହଜସାଧ୍ୟ ଥିଲା ବୋଲି ମୋର ବିଶ୍ୱାସ ଥିଲା । ସେ ମଧ୍ୟ ଭିଣୋଇ ଛତା ତଳେ ରହି ସରକାରଙ୍କ କୋପ ଦୃଷ୍ଟି ଏଡ଼ାଇ ଦେଇ ପାରିବ ଏ ଦୃଢ଼ ଧାରଣା ମୋର ଥିଲା । ତା ସଙ୍ଗେ ସଙ୍ଗେ ରହିଲେ ଅଧେ ଚଉଠେ ଖୁଣ୍ ମୋର ମଧ୍ୟ ମାଫି ହୋଇଯିବ ବୋଲି ଦୃଢ଼ ଆଶା ଥିଲା ।

ମନରେ ଏହି ସାହସ ବାନ୍ଧି ଅତି ସନ୍ତର୍ପଣରେ ମୁଁ ରାଜନୀତିରେ ପାଦର ବୁଢ଼ା ଆଙ୍ଗୁଠିକୁ ଲଗାଇଲି । ଅବସ୍ଥା ଦେଖି ଧୀରେ ଧୀରେ ପାଦ ଚାଳି ଭିତରକୁ ପଶିବି ବୋଲି ସ୍ଥିର କଲି । ଦିନେ ରବି ଘୋଷ ତା ଭଉଣୀ ମାରଫତ୍‌ରେ ଗୋଟିଏ କମ୍ୟୁନିଷ୍ଟ୍ ସାହିତ୍ୟ ବହି କାଗଜରେ ଗୁଡ଼ାଇ ଆଣିଲା ଏବଂ ମୋତେ ପଢିବାକୁ ଦେଲା । ସେ ବହିଟି ଥିଲା 'ଷ୍ଟେଟ୍ ଆଣ୍ଡ୍ ରିଭୋଲ୍ୟୁସନ୍' । ମୁଁ ତ ଆଗରୁ ଫ୍ରେଞ୍ଚ୍ ରିଭୋଲ୍ୟୁସନ୍, ଋସିଆନ୍ ରିଭୋଲ୍ୟୁସନ୍ ବିଷୟରେ କିଛି କିଛି ଜାଣିଥିଲି । ଏ ବହିଟିକୁ ଦେଖି ମୁଁ ଭାବିନେଲି ଯେ ଏଥିରେ ନିଶ୍ଚୟ ଭାରତବର୍ଷରେ କିପରି ରିଭୋଲ୍ୟୁସନ୍ ହେବ ତାହାର ଅତି ଗୋପନ ତଥ୍ୟ ସବୁ ରହିଥିବ । ଆମ ରୁମ୍‌ରେ ଯେତେବେଳେ ଅନ୍ୟ ପିଲା ତିନି ଜଣ ମେଡ଼ିକାଲ୍ ବହି ସବୁ ଗଭୀର ଏକାଗ୍ରତା ସହ ପଢିବାକୁ ଆରମ୍ଭ କରି ଦିଅନ୍ତି ସେତେବେଳେ ମୁଁ ମୋ ବହି ଉପରେ ସେହି 'ଷ୍ଟେଟ୍ ଆଣ୍ଡ୍ ରିଭୋଲ୍ୟୁସନ୍' ବହିଟି ଥୋଇ ପଢିବା ଆରମ୍ଭ କରିଦିଏ । କେହି ସାଙ୍ଗ ଆମ ରୁମ୍ ଭିତରକୁ ପଶିଲେ ମୁଁ ତାକୁ ବହି ତଳେ ଲୁଚାଇ ଦେଉଥିଲି । ମୋର ଭୟ ହେଉଥିଲା ଯଦି ସାଙ୍ଗ ଜଣକ ସେହି ଗୋପନୀୟ ବହି ବିଷୟରେ ପଦାରେ ପ୍ରଘଟ କରିଦିଏ ତେବେ ସରକାର ମୋର ଦଫାରଫା କରିଦେବେ । ସେ ବହି ପଢିବାକୁ ଆରମ୍ଭ କରିବା ମାତ୍ରେ ଚାଳରେ ମୁଣ୍ଡ ବାଜିଲା । ପଦେ ତ କିଛି ବୁଝି ପାରିଲି ନାହିଁ, ବୁଝିବା ତ ଦୂରର କଥା ଦି'ଟା ଶବ୍ଦକୁ ଉଚ୍ଚାରଣ କରି ପାରିଲି ନାହିଁ । ପରେ ନବ ଚୌଧୁରୀଙ୍କର ଓଡ଼ିଆରେ ଲେଖାହୋଇ-ଥିବା 'ବୈଜ୍ଞାନିକ ସାମ୍ୟବାଦ' ବହିଟି ପାଇ ଓଲଟାଉଥିଲି । ସେଥିରେ କେତୋଟି ଶବ୍ଦ ମୁଁ ଶିଖିନେଲି, ସେଗୁଡ଼ିକ ଥିଲା 'ବୁର୍‌ଜୁୟା', 'ପେଟି ବୁର୍‌ଜୁୟା', 'ପ୍ରୋଲେଟାରି-ଏଟ୍', 'ଲେବର ଫ୍ରଣ୍ଟ୍' 'ଷ୍ଟୁଡେଣ୍ଟ୍ ଫ୍ରଣ୍ଟ୍' ଇତ୍ୟାଦି । ବାସ୍ ଏଇ ଚାରି ପାଞ୍ଚଟା ଶବ୍ଦକୁ ମୁଁ ଆୟତ୍ତ କରିନେଇ ସାରି ମୁଁ ନିଜକୁ ଗୋଟିଏ ପୋଖତ ରାଜନୀତିଜ୍ଞ ବୋଲି ଭାବି-ନେଲି । ଯେଉଁଠାକୁ ଗଲି ସେଠାରେ ଦୁଇଚାରିଟା ଶବ୍ଦ ଏପରି କହି ଦେଇ ସେମାନଙ୍କୁ ଚମକାଇ ଦିଏ । ଯେଉଁମାନେ ଏସବୁ ଶବ୍ଦ କିମ୍ବା ରାଜନୀତିର ଧାରଧାରନ୍ତି ନାହିଁ ସେମାନଙ୍କୁ ମୁଁ ଏହି କୃତିତ୍ୱ ଦେଖାଏ । ସେମାନେ ମଧ୍ୟ ମୋର ରାଜନୀତିକ ପାଣ୍ଡିତ୍ୟ ଦେଖି ମୋତେ ଖୁବ୍ ପ୍ରଶଂସା କରନ୍ତି ।

Digitized by srujanika@gmail.com

ଦିନେ ମୋର ବନ୍ଧୁ ହାରାଧନ୍ ବାବୁ (ମେଡ଼ିକାଲ୍ ସ୍କୁଲର ମୁଖ୍ୟ କିରାଣୀ) ମୋ ସାଙ୍ଗରେ କଥାବାର୍ତ୍ତା ହେଉ ହେଉ କହିଲେ—"ହଇହେ ! ଆଉକୁ ରାଜନୀତିର କି ଅବସ୍ଥା ହେବ ? ଚାରିଆଡ଼େ ତ ଗଣ୍ଡଗୋଳ । କେମିତି ଏ ଦେଶ ଓ ଶାସନ ଚାଲିବ ?" ମୁଁ ସାଙ୍ଗେ ସାଙ୍ଗେ ତାଙ୍କୁ ବୁଝାଇଦେଲି—"ସାରା ପୃଥିବୀ ପରି ଆମ ଭାରତବର୍ଷରେ ଦୁଇଟା 'ଫ୍ରଣ୍ଟ୍' ହୋଇଗଲାଣି । ଗୋଟିଏ ବୁର୍ଜୁୟା ଫ୍ରଣ୍ଟ୍ ଓ ଅନ୍ୟଟି 'ପ୍ରୋଲେଟାରି-ଏଟ୍ ଫ୍ରଣ୍ଟ୍' ସେମାନଙ୍କ ସାଙ୍ଗରେ ବର୍ତ୍ତମାନ ଯୋଗ ଦେଲେଣି, 'ଷ୍ଟୁଡେଣ୍ଟ୍ ଫ୍ରଣ୍ଟ୍, 'ଲେବର ଫ୍ରଣ୍ଟ୍' ଓ 'ପିଜାଣ୍ଟ୍ ଫ୍ରଣ୍ଟ୍' ଆଦି ସବୁ ଯେତେ 'ଫ୍ରଣ୍ଟ୍' ଅଛି ସବୁ ବୁର୍ଜୁୟା ଓ ପ୍ରୋଲେଟାରିଏଟ୍‌ଙ୍କ ଭିତରେ ବାଣ୍ଟିହୁଣ୍ଟି ହୋଇଗଲେଣି । ଏ ପେଟି ବୁର୍ଜୁୟା ଗୁଡ଼ାକ ଦୋନାବୁଡ଼ିଆ, କେତେବେଳେ ଯା ପାଖରେ ତ କେତେବେଳେ ତା ପାଖରେ । ସେହିମାନଙ୍କ ଯୋଗୁଁ ରିଭୋଲ୍ୟୁସନ୍‌ଟା ଚଟାପଟ୍ ହୋଇ ପାରୁନି । କିନ୍ତୁ ଏଇଟା ନିଶ୍ଚୟ ଯେ ବୁର୍ଜୁୟାମାନେ ପରାସ୍ତ ହୋଇଯିବେ । ଚାରିଆଡ଼େ ପ୍ରୋଲେଟାରିଏଟ୍ ଶାସନ ଚାଲିବ ।" ହାରାଧନବାବୁ ମୋ ମୁହଁକୁ ହାଁ କରି ଚାହିଁଥାନ୍ତି । ସେ କହିଲେ—"ହଇହେ' ! ଏ କ'ଣ ଅଜବ ଶବ୍ଦ ସବୁ କହୁଛ ? ତାହା ମୁଁ ସାରା ଜୀବନରେ ମଧ୍ୟ ଶୁଣି ନଥିଲି । ତମେ ଏଗୁଡ଼ାକ କେଉଁଠୁ ଶିଖିଲ ?" ମୁଁ ଗୋଟିଏ ସନ୍ତୋଷମିଶା ହସ ହସି ଦେଲି । କହିଲି—"ଏଗୁଡ଼ାକ ସବୁ ଜାଣିବା ସହଜ କଥା ନୁହେଁ । ତୁମେ ଏହା ଦେହରୁ ବିଶେଷ କିଛି ବୁଝିପାରିବନି । ଏଗୁଡ଼ା ବଡ଼ ଜଟିଳ ପଲିଟିକ୍ସ ।" ସେ ମୋ ମୁହଁକୁ ବାଲୁ-ବାଲୁ କରି ଚାହିଁଥାନ୍ତି ଓ ଅଳ୍ପ ମୁରୁକେଇ କରି ହସୁଥାନ୍ତି । କିଛି ଦିନ ପରେ ମୁଁ ଜାଣି ପାରିଲି ଯେ ହାରୁବାବୁ ଜଣେ ପୋଖତ ପଲିଟିସିଆନ୍ । କମ୍ୟୁନିଜିମ୍‌ରେ ତାଙ୍କର ଖୁବ୍ ଦଖଲ ଅଛି । ସେତେବେଳେ ମୁଁ ଏକାବେଳେକେ ଲାଜୁଆ ହୋଇଗଲି । ଭାବି ଲାଗିଲି—ମୁଁ କି ମୂର୍ଖାମିଆ କଥା ତାଙ୍କ ଆଗରେ ନ କହିଛି । ଗୋଟିଏ ଅଜ୍ଞ ଲୋକକୁ ସିନା ଯାହା ତାହା କହି ଠକି ହେବ, ଭୁଲ୍‌ରେ କିଛି ନଜାଣି ଗୋଟିଏ ପଣ୍ଡିତ ପାଖରେ ତୁଚ୍ଛା ଗାଲୁ ପେଲିବା ଓ ଭଣ୍ଡ କଥା କହିବା କେଡ଼େ ଲଜ୍ଜାଜନକ ସତେ ! ସେହିଦିନ ଠାରୁ ମୋର ପଣ୍ଡିତପଣିଆ ଆଉ କେଉଁଠାରେ ଦେଖାଇ ନାହିଁ । ସେ ଅବଶ୍ୟ ଦିନେ ଦିନେ ମୋତେ ଦେଖିଲେ ଖୋଳେଇ ତାଡ଼େଇ ସେ ପଲିଟିକ୍‌ସ୍ କଥା ଟିକେ ଟିକେ ଉଖାରନ୍ତି । ମୁଁ ତାଙ୍କ ଉପରେ ବିଗିଡ଼ିଯାଇ କହେ—"ହଉ ରଖ ରଖ ହୋ ତୁମ ପଲି-ଟିକ୍‌ସ୍ । ମୋତେ ଏତେ ଭଣ୍ଡିଆ କରିସାରି ତେବେ ବି ତୁମ ମନ ମାନିନି ।" ହୋ ହୋ ହୋଇ ସେ ହସି ଉଠନ୍ତି । ମୁଁ ଆଉ ପଲିଟିକ୍‌ସ୍‌ର ନାଆଁ ଧରିଲି ନାହିଁ । ଗୋଟିଏ ଶ୍ଳୋକ ବାରମ୍ବାର ମୋର ମନେ ପଡ଼ି ଯାଉଥାଏ । "ତାବତ ଶୋଭତେ ମୂର୍ଖଃ, ଯାବତ୍ କିଞ୍ଚିନ୍ ଭାଷତେ ।" ତୁଚ୍ଛା ବକବାଜୀ ବୋତଲରେ ଠିପି ସିନା ଆଣ୍ଟିଦେଲି ହେଲେ ଏ ବିଷୟରେ ଜ୍ଞାନ ଅର୍ଜନ ପାଇଁ ରାଜନୀତିଜ୍ଞମାନଙ୍କର ସାନ୍ନିଧ୍ୟ ପାଇବା ଲାଗି ଖୁବ୍ ଆଗ୍ରହୀ ହୋଇ ଉଠିଲି । ଅନେକ କହନ୍ତି ଯେ ମଳୟ ନିମ୍ବଗଛରେ ବାଜିଲେ ସେଇଟା ଚନ୍ଦନ ପାଲଟି ଯାଏ । ମୁଁ ଭାବୁଥିଲି ଯେ ମୋ ଦୃଷ୍ଟିରେ ପୋଖତ ରାଜନୀତିଜ୍ଞ ରବି ଘୋଷ ଦେହର ମଳୟ ଯଦି ଆସି ମୋ ଭଳି ନିମ୍ବଗଛ ଦେହରେ ବାଜିଯାଏ ତେବେ ମୁଁ ମଧ୍ୟ ଚନ୍ଦନ ପାଲଟିଯିବି । ଭଲ ରାଜନୀତିଜ୍ଞଟାଏ ହୋଇଯିବି । ସେତ ସହଜେ

Digitized by srujanika@gmail.com

ସହପାଠୀ ଥିଲା । ତା ପଛେ ପଛେ ସବୁବେଳେ ଗୋଡ଼ାଇଲି । ତା'ସାଙ୍ଗରେ ବୁଲି ଗଲାବେଳେ ତା'ରି ସାଇକଲ୍ ପଛରେ ଠିଆହୋଇ, ତା' ଦୁଇ କାନ୍ଧରେ ହାତ ପକାଇ ବୁଲିଯାଏ । ମୋ ନିଜର ସାଇକଲ୍ ଥିଲେ ସୁଦ୍ଧା ମୁଁ ସେଥିରେ ନଯାଇ ତା ସାଇ-କଲ୍‌ରେ ଯାଏ ।

ଥରେ କଲିକତାରୁ ଜଣେ ଟାଣୁଆ ବିପ୍ଳବୀ ସିଦ୍ଧାବାବୁ କଟକ ଆସିଲେ । ସେ ଷ୍ଟେସନ୍ ପାଖ ଗୋଟିଏ ଗଳିରେ ଥିବା ତାଙ୍କର ଏକ ବନ୍ଧୁଙ୍କ ଘରକୁ ଆସିଥିଲେ । ତାଙ୍କର ଭଣଜାର ମୁଣ୍ଡ ଖରାପ ହୋଇଯାଇ ଥିଲା । ତାକୁ ଦେଖିବାଲାଗି ସେ ଆସିଥିଲେ । ରବିଘୋଷ ଓ ମୁଁ ସେଠାକୁ ଯାଇଥିଲୁ । ସେ ଖୁବ୍ ଢେଙ୍ଗା, ବଳିଷ୍ଠ ଓ ଚଞ୍ଚଳ ଲୋକ ଥିଲେ । ତାଙ୍କ ଚେହେରାରେ କଠୋରତା ମୋଟେ ଦେଖାଯାଉ ନଥିଲା । ଦେଖିବାକୁ ସେ ଖୁବ୍ ସୁନ୍ଦର ଥିଲେ । ତାଙ୍କରି ଘରେ ବହୁ ସମୟ ଧରି ଆତଙ୍କବାଦୀ ଓ ସେମାନ-ଙ୍କର କାର୍ଯ୍ୟକଳାପ ବିଷୟରେ ଆଲୋଚନା ହୁଏ । ମଝିରେ ମଝିରେ ସେ ପୋଲିସ୍-ମାନଙ୍କ ଉପରେ ହେଉଥିବା ଆକ୍ରମଣ ବର୍ଣ୍ଣନା କଲାବେଳେ ଗର୍ଜନ କରି ଉଠୁଥିଲେ । ମୁଁ ଭାବୁଥିଲି ସେଇଠି ଯଦି ସେ ପୋଲିସ୍‌ଟାଏ ପାଆନ୍ତେ ତା ବେକକୁ ସେ ମୋଡ଼ି ଦିଅନ୍ତେ । କଲିକତାରୁ ସେ ସେଠାକୁ ଆସିଥିବା କଥା ପୋଲିସ୍ ଜାଣି ପାରିଥିଲା ଏବଂ ତାଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବା ଲାଗି ଆଖପାଖରେ କେତେ ଜଣ ଭଡ଼ାଟିଆ ଗୁପ୍ତଚର ନିଯୁକ୍ତ କରିଥିଲା । ସେମାନଙ୍କ ଭିତରୁ ଦି'ଜଣଙ୍କୁ ରବି ଘୋଷ ଆଗରୁ ଜାଣି-ଥିଲା । ତେଣୁ ଗୁପ୍ତଚରମାନେ ତାଙ୍କ ଗତିବିଧି ଲକ୍ଷ୍ୟ କରୁଛନ୍ତି ବୋଲି ସମସ୍ତେ ଜାଣି ପାରିଲେ । ସେମାନଙ୍କୁ ଦେଖାଇ କାନ୍ଥକୁ ବାଡ଼କୁ କହିଲା ଭଳି ରବି ସେମାନଙ୍କୁ କହେ— "ଶଳା କୁକୁର, ପଛେ ପଛେ ଗୋଡ଼ାଇଛନ୍ତି" ଆଉ ଜଣେ ବନ୍ଧୁ ଘୋଷବାବୁ ସେଠାରେ ଯାଇ ବସୁଥିଲେ । ତାଙ୍କର ଭାଇମାନେ ସମସ୍ତେ ଆତଙ୍କବାଦୀ ଓ ବହୁବାର ପୋଲିସ୍-ଠାରୁ ମାଡ଼ଖାଇ ଜେଲ୍‌ଯାଇ ଫେରିଛନ୍ତି । ଘୋଷବାବୁ ଓ ସିଦ୍ଧାବାବୁ ଆତଙ୍କବାଦୀ-ମାନଙ୍କର ଦଳରେ ଯୋଗଦାନଠାରୁ ଆରମ୍ଭ କରି ସେମାନଙ୍କର ପ୍ରଶିକ୍ଷଣ ଓ କର୍ମ କ୍ଷେତ୍ରରେ ସେମାନଙ୍କ କାର୍ଯ୍ୟକଳାପ ବିଷୟରେ ଦିନେ ବେଶ୍ ଚର୍ଚ୍ଚା ହେଲା । ସିଦ୍ଧାବାବୁ ନୂଆ ସଭ୍ୟମାନଙ୍କର ଯୋଗଦାନ ବିଷୟରେ ଏକ କୌତୂହଳପୂର୍ଣ୍ଣ ଅଭିଜ୍ଞତା ବର୍ଣ୍ଣନା କଲେ । ସେ କହିଲେ ଥରେ ଆଗରୁ ନୂଆ ସଭ୍ୟମାନଙ୍କୁ ସୂଚନା ଦିଆଗଲା ଯେ ଯାହାଙ୍କ ପାଖରେ ରିଭଲଭର୍ ଥିବ ସେମାନଙ୍କୁ କେବଳ ସଭ୍ୟ ଶ୍ରେଣୀଭୁକ୍ତ କରାଯିବ । ନିର୍ଦ୍ଧା-ରିତ ଦିନରେ ସମସ୍ତେ ଆସି ପହଞ୍ଚିଗଲେ । ସେ ଯାଗାରେ ଘୋଷବାବୁ ମଧ୍ୟ ଥିଲେ । ଜଣ ଜଣ ହୋଇ ନିଜ ନିଜ ଗୁପ୍ତ ସ୍ଥାନରୁ ରିଭଲଭର୍ କାଢ଼ିଲେ । ଦେଖିଲାବେଳକୁ ପ୍ରାୟ ସବୁ ରିଭଲଭର୍‌ତକ ଜଙ୍କ୍‌ରେ ଘୋଡାଇ ହୋଇ ପଡ଼ିଛି । ଜଣେ ଘୋଡ଼ିଆକୁ ଟିପିବାରୁ ସେ ମୋଟେ ହୁର୍କିଲାନି । ଖୁବ୍ ଜୋର୍‌ରେ ଟାଣି ଦେବାରୁ ସେ ଟିକେ ପଛକୁ ଖସିଆସିଲା । କିନ୍ତୁ ଉପରର ହାତୁଡ଼ି ତା ବୋଲ ମାନିଲା ନାହିଁ । ବାଛିଲାବାଲା କହିଲେ— "ହଇରେ, ଏଇଟାକୁ କୂଅ ବା ପୋଖରୀ ଭିତରୁ ପାଇଥିଲୁ କିରେ ?" ସେ କହିଲା ଯେ ଏଇଟା ବାଡ଼ିରେ ମାଟିରେ ପୋତା ହୋଇଥିଲା ଓ ତା'ରି ଉପରେ ଗୋଟିଏ ଗଛ

Digitized by srujanika@gmail.com

ଲଗାଯାଇଥିଲା । ବାଛିଲାବାଲା ପୁଣି କହିଲେ—"ବୋଧହୁଏ ଗଛଟିକୁ ବଞ୍ଚାଇବା ଲାଗି ତମେ ତା ମୂଳରେ ପାଣି ଦେଇଥିବ, ରିଭଲ୍‌ଭର୍ କ'ଣ କାମ ଦେବ ।" ଏହା ଖତଗଦାକୁ ଯୋଗ୍ୟ । ଏତେ ଘୁଣ ଖାଇଯାଇଛି ଯେ କାହାକୁ ଏହାଦ୍ୱାରା ପିଟିଦେଲେ ଏହା ଦୁଇଖଣ୍ଡ ହୋଇଯିବ । ଏହି ରିଭଲ୍‌ଭର୍‌କୁ ନେଇ ପୋଲିସ୍ ସାଙ୍ଗରେ ଲଢ଼ିବ ? ଏହାକୁ ପାଖରେ ରଖିବା ଠିକ୍ ନୁହେଁ । ତାକୁ ଗୋଟାଏ ବଣୁଆ ସ୍ଥାନ ଦେଖି ଫୋପାଡ଼ି ଦେ । ସେଥିରେ କାମ ତ ହେବ ନାହିଁ କିନ୍ତୁ ପୋଲିସ୍ ହାବୁଡ଼ରେ ପଡ଼ିଲେ କଥା ସରିଲା ।" ଆଉ ଜଣେ ତା ରିଭଲ୍‌ଭର୍ କାଢ଼ିଲା । ସେଇଟା ମଜାମଜି ଓ ତେଲ ଦିଆହୋଇ ଟିକେ ଅପେକ୍ଷାକୃତ ଚକ୍‌ଚକ୍ ଦିଶୁଥିଲା । ସେ ଘୋଡ଼ିଆଟାକୁ ଖଟ୍‌ଖଟ୍ କରି ୪।୫ ଥର ଟାଣିଦେଲା । ଉପରର ହାତୁଡ଼ିଟା ସେତିକିଥର ଠକ୍ ଠକ୍ ହୋଇ ପଡ଼ିଲା । ଯୁବକଟିର ଛାତି ଫୁଲି ଉଠିଲା । କିନ୍ତୁ ହାୟ, ଗୁଳି ଖଞ୍ଜାଯାଉଥିବା ଚକ ବା ମାଗାଜିନ୍‌ଟି ରିଭଲ୍‌ଭର୍ ଦେହରୁ ଖସି ତଳେ ଦୁଲ୍‌କରି ପଡ଼ିଗଲା । ତା ମୁହଁଟି ଶୁଖିଗଲା । ପ୍ରତ୍ୟେକଙ୍କର ରିଭଲ୍‌ଭର୍ ଏହିପରି କିଛି ନା କିଛି ଗଣ୍ଡଗୋଳ ଦେଖାଗଲା । ବଛାଳି ଜଣକ ସମସ୍ତଙ୍କୁ ନାପସନ୍ଦ କରି କହିଲେ—"ରିଭଲ୍‌ଭର୍‌ରୁ ଜଣା-ପଡୁଛି ତମେମାନେ କେହି ହାତ ସାଧି ପାରିନ । ଏ ସବୁଗୁଡ଼ାକ କୌଣସି କାମରେ ଲାଗିବ ନାହିଁ । ଏଗୁଡ଼ା ପାଖରେ ରଖି କିଛି ଲାଭ ନାହିଁ । କେବଳ ବିପଦ ନିମନ୍ତ୍ରଣ କରି ଆଣିବ ।" ସେମାନଙ୍କୁ ଅବଶ୍ୟ ଆଶ୍ୱାସନା ଦିଆଯାଇଥିଲା ଯେ ଅସ୍ତ୍ରାଗାରରୁ ଲୁଟି ଆଣିଥିବା ରିଭଲ୍‌ଭର୍‌ରେ ସେମାନେ ହାତ ସାଧନ୍ତୁ । ସେମାନଙ୍କୁ ତାହା ମଧ୍ୟ ଯୋଗାଇ ଦିଆଯିବ ।

ସିହ୍ନାବାବୁଙ୍କ ପାଖରେ ବସି ଘଣ୍ଟା ଘଣ୍ଟା ଏହିପରି ରୋମାଞ୍ଚକାରୀ ଘଟଣା-ଗୁଡ଼ାକ ମୁଁ ଶୁଣୁଥିଲି । ସେ ଚିଟାଗଞ୍ଜ ଅସ୍ତ୍ରାଗାର ଲୁଟି, କାକୋରି ଷଡ଼ଯନ୍ତ୍ର ମାମଲା, ଇତ୍ୟାଦି ଘଟଣା କହିଲାବେଳେ ମୋର ଲୋମ ଟାଙ୍କୁରି ଉଠୁଥିଲା । ତାଙ୍କୁ ମୁଁ ଜଣେ ଆଦର୍ଶ ଆତଙ୍କବାଦୀ ବୋଲି ମନେ କରୁଥିଲି । ତାଙ୍କ ବଡ଼ ଭାଇ କିପରି ଆଣ୍ଡାମାନ୍ ସ୍ଥିତ ପୋର୍ଟବ୍ଲେୟାର ଜେଲ୍‌ରେ ମରିଗଲେ ସେ ବିଷୟ ଶୁଣିଲାବେଳେ ମୁଁ ରାଗରେ ପାଚି ଯାଇଥିଲି । ମୁଁ ଭାବୁଥିଲି ଯଦି ମୋ ହାତରେ ଗୋଟିଏ ପିସ୍ତଲ ପଡ଼ିଯାନ୍ତା ତେବେ ମୁଁ ସାଙ୍ଗେ ସାଙ୍ଗେ ଧାଇଁ ଯାଇଁ ଗୋଟାଏ ଚଉକିଆକୁ ଢ଼ୋ କରିଦେଇ ଖସି ପଳାଇ ଯାନ୍ତି ।

ରବି ଘୋଷ ଯେ କେବଳ ନିରସ ରାଜନୀତି କରୁଥିଲା ତାହା ନୁହେଁ ହସ ଉଦ୍ରେକକାରୀ କେତେକ କାମ ମଧ୍ୟ କରିବାକୁ ସେ ପଛାଉ ନଥିଲା । ସେ ସମୟରେ ଅପରେସନ୍ ଥିଏଟର୍ ପାଖରେ ଥିବା ୩ୟ ସର୍ଜିକାଲ୍ ଓ୍ୱାର୍ଡ ଉପରେ ଦୋ'ମହଲା ଘରର କେତେ ବଖରା ତିଆରି ହୋଇଥାଏ । ସେଠାରେ କେତେଜଣ ପାଶ୍ଚାତ୍ୟ ମହିଳା ସିଷ୍ଟର୍ ରୂପେ ରହୁଥିଲେ । ଦେଖିବାକୁ ସେମାନେ ଖୁବ୍ ସୁନ୍ଦରୀ ଥିଲେ । କଟକ ସହରର ଯେତେ ବଡ଼ ବଡ଼ ସାହେବ ହାକିମ ଥିଲେ ସେମାନେ ହର୍‌ଦମ୍ ସେହି ସ୍ଥାନକୁ ଯିବା ଆସିବା କଲେ । ଆମର ସେମାନଙ୍କ ଉପରେ ଭାରି ହିଂସା ହୋଇଥିଲା ।

Digitized by srujanika@gmail.com

ସେମାନେ ତ ବଡ଼ ବଡ଼ ହାକିମ । ତା ଉପରେ ପୁଣି ଗୋରା ଚମ । ତାଙ୍କୁ ଉଁ କି ଚୁ କରିବାର କ୍ଷମତା ଆମର ନଥାଏ । ଖାଲି ମନେ ମନେ ଗରଗର ହେଉଥାଉ । ଦିନେ ରାତି ୧୨ଟା ବେଳେ ପାଠପଢ଼ା ସାରି ରବି ଓ ମୁଁ ଟିକେ ବୁଲି ବାହାରିଲୁ । ଆମର ସବୁବେଳେ ବୁଲିବା ଥାନଟା ଥାଏ ଆନିକଟ । ଆମେ ଦୁଇଜଣ ଯାଉ ଯାଉ ଦେଖିଲୁ ଗୋଟିଏ ଯାଗାରେ ରାସ୍ତାଟା ବନ୍ଦ କରାଯାଇ ଗୋଟାଏ ପଟା ଝୁଲୁଛି ଓ ଗୋଟାଏ ନାଲିଆ ଲଣ୍ଠନ ଜଳୁଛି । ଟର୍ଚ୍ଚ ପକାଇ ରବି ଦେଖିଲା ସେଥିରେ ଲେଖା ହୋଇଛି "ରୋଡ୍ କ୍ଲୋଜ୍ଡ୍ ଫର୍ ରିପେୟାର ।" ଅର୍ଥାତ୍ 'ମରାମତି ପାଇଁ ରାସ୍ତା ବନ୍ଦ' ରବି ମୁଣ୍ଡରେ ହଠାତ୍ ଗୋଟିଏ ଖିଆଲ୍ ଉଠିଲା । ସେ କହିଲା–"ରାମ ଗ୍ଲାଲ୍ ଏ ପଟାଟିକୁ କାଢ଼ିନେଇଯିବା ଏବଂ ତାକୁ ସେହି ସାହେବ ସିଷ୍ଟର୍‌ମାନେ ରହୁଥିବା କୋଠରୀ ପାହାଚ ତଳେ ବାନ୍ଧିଦେବା । ଦିନବେଳା ସାହେବମାନେ ସେ ପାହାଚରେ ଉଠିଲା-ବେଳେ ସେ ପଟାକୁ ଦେଖି ନାକ ଟେକିବେ ।" ମୁଁ ସଙ୍ଗେ ସଙ୍ଗେ ତା ସହ ଏକମତ ହୋଇଗଲି । ସେଇଟିକୁ ଫିଟାଇ ଆମେ ଦୁଇଜଣ ନେଇ ଆସିଲୁ ଏବଂ ସେହି ରାତିରେ ତାକୁ ପାହାଚ ପାଖରେ ବାନ୍ଧି ଦେଲୁ । କେତେଜଣ ସେହି ପଟାକୁ ଦେଖି ତା'ର ଇଙ୍ଗିତ ବୁଝିପାରିଲେ ଏବଂ ତାକୁ ସାହେବମାନେ ଦେଖିଲେ ବିରକ୍ତ ହୋଇ ଆମ ଡ଼ାକ୍ତରଖାନା ଅଧିକାରୀଙ୍କୁ କହିବେ ସେହି ଡରରେ ସେମାନେ ଫିଟାଇ ଦେଇ କୁଆଡ଼େ ଫୋପାଡ଼ି ଦେଲେ । ଆମର ମଉଜ ଦେଖିବା ହେଲା ନାହିଁ । ସକାଳେ ଆମେ ଓ୍ୱାର୍ଡକୁ ଗଲାବେଳକୁ ସବୁ ସାଫ୍, ମନଟା ଖରାପ ହୋଇଗଲା । ଏମିତି ଟିକି ଟିକି ମଉଜିଆ କଥା ରବି ମୁଣ୍ଡରୁ ବାହାରେ ।

ଆଉ ଜଣେ ରାଜନୀତିର ଗୁରୁ ଥିଲେ ଜର୍ଜ ପଟ୍ଟନାୟକ । ତା'ର ବିଶାଳକାୟ ଶରୀର ତାକୁ ନେତା ହେବାରେ ଖୁବ୍ ସାହାଯ୍ୟ କରିଥିଲା । ଫୁଟ୍‌ବଲ୍ ଖେଳରେ ସେ ବ୍ୟାକ୍‌ରେ ଖେଳୁଥିଲା । ସେତେବେଳେ କଟକରେ ଫୁଟ୍‌ବଲ୍ ଖେଳର କୁଶଳତା ବୁଝାଯାଉଥିଲା ମାର୍‌ପିଟ୍‌ରେ । ଫାଉଲ୍ କରି କିମ୍ବା ପ୍ରତିପକ୍ଷ ଖେଳାଳୀକୁ ଘାଟି ଯାଗାରେ ଆଘାତ କରି ଅକାମୀ କରିଦେବା ଇତ୍ୟାଦି କାର୍ଯ୍ୟ ଦ୍ୱାରା ଖେଳର ମାନ ନିର୍ଦ୍ଧାରଣ କରାଯାଉଥିଲା । ଯିଏ ଯେତେ ମରିପାରୁଥିଲା ସେ ସେତେ ଭଲ ଖେଳାଳୀ ବୋଲି ବିବେଚିତ ହେଉଥିଲା । ନାମଯାଦା ଗୁଣ୍ଡାମାନଙ୍କୁ ଟିମ୍‌ମାନଙ୍କରେ ଭର୍ତ୍ତି କରାଯାଉଥିଲା । ରେଫ୍‌ରି ଯଦି କେଉଁଠି ଟିକେ ଭୁଲ୍ କରିଦେଉଥିଲା ତେବେ ଦୁଇ ପକ୍ଷର ଦର୍ଶକମାନେ ତାକୁ ବିଭାସ ସୋଧା ଦେଇ ଭୁସ୍‌କରି ପଡ଼ିଆ ଭିତରକୁ ପଶି-ଯାଉଥିଲେ । ଦେଶୀ ରେଫ୍‌ରି ଉପରେ ବେଳେ ବେଳେ ମାଡ଼ ବସିଯାଏ କିନ୍ତୁ ସାହେବ ରେଫ୍‌ରି ହୋଇଥିଲେ ତାଙ୍କଠାରେ କେହି ଟିପ ଛୁଇଁ ପାରୁ ନଥିଲେ । ସେ ଓଲଟି ପଶି ଆସୁଥିବା ଲୋକମାନଙ୍କୁ ବାହାରକୁ ଘଉଡ଼ାଇ ଦେଉଥିଲେ । ସମସ୍ତେ ଜାଣିଥିଲେ ଯେ ସାହେବଙ୍କ ଦେହରେ ହାତ ବାଜିଲେ ତୁମୁଳ କାଣ୍ଡ ଘଟିଯାଇପାରେ । ଖେଳ ଭିତରେ ଗୋଳଯୁଦ୍ଧ ଲାଗିଗଲେ ଜର୍ଜ ସେନାପତିର କାମ କରୁଥିଲା । ସେ ଫୁଟ୍‌ବଲ୍ ଓ ଟେନିସ୍‌ରେ କ୍ୟାପ୍‌ଟେନ୍ ଥିଲା । ତା ଯୋଗୁ ମୁଁ ଜଣେ ମଝିମଝିକିଆ ଟେନିସ୍ ଖେଳାଳୀ ହୋଇପାରିଥିଲି । ମୋତେ ସେ ରୀତିମତ୍ ଖେଳ ଶିଖାଇ

Digitized by srujanika@gmail.com

ଦେଇଥିଲା ଓ ମୁଁ ଖେଳିବା ଲାଗି ସେ ତାହାର ପୁରୁଣା ସ୍ଲେଞ୍ଜର୍ ର୍ୟାକେଟ୍‌ଟିଏ ମୋତେ ଦେଇଥିଲା । ସେ ମୋତେ ବୁଝାଇ କହି ଦେଇଥିଲା "ଦେଖ୍ ଖେଳରେ ଷ୍ଟାଇଲ୍-ଟାକୁ ଜଗିବୁ ।" ର୍ୟାକେଟ୍‌ର ଗ୍ରାଲନାଗୁଡ଼ିକ ଯେପରି ଗ୍ରେସ୍ ଫୁଲ ହୁଏ ସେଥିପ୍ରତି ନଜର ଦେଇଥିବୁ । ଖେଳରେ ହାରିଯାଆ ପଛେ ଗ୍ରେସ୍ ଫୁଲ୍ ର୍ୟାକେଟ୍ ଗ୍ରାଲନାକୁ ଛାଡ଼ିବୁ ନାହିଁ । ଗୁରୁଙ୍କର ଆଜ୍ଞା ଶିରୋଧାର୍ଯ୍ୟ କରି ମୋ ଷ୍ଟାଇଲ୍‌କୁ ମୁଁ ଖୁବ୍ ଜଗିଲି କିନ୍ତୁ କୌଣସି ପ୍ରତିଯୋଗୀତାରେ ମୁଁ କାହାରିକୁ ଜିତି ପାରିନି । ଟେନିସ୍ ନିଶା ମୋତେ ଏତେ ଘାରିଦେଇଥିଲା ଯେ ମୁଁ ପରୀକ୍ଷା ସମୟରେ ମଧ୍ୟ ସକାଳ ଓ ସନ୍ଧ୍ୟାରେ ରୀତିମତ୍ ଖେଳୁଥିଲି ।

ଥରେ ଜର୍ଜ କ୍ୟାପ୍‌ଟେନ୍ ଥିଲାବେଳେ ଟେନିସ୍ ପଡ଼ିଆରେ ଗୋଟିଏ ଦୁର୍ଘଟଣା ଘଟିଲା । ନିଶାକର ବର୍ମନ୍ ନାମରେ ଜଣେ ନୂଆ ପିଲା 'ଏ' ପଡ଼ିଆରେ ଖେଳିବା ଲାଗି ଜିଦି ଧରିଲା । ସେତେବେଳେ ଭଲ ଖେଳାଳୀମାନେ ସେଠି ଖେଳିବା ଲାଗି ଛିଡ଼ା ହୋଇଥା'ନ୍ତି । ନିଶାକର ନୂଆହୋଇ ର୍ୟାକଟ୍ ଧରି ଶିଖିଥାଏ । ସେ ଖେଳିବାକୁ ଜିଦ୍ ଧରିବାରୁ ଜର୍ଜ ତାକୁ କହିଲା—"ଏ ଭଲ ଭଲ ଖେଳାଳୀମାନେ ଗୋଟିଏ ଗୋଟିଏ ଗେମ୍ ଖେଳିସାରନ୍ତୁ ତା'ପରେ ତୁ ଖେଳିବୁ ।" ସେ ଜିଦ୍‌ଖୋର୍ ହୋଇ କହିଲା—"ନାଁ ମୁଁ ଆଗ ଖେଳିବି ।" ଆମର ଟେନିସ୍‌ର ଆଉ ଗୋଟିଏ 'ବି' ପଡ଼ିଆ ଥାଏ । ଅବଶ୍ୟ ତାହା ଟିକେ ଖଣ୍ଡିଆ ମଣ୍ଡିଆ ଥାଏ । ଜର୍ଜ ତାକୁ ସେଇ ପଡ଼ିଆକୁ ତଡ଼ି ଦେଲା । ସେ ଟିକେ ତେରିମେରି ହେଲାରୁ ଜର୍ଜ ତାର ବିଶ୍ୱମୂର୍ତ୍ତି ଦେଖାଇ ସେଠାରୁ ବଳପୂର୍ବକ ଘଉଡ଼ାଇ ଦେଲା । ନିଶାକର ସେଠାରୁ ଗ୍ରାଲିଗଲା ଏବଂ କିପରି ପ୍ରତିଶୋଧ ନେବ ତା'ର ଉପାୟ ସ୍ଥିର କଲା । ସେ ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ୍ ମେଜର୍ ଗୁପ୍ତଙ୍କ ଘରକୁ ପ୍ରତି ସନ୍ଧ୍ୟାରେ ନିୟମିତ ରୂପେ ଯାଉଥିଲା ଓ ହଷ୍ଟେଲ୍ ପିଲାଙ୍କର ସବୁପ୍ରକାର ଗୋଇ ସେଠାରେ ଖୋଲୁଥିଲା । ଏହିପରି ବାଟରେ ସେ ମେଜର୍ ଗୁପ୍ତଙ୍କ ପ୍ରିୟପାତ୍ର ହେବାକୁ ଚେଷ୍ଟା କରୁଥିଲା । ମେଜର୍ ଗୁପ୍ତ କିଛି ନବୁଝି ସୁପରିନ୍‌ଟେଣ୍ଡେଣ୍ଟ୍ କର୍ଣ୍ଣେଲ ପାଲିତ୍‌ଙ୍କ ପାଖରେ ଜର୍ଜର ଉଦ୍ଧତପଣିଆ ବିଷୟରେ କହି ଜର୍ଜକୁ କ୍ୟାପ୍‌ଟେନ୍ ପଦରୁ କାଢ଼ିଦେଇ ଆଉ ଜଣେ ପିଲାକୁ ନିଯୁକ୍ତ କରିବାଲାଗି ସୁପାରିଶ୍ କରିଦେଲେ । ମେଜର୍ ଗୁପ୍ତଙ୍କ ଇଚ୍ଛାଥିଲା ଜଣେ ବଙ୍ଗାଳୀ ପିଲାକୁ କ୍ୟାପ୍‌ଟେନ୍ ପଦରେ ରଖିବେ । କିନ୍ତୁ କର୍ଣ୍ଣେଲ୍ ପାଲିତ୍ ଜର୍ଜକୁ କାଢ଼ିଦେଇ ତା ଯାଗାରେ ଆଉ ଜଣେ ଓଡ଼ିଆ ପିଲା ନାରଣ ବେହେରାକୁ ନିଯୁକ୍ତି ଦେଲେ । ନିଶାକର ବର୍ମନ୍ ଯୋଗୁଁ ଏପରି ଏକ ଅପମାନସୂଚକ କାମ ହୋଇ-ଗଲା ବୋଲି ସମସ୍ତେ ଜାଣି ପାରିଲେ । ଦିନେ ସନ୍ଧ୍ୟାରେ ନିଶାକର ସାଙ୍ଗରେ ତେରି ମେରି ହେଉ ହେଉ ବହୁପିଲା ତାକୁ ବେଢ଼ିଯାଇଁ ମାଡ଼ମାରି ଲହୁଲୁହାଣ କରି ପକା-ଇଲେ । ଫଳରେ ଓଡ଼ିଆ ଓ ବଙ୍ଗାଳୀ ଛାତ୍ରମାନଙ୍କ ଭିତରେ ତୀବ୍ର ବିରୋଧ ଭାବ ତେଜି ଉଠିଲା । ଏତିକିବେଳେ ଆଉ ଗୋଟିଏ ଘଟଣା ବିରୋଧଭାବକୁ ଆହୁରି ବଢ଼ାଇ ଦେଇଥିଲା । ସେତେବେଳେ ଅନେକ ଓଡ଼ିଆ ପିଲା ହଷ୍ଟେଲ୍ ଭଡ଼ା ନଦେଇ ସୁଦ୍ଧା ଜବର-ଦଖଲ କରି ରହୁଥିଲେ । ଏମାନଙ୍କୁ ପୂର୍ବରୁ କର୍ତ୍ତୃପକ୍ଷ କିଛି କହୁ ନଥିଲେ । ପୂର୍ବରୁ

Digitized by srujanika@gmail.com

ଏହିପ୍ରଥା ପରମ୍ପରାକ୍ରମେ ଗଢ଼ି ଆସୁଥିଲା । ଏମାନଙ୍କର କୈଫିୟତ୍ ହୋଇଥିଲା ଯେ ଆମକୁ କର୍ତ୍ତୃପକ୍ଷ କାହିଁକି ପାସ୍ କରାଇ ନଦେଲେ । ଆମେ ତ ଫେଲ୍ ହେଲୁ, ଘରେ ତ ଆମକୁ ଟଙ୍କା ଦେବେ ନାହିଁ, ଆମେ ହଷ୍ଟେଲ ଭଡ଼ା କେମିତି ଦେବୁ ? ସ୍କୁଲ୍ ଅଫିସ୍‌ର ହେଡ୍‌କ୍ଲର୍କ ଜାମିନୀବାବୁ ଭଡ଼ା ନ ଦେଇଥିବା ପିଲାମାନଙ୍କର ନାଆଁ କାଢ଼ି ବୋର୍ଡରେ ମାରିଦେଲେ । ସେଥିରେ ସୁପରିନ୍‌ଟେଣ୍ଡେଣ୍ଟ୍‌ଙ୍କ ଆଦେଶ ଥିଲା ଯେ ଏହି ପିଲାମାନେ ତିନିଦିନ ଭିତରେ ଘରଛାଡ଼ି ଚାଲିଯିବେ । ଏଥିରେ ପିଲାମାନେ ଆହୁରି ଉତ୍ତ୍ୟକ୍ତ ହୋଇ-ପଡ଼ିଥିଲେ । ସେହି ପିଲାମାନେ ଅବଶ୍ୟ ଭଡ଼ାଦେଇ ପୁନର୍ବାର ହଷ୍ଟେଲ୍‌ରେ ରହିଲେ । ମୁଁ ମଧ୍ୟ ସେମାନଙ୍କ ଭିତରୁ ଜଣେ ଥିଲି ।

ଏଥିମଧ୍ୟରେ ମୋର ତୃତୀୟ ବାର୍ଷିକ ଶ୍ରେଣୀରେ ଫେଲ୍‌ପର୍ବ ଆରମ୍ଭ ହୋଇ-ଯାଇଥାଏ । ପରୀକ୍ଷା ଦେବାର ମୋର କୋତେଇ ନଥାଏ କି ଫେଲ୍ ହେବାର ମଧ୍ୟ କୋତେଇ ନଥାଏ । ସାଙ୍ଗପିଲାମାନେ ମନେ ମନେ ଧରିନେଇ ଥାଆନ୍ତି ମୋର ଏଇଠି ଇସ୍ତମରାରି ପଟ୍ଟା ହେଇଯିବ । ହଷ୍ଟେଲରେ ମୁଁ ଯେଉଁ ରୁମ୍‌ରେ ରହୁଥିଲି ଓ ଯେଉଁ ଖଟକୁ ଅଧିକାର କରିଥିଲି ସେଥିରେ ପୂର୍ବରୁ ଜଣେ ପିଲା ରହି ଫେଲ୍ ହେବାରେ ରେକର୍ଡ ଦେଇଥିଲେ । ସେ ସର୍ବମୋଟ ୯ ବର୍ଷ ଫେଲ୍ ହୋଇଥିଲେ । ମୋ ସାଙ୍ଗ-ମାନେ କହିଲେ ସେ ଅଲକ୍ଷଣା ଖଟରେ କେହି ରହନ୍ତି ନାହିଁ । ତୁ ସେଠି ରହିଲେ ତୋ ବାଳ ପାଚିଯିବ, କିନ୍ତୁ 'ପାଶ୍ କରି ପାରିବୁ ନାହିଁ । ମୁଁ 'ଫୁଃ'କରି କଥାଟାକୁ ଉଡ଼େଇଦିଏ । ଫେଲ୍ ଓ ପାଶ୍ ମୋ ମନରେ କିଛି ଚିହ୍ନ ଆଙ୍କି ପାରନ୍ତି ନାହିଁ । ବହି ଛଡ଼ା ଅନ୍ୟାନ୍ୟ କାର୍ଯ୍ୟରେ ମୁଁ ନିଜକୁ ସବୁବେଳେ ବୁଡ଼ାଇ ରଖିଥାଏ । ତୃତୀୟ ବାର୍ଷିକ ଶ୍ରେଣୀରେ ଛଅଟି ବିଷୟ ପଢ଼ିବାକୁ ପଡୁଥିବାବେଳେ ବୋର୍ଡ ପରୀକ୍ଷା ମାତ୍ର ତିନୋଟି ବିଷୟରେ ଥିଲା—ପାଥୋଲଜି, ଜୁରିସ-ପ୍ରୁଡ଼େନ୍‌ସ ଓ ହାଇଜିନ୍ ଏ ତିନିଟି ମଧ୍ୟରୁ ପାଥୋଲଜିଟି ମୋର ଅତି ପ୍ରିୟ ଥିଲା । କାରଣ ଏହି ବିଷୟରେ ପ୍ରାକ୍ଟିକାଲ୍-ଗୁଡ଼ିକ ବେଶି ଥିଲା । ତେଣୁ ମୋତେ ଏ ବିଷୟଟି ଭାରି ଭଲ ଲାଗୁଥିଲା । ପାଥୋଲଜିର ଡ଼ିମୋନ୍‌ଷ୍ଟ୍ରେଟର ଥିଲେ ଶ୍ରୀଯୁକ୍ତ ବିଶ୍ୱନାଥ କର । ସେ ମୋର ପ୍ରାକ୍ଟିକାଲ୍ କାମଗୁଡ଼ିକ ଦେଖି ମୋତେ ଖୁବ୍ ସ୍ନେହ କରୁଥିଲେ । ସେ ଏତେଦୂର ମୋ ଉପରେ ସନ୍ତୁଷ୍ଟ ଥିଲେ ଯେ ପରେ ପାଥୋଲଜି ମ୍ୟୁଜିୟମ୍ ସମ୍ଭାରର ଭାର ସେ ମୋ ଉପରେ ପୂରାପୂରି ଛାଡ଼ିଦେଇଥିଲେ । ଏହି ସମୟରେ ମ୍ୟୁଜିୟମ ଓ ଲାବୋରେଟରିରେ ଥିବା ପ୍ରାୟ ସବୁ ଯନ୍ତ୍ରପାତି କଢ଼ାଇ ତାହାର ସମସ୍ତ ଅଂଶବିଶେଷ ଓ ବ୍ୟବହାର ବିଧିସବୁ ପଢ଼ିନେଇ ସେ ସବୁର ଚାଳନା କରିବାର କୌଶଳ ମଧ୍ୟ ଜାଣିଯାଇଥିଲି । ସେ ପର୍ଯ୍ୟନ୍ତ ବ୍ୟବହୃତ ହୋଇନଥିବା କେତେକ ଅଣୁ-ବୀକ୍ଷଣଯନ୍ତ୍ର ବିଷୟରେ ବେଶ୍ ଜ୍ଞାନଲାଭ କରିଗଲି । ଅକାମି ଘୋଷିତ ହୋଇ ଗଦାରେ ପଡ଼ିଥିବା ଅନେକ ଯନ୍ତ୍ରପାତି ମୁଁ ସଜାଡ଼ି ଦେଇଥିଲି । ମୋର ଏସବୁ କାରବାର ଦେଖି ମୋର ସାଙ୍ଗ ପିଲା କେତେ ଜଣ ମୋ ଉପରେ ବିରକ୍ତ ହୋଇ କହିଲେ—ତୁ ଏସବୁ କାହିଁକି କରୁଚୁ ? ଏସବୁ ପ୍ରାକ୍ଟିକାଲ୍ ବିଷୟ ଯଦି ପରୀକ୍ଷାବେଳେ ଆମ ଉପରେ ଲଦା ହୁଏ ତେବେ ଆମେ ଗୁଡ଼ାଏ ହଇରାଣ ହେବୁ ସିନା !

Digitized by srujanika@gmail.com

ବହିପାଠ ଗୁଡ଼ାକ କିନ୍ତୁ ମୋର ବୋଲ ମାନୁ ନଥିଲେ । ପ୍ରାକ୍‌ଟିକାଲ୍‌ରେ ମୁଁ ସବୁ ବିଷୟ ସୁଗ୍ରୁରୂପେ କରିବା ସତ୍ତ୍ୱେ ଲିଖିତ ପରୀକ୍ଷାରେ ମାଙ୍କଡ଼ଚିତ୍ ମାରୁଥିଲି । କେତେଥର ମାଙ୍କଡ଼ଚିତ୍ ମାରିବା ପରେ ପାଥୋଲଜିରେ ମୋର ସିଙ୍ଗଲ୍ ସବ୍‌ଜେକଟ୍ ପରୀକ୍ଷା ଦେବାକୁ ପଡ଼ିଲା । ଏହି ସମୟରେ ଲାଇବ୍ରେରୀର ସବୁଗୁଡ଼ାକ ପାଥୋଲଜି ବହି ପଢି ପକାଇ ଥିଲି । ସେ ବର୍ଷ ପରୀକ୍ଷାବେଳେ ପାଟନା ମେଡ଼ିକାଲ୍ କଲେଜର ପାଥୋଲଜି ପ୍ରଫେସର କର୍ଣ୍ଣେଲ ଡନ୍‌କାନ୍ ପରୀକ୍ଷକ ଥିଲେ । ତାଙ୍କ ବିଷୟରେ ମୁଁ ତଥ୍ୟ ସଂଗ୍ରହ କଲି । ସେ କୁଆଡ଼େ ଗ୍ରହୁଁଥିଲେ ଖାତାରେ ପୂରାଏ ଲେଖା ହେବା ଦରକାର । ସେଥିରେ କିଛି ମଶଲା ଥାଉ ବା ନ ଥାଉ । କୌଣସି ପରୀକ୍ଷାରେ ମୁଁ ଗୋଟିଏ ଖାତାର ଅଧେ ଲେଖି ପାରୁ ନ ଥିଲି । ସେ ବର୍ଷ ମୁଁ ଗ୍ରରିଟି ପ୍ରଶ୍ନର ଉତ୍ତର ଦେବାରେ ଗ୍ରରିଟି ଖାତା ପୂର୍ଣ୍ଣ କରିଦେଲି । ଉତ୍ତରରେ ଅଳ୍ପ ମାତ୍ର ମଶଲାକୁ ବନେଇଚୁନେଇ ଓ ତାହାର ଇତିହାସ ସବୁ ଲେଖି, ବହୁ ସାହେବ ଗବେଷକଙ୍କ ନାମ ଓ ସେମାନଙ୍କ ଘରୋଇ ଜୀବନ ବିଷୟରେ ମଧ୍ୟ ଲେଖି ଦେଇଥିଲି । ସେଥିମଧ୍ୟରେ ମିଛ ବି କିଛି ବ୍ୟବହାର କରିଥିଲି । ମୁଁ ଭଲଭାବରେ ଜାଣିଥିଲି ପାଥୋଲଜି ଗବେଷଣାଟା ଏଡ଼େ ବ୍ୟାପକ ଯେ ସେଥିରେ ଲାଗିଥିବା ଅସଂଖ୍ୟ ଗବେଷକଙ୍କ ନାମ ମନେରଖିବା କାହାପକ୍ଷରେ ସମ୍ଭବ ନୁହେଁ । ଫଳରେ ଗ୍ରରୋଟି ଖାତା ଶେଷ ହୋଇଗଲା । ମୌଖିକ ଓ ପ୍ରାକ୍ଟିକାଲ୍ ପରୀକ୍ଷା ପାଇଁ ସେ ଆସିଲେ । ତାଙ୍କର ମୂର୍ତ୍ତି ଦେଖି ମୁଁ ଘାବରେଇ ଯାଇଥିଲି । ମୋ ଉଚ୍ଚତାରୁ ସେ ପ୍ରାୟ ଦେଢ଼ା ଥିଲେ । ପୂରାଏ ଆଗଡ଼ମ୍ବା ନିଶ ତାଙ୍କୁ ଆହୁରି ଭୀଷଣ କରି ଦେଇଥିଲା । ମୂତ୍ର ପରୀକ୍ଷା ଓ ସାମାନ୍ୟ ଦୁଇ ତିନୋଟି ପ୍ରଶ୍ନ ପଗ୍ରରିଦେଇ ସେ ମୋତେ ବିଦାୟ ଦେଲେ । ତାଙ୍କ ମୁଖମଣ୍ଡଳରେ ସନ୍ତୋଷର ଟିକିଏ ଆଭା ଦେଖି ମୁଁ ସଲାମବଜାଇ ଗ୍ରଲି ଆସିଲି ଓ ତୃତୀୟ ବାର୍ଷିକ ଶ୍ରେଣୀକୁ ଚିର ବିଦାୟ ଦେଇ ଉପରକୁ ଗଲି ।

ମୋର ହିନ୍ଦୀ କଥନ ପରୀକ୍ଷା ପୂର୍ବରୁ ମୋର ପ୍ରସ୍ତୁତି ଦେଖି ସାଙ୍ଗମାନେ ଠିକ୍ କରି ନେଇଥିଲେ ଯେ ଏଥରକ ମୁଁ ନିଶ୍ଚୟ ପାଶ କରିବି । ତାହାହିଁ ହେଲା । ଏହି ତୃତୀୟ ବାର୍ଷିକ ଶ୍ରେଣୀ ସମୟର ଘଟଣାବଳୀ ବହୁଭାବରେ ମୋ ମନରେ ଆଙ୍କି ହୋଇଯାଇଥିଲା । ଥରେ ମୁଁ କଲେଜ ଓ୍ୱାର୍ଡ଼ ଡ୍ୟୁଟିରେ ଥିଲି । ମୋତେ ହିନ୍ଦୀ ମୋଟେ କହି ଆସୁନଥିଲା । ଦିନେ ଦେଖିଲି କଲେଜ ଓ୍ୱାର୍ଡରେ ଗୋଟିଏ ରୋଗୀ ପଡ଼ିଚି । ସେ ଲୋକଟି ହିନ୍ଦୁସ୍ଥାନୀ । ସେ ହିନ୍ଦୀ ଛଡ଼ା ଓଡ଼ିଆ କି ଇଂରାଜୀ କିଛି ଜାଣେ ନାହିଁ । ମୁଁ ତା କାର୍ଡରେ ଦୈନିକ ବିବରଣୀ ଲେଖିବାକୁ ଯାଇଁ ତାକୁ ପଗ୍ରରିଲି—ତୁମର କେଇଟା ଝାଡ଼ା ହୋଇଛି ? ସେ କିଛି ବୁଝି ନପାରି ଚୁପ୍‌ଗ୍ରପ୍ ରହିଲା । ମୁଁ କ'ଣ କହିଲି- "ମୁଁ ପଗ ପଗ୍ରରୁଚି ତୁମର କେତେଟା ଝାଡ଼ା ହେଇଚି ?" ସେ ହିନ୍ଦୀରେ ଉତ୍ତର ଦେଲା—"ଆପଣ କ'ଣ କହୁଛନ୍ତି ମୁଁ କିଛି ବୁଝି ପାରୁ ନାହିଁ ।" ମୁଁ ଇଂରାଜୀରେ ପଗ୍ରରିଲି- ସେ ସେହିପରି ଉତ୍ତର ଦେଲା- "ମୁଁ କିଛି ବୁଝିପାରୁ ନାହିଁ ।" ମୋତେ ତ ହିନ୍ଦୀ ବିଲ୍‌କୁଲ୍ ଆସୁନଥାଏ । ହଜାରିବାଗରୁ ଆସି ପଢୁଥିବା ଏକ ସିସ୍‌ଟର୍ ଦୁଆରମୁହଁ ପାଖରେ ଲୁଚିରହି ମୋର ହଇରଣ ହେବା ଦେଖୁଥିଲା । ଟିକିଏ ଭଲ କରି ଦେଖିବ ବୋଲି ସେ ମୋତେ ସାହାଯ୍ୟ କଲା ନାହିଁ ।

Digitized by srujanika@gmail.com

ମୁଁ ରୋଗୀକୁ ପଚାରିଲି– "ହେ ତୁମର ହଗ୍ ହୁଆ ।" ସେ ପୁଣି ବିରକ୍ତ ହୋଇ ନ ବୁଝିପାରିବା କଥା କହିଲା । ମୁଁ ପୁଣି ଚେଷ୍ଟା କଲି । ହଗିବା ସମୟର କୁନ୍ଥନ ତାକୁ ଦେଖାଇ, ପିଛଆଡ଼କୁ ହାତ ନେଇ ମଳ ବାହାରିବାର ଅଭିନୟ କରି ପୁଣି ପଚାରିଲି "କେଇଥର ହଗ୍ ହୁଆ ।" ସିସ୍‌ଟର୍‌ଟି ପଦାରେ ଥାଇ ଫେଁକରି ହସିଉଠିଲା ଏବଂ ଭିତରକୁ ପଶିଆସି ତାକୁ ହିନ୍ଦୀରେ ପଚାରିଦେଲା ଏବଂ ଉତ୍ତର ମୋତେ କହିଦେଇ ପଳାଇଲା ଓ ଜେନେରଲ ୱାର୍ଡ଼କୁ ଯାଇ ତା'ର ସଙ୍ଗିନୀ ମାନଙ୍କୁ ମୋର ହିନ୍ଦୀ ଜ୍ଞାନ ବିଷୟ କହିଦେଲା । କଲେରା ୱାର୍ଡ଼ କାମସାରି ମୁଁ ଜେନେରଲ୍ ୱାର୍ଡ଼କୁ ଆସିଲି । ସେଠି ଥିବା ରୋଗୀମାନଙ୍କର କାର୍ଡ ଦେଖିଲାବେଳେ ସେଠାରେ ସିସ୍‌ଟର୍ ସେ ରୋଗୀକୁ ପଚାରିଲା–"ତୁମାର ହଗ୍ ହୁଆ ?" ସେ ଭକୁଆ ହୋଇ ତାଙ୍କ ମୁହଁକୁ ଚାହିଁଲା । ମୁଁ ଚମକିପଡ଼ି ଭାବିଲି–ଏ କେମିତି ଜାଣିଲା ? ବୋଧହୁଏ ସେ ସିଷ୍ଟର୍ ଆସି କହିଚି । ଏ କଥା କ୍ରମେ ସମସ୍ତେ ଜାଣିଗଲେ । କୌଣସି ସିଷ୍ଟର୍ ରୋଗୀ ପାଖରେ ଥିବା ବେଳେ ମୁଁ ସେଠାକୁ ମୋଟେ ଗଲିନି । ସାଙ୍ଗମାନେ ଏକଥା ଶୁଣି ହୋ ହୋ ହୋଇ ହସିଲେ । ଏହାପରେ ମୁଁ ହିନ୍ଦୀ ଶିଖିବା ଲାଗି ଟିକିଏ ଆଗ୍ରହ ପ୍ରକାଶ କଲି ।

ଆଉ ଗୋଟିଏ ଘଟଣା ଏହି ସମୟରେ ମୋ ମନରେ ଖୁବ୍ ଛାପ ପକାଇ ଥିଲା ଯାହାକି ମୋର ପ୍ରଥମ ପୁସ୍ତକ 'ନାକଟା ଚିତ୍ରକର'ରେ ବର୍ଣ୍ଣନା କରିଚି । ଥରେ ଅତି ଭୀଷଣ ଝଡ଼ତୋଫାନ ହୋଇ ହଷ୍ଟେଲର ଝରକା କେତେଟା ଉଡ଼ାଇ ନେଲା । ଗୋଟିଏ ଲୋକ ସେଇ ଝଡ଼ ତୋଫାନରେ ଛତାଟିଏ ଧରି ଡାକ୍ତରଖାନା ଆଡ଼େ ଯାଉଥିଲା । ଆମେ କେତେଜଣ ତାକୁ ଚାହିଁ କଥାବାର୍ତ୍ତା ହେଲୁ–ଲୋକଟି କେଡ଼େ ବୋକା ! ଏ ଝଡ଼ରେ ପୁଣି ଛତା ! ଏହି ସମୟରେ ତା ଛତାଟି ଫଟ୍‌କରି ଲେଉଟି ପଡ଼ିଲା । ସେ ଦୁଇ ହାତରେ ଛତାଟିକୁ ସମ୍ଭାଳିଲା ବେଳକୁ ତା ପିନ୍ଧା ଗାମୁଛାଟି ଭଡ଼୍‌କରି ଦେହରୁ ଖସି ଚାଲିଗଲା । ସେ ଗାମୁଛାକୁ ସମ୍ଭାଳୁ ସମ୍ଭାଳୁ ଛତାଟି ତା ହାତରୁ ଖସି ଚାଲିଗଲା । ଉଲଗ୍ନ ଅବସ୍ଥାରେ ଗାମୁଛାଟିକୁ ଗୋଟିଏ ହାତରେ ଧରି ସେ ଛତା ପଛରେ ଦଉଡ଼ିଲା ।

ସେହି ସମୟରେ ଭୀଷଣ କଲେରା ଲାଗିଥିଲା । କଲେରା ୱାର୍ଡ଼ ପାଖରେ ତମ୍ବୁ ପଡ଼ି ସେଥିରେ ଡାକ୍ତର ଓ ଛାତ୍ର ଚାରିଜଣ ରହିଥିଲେ । ସେ ତମ୍ବୁଟି ଉପୁଡ଼ିଯାଇ ସମସ୍ତଙ୍କୁ ମାଡ଼ିବସିଲା । କିଛି ସମୟପରେ ଡାକ୍ତରଖାନା କର୍ମଚାରୀମାନେ ଦୁର୍ଦ୍ଦଶାଗ୍ରସ୍ତ ତମ୍ବୁକୁ ଦେଖିପାରିଲେ ଓ ଦଉଡ଼ାଦଉଡ଼ି କରି ଯାଇଁ ସେମାନଙ୍କୁ ତମ୍ବୁରୁ ଉଦ୍ଧାର କଲେ ।

ଆଉ ଗୋଟିଏ ଘଟଣା ଏଠାରେ ଉଲ୍ଲେଖଯୋଗ୍ୟ । ଡାକ ବିଭାଗର ଜଣେ ପ୍ରୌଢ଼ କର୍ମଚାରୀ ଜଣେ ଡାକ୍ତରୀ ଛାତ୍ରୀଙ୍କ ପ୍ରତି ଏକ ପାଖିଆ ଆକୃଷ୍ଟ ହୋଇ କିପରି ତାଙ୍କୁ ନିଜର ପ୍ରେମ ନିବେଦନ କରିବେ ସେଥିଲାଗି ତାଙ୍କର ଜଣେ ଛାତ୍ର ବନ୍ଧୁଙ୍କର ଶରଣାପନ୍ନ ହେଲେ । ସେ ଛାତ୍ରଟି ସହ ତାଙ୍କର ଖୁବ୍ ଘନିଷ୍ଠତା ଥିଲା । ଏପରି ଅସଙ୍ଗତ କାର୍ଯ୍ୟରୁ ନିବୃତ୍ତ ହେବା ଲାଗି ଛାତ୍ରଟି ତାଙ୍କୁ ପରାମର୍ଶ ଦେଇ କହିଲେ–ମୋର ସେ ଛାତ୍ରୀ ସହ କୌଣସି କଥାବାର୍ତ୍ତା ନାହିଁ । ତା ସହିତ ରାମମିଶ୍ରର ଖୁବ୍ ମିଳାମିଶା ଅଛି । ତୁମେ ତାକୁଇ ଧର । ସେ ଇଚ୍ଛାକଲେ ତୁମକୁ ସାହାଯ୍ୟ କରି ପାରିବ । ଏହା କହି ତାହାଙ୍କୁ ସେ ବିଦାୟ ଦେଲା । ଏହାପରେ ସେ ଛାତ୍ରଟି ମୋ ରୁମ୍‌କୁ ଆସି ଏକାନ୍ତରେ

Digitized by srujanika@gmail.com

କହିଲା--ରାମବାବୁ ମୋତେ କ୍ଷମା ଦେବ । ମୁଁ ସେ ବୋକାର କବଳରୁ ରକ୍ଷା ପାଇବା-ଲାଗି ଏପରି କହିଦେଇଚି, କଥାଟାକୁ ଚଳେଇ ଦେବ । ମୁଁ ଭାରି ବିରକ୍ତ ହେଲି । ତାହାର କାକୁତି-ମିନତି ଦେଖି ଆଉ କିଛି କହି ପାରିଲି ନାହିଁ । ଦିନକ ପରେ ସେହି ପ୍ରେମପାଗଳ ପୌଢ଼ଟି ମୋ ପାଖକୁ ଆସି ମୋତେ ବହୁତ ସମ୍ମାନ ଦେଖାଇଲା । ମୁଁ ମୋ ବନ୍ଧୁର କଥା ମନେ ପକାଇଲି । ସେ ନିର୍ଲଜ୍ଜ ମଧ୍ୟ ସେ ଛାତ୍ର ଦ୍ୱାରା ଉପବିଷ୍ଟ ହୋଇ ମୋ ପାଖକୁ ଆସିଛି ବୋଲି କହି ତା'ର ଉଦ୍ଦେଶ୍ୟ ଜଣାଇଲା । ମୁଁ ତା ମୁହଁକୁ ଚାହିଁ ଦେଖିଲି ତା'ର ଦୁଇ କଲିବାଳ ଓ କିଛି ଆଗବାଳ ପାଚି ଯାଇଛି । ତା'ର ସବୁ ବକ୍ତବ୍ୟ ଶୁଣିବାପରେ ମୁଁ ତାକୁ ପଚାରିଲି—"ତୁମେ ତା ସଙ୍ଗରେ କେବେ କଥାବାର୍ତ୍ତା କରିଛ ?" ସେ କହିଲା—"ନା ! ମୁଁ ପୁଣି ପଚାରିଲି—"ତେବେ ତୁମ ପ୍ରତି ତା'ର ଆକର୍ଷଣ ଅଛି ବୋଲି ଜାଣିଲ କେମିତି ?" ସେ ପୁଣି କହିଲା—"ମୁଁ ଅନେକ ଥର ତା'ର ବାନ୍ଧବୀମାନଙ୍କ ସହିତ ହସଖୁସି ଗପ କରି ସାନ୍ଧ୍ୟ ଭ୍ରମଣ କରୁଥିବାବେଳେ ତାଙ୍କ ଆଡ଼କୁ ଚାହିଁ ତାଙ୍କ ପାଖ ଦେଇ ଯାଇଛି । ମୋ ଉପରେ ତାଙ୍କର ଦୃଷ୍ଟି ପଡ଼ିଲାବେଳେ ସେ ହସୁଥିଲେ । ଆପଣ ଟିକିଏ ତାଙ୍କ ସହ ମୋର ପରିଚୟ କରାଇ ଦିଅନ୍ତୁ ।" ଆଉ ଅଧିକ ତାଙ୍କ ସହ କଥାବାର୍ତ୍ତା ନକରି ଓ ଚେଷ୍ଟା କରିବାର ପ୍ରତିଶ୍ରୁତି ଦେଇ ବିଦାୟ ଦେଲି । ମନେ ମନେ ଭାବିଲି କି ଅଜବ ଲୋକ, ସେ ହୁଏତ ହସୁ ହସୁ ମୁହଁ ବୁଲେଇଲାବେଳେ ଏ ପାଗଳ ବାଟୋଇଟିକୁ ଚାହିଁ ଦେଇଥିବ । ବୋକାଟା ତାକୁଇ ପ୍ରେମ ନିବେଦନ ବୋଲି ମନେ ମନେ ଗ୍ରହଣ କରି ନେଇଛି । ଉପରୋକ୍ତ ତିନୋଟି ଘଟଣା ନାକଟା ଚିତ୍ରକରରେ ବର୍ଣ୍ଣିତ ହୋଇଚି ଓ ଶେଷୋକ୍ତ ଘଟଣାଟି ସେହି ଉପନ୍ୟାସର ମୂଳପିଣ୍ଡ ହୋଇଛି । ବସ୍ତୁତଃ ମୋ ମେଡ଼ିକାଲ ଜୀବନର ବହୁ ଘଟଣା ସେହି ବହିଟିରେ ଛାପ ପକାଇଛି ।

ସେହି ସମୟରେ ତୃତୀୟବର୍ଷର ଛାତ୍ରମାନଙ୍କୁ ସ୍କୁଲ ଥିଏଟର୍‌ର ପ୍ରଧାନ ଭୂମିକା ଗ୍ରହଣ କରିବାକୁ ପଡୁଥିଲା । ଚାନ୍ଦା ଆଦାୟଠାରୁ ଥିଏଟର ଶେଷ ପର୍ଯ୍ୟନ୍ତ ସମସ୍ତ କର୍ମରେ ମୁଁ ଅଗ୍ରଣୀ ଥିଲି । ନୂଆ ଓଡ଼ିଆ ନାଟକର ଅଭାବ ଥିବାରୁ ଅନେକ ସମୟରେ ବଙ୍ଗଳା ନାଟକକୁ ଓଡ଼ିଆରେ ଅନୁବାଦ କରାଇ ଅଭିନୟ କରା ଯାଉଥିଲା । ଅଶ୍ୱିନୀ-ଘୋଷ ଓ ଲାଲା ନଗେନ୍ଦ୍ରନାଥ ରାୟଙ୍କ ପାଖକୁ ବାରମ୍ବାର ଦୌଡ଼ି ସେମାନଙ୍କୁ ବହୁ ଖୋଷାମତ କରି ଲେଖା ସଂଗ୍ରହ କରିବାକୁ ପଡୁଥିଲା । ନାଟକ ଶିକ୍ଷକ ରୂପେ ସ୍କୁଲର ଡ଼ିମନଷ୍ଟ୍ରେଟର ଶ୍ରୀ ଆଶୁତୋଷ ରକ୍ଷିତ ଓଡ଼ିଆ ନାଟକର ନିର୍ଦ୍ଦେଶ ଦେଉଥିଲେ । ତାଙ୍କର ନିର୍ଦ୍ଦେଶନା ଅତି ଚମତ୍କାର ଥିଲା । ସେ ବଦଳି ହୋଇଯିବା ପରେ ବଳଙ୍ଗା ଆର୍ଟ ଥିଏ-ଟରର ଦଳାଇ ବାନାର୍ଜୀ ଆସି ନିର୍ଦ୍ଦେଶନା ଦେଲେ । ସେତେବେଳେ ଚତୁର୍ଥ ବାର୍ଷିକ ଶ୍ରେଣୀର ଛାତ୍ର ଶ୍ରୀ ଅଦ୍ୱୈତବଲ୍ଲଭ ମହାନ୍ତି ଗୀତଗୁଡ଼ିକର ରଚନା କରୁଥିଲେ ଏବଂ ସ୍ଥଳ ବିଶେଷରେ ନିର୍ଦ୍ଦେଶକଙ୍କ ସଙ୍ଗେ ପରାମର୍ଶ କରି ଲେଖାରେ ସାମାନ୍ୟ ପରିବର୍ତ୍ତନ କରାଉଥିଲେ । ଅଦ୍ୱୈତବଲ୍ଲଭ ମହାନ୍ତି ଅତି ଉଚ୍ଚକୋଟୀର ଅଭିନୟ ନିଜେ କରୁଥିଲେ । ସେ ପ୍ରଥମ ଓଡ଼ିଆ ଚଳଚିତ୍ର ସୀତା ବିବାହରେ ଲକ୍ଷ୍ମଣ ଭୂମିକାରେ ଅଭିନୟ କରି-ଥିଲେ । କଲିକତାର କାଳୀ ଷ୍ଟୁଡ଼ିଓରେ ସିନେମାର ସୁଟିଂ ସାରିବା ପରେ ସେ ଆସି

Digitized by srujanika@gmail.com

ହଷ୍ଟେଲରେ ଆମକୁ ତାଙ୍କର ଅଭିଜ୍ଞତା ବିଷୟ କହିଲେ । ସେ ଚିତ୍ର ଯେତେବେଳେ ପ୍ରଥମେ କଟକ ଆସିଲା ସେତେବେଳେ ମେଡିକାଲ ସ୍କୁଲର ପ୍ରାୟ ସମସ୍ତ ଓଡ଼ିଆ ପିଲା ଦେଖିବାକୁ ଯାଇଥିଲେ । ମୁଁ ସେହି ଚିତ୍ର ଦେଖି ଭବିଲି ବଙ୍ଗାଳୀମାନେ ଜାଣିଶୁଣି ଓଡ଼ିଆମାନଙ୍କୁ ହାସ୍ୟାସ୍ପଦ କରାଇବା ଲାଗି ଚିତ୍ରରେ ବହୁ କଦର୍ଯ୍ୟ ତ୍ରୁଟି ରଖାଇ ଦେଇଥିଲେ । ସେତେବେଳେ କେତୋଟି ବଙ୍ଗଳା ପତ୍ରିକାରେ ଓଡ଼ିଆଙ୍କୁ ଥଟ୍ଟା କରି ଲେଖା ବାହାରିଥିଲା–"ଏଥରକ ଓଡ଼ିଆମାନେ ଭବିବେ ଯେ ଏକ ଅଓଡ଼ିଆ ବାଇଶିକୋପ ସେମାନେ ଦେଖିଲେ ।" ଯଦିଓ ଏଇ ଚିତ୍ରରେ କେତେଗୁଡ଼ିଏ ଅବାଞ୍ଛିତ ତ୍ରୁଟି ରହିଥିଲା ତଥାପି ମୁଁ ଦେଖିଥିବା ଗୋଟିଏ ପୁରାତନ ବଙ୍ଗଳା ଛବି 'ହସ୍' ତୁଳନାରେ ଅଧିକ ଭଲ ଥିଲା । ବଙ୍ଗାଳୀମାନଙ୍କର ଏପରି ତାଚ୍ଛଲ୍ୟ ଦେଖି ମୋର ସେମାନଙ୍କ ପ୍ରତି ଘୃଣା ହୋଇ ଯାଇଥିଲା । ମୋହନ ସୁନ୍ଦର ଦେବ ଗୋସ୍ୱାମୀ ଏହାର ନିର୍ଦ୍ଦେଶନା ଦେଇଥିଲେ । କାଳୀ ଷ୍ଟୁଡ଼ିଓର ସେଟ୍ ନିର୍ମାତାମାନେ ଯାବତ ଗଣ୍ଡଗୋଳ କରିଥିଲେ । ଏଥିପାଇଁ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କୁ ଛାତ୍ରମହଲରେ ବହୁ ସମାଲୋଚନା ହୋଇଥିଲା । ପୁରୀରେ ଏହି ଚିତ୍ର ପ୍ରଦର୍ଶିତ ହେଉଥିବା ବେଳେ ଦଳେ ପୁରୀ ଜିଲ୍ଲାସ୍କୁଲ ଛାତ୍ର ଗୋଟିଏ ଧାଡ଼ିରେ ବସିଥିଲେ । ଚିତ୍ର ଆରମ୍ଭ ହୋଇଯିବା ପରେ କେତେବେଳେ ମୋହନ ଗୋସ୍ୱାମୀ ଯାଇଁ ସେମାନଙ୍କ ପଛରେ ବସିଥିଲେ ତାହା ସେମାନଙ୍କୁ ଜଣା ନ ଥିଲା । ଗୋଟିଏ ସ୍ଥାନରେ ନିର୍ଦ୍ଦେଶନା ନିମ୍ନ ଶ୍ରେଣୀୟ ହୋଇଥିବା ଦେଖି ଏହି ଛାତ୍ରମାନେ ଚିଲେଇ ଉଠିଲେ–ଏଇ ଶଳା ମୋହନ ଗୋସେଇଁ ଏଇଠି ସବୁ ସାଇଲା । ମୋହନ ଗୋସ୍ୱାମୀ ସଙ୍ଗେ ସଙ୍ଗେ ସେଇଠାରେ ପ୍ରତିବାଦ କରି ଉଠିଲେ–କୋଉଠି ଖରାପ ହେଲା, କେଉଠି ଖରାପ ହେଇଗଲା । ଛାତ୍ରମାନେ ଅପ୍ରସ୍ତୁତ ହୋଇ ସେ ସ୍ଥାନରୁ ଉଠିଯାଇ ଅନ୍ୟାନ୍ୟ ସ୍ଥାନରେ ବସିଲେ । ଏହି ଚିତ୍ରର ଅସଫଳତା ହେତୁ ବହୁଦିନ ଯାଏ ଦ୍ୱିତୀୟ ଚିତ୍ର ହୋଇପାରି ନଥିଲା ।

ଅଦ୍ୱୈତବଲ୍ଲଭ ମହାନ୍ତି ସେତେବେଳେ ମେଡିକାଲ ସ୍କୁଲର ଛାତ୍ର ଥିଲେ । ନାଟକ ପାଇଁ ଗୀତ ଲେଖିବାରେ ଓ ନାନା ପ୍ରକାର ଚିତ୍ର ଆଙ୍କିବାରେ ସମସ୍ତ ସମୟ ଲଗାଉ ଥିଲେ । ସେଥିଲାଗି ସେ ଚତୁର୍ଥ ବାର୍ଷିକ ଶ୍ରେଣୀରେ ବହୁଦିନ ଅଟକି ରହିଥିଲେ । ସେ କହୁଥିଲେ ତାଙ୍କର ମେଡିକାଲରେ ପଢିବାକୁ ଇଚ୍ଛା ନ ଥିଲା । ତାଙ୍କ ବାପା ବାଧ୍ୟ କରିବାରୁ ସେ ଆସି ମେଡିକାଲରେ ପଢିଲେ । ସେ କଳାର ଭଲ ଉପାସକ ଥିଲେ । ମେଡିକାଲ ଡ୍ରାମାରେ ସେ ଚମତ୍କାର ଅଭିନୟ କରୁଥିଲେ । ବେଳେ ବେଳେ ନିର୍ଦ୍ଦେଶନା ମଧ୍ୟ ଦେଉଥିଲେ । ତାଙ୍କର ଗ୍ଭଲିଚଳନ ଓ ପୋଷାକପତ୍ର ତାଙ୍କୁ ଏକ ଧନୀ ଓ ସମ୍ଭ୍ରାନ୍ତ ବଂଶର ଲୋକ ବୋଲି ଚିହ୍ନାଇ ଦେଉଥିଲା ।

ତୃତୀୟ ବାର୍ଷିକ ଶ୍ରେଣୀରେ ପଢିଲାବେଳେ କଟକର ମ୍ୟୁନିସିପାଲିଟି ପଡ଼ିଆରେ ଏକ ବିରାଟ ପ୍ରଦର୍ଶନୀ ହୋଇଥିଲା । ତାହାର ନାମ ଥିଲା 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଆଣ୍ଡ୍ ଆଗ୍ରିକଲଚରଲ ଏକ୍‌ଜିବିସନ୍' । ସେହି ସମୟରେ କଟକରେ କେବଳ ରେଭେନ୍ୟୁ କମିଶନର ହର୍‌ନ୍‌ଲି ସାହେବଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବଡ଼ ଅଫିସର ବଙ୍ଗାଳୀ ଥିଲେ । ଏଇ ବଙ୍ଗାଳୀମାନେ ଏହାର ଆୟୋଜନ କରିଥିଲେ । ମେଡ଼ିକାଲ ସ୍କୁଲର

Digitized by srujanika@gmail.com

ସୁପରିନ୍‌ଟେଣ୍ଡେଣ୍ଟ୍ ଲେଫ୍‌ନାଣ୍ଟ୍ କର୍ଣ୍ଣେଲ୍ ଅନାଥନାଥ ପାଲିତ୍ ଏ ପ୍ରଦର୍ଶନୀର ପ୍ରେସିଡେଣ୍ଟ୍ ଏବଂ ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ ମେଜର ଗୁପ୍ତ ସେକ୍ରେଟାରୀ ଥିଲେ । ଏପରି ଏକ୍‌ଜିବିସନ୍ କଟକ ସହରରେ ଅନେକ ଦିନ ପର୍ଯ୍ୟନ୍ତ ଆଉ ହୋଇ ନଥିଲା । ମେଡ଼ିକାଲ ସ୍କୁଲର ପ୍ରାୟ ସମସ୍ତ ବିଭାଗକୁ ନେଇ ଗୋଟିଏ ବଡ଼ ସେକ୍ସର୍ ସେଠାରେ ବସିଥିଲା । ମେଡ଼ିକାଲ ଛାତ୍ରମାନେ ଏଇ ଷ୍ଟଲମାନଙ୍କରେ ରହି ଲୋକମାନଙ୍କୁ ସ୍ୱାସ୍ଥ୍ୟ ବିଷୟରେ ବୁଝାଉଥିଲେ । ଅନ୍ୟମାନଙ୍କ ସହ ମୁଁ ମଧ୍ୟ ଗୋଟିଏ ଷ୍ଟଲରେ ରହି ବୁଝାଉଥିଲି । ମେଜର ଗୁପ୍ତଙ୍କର କର୍ମକୁଶଳତା ଓ ନେତୃତ୍ୱକୁ ସମସ୍ତେ ସାବାସୀ ଦେଇଥିଲେ । ଏଥିପାଇଁ କଲିକତାର ମିନର୍ଭା ଥିଏଟର ଆସିଥିଲା; ବହୁ ଦୋକାନ ମଧ୍ୟ ଆସିଥିଲା । ଏଇ କଲିକତା ଆଗତ ଦୋକାନୀମାନଙ୍କ ମଧ୍ୟରେ କେତେ ଜଣ ଅବାଂଛିତ ଲୋକ ମଧ୍ୟ ଥିଲେ । ସେମାନେ ମନେ ମନେ ଭାବୁଥିଲେ ଯେ ମୂର୍ଖ ଓ ଅସଭ୍ୟ ଓଡ଼ିଆମାନଙ୍କୁ ଜ୍ଞାନଦେବା ଲାଗି ସେମାନେ ଏଠାକୁ ଆସିଛନ୍ତି । କଟକର କେତେଜଣ ଅମଲା ଗୋଟିଏ ଫଟୋଗ୍ରାଫି ଷ୍ଟଲ୍ ପାଖରେ ଠିଆହୋଇ ତା ମାଲିକକୁ ପଚାରିଲେ—"ଏଠି କଅଣ ଦିନଗତି ସବୁବେଳେ ଫଟ ନିଆଯାଏ ?" ସେମାନଙ୍କର ପ୍ରଶ୍ନ ଟିକିଏ ବ୍ୟଙ୍ଗାତ୍ମକ ଥିଲା । ଷ୍ଟଲ୍‌ର ସେ ମାଲିକଟି ତାଙ୍କୁ ଟିକିଏ ଅଭଦ୍ରଭାବରେ ଉତ୍ତର ଦେଲା । ଜଣେ ଅମଲା ତାକୁ କହିଲା—"ସାଧାରଣ ସୌଜନ୍ୟ ଓ ବ୍ୟବହାର ଜଣା ନାହିଁ" । ସେ ଅତିଶୟ କ୍ଷିପ୍ତ ହୋଇ ଉଠି କହିଦେଲା, "ଯେମ୍‌ନି ବିଚ୍ଛିର୍ ଜାତ୍ ତେମ୍‌ନି ବ୍ୟବହାର କରତେ ହୟ ।" ଜାତି ନାଁଟା ନ ଧରିଥିଲେ ବିଶେଷ ଉତ୍ତେଜନା ଦେଖାଯାଇ ନଥାନ୍ତା । ଏଥିରେ ସେଠି ରୁଣ୍ଡ ହୋଇଥିବା ବହୁ ଓଡ଼ିଆ ଉତ୍‌କ୍ଷିପ୍ତ ହୋଇ ତା ସହ ତା ଷ୍ଟଲ୍ ଉପରେ ଚଢ଼ାଉ କରିବାକୁ ବାହାରି ପଡ଼ିଲେ । ଏ ଖବର ଚାରିଆଡ଼େ ରାଷ୍ଟ୍ର ହୋଇଯିବାରୁ ବହୁ ଲୋକ ସେଠାରେ ଯାଇଁ ରୁଣ୍ଡ ହୋଇଗଲେ । କେତେ ପୁଲିସ୍ ସେଠାକୁ ଦୌଡ଼ି ଆସିଲେ । ମେଜର ଗୁପ୍ତ ବି ଯାଇଁ ହଠାତ୍ ସେଠାରେ ପହଞ୍ଚିଗଲେ । ସେ ମାଲିକକୁ କ୍ଷମା ମାଗିବାଲାଗି ବାଧ୍ୟ କରିଥିଲେ । ଯାହାହେଉ ତାଙ୍କର ହସ୍ତକ୍ଷେପ ଫଳରେ ସବୁ ଶାନ୍ତ ପଡ଼ିଯାଇଥିଲା । ଏଇ ସ୍ଥାନରୁ ଓଡ଼ିଆ ବଙ୍ଗାଳୀ ଭେଦଭାବ ଚାରିଆଡ଼କୁ ମାଡ଼ିଗଲା; କିନ୍ତୁ କୌଣସି ଅପ୍ରୀତିକର ଘଟଣା ଘଟିନଥିଲା ।

ଆଉ ଗୋଟିଏ ଜାଗାରେ ଗୋଟିଏ ନାରୀମୂର୍ତ୍ତି ପ୍ରଦର୍ଶିତ ହୋଇଥିଲା । ତଳେ ଲେଖା ହୋଇଥିଲା 'ଓଡ଼ିଆ ଝିଅ' । ପୂର୍ବେ ଓଡ଼ିଶାରେ ସ୍ତ୍ରୀଲୋକମାନେ ଯେତେ ପ୍ରକାର ଗହଣା ପିନ୍ଧୁଥିଲେ ସେ ସବୁପ୍ରକାର ଗହଣା ସେ ମୂର୍ତ୍ତିଦେହରେ ଲାଗିଥିଲା । ମୂର୍ତ୍ତିର ସୌନ୍ଦର୍ଯ୍ୟକୁ ତାହା ଅତି ହାସ୍ୟାସ୍ପଦ ଭାବରେ ବିକୃତ କରିଥିଲା । କେତେଜଣ ନେତୃସ୍ଥାନୀୟ ବ୍ୟକ୍ତି ଏହାର ଘୋର ପ୍ରତିବାଦ କଲେ । ଆସ୍ତେ ଆସ୍ତେ ଉତ୍ତେଜନା ବଢ଼ିଲା । ମେଜର୍ ଗୁପ୍ତ ସେଠାରେ ଝଡ଼ପରି ଯାଇଁ ପହଞ୍ଚିଗଲେ । ସେ ସେହି ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ସମ୍ବୋଧନ କରି କହିଲେ, "ଆପଣଙ୍କର ଏହି ସ୍ଥାନର ଜଣେ ମୂର୍ତ୍ତି ନିର୍ମାତା ଏହାକୁ ତିଆରି କରିଛି । ତଳେ ଓଡ଼ିଆ ଝିଅ ନଲେଖି ତାଙ୍କର ଲେଖିବାର ଉଚିତ ଥିଲା— "ଓଡିଶାରେ ପୂର୍ବେ ବ୍ୟବହୃତ ସ୍ତ୍ରୀଲୋକମାନଙ୍କର ଅଳଙ୍କାର ।" ସଙ୍ଗେ ସଙ୍ଗେ

Digitized by srujanika@gmail.com

'ଓଡ଼ିଆ ଝିଅ' ନାମଟି କାଢ଼ିନେଇ ସେହି ଲେଖାଟି ସେଠି ରଖି ଦିଆଗଲା । ଆଉ କାହାକୁ କିଛି କହିବାର ବାଟ ନଥିଲା ।

ମିନର୍ଭା ଥିଏଟରର ଘୂର୍ଣ୍ଣାୟମାନ ପେଣ୍ଡାଲ ପ୍ରଥମ ଥର ପାଇଁ ଓଡ଼ିଶାକୁ ଆସିଥିଲା । ତାହାକୁ ଦେଖିବାକୁ ପ୍ରବଳ ଭିଡ଼ ହୋଇଥିଲା । ଏହି ଥିଏଟରରେ ଦର୍ଶକମାନଙ୍କ ପାଇଁ ଏକ ବିରାଟ ସ୍ଥାନ ଅଧିକାର କରାଯାଇ ଥିଲା । ରାତିରେ ନାଟକ ଅଭିନୟ ହେଉଥିଲା । ଏଥିପାଇଁ ଟିକେଟର ଦାମ୍ ଖୁବ୍ ବେଶି ଥିଲା । ମେଜର୍ ଗୁପ୍ତ ଆମ୍ଭମାନଙ୍କୁ ତାହା ଭିତରେ ଶାନ୍ତିରକ୍ଷକ ସ୍ୱେଚ୍ଛାସେବକ ଭାବରେ ନିଯୁକ୍ତ କରି ଦେଇଥିଲେ । ତେଣୁ ଆମ୍ଭେମାନେ ବିନା ଟିକଟରେ ପ୍ରତିଦିନ ନାଟକ ଦେଖୁଥିଲୁ । ଦ୍ୱିପହରରେ ଛାତ୍ରମାନଙ୍କ ପାଇଁ ଶିକ୍ଷଣୀୟ ଫିଲ୍ମ ସବୁ ପ୍ରଦର୍ଶିତ ହେଉଥିଲା । କଲିକତା ଟ୍ରପିକାଲ ସ୍କୁଲରୁ ଏ ଫିଲ୍ମଗୁଡ଼ିକ ଆସିଥିଲା । ଟ୍ରପିକାଲ ସ୍କୁଲର ଡିରେକ୍ଟର ନିଜେ ସେଠାରେ ରହି ଛାତ୍ରମାନଙ୍କୁ ବୁଝାଉ ଥିଲେ । ପ୍ରଦର୍ଶନ ସମୟରେ ସାଧାରଣ ଲୋକଙ୍କୁ ସେଠାକୁ ଛାଡ଼ିଦିଆଯାଉ ନଥିଲା । ଦିନେ ସମାଜ ସମ୍ପାଦକ ଶ୍ରୀ ଲିଙ୍ଗରାଜ ମିଶ୍ର ଓ ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲର ସଭ୍ୟ ଶ୍ରୀ ସୀତାକାନ୍ତ ମହାପାତ୍ର ସେଠାରେ ବୁଲି ଷ୍ଟଲ୍‌ଗୁଡ଼ିକ ଦେଖୁଥିଲେ । ଗେଟ୍‌ମାନଙ୍କରେ 'କେବଳ ଛାତ୍ରମାନଙ୍କ ପାଇଁ' ବୋଲି ଲେଖା ହୋଇଥିଲା । ସୀତାକାନ୍ତ ବାବୁ ଓ ଲିଙ୍ଗରାଜ ବାବୁ ଭିତରେ କ'ଣ ହେଉଛି ଦେଖିବାଲାଗି ହଲ୍ ମଧ୍ୟକୁ ପଶିବା ଲାଗି ଚେଷ୍ଟାକଲେ । ସ୍ୱେଚ୍ଛାସେବକମାନେ ଏଥିରେ ତାଙ୍କୁ ବାଧାଦେଲେ ଏବଂ କହିଲେ, "ଏହା କେବଳ ଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ।" ସେମାନେ ବାଧାଦେବାରୁ ସୀତାକାନ୍ତ ବାବୁ ରାଗିଯାଇ ଜବରଦସ୍ତ ପଶିବାକୁ ଚେଷ୍ଟାକଲେ । ଠେଲା ପେଲା ଚାଲିବାରୁ ଫିଲ୍ମ ପ୍ରଦର୍ଶନରେ ବାଧା ପଡ଼ିଲା । ମେଜର୍ ଗୁପ୍ତ ହଲ୍ ମଧ୍ୟରେ ଥିଲେ । ସେ ଏକ ବିରାଟକାୟ ଲୋକ ଥିଲେ । ସେ ଠେଲାପେଲା କରୁଥିବା ଲୋକଙ୍କୁ ପଛକୁ ଜୋର୍‌ରେ ଠେଲିଦେଲେ । ଏଥିରେ ସୀତାକାନ୍ତ ବାବୁ ତଳେ ପଡି ଗଡ଼ିଗଲେ । ଲିଙ୍ଗରାଜ ବାବୁ ଭୟଙ୍କର ରାଗିଯାଇ ମେଜର୍ ଗୁପ୍ତଙ୍କୁ କହିଲେ—"ଆପଣ ଜାଣନ୍ତି କାହାକୁ ଆପଣ ଏପରି ଠେଲିଦେଲେ ?" ଖୁବ୍ ଶାନ୍ତଭାବରେ ମେଜର୍ ଗୁପ୍ତ କହିଲେ, "ନା, ମୁଁ ଜାଣେ ନାହିଁ" । ଲିଙ୍ଗରାଜ ବାବୁ କହିଲେ, "ସେ ହେଉଛନ୍ତି ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ର ସଭ୍ୟ । ଜାଣିପାରୁଛନ୍ତି ତ ଆପଣ କେଡ଼େ ଗର୍ହିତ କାମ କରିଛନ୍ତି ?" ମେଜର୍ ଗୁପ୍ତ ବି ଶାନ୍ତଭାବରେ କହିଲେ, "ମୁଁ ଜାଣିଥିଲେ ଏପରି କରି ନଥାନ୍ତି ।" ସେ ସାଙ୍ଗେ ସାଙ୍ଗେ ତାଙ୍କ ପାଖକୁ ଯାଇଁ ତାଙ୍କୁ ଜାଣି ନଥିବା ଲାଗି କ୍ଷମା ପ୍ରାର୍ଥନା କଲେ ଏବଂ ତାଙ୍କୁ ଧରି ହଲ୍ ମଧ୍ୟକୁ ଆସିବା ଲାଗି ନିମନ୍ତ୍ରଣ କଲେ । ସେ ନ ଦେଖି ଫେରିଗଲେ । ସେଠାରେ ଯେଉଁ ଉତ୍ତେଜନା କ୍ରମଶଃ ସୃଷ୍ଟି ହେଉଥିଲା ତାହା ସଙ୍ଗେ ସଙ୍ଗେ ଥପ୍‌କରି ରହିଗଲା ।

ମେଜର୍ ଗୁପ୍ତଙ୍କର କର୍ମକୁଶଳତା ହେତୁ ଏହି ବିରାଟ ପ୍ରଦର୍ଶନୀ ଭିତରେ ନାନା ଉତ୍ତେଜନା ଓ ବିଶୃଙ୍ଖଳା ପ୍ରଶମିତ ହୋଇ ଯାଉଥିଲା । ମିନର୍ଭା ଥିଏଟରରେ 'ବାଂଗାଲ-ମେୟେ' ବୋଲି ଗୋଟିଏ ନାଟକ ଅଭିନୀତ ହୋଇଥିଲା । ଅଶ୍ୱିନୀକୁମାର ଘୋଷ 'ଓଡ଼ିଆ ଝିଅ' ବୋଲି ଗୋଟିଏ ନାଟକ ଲେଖିଥିଲେ । ସେ ନାଟକଟିକୁ ସେ ପ୍ରଥମେ

Digitized by srujanika@gmail.com

ମେଡ଼ିକାଲ ସ୍କୁଲରେ ଅଭିନୀତ ହେବାକୁ ଦେଇଥିଲେ । କିନ୍ତୁ ଆମ୍ଭମାନଙ୍କର ତାହା ପସନ୍ଦ ନ ହେବାରୁ ଆମେ ତାଙ୍କୁ ତାହା ଫେରାଇ ଦେଇଥିଲୁ । ପୂର୍ବରୁ ଆମେ ତ' ସେ ନାଟକ ପ୍ରତି ବିତସ୍ପୃହ ହୋଇଥିଲୁ । ମିନର୍ଭା ଥିଏଟରରେ ଅଶ୍ୱିନୀବାବୁ ତା'କୁ ଅଭିନୀତ କରାଇଲେ । ଅଭିନୟ କାହାକୁ ଭଲଲାଗିଲା ନାହିଁ । ଆମ୍ଭମାନଙ୍କୁ ତାହା ମୋଟେ ଭଲଲାଗିଲା ନାହିଁ; କିନ୍ତୁ ମେଜର୍ ଗୁପ୍ତ ଖୁବ୍ ଚମତ୍କାର ହୋଇଛି ବୋଲି ଚାରିଆଡ଼େ କହି ବୁଲିଲେ । ଆମ୍ଭେମାନେ ବୁଝିପାରିଲୁ ଯେ ସେ ଓଡ଼ିଆମାନଙ୍କୁ ପ୍ରବୋଧ ଦେବାଲାଗି ଏପରି କହୁଛନ୍ତି । ଯାହାହେଉ ମେଜର୍ ଗୁପ୍ତଙ୍କ ପ୍ରତ୍ୟୁତ୍ପନ୍ନମତି ଓ କର୍ମ-କୁଶଳତା ଯୋଗୁ ପ୍ରଦର୍ଶନୀଟି ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା । ଶେଷରେ ଗୋଟିଏ ସଭା ହୋଇ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସାର୍ଟିଫିକେଟ୍ ଅଫ୍ ମେରିଟ୍ ଦିଆଯାଇଥିଲା । ଆମ ସ୍କୁଲର ପ୍ରଦର୍ଶନ ପାଇଁ ମୁଁ ଗୋଟିଏ ସାର୍ଟିଫିକେଟ୍ ପାଇଥିଲି ।

ତୃତୀୟ ବାର୍ଷିକ ଶ୍ରେଣୀରେ ପଢିବାବେଳେ ମଝିରେ ମଝିରେ ମୋର ଆଉଟ୍‌ଡ଼ୋର ଓ ଆକ୍ଷି ଓ୍ୱାର୍ଡରେ ଡ୍ୟୁଟି ପଡ଼ୁଥିଲା । ଏହି ସମୟରେ ଉତ୍କଳଗୌରବ ମି. ଦାସ ମଝିରେ ମଝିରେ ଆଉଟ୍‌ଡୋରକୁ ଆସୁଥିଲେ । ତାଙ୍କ ପ୍ରିୟ ଚାକରର ଦେହ ସାମାନ୍ୟ ଅସୁସ୍ଥ ହୋଇ ପଡ଼ିଲେ ସେ ତାକୁ ନିଜ ଘୋଡ଼ାଗାଡ଼ିରେ ବସାଇ ଆଉଟଡୋରକୁ ଆସୁଥିଲେ ଏବଂ ସେଠାରେ ଚାକରକୁ ଡାକ୍ତରଙ୍କ ଜିମା ଦେଇ ପାଖ କୋଠରୀରେ ଥିବା ଆକ୍ଷି ଆଉଟଡ଼ୋରକୁ ଚାଲିଆସୁଥିଲେ । ଆକ୍ଷି ଆଉଟଡ଼ୋରର ଡାକ୍ତର ତାଙ୍କୁ ଦେଖିବାମାତ୍ରେ ଅଭିବାଦନ ଜଣାଇ ନିଜ ଚୌକିରେ ବସାଇ ଦେଉ-ଥିଲେ ଏବଂ ସେଠାରୁ ଅନ୍ୟତ୍ର ଚାଲିଯାଉଥିଲେ । ମି. ଦାସ ଆମ ସହ ଗପିବା ଆରମ୍ଭ କରିଦେଉଥିଲେ । ଆମେ ଉଦ୍‌ଗ୍ରୀବ ହୋଇ ସେସବୁ ଶୁଣୁଥିଲୁ । ସେ ମେଡିକାଲ ଜୁରିସ୍‌ପ୍ରୁଡେନ୍‌ସ, ମେଟେରିଆମେଡ଼ିକା, ଅନାଟୋମି ଖୁବ୍ ଭଲଭାବରେ ଆୟତ୍ତ କରିଥିଲେ । ତାହା ଓକିଲତିରେ ତାଙ୍କୁ ବହୁ ସାହାଯ୍ୟ କରୁଥିଲା । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାରେ ମଧୁବାବୁଙ୍କ ଅବଦାନ କିଛି କମ୍ ନଥିଲା । ଦିନେ ଆମେ ଶୁଣିଲୁ ଯେ ଏହି ପ୍ରଦେଶ ଗଠନ ବିଷୟରେ କଥାବାର୍ତ୍ତା କରିବା ପାଇଁ ଓଡ଼ୋନେଲ ସାହେବ କଟକ ଆସିବେ । ତାଙ୍କର ମାଡ୍ରାସ ମେଲରେ ଆସିବାର କଥା ଥିଲା । ସେ ଆସିବା ଦିନ ଗାଡିରେ ତାଙ୍କୁ ପାଛୋଟି ଆଣିବା ଲାଗି ମଧୁବାବୁ ସଦଳବଳ କଟକ ଷ୍ଟେସନରେ ପହଞ୍ଚିଲେ । ଦ୍ୱିତୀୟ ଶ୍ରେଣୀ ବିଶ୍ରାମାଗାର ତାଙ୍କ ପାଇଁ ଖାଲି କରି ଦିଆଯାଇ ଥିଲା । ସେଇଠାରେ ସମସ୍ତେ ବସି ଗପସପ କରୁଥିଲେ । ଆମ ହଷ୍ଟେଲରୁ କେତେଜଣ ଛାତ୍ରଙ୍କ ସହ ମୁଁ ମଧ୍ୟ ତାଙ୍କ ପାଖରେ ଯାଇ ଠିଆହୋଇ ରହିଲି । ଏକା ମଧୁବାବୁ ସେଠାରେ ଚୌକିରେ ବସିଥିଲେ । ଆଉ ସମସ୍ତେ ହାତଯୋଡ଼ି ଚାରି କଡ଼ଯାକ ଠିଆ ହୋଇଥିଲେ । ସେଠି ବ୍ରଜସୁନ୍ଦର ଦାସ ଠିଆ ହୋଇଥିଲେ । ତାଙ୍କର ପକେଟରେ ଗୋଟାଏ ରୂପା ପାନଡବା ଥାଏ । ସେଇଟା ଏଡ଼େ ବଡ଼ ଯେ ସେଥିରେ ଥିବା ପାନଖିଲ ସବୁ ଗୋଟିଏ ବାହାଘର ଭୋଜିରେ ଅତିଥିମାନଙ୍କୁ ଅଣ୍ଟିଯିବ । ସେ ସବୁବେଳେ ଆଠ ଦଶ ଖଣ୍ଡ ଖିଲ ପାନ ଗୋଟିଏ କଳରେ ଢାକି ଦେଉଥିଲେ । ମଧୁବାବୁ ପ୍ରଥମେ ତାଙ୍କୁଇ ଶୋଧିବା ଆରମ୍ଭ କରିଦେଲେ । ତାଙ୍କୁ ଦେଖାଇ ସମସ୍ତଙ୍କୁ କହିଲେ—"ଏଇଟା ପାତିଗାଲ ପରି

Digitized by srujanika@gmail.com

ଯୋଡ଼ାଏ ଗାଲ ପାଇଚି । ସେଥିରେ ପୁଳାପୁଳା ପାନଖିଲ ନେଇ ଭର୍ତ୍ତି କରି ଦଉଚି। ଆଉ ସବୁବେଳେ ପାକୁଳି କରୁଚି । ଏଇଟା ଦେଇ କିଛି ହେବ ନାହିଁ ।”

ବ୍ରଜସୁନ୍ଦର ବାବୁ ଭୟଭୀତ ହୋଇ ମୁହଁ ବୁଲେଇଦେଇ ପାଟିରୁ ପାନତକ ନିଜ ହାତରେ କାଢ଼ି ପକାଇ ନିଜ ପକେଟ ଭିତରେ ଭର୍ତ୍ତି କରିଦେଲେ । ପୁଣି ମଧୁବାବୁ ଗାଳିଦେଲେ—“ତୁଟା ଏମିତି ଛେଳି ଭଳି ପାନ ଚୋବେଇଲେ ଆଉ ମଣିଷ ହୋଇ-ପାରିବୁନି । ସେ ସ୍ୱଭାବ ଛାଡ଼ ।” ତାପରେ ତାଙ୍କର ନଜର ପଡ଼ିଲା ରାଧାଶ୍ୟାମ ଦାସଙ୍କ ଉପରେ । ସେ ବଳିଷ୍ଠ ଓ ସୁଗଠିତ ଅବୟବଯୁକ୍ତ ଜଣେ ବ୍ୟାୟାମ ଶିକ୍ଷକ ଥିଲେ । ସାରା ଓଡ଼ିଶାରେ ସେ ସ୍କୁଲମାନଙ୍କୁ ଯାଇଁ ବ୍ୟାୟାମ ଶିଖାଉ ଥିଲେ । ତାଙ୍କର ଖୁବ୍ ଖ୍ୟାତି ଥିଲା । ତାଙ୍କୁ ଦେଖାଇ ମଧୁବାବୁ କହିଲେ—“ଏଇଟା ଭାବିଚି ଯେ ସେ ଭାରୀ ସ୍ୱାସ୍ଥ୍ୟବାନ୍, ଆରେ ତୁ କ’ଣ ମୋ’ଠୁ ବେଶି ସ୍ୱାସ୍ଥ୍ୟବାନ୍ ?” ସେଠାରେ ଠିଆ ହୋଇଥିବା ସମସ୍ତେ ଠୋ’ ଠୋ ହସି ଉଠିଲେ । ମଧୁବାବୁ ବଡ଼ ଜୀର୍ଣ୍ଣଶୀର୍ଣ୍ଣ ବ୍ୟକ୍ତି ଥିଲେ । ଠୁକୁଠୁକୁ ହେଇ ଚାଲୁଥିଲେ । ସମସ୍ତେ ହସିବାର ଦେଖି ସେ ପୁଣି କହିଲେ, “ହସିଲ କାହିଁକି ? ମୁଁ ଯାହା କହୁଚି କଅଣ ମିଛ କଥା ? ଯୁବକବେଳୁ ମୁଁ ପେଟମରା ରୋଗ ଭୋଗୁଛି । ମୁଁ ଯେତେବେଳେ ପଢୁଥିଲି ଓ ପରୀକ୍ଷା ଦେବାକୁ ଯାଉଥିଲି ସେତେବେଳେ ପେଟମରାଟା ପ୍ରବଳ ହୋଇ ଉଠୁଥିଲା । ଏ ପେଟମରା ସାଙ୍ଗରେ ଲଢ଼ିଲଢ଼ି ମୁଁ ପରୀକ୍ଷା ଦେଉଥିଲି । ସବୁ ପରୀକ୍ଷାରେ ପ୍ରଥମ ସ୍ଥାନ ପାଇ ଆସିଛି । ସେ ଏମିତି ପେଟମରା ରୋଗ ସାଙ୍ଗରେ ଲଢ଼ିପାରି ଥାଆନ୍ତା । ମୁଁ ଯେପରି ବିଜୟ ହାସଲ କଲି ସେ ସେପରି ବିଜୟ କରିପାରି ଥାଆନ୍ତା । ଖାଲି ଦେହଟାକୁ ପହିଲିମାନ କରି ଦେଖେଇହେଲେ ମୂଲ୍ୟ କଣ ?”

ତାପରେ କଥା ଗଡ଼ିଗଲା—କଲିକତା ବିଶ୍ୱବିଦ୍ୟାଳୟର କୁଳପତି ଆଶୁତୋଷ ମୁଖାର୍ଜୀଙ୍କ ଆଡ଼େ । ସେ କହିଲେ— ‘‘ଆଶୁତୋଷ ମୁଖାର୍ଜୀଙ୍କୁ ରୟେଲ ବେଙ୍ଗଲ ଟାଇଗର ବୋଲି କହନ୍ତି । ତାକୁ ଟାଇଗର ମୁଁ କରିଚି । ମୁଁ କଲିକତାରେ ପଢ଼ିଲା-ବେଳେ ସେ ପିଲା ଥିଲା । ତା ବାପା ମୋତେ ତା’ରି ଗୃହ ଶିକ୍ଷକ ଭାବେ ନିଯୁକ୍ତ କଲେ । ସ୍କୁଲ ବହି ମୁଁ ତାକୁ ଦେଖାଏ ନାହିଁ । ତା ସ୍କୁଲର ହେଡ୍‌ମାଷ୍ଟରଙ୍କୁ ଯାଇଁ କହିଥିଲି । “ଦେଖନ୍ତୁ ଆଶୁର ଶିକ୍ଷା ମୋ ଉପରେ ନ୍ୟସ୍ତ ହୋଇଛି । ମୁଁ ତାକୁ ଗୋଟିଏ ନୂଆ ଉପାୟରେ ପାଠ ପଢ଼ାଉଛି । ତାକୁ କ୍ଲାସ୍‌ରେ ସ୍କୁଲ ପାଠ୍ୟ ନେଇ କିଛି ପଚରାପଚରି କରିବେ ନାହିଁ । ତାକୁ ମୁଁ ବହି ବଜାରକୁ ସାଙ୍ଗରେ ନେଇଯାଏ । ଯୋଉ ଯୋଉ ବହି ତା ମନକୁ ଆକର୍ଷଣ କରେ ସେହିସବୁ ବହି ମୁଁ ଗୋଟାଏ ତାଡ଼ା କିଣି ଆଣେ । ତାକୁ ଘରେ ସେହି ବହିଗୁଡ଼ାକୁ ପଢ଼ାଇଦିଏ । ସେହିସବୁ ବହି ପଢ଼ାଇବା ଭିତରେ ମୁଁ ତାକୁ ତା’ର ଅଲକ୍ଷ୍ୟରେ ତା’ର ପାଠ୍ୟତକ ପଢାଇଦିଏ । ଏଥିରେ ତା’ ସ୍କୁଲ ପାଠ୍ୟଟି ଖୁବ୍ ଭଲଭାବରେ ଆୟତ୍ତ ହୋଇଯାଏ । ଏହିପରି ଶିକ୍ଷା ପାଇଥିବାରୁ ଆଶୁ ତା ସ୍କୁଲରେ ବରାବର ଶୀର୍ଷସ୍ଥାନରେ ରହୁଥିଲା । ଏଠି କୋଉ ମାଷ୍ଟ୍ରଟା ଆଜିକାଲି ଏମିତି ପଢ଼ଉଚି ?”

Digitized by srujanika@gmail.com

ଏହିପରି ଯେତେ ନେତୃସ୍ଥାନୀୟ ବ୍ୟକ୍ତି ସେଠାରେ ଠିଆ ହୋଇଥିଲେ ସମସ୍ତଙ୍କୁ କାଣ୍ଟେ କାଣ୍ଟେ ଲଛୁଥିଲେ । ସମସ୍ତେ ଅତି ଭକ୍ତିରେ ମୁଣ୍ଡ ନୁଆଇଁ ଆନନ୍ଦର ସହ ତାଙ୍କ କଥାଗୁଡ଼ିକ ଗ୍ରହଣ କରୁଥିଲେ । ଷ୍ଟେସନ୍ ବାହାରେ ରାସ୍ତା ଉପରେ ଗୋଟିଏ ସ୍ୱାଗତିକା ତୋରଣ ବନ୍ଧା ହୋଇଥିଲା । ସେଥିରେ ବାଣ ସବୁ ଖଞ୍ଜାଯାଇ ଥିଲା । ସେଥିରେ ନିଆଁ ଲାଗିଲେ ସେଗୁଡ଼ାକ ଜଳିଉଠି ନାଲିରଙ୍ଗ ଇଂରାଜୀ ଅକ୍ଷରରେ ଲେଖି ହୋଇଯିବାର ଥିଲା–'ଓଏଲ୍‌କମ୍ ଓଡ଼ୋନେଲ' । କାଳେ ବାଣୁଆ ଠିକ୍ ସମୟରେ ନିଆଁ ଧରାଇ ପାରିବ ନାହିଁ । ସେଥିଲାଗି ସେ ତାଙ୍କର ବିଶ୍ୱାସୀ ଶିଷ୍ୟ ଆଡ଼ଭୋକେଟ ଚିନ୍ତାମଣି ଆଚାର୍ଯ୍ୟଙ୍କୁ ସେହି ସ୍ଥାନରେ ଠିଆ କରାଇ ଦେଇଥିଲେ ଏବଂ ତାଙ୍କୁ ବାରମ୍ବାର ତାଗିଦ୍ କରି କହିଥିଲେ, "ଦେଖ ଚିନ୍ତାମଣି ! ଏଥିରେ ନିଆଁ ଧରାଇବା ଭାର ତୁମ ଉପରେ ରହିଲା । ଓଡ଼ୋନେଲ ଆସିକାର୍‌ରେ ବସିବାମାତ୍ରେ ତୁମେ ବାଣୁଆକୁ ନିଆଁ ଧରାଇବାକୁ କହିବ ।" ଗୁରୁଦେବଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଚିନ୍ତାମଣି ଆଚାର୍ଯ୍ୟ ସେଇଠାରେ ଠିଆହୋଇ ରହିଲେ । ଠିକ୍ ଏହି ସମୟରେ ମାଡ୍ରାସମେଲ୍ ଗାଡ଼ି ଆସି ପହଞ୍ଚିଗଲା । ଓଡ଼ୋନେଲ୍ ଓହ୍ଲାଇ ଆସିବାମାତ୍ରେ ଗୋଟିଏ ସାତ ମିନିଟିଆ ଭାଷଣରେ "ମୂକ ଲାଞ୍ଛିତ, ଅବହେଳିତ, ଦରିଦ୍ର ଓ ହତଭାଗ୍ୟ ଓଡ଼ିଆମାନଙ୍କ ତରଫରୁ ଏ ଫୁଲମାଳ ଆପଣଙ୍କ ବେକରେ ଦେଉଛି" ବୋଲି କହି ମାଳଟିକୁ ଓଡ଼ୋନେଲ୍‌ଙ୍କ ଗଳାରେ ମଧୁବାବୁ ଲମ୍ବାଇ ଦେଲେ । ମଧୁବାବୁଙ୍କ ସାତ ମିନିଟିଆ ଭାଷଣ ସରିବାମାତ୍ରେ ତାଙ୍କ ଭାଷଣରେ ଅଭିଭୂତ ହୋଇ ପଡ଼ିଥିବା ଓଡ଼ୋନେଲ୍ ସାହାବ ପ୍ରାୟ ଦଶ ମିନିଟ୍ ଯାଏ ଗୋଟିଏ ଭାଷଣ ଦେଇ ତାହାଙ୍କୁ ଧନ୍ୟବାଦ ଦେଲେ । ଏଣେ ସ୍ୱାଗତିକା ତୋରଣ ପାଖରେ ଚିନ୍ତାମଣି ଆଚାର୍ଯ୍ୟ ଠିଆ ହୋଇଥିଲେ । ସେ ବାଣ ଫୁଟାଫୁଟି କାମକୁ ବଡ଼ ଘୃଣା କରୁଥିଲେ । ଯେଉଁ ସ୍ଥାନରେ ଆତସବାଜି ପ୍ରଦର୍ଶନୀର କାମସବୁ ଥାଏ ସେଠାକୁ ସେ ମୋଟେ ଯାଆନ୍ତି ନାହିଁ । ତେଣୁ ଉନ୍ନତ ଧରଣର ଆତସବାଜି ବିଷୟରେ ତାଙ୍କର କିଛି ଧାରଣା ନଥିଲା କିନ୍ତୁ ଗୁରୁଙ୍କର ଆଜ୍ଞା ଶିରୋଧାର୍ଯ୍ୟ । ସେ ମନେ ମନେ ଭାବିଲେ ବତୀରେ ନିଆଁ ଗେଞ୍ଜିଦେଲେ ସେ ଫୁର୍ ଫୁର୍ ହୋଇ ଜଳି ସମୁଦାୟ ଅକ୍ଷରଗୁଡ଼ିକୁ ଆଲୋକିତ କରିବା ଲାଗି ଅନ୍ତତଃ ଛ ସାତ ମିନିଟ୍ ଲାଗିବ । ତାପରେ ବତୀଗୁଡ଼ାକ ପ୍ରାୟ ପାଞ୍ଚ ମିନିଟ୍ ଯାଏ ଜଳିବ । ଏତକ ହେବାକୁ ପ୍ରାୟ ଖୁବ୍ କମ୍‌ରେ ଦଶ ପନ୍ଦର ମିନିଟ୍ ସମୟ ଲାଗିବ । ଓଡ଼ୋନେଲ୍ ଗାଡ଼ିରେ ବସିବାପରେ ଯଦି ନିଆଁ ଲାଗାଯିବ ତେବେ ସେ ସମୁଦାୟ ଜିନିଷଟା ନଦେଖି କାର୍‌ରେ ପଳେଇବ । ଆମର ଏତେ ପରିଶ୍ରମ ସବୁ ବୃଥା ହେଇଯିବ । ଓଡୋନେଲ୍ ଓହ୍ଲେଇବା ପରେ ସେଠି ଯେ ପନ୍ଦର ମିନିଟ୍ କଥାବାର୍ତ୍ତାରେ କଟିଯିବ ସେ ସମ୍ଭାବନା ସେ ମନରେ ରଖି ନଥିଲେ । ତେଣୁ ଓଡ଼ୋନେଲ ଟ୍ରେନ୍‌ରୁ ଓହ୍ଲାଇ ପଡ଼ିବା ମାତ୍ରେ ସେ ବାଣୁଆକୁ କହିଲେ "ବତୀରେ ନିଆଁ ଲଗା" ସେ ଧରଣର ବତୀ ଲଗାଇବା ମାତ୍ରେ ସଙ୍ଗେ ସଙ୍ଗେ ବିଜୁଳି ବେଗରେ ନିଆଁ ଗ୍ରାସିଆଡ଼େ ଖେଦିଯାଏ । ଚିନ୍ତାମଣି ଆଚାର୍ଯ୍ୟ ଏତକ ଭାବିନଥିଲେ । ବାଣୁଆ ନିଆଁ ଲଗାଇଦେବା ମାତ୍ରେ ସମସ୍ତ ଅକ୍ଷର ଗୁଡ଼ାକ ଦାଉ ଦାଉ ହୋଇ ଜଳି ଉଠିଲା । ଦୁଇତିନି ମିନିଟ୍‌ଯାଏ ସବୁ ଅକ୍ଷର

Digitized by srujanika@gmail.com

ଜଳିବାପରେ ଅକ୍ଷରତକ ଡ଼ୋ ଡ଼ା ହୋଇ ଫୁଟିବା ଆରମ୍ଭ କଲା । ଓଡ଼ୋନେଲ ଆସି ତାଙ୍କ ପାଇଁ ଥୁଆହୋଇ ଥିବା କାର୍‌ରେ ବସିଲାବେଳକୁ ଜଳି ଓ ଫୁଟିସାରି ଅନ୍ଧାର ହୋଇ ଯାଇଥିଲା । ପ୍ଲାଟଫର୍ମରେ ଥାଇ ବାହାରେ ବାଣଫୁଟା ଶୁଣିବା ମାତ୍ରେ ମଧୁବାବୁ ରାଗରେ ଦାନ୍ତ କଡ଼ମଡ଼ କରିବା ଆରମ୍ଭ କରିଥିଲେ ଏବଂ ସାହେବଙ୍କ ସହ ପଦାକୁ ଆସିବା ମାତ୍ରେ ଘରିଆଡ଼ ଅନ୍ଧାର ଦେଖି ସେ ରାଗରେ ଥରି ଥରି ଏବଂ ଓଡ଼ୋନେଲ୍ ଓ ତାଙ୍କ ସଙ୍ଗୀମାନଙ୍କୁ କାର୍‌ରେ ସରକିଟ୍ କୋଠିକୁ ବିଦାୟ କରିଦେଇ ସାରି ଚିନ୍ତାମଣି ଆଚାର୍ଯ୍ୟଙ୍କୁ ଖୋଜିଲେ । କିନ୍ତୁ ସେତେବେଳକୁ ଆଚାର୍ଯ୍ୟେ ଆଉ ସେଠି ନ ଥିଲେ । ଭୟରେ ଘରକୁ ପଳାଇ ଆସିଥିଲେ । ସମସ୍ତଙ୍କ ଆଗରେ ମଧୁବାବୁ ସେଠି ଚିନ୍ତାମଣି ଆଚାର୍ଯ୍ୟଙ୍କୁ ଗାଳିଗୁଲଜ କରି ନିଜ ରାଗ ଉପଶମ କଲେ । ତହିଁଆରଦିନ ସକାଳେ ନେତୃବୃନ୍ଦ ଗୋଟାଏ ଶୋଭଯାତ୍ରା କଟକ କଲେକ୍ଟରେଟ୍ ପାଖରୁ ବାହାରିବାର ବ୍ୟବସ୍ଥା କରି-ଥିଲେ । ସେଥିରେ ଆମେ ପ୍ରାୟ ଅଧିକାଂଶ ମେଡ଼ିକାଲ ଛାତ୍ର ଯୋଗ ଦେଇଥିଲୁ । ଶୋଭଯାତ୍ରା ଏଡ଼େ ବଡ଼ ଥିଲାଯେ ସେପରି ଶୋଭଯାତ୍ରା କଟକରେ ଖୁବ୍ କମ୍ ଦେଖା-ଯାଇଛି । ଲଞ୍ଚଟା କଲେକ୍ଟରେଟ୍‌ରେ ତ ତା'ର ମୁଣ୍ଡଟା ଚଉଧୁରୀ ବଜାର ଛକ ପାଖରେ ଥିଲା । ସେଥିରେ ବହୁ ଲେଖାପଟା ସବୁ ଧରାଯାଇଥିଲା । ସେ ସବୁରେ ଲେଖାଥିଲା—"ଓରିଆସ୍ ଡ଼ିମାଣ୍ଡ ସେପାରେଟ୍ ପ୍ରୋଭିନ୍‌ସ୍ ।" ଶୋଭଯାତ୍ରାଟି ଘରିଆଡ଼ ବୁଲି ମଧୁବାବୁଙ୍କ ଘର ପାଖରେ ଅଟକିଲା । ଜର୍ଜ ପଟ୍ଟନାୟକଙ୍କ ପିତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଓ.ବି.ଇ. ମଧୁବାବୁଙ୍କଠାରୁ ଆଶୀର୍ବାଦ ଆଣିବାଲାଗି ତାଙ୍କ ଘରକୁ ପଶିଲେ । ମଧୁବାବୁ ଶୋଭଯାତ୍ରାର କୋଳାହଳ ଶୁଣି ପୋଟିକୋ ଉପରକୁ ଆସି ଓ ଶୋଭ-ଯାତ୍ରାର ବିଶାଳତା ଦେଖି ଅବାକ୍ ହୋଇଗଲେ । ବଡ଼ ସୁଯୋଗଟାଏ ନଷ୍ଟ ହୋଇଗଲା ବୋଲି ଭାବି ସେ ରାଗରେ ଅସ୍ଥିର ହୋଇ ଘର ଭିତରେ ଯାଇ ବସିଲେ । ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ଅନ୍ୟାନ୍ୟ ନେତୃବୃନ୍ଦ ଯାଇ ମଧୁବାବୁଙ୍କ ଆଗରେ ହାତଯୋଡ଼ି ଠିଆ ହେଲେ । ମଧୁବାବୁଙ୍କ ରାଗହାଣ୍ଡି ସେଇମାନଙ୍କ ଉପରେ ଫାଟିପଡ଼ିଲା । ସମସ୍ତଙ୍କୁ ସେ ପ୍ରଥମେ ବହେ ଗାଳିଦେଇଗଲେ । ପୁଣି ସମ୍ବୋଧନ କରି କହିଲେ, "ହଇରେ ମୂର୍ଖ ଦଳ, ଏତେ ବଡ଼ ଶୋଭଯାତ୍ରାଟାଏ କାଢିବାର ଥିଲା, ଅଥଚ ମୋତେ ଆଗରୁ କହିଲ ନାହିଁ । ଏତକ ଜାଣିଥିଲେ ମୁଁ ଓଡ଼ୋନେଲ୍ ଓ ତାଙ୍କ ବଂଧୁଙ୍କୁ ଏଇଠି ଅଟକେଇ ରଖି-ଥାଆନ୍ତି । ସେ ତାହା ଦେଖିଥିଲେ କେତେ ପ୍ରଭାବିତ ନ ହୋଇଥାନ୍ତେ ! ସେମାନେ ସକାଳୁ ଆସି ଏଠାରେ ଗୁହାଖାଇ ଓ କିଛି କଥାବାର୍ତ୍ତା ପରେ ପୁନର୍ବାର ଚାଲିଗଲେ । ସେ ତ ଏ ଶୋଭଯାତ୍ରା ଦେଖିପାରିଲେ ନାହିଁ ତମେ କାହାକୁ ଦେଖାଇବାକୁ ଆସିଲ ? ତୁମେ ପୁଣି ଲେଖିଚ କ'ଣ ନା 'ଓରିଆସ୍ ଡିମାଣ୍ଡ ସେପାରେଟ୍ ପ୍ରୋଭିନ୍‌ସ' ହଇରେ ଦରିଦ୍ର ହତଭାଗା ଦଳ ତୁମେ ପୁଣି ଡିମାଣ୍ଡ କରିବ ! ଭଲ ହେଇଚି ଓଡ଼ୋନେଲ୍ ତାହା ଦେଖିନି । ତୁମର ଲେଖିବାର ଉଚିତ ଥିଲା—"ଓରିଆସ୍ ନିଡ୍ ସେପାରେଟ୍ ପ୍ରୋଭିନ୍‌ସ" ଦରିଦ୍ର ଭିକାରି କାହାଠାରୁ ଡ଼ିମାଣ୍ଡ କରେ ନାହିଁ, ସେ ପ୍ରାର୍ଥନା କରେ । ଠିକ୍ ଇଂରଜୀ ପଦେ ତ ଜାଣିନ, ଆଉ ନେତା ହବ କଅଣ ? ନେତାମାନେ ମନ

Digitized by srujanika@gmail.com

ଦୁଃଖରେ ସେଠାରୁ ଫେରିଆସି ଯେ ଯାହା ଘରକୁ ପଳେଇଲେ । ସେଠୁ ଆମ୍ଭେମାନେ ମଧ୍ୟ ଭର୍ଗି ଯେ ଯାହା ଘରକୁ ଗଲୁ ।

ସେହି ସମୟରେ ମେଡ଼ିକାଲ ସ୍କୁଲରେ ଛାତ୍ର ଧର୍ମଘଟକୁ ସମସ୍ତେ ଗୋଟାଏ ଗୌରବପୂର୍ଣ୍ଣ କାମ ବୋଲି ବିଗ୍ୱୁଥିଲେ । ଥରେ ମୁଁ ଓ ରବି ଘୋଷ ରେଭେନ୍‌ସା କଲେଜରେ ଏକ ଧର୍ମଘଟ ହେବାର ଉପକ୍ରମ ହେଉଛି ବୋଲି ଶୁଣି ସନ୍ଧ୍ୟାରେ ସେଇ· ଆଡ଼େ ଗଲୁ । ସେଠା ପଡ଼ିଆରେ ସେତେବେଳକୁ ଦଶ ପନ୍ଦର ଜଣ ପିଲ ବସି କଥାବାର୍ତ୍ତା କରୁଥାଆନ୍ତି । ସେମାନଙ୍କ ମଧ୍ୟରେ ବୀରେନ୍ ମିତ୍ରଙ୍କ ବଡ଼ଭଇ ବସିଥିଲେ । ସେ ଆମକୁ ଦେଖିବାମାତ୍ରେ କହିଉଠିଲେ, "ହେଇ ଧର୍ମଘଟର ରଥୀ ଦୁଇଜଣ ଆସିଗଲେ ।" ସେତେବେଳକୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଆମକୁ ମେଡ଼ିକାଲ ପିଲ ବୋଲି ଜାଣିଥିଲେ । ଆମକୁ ପ୍ରଶଂସା କରିବାକୁ ଯାଇ ବୀରେନ୍ ମିତ୍ରଙ୍କ ବଡ଼ଭଇ ଆରମ୍ଭ କରିଦେଲେ, "ମେଡ଼ିକାଲ ସ୍କୁଲ୍‌ଟା କେଉଁ ଶୁଭକ୍ଷଣରେ ପ୍ରତିଷ୍ଠିତ ହୋଇଥିଲା ଯେ ସେଠି ସବୁ ଧର୍ମଘଟରେ ସେମାନେ ସଫଳ ହୁଅନ୍ତି । ଆମ କଲେଜରେ ସେଇଟା ସାତସପନ । ମେଡ଼ିକାଲ ପିଲଙ୍କର ଏକତା ଓ ସାହସ ଅନୁକରଣ କରିବାର କଥା । କ'ଣ ରବିଦା ଆମର ଏ ଷ୍ଟ୍ରାଇକ୍‌ଟା କେମିତି କଅଣ ହେବ ତାହା ଟିକିଏ ବତେଇ ଦିଅ ।" ଏତିକିବେଳେ ସେହିଆଡେ ଦୁଇଜଣ ପ୍ରଫେସର ଆସୁଥିବାର ଦେଖି ସମସ୍ତେ ଖିଦ୍‌ଖାଦ୍ ହୋଇ ପଳେଇଗଲେ । ଆମେ ଦୁଇଜଣ ମଧ୍ୟ ସେଠାରୁ ସାଇକେଲ ଧରି ପଳେଇ ଆସିଲୁ । କିନ୍ତୁ ଏପରି ଏକ ବଧେଇ ପାଇଥିବା ହେତୁ ଆମେ ଦୁଇଜଣ ଖୁବ୍ ଗୌରବ ଅନୁଭବ କରିଥିଲୁ । ପରେ ଖବର ନେଇ ଜାଣିଲୁ ଯେ କଲେଜ ପିଲଙ୍କର ଷ୍ଟ୍ରାଇକ୍‌ର ଗଙ୍ଗାମଲ୍ଲୁଡ଼ି ହୋଇଯାଇଚି । ଗଙ୍ଗାଟା ବି ଠିକ୍ ଖବରେ ମୁହାଁଇ ପାରିଲା ନାହିଁ । ମୋଟଉପରେ ଗାଡୁରି ପକେଇଲା ବୋଲି କହିଲେ ଚଳେ ।

ମଝିରେ ମଝିରେ ଆମ ଦେହରେ ଷ୍ଟ୍ରାଇକ୍ ବିଛୁଆତିର ଗୋଲି ଘଷିହୋଇ ଯାଉଥିଲା ଓ ପ୍ରବଳ ବେଗରେ କଣ୍ଡୁଜାତ ହେଉଥିଲା । ଆମେ ବହୁବାର ଷ୍ଟ୍ରାଇକ୍ କରିଥିଲୁ । ସେଥିର କାରଣ ସବୁ ଏହିପରି ଥିଲା—କେଉଁଥିରେ ଜଣେ ନର୍ସ ଗୋଟିଏ ଛାତ୍ରକୁ ଅପମାନିତ କରିଥାଏ, କେଉଁଥିରେ ଜଣେ ଫର୍ମାସିଷ୍ଟ ଜଣେ ଛାତ୍ରକୁ ଖରାପ ବ୍ୟବହାର ଦେଖାଇଥାଏ, କେଉଁଥିରେ ଓ୍ୱାର୍ଡରେ ଚିକିତ୍ସିତ ହେଉଥିବା କୌଣସି ରୁଗ୍‌ଣ ଛାତ୍ର ପାଖରେ ଫ୍ୟାନ୍‌ଟିଏ ଦିଆ ହୋଇ ନଥାଏ । ସାମାନ୍ୟ ଝିମିଟି ଖେଳରୁ ମହାଭରତ ଯୁଦ୍ଧ ତ ପୁଣି ହୋଇଥିଲା । ଏସବୁ କାରଣ କ'ଣ ତା'ଠାରୁ ସାନ ! ମହାଭରତ ଯୁଦ୍ଧରେ କିନ୍ତୁ କୌରବମାନଙ୍କର ସମୂଳେ ବିନାଶ ହୋଇଥିଲା ଓ ପାଣ୍ଡବମାନେ ରଜା ହୋଇଥିଲେ କିନ୍ତୁ ଏ ଯୁଦ୍ଧରେ ଭୀମର ଗୋଡ଼ ଭର୍ଗିଗଲା ତ ଅର୍ଜୁନର ହାତ ଜଖମ ହୋଇଗଲା, ଯୁଧିଷ୍ଠିରଙ୍କ ମୁଣ୍ଡ ଫାଟିଲା, ନକୁଳ ସହଦେବ ମଧ୍ୟ ହାତଗୋଡ ଖଣ୍ଡିଆ କଲେ; ହେଲେ କୌରବ ବା କର୍ତ୍ତୃପକ୍ଷଙ୍କର କିଛି ହେଉନଥିଲା । ଅଧିକାଂଶ ଷ୍ଟ୍ରାଇକ୍‌ରେ ଆମେ ବିନା ସର୍ତ୍ତରେ କାମରେ ଯୋଗ ଦେଉଥିଲୁ, ବେଳେବେଳେ ଜୋରିମାନା ମଧ୍ୟ ଦେଉଥିଲୁ । କେତେଜଣ ମଧ୍ୟ ସ୍କୁଲରୁ ବିତାଡ଼ିତ ହୋଇଥିଲେ । ଟିକିଏ ଓଲଟ ହୋଇଗଲା ସିନା, ହେଲେ ଯୁଦ୍ଧ ଠିକ୍ ହେଉଥିଲା ।ଖୁବ୍ ହଇଚଇ ପଡୁଥିଲା ।

Digitized by srujanika@gmail.com

ମେଡ଼ିକାଲ୍ ସହପାଠୀଙ୍କୁ ହଇରାଣ

ମୋର କଣ୍ଠ ସାଧନ:-

ମେଡ଼ିକାଲ୍ ହଷ୍ଟେଲରେ ସଙ୍ଗୀତର ବହୁତ ଚଳଣି ଥିଲା । ଅନେକ ଗବେୟା ସେଠାରେ ଯାଇ ନିଜର କୃତିତ୍ୱ ଦେଖାଉ ଥିଲେ । ସଙ୍ଗୀତ କଣ୍ଠ ମୋର ଏତେ ପ୍ରବଳ ହୋଇ ଉଠିଲା ଯେ ଜଣେ ସଙ୍ଗୀତଜ୍ଞଙ୍କୁ ମୁଁ କହିଲି—"ଆଜ୍ଞା, ମୋତେ ଗୀତ ବୋଲିବା ଟିକିଏ ଶିଖାଇ ଦିଅନ୍ତେ ନି ?" ସେ କହିଲେ—ତୁମେ ଆଗ କଣ୍ଠ ସାଧନା କର, ତା'ପରେ ଗୀତ ବୋଲିବ ।" ଏହା କହି ସେ ମୋତେ ଗୋଟିଏ ଗୀତର ଦୁଇ ଚାରି ପଦ ଗାଇବାକୁ କହିଲେ । ମୁଁ ଟିକିଏ ଲଜ୍ଜାର ହୋଇଯାଇ ବୋଲିଲି । ମୋ କଣ୍ଠରୁ ମଣିଷ ସ୍ୱର ପରିବର୍ତ୍ତେ ଗଧ, ବେଙ୍ଗ, ପେଚା, ଚୁଚୁନ୍ଦ୍ରା ଓ ମୂଷାମାନଙ୍କ ସଙ୍ଗୀତ ବାହାରିଲା । ସେ ଉପଦେଶ ଦେଲେ "ନାଁ, ଏ ସବୁ ଚଳିବ ନାହିଁ । ଗଳା ଖୋଲି ବଡ଼ ପାଟିରେ କିଛିଦିନ ଗୋଟିଏ ଗୀତ ଆବୃତ୍ତି କର । କଣ୍ଠଟା ଖୋଲିଯିବା ଯାଏ ଏହିପରି ଆବୃତ୍ତି କରିବ ।" ମୁଁ ପ୍ରଥମେ ଆମ ରୁମ୍‌ରେ ଟିକିଏ ଜୋର୍‌ରେ ବୋଲିଲି । ମୋର ରୁମ୍‌ମେଟ୍ ତଥା ଅନ୍ୟାନ୍ୟ ରୁମ୍‌ର ଅନ୍ତେବାସୀଙ୍କୁ ଏହା ଭଲ ଲାଗିଲା ନାହିଁ । ସେମାନେ ଉତ୍‌କ୍ଷିପ୍ତ ହୋଇ ଏହା ବନ୍ଦ କରିବାକୁ କହିଲେ । ମୁଁ ସନ୍ଧ୍ୟାବେଳେ ଦୋ'ମହଲାର ଛାତ ଉପରକୁ ଉଠିଯାଇ ଘୋର୍ ଗର୍ଜନସହ କଣ୍ଠ ସାଧିବାକୁ ଲାଗିଲି । ଘର ଭିତରେ ସିନା ଆଖପାଖ ରୁମ୍‌କୁ ଶୁଭୁଥିଲା, ଉପରେ ଯାଇ ଖୋଲା ସ୍ଥାନରେ ବୋଲିବା ଦ୍ୱାରା ପୂରା ହଷ୍ଟେଲ୍ କମ୍ପିବାକୁ ଲାଗିଲା । ଯେତେବେଳେ ମୋତେ ମାଡ଼ର ଧମକ ଦିଆଗଲା ସେତେବେଳେ ଯାଇ ମୋର କଣ୍ଠ ସାଧନ ବନ୍ଦ ହୋଇଗଲା ।

ପେଚା ପ୍ରଦର୍ଶନ:-

ଥରେ ମୁଁ କମନ୍‌ରୁମ୍‌ରେ ବସି କ୍ୟାରମ୍ ଖେଳୁଥିଲି । ସନ୍ଧ୍ୟା ଗଡ଼ିଯାଇ ଥାଏ । ଫ୍ୟାନ୍‌ଟା ଉପରେ ଘର୍‌ଘର୍ ହୋଇ ବୁଲୁଥାଏ । ହଠାତ୍ ଗୋଟାଏ ପେଚା ଭୁଷ୍‌କରି ପଶିଆସିବା ଫଳରେ ଫ୍ୟାନ୍‌ବ୍ଲେଡ୍‌ରେ ବାଜି କ୍ୟାରମ୍ ବୋର୍ଡ଼ ଉପରକୁ ଖସି ପଡ଼ିଲା । ପେଚାଟା ଅଳ୍ପ ସୁନେଲି ରଙ୍ଗର ଥିଲା । ମୁଁ ତାକୁ ସାଷ୍ଟମ କରି ତା ପାଟିରେ ପାଣି ଦେଲି । ଗୋଟିଏ ପିଞ୍ଜରାରେ ଆମେ ଗୋଟିଏ ହଳଦୀବସନ୍ତ ପୋଷି-ଥିଲୁ । ତାକୁ ସନ୍ଧ୍ୟାବେଳେ ବାହାରେ ବୁଲାଇ ଆଣିବା ପାଇଁ ଯାହା ହାତରେ ଦେଇଥିଲୁ ସେ ଦିନେ ଖାଲି ପିଞ୍ଜରାଟି ଆଣି ଆମକୁ କହିଲା—"ଚଢ଼େଇଟି କିପରି କବାଟ ଖୋଲି ପଳେଇଲା ।" ହଳଦୀବସନ୍ତଟି ହଷ୍ଟେଲରେ ସମସ୍ତଙ୍କର ପ୍ରିୟ ଥିଲା । ସମସ୍ତେ ସେ ଲୋକକୁ ଗାଳି ଦେଲେ ଓ ଧକମ୍ ଧକ୍‌କା କଲେ । ସେଇ ଶୂନ୍ୟ ପିଞ୍ଜରାଟି ମୁଁ ନେଇ ଆସି ସେଥିରେ ପେଚାକୁ ରଖିଲି । ମୋ ରୁମ୍‌ରେ ତାହାକୁ ଟାଙ୍ଗିଦେଲି ।

ତହିଁ ଆରଦିନ ଏପ୍ରିଲ୍ ବ୍ୟାଚ୍ ପରୀକ୍ଷା ଆରମ୍ଭ ହେବାର ଥାଏ । ମୁଁ ନଭେମ୍ବର ବ୍ୟାଚ୍‌ର ପରୀକ୍ଷାର୍ଥୀ ଥିବାରୁ ପରୀକ୍ଷା ଚିନ୍ତା ମୋର ନଥାଏ, ଏପ୍ରିଲ୍ ବ୍ୟାଚ୍‌ରେ ଭଲ ପାଠ ପଢୁଆ ପିଲା ସବୁ ଥାଆନ୍ତି । ସେମାନଙ୍କ ଉପରେ ମୋର ବଡ଼ ଆକ୍ରୋଶ

Digitized by srujanika@gmail.com

ଥାଏ । ସେମାନେ କାହିଁକି ଭଲ ପଢୁଚନ୍ତି ସେଥିପାଇଁ ସେମାନଙ୍କ ଉପରେ ମୋର ହିଂସା ହେଉଥାଏ । ଘଡିରେ ମୋ ମୁଣ୍ଡରେ ଏକ ଅଜବ ଖିଆଲ ସବାର ହେଲା । ସେମାନଙ୍କ ପରୀକ୍ଷାରେ କିପରି ଖରାପ ହେବ ସେଥିଲାଗି ରାତି ତିନିଟାବେଳେ ଯେଉଁ ପାହାଚ ଦେଇ ଓହ୍ଲାଇ ସକାଳୁ ସମସ୍ତେ ପରୀକ୍ଷାକୁ ଯିବେ, ସେଇ ପାହାଚ ଉପରେ ଥିବା ଖିଲଣରେ ସେ ପଞ୍ଜୁରୀଟିକୁ ବାନ୍ଧିଦେଲି । ଏଥିରେ ମଧ୍ୟ ମୋତେ ମୋର କେତେକ ସମଧର୍ମା ବନ୍ଧୁ ସାହାଯ୍ୟ କଲେ ।

ସକାଳେ ପରୀକ୍ଷାର୍ଥୀମାନେ ସେଠି ପେଚାର ଆବିର୍ଭାବ ଦେଖି ରାଗରେ ଉତ୍କ୍ଷିପ୍ତ ହୋଇ ଉଠିଲେ । ଅଭିଧାନରେ ଯେତେ ଗାଳି ଅଛି ସେ ସବୁ ଏ କାଣ୍ଡର କର୍ତ୍ତା ଉପରେ ବର୍ଷା କରିବାରେ ଲାଗିଲେ । ସେମାନେ ଯେତେ ଗାଳି ଦେଉ ଥାଆନ୍ତି ମୋ ଦେହ ସେତେ ଉଲ୍ଲସିତ ଥାଏ । ତା'ପରେ ମୁଁ ପିଞ୍ଜରାଟି ସେଠୁ ଖୋଲି ଆଣି ମୋ ରୁମ୍‌ରେ ଲଟକାଇ ଦେଲି । ଯେଉଁ ଝିଡ଼ିକି ପାଖରେ ତାକୁ ଲଟକାଇ ଥିଲି ସେଠି ଯେ ସକାଳ ୮ଟା ବେଳୁ ଖରା ପଡ଼େ ସେତକ ମୁଁ ଭୁଲିଗଲି । ବାରଟା ବେଳେ ଓ୍ୟାର୍ଡରୁ ଫେରି ଦେଖିଲି ତା ଉପରେ ପ୍ରଖର ସୂର୍ଯ୍ୟକିରଣ ପଡ଼ିଛି ଏବଂ ସେ ମୃତ । ମୋରି ଲାଗି ହତଭାଗ୍ୟ ପକ୍ଷୀଟି ଯେ ଜୀବନ ଦେଲା ତାହା ମୋତେ ଗଭୀର ଦୁଃଖ ଦେଲା ।

ବାଣମାରି–

କାଳୀପୂଜା ବେଳେ ମୁଁ ଚୁପ୍‌ଚାପ୍ ହୋଇ ମୋ ରୁମ୍‌ରେ ବସିଥାଏ । ପିଲା-ମାନେ ସମସ୍ତେ ବାଣ ଫୁଟାଇବାରେ ଲାଗି ପଡ଼ନ୍ତି । ସେମାନଙ୍କ ମଧ୍ୟରୁ ଯଦି କେହି ମୋତେ ବାଣଫୁଟାରେ ଯୋଗ ଦେବାକୁ ଡାକେ ତେବେ ତାକୁ ସାଫ୍ ସାଫ୍ କହିଦିଏ, "ମୁଁ ଏ ଧନ ପୋଡ଼ା କାମରେ କେବେହେଲେ ଯୋଗ ଦେବି ନାହିଁ ।" ସେମାନେ ଦୋ' ମହଲା ଉପରେ ଠିଆହୋଇ ଫୋଟକାରେ ନିଆଁ ସଂଯୋଗ କରି ତଳକୁ ଫୋପାଡ଼ି ଦିଅନ୍ତି । ଏହିପରି ଘଣ୍ଟାଏ ଦୁଇ ଘଣ୍ଟା ଖଣ୍ଡେ ବାଣ ଫୁଟେଇ ଯେ ଯାହା ରୁମ୍‌କୁ ଶୋଇବାକୁ ଚାଲି ଯାଆନ୍ତି । ରାତି ଦୁଇଟା କି ତିନିଟା ହୋଇଗଲେ ମୋର ଦୁଷ୍ଟାମୀ ଆରମ୍ଭ ହୁଏ । ମୁଁ ଆଗରୁ କେତେ ଗୁଡ଼ିଏ ଶକ୍ତିଶାଳୀ ଫୋଟକା ଲୁଚାଇ ରଖିଥାଏ । ସମସ୍ତେ ଶୋଇଯିବା ପରେ ମୁଁ ସେଗୁଡ଼ିକୁ କାର୍ଯ୍ୟରେ ଲଗାଇବାକୁ ବାହାରି ପଡ଼େ । ମୋ ଫୋଟକାଗୁଡ଼ିକର ରଞ୍ଜକ ସବୁ ଖୁବ୍ ବଡ଼ ଥାଏ । ନିଆଁ ଧରେଇ ଘୋର୍ ନିଦରେ ଶୋଇଥିବା ଗୋଟିଏ ପିଲାର ଖଟ ତଳକୁ ଆସ୍ତେ କରି ଛାଡ଼ିଦେଇ ମୁଁ ଯାଇ ମୋ ଖଟ ଉପରେ ଶାନ୍ତ ପିଲାଟି ପରି ଶୋଇ ପଡ଼େ । ଘର ଭିତରେ ଫୋଟକା ଫୁଟିଲେ ଯେ ଏତେ ବଡ଼ ଶବ୍ଦ କରେ ତାହା ମୁଁ ମଧ୍ୟ ଜାଣି ନଥିଲି । ସେ ରୁମ୍‌ରେ ଶୋଇଥିବା ପିଲାମାନେ ଆତଙ୍କଗ୍ରସ୍ତ ହୋଇ ଉଠି ହାଉ ହାଉ ପାଟି କରନ୍ତି । ବାଣର ବିକଟ ଶବ୍ଦ ଓ ହାଉ ହାଉ ଶବ୍ଦରେ ସେ ବ୍ଲକ୍‌ଯାକର ପିଲା ପଦାକୁ ବାହାରି ଆସନ୍ତି । ବାରୁଦ ଧୂଆଁର ଅବସ୍ଥିତି ହେତୁ ସମସ୍ତେ ଜାଣି ଯାଆନ୍ତି ଯେ କେହି ଅକର୍ମା ଦୁର୍ଜନ ଏପରି କାମ କରିଅଛି । ସମସ୍ତଙ୍କ ସାଙ୍ଗରେ ମୁଁ ମଧ୍ୟ ହାଉ ହାଉ ହେଉଥାଏ । ସମସ୍ତେ ମିଶି ସେହି କଳ୍ପିତ ଦୁଷ୍କର୍ମାକୁ ଖୋଜୁଥାଉ ।

Digitized by srujanika@gmail.com

ମୁଁ ଥରେ ବରଣ୍ଡା ଉପରେ ଠିଆ ହୋଇଥାଏ । ମୋର ଜଣେ ବଂଧୁ ଗଧାରଂଜନ ମିତ୍ର ଓ୍ୱାର୍ଡ଼ଆଡୁ ହଷ୍ଟେଲ ଆଡ଼କୁ ଆସୁଥିବାର ଦେଖିଲି । ପ୍ରବେଶ ଦ୍ୱାରର ଅନତିଦୂରରେ ତା ପାଖକୁ ଗୋଟାଏ ଛୋଟ ଚେଙ୍ଗା ଛାଡ଼ି ତାକୁ ଅସ୍ତବ୍ୟସ୍ତ କରିବାର ମସୁଧା କଲି । ସେ ପାହାଚ ଦେଇ ଉଠି ଆସିବାମାତ୍ରେ ମୁଁ ସିଗାରେଟ୍ ନିଆଁରେ ଚେଙ୍ଗାଟା ଧରଇ ତା ଆଡ଼କୁ ଛାଡ଼ିଦେଲି ଓ ସଙ୍ଗେ ସଙ୍ଗେ ଅଦୃଶ୍ୟ ହୋଇଗଲି । ମୁଁ ଭାବିଥିଲି ଚେଙ୍ଗାଟା ତା ଗୋଡ଼ରେ ବାଜି ତା ଚାରିପାଖଯାକ ବୁଲିବ ଓ ତାକୁ ହଇରାଣ କରିବ । କିନ୍ତୁ ମୋ ଯୋଜନାରେ ସବୁ ଗଣ୍ଡଗୋଳ ହୋଇଗଲା । ଗଧାରଂଜନ ଲୁଙ୍ଗି-ଟିଏ ପିନ୍ଧିଥିଲା । ଚେଙ୍ଗାଟି ସେପାଖ ଗୋଡ଼ରେ ବାଜି, ସିଧା ଉଠିଯାଇ ଲୁଙ୍ଗି ମଧ୍ୟରେ ପଶିଗଲା । ସେ ଡେଉଁଥାଏ ଓ ଲୁଙ୍ଗିରେ ନିଆଁ ଧରିଯାଇ ଥାଏ । ଅନ୍ୟାନ୍ୟମାନେ ଧାଇଁ ଆସି ତା' ଲୁଙ୍ଗିକୁ ମକଚି ପକାଇଲେ ଏବଂ ନିଆଁ ଲିଭାଇଦେଲେ । ନିଆଁ ଲିଭାଇଲାବେଳକୁ ସେ ଅର୍ଦ୍ଧ ଉଲଗ୍ନ ହୋଇ ଯାଇଥାଏ । କିଏ ମାଇଲା ବୋଲି ସେ ଜାଣିବା ଲାଗି ବାର-ମ୍ୱାର ଦାବୀ କଲା । ମୋତେ କେହି ଦେଖି ନଥିଲେ । ମୋ ନାଁ ଦେବ କିଏ !

ଦୋ'ମହଲା ଛାତ ଉପରେ ଆମେସବୁ ବଡ଼ ବଡ଼ ହାବେଳି ନେଇ ନିଆଁ ଲଗାଇବାକୁ ଯାଉଥିଲୁ । ପ୍ରାୟ ଦୁଇ ଶହ ଗଜ ଦୂରରେ ଛାତ୍ରୀଙ୍କ ବସାଘର ଥାଏ । ତିନିଜଣ ଛାତ୍ରୀ ଭଡ଼ା ଘରେ ରହିଥିଲେ । ସେମାନେ ମଧ୍ୟ ଛାତ ଉପରକୁ ଯାଇ ଆମ ଆଡ଼କୁ ହାବେଳୀ ମାଇଲେ । ଏଇତକ ଇଙ୍ଗିତ ଆମର ଦରକାର ଥିଲା । ଜର୍ଜ ତା'ର ହାବେଳୀଗୁଡ଼ିକୁ ଗାଇଡ଼େଡ୍ ମିଶାଇଲ ପରି ଯଥାର୍ଥ କୋଣରେ ଛାଡ଼ି-ବାକୁ ଲାଗିଲା । ଦୁଇ ଚାରିଟି ଲକ୍ଷ୍ୟଭ୍ରଷ୍ଟ ହେବା ପରେ ଗୋଟିଏ ଲକ୍ଷ୍ୟସ୍ଥଳ ଭେଦକଲା ଓ ସମସ୍ତଙ୍କୁ ଭଣ୍ଡିଆ କରି ପକାଇଲା । ସମସ୍ତେ ତଳକୁ ପଳାଇଗଲେ । ଚତୁର୍ଥ—ବାର୍ଷିକ ଶ୍ରେଣୀକୁ ମୁଁ ଏକ ମନୋରମ ତୀର୍ଥସ୍ଥାନ ବୋଲି ମନେ କରିଥିଲି । ଏହିଠାରେ ହିଁ ମୁଁ ସବୁଠାରୁ ବେଶି ବର୍ଷ କଟାଇ ଥିଲି ।

ପରୀକ୍ଷାରେ କପି ଧରାଳିମାନଙ୍କ ସାଙ୍ଗରେ ମୁହାଁମୁହିଁ ସମରରେ ମୁଁ ସର୍ବଦା ଜିତାପଟ ଲାଭ କରୁଥିଲି । ନାମଜାଦା କପି ଧରାଳିମାନଙ୍କୁ ବି ମୋର ଖାତିର୍ ନଥାଏ । ସାଙ୍ଗ ପରୀକ୍ଷାର୍ଥୀମାନେ ମତେ ବାରମ୍ବାର ଚେତାଇ ଦେଉଥାନ୍ତି, "ହେଇ, ହେ ସେ ଅମୁକ ଭାରୀ କଟ୍‌ଟର ଧରାଳି; ତୁ ଯେମିତି ବେପରବାୟ ଭାବରେ କପି କରୁଛୁ ସେ ନିଶ୍ଚୟ ଦିନେ ତତେ କତଲ କରିବ ।" ଗୋଟିଏ ଭଲ ମୁକାବିଲାର ଏଇଠି ଉଦାହରଣ ଦେଉଛି । ଖାତା ତଳେ ମୁଁ କପିଟିକୁ ରଖି ବେଶ୍ ଲେଖିଯାଉଛି । ଅତି ବେପରବାୟ ହୋଇଯାଇ ଟିକିଏ ତ୍ରୁଟି କରି ପକାଇଲି । ମୋର ଉଚିତ ଥିଲା ଲେଖା ଆରମ୍ଭ କରିବା ପୂର୍ବରୁ ନିରୀକ୍ଷକଙ୍କ ଆଡ଼େ ଚାହିଁଦେଇ ଥାଆନ୍ତି ସେତିକି ମାତ୍ର ଭୁଲ ମୁଁ କରି ପକାଇଲି ।

ମୁଁ ଯେ ଜଣେ କପିବାଜ ତାହା ନିରୀକ୍ଷକ ଆଗରୁ ଶୁଣିଥିଲେ ଏବଂ କଟାସ ପରି ମୋ ଆଡ଼କୁ ଚାହିଁଥିଲେ । ଖାତା ଟେକି କପି ଦେଖୁଚି ବୋଲି ପଟ୍ କରି ଜାଣି-ପାରି ମୋ ଆଡ଼କୁ ଖେପି ଆସିଲେ । ପାଖରେ ବସିଥିବା ଜଣେ ସାଥୀ ମୋତେ

Digitized by srujanika@gmail.com

ଅନୁତି ଗଳାରେ ହୁସିଆର କରିଦେଇ କହିଦେଲ, "ଆରେ ଯମ ମାଡ଼ି ଆସିଲ ।" ମୁଁ ଗ୍ରହିଁଲବେଳକୁ ସେ ସେତେବେଳକୁ ମୋର ଅଳ୍ପ ଦୂରରେ ଥିଲେ । ସେଠି ତ ଆଉ କିଛି କରି ହେବ ନାହିଁ । ସଙ୍ଗେ ସଙ୍ଗେ ମୁଁ ମନେ ମନେ ମୋର ରଣକୌଶଳ ଠିକ୍ କରିନେଲି । ସେ ଆସି ମୋତେ କହିଲେ–"ତୁମ ଖାତାଟା ମୁଁ ଦେଖିବି ।" ମୋ ଡେସ୍କକୁ ଲଗି ସେ ଠିଆ ହୋଇ ଯାଇଥିଲେ । ମୁଁ ସାଙ୍ଗେ ସାଙ୍ଗେ କହିଦେଲି, "ସାର୍ ମୋତେ ଡ଼ିସ୍‌ଟର୍ବ କରନ୍ତୁ ନାହିଁ, ମୁଁ ଲେଖୁଚି ।" ସେ କହିଲେ–"ମୋର ସନ୍ଦେହ ହେଉଛି ତୁମ ଖାତା ଭିତରେ କପି ଅଛି । ତେଣୁ ତୁମ ଖାତାକୁ ଦେଖିବି ।" ମୁଁ ମଧ୍ୟ ତେଢ଼େଇ କରି କହିଲି, "ସାର୍ ମୁଁ କେବେହେଲେ କପି କରେ ନାହିଁ ।" ଆଖପାଖରେ ବସିଥିବା ପରୀକ୍ଷାର୍ଥୀମାନେ କୁର୍‌କୁର୍ ହୋଇ ହସି ଉଠିଲେ । ସେ କହିଲେ "ମୋର ତ ସନ୍ଦେହ ହେଉଛି ମୁଁ ନିଶ୍ଚେ ତୁମ ଖାତା ଦେଖିବି ।" ଆଉ ମୁଁ ମାଡ଼ି ବସିଥିବା ଖାତାଟିକୁ ଟାଣିବାକୁ ଲଗିଲେ । ମୁଁ ମୋ ଆଡ଼କୁ ଖାତାଟାକୁ ବହୁତ ଜୋର୍‌ରେ ଟାଣି ଆଣିଲି ଏବଂ କହିଲି "ମୁଁ ପରା କହୁଚି ମୁଁ କପି କରେ ନାହିଁ ।" ଖାତାଟା ଡେସ୍କଧାରରୁ ଆଉ ଟିକିଏ ବାହାରକୁ ଗ୍ରଲିଆସିବା ଫଳରେ ଖାତା ତଳେ ଥିବା ଟିକି କପି ଖାତାଟି ଧାର ଠାରେ ତଳକୁ ଖସି ପଡ଼ିଲ । ଜୋତାଟିକୁ ମୁଁ ପଟ୍‌କରି ତା'ଉପରେ ଥୋଇଦେଲି । ତଳକୁ ଗ୍ରହିଁଲି । କପିଟିକୁ ଘୋଡ଼ାଇବା ଲଗି ଜୋତାଟି ଯଥେଷ୍ଟ ଥିଲ । ନିଗପତ୍ତା ଆସି ଯାଇଥିବାର ଜାଣି ମୁଁ ଆଉ ଟିକିଏ ଅଭିନୟ କଲି । ଟିକିଏ ସାହସ ବି ବଢିଯାଇ ଥାଏ । ସାର୍‌ଙ୍କ ମୁହଁକୁ ଗ୍ରହିଁ କହିଲି–"ମୁଁ ପରା କହିଲି ମୁଁ କପି କରେ ନାହିଁ । ମୋତେ କାହିଁକି ଏପରି ହଇରଣ କରୁଛନ୍ତି ?" ସେ ଏଥରକ ରଗିଯାଇ କହିଲେ–"ମୋର ସନ୍ଦେହ ହେଉଛି ମୁଁ ଖାତା ଅଲ୍‌ବତ୍ ଦେଖିବି ।" ଏହା କହି ସେ ଖାତାଟା ଟାଣି-ନେଲେ । ମୁଁ ମଧ୍ୟ ଛାଡ଼ିଦେଲି 'ପୁସ୍ତା ପୁସ୍ତା କରି ଖାତାଟାକୁ ତନଖିକରି ସାରି ସେ କହିଲେ "ହଉ ନିଅ ଲେଖ ।" ମୁଁ କହିଲି ଆଉ କ'ଣ ଲେଖିବି ? ମୋ ମନ ତ ଖରାପ ହୋଇଗଲଣି । ସେ ଓଲଟା ମୋତେ ଖୋସାମତ କଲେ, "ହଉ ମୁଁ ତ ଜାଣିଲି ତୁମର କପି ନାହିଁ । ଆଉ ବ୍ୟସ୍ତ ହେଉଛ କାହିଁକି–ଲେଖ ।" ଏହା କହି ସେ ମୋ ପିଠି ଥାପୁଡେଇଲେ । ମୁଁ ବି କହିବାକୁ ଛାଡ଼ିଲିନି, "ମୋ ମୁଣ୍ଡ ତ ଗୋଳମାଳ କରିଦେଲେ, ଆଉ ଲେଖିବି କ'ଣ ?" ସେ ଉତ୍ସାହ ଦେଇ କହିଲେ, "ମନ ଟିକିଏ ସ୍ଥିର କଲେ ପୁଣି ଲେଖିବ । ଚେଷ୍ଟାକର ।" ଏହା କହି ସେ ଫେରିଗଲେ । ସେ ଫେରୁଥିବାବେଳେ ମୁଁ ପଟ୍‌କରି କପିଟି ଉଠେଇ ଖାତା ତଳେ ଥୋଇଦେଲି । ସେ ଆଉ ମୋ ପାଖ ମାଡ଼ିଲେ ନାହିଁ । ମୁଁ ମଧ୍ୟ ମନଇଚ୍ଛା କପି କରି ଖାତା ଦେଲି ।

ଆଉ ଥରେ ପରୀକ୍ଷାରେ ମୁଁ ଏବଂ ମୋର ଆଉ ଜଣେ ସଙ୍ଗୀ ପରୀକ୍ଷାପାଇଁ ବହି ନ ପଢି କପି ଲେଖା ଆରମ୍ଭ କଲୁ । ସେ ସଙ୍ଗୀଟିର ନାଁ ମୁଁ କହିବି ନାହିଁ, କାହିଁକି ନା ମୁଁ ଉପହାସକୁ ଖାତିର୍ କରେ ନାହିଁ । କେହି ମୋତେ ଉପହାସ କଲେ ମୁଁ ଗୌରବ ଅନୁଭବ କରେ । କଥାରେ ଅଛି–ବେହିଆଙ୍କ ପଛରେ ବଥ ହେଲେ ସେମାନେ କହନ୍ତି–ମୋତେ ଛାଇ ହେଲ । ତେଣୁ ମୋର ବନ୍ଧୁକୁ ଉପହସିତ ନ କରିବା ଲଗି ତା ନାଁ ଏଠାରେ ଦେବି ନାହିଁ । ଆମେ ହଷ୍ଟେଲରେ ପ୍ରବଳ କପି ଲେଖା ଆରମ୍ଭ କରି ଦେବାରୁ କେତେକ

Digitized by srujanika@gmail.com

ଭଲପିଲା ଅସହିଷ୍ଣୁ ହୋଇପଡ଼ି ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ୍ ଆଗରେ ଏସବୁ କଥା କହିଲେ, ସେ ମନରେ କଥାଟିକୁ ରଖି କେମିତି ଆମ ଦୁଇଜଣଙ୍କୁ ପଟାଏ ଲେଖା ଦେବେ ତାହାର ଉପାୟ ଚିନ୍ତା କଲେ । ପରୀକ୍ଷା ପୂର୍ବଦିନ ହଲ୍ ଭିତରେ ରୋଲ ନମ୍ବର କାର୍ଡଗୁଡ଼ିକ ଟେବୁଲ ଦେହରେ ଲଗାଇ ଦିଆଗଲା । ଆମେ ମନେ ମନେ ଜାଣି ଯାଇଥାଉ ଯେ ଆମ ଦୁଇଜଣଙ୍କ ରୋଲ ନମ୍ବର ସବା ପଛରେ ଦୁଇ କଣରେ ପଡ଼ିଥିବ । ତାହା ଠିକ୍ ବୋଲି ଜାଣିବା ଲାଗି ଆମେ ଦୁହେଁ ରାତିରେ ଦୋ'ମହଲା ହଲ୍‌ର ଦୁଆରମୁହଁକୁ ଗଲୁ । ସାଙ୍ଗରେ ଟର୍ଚ୍ଚ ଥାଏ । କାଚ କବାଟ ଦେଇ ଟର୍ଚ୍ଚ ପକାଇ ଚାହିଁଲୁ । ଆମ ଅନୁମାନ ଠିକ୍ ବୋଲି ଆମେ ଜାଣିପାରିଲୁ । ମୋର ପଛ ପଟର ଗୋଟିଏ କଣରେ । ମୋର ବନ୍ଧୁର ସେହି ପଛ ପଟର ଆଉ ଗୋଟିଏ କଣରେ ପଡ଼ିଥିବାର ଦେଖି ଆମେ ଭରି ଖୁସି ହୋଇଗଲୁ । ଏଥିପାଇଁ ଆମେ ଆଉ ଗୋଟିଏ ସାହାଯ୍ୟକାରୀ ପନ୍ଥା ରୂପେ କିରଣୀକୁ ବହୁ ଖୋସାମତ ଓ ଚା'ଜଳଖିଆରେ ଆପ୍ୟାୟିତ କରିଥିଲୁ ।

ପରଦିନ ସକାଳୁ ଆମେ ଦୁହେଁ ପରିଧାନ ସହିତ ସଂଲଗ୍ନ ଚାରିମୁଣି ବିଶିଷ୍ଟ ଏକ ପଟି ଅଣ୍ଟାରେ ବାନ୍ଧି ତହିଁରେ ଯୁଦ୍ଧ ପାଇଁ ଉଦ୍ଦିଷ୍ଟ ଗୁଳାଗୁଳି ଖଞ୍ଜି ରଖିଦେଲୁ ଏବଂ କେଉଁ ପକେଟରେ କେଉଁ ଅସ୍ତ୍ରଟି ରହିଲା ତାହା ମଧ୍ୟ ପୂର୍ବ ରାତ୍ରିରେ ଘୋଷି-ଘୋଷି ଠିକ୍ କରିଦେଇଥିଲୁ । ହାତ ଠିକ୍ ପକେଟକୁ ଯାଉଛି କି ନା ତାହାର ମଧ୍ୟ ରିହର୍ସାଲ କରି ନେଇଥିଲୁ । ଏହିପରି ଆମେ ଦୁହେଁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ବୀର-ଦର୍ପରେ ପାହୁଲ ପକାଇ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେଲୁ । କେତେଜଣ ଭଲ ପିଲା ଆମଆଡ଼କୁ ବକ୍ରଦୃଷ୍ଟି ନିକ୍ଷେପ କରି ମୁରୁକିହସା ଦେଉଥାଆନ୍ତି ।

ସମରକ୍ଷେତ୍ରରେ ପହଞ୍ଚିବା ମାତ୍ରେ ଦେଖିଲୁ ସବୁ ଓଲଟପାଲଟ ହୋଇଯାଇଛି । ଆମେ ବନ୍ଧୁକ ଉଠେଇ ପାରିଲୁ ନାହିଁ କି ଗୁଳି ଫୁଟାଇ ପାରିଲୁ ନାହିଁ । ଆମେ ଦୁହେଁ ସିଧା ସରପଟ ହଲ୍‌ର ପଛକୋଣକୁ ଚାଲିଗଲୁ । ଦେଖିଲା ବେଳକୁ ମୋର କି ତା'ର ରୋଲ ନମ୍ବର ସେଠାରେ ନାହିଁ । ଦମକାଏ ଲେଖାଏ ପବନ ଆମ ଛାତିରୁ ବାହାରିଗଲା । ଆମେ ଗାର୍ଡଙ୍କୁ ପଚାରିଲୁ—"ସାର୍ ଆମ ସିଟ୍ ଗଣ୍ଡଗୋଳ ହୋଇଯାଇଚି । ଆମେ ପାଉନୁ । ସେ ବି ମଜା ଦେଖିବାକୁ ପଚାରିଲେ । "ତୁମେ ସେ କଣକୁ ଯାଇ ସିଟ୍ ଖୋଜୁଛ କାହିଁକି ?" 'ଆମ ମୁହଁ ଆଫା ଆଫା ହେଇଗଲା । ତାଙ୍କୁ କହିଲୁ, "ନାହିଁ ସାର୍, ଆମେ ଖୋଜି ଖୋଜି ଆସୁଚୁ, ଏଯାଏଁ ଆସିଲୁଣି ପାଉନୁ ।" ସେ ଆମ ଦୁଇ ଜଣଙ୍କୁ ଡାକି କହିଲେ, "ଆସ ଏଠିକି ଆସ । ମୁଁ ଦେଖାଇ ଦଉଚି ତୁମ ସିଟ୍ ।" ଏହା କହି ତାଙ୍କର ଟିକିଏ ଉଚ୍ଚାସନକୁ ଲାଗି ଦୁଇ ପାଖରେ ଆମ ସିଟ୍ ପଡ଼ିଥିବାର ଦେଖାଇ ଦେଲେ । ଅନ୍ୟମାନଙ୍କ ସିଟ୍ ଗାର୍ଡଙ୍କଠାରୁ ଟିକିଏ ଛାଡ଼ି ପଡ଼ିଥାଏ । କିନ୍ତୁ ଆମର ସିଟ୍ ଅତି ଅସ୍ୱାଭାବିକ ଭାବରେ ତାଙ୍କ ଚେୟାର ପାଖକୁ ଲାଗି ପଡ଼ିଥାଏ । ବନ୍ଧୁ ମୋ ମୁହଁକୁ ଓ ମୁଁ ତାଙ୍କ ମୁହଁକୁ ଚାହିଁବା ସାର ହେଲା । ମନେ ମନେ ସ୍ଥିର କଲୁ ଯେ ଜଣେ କେହି ଭେଦୁଆ ସହପାଠୀ ଆମର କପିନେବା କଥା ଗାର୍ଡ଼କୁ ଆଗରୁ କହି ଦେଇଛି । ଫଳରେ ଆମ ଦୁହିଁଙ୍କ ସିଟ୍‌ର ଏପରି ବିକଳ ଅବସ୍ଥା ।

Digitized by srujanika@gmail.com

ପ୍ରଶ୍ନଖାତା ଦିଆଯିବା ମାତ୍ରେ ଭଲ ପିଲମାନେ ଅଣନିଃଶ୍ୱାସୀ ହୋଇ କଲମ ଚଳାଇ ଲଗିଲେ । କପିବାଜମାନେ ଗୁପ୍ତ ସ୍ଥାନରୁ କପି କାଢି ଓ ସଜବାଜ ହୋଇ ଲେଖା ଆରମ୍ଭ କଲେ । ଆମ ଦୁହିଙ୍କ କପି କାଞ୍ଜି ହୋଇଗଲା । କ'ଣ କରିବା ବୋଲି ଭାବୁ ଭାବୁ ଆମର ଅଧଘଣ୍ଟାଏ ଝଣ୍ଟେ ଗ୍ଭଲିଗଲା । ଯେଉଁ ଗାର୍ଡଙ୍କ ଯୋଗୁଁ ଆମର ଏ ଦୁର୍ଗ-ବସ୍ଥା ସେ ଖୁବ୍ ଉତ୍ସାହ ଦେଇ ଆମକୁ କହୁଥାଆନ୍ତି—"ହଁ, ଲେଖିଯାଅ, ଲେଖିଯାଅ । ଏତେ ପରିଶ୍ରମ କରି ପଢିଚ, ତୁମ ମୁଣ୍ଡକୁ କିଛି ପଶୁଟୁ ନାହିଁ ?" ଏଗୁଡ଼ା ଆମକୁ କଟା ଘା'ରେ ଚୂନ ଦେବାପରି ଲଗୁଥାଏ । ମୋ ସାଙ୍ଗ କିଛି କିଛି ଗର୍ମ ଥିଲା ଏବଂ ପରିସ୍ରା ଘରକୁ ଯାଇ ପରିସ୍ରା ଅଟକ ରେଗୀପରି ପରିସ୍ରା ଘରେ ବସି ଅଣ୍ଟାରୁ କପି-କାଢି ପଢିଗଲା । କିନ୍ତୁ ଗାର୍ଡ ଆହୁରି ସାବଧାନ ଥିଲେ । ସେ ସଙ୍ଗେ ସଙ୍ଗେ ତାଙ୍କ ସହକର୍ମୀଙ୍କୁ ପରିସ୍ରା ଘରକୁ ପଠାଇ ଦେଲେ । ସେ ଦ୍ୱାର ମୁହଁରେ ଠିଆ ହୋଇ ଚିଲେଇ-ବାକୁ ଲଗିଲେ । "କିହୋ, ପରିସ୍ରା କରିବାରେ କିଛି ଅସୁବିଧା ହେଉଛି କି ? ନା, ଆଉ କିଛି ହେଉଛି ?" ସେ ବିଚରା କପିଟିକୁ ଯଥା ସ୍ଥାନରେ ରଖିଦେଇ ପଳେଇ ଆସିଲା । ସେଠୁ ଫେରି କିଛି କିଛି ଲେଖିଲା । ମୁଁ କିନ୍ତୁ ପରିସ୍ରା କରିବାକୁ ଗଲି ନାହିଁ । କାରଣ ମୁଁ ଭଲ କରି ଜାଣିଥିଲି ଏତେ ସ୍ୱଳ୍ପ ସମୟ ଭିତରେ ସାଉଁଟା କାଣ୍ଡ ଯୁଦ୍ଧକୁ ପାଇବ ନାହିଁ ।

ପ୍ରଥମ ଘଣ୍ଟା ବାଜିଗଲା । ଦ୍ୱିତୀୟ ଘଣ୍ଟାରୁ ଅଧାଅଧି ସମୟ ଗ୍ଭଲିଗଲା । ଖାତାର ଗୋଟିଏ ପୃଷ୍ଠା ବି ମୋର ଲେଖା ସରିଲା ନାହିଁ । ସାଙ୍ଗ ବୋଧହୁଏ ଦେଢ଼ ପୃଷ୍ଠା ଖଣ୍ଡେ ଲେଖି ସାରିଥିଲା । ଗାର୍ଡ ଆମର ଦୟନୀୟ ପରିସ୍ଥିତି ଦେଖି ଖୋଲାଖୋଲି କହିଦେଲେ—"ଯଦି ପଢିନାହଁ ଓ ତୁମର ଆଉ କିଛି ମନେ ପଡ଼ୁନାହିଁ, ତେବେ ତୁଚ୍ଛା-ଟାରେ ବସିଚ କାହିଁକି, ଖାତା ଦେଇ ଗ୍ଭଲିଯାଅ, ହଷ୍ଟେଲରେ ଯାଇ ଆରାମ କର । ଏଠି ମିଛଟାରେ ଦଣ୍ଡ ପାଉଛ କାହିଁକି ?" ଅନ୍ୟ ପରୀକ୍ଷାର୍ଥୀମାନଙ୍କର ମୃଦୁ ହାସ୍ୟଗୁଞ୍ଜନ ଆମ ବିରକ୍ତିକୁ ଦ୍ୱିଗୁଣିତ କରିଥିଲା । ମୁଁ ପାର୍ଟି ଫିଟେଇ କହିଲି—"ସାର୍ ତିନିଘଣ୍ଟା ପାଇଁ ଏଠି ବସିବାର ଆମର ଅଧିକାର ଅଛି । ଆମକୁ ଏଠୁ କେହି ହଟାଇ ଦେଇ ପାରିବେନି । ମୁଁ ଏଇ ପ୍ରଶ୍ନ ଗୁଡ଼ିକ ପଡ଼ିବ ନାହିଁ ବୋଲି ପଢି ନଥିଲି । ଯଦି ହଠାତ୍ କିଛି ମନେ ପଡ଼ିଯାଏ ତେବେ ଲେଖିଦେବି । ସେ ବି ହସି ହସି କହିଲେ, "କିଛି ପରବାଏ ନାହିଁ । ପୂରା ତିନି ଘଣ୍ଟା ବସ, କିଏ ମନା କରୁଛି ! ପାଣି ଦରକାର ହେଲେ ପିଅନ ଏଠାରେ ଅଛି ସେ ଯୋଗାଇ ଦେବ । ହଉ ଆଉ ଦେଢ଼ ଘଣ୍ଟା ବସି ଭାବ । ଠିକ୍ କଥା, ଯଦି ମନେ ପଡ଼ଯାଏ, ତେବେ ଲେଖିଦେବ; ହଉ ହେଲା ବସ ।"

ଶେଷ ଘଣ୍ଟା ବାଜିଗଲା । ପରୀକ୍ଷାର୍ଥୀମାନେ ଖାତା ନେଇ ଆସି ଦାଖଲ କଲେ । ସେମାନେ ଗାର୍ଡଙ୍କ ଗ୍ଭରିପଟେ ଠିଆହୋଇ ଯାଇଥାନ୍ତି । ଗାର୍ଡ଼ ତାଙ୍କ କୋର୍ଟଟିକୁ ହାଙ୍ଗର୍‌ରେ ଝୁଲାଇଲା ପରି ଚୌକୀ ପଛରେ ଝୁଲାଇ ଖାତା ସଜାଡ଼ି ରଖୁଥାନ୍ତି । ମୁଁ ଓ ମୋ ସଙ୍ଗୀ ଖାତା ଫୋପାଡ଼ି ଦେଇ ପଳାଇ ଆସିଲୁ । ମୁଁ ତାକୁ ପଗ୍ଭରିଲି—"ହଇରେ ତୋ କପିଟକୁ କ'ଣ କଲୁ ?" ସେ କହିଲା—ଚଉକୀରେ ଝୁଲୁଥିବା କୋର୍ଟର ଡ଼ାହାଣ

Digitized by srujanika@gmail.com

ପକେଟରେ ସେତକ ଭର୍ତ୍ତି କରିଦେଇ ଘୁଲି ଆସିଲି ।" ମୁଁ ଏତକ କରି ପାରି ନଥିବାରୁ କି ସେଭଳି ଭାବିପାରି ନଥିବାରୁ ନିଜକୁ ବଡ଼ ନିଉନ ମନେକଲି । ପୁଳାଟାଯାକ କପି ଅଣ୍ଟାରୁ କାଢ଼ି ମୁଁ ପୁଣି ଥରେ ଫେରିଯାଇ ସେଇ କୋଟର ବାଁ ପକେଟରେ ଗଳାଇଦେଇ ଘୁଲି ଆସିଲି । ଦୁହେଁ ସେଠାରୁ ତରତର ହୋଇ ପଳାଇ ଆସିଲୁ । ଖାତା ଉପରେ ସମସ୍ତଙ୍କ ଦୃଷ୍ଟି ଏତେ ନିବଦ୍ଧ ଥିଲା ଯେ ଆମର ଏ କାର୍ଯ୍ୟକୁ କେହି ଦେଖି ପାରି ନ ଥିଲେ । ଆମେ ହଷ୍ଟେଲରେ ବସିଥାଉ । ଜଣେ ଭଲ ପିଲା ଆସି ମୋତେ କହିଲା– "ହଇରେ ତୁ ଗାର୍ଡ଼ଙ୍କ ପକେଟରେ କପି ଭର୍ତ୍ତି କରିଦେଇ ଆସିଥିଲୁ କି ?" ମୁଁ କହିଲି– 'ନା' ତ, ମୁଁ କାହିଁକି ଏମିତି କରିବି । କାହିଁକି "ସେ କ'ଣ କହୁଥିଲେ କି ?"–"ନାଁ ତାହା କହୁ ନଥିଲେ ଯେ, ସେ ସିଗାରେଟ ଖାଇବେ ବୋଲି ସିଗାରେଟ ପ୍ୟାକେଟ କାଢ଼ିବା ଲାଗି ପକେଟରେ ହାତ ଭର୍ତ୍ତି କରିବାମାତ୍ରେ ପ୍ୟାକେଟ୍ ପରିବର୍ତ୍ତେ କପିଗୁଡ଼ାକ ତାଙ୍କ ହାତରେ ଉଠି ଆସିଲା । ସେ ତାକୁ ଦେଖି ତାଙ୍କ ସହକର୍ମୀଙ୍କୁ କହିଲେ–"ହେଇଟି ଦେଖିଲଣି ଏ କପିବାଜମାନେ ଏମିତି କପିସବୁ ସାଙ୍ଗରେ ନିଅନ୍ତି । କେଉଁ କାରିଗର ଦି'ଜଣ ମୋ ଦି' ପକେଟରେ କପି ଭର୍ତ୍ତି କରିଦେଇ ଯାଇଛନ୍ତି । ସହକର୍ମୀମାନେ ହସି ହସି କହିଲେ । "ଯେଉଁମାନେ ବ୍ୟବହାର କରି ପାରି ନଥିବେ ସେମାନେ ଭର୍ତ୍ତିକରି ଦେଇ ଯାଇଥିବେ ।" ସମସ୍ତେ ହୋ ହୋ ହୋଇ ହସି ପକାଇଲେ । ସେ ବର୍ଷ ସେ ପରୀକ୍ଷାଟା ଗଙ୍ଗାମଗୁଡ଼ି ହେଇଗଲା ।

ଏହାପରେ ଆମର ସୁପରିଟେଣ୍ଡେଣ୍ଟ୍ ଓନିଲ ସାହେବ ବଦଳି ହୋଇଗଲେ । କ୍ୟାପଟେନ୍ କରନ୍ ବୋଲି ଜଣେ ଆଇରିସ୍ ଡାକ୍ତର ସୁପରିଟେଣ୍ଡେଣ୍ଟ୍ ହୋଇ ଆସିଲେ । ସେ ଅବିବାହିତ ଓ ବଡ଼ ଛାତ୍ରବତ୍ସଳ ଥିଲେ । ଛାତ୍ରମାନଙ୍କ ସହ ସେ ଘନିଷ୍ଠଭାବରେ ମିଶୁଥିଲେ ଓ ବେଳେ ବେଳେ ଥଟ୍ଟାନକଲ କରୁଥିଲେ । ପିଲାମାନେ ମଧ୍ୟ ତାଙ୍କୁ ଅତି ଭଲ ପାଉଥିଲେ । ଥରେ ରବିଘୋଷ ତାଙ୍କ ପାଖକୁ ଯାଇଁ ସ୍କୁଲ ପଡ଼ିଆରେ ହେଉଥିବା ହକି ଖେଳରେ ଯୋଗ ଦେବାଲାଗି ନିମନ୍ତ୍ରଣ କରି କହିଲା–"ସାର୍ ଆପଣ ତ ଜଣେ ବ୍ୟାଚେଲର । ଆପଣ ଆସନ୍ତୁ ଆମ ସହ ହକି ଖେଳିବେ । ସେ ହସି ହସି କହିଲେ– "ତୁମେ କଅଣ ଭାବିଚ ମୋର ବିବାହ କରିବାର ଆଉ ସମ୍ଭାବନା ନାହିଁ ! ମୋର ବି ବେଶି ବୟସ ହୋଇ ନାହିଁ । ତୁମେ ମୋ ମୁଣ୍ଡରେ କେଉଁଠି ଧଳା ବାଳ ଦେଖୁଚକି ? ଏହା କହି ସେ ନିଜେ ହସିଲେ ଓ ପିଲାମାନେ ହସି ପକେଇଲେ । ତାପରେ ସେ ରବି ଘୋଷ ପିଠିରେ ହାତମାରି କହିଲେ–"ଯାଅ ତୁମେମାନେ ଖେଳ । ତୁମର ସମୟ ଅଛି; ମୋର କିନ୍ତୁ ସମୟ ନାହିଁ ।" ପ୍ରକୃତରେ ଆମେ ସମସ୍ତେ ତାଙ୍କୁ ଆମ ମଧ୍ୟରୁ ଜଣେ ବୋଲି ବିଚାରି ନେଇଥିଲୁ ।

କରନ୍ ସାହେବ ବଡ଼ କପି ବିରୋଧୀ ଥିଲେ । ସେ ସବୁବେଳେ ପିଲାଙ୍କୁ ବୁଝାଉ ଥିଲେ–କିପରି ସମ୍ଭାବନାକୁ ଯଦି ବନ୍ଦ କରାଯାଆନ୍ତା ତେବେ ପିଲାମାନେ ମନଦେଇ ପଢ଼ନ୍ତେ । କପି ଛାତ୍ରମାନଙ୍କର ଏକ ବଡ଼ ଶତ୍ରୁ । ଏହା ଚିନ୍ତାଶକ୍ତିକୁ ଏକାବେଳକେ ମାନ୍ଦାକରି ଦିଏ । ସେ ନିକଟରେ ହେବାକୁ ଥିବା ପରୀକ୍ଷାରେ କପି ପୂରାପୂରି ବନ୍ଦ

Digitized by srujanika@gmail.com

କରିବାର ଦୃଢ଼ ସଙ୍କଳ୍ପ ହେଲେ । ପରୀକ୍ଷାରେ ସମ୍ପୃକ୍ତ କର୍ମଚାରୀମାନଙ୍କୁ କପିର ନିରୋଧ ପାଇଁ ଯେଉଁ ସବୁ ଉପାୟ ଅବଲମ୍ବନ କରିବାକୁ ହେବ ତାହାର ଯୋଜନା ବତାଇ ଦେଲେ । ଏ ଯୋଜନାର ରୂପରେଖ ଆମେ ଆଗରୁ ଜାଣି ହତୋତ୍ସାହ ହୋଇପଡ଼ିଲୁ । ତଳୁ କୌଣସି ବ୍ୟକ୍ତି ଦୋମହଲା ଉପରକୁ ଯାଇ ପାରିବେ ନାହିଁ ବୋଲି ସେ ଆଦେଶ ଜାରି କଲେ । ପରୀକ୍ଷାର୍ଥୀମାନଙ୍କର ପୋଷାକପତ୍ର ତନଖି କରି ଉପରକୁ ଛଡ଼ାଗଲା । ହଷ୍ଟେଲରେ ଆମର ମନ୍ତ୍ରଣା ବସିଗଲା । କପିବାଜମାନଙ୍କର କ୍ୟାବିନେଟ୍‌ରେ ସ୍ଥିର କରାଗଲା ଯେ ପ୍ରଶ୍ନପତ୍ର ପାଇବାମାତ୍ରେ ଖାତା ସହ ଦିଆ ଯାଇଥିବା ବ୍ଲଟିଂ ପେପରରେ ତାହା ଲେଖି ତଳକୁ ପକାଇ ଦିଆଯିବ । ତଳେ ଥିବା ଅଣ ପରୀକ୍ଷାର୍ଥୀ ପିଲାମାନେ ଘାଟି ସ୍ଥାନମାନଙ୍କରେ ଲୁଚି ଠିଆ ହୋଇଥିବେ । କାଗଜ ପଡ଼ିବାମାତ୍ରେ ସେମାନେ ତାହା ହଷ୍ଟେଲକୁ ନେଇଯିବେ ଓ କପି ଲେଖକ ସଉଜ ଜଣେ ଡାକୁଥିବା ଉତ୍ତରକୁ ଲେଖି-ପକାଇ କେତେ ଗୁଡ଼ିଏ କପି ତିଆରି କରିଦେବେ । ଦୋମହଲାରେ ଥିବା ପାଇଖାନାଘର ପାଖରୁ ଗୋଟିଏ ସୂତା ତଳକୁ ଲମ୍ବି ଆସିଥିବ । କପି ସେହି ସୂତାରେ ବାନ୍ଧି ଦିଆଯିବ ଏବଂ ପରିସ୍ରା କରିବାକୁ ଆସିଥିବା ଜଣେ ପରୀକ୍ଷାର୍ଥୀ ତାହା ଉଠାଇ ନେଇ ଚାଲିଯିବ । ଏହି ଯୋଜନା ଅନୁଯାୟୀ ମୁଁ ମୋ ବ୍ଲଟିଂକାଗଜରେ ଚାରୋଟି ପ୍ରଶ୍ନ ଟିପିଦେଲି ଓ ତଳକୁ ପକାଇବା ଲାଗି ମଉକା ଖୋଜିଲି । କରନ ସାହେବ ତାଙ୍କର ବ୍ୟବସ୍ଥା ସବୁ ଠିକ୍‌ଠାକ୍ ଚାଲିଛି କି ନାହିଁ ତାହା ଦୂରରୁ ମେଡ଼ିକାଲ ଓ୍ୱାର୍ଡ଼ ବାରଣ୍ଡାରେ ଥାଇ ଲକ୍ଷ୍ୟ କରୁ ଥାଆନ୍ତି । ସେ ଦେଖିଲେ କେତେଗୁଡ଼ିଏ ପିଲା ବଡ଼ ସନ୍ଦେହ ଜନକଭାବରେ ହଲ୍ ନିକଟରେ ତଳେ ନଗର ପଙ୍ଗର ହେଉଛନ୍ତି । ସେ ହଲ୍ ଆଡ଼କୁ ମାଡ଼ିଆସିଲେ । ଦୁର୍ଯୋଗ ବେଳେବେଳେ ଏହିପରି ଆସିଥାଏ । କରନ ସାହେବ ଆସି ଝରକା ତଳେ ହୋଇଥିବେ କି ନାହିଁ ମୋ ବ୍ଲଟିଂକୁ ମୁଁ ମୋଡ଼ି ମାଡ଼ି ସେହି ଝରକା ତଳକୁ ପକାଇ ଦେଲି । ସ୍ୱର୍ଗରୁ ପୁଷ୍ପବୃଷ୍ଟି ହେଲା ପରି ତାହା କରନ ସାହେବଙ୍କ ଉପରେ ପଡ଼ିଲା । ସେ ତାକୁ ଦେଖି ସଙ୍ଗେସଙ୍ଗେ ଦୋମହଲା ଉପରକୁ ଉଠିଗଲେ । କରନ ସାହେବ ଆଗରୁ ବ୍ୟବସ୍ଥା କରିଥାନ୍ତି ଯେ ଦିନେ ଲାଲ ବ୍ଲଟିଂ ଦିଆଗଲେ ଦିନେ ଧଳା ବ୍ଲଟିଂ ଦିଆଯିବ । ସେଦିନ ନାଲିବ୍ଲଟିଂର ପାଳିଥିଲା । ସେ ଗାର୍ଡ଼ଙ୍କୁ ପରୀକ୍ଷାର୍ଥୀଙ୍କ ଖାତା ତନଖି କରିବାର ଆଦେଶ ଦେଇ କହିଲେ—"ଦେଖ କାହା ଖାତାରେ ଲାଲବ୍ଲଟିଂ ନାହିଁ । ସଙ୍ଗେ ସଙ୍ଗେ ହଲ ଭିତରେ ଖବରଟା ବ୍ୟାପିଗଲା । ମୁଁ ମର୍ମାହତ ହୋଇପଡ଼ିଲି । ଜଣେ ସହକାରୀ ଗାର୍ଡ଼ଙ୍କର ମୋ ପ୍ରତି ଅତ୍ୟନ୍ତ କରୁଣା ଉଦ୍ରେକ ହେଲା । ସେ ବୋଧହୁଏ ଭାବିଲେ ଏଇଟା କିଛି ନ ଲେଖୁଣୁ କାହିଁକି ଦଣ୍ଡ ପାଇବ । ବ୍ଲଟିଂ ଲେଖି ପକାଇ ଦେଇଚି ତ ପକାଉ, କପି ନ ପାଇଲେ ଗଲା । ସେ ଆମ କଡ଼କୁ ଅନୁସନ୍ଧାନ କରିବାକୁ ଚାଲିଆସିଲେ । ବଳି ପଡ଼ିଥିବା କେତୋଟି ଖାତା ତାଙ୍କ ପାଖରେ ଥିଲା । ସେ ସେଥିରୁ ଗୋଟିଏ ବ୍ଲଟିଂ କାଢି ମୋ ହାତରେ ମୁଞ୍ଜିଦେଲେ । ହୃତ୍‌ପିଣ୍ଡ ବନ୍ଦ ହୋଇ ଆସୁଥିବା ରୋଗୀକୁ କୋରମିନ୍ ଇଞ୍ଜେକ୍‌ସନ୍‌ଟିଏ ଦେଇଦେଲେ ତାହା ଯେପରି ପୁଣି ଦପ୍ ଦପ୍ ହୋଇ ଚାଲିବା ଆରମ୍ଭ କରେ ମୋ ଅବସ୍ଥା ସେହିପରି ହେଲା । ସମସ୍ତଙ୍କ ଖାତା ଠିକ୍ ଥିଲା । କରନ ସାହେବ ଭାବିଲେ ହଲକୁ ଯିବା ପୂର୍ବରୁ କେହି ଜଣେ ବୋଧହୁଏ ଗୋଟିଏ ବ୍ଲଟିଂ ପେପର

Digitized by srujanika@gmail.com

ସାଙ୍ଗରେ ନେଇଥିଲା । ସେ ତଳକୁ ଓହ୍ଲାଇ ଅସି ଜଗୁଆଳ କାମକୁ ଆହୁରି କଡ଼ାକଡ଼ି କରାଇବାର ବ୍ୟବସ୍ଥା କଲେ । ସେ ସେଦିନ ଅନ୍ୟାନ୍ୟ କାମ ନକରି ସେଇ ମେଡ଼ିକାଲ ଓ୍ୱାର୍ଡ଼ ପିଣ୍ଡାରେ ପଇଁତରା ମାରିବାକୁ ଲାଗିଲେ । ଲଟି ଭିତରେ ବାଘ ଛକିଲା ପରି ସେ ପରୀକ୍ଷା ହଲ୍ ଆଡ଼େ ଗାରଡ଼େଇ ଚାହିଁ ଥାଆନ୍ତି । ପ୍ରାୟ ଅଧ ଘଣ୍ଟାଏ ପରେ ସେ ଦେଖିଲେ ଗୋଟିଏ ପିଲା ଗୋଟିଏ କାଗଜ ଆଣି ଉପରୁ ଲମ୍ବିଥିବା ଗୋଟିଏ ସୂତା ଦେହରେ ବାନ୍ଧିଦେଲା । ତାହା ଦେଖିବାମାତ୍ରେ ସେ ସେହି ଆଡ଼କୁ କ୍ଷେପି ଆସିଲେ ତଳେ ନଙ୍ଗର ପଙ୍ଗର ହେଉଥିବା ପିଲମାନେ ତାଙ୍କୁ ଆସୁଥିବାର ଦେଖି ଛାନିଆଁରେ ପଳାଇ ଗଲେ । ସେହି ସମୟରେ ପରିସ୍ରାକାରୀ ଜଣେ ପରୀକ୍ଷାର୍ଥୀ ପଛଆଡ଼େ ଗାର୍ଡ ଆଡ଼କୁ ସତର୍କ ଦୃଷ୍ଟିଦେଇ ସୂତାକୁ ଟାଣିବାକୁ ଲଗିଲା । ବିଚରା ସେ ଯଦି ଆଗକୁ ଟିକିଏ ଦୃଷ୍ଟିଦେଇ ଥାଆନ୍ତା ତେବେ ସେପରି ଦୁଃସାହସ କରି ନ ଥାଆନ୍ତା । ଉପରେ ଛାତ୍ର, ତଳେ ସୁପରିଟେଣ୍ଡେଣ୍ଟ କରନ ସାହେବ କିଛି ସମୟ ପର୍ଯ୍ୟନ୍ତ ଦୁଇ ଜଣଙ୍କ ମଧ୍ୟରେ ଟଗ୍ ଅଫ୍ ଓ୍ୱାର୍ ବା ଦଉଡ଼ିଟଣା ଖେଳ ଚାଲିଲା । କୋଉଠି ଅଟକୁଚି ଭାବି ଛାତ୍ରଟି ତଳକୁ ଚାହିଁଲା । ତଳର ଘଟଣା ଦେଖି ତା ଦେହ ଶୀତେଇ ଉଠିଲା । ସେ ସୂତାକୁ ଛାଡ଼ିଦେଇ ଜୀବନ ବିକଳରେ ନିଜ ସ୍ଥାନରେ ଯାଇ ବସିଗଲା । ସୂତାଟି ଉପରେ ଗୋଟିଏ ଜାଗାରେ ବନ୍ଧାହୋଇ ଥିଲା । କରନ ସାହେବ ଟାଣିଦେବାରୁ ତାହା ଛିଡ଼ିଗଲା । ସେ ତାକୁ ଧରି ଉପରକୁ ଉଠିଲେ ଓ ଗାର୍ଡମାନଙ୍କୁ ସବୁ ବିଷୟ କହି ଆହୁରି କଡ଼ାକଡ଼ି ପଦକ୍ଷେପ ନେବାପାଇଁ ଉପଦେଶ ଦେଲେ ।

ଏହାପରେ କପି କ୍ଷେତ୍ରରେ ଆଉ କିଛି ଉଲ୍ଲେଖନୀୟ ଘଟଣା ଘଟି ନଥିଲା । ତେବେ ମୁଁ ମେଡ଼ିକାଲ୍‌ରେ ନାଁ ଲେଖାଇବା ପୂର୍ବରୁ ଗୋଟିଏ କୌତୂହଳପୂର୍ଣ୍ଣ ଓ ଉଲ୍ଲେଖଯୋଗ୍ୟ କପି ବିଷୟରେ ସିନିଅରମାନଙ୍କ ଠାରୁ ଶୁଣିଥିଲି । ସେଇଟା ପାଠକ-ମାନେ ଜାଣିବା ନିହାତି ଦରକାର ବୋଲି ମନେକରି ଏଠାରେ ଦେଲି । ସେତେବେଳେ କ୍ୟାପ୍‌ଟେନ୍ କ୍ଷେତ୍ରମୋହନ ରାୟ ମେଡ଼ିକାଲ୍‌ର ଡେପୁଟି ସୁପରିଟେଣ୍ଡେଣ୍ଟ୍ ଥିଲେ । ସେ ଯେଉଁଦିନ ପରୀକ୍ଷାରେ ଗାର୍ଡ ଥାଆନ୍ତି ସେଦିନ ପରୀକ୍ଷାର୍ଥୀମାନେ ଛ, ସାତଟି ଇଲଷ୍ଟ୍ରେଟେଡ୍ ଉଇକ୍‌ଲି ଟେବୁଲ ଉପରେ ନେଇ ଥୋଇ ଦିଅନ୍ତି । କ୍ୟାପଟେନ୍ ରାୟ ହଲ୍ ଭିତରେ ଥରେ ବୁଲି ଆସି ନିଜ ଆସ୍ଥାନରେ ବସି ଯାଆନ୍ତି ଓ ଇଲଷ୍ଟ୍ରେଟେଡ୍ ଉଇକ୍‌ଲି ଦେଖି ଅତି ଆଗ୍ରହର ସହ ତାକୁ ଖୋଲି ନିଜ ମୁହଁକୁ ଘୋଡ଼ାଇ ରଖି ପଢ଼ନ୍ତି । ଗୋଡ଼ ଦୁଇଟା ଟେବୁଲ ଉପରେ ଥୋଇ ଚଉକୀ ଉପରେ ଭଲଭାବରେ ଆଉଜିପଡ଼ି ଥାଆନ୍ତି । ତାଙ୍କର ମାନସିକ ପଠନ ଧୀରେ ଧୀରେ ନାସିକା ପଠନରେ ପରିଣତ ହୁଏ । ସେତେବେଳେ ଆମ ଅମଳ ପରି କପିଟା ଛୋଟ ଛୋଟ ଖାତା ମଧ୍ୟରେ ସୀମିତ ନଥିଲା । ସମସ୍ତେ ବଡ଼ ବଡ଼ ବହିସବୁ ପେଟ ଭିତରେ ଗୁଞ୍ଜି ଏବଂ ଗାର୍ଡକୁ ସମ୍ମାନ ଦେଖାଇଲା ପରି ନଇଁ ନଇଁ ଯାଇ ନିଜ ସ୍ଥାନରେ ବସୁଥିଲେ । ଘୁଙ୍ଗୁଡ଼ି ଫୁଙ୍ଗା ଶୁଣିବାମାତ୍ରେ ସମସ୍ତଙ୍କର କପି କାରଖାନାରେ କାର୍ଯ୍ୟ ଆରମ୍ଭ ହୋଇଯାଏ । ପେଟ ପାଖରୁ ବିରାଟକାୟ ବହିମାନ ଟେବୁଲ୍ ଉପରେ ଥୁଆ ହୁଏ । ପରୀକ୍ଷାର୍ଥୀମାନେ ନିରାପଦରେ ଓ ଧୀରେସୁସ୍ଥେ ବହି ମେଲେଇ ଲେଖିବା ଆରମ୍ଭ କରନ୍ତି । କ୍ୟାପ୍‌ଟେନ୍

Digitized by srujanika@gmail.com

ରାୟ ପ୍ରାୟ ବହୁ ସମୟଯାଏଁ ଧ୍ୟାନସ୍ଥ ରହନ୍ତି । ତାଙ୍କର ଧ୍ୟାନ ଭାଙ୍ଗିଲା ବେଳେ ସମସ୍ତେ ଜାଣି ଥାଆନ୍ତି । ମସ୍ତିଷ୍କର ସାହାଯ୍ୟ ତ ନେବା ଦରକାର ପଡ଼େ ନାହିଁ । ବହିରୁ ଉତାରିବା କାମ ଏହି ସମୟ ମଧ୍ୟରେ ସବୁ ସରିଯାଏ ଓ ବହିଗୁଡ଼ିକ ଯଥା ସମୟରେ ଯଥା ସ୍ଥାନରେ ଯାଇ ଆତ୍ମଗୋପନ କରନ୍ତି । ସେଦିନ କ୍ୟାପ୍‌ଟେନ୍ ରାୟଙ୍କର ଧ୍ୟାନ ଭଗ୍ନ ହେଲାବେଳକୁ ସମସ୍ତେ ହୁସିଆର ହୋଇ ଯାଇଥିଲେ କିନ୍ତୁ ଆନିସୁଦ୍ଦିନ୍ ନାମକ ଗୋଟିଏ ପିଲା ତାଙ୍କ ଗୁରୁତ୍ୱକୁ ଲଘୁ ବିଚାରି ଗୋଟିଏ ଅନ୍ଧକୁ ମଧ୍ୟ ଦେଖା-ଯାଉଥିବା ବିରାଟ ବହିଟିରୁ କପି କରିବାରେ ଲାଗିଥାଏ । ସମସ୍ତେ ତାକୁ ସତର୍କ କରାଇବାରେ ଲାଗିଲେ । ତଥାପି ସେ ବେଖାତିର ଭାବରେ କପି କରିବାରେ ଲାଗିଲା । ଇଲଷ୍ଟ୍ରେଟେଡ୍ ଭଇକ୍ଲି ପରଦା କାଢିଦେଇ କ୍ୟାପ୍‌ଟେନ୍ ରାୟ ସିଧାସଳଖ ହୋଇ ବସିଗଲେ । ସଙ୍ଗେ ସଙ୍ଗେ ତାଙ୍କ ଦୃଷ୍ଟିରେ ପଡ଼ିଗଲା । ତା' ପାଖକୁ ଧପାଲି ଯାଇ ବିରାଟ ବହିଟିକୁ ଖାତାସହ ଛଡ଼ାଇ ନେଇ ଆସିଲେ ଏବଂ ଗଡ୍ ଜୟ କରି ଆସି ବହି ଓ ଖାତାକୁ ଟେବୁଲ୍ ଉପରେ ଥୋଇ ବସି ପଡ଼ିଲେ ଓ ଗୁରୁଗମ୍ଭୀର ଭାବରେ କହିଲେ—"ଏଠି ଏତେ ପିଲା ଅଛନ୍ତି କେହି କପି କରୁ ନାହାନ୍ତି । ଏ ଆନି-ସୁଦ୍ଦିନ ମିଆଁର ଏତେ ସାହସ । କପି କରୁଚି ! କ୍ୟାପ୍‌ଟେନ୍ ରାୟକୁ ସେ ଚିହ୍ନି ନି ।"

ଘଟଣା ଘଟିବା ସଙ୍ଗେ ସଙ୍ଗେ ହଷ୍ଟେଲର ସିନିୟର ଛାତ୍ରମାନଙ୍କ ପାଖକୁ ଜରୁରୀ ସାହାଯ୍ୟ ପାଇଁ ବାର୍ତ୍ତା (S.O.S.) ପଠାଇ ଦିଆଗଲା । ସେମାନେ ମଧ୍ୟ ଚଟାପଟ୍ ଜଳଖିଆ ଓ ଚାହା ସହ ଆସି ପହଞ୍ଚିଗଲେ । କ୍ୟାପ୍‌ଟେନ୍ ରାୟ ପଚାରିଲେ, "କିହୋ, ଏସବୁ କଅଣ ?" ସମସ୍ତେ ଏକାସ୍ୱରରେ କହି ଉଠିଲେ—"ଆଜ୍ଞା, ଆପଣ ଏକାଦିକ୍ରମେ ତିନିଘଣ୍ଟା କାଳ ଗାର୍ଡ ଦେବାପରି ଏକ କଠିନ କାମ ନିରବଚ୍ଛିନ୍ନଭାବରେ କରି କ୍ଳାନ୍ତ-ହୋଇ ପଡ଼ିଛନ୍ତି । ଆପଣ ହେଲେ ଆମର ପୂଜ୍ୟସ୍ପଦ ଗୁରୁଦେବ ଓ ପିତୃସ୍ଥାନୀୟ ବ୍ୟକ୍ତି । ଏଇଟା କ'ଣ ଆମର କର୍ତ୍ତବ୍ୟ ନୁହେଁ ?" ଆନନ୍ଦର ଉଷ୍ମତା ମୁହଁରେ ଖେଳାଇ ସେ ସମସ୍ତଙ୍କୁ ଗୁରୁଭକ୍ତି ଲାଗି ବଧେଇ ଦେଲେ । ତାଙ୍କର ସାଙ୍ଗେ ସାଙ୍ଗେ କପିକଥା ମନେ ପଡ଼ିଗଲା । ସେ କହି ଉଠିଲେ—"ତମେମାନେ ତ ଏପରି ଚରିତ୍ରବାନ୍ ଛାତ୍ର । ଦେଖ ସେ ଆନିସୁଦ୍ଦିନ୍‌ଟାକୁ । ଏଠି ଏତେ ପିଲା ପରୀକ୍ଷା ଦେଲେ, କେହି କପି କରୁ ନାହାନ୍ତି, ସେଇ ଏକା କପି କରୁଚି ।" ଧରା ହୋଇଥିବା ଖାତା ଓ ବହିକୁ ଟେବୁଲ୍‌ର ଶେଷଭାଗକୁ ଟାଣିନେଇ ଛାତ୍ରମାନେ ସେଠାରେ ଜଳଖିଆ ଥୋଇ ଦେଲେ । ଜଣେ ବିଲ୍‌ବିଲେଇ ଉଠିଲା, "ସାର୍, ଆନିସୁଦ୍ଦିନ୍‌ଟା ଏଡ଼େବୋକା ବୋଲି ଜଣାଯାଉ ନଥିଲା । କାହା ପାଖରେ ସେ କପି କରୁଛି, ତାହା ତାର ଭାବିବାର ଉଚିତ୍ ଥିଲା । "ଆଉ ଜଣେ ଉପରେ ଚଢି କହିଲା—"ଆପଣଙ୍କର ଦୃଷ୍ଟି ଥରେ ମାତ୍ର ଏ ପାଖରୁ ସେ ପାଖକୁ ବୁଲିଗଲେ ହଲର ସବୁକିଛି ଆପଣଙ୍କୁ ଜଣା ପଡ଼ିଯାଏ, ବୋକାଟା ଏତିକି ଜାଣି ପାରିଲା ନାହିଁ ।" ଆଉ ଜଣେ ଆଗେଇ ଯାଇ କହିଲା, "ସାର୍, ଯାହାହେଉ ଆପଣଙ୍କ ପ୍ରତି ତାର ଅଟଳ ଭକ୍ତି ଅଛି । ଆପଣଙ୍କର ଉଦାର ଗୁଣଗୁଡ଼ିକ ବିଷୟରେ ସେ ହଷ୍ଟେଲରେ ପ୍ରାୟ ସବୁଦିନେ ସମସ୍ତଙ୍କ ଆଗରେ କହେ ।" ଆଉ ଜଣେ କହିଲା—"ସାର୍, ମୁଁ ପରା ନିଜେ

Digitized by srujanika@gmail.com

କାନରେ ଶୁଣିଚି, ସେ ଦିନେ ଆପଣଙ୍କ ମଙ୍ଗଳ ପାଇଁ ଆଲ୍ଲାଙ୍କ ପାଖରେ ପ୍ରାର୍ଥନା କରୁଥିଲା । ଆପଣ ଯେ ତାକୁ ଖୁବ୍ ସ୍ନେହ କରନ୍ତି ସେଥିପାଇଁ ସେ ଗର୍ବ ଅନୁଭବ କରେ ।”

ଏହିପରି କଥାବାର୍ତ୍ତା ଚାଲିଥିଲା ବେଳେ ସେ ଖାତା ବହି ଆନିସୁଦ୍ଦିନ ନେଇଯାଇ ବାକିଥିବା ଅଂଶତକ କପି କରି ଆଣି ଥୋଇଦେଇ ଗଲା । କ୍ୟାପଟେନ୍ ରାୟଙ୍କ ଚାରିପଟଯାକ ପିଲା ଘେରିଥିବାରୁ ଓ ସେ ସେମାନଙ୍କ ପ୍ରଶଂସାବାକ୍ୟ ସ୍ରୋତରେ ନିମଜ୍ଜିତ ହୋଇଯାଇ ଥିବାରୁ ଏ ଘଟଣାଟିକୁ ଜାଣିବାର ଅବକାଶ ପାଇଲେ ନାହିଁ । ଶେଷରେ କ୍ୟାପ୍‌ଟେନ୍ ରାୟ ସମସ୍ତଙ୍କୁ ପ୍ରବୋଧ ଦେଇ କହିଲେ–“ସେ ଯାହା ଲେଖିଥିବ ସେଥିରେ ମୁଁ ନିଶ୍ଚୟ ନମ୍ବର ଦେବି । ଏ ଘଟଣା ପାଇଁ ତା’ର କିଛି କଟାକଟି କରିବି ନାହିଁ ।

ଏବେ କ୍ୟାପଟେନ୍ ରାୟ କିପରି ଖାତା ପଢି ନମ୍ବର ଦିଅନ୍ତି ସେ ବିଷୟଟା ଏଠାରେ ଉଲ୍ଲେଖ କରିଦେବା ନିତାନ୍ତ ଦରକାର ବୋଲି ଭାବୁଚି । ସେ ଖାତା ଭିତରେ ଥିବା ଉତ୍ତରଗୁଡ଼ିକ ଦେଖନ୍ତି ନାହିଁ । ଅବଶ୍ୟ ଏହାଦ୍ୱାରା ସେ କିଛି ମନ୍ଦକାମ କରନ୍ତି ନାହିଁ । ଖାତା ଉପରର ନାଁ’ଟି କେବଳ ସେ ପଢନ୍ତି । ତା’ ପରେ ସେ ପିଲାଟି ବିଷୟରେ ଚିନ୍ତା କରନ୍ତି–ଅମୁକ ପିଲା ! ଆରେ ଇଏତ ମୋ ପାଖକୁ କେବେ ଆସେ ନାହିଁ । ସାଙ୍ଗେ ସାଙ୍ଗେ ଖାତା ଉପରେ ଶହେରୁ ଦଶ ନମ୍ବର ଦେଇ ଦିଅନ୍ତି ।

ଅମୁକ ପିଲା ! ଆରେ ଇଏ ତ ପ୍ରତିଦିନ ମୋ ପାଖକୁ ଆସେ । ମୋତେ ତ ବାପ ଭଳି ଖାତିର କରେ । ବାସ୍ ଏତିକିରୁ ତାର ପାଠ କଳନା ହୋଇଯାଏ । ସେ ଶହେରୁ ଅଶୀ ପାଏ । ଅତି ବେଶି ଜଣାଥିବା ପିଲା ବେଳେବେଳେ ନବେ ଯାଏ ପାଇ ଯାଆନ୍ତି । ଏପରି ନମ୍ବର ଦେବାରେ ସେ କିଛି ଅଯୌକ୍ତିକ କଥା କରନ୍ତି ନାହିଁ । କାରଣ ସମସ୍ତେ ବହିରୁ ପ୍ରତିଟିଧାଡ଼ି ଉତାରି ଲେଖି ଥାଆନ୍ତି । ନିଜର ମୁଣ୍ଡରୁ ବାହାରିଥିବା ପାଠ କିଛି ବି ନଥାଏ । ଏପରିସ୍ଥଳେ ସେ ବା ଖାତା କଅଣ ଦେଖିବେ ! ସମସ୍ତଙ୍କର ତ ଏକାପରି ଉତ୍ତର । ଗୁରୁଙ୍କ ସହିତ ସମ୍ବନ୍ଧରକ୍ଷା ପ୍ରତିଭାର ଏକମାତ୍ର ମାପକାଠି ହୁଏ ।

ଏଥିଲାଗି କ୍ୟାପ୍‌ଟେନ୍ ରାୟ ଯେ ତୋଷାମଦ ପ୍ରିୟ ତାହା ଆଦୌ ନୁହେଁ ଗୋଟିଏ ଘଟଣାରୁ ଏହା ବେଶ୍ ବୁଝା ପଡ଼ିବ । ଥରେ ଟେଷ୍ଟ ପରୀକ୍ଷା ପରେ କ୍ୟାପ୍‌ଟେନ୍ ରାୟଙ୍କ ଚାରି ପାଖରେ ପରୀକ୍ଷା ଦେଇଥିବା ପିଲାମାନେ ଘେରିଯାଇ ତାଙ୍କର ବିଭୂତି ବର୍ଣ୍ଣନା କରି ଲାଗି ଥାଆନ୍ତି । ଅନିଲ ବାନାର୍ଜୀ ନାମକ ଜଣେ ଛାତ୍ର ସେଠାକୁ ନଯାଇ ହଷ୍ଟେଲରେ ଏପାଖ ସେପାଖ ହେଉଥିଲେ । ସିନିୟର ପିଲାମାନେ ତାଙ୍କୁ ତାଗିଦ୍ କରି କହିଲେ–“କିରେ, କ୍ୟାପ୍‌ଟେନ୍ ରାୟଙ୍କ ପାଖରେ ସବୁ ପିଲା ତ ଯାଇଁ ଠିଆ ହୋଇଛନ୍ତି । ତୁ ଏଠି କାହିଁକି ବସି ରହିଛୁ । ଯାଆ ଶୀଘ୍ର ଯାଅ । ଏତିକିବେଳେ କ୍ୟାପ୍‌ଟେନ୍ ରାୟ ଯେଉଁମାନଙ୍କୁ ମନେ ରଖିବେ ସେଇମାନେ ଖୁବ୍ ଭଲ ନମ୍ବର ପାଇବେ । ଯେଉଁମାନେ ତାଙ୍କ ପାଖକୁ ଯାଇ ‘ରାୟ ସହସ୍ର ନାମ’ ନ ବୋଲିବେ ସେମାନଙ୍କ ଖାତା ଉପରେ ଆଳୁ ଥିବ ତୁ କଅଣ ଏତିକି ଜାଣିନୁ ! ଯା, ଯା ଶୀଘ୍ର ଯା ।’

Digitized by srujanika@gmail.com

ଏହା ଶୁଣି ଅନୀଲ ବାନାର୍ଜୀ ତରତର ହୋଇ କ୍ୟାପଟେନ୍ ରାୟଙ୍କ ପାଖକୁ ଧାଇଁଲେ । କ'ଣ କ'ଣ କହି ତାଙ୍କର ଗୁଣଗାନ କରିବେ ସେ କଥା ବାଟରେ ଭାବି ଭାବି ଯାଉ ଥାଆନ୍ତି । ତାଙ୍କୁ କିଛି ହେଲେ ପଇଟୁ ନଥାଏ । ସେ ମନେ ମନେ ସ୍ଥିର କଲେ, "ହଁ ବା, ସମସ୍ତେ ସେଠି ସ୍ତୁତି ଚଲେଇ ଥିବେ । ସେଇଥିରୁ ଗୋଟାଏ ଦି'ଟା ମନେ-ରଖି କହିଦେବି ।"

କ୍ୟାପଟେନ୍ ରାୟ ଚଉକୀରେ ବସିଥାଆନ୍ତି । ଅଭିମନ୍ୟୁ ବ୍ୟୂହ ଭେଦ କଲପରି ସେ ପିଲାମାନଙ୍କୁ ଠେଲିଠାଲି ସେ ବ୍ୟୂହଭେଦ କଲେ ଏବଂ କ୍ୟାପଟେନ୍ ରାୟଙ୍କ ପାଖରେ ଯାଇଁ ଠିଆ ହେଲେ । ସମସ୍ତଙ୍କ କଥା ଗୁଡ଼ା ତାଙ୍କୁ ଟିକିଏ ଖାପଛଡ଼ା ଜଣାହେଲା । ସେ ବାଧ୍ୟ ହୋଇ ନିଜ ମନରୁ ଗୋଟିଏ ବିଷୟ ଭାବି ତାହା ଉକ୍ତ କଲେ—"ସାର୍,ଆପଣଙ୍କ ଏ ସୁଟ୍ କନାଟା ଅତି ମୂଲ୍ୟବାନ୍ ଓ ଦୁଷ୍ପ୍ରାପ୍ୟ ।" ଅନେକ ଛାତ୍ର ନିଜ ନିଜ ମୁଣ୍ଡକୁ ବୁଲାଇ ନେଲେ । କ୍ୟାପଟେନ୍ ରାୟ ଅନୀଲ ବାନାର୍ଜୀଙ୍କ ମୁହଁକୁ ଚାହିଁ କହିଲେ—"ହୁଁ ତୁମେ ମୋନତ ଖୋସାମତ୍ କରୁଛ ? ଅନ୍ୟମାନେ ହସର ବମନକୁ ଅଟକେଇ ପାରିଲେ ନାହିଁ ।" ବିଛୁଆତି ମାଡ଼ ଖାଇଲା ପରି ଅନୀଲ ବାନାର୍ଜୀ ଲାଜରେ ଜଡ଼ସଡ଼ ହୋଇ ସେଠାରୁ ପଳାଇ ଆସିଲେ ।

ଥରେ କେତେ ବର୍ଷ ପରେ ଜୁନିଅର୍ ପିଲାମାନେ ଟେଷ୍ଟ୍ ପରୀକ୍ଷା ଘୁଞ୍ଚାଇବା ଲାଗି ବ୍ୟବସ୍ଥା କରିବା ପାଇଁ ଅଫିସ୍‌ର ହେଡ୍‌କ୍ଲର୍କଙ୍କୁ ଅନୁରୋଧ କଲେ । ସେ ସେମା-ନଙ୍କୁ ଠୋଫଠାସ୍ ପରାମର୍ଶ ଦେଇଦେଲେ—"ଏ ପାଖ ସେପାଖ ହଉଛ କାହିଁକି ? ତୁମେ-ମାନେ ଯାଅ, ରାମ ମିଶ୍ରକୁ ଏକଥା କୁହ । ସେ ସାଙ୍ଗେ ସାଙ୍ଗେ ଯେତେଦିନ ଚାହିବ କ୍ୟାପଟେନ୍ ରାୟଙ୍କୁ କହି ସେତେଦିନ ଘୁଞ୍ଚେଇ ଦେଇ ପାରିବ । ଯାକୁ ତାକୁ ଅନୁରୋଧ କରି ଲାଭ ନାହିଁ । ତାଙ୍କରି ପରାମର୍ଶକ୍ରମେ ଜୁନିଆର ପିଲାମାନେ ମୋତେ ହଷ୍ଟେଲରେ ଯାଇ ଅନୁରୋଧ କଲେ । ମୁଁ ସଙ୍ଗେ ସଙ୍ଗେ ସେମାନଙ୍କୁ ନେଇ ହଷ୍ଟେଲରୁ ଆସିଲି । ଆସିବା ପୂର୍ବରୁ ପିଲାମାନଙ୍କ ହାତରେ ଗୋଟାଏ ଦରଖାସ୍ତ ଲେଖାଇ ନେଇଥିଲି । ସମସ୍ତଙ୍କୁ ବାହାରେ ରଖି ମୁଁ ଏକା କ୍ୟାପଟେନ୍ ରାୟଙ୍କ ପାଖକୁ ଗଲି । ତାଙ୍କୁ ଅତି ଭକ୍ତିର ସହ ନମସ୍କାରଟିଏ କରି ଠିଆ ହେଲି । ମୋତେ ସେ ବସିବାକୁ କହିଲେ । ଜଣେ ଭଦ୍ରବ୍ୟକ୍ତି ଆଗରୁ ତାଙ୍କ ପାଖରେ ବସି ଗପସପ କରୁଥିଲେ । ସେହି ସମୟରେ ଗୋଟାଏ ନିର୍ବାଚନ ହେଉଥାଏ । ସେଥିରେ ସରଳା ଦେବୀ ଓ ତାଙ୍କ ବିରୁଦ୍ଧରେ ବୀର-କିଶୋର ରାୟଙ୍କ ସ୍ତ୍ରୀ ଲତିକା ଦେବୀ ପ୍ରତିଦ୍ୱନ୍ଦିତା କରୁଥିଲେ । କ୍ୟାପଟେନ୍ ରାୟ ସେ ଭଦ୍ରଲୋକଙ୍କୁ ପଚାରିଲେ—"ଆଚ୍ଛା, ସରଳା ଓ ଲତିକାଙ୍କ ମଧ୍ୟରୁ କିଏ ଜିତିବ କହନ୍ତୁ ତ ? ଭଦ୍ରଲୋକଟି ଦୃଢ଼ଭାବରେ କହିଲାଗିଲେ—"ଏଥିରେ ଆଉ ଭାବିବାକୁ ଅଛି ନା, ସରଳା ଦେବୀ ନିଶ୍ଚିତଭାବରେ ଆସୁଛନ୍ତି । ତାଙ୍କ ପାଖରେ ଲତିକା ଦେବୀ କିଛି ନୁହଁନ୍ତି । ଲୋକେ କ'ଣ ଏଡ଼େ ବୋକା ହୋଇଛନ୍ତି ସରଳା ଦେବୀକୁ ଭୋଟ ନ ଦେଇ ଲତିକା ଦେବୀଙ୍କୁ ଭୋଟ ଦେବେ ?" ମୁଁ ମନେ ମନେ ଭାବିବାକୁ ଲାଗିଲି,—"ଆରେ ଏ ଭଦ୍ର-ଲୋକଟି ସବୁ ମାଟି କରି ଦେଲେ । ସେ ବୋଧହୁଏ ଭାବିଛନ୍ତି ବୀରବାବୁ ଓ କ୍ଷେତ୍ର-

Digitized by srujanika@gmail.com

ମୋହନ ବାବୁଙ୍କ ମଧ୍ୟରେ ଅପଢ଼ ଥିବାରୁ ସରଳାଦେବୀ ଜିଣିବା କଥା କହିଲେ ସେ ଖୁସିହେବେ । ଆହା ! କେଡ଼େ ଭୁଲଟାଏ ନ କଲେ । ବିଚରା ଏତକ ଜାଣି ନାହାନ୍ତି ଯେ କ୍ୟାପଟେନ୍ ରାୟ ବୀରକିଶୋର ରାୟଙ୍କୁ ସିନା ଘୃଣା କରନ୍ତି କିନ୍ତୁ ଲତିକା ଦେବୀଙ୍କୁ ସେ ଭାରି ଭଲ ପାଆନ୍ତି । ତାଙ୍କ କଥାରେ କ୍ୟାପଟେନ୍ ରାୟ ନିଶ୍ଚିତଭାବରେ ବିରକ୍ତ ହୋଇଥିବେ ।

ତାଙ୍କ ଉତ୍ତରରେ କ୍ୟାପଟେନ୍ ରାୟ ସନ୍ତୁଷ୍ଟ ନ ହୋଇ ମୋତେ ପଚାରିଲେ–"ହଇ ହୋ ମିଶ୍ରେ, ତୁମେ ତ ଏଇ ସହରର ଲୋକ । ତୁମେ ସବୁ ଠିକ୍ ଠିକ୍ ଜାଣିଥିବ । କହିଲ ଭଲା କିଏ ଜିତିବ ?

ମୁଁ ସାଙ୍ଗେ ସାଙ୍ଗେ ମୋର ସ୍ଲୁଇସ୍ ଖୋଲି ଦେଲି–"ସାର୍ ଏଥିରେ ଆଉ ପଚାରିବାକୁ ଅଛି ନା ! ଲତିକା ଦେବୀଙ୍କର ଜିତିବା ସୁନିଶ୍ଚିତ । ସରଳା ଦେବୀଙ୍କ ଉପରେ ବହୁଲୋକ ବିରକ୍ତ । ଲତିକା ଦେବୀଙ୍କର ଯେପରି ଲୋକ ସମ୍ପର୍କ ଅଛି ତାହା ସରଳାଦେବୀଙ୍କର କାହିଁ ? ମୁଁ ତ ଏହା ଭିତରେ ଯେତେ ଲୋକଙ୍କୁ ପଚାରିଲିଣି ସମସ୍ତେ ତ ଲତିକା ଦେବୀଙ୍କୁ ଭୋଟଦେବେ ବୋଲି କହୁଛନ୍ତି । ଆପଣ ଦେଖିବେ ସରଳା ଦେବୀଙ୍କ ଅମାନତ ଟଙ୍କା ଉଡ଼ିଯିବ ।" ଭଦ୍ରଲୋକ ଜଣକ ବିସ୍ମୟ ବିସ୍ଫାରିତ ନେତ୍ରରେ ମୋ ଆଡ଼େ ଚାହିଁ ଆଆନ୍ତି । ବୋଧହୁଏ ଭାବୁଥାଆନ୍ତି–ଏଇଟା ମଣିଷ ନା ଭାଲୁ ? କାଣ୍ଡଜ୍ଞାନ–"ହୀନ ଏପରି ଯୁବକ ଥାଇ ପାରନ୍ତି ନା !" ଭଦ୍ରଲୋକ ଜଣଙ୍କ ଆଉ ମୋ କଥା ସହ୍ୟକରି ନ ପାରି ସେଠାରୁ ଉଠି ଚାଲିଗଲେ । ମୁଁ ଲତିକା ଦେବୀଙ୍କ ବିଧିମୁତାବକ ଗୁଣକୀର୍ତ୍ତନ ସାରିଲାରୁ କ୍ୟାପ୍‌ଟେନ ରାୟ ମୋତେ ପଚାରିଲେ, "ହଁ, କୁଆଡ଼େ ଆସିଥିଲ ?" ମୁଁ ମୋର ନଥି ପେଶ୍ କରି କହିଲି–"ଜୁନିଅର ପିଲାମାନେ ସେମାନଙ୍କର ଟେଷ୍ଟ୍ ପରୀକ୍ଷାକୁ କିଛିଦିନ ଘୁଞ୍ଚାଇବାକୁ ଆପଣଙ୍କ ପାଖରେ ଅଳି କରୁଛନ୍ତି ।" କ୍ୟାପ୍‌ଟେନ୍ ରାୟ ସାଙ୍ଗେ ସାଙ୍ଗେ କହିଲେ–"କାହିଁ ସେମାନେ ତ କେହି ଆସି ନାହାନ୍ତି ?" ମୁଁ ସାଙ୍ଗେ ସାଙ୍ଗେ ପିମ୍ପା ଖୋଲି କହିଲି–"ସାର୍, ଆପଣ ହେଲେ ଉତ୍କଳକେଶରୀ । ଆପଣଙ୍କ ତୁଳନାରେ ସେମାନେ କେଡ଼େ ନଗଣ୍ୟ, କେଡ଼େ କ୍ଷୁଦ୍ର ! ସେମାନଙ୍କ ସାହସ କାହିଁ ଆପଣଙ୍କ ପାଖକୁ ସିଧାସଳଖ ଆସିବାକୁ ?" ସେ ଟିକିଏ ପ୍ରସନ୍ନ ବଦନରେ ମୁଣ୍ଡ ଟୁଙ୍ଗାରିଲେ ଓ ମତେ ପଚାରିଲେ–"କେତେଦିନ ଘୁଞ୍ଚାଇଲେ ଚଳିବ ?" ମୁଁ କହିଲି–"ସାର୍, ବେଶି ନାହିଁ ଆଠ ଦିନ ଗଡ଼ାଇ ଦିଅନ୍ତୁ ।" ଏହା କହି ଲେଖାଇ ଆଣିଥିବା ଦରଖାସ୍ତଟି ତାଙ୍କ ପାଖରେ ଥୋଇଲି । ସେ ସଙ୍ଗେ ସଙ୍ଗେ ପିଅନ ହାତରେ ହେଡ୍‌କ୍ଲର୍କଙ୍କୁ ଡକାଇ ଆବଶ୍ୟକୀୟ କାର୍ଯ୍ୟତକ କରିବା ଲାଗି ଆଦେଶ ଦେଲେ । ହେଡ୍‌କ୍ଲର୍କ ଫେରି ଆସୁ ଆସୁ ପଦାରେ ଜମା ହୋଇଥିବା ପିଲାଙ୍କୁ ଦେଖି ଥଟ୍ଟାକରି କହିଲେ–"କିହୋ ଆଠଦିନ ଘୁଞ୍ଚାଇବା ଲାଗି କାହିଁକି କହିଲ, ପରୀକ୍ଷାଟା ଉଠାଇ ଦିଅ ବୋଲି କହିଥିଲେ ତାହାବି ମଞ୍ଜୁର ହୋଇଯାଇ ଥାଆନ୍ତା । ମୁଁ ଜୟଯୁକ୍ତ ହୋଇ ପିଲାଙ୍କୁ ଧରି ଫେରିଲି ।

ଓଡ଼ିଆ ବଙ୍ଗାଳୀ ଭେଦଭାବ:-

କ୍ୟାପ୍‌ଟେନ୍ ରାୟଙ୍କର ଓଡ଼ିଶା ପ୍ରୀତି ବିଷୟରେ କହିବା ନିହାତି ଦରକାର । କାରଣ ତାଙ୍କ ଆଗରୁ ମେଡ଼ିକାଲ ସ୍କୁଲରେ ଆନାଟମି ଶିକ୍ଷକ

Digitized by srujanika@gmail.com

ଗଜକିଶୋର ନନ୍ଦଙ୍କ ଛଡ଼ା ଆଉ ସମସ୍ତେ ଥିଲେ ବଙ୍ଗଳୀ । କେବଳ ସେତିକି ନୁହେଁ, କଟକ ଜିଲ୍ଲାରେ ଜଣେ ସାହାବ ରେଭେନ୍ୟୁ କମିଶନରଙ୍କ ବ୍ୟତୀତ ସବୁ ତୁଙ୍ଗ ଅଫିସର ଥିଲେ ବଙ୍ଗାଳୀ । କଟକ ଜିଲ୍ଲାରେ ବଙ୍ଗାଳୀମାନେ ଏକପ୍ରକାର ମୁକୁଟ ବିହୀନ ସମ୍ରାଟ ଥିଲେ କହିଲେ ଚଳେ । ସେମାନଙ୍କର ହାମ୍‌ବଡ଼ା ନୀତି ଓ ବ୍ୟବହାର ଆମ ଛାତ୍ରମାନଙ୍କ ଉପରେ ବିଶେଷ କିଛି ପ୍ରଭବ ବିସ୍ତାର କରି ନଥିଲା । ହଷ୍ଟେଲର ଗୋଟିଏ ଅଂଶ ସେମାନେ ପୂରାପୂରି ଅଧିକାର କରିଥିଲେ । ଓଡ଼ିଆ ଛାତ୍ରମାନଙ୍କ ପ୍ରତି ସାମାନ୍ୟ ଘୃଣାଭବ ସେମାନଙ୍କ ମନ ମଧ୍ୟରେ ପ୍ରଚ୍ଛନ୍ନଭବରେ ରହିଥିଲା । ଓଡ଼ିଆ ଛାତ୍ରମାନଙ୍କ କୋଠରୀ ଭିତରକୁ ସେମାନେ ମୋଟେ ଯାଉ ନଥିଲେ । ଓଡ଼ିଆ ଛାତ୍ରମାନେ କିନ୍ତୁ ପେଲି ପଶି ସେମାନଙ୍କ ଅଞ୍ଚଳ ମଧ୍ୟକୁ ଯା'ଆସ କରୁଥିଲେ । କେତେକ ଓଡ଼ିଆ ପିଲା ଏପରି ପେଲିପଶି ସେମାନଙ୍କ ସହ ମିଶିବାଟାକୁ ଗୋଟାଏ ଗୌରବର ବିଷୟ ବୋଲି ଭବୁଥିଲେ । ମୋ'ପରି ଗବା ଓଡ଼ିଆ ଛାତ୍ର ଏସବୁ ଅନୁଭବ କରିପାରୁ ନଥିଲା । ସେମାନେ କେହି କିଛି ଟିଟିକାରୀ ମାରିଲେ ତାହା ଥଟ୍ଟା ବୋଲି ଭବି ହସରେ ଉଡ଼ାଇ ଦେଉଥିଲି । ଏଥିପାଇଁ କେତେକ ଓଡ଼ିଆ ପିଲା ମଧ୍ୟ ମୋ ଉପରେ ବିରକ୍ତ ହେଉଥିଲେ । ଏ ହଷ୍ଟେଲରେ ମୁଁ ଜାଣିଲି ଯେ ଉତ୍କଟ ଓଡ଼ିଆ ବିରୋଧୀ ବଙ୍ଗାଳୀମାନେ ବହୁ ଆଗେ ଓଡ଼ିଆ ଭଷାଟାକୁ ନିଶ୍ଚିହ୍ନ କରିଦେବା ଲାଗି ଚେଷ୍ଟା କରିଥିଲେ । ଏହାକୁ ମଧ୍ୟ ସେତେବେଳେ ମୁଁ ଏତେଟା ବିଶ୍ୱାସଯୋଗ୍ୟ ନୁହେଁ ବୋଲି ଭବୁଥିଲି । ସେତେବେଳେ ମନେକରୁ ଥିଲି ଭଷାଟା କଅଣ ଛେଳି ହୋଇଛି ଯେ ତାକୁ ବଙ୍ଗାଳୀମାନେ ଦୁଇଗଡ଼ କରି ଦେବେ । ଦୁଇ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ଥିବା ବିଦ୍ୱେଷ ଧୀରେ ଧୀରେ କୁହୁଳି କୁହୁଳି ମେଜର ଗୁପ୍ତଙ୍କ ସମୟରେ ବିସ୍ଫୋରିତ ହେଲା । ସାମାନ୍ୟ କଥାରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଏକପ୍ରକାର ଖଣ୍ଡଯୁଦ୍ଧ ହୋଇଗଲା । କେତେ ଉଦାରମନା ବଙ୍ଗାଳୀ ଛାତ୍ର ଓଡ଼ିଆ ଛାତ୍ରଙ୍କ ପକ୍ଷରେ ରହି ଏ ଖଣ୍ଡଯୁଦ୍ଧର ପରିଚାଳନା କରୁଥିଲେ । ଦିନେ, ବର୍ତ୍ତମାନ ରାଜାବଗିଚାରେ ଘର କରି ରହିଥିବା ଡାକ୍ତର ଦୁର୍ଗାଚରଣ ମହାନ୍ତି ହଠାତ୍ ଉତ୍‌କ୍ଷିପ୍ତ ହୋଇପଡ଼ି ଗୋଟିଏ ହକିବାଡ଼ି ଧରି ହଷ୍ଟେଲର ବଙ୍ଗାଳୀ ଅଞ୍ଚଳକୁ ପଶିଗଲା ଏବଂ ହନୁମନ୍ତ ଅଶୋକ ବନକୁ ନାରଖାର କଲା ପରି ବଙ୍ଗାଳୀ ପିଲାମାନଙ୍କ ଆସବାବ ପତ୍ର ଓ ସଜା ହୋଇ ରହିଥିବା ସୁନ୍ଦର ସୁନ୍ଦର ପଦାର୍ଥ ସବୁ ସେଇ ବାଡ଼ିରେ ପିଟି ପିଟି ଧ୍ୱଂସକରି ଦେଲା । ସେଠି ସେତେବେଳେ ଥିବା ଛାତ୍ରମାନେ 'ଉଡ଼େରା ମେରେଚେ' ବୋଲି ଚିତ୍କାର କରି ସ୍ଥାନ ଛାଡ଼ି ପଳାଇଲେ । କେତେକ ଓଡ଼ିଆ ପିଲା ଦଉଡ଼ି ଯାଇ ତାକୁ ଧରି ପକାଇ ଆୟତ୍ତ କରିଥିଲେ ଏବଂ ସେ ଅଞ୍ଚଳରୁ ତାକୁ ଭିଡ଼ି ଆଣିଥିଲେ । ଅନ୍ୟ କେତେକ ଓଡ଼ିଆ ଓ ବଙ୍ଗାଳୀ ପିଲା ମିଳିମିଶି ଅବସ୍ଥାକୁ ଶାନ୍ତ କରାଇ ଥିଲେ । ସେମାନଙ୍କ ଆନ୍ତରିକ ଉଦ୍ୟମ ଏ ବିଦ୍ୱେଷ ନିଆଁକୁ ଆୟତ୍ତ କରିଥିଲା ।

ସେ ସମୟରେ ମୋର ବହୁ ବଂଗୀୟ ଭଦ୍ରଲୋକଙ୍କ ସହ ଘନିଷ୍ଠ ମିତ୍ରତା ଥିଲା । ଏ ସବୁ ଘଟଣା ପରେ ସେମାନଙ୍କ ପାଖକୁ ଯିବା ଲାଗି ମତେ ଲାଜ ଲାଜ ଲାଗିଲା । କେତେ ମାସ ପରେ ବଙ୍ଗାଳୀ ଶିକ୍ଷକମାନଙ୍କର ବଦଳି ହୋଇଗଲା । ସବା ଶେଷରେ କର୍ଣ୍ଣେଲ ପାଲିତ୍‌ଙ୍କର ମଧ୍ୟ ବଦଳି ହୋଇଗଲା । ପ୍ରଥମେ ମେଜର ଗୁପ୍ତ ଓ କ୍ୟାପ୍‌ଟେନ୍

Digitized by srujanika@gmail.com

ବାନାର୍ଜିଙ୍କ ବଦଳି ହେଲା । ବିବାଦ ସମୟରେ ମେଜର ଗୁପ୍ତ ବଙ୍ଗାଳୀ ପିଲାଙ୍କ ଓ କ୍ୟାପ୍‌ଟେନ୍ ବାନାର୍ଜୀ ଓଡ଼ିଆ ପିଲାଙ୍କ ପୃଷ୍ଠପୋଷକତା କରୁଥିଲେ । ଦୈବଯୋଗକୁ ଦୁହେଁ ବଦଳି ହେବାପରେ ଗୋଟିଏ ଦିନ ସନ୍ଧ୍ୟାବେଳେ କଲିକତା ଗାଡ଼ି ଧରିବା ପାଇଁ କଟକ ଷ୍ଟେସନରେ ଉପସ୍ଥିତ ହେଲେ । ଓଡ଼ିଆ ପିଲାମାନେ କ୍ୟାପ୍‌ଟେନ୍ ବାନାର୍ଜୀଙ୍କୁ ଘେରି ଥାଆନ୍ତି ଓ କାନ୍ଦ କାନ୍ଦ ହୋଇ ତାଙ୍କ ପାଦଧୂଳି ନେଇ ମୁଣ୍ଡରେ ମାରୁ ଥାଆନ୍ତି । ଟିକିଏ ଦୂରରେ ମେଜର ଗୁପ୍ତଙ୍କୁ ବଙ୍ଗାଳୀ ପିଲାମାନେ ଘେରି ଥାଆନ୍ତି । ବଙ୍ଗାଳୀ ପିଲାଏ 'ମେଜର ଗୁପ୍ତ ଜିନ୍ଦାବାଦ୍' କହିବା ମାତ୍ରେ ସେ ସ୍ୱରକୁ ବୁଡ଼େଇ ଦେବାଲାଗି ଓଡ଼ିଆପିଲାଏ ଘଡ଼ ଘଡ଼ି ରଡ଼ି ଛାଡ଼ି ଚିତ୍କାର କରୁଥାଆନ୍ତି 'କ୍ୟାପ୍‌ଟେନ୍ ବାନାର୍ଜୀ ଜିନ୍ଦାବାଦ୍', "ଓଡ଼ିଆ ପିଲାଏ ବହୁ ସଂଖ୍ୟାରେ ପ୍ଲାଟଫର୍ମରେ ଭର୍ତ୍ତି ହୋଇଥିଲା ବେଳେ ମେଜର ଗୁପ୍ତଙ୍କ ପାଖରେ ମୁଷ୍ଟିମେୟ ବଙ୍ଗାଳୀ ପିଲା ଥାଆନ୍ତି । କଟକ ସହରରୁ ବହୁ ବଙ୍ଗାଳୀ ଭଦ୍ରଲୋକ ସେ ଦୁହିଁଙ୍କୁ ବିଦାୟ ଦେବା ଲାଗି ସେଦିନ କଟକ ଷ୍ଟେସନ୍‌ରେ ପହଞ୍ଚିଥିଲେ । ଏ ବିଚିତ୍ର ପରିସ୍ଥିତି ଦେଖି ସେମାନେ ଅବାକ୍ ହୋଇ ଯାଇଥିଲେ । ଜଣେ ଖୁବ୍ ଜଣାଶୁଣା ବଙ୍ଗାଳୀ ଭଦ୍ରବ୍ୟକ୍ତି କହିଲେ—ଦୁହେଁଯାକ ତ ବଙ୍ଗାଳୀ, ଅଥଚ ମେଡ଼ିକାଲ୍ ପିଲାଏ ଦୁଇଭାଗ ହୋଇ ଯାଇ ଦୁଇଜଣଙ୍କ ପାଖରେ ରୁଣ୍ଡ ହୋଇ ଜୟଧ୍ୱନି କରୁଛନ୍ତି । ଏ ତ ଓଡ଼ିଆ ବଙ୍ଗାଳୀ ବୈରଭାବ ନୁହେଁ । ଏପରି ହେଲା କାହିଁକି ? ଉତ୍ତେଜନା କ୍ରମେ ବଢ଼ୁଥାଏ । ଏହି ସମୟରେ ଦୁଇ ଗୋଟି ଢେଲା କେଉଁଆଡୁ ଆସିଲା କେଜାଣି ବଙ୍ଗାଳୀ ପିଲାଙ୍କ ଉପରେ ପଡ଼ିଲା । ପୁରୀ ଏକ୍‌ସପ୍ରେସ ଗାଡ଼ି ସହ କଟକ ଷ୍ଟେସନରେ ଯୋଡ଼ା ହେବାକୁ ଥିବା ବଗିରେ ମେଜର ଗୁପ୍ତଙ୍କ ପାଇଁ ବ୍ୟବସ୍ଥା କରାଯାଇ ଥିଲା । କେତେ ଜଣ ଛାତ୍ରଙ୍କ ସହ ସେ ସେହି ବଗି ଭିତରକୁ ପଶିଗଲେ । ଏହିପରି ପରିସ୍ଥିତିରେ ଉଭୟ ବିଦାୟ ନେଇ-ଥିଲେ ଏବଂ ଛାତ୍ରମାନେ ହଷ୍ଟେଲକୁ ଫେରିଲେ ।

ଏହାପରେ କର୍ଣ୍ଣେଲ ପାଲିତ୍‌ଙ୍କ ବଦଳି ବେଳକୁ ବଙ୍ଗାଳୀ ପିଲାମାନେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବାପାଇଁ ପ୍ରସ୍ତୁତି ଆରମ୍ଭ କଲେ । କର୍ଣ୍ଣେଲ ପାଲିତ୍ ସେମାନଙ୍କୁ କହିଲେ—"ଯଦି ସବୁ ଓଡ଼ିଆ ପିଲା ଆସି ତୁମ ସହ ଯୋଗଦେବେ ତେବେ ମୁଁ ଏ ସମ୍ବ-ର୍ଦ୍ଧନା ଗ୍ରହଣ କରିବି, ନଚେତ୍ ନୁହେଁ ।" ସେମାନେ ବଡ଼ ହଇରଣରେ ପଡ଼ିଲେ । କ'ଣ କରିବେ କିଛି ଠିକ୍ କରି ପାରିଲେ ନାହିଁ । ଓଡ଼ିଆ ପିଲାମାନେ କର୍ଣ୍ଣେଲ ପାଲିତ୍‌ଙ୍କର ବ୍ୟବହାରରେ ଖୁସି ହୋଇଯାଇ ସେମାନଙ୍କ ସହ ଯୋଗ ଦେଲେ । ଫଳରେ ସେହି-ଠାରେ ହିଁ ଓଡ଼ିଆ ବଙ୍ଗାଳୀ ଭେଦଭାବ ଏକପ୍ରକାର ବନ୍ଦ ହୋଇଗଲା ।

ମେଜର ଗୁପ୍ତଙ୍କ ସମୟରେ ଚାଲିଥିବା ଓଡ଼ିଆ ବଙ୍ଗାଳୀ ବିବାଦ ସମ୍ପର୍କରେ ଆଉ ଏକ କୌତୁକପ୍ରଦ ଘଟଣା ଘଟିଥିଲା । ସେହି ସମୟରେ ଆମ ସାଙ୍ଗରେ ଶ୍ରୀବତ୍ସ ପାଣିଗ୍ରାହୀ ନାମରେ ଜଣେ ଛାତ୍ର ଥିଲେ । ତାଙ୍କର ଭାଇ ଓଡ଼ିଶାର ପୂର୍ବତନ ଚିଫ୍ ଜଷ୍ଟିସ୍ ଓ ଶିକ୍ଷାମନ୍ତ୍ରୀ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ସେ ସମୟରେ ବ୍ରହ୍ମପୁରରେ ଆଡ଼ଭୋକେଟ୍ ଥିଲେ । କଟକକୁ ଆସିଲେ ସେ ଶ୍ରୀବତ୍ସ ପାଣିଗ୍ରାହୀଙ୍କ ପାଖରେ ରହୁଥିଲେ । ସେ ଅତି ମେଳାପି ଥିବାରୁ ଆମମାନଙ୍କ ସଙ୍ଗେ ସମ୍ପୂର୍ଣ୍ଣରୂପେ ମିଶି ଯାଉଥିଲେ । ଆମ ସାଙ୍ଗରେ ସେ ଖୁବ୍

Digitized by srujanika@gmail.com

ଅଛାନକଲ କରୁଥିଲେ । ଗୋଷ୍ଠୀ ବିବାଦବେଳେ ସେ ଥରେ ଆସି ଆମ ସାଙ୍ଗରେ ରହିଥିଲେ । ବଙ୍ଗାଳୀ ପିଲମାନେ ମେଜର ଗୁପ୍ତଙ୍କୁ ରୟାଲ୍ ବେଙ୍ଗଲ୍ ଟାଇଗର ବୋଲି କହି ବୁଲୁଥିଲେ । ସେତେବେଳେ ବ୍ରହ୍ମପୁରରୁ ଗୋଟିଏ ଇଂରଜୀ ପତ୍ରିକା ବାହାରୁଥିଲ । ତାହାର ନାମ ମୋର ମନେପଡୁ ନାହିଁ । ସେ ବ୍ରହ୍ମପୁର ଫେରିଯାଇ ସେହି ପତ୍ରିକାରେ ସେହି ବିବାଦ ସମ୍ପର୍କରେ ଗୋଟିଏ ଲେଖା ପ୍ରକାଶ କରିଥିଲେ । ତାହାର ଓଡ଼ିଆ ଅନୁବାଦ ହେଲ–"ମେଜର ଗୁପ୍ତ ନାମକ ସେ ରୟାଲ୍ ବେଙ୍ଗଲ୍ ଟାଇଗର ତାଙ୍କର ସେହି ମାଲ୍‌ଦା ଜଙ୍ଗଲ ଭିତରେ ସୀମାବଦ୍ଧ ହୋଇ ରହିବା ଉଚିତ୍ । ସେ ଯଦି ଓଡ଼ିଶା ଜଙ୍ଗଲରେ ଉପଦ୍ରବ ଆରମ୍ଭ କରନ୍ତି ତେବେ ତାଙ୍କୁ ଯେ କୌଣସି ସୁଦକ୍ଷ ଓଡ଼ିଆ ଶିକାରୀ ଗୁଳିକରି ଶେଷ କରିଦେବ ।" ଗହଣା ଭିତରେ ନିମକାଠି ପରି ସେତେବେଳେ 'ସମାଜ' ଆମର ଏକମାତ୍ର ଖବର କାଗଜ ଥିଲ । ଏପରି ଉଗ୍ରଲେଖା ସେଥିରେ ବାହାରିବା ସମ୍ଭବ ହେଉ ନଥିଲ । କିନ୍ତୁ ଗୋଟିଏ ଇଂରେଜୀ ପତ୍ରିକାରେ ଏହା ବାହାରି ପଡ଼ିବାରୁ ମେଜର୍ ଗୁପ୍ତ ସେଥିରେ ଘୋର ମର୍ମାହତ ହୋଇପଡ଼ିଥିଲେ ।

କ୍ଷେତ୍ରମୋହନ ରାୟ ମେଡ଼ିକାଲ୍ ସ୍କୁଲକୁ ଆସିବା ପୂର୍ବରୁ ଏହି ବିଷୟ ଜାଣିଥିଲେ । ସେ ଆସିବାମାତ୍ରେ ନିଜକୁ ଓଡ଼ିଆ ମହାବଳ ବାଘ ରୂପେ ପରିଚୟ ଦେଇଥିଲେ ସେତେବେଳେ ଆଉ ଜଣେ ଓଡ଼ିଆ ବନବିହାରୀ ପଟ୍ଟନାୟକ ପାଥୋଲଜି ବିଭାଗରେ ଯୋଗ ଦେଇଥିଲେ । ତାଙ୍କୁ ଥରେ ଜଣେ ପଗ୍ଚରିଦେଲେ–"ଆପଣ କ'ଣ ଓଡ଼ିଆ ?" ସେ ସଙ୍ଗେ ସଙ୍ଗେ ଟେବୁଲ ଉପରେ ହାତ ବାଡ଼େଇ ଜୋର୍‌ରେ କହିଲେ–"ମୁଁ ଖାଲି ଓଡ଼ିଆ ନୁହେଁ, ନିର୍ଧୁମ୍ ଓଡ଼ିଆ ।"

ସେତେବେଳେ ସ୍କୁଲର ହେଡ୍‌କ୍ଲର୍କ ଜଣେ ବଙ୍ଗାଳୀ ରହିଯାଇ ଥିଲେ । ସେ ମନ ମଧ୍ୟରେ ସବୁବେଳେ ଓଡ଼ିଆମାନଙ୍କ ଉପରେ ବୈରଭାବ ପୋଷଣ କରୁଥିଲେ । ସବୁଦିନେ ଓଡ଼ିଆ ଛାତ୍ରମାନଙ୍କର ଛିଦ୍ର ଖୋଜୁଥିଲେ । ଓଡ଼ିଆ ଛାତ୍ରମାନେ ମଧ୍ୟ ମନେ ମନେ ତାଙ୍କ ଉପରେ ରକ୍ତଗ୍ରଉଲ ଗ୍ରେବାଇ ହେଉଥିଲେ । ଦିନେ ମୁଁ ଓ ଆଉ କେତେଜଣ ପିଲ ଯାଇ କ୍ୟାପ୍‌ଟେନ୍ ରୟଙ୍କ ଘରେ ସନ୍ଧ୍ୟାବେଳେ ପହଞ୍ଚିଲୁ । ଯଥାବିଧି ମଙ୍ଗଳାଚରଣ ପରେ ମୁଁ କହିଲି–"ସାର୍, ଏ ହେଡ଼୍ କିରାଣୀଟା ବଡ଼କଦର୍ଯ୍ୟ ଲୋକ । ସେ ଓଡ଼ିଆମାନଙ୍କୁ ଭାରି ଘୃଣା କରୁଚି । କାଲି ତା'ର ଜଣେ ସାଙ୍ଗକୁ ସେ କ'ଣ କହୁ କହୁ କହିଦେଲ–"ଶାଲ ଉଡ଼େ" । ତମ୍ପସାପର ଲଞ୍ଜକୁ କିଏ ମୋଡ଼ିଦେଲ ପରା ! ସେ ଫଁ କରି ଉଠିପଡ଼ି କହିଲେ–"ଏଡ଼େ ଆସ୍ପର୍ଦ୍ଧା ! ଆଚ୍ଛା ତାକୁ ଦେଖୁଚି ! ରୟେଲ୍ ବେଙ୍ଗଲ୍ ଟାଇଗରତକ ତ ଏଠୁ ଗଲେ, ଆଉ ଗୋଟାଏ ଲିଓପାଡ଼ କେମିତି ବୁଦା ଭିତରେ ଲୁଚି ରହି ଯାଇଚି ।" ତାକୁ ଦେଖୁଚି, ତା'ପରେ ସେ ଆମକୁ ଉପଦେଶ ଦେଲେ–"ଦେଖ, ସାମାନ୍ୟ ହେଉପଛେ କିଛି ହେଲେ ତା'ର ଗୋଟାଏ କୁକର୍ମ ବିଷୟରେ ମତେ ଜଣାଅ । ତାହାହେଲେ ସେଇବାଟରେ ମୁଁ ତା'ର ସବୁ କାମକୁ ଘାଣ୍ଟି ପକାଇବି । ତା'ର ନିଶ୍ଚୟ କେଉଁଠି ନା କେଉଁଠି ଗଫଲତି ଧରାପଡ଼ିଯିବ । ତାକୁଇ ଧରି ମୁଁ

Digitized by srujanika@gmail.com

ତାକୁ ଏଠୁ ତଡ଼ିବି । ବହୁ ଅଣ୍ଡଳା ଅଣ୍ଡଳି କରି ଆମେ ତାଙ୍କର ଗୋଟିଏ ଗପ୍‌ଲତି ଜାଣି-ପାରିଲୁ । କ୍ୟାପ୍‌ଟେନ୍ ଗୟ ଶିକ୍ଷାନବୀଶ କମ୍ପାଉଣ୍ଡରମାନଙ୍କର ନାଁ ଲେଖାର ସର୍ବୋଚ୍ଚ କର୍ତ୍ତା ଥିଲେ । ବଛାବଛିର ଚୂଡ଼ାନ୍ତ ତାଲିକାରେ ତଳେ ସେ ଦସ୍ତଖତ କରିଥିଲେ । ଗୋଟିଏ ପ୍ରାର୍ଥୀ ଥାନ ପାଇ ନଥିଲା । ସେ ହେଡ୍‌କ୍ଲର୍କଙ୍କୁ ପାଞ୍ଚଶହ ଟଙ୍କା ଉତ୍କୋଚ ଆଗରୁ ଦେଇଥିଲା । ଟାଇପ୍ କାଗଜରେ ଶେଷ ପିଲା ତଳକୁ କ୍ୟାପ୍‌ଟେନ୍ ଗୟଙ୍କ ଦସ୍ତଖତ କରିବା ସ୍ଥାନ ମଧ୍ୟରେ ଜାଣି ଜାଣି ସେ ଟିକିଏ ସ୍ଥାନ ରଖିଥିଲେ । କ୍ୟାପ୍‌ଟେନ୍ ଗୟଙ୍କ ଦସ୍ତଖତ ପରେ ସେ ପିଲାଟିର ନାଁ ଟାଇପ୍ କରିଦେଲେ । ଶେଷ ପିଲାଟିର ନାଁ କାଟିଦେଇ ତା ସ୍ଥାନରେ ସେ ପିଲାଟିର ନାଁ ଯୋଡ଼ା ଯାଇଥିଲା । କମ୍ପାଉଣ୍ଡର ଛାତ୍ର ଗ୍ରହଣରେ ବିଶେଷ ଗୁରୁତ୍ୱ ନଥିଲା । କେହି ସେଥିରେ ଏତେ ନଜର ଦେଉ ନଥିଲେ । ଫଳରେ ସେ ପିଲାଟି ପଛ ଦୁଆର ବାଟେ ପଶି ସମସ୍ତଙ୍କ ସଙ୍ଗେ ମିଶିଗଲା । କାଗଜପତ୍ର ସବୁ ତ ହେଡ୍‌କ୍ଲର୍କଙ୍କ ଖାସ୍ ଦଖଲରେ ଥାଏ । ସେଗୁଡ଼ାକ ଦେଖିବା କିଛି ଦରକାର ମଧ୍ୟ ପଡୁ ନଥାଏ । ଏଇ ଘଟଣାକୁ କେନ୍ଦ୍ରକରି କ୍ୟାପ୍‌ଟେନ୍ ଗୟ ସେତେବେଳର ସୁପରିନ୍‌ଟେଣ୍ଡେଣ୍ଟ୍ ମେଜର୍ ଓନିଲ୍‌ଙ୍କୁ କହି ଖୁବ୍ ଗୁପ୍ତରେ ସମୁଦାୟ ଅଫିସ୍ ସିଲ୍ କରିବାକୁ ଅର୍ଡର ନେଇଗଲେ । ଏ କାର୍ଯ୍ୟ ରାତାରାତି ସବୁ ହୋଇଗଲା । ସକାଳୁ ହେଡ୍‌କ୍ଲର୍କ ନିତ୍ୟକର୍ମ ସାରି ଅଫିସ୍ ଦ୍ୱାର ମୁହଁରେ ପହଞ୍ଚି ଦେଖନ୍ତି ତାହା ସିଲ୍ ହୋଇଯାଇଛି । ସେ ସୁପରିନ୍‌ଟେଣ୍ଡେଣ୍ଟ୍‌ଙ୍କ ଅଫିସ୍‌କୁ ଯାଇ ସବୁ କଥା ବୁଝିଲେ ଏବଂ ଅଫିସର ସମସ୍ତ ବିଷୟ ଅଡ଼ିଟ୍ ହେବା ପର୍ଯ୍ୟନ୍ତ ସେ ଆଉ ହେଡ୍‌କ୍ଲର୍କ ଭାବରେ କାର୍ଯ୍ୟ କରି ପାରିବେ ନାହିଁ ବୋଲି ନିର୍ଦ୍ଦେଶପତ୍ର ନେଇ ଘରକୁ ଫେରିଲେ । ଏହା ଭିତରେ ହେଡ୍‌କ୍ଲର୍କ କେଉଁମାନେ ଅଡ଼ିଟ୍ କରିବେ ସେମାନଙ୍କୁ ଠାବ କରି ଷୋଡ଼ଶ ଉପଚାରରେ ପୂଜା କରି ଦେଲେ । ଫଳରେ ଅଡ଼ିଟର୍‌ମାନେ ସବୁ ଠିକ୍ ଅଛି ବୋଲି ମନ୍ତବ୍ୟ ଦେଇ ଗଲେ । ହତଭାଗ୍ୟ ହେଡ୍‌କ୍ଲର୍କ ଯଦି ଏତିକିରେ ଚୁପ୍‌ହୋଇ ରହିଯାଇ ଥା'ନ୍ତେ ତେବେ ଆଉ ଅଧିକ ଖରାପ କିଛି ହୋଇ ନଥାନ୍ତା । କ୍ୟାପ୍‌ଟେନ୍ ଗୟ ମଧ୍ୟ ସେଥିରେ ଆଉ ମୁଣ୍ଡ ଖେଳାଇ ନଥାନ୍ତେ । ସେ କିନ୍ତୁ କ୍ୟାପ୍‌ଟେନ୍ ଗୟଙ୍କ ଅଫିସ୍‌କୁ ଯାଇ ଓଲଟି ତାଙ୍କୁ ବିଦ୍ରୁପ କରି କହିଲେ—"ଧନ୍ୟବାଦ୍ ଆଜ୍ଞା, ବହୁତ ଚେଷ୍ଟା କଲେ କିନ୍ତୁ ମୋତେ ହାତକଡ଼ି ପିନ୍ଧାଇ ପାରିଲେ ନାହି ।" କ୍ୟାପ୍‌ଟେନ୍ ଗୟ ଗର୍ଜି ଉଠିଲେ—ଏଁ ତୁମର ଏତେ ଦିମାକ୍ ! ଆଚ୍ଛା ହେଉ, କଡ଼ି ପିନ୍ଧିବ କି ନ ପିନ୍ଧିବ ମୁଁ ଦେଖିବି ।" ସଙ୍ଗେ ସଙ୍ଗେ ସେ ମେଜର ଓନିଲ୍‌ଙ୍କ ପାଖକୁ ଯାଇ ପୁଣି ଥରେ ଆମୂଳଚୂଳ କ୍ୟାପ୍‌ଟେନ୍ ଗୟଙ୍କ ଉପସ୍ଥିତିରେ ଅଡ଼ିଟ୍ ହେବ ବୋଲି ଆଦେଶ କରାଇ ନେଲେ । ତାହାହିଁ ହେଲା । ତାଙ୍କର ସମସ୍ତ ଗୋଳ ପଦାରେ ପଡ଼ିଗଲା । ନାନା ଉପାୟରେ ବହୁ ଟଙ୍କା ଆତ୍ମସାତ୍‌ର ଏବଂ କମ୍ପାଉଣ୍ଡର ଛାତ୍ର ନିଯୁକ୍ତିରେ ହୋଇଥିବା ହେର୍‌ଫେର୍ ସବୁ ଧରା ପଡ଼ିଗଲା । ହେଡ୍‌କ୍ଲର୍କଙ୍କ ମୁହଁ କଳାକାଠ ପଡ଼ିଗଲା । ଓନିଲ ସାହେବ ଥାନାକୁ ଖବର କରିଦେଲେ । ଥାନାରୁ ଜଣେ ଇନ୍‌ସପେକ୍ଟର ଓ ଦୁଇଜଣ କନେଷ୍ଟବଲ୍ ଆସି ତାଙ୍କୁ ଆରେଷ୍ଟ କଲେ । କ୍ୟାପ୍‌ଟେନ୍ ଗୟ ହାତକଡ଼ିର ସଦ୍‌ବ୍ୟବହାର କରିବାଲାଗି ମଧ୍ୟ ଇଙ୍ଗିତ ଦେଲେ । ସେମାନେ ହାତକଡ଼ି ଓ ଅଣ୍ଟାରେ ଦଉଡ଼ିବାନ୍ଧି ଚାଲାଇ

Digitized by srujanika@gmail.com

ଚଲାଇ ନେବାକୁ ବସିଥିଲେ । ତାଙ୍କର ସହକର୍ମୀମାନେ ଇନସ୍‌ପେକ୍ଟରଙ୍କୁ ଅନୁରୋଧ କରି କହିଲେ—"ଆପଣ ଯାହା କରୁଛନ୍ତି କରନ୍ତୁ । ଆମେ ଗୋଟିଏ ଘୋଡ଼ାଗାଡ଼ି ଡାକି ଆଣୁଛୁ । ସେଥିରେ ବସାଇ ନିଅନ୍ତୁ । ତାଙ୍କୁ ଅଫିସ୍‌କୁ ନିଆଗଲା ବେଳେ କ୍ୟାପ୍‌ଟେନ୍ ରାୟ ସେଠାରେ ପହଞ୍ଚି ହେଡ୍‌କ୍ଲର୍କଙ୍କୁ କହିଲେ—"କଅଣ ହାତକଡ଼ି ପଡ଼ିଲା ନା ନାହିଁ ?" ସେତେବେଳେ ତାଙ୍କ ମୁହଁରୁ କଥା ବାହାରୁ ନଥାଏ । ମୁହଁକୁ ତଳକୁ ପୋତି ଯାଇ ଗାଡ଼ିରେ ବସିଲେ । ବିଚାରରେ ତାଙ୍କର ଦୁଇ ବା ତିନି ବର୍ଷ ଜେଲ୍ ଓ ଦୁଇ ହଜାର ଟଙ୍କା ଜୋରିମାନା ହୋଇଗଲା । ତାହାପରେ କ୍ୟାପ୍‌ଟେନ୍ ରାୟ ଆମ୍ଭମାନଙ୍କୁ କହିଲେ—"ଏଥରକ ଜଙ୍ଗଲ ଝାଡ଼ଝୁଡ଼ ହୋଇ ଗଲା । ବାକୀଥିବା ଲିଓପାଡ଼ଟାର ଶୀକାର ଏଇଠି ଶେଷ ହେଲା । ଓଡ଼ିଶା ମେଡିକାଲ୍ ସ୍କୁଲ୍ ଏଥର ଶାନ୍ତ ପଡିବ । ତାହାହିଁ ମଧ୍ୟ ହୋଇଥିଲା ।

ଚତୁର୍ଥବାର୍ଷିକ ଶ୍ରେଣୀର ପଢ଼ାପଢି ଏକ ବର୍ଷରେ ସରିବା କଥା । ମୁଁ କିନ୍ତୁ ଖୁବ୍ ଭଲ ଭାବରେ ପଢିବି ବୋଲି ସେହି ଶ୍ରେଣୀରେ ପ୍ରାୟ ତିନି ବର୍ଷ କଟାଇ ଦେଇ-ଥିଲି । ମୋର ବହୁ ସହାଧ୍ୟାୟୀ ବହୁ ଆଗରୁ ମୋତେ ଛାଡ଼ି ଡାକ୍ତର ହୋଇ ବାହାରି ଯାଇ ଥାଆନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଜଣେ ଯଦି କେବେ ହଷ୍ଟେଲକୁ ଆସନ୍ତି ତେବେ ମୋତେ ପଚାରନ୍ତି—"କଣ ଏଠି ହାଉସସର୍ଜନ ଭାବରେ ନିଯୁକ୍ତି ପାଇଗଲ କି ?" ହଁ ତୁମ ଘରତ ଏଇଠି, ପାଇଯାଇ ଥିବ । ପରେ ସବୁକଥା ଶୁଣି ହସନ୍ତି । ମୋର ଶେଷ ପରୀକ୍ଷାର ପୂର୍ବ ପରୀକ୍ଷାକୁ କର୍ଣ୍ଣେଲ ପାଲିତ୍ ସର୍ଜରୀ ପରୀକ୍ଷକ ହୋଇ ଆସିଥିଲେ । ମୁଁ ଆଗରୁ ତାଙ୍କର ବ୍ୟବହାର ଭଲଭାବରେ ଜାଣିଥିଲି । ସେ ବେଶି ଲେଖାକୁ ଭାରି ବିରକ୍ତ ହୁଅନ୍ତି । ତେଣୁ ଚାରିଟି ପୃଷ୍ଠାରେ ମୁଁ ଚାରୋଟିଯାକ ପ୍ରଶ୍ନର ଉତ୍ତର ଦେଇ ଦେଇଥିଲି । ତାଙ୍କର ଚିହ୍ନାପିଲା ସମଗ୍ର ସ୍କୁଲରେ ମୁଁ ଏକା ଥିଲି । ଖାତାରେ ସେ ଖୁବ୍ ଭଲ ନମ୍ବର ଦେଇଥିଲେ । ମୌଖିକ ଓ ପ୍ରାକ୍ଟିକାଲ୍ ପରୀକ୍ଷା ପାଇଁ ସେ ଓ୍ୱାର୍ଡ ଭିତରକୁ ପଶିଗଲେ । ମୋତେ ଦିଆଯାଇଥିବା କେସ୍ ପାଖରେ ମୁଁ ଠିଆ ହୋଇଥାଏ । ସେ ସର୍ଜରୀ ଶିକ୍ଷକଙ୍କ ଗହଣରେ ମୋ ପାଖକୁ ଆସିଲେ ଏବଂ ମୋତେ ଦେଖି ହସିଲେ । "କିହେ ଫଟିଫ୍ୟାନ୍‌ର ହିରୋ ! ତୁମେ ଏପର୍ଯ୍ୟନ୍ତ ରହିଛ ?" ମୁଁ ତ ଆଗରୁ ଜାଣିଥାଏ ଫେଲ୍ ହେବି ବୋଲି । ତଥାପି ଏ କଥାରେ ମୁଁ ଏକାବେଳକରେ ବାକ୍‌ଶକ୍ତି ଲୋପ ହୋଇଗଲା ପରି ଅଭିନୟ କଲି । ସେ ମୋ ପିଠିରେ ହାତମାରି କହିଲେ—"ରାମଚନ୍ଦ୍ର, ଭୟ କରନା, ତୁମେ ଖାତାରେ ଖୁବ୍ ଭଲ କରିଛ । ମୁଁ ତୁମ ଉପରେ କେବେହେଲେ ଅକଶ ରଖିନି । ଭୟରେ ତୁମେ କାତର ହୋଇଯାଅ ନାହିଁ । ତୁମେ ନିଶ୍ଚୟ ପାଶ୍ କରିବ, ମୁଁ ନିର୍ଭର ପ୍ରତିଶ୍ରୁତି ଦେଉଛି ।"ଆମ ସର୍ଜରୀ ଶିକ୍ଷକ ସେତେବେଳେ କାଶୀନାଥ ମିଶ୍ର ଥାଆନ୍ତି । ସେ ଏସବୁ ବିଷୟ ଶୁଣି ଆବାକାବା ହୋଇଗଲେ । ସେ କିଛି ବୁଝି-ପାରୁ ନଥାନ୍ତି । କର୍ଣ୍ଣେଲ୍ ପାଲିତ୍ ମୋତେ ଅତି ସହଜ ଗୋଟିଏ ଦୁଇଟି ପ୍ରଶ୍ନ ପଚା-ରିଲେ । ତା'ର ମଧ୍ୟ ଉତ୍ତର ଦେବାଲାଗି କିଛି କିଛି ସୂଚନା ଦେଲେ । ସେ ସବୁର ଉତ୍ତର ମଧ୍ୟ ମୁଁ ଦେଇଦେଲି । ସେଇଠି ସେ କାଶୀ ବାବୁଙ୍କୁ କହିଲେ—"ମୁଁ ବଡ଼ ଭୁଲ୍‌କାମଟା କରିଦେଲି । ମୁଁ ତାକୁ ପରିହାସରେ ଫଟିଫ୍ୟାନ୍‌ର ହିରୋ କହିଦେଲି ।

Digitized by srujanika@gmail.com

କିନ୍ତୁ ସେ ତାହା ମୋର ପ୍ରତିହିଂସା ବୋଲି ଭାବି ଏକାବେଳକେ ଝାଉଁଳି ଗଲା । ଏହା କହି ସେ ଫଟିଫ୍ୟାନ୍ ବୃତ୍ତାନ୍ତ କାଶୀ ମିଶ୍ରଙ୍କୁ ସେହିଠାରେ କହିଲେ–

ଥରେ ଷ୍ଟ୍ରାଇକ୍‌ବେଳେ ରାମଚନ୍ଦ୍ର ନେତୃତ୍ୱ ନେଇ ପିଲାମାନଙ୍କୁ ଉତ୍ତ୍ୟକ୍ତ କରିବା ଲାଗି କହିଥିଲା–ହସ୍‌ପିଟାଲରେ ଚାଳିଶଟି ରେଡ୍‌କ୍ରସ୍ ଫ୍ୟାନ୍ ଅଛି । ଓ୍ୟାର୍ଡରେ ବେରାମ ହୋଇପଡ଼ିଥିବା ଗୋଟି ଏ ମେଡ଼ିକାଲ୍ ଛାତ୍ର ପାଇଁ ଗୋଟିଏ ହେଲେ ଫ୍ୟାନ୍ ଦିଆଗଲା ନାହିଁ । ଅଥଚ ସବୁ ଫ୍ୟାନ୍ ମୁଁ ଓ ମେଜର ଗୁପ୍ତ ଘରେ ରଖି ବ୍ୟବହାର କରୁଛୁ । ଏଇଟା ତାହା ମିଛ କଥା ବୋଲି ସେତେବେଳେ ଜଣା ପଡ଼ିଥିଲା । ପିଲାଏ ଏମିତି କେତେ ମିଛକଥା କୁହନ୍ତି । ମୁଁ କ'ଣ ସେଇଟାକୁ ଧରିଚି । ରାମ ମନେ ମନେ ଭାବୁଛି ଯେ ମୁଁ ସେ କଥାଗୁଡ଼ାକ ମନେ ରଖିଛି ଓ ତା' ଉପରେ ପ୍ରତିଶୋଧ ନିଶ୍ଚୟ ନେବି ।'' ଦୁହେଁ ମିଶି ମୋତେ ଆଶ୍ୱାସନା ଦେଲେ ଏବଂ ଓରାଲ ପରୀକ୍ଷା ପାଇଁ ଅପରେସନ୍ ଥିଏଟର ଭିତରକୁ ଗଲେ ।

ମୁଁ ସର୍ବ ପ୍ରାଚୀନ ଛାତ୍ର ଥିବାରୁ ମୋତେ ପ୍ରଥମେ ଡକାଗଲା । ମୁଁ ଯାଇ ସେଠି ବସିବାମାତ୍ରେ କାଶୀବାବୁ ଓ ସେ ପୁଣି ମୋତେ ବୁଝାଇବାରେ ଲାଗିଲେ ଏବଂ ସାଫ୍ ସାଫ୍ କହିଦେଲେ–''ତୁମେ ଆଉ ଭୟ କରିବାର କାରଣ ନାହିଁ, ତୁମେ ପାଶ୍ କରି ସାରିଛ । ଗୋଟାଏ ଦୁଇଟା କଅଣ କହିଦେଇ ଯାଅ ।'' ଏପରି କହି ସେ ମୋତେ କେତୋଟି ଯନ୍ତ୍ରପାତି ଓ ତାହାର ବ୍ୟବହାର ବିଷୟରେ ପଚାରିଲେ । ସେଥିରେ ମୁଁ ଭାରି ଧୂରନ୍ଧର ଥିଲି । ଭଡ଼୍‌ଭଡ଼୍ ଉତ୍ତର ଦେଇଦେଲି । ସେ ଖୁସି ହୋଇ ଯାଇ କହିଲେ–''ଯାଅ, ତୁମକୁ ଅଯଥାରେ ମୁଁ ବଡ଼ ହଇରାଣ କରିଦେଲି ।'' ମୁଁ ଏକା-ବେଳକେ ୯୦ ଡ଼ିଗ୍ରୀଆ ନମସ୍କାରଟିଏ କରି ସେଠାରୁ ଚାଲି ଆସିଲି । ମୋର ଅଭିନୟ ଭଲ କାମ ଦେଖେଇଲା ବୋଲି ଭାବି ମୁଁ ବଡ଼ ଆତ୍ମପ୍ରସାଦ ଅନୁଭବ କଲି । ମୋର ମଧ୍ୟ ସନ୍ଦେହ ହେଲା ସତେ କଅଣ ମୁଁ ପାଶ୍ କରିଯିବି ? ମିଡ୍‌ଓ୍ୱାଇଫ୍ରି ଓ ମେଡ଼ି-ସିନ୍‌ରେ ପାଶ କରିବି ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା । ମନେ ମନେ ଭାବିଲି– ଏଥରକ ମତେ ନିଶ୍ଚିତ ଭାବରେ ମେଡ଼ିକାଲ୍ ସ୍କୁଲରୁ ନିଷ୍କାସନ କରାଯିବ ।

ଫଳ ବାହାରିଲା । ଦେଖିଲାବେଳକୁ ମିଡ୍‌ଓ୍ୱାଇଫ୍ରି ବିଷୟଟିରେ ଫେଲ୍ ହୋଇ ଯାଇଛି । ଫଳାଫଳ ତାଲିକାରୁ ମୋର ଗୋଟିଏ ମାତ୍ର (ମିଡ୍‌ଓ୍ୱାଇଫ୍ରିରେ) ପରୀକ୍ଷା ଦେବାର ସୁବିଧା ମିଳିଛି ଜାଣି ମୁଁ ଆନନ୍ଦରେ ଅଧୀର ହୋଇ ପଡ଼ିଲି । ସେଇଠାରୁ ଦଉଡ଼ି ଦଉଡ଼ି ଆନନ୍ଦରେ କୁହାଟ ମାରି ଗଜ ବାନା ବୁଲାଇଲାପରି ଚିତ୍କାର କରି କରି ହଷ୍ଟେଲକୁ ଧାଇଁ ଆସିଲି । ଅପେକ୍ଷା କରି ରହିଥିବା ଅନ୍ୟ ପିଲାମାନେ ଅବାକ୍ ହୋଇ-ଯାଇ କଥାବାର୍ତ୍ତା ହେଲେ–''କି ଆଶ୍ଚର୍ଯ୍ୟ ! ରାମ ମିଶ୍ରଟା ଡାକ୍ତର ହେଇଗଲା । ମୋ ରୁମ୍‌କୁ ମୋତେ ବଧାଇ ଜଣାଇବା ପାଇଁ ସେମାନେ ଆସିଲେ । ଯେତେବେଳେ ଶୁଣିଲେ ଯେ ମୁଁ ଡାକ୍ତର ହୋଇନି ମୋତେ ଆଉଥରେ ଗୋଟିଏ ବିଷୟରେ ପରୀକ୍ଷା ଦେବାକୁ ପଡ଼ିବ, ସେତେବେଳେ ସମସ୍ତେ ହୋ ହୋ ହୋଇ ହସି ଉଠିଲେ । ଜଣେ ମତେ ଉପ-ହାସ କରି କହିଲା–''ଗୋଟିଏ ବିଷୟ ହୋଇଥିବାରୁ ଏତେ ଆନନ୍ଦରେ କୁଦି କୁଦି

Digitized by srujanika@gmail.com

ଆସିଲ, ଯଦି ପାଶ୍ କରି ଯାଇ ଡାକ୍ତର ହୋଇଯାଇ ଥାଆନ୍ତ, ତାହାହେଲେ ତ ସେଇ ଅଫିସ୍ ପାଖରୁ ଭୂଇଁରେ ଗଡ଼ି ଗଡ଼ି ହଷ୍ଟେଲକୁ ଆସିଥାଆନ୍ତ ।” ସମସ୍ତେ ବଧାଇ ତକ ଫେରାଇ ନେଇ ଗ୍ଲିଗଲେ ।

ମୋର ଶେଷ ବର୍ଷ ଓ ଶେଷ ପରୀକ୍ଷା ପାଇଁ ମୁଁ ପ୍ରସ୍ତୁତ ହେବାକୁ ଲଗିଲି । ମନେ ମନେ ପ୍ରତିଜ୍ଞା କଲି କପି କରୁଥିବା ଯାଏ ମୁଁ କେବେ ପାଶ୍ କରି ପାରିବି ନାହିଁ । ଏଥର କପିର ସୀମା ମାଡ଼ିବି ନାହିଁ । ଏହାପରେ ମୁଁ ଲାଇବ୍ରେରୀରୁ ସମସ୍ତ ମିଡ୍‌ଓ୍ୱାଇଫ୍ରି ବହି ଆଣି ପଢି ତାହାର ନୋଟସବୁ ଖାତାରେ ଲେଖିନେଲି । ସବୁ ପ୍ରକାରର ପୂର୍ବ ଡିଉଟିରୁ ମୁଁ ପେନ୍‌ସନ୍ ନେଇ କେବଳ ପଢିବାରେ ସମସ୍ତ ସମୟ ଲଗାଇଲି । ମୋ ପାଠପଢ଼ା ଦେଖି ସମସ୍ତେ ତଟସ୍ଥ ହୋଇଗଲେ । ଭ୍ରୂଣ ବିଦ୍ୟା ପଢିଲବେଳେ ଭ୍ରୂଣର ବର୍ଦ୍ଧନକାଳୀନ ସମସ୍ତ ଚିତ୍ର ଏପରିଭାବରେ କରିଦେଇ ଥାଏ ଯେ ଆଉ ମୋତେ ବହି ଦେଖିବାକୁ ପଡ଼ି ନଥିଲ । ସେ ଛବିକି ଦେଖିଲେ ମୋର ସବୁ ମନେ ପଡ଼ିଯାଏ । ଭ୍ରୂଣ ବିଦ୍ୟାଟା ସବୁଠାରୁ କଷ୍ଟକର ଅଧ୍ୟାୟ ଥିଲ । ତାହାକୁ ମୁଁ ଚିତ୍ର ମାଧ୍ୟମରେ ଅନାୟାସରେ ମନେ ରଖିନେଲି । ଋତୁଚକ୍ର ବିଷୟରେ ମୋର ପସନ୍ଦ ହେବା ଭଳି କୌଣସି ଚିତ୍ର ମୁଁ କୌଣସି ବହିରେ ବି ପାଇଲି ନାହିଁ । ସବୁଥିରେ କେବଳ ବର୍ଣ୍ଣନା, କିନ୍ତୁ ଚକ୍ରହେବାଭଳି ଚିତ୍ର କୌଣସିଥିରେ ନଥାଏ । ବହୁତ ଭାବି ଭାବି ଗୋଟିଏ ଚକ୍ରର ପରିକଳ୍ପନା କଲି । ସେଥିରେ ଆରମ୍ଭରେ ଜରାୟୁ ଶଯ୍ୟା(ଏଣ୍ଡୋମାଟ୍ରିଅମ୍)ର କିପରି ବିକାଶ ହୁଏ ଏବଂ ତାହା କିପରି ଚକ୍ର ଶେଷରେ ଭାଙ୍ଗି ଯାଇ ପୂର୍ବପରି ହୋଇଯାଏ ତାକୁ ମନରୁ ଭାବି ଗୋଟିଏ ଚିତ୍ର କରି ଦେଲି । ଋତୁପୂର୍ବ, ଋତୁସମୟ ଓ ଋତୁ ପର ସମୟ ଓ ବିଶ୍ରାମ ସମୟକୁ ପୁଣି ଋତୁ ପୂର୍ବ ସମୟ ସହ ମିଶାଇ ଦେଇଥାଏ ! ଫଳରେ ତାହା ଏକ ଚକ୍ର ପରି ହୋଇଗଲ । କେବଳ ଏତିକି କରି ନଥିଲି । ସେ ସବୁ ସମୟରେ ବିଭିନ୍ନ ସ୍ରାବ ଓ ରକ୍ତସ୍ରାବର ଚିତ୍ର ମଧ୍ୟ କଡ଼େ କଡ଼େ କରି ଦେଇଥିଲି । ପ୍ରତ୍ୟେକ ଅବସ୍ଥାର ସମୟ ଅନୁଯାୟୀ ଚକ୍ରରେ ଘଣ୍ଟା ପରି ଦାଗଦେଇ ଥିଲି ଓ ପରିଧିରେ ତାହା ସବୁ ଲେଖିଦେଇଥିଲି । ସେହି ଚିତ୍ରକୁ ବହୁବାର ଆଙ୍କି ମାର୍ଜିତ କରିନେଲି । ଚିତ୍ରଟି ସାରିଦେଇ ମନରେ ଅତି ଆନନ୍ଦ ଅନୁଭବ କଲି । ସେ ଖାତାଟିକୁ ମୋ ପାଖରେ ସବୁବେଳେ ରଖିଥାଏ ଏବଂ ଅନ୍ୟ ନୋଟ ବହିରେ ଟିପିଥିବା ସବୁଗୁଡ଼ିକ ପୁନଃ ପୁନଃ ପଢୁଥାଏ । ମୋତେ ବହିଦେଖି ସମୟ ନଷ୍ଟ କରିବାକୁ ପଡିଲ ନାହିଁ । ମିଡ୍‌ଓ୍ୱାଇଫ୍ରିରେ ହେଉଥିବା ଶଲ୍ୟକ୍ରିୟା ବିଷୟରେ ଯେଉଁସବୁ ବହିରେ ଚିତ୍ର ଥିଲ ସେଗୁଡ଼ିକ ସବୁ ଗୋଟିଏ ଖାତାରେ ଆଙ୍କି ଦେଲି । ଯଦି ପରୀକ୍ଷାରେ ସେଇଟା ପଡ଼େ ତେବେ ଖାତାରେ ତାକୁ କିପରି ଚଟାପଟ୍ କରି ଦେଇ ପାରିବି ସେଥିଲଗି ହାତ ସାଧିବାରେ ଲଗିଲି । ମୋର ଆତ୍ମ ବିଶ୍ୱାସ ଆସିଗଲ ଯେ, ଯେ କୌଣସି ପ୍ରଶ୍ନ ପଡୁ ତାହାକୁ ମୁଁ ଚିତ୍ର ସାହାଯ୍ୟରେ ଲେଖି ଦେଇ ପାରିବି ।

ଭ୍ରୂଣ ବର୍ଦ୍ଧନ ଓ ଋତୁ ଚକ୍ରର ଚିତ୍ରଥିବା ଖାତାଟିକୁ ସଙ୍ଗରେ ନେଇ ପରୀକ୍ଷା ହଲକୁ ଗଲି । ମନରେ ମୋର ଖୁବ ତୃପ୍ତି ଓ ବେପରବାୟ ଭାବ ଆସିଯାଇଥାଏ ।

Digitized by srujanika@gmail.com

କାଶୀନାଥ ମିଶ୍ର ସେଦିନ ଗାର୍ଡ ଥାଆନ୍ତି । ସମୟ ହୋଇ ଯିବାରୁ ମୁଁ ସେ ଖାତାଟିକୁ ଗାର୍ଡଙ୍କ ପାଖ ଟେବୁଲ ଉପରେ ଥୋଇ ଦେଇ ମୋ ସିଟି ପାଖକୁ ଗ୍ଲାଲିଗଲି । ମୋର ଭାରି ଆଶାଥିଲା ରତ୍ନଚକ୍ର ବିଷୟରେ ଯଦି ପ୍ରଶ୍ନ ପଡିବ ତେବେ ମୁଁ ଗୋଟିଏ ନୂଆ ଜିନିଷ ଉତ୍ତର ଖାତାରେ ଦେଖାଇ ଦେବି । ଦୁଃଖର କଥା ତାହା ପ୍ରଶ୍ନରେ ନଥିଲା । ତଥାପି ଅନ୍ୟାନ୍ୟ ପ୍ରଶ୍ନ ଦେଖି ମୋ ମନରେ ଖୁବ୍ ସନ୍ତୋଷ ଆସିଲା । ସବୁ ପ୍ରଶ୍ନର ଚିତ୍ର ସହ ଲିଖନ ଆରମ୍ଭ କଲି । ଗୋଟିଏ ଗୋଟିଏ ପ୍ରଶ୍ନର ଦୁଇତିନି ପୃଷ୍ଠା କେବଳ ଚିତ୍ର କରିଦେଇଥାଏ ଓ ତାହା ତଳେ ଲେଖା ଆରମ୍ଭ କରିଥାଏ । ଲେଖା ମଧ୍ୟ ଖୁବ୍ ସଂକ୍ଷିପ୍ତ ଥାଏ । ସେ ଚିତ୍ର ଦେଖିଲେ ସିନେମାଟୋଗ୍ରାଫି ପରି ଜଣାଯାଉ ଥିଲା । ଏହି ସମୟରେ କାଶୀନାଥ ମିଶ୍ରେ ମୋ ଆଡ଼କୁ ଭରି ଲକ୍ଷ୍ୟରଖି ଥାଆନ୍ତି । ସେ ଆଗରୁ ଜାଣିଥିଲେ ଯେ ମୁଁ ସର୍ବଶ୍ରେଷ୍ଠ କପିବାଜ । ହଠାତ୍ ସେ ମୋ ଉପରୁ ଦୃଷ୍ଟି ଫେରାଇ-ନେଇ ମୁଁ ଟେବୁଲ ଉପରେ ଥୋଇଥିବା ଖାତାଟିକୁ ଓଲଟାଇଲେ । ରତ୍ନଚକ୍ର ଚିତ୍ରଟି ଦେଖି ସେ ଅବାକ୍ ହୋଇଗଲେ । ସେପରି ଚିତ୍ର ସେ ଆଗରୁ କେବେ ଦେଖି ନଥିଲେ । ଏଥର ମୁଁ ପଢ଼ାପଢ଼ି କରି ପରୀକ୍ଷା ଦେଉଛି ବୋଲି ତାଙ୍କର ବିଶ୍ୱାସ ହେଲା । ସେ ଧୀରେ ଧୀରେ ଯାଇଁ ମୋ ପାଖରେ ଠିଆ ହେଲେ । ମୁଁ ସେତେବେଳେ ଚିତ୍ରଗୁଡ଼ା ଆଙ୍କିବାରେ ବ୍ୟସ୍ତ ଥାଏ । ମୁଁ ଯେ କପି କରୁନାହିଁ ଏ ବିଶ୍ୱାସ ତାଙ୍କର ଆସିଗଲା । ସେ ମୋତେ ଧୀରେ ଧୀରେ ଡାକି ପଗ୍ଚରିଲେ—"ମିଶ୍ରେ ଏଥରକ କ'ଣ ଆଶା କରୁଛ ?" ମୁଁ ଜୋର୍‌ଦେଇ କହିଲି—"ମୋତେ ଏଥର କେହି ହେଲେ ଡାକ୍ତରପଦରୁ ବଞ୍ଚିତ କରି-ପାରିବ ନାହିଁ ।" ସେ ମୋ ପିଠିରେ ହାତ ମାରି କହିଲେ—"ଏହା ଶୁଣି ଖୁବ୍ ଖୁସି ହେଲି । ଲେଖିଯାଅ, ଲେଖିଯାଅ, "ସେ ସ୍ଥାନକୁ ଫେରି ଆସିଲେ । ପରୀକ୍ଷା ଶେଷରେ ମୁଁ ଖାତା ଦେବାବେଳେ ସେ ମୋ ଟିପା ଖାତାରୁ ସେ ରତ୍ନଚକ୍ର ଚିତ୍ରଟିକୁ ଦେଖାଇ ପଗ୍ଚରିଲେ—"ଏ ଚିତ୍ରଟି କିଏ କରିଛି ?" ମୁଁ କହିଲି—"ସାର୍ ମୁଁ କରିଛି । ସେ ପୁଣି ପଗ୍ଚରିଲେ—"କେଉଁ ବହିରୁ ଦେଖି କରିଛ ?" ମୁଁ କହିଲି—"ସାର୍ ଏହା କୌଣସି ବହିରେ ନାହିଁ । ମୁଁ ମନେ ମନେ କଳ୍ପନା କରି ଏ ଚିତ୍ର କରିଛି ।" ସେ ଭରି ଖୁସି ହୋଇ ଯାଇ କହିଲେ—"ଆଉ ଗୋଟିଏ କାଗଜରେ ଏ ଚିତ୍ରଟିକୁ କରି ତା ବିଷୟରେ ଏକ ବିବରଣୀ ଲେଖି ଦିଅ ଏବଂ ଚିତ୍ରର ପ୍ରତି ଅଂଶରେ ଗାର ଦେଇ ସୂଚନା ଲେଖି-ଦିଅ । ହେଡିଂ 'ରତ୍ନଚକ୍ର' ବୋଲି ଲେଖି ତୁମ ନାଁ ଲେଖିଦେବ ଏବଂ ମୋତେ ତାହା ଆଣି ଦେବ । ମୁଁ ତାକୁ ବାହାରର କୌଣସି ଏକ ଡାକ୍ତରୀ ମାଗାଜିନ୍‌ରେ ଛାପି ଦେବାର ବନ୍ଦୋବସ୍ତ କରିବି । ତୁମେ ନିଶ୍ଚୟ ଏଥରକ ଡାକ୍ତର ହେବ । ସେଥିପାଇଁ ମୁଁ ତୁମକୁ ବଧେଇ ଦେଉଛି ।" ମୁଁ ସାଙ୍ଗେ ସାଙ୍ଗେ ମୋ ଖାତାପତ୍ର ନେଇ ହଷ୍ଟେଲକୁ ପଳାଇ ଆସିଲି । ସେହି ପରୀକ୍ଷାର ବହିଃପରୀକ୍ଷକ ଥିଲେ ପାଟନା ମେଡିକାଲ୍ କଲେଜର ଗାଇନକୋଲୋଜି ପ୍ରଫେସର କର୍ଣ୍ଣେଲ୍ ମାହୋନି । ସେ ସମୟରେ କାଶୀ ବାବୁଙ୍କ ଜ୍ୱାଇଁ ପାଟନା ମେଡ଼ିକାଲ କଲେଜରେ ପଢୁଥିଲେ । ସେ ଦିନେ ଆସି ହଷ୍ଟେ-ଲରେ ମୋର ପରୀକ୍ଷା ଖାତା ବିଷୟରେ କେତେ ଜଣଙ୍କୁ କହିଥିଲେ । କର୍ଣ୍ଣେଲ୍ ମାହୋନି ମୋ ଖାତାଟିକୁ କ୍ଲାସରେ ଦେଖାଇ ସମସ୍ତଙ୍କୁ କହିଥିଲେ—"ଏପରି ଏକ ଉତ୍ତର ପତ୍ର

Digitized by srujanika@gmail.com

ଦେଇ ପାରିବ ? ଚେଷ୍ଟା କର ।” ଅବଶ୍ୟ ମୁଁ ନିଜେ ତାଙ୍କଠାରୁ ନ ଶୁଣି ପିଲାମାନଙ୍କ ଠାରୁ ଶୁଣିଥିଲି । ସେ ମୌଖିକ ଓ ପ୍ରାକ୍ଟିକାଲ ପରୀକ୍ଷା ପାଇଁ ଏଠାକୁ ଆସିଥାଆନ୍ତେ । କିନ୍ତୁ ବିଲାତରେ ତାଙ୍କ ଘରୁ ଏକ ଚିଠି ପାଇ ସେ ବିଲାତ ଚାଲିଗଲେ । ସେ ଗଲାବେଳେ ତାଙ୍କ ସହକାରୀକୁ କହିଦେଇ ଗଲେ ଯେ ଏ ପିଲାଟି ଯଦି କିଛି ଉତ୍ତର କରି ନପାରେ ତେବେ ବି ତାକୁ ପାଶ୍ କରାଇଦେବ । ଏପରି ଖାତା ମୁଁ ଆଗରୁ କେବେ ଦେଖିନାହିଁ । ତାଙ୍କଠାରୁ ସେହି ନିର୍ଦ୍ଦେଶ ପାଇ ସେ ମୌଖିକ ପରୀକ୍ଷା କରିବା ଲାଗି ଏଠାକୁ ଆସିଲେ । ସେ ପରୀକ୍ଷକ ଜଣେ ବଙ୍ଗାଳୀ ଭଦ୍ରଲୋକ ଥିଲେ । ମୋର ପାଳି ପଡ଼ିଲା । ମୁଁ ଯିବା ପୂର୍ବରୁ ସେ ଆମର ଶିକ୍ଷକ ପି. ସି. ରାୟଙ୍କୁ ମୋ ବିଷୟରେ ମାହୋନି କହି-ଥିବା କଥା ସବୁ କହିଥିଲେ । ମୁଁ ଯେତେବେଳେ ଯାଇ ପହଞ୍ଚିଗଲି ମୋତେ ବସିବାକୁ ନିର୍ଦ୍ଦେଶ ଦେଇ ବାହାର ପରୀକ୍ଷକ ପି. ସି. ରାୟଙ୍କୁ କହିଲେ–“ମୋର କିଛି ପଚାରିବାର ନାହିଁ, ଆପଣ କିଛି ପଚାରନ୍ତୁ ।”–‘ପି. ସି. ରାୟ ମଧ୍ୟ କହିଲେ’ “ନା, ନା ଆପଣ କିଛି ପଚାରନ୍ତୁ ।” ମୋର ଟିକିଏ ଶଙ୍କା ଉପୁଜିଲା । ଭାବିଲି ଏପରି କାହିଁକି କୁହା କୋହି ହେଉ-ଛନ୍ତି । ମୁଁ ତ ଖାଲି ଚିତ୍ରଗୁଡ଼ିଏ କରିଥିଲି । ବିଶେଷ କିଛି ଲେଖି ନ ଥିଲି । ସେଥିପାଇଁ ଲିଖିତ ପରୀକ୍ଷାରେ ଫେଲ୍ ହୋଇଯାଇଛି କି ! ମନ ଟିକିଏ ଦବିଗଲା । ଶେଷରେ ପି. ସି. ରାୟ ବାଧ୍ୟ ହୋଇ ଗୋଟିଏ ପ୍ରଶ୍ନ ପଚାରିଲେ । ମୁଁ ତା’ର ଚଟାପଟ୍ ଉତ୍ତର ଦେଇ ଦେଲି । ତା’ପରେ ପି. ସି. ରାୟ କହିଲେ, “ଆଉ କିଛି ପଚାରିବା ଦରକାର ନାହିଁ ।” ବାହ୍ୟ ପରୀକ୍ଷକ ମଧ୍ୟ ଗୋଟାଏ ପ୍ରଶ୍ନ ପଚାରିଲେ । “ଆଚ୍ଛା ତୁମେ ସବ୍‌ଟୋଟାଲ୍ ହିଷ୍ଟେରେକ୍ଟୋମି ଅପରେସନ କଅଣ ଜାଣିଛ ?” ମୁଁ କହିଲି ।

“ହଁ ସାର୍”

“ଆଚ୍ଛା, ତାହା ଚିତ୍ରରେ ଏଇଠାରେ ଆଙ୍କିଦେଇ ପାରିବ ?”

“ହଁ ସାର୍”

ସଙ୍ଗେ ସଙ୍ଗେ କାଗଜ ପେନ୍‌ସିଲ୍ ଆଣିବା ଲାଗି ସେଠାରେ ଥିବା ସାହାଯ୍ୟକାରୀକୁ କହିଲେ । ସେ କାଗଜ ପେନ୍‌ସିଲ୍ ଆଣିଦେଲା । ମୁଁ ଅତି ସହଜରେ ଆଗ ପେଟ ଲାଇନ୍‌ଟା କରିଦେଲି । ଯେଉଁ ଅଂଶରେ ଛୁରୀ ଲଗାଇବାକୁ ହେବ ସେଠି ଗୋଟିଏ ଲମ୍ବାଗାର ମାରିଦେଲି । ତା’ କଡ଼କୁ ଆଉ ଗୋଟିଏ ଚିତ୍ର କରି ସେ ଚିତ୍ରରେ ରିଟ୍ରାକ୍ଟର ଲଗାଇ ଟାଣିଦେଲେ ଯେପରି ଦେଖାଯିବ ସେପରି ଚିତ୍ରଟିଏ କଲି । ତା’ପରେ ଆଉ ଗୋଟିଏ ଚିତ୍ରରେ ଜରାୟୁ ଓ ଫେଲୋପିଅନ ଟ୍ୟୁବର ଅବସ୍ଥିତି ଦେଖାଇଦେଲି । ତା’ପରେ ଜରାୟୁର ଦୁଇପାଖରେ ଯାଇଥିବା ଧମନୀରେ ଧମନୀ ସଣ୍ଢାସି (artery forceps) ଲଗା ହୋଇଥିବାର ଚିତ୍ରଟିଏ କରିଦେଲି । ତା’ପରେ ଯେଉଁଠି ଜରାୟୁକୁ କାଟିବାକୁ ହେବ ତାହା ଉପରେ ଛୁରୀର ଚିହ୍ନଟିଏ ଦେଇଦେଲି । ଦୁଇଜଣଯାକ କହି ଉଠିଲେ, “ହଉ ହଉ, ଥାଉ ।”

ତାପରେ ଗୋଟିଏ ପ୍ରକାରର ପ୍ରସବ କିପରି କରେଇବାକୁ ହେବ ତାହା ଡମିରେ ଦେଖାଇ ଦେବାକୁ କହିଲେ । ମୁଁ ନିର୍ଭୁଲ ଭାବରେ ତାହା ଦେଖାଇ ଦେଲି !

Digitized by srujanika@gmail.com

ଆଉ ସେମାନେ ମୋତେ କିଛି ନପଗ୍ଭରି 'ଯାଅ' ବୋଲି କହିଲେ । ପରେ ସେଠି ଠିଆ ହୋଇଥିବା ସାହାଯ୍ୟକାରୀଟି ମୋତେ ଆସି କିପରି ଆଗନ୍ତୁକ ପରୀକ୍ଷକ ମୋର ତାରିଫ କରୁଥିଲେ ସେ ବିଷୟ କହିଲେ । ସେତେବେଳକୁ ମୁଁ ନିର୍ଧାର୍ଯ୍ୟ ଜାଣି ଗଲିଯେ ମୁଁ ନିଶ୍ଚୟ ଡାକ୍ତର ହେଲି ଏବଂ ମେଡିକାଲ୍ ଛାଡ଼ିଲି ।

ପାଶ୍ ଖବରଟା ନିଜେ ଶୁଣି ଯିବି ବୋଲି ହଷ୍ଟେଲରେ ଆଉ କିଛି ଦିନ ରହିଗଲି । ମତେ ଭରି ଫୁଲ–ଫାଙ୍କୁଲ ଲଗିଲା । ସାଙ୍ଗମାନେ ଏଥର ଭବିନେଇଥିଲେ ଯେ ମୁଁ ନିଶ୍ଚିତଭବରେ ଏଥର ଡାକ୍ତର ହେଉଛି । ମୋର ବଡ଼ ମିତ୍ର ଜର୍ଜ ପଟ୍ଟନାୟକ ଆଗରୁ ମୋତେ ମେଡ଼ିକାଲ ସ୍କୁଲ୍‌ରେ ଛାଡ଼ି ଯାଇଥିଲା । ମୁଁ ମଧ୍ୟ ମୋର ଅନ୍ୟ ବଡ଼ ମିତ୍ର କାଳିଆ ରାମକୁ ମେଡ଼ିକାଲ୍ ସ୍କୁଲ୍‌ରେ ଛାଡି ଗ୍ଭଲି ଆସିଲି । ସେ ମୋ ଫେଲ୍ ହେବା ରେକର୍ଡକୁ ସେଠାରେ ରହି ଭଲଭବରେ ଭଙ୍ଗିଦେଲା । ସେ ସ୍କୁଲ୍‌ର କୁଳବୃଦ୍ଧ ଛାତ୍ର ବନି ଯାଇଥିଲା । ତାଠାରୁ ମୁଁ ପରେ ଶୁଣିଥିଲି ଯେ ତାହାର ରେକର୍ଡକୁ ଆଉ ଜଣେ ମିଆଁପିଲାଭଙ୍ଗି ଦେଇଥିବାରୁ ସେ ବଡ଼ ମର୍ମାହତ ହୋଇ ପଡ଼ିଥିଲା ।

ଫେଲ୍‌ର ଆନନ୍ଦ :–

ଯେଉଁଦିନ ମୋର ବିଛଣାପତ୍ର ସହ ହଷ୍ଟେଲରୁ ଆସି ଘରେ ପାଦଦେଲି ସେତେବେଳେ ମୋତେ ଭରି ଖରାପ ଲଗିଲା । ଘରେ ବସି ସବୁବେଳେ ମେଡିକାଲ୍ ହଷ୍ଟେଲ୍‌ର କଥା ଭବିଲି । ମୋ ଜୀବନ ଓ ଘର ଜୀବନ ମଧ୍ୟରେ ସବୁବେଳେ ତୁଳନା କଲି । ଘରୁ ଟଙ୍କା ଠକିଠାକି ନେଇ ହଷ୍ଟେଲ୍‌ରେ ଗ୍ଭହା, ସିଗାରେଟ୍, ସିନେମା ଓ ଯେଉଁ ଖାନାପିନା ସବୁ କରୁଥିଲି ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା । ଫେଲ୍ ହେବାର ଆନନ୍ଦ ଓ ପାଶ୍ କରିବାର ଦୁଃଖ ମୋ ମନକୁ ଘାଣ୍ଟିବାରେ ଲଗିଲା । ଥରେ ଫେଲ୍ ହୋଇଗଲେ କିପରି ମୋତେ କିଛିଦିନ ଯାଏ ଚୌକସ ଖାନା ମିଳୁଥିଲା ସେ ବିଷୟ ଏଠାରେ ଟିକିଏ ଜଣାଇ ଦେବା ଭଲ ହେବ ବୋଲି ଭବୁଛି । ହଷ୍ଟେଲ୍‌ରେ ପ୍ରାୟ ଅଧିକାଂଶ କୋଠରୀରେ ଷ୍ଟୋଭ୍, କେଟ୍‌ଲି, ଗ୍ଭ ସରଞ୍ଜାମ ଓ ଅଣ୍ଡା ରହିଥାଏ । ମୋର ନିତ୍ୟକର୍ମ ସାରି ଖଟ ଉପରେ ବସି କଡ଼ ରୁମ୍‌ର ଷ୍ଟୋଭ୍ ଶବ୍ଦକୁ କାନଦିଏ । ଭଁ ଭଁ ଆବାଜ ବାହାରିଲେ ମୁଁ ଭବେ ଅଣ୍ଡା ସିଝା ହେବାର ସମୟ ହେଇଗଲା । ତାପରେ ମୁଁ ମୁହଁଟି ଶୁଖାଇ ସେଇ ରୁମ୍‌ରେ ଜଣକ ଖଟ ଉପରେ ବସିଯାଏ । ଗୋଟିଏ ହତାଶିଆ ଭେଣ୍ଡିଆର ଅଭିନୟ ଭଲଭବରେ କରେ । ସେ ରୁମ୍‌ରେ ଥିବା ପିଲାମାନେ ଅବଶ୍ୟ ମୋଠାରୁ ଜୁନିଅର ଥାଆନ୍ତି । ସେମାନେ ମୋତେ ପ୍ରବୋଧ ଦେବା ଆରମ୍ଭ କରିଦେଇ କହନ୍ତି–"କଅଣ ରାମବାବୁ, ଫେଲ୍ ହେବାଟା କଅଣ ମେଡ଼ିକାଲରେ ନୂଆ କଥା ! କେଇଜଣ ପିଲା ଠିକ୍ ଗ୍ଭରିବର୍ଷରେ ମେଡ଼ିକାଲ୍ ସ୍କୁଲ୍ ଛାଡ଼ନ୍ତି । ଏଇଟାତ ସମସ୍ତଙ୍କର ଦିହଘଷା କଥା । ଆପଣ କାହିଁକି ଏଥିରେ ମନ ଖରାପ କରୁଛନ୍ତି ? ସଫଳତା ଅସଫଳତା ସମସ୍ତଙ୍କ ଜୀବନରେ ଲଗି ରହିଛି । ସେପରି ମନରେ କଷ୍ଟ କରନ୍ତୁ ନାହିଁ ।" ମୁଁ ମନେ ମନେ ଗ୍ଭହିଁ ରହିଥାଏ ଅଣ୍ଡାଟା ସିଝିଲା କି ନାହିଁ ? ମଝିରେ ମଝିରେ ଖାଲି ଫଁ କରି ନିଶ୍ୱାସ ଛାଡ଼ୁଥାଏ । ପ୍ରତ୍ୟେକ ପିଲାଙ୍କର ଦୁଇତିନିଟା

Digitized by srujanika@gmail.com

ଲେଖାଏ ଅଣ୍ଡା ସିଝା ହେଉଥାଏ । ସିଝିଯିବା ପରେ ଗୋଟିଏ ବା ଦୁଇଟା ଅଣ୍ଡା ଚଟାପଟ ଭର୍ଜି ଗୋଟିଏ ପ୍ଲେଟ୍‌ରେ ଲୁଣ ଗୋଲମରିଚ ଗୁଣ୍ଡା ସହ ମୋତେ ଦିଅନ୍ତି ଏବଂ ବାଧ୍ୟ କରନ୍ତି ଖାଇବା ପାଇଁ, ମୋତେ ସାନ୍ତ୍ୱନା ଦେବାପାଇଁ । ଦେବା ସଙ୍ଗେ ସଙ୍ଗେ ମଧ୍ୟ କହନ୍ତି–"ଉଁ, ଏମିତି କ'ଣ ଗୋଟାଏ ଭର୍ଜି ପଡୁଛନ୍ତି । ଏପରି ହେଲେ ଆଉ ମଣିଷପଣିଆ ରହେନା । ନିଅନ୍ତୁ ଖାଇ ଦିଅନ୍ତୁ ।" ମୁଁ ସେହିପରି ମୁହଁ ଶୁଖାଇ ସେତକ ସବୁ ଖାଇଦିଏ ଏବଂ ପ୍ଲେଟ୍‌ଟିକୁ ପାଇପ୍‌ରେ ଧୋଇ ଦେଇଦିଏ । ସେମାନେ ପୁଣି ଆଉକିଛି ପ୍ରବୋଧ ଦେଇ ନିଜ ନିଜ କାମରେ ଲଗନ୍ତି । ମୁଁ ସେଠାରୁ ଉଠି ପୁଣି ଷ୍ଟୋଭ୍ ଶବ୍ଦ ବାହାରୁଥିବା ଆଉ ଗୋଟିଏ ରୁମ୍‌ରେ ପଶେ । ଏହି ବ୍ୟବସ୍ଥା ଦ୍ୱାରା ସେଠି ମଧ୍ୟ ଗୋଟିଏ ଦୁଇଟି ଅଣ୍ଡା ପ୍ରାପ୍ତ ହୁଏ । ତାପରେ ନିଜ କୋଠରୀକୁ ଚାଲି ଆସେ । ତହିଁଆରଦିନ ଅନ୍ୟ ଏକ ରୁମ୍‌ରେ ପହଞ୍ଚେ । ଏହିପରି କିଛିଦିନ ଚାଲେ । କିଛିଦିନ ଗଡ଼ିଗଲେ ଏ ପଦ୍ଧତି କାମ ଦିଏ ନାହିଁ । କୋଉଠି କୋଉଠି କପେ ଚାହା ହୁଏତ ମିଳିଯାଏ କିନ୍ତୁ ଅଣ୍ଡା ମିଳେ ନାହିଁ । ବେପାର ଅଚଳ ହେବା ଦେଖିଲେ ମୁଁ ସେ କୌଶଳ ଛାଡ଼ିଦିଏ । ଦୁଃଖର ଅଭିନୟ ମୁଁ ବେଶି ସମୟ କରିପାରେ ନାହିଁ । ଅନେକ ସମୟରେ ଏହା ହେଁ ହେଁ ଫେଁ ଫେଁରେ ପର୍ଯ୍ୟବଶିତ ହୋଇଯାଏ । ତଥାପି ସାଙ୍ଗମାନଙ୍କ ସହ ସାଂଧ୍ୟଭ୍ରମଣ ବେଳେ ହୋଟେଲକୁ ଯାଇ ଚାହା ଜଳଖିଆ ବେଶ୍ ପାଉଥିଲି । ଏଇସବୁ ସୁଖରେ ପୂର୍ଣ୍ଣଚ୍ଛେଦ ପକାଇ ମୋତେ ଆସି ଘରେ ବସି ରହିବାକୁ ପଡ଼ିଲା ।

Digitized by srujanika@gmail.com

ସାହିତ୍ୟିକ ଜୀବନ

ଯାହାକୁ ମୋ ଜୀବନରେ ବିଲ୍‌କୁଲ୍ ଭଲ ପାଉ ନଥିଲି ଯାହାର ନାଆଁ ଶୁଣିଲେ ମୋ ମନରେ ଗୋଟାଏ ବିତୃଷ୍ଣା ଆସି ଯାଉଥିଲା, ଯାହାକୁ ଜୀବନ ଯାତ୍ରାରେ ଏକ ଅଦରକାରୀ ଜିନିଷ ବୋଲି ଭାବୁଥିଲି, ସେହି ସାହିତ୍ୟ, ଜୀବନର ମଧ୍ୟ ଓ ଶେଷ ଆଡ଼କୁ ମୋର ଏକମାତ୍ର ଅବଲମ୍ବନ ହୋଇଗଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଘୁଷୁରି ଓ ମଇଁଷି କାଦୁଅରେ ଲଟର ପଟର ହେଲାପରି ମୁଁ ସାହିତ୍ୟରେ ଗୋଳେଇ ପୋଳେଇ ହୋଇଗଲି । ଏଇଟା ବିଧିର ନିର୍ଦ୍ଦେଶ ଥିଲା ବୋଲି ମୁଁ ଭାବୁଛି । ମାଇନର ପଢ଼ିଲାବେଳେ ସ୍କୁଲ ଶିକ୍ଷକଙ୍କ ଦ୍ୱାରା ବାଧ୍ୟ ବାଧକତାରେ ପଡ଼ି ଅଣପାଠ୍ୟପୁସ୍ତକରୂପେ ଫକୀର ମୋହନଙ୍କର "ଛ' ମାଣ ଆଠ ଗୁଣ୍ଠ" ବହିଟି ପ୍ରଥମେ ପଢ଼ିଥିଲି । ତାହା ପୂର୍ବରୁ ଅବଶ୍ୟ ଘରେ ରାମାୟଣ, ମହାଭାରତ, ଭାଗବତ, ନୃସିଂହ ପୁରାଣ, ହରିବଂଶ, ତଅପୋଇ, ଲକ୍ଷ୍ମୀପୂଜା ଓ ମାଣବସା ବହି ପ୍ରଭୃତି ବାରମ୍ବାର ପଢୁଥିଲି । କାରଣ ଆମଘରେ ପୁରାଣ ପାଠଟା ନିୟମିତ ରୂପେ ହେଉଥିଲା । ପ୍ରତ୍ୟେକ ପୁରାଣର ପାଠ ଆରମ୍ଭରେ ପୂଜାର୍ଚ୍ଚନା ଓ ଭୋଗ ଇତ୍ୟାଦି ହେଉଥିଲା । ପାଠ ବଢ଼ିଲେ ବା ଶେଷ ହେଲେ ଭୋଗରାଗ ଇତ୍ୟାଦିର ବ୍ୟବସ୍ଥା ହେଉଥିଲା । ଏହି ଭୋଗରୁ ଟିକିଏ ଅଧିକ ଭାଗ ପାଇବା ଲୋଭରେ ମୁଁ ଏହା ପଢୁଥିଲି । ଅବଶ୍ୟ ନିୟମିତଭାବେ ମୋତେ ତାହା ପଢ଼ିବାକୁ ପଡୁ ନଥିଲା । ସେଥିପାଇଁ ପୁରାଣ ପାଠକ ନିଯୁକ୍ତ ଥିଲେ । ଯେଉଁଦିନ ସେ ନଆସି ପାରନ୍ତି କିମ୍ବା ଆସିବାରେ ଡେରି ହୁଏ ସେଦିନ ମୁଁ କିଛି ଅଂଶ ପଢୁଥିଲି । ମୋତେ ଶାରଳା ମହାଭାରତଟି ସବୁଠାରୁ ଭଲ ଲାଗୁଥିଲା । ମାଡ଼ଗୋଳ ଓ ଯୁଦ୍ଧ ଆଦି ମୋ ଦେହକୁ ଭଲସାଇ ଦେଇଥିଲା । ଫଳରେ ମହାଭାରତକୁ ବାରମ୍ବାର ମୁଁ ପଢ଼ି ସାରି ଦେଇଥିଲି । ରାମାୟଣରେ ହନୁମାନ, ମହାଭାରତରେ ଶ୍ରୀକୃଷ୍ଣ, ଭୀମ ଓ ଅର୍ଜୁନ ମୋର ଅତିପ୍ରିୟ ହୋଇ ଉଠିଥିଲେ । ଆବିଷ୍ଟ ହୋଇ କିଛି କିଛି ପଢ଼ିବା ଫଳରେ ସେଥିପ୍ରତି ସାମାନ୍ୟ ଆସକ୍ତି ମଧ୍ୟ ଜାତ ହୋଇଥିଲା । ଏ ସବୁକୁ ମୁଁ ଏକପ୍ରକାର ଅଧା ପାଠ୍ୟପୁସ୍ତକରୂପେ ବିବେଚନା କରୁଥିଲି । ଅଣପାଠ୍ୟପୁସ୍ତକ ରୂପେ ମୋର ପ୍ରଥମ ବହି ଥିଲା "ଛ'ମାଣ ଆଠ ଗୁଣ୍ଠ" । ସମସ୍ତ ବହିରୁ କେବଳ ବୁଢ଼ୀମଙ୍ଗଳା ଅଂଶଟି ମୋର କିଛି କିଛି ମନେ ରହିଲା । କାରଣ ଆମ ସାହିରେ ବୁଢ଼ୀମଙ୍ଗଳାଙ୍କର ଦେଉଳ ଥିଲା । ସେ ମଧ୍ୟ ଆମ ସାହିର ଅଧିଷ୍ଠାତ୍ରୀ ଦେବୀ ଥିଲେ । ଅନ୍ୟ କୌଣସି ଅଣପାଠ୍ୟପୁସ୍ତକ ପ୍ରତି ନଜର ପଡୁ ନଥିଲା ।

ଗପ ଶୁଣିବାକୁ ଅବଶ୍ୟ ମୁଁ ଖୁବ୍ ଭଲ ପାଉଥିଲି । ଯେଉଁମାନେ କବିତା ଲେଖୁଥିଲେ ସେମାନଙ୍କଠାରେ ଐଶୀ ଶକ୍ତି ଅଛି ବୋଲି ଧରିନେଇ ଥିଲି । ମାଇନର

Digitized by srujanika@gmail.com

ପଢିଲାବେଳେ ମୋର ଗୋଟିଏ ସାଙ୍ଗ ଦିନେ ଗୋଟିଏ କବିତା କାଗଜରେ ଲେଖି ମୋ ଆଗରେ ବୋଲିଦେଲା । କବିତାଟି ଥିଲା "ଦୁଃଖ ନାଶନ ଗରୁଡ଼ାସନ ପ୍ରଭୁ, ଦୁଃଖ ଜଣାଇବି କାହାକୁ ।" ସେ ତାହା ନିଜେ ରଚନା କରିଛି ବୋଲି ମୋତେ କହିଲା । ସଙ୍ଗେ ସଙ୍ଗେ ତା ପାଖରେ ମୋ ମୁଣ୍ଡ ଭକ୍ତିରେ ନଇଁ ପଡ଼ିଲା । ଐଶ୍ୱରିକ ଶକ୍ତି ତା ଦେହଯାକ ଭର୍ତ୍ତି ହୋଇ ଯାଇଛି ବୋଲି ମୁଁ ଅନୁଭବ କଲି । ତାହାର ଏହି ଶକ୍ତି ବିଷୟ ମୁଁ ଅନ୍ୟାନ୍ୟ ସାଙ୍ଗଙ୍କୁ ମଧ୍ୟ ଜଣାଇ ଦେଲି । ଏ କଥାଟା କ୍ରମେ ସାହିତ୍ୟ ସାର୍‌ଙ୍କ କାନଯାଏ ଗଲା । ସାର୍ ତାକୁ ଧରି ଏପରି ମିଛ କଥା କାହିଁକି କହୁଛୁ ବୋଲି କହି ଦୁଇଗୋଟି ଖୁନ୍ଦା ଦେବାରୁ ସେ ଗୋଟିଏ ବହିରୁ ତାହା ଉତାରି ଦେଇଛି ବୋଲି କହିଦେଲା । ତାଠାରେ ଆମେ ଆଉ ଐଶ୍ୱରୀକ ଶକ୍ତି ଦେଖି ପାରିଲୁ ନାହିଁ । ମୋର ମନେହେଲା ସବୁ କବି ଗୁଡ଼ାକ ଏହିପରି ଯା ତା ବହିରୁ ଉତାରି ଦେଉଛନ୍ତି । ସେମାନଙ୍କ ପ୍ରତି ଆଉ ଭକ୍ତି ରହିଲା ନାହିଁ । କେବଳ ପାଠ୍ୟ ପୁସ୍ତକରେ ଥିବା ଗଦ୍ୟ-ପଦ୍ୟ ଗୁଡ଼ିକ ଯେ ଖାଣ୍ଟି ଲେଖା ତାହାହିଁ ମନରେ ରହିଲା । କାରଣ ସାର୍ ସେସବୁ-ଗୁଡ଼ିକର ବହୁତ ତାରିଫ୍ କରୁଥିଲେ ।

ଲେଖିବା ଶକ୍ତି ବଢ଼ାଇବା ଲାଗି ଗୃହ ଶିକ୍ଷକ ଆମ ଦୁହିଁଙ୍କୁ (ଅର୍ଥାତ୍ ମୁଁ ଓ ମୋ ସହିତ ଏକାଠି ପଢୁଥିବା କକେୟୀଙ୍କ ଜ୍ୟେଷ୍ଠପୁତ୍ର ହୃଷିକେଶ ମିଶ୍ର) ପାଠ ଛଡ଼ା ଅନ୍ୟାନ୍ୟ ଆଲୁକୁଚି ମାଲୁକୁଚି ବିଷୟ ମଧ୍ୟ ଲେଖିବାକୁ ବାରମ୍ବାର କହୁଥିଲେ । ଅନେକ ଥର ଗାଳି ଖାଇବା ପରେ ମୁଁ ଆଲୁକୁଚି ମାଲୁକୁଚି କିଛି ଲେଖିଥିଲି । ତାହା ଅବଶ୍ୟ ହାସ୍ୟରସାତ୍ମକ ଥିଲା । ମାଇନର ପଢ଼ା ଶେଷ ହୋଇଥିଲା କିନ୍ତୁ ସାହିତ୍ୟ ମୋ ଭିତରେ ଗଜୁରିଲା ନାହିଁ । କିଛି ଲେଖାଲେଖି କରି ନଥିଲି ସତ କିନ୍ତୁ ହାଇସ୍କୁଲରେ ସମସ୍ତଙ୍କର ଅଣପାଠ୍ୟପୁସ୍ତକ ପଢିବାର ଆଗ୍ରହ ଦେଖି ମୋର ମଧ୍ୟ ଆଗ୍ରହ ଧୀରେ ଧୀରେ ଅଙ୍କୁରିଲା । କଥାରେ ଅଛି ତୋର ଦେଖି ମୋର ଡେଇଁଲା ଡାହାଣ ଆଖି । ଆଖି ଡ଼ିଆଁଟା କ୍ରମେ ବଢିବାରୁ ମୁଁ ଅଣପାଠ୍ୟପୁସ୍ତକ ଲାଇବ୍ରେରୀରୁ ଆଣି ପଢିବା ଲାଗି ଚେଷ୍ଟାକଲି । ସେହି "ଛ'ମାଣ ଆଠ ଗୁଣ୍ଠ" ବହିଟି ମୋର ମନେଥିଲା । ବହି ତାଲିକା ଭିତରୁ ତାକୁ ଚିହ୍ନି ପାରି ଲାଇବ୍ରେରୀରୁ ଆଣିଲି । ଫକୀରମୋହନଙ୍କର ବ୍ୟଙ୍ଗକୁ ଧରି-ପାରିବା ଶକ୍ତି ମୋର ସେତେବେଳେ ହୋଇ ନଥିଲା । ରାମଚନ୍ଦ୍ର ମଙ୍ଗରାଜଙ୍କୁ ମୁଁ ଗୋଟିଏ ଉଦାର ହୃଦୟ ଓ ଭଲ ଲୋକ ବୋଲି ଭାବି ନେଇଥିଲି । କଟକ ସହରରେ ଆମର ଗୋଟିଏ ଦଶ ଏକରିଆ ଧାନ ଜମି ଥିଲା । ସେଠାରେ ଧାନ ରୋଇବା ମୁଁ ବହୁବାର ଦେଖିଛି, ରୋଇଲା ବେଳେ ମୂଲିଆମାନଙ୍କୁ ଆମ ଘର ମୂଲିଆ ଆକଟିବାର ମଧ୍ୟ ଶୁଣିଛି । ଆମ ଜମିରେ ଧାନ ରୋଇବାରେ ଖିଲାପ କଲେ ଆମ ଘର ମୂଲିଆ ଆକଟିବାର କଥା, କିନ୍ତୁ "ଛ'ମାଣ ଆଠ ଗୁଣ୍ଠ"ର ସେ ବିଲଟା ମଙ୍ଗରାଜଙ୍କର ନ ଥିଲା । ନିଜ ଜମିକୁ ଛାଡ଼ିଦେଇ ସେ ଅନ୍ୟର ଜମିରେ ରୁଆରୁଇରେ ବ୍ୟତିକ୍ରମ ହୋଇଥିବା ଦର୍ଶାଇ ତାର ପ୍ରତିକାର କରାଇଦେବା ମଙ୍ଗରାଜଙ୍କର ମହାନୁଭବତାର ପରିଚୟ ବୋଲି ମୁଁ ସେତେବେଳେ ଭାବୁଥିଲି । ଯାହାହେଉ "ଛ'ମାଣ ଆଠଗୁଣ୍ଠ"ଟି ପଢିବାକୁ ମୋତେ ଭାରି ଭଲ ଲାଗିଲା । ତେଣୁ ଫକୀରମୋହନଙ୍କର ସମସ୍ତ ବହି ମୁଁ ସେହି ସମୟରେ

Digitized by srujanika@gmail.com

ପଢି ଦେଇଥିଲି । ପଢିବାକୁ ଭଲ ଲାଗୁଥାଏ । ମୁଁ କିନ୍ତୁ ଫକୀରମୋହନଙ୍କ ବ୍ୟଙ୍ଗକୁ ଠିକ୍‌ଭାବେ ଧରିପାରୁ ନଥାଏ । କ୍ରମେ ମୋର ପଢିବାର ଆଗ୍ରହ ବଢ଼ିଲା । ମୁଁ ବଜାରରୁ କମଳା କୁମାରୀ, ରୂପା ଛଡ଼ି ଆଦି କେତୋଟି ବହି କିଣି ପଢିଥିଲି । ଘରେ ମଧ୍ୟ ଏଥି-ପାଇଁ ମୋତେ ଟଙ୍କା ଦେବାରେ କୁଣ୍ଠାବୋଧ କରି ନଥିଲେ । ସାହିତ୍ୟଟା ମଣିଷ କି ଚଢ଼େଇ ତାହା ଜାଣିଲି କିନ୍ତୁ ସେହି ଧରଣର ଯାଇତାଇ ମଣିଷଟିଏ ବା ଚଢ଼େଇଟିଏ ଲେଖିବାର ଇଚ୍ଛାର ଉଦ୍ରେକ ବିଲ୍‌କୁଲ୍ ହେଲା ନାହିଁ । ଏକାଦଶ ଶ୍ରେଣୀରେ ପଢିବା-ବେଳେ ଆମର ସଂସ୍କୃତ ଶିକ୍ଷକ ଆମମାନଙ୍କୁ ପ୍ରକାଶୋନ୍ମୁଖ ସ୍କୁଲ ପତ୍ରିକା 'ଛାତ୍ରବନ୍ଧୁ' ପାଇଁ ଗପ ଓ କବିତା ସବୁ ଲେଖିବା ଲାଗି କହିଲେ । ତାହା ମୋର ଏ କାନରେ ପଶି ସେ କାନ ବାଟେ ବାହାରିଗଲା । ପ୍ରାୟ ୧୫ ଦିନ ପରେ ପୁଣି ସେ ଶ୍ରେଣୀରେ କହିଲେ, ସମସ୍ତେ ଖାଲି କୋବି ପାଳଟି ଯାଇଛ କାହାରି ଗୋଟିଏ ଗପ ନାହିଁ । ଏଥିରେ ପତ୍ରିକା ବାହାରିବ କେମିତି ? ଜଣେ ହେଲେ କେହି ଗପଟିଏ ଲେଖିଲ ନାହିଁ । ମୁଁ କହିଲି—ସାର୍ ମୁଁ ଗପଟିଏ ଲେଖିଲେ ଆପଣ କାଢିବେ ? ସେ କହିଲେ—ହଁ, ହଁ । ନିଶ୍ଚୟ କଢ଼ାଯିବ, ତୁ ଶୀଘ୍ର ଲେଖିକରି ଆଣ । ମୁଁ ଗପଟିଏ ଲେଖି ତାଙ୍କୁ ଦେଲି । ତାହା ମଧ୍ୟ ପତ୍ରିକାରେ ପ୍ରକାଶିତ ହୋଇଗଲା । କ'ଣ ଲେଖା ହୋଇଥିଲା ମୋର ଆଉ ମନେ ନାହିଁ । ସାଙ୍ଗ ପିଲାଏ ମୋତେ ବହୁତ ଛିଗୁଲେଇଲେ । ମୁଁ ସେଥିରେ ଦବି ନଯାଇ କହିଲି—କେହିତ ଲେଖିଲ ନାହିଁ, ମୁଁ ଲେଖିବାରୁ ମୋତେ ଛିଗୁଲେଉଛ ? ସେତିକିରେ ମୋର ଲେଖା ଲେଖି କରିବାର ଇଚ୍ଛାର ଗଜାମଲ୍ଲୁଡ଼ି ହୋଇଗଲା ।

୧୯୩୧ରେ ରେଭେନ୍‌ସା କଲେଜିଏଟ୍ ସ୍କୁଲ୍‌ରୁ ପାସ୍ କରି ମେଡ଼ିକାଲ୍ ସ୍କୁଲ୍‌ରେ ପଶିଲି । ରସହୀନ ମେଡ଼ିକାଲ୍ ଶାସ୍ତ୍ର ସବୁ ପଢି ପଢି ମନ ଚିଟା ଧରିବାରୁ ପତ୍ରିକା ପଢ଼ା ଆରମ୍ଭ କଲି । ପତ୍ରିକା ଗୁଡ଼ିକରୁ କେବଳ ହସ ଗପ ଓ ବିଜ୍ଞାନବାର୍ତ୍ତା ସବୁ ପଢି ପତ୍ରିକା ଫୋପାଡ଼ି ଦେଉଥିଲି । ମୋର ସେତେବେଳକୁ ମନରେ ଗୋଟିଏ ଧାରଣା ହୋଇଯାଇଥିଲା ଯେ ଗଳ୍ପ ଉପନ୍ୟାସ ପଢିବା ଦ୍ୱାରା ସମୟର ଅପଚୟ ହିଁ ହୋଇଥାଏ । ଯେଉଁ ଲୋକମାନେ ଅବସରରେ ଥା'ନ୍ତି ସେମାନେ ଉପନ୍ୟାସ ଓ ଗଳ୍ପସବୁ ପଢି ସମୟ ଅତିବାହିତ କରନ୍ତି । ସମୟଗୁଡ଼ିକ ଅତିବାହିତ କରିବା ଲାଗି ସେମାନ-ଙ୍କର ଅନ୍ୟ କୌଣସି ପନ୍ଥା ନ ଥିବାରୁ ଏଇଥିରେ ସେମାନେ ସମୟ କଟାନ୍ତି । ଅନ୍ୟାନ୍ୟ-ମାନଙ୍କର ଏପରି କରିବାର ଅବକାଶ ନଥାଏ । ବିଜ୍ଞାନହିଁ ମନୁଷ୍ୟମାନଙ୍କର ଏକମାତ୍ର ଅବଲମ୍ବନ ହେବା ଉଚିତ୍ । ମୁଁ ମୋର ସମୟଗୁଡ଼ିକୁ କଟାଇବା ଲାଗି ବହୁ ପତ୍ରିକା ପଢ଼ାପଢି କଲି କିନ୍ତୁ ଲେଖାଲେଖି କରିବାର କଳ୍ପନା କେବେହେଲେ କରି ନଥିଲି । ଦ୍ୱିତୀୟବାର୍ଷିକ ଶ୍ରେଣୀରେ ପଢିଲା ବେଳେ ମୋର ସହପାଠୀ ଜୟକୃଷ୍ଣ ମହାନ୍ତି ଲେଖା-ଲେଖି କରୁଥିଲା । ସମସ୍ତେ ନିଜ ନିଜର ପଢାପଢିରେ ସର୍ବଦା ବ୍ୟସ୍ତ ଥା'ନ୍ତି । ମୁଁ ଏକା କେବଳ ବାଁ ଖାଡ଼ିଆ ଦେଇ ବୁଲୁଥାଏ । ଦିନେ ସେ ମୋତେ ଡାକ ପକାଇ କହିଲା—ଏ ହେ ରାମ ! ଶୁଣ୍, ଶୁଣ୍ ।

ମୋତେ ଡାକି ସେ ତା ଖଟ ଉପରେ ବସାଇଲା । ମୁଁ ପଚାରିଲି—କ'ଣ ? ସେ ତହୁଁ ମୋତେ କହିଲା—ଗୋଟିଏ ଜିନିଷ ଲେଖିଛି ଟିକେ ଶୁଣିଲୁ । ଆଉ କାହାର

Digitized by srujanika@gmail.com

ସିନା ଶୁଣିବାକୁ ସମୟ ନଥାଏ । ମୋର ତ ଯଥେଷ୍ଟ ଥାଏ । ତେଣୁ ମୁଁ କହିଛି—ହଉ ପଢ଼ । ସେ ଗୋଟିଏ ଖାତାରୁ ପଢ଼ିବାକୁ ଆରମ୍ଭ କଲା । ମୋତେ ତାହା ଉପନ୍ୟାସ ପରି ଲାଗୁଥିଲା । ମନେ ମନେ ଭାବୁଥାଏ—ନାହିଁ,ଏଇଟା ତ ଉପନ୍ୟାସ କି ଗପଟାଏ ହେବ ବୋଧହୁଏ । ଚୁପ୍‌ଚାପ୍ ହୋଇ ବସିଛି । ମନେ ମନେ ମୋର ଅନ୍ୟ କଥା ସବୁ ଭାବୁଥାଏ । ସେ ତାର ଦଶ ପନ୍ଦର ମିନିଟ୍ ପଢ଼ି ମୋତେ ପଚାରିଲା—କେମିତି ହୋଇଛି ? ମୁଁ ହଡ଼ବଡ଼େଇ ଗଲି । କ'ଣ କହିବି କିଛି ଭାବି ନ ପାରି ଓ ମନକଥା ଲୁଚାଇ କହିଦେଲି—ଭଲ ହୋଇଛି । ସେ ଯଦି ସେତିକିବେଳେ ମୋତେ ପଚାରି ଦେଇଥାନ୍ତା—କୋଉ ଅଂଶଟା ତୋତେ ବେଶୀ ଭଲ ଲାଗିଲା, ତେବେ ମୁଁ ବଡ଼ ଅସୁବିଧାରେ ପଡ଼ି ଯାଇଥାନ୍ତି । ସେ ଯା ହେଉ, ତାହା ନକରି ମୋତେ ପୁଣି କହିଲା—ଏହି ଉପନ୍ୟାସଟିକୁ ଗୋଟିଏ ପ୍ରକାଶକଙ୍କ ପାଖକୁ ନେଇଥିଲି । ସେ ତାକୁ ନେଇ ମୋତେ ଦୁଇ ଶହ ଟଙ୍କା ଦେବବୋଲି କହିଲା । ମୁଁ ତାକୁ ନ ଦେଇ ଫେରାଇ ଆଣିଛି । ଏହା ଶୁଣି ମୋର ମୁଣ୍ଡ ଗୋଳମାଳ ହୋଇଗଲା । ମୁଁ ତାକୁ କହିଛି—"ହଇରେ, ତୁ ତାକୁ ତୋ ବହି ଛାପିବାକୁ ଦେଲୁ । ତାକୁ ଛାପିବା ଖର୍ଚ୍ଚ ସିନା ତୁ ଦିଅନ୍ତୁ । ତୁ କହୁଛୁ କ'ଣ ନା ସେ ଓଲଟା ତୋତେ ଟଙ୍କା ଦେଇଥାନ୍ତା ! ତୁ କ'ଣ ତାର ବାଇଁ କି ?" ମୋର ମୂର୍ଖତା ଦେଖି ସେ ବିରିଡ଼ି ଗଲା । ମୋତେ ଗାଳିଦେଇ ସେ କହିଲା—"ହା ଓଲୁ କୋଉଠିକାର ଏତକ ଜାଣିନୁ ?" ମୁଁ ବି ନଛୋଡ଼ବନ୍ଧା । କହିଲି—"ସବୁବେଳେ ପଢ଼ି ପଢ଼ି ତୋ ମୁଣ୍ଡ ଖରାପ ହୋଇଗଲଣି । ଏତିକି ସାଧାରଣଜ୍ଞାନ ବି ତୋର ନାହିଁ । ଯେ କୌଣସି ଜିନିଷ ଛାପି-ବାକୁ ଦେଲେ ତା ସହିତ ପଇସା ଦେବାକୁ ପଡ଼େ । ତୁ ଓଲଟି କହୁଛୁ ତୋତେ ସେ ଟଙ୍କା ଦେଇ ଥା'ନ୍ତା । ତୋ ମୁଣ୍ଡ ଖରାପ ହୋଇଗଲଣି । ଯା ମୁଣ୍ଡ ଧୋଇ ପକା ।" ସେ ଛାଡ଼ିବାର ପାତ୍ର ନୁହେଁ । ମୋ ପରି ଜଣେ ସାଧାରଣଜ୍ଞାନବିହୀନ ମୂର୍ଖକୁ କିଞ୍ଚିତ୍ ଜ୍ଞାନ ଦବାକୁ ଯାଇ ସେ ମୋତେ ବୁଝାଇ ବସିଲା—ଆବେ ଓଲୁ ! ପ୍ରକାଶକ କିଛି ବହି ନିଜେ ଲେଖେ ନାହିଁ । ଯେଉଁମାନେ ବହି ଲେଖନ୍ତି ସେମାନଙ୍କଠାରୁ ସେ ପାଣ୍ଡୁଲିପି ନିଏ । ତାକୁ ଛାପେ ଏବଂ ବିକେ । ସେଥିରୁ ସେ ବହୁତ ପଇସା ପାଏ । ସେଥିରେ ସେ କିଛି ଅଂଶ ଲେଖକକୁ ଦିଏ । ଏହାକୁ ରୟାଲ୍‌ଟି କହନ୍ତି । ମୁଁ ତା ସାଙ୍ଗରେ ଆଉ ବକର ବକର ହେଲି ନାହିଁ । ପ୍ରସଙ୍ଗକ୍ରମେ ମୁଁ ଆଉ ଜଣେ ବିଜ୍ଞଙ୍କୁ ଜୟି ମହାନ୍ତିର ମୁଣ୍ଡ ଖରାପ ହୋଇ ଯାଇଥିବା ବର୍ଣ୍ଣନାକରି ଏହି ଘଟଣା କହିଥିଲି । ସେମାନେ ଓଲଟି ମୋ ମୁଣ୍ଡ ଖରାପ ହୋଇଛି ବୋଲି କହିବାରୁ ମୁଁ ଚୁପ୍‌ଚାପ୍ ରହି-ଗଲି । କିନ୍ତୁ ଜୟି ମହାନ୍ତି ଠାରୁ ଗୋଟିଏ ଅମୂଲ୍ୟ ଜ୍ଞାନ ହାସଲ କଲି ଯେ ବହି ଲେଖିଲେ ରୟାଲ୍‌ଟି ଆକାରରେ ପଇସା ମିଳେ ।

ଆଉ ଗୋଟିଏ ଅମୂଲ୍ୟ ଜ୍ଞାନ ମଧ୍ୟ ମୁଁ ଅନ୍ୟମାନଙ୍କଠାରୁ ପାଇଥିଲି । ତା'ର କେତେ ବର୍ଷ ପରେ ନୂଆ ହୋଇ ଡଗର ବାହାରିଲା । ଦାମ୍ ଚାରି ପଇସା ଥାଏ । ପତ୍ରିକା ବିକାଳିଟି ପଇସା ପରେ ନେବ କହି ମୋତେ ଖଣ୍ଡେ 'ଡଗର' ଦେଇ ଚାଲିଗଲା । 'ଡଗର'ଟି ପଢ଼ିଲି । ତାହା ମୋତେ ଖୁବ୍ ଆନନ୍ଦ ଦେଲା । ପ୍ରତି ପନ୍ଦର ଦିନରେ ଗୋଟିଏ

Digitized by srujanika@gmail.com

ଲେଖା 'ଡଗର' କିଣିବାକୁ ମୋତେ ସାମାନ୍ୟ ବାଧୁଥିଲା । ଘ୍ଣ ସିଗାରେଟ୍‌ରେ ବହୁତ ପଇସା ସେତେବେଳେ ଉଡ଼ି ଯାଉଥିଲା । ତଥାପି ମୁଁ 'ଡଗର' କିଣୁଥିଲି ।

ଦିନେ ମୋର ଜଣେ ସାଙ୍ଗ ହାତରେ ଗୋଟିଏ ନୂଆ 'ଡଗର' ଦେଖିଲି । ତାକୁ ପଚାରିଲି—କିରେ 'ଡଗର' ଟିଏ କିଣିଲୁ କିରେ ? ସେ କହିଲା—ନାହିଁ । ମୋତେ ଗୋଟିଏ କମ୍ପ୍ଲିମେଣ୍ଟାରି କପି ମିଳିଛି । ମୁଁ ତାକୁ ପୁଣି ପଚାରିଲି—କମ୍ପ୍ଲିମେଣ୍ଟାରି କପି କ'ଣ ? ସେ ବୁଝାଇଦେଲା ଯେଉଁମାନଙ୍କର ଲେଖା ସେ ପତ୍ରିକାରେ ବାହାରେ ସେ ବିନାମୂଲ୍ୟରେ ଗୋଟିଏ କପି ପାଏ । ତାକୁ କମ୍ପ୍ଲିମେଣ୍ଟାରି କପି କୁହନ୍ତି । ଏ ଦ୍ୱିତୀୟ ଜ୍ଞାନଟି ମୁଁ ମନରେ ରଖିଲି ।

କ୍ରମେ ମୋର ମେଡ଼ିକାଲ୍ ପାଠ ସରିଲା । ମୁଁ ବ୍ୟାଧିଗ୍ରସ୍ତ ହୋଇ ଘରେ ଆସି ବସିଲି । ମେଡ଼ିକାଲ୍‌ରେ ପଢୁଥିଲି ବୋଲି ଘରୁ ପଇସା ଠକିଠାକି ନେଇ ଖର୍ଚ୍ଚ କରୁ-ଥିଲି । ପାସ୍ କରି ସାରି ଘରେ ବସିଲେ ଆଉ ବା ଟଙ୍କା ମିଳିବ କୁଆଡ଼ୁ ? ଜୟି ମହାନ୍ତି କଥା ମନେ ପଡ଼ିଗଲା । ମନରେ ଧୈର୍ଯ୍ୟ ଧରିଲି । ଭାବିଲି ଡାକ୍ତରୀ କରିଥିଲେ ମାସକୁ ଟ ୬୦.୦୦ଟି ଟଙ୍କା ଦରମା ପାଇଥା'ନ୍ତି । ଚାକିରୀ ନହେଲା ନାହିଁ । ମୁଁ ମାସେ କାଳ ବସି ଯଦି ଗୋଟିଏ ବହି ଲେଖି ପ୍ରକାଶକକୁ ଦେଇଦେବି ସେ ତ ମୋତେ ଦୁଇ ଶହ ଟଙ୍କା ଦେବ । ଦରମାର ତେବଲ୍ ଟଙ୍କାରୁ ଆହୁରି ଅଧିକ ପାଇ ପାରିବି । ମନରେ ଆଣ୍ଟ ବାନ୍ଧିଲି—ନା, ମୁଁ ବହି ଲେଖିବି ।

'ଡଗର' ପତ୍ରିକାଟି ମୋ ମନକୁ ଖୁବ୍ ଆକୃଷ୍ଟ କରି ଦେଇଥାଏ । କିନ୍ତୁ ପଇସା ଆଣିବି କୁଆଡୁ ? ମେଡ଼ିକାଲ୍‌ରୁ ଲାଭ କରିଥିବା ଦ୍ୱିତୀୟ ଜ୍ଞାନଟିକୁ ମୁଁ କାମରେ ଲଗାଇଲି । ଭାବିଲି—ଗୋଟିଏ ଗୋଟିଏ ଲେଖା 'ଡଗର'କୁ ପଠାଇ ଦେବି । ସେଠାରୁ ଗୋଟିଏ ଗୋଟିଏ କମ୍ପ୍ଲିମେଣ୍ଟାରୀ କପି ଆସିଯିବ । ଆଉ ଚିନ୍ତା କ'ଣ ? ତର-ତର ହୋଇ 'ଡଗର' ପାଇଁ ଲେଖା ପଠାଇବା ଲାଗି ଉଠି ବସିଲି । 'କବି ଲଢ଼େଇ' ନାମରେ ଗୋଟିଏ ପଦ୍ୟ ମୁଁ ଆଗରୁ ଲେଖିଥିଲି । 'ସହକାର' ପତ୍ରିକାକୁ ଯାଇ ଅମନୋନୀତ ହୋଇ ତାହା ଫେରି ଆସିଥିଲା । ତହିଁରେ ଆଉ କିଛି ଯୋଗ କରି 'ଡଗର'କୁ ପଠାଇ ଦେଲି । ସେତେବେଳେ ଲେଖକର ନାଆଁ ଦେବାରେ ମୋର ଗୋଟିଏ ସମସ୍ୟା ଉପୁଜିଲା । ଭାବିଲି ଲେଖାଟି ବାହାରିବା ପରେ ଯଦି ପାଠକମାନଙ୍କର ପସନ୍ଦ ହୁଏ ତେବେ ତ ଭଲ କଥା । ଯଦି ନହୁଏ ତେବେ ମତେ ସମସ୍ତେ ଗାଳିଗୁଲଜ୍ କରିବେ । ସେତେବେଳେ ଆଉ ପଦାରେ ମୁହଁ ଦେଖାଇ ପାରିବିନି । ସମସ୍ତେ ଟିଟିକାରୀ ମାରିବେ । ମେଡ଼ିକାଲ୍‌ରେ ପଢିଲାବେଳେ ଯେଉଁ ଫତୁରାନନ୍ଦ ନାଆଁଟି ଜଣେ ବନ୍ଧୁ ମୋତେ ଦେଇ-ଥିଲେ ଲେଖକ ସ୍ଥାନରେ ସେହି ଗୋଟିକ ବ୍ୟବହାର କଲି । ଯଦି ପାଠକମାନେ ଗାଳି-ଗୁଲଜ୍ କରିବେ ତେବେ ମୁଁ ବି ଫତୁରାନନ୍ଦକୁ ଦୁଇପଦ ଗାଳିଦେଇ କହିବି—ମୋଚଡ଼ଟା କାହିଁକି କଲମ ଧରିଥିଲା କେଜାଣି ? ଯଦି ସମସ୍ତେ ବାହାବାହା କରିବେ ତେବେ ସମସ୍ତଙ୍କ ଆଗରେ ଛାତି ଫୁଲାଇ କହିବି—ମୁଁ ପରା ସେହି ଫତୁରାନନ୍ଦ !

କିଛିଦିନ ପରେ 'ଡଗର'ର ପରିଚାଳନା ସମ୍ପାଦକ ଶ୍ରୀଯୁକ୍ତ ଗଣେଶ ମୋହନ ଦାସଙ୍କଠାରୁ ଗୋଟିଏ ବଢିଆ ପ୍ରଶଂସା ପତ୍ର ସେହି 'କବି ଲଢ଼େଇ' ଲାଗି ପାଇଲି ।

Digitized by srujanika@gmail.com

'ଡଗର'ରେ ତାହା ଧାରାବାହିକ ଭାବେ ପ୍ରକାଶ ପାଇଲା ଏବଂ ଖଣ୍ଡେ 'ଡଗର' ମୋ ପାଖକୁ ଆସିଲା । ଏ ତ ମାଗଣାରେ ମାଗଣାରେ ପତ୍ରିକା ପାଇବା କଥା ସ୍ଥିର ହୋଇଗଲା । କିନ୍ତୁ ଦରମା ? ସେଥିପାଇଁ ଯେ ଉପନ୍ୟାସଟିଏ ଲେଖିବାକୁ ପଡ଼ିବ । ଚାରି ପାଞ୍ଚଦିନ ଅନବରତ ଭାବି ଭାବି ପ୍ଲଟ୍‌ଟିଏ ଠିକ୍ କରି ନେଲି । ସବୁ ଯୋଜନା ଠିକ୍‌ଠାକ୍ କରି ଲେଖା ଆରମ୍ଭ କରିଦେଲି । ଏହା ସାଙ୍ଗେ ସାଙ୍ଗେ ପତ୍ରିକା ଖଣ୍ଡେ ଖଣ୍ଡେ ପାଇବା ଲାଗି ଗପ ଗୋଟିଏ ଗୋଟିଏ ଲେଖି ମଧ୍ୟ 'ଡଗର'କୁ ପଠାଇଲି । ମୋଟ ଉପରେ ଗପ ଓ ଉପନ୍ୟାସ ଏକ ସମୟରେ ଲେଖା ଚାଲିଥାଏ ।

ଗପଗୁଡ଼ିକ ଦୁଃଖାନ୍ତକ ହୋଇଥିଲେ ଭଲ ହୁଏ ବୋଲି ମୁଁ ଭାବି ସେହିପରି ଲେଖିଥିଲି ତାହା ସବୁ ଡଗରରେ ବାହାରିଲା । ଅଧ୍ୟାପକ ଗଜକିଶୋର ରାୟ ସମାଜର ବାର୍ଷିକ ସଂଖ୍ୟାରେ ମୋର 'କବି ଲଢ଼େଇ' ଲେଖାଟିର ଖୁବ୍ ତାରିଫ୍ କରିଥିଲେ । ତାହା ମୋତେ ଅଧିକ ଉତ୍ସାହିତ କଲା । ମୁଁ ପ୍ରଥମ ଥର ପାଇଁ ତାଙ୍କ ଲେଖାରୁ ଜାଣିଲି ଯେ ମୋର ସେହି କବି ଲଢେଇ ଲେଖାଟି ଗୋଟିଏ ଅତି ଉଚ୍ଚ ଧରଣର ପ୍ୟାରୋଡ଼ି ଏବଂ ମୁଁ ଜଣେ ସିଦ୍ଧହସ୍ତ ପ୍ୟାରୋଡ଼ି ଲେଖକ । ମୁଁ ସେ ପର୍ଯ୍ୟନ୍ତ ଜାଣି ନଥିଲି ଯେ ମୁଁ ଯାହା ଲେଖିଛି ତାକୁ ପ୍ୟାରୋଡ଼ି କହନ୍ତି । ମୁଁ ମନେ-ମନେ ନିଶ୍ଚିତ ହୋଇଗଲି ଯେ ମୁଁ ଜଣେ ଲେଖକ ହୋଇ ପାରିବି । ପ୍ରଥମ ବହିର ନାଆଁ ମୁଁ ଦେଇଥିଲି 'ନାକ୍‌ଟା ଚିତ୍ରକର' । ଭାବୁଥିଲି ମାସକରେ ତାହା ସରିଯିବ । ପ୍ରଥମ ପରିଚ୍ଛେଦଟି ହିଁ ଲେଖିବା ପାଇଁ ମାସକରୁ ବେଶୀ ସମୟ ଲାଗିଗଲା । ବହିଟି ସାରିବାକୁ ପ୍ରାୟ ଦୁଇ ବର୍ଷରୁ ବେଶୀ ଲାଗିଗଲା । ଲେଖା ସାରି ପାଣ୍ଡୁଲିପିକୁ ପ୍ରକାଶକ-ମାନଙ୍କ ପାଖକୁ ପଠାଇଲି । ସମସ୍ତେ ତାହାର ଦୁର୍ଗୁଣ ଗାଇ ପାଣ୍ଡୁଲିପିଟିକୁ ଫେରସ୍ତ କରି ଦେଲେ । ଶେଷରେ ଦିନେ ମୋର ପଡ଼ୋଶୀ ଏବଂ ଏବର ସାଂସ୍କୃତିକ ବିଭାଗର ଡେପୁଟି ସେକ୍ରେଟାରୀ ଶ୍ରୀଯୁକ୍ତ ସୁଧାଂଶୁମୋହନ ରାଉତରାୟ (ଡାକ ନାଆଁ ବାସୁ) ମୋତେ ଆସି କହିଲେ—ରାମ କକେୟୀ ! ଏବେ କଟକରେ ଭାରତୀବିହାର ନାମକ ଏକ ପ୍ରକାଶନ ସଂସ୍ଥା ସ୍ଥାପିତ ହୋଇଛି । ତାହାର ଜେନେରାଲ୍ ମ୍ୟାନେଜର୍ ରୂପେ ଓଡ଼ିଆରେ ଏମ୍.ଏ. ହୋଇଥିବା ଶ୍ରୀଯୁକ୍ତ ପରମାନନ୍ଦ ମିଶ୍ର ଅଛନ୍ତି । ମୁଁ ତାଙ୍କୁ ତୁମ ପାଣ୍ଡୁଲିପିଟି ଦେବି । ମୋର ଆଶା ସେ ନିଶ୍ଚୟ ଛାପିବେ । ମୁଁ ସଙ୍ଗେ ସଙ୍ଗେ ସୁଧାଂଶୁକୁ ଦେଲି । କିଛିଦିନ ପରେ ସେ ଆସି ମୋତେ କହିଲେ—ରାମ କକେୟୀ ! ପରମାନନ୍ଦ ମିଶ୍ର କହୁଛନ୍ତି ଯେ ଯଦି ସେ ତାଙ୍କର ମତାମତ ପାଣ୍ଡୁଲିପି ଉପରେ ଲେଖିଦେବାର କ୍ଷମତା ପାଇବେ ତା'ହେଲେ ସେ ତାକୁ ପଢିବେ । ମୁଁ ତହୁଁ କହିଲି—ହଉ ମୁଁ ରାଜି । କିଛିଦିନ ପରେ ସେ ପୁଣି ପାଣ୍ଡୁଲିପିଟିକୁ ଧରି ମୋ ପାଖକୁ ଫେରି ଆସିଲେ ଏବଂ କହିଲେ—ରାମ କକେୟୀ ! ସେ ଯାକୁ ପସନ୍ଦ କଲେ ନାହିଁ ଏବଂ ତାହାମଧ୍ୟ ପାଣ୍ଡୁଲିପି ଉପରେ ଲେଖି ଦେଇଛନ୍ତି । ମୁଁ ପାଣ୍ଡୁଲିପି ଖୋଲି ଦେଖିଲି ସେଥିରେ ଲେଖା ହୋଇଛି "Why such a poor attempt ?" ତା ତଳେ ତାଙ୍କର ଦସ୍ତଖତ ଥିଲା । ମୁଁ ଏକାବେଳକେ ଭାଙ୍ଗି ପଡ଼ିଲି । ବସି ଭାବିଲି—ବହିଟା ବୋଧହୁଏ ପ୍ରକୃତରେ ଭଲ ନୁହେଁ । ମୁଁ ନିଜେ ଲେଖିଥିବାରୁ ତହିଁରେ ଥିବା

Digitized by srujanika@gmail.com

ଦୋଷଗୁଡ଼ିକ ଦେଖିପାରୁ ନଥିଲି । ଅକାରଣରେ ଏତେଗୁଡ଼ିଏ ପରିଶ୍ରମ କଲି ବୋଲି ଭାବି ମୁଁ ହତୋତ୍ସାହ ହୋଇଗଲି । ଆଉ କିଛିଦିନ ଯାଇଥିଲେ ମୁଁ ସେ ପାଣ୍ଡୁଲିପି-ଟିକୁ ଚୁଲିରେ ଭର୍ତ୍ତି କରି ଦେଇଥା'ନ୍ତି । କିନ୍ତୁ ବିଧାତାଙ୍କର ଅନ୍ୟପ୍ରକାର ଇଚ୍ଛା ଥିଲା । ସେହି ସମୟରେ ସ୍ୱୟଂ କାନ୍ତକବି ଡଗର ପ୍ରେସ୍‌ରେ ଆସି ରହିଲେ । ତାଙ୍କ ପାଖରେ ସେହି ପାଣ୍ଡୁଲିପିଟାକୁ ପଢ଼ାଇଲି । ସେ ଶୁଣି ବହୁତ ତାରିଫ୍ କଲେ ଏବଂ ନିତ୍ୟାନନ୍ଦ ବାବୁଙ୍କୁ କହିଲେ—ନିତାଇ ଏ ବହିଟାକୁ ଆମର ଛାପିଦେବା ଉଚିତ୍ । ସେ ମଧ୍ୟ ଏଥିରେ ରାଜି ଥିଲେ ।

ନାକଟା ଚିତ୍ରକର ପ୍ରଥମ ପ୍ରକାଶ:—

ଏହି ସମୟରେ ଆମର ଗୋଟିଏ ଇଜ୍‌ମାଇଲ୍ ଜମି ବିକ୍ରି ହୋଇଥିଲା । ମୋ ଭାଗରେ ପ୍ରାୟ ତିନି ହଜାର ଟଙ୍କା ପଡ଼ିଥିଲା । ସେଥିରୁ ଛଅ ଶହ ଟଙ୍କା ଖର୍ଚ୍ଚ କରି ମୁଁ ବହିଟିକୁ ଡଗର ପ୍ରେସ୍‌ରେ ଛପାଇ ଦେଲି । ବହିଟିର ଦାମ୍ ଦୁଇ ଟଙ୍କା ଥିଲା । ପ୍ରଥମ ବହିଟିକୁ ନିତ୍ୟାନନ୍ଦ ବାବୁଙ୍କୁ ବିକିଲି । ସେହି ଦୁଇ ଟଙ୍କାର ମିଠାଇ ଆଣି ପ୍ରେସ୍ କର୍ମଚାରୀମାନଙ୍କୁ ଟିକେ ଟିକେ ବାଣ୍ଟି ଦେଲି । ସବୁଯାକ ବହି ବହିଦୋକାନମାନଙ୍କରେ ବିକ୍ରି କରିବାକୁ ଜମା ଦେଇଦେଲି । ଅନେକ ବନ୍ଧୁଙ୍କୁ ମଧ୍ୟ କିଛି କିଛି ବିକ୍ରି କରିବାକୁ ଦେଇଦେଲି । ସବୁଯାକ ବହି ମୋ ପାଖରୁ ଚାଲିଗଲା । ମାସକ ପରେ ମୋର ଦୌଡ଼ା ପର୍ବ ଆରମ୍ଭ ହେଲା । ସବୁ ବହି ଦୋକାନୀଙ୍କ ଠାରୁ ଉତ୍ତର ପାଇଲି—ବହି ବିକ୍ରି ହୋଇ ନାହିଁ, ବିକ୍ରି ହେଲେ ଆମେ ପଇସା ଦେଇ ଦେବୁ । ବନ୍ଧୁମାନେ କହିଲେ—ଅମୁକ ଅମୁକମାନଙ୍କୁ ଆମେ ବହି ବାଣ୍ଟି ଦେଇଛୁ । ସେମାନେ ନିକଟରେ ଟଙ୍କା ଦେବେ । ସେମାନେ ଟଙ୍କା ଦେଲେ ମୁଁ ତୁମକୁ ଯାଇ ଦେଇ ଆସିବି । ଦୌଡ଼ି ଦୌଡ଼ି ନୟାନ୍ତ ହେଲି । ଗୋଟିଏ ବି ବହିର ଦାମ୍ ପାଇଲି ନାହିଁ । ଯେଉଁ ଛଅ ଶହ ଟଙ୍କା ଖର୍ଚ୍ଚ କରିଥିଲି ସେଥିରୁ ଛଅ ପଇସା ବି ମିଳିଲା ନାହିଁ । ସାନ୍ତ୍ୱନାବାଣୀ ଓ ଉପଦେଶ ବହୁତ ପାଇଲି । କିଏ କହିଲା—ଏମିତି କଲେ କ'ଣ ପଇସା ମିଳେ ? ମୁଁ ଯେମିତି କହୁଥିଲି ସେମିତି କରିଥିଲେ କଡ଼ାକ୍ରାନ୍ତି ସହ ସବୁ ପାଇଥାନ୍ତ । କିଏ କହିଲା—ଗୋଟିଏ ବହି ଦୋକାନୀ ପାଖରେ ଜମା ଦେଇଥିଲେ ଏତେ ଆଡ଼େ ଦୌଡ଼ିବାକୁ ପଡ଼ି ନଥା'ନ୍ତା, ତାଠାରୁ ନିଶ୍ଚୟ ମିଳିଥାନ୍ତା । ବନ୍ଧୁମାନେ ପ୍ରତ୍ୟେକ କହିଲେ—ମୁଁ କ'ଣ କରିବି ? ସେମାନଙ୍କ ପାଖକୁ ଦୌଡ଼ି ଦୌଡ଼ି ମୋ ଗୋଡ଼ରୁ ପାଣି ମଲାଣି । କେତେଜଣ ବି ଫୁମ୍ଫୁଡି ଦେଖାଉଛନ୍ତି—ମୁଁ କ'ଣ ତୁମକୁ ମାଗି ଯାଇଥିଲି କି ହୋ ? ବହି କରିବି, ବହି କରିବି ବୋଲି ଯେଉଁ ପ୍ରବଳ କଣ୍ଡୁଜାତ ହୋଇଥିଲା ତା ଉପରେ କଣ୍ଡୁ ଦାବାନଳର ପ୍ରଲେପ ବୋଲି ହୋଇଗଲା ।

'ଡଗର'ରେ ନିୟମିତ ଭାବେ ମୋର ଗଳ୍ପର ଲେଖାଗୁଡ଼ାକ ବାହାରୁ ଥାଏ । ଜଣେ ବନ୍ଧୁଙ୍କର ଗୋଟିଏ ବହି ଦୋକାନ ଥିଲା । ସେ ମୋର ଗୋଟିଏ ବହି ଛାପିବେ ବୋଲି କହିଲେ । ଡଗରରେ ପ୍ରକାଶିତ କେତେଗୁଡ଼ିଏ ଗଳ୍ପ ଏକତ୍ର କରି ତାଙ୍କୁ ଦେଲି । ଦଶ ଟଙ୍କା, ବାର ଟଙ୍କା କରି ମୁଁ ତାଙ୍କଠାରୁ ପ୍ରାୟ ୬୦।୭୦ ଟଙ୍କା

Digitized by srujanika@gmail.com

ପାଇଥିଲି । ବହି ଲେଖି ପଇସା ପାଇବା ଏହା ପ୍ରଥମ । ନାକଟା ଚିତ୍ରକାରର ବହିଟି ବହୁଲୋକ ପଢ଼ି ସାରିଥିଲେ । ଖବର କାଗଜବାଲମାନେ ମଧ୍ୟ ତା ଉପରେ ଭଲ ମତାମତ ଦେଇଥିଲେ । ନୀଳକଣ୍ଠ ଦାସଙ୍କ ଠାରୁ ଆରମ୍ଭ କରି ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କଠାରୁ ମଧ୍ୟ ପ୍ରଶଂସା ପତ୍ର ପାଇ ସାରିଥିଲି । ଏଇ ବାଟେ ମନର ଗ୍ଲାନି ଅନେକ ପରିମାଣରେ କମିଗଲା । ସେ ବହିଟି ବଜାରରେ ଖୋଜା ପଡ଼ିଲା । ମୋ ପାଖରେ ଜମିବିକ୍ରି ଟଙ୍କାରୁ ଆଉ କିଛି ଥିଲା । ସେଥିରେ ମୁଁ ତାହାର ଦ୍ୱିତୀୟ ମୁଦ୍ରଣ କରଇ ଦେଲି । ବହୁ ବନ୍ଧୁ କହିଲେ–ଟେକ୍‌ସ୍‌ଟ୍ ବୁକ୍ କମିଟିରେ ଏହି ବହିଟା ଦାଖଲ କରି ଦିଅ । ମୁଁ ତିନି ଥର ତାହା କଲି । ପ୍ରତ୍ୟେକ ଥର ତାହା ଅମନୋନୀତ ହୋଇଥିଲା । ଏଥିପାଇଁ ଆଉ କେବେହେଲେ ବହି ଦାଖଲ କରିବିନି ବୋଲି ଗଣ ଖାଇଲି । ପ୍ରଥମ ମୁଦ୍ରଣ ବାହାରିବା ପରେ ଥରେ ମୋର ଆଦର୍ଶ ଔପନ୍ୟାସିକ ଶ୍ରୀ ଗୋପୀନାଥ ମହାନ୍ତି କଟକ ଟାଉନ୍ ହଲ୍‌କୁ ବକ୍ତୃତା ଦେବାକୁ ଆସିଥିଲେ । ମୋ ଆଖିରେ ସେ ଜଣେ ଦେବତା ତୁଲ୍ୟ ଲୋକ ଥିଲେ, ଏବେ ମଧ୍ୟ ଅଛନ୍ତି । ଟାଉନ୍ ହଲ୍‌ରେ ବସି ମୁଁ ମନ୍ତ୍ରମୁଗ୍ଧଭଳି ତାଙ୍କର ବକ୍ତୃତାଟି ଶୁଣିଲି । ସଭା ଭାଙ୍ଗିବା ପରେ ମୁଁ ଟାଉନ୍ ହଲ୍ ପିଣ୍ଡାରେ ତାଙ୍କୁ ଯାଇ ଦେଖାକରି ପରିଚୟ ଦେଲି । ସମସ୍ତେ ତାଙ୍କୁ ଘେରିଥାନ୍ତି । ସେ ମୋତେ କହିଲେ–ତୁମରି ନାଆଁ ଫତୁରାନନ୍ଦ ? ତୁମର 'ନାକଟା ଚିତ୍ରକର' ବହି ମୁଁ ପଢ଼ିଛି । ତୁମର ଆଉ ବହି ଲେଖିବା ଦରକାର ନାହିଁ । ଏହି ଖଣ୍ଡକରେ ତୁମେ ଅମର ହୋଇଗଲ । ତୁମର ଭବିଷ୍ୟତ ଅତି ଉଜ୍ଜ୍ୱଳ । ମୋତେ ଆହୁରି ବହୁତ ଉତ୍ସାହ ଦେଇ ସେ ତାଙ୍କୁ ଘେରିଥିବା ଲୋକମାନଙ୍କୁ କହିଲେ– ଆହେ, ଆପଣମାନେ ଏପରି ଜଣେ ଉଦୀୟମାନ ନୂତନ ଲେଖକଙ୍କ ପାଇଁ କିଛି ହେଲେ କରନ୍ତୁ । ସେଠାରେ ଥିବା ଅଧିକାଂଶ ଲୋକ କହି ଉଠିଲେ– ହଁ ହଁ ଆମେ ସେଥିପାଇଁ ଚେଷ୍ଟା କରୁଛୁ । ଟେକ୍‌ଷ୍ଟ ବୁକ୍ କମିଟିର ସଭ୍ୟଥିବା ବହୁ ଅଧ୍ୟାପକ ସେହିଠାରେ ଉପସ୍ଥିତ ଥିଲେ । ସେମାନଙ୍କ କଥା ଶୁଣି ମୋର ଦେହ ଜଳିଗଲା । ମନେ ମନେ ଭାବିଲି ତିନି ତିନି ଥର ମୋ ବହିକୁ ଫୋପାଡ଼ି ଦେଇ ନିଜ ନିଜ ବହିକୁ ବାଛିଲେ ଅଥଚ ଏଠାରେ କହୁଛନ୍ତି–ହଁ ହଁ ଆମେ ତାଙ୍କ ପାଇଁ ବହୁତ ଚେଷ୍ଟା କରୁଛୁ । ସେ ଯାହାହେଉ ସେଦିନ ଗୋପୀନାଥ ମହାନ୍ତିଙ୍କର ଉତ୍ସାହ ସବୁ ମନରେ ଭର୍ତ୍ତି କରି ଘରକୁ ଫେରିଲି । ରାତିରେ ନିଦ ହେବାକୁ ବହୁତ ଡେରି ହେଲା । ରାତିଯାକ ଗୋପୀନାଥ ମହାନ୍ତିଙ୍କର ଉତ୍ସାହବାଣୀ ମୋ ମନରେ ଆନନ୍ଦର ଉଷ୍ମତା ଖେଳାଇ ଦେଲାବେଳକୁ ଟେକ୍‌ଷ୍ଟ କମିଟିର ସଭ୍ୟ ଅଧ୍ୟାପକମାନଙ୍କର ପ୍ରବଞ୍ଚନା ମନରେ ଘୃଣାର ନିଆଁ ଜଳାଇ ଦେଲା ।

ମୋ ମନରେ ଦୃଢ଼ ଧାରଣା ହେଲା ଯେ ମୁଁ ଜଣେ ଲେଖକ ହୋଇ ପାରିବି । ଏଥି ପୂର୍ବରୁ ଡଗର ପତ୍ରିକା କିପରି ଭଦ୍ରକର ଗୋପୀନାଥ ପ୍ରେସ୍‌ରୁ କଟକକୁ ଆସିଲା ସେ ବିଷୟ ଟିକେ ବର୍ଣ୍ଣନା କରିବା ଉଚିତ ବୋଲି ମନେକରୁଛି । ଡଗର ସମ୍ପାଦକ ନିତ୍ୟାନନ୍ଦ ବାବୁହିଁ ଯଥାର୍ଥରେ ମୋର ଲେଖକ–ଜୀବନର ମୂଳଦୂଆ ପକାଇ ଥିଲେ । ତାଙ୍କ ପାଖକୁ ମୁଁ ଯାହା ଲେଖି ପଠାଉଥିଲି ସେ ସମସ୍ତ ଛପୁଥିଲେ । କୌଣସି

Digitized by srujanika@gmail.com

ଲେଖାକୁ ସେ ବାଦ ଦେଇ ନଥିଲେ । ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧା ଓ ପ୍ରବଳ ଆକର୍ଷଣ ଆସିଯାଇ ଥିଲା । ବୋଧହୁଏ ୧୯୪୯ ମସିହା କଥା କହୁଛି । ସେହି ସମୟରେ ଥରେ ନିତ୍ୟାନନ୍ଦ ବାବୁ କଟକ ଆସିଥିଲେ । ଆମ ଘର ବାଟ ଦେଇ ଯାଉଥିଲେ । ବିପରୀତ ଦିଗରୁ ମୁଁ ଆସୁଥିଲି । ନିତ୍ୟାନନ୍ଦ ବାବୁଙ୍କ ସାଙ୍ଗରେ ମୋର ଜଣେ ଚିହ୍ନା ଭଦ୍ର ଲୋକଟି ଯାଉଥିଲେ । ବାଟରେ ଭେଟ ହୋଇଗଲା ତାଙ୍କ ସାଙ୍ଗରେ । ସେ ନିତ୍ୟାନନ୍ଦ ବାବୁଙ୍କ ପରିଚୟ ମୋ ସାଙ୍ଗରେ କରାଇ ଦେଲେ । ମୁଁ ତାଙ୍କୁ ଦେଖି ଆନନ୍ଦରେ ଅଧୀର ହୋଇଗଲି । ତାଙ୍କୁ ନମସ୍କାର କରି କହିଲି—ମୋର ଆଜି ବଡ଼ ଭାଗ୍ୟ ଯାହାକି ଆପଣଙ୍କ ଦର୍ଶନ ପାଇଲି । ସେ ମଧ୍ୟ ମୋର ଲେଖାର ତାରିଫ୍ କଲେ ଏବଂ ମୋତେ କହିଲେ— ଡଗର ଆଉ ଭଦ୍ରକରେ ରହି ପାରିବ ନାହିଁ । ଆପଣ ଜାଣି ନାହାନ୍ତି ଗୋପୀନାଥ ପ୍ରେସ୍‌ଟା ଆମର ଇଜ୍‌ମାଇଲ୍ ପ୍ରେସ୍ । ବାପାଙ୍କର ଅନ୍ୟ ଭାଇମାନେ ବାରମ୍ବାର ମୋତେ କହିଲେଣି ଡଗରଟାକୁ ଅନ୍ୟ ଆଡ଼େ ନେଇ ଯାଅ । ଏଠି ଆଉ ଛପା ହୋଇ ପାରିବନି । ମୋର ଭାରି ଇଚ୍ଛାଥିଲା ଡଗରପଡ଼ାରେ ଡଗରଟିକୁ କାଢ଼ିବି । ବହୁ ଚେଷ୍ଟା କରି ସୁଦ୍ଧା ସେଠାରେ ଗୋଟିଏ ଉପଯୁକ୍ତ ଘର ପାଇଲି ନାହିଁ । ଏବେ ଆପଣ ମୋତେ ଟିକେ ସାହାଯ୍ୟ କରନ୍ତୁ ଓ ଡଗରଟିକୁ କଟକକୁ ଆଣନ୍ତୁ । ମୁଁ ଆଗ ମନେ ମନେ ଭାବିନେଲି ଯେ ଡଗରକୁ ଆଣିହେବ । କାରଣ ପିଠାପୁରରେ ଆମ ନିଜର ଘର ଅଛି । ତାହା ଦୋଳ ମୁଣ୍ଡାଇ ଚୌଧୁରୀ ବଜାର ପ୍ରଧାନ ରାସ୍ତା ଉପରେ ଅବସ୍ଥିତ । ସେଠାରେ ଥିବା ଭଡ଼ାଟିଆକୁ କାଢ଼ି ଦେଇ ଡଗରକୁ ଆଣି ହେବ । ମୁଁ ତାଙ୍କ ପ୍ରସ୍ତାବରେ ସମ୍ମତ ହୋଇ ତାଙ୍କୁ କହିଲି—"ଦେଖନ୍ତୁ, ଆପଣ ଯଦି ମୋର କକେୟୀ ଝିଅ ଭଉଣୀର ବିଭାଘର ନିମ-ନ୍ତ୍ରଣ ରକ୍ଷା କରିବେ ତା'ହେଲେ ମୁଁ ନିଶ୍ଚୟ ଆପଣଙ୍କ ପ୍ରେସ୍‌କୁ କଟକକୁ ନେଇ ଆସିବି ।" ସେ ବି ହସି ହସି ସମ୍ମତି ଜଣାଇଲେ । କଥାହେଲା ଘର ଯୋଗାଡ଼ ହେବା ସଙ୍ଗେ ସଙ୍ଗେ ମୁଁ ଚିଠି ଦେବି ଏବଂ ନିତ୍ୟାନନ୍ଦବାବୁ ପ୍ରେସ୍ ନେଇ ଚାଲି ଆସିବେ । ପିଠା-ପୁରସ୍ଥ ଆମ ଘର ଭଡ଼ାଟିଆକୁ କାଢ଼ିବା ଲାଗି ଆମକୁ ଟିକେ ଅସୁବିଧାରେ ପଡ଼ିବାକୁ ହେଲା । ଶେଷରେ ତାଙ୍କୁ କାଢ଼ି ଚିଠି ଲେଖିଦେଲି । ଘର ଠିକ୍ ହେବା ପୂର୍ବରୁ ଅବଶ୍ୟ ସେ ଆମ ନିମନ୍ତ୍ରଣ ରକ୍ଷା କରିଥିଲେ । ସେ ଠୁଙ୍ଗା ଠୁଙ୍ଗା ଆସି ଆମ ଘରେ ବସା ବାନ୍ଧିଲେ । ସେ ଘର ପଛରେ ପାଇଖାନା ନଥିଲା । ତେଣୁ ସେ ଆସିବା ପୂର୍ବରୁ ଆମେ ପକ୍‌କା ପାଇଖାନାଟିଏ ତିଆରି କରି ଦେଇଥିଲୁ । ମୁଁ ତାଙ୍କୁ ପଚାରିଲି—ଆପଣ ଠୁଙ୍ଗାଂ ଠୁଙ୍ଗାଂ ଚାଲି ଆସିଲେ । ପ୍ରେସ୍ କାହିଁ ? ସେ କହିଲେ—ଏଠାରେ ସବୁ ନୂଆ ହୋଇ ଗଢ଼ାହେବ । ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ସତକୁ ସତ ସେ ଡଗରପଡ଼ାର ବିନୋଦ ଦାସଙ୍କ ପାଖକୁ ଯାଇ ଦୁଇ ହଜାର ଟଙ୍କାର ଟାଇପ୍ ଧାରରେ ନେଇ ଆସିଲେ । ବଙ୍ଗାଳୀ ସାହିର ଜଣେ ବଢ଼େଇଠାରୁ ଅକ୍ଷର କେସ୍ ତାର ଷ୍ଟାଣ୍ଡ୍ ଓ କେସ୍‌ର ର୍‍ୟାକ୍ ସବୁ ଧାରରେ ଆଣିଲେ । ଆମ ଘରେ ଜଟିନନା ନାମରେ ଜଣେ ଔଷଧ ପ୍ରସ୍ତୁତିରେ ସାହାଯ୍ୟକାରୀ ଥିଲା । ସେ ବାହାର ଗୋଟିଏ ପ୍ରେସରେ ଯାଇ କାମ କରୁଥିଲା । ଆମେ ତାକୁ ଏଠାରେ ନୂଆ ହୋଇ ଗଢ଼ା ହେଉଥିବା ପ୍ରେସ୍‌ରେ ରଖାଇ ଦେଲୁ । ସେ କେସ୍-ମାନଙ୍କରେ ଅକ୍ଷର ସବୁ ପକାଇ ସଜାଇ ରଖିଦେଲା । ନିତ୍ୟାନନ୍ଦବାବୁ ଆଶା ପ୍ରେସ୍‌ରେ

Digitized by srujanika@gmail.com

କାମ କରୁଥିବା କମ୍ପୋଜିଟର୍ ଓ କରେକ୍ଟର୍‌ମାନଙ୍କୁ ସନ୍ଧ୍ୟାବେଳେ ଆସି ଏଠାରେ କାମ କରିବାକୁ କହିଲେ । କାମ ସୁରୁ ହୋଇଗଲା । ଡଗରର ସମୁଦାୟ କମ୍ପୋଜ ହୋଇଯାଇ କାଠଗଡ଼ା ସାହିରେ ଥିବା ଗୋଟିଏ ପ୍ରେସ୍‌ରୁ ଛପାହୋଇ ଆସିଲା । ଆମ ଘରର ପାଠ ପଢୁଥିବା ସମସ୍ତ ପିଲା ଛପା ଡଗରକୁ ତିଆରି କରିବାରେ ଲଗିଗଲେ । ଜଣେ ଖଞ୍ଜି ଦେଉଥାଏ । ଅନ୍ୟମାନେ ତାକୁ ତାର ସିଲାଇ ବା ଷ୍ଟେପଲ୍ କରି ଦେଉଥାନ୍ତି । ଏ କାମରେ ନିୟମିତ ରୂପେ ମୋର ଭାଇ କୃଷ୍ଣ, ଶ୍ୟାମ, ଅନନ୍ତ ଓ ଭଣଜା ବନମାଳୀ, ବାବନା ଏବଂ ବେଳେବେଳେ ମୁତୁଗ ଦୁର୍ଗାପ୍ରଶନ୍ନ ବଡ ଉତ୍ସାହରେ କାମରେ ଲଗି ଯାଉଥାନ୍ତି । ଏଥିପାଇଁ ତାଙ୍କ ପିଛାରେ ପଇସାଟିଏ ବି ଖର୍ଚ୍ଚ କରିବା ଦରକାର ପଡୁ ନ ଥାଏ । ଜଣିଆ କେବଳ ମାସିକ ଟ ୩୦-୦୦ ଦରମାରେ ସବୁବେଳ ପାଇଁ ମୁତୟନ ହୋଇଥାଏ । ଡଗର ସେତେବେଳେ ୪୦୦୦ ଛପା ହେଉଥିଲା । ତାହା ମାସରେ ଦୁଇ ଥର ବାହାରୁଥିଲା । ଡଗରର ଆଦର ଲୋକଙ୍କ ପାଖରେ ଖୁବ୍ ବେଶିଥିଲା । ଯେଉଁଦିନ ବାହାରିବ ସେଦିନ ପ୍ରାୟ ୩୦/୪୦ ପତ୍ରିକାବିକାଳୀ ବା ହକର୍ ଆସି ଡଗର ପିଣ୍ଡାରେ ରୁଣ୍ଡ ହୋଇ ଯାଉଥିଲେ । ସେତେବେଳେ ଡଗରର ଦାମ୍ ମାତ୍ର ଚାରି ଅଣା ଥିଲା । ପ୍ରାୟ ୫୦/୬୦ ଜଣ ବାହାର ଏଜେଣ୍ଟଙ୍କ ପାଖକୁ ପୋଷ୍ଟାଲ୍ ପ୍ୟାକେଟ୍‌ରେ ଯାଉଥାଏ । ଏହିପରି ପ୍ରାୟ ବର୍ଷାଧିକ କାଳ ଡଗର ବାହାର ପ୍ରେସ୍‌ରେ ଛପାହୋଇ ବିକ୍ରି ହେଲା । କିଛିଦିନ ପରେ ନିତ୍ୟାନନ୍ଦ ବାବୁ କଲିକତା ଗଲେ । ସେଠାରେ ପ୍ରବର୍ତ୍ତକ କମ୍ପାନୀର ସତ୍ତ୍ୱାଧିକାରୀଙ୍କ ପାଖକୁ ସୌଜନ୍ୟମୂଳକ ସାକ୍ଷାତ କରିବାକୁ ଗଲେ । ସେ ଜଣେ ତାଙ୍କର ବନ୍ଧୁ ସତ୍ୟାଗ୍ରହୀ ଥିଲେ । ପ୍ରବର୍ତ୍ତକ କମ୍ପାନୀ ଗୋଟିଏ ପ୍ରିଣ୍ଟିଂ ମେସିନ୍ ଆମଦାନୀକାରୀ ସଂସ୍ଥା ଥିଲା । ସେହି ସମୟରେ ଜାପାନରୁ ୩ଟି ନୂଆ ମେସିନ୍ ଏହି କମ୍ପାନୀକୁ ଆସିଥିଲା । ତାହା ନିତ୍ୟାନନ୍ଦ ବାବୁ ଦେଖିଲେ । ଗୋଟିଏ ମେସିନ୍ କିଣିବାଲାଗି ତାଙ୍କର ବହୁତ ଆଗ୍ରହ ହେଲା । ସେ ମଧ୍ୟ କିଛି ଟଙ୍କା ନେଇ ମେସିନ୍ କିଣିବା ପାଇଁ କଲିକତା ଯାଇଥିଲେ । ସେତେବେଳେ ସେ ମେସିନ୍‌ର ଦାମ୍ ଥିଲା ଟ ୬୦୦୦.୦୦ । ତାଙ୍କ ପାଖରେ ସେତେବେଳେ ମାତ୍ର ଦୁଇ ହଜାର ଟଙ୍କା ଥିଲା । ସେହି ପ୍ରିଣ୍ଟିଂ ମେସିନ୍‌ର ଲୋଭ ସମ୍ବରଣ କରି ନ ପାରି ସେ ତାଙ୍କ ପାଖରେ ଥିବା ଦୁଇ ହଜାର ଟଙ୍କା ଗୋଟିଏ ମେସିନ୍ ପାଇଁ ଅଗ୍ରୀମ ଦେଇ ପଳାଇ ଆସିଲେ । ପ୍ରାୟ ବର୍ଷାଧିକକାଳ ନିତ୍ୟାନନ୍ଦବାବୁ ଟଙ୍କା ଦେଇ ପାରିଲେ ନାହିଁ । ସେହି ସମୟରେ କଟକରେ ବସନ୍ତ କୁମାର ମହାନ୍ତି ଓ ଲକ୍ଷ୍ମୀନାରାୟଣ ମହାନ୍ତି ନାମରେ ଦୁଇଜଣ ପୋଲିସ୍ କର୍ମଚାରୀ ଥିଲେ । ଦୁଇଜଣ ଯାକ ନିତ୍ୟାନନ୍ଦ ବାବୁଙ୍କର ପରମ ବନ୍ଧୁ ଥିଲେ । ଲକ୍ଷ୍ମୀ ନାରାୟଣ ମହାନ୍ତି ଜଣେ ପ୍ରସିଦ୍ଧ ଅନୁବାଦକ ଓ ଓଡ଼ିଶା ଲେଖକ ସହଯୋଗ ସମିତିର କର୍ମକର୍ତ୍ତାଥିଲେ । ବସନ୍ତବାବୁ, ନିତ୍ୟାନନ୍ଦ ବାବୁଙ୍କର ମନସ୍ତାପ ଦେଖି ନିଜର ଜମି ବନ୍ଧା ଦେଇ ପ୍ରବର୍ତ୍ତକ କମ୍ପାନୀର ବାକିଆ ଟଙ୍କା ଭରଣା କରିଦେଲେ ଏବଂ ଲକ୍ଷ୍ମୀନାରାୟଣବାବୁ ବମ୍ବେରୁ ନ୍ୟୁଜ୍ ପ୍ରିଣ୍ଟ୍ ଅଣାଇବାରେ ସାହାଯ୍ୟ କଲେ । ମେସିନ୍ ଆସି ଡଗରର ପ୍ରାଙ୍ଗଣରେ ଥୁଆ ହେଲା । ପରେ ପରେ ବମ୍ବେରୁ ନ୍ୟୁଜ୍ ପ୍ରିଣ୍ଟ୍ ଆସି ଡଗରର ଗୋଟିଏ କୋଠି ଭର୍ତ୍ତି ହୋଇଗଲା । ଆମମାନଙ୍କର ମନ ଆନନ୍ଦରେ ପୂରି ଯାଉଥାଏ । ମେସିନ୍‌ଟି

Digitized by srujanika@gmail.com

ଥୋଇବା ଲାଗି ଗୋଟିଏ ଘର ତିଆରି ହୋଇଗଲା ଏବଂ କଲିକତାରୁ ଆସିଥିବା ଗୋଟିଏ ମେକାନିକ୍ ତାକୁ ଖଞ୍ଜିଦେଲା । ଭଦ୍ରକ ଗୋପୀନାଥ ପ୍ରେସ୍‌ରୁ ବାଇଧର ନାମରେ ଜଣେ ମେସିନ୍‌ମ୍ୟାନ୍ ଏବଂ ସୋମନାଥ ତ୍ରିପାଠୀ ନାମରେ ଜଣେ ଦାଢ଼ିଆ ପଣ୍ଡିତ ପ୍ରେସ୍ ପରିଚାଳକଭାବରେ ନିଯୁକ୍ତ ହେଲେ । ମେସିନ୍ ଆସିଯିବାରୁ ବଡ଼ କମ୍ପୋଜ ଘରଟିଏ ତିଆରି କରିବାକୁ ପଡ଼ିଲା । ମେସିନ୍ ପାଇଁ ଇଲେକ୍‌ଟ୍ରିକ୍ ମୋଟର ଆସି ନଥାଏ । ସେଥିପାଇଁ ତାକୁ ହାତରେ ଚଳାଇବା ପାଇଁ ଗୋଟିଏ ଶ୍ରମିକ ନିଯୁକ୍ତ ହୋଇଥିଲା । ଡଗର ଛପା ହେବାରେ ଆମ୍ଭମାନଙ୍କ ମନରେ ଏତେ ଉନ୍ମାଦନା ଆସିଯାଇଥିଲା ଯେ ମୁଁ ଶ୍ୟାମ (ବର୍ତ୍ତମାନର ଅଧ୍ୟାପକ ଡ଼ଃ ଶ୍ୟାମସୁନ୍ଦର ମିଶ୍ର), କୃଷ୍ଣ ଓ ଦୁର୍ଗାପ୍ରସନ୍ନ ମହା ଉତ୍ସାହରେ ହାତରେ ଚଳାଉଥିଲୁ । ପରେ ପରେ କଲିକତାରୁ ଗୋଟିଏ ସେକେଣ୍ଡ ହ୍ୟାଣ୍ଡ୍ ଗ୍ରଷ୍ଟେଲିୟର ପ୍ରାଇସ୍ ଟ୍ରେଡେଲ ମେସିନ୍ , ଗୋଟିଏ ଇଲେକ୍‌ଟ୍ରିକ ମୋଟର ଓ ଗୋଟିଏ କଟିଂମେସିନ୍ ଆସିଗଲା ଏବଂ ଛାପା କାମ ଧୂମ୍‌ଧାମ୍‌ରେ ଚାଲିଲା । ପରେ ପରେ ଗୋଟିଏ ପର୍‌ଫୋରେଟିଂ ମେସିନ୍, ପ୍ରୁଫ୍ ମେସିନ୍ , ଗୋଟିଏ ଡବ୍ଲ ଡ଼ିମେଇ ଷ୍ଟୋନ୍ ଓ କେତେଗୁଡ଼ିଏ ନମ୍ବରିଂ ମେସିନ୍ ଆସିଗଲା । ପୂର୍ଣ୍ଣାଙ୍ଗ ପ୍ରେସ୍ ଚାଲୁ ହେଲା । ମ୍ୟାନେଜର୍ ଭାବରେ ବସନ୍ତ କୁମାର ମହାନ୍ତି ପ୍ରୁଫ୍‌ରିଡର୍ ଭାବରେ ରାମଚନ୍ଦ୍ର ମହାନ୍ତି ଓ ସିନିୟର୍ ମେସିନ୍ ମ୍ୟାନ୍ ଭାବରେ ନିତ୍ୟାନନ୍ଦ ଦତ୍ତ କାର୍ଯ୍ୟକଲେ । ଛାପା କାମଟା ପୂରା-ପୂରି ଟେକ୍‌ନିକାଲ୍ ହୋଇଥିବାରୁ ପ୍ରାୟ ବର୍ଷେ ଦୁଇ ବର୍ଷ ପର୍ଯ୍ୟନ୍ତ କର୍ମଚାରୀମାନଙ୍କ କଥା-ବାର୍ତ୍ତାରୁ ମୁଁ ବିନ୍ଦୁବିସର୍ଗ ବୁଝିପାରୁ ନଥିଲି । ଥରେ ନିତ୍ୟାନନ୍ଦ ବାବୁ ଜଣେ କର୍ମଚାରୀ ଉପରେ ବିରକ୍ତ ହୋଇ କହିଲେ—ଏତେଦିନ ଯାଏ କାମ କଲୁଣି, ଏତିକି ଟିକେ ଶିଖି ପାରିଲୁନି ? ମୁଁ ସେଠାରେ ଥିଲି । ମୁଁ ବିଳିବିଳେଇ ଉଠିଲି—ମୁଁ ବହୁତ କିଛି ଶିଖି ଗଲିଣି । ସେ ପଚାରିଲେ—କ'ଣ ଶିଖି ଗଲଣି ? କର୍ମଚାରୀମାନଙ୍କ ଦ୍ୱାରା ବହୁଳଭାବେ ବ୍ୟବହୃତ ଚାରିଟି ମାତ୍ର ଶବ୍ଦ ଉଦ୍ଧାର କରି ମୁଁ କହିଲି—ଏକ ଏମ୍, ଦୁଇ ଏମ୍, ବଟ୍‌କିନ୍, ସ୍ଲଟ୍‌କିନ୍ ସେଠାରେ ଥିବା ସମସ୍ତେ ହସି ଉଠିଲେ । ନିତ୍ୟାନନ୍ଦବାବୁ କହିଲେ—ହଁ ଏତେ-ଗୁଡ଼ାଏ ଶିଖି ଗଲ ?

କାନ୍ତକବିଙ୍କ ଦ୍ୱାରା ପ୍ରତିଷ୍ଠିତ ଡଗର କଟକକୁ ଆସିଛି । ସୁତରାଂ ଡଗର ପ୍ରେସଟି ଏକପ୍ରକାର ଗୋଟିଏ ସାହିତ୍ୟ ମନ୍ଦିର ହୋଇଯାଇ ଥାଏ । ତେଣୁ ସାହିତ୍ୟର ଭକ୍ତମାନେ ନିୟମିତଭାବରେ ଏହି ମନ୍ଦିରକୁ ଆସୁଥାନ୍ତି । ଏମାନଙ୍କ ଭିତରେ ପ୍ରଧାନ ପ୍ରଧାନ ଥିଲେ ରାଜକିଶୋର ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତି, ମନୋଜ ଦାସ, ଚିତ୍ତରଞ୍ଜନ ଦାସ, ଭବଗ୍ରାହୀ ମିଶ୍ର, ନଟବର ସାମନ୍ତରାୟ, ଜାନକୀ ବଲ୍ଲଭ ମହାନ୍ତି, (ଭରଦ୍ୱାଜ) ଦୁର୍ଗାଚରଣ ପରିଡ଼ା, ବ୍ରଜନାଥ ରଥ, ଗୋଦାବରୀଶ ମହାପାତ୍ର, ରବି ସିଂ, ସରଳା ଦେବୀ, ମନମୋହନ ମିଶ୍ର, ମନୋରଞ୍ଜନ ଦାସ, ରମାକାନ୍ତ ରଥ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ସାହୁ, ଗୋପାଳ ମିଶ୍ର, କୃଷ୍ଣ ଚରଣ ବେହେରା, ରାଧା-ମୋହନ ଗଡ଼ନାୟକ, ବିନୋଦ ରାଉତରାୟ, ସଚିଦାନନ୍ଦ ରାଉତରାୟ, ମାୟାଧର ମାନସିଂ, ମହାପାତ୍ର ନୀଳମଣି ସାହୁ, ଅଖିଳ ମୋହନ ପଟ୍ଟନାୟକ, ଯଦୁନାଥ ଦାସ ମହାପାତ୍ର, କୁଞ୍ଜ ବିହାରୀ ଦାଶ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ । ରେଭେନ୍‌ସା କଲେଜର

Digitized by srujanika@gmail.com

ଅଧିକାଂଶ ଛାତ୍ର ସେତେବେଳେ ଡଗର ପ୍ରେସ୍‌କୁ ଏକ ତୀର୍ଥ ଭୂମି କରି ସାରି ଥାନ୍ତି । ମୁନି ଋଷୀଙ୍କ ଆଶ୍ରମରେ ବେଦଧ୍ୱନି ହେଲାପରି ଡଗର ପ୍ରେସ୍‌ରେ ସାହିତ୍ୟ ଚର୍ଚ୍ଚାର ଧ୍ୱନି ଗୁଞ୍ଜରି ଉଠୁଥିଲା । ସମସ୍ତଙ୍କ କେନ୍ଦ୍ରସ୍ଥଳୀ ଥିଲେ ନିତ୍ୟାନନ୍ଦ ବାବୁ । ମୋତେ ସେତେବେଳେ ପଗ୍ରରେ କିଏ ? ସାହିତ୍ୟର ଆବ୍‌ହାଓ୍ୱା ମୋ ଦେହରେ ଏକରକମ ଘଷି ହେଉଥିଲା । ନିତ୍ୟାନନ୍ଦ ବାବୁଙ୍କ ସହିତ ମୋର ଆତ୍ମୀୟତା ଅତି ପ୍ରବଳ ହୋଇ ଉଠି-ଥିଲା । ପ୍ରେସ୍‌ଟା ଏକ ସାହିତ୍ୟ ଖଟିରେ ପରିଣତ ହୋଇଥିଲା । କାନ୍ତକବିଙ୍କ ପ୍ରତି ମୋର ପ୍ରଗାଢ ଭକ୍ତି ଥିଲା । ଭଦ୍ରକରେ ଥିଲାବେଳେ ଡଗରରେ କାନ୍ତକବିଙ୍କର କଣା-ମାମୁଁଟି ବାହାରି ଥିଲା । ମାତ୍ର ୨।୩ ଟି ସଂଖ୍ୟାରେ 'କଣା ମାମୁଁ'ର ଅଂଶ ବିଶେଷ ପ୍ରକାଶ ପାଇଥିଲା । ସେତକ ପଢ଼ି ମୁଁ ଏକପ୍ରକାର କାନ୍ତକବିଙ୍କୁ ଝୁରୁଥିଲି । ନିତ୍ୟାନନ୍ଦ ବାବୁଙ୍କ ଜରୀଆରେ ମୁଁ ତାଙ୍କ ବିଷୟରେ ସବୁକିଛି ଜାଣିଲି ଏବଂ ପତ୍ରାଳାପ ଆରମ୍ଭ କଲି । କଣା ମାମୁଁର ଅବଶିଷ୍ଟାଂଶକୁ ପୁଣି ଧାରବାହିକଭବରେ ଲେଖିବା ପାଇଁ ତାଙ୍କ ପାଖରେ ଅଳି କଲି । ସେ ମଧ୍ୟ ମୋତେ ଜଣାଇ ଦେଲେ ଯେ ସେତେବେଳେ ଲେଖାଲେଖି କରିବାକୁ ସେ ଉପଯୁକ୍ତ ପରିସ୍ଥିତି ପାଉ ନାହାନ୍ତି । ସଂପତି ରକ୍ଷଣା-ବେକ୍ଷଣରେ ତାଙ୍କର ପ୍ରାୟ ସମସ୍ତ ସମୟ ଅତିବାହିତ ହୋଇ ଯାଉଛି । ଅନୁକୂଳ ପରି-ସ୍ଥିତି ହେଲେ ସେ ପୁଣି ଲେଖିବେ ।

ଦିନେ ନିତ୍ୟାନନ୍ଦ ବାବୁ ଗୋଟିଏ ଶୁଭ ଖବର ଦେଲେ ଯେ ସପ୍ତାହକ ମଧ୍ୟରେ କାନ୍ତକବି ଡଗର ପ୍ରେସ୍‌କୁ ଆସିବେ । ଆନନ୍ଦରେ ମୋ ମନଟା ମଜ୍‌ଗୁଲ୍ ହୋଇଗଲା । ମୁଁ ଠିକ୍ କରି ନେଲି, ଯେ ଏଣିକି ତାଙ୍କ ସାଙ୍ଗରେ ଲାଗିଲାଗି ତାଙ୍କଠାରୁ କଣା ମାମୁଁ ସଂପୂର୍ଣ୍ଣ ଆଦାୟ କରିବି । ଦିନ ଗଡ଼ିଗଲା । ଶେଷରେ କାନ୍ତକବି ସଦଳବଳ ଆସି ଡଗର ପ୍ରେସ୍‌ରେ ପହଞ୍ଚିଲେ । କାନ୍ତକବିଙ୍କ ସାଙ୍ଗରେ ଆସିଥିଲେ ତାଙ୍କ ସ୍ତ୍ରୀ ଲବଙ୍ଗ-ଲତା ଦେବୀ, ସାନପୁଅ ଗୌର, ଜଣେ ଗୁମାସ୍ତା ଓ ଜଣେ ଖଟଣିଆ ଚାକର । ସେ ଡଗର ପ୍ରେସ୍‌ରେ ପହଞ୍ଚିଲାବେଳେ ମୁଁ ଡଗର ପ୍ରେସ୍‌ରେ ନଥିଲି । ଆମ ଘରକୁ ସଙ୍ଗେ-ସଙ୍ଗେ ଖବର ଆସିଲା । ମୁଁ ସବୁ କାମ ଛାଡ଼ି ଦେଇ ତାଙ୍କ ପାଖରେ ଯାଇ ପହଞ୍ଚିଲି । କବି ଓ କବି ପତ୍ନୀଙ୍କୁ ଭକ୍ତିର ସହ ନମସ୍କାର କଲି । ଦୁହେଁ ହସି ହସି ମୋତେ ଆଶୀର୍ବାଦ କଲେ । ଅନ୍ୟ କିଛି କଥାବାର୍ତ୍ତା ଆରମ୍ଭ ନକରି ମୁଁ ପ୍ରଥମେ ଆରମ୍ଭ କଲି—ମଉସା ! ଏଇଠି କଣା ମାମୁଁ ଲେଖା ସାରିବାକୁ ହେବ । ସେ ମୋତେ କହିଲେ—ତୁମର ପ୍ରଥମ କଥା ସେଇଆ ହେବ ବୋଲି ମୁଁ ଆଗରୁ ଜାଣିଥିଲି । ତା ସଙ୍ଗେ ସଙ୍ଗେ ସେ ପୁଣି କହିଲେ—ଆଛା ଜିଉ ! (ମୋତେ ଜିଉ ଡାକିବାର କାରଣ ମୁଁ ଆଜିଯାଏ ଜାଣିନାହିଁ । ତାହା ଏକ ବାତ୍ସଲ୍ୟ ଡାକ ବୋଲି ଧରି ନେଇଥିଲି ।)

ସତ କହିଲେ ତୁମକୁ ସେ କଣା ମାମୁଁର ଅଂଶତକ ପ୍ରକୃତରେ ଭଲ ଲାଗିଛି ନା ମୋତେ ତେଲେଇବାକୁ ବହୁ ଚିଠି ଲେଖିଛ ଏବଂ ଏବେ ମୁଁ ଆସୁ ଆସୁ ମୋତେ କହୁଛ ?

ମୁଁ ଗଦଗଦ ହୋଇ କହି ଉଠିଲି—କ'ଣ କହୁଛ ମଉସା ? ମୋତେ ଯେ ତାହା କେତେ ଆନନ୍ଦ ଦେଇଛି ତାହା ମୁଁ କଥାରେ କହି ପାରିବିନି । ଆପଣ ଯେ

Digitized by srujanika@gmail.com

ଜେଡ଼େ ଅମୂଲ୍ୟ ରତ୍ନଟିଏ ସୃଷ୍ଟି କରିଛନ୍ତି ତାହା ଆପଣ ବୋଧହୁଏ ନିଜେ ଜାଣି ପାରୁ ନାହାନ୍ତି । ଉଚ୍ଚକୋଟୀର ଲେଖକମାନେ ନମ୍ରତାବଶତଃ ନିଜ ଲେଖାର ତାରିଫ୍ କରନ୍ତି ନାହିଁ ।

କାନ୍ତକବି ହସି ପକାଇଲେ । କଥା ଅନ୍ୟଆଡ଼େ ଗଡ଼ିଗଲା । ଢ଼େଙ୍କାନାଳ ଠାରୁ ଢ଼େଙ୍କିଶାଳ ଯାଏ କେତେ ଯେ କଥା ତାଙ୍କ ସହ ମୋର ହୋଇଗଲା ତାର କିଛି ଇୟତ୍ତା ରହିଲା ନାହିଁ । ମୁଁ ବହୁତ ଥର ହସି ହସି ବେଦମ୍ ହୋଇଗଲି । କାନ୍ତକବି କିନ୍ତୁ ଠୋ ଠୋ ହୋଇ ହସିବାର ଲୋକ ନଥିଲେ । ତାଙ୍କ କଥାରେ ଅନ୍ୟ ଜଣେ ହସିବାର ଦେଖିଲେ ତାଙ୍କ ମୁଖମଣ୍ଡଳରେ କେବଳ ହସର ଛଟାଟା ଦିଶେ ।

ତାଙ୍କର ଆସିବା କଥା କଟକ ସହରରେ ଘୁରିଆଡ଼େ ରଷ୍ଟ ହୋଇଗଲା । କାଳିଚରଣ ପଟ୍ଟନାୟକ ପ୍ରତିଦିନ ଆସି କାନ୍ତକବିଙ୍କ ପାଦଧୂଳି ନେଇ ମୁଣ୍ଡରେ ମାରିବା ଏକ ନିତ୍ୟନୈମିତ୍ତିକ କ୍ରିୟା ହୋଇଗଲା । ନୀଳକଣ୍ଠ ଦାସ, ଗୋପୀନାଥ ମହାନ୍ତି, କାଳିନ୍ଦୀ ପାଣିଗ୍ରାହୀ, ବୈକୁଣ୍ଠ ପଟ୍ଟନାୟକ, ବିଚିତ୍ରାନନ୍ଦ ମହାନ୍ତି ପ୍ରଭୃତି ଶୀର୍ଷସ୍ଥାନୀୟ ବ୍ୟକ୍ତିମାନେ କାନ୍ତକବିଙ୍କ ପାଖକୁ ଆସୁଥିଲେ । କାନ୍ତକବିଙ୍କୁ ଲେଖିବାଲାଗି ମୁହୂର୍ତ୍ତେ ହେଲେ ଫୁରୁସତ୍ ମିଳୁ ନଥିଲା । ସେ ସମୟରେ କେନ୍ଦୁଝରର ଅବସରପ୍ରାପ୍ତ ଏସ୍.ପି. ବୈକୁଣ୍ଠବାବୁ ଆସି ତଗର ପ୍ରେସ୍‌ରେ ଅବସ୍ଥାନ କରୁଥିଲେ । ଦୁଇପ୍ରହର ସମୟଟି କାନ୍ତକବିଙ୍କ ପକ୍ଷରେ ଲେଖିବାକୁ ସୁବିଧାଜନକ ହେବ ଭବି ଆମେ ସେହି ସମୟରେ କାନ୍ତକବିଙ୍କ ସଙ୍ଗେ ସମସ୍ତଙ୍କ ସାକ୍ଷାତ୍‌କାର ବନ୍ଦ କରଇ ଦେଲୁ । କାନ୍ତକବି ଶୋଇ-ଛନ୍ତି ବୋଲି କହି ସମସ୍ତଙ୍କୁ ଫେରଇ ଦେଉଥିଲୁ । ସେହି ଦୁଇପ୍ରହର ସମୟରେ ନିରୋଳାରେ ଥାଇ କାନ୍ତକବି 'କଣା ମାମୁଁ' ଲେଖିବା ଆରମ୍ଭ କରିଦେଲେ । ମୁଁ ନିଜେ ମଧ୍ୟ ଦ୍ୱିପ୍ରହର ବେଳା କାନ୍ତକବିଙ୍କ ପାଖରେ ନରହି ଘରେ ଚୁପ୍‌ଚାପ୍ ରହିଲି । ଅପରାହ୍ଣରେ ତାଙ୍କ ପାଖରେ ଆସି ପହଞ୍ଚିଲେ ସେ ଲେଖିଥିବା ଅଂଶତକ ପଢ଼ନ୍ତି । ମୁଁ ତନ୍ମୟ ହୋଇ ସେତକ ଶୁଣେ । ଏହିପରି ଭବରେ ଲେଖି କାନ୍ତକବି ଦୁଇମାସ୍ ଭିତରେ 'କଣା ମାମୁଁ' ସାରିଦେଲେ । କାନ୍ତକବି ବାଧ୍ୟ ହୋଇ 'କଣା ମାମୁଁ' ଲେଖାଟିକୁ ଶେଷ କରିଥିଲେ । ସେ ଦିନେ ଖେଦ ପ୍ରକାଶ କରି କହିଲେ—ମାଲିମକଦମା ଆଦିର ବିରକ୍ତିଜନକ ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ମୁଁ କିଛିଦିନ ପାଇଁ ଏଠାକୁ ପଳାଇ ଆସିଲି କିନ୍ତୁ ମାଲିମକଦମା ଗୁଡ଼ାକ ଭଦ୍ରକରୁ ମୋତେ ଗୋଡ଼ାଇ ଗୋଡ଼ାଇ ଆସି ଏଠାରେ ପହଞ୍ଚିଲେଣି । ଗୁମାସ୍ତାମାନେ ମକଦମାର ନଥିପତ୍ର ଧରି ଭଦ୍ରକରୁ ଏଠାକୁ ବାରମ୍ବାର ଆସିଲେ । ସେସବୁ ବିରକ୍ତିକର ଜିନିଷର ଆଲୋଚନା ଦ୍ୱାରା ବ୍ୟଥିତ ହୋଇ କାନ୍ତ କବି 'କଣା ମାମୁଁ'କୁ ତରତର ହୋଇ ଶେଷ କରି ଦେଲେ । ତାକୁ ବଢ଼ାଇବାକୁ ମୁଁ ଯେତେ ଅନୁନୟ ବିନୟ କଲି ସେଥିରେ ସେ ନିଜର ଅକ୍ଷମତା ପ୍ରକାଶ କଲେ । ସେ କହିଲେ—ମାଲିମକଦମା ବିଷୟ ଚର୍ଚ୍ଚା ଓ ସାହିତ୍ୟ ଚର୍ଚ୍ଚା ଏକାଠି ଚଳିପାରିବ ନାହିଁ ।

ଦିନେ ସେ ମୋତେ କହିଲେ—ମୋର ଇଚ୍ଛାଥିଲା ଯେ ଭରତର ସଶସ୍ତ୍ର ମୁକ୍ତି ସଂଗ୍ରାମରେ କଣା ମାମୁଁଙ୍କର ଯୋଗଦାନ କରଇଥାନ୍ତି ଏବଂ ଭରତ ସ୍ୱାଧୀନତା ପ୍ରାପ୍ତିର

Digitized by srujanika@gmail.com

ଚିତ୍ର ଦେଇଥାନ୍ତି କିନ୍ତୁ ତାହା ଆଉ କରି ହେବ ନାହିଁ । ମନଟା ଏକାବେଳକେ ଭାଙ୍ଗି ଗଲାଣି ।

ଏହି ସମୟରେ ଦିନେ ବିଖ୍ୟାତ ଚିତ୍ରକର ବିଦ୍ୟାଧର ବର୍ମାବାବୁ କାନ୍ତକବିଙ୍କ ପାଖକୁ ଆସିଥିଲେ । ସେ ଦିହେଁ କଥାବାର୍ତ୍ତା ହେଉଥିବା ସମୟରେ କବି ରାଧାମୋହନ ଗଡ଼ନାୟକ ସେଠାରେ ପହଞ୍ଚିଲେ । ସେଇଠି ବସି ବର୍ମାବାବୁ କାନ୍ତକବିଙ୍କର ଗୋଟାଏ ରେଖା ଚିତ୍ର ଚଟାପଟ୍ ଆଙ୍କିଦେଲେ । ତାକୁ କାନ୍ତକବି ଦେଖି ଭାରି ଖୁସିହେଲେ । ତା'ପରେ କାନ୍ତକବି ନିଜେ ଶିଳ୍ପୀ ଚିତ୍ରକର ବର୍ମାଙ୍କ ଉପରେ ଗୋଟିଏ କ୍ଷୁଦ୍ର କବିତା ସଙ୍ଗେ ସଙ୍ଗେ ଲେଖିଦେଲେ । ବର୍ମା ଚିତ୍ରଟି କାନ୍ତକବିଙ୍କୁ ଉପହାର ଦେଲେ । କାନ୍ତକବି ବର୍ମାଙ୍କୁ କବିତାଟି ଉପହାର ଦେଲେ । ଦୁହେଁ ବେଶ୍ ଆନନ୍ଦ ଅନୁଭବ କଲେ । କବି ଗଡ଼ନାୟକ ବସି ବସି ସବୁ ଦେଖୁଥିଲେ । ସେ ଭାବବିହ୍ୱଳ ହୋଇ କହି ଉଠିଲେ—କବି ଚିତ୍ରକରଙ୍କୁ ଚିହ୍ନିଲା । ଚିତ୍ରକର କବିଙ୍କୁ ଚିହ୍ନିଲା କିନ୍ତୁ ସେ ଦୁହିଁଙ୍କୁ ଦେଶ ଚିହ୍ନିପାରିଲା ନାହିଁ । ପଥରରେ ଅକ୍ଷର ଖୋଳାହେଲା ପରି ଏ କଥାଟି ମୋ ମନରେ ଖୋଳି ହୋଇଗଲା ।

କାଳିଚରଣ ପଟ୍ଟନାୟକ ନିୟମିତ ରୂପେ କାନ୍ତକବିଙ୍କ ପାଖକୁ ପ୍ରତିଦିନ ଆସୁଥାନ୍ତି । ଦିନେ ସେ ସୁମତି ଦେବୀଙ୍କୁ ସାଙ୍ଗରେ ଘେନି ଆସିଥିଲେ । ସୁମତି ଦେବୀ ମଧ୍ୟ ତାଙ୍କ ସନ୍ତାନଙ୍କୁ କାଖେଇ ସାଙ୍ଗରେ ଆଣିଥାନ୍ତି । କାନ୍ତକବି ଦୁହିଁଙ୍କୁ ବହୁତ ଥଟ୍ଟା ନକଲ କରିସାରି ପିଲାଟିକୁ ବହୁତ ଗେଲ କଲେ ଏବଂ କାଳିବାବୁଙ୍କୁ ଚାହିଁ କହିଲେ—ହଇ ହେ, ଏ ପିଲାଟିର ମୁହଁ କ'ଣ ତୁମରି ମୁହଁ ଭଳି ଠିକ୍ ହୋଇଛି । ଉଭୟ କାଳିବାବୁ ଏବଂ ସୁମତି ଦେବୀ ଲଜ୍ଜାରେ ହୋଇଯାଇ ତଳକୁ ମୁହଁ ପୋତି ପକାଇଲେ । କିଛି ସମୟ ପରେ କାନ୍ତକବି କାଳିବାବୁଙ୍କୁ କହିଲେ ଯେ ସେ ବହୁ ଅସୁବିଧାର ସମ୍ମୁଖୀନ ହୋଇ କଟକକୁ ଚାଲି ଆସିଛନ୍ତି । ତାଙ୍କର ଭାରି ଇଚ୍ଛା ସେ କେମିତି ଟିକେ କୋଣାର୍କ ମନ୍ଦିର ଦେଖନ୍ତେ । କାଳିବାବୁ ତା'ର ଯୋଗାଡ଼ କରିଦେବାକୁ ସେହିଠାରେ ଅଙ୍ଗୀକାର କଲେ । କୋଣାର୍କ ଦେଖିବାର ଇଚ୍ଛାକୁ ସେ ସମସ୍ତଙ୍କ ଆଗରେ ପ୍ରକଟ କରୁଥିଲେ । ଥରେ ପଣ୍ଡିତ ନୀଳକଣ୍ଠ ଦାସ ଓ ଔପନ୍ୟାସିକ ଗୋପୀନାଥ ମହାନ୍ତି ରାତିରେ ତାଙ୍କ ପାଖରେ ବସିଥିଲେ । କାନ୍ତକବିଙ୍କର କୋଣାର୍କ ଦର୍ଶନ ଇଚ୍ଛା ଥିବାର ଜାଣି ନୀଳକଣ୍ଠ ଦାସ କୋଣାର୍କ ମନ୍ଦିର ବିଷୟରେ ନାନାକଥା କହି ଶେଷରେ କହିଦେଲେ—"Konark is a de-gradation of oriya culture" । ମୁଁ ଏ ଉକ୍ତିର ଯଥାର୍ଥ୍ୟ କିଛି ବୁଝି ପାରିଲି ନାହିଁ । ଏଡ଼େ ବଡ଼ ବିଜ୍ଞ ପଣ୍ଡିତଙ୍କୁ ଏ ବିଷୟରେ ପ୍ରଶ୍ନ କରିବା ମୋ ପରି ଏକ ଅନାଡ଼ି ଯୁବକ ପକ୍ଷେ ଧୃଷ୍ଟତା ହୋଇଥାନ୍ତା ଭାବି ମୁଁ ଚୁପ୍ ରହିଗଲି । ଏହାପରେ କଟକ ମ୍ୟୁନିସିପାଲିଟିର ତତ୍କାଳୀନ ଚେୟାରମ୍ୟାନ୍, କାନ୍ତକବି, କାଳିବାବୁ, ସୁମତି ଦେବୀ ଓ କାନ୍ତକବିଙ୍କ ଜଣେ ଭୃତ୍ୟଙ୍କୁ ନେଇ କୋଣାର୍କ ଦେଖାଇ ଆଣିଥିଲେ । କୋଣାର୍କକୁ ଦେଖି କାନ୍ତକବି ତନ୍ମୟ ହୋଇଯାଇଁ ଭାବ ସମୁଦ୍ରରେ ବୁଡ଼ିଗଲେ ବୋଲି ମୁଁ ଶୁଣିଲି । ଉତ୍କଳ ବିଶ୍ୱବିଦ୍ୟାଳୟରେ କାନ୍ତକବିଙ୍କୁ ସାଦର ଅଭ୍ୟର୍ଥନା କରାଯାଇ ଥିଲା । କଟକର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ନିଜ

Digitized by srujanika@gmail.com

ନିଜ ଘରେ ମନୋଜ୍ଞ ପରିବେଶରେ ତାଙ୍କୁ ଅଭ୍ୟର୍ଥନା କରିଥିଲେ । ଅଧିକାଂଶ ସ୍ଥାନରେ ସେ ଅନୁରୁଦ୍ଧ ହୋଇ ତାଙ୍କର ପ୍ରିୟ ଏକତାର ବାଦନ ସଙ୍ଗେ ସଙ୍ଗେ ଜୀବନ ସଂଗୀତ ଗାନ କରିଥିଲେ । ଏପରି ଦରଦୀ ହୃଦୟ ଓ କଣ୍ଠରେ ସେ ଗାନ କରିଥିଲେ ଯେ ପ୍ରାୟ ସମସ୍ତଙ୍କର ଆଖିରୁ ଅଶ୍ରୁ ବିଗଳିତ ହୋଇ ପଡ଼ିଥିଲା ।

କାନ୍ତକବିଙ୍କର କନିଷ୍ଠ ପୁତ୍ର ଗୌରଚନ୍ଦ୍ର ଭଦ୍ରକରେ ଥିଲେ । ତାଙ୍କ ଶ୍ୱଶୁରଘରେ ଜଣେ କିଏ ମରିଯିବାରୁ ସେମାନେ ଗୌରଚନ୍ଦ୍ରଙ୍କର ପତ୍ନୀଙ୍କୁ ନେବାକୁ ଆସିଥିଲେ । ଗୌରଚନ୍ଦ୍ର ନିଜ ସ୍ତ୍ରୀଙ୍କୁ ବାପ ଘରକୁ ପଠାଇବାର ଦାୟିତ୍ୱ ନିଜେ ବହନ କଲେ ନାହିଁ । ସେ ଶ୍ୱଶୁର ଘର ଲୋକଙ୍କୁ କଟକରେ ଥିବା ତାଙ୍କର ବାପା ଓ ବୋଉଙ୍କ ପାଖକୁ ପଠାଇ ଦେଲେ । ସେମାନେ ଆସି ଡଗର ପ୍ରେସ୍‌ରେ ତାଙ୍କ ପାଖରେ ପହଞ୍ଚିଲେ । ସେତିକିବେଳେ କାନ୍ତକବିଙ୍କ ସ୍ତ୍ରୀ ଲବଙ୍ଗଲତା ଦେବୀ ଡଗର ପ୍ରେସ୍‌ରେ ଅନୁପସ୍ଥିତ ଥିଲେ । କଟକସ୍ଥ ଜଣେ କାନ୍ତକବିଙ୍କ ବନ୍ଧୁ ଲବଙ୍ଗଲତା ଦେବୀଙ୍କୁ ତାଙ୍କ ଘରକୁ ନିମ-ନ୍ତ୍ରଣ କରି ନେଇଯାଇଥିଲେ । କାନ୍ତକବି ସମ୍ବନ୍ଧିଘରୁ ଆସିଥିବା ଲୋକଙ୍କୁ ସାଫ୍‌ସାଫ୍ କହିଦେଲେ ଯେ ସେ ତାହା କରି ପାରିବେ ନାହିଁ । ସେ କାମ ଲବଙ୍ଗଲତା ଦେବୀ କରିବେ । କିନ୍ତୁ ସେ ସଙ୍ଗେ ସଙ୍ଗେ ନେବାଲାଗି ବିକଳ ହୋଇ ପ୍ରାର୍ଥନା କଲେ । ଲବଙ୍ଗ-ଲତା ଦେବୀ ବନ୍ଧୁ ଘରୁ ଫେରୁ ଫେରୁ ରାତି ହୋଇଯିବାର ଜଣାଥିଲା । ତେଣୁ ଝିଅକୁ ନେବାକୁ ଆସିଥିବା ଆଗନ୍ତୁକ କନ୍ଦାକଟା କରିବାରୁ କାନ୍ତକବିଙ୍କ ହୃଦୟ ବିଗଳିତ ହୋଇଗଲା । ସେ ମୋତେ କହିଲେ ଯେ ତାଙ୍କ ଝିଅ ପ୍ରଥମ ଥର ପାଇଁ ବାପ ଘରକୁ ଯିବ । ଅଶୌଚ କାର୍ଯ୍ୟରେ ପ୍ରଥମେ ଝିଅ ବାପଘରକୁ ଯିବା ମନା । ତମ ମାଉସୀ ଆସିଲେ ସେ ଯଦି ଜାଣିବେ ମୁଁ ଝିଅକୁ ପଠାଇ ଦେଇଛି ତେବେ ମୋ ଅବସ୍ଥା ଗାଆଣ ଗାଇବନି । ତୁମେ କ'ଣ ଭବୁଛ ? ମୋ ପଠାଇବାଟା ଠିକ୍ ହେବନି ? ସେମାନେ ଆସି କାନ୍ଦ କାନ୍ଦ ହୋଇ ମୋତେ ମଧ୍ୟ ଅନୁରୋଧ କଲେ । ମୁଁ ଏଥିରେ ବିଗଳିତ ହୋଇପଡ଼ି କହିଲି–ମଉସା, ଏପରି ଅଯଥା କୁସଂସ୍କାରର ଦାସ ହେବା ଉଚିତ ନୁହେଁ । ଆପଣ ପଠାଇ ଦିଅନ୍ତୁ । ସେ ସାଙ୍ଗେ ସାଙ୍ଗେ ମୋତେ କହିଲେ–ତମ ମାଉସୀଙ୍କୁ ତୁମେ ସମ୍ଭାଳି ପାରିବ ତ ?

ମୁଁ ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଲି ଯେ ମୁଁ ତାଙ୍କୁ ବୁଝାଇଦେବି । ତହୁଁ କାନ୍ତକବି ତାଙ୍କ ଝିଅକୁ ନେବା ଲାଗି ତାଙ୍କୁ ଅନୁମତି ଦେଇଦେଲେ ଓ ଚିଠିଖଣ୍ଡେ ଲେଖି ଗୌରବାବୁଙ୍କ ପାଖକୁ ପଠାଇଦେଲେ । ସେମାନେ ଛାତିପିଟି ହୋଇ ଭଦ୍ରକ ପଳାଇ ଗଲେ । ସେମାନଙ୍କ ଯିବାପରେ କାନ୍ତକବି ମୋତେ କହିଲେ–ଜୀଉ ! ତୁମ କଥାରେ କେବଳ ମୁଁ ପଠାଇଦେଲି । ତୁମ ମାଉସୀ ଯେ କେଡ଼େ ରାଗୀ ତୁମେ ଜାଣିନ ସେ ଏଠି ଆସିବାମାତ୍ରେ ଏକ ଭୂମିକମ୍ପ ସୃଷ୍ଟି କରିବେ । ମୁଁ କିଛିମାତ୍ର କହିବି ନାହିଁ । ତୁମେ ସବୁକିଛି ତୁଲେଇବ । ମୁଁ ସେଥିପାଇଁ ପ୍ରସ୍ତୁତ ବୋଲି କହି ତାଙ୍କୁ ପ୍ରବୋଧ ଦେଲି । ସନ୍ଧ୍ୟାବେଳକୁ ସେ ଆସିଲେ । ମୋ ଛାତି ଟିକେ ଧୁଡ ଧୁଡ୍ ହେଲା । ମୁଁ ବାହାର ଅଫିସ୍ ଘରେ ଯାଇ ବସିଲି । ସେ ଆସିବାମାତ୍ରେ କାନ୍ତକବିଙ୍କ ସହିତ ତାଙ୍କର କଥୋପ-କଥନ ମୋତେ ପ୍ରଥମେ କିଛି ଶୁଭିଲା ନାହିଁ । ତାପରେ ମାଉସୀଙ୍କର ପ୍ରଚଣ୍ଡ କ୍ରୋଧ ଓ

Digitized by srujanika@gmail.com

ଗାଳିଗୁଲଜ୍ ଶୁଣି ମୁଁ ଛାନିଆଁରେ ଘରକୁ ପଳାଇଗଲି । ମାଉସୀ ଏଡ଼େ ରାଗୀ ବୋଲି ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି । ପ୍ରାୟ ଘଣ୍ଟାକ ପରେ ପୁଣି ଆସି କାନ୍ତକବିଙ୍କ ପାଖରେ ପଡ଼ିଥିବା ଖଟରେ ଯାଇ ବସିଲି । ସେତେବେଳକୁ ସବୁ ଚୁପ୍ ଗୁପ୍ ହୋଇ ଯାଇଥିଲା । ଲବଙ୍ଗଲତା ଦେବୀ କାନ୍ତକବିଙ୍କ ପିଠିକୁ ବସି ଆଉଁସୁ ଥିଲେ । ମୁଁ ବାଲୁବାଲୁ କରି ଚାହିଁବା ଦେଖି କାନ୍ତକବି ଟିକେ ମୁରୁକି ହସାଦେଇ କହିଲେ– "ବୁଝିଲ, ତୁମର ପାଟିଶୁଣି ଜୀଉ ବୋଧହୁଏ ଭାବିଥିଲେ ଯେ ତମର ଆଉ ମୋର ଭିତରେ ଛାଡ଼ପତ୍ର ଯାଏ କଥା ଉଠିଯାଇଛି । ଏବେ ଆମେ ଏକାଠି ବସିଥିବା ଦେଖି ସେ ବାଲୁବାଲୁ କରି ଚାହୁଁଛି ।" ମୁଁ ହୋ ହୋ ହୋଇ ହସି ଉଠିଲି । ମାଉସୀ ମୋତେ ସମ୍ବୋଧନ କରି କହିଲେ–ତୁମେ ତ ଘର କରଣା କଥା ଜାଣିନା । ତେଣୁ ଏଡ଼େ ବଡ଼ କାମଟା କରିଦେଲ । ଏମିତିଆ ଭୁଲ୍ କାମ ଆଉ କେବେ କରିବନି, ମୁଁ ମେଣ୍ଢା ଛୁଆଟା ପରି କହିଲି–ପ୍ରକୃତରେ ମୁଁ ଏତେ ନଟଖଟ କଥା କୁଆଡୁ ଜାଣିବି । ଯାହାହେଉ ମୁଁ ଗୋଟାଏ ଜ୍ଞାନ ପାଇଲି । ଏମିତିଆ ଭୁଲ୍ ଆଉ କେବେ କରିବିନି । ଦୁହେଁ ମୁରୁକି ହସା ଦେଲେ । ମୋର ନେଙ୍ଗେରା କୋତରା ହସଟା ତାଙ୍କର ମୁରୁକି ହସା ସଙ୍ଗେ ସମାନ ଥିଲା ।

ତାଙ୍କର ପ୍ରତ୍ୟେକ କଥାରେ ହାସ୍ୟରସ ଭରପୂର ଥିଲା । ଥରେ ଗୋଟିଏ ସାମାନ୍ୟ କଥା ସେ କହିଲେ ଯେ ତାଙ୍କର ଜଣେ ଆତ୍ମୀୟା ଅଜାଣତରେ ହଠାତ୍ ତାଙ୍କ କୋଠରୀ ଭିତରକୁ ପଶି ଆସିଲା । ତାଙ୍କୁ ଜଣେ ବନ୍ଧୁଙ୍କ ସାଙ୍ଗରେ ବସିଥିବାର ଦେଖି ସେ ଜିଭ କାମୁଡ଼ି ପଛାଇ ଆସି ସେ ଘରୁ ବାହାରିଗଲା । ପାଖ ଲୋକ ଜଣାଙ୍କ କାନ୍ତକବିଙ୍କୁ ପଚାରିଲେ–ଏ କ'ଣ ହେଲା ? ସେ କହିଲେ–ତାଙ୍କ ଦେହର ସମସ୍ତ ଅଂଶ ସେ ମୋତେ ଦେଖାଇ ଅଛନ୍ତି । ଜିଭଟା ଦେଖାଇ ନଥିଲେ । ଆଜି ସେ ତାହା ଦେଖାଇ ଦେଲେ । ଏହା ଶୁଣି ଆମେ ତ ହସରେ ନେଙ୍ଗରା କୋତରା ହେଲୁ, ସେ କିନ୍ତୁ ମୁହଁ ଉପରେ ଟିକେ ମୁରୁକି ହସାର ଚିହ୍ନ ରଖି ଚୁପ୍ ହୋଇ ବସି ରହିଲେ ।

କାନ୍ତକବି ନିଜର ଜ୍ୟେଷ୍ଠ ପୁତ୍ର ନିତ୍ୟାନନ୍ଦ ବାବୁଙ୍କୁ ତୀବ୍ର ବ୍ୟଙ୍ଗ କରିବାକୁ ଛାଡୁ ନଥିଲେ । ଥରେ ଏକ ଦମ୍ପତି କାନ୍ତକବିଙ୍କୁ ସଙ୍ଖୋଳିବାକୁ ତାଙ୍କ ନିକଟରେ ଆସି ପହଞ୍ଚିଲେ । ନିତ୍ୟାନନ୍ଦ ବାବୁ ତାଙ୍କ କଡ଼ ଘରରେ ଥା'ନ୍ତି । ସେ ସଙ୍ଗେ ସଙ୍ଗେ ତାଙ୍କର ଅଭ୍ୟର୍ଥନା ପାଇଁ କିଛି ରସଗୋଲା ଆଣି ପାଖ ଘରେ ଦୁଇଟି ପ୍ଲେଟ୍‌ରେ ସଜାଡ଼ି ରଖିଲେ ଏବଂ ସେ ଦୁହିଁଙ୍କୁ ଡାକି ନେଇ ପାଖ ଘରେ ବସାଇ ଦେଲେ । କାନ୍ତକବି ମୋତେ ପାଖକୁ ଡାକି ଚୁପ୍‌ଚୁପ୍ କରି କହିଲେ–ଆମ ନିତାଇକୁ ଦେଖୁଛ ତ ? ଅନ୍ୟମାନଙ୍କ ପାଇଁ ସେ ବଗ ପକୁଡ଼ି ଆଣୁଛି, କିନ୍ତୁ ଯାଙ୍କ ପାଇଁ ସେ ରସଗୋଲା ନେଇ ଆସିଲା । ତାର ଇଚ୍ଛା ସେ ଏହିପରି ଝିଅଟିଏ ବାହା ହୁଅନ୍ତା ।

ମଉସା ନିଜ ପୁଅକୁ ଏପରି ଥଟ୍ଟା କରୁଥିବାର ଦେଖି ମୁଁ ତଳକୁ ମୁହଁ ପୋତି ହସିଲି । ସେ ଭଦ୍ରମହିଳା ଜଣଙ୍କ ଅସାମାନ୍ୟା ରୂପସୀ ଥିଲେ । କାନ୍ତକବି ଏହିପରି ଟିକି ଟିକି କଥା ମାଧ୍ୟମରେ ପ୍ରତିଦିନ ମୋ ଦେହରେ ହାସ୍ୟରସର ଇଞ୍ଜେକ୍‌ସନ୍ ପୂରାଉ ଥିଲେ । ମୋର ଇଚ୍ଛାଥିଲା ଯେ କାନ୍ତକବି ତାଙ୍କ ଶେଷ ଜୀବନଟା ଏହି ଡଗର

Digitized by srujanika@gmail.com

ପ୍ରେସ୍‌ରେ କଟାଇ ଦିଅନ୍ତେ । ସେଥିପାଇଁ ମଧ୍ୟ ମୁଁ ବାରମ୍ବାର ତାଙ୍କୁ ଅନୁରୋଧ କରୁଥିଲି ଆଉ କହୁଥିଲି ଯେ କଣା ମାମୁଁ ପରି ଆଉ ୪/୫ ଖଣ୍ଡ ବହି ବାହାରିପଡୁ । ଦିନେ ସେ ମୋତେ କହିଲେ—ଜୀଉ, ମୋର ମଧ୍ୟ ସେଇଆ ଇଚ୍ଛା ଥିଲା । କିନ୍ତୁ ବିଧିର ବିଡ଼ମ୍ବନା । ତାହା ହେବାର ଆଶା ଦେଖୁନାହିଁ । ମୋତେ ଗାଁଆରେ ପୁଣି ଗୁଡ଼ାଏ କଷ୍ଟ ଭୋଗିବାକୁ ବାକି ଅଛି । ମୁଁ ତାଳପଦାକୁ ଶୀଘ୍ର ଫେରି ନଗଲେ ସେଠାରେ ସମ୍ପତ୍ତିବାଡ଼ି ସବୁ ଖିନ୍‌ଖରପ ହୋଇଯିବ । ଗୁମାସ୍ତାମାନେ କିଛି କରିପାରୁ ନାହାନ୍ତି ବା ଜାଣି ଜାଣି କରୁନାହାନ୍ତି । ଗାଆଁରେ ସମ୍ପତ୍ତିବାଡ଼ି ନେଇ ଖୁବ୍ ଗଣ୍ଡଗୋଳ ଲାଗିଗଲାଣି । ମୁଁ ତୁରନ୍ତ ସେଠାକୁ ନଗଲେ ସବୁକିଛି ବିଭ୍ରାଟ ହୋଇଯିବ ।

କିଛି ଦିନ ପରେ ସତକୁ ସତ ସେ ସସ୍ତ୍ରୀକ ଓ ଚାକରବାକରଙ୍କ ସହିତ ତାଳପଦା ଚାଲିଗଲେ । ମୋତେ ଡଗର ପ୍ରେସ୍‌ଟା ଭରି ଖାଁ 'ଖାଁ' ଲାଗିଲା । ମୋ ମନରୁ ସରସତା ଏକାବେଳକେ ଉଭେଇଗଲା । ଡଗର ପ୍ରେସ୍‌ଟା ଏହି ସମୟରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ପୀଠସ୍ଥଳ ହୋଇଯାଇଥିଲା । ତରୁଣ ତଥା ପୋଖତ ସାହିତ୍ୟିକମାନେ ନିୟମିତଭାବେ ଡଗର ପ୍ରେସ୍‌କୁ ଆସୁଥିଲେ । ଏମାନଙ୍କ ଭିତରୁ କୃଷ୍ଣଚରଣ ବେହେରା ଡଗର ପ୍ରେସ୍‌ରେ ରହି ଡଗରର ଶ୍ରୀ ବୃଦ୍ଧିରେ ସାହାଯ୍ୟ କରୁଥିଲେ । ନିତ୍ୟାନନ୍ଦ ବାବୁ ମୋ ଉପରେ ପ୍ରଗାଢ଼ ଆସ୍ଥା ସ୍ଥାପନ କରିଥିଲେ । ତାଙ୍କ ଅନୁଜଙ୍କଠାରୁ ମଧ୍ୟ ଅଧିକ ଶ୍ରଦ୍ଧା ମୋତେ କରୁଥିଲେ । ତାଙ୍କର ଅନୁପସ୍ଥିତିରେ ମୁଁ ସବୁ କାର୍ଯ୍ୟ ଡଗର ପ୍ରେସ୍‌ରେ ତୁଲାଉଥିଲି । ସେ ମୋତେ ଏତେଦୂର ବିଶ୍ୱାସ କରୁଥିଲେ ଯେ ତାଙ୍କ ଜୀବନର ସମସ୍ତ ଗୋପନ କଥା ମଧ୍ୟ ମୋତେ କହି ଦେଉଥିଲେ ।

ଆମ ଇଜ୍‌ମାଇଲ୍ ପରିବାରର ଏକମାତ୍ର କର୍ତ୍ତା ମୋର ଜେଜେୟୀ କବିରାଜ ପଦ୍ମନାଭ ମିଶ୍ର ଦିନେ ହଠାତ୍ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଗୁହୁଁ ଗୁହୁଁ ଟଳି ପଡ଼ିଲେ । ଗୋଟିଏ ବିରାଟ ପରିବାରର ସେ ଏକମାତ୍ର ଚାଳକ ଥିଲେ । ଅନ୍ୟ କାହାରି ପଇସାଟିଏ ରୋଜଗାର କରିବାର କ୍ଷମତା ସେତେବେଳେ ହୋଇ ନଥିଲା । ଆମମାନଙ୍କ ଉପରେ ବଜ୍ର ପଡ଼ିଗଲା । ଜେଜେୟୀ ମରିବା ସଙ୍ଗେ ଅରୁଚିକର ସମ୍ପତ୍ତି ବଣ୍ଟନର ଆୟୋଜନ ଚାଲିଲା । ମୋ ବାପା ତିନିଭାଇ ଥିଲେ । ସମ୍ପତ୍ତି ତିନି ଭାଗରେ ବଣ୍ଟାହେବା କଥା । କେହି କେହି ମୋତେ ବାଦ ଦେଇ ସମ୍ପତ୍ତି ଦୁଇଭାଗରେ ବାଣ୍ଟିବାକୁ ପ୍ରସ୍ତାବ ଦେଲେ । ସେତେବେଳେ ମୁଁ ଅନ୍ଧ ଓ ଅକ୍ଷମ ଥିବାରୁ ମୋତେ ସମ୍ପତ୍ତିରୁ ବଞ୍ଚିତ କରିବା ଲାଗି ଏହି ପ୍ରସ୍ତାବ ଉଠିଥିଲା । ଏକଥା ଜାଣିପାରି ମୁଁ ହାଉଳି ଖାଇଗଲି । ଯୋଗକୁ ସେତେବେଳେ କାନ୍ତକବି ଡଗର ପ୍ରେସ୍‌ରେ ଥିଲେ । ତାଙ୍କୁ ମୋ ଦୁଃଖ କଥା କହିଲି । ସେ ମୋତେ ପ୍ରବୋଧ ଦେଇ କହିଲେ—ବ୍ୟସ୍ତ ହୁଅ ନାହିଁ । ତୁମେ ତ ଦେଖୁଛ ଏଠାକୁ ବଡ଼ ବଡ଼ ଓକିଲ ଆସୁଛନ୍ତି । ତୁମେ ଏଠାରେ ବସିଥିବ । ସେମାନେ ଆସିଲେ ମୁଁ ସେମାନଙ୍କୁ ତୁମ ବିଷୟ କହି ସମସ୍ତ ବୁଝି ନେବି ।

ଦିନେ ଯୋଗକୁ ଦୁଇଜଣ ନାମଯାଦା ଓକିଲ ଓ ଜଣେ ସବ୍‌ଜଜ୍ କାନ୍ତକବିଙ୍କ ପାଖକୁ ଆସିଲେ । ସେମାନେ ଆସିବାମାତ୍ରେ କାନ୍ତକବି ମୋ ବିଷୟ ସେମାନଙ୍କୁ କହି ସେମାନଙ୍କ ମତାମତ ପଚାରିଲେ । ସେମାନେ ସମସ୍ତେ ମତ ଦେଇ କହିଲେ ଯେ ମୋର

Digitized by srujanika@gmail.com

ଅବସ୍ଥା ଶିକ୍ଷା ଓ ପ୍ରତିଷ୍ଠା ଯାହା ସେଥିରେ କେହି ମୋତେ ସମ୍ପତ୍ତିରୁ ବଞ୍ଚିତ କରି ପାରିବ ନାହିଁ । ଏତକ ଶୁଣିବା ମାତ୍ରେ ମୋ ମନ ଆଶ୍ୱସ୍ତ ହେଲା । ମୋର ଏକମାତ୍ର ଆଶ୍ରୟ ସ୍ଥଳ ଥିଲା ମୋ ବୋଉ । କେବଳ ତାରି ନିରାପତ୍ତା ପାଇଁ ମୁଁ କିଛି ସମ୍ପତ୍ତି ହାତରେ ରଖିବାକୁ ଚାହୁଁଥିଲି । ପ୍ରକୃତପକ୍ଷେ ମୋର ସମ୍ପତ୍ତି ଲୋଭ ଟିକେ ହେଲେ ନ ଥିଲା । ଦି ଓଳି ଦି ମୁଠା ଖାଇବା ଓ ଲଜ୍ଜା ନିବାରଣ ପାଇଁ ଯାଇତାଇ ଦିଖଣ୍ଡ ଲୁଗାରେ ମୁଁ ସନ୍ତୁଷ୍ଟ ରହୁଥିଲି । ସମ୍ପତ୍ତି ମୋତେ ଏକ ବୋଝ ପରି ଜଣା ପଡୁଥିଲା ।

ଏହି ସମୟରେ ସାଧାରଣ ନିର୍ବାଚନ ଆସିଥିଲା । ନିତ୍ୟାନନ୍ଦ ବାବୁ ଓଡ଼ିଶା ବିଧାନସଭା ପାଇଁ ଭଦ୍ରକରୁ ପ୍ରତିଦ୍ୱନ୍ଦିତା କରି ଜୟଲାଭ କଲେ । ସେ ସ୍ୱାଧୀନଭାବରେ ଲଢିଥିଲେ । ଭଦ୍ରକ ମୁସଲ୍‌ମାନବହୁଳ ଅଞ୍ଚଳ ଥିଲା । ମହମ୍ମଦ ହନିଫ୍ ଭଦ୍ରକରୁ କଂଗ୍ରେସ ପ୍ରାର୍ଥୀ ଥିଲେ । ସ୍ୱୟଂ ଜବାହାର୍‌ଲାଲ୍ ଆସି ଭଦ୍ରକରେ କଂଗ୍ରେସ ପାଇଁ ପ୍ରଚାର କରିଥିଲେ । ତଥାପି ନିତ୍ୟାନନ୍ଦ ବାବୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଜୟଲାଭ କରିଥିଲେ । ସେ ପ୍ରେସ୍‌କୁ ତାଙ୍କର ବଡ଼ ମାମୁଁ ରାଇମୋହନ ଦାସଙ୍କୁ ହସ୍ତାନ୍ତର କରି ଭୁବନେଶ୍ୱରରେ ଯାଇ ରହିଲେ । ପ୍ରେସ୍‌ର ଟେକ୍‌ନିକାଲ୍ ବିଷୟ ସବୁ ବୁଝିବାଲାଗି ବସନ୍ତ କୁମାର ମହାନ୍ତି ଓ ରାମଚନ୍ଦ୍ର ମହାନ୍ତି ନାମରେ ଦୁଇଜଣ କର୍ମଚାରୀ ଥିଲେ । ବାକୀ ଭାର ତକ ମୋ ଉପରେ ରହିଲା । ମଝିରେ ମଝିରେ ନିତ୍ୟାନନ୍ଦ ବାବୁ ଆସୁଥିଲେ । ସେ କେତେବେଳେ ଭୁବନେଶ୍ୱରରୁ ଲେଖା ପଠାଉ ଥିଲେ । ବେଳେ ବେଳେ ଡଗର ପ୍ରେସ୍‌ରେ ଥାଇ ସେ ଲେଖୁଥିଲେ । ପ୍ରେସ୍‌ରେ ଥିଲାବେଳେ ସେ 'ଡଗର' ପାଇଁ ଆସିଥିବା ଲେଖାଗୁଡ଼ିକ ଯାଞ୍ଚ କରି ଲେଖାତକ ବାଛୁଥିଲେ । ସେ ନଥିଲା ବେଳେ ମୁଁ ପ୍ରାଥମିକ ବଛାବଛି କରି ରଖୁଥିଲି । ମୋର ପସନ୍ଦ ଲେଖାଗୁଡ଼ିକୁ ସେ କେବେହେଲେ ବାଦ ଦେଇ ନଥିଲେ । ନିଜ ଲେଖାସହ ଆଉ କେତୋଟି ଲେଖା ସେଥିରେ ଯୋଗ କରି ଦେଉଥିଲେ । ସେ 'ବିଲୁଆ ବିଚାର' 'ତାରେ ତାରେ ତାନା ନାନା' 'ହାସ୍ୟଗଳ୍ପ' ଓ ହାସ୍ୟ କବିତା ପ୍ରଭୃତି ଧାରାବାହିକ ଲେଖୁଥିଲେ । କିନ୍ତୁ ବିଧାନସଭାର କାର୍ଯ୍ୟକ୍ରମରେ ଜଡ଼ିତ ରହିବାରୁ ଅନେକ ସମୟରେ ଦେଖି ପାରିଲେ ନାହିଁ । ସେତେବେଳକୁ ସେହିପରି ଲେଖାସବୁ ଲେଖିବା ପାଇଁ ମୋ ହାତରେ ଜୋର୍ ଆସି ଯାଇଥିଲା । ମୁଁ ସେପରି ଲେଖାସବୁ ଲେଖି-ବାକୁ ଶିଖିଗଲି । ନିତ୍ୟାନନ୍ଦ ବାବୁ ତାକୁ ସଂଶୋଧିତ ଓ ପରିବର୍ତ୍ତିତ କରି ଦେଉଥିଲେ । ପରେ ପରେ ସେ ଆଉ ସେପରି କଲେ ନାହିଁ । ମୋର ଆତ୍ମବିଶ୍ୱାସଟା ଖୁବ୍ ବଢିଗଲା । ମୁଁ ମନଇଚ୍ଛା 'ଡଗର'ରେ ଲେଖିବାକୁ ଲାଗିଲି । ପ୍ରଥମେ ମୁଁ ଭାବିଥିଲି ଯେ ଲେଖା-ଗୁଡ଼ିକ କରୁଣ ରସାତ୍ମକ ହେଲେ ଲୋକଙ୍କର ବେଶୀ ଆଦର ପାଏ । ସେଥିଲାଗି ମୁଁ ଆରମ୍ଭରେ କରୁଣ ରସାତ୍ମକ ଗପସବୁ ଲେଖୁଥିଲି । ତହିଁରେ କିନ୍ତୁ ହାସ୍ୟରସର ପୁଟ ରହି ଯାଉଥିଲା । ହସକାଳିରେ ଲେଖିବା ମୋର ସ୍ୱଭାବ ଥିଲା । କେବଳ ବେଶୀ ଲୋକ ଆଦର ପାଇବା ଲାଗି ମୁଁ ମୋ କଲମରେ କରୁଣକାଳି ଭର୍ତ୍ତିକରୁ ଥିଲି । ଲୋକେ ବେଶୀ ଆଦର କରୁଛନ୍ତି କି ନାହିଁ ତାହା ମୁଁ ଜାଣି ନଥିଲି । ମୂଳରୁ ଆଦିରସାତ୍ମକ ଗଳ୍ପଲେଖିବା ମୋତେ ଅରୁଚିକର ବୋଧ ହେଉଥିଲା । ସେଥିଲାଗି ହସର ସ୍ୱଳ୍ପ ପୁଟଥିବା କରୁଣ ରସାତ୍ମକ ଗଳ୍ପ ସବୁ ମୁଁ ଲେଖୁଥିଲି ।

Digitized by srujanika@gmail.com

କଲେଜ୍ ଛାତ୍ରମାନଙ୍କ ଠାରୁ ଆସୁଥିବା ସବୁ ହସ ଗଳ୍ପରେ କଲେଜ୍ ଛାତ୍ରୀ ଓ କଲେଜ୍ ଛାତ୍ରଙ୍କର ଗୋପନ ପ୍ରେମ ଅଭିସାରରେ ବିଭ୍ରାଟ ବର୍ଣ୍ଣିତ ହେଉଥିଲା । କୌଣସି ଗୋଟିଏ ହେଲେ ଗଳ୍ପ ଏପରି ବର୍ଣ୍ଣନାରୁ ବର୍ଜିତ ହେଉ ନଥିଲା । ଏଗୁଡ଼ା ପଢ଼ି ପଢ଼ି ମୋ ମନ ପିତା ହୋଇ ଯାଇଥିଲା । ଦିନେ ନିତ୍ୟାନନ୍ଦ ବାବୁଙ୍କ ପାଖରେ ବସିଥିବା-ବେଳେ ମୁଁ ବିରକ୍ତ ହୋଇ କହିଲି—ଛାତ୍ରଛାତ୍ରୀଙ୍କର ବିଭ୍ରାଟିଆ ଅଭିସାର ଛାଡ଼ିଦେଲେ କ'ଣ ହାସ୍ୟରସର ସଞ୍ଚାର ହୁଏ ନାହିଁ ? ତାହା କ'ଣ ହାସ୍ୟରସାତ୍ମକ ଗଳ୍ପ ପଦବାଚ୍ୟ ହେବ ନାହିଁ ?

ନିତ୍ୟାନନ୍ଦ ବାବୁ କହିଲେ—ପ୍ରକୃତରେ ସେତକ ନ ହେଲେ ହାସ୍ୟରସର ଉଦ୍ରେକ ହେବ ନାହିଁ । ଆମ ପାଖରେ ଆଉ ଜଣେ ସାହିତ୍ୟିକ ବନ୍ଧୁ ବସିଥିଲେ । ସେ ମଧ୍ୟ ସେହି ମତ ପ୍ରକାଶ କଲେ । ସେଇଠି ମୁଁ କହିଲି—ଆଜିଠାରୁ ଶୃଙ୍ଗାର ରସକୁ ସମ୍ପୂର୍ଣ୍ଣଭାବେ ବର୍ଜନ କରି ମୁଁ ହାସ୍ୟରସାତ୍ମକ ଗଳ୍ପସବୁ ଲେଖିବି ଏବଂ ସେହି ଦିନଠାରୁ ତାହାହିଁ କଲି । ମୋର ଗଳ୍ପମାନଙ୍କରେ ନାରୀ ଚରିତ୍ର ବିଲ୍‌କୁଲ୍ ରଖିଲି ନାହିଁ । ଏପରି କେତେକ ଗଳ୍ପ ଲେଖିସାରିବା ପରେ ମୁଁ ଜାଣିପାରିଲି ଯେ ମୋର କରୁଣ ରସାତ୍ମକ ଗଳ୍ପମାନଙ୍କ ଅପେକ୍ଷା ହାସ୍ୟରସାତ୍ମକ ଗଳ୍ପଗୁଡ଼ିକ ଅଧିକ ଲୋକପ୍ରିୟ ହେଉଛି । ତେଣୁ ମୁଁ ନାରୀ ଚରିତ୍ର ଓ ଶୃଙ୍ଗାରରସବିହୀନ ଗଳ୍ପସବୁ କେବଳ ଲେଖିଲି ଏବଂ ଆଜିଯାଏ ମଧ୍ୟ ଲେଖି ଆସୁଛି । ମୋ ଲେଖା ଉପରେ ସମାଲୋଚକମାନଙ୍କର ତୀକ୍ଷ୍ଣଦୃଷ୍ଟି ପଡ଼ିଲା । ସେମାନେ ମୋତେ ନାରୀ ଦ୍ୱେଷୀ ଓ ଘୃଣାକାରୀ ବୋଲି କହିଲେ । ଜଣେ ଜଣେ ଏତେ ଦୂର ଆଗେଇ ଗଲେ ଯେ ସେମାନେ କହି ବୁଲିଲେ ଯେ ମୁଁ କୁଆଡ଼େ କୌଣସି ନାରୀଠାରୁ ଛାଞ୍ଚୁଣିମୁଠା ମାଡ଼ଖାଇ ସମଗ୍ର ନାରୀ ଜାତି ପ୍ରତି ଘୃଣାଭାବ ମନରେ ଉଦ୍ରେକ କରିଛି ଓ ସେଇଥିଲାଗି ନାରୀମାନଙ୍କୁ ମୋ ସାହିତ୍ୟ ଭିତରେ ପ୍ରବେଶ କରିବାକୁ ଦେଇ ନାହିଁ । ଏପରି ଯଦି ମୁଁ ଛାଞ୍ଚୁଣିମୁଠା ମାଡ଼ ଖାଇ-ଥା'ନ୍ତି ତେବେତ ସେମାନଙ୍କୁ ମନଇଛା ଗାଳି ଦେଉଥାନ୍ତି । ଆଜିକାଲି ତ ସାହିତ୍ୟରେ ଏହାର ଉଦାହରଣ କିଛି କମ୍ ଦେଖିବାକୁ ମିଳୁନାହିଁ । ଜଣେ ଜଣେ ପ୍ରେମିକ ପ୍ରେମରେ ବିଫଳ ହେଲେ କବିତା ଓ ଲେଖାରେ ସେହି ପ୍ରେମିକା ଉଦ୍ଦେଶ୍ୟରେ ଦୁନିଆଁଯାକର ଗାଳିବର୍ଷଣ କରୁଛନ୍ତି ଓ ନିଜର ପୋଡ଼ାମନ ଓ ହୃଦୟକୁ ପାଠକମାନଙ୍କୁ ଦେଖାଇ ଭଗ୍ନକ୍ଲାନ୍ତ ମନକୁ କିଛି ହାଲୁକା କରୁଛନ୍ତି । ମୁଁ ତ ଦିନେହେଲେ ଏପରି କିଛି କରିନି । ତେଣୁ ମୁଁ ଏମାନଙ୍କର ସମାଲୋଚନାକୁ ଏ କାନରେ ପୂରାଇ ସେ କାନରେ କାଢ଼ିଦିଏ । ଯଦିବା କେତେବେଳେ ବଙ୍କାଇ ହୋଇ ପେଟକୁ ଗଳିଯାଏ ତେବେ ହେଉଡ଼ିଟାଏ ମାରିଦେଇ ତାକୁ ହଜମ କରିଦିଏ । ନାରୀ ଜାତିକୁ ମୋର ବୋଉର ଜାତି ବୋଲି ଭାବି ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦିଏ ।

ସେ ସମୟରେ ମୋର ସାହିତ୍ୟପାଠ ମାଟ୍ରିକ୍ ପାଶ୍‌ଯାଏ ଥିଲା । ତାପରେ ମେଡ଼ିକାଲ୍‌ରେ ପଢ଼ିବାରୁ ମୋର ସାହିତ୍ୟ ସଙ୍ଗରେ କୌଣସି ସମ୍ପର୍କ ରହିଲା ନାହିଁ । ତେବେ ମୋ ସାନଭାଇ ଶ୍ୟାମସୁନ୍ଦର ମିଶ୍ର ରେଭେନ୍‌ସା କଲେଜରେ ଏମ୍. ଏ. ପଢ଼ୁ-ଥିଲା । ସାହିତ୍ୟର ହାନିଲାଭ ମୁଁ ତା'ରିଠାରୁ ସଂଗ୍ରହ କରୁଥିଲି । ମୁରାରି ମୋହନ ଜେନା

Digitized by srujanika@gmail.com

ମଧ୍ୟ ସେତେବେଳେ ତା ସାଙ୍ଗରେ ପଢୁଥିଲା, ସେ ମଧ୍ୟ ସାହିତ୍ୟର ଅନ୍ଦି ସନ୍ଧି ଦେଖାଇବାରେ ମୋତେ କିଛି କିଛି ସାହାଯ୍ୟ କରୁଥିଲା । କେଉଁ କବି ଭଲ କେଉଁ କବି ମନ୍ଦ କେଉଁ କବିତା ଖୁବ୍ ନାମଯାଦା ଆଉ କେଉଁ କବିତା ବାଜେ, କେଉଁ କବି ପକ୍କା ସାହିତ୍ୟ ଚୋର ଆଉ କେଉଁ କବି ଖାଣ୍ଟି ସୁନା ସେମାନଙ୍କ ଠାରୁ ତାହା ମୁଁ ବୁଝୁଥିଲି । ତାଙ୍କଠାରୁ ଶୁଣାଶୁଣିରେ ମୁଁ ସାହିତ୍ୟର ଅଖାଂକିଆ ସ୍ଥାନ ଗୁଡ଼ିକ ଦେଖିପାରିଲି । ଗଳ୍ପ ମାଧ୍ୟମରେ ମୁଁ ସମାଲୋଚନା ସବୁ ଲେଖିଲି । ସାହିତ୍ୟିକମାନଙ୍କୁ ମଧ୍ୟ ବ୍ୟଙ୍ଗକରି ଗପ ଲେଖିଲି । ସେହି ସମୟରେ ଅଧ୍ୟାପକ କୃଷ୍ଣ ବେହେରା ଦିନେ ମୋତେ କହିଲେ– ଫତୁରାନନ୍ଦଜୀ, ଆପଣଙ୍କ ଏହି ଧରଣର ଗପଗୁଡ଼ିକ ନୂଆ ପ୍ରକାରର ହେଉଛି । ଗଳ୍ପ ମାଧ୍ୟମରେ ସାହିତ୍ୟ ଓ ସାହିତ୍ୟିକ ସମାଲୋଚନା ପୂର୍ବରୁ ହୋଇ ନାହିଁ ! ଏହି ଧରଣର ଗପଗୁଡ଼ିକ ଏକାଠି କରି ଗୋଟିଏ ବହି କରିଦିଅ । ତାହା ଖୁବ୍ ଆଦର ଲାଭ କରିବ ।

ମୁଁ ତାଙ୍କୁ କହିଲି–ଯାହାହେଉ, ତମେ ମୋତେ ଗୋଟିଏ ଭଲ ଜିନିଷ କହିଲ । ଯଦି ଏହା ପୁସ୍ତକ ଆକାରରେ ବାହାରେ ତେବେ ମୁଁ ତାକୁ ତୁମକୁ ଉତ୍ସର୍ଗ କରିଦେବି । ଏହିଭଳି ଗପ ସବୁ ଏକତ୍ର କରି ମୁଁ ସାହିତ୍ୟ ଗୁଷ ନାମରେ ଗୋଟିଏ ବହି ପ୍ରକାଶ କଲି ଏବଂ ତାହା କୃଷ୍ଣ ବେହେରାଙ୍କ ନାମରେ ଉତ୍ସର୍ଗ କରି ଦେଇଥିଲି । ସେ ବହିଟି ପ୍ରକାଶ ପାଇବାପରେ ମୁଁ ଆଉଟିକେ ପଦାକୁ ବାହାରିଲି । ହେଲେ ମୋର ପୂର୍ବପରି ଆତ୍ମବିଶ୍ୱାସ ଆସି ନଥାଏ । ମୁଁ ଫତୁରାନନ୍ଦ ବୋଲି ମୋର ସାଙ୍ଗମାନେ ମଧ୍ୟ ଜାଣି ନଥା'ନ୍ତି, ନିତ୍ୟାନନ୍ଦବାବୁ ଯେ ମୋର ପ୍ରତ୍ୟେକ ଲେଖାପାଇଁ ସାଗୁଆ ଝଣ୍ଡି ହଲେଇ ଦେଉଥିଲେ ତାହା ମୋର ଆତ୍ମବିଶ୍ୱାସକୁ ବିଶେଷ ପ୍ରଭାବିତ କରି ପାରି ନଥିଲା । ମୁଁ ଅଧିକାଂଶ ସମୟରେ ଭାବୁଥାଏ ଯେ ତାଙ୍କ ସହିତ ମୋର ପ୍ରଗାଢ଼ ବନ୍ଧୁତା ଥିବାରୁ ମୋର ସବୁ ଲେଖା ତାଙ୍କୁ ଭଲ ଦିଶି ଯାଉଛି । ମୁଁ ଆଖିରେ ଦେଖୁ-ଥାଏ ବହୁ ଲେଖକ ଝାଳନାଳ ହୋଇ ଲେଖିଥିବା ଲେଖାସବୁ ପତ୍ରିକାମାନଙ୍କରେ ପ୍ରକାଶ କରିବାକୁ ଅସମର୍ଥ ହୋଇ ସମ୍ପାଦକ କୁଳଙ୍କୁ ଭତ୍ସନା କରି ଲାଗିଥାନ୍ତି । ଆଧୁନିକ କବିତା ଲେଖୁଥିବା ଜଣେ ଅଧ୍ୟାପକ ତାଙ୍କର ଗୋଟିଏ କବିତା ଆଣି ମୋ ଜିମା ଦେଲେ ଏବଂ କହିଲେ–ଯେ ନିତ୍ୟାନନ୍ଦବାବୁ ଆସିଲେ ତାଙ୍କୁ ଏଇଟା ଦେଇଦେବ । ଆଧୁନିକ କବିତା ସହିତ ମୋର ସେଇଟା ପ୍ରଥମ କି ଦ୍ୱିତୀୟ ଦେଖା ସାକ୍ଷାତ । ତାକୁ ମୁଁ ପଢି ତା'ଭିତରେ ପଶି ପାରିଲିନି । ଜଣେ ଅଧ୍ୟାପକ ଲେଖିଛି–ସେ କ'ଣ ଯାଇ ତାଇ ଲେଖି ଦେଇଛି । ବୋଧହୁଏ ମୋର କଞ୍ଚାମୁଣ୍ଡ ତା ଭିତରେ ପଶି ପାରୁ-ନାହିଁ । ପୋଖତ କବି ଓ ଲେଖକ ନିତ୍ୟାନନ୍ଦବାବୁ ନିଶ୍ଚୟ ଏହା ଭିତରେ ଗୋଟିଏ ଭୁଷାଦେଇ ପଶିଯାଇ ପାରିବେ । ନିତ୍ୟାନନ୍ଦବାବୁ ଆସିବା ମାତ୍ରେ ମୁଁ ସେ କବିତା ତାଙ୍କୁ ଦେଲି । କବିତାରୁ ସେ ଦୁର୍ଗନ୍ଧ ପାଇଲାପରି ନାକ ଟେକିଲେ । ମୋତେ କବିତାଟି ଫେରାଇ ଦେଇ କହିଲେ ଯେ କବି ପୁଣି ଆସିଲେ ତାଙ୍କୁ ଏ କବିତାଟି ଫେରାଇ ଦେଇ କହିବ ତାହା ମୋର ମନୋନୀତ ହେଲା ନାହିଁ । ପ୍ରାୟ ୧୦।୧୨ ଦିନ ପରେ ସେହି କବି ଅଧ୍ୟାପକ ପୁଣି ଡଗର ପ୍ରେସ୍‌କୁ ଆସିଲେ । ଭାଗ୍ୟବଶତଃ ନିତ୍ୟାନନ୍ଦବାବୁ ନଥାନ୍ତି । ମୁଁ ତାଙ୍କୁ କବିତାଟି ଫେରାଇ ଦେଇ କହିଲି ଯେ ଏହା

Digitized by srujanika@gmail.com

ନିତ୍ୟାନନ୍ଦବାବୁଙ୍କ ଦ୍ୱାରା ମନୋନୀତ ହେଲା ନାହିଁ । ଅଧ୍ୟାପକଙ୍କ ମୁହଁରେ ଭ୍ରୁକୁଟି ଦେଖାଗଲା । ସେ କହିଲେ–ନିତ୍ୟାନନ୍ଦବାବୁଙ୍କୁ କହିଦେବ ଯେ ମୋ କବିତା ବୁଝିବାକୁ ତାଙ୍କୁ ଆହୁରି ଦଶବର୍ଷ ଲାଗିବ ।

ମୋତେ ଭାରି ବିରକ୍ତ ଲାଗିଲା । ମନରେ ରାଗ ମଧ୍ୟ ହେଲା । ମୁଁ ତାଙ୍କୁ ଶୁଣାଇ ଦେଲି–ଆପଣ ବି କବିତା ଲେଖିବା ପାଇଁ ଆହୁରି ଦଶବର୍ଷ କଠୋର ସାଧନା କରନ୍ତୁ । ପରିପକ୍ୱତା ଆସିଲେ ପୁଣି କବିତା ନେଇ ତାଙ୍କ ପାଖକୁ ଆସିବେ । ମୋ ଉପରେ ତାଙ୍କ ନୀରବ ଫିମ୍ପୁଡ଼ି ଦେଖି ମୁଁ ମନେ ମନେ ଭାବିଲି ସେ ଯଦି ଟିକେ ସୁବିଧା ପାଇଥାନ୍ତେ ତେବେ ମୋ ମୁହଁରେ ୨।୪ ଟା ମୁଣ୍ଡି ମାରି ଛାତି ଫୁଲାଇ ଚାଲି ଯାଇ-ଥାନ୍ତେ । ମୋ ଠାରୁ ଏସବୁ ବିଷୟ ଶୁଣି ନିତ୍ୟାନନ୍ଦ ବାବୁ କହିଲେ ଯେ ଏହି ଓଲି-ଆରୁ ପଢ଼ି ଗଜା ଟୋକାଟା କଳିଆମାନେ କିଛି ମାତ୍ର ସାଧନା ନକରି ହଠାତ୍ କବି ବନିଯିବା ଲାଗି ବଡ଼ ତତ୍ପର ହୋଇ ଉଠୁଛନ୍ତି । ନିତ୍ୟାନନ୍ଦ ବାବୁଙ୍କ ସହିତ ମୋର ଏହିପରି ମନର ମେଳ ରହୁଥିବାରୁ ତାଙ୍କ ସହିତ ମୁଁ ମେଣ୍ଢାବାଳ ଜଡ଼ାତେଲ ନ୍ୟାୟରେ ଘନିଷ୍ଠରୁ ଘନିଷ୍ଠତର ହୋଇ ଉଠିଲି ।

ଡଗରରେ ଏହି ସମୟରେ ମୁଁ ହାସ୍ୟ କବିତା, ବ୍ୟଙ୍ଗାନୁକରଣ, ହାସ୍ୟ ଚେଟ୍‌କି ମଧ୍ୟ ଲେଖି ଛାପୁଥିଲି । ନିତ୍ୟାନନ୍ଦ ବାବୁ କୌଣସିଟାକୁ ନା ପସନ୍ଦ କରି ନଥିଲେ । ତେଣୁ ମୁଁ ଅଧିକରୁ ଅଧିକ ଉତ୍ସାହିତ ହୋଇ ସେଗୁଡ଼ିକ ଲେଖି ଲାଗିଲି । ଥରେ ଡଗରରେ ମୋର 'ନିତମ୍ବ ବଂଶୀ' ନାମକ ଏକ ହାସ୍ୟ କବିତା ବାହାରିଲା । 'ଡଗର' ନିତ୍ୟାନନ୍ଦ ବାବୁଙ୍କ ବଂଧୁ , ମଧୁ ମହାନ୍ତିଙ୍କ ଘରକୁ ନିୟମିତ ରୂପେ ଯାଉ-ଥିଲା । ଡଗରଟି ତାଙ୍କ ଘରକୁ ଗଲେ ମଧୁବାବୁଙ୍କ ସ୍ତ୍ରୀ ଓ ଝିଅମାନେ ଏକାଠି ବସି ପଢ଼ନ୍ତି । ସେମାନେ 'ନିତମ୍ବ ବଂଶୀ' କବିତାଟିକୁ ପଢି ଏତେ ଯୋର୍‌ରେ ହସି ଉଠିଲେ ଯେ ଦୋ ମହଲରେ ବସିଥିବା ସ୍ୱୟଂ ମଧୁବାବୁ ରାଗିଯାଇ ତଳକୁ ଓହ୍ଲାଇ ଆସିଲେ ଏବଂ ସ୍ତ୍ରୀ ଓ ଝିଅଙ୍କୁ ଗାଳିଦେଇ କହିଲେ–ଆଜିଯାଏ ଟିକେ ଭଦ୍ରତା ଶିଖିଲ ନାହିଁ । ଉପରେ ମୋ ପାଖରେ ମହକିଲମାନେ ବସିଛନ୍ତି । ଏପରି ଉଚ୍ଛୃଙ୍ଖଳ ହସ ଶୁଣିଲେ ସେମାନେ କ'ଣ ମନରେ ଭାବିବେ ? ତୁମେମାନେ ମୋର ଇଜ୍ଜତମହତ ନେଉଛ ! କାହିଁକି ଏପରି ହସ ହେଉଥିଲା–କାହିଁକି ?

ତାଙ୍କ ସ୍ତ୍ରୀ 'ଡଗର'ଟିକୁ ବଢ଼ାଇ ଦେଇ କହିଲେ–ଏ 'ଡଗର'ରେ ଗୋଟାଏ କ'ଣ ବାହାରିଛି ଯେ ତାକୁ ପଢି ପିଲମାନେ ହସୁଥିଲେ ।

ମଧୁବାବୁ ରାଗରେ ତାଙ୍କ ହାତରୁ ଡଗରଟି ନେଇଯାଇ ନିଜେ ଠିଆ ହୋଇ ପଢିଲାଗିଲେ । ପଢୁ ପଢୁ ସେ ନିଜେ ମଧ୍ୟ ହସି ପକାଇଲେ । ଆଉ କହିଲେ–ସତେ ତ, ମୋତେ ବି ହସ ମାଡୁଛି–ମୁଁ କହିବି କାହାକୁ । ସେ ଡଗରଟି ଫୋପାଡି ଦେଇ ଟିକେ ଆସ୍ତେ ହସିବାକୁ ଉପଦେଶ ଦେଇ ଉପରକୁ ଚାଲିଗଲେ । ସେ କବିତାଟିର ବିଷୟବସ୍ତୁ ଥିଲା–ଶ୍ରୀରାଧା ଦିନେ ଶ୍ରୀକୃଷ୍ଣଙ୍କୁ କହିଲେ–ହଇହେ ! ତୁମର ହାତବଂଶୀ ତ ମୁଁ ବହୁତ ଥର ଶୁଣିଛି କିନ୍ତୁ ତୁମେ ମୋତେ କପଟ କରି ତୁମର ନିତମ୍ବ ବଂଶୀ ଦିନେ ହେଲେ ଶୁଣାଇ ନାହଁ । ତୁମେ ମହା କପଟିଆ । ତୁମ ସାଙ୍ଗରେ ଆଉ କଥାବାର୍ତ୍ତା କରିବି

Digitized by srujanika@gmail.com

ନାହିଁ । ଶ୍ରୀକୃଷ୍ଣ ତହୁଁ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ–ଥୟ ଧର, ଆଜି ତୁମକୁ ମୁଁ ଅବଶ୍ୟ ଶୁଣାଇବି । ଏହା କହି ସେ ବିରି ବରା, ପିଆଜ ଓ ଅନ୍ୟାନ୍ୟ ବାୟୁବୃଦ୍ଧିକର ପକୁଡ଼ି ପିଆଜି ଆଦି ପେଟ ପୂରାଇ ଖାଇଲେ । ତାଙ୍କର ପେଟ ବାୟୁରେ ଋଦ୍ଧି ହୋଇ-ଗଲା । କେତେ ଘଣ୍ଟାପରେ ବିଭିନ୍ନ ଧ୍ୱନିଯୁକ୍ତ ଅଧୋବାୟୁ ସବୁ ବାହାରିଲା । ଶ୍ରୀରାଧା ତାହା ଶୁଣି ହସି ହସି ଗଡ଼ିଗଲେ । ଏହି କବିତା ପାଇଁ ମୁଁ ବହୁ ପାଠକଙ୍କଠାରୁ 'ଭଣ୍ଡକବି' ସାର୍ଟିଫିକେଟ୍‌ମାନ ପାଇଥିଲି । ଦିନେ ଲକ୍ଷ୍ମୀନାରାୟଣ ସାହୁ ଡଗରରେ ଆସି ପହଞ୍ଚିଲେ । ମୋତେ ଦେଖିବାମାତ୍ରେ ସେ ହସି ହସି କହିଲେ–ଫତୁରାନନ୍ଦ ! ଏପରି କବିତା ଆଉ ଜମା ଲେଖିବ ନାହିଁ ।

ଉପଦେଶ ଦେଲାବେଳେ ସେ ଏତେ ହସୁଥିଲେ ଯେ ତାହା କହିବାକୁ ତାଙ୍କୁ ବେଶ୍ କିଛି ସମୟ ଲାଗିଥିଲା । ଅଶ୍ଳୀଳତାରୁ ମୁଁ ଦୂରରେ ରହିଥିଲି । ଆତ୍ମସମୀକ୍ଷା କରି ବୁଝି ପାରିଲି ଯେ ଅଶ୍ଳୀଳତାକୁ କେବଳ ବର୍ଜନ କଲେ ଚଳିବ ନାହିଁ ତା ସଙ୍ଗେ ସଙ୍ଗେ ରୁଚିହୀନତାକୁ ମଧ୍ୟ ବର୍ଜ୍ଜନ କରିବା ଉଚିତ୍ । ସେହିଦିନଠାରୁ ବୋଧ-ହୁଏ ମୁଁ ଆଉ ଏତେ ଅରୁଚିକର କବିତା ଲେଖି ନାହିଁ ।

ନିତ୍ୟାନନ୍ଦ ବାବୁ ତାଙ୍କର ହେତୁ ପାଇବା ଅବସ୍ଥାରୁ ଜଣେ ରାଜନୈତିକ ବ୍ୟକ୍ତି ଥିଲେ । ତାଙ୍କ ବିରାଟ୍ ଏକାନ୍ନବର୍ତ୍ତୀ ପରିବାରରେ ସମସ୍ତବ୍ୟକ୍ତି ରାଜନୀତିଜ୍ଞ ଥିଲେ । ସେମାନଙ୍କର ରାଜନୀତି ଆଜିକାଲିର ରାଜନୈତିକ ବ୍ୟକ୍ତିମାନଙ୍କ ପରି ନଥିଲା । ତାହା ଥିଲା ଭଦ୍ର, ସମ୍ଭ୍ରାନ୍ତ, ଶାଳୀନତାପୂର୍ଣ୍ଣ ଓ ଭଣ୍ଡାମୀର ବହୁ ଉର୍ଦ୍ଧ୍ୱରେ । ଅନେକ ବିହାର ଓଡ଼ିଶା ବ୍ୟବସ୍ଥା ସଭାର ସଦସ୍ୟ ଥିଲେ । ନିତ୍ୟାନନ୍ଦ ବାବୁଙ୍କର ସାଆନ୍ତ ବାପା ଭଗବତ ବାବୁ ଭଦ୍ରକର ସର୍ବଶ୍ରେଷ୍ଠ ଗଣ୍ୟମାନ୍ୟ ବ୍ୟକ୍ତି ଥିଲେ । ତାଙ୍କୁ ଛାଡ଼ି ଭଦ୍ରକର କଳ୍ପନା କରାଯାଉ ନଥିଲା । ବଂଶର ସୁସ୍ଥ ପରମ୍ପରା ବଜାୟ ରଖି ନିତ୍ୟାନନ୍ଦ ବାବୁ ରାଜନୀତିରେ ଯୋଗ ଦେଇଥିଲେ ।

ପ୍ରଥମ ବିଶେଷାଙ୍କ:–

ଡଗରରେ ପ୍ରଥମ ଥର ପାଇଁ କୃଷ୍ଣ ବେହେରା ସାହିତ୍ୟ ବିଶେଷାଙ୍କ ନାମରେ ଏକ ବିଶେଷାଙ୍କ କାଢିଲେ । ସେ ସେତେବେଳେ ଡଗରର ସମ୍ପାଦନା କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ତାହା ପାଠକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା । କଲେଜ ଛାତ୍ରମାନେ ତାହାର ଉପାଦେୟତା ଜାଣିପାରି ଏହି ବିଶେଷାଂକଟି ବହୁତ କିଣିଥିଲେ । ସେତେବେଳେ ଏହା ବେଶ୍ ଚହଳ ପକାଇ ଦେଇଥିଲା । ସେ ଅଧ୍ୟାପକ ହୋଇ ଚାଲିଯିବାପରେ ମୁଁ ଅନ୍ୟ ଅଧ୍ୟାପକମାନଙ୍କର ସାହାଯ୍ୟ ନେଇ ଡଗର ପ୍ରକାଶ କରାଇଲି । ସାହିତ୍ୟ ବିଶେଷାଂକର ଲୋକପ୍ରିୟତା ଦେଖି ମୁଁ ଅନ୍ୟାନ୍ୟ ବିଶେଷାଙ୍କ କାଢିବାଲାଗି ବଡ଼ ତତ୍ପର ହୋଇ ଉଠିଲି । ଯୋଗକୁ ଅଧ୍ୟାପକ ଭବଗ୍ରାହୀ ମିଶ୍ର ରେଭେନ୍‌ସା କଲେଜରେ ଆସି କୁଞ୍ଜବିହାରୀ ତ୍ରିପାଠୀଙ୍କ ଅଧୀନରେ ଗବେଷଣା କାର୍ଯ୍ୟ ଆରମ୍ଭ କରିଥିଲେ । ତାଙ୍କ ଘର ଆମ ଘର ପାଖରେ ଥିଲା । ସେ ମଧ୍ୟ ଛାତ୍ରା-ବସ୍ଥାରେ ଡଗର ପ୍ରେସ୍‌କୁ ନିୟମିତ ଭାବରେ ଆସୁଥିଲେ । ତାଙ୍କୁ ମୁଁ ରାଧାନାଥ

Digitized by srujanika@gmail.com

ବିଶେଷାଙ୍କଟିଏ କାଢ଼ିବାର ଇଚ୍ଛା ଜଣାଇଲି ଏବଂ ପ୍ରବନ୍ଧାଦି ସଂଗ୍ରହ କରିବା ଲାଗି ତାଙ୍କୁ ଅନୁରୋଧ କଲି । ସେ ଆଗ୍ରହର ସହ ସେଥିରେ ରାଜି ହେଲେ । ବହୁ ଅଧ୍ୟାପକଙ୍କଠାରୁ ସେ ପ୍ରବନ୍ଧାଦି ସଂଗ୍ରହ କଲେ । ପାଣ୍ଡୁଲିପି ପ୍ରସ୍ତୁତ କରିବା ଲାଗି ତାଙ୍କୁ କିଛି ଦିନ ଲାଗିଗଲା । ସେ ଦିନରାତି ସେଥିରେ ଲାଗି ପଡ଼ିଲେ । ଫଳରେ ତାହା ଅନତି ବିଳମ୍ବରେ ପ୍ରକାଶ ପାଇଲା ଏବଂ ରାଧାନାଥଙ୍କ ସମ୍ବନ୍ଧରେ ସର୍ବଶ୍ରେଷ୍ଠ ପ୍ରାମାଣିକ ପତ୍ରିକା ବୋଲି ସାହିତ୍ୟିକମାନଙ୍କ ପାଖରେ ଆଦୃତ ହେବାକୁ ଲାଗିଲା ।

ଏଥିରେ ମୁଁ ଉତ୍ସାହିତ ହୋଇ ଭବଗ୍ରାହୀ ମିଶ୍ରଙ୍କ ସାହାଯ୍ୟରେ ରବୀନ୍ଦ୍ର ବିଶେଷାଙ୍କ, ଗଳ୍ପ ବିଶେଷାଙ୍କ ପ୍ରକାଶ କରିଥିଲି । ଶ୍ରୀ ମିଶ୍ର ତାଙ୍କର କର୍ମକ୍ଷେତ୍ରକୁ ଗ୍ଳଲି-ଯିବାରୁ ଆଉ ଅନ୍ୟାନ୍ୟ ବିଶେଷାଙ୍କ ପ୍ରକାଶ କରିବା ସହଜ ହେଲା ନାହିଁ । ମଧୁସୂଦନ ଲ. କଲେଜର ଅଧ୍ୟାପକ ଓ ବିଶିଷ୍ଟ ଲେଖକ ଶ୍ରୀଯୁକ୍ତ ରାଜକିଶୋର ପଟ୍ଟନାୟକ ମୋତେ ଏକ ସମାଲୋଚନା ବିଶେଷାଙ୍କ କାଢ଼ିବା ଲାଗି ଉପଦେଶ ଦେଲେ । ରେଭେନ୍ସା କଲେଜର ଅଧ୍ୟାପକମାନଙ୍କର ପ୍ରବନ୍ଧରେ ପରିପୁଷ୍ଟ ହୋଇ ଏହା ଅଳ୍ପଦିନ ମଧ୍ୟରେ ପ୍ରକାଶ ପାଇଲା । ଏହା ଆକାରରେ କ୍ଷୁଦ୍ର ହୋଇଥିଲେ ହେଁ ଉପାଦେୟତାରେ ଅତି ଉତ୍କୃଷ୍ଟ ଥିଲା । କଲେଜ ଛାତ୍ରମାନଙ୍କଠାରେ ଏହା ଖୁବ୍ ଆଦରଣୀୟ ହୋଇ ଉଠିଥିଲା ।

ଏହି ସମୟରେ ଅଧ୍ୟାପକ ଅସୀତ କବି ରେଭେନ୍ସା କଲେଜରେ ଯୋଗ ଦେଇଥିଲେ । ତାଙ୍କ ସାହାଯ୍ୟରେ ମୁଁ ଗଙ୍ଗାଧର ବିଶେଷାଙ୍କଟି ପ୍ରକାଶ କରିଥିଲି । ପ୍ରକାଶନର ଶେଷ ଭାଗରେ ସେ ଅନ୍ୟତ୍ର ଗ୍ଳଲିଯିବାରୁ ମୋତେ ବହୁ ଅସୁବିଧା ହୋଇ-ଥିଲା । ତଥାପି ମୁଁ ଅନ୍ୟ ଅଧ୍ୟାପକମାନଙ୍କ ସାହାଯ୍ୟରେ ପ୍ରକାଶନ ପୂର୍ଣ୍ଣ କରିଥିଲି ।

ମୂଳରୁ ମୋର ଆଧୁନିକ କବିତା ପ୍ରତି ବଡ଼ ବିତୃଷ୍ଣା ରହିଥିଲା । ବହୁ ଆଧୁନିକ କବି ସେଥିପାଇଁ ମୋ ଉପରେ ବୀତଶ୍ରଦ୍ଧ ଥିଲେ ଏବଂ କ୍ଷୋଭ ପ୍ରକାଶ କରୁଥିଲେ । ମୁଁ ସେମାନଙ୍କୁ ସନ୍ତୁଷ୍ଟ କରିବା ଲାଗି ଏକ 'ଆଧୁନିକ କବିତା ବିଶେଷାଙ୍କ'ର କଳ୍ପନା କଲି । ସବୁ ଆଧୁନିକ କବିମାନଙ୍କ ପାଖକୁ ଆଧୁନିକ କବିତା ଏବଂ ନିମ୍ନରେ ତାହାର ଅର୍ଥ ଲେଖି ପଠାଇବାକୁ ଅନୁରୋଧ ପତ୍ର ସବୁ ପଠାଇଲି । ବହୁ ଆଧୁନିକ କବି ଓ ସେମା-ନଙ୍କ ପୃଷ୍ଠ ପୋଷକ ଅଧ୍ୟାପକମାନେ ସେ ବିଷୟରେ ପ୍ରବନ୍ଧ ଓ କବିତା ଲେଖି ପଠା-ଇଲେ । ବହୁ ଆଧୁନିକ କବି କବିତା ଶେଷରେ ତାହାର ଅର୍ଥ ଲେଖିଥିଲେ । ଆଉ କେତେ ଜଣ ଅର୍ଥ ଲେଖିବାକୁ ବାରଣ କରି କେବଳ କବିତା ପଠାଇଲେ । ସବୁ ଯଶନାମଧନ୍ୟ ଆଧୁନିକ କବିଙ୍କ କବିତା ଏଥିରେ ସ୍ଥାନ ପାଇଥିଲା । କେତେକ ଆଧୁନିକ କବିତା ବିରୋଧୀ ସାହିତ୍ୟିକ ଏଥିରେ ଅସନ୍ତୁଷ୍ଟ ହୋଇଥିଲେ କିନ୍ତୁ ଆଧୁନିକ କବିମାନେ ଏଥିରେ ଖୁବ୍ ଉତ୍ସାହିତ ଓ ଆନନ୍ଦିତ ହୋଇଥିଲେ । ତାହା ମୁଁ ଅଳ୍ପ ଛାପିଥିଲି ଏବଂ ସେ ସବୁଯାକ ବିକ୍ରୀ ହୋଇ ଯାଇଥିଲା ।

ଡଗରର ୨୫ ବର୍ଷ ପୂର୍ତ୍ତି ପାଇଁ ଏକ ରଜତ ଜୟନ୍ତୀ ବିଶେଷାଙ୍କ କାଢ଼ିବି ବୋଲି ମୁଁ ପ୍ରାୟ ବର୍ଷକ ଆଗରୁ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲି । ମୋର ବ୍ୟାଙ୍କ୍

Digitized by srujanika@gmail.com

ବାଲାନ୍ସ ମାତ୍ର ଦୁଇଶହ ଟଙ୍କା ଥିଲା । ସେହି ୨୦୦ ଟଙ୍କାରେ ଯେ କିପରି ମୁଁ ଏତେ ବଡ଼ ଯୋଜନାଟା ଭିତରକୁ ଡ଼େଇଁଲି ତାହା ଭାବିଲେ ଏବେ ମଧ୍ୟ ମୁଁ ଆଶ୍ଚର୍ଯ୍ୟ ହୁଏ । ଏତିକି ଭରସା ଥାଏ 'ଇଷ୍ଟର୍ଣ୍ଣଏଜେନ୍ସି' କାଗଜବାଲା ଆଗତୁରା କାଗଜ ବାକିରେ ଦେବ । ତାକୁ ଶୁଝିଦେଲେ ସେ ତା'ଠାରୁ ଆହୁରି ବେଶି ବାକୀ ଦେବ । ତାହାହିଁ ମୋର ମାନସିକ ବଳକୁ ପରିପୁଷ୍ଟ କରିଥାଏ । ବିଶେଷାଙ୍କରେ କି କି ବିଷୟ ରହିବ ତାହା କୃଷ୍ଣ ବେହେରା ଆସି ଠିକ୍ କଲେ । ଆଉ ଅନ୍ୟାନ୍ୟ ଅଧ୍ୟାପକମାନଙ୍କୁ ପଚାରି ତାକୁ ଟିକିଏ ମାର୍ଜିତ କରିନେଲି । କମ୍ପୋଜ ଓ ଛପାର ଭାର ସୁଦକ୍ଷ କମ୍ପୋଜିଟର କେଶବ ରଥ ଓ ମେସିନିମ୍ୟାନ୍ ନିତ୍ୟାନନ୍ଦ ଦତ୍ତଙ୍କ ଉପରେ ପୂରାପୂରି ନ୍ୟସ୍ତ ହେଲା । ସେମାନେ ମୋ ସହିତ ଯେପରି ସହଯୋଗ କଲେ ସେଥିରେ ମୁଁ ଆନନ୍ଦିତ ଓ ଆଶ୍ୱସ୍ତ ହୋଇଥିଲି । ବହୁ ଅଧ୍ୟାପକ ଓ ସାହିତ୍ୟିକଙ୍କ ସଭା ଡାକି 'ସିଲ୍‌ଭର୍ ଜୁବୁଲି ସେଲେ-ବ୍ରେସନ୍ କମିଟି' ନାମରେ ଏକ ସଂସ୍ଥା ଗଢ଼ିଲି । ସେଇମାନଙ୍କ ମଧ୍ୟରୁ ସଭାପତି, ସଂପାଦକ ଅଭ୍ୟର୍ଥନା ସମିତି ତାହାର ସଭାପତି ଓ ସଭ୍ୟବୃନ୍ଦ ବଛା ହେଲେ । ସାମ୍ବାଦିକ ଭଗବାନ୍ ନାୟକ ବର୍ମା ଓ ସୁଦକ୍ଷ ପ୍ରୁଫ୍‌ରିଡର୍ ଅର୍ଜୁନ ଦାଶ ମୋତେ ମୂଳରୁ ଶେଷ ପର୍ଯ୍ୟନ୍ତ ଅକୁଣ୍ଠିତ ସାହାଯ୍ୟ ଦେଇଥିଲେ । ବିଶେଷାଂକ ଛପେଇ କାର୍ଯ୍ୟ ଏଇ ଦୁଇ ଜଣ ସ୍ୱଗ୍ରହରୂପେ ସମ୍ପନ୍ନ କରିପାରି ଥିଲେ । ଏହି କମିଟି ନାମରେ ରାଇଟିଂପ୍ୟାଡ୍, ରସିଦ୍, ବ୍ୟବସାୟୀମାନଙ୍କ ପାଖକୁ ପଠାଇବାର ସୂଚନାପତ୍ର, ବିଜ୍ଞାପନ ହାରର ସୁଦୃଶ୍ୟପତ୍ର, ରାଜନୀତିଜ୍ଞମାନଙ୍କ ପାଖକୁ ସାହାଯ୍ୟ ପାଇଁ ନିବେଦନ ପତ୍ର ଇତ୍ୟାଦି ସମସ୍ତ ମାସକ ମଧ୍ୟରେ ଛପାଇ ନେଲି । ଓଡ଼ିଶା ବାହାରେ ଥିବା ମୋର ଅନ୍ତରଙ୍ଗ ବନ୍ଧୁମାନଙ୍କ ପାଖକୁ ଆର୍ଥିକ ସାହାଯ୍ୟ ନିମନ୍ତେ ଆବେଦନ ପତ୍ର ପଠାଇଲି । ବଛା ଯାଇଥିବା ଅଧ୍ୟା-ପକ ଓ ବିଶିଷ୍ଟ ଲେଖକମାନଙ୍କ ପାଖକୁ ପ୍ରସ୍ତାବିତ ପ୍ରବନ୍ଧ ପଠାଇବା ପାଇଁ ଚିଠି ପଠା-ଇଲି । ଲେଖକମାନଙ୍କୁ ସେମାନଙ୍କର ଫଟୋସହ ରଚନାବଳୀର ତାଲିକା ପଠାଇବା ଲାଗି ଖବରକାଗଜରେ ମଝିରେ ମଝିରେ ବିଜ୍ଞାପନ ବାହାରିବାର ବ୍ୟବସ୍ଥା କଲି । ଦିନ ରାତି ଲାଗିପଡ଼ି ଏସବୁ କାମ ମୁଁ ଏକୁଟିଆ ନିଜ ହାତରେ କଲି । ଅନ୍ୟମାନଙ୍କ ଉପରେ ଏସବୁର ଭାର ଛାଡ଼ିଦେଇ ନିଶ୍ଚିନ୍ତ ହୋଇ ରହିବାର ପକ୍ଷପାତି ମୁଁ ନଥିଲି । ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ସର୍ବଶ୍ରେଷ୍ଠ କୃତିତ୍ୱ ହାସଲ କରିଥିବା ଦୁଇଜଣ ଲେଖାଏଁ ଲେଖକଙ୍କୁ କିପରି ଉପଢ଼ୌକନ ଦେଲେ ସେମାନେ ଗୌରବ ଅନୁଭବ କରିବେ ସେହି ବିଷୟରେ କବି ରାଧାମୋହନ ଗଡ଼ନାୟକଙ୍କ ସଙ୍ଗେ ମୁଁ ଆଲୋଚନା କଲି । ସେ ମୋତେ ପରା-ମର୍ଶ ଦେଲେ ଯେ ହାଣ୍ଡିକ୍ରାଫ୍‌ଟରେ ତିଆରି ହେଉଥିବା ଓ ବଡ଼ ବଡ଼ ବଲ୍‌ବ କାଚରେ ଢ଼ଙ୍କା ହୋଇଥିବା ଖଡ଼ି ପଥରରେ ନିର୍ମିତ ପୁରୀ ଓ କୋଣାର୍କ ଦେଉଳର କ୍ଷୁଦ୍ର ପ୍ରତି-କୃତିମାନ ଦେଲେ ତାହା ଖୁବ୍ ପସନ୍ଦ ହେବ । ମୁଁ ହାଣ୍ଡିକ୍ରାଫ୍‌ଟ ସହ ସଙ୍ଗେ ସଙ୍ଗେ କଥାବାର୍ତ୍ତା କରି ଅର୍ଡ଼ର ଦେଇ ଦେଲି । ଗୋଟିଏ କଳା ପାଲିଶ୍ ପଟା ଉପରେ ଗୋଟିଏ ଫୁଟିଲା ପଦ୍ମ ଫୁଲ ଥିବ । ତା ଉପରେ ପୁରୀ ବା କୋଣାର୍କ ଦେଉଳ ରହିଥିବ ଏବଂ ଉପରେ ବଡ଼ ବିଜୁଳିବତୀ ବଲବ୍‌ର ଘୋଡଣୀ ଥିବ । ପଦ୍ମ ପାଖୁଡ଼ାରେ ଲେଖା ହେବ 'ଡଗର ରଜତ ଜୟନ୍ତୀ ଉତ୍ସବ ।' ବହୁତ ଆଗରୁ ଅର୍ଡ଼ର୍ ଦେଇଥିବାରୁ ସେମାନେ

Digitized by srujanika@gmail.com

ଠିକ୍ ଠିକ୍ ମୋ ଇଚ୍ଛା ଅନୁଯାୟୀ ଉପଢ୍ୌକନ ସବୁ ତିଆରି କରି ଦେଇଥିଲେ । ସେ ସବୁ ଦେଖି ସମସ୍ତେ ଖୁସି ହୋଇ ଯାଇଥିଲେ ।

କବିତା, ଗଳ୍ପ, ପ୍ରବନ୍ଧ, ନାଟକ, ହାସ୍ୟଗଳ୍ପ, ଉପନ୍ୟାସ ଆଦି ବିଷୟରେ ଶ୍ରେଷ୍ଠତ୍ୱ ଲଭ କରିଥିବା ଦୁଇ ଜଣ ଲେଖାଏଁ ଲେଖକଙ୍କର ନାମ ବାଛି ଦେବାଲାଗି ମୁଁ ଏକ ଅଭିନବ ଉପାୟ ବାହାର କଲି । କୌଣସି ପ୍ରକାର ଲେଖାଲେଖି ନ କରିଥିବା ନିର୍ଭୁଲ ପାଠକମାନଙ୍କର ମତାମତ ନେବା ଲାଗି ମୁଁ ସ୍ଥିର କଲି । ସେମାନଙ୍କର ଏକ ତାଲିକା କରି କାହାରିକୁ ନ ଜଣାଇ ଗୁପ୍ତରେ ସେମାନଙ୍କ ପାଖକୁ ପତ୍ର ଦେଲି ଏବଂ ସେଥିରେ ଏହା ଅତ୍ୟନ୍ତ ଗୋପନୀୟ ବୋଲି ଉଲ୍ଲେଖ କଲି । ମୁଁ ଭଲକରି ଜାଣିଥିଲି ଓଡ଼ିଶାର ଲେଖକମାନେ କେହି କାହାର ଶିରୀ ଦେଖି ପାରନ୍ତି ନାହିଁ । ସେମାନେ କେବେହେଲେ ଠିକ୍ ଠିକ୍ ମତାମତ ଦେଇ ପାରିବେ ନାହିଁ । ଏଥିଲାଗି ମୁଁ ୫୦୦ ପାଠକଙ୍କୁ ଚିଠି ଦେଲି । ଏହା ମୋ ଛଡା ଅନ୍ୟ କେହି ଜାଣି ନଥାନ୍ତି । ଏପରିକି ସ୍ୱୟଂ ନିତ୍ୟାନନ୍ଦ ବାବୁ ମଧ୍ୟ ଜାଣି ନଥିଲେ । ମୋର ଆଶଙ୍କା ହୋଇଥିଲା ଯେ ଲେଖକମାନେ ଏହା ଜାଣିଲେ ତହିଁରେ ପରିବର୍ତ୍ତନ କରାଇବାକୁ ମୋ ଉପରେ ନିଶ୍ଚିତଭାବରେ ଚାପ ପକାଇଥାଆନ୍ତେ । ପାଞ୍ଚଶହଯାକ ଚିଠିର ଉତ୍ତର ଆସିଲା । ତା'କୁ ମୁଁ ଅତି ଗୁପ୍ତରେ ଗଣନା କରି ବହୁ ମତ ପାଇଥିବା ସାହିତ୍ୟିକମାନଙ୍କୁ ବାଛି ସେ ତାଲିକାକୁ ଗୋପନୀୟ ଭାବରେ ରଖିଦେଲି । ପାଠକମାନେ ଯେ ଯଥାର୍ଥ ନାମ ପସନ୍ଦ କରିଛନ୍ତି ତାହା ମୋର ହୃଦବୋଧ ହୋଇଥିଲା ।

ପ୍ରଥମ ଥର ପାଇଁ ଗୋଟିଏ ପତ୍ରିକା ତାହାର ରଜତ ଜୟନ୍ତୀ ଉତ୍ସବ କରୁ-ଥିବାରୁ ସାରା ଓଡ଼ିଶାରେ ଏକ ଚହଳ ପଡ଼ି ଯାଇଥିଲା । ଉତ୍କୃଷ୍ଟ ଲେଖାସବୁ ଆସି ପହଞ୍ଚିଗଲା । ବ୍ୟାଙ୍କରେ ଥିବା ମାତ୍ର ୨୦୦ ଟଙ୍କା ବାଙ୍କାବଜାରସ୍ଥ ଇଷ୍ଟର୍ଣ୍ଣ ଏଜେନ୍‌ସିକୁ ଦେଇ ତା'ଠାରୁ ଦଶ ରିମ୍ ଡବଲ୍‌ଡିମାଇ କାଗଜ ନେଇ ଆସିଲି । ଛପା କାମ ଧମା-ଧମ୍ ଚାଲିଲା । ଅସୀମ ଧୈର୍ଯ୍ୟ ଓ ସତର୍କତାରସହ ଭଗବାନ ନାୟକ ବର୍ମା ଓ ଅର୍ଜୁନ ଦାଶ ପ୍ରୁଫ୍ ସଂଶୋଧନ କରିବା ଫଳରେ ସମଗ୍ର ବିଶେଷାଂକଟି ପ୍ରାୟ ନିର୍ଭୁଲ ଥିଲା । ବିଜ୍ଞାପନଦାତାମାନଙ୍କ ପାଖକୁ ଚିଠିର ଡ୍ରାଫ୍‌ଟ ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ କରିଦେଇ ଥିଲେ । ଫଳରେ ବାହାରୁ ଅନେକ ବିଜ୍ଞାପନ ଆସିଥିଲା ।

ଛାପିବା ପାଇଁ କାଗଜ ସରିଗଲା ବେଳକୁ ତାହାର ଦାମରୁ କିଛି ବେଶି ଟଙ୍କା ବାହାର ବନ୍ଧୁମାନଙ୍କ ଦ୍ୱାରା ସଂଗୃହୀତ ହୋଇ ମୋ ପାଖକୁ ଆସି ଯାଉଥିଲା । ମୁଁ ସଙ୍ଗେ ସଙ୍ଗେ ଇଷ୍ଟର୍ଣ୍ଣ ଏଜେନ୍‌ସିକୁ ତାହା ଶୁଝି ଦେଇ ପୁଣି ୧୦ ରିମ୍ କାଗଜ ବାକୀରେ ନେଇ ଆସୁଥିଲି । ତତ୍‌କାଳୀନ ରାଷ୍ଟ୍ରପତି ରାଧାକ୍ରିଷ୍ଣନ୍ ମୋତେ ଏକ ବାର୍ତ୍ତା ସହ ୧୦୦ଟି ଟଙ୍କା ଚାନ୍ଦା ଦେଇଥିଲେ । ଏଥିରେ ମୋ ମନ ଉଲ୍ଲସି ଉଠିଥିଲା । ତତ୍‌କାଳୀନ ମନ୍ତ୍ରୀ-ମାନଙ୍କ ପ୍ରତି ମୋର ତୀବ୍ର ଘୃଣା ଥିବାରୁ ମୁଁ ସେମାନଙ୍କ ନିକଟରେ ସାହାଯ୍ୟ ପ୍ରାର୍ଥନା କରି ନଥିଲି । ନିତ୍ୟାନନ୍ଦ ବାବୁ ଏହା ଜାଣିପାରି ମୋତେ କହିଲେ ଯେ ସେମାନେ ଏଥିରେ ଅପମାନିତ ବୋଧ କରିବାର ଆଶଙ୍କା ଅଛି, ତାହା କର ନାହିଁ । ମୁଁ ତାଙ୍କୁ

Digitized by srujanika@gmail.com

କିଛି କହିଲି ନାହିଁ କି ତାଙ୍କ ଉପଦେଶ ଗ୍ରହଣ କଲି ନାହିଁ । ଦିନେ ମୁଁ ଅଫିସରେ ବସି କାର୍ଯ୍ୟ ବ୍ୟସ୍ତ ଥାଏ । ଏହି ସମୟରେ ମନ୍ତ୍ରୀ ନୀଳମଣି ରାଉତରାୟଙ୍କ ସହଧର୍ମିଣୀ ଶ୍ରୀମତୀ ନଳିନୀଦେବୀ ରାଉତରାୟ ଅଫିସ ଭିତରକୁ ପଶି ଆସି ମୁଁ ବସିଥିବା ଖଟ ଉପରେ ବସିପଡ଼ିଲେ ଏବଂ ମୋତେ କହିଲେ–"ମୁଁ ଡଗରର ଜଣେ ଅତି ଆଗ୍ରହୀ ପାଠିକା । ଡଗରର ରଜତ ଜୟନ୍ତୀ ଉତ୍ସବ ହେଉଥିବାରୁ ମୁଁ ଅତି ଆନନ୍ଦିତ । ଆପଣ ଚାନ୍ଦା ନ ମାଗିଥିଲେ ମଧ୍ୟ ମୁଁ ସ୍ୱତଃପ୍ରବୃତ୍ତ ହୋଇ ଆପଣଙ୍କୁ ଏଥିପାଇଁ ଏଇ ୫୦ ଟଙ୍କା ଦେଉଛି ରଖନ୍ତୁ ।" ସେ ପୁଣି କହିଲେ–"ମୁଁ ଇଚ୍ଛା କରିଥିଲେ ମନ୍ତ୍ରୀଙ୍କ ଉପରେ ପ୍ରଭାବ ପକାଇ ଯଥେଷ୍ଟ ଟଙ୍କା ଆପଣଙ୍କୁ ଦେଇ ପାରି ଥାଆନ୍ତି । କିନ୍ତୁ ସେ ପାପ ଧନ ଏପରି ଏକ ପୁଣ୍ୟ ଅନୁଷ୍ଠାନରେ ପଶିବା ଉଚିତ ନୁହେଁ ଭାବି ମୋ ନିଜ ଅର୍ଜିତ ଟଙ୍କାରୁ ଏଇ ୫୦ ଟଙ୍କା ଦେଉଛି ।" ମୁଁ ଅତି କୃତଜ୍ଞତାର ସହ ତାହା ଗ୍ରହଣ କଲି ଏବଂ ରସିଦ୍ ଦେଇ ଦେଲି । ଅନେକ ସମୟ ଯାଏ ସେ ମୋ ପାଖରେ ବସି ମୋତେ ବହୁ ଉତ୍ସାହ ଦେଲେ ଏବଂ ବିଦାୟ ନେଇ ତାଙ୍କ କାର୍‌ରେ ଚାଲିଗଲେ । ଏ ଘଟଣାଟି ମୋତେ ଖୁବ୍ ପ୍ରଭାବିତ କରିଥିଲା ।

ଅଧ୍ୟାପକ କୁଞ୍ଜବିହାରୀ ଦାଶଙ୍କ ପାଖରେ ତାଙ୍କ ଅନୁଜଙ୍କ ଦ୍ୱାରା ଆମେରିକାରୁ ପ୍ରେରିତ ଅତି ମୂଲ୍ୟବାନ କ୍ୟାମେରା ଥିଲା । ମୋର ବନ୍ଧୁ ଉତ୍କଳ ବିଶ୍ୱବିଦ୍ୟାଳୟର କର୍ମଚାରୀ ନୀଳମଣି ମାହାନ୍ତାଙ୍କ ସାହାଯ୍ୟରେ ସବୁ ଲେଖକମାନଙ୍କର ଫଟୋ ନେଲି ଏବଂ ଫଟୋଗୁଡ଼ିକ ବ୍ଲକ୍ ହେବା ପାଇଁ କଲିକତା ପଠାଇ ଦେଲି । ଘଣ୍ଟା କଣ୍ଟା ପରି ଜୟନ୍ତୀ କାର୍ଯ୍ୟ ଆଗେଇ ଚାଲିଥାଏ । ନିତ୍ୟକର୍ମ ସମୟତକ ବାଦ ଦେଇ ମୁଁ ସକାଳୁ ରାତି ୧୨ଟା ଗୋଟାଏ ଯାଏ ନିବିଷ୍ଟଚିତ୍ତରେ ସବୁକାମ କରି ଯାଉଥାଏ । ରେକର୍ଡପତ୍ର, ହିସାବ, ଚିଠିପତ୍ରର ନକଲ, ଲେଖକମାନଙ୍କର ବିବରଣୀ ସବୁ ସଜାସଜି କରି ରଖିବା ମୋ ନିଜ ହାତରେ କରୁଥାଏ । ମୁଁ ଏକୁଟିଆ ଏତେଗୁଡ଼ାଏ କାମ ଯେ କିପରି କରି ପାରିଲି ତାହା ଏବେ ଭାବି ଆଶ୍ଚର୍ଯ୍ୟ ହେଉଛି । ରଜତ ଜୟନ୍ତୀ ନିଶାରେ ମୁଁ ଏକପ୍ରକାର ମାତାଲ ହୋଇ ଯାଇଥିଲି । ହଠାତ୍ ଦିନେ ନିତ୍ୟାନନ୍ଦ ବାବୁ କେତେକ ବନ୍ଧୁଙ୍କ ସଙ୍ଗେ ଆସି ପ୍ରେସ୍‌ରେ ପହଞ୍ଚିଲେ । ସେତେବେଳକୁ ଛପା କପିଗୁଡ଼ିକ ବଙ୍ଗଳା ପୂଜା ବିଶେଷାଙ୍କ ପରି ମୋଟା ହୋଇ ଯାଇଥାଏ । ସେ ତାହା ଦେଖି ମୋତେ କହିଲେ–"ଆପଣ ଅତି ସାହସିକ ପଦକ୍ଷେପ ନେଉଛନ୍ତି । କେବଳ ପତ୍ରିକାରେ ସବୁ ଖର୍ଚ୍ଚ କରିଦେଲେ ଅନ୍ୟସବୁ ବିଷୟ ପାଇଁ ପାଖରେ ପଇସା ନଥିବ । ସମସ୍ତ କାମ ଅଧାପନ୍ତରା ହୋଇଯିବ ।"

ଯେତେକ ଲେଖା ଆସିଥିଲା ସେତିକ ଯଦି ଛପା ହୋଇ ଥାଆନ୍ତା ତେବେ ଛପା ହୋଇଥିବା ଜୟନ୍ତୀ ବିଶେଷାଙ୍କର ଦୁଇ ଗୁଣ ମୋଟା ହୋଇ ଥାଆନ୍ତା । ମୁଁ ସତର୍କ ହୋଇଗଲି । ଗୁଡ଼ିଏ ଗପ ବାଦ୍ ଦେବି ବୋଲି ସ୍ଥିର କଲି । ପ୍ରଥମେ ମୋ ନିଜ ଗପକୁ ଫାଇଲରୁ କାଢିନେଲି । ଏହା ଦେଖି ମୋ ବନ୍ଧୁମାନେ କହିଲେ–"ଇଏ କ'ଣ କରୁଛନ୍ତି ? ଆପଣଙ୍କ ଗପକୁ ଲୋକେ ବେଶି ଆଦର କରନ୍ତି । ତେଣୁ ଆପଣଙ୍କ

Digitized by srujanika@gmail.com

ଗପଟି ରଖନ୍ତୁ ।" ମୁଁ କହିଲି—"ଯେଉଁମାନଙ୍କର ବାହାରିବ ନାହିଁ, ସେମାନେ ପତ୍ରିକାରେ ମୋ ଗପଟି ଦେଖି କ'ଣ କହିବେ ! ଘରିଆଡ଼େ କହି ବୁଲିବେ—ନିଜ ଗପକୁ ଛାପିଲବେଳକୁ ଛାପି ଦେଲେ, ଅଥଚ ଆମ ଗପସବୁ ଗନ୍ଧେଇଲା ।" ତେଣୁ ଅନ୍ୟର ଗପ ସବୁ ବାଦ୍‌ଦେବା ପୂର୍ବରୁ ମୋ ଗପଟିକୁ ଆଗ ବାଦ୍ ଦେବି । ମୁଁ କାହାରି ଅନୁରୋଧ ରଖିଲି ନାହିଁ । ଯେଉଁ ଅଧ୍ୟାପକମାନଙ୍କ ଲେଖା ବାଦ ପଡ଼ିଗଲା ସେମାନେ ବିଶେଷାଙ୍କଟି ପ୍ରକାଶିତ ହେବା ପୂର୍ବରୁ କୌଣସିପ୍ରକାରେ ତାହା ଜାଣିପାରି ମୋତେ କଟୁ ଭାଷାରେ ତୀବ୍ର ଭର୍ତ୍ସନା କରିବାକୁ ଲାଗିଲେ । ମୁଁ ସେ ଗାଳିଗୁଡ଼ିକ ଖାଳେଇରେ ପକେଇ ଦେଲି ।

ମୁଁ ସାତଦିନ ଧରି ଉତ୍ସବ କରିବାକୁ ସ୍ଥିର କରିଥିଲି । ସମସ୍ତେ ତାହା କରିବାକୁ ମନାକଲେ । ତା' ପରିବର୍ତ୍ତେ ତିନିଦିନ ଧରି ଉତ୍ସବ ଲାଗିଲା । ବିଶେଷାଙ୍କର କଭରଟି ଶିଳ୍ପୀ ଉଦୟ ନାରାୟଣ ଜେନା କରିଥିଲେ । ଏହାର ଉଦ୍‌ଘାଟନ ପାଇଁ ମୁଁ ଗୋଟିଏ ଅଭିନବ ପନ୍ଥା ସ୍ଥିର କଲି । ଗୋଟିଏ ବିରାଟକାୟ ଧାତୁନିର୍ମିତ ଓ ରଙ୍ଗୀନ୍ ପଦ୍ମଫୁଲ ଗୋଟିଏ ଦକ୍ଷ ମିସ୍ତ୍ରୀ ହାତରେ କରାଇ ଥିଲି । ତାହାର ପାଖୁଡ଼ା ଗୁଡ଼ାକ ବନ୍ଦ୍ ହେଉଥିଲା ଓ ଆପେ ଆପେ ଖୋଲି ଯାଉଥିଲା । ତା ମଧ୍ୟରେ ଗୋଟିଏ ବିରାଟ କେଶର ହୋଇଥିଲା ଓ ତା ମଝିରେ ଗୋଟିଏ ଗାତ ଥିଲା । ସେହି ଗାତ ମଧ୍ୟରେ ବିଶେଷାଙ୍କଟି ଗୁଡ଼େଇ ଭର୍ତ୍ତି ହୋଇଥିଲା । ଗାତ ତଳେ ଗୋଟିଏ ସ୍ପ୍ରିଂ ଥିଲା । ବିଶେଷାଙ୍କ ଉପରେ ଗୋଟିଏ ସମ୍ପୂର୍ଣ୍ଣ ଧଳା ପାରା ବସେଇ ପାଖୁଡ଼ାଗୁଡ଼ାକ ଘୋଡ଼େଇ ଦିଆ ଯାଇଥିଲା । ପାରାଟି ଯେପରି ଆରାମରେ ରହିବ ତାହାର ସୁବ୍ୟବସ୍ଥା ହୋଇଥିଲା । ସବୁ ପାଖୁଡ଼ା-ଗୁଡ଼ାକ ଏକାଠି ରଖିବା ଲାଗି ଗୋଟିଏ ସୂତାରେ ଛନ୍ଦା ଯାଇଥିଲା । ଉଦ୍‌ଘାଟକ ସଭା ଆରମ୍ଭରେ ସଂକ୍ଷିପ୍ତ ଭାଷଣ ଦେଇ ସୂତାଟିକୁ କାଟିଦେବାମାତ୍ରେ ପଦ୍ମର ପାଖୁଡ଼ାଗୁଡ଼ିକ ମେଲିଗଲା । ଧଳାପାରାଟି ଫଡ୍ ଫଡ୍ ହୋଇ ଉପରକୁ ଉଡ଼ିଗଲା ଏବଂ କେଶର ମଧ୍ୟରୁ ବିଶେଷାଙ୍କଟି ବାହାରି ପଡ଼ିଲା । ପ୍ରଚଣ୍ଡ କରତାଳିରେ ଉତ୍କଳ ସାହିତ୍ୟ ସମାଜର ହଲ୍‌ଟି କମ୍ପି ଉଠିଲା । ଆଗରୁ ଯେଉଁ ସବୁ ତିରସ୍କାର ମୁଁ ଶୁଣିଥିଲି ସେଥି-ଲାଗି ମୁଁ ଶ୍ରୀରାମଚନ୍ଦ୍ର ଭବନକୁ ଯିବାକୁ ଇଚ୍ଛା କରି ନଥିଲି । ନିତ୍ୟାନନ୍ଦ ବାବୁ ଏହା ଜାଣିପାରି ରାଧାମୋହନ ଗଡ଼ନାୟକଙ୍କୁ ମୋ ପାଖକୁ ପଠାଇ ଥିଲେ । ରାଧାମୋହନ ବାବୁ ମୋତେ କହିଲେ—"ଆପଣ ଯଦି ନଯିବେ, ମୁଁ ଯିବି ନାହିଁ ।" ତାଙ୍କର କିନ୍ତୁ ଉପଢୌକନ ପାଇବାର ଥିଲା । ସେ ନଗଲେ ସବୁ ବିଭ୍ରାଟ ହୋଇଯିବ । ମୁଁ ବାଧ୍ୟହୋଇ ତାଙ୍କ ସାଙ୍ଗରେ ଗଲି । ସେଠାରେ ମଧ୍ୟ ଲେଖା ବାହାରି ନଥିବା କେତେକ ଅଧ୍ୟାପକ ଅତି କଟୁ ଭାଷାରେ ମୋତେ ଗାଳିଗୁଲଜ କରିବାକୁ ଲାଗିଲେ । ଦର୍ଶକ ମାନଙ୍କର ପ୍ରାଚୁର୍ଯ୍ୟ ଓ ଉତ୍ସାହ ଦେଖି ମୁଁ ସେଥିପ୍ରତି ଖାତିର୍ କରି ନଥିଲି । ନେତୃସ୍ଥାନୀୟ ଲେଖକମାନେ ମୋତେ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ ।

ଏହାପରେ ଡଗର ପଠାଇବା କାମରେ ମଜ୍ଜିଗଲି । କଟକ ସହର ଓ ଆଖପାଖ ଅଞ୍ଚଳର ଡଗର ପାଇବାକୁ ଥିବା ବ୍ୟକ୍ତିମାନଙ୍କ ପାଖକୁ ମୋର ବିଶ୍ୱସ୍ତ

Digitized by srujanika@gmail.com

କର୍ମଗ୍ରାମାନଙ୍କ ହାତରେ ପଠାଇ ଦେଲି ଏବଂ ଦୂରରେ ଥିବା ଲୋକମାନଙ୍କ ପାଖକୁ ରେଜେଷ୍ଟ୍ରି ବୁକ୍‌ପୋଷ୍ଟ୍‌ରେ ପଠାଇଲି । ଏଥିପାଇଁ ତାଙ୍କ ବିଭାଗରୁ ସ୍ୱତନ୍ତ୍ର ଅନୁମତିପତ୍ର ଧରି ମୁଁ ତିନି ଦିନ ଯାଏ ଡଗର ଡେଲିଭରିରେ ସାହାଯ୍ୟ କରିଥିଲି । ସବୁ କାମ ସରିଯିବା ପରେ ମୋର ମସ୍ତିଷ୍କ ବିକୃତି ଧରିଲା । ରାତିରେ ମୋଟେ ନିଦ ହେଲା ନାହିଁ । ଆଖି ବୁଜିବା ମାତ୍ରେ ହିସାବ-କିତାବ ସବୁ ମୋ ମୁଣ୍ଡରେ ନାଚିଲେ । ମୁଁ ବିବ୍ରତ ହୋଇ-ପଡ଼ି ଶେଷରେ ଡାକ୍ତରଙ୍କ ସାହାଯ୍ୟ ନେଲି । ସାତ ଆଠଦିନ ନିଦ ଔଷଧ ଖାଇବା ପରେ ମୁଁ ପ୍ରକୃତିସ୍ଥ ହେଲି । ନିତ୍ୟାନନ୍ଦ ବାବୁ ଭଦ୍ରକରୁ ମୋ ପାଖକୁ ଗୋଟିଏ ପୋଷ୍ଟକାର୍ଡ ପଠାଇଲେ । ସେଥିରେ ଯାହା ଲେଖା ହୋଇଥିଲା ତାହା ମୁଁ ଅବିକଳ ତଳେ ଦେଲି—

'ଆସନ୍ତାକାଲି' ଓ 'ଦିଗନ୍ତ'ର ପୂଜା ସଂଖ୍ୟା ଦେଖିଲେ 'ଡଗର'ର ରଜତ-ଜୟନ୍ତୀ ବିଶେଷାଙ୍କ ଯେ କେଡ଼େ ଦରିଦ୍ର ତାହା ବେଶ୍ ବୁଝା ପଡୁଛି । କିଛିଦିନ ସେ ଚିଠିକୁ ମୋ ପକେଟ୍‌ରେ ରଖିଲି । ଯେଉଁମାନେ ଏ ବିଶେଷାଙ୍କ ପାଇଁ ମୋତେ ପ୍ରଶଂସା କରୁଥିଲେ ସେମାନଙ୍କୁ ମୁଁ ଏ ଚିଠିଟି ଦେଖାଇ ଦେଉଥିଲି । ଏ ଚିଠିଟି ମୋର ମାନସିକ ଭାରସାମ୍ୟ ରଖିବାରେ ବେଶ୍ ସାହାଯ୍ୟ କଲା । ପ୍ରଶଂସାଗୁଡ଼ାକ ଶୁଣି ମୋ ମନଟା କଞ୍ଚାଚୂଡ଼ା ପରି ଫୁଲି ଉଠିଥିଲା । ଏତକ ମାଡ଼ ମୋ ଉପରେ ନ ପଡ଼ିଥିଲେ ଫୁଲି ଫୁଲି ଫାଟିଯାଇ ଥାଆନ୍ତି । ନିତ୍ୟାନନ୍ଦ ବାବୁଙ୍କର ଏହି ଚିଠି ମୋତେ ପ୍ରକୃତିସ୍ଥ କରିଦେଲା । ତୁଚ୍ଛ ଅହମିକା ମୋ ଦେହରୁ ପୋଛି ନେଇଥିଲା । କେତେଗୁଡ଼ିଏ ଓଡ଼ିଆ ଅଧ୍ୟାପକଙ୍କର ମୋ ପ୍ରତି ତାଚ୍ଛଲ୍ୟ ବିଷୟରେ ମୁଁ ଧନ୍ଦି ହେଲି । ମୁଁ ଜଣେ ତୁଚ୍ଛ ମାଟ୍ରିକ୍ ପାଶ୍ ବାଲା ଥିବାରୁ ବୋଧହୁଏ ସେମାନଙ୍କର ଏପରି ବ୍ୟବହାର ଥିଲା । ଆଉ ଏକ ଘଟଣାରେ ମୋର ଏଇ ଧାରଣା ଦୃଢ଼ୀଭୂତ ହୋଇଗଲା । ଥରେ ଭଗବାନ ନାୟକ ବର୍ମା ଓ ତାଙ୍କର କେତେକ ବନ୍ଧୁ ଶ୍ରୀରାମଚନ୍ଦ୍ର ଭବନରେ ଏକ ସଭା ଡାକିଥିଲେ । ସେଠାକୁ ଡ: ଶ୍ରୀରାମଚନ୍ଦ୍ର ଦାଶ ମଧ୍ୟ ଯାଇଥିଲେ । ଉଦ୍ୟୋକ୍ତାମାନେ ଯାହାଙ୍କୁ ସଭାପତି କରିବେ ବୋଲି ସ୍ଥିର କରିଥିଲେ ସେ ଆସିଲେ ନାହିଁ । ସେମାନେ ସଭାରେ ସବୁଠାରୁ ବୟସ୍କଲୋକ ଠାବ କରିବା ଲାଗି ଯାଡ଼େସାଡ଼େ ଚାହିଁଲେ । ମୁଁ ସମସ୍ତଙ୍କ ଠାରୁ ବୟସରେ ବଡ଼ ବୋଲି ସେମାନଙ୍କର ହୃଦ୍‌ବୋଧ ହୋଇଗଲା । ସଭାପତି ହେବାକୁ ସେମାନେ ମତେ ଧରି ଘୋଷାଡ଼ିଲେ । ଛେଳିକୁ ପାଣିକି ଘୋଷାଡ଼ିଲା ପରି ସେମାନେ ମୋତେ ଘୋଷାଡୁ ଥାଆନ୍ତି । ମୁଁ ବିରକ୍ତିରସହ ନାହିଁ ନାହିଁ କରୁଥାଏ । ଶେଷରେ ଶ୍ରୀରାମ ଦାଶ ମୋତେ ବୁଝାଇ କହିଲେ—"ସେମାନେ ଏତେ ଶ୍ରଦ୍ଧାରେ ଡାକୁଛନ୍ତି କାହିଁକି ଅମଙ୍ଗ ହେଉଛ ?"

ମୁଁ କହିଲି ସେ ସବୁ କାମ ମୋତେ ଆସେ ନାହିଁ କି ବକ୍ତୃତା ଦେଇ ଆସେ ନାହିଁ । ଶ୍ରୀରାମ ଦାଶ କହିଲେ—"ସେମାନେ ସବୁ କିଛି କରିବେ, ତୁମେ ଖାଲି ବସିବ । ଶେଷରେ ତାଙ୍କ କଥା ମାନି ମୁଁ ଯାଇଁ ଚଉକୀରେ ଗୋଟିଏ ମୂର୍ତ୍ତିପରି ମୋ ପାଟି ବନ୍ଦ୍ କରି ବସିଲି । ଏହି ସମୟରେ ଦ୍ୱିତୀୟ ଧାଡ଼ିରେ ବସିଥିବା ଜଣେ ଓଡ଼ିଆ ଅଧ୍ୟାପକ ହଠାତ୍ ଉଠିପଡ଼ି ପଦାକୁ ବାହାରିଗଲେ । ଭଗବାନ ନାୟକ ବର୍ମା ଓ ତାଙ୍କର ବନ୍ଧୁମାନେ ପଦାରେ ଯାଇଁ ତାଙ୍କୁ ଅଟକାଇଲେ । ସେ ରାଗରେ ଅଗ୍ନିଶର୍ମା

Digitized by srujanika@gmail.com

ହୋଇ ସେମାନଙ୍କୁ କହିଲେ–"ଯେଉଁ ସଭାରେ ଗୋଟାଏ ମାଟ୍ରିକ୍ ଦରପାଠୁଆ ସଭାପତି ହେବ ସେଠି ମୁଁ କେବେହେଲେ ବସିପାରିବି !" ଏତକ କହି ସେ ସମସ୍ତଙ୍କ ହାତକୁ ଛିଞ୍ଚାଡ଼ି ଚାଲିଗଲେ । ବର୍ମାଙ୍କର ଜଣେ ବନ୍ଧୁ ଉତ୍ତେଜିତ ହୋଇ କହି ପକାଇଲେ–"କେଉଁ ଗୁଣରେ ସେ ମୂର୍ଖଟା ଡ: ଶ୍ରୀରାମ ଦାଶଙ୍କଠାରୁ ଗୁଣ ଗାରିମାରେ ବଡ଼ ?" ଗୋଟାଏ ଦଣ୍ଡକିରି ମାଛ । ସେଇଥିଲାଗି ଫର୍ ଫର୍ ହେଉଛି । ଗର୍ଭ ଦେଖାଇ ଚାଲିଗଲା, ସତେଯେମିତି ଆମର ଆଳୁଅ ହୋଇଗଲା ।"

ସଭା ସୁରୁଖୁରୁରେ ସରିଲା । ମୁଁ ସବୁ କଥା ଜାଣି ପାରିଲି । ବର୍ମାଙ୍କୁ କହିଲି "କାହିଁକି ମୋତେ ଏ ହଲପଟା କଲ ? ସେ କିଛି ନାକରା କଥା କହିଲେ ନାହିଁ ତ !" ମନ ଭିତରେ ବହୁ ଆସ୍ୱସ୍ତି ବୋଧ କଲି । ମୋର ବୟସ ହୋଇଛି ସତ । ମୁଁ ସିନା ଡାକ୍ତରୀ ପାଶ୍ କରିଛି । ହେଲେ ସାହିତ୍ୟ ଜ୍ଞାନ ତ ମୋର ମାଟ୍ରିକ୍ ଯାଏ । ସମାଜରେ ମୋର ସ୍ଥାନ ନାହିଁ ।

ଦିନେ ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟ ଅଫିସ୍‌କୁ ମୋର ପରମ ବନ୍ଧୁ ନୀଳମଣି ମାହାନ୍ତାଙ୍କ ପାଖକୁ ଯାଇଥିଲି । ସେଠାରେ ବହୁ ଛାତ୍ର ଏକାଠି ହୋଇ ହାଉ ହାଉ ହେଉଥିଲେ । ମୁଁ ମାହାନ୍ତାଙ୍କୁ ପଚାରିଲି–"ମାହାନ୍ତାଏ ! ବର୍ତ୍ତମାନ ତ ପରୀକ୍ଷା କିଛି ନାହିଁ ଏତେ ଛାତ୍ରଙ୍କ ଭିଡ଼ ହୋଇଛି କାହିଁକି ? ସେ କହିଲେ–"ଏଇଟା ଆଇ.ଏ. ପରୀକ୍ଷା ଦେବାର ସର୍ବଶେଷ ସୁବିଧା । ଏହାପରେ ଆଇ.ଏ. ପରୀକ୍ଷା ଆଉ ହେବ ନାହିଁ । ମୁଁ କହିଲି–"ଆମେ ପରୀକ୍ଷା ଦେଇଦେଲେ ଚଳନ୍ତା ନାହିଁ ?"

ସେ କହିଲେ–"ହଁ, ଦେଲେ ଚଳିବ ।" ଏହି ଇଚ୍ଛାଟା ବୋଧହୁଏ ତାଙ୍କ ମନରେ ରହି ଘୁଙ୍ଗୁଡ଼ି ମାରୁଥିଲା । ସେ ସଙ୍ଗେ ସଙ୍ଗେ ଆମ ଦୁଇ ଜଣଙ୍କର ଫର୍ମ ଆଣି ପୂରଣ କରି ଦରଖାସ୍ତ ଓ ଫିସ୍ ସେଇଠି ଦାଖଲ କରି ଦେଲେ ! ସେଦିନ ଶେଷଦିନ ଥିଲା ବୋଲି ସେ ତାଙ୍କର ଜଣେ ବଂଧୁଙ୍କ ପାଖରୁ ଟଙ୍କା ଆଣି ଦେଇଥିଲେ । ସେ ବରବର ଆମ ଘରକୁ ଆସୁଥିଲେ ଓ ଆମରି ଘରେ ପଢାପଢି ସୁରୁ ହେଲା । ମୋର ଅନେକ ବଂଧୁ ମୋତେ ଥଟ୍ଟା କରିବାକୁ ଲାଗିଲେ । ଆମେ ଦୁହେଁ ଓଡ଼ିଆ, ମନସ୍ତତ୍ତ୍ୱ ଓ ଅର୍ଥନୀତି ନେଇଥିଲୁ । ସେତେବେଳକୁ ମୋର ଆଖିର ଜ୍ୟୋତି କମି ଆସିଥିଲା । ସଙ୍ଗୀ ଅଧ୍ୟାପକ କେତେଜଣ ମୋତେ ପଢ଼ାଇ ଦେଉଥିଲେ । ଜଣେ ବଂଧୁ ରୀତିମତ ମାଷ୍ଟରଙ୍କ ପରି ମତେ ଅର୍ଥଶାସ୍ତ୍ର ପଢ଼ାଉ ଥିଲେ । ଡ: ଶ୍ରୀରାମଚନ୍ଦ୍ର ଦାଶ ମୋତେ ବରବର ଉତ୍ସାହ ଦେଉଥାଆନ୍ତି ଯେ ମୁଁ ନିଶ୍ଚୟ ପାଶ୍ କରିଯିବି । ଯାହାହେଉ ପରୀକ୍ଷା ସରିଲା । ଓଡ଼ିଆରେ ମୁଁ ଖୁବ୍ ଭଲ କରିଥିଲି । ମୋତେ ଯିଏ ଅର୍ଥଶାସ୍ତ୍ର ପଢ଼ାଉଥିଲେ ସେ ତାଙ୍କ ବନ୍ଧୁଙ୍କ ପାଖକୁ ମୋର ରୋଲ୍ ନମ୍ବରଟି ପଠାଇ ଦେଇଥିଲେ ଏବଂ ତାଙ୍କୁ ଅନୁରୋଧ କରିଥିଲେ ଯେ ସେ ରୋଲ୍ ନମ୍ବର ଫତୁରାନନ୍ଦଙ୍କର । ଅନ୍ୟ ଦୁଇ ପତ୍ରକୁ ସାହାଯ୍ୟ କଲାପରି କିଛି ବେଶି ନମ୍ବର ଦେବ । ଏତକ ଚିଠି ଲେଖିସାରି ସେ ମୋତେ ଆସି କହିଲେ–"ରାମବାବୁ, ତୁମର ଓଡ଼ିଆରେ ଆଉ ଚିନ୍ତା ନାହିଁ । ତୁମ ଖାତା ଯେଉଁଠି ପଡ଼ିଚି ସେ ମୋର ପରମ ବଂଧୁ । ତାଙ୍କୁ ଅନୁରୋଧ କରି କିଛି ବେଶି ନମ୍ବର ଦେବା ଲାଗି ମୁଁ ଚିଠି ଦେଇଛି । "ମୁଁ ପଚାରିଲି ସେ ଅଧ୍ୟାପକ କିଏ ?" ସେ କହିଲେ–

Digitized by srujanika@gmail.com

"ସେ ହେଉଛନ୍ତି ଅମୁକ ଅଧ୍ୟାପକ ।" ମୁଁ ତାଙ୍କ ନାମ ଶୁଣିବାମାତ୍ରେ ଲଥିକରି ବସି ପଡ଼ିଲି । ସେ ପଗ୍ଚରିଲେ—"କଣ ହେଲାକି ? ଏପରି ବିବ୍ରତ କାହିଁକି ହେଲ ?" ମୁଁ କହିଲି—"ମୋତେ ନ ପଗ୍ଚରି ଆପଣ କାହିଁକି ଲେଖିଲେ । ଦେଖିବେ ସେ ପତ୍ରଟିରେ ମୁଁ ଡାହା ଫେଲ୍ ହେବି "ସେ ମୋତେ ବହୁ ପ୍ରବୋଧ ଦେଇ କହିଲେ ଯେ ସେ ଜଣେ ଅତି ଭଲ ଲୋକ, ଏହା କେବେହେଲେ କରିବେ ନାହିଁ ।" ମୁଁ କହିଲି "ହଉ ପରୀକ୍ଷା ଫଳ ବାହାରୁ ।"

ଫଳ ବାହାରିଲା । ଅମୁକ ଦେଖିଥିବା ଖାତାରେ ମୁଁ ୧୫ ନମ୍ବର ପାଇଥିଲି । ଭାଗ୍ୟକୁ ଅନ୍ୟ ଦୁଇ ପତ୍ରରେ ଯଥେଷ୍ଟ ମାର୍କ ଥିବାରୁ ମୁଁ ପାଶ୍ କରିଗଲି । ଅମୁକ ମୋତେ ଓଡ଼ିଆ ପରୀକ୍ଷାରେ ଡାହା ଫେଲ୍ କରି ଦେଇଛନ୍ତି ବୋଲି ଖବରଟା ମୋ ବନ୍ଧୁ ମହଲରେ ଚହଲ-ପକାଇ ଦେଲା । ସମସ୍ତେ ତାଙ୍କୁ ତୀବ୍ର ଭର୍ତ୍ସନା କଲେ । ଏପରି ମୋତେ ଫେଲ୍ କରିବାର ଗୋଟେ ବଡ଼ କାରଣ ଥିଲା । ଡଗର ରଜତ ଜୟନ୍ତୀ ବିଶେଷାଙ୍କରେ ପ୍ରକାଶ ପାଇବା ଲାଗି ସେ ମୋତେ ଗୋଟେ ଗପ ଦେଇଥିଲେ । ସେ ତାଙ୍କର ବହୁତ ଛାତ୍ରୀଙ୍କୁ ସେହି ଗଳ୍ପ ପଢ଼ାଇ କହିଥିଲେ ଯେ ଏହି ଗଳ୍ପଟି ଡଗର ରଜତ ଜୟନ୍ତୀ ବିଶେଷାଙ୍କରେ ପ୍ରକାଶ ପାଉଅଛି । ସେମାନେ ଯେପରି ସେ କପିଟିଏ ଗୋଟେ ଗୋଟେ ପାଇ ପାରିବେ ସେଥିଲାଗି ହାତରୁ ପଇସା ଦେଇ ସେମାନଙ୍କୁ ଗ୍ରାହିକା କରି-ଦେଇଥିଲେ । ମୋତେ ସେ ଚାନ୍ଦା ଓ ଗଳ୍ପ ଦେଇ ଯାଇଥିଲେ । ସେହି ଗଳ୍ପଟି ଭଲ ଥିଲା । ପ୍ରକାଶ ନ ପାଇବାର କୌଣସି କାରଣ ନଥିଲା । ତାହା ପ୍ରକାଶ ପାଇବ ବୋଲି ମୁଁ ତାଙ୍କୁ ମଧ୍ୟ ଯୋର୍ କରି କହିଥିଲି । ଡଗରର ଆକାର ଅତିବେଶୀ ବଢି ଯିବାରୁ ଗୁଡ଼ିଏ ଗଳ୍ପ ବନ୍ଦ କରି ଦିଆଗଲା । ଏହି ଗଳ୍ପ ଭିତରେ ଅଧ୍ୟାପକଙ୍କ ଗଳ୍ପ ଅନ୍ୟ କେତେ-ଜଣ ପ୍ରତିଭାବାନ୍ ଲେଖକଙ୍କ ଗଳ୍ପ ସହିତ ଫାଇଲ୍ ଭିତରେ ବନ୍ଦି ହୋଇ ରହିଗଲା । ଅଧ୍ୟାପକଙ୍କ ଗଳ୍ପଟି କୌଣସିମତେ ପୂରଇ ପାରିଲି ନାହିଁ । ରଜତ ଜୟନ୍ତୀ ଉତ୍ସବ ଦିନ ସେହି ଅଧ୍ୟାପକ ଉପରଓଳି ପ୍ରେସ୍‌କୁ ଆସିଲେ । ସେ ଯେତେବେଳେ ମୋର ଦୁଃଖ ପ୍ରକାଶ ସହିତ ତାଙ୍କ ଗଳ୍ପ ପ୍ରକାଶ ପାଇନାହିଁ ବୋଲି ଶୁଣିଲେ ତାଙ୍କର ମୁହଁ ବିବର୍ଣ୍ଣ ହୋଇଗଲା । ତାଙ୍କର ଦୁଇ ଆଖିରୁ ଦୁଇଧାର ଲୁହ ଗଳି ପଡ଼ିଲା । ଅତିଶୟ ମାନସିକ ବେଦନା ମୁଁ ଅନୁଭବ କଲି । ତାଙ୍କୁ ପ୍ରବୋଧ ଦେଇ କହିଲି ମୋର ଅନ୍ୟ ଉପାୟ ନଥିଲା । ପର ସଂଖ୍ୟାରେ ତାଙ୍କର ଗଳ୍ପଟା ପ୍ରଥମ ସ୍ଥାନରେ ପ୍ରକାଶ କରିବି । ସେ କୌଣସି ବିଷୟ ଶୁଣିବା ପାଇଁ ପ୍ରସ୍ତୁତ ନଥିଲେ । ଭୟଙ୍କର ଭାବରେ ରାଗିଯାଇ ସେ ତାଙ୍କ ଗଳ୍ପଟିକୁ ମୋଠାରୁ ନେଇଗଲେ । ମୋର ଓଡ଼ିଆରେ ୧୫ ନମ୍ବର ପାଇଁ ଏହାହିଁ ଯଥେଷ୍ଟ କାରଣ ଥିଲା । ସେ ମଧ୍ୟ ବହୁ ଲୋକଙ୍କଠାରୁ ସେଥିପାଇଁ ତିରସ୍କୃତ ହୋଇ ଶେଷରେ ମୋ ପାଖରେ ଯାଚି ପହଞ୍ଚି ଥିଲେ । ଆମେ ଦୁଇଜଣ ପରସ୍ପରକୁ ପ୍ରବୋଧ ଦେଇ ମନକୁ ଟିକିଏ ଟିକିଏ ଲଘବ କରିନେଲୁ ।

ଆଇ. ଏ. ପାଶ୍ କରିବା ପରେ ମାହାନା ଓ ମୁଣ୍ଡରେ ପୁଣି କଣ୍ଡୂୟନ ଜାତ ହେଲା । ଆମେ ଦୁହେଁ ସ୍ଥିର କଲୁ ଆଇ. ଏ. ପରୀକ୍ଷା ଦେଇ କି ଲାଭ ! ଆଇ. ଏ. ମାଟ୍ରିକ୍ ସହ ସମାନ । ବି. ଏ. ପରୀକ୍ଷା ଦେଇଦେଲେ ଗ୍ରାଜୁଏଟ୍ ହୋଇଯିବା ।

Digitized by srujanika@gmail.com

ଗ୍ରାଜୁଏଟ୍ ହେବାପାଇଁ ଆମେ ଦୁହେଁ ପାଇକଛା ଭିଡ଼ିଲୁ । ଆଇ. ଏ. ପରୀକ୍ଷାରେ ସିନା ଗୋଟାଏ ଠୋକର ଖାଇଥିଲି, ବି. ଏ. ପରୀକ୍ଷାରେ ଦୁଇଟା ଖାଇଲି । ଓଡ଼ିଆ ପରୀକ୍ଷାରେ ଆମ ଦୁହିଁଙ୍କ ଖାତା ଅଧ୍ୟାପକ କୃଷ୍ଣ ବେହେରଙ୍କ ପାଖରେ ପଡ଼ିବ ବୋଲି ଆମେ ଆଗରୁ ଜାଣି ପାରିଥିଲୁ । ଅଧ୍ୟାପକ ବେହେରା ଆମର କେବଳ ଜଣାଶୁଣା ନଥିଲେ । ସେ ଥିଲେ ଗୋଟାଏ ବଡ଼ ଦୋସ୍ତ ! ଓଡ଼ିଆରେ ପ୍ରଶ୍ନ ପଡ଼ିଥିଲା ଶକୁନ୍ତଳା ଓ ଦୁଷ୍ମନ୍ତଙ୍କ ପ୍ରେମ ଯେ ସଂଯତ ଓ ସ୍ୱର୍ଗୀୟ ଥିଲା ତାହା ବର୍ଣ୍ଣନା କର । ମୁଁ ମନେ ମନେ ଭାବିଲି, "କୃଷ୍ଣ ବେହେରା ତ ଖାତା ପାଇବେ । ତାଙ୍କ ପାଇଁ ଏକ ଫେଚକାମିଆ ଲେଖା ଲେଖିଦେବି ।" ସ୍ୱର୍ଗୀୟ ପ୍ରେମ କଥା ଲେଖିବାକୁ ଯାଇ ପ୍ରଥମରେ ମୁଁ ଲେଖିଲି "ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କର ପ୍ରଥମ ଦର୍ଶନ ହେଲାବେଳେ ଦୁଷ୍ମନ୍ତ ତାଙ୍କୁ ଟୋକାଙ୍କ ପରି କୌଣସି ଅଶ୍ଳୀଳ ଇଙ୍ଗିତ ଦେଇ ନଥିଲେ । ଶକୁନ୍ତଳା ମଧ୍ୟ ଦୁଷ୍ମନ୍ତଙ୍କୁ ଆଖିଠାର ମାରି ନିକଟସ୍ଥ ବୁଦାମୂଳକୁ ଯିବାକୁ ଇଙ୍ଗିତ କରି ନଥିଲେ ।" ବାସ୍, ଏତିକି ମୋ ମୁଣ୍ଡ ଉପରେ ବଜ୍ର ପଡ଼ିବା ଲାଗି ଯଥେଷ୍ଟ ଥିଲା । ଆମ ଖାତା ଆଉ ଜଣେ ରକ୍ଷଣଶୀଳ ଓ ଗୁରୁଗମ୍ଭୀର ପ୍ରକୃତିର ବୁଢ଼ାଳିଆ ଅଧ୍ୟାପକଙ୍କ ପାଖରେ ପଡ଼ିଗଲା । ମୋ ନମ୍ବରଠାରୁ ପର ନମ୍ବରର ଖାତାଗୁଡ଼ିକ କୃଷ୍ଣ ବେହେରଙ୍କ ପାଖରେ ପଡ଼ିଲା । ମୋ ଖାତାର ପରୀକ୍ଷକ ମୋତେ ବଜାରି, ଲଫଙ୍ଗା, ଛତର ବୋଲି ଭାବି ଆଛାକରି ପଟାଏ ଦେଲେ । ସେ ଖାତାରେ ମୁଁ ଡାହା ଫେଲ୍ ହେଲି । ଏଥର ମଧ୍ୟ ସାହିତ୍ୟର ଅନ୍ୟପତ୍ର ଦୁଇଟି ଯୋଗୁ ଗିଲେଟିନ୍‌ରୁ ଖସି ଆସିଲି ।

ସେହିପରି ଇଂରାଜୀରେ ମୋତେ ଦୁର୍ଭାଗ୍ୟ ଘୋଟିଥିଲା । ଇଂରାଜୀ ପରୀକ୍ଷା ପାଇଁ ପ୍ରସ୍ତୁତି ବେଳେ ଜଣେ ତରୁଣ ଅଧ୍ୟାପକ ଓ ମୋର ବନ୍ଧୁ ମଧୁସୂଦନ ଦାସ ଡଗର ପ୍ରେସ୍‌ରେ ରହି ମୋତେ ଇଂରାଜୀ ଭଲଭାବରେ ପଢ଼ାଇ ଦେଇଥିଲେ । ସେ ସେକ୍ସ୍‌ପିୟରଙ୍କ ନାଟକର ଇୟାଗୋ ଚରିତ୍ରଟିକୁ ମୋତେ ଭଲଭାବରେ ଚଷେଇ ଦେଇଥିଲେ । ପରୀକ୍ଷାରେ ତାହା ମଧ୍ୟ ପଡ଼ିଥିଲା । ମଧୁସୂଦନଙ୍କର ପାଠତକ ମୋ ମୁଣ୍ଡରେ ସତେଜ ଥିଲା । ସେତକ ସବୁ ଲେଖିଦେଲି । ମୋର ବଡ଼ ଦୁର୍ଭାଗ୍ୟ ଥିଲା ଯେ ଏହା ଲେଖିଲାବେଳେ ମୁଁ ଆଉ ଟିକିଏ ଆଗେଇ ଯାଇଥିଲି । ମହାଭାରତର ଶକୁନି ଚରିତ୍ର ସଙ୍ଗେ ଇୟାଗୋ ଚରିତ୍ରକୁ ମୁଁ ତୁଳନା କରି ଦେଇଥିଲି । ଗୋଟିଏ ବଙ୍ଗାଳୀ ଅଧ୍ୟାପକ ସେ ଖାତା ପାଇଲେ । ଏହା ତାଙ୍କୁ ଯେ କାହିଁକି ଅତିଶୟ ବିରକ୍ତ କଲା ମୁଁ ତାହା ଜାଣି ପାରିଲି ନାହିଁ । ସେ ପତ୍ରରେ ସେ ମୋତେ ୨୫ ଦେଇଥିଲେ । ମୁଁ ଶୁଦ୍ଧ ଇଂରାଜୀ ଲେଖିଥିଲି । ସବୁ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲି । ଇଂରାଜୀରେ ବହୁ ଛାତ୍ର ଫେଲ୍ ହୋଇଥିବାରୁ ବିଶ୍ୱବିଦ୍ୟାଳୟ ପାଶ୍ ପିଲାଙ୍କ ସଂଖ୍ୟା ବଢ଼ାଇବା ଲାଗି ଯେଉଁ ଗ୍ରେସ୍‌ମାର୍କ ଦେଲେ ସେଇଥିରେ ମୁଁ କୌଣସିମତେ ପାଶ୍ କରିଗଲି । ଏଇ ଦୁଇଟା ଘାଟିରୁ ପାର୍ ପାଇଯିବା ପରେ ମୁଁ ମାହାନାଙ୍କସହ ଗାଉନ୍ ପିନ୍ଧି ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ଆଣିଲି । ମୋର ଭାରି ଇଚ୍ଛା ଥିଲା କୌଣସି ମତେ ଏମ୍. ଏ. ପରୀକ୍ଷା ଦେଇ ପାଶ୍ କରିଯିବି । ସେତେବେଳକୁ ଆଖି ବହୁତ ଖରାପ ହୋଇ ଯାଇଥିଲା । ପଢିବା ଦୁଃସାଧ୍ୟ ହୋଇଯାଇ ଥିଲା । ଏମ୍ ଏ. ପରୀକ୍ଷା ଦେଇ ପାରିଲି ନାହିଁ । ମାହାନା ବି

Digitized by srujanika@gmail.com

ମୋତେ ପ୍ରବୋଧ ଦେଇ କହିଲେ–"ହଁ ମ ଗ୍ରାଜୁଏଟ୍‌ଟାଏ ତ ହେଇଗଲ । ଏମ୍.ଏ. ଟା ପାଶ୍ କରିଥିଲେ କଅଣ ଅଧ୍ୟାପକଟାଏ ହେଇ ଥାଆନ୍ତ ?" ମୁଁ କହିଲି–"ନା ତାହା ନୁହେଁ ଯେ ମୁଁ ଜିଗର କରି ଏତେ ବାଟ ଆସିଥିଲି ଏମ୍. ଏ. ଟା ହୋଇ ଯାଇଥିଲେ ଯୋଉ ଅଧ୍ୟାପକଟି ମୁଁ ମାଟ୍ରିକ୍ ବୋଲି ମୋତେ ହେୟ ଜ୍ଞାନ କରିଥିଲେ, ତାଙ୍କରି ଆଗରେ କହିଥାଆନ୍ତି–"ମୁଁ ତ ବୁଢ଼ାଦିନେ ଏମ୍. ଏ. ହୋଇଗଲି ତୁମେ ଶତଚେଷ୍ଟା କଲେ ମଧ୍ୟ ଏଲ୍. ଏମ୍. ପି. ଡାକ୍ତରଟିଏ ହୋଇ ପାରିବ ନାହିଁ ।" ପରୀକ୍ଷା ପର୍ବ ମୋର ଏଇଠି ସରିଗଲା ।

ଏଇ ସମୟରେ ନିତ୍ୟାନନ୍ଦବାବୁ ସ୍ୱତନ୍ତ୍ର ଓ ଜନକଂଗ୍ରେସ ମନ୍ତ୍ରୀମଣ୍ଡଳରେ ଯୋଗଦେଇ ଯୋଗାଣ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ହେଲେ । ତାଙ୍କ ବିପକ୍ଷ ଦଳକୁ ହରାଇବାରେ ଡଗର ତାହାର ସମସ୍ତ ଶକ୍ତି ପ୍ରୟୋଗ କରିଥିଲା । ସେ ଦଳ ହାରିଯିବା ପରେ ମୋ ମନରେ ପରମ ତୃପ୍ତି ହୋଇଥିଲା । ସେହି ସମୟରେ ଡଗରରେ ମୋର ଧାରାବାହିକ 'ଗୋଛ ଭାଗବତ' ବେଶ୍ ଚହଲ ପକାଇ ଦେଇଥିଲା । ପୁରୁଣା ବସ୍‌ଷ୍ଟାଣ୍ଡ୍ ଉପରେ ମାଇକ୍ ଲଗାଇ ଏଇ ଗୋଛ ଭାଗବତ ପଢ଼ାଯାଉଥିଲା । ତଳେ ହଜାର ହଜାର ଲୋକ ହାସ୍ୟ ଓ ଉଲ୍ଲାସ ଧ୍ୱନିରେ ଚତୁର୍ଦ୍ଦିଗ କମ୍ପାଇ ଦେଉଥିଲେ ।

ନିତ୍ୟାନନ୍ଦ ବାବୁ ମନ୍ତ୍ରୀ ହେବାପରେ ମୁଁ ନିଜକୁ ଚଉଠ ମନ୍ତ୍ରୀ ବୋଲି ଭାବିନେଲି । ନିତ୍ୟାନନ୍ଦ ବାବୁଙ୍କ ସଙ୍ଗରେ ମୋର ସମ୍ବନ୍ଧ ସମସ୍ତେ ଜାଣିଥିଲେ । ବହୁଲୋକ ତାଙ୍କର କୃପାଲାଭ ପାଇଁ ମୋତେ ଆପ୍ୟାୟିତ କରିବାକୁ ବସିଲେ । ଏଥିରେ ମୁଁ ଉଣା ଫୁଲିଯାଇ ନଥିଲି । ପ୍ରଥମ ଥର ପାଇଁ ମୁଁ ଯେତେବେଳେ ନିତ୍ୟାନନ୍ଦ ବାବୁଙ୍କ ମନ୍ତ୍ରୀ କ୍ୱାଟରକୁ ଗଲି ସେତେବେଳେ ଦେଖିଲି ସେଠି ଯୋଗାଣ ବିଭାଗର ସେକ୍ରେଟାରୀଙ୍କଠାରୁ ଆରମ୍ଭ କରି ସବୁ ବଡ଼ ବଡ଼ ଅଫିସର ଜମା ହୋଇଛନ୍ତି । ମୁଁ ନିଜକୁ ସମସ୍ତଙ୍କଠାରୁ ବେଶି ଓଜନଦାର ବୋଲି ମନେକଲି, କିନ୍ତୁ ପ୍ରକୃତକ୍ଷେତ୍ରରେ ମୁଁ ଯେତେବେଳେ ନିଜକୁ ମାପିଲି ସେତେବେଳେ ଦେଖିଲି ମୋ ଓଜନ କିଲେ ବି ନୁହଁ, କେତେ ଗ୍ରାମ୍ ମାତ୍ର । ନିତ୍ୟାନନ୍ଦବାବୁଙ୍କୁ ନମସ୍କାର କଲାବେଳେ ମୁଁ 'ଓଁ ତତ୍‌ସତ୍' ବୋଲି ଉଚ୍ଚାରଣ କରେ । ସେ ମଧ୍ୟ ସେହି ବାକ୍ୟରେ ପ୍ରତି ନମସ୍କାର ଜଣାଇ ଥାଆନ୍ତି । ବହୁ ସମୟ ଅପେକ୍ଷା ପରେ 'ଓଁ ତତ୍‌ସତ୍' ବାକ୍ୟଟା ଦିଆନିଆ ହୋଇଗଲା । ମୋ ମନ ଟିକିଏ ଦବିଗଲା, ହେଲେ ମନେ ମନେ ଭାବିଲି–"ଏତେବେଳେ ନିତ୍ୟାନନ୍ଦବାବୁଙ୍କ ସମୟ ନଷ୍ଟକରେଇବା ଅନୁଚିତ୍ । ସେ ଯେ ମୋତେ ଅବହେଳା କରୁଥିଲେ ତାହା ନୁହେଁ, ମୋ ସହିତ ଖୁସିଗପ ଓ ସମ୍ଭାଷଣ ଏକାବେଳକେ ଅସମ୍ଭବ ଥିଲା ।"

ଡଗରରେ ମୁଁ ମନ୍ତ୍ରୀମାନଙ୍କର ବହୁ ବ୍ୟଙ୍ଗଚିତ୍ର କରିଥିଲି । ନିତ୍ୟାନନ୍ଦ ବାବୁଙ୍କ ଛଡ଼ା ଅନ୍ୟ ମନ୍ତ୍ରୀମାନେ ତାହାକୁ ସହ୍ୟକରି ପାରିଲେ ନାହିଁ । ସେମାନେ ବ୍ୟଙ୍ଗ ଚିତ୍ରର ମର୍ମ ବୁଝିପାରିଲେ ନାହିଁ । ନିତ୍ୟାନନ୍ଦବାବୁଙ୍କ ସାଙ୍ଗରେ ତାଙ୍କର ମନାନ୍ତର ହେଲା । ପରେ ଅବଶ୍ୟ ଏହି ମନାନ୍ତର ତୁଟି ଯାଇଥିଲା । ପୂର୍ବର କଂଗ୍ରେସ ମନ୍ତ୍ରୀମଣ୍ଡଳ ବେଳେ ଉପମନ୍ତ୍ରୀ ସନ୍ତୋଷ କୁମାର ସାହୁ ଡଗରକୁ ବାର୍ଷିକ ହଜାର ଟଙ୍କା ଦେବାର ବ୍ୟବସ୍ଥା

Digitized by srujanika@gmail.com

କରି ଦେଇଥିଲେ । ଡ: ଶ୍ରୀରାମ ଚନ୍ଦ୍ର ଦାଶ ସେତେବେଳେ ସାହିତ୍ୟ ଏକାଡ଼େମୀର ସଭ୍ୟ ଥିଲେ । ଡଗର ବିରୁଦ୍ଧରେ ସମସ୍ତେ ମତାମତ ଦେଇଥିଲେ ମଧ୍ୟ ଡ: ଦାଶ ସମସ୍ତଙ୍କର ତୀବ୍ର ବିରୋଧ କରି ଏପରି ଏକ ଭାଷଣ ଦେଲେ ଯେ ତାହା ମନ୍ତ୍ରୀ ଓ ସଚିବଙ୍କ ମନକୁ ଭଲରୂପେ ପାଇଗଲା । ସଙ୍ଗେ ସଙ୍ଗେ ଡଗରକୁ ହଜାରେ ଟଙ୍କା ମଞ୍ଜୁର ହୋଇଗଲା । ଡ: ଦାଶ ମୋତେ ଯେତେବେଳେ ଏଇ ଖବରଟି ଦେଲେ ମୁଁ ଆନନ୍ଦରେ ତାଙ୍କୁ କୁଣ୍ଢାଇ ପକାଇଥିଲି । କଂଗ୍ରେସ ମନ୍ତ୍ରୀମଣ୍ଡଳ ପରେ ନିତ୍ୟାନନ୍ଦ ବାବୁଙ୍କ ପାଳି ପଡ଼ିଲା । ମୁଁ ଭାବୁଥିଲି ସେ ନିଶ୍ଚୟ ଏହି ପରିମାଣକୁ ଦୁଇ ତିନି ହଜାରକୁ ବୃଦ୍ଧି କରି ଦେବେ । କିନ୍ତୁ ହାୟ ! ସେ ଏକାବେଳେକେ ତାକୁ କାଟିଦେଲେ । ତାଙ୍କ ଅମଳରେ ତାଙ୍କରି ପତ୍ରିକା ସରକାରୀ ଗ୍ରାଣ୍ଟ୍ ପାଇବାଟାକୁ ସେ ବିଲ୍‌କୁଲ୍ ପସନ୍ଦ କଲେ ନାହିଁ । ସେ ଆଗରୁ ଏମ୍. ଏଲ୍. ଏ. ଥିଲାବେଳେ ପ୍ରତି ମାସରେ କିଛି କିଛି ଦେଉଥିଲେ । କିନ୍ତୁ ମନ୍ତ୍ରୀ ହେବା ପରେ ଡଗର ସବୁଥିରୁ ବଞ୍ଚିତ ହେଲା । ଯୋଗାଣ ବିଭାଗର ଜଣେ ଉଚ୍ଚ କର୍ମଚାରୀ ଶ୍ରୀଯୁକ୍ତ କାଳୀଚରଣ ଦାଶ ବହୁ ବ୍ୟକ୍ତିଗତ ଉଦ୍ୟମ କରି ଡଗର ପାଇଁ କିଛି ବିଜ୍ଞାପନ ଯୋଗାଡ଼ କରି ଦେଇଥିଲେ । ଡଗର କୁନ୍ଥେଇ କୁନ୍ଥେଇ ପ୍ରକାଶ ପାଇବାକୁ ଲାଗିଲା ।

ନିତ୍ୟାନନ୍ଦ ବାବୁ କଟକ କଲେକ୍ଟରେଟ୍‌ରେ ଯୋଗାଣ ବିଭାଗକୁ ଦାୟିତ୍ୱ-ସମ୍ପନ୍ନ କରାଇବା ଲାଗି ସଚିବାଳୟରୁ ଜଣେ ବଡ଼ ହାକିମକୁ ମୁଖ୍ୟ ପଦରେ ରଖାଇଲେ । ସେ ବିଭାଗର ଯେଉଁ କୀର୍ତ୍ତି ଓ ଦକ୍ଷତା ସେଥିରେ ଏକ ଖାଣ୍ଟି ସୁବର୍ଣ୍ଣର ପିତୁଳା ଥୋଇ-ଦେଲେ ସେ ସଙ୍ଗେ ସଙ୍ଗେ ବେର୍ଙ୍ଗପିତଳ ହୋଇ ଯାଉଥିଲା । ସେ ମୁଖ୍ୟ କର୍ମଚାରୀ ସେଥିରୁ ବାଦ୍ ପଡ଼ନ୍ତେ ବା କିପରି ? ତାଙ୍କ ବିରୁଦ୍ଧରେ ନିତ୍ୟାନନ୍ଦବାବୁଙ୍କ ପାଖରେ ବହୁ ଅଭିଯୋଗ ଓ ଭିଜିଲାନ୍‌ସ ରିପୋର୍ଟମାନ ପହଞ୍ଚିଲା । ନିତ୍ୟାନନ୍ଦବାବୁ ତାଙ୍କୁ ପୁନ-ର୍ମୂଷିକ କରିଦେବା ଲାଗି ଯୋଗାଡ଼ଯନ୍ତ୍ରରେ ଲାଗିଲେ । ମୁଖ୍ୟ ସେଥିରେ ବିବ୍ରତ ହୋଇପଡ଼ି ମୋ ପାଖକୁ ଜଣେ ଯୋଗାଣ ଇନ୍‌ସପେକ୍ଟରଙ୍କୁ ପଠାଇଲେ । ସେ ଆସି ମତେ କହିଲେ—"ନିତ୍ୟାନନ୍ଦ ବାବୁ ଆମ ମୁଖ୍ୟକୁ ତାଙ୍କ ପୂର୍ବ ସ୍ଥାନକୁ ନେଇଯିବା ଲାଗି ବସିଛନ୍ତି । ଆପଣ ନିତ୍ୟାନନ୍ଦ ବାବୁଙ୍କୁ ବୁଝାଇ ତାଙ୍କ ବଦଳି ରହିତ କରିଦେଲେ ସେ ଡଗର ପ୍ରକାଶନର ସମସ୍ତ ଭାର ବହନ କରିବେ । ପ୍ରତ୍ୟେକ ମାସର ଶେଷରେ ଡଗର ୩୦୦୦ କପି ବାହାରିବ । ତାହାର ଛାପା ଓ ବଣ୍ଟନର ଦାୟିତ୍ୱ ସେ ନିଜେ ବହନ କରିବେ । ଆପଣଙ୍କୁ ସେ ବିଷୟରେ ମୁଣ୍ଡ ଖେଳେଇବାକୁ ପଡ଼ିବ ନାହିଁ । ଯୋଗାଣ ଇନ୍‌ସପେକ୍ଟରମାନଙ୍କ ଜରିଆରେ ସେ ବହୁ ଗ୍ରାହକ କରାଇଦେବେ ଓ ଡଗରର ଯେପରି କଳେବର ଆପଣ କରିବାକୁ ଚାହିଁବେ ତାହା ସେ କରାଇ ଦେବେ ।"

ଏତକ ଶୁଣି ମୋର ରୋମ ଟାଙ୍କୁରି ଉଠିଲା । ନିତ୍ୟାନନ୍ଦ ବାବୁଙ୍କ ସାଙ୍ଗରେ ଝଗଡ଼ାକରି ମୁଁ ଏହା କରାଇଦେବି ବୋଲି ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଲି ଓ ପରଦିନ ଭୁବନେଶ୍ୱର ବାହାରିଲି । ନିତ୍ୟାନନ୍ଦ ବାବୁ ସେତେବେଳେ ସଚିବାଳୟରେ ଥାଆନ୍ତି । ସେ ମୋତେ ତାଙ୍କ ପାଖକୁ ନେଇଗଲେ । ଗଲାବେଳେ ମୁଁ ଭାବୁଥାଏ ମୋ ଆଡ଼େ

Digitized by srujanika@gmail.com

ରହୁଁଥିବା ଲୋକମାନେ ମୋର ଓଜନ ବୁଝି ସାରିବେଣି । ନିତ୍ୟାନନ୍ଦ ବାବୁଙ୍କ ପାଖରେ ମୋର ପ୍ରତିପତ୍ତି ବହୁତ ବେଶି । କାଳୀ ବାବୁଙ୍କୁ ଧରି ମୁଁ ଏକପ୍ରକାର ମନ୍ତ୍ରୀଙ୍କ ଅଫିସ୍‌ରେ ପହଞ୍ଚିଲି । ସେଠି ସେକ୍ରେଟାରୀ ଓ ଆଉ କେତେ ଜଣ ବସି ଗୁରୁତର ଆଲୋଚନା କରୁଥିଲେ । ସେ କାଳୀ ବାବୁଙ୍କୁ କହିଲେ—ତୁମେ ତାଙ୍କୁ ଟିକିଏ ତୁମ କୋଠରୀରେ ବସାଇ ଥାଅ । ଏ କାମଟା ଛିଡ଼ିଗଲେ ତାଙ୍କୁ ପଠାଇ ଦେବ । ମୁଁ କାଳୀ ବାବୁଙ୍କ ପ୍ରକୋଷ୍ଠରେ ବସିଲି । ସମସ୍ତେ ମୋତେ ଜଣେ ମାନ୍ୟଗଣ୍ୟ ବ୍ୟକ୍ତିଭାବେ ଜାଣି-ସାରିବେଣି ବୋଲି ମୁଁ ବିଚାରୁ ଥାଏ ! ସମସ୍ତେ ସେଠୁ ଚାଲିଯିବା ପରେ ମୋତେ ତାଙ୍କ ପାଖକୁ ନେଇଯିବା ପାଇଁ ନିତ୍ୟାନନ୍ଦ ବାବୁ କାଳୀ ବାବୁଙ୍କୁ କହିଲେ । କାଳୀବାବୁ ମୋତେ ତାଙ୍କ ପାଖରେ ବସାଇଦେଇ ନିଜ ପ୍ରକୋଷ୍ଠକୁ ଚାଲିଗଲେ । ନିତ୍ୟାନନ୍ଦବାବୁ କହିଲେ—'ଘରକୁ ନଯାଇ ଏଠାକୁ କାହିଁକି ଆସିଲ ?' ମୁଁ କହିଲି—"ସେହିପରି ଦରକାର ପଡ଼ିବାରୁ ଆସିଲି ।" ଏହାବାଦ୍ ମୁଁ ମୋର ବକ୍ତବ୍ୟ ଅତି ଉତ୍ସାହର ସହିତ ତାଙ୍କୁ କହିଲି ଏବଂ ଡଗରର ଅବସ୍ଥା ଯେ ସଂପୂର୍ଣ୍ଣରୂପେ ବଦଳିଯିବ ତାହା ଜଣାଇଲି । ନିତ୍ୟାନନ୍ଦ ବାବୁଙ୍କ ଧୈର୍ଯ୍ୟଚ୍ୟୁତି ଘଟିଲା । ସେ ମୋ ଉପରେ ଖିଙ୍କାରି ହୋଇ କହିଲେ—"ଆପଣଙ୍କୁ ଏସବୁ ବିଷୟରେ ମୁଣ୍ଡ ଭର୍ତ୍ତି କରିବାକୁ କିଏ କହିଲା ? ବିଭାଗ ଭିତରେ କେଉଁଠି କଅଣ ହେଉଛି ତାହା ନ ଜାଣି ଆପଣ ଏତେଦୂର ଆଗେଇ ଗଲେ କାହିଁକି ?" ଏ କଥାଗୁଡ଼ାକ ଯେତେ କଟୁ ନଥିଲା ତାହାର ଚାରି ପାଞ୍ଚ ଗୁଣ ଅଧିକ କଟୁଥିଲା ତାଙ୍କର ତିରସ୍କାରସୂଚକ ବଡ଼ ପାଟି । ମୁଁ ଭାବି ଲାଗିଲି—"ଏ କଅଣ ହେଲା ? ଯେଉଁ ଲୋକ-ମାନେ ଟିକକ ଆଗରୁ ମନ୍ତ୍ରୀଙ୍କର ପରମ ବନ୍ଧୁ ବୋଲି ମୋତେ ଭାବିଥିଲେ ସେମାନେ ଏବେ ମୋତେ କଅଣ ବୋଲି ଭାବିବେ ! ତାଙ୍କର ଘର ଓଳେଇବା ଚାକରଠାରୁ ବି ହୀନ ବୋଲି ବିଚାରିବେ ନାହିଁ କି ?" ମୁଁ ରାଗିଯାଇ କହିଦେଲି—"ଡଗରର ଉପକାର ହୋଇଥାନ୍ତା; ମୁଁ କିଛି ନିଜେ ଖାଇବାଲାଗି ଚେଷ୍ଟାକରୁ ନଥିଲି । ନ ହେଲା ନାହିଁ ।" ଏପରି କହି ସେଠାରୁ ଭୁସ୍ କରି ଉଠି ପଳେଇ ଆସିଲି । ନିତ୍ୟାନନ୍ଦ ବାବୁ ମୋ ପଛେ ପଛେ କାଳୀ ବାବୁଙ୍କୁ ପଠାଇଦେଇ କହିଲେ—"ସେ ଭାରୀ ରାଗିଯାଇଛନ୍ତି । ତୁମେ ତାଙ୍କୁ ଗାଡ଼ିରେ ଆମ ଘରକୁ ନେଇଯାଅ । ତାଙ୍କ ଭାଉଜ ସେଇଠି ଅଛନ୍ତି । ତାଙ୍କୁ ଚୁପ୍‌ଚାପ୍ କରି ସବୁକଥା କହିଦେବ । ସେ ତାଙ୍କୁ ପ୍ରବୋଧ ଦେଇ ଦେବେ ।" ମୁଁ ତଳକୁ ଓହ୍ଲାଇ ଆସି ସେତେବେଳେ ସଡ଼କରେ ପହଞ୍ଚିଯାଇ ଥାଏ । କାହାରି ଆଡ଼କୁ ଚାହିଁବାକୁ ମୋର ସାହସ ହେଉ ନଥାଏ । କାଳୀବାବୁ ଆସି ମୋତେ ଧରିପକାଇଲେ ଓ ଜୋର୍‌କରି ଗାଡ଼ିରେ ବସାଇ ଦେଲେ ।

ଏଣେ ନିତ୍ୟାନନ୍ଦବାବୁ ଫୋନ୍‌ରେ ଭାଉଜଙ୍କୁ ନିର୍ଦ୍ଦେଶ ଦେଲେ ଯେପରିକି ସେ ମୋତେ ଶାନ୍ତ କରାଇ ଖୁଆଇପିଆଇ ଛାଡ଼ିବେ । ସେତେବେଳକୁ ମୋ ମୁହଁ ଅପ-ମାନରେ ରଙ୍ଗା ପଡ଼ି ଯାଇ ଥାଏ । ହିମାଳୟ ଉପରୁ ବଜ୍ରକବାଟି ନର୍ମଦାକୁ ଖସି ପଡ଼ିଲା ଭଳି ମୋତେ ଲାଗୁଥାଏ । ଯାହାହେଉ କାଳୀବାବୁ ତାଙ୍କର ମଧୁର ବ୍ୟବହାର ଦ୍ୱାରା ମୋତେ ଏକପ୍ରକାର କିଣି ନେଇଥିଲେ । ସେ ବୁଝାଇବାଝେଇ ମୋତେ ନିତ୍ୟାନନ୍ଦବାବୁଙ୍କ କ୍ୱାଟର୍‌କୁ ନେଇଗଲେ । ଭାଉଜ ମୋତେ ପୁଣି ବୁଝାଇବାଝେଇ

Digitized by srujanika@gmail.com

ଏକାବେଳକେ ଶାନ୍ତ କରିଦେଲେ । ଖୁଆଇପିଆଇ ସେ ମୋତେ ବସ୍‌ଷ୍ଟାଣ୍ଡରେ ଛାଡ଼ି ଦେବାଲଗି କାଳୀବାବୁଙ୍କୁ କହିଲେ ।

ଯେହିଦିନଠାରୁ ମୋର ଚଉଠ ମନ୍ତ୍ରୀ ହେବାର ବାସନା ମନରୁ ଉଭେଇ ଗଲା । ନିତ୍ୟାନନ୍ଦବାବୁ ମନ୍ତ୍ରୀ ଥିବାଯାଏ ମୁଁ ଅନେକ ସମୟ ତାଙ୍କ କ୍ୱାଟର୍‌ରେ କଟାଉଥିଲି । କେଉଁଠାରେ ଦିନେହେଲେ ମୁଁ ଦେଖିନାହିଁ ସେ ଗୋଟିଏ ବ୍ୟବସାୟୀ ସହିତ ଗୁପ୍ତ ଆଲୋଚନା କରୁଅଛନ୍ତି । ବଡ଼ ବଡ଼ ନେତା ଓ ଗଣ୍ୟମାନ୍ୟ ବ୍ୟକ୍ତି ଅନେକ ସମୟରେ ତାଙ୍କ ଉପରେ ପ୍ରଚଣ୍ଡ ଚାପ ପକାଇ କୌଣସି କୌଣସି ବ୍ୟକ୍ତିର କାମ କରାଇ ନେଉ-ଥିଲେ । ମୁଁ ଭଲକରି ଜାଣିଥିଲି ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିବିଶେଷଙ୍କଠାରୁ ଉତ୍କୋଚ ଖାଇ ନିତ୍ୟାନନ୍ଦବାବୁଙ୍କଠାରୁ କାମ କରାଇ ନେଉଥିଲେ । ମୁଁ ମନେ ମନେ ଭାବୁଥିଲି–ହଁ ଢୋଲ ଖାଉଚି ମାଡ଼, ହାଡ଼ି ଖାଉଚି ପଇସା । ତାଙ୍କ ପ୍ରତି ମୋର ସମ୍ମାନ ଯଥେଷ୍ଟ ବଢ଼ିଗଲା । ତାଙ୍କରି ବିଭାଗର ଉଚ୍ଚ କର୍ମଚାରୀମାନେ କୌଣସିପ୍ରକାର ଅନ୍ୟାୟ ସୁବିଧା ହାସଲ କରି ନପାରି ତାଙ୍କ ବିରୁଦ୍ଧରେ ନାନା ଷଡ଼ଯନ୍ତ୍ର କରିଥିଲେ । ପରେ ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରମାଣିତ ହୋଇଥିଲା ।

ଡଗର ପାଇଁ ନୂତନ ଗୃହ:–

ଯେଉଁ ଘରେ ଡଗରଟି ପ୍ରତିଷ୍ଠିତ ହୋଇ ଥିଲା ତାହାଥିଲା ଆମ ପରିବାରର ଇଜି-ମାଇଲ୍ ଘର । ସମ୍ପତ୍ତି ବଣ୍ଟନ ବେଳେ ତାହା ଅନ୍ୟଭାଇଙ୍କ ହାତରେ ପଡ଼ିଲା । ସେମାନେ ମୋତେ ସେ ଘରୁ ତଡ଼ି ଦେଲେ । ସେ ଘରର ପାଖ ଜମି ମୋ ଭାଗରେ ପଡ଼ିଥିଲା । ମୁଁ ଟଙ୍କା କରଜ କରି ସେଠାରେ କୋଠା, କମ୍ପୋଜ ଘର, ମେସିନ୍ ଘର, କଟିଂ ମେସିନ୍ ଘର ତିଆରି କରି ସେଠାକୁ ପ୍ରେସ୍ ଉଠାଇ ଆଣିଲି । କେତେଗୁଡ଼ିଏ ସମ୍ବାଦପତ୍ରର ସମ୍ପାଦକ ନିତ୍ୟାନନ୍ଦ ବାବୁ କିଳାପୋତେଇ କରି ସେ ଘର ତିଆରି କରିଛନ୍ତି ବୋଲି ଗୁଜବ ରଟନା କଲେ । ଏହିସବୁ ସମ୍ପାଦକମାନଙ୍କୁ ମୁଁ ଡଗର ମାଧ୍ୟମରେ ମୁକାବିଲା କଲି । ସେମାନେ ନିତ୍ୟାନନ୍ଦ ବାବୁଙ୍କ ବିରୁଦ୍ଧରେ ଯେତିକି ଦୁର୍ନାମ କରୁଥାନ୍ତି, ମୁଁ ତହିଁରୁ ବେଶି ଓ ଅଧିକ କୁତ୍ସିତ ଭାଷାରେ ସେମାନଙ୍କୁ ଗାଳିଗୁଲଜ କଲି । ସେମାନେ ଗୋଟିଏ ଗୋଟିଏ ଖବରକାଗଜର ସମ୍ପାଦକ ଥାଆନ୍ତି । ସେମାନେ ମୋର ଇତର-ଜନୋଚିତ କୁତ୍ସିତ ଭାଷାକୁ ସମ୍ଭାଳି ନପାରି ସେମାନଙ୍କ କାର୍ଯ୍ୟକଳାପରୁ କ୍ଷାନ୍ତହେଲେ ।

ଗୋଟିଏ କ୍ଷେତ୍ରରେ ଜଣେ ସମ୍ପାଦକ ନିତ୍ୟାନନ୍ଦ ବାବୁଙ୍କ ନାମରେ ତାହା ମିଛ କଥାଗୁଡ଼ିଏ ଲେଖିଥିଲେ । ନିତ୍ୟାନନ୍ଦ ବାବୁ ସରକାରଙ୍କ ଆଡୁ ମକଦ୍ଦମା କରାଯିବା ଲାଗି ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସିଂହଦେଓଙ୍କୁ ଅନୁରୋଧ କରିଥିଲେ । ସିଂହଦେଓ ତାଙ୍କୁ ବୁଝାଇସୁଝାଇ କହିଲେ ସମ୍ପାଦକମାନଙ୍କ ବିରୁଦ୍ଧରେ ଏପରି ସାମାନ୍ୟ ସାମାନ୍ୟ କଥାରେ ମକଦ୍ଦମା କଲେ ଶାସନକାଳ କେବଳ ମକଦ୍ଦମାରେ ହିଁ ଖର୍ଚ୍ଚ ହୋଇଯିବ । ଏଥିରେ ଏପରି ବିବ୍ରତ ହେବା ଉଚିତ୍ ନୁହେଁ । ନିତ୍ୟାନନ୍ଦବାବୁ ଏଥିରେ ସନ୍ତୁଷ୍ଟ ନ ରହି ବ୍ୟକ୍ତିଗତଭାବେ ମକଦ୍ଦମା କରିବେ ବୋଲି ଅନେକ ଓକିଲଙ୍କୁ ଡାକି ସେମାନଙ୍କ ପରାମର୍ଶ ଲୋଡ଼ିଲେ । ସେମାନେ କହିଲେ–ଏପରି ମକଦ୍ଦମାରେ କୌଣସି ଲାଭ ହେବ

Digitized by srujanika@gmail.com

ନାହିଁ । ସମ୍ପାଦକଙ୍କର ମଧ୍ୟ କିଛି କ୍ଷତି ହେବ ନାହିଁ । ଏଥିରୁ ତାଙ୍କର କ୍ଷାନ୍ତ ହେବା ଉଚିତ୍ । ନିତ୍ୟାନନ୍ଦ ବାବୁ ଚୁପ୍‌ଚାପ୍ ରହିଲେ । ମୁଁ କିନ୍ତୁ ସେହି ସମ୍ପାଦକଙ୍କ ମୁକାବିଲା କରିବା ଲାଗି ଅତି କଦର୍ଯ୍ୟ ଗପ ଲେଖି ଡଗରରେ ଛାପିଲି । ସମ୍ପାଦକ ଯେଉଁସବୁ ମିଥ୍ୟା ଆକ୍ଷେପ କରି ଲେଖାଟିଏ ଲେଖିଥିଲେ ତା'ର ତୀବ୍ର ସମାଲୋଚନା କରି ସେ ଗପଟି ମୁଁ ଲେଖିଲି । ସେହି ଗପରେ ସମ୍ପାଦକଙ୍କୁ ନାୟକ କରି କଟକ ବର୍ତ୍ତମାନଙ୍କର ବଛା ବଛା ଗାଳିର ମାଳି ସମ୍ପାଦକଙ୍କ ବେକରେ ପିନ୍ଧାଇ ଦେଇଥିଲି । ସମ୍ପାଦକ ଏଥିରେ ଉତ୍‌କ୍ଷିପ୍ତ ହୋଇ ମୋ ନାମରେ ଏକ ମକଦ୍ଦମା କରିବାଲାଗି ଜଣେ ବାରିଷ୍ଟରଙ୍କର ପରାମର୍ଶ ନେଲେ । ବାରିଷ୍ଟର ସାହେବ ସାଫ୍ ସାଫ୍ କହିଦେଲେ, ନା' ଏଥିରେ ମକଦ୍ଦମା ହୋଇ ପାରିବ ନାହିଁ । ଏହା ଗୋଟିଏ ଗପ । ସେଥିରେ ମଧ୍ୟ ମୋର ନାମ ନାହିଁ । କେସ୍ ଠିଆ ହୋଇ ପାରିବ ନାହିଁ । ଏଣୁ ଚୁପ୍‌ଚାପ୍ ରହିଯା । ନିତ୍ୟାନନ୍ଦବାବୁଙ୍କର ଓ ସମ୍ପାଦକଙ୍କର ଏକା ଦଶା ହେଲା । ଯଥାର୍ଥ ପ୍ରତିଶୋଧ ନେଇ ଥିବାରୁ ମୋର ମନରେ ବେଶ୍ ସନ୍ତୋଷ ଦେଖାଦେଲା ।

ଆଉ ଜଣେ ସମ୍ପାଦକ ସେମିତି ନିତ୍ୟାନନ୍ଦ ବାବୁଙ୍କ ନାମରେ ଗାଲୁମାଲୁ ଲେଖୁଥିଲେ । ମୁଁ ମଧ୍ୟ ତା'ର ପ୍ରତିଶୋଧ ନେଇଥିଲି । ସେ ନିତ୍ୟାନନ୍ଦ ବାବୁଙ୍କ ନାମରେ ଆଉ ଗାଲୁମାଲୁ ଲେଖିବା ଛାଡ଼ି ଦେଲେ । ସେମାନଙ୍କ କୁତ୍ସାରଟନା ବନ୍ଦ ହୋଇ ଯିବାରୁ ମୁଁ ବେଶ୍ ଆତ୍ମପ୍ରସାଦ ଲାଭ କଲି । ଜଣେ ନିର୍ଦ୍ଦୋଷ ବ୍ୟକ୍ତିର ଏପରି କୁତ୍ସା କରିବାରେ ସମ୍ପାଦକମାନେ କାହିଁକି ପସନ୍ଦ କରନ୍ତି, ମୁଁ ତାହା ଠଉରେଇ ପାରିଲି ନାହିଁ । ମୋର ବିଜୟ ପାଇଁ ଏହି କାରଣଟି ମୁଁ ଖୋଜି ଖୋଜି ପାଇଥିଲି । ସେମାନେ ସମାଜରେ ପ୍ରତିଷ୍ଠିତ ଭଦ୍ରଲୋକ ଥିଲେ । ମୋର ସେତେବେଳେ ସମାଜରେ ସ୍ଥାନ ବା ପ୍ରତିଷ୍ଠା ନଥିଲା । ମୋ କଲମରୁ ବାହାରୁଥିବା କଟକୀ ଲଫଙ୍ଗା ଭାଷା ସେମାନଙ୍କ କଲମରୁ ଟିକିଏ ହେଲେ ବାହାରିଲା ନାହିଁ । ଭାଷାରେ ମୁଁ ଯେଉଁ ତଳସ୍ତରକୁ ଖସି ଯାଇ ପାରିଲି ସେମାନେ ସେତେ ତଳକୁ ଯାଇ ପାଇଲେ ନାହିଁ । ଫଳରେ ମୁଁ ବିଜୟୀ ହେଲି । ନିତ୍ୟାନନ୍ଦବାବୁ ବରଂ ମୋତେ ମଝିରେ ମଝିରେ ସତର୍କ କରାଇ କହୁଥିଲେ–ରାମବାବୁ, ଟିକେ ସଂଯତ ହୁଅ । ଭାଷା ଅତି ତୀବ୍ର ହୋଇଯାଉଛି ।

ସିଂହଦେଓଙ୍କ ମନ୍ତ୍ରୀମଣ୍ଡଳ ବେଶୀ ଦିନ ତିଷ୍ଠି ପାରିଲା ନାହିଁ । ସଢ଼ ଘା'ରେ ପୋକ ପକେଇବା ଲାଗି ଓଡ଼ିଶାରେ ଅସାଧୁ ବୃତ୍ତୀ ରାଜନୀତିଜ୍ଞ କିଛି କମ୍ ନଥିଲେ । ବାରବୁଲା, ଅକର୍ମା ଓ ଗୁଣ୍ଡା ସଉଦାଗରଙ୍କ ଭିତରୁ ଏ ରାଜନୀତିଜ୍ଞମାନେ ଛତୁପରି ବାହାରି ପଡୁଥିଲେ । ଶାସନକ୍ଷେତ୍ରରେ ଥିବା ରାଜନୀତିଜ୍ଞମାନେ ଏଇମାନଙ୍କ ଭିତରୁ ସୈନ୍ୟ ସଂଗ୍ରହ କରି ନିଜ ନିଜର ସଉଦା ଗଢୁଥିଲେ । ରାଜନୀତିର 'ର' ଅକ୍ଷର ଜାଣି ନଥିଲେ ବି ଏମାନେ ମିଛ, କପଟତା, ବିଭ୍ରାନ୍ତ କୁତ୍ସାରଟନାକୁ ରାଜନୀତିର ଏକ ପ୍ରଧାନ ଅଙ୍ଗ ବୋଲି ବିଚାର କରୁଥିଲେ । ସରକାର ଗଢିଥିବା ଦୁଇ ଅଂଶୀଦାରଙ୍କ ମଧ୍ୟରେ କ୍ରମେ ଫାଟ ଦେଖାଗଲା । ପରସ୍ପର ପ୍ରତି ଅବିଶ୍ୱାସ କ୍ରମେ ବଢିବାକୁ ଲାଗିଲା । ଏଥିପୂର୍ବରୁ କେତେଜଣ ବତୀପେଲା ନିତ୍ୟାନନ୍ଦ ବାବୁଙ୍କ ପାଖକୁ ଯାଇ ମୋ ନାମରେ ବହୁତ ଗୁଜବ ରଟନା କରିବାକୁ ଲାଗିଲେ । ତାଙ୍କ ଆଗରେ କେତେଜଣ ଲୋକ ଯାଇ କହିଲେ–

Digitized by srujanika@gmail.com

"ଆଜ୍ଞା ! ଘମ ମିଶ୍ର ଆପଣଙ୍କ ଡଗରଟାକୁ ପୂରାପୂରି ଗିଳି ଦେବାକୁ ବସିଲାଣି । ଆପଣ ଶୀଘ୍ର ଡଗରଟାକୁ ଭୁବନେଶ୍ୱରକୁ ଉଠାଇ ଆଣନ୍ତୁ । ଆଉ କିଛିଦିନ ଗଲେ ସମସ୍ତ ଡଗର ପ୍ରେସ୍‌ଟାକୁ ସେ ଗିଳିଦେଇ ହଜମ କରିଦେବ । ନିତ୍ୟାନନ୍ଦ ବାବୁ ମଧ୍ୟ କିଛିଟା ବିବ୍ରତ ହୋଇ ପଡ଼ି ଭୁବନେଶ୍ୱରରେ ଏକ ଘର ଠିକ୍ କରିବା ଲାଗି ତାଙ୍କର କେତେ ଜଣ ବିଶ୍ୱସ୍ତ ଅନୁଚରଙ୍କୁ ଅନୁରୋଧ କଲେ । ସେମାନେ ମଧ୍ୟ ଘର ଠିକ୍ କରି ଦେଇଥିଲେ । ପୂର୍ବରୁ ଇଉନିଟ୍–୩ର ଲେବର୍ କଲୋନିରେ ଗୋଟିଏ କ୍ୱାର୍ଟର ତାଙ୍କ ସ୍ତ୍ରୀଙ୍କ ନାମରେ କିଣା ହୋଇଥିଲା । ତାହାମଧ୍ୟ ଭଡ଼ା ଲାଗିଥିଲା । ନିତ୍ୟାନନ୍ଦ ବାବୁଙ୍କ ଇଚ୍ଛା ହେଉଥିଲା, ସେଠାକୁ ଡଗର ଉଠାଇ ନେବେ ଏବଂ ମୁଁ ସେଠାରେ ରହି ଡଗର ବୁଝାସୁଝା କରିବି । ଦିନେ ମୁଁ ନିତ୍ୟାନନ୍ଦ ବାବୁଙ୍କ ସରକାରୀ ଭବନକୁ ଯାଇଥିଲି । ସେଠାରୁ ସେ ମୋତେ ତାଙ୍କର ସେହି ଘରଟିକୁ ଦେଖିବା ଲାଗି କାର୍‌ରେ ପଠାଇ ଦେଲେ । ସାଙ୍ଗରେ ଆସି-ଥିବା ଜଣେ କର୍ମଚାରୀ ଓ ଭଉଜଙ୍କ ସହ ସେଠାରେ ପହଞ୍ଚି ଘରଟିକୁ ଦେଖିଲି । ଭଉଜ ମୋତେ ପଚାରିଲେ–ଏହି ସ୍ଥାନକୁ ପ୍ରେସ୍ ଟା ଉଠାଇ ଆଣିଲେ ଭଲ ହୁଅନ୍ତା ନି ? ମୁଁ କହିଲି–ହଁ ! ଭଲ ହେବ । ସେ ପୁଣି କହିଲେ–ଏଠି ଯେଉଁ ଲୋକ ରହିଛନ୍ତି ତା'ଠାରୁ ଆମକୁ ଭଡ଼ା ମିଳୁଛି । ତା' ଠାରୁ କିଛି ବେଶୀ ଭଡ଼ା ପ୍ରତିମାସରେ ଆମକୁ ଦେଇ ପାରିବେ ନି ? ମୁଁ ଏକଥା ଶୁଣି ଭକୁଆ ହୋଇଗଲି । କଟକରେ ଡଗର ପାଇଁ ଦି' ବଖୁରିଆ ଓ ଗୋଟିଏ ବଡ଼ ବାରଣ୍ଡା ଥିବା ଘର ତିଆରି ସରିଲାବେଳେ ଜଣେ ମାର-ୱାଡ଼ି ଆସି ମୋତେ କହିଲା–ଆଜ୍ଞା ଆପଣ ମୋତେ ଏହି ଦୁଇ ବଖରା ଘର ଦେଇ ଦିଅନ୍ତୁ । ପଛରେ ଯେଉଁ ବାରଣ୍ଡା ଅଛି ତହିଁରେ ଆପଣ ଚଳାଚଳ ହେବେ । ଏହି ଦୁଇ ବଖରା ଲାଗି ପାଞ୍ଚଶ ଲେଖାଏଁ ହଜାରେ ଟଙ୍କା ପ୍ରତି ମାସରେ ଆପଣଙ୍କୁ ଭଡ଼ା ଦେବି । ମୁଁ ତାକୁ ଠୋ' ପଟାସ୍ ମନା କରିଦେଲି । କହିଲି–ମୁଁ ଏ ଘର ତିଆରି କଲି ଡଗର କାଢିବା ଲାଗି । ମୁଁ କ'ଣ ଭଡ଼ା ପାଇବା ପାଇଁ ଏ ଘର ତିଆରି କରିଛି ? ମାରୱାଡ଼ି ଆଉ କିଛି ବଢ଼ାଇବାର ଇଙ୍ଗିତ ଦେଲା । ମୁଁ ବିରକ୍ତ ହୋଇ ତାକୁ ବିଦାୟ କରିଦେଲି । ମୁଁ ତ ସେଠି କଟକରେ ଡଗର'ର ସ୍ୱାର୍ଥକୁ ଜଗି ଘରଭଡ଼ା ଦେଇ ନାହିଁ ଏଠି ଏ ନିଛାଟିଆ ଜାଗାରେ ଭଡ଼ା କେଉଁଠୁ ପାଇବି ? ମୁଁ ସିନା ଡଗର କାଢିବା ପାଇଁ ସମସ୍ତ ଉଦ୍ୟମ କରିବି, ଟଙ୍କା ପଇସା ବିଷୟ ଆପଣ ବୁଝିବେ । ଏତିକିରେ ଡଗର କଟକରୁ ଭୁବନେଶ୍ୱର ଯିବା ବନ୍ଦ ରହିଲା ।

ଡଗର ପ୍ରକାଶନ ବାବଦରେ ଏତେ ପଇସା ଖର୍ଚ୍ଚ ହୋଇ ଯାଉଥିଲା ଯେ, ମୋର ହାତଖର୍ଚ୍ଚ ପାଇଁ ପଇସା ମିଳିବା ସମ୍ଭବ ହେଉ ନଥିଲା । ଆଗରୁ ମୁଁ ମୋର ସମସ୍ତ ଲେଖା ଡଗର ବ୍ୟତୀତ ଅନ୍ୟ କୌଣସି ପତ୍ରିକାକୁ ଦେଉ ନଥିଲି । କାଁ ଭାଁ ଯଦି ଗୋଟିଏ କାହାକୁ ଦେଉଥିଲି ତେବେ ସେ କିଛି କିଛି ଟଙ୍କା ଦେଉଥିଲେ । ପାଠକ-ମାନେ ମୋ ଲେଖାକୁ ପଢୁଛନ୍ତି ଓ ପଢି ଖୁସି ହେଉଅଛନ୍ତି ଏକଥା ମୁଁ ସେତେବେଳେ କିଛି ମାତ୍ର ଜାଣି ନଥିଲି । ଗପଟିଏ ଲେଖି ପଠାଇଦେବା ପରେ ତା' ସହ ସମ୍ବନ୍ଧ ମୋର ତୁଟି ଯାଉଥିଲା । ଡଗରରେ 'ବିଲୁଆ ବିଚାର'ଟାକୁ ମୁଁ ନିୟମିତ ଭାବରେ ଲେଖୁଥିଲି । କିଛିଦିନ ପରେ ତା' ସହିତ "ପାତାଳ ବାଣୀ" ଲେଖିବା ଆରମ୍ଭ କଲି ।

Digitized by srujanika@gmail.com

ତାହାମଧ୍ୟ ଭେରେଣ୍ଡା ଓ ଗାତୁଆ ମୂଷା ନାମରେ ବାହାରୁ ଥିଲା । ଏହି ଦିଓଟି ବିଷୟ ବହୁ ପାଠକମାନଙ୍କ ନିକଟରେ ଆକର୍ଷଣୀୟ ଥିଲା ବୋଲି ମୋତେ ବହୁ ପାଠକ କହି ଥିଲେ । କିଛି କିଛି ପଇସା ପାଇବି ବୋଲି ଗପଗୁଡ଼ିକ ମୁଁ ଅନ୍ୟମାନଙ୍କୁ ଦେଉଥିଲି । ଏପରି କରିବା ଫଳରେ ମୋତେ କିଛି ଦୁର୍ନାମ ମଧ୍ୟ ମିଳିଲା । ଅନେକ କହିଲେ ଯେ ଫତୁରାନନ୍ଦଙ୍କର ଡଗର ପ୍ରତି ଟିକିଏ ଆକର୍ଷଣ କମି ଗଲାଣି । ତା'ନହେଲେ ସେ ଡଗରରେ ନିଜ ଲେଖା ପ୍ରକାଶ ନ କରି ଅନ୍ୟ ପତ୍ରିକାମାନଙ୍କୁ ଲେଖା ଦେଉଛନ୍ତି କିପରି ? ମୋର କିନ୍ତୁ ଲେଖାଗୁଡ଼ିକ ଡଗରରେ ଝାଡୁଦାର, ନକଲିଆ, ଭୂଷ୍ ପଣ୍ଡିତ, ଗାତୁଆ ମୂଷା, ଭେରେଣ୍ଡା ଆଦି ନାମରେ ନିୟମିତରୂପେ ବାହାରୁ ଥାଏ । ପାଠକମାନେ ମଧ୍ୟ ତାକୁ ପଢିବା ଲାଗି ଆଗ୍ରହ ପ୍ରକାଶ କରୁଥାନ୍ତି । କେବଳ ପଇସା ପାଇବା ପାଇଁ ମୁଁ ଗପଗୁଡ଼ିକ ନିଜ ନାମରେ ଅନ୍ୟାନ୍ୟ ପତ୍ରିକାକୁ ଦେଇଥାଏ ଏବଂ ସେମାନଙ୍କଠାରୁ ସାମାନ୍ୟ କିଛି ହାତ ଖର୍ଚ୍ଚ ପାଉଥାଏ । ନିତ୍ୟାନନ୍ଦ ବାବୁ ଆସେମ୍ବ୍ଲି ମେମ୍ବର ହେବା ପରେ ଡଗର ପାଇଁ ପ୍ରତି ମାସରେ କିଛି କିଛି ଟଙ୍କା ପଠାଉ ଥିଲେ । ମୁଁ ଟଙ୍କା ପଇସା ଭାର ନେବା ପରେ ସେ କେବେହେଲେ ପଇସାଟିଏ ବି ପଠାଇଲେ ନାହିଁ । ମୁଁ ମଧ୍ୟ ତାଙ୍କଠାରୁ ତାହା ଆଶା କରି ନଥିଲି ।

ଡଗରର କାଟ୍‌ତି ବଢ଼ାଇବା ପାଇଁ ମୋତେ ଅତ୍ୟଧିକ ଶ୍ରମ ଦେବାକୁ ପଡ଼ୁଥିଲା । ଏଜେଣ୍ଟମାନଙ୍କ ସଙ୍ଗେ ଆଳାପ, ସେମାନଙ୍କଠାରୁ ଆଦାୟ ପଇସାର ହିସାବ କିଣିବ ନୂଆ ଏଜେଣ୍ଟ ସୃଷ୍ଟି କରିବାଲାଗି ପ୍ରସ୍ତରପତ୍ର ଇତ୍ୟାଦି ସବୁକିଛି ମୋତେ ଏକୁଟିଆ କରିବାକୁ ପଡୁଥିଲା । ସେତେବେଳେ ଗୋଟିଏ କାହାକୁ ମୁଁ ପାଇ ନଥିଲି ଯେ କି ନିଃସ୍ୱାର୍ଥପର ଭାବରେ ଡଗରର ବିକାଶ ପାଇଁ କିଛି କାର୍ଯ୍ୟ ମୋ ସହିତ ମିଶି କରିବ । ଲେଖକମାନଙ୍କ ସହିତି ପତ୍ର ମାଧ୍ୟମରେ ସମ୍ବନ୍ଧ ରଖିବା, କ୍ୟାସ୍ ବହି, ଏଜେଣ୍ଟ୍ ହିସାବ ସରକାରୀ ଚିଠିପତ୍ର ଲେଖାଲେଖି କରିବା ସଙ୍ଗେ ସଙ୍ଗେ ଫୋନ୍ ଓ ଅନ୍ୟାନ୍ୟ ସରକାରୀ ଦେୟର ହିସାବକିତାବ ମଧ୍ୟ ମୋତେ ହିଁ କରିବାକୁ ପଡ଼ୁଥିଲା । ଗୋଟିଏ ଅଧିକା ଲୋକ ରଖି ଦରମା ଦେବାକୁ ମୋର ଶକ୍ତି ନଥିଲା । କ୍ରମେ ଅର୍ଥାଭାବ ଅତି ଉଗ୍ର ହୋଇ ଉଠିଲା । ଏଜେଣ୍ଟମାନଙ୍କ ରେଜିଷ୍ଟର ଖୋଲି ଦେଖିଲି ସେମାନଙ୍କ ଉପରେ ସହସ୍ରାଧିକ ଟଙ୍କା ବାକୀ ପଡ଼ିଗଲାଣି । ବହୁସ୍ଥାନକୁ ମୁଁ ନିଜେ ଜଣେ ବନ୍ଧୁଙ୍କୁ ନେଇ ଗଲି । ସେମାନଙ୍କୁ ପ୍ରାପ୍ୟ ମାଗିବାରୁ ସେମାନେ କହିଲେ ଡଗର ତ ବିକ୍ରି ହେଉନାହିଁ ବର୍ତ୍ତମାନ ପଇସାପତ୍ର ପାଖରେ ନାହିଁ ପରେ ଆସନ୍ତୁ ଗୋଟିଆଗୋଟି କରି ଦେବି । ସେମାନଙ୍କୁ ଅବିକ୍ରି କପି ମାଗିଲାରୁ ତାହା ଦେବାକୁ ସେମାନେ ଅସମର୍ଥ ହେଲେ । ସେମାନେ ଡଗର ବିକ୍ରି କରି ଦେଉଥିଲେ ଓ ତାଙ୍କର କମିଶନସହ ଆମ ପ୍ରାପ୍ୟକୁ ବିନା ଦ୍ୱିଧାରେ ଗର୍ଭୟ ସ୍ୱାହା କରି ଦେଉଥିଲେ । ବେଶି କଟାଳ କଲେ ମୁହେଁ ମୁହେଁ ଠୁକର ଦେଇ କହୁଥିଲେ—ଆଉ ପଛେ ନ ପଠାନ୍ତୁ ଆମେ ଆସ୍ତେ ଆସ୍ତେ ଆପଣଙ୍କ ପ୍ରାପ୍ୟ ମନିଅର୍ଡର ଯୋଗେ ପଠାଇ ଦେବୁ, ଆପଣଙ୍କ ଆସିବା ଦରକାର ନାହିଁ । କେତେକ ଏଜେଣ୍ଟ ଅନାବିଳ ଭାବରେ ସ୍ୱୀକାର କଲେ ଯେ ଘର ଅବସ୍ଥା ଅତି ଖରାପ ଥିବାରୁ ମୁଁ ସମସ୍ତ ଟଙ୍କା ଖର୍ଚ୍ଚ କରି ଦେଇଛି । ମାରନ୍ତୁ ବା ତାଡନ୍ତୁ ଯାହା କରିବେ କରନ୍ତୁ । ଏହି

Digitized by srujanika@gmail.com

ଏଜେଣ୍ଟମାନେ ହିନ୍ଦି , ବଙ୍ଗଳା, ଇଂରାଜୀ ପତ୍ରିକା ଯବୁର ଭ. ପି. ଛଡ଼େଇ ରଖୁଥିଲେ । କିନ୍ତୁ ଓଡ଼ିଆ ପତ୍ରିକାର ଦାମ୍ ତକ ଚଲୁ କରି ଦେବାରେ କୁଣ୍ଠାବୋଧ କରୁ ନଥିଲେ । ଏହି ଏଜେଣ୍ଟମାନଙ୍କ ଯୋଗୁ ଓଡ଼ିଶାରେ ଓଡ଼ିଆ ପତ୍ରିକାମାନଙ୍କର ଦୂରବସ୍ଥା କହିଲେ ନ ସରେ । ମୁଁ କେତେକ ଏଜେଣ୍ଟଙ୍କ ଷ୍ଟଲ୍ ପାଖରେ ଠିଆ ହୋଇ ପାଠକମାନଙ୍କର ରୁହିଦା ଲକ୍ଷ କରି ଦେଖିଛି ସେମାନେ ଇଂରାଜୀ, ହିନ୍ଦି, ବଙ୍ଗଳା ପତ୍ରିକାକୁ ଆଦରରେ ଚଟାପଟ କିଣି ନିଅନ୍ତି । ଓଡ଼ିଆ ପତ୍ରିକାର ନାଁ ଧରନ୍ତି ନାହିଁ । ଏହା ଦେଖି ମୋ ମନରେ ଅତ୍ୟନ୍ତ କ୍ଷୋଭ ଜାତ ହୋଇଥିଲା । ଯେଉଁମାନଙ୍କ ପାଇଁ ଆମେ ପତ୍ରିକା ଏତେ ଶ୍ରମ-ସ୍ୱୀକାର କରି କାଢୁଛୁ, ସେମାନେ ଯଦି ଅନାଦର କରନ୍ତି ତେବେ ଓଡ଼ିଆ ପତ୍ରିକା-ମାନଙ୍କର ଅବସ୍ଥା କ'ଣ ହେବ ?

ନିତ୍ୟାନନ୍ଦ ବାବୁ ମନ୍ତ୍ରୀ ଥିଲାବେଳେ ସେ କୌଣସି ବ୍ୟବସାୟୀକୁ ଗୋଟିଏ ବିଜ୍ଞାପନ ଦିଅ ବୋଲି ଭୁଲରେ ସୁଦ୍ଧା କହୁ ନ ଥିଲେ । ତାଙ୍କର ଜଣେ କର୍ମଚାରୀ ଓ ମୋର ଅତି ବିଶ୍ୱସ୍ତ ବନ୍ଧୁ କାଳି ବାବୁଙ୍କ ଉଦ୍ୟମରେ କିଛି ବିଜ୍ଞାପନ ମିଳିଥିଲା । ସେଥିରେ ଡଗରର ପ୍ରକାଶନରେ କିଛି ସୁବିଧା ହୋଇଥିଲା । ନିତ୍ୟାନନ୍ଦ ବାବୁଙ୍କର କୋପଦୃଷ୍ଟି କିନ୍ତୁ ଏହି କର୍ମଚାରୀଙ୍କ ଉପରେ ପଡ଼ିଥିଲା । ସେ ତାଙ୍କୁ ଭୁବନେଶ୍ୱରରେ ନ ରଖି ଦୂରଦୂରାନ୍ତକୁ ପଠାଇ ଦେଲେ । ଡଗରର ଭାଗ୍ୟରବି ଏହିଠାରେ ଅସ୍ତମିତ ହୋଇଗଲା । ଡଗରର ଯେଉଁ ଏଜେଣ୍ଟମାନେ ଟଙ୍କା ପଇସା ଦେଉ ନଥିଲେ ସେମାନଙ୍କୁ ଏଜେଣ୍ଟ ଲିଷ୍ଟ୍‌ରୁ କାଟି ଦେଲି । ଫଳରେ ମେଣ୍ଟା ଧୋଉ ଧୋଉ ନିର୍ବାଳ ହୋଇଗଲା । ପଚାଶ ଷାଠିଏ ଏଜେଣ୍ଟରୁ ମାତ୍ର ଦୁଇ ତିନିଟି ଏଜେଣ୍ଟ ରହିଲେ । ଡଗରର ପ୍ରକାଶନ ଖର୍ଚ୍ଚ ଏହାଦ୍ୱାରା ଖୁବ୍ କମିଗଲା । କାଗଜ ଖର୍ଚ୍ଚ ସିନା କମିଗଲା କିନ୍ତୁ ଛପେଇ ଖର୍ଚ୍ଚ କମିବ କୁଆଡ଼ୁ । ସଂସ୍ଥାରେ ହେଉଥିବା ଖର୍ଚ୍ଚ ଯେମିତି ସେମିତି ରହିଲା । ଦାରିଦ୍ର୍ୟ ମୋତେ ଏତେ ଘୋଟିଗଲା ଯେ ଚାରିଅଣାର ଜଳଖିଆ ଖାଇବା ମୋ ପକ୍ଷରେ କଷ୍ଟ ହୋଇ ପଡ଼ିଲା । ତେଣେ ଭୁବନେଶ୍ୱରରେ ନିତ୍ୟା-ନନ୍ଦ ବାବୁ ଭେକିଲା, ଏଣେ କଟକରେ ମୁଁ ମଧ୍ୟ ଭେକିଲା । ମୁଁ ନିତ୍ୟାନନ୍ଦ ବାବୁଙ୍କୁ ଯାଇଁ କହିଲି—ଏବେ ତ ଆଉ ମନ୍ତ୍ରୀ ନାହାନ୍ତି କିଛି କିଛି ବିଜ୍ଞାପନ ସଂଗ୍ରହ କରନ୍ତୁ । ନହେଲେ ଡଗରଟା ଏକାବେଳକେ ବନ୍ଦ ହୋଇଯିବ । ସେ ଲାଗିପଡ଼ି କିଛି ବିଜ୍ଞାପନ ସଂଗ୍ରହ କଲେ । ବିଜ୍ଞାପନ ଟଙ୍କାରୁ ସେ ଅଧେ ନେଲେ ଓ ଡଗର ଅଧେ ନେଲା । କିଛିଦିନ ପରେ ସେ ସମୁଦାୟ ଟଙ୍କା ନେଲେ । ଏହି ସମୟରେ ଡଗର ପରିଚାଳନାରେ ଗୋଟିଏ ନୂତନ ମୋଡ଼ ଦେଖାଦେଲା । ଡଗର ଅଫିସକୁ ବହୁ କଲେଜ ଛାତ୍ର ଆସୁଥିଲେ । ଥରେ କୌଣସି କାର୍ଯ୍ୟ ଉପଲକ୍ଷେ ସାଲେପୁର କଲେଜର ଦୁଇ ତିନି ଜଣ ଛାତ୍ର ଡଗର ପ୍ରେସ୍‌କୁ ଆସିଥିଲେ । ସେମାନଙ୍କ ଭିତରେ ବିଜୟାନନ୍ଦ ସିଂହ ନାମରେ ଜଣେ ଗେଟମ ଯୁବକ ଥିଲେ । ତାଙ୍କ ସହିତ କଥା ପ୍ରସଙ୍ଗରେ ମୁଁ ଜାଣିପାରିଲି ଯେ ସେ ଜଣେ କରିତକର୍ମା, ଉତ୍ସାହୀ ନିରଳସ ଓ ଅତ୍ୟନ୍ତ ଆଶାବାଦୀ ଯୁବକ । ମୋ ମନ ହେଲା ଏହିପରି ଜଣେ ଯୁବକ ଡଗରର ପରିଚାଳନା ପାଇଁ ନିତାନ୍ତ ଦରକାର । ତାଙ୍କ ଘର ମାହାଙ୍ଗାର ଯଶୁଆ ପୁରରେ ଥିଲା । ସେ ସେତେବେଳକୁ ବି .ଏ. ପରୀକ୍ଷା ଦେଇ ସାରିଥିଲେ । ସେ ଜଣେ ନୈଷ୍ଠିକ କଂଗ୍ରେସ(ଇ)ର ସମର୍ଥକ ଥିଲେ । ମୁଁ ମନେ ମନେ ଭାବିଲି ଏମିତିଆ ଯଦି ଗୋଟିଏ

Digitized by srujanika@gmail.com

ପିଲ ମୋତେ ସାହାଯ୍ୟ କରନ୍ତା, ତାହେଲେ ଡଗର ଟିକେ ଉଠି ବସନ୍ତା । ମୋ ଇଚ୍ଛା ତାଙ୍କ ନିକଟରେ ପ୍ରକଟ କଲି । ସେ ମଧ୍ୟ ରାଜି ହୋଇଗଲେ । ଡଗରର ପରିବର୍ତ୍ତିତ ଅବସ୍ଥାରେ ନିତ୍ୟାନନ୍ଦ ବାବୁ ସମ୍ପାଦକ ହୋଇ ରହିଲେ । ବିଜୟାନନ୍ଦ ଯୁଗ୍ମ ସମ୍ପାଦକ, ମୁଁ ମୁଦ୍ରାକର ଓ ପ୍ରକାଶକ ହୋଇ ରହିଲି । ଡଗରର ପୁନର୍ଗଠନ କାର୍ଯ୍ୟ ଆରମ୍ଭ ହେଲା ।

ଡଗରର ପରମ ହିତାକାଙ୍କ୍ଷୀ ଓ ପୃଷ୍ଠପୋଷକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶ୍ରୀଯୁକ୍ତ ହୃଦୟାନନ୍ଦ ନାୟକଙ୍କ ପାଖକୁ ବିଜୟାନନ୍ଦ ଓ ମୁଁ ଗଲୁ । ଡଗରର ପୁନର୍ଗଠନ କାର୍ଯ୍ୟ ବିଷୟରେ ତାଙ୍କୁ ସବୁ ଜଣାଇଲୁ । ସେ ସବୁ ଶୁଣି ଖୁବ୍ ଖୁସି ହେଲେ ଏବଂ ଜଣେ ଉତ୍ସାହୀ ଓ ନିରଳସ ସହକର୍ମୀ ପାଇଥିବାରୁ ମୋତେ ପ୍ରଶଂସା କଲେ । ଏଥି ପୂର୍ବରୁ ଡଗର ବହୁବାର ସନ୍ନିପାତରେ ଘଡ଼ ଘଡ଼ ହେଲାବେଳେ ହୃଦୟାନନ୍ଦ ବାବୁ ତାକୁ ଉପ-ଯୁକ୍ତ ଔଷଧ ଦେଇ ମୃତ୍ୟୁମୁଖରୁ ବଞ୍ଚାଇ ଥିଲେ । ଆମପକ୍ଷରେ ଡଗର ପାଇଁ ହୃଦୟା-ନନ୍ଦ ବାବୁ ମୁଖ୍ୟ ଓ ନିତ୍ୟାନନ୍ଦ ବାବୁ ଗୌଣ ହୋଇପଡ଼ିଲେ । ତାଙ୍କର ଆଶୀର୍ବାଦ ନେଇ ଆମେ ଡଗର ଅଫିସକୁ ଫେରିଲୁ । ବିଜୟାନନ୍ଦ ସଂଗଠନ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ହୋଇଥିଲେ । ଅଫିସ ଆଦବକାଇଦା, ଟଙ୍କା ପଇସା ସଂଗ୍ରହ କରିବାର ଉପାୟ ଓ ପ୍ରାପ୍ତିସ୍ଥଳ ସବୁ ତାଙ୍କୁ ବେଶ୍ ଜଣାଥିଲା । ମୋର କେଉଁ କେଉଁ ବନ୍ଧୁମାନଙ୍କଠାରୁ ଭଲ ଭାବରେ ସାହାଯ୍ୟ ମିଳି ପାରିବ ତାହା ସେ ମୋତେ ସୂଚାଇ ଦେଇଥିଲେ ।

ବିଜୟାନନ୍ଦ ମୋତେ ବାରମ୍ବାର କହିଲେ ଯେ—ମୋ ନାଁ ଟା ପରିଚାଳନା ସମ୍ପାଦକ ଭାବରେ ଡଗରରେ ଛପାହେଉ । ମୁଁ ଏହାର ଘୋର ପ୍ରତିବାଦ କରିଥିଲି । ତାଙ୍କୁ ବୁଝାଇ ଦେଇଥିଲି ଯେ ନିତ୍ୟାନନ୍ଦ ବାବୁ ମନ୍ତ୍ରୀ ଥିଲାବେଳେ ଥରେ କେତେ ଜଣ ଲୋକ ତାଙ୍କ ପାଖରେ ବସି କଥାବାର୍ତ୍ତା ହେଉ ହେଉ କହିଲେ ଆଜ୍ଞା ରାମ ବାବୁଙ୍କ ଉପରେ ଡଗର ପରିଚାଳନା ପାଇଁ ବଡ଼ ଚପଟ ପଡୁଛି । ନିତ୍ୟାନନ୍ଦ ବାବୁଙ୍କ ସାନ ଭାଇ ଗୌର ବାବୁ ସେଠି କହିଲେ ସେ ଚପଟଟାକୁ ତୁଲାଇବେ ନାହିଁ କାହିଁକି ? ଏତେ ବଡ଼ ପତ୍ରିକାର ସେ ହେଉଛନ୍ତି ପରିଚାଳନା ସମ୍ପାଦକ । କେତେବଡ଼ ସମ୍ମାନର ଅଧିକାରୀ । ତେଣୁ ସେ ଚପଟଟାକୁ ସମ୍ଭାଳିବା ନିହାତି ଦରକାର । ଏ କଥାଟା ଭାସି ଆସି କ୍ରମେ ମୋ କାନରେ ପଡ଼ିଲା । ମୋ ମନରେ ବଡ଼ ବିରକ୍ତିଭାବ ଜାତ ହେଲା । ମୁଁ ଭାବିଲି ମୁଁ କ'ଣ ପରିଚାଳନା ସମ୍ପାଦକ ପଦବୀର ସମ୍ମାନ ପାଇବା ଲାଗି ଡଗରରେ ରହିଛି ? ନାଁ ଡଗରରୁ ଆଜିଠୁଁ ପରିଚାଳନା ସମ୍ପାଦକ ପଦ ଉଠାଇ ଦେଇ ଡଗର ଛାପିବି । ସେମାନେ ଦେଖନ୍ତୁ ଯେ ମୁଁ କୌଣସି ପଦପଦବୀ ଲାଳସାରେ ଡଗରରେ ପଶି ନାହିଁ । ଅବଶ୍ୟ ନିତ୍ୟାନନ୍ଦ ବାବୁ ଏପରି ମୋର ପଦବୀ ଲୋପ ପାଇଁ ମନରେ କ୍ଷୁବ୍ଧ ହୋଇ-ଥିଲେ । ଥରେ ସେ ଗୁରୁତର ଭାବରେ ଅସୁସ୍ଥ ହୋଇ ପଡ଼ିଲେ । ମୁଁ ଓ ନୀଳମଣୀ ମାହାନା ତାଙ୍କୁ ଦେଖିବାକୁ ଗଲୁ । ସେଇଠି ସେ ମୋତେ କହିଲେ ରାମ ବାବୁ, ଆପଣ ମୋ ପ୍ରତି ବଡ଼ ଅନ୍ୟାୟ କଲେ । ନାମଟା ଉଠାଇ ନେବା ପୂର୍ବରୁ ମୋତେ କହିବା ଉଚିତ ଥିଲା । ମୁଁ ତାଙ୍କୁ ପ୍ରବୋଧ ଦେଇ କହିଲି—ଆପଣ ସେ ସବୁ ବିଷୟରେ ଆଉ ମୁଣ୍ଡ ଖେଳାନ୍ତୁ ନାହିଁ । ଡଗର ପ୍ରତି ମୋର ଆନ୍ତରିକତା ଯଦି କେଉଁଠି କମ୍ ଦେଖିଅଛନ୍ତି ବା ଦେଖିବେ ସେତେବେଳେ ମୋତେ ଏହା କହିବେ । ମନ୍ତ୍ରୀତ୍ୱ ପରେ ମଧ୍ୟ ନିତ୍ୟାନନ୍ଦ ବାବୁ

Digitized by srujanika@gmail.com

ମୋର ଆନ୍ତରିକତା କେଉଁଠାରେ ଟିକେ କମିଯିବାର ଦେଖିନାହାନ୍ତି କିମ୍ବା ସେ ବିଷୟରେ କହି ନାହାନ୍ତି ।

ବିଜୟାନନ୍ଦଙ୍କୁ ଖୁବ୍ କଡ଼ାକଡ଼ି ଭାବରେ ବାରଣ କରିଥିଲେ ସୁଦ୍ଧା ସେ ମୋତେ ନ ଜଣାଇ ମୋ ନାଁ' ଟା ପରିଚାଳନା ସମ୍ପାଦକ ଭାବେ ଡଗର କଭରରେ ଛପାଇ-ଦେଲେ । ମୁଁ ତାଙ୍କ ଉପରେ ଡଗର ଭାର ଲଦିଦେଇ ନିଶ୍ଚିନ୍ତ ହୋଇଗଲି । ଅନେକ ଦିନ ପରେ ମୁଁ ଏହା ଜାଣି ପାରିଲି । ତାଙ୍କ ଉପରେ ବିରକ୍ତ ହେଲି । ସେ କୌଣସି କଥା ମାନିବାର ଲୋକ ନଥିଲେ । ମୋ ପ୍ରତିବାଦକୁ ଅଳିଆଗଦାକୁ ଫୋପାଡ଼ି ଦେଇ ଥିଲେ । ଏହି ସମୟରେ କଟକର ଏସ୍. ପି. ଶ୍ରୀ ଅନାଦି ସାହୁ ଡଗର ପ୍ରେସ୍‌କୁ ମଝିରେ ମଝିରେ ଆସୁଥିଲେ । ତାଙ୍କ ସହିତ ସମ୍ପର୍କ ମୋର କିପରି ଗଢ଼ି ଉଠିଲା ତାହା ଏଠି କହିବା ଉଚିତ ହେବ ।

ଏବର ଦିଲ୍ଲୀରେ ଅବସ୍ଥାପିତ ପୋଲିସ୍ ଡ଼ି. ଆଇ. ଜି. ଶ୍ରୀଯୁକ୍ତ ଚନ୍ଦ୍ରଭାନୁ ଶତପଥୀ ସେତେବେଳେ ରେଭେନ୍‌ସା କଲେଜର ଛାତ୍ର ଥାଆନ୍ତି । କଲେଜର ମାଗା-ଜିନ୍‌ରେ ତାଙ୍କର ଗୋଟିଏ ଗପ ବାହାରି ଥିଲା । ସୌଭାଗ୍ୟବଶତଃ ସେହି ମାଗାଜିନ୍‌ଟି ଆମ ଡଗର ପ୍ରେସ୍‌ରେ ଛପା ହେଉଥିଲା । ସେ ଗପଟିକୁ ପଢ଼ିବାମାତ୍ରେ ମୋତେ ଭାରି ଆନନ୍ଦ ଲାଗିଲା । ପାଖରେ ସେହି ପତ୍ରିକା ସହିତ ସମ୍ପୃକ୍ତ ଦୁଇଜଣ କଲେଜ ଛାତ୍ର ଥିଲେ । ସେମାନଙ୍କୁ ବଧେଇ ଦେଇ କହିଲି—ବାଃ ଆପଣମାନେ ଗୋଟିଏ ବଢ଼ିଆ ହାସ୍ୟରସାତ୍ମକ ଗପ ବାଛି ଅଛନ୍ତି । ଏ ପିଲାଟି କିଏ ? ସେମାନେ କହିଲେ ସେ ହେଉଛନ୍ତି ସ୍କୁଲ ଡ଼ି. ପି. ଆଇ. ଶ୍ରୀ ୰ଗୋକୁଳଚନ୍ଦ୍ର ଶତପଥୀଙ୍କର ଦ୍ୱିତୀୟ ପୁତ୍ର । ମୁଁ ସେ ପିଲାମାନଙ୍କୁ କହିଲି ଚନ୍ଦ୍ରଭାନୁଙ୍କୁ ମୋ ପାଖକୁ ଟିକେ ପଠାଇବ । ଏହା ସହିତ ଚନ୍ଦ୍ର-ଭାନୁଙ୍କୁ ଆସିବାକୁ ଅନୁରୋଧ ଜଣାଇ ସେମାନଙ୍କ ହାତରେ ଚିଠି ମଧ୍ୟ ଦେଲି । ଦୁଇ ଦିନ ପରେ ଜଣେ ବଳିଷ୍ଠ, ସୌମ୍ୟକାନ୍ତ, ଦୀର୍ଘକାୟ ଯୁବକ ମୋ ପାଖକୁ ଆସି ଆତ୍ମ ପରିଚୟ ଦେଲେ । ମୁଁ ଉଲ୍ଲସିତ ହୋଇ ତାଙ୍କୁ ମୋ ପାଖରେ ବସାଇଲି ଏବଂ କହିଲି ଦେଖନ୍ତୁ ଆପଣଙ୍କର ପ୍ରତିଭା ଆଉ କଲେଜ ମାଗାଜିନ୍ ଭିତରେ ସୀମାବଦ୍ଧ ହୋଇ ରହି ପାରିବ ନାହିଁ । ଆପଣ 'ଡଗର'କୁ ନିୟମିତ ରୂପେ ପ୍ରତିସଂଖ୍ୟା ପାଇଁ ହାସ୍ୟରସା-ତ୍ମକ ଗଳ୍ପ ପଠାନ୍ତୁ । ସେ ତାହାହିଁ କଲେ ଏବଂ ତାଙ୍କ ଗପ ନିୟମିତରୂପେ ଡଗରରେ ପ୍ରକାଶ ପାଇବାକୁ ଲାଗିଲା । ତାଙ୍କର ଓ ମୋର ବନ୍ଧୁତା ବଢ଼ି ତାଙ୍କ ଘର ଯାଏ ଚାଲି-ଗଲା । ଚନ୍ଦ୍ରଭାନୁ ରେଭେନ୍‌ସା କଲେଜରୁ ବି. ଏ. ପାସ୍ କରି ସାରି ଦିଲ୍ଲୀରେ ରାମଦାସ୍ କଲେଜରେ ରାଜନୀତି ବିଜ୍ଞାନରେ ଏମ୍. ଏ. ପାଶ୍ କଲେ ଏବଂ ସେହି କଲେଜରେ ଅଧ୍ୟାପନା ମଧ୍ୟ କଲେ । ମୋ ସହିତ ପତ୍ରାଳାପ କିନ୍ତୁ ଅବ୍ୟାହତ ଥାଏ । ସେ କ୍ରମେ ଆଇ. ପି. ଏସ୍. ହେଲେ ଏବଂ ଅତିରିକ୍ତ ଏସ୍. ପି. ହିସାବରେ ସେହିଠାରେ ନିଯୁକ୍ତି ପାଇଲେ । ଏହି ସମୟରେ ତାଙ୍କର ଲେଖାର ସଂଖ୍ୟା ଟିକେ କମିଗଲା । ସେ ଥରେ କଟକକୁ ଆସିଥିଲେ । ମୋ ପାଖକୁ ଆସିବାମାତ୍ରେ ମୁଁ ତାଙ୍କ ଉପରେ ଅଭିମାନ କରି ଏକପ୍ରକାର ଗାଳିଗୁଲଜ କଲି । ସେ ପୁଣି ଲେଖିବେ ବୋଲି କହିଲେ ଏବଂ ମୋ ପାଖରୁ ଅନାଦି ବାବୁଙ୍କ କ୍ୱାର୍ଟରକୁ ଗଲେ । ସେହିଠାରେ ସେ ଅନାଦି ବାବୁଙ୍କର ବହୁ

Digitized by srujanika@gmail.com

ଲେଖା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ସଙ୍ଗେ ସଙ୍ଗେ ମୋ ପାଖକୁ ସେହିଠାରୁ ଫୋନ୍ କରି କହିଲେ—ଫତୁରନନ୍ଦଜୀ, ଆପଣ ଅନାଦି ବାବୁଙ୍କୁ ଜାଣନ୍ତି ? ମୁଁ ପଚାରିଲି ଏସ୍. ପି. ଅନାଦି ବାବୁଙ୍କ କଥା କହୁଛ ? ସେ କହିଲେ—ହଁ, ହଁ, ତାଙ୍କ ପାଖରେ ଅତି ଉଚ୍ଚକୋଟୀର ଲେଖାସବୁ ପଡ଼ିରହିଛି, ଆପଣ ତାହାର ସଦ୍‌ବ୍ୟବହାର ଏପର୍ଯ୍ୟନ୍ତ କରି ନାହାନ୍ତି, ଖାଲି ମୋ ଉପରେ ହୁକୁମ ଚଳଉଛନ୍ତି । ମୁଁ କହିଲି—ତୁମେ କିଛି ତାଙ୍କ ଲେଖା ମୋ ପାଖକୁ ଆଣ ଏବଂ ଅନାଦିବାବୁଙ୍କୁ ମୋ ପାଖକୁ ଆସିବାକୁ ମୋ ତରଫରୁ ଅନୁରୋଧ ଜଣାଅ । ସେ ରାଜି ହୋଇଗଲେ ।

ସେହି ଦିନଠାରୁ ଅନାଦି ବାବୁ ମୋ ନିକଟରେ ଆଉ ଏକ ଚନ୍ଦ୍ରଭାନୁ ରୂପେ ଦେଖା ଦେଲେ । ସେ ପ୍ରାୟ ପ୍ରତିଦିନ ଟିକେ ଅବସର ପାଇଲେ ଲେଖାଟିଏ ନେଇ ଆସନ୍ତି ଏବଂ ମୋ ପାଖରେ ପଢ଼ନ୍ତି । ସେ ଚନ୍ଦ୍ରଭାନୁ ପରି କ୍ରମେ ଡଗରର ପରିବାର-ଭୁକ୍ତ ହୋଇଗଲେ । ଡଗରର ଦୁରବସ୍ଥା ଦେଖି ସେ ବଡ଼ ଚିନ୍ତିତ ହୋଇପଡ଼ି ଥିଲେ । ତାଙ୍କର ପ୍ରଭାବରେ ଡଗରର ଶହେଟି ନୂଆ ଗ୍ରାହକ କେଇଦିନ ଭିତରେ ହୋଇଗଲେ । ଆମକୁ ସିନା ସେ କିଛି କହୁ ନଥାନ୍ତି କିନ୍ତୁ ଭିତରେ ଭିତରେ ଡଗରର ଅବସ୍ଥା କିପରି ଟିକିଏ ସ୍ୱଚ୍ଛଳ ହେବ ସେ କଥା ଚିନ୍ତା କରୁଥିଲେ । ଦୈବ ଦୁର୍ଯୋଗରୁ ସେହି ସମୟରେ ଡଗର ପ୍ରେସ୍‌ରେ ଗୋଟାଏ ବଡ଼ ଧରଣର ଚୋରୀ ହୋଇଗଲା । ଅକ୍ଷରତକ ମୂଳପୋଛ ହୋଇଗଲା । ପୁଲିସ୍ କର୍ମଚାରୀମାନେ ଡଗର ପ୍ରେସ୍‌କୁ ଏସ୍. ପି.ଙ୍କ ପ୍ରେସ୍ ବୋଲି ମନେ ମନେ ବିଚାରୁଥିଲେ । ବାଘ ମିରିଗକୁ ମାଡ଼ି ବସିଲା ପରି ପୋଲିସ୍‌ବାଲାମାନେ ଘାଉଁ କରି ଚୋରକୁ ମାଡ଼ିବସିଲେ । ସେମାନଙ୍କ ଭାଗ୍ୟ ଖରାପ ଥିଲା । ଆମ ପ୍ରେସ୍‌ରେ ଅନାଦି ବାବୁଙ୍କ ଗୋଟିଏ ଗପର ଖଞ୍ଜା ଅକ୍ଷର ଛପା ପରେ ଭଙ୍ଗା ନହୋଇ ରହିଥିଲା । ଟାଇପ୍ ଫାଉଣ୍ଡେରୀବାଲା ବେପରୁଆ ଭାବରେ ସେତକ ଭାଙ୍ଗିପାରି ନଥିଲା । ସାଙ୍ଗେ ସାଙ୍ଗେ ମାଲ ସାବୁତ ହୋଇଗଲା । ସମସ୍ତ ଅକ୍ଷର ସେହି ଟାଇପ୍ ଫାଉଣ୍ଡେରୀରୁ ଜବତ୍ କରାଗଲା । ଚୋରୀ ଅକ୍ଷର ଆଂଶିକ ଆମେ ପାଇଗଲୁ । ଚୋରଙ୍କ ପ୍ରତି ବିଶେଷ କାର୍ଯ୍ୟାନୁଷ୍ଠାନ ହୋଇ ପାରିଲା ନାହିଁ । ଚୋରମାନଙ୍କ ଭିତରେ ଗୋଟିଏ ଶିକ୍ଷାନୁଷ୍ଠାନ କର୍ମ-କର୍ତ୍ତାଙ୍କ ପୁଅ ଓ ଆଉ ଜଣେ ଆମର ଆତ୍ମୀୟ ଭଳି । ତେଣୁ କେସ୍ କରିହେଲା ନାହିଁ । ବାକି ଅକ୍ଷରତକର ଆଶା ଛାଡ଼ିଦେବାକୁ ପଡ଼ିଲା । ସେତେବେଳେ ପ୍ରସନ୍ନ କୁମାର ହୋତା କଟକର କଲେକ୍ଟର ଥିଲେ । ତାଙ୍କର ବାପା ବାଞ୍ଛାନିଧି ହୋତା ମୋ ମାମୁଁ ଝିଅ ଭଉଣୀକୁ ବାହା ହୋଇଥିଲେ । ମେଡ଼ିକାଲରେ ପଢିଲା ଦିନଠାରୁ ତାଙ୍କ ସାଙ୍ଗରେ ଘନିଷ୍ଠ ସଂବନ୍ଧ ଥିଲା । ସେ ରେଭେନ୍‌ସା କଲେଜରେ ପଢୁଥିଲେ ଓ ମୁଁ ମେଡ଼ିକାଲ୍ ସ୍କୁଲରେ ପଢୁଥିଲି । ମୁଁ ଜର୍ଜ ପଟ୍ଟନାୟକ ଓ ବାଞ୍ଛାନିଧି ହୋତା ଦୈବାତ୍ ଦିନେ ଯଦି ଏକାଠି ନ ହେଉଥିଲୁ ତେବେ ଆମ କାହାରିକୁ ଭାତ ରୁଚୁ ନଥିଲା । ପ୍ରସନ୍ନ ହୋତା ଏ ବିପଦରେ ଯେ ଆମକୁ ସାହାଯ୍ୟ କରି ପାରିବେ ଏତକ ଜ୍ଞାନ ମୋର ନଥିଲା । ବିଜୟାନନ୍ଦ ପ୍ରସନ୍ନ ହୋତାଙ୍କ ସହ ମୋର ଆତ୍ମୀୟତା କଥା ଜାଣିଥିଲେ । ସେ ମୋତେ ତାଙ୍କର ସାହାଯ୍ୟ ପ୍ରାର୍ଥୀ ହେବାଲାଗି ଖୁବ୍ ଉତ୍ସାହିତ କଲେ । ମୋତେ ସାଙ୍ଗରେ ଧରି ସେ ଦିନେ ଯାଇ ତାଙ୍କ କୋଠିରେ

Digitized by srujanika@gmail.com

ପହଞ୍ଚିଲେ । ସେ ମୋତେ ଦେଖି ଆଦର କରି ବସାଇଲେ । ମୁଁ ମୋର ଦୁଃଖ ଜଣାଉ ଜଣାଉ ତାଙ୍କୁ କହିଲି–ଡଗରଟା ବନ୍ଦ ହୋଇଗଲା । ସେ କାରଣ ପଚାରିବାରୁ ମୁଁ କହିଲି–ଅକ୍ଷରତକ ସବୁ ଚୋରୀ ହୋଇଗଲା । ଏତକ କହିବା ମାତ୍ରେ ମୋର ଦୁଇ ଆଖିରୁ ଦୁଇଧାର ଲୁହ ଗଡ଼ି ପଡ଼ିଲା । ମୁଁ ମୁହଁ ବୁଲାଇ ଚାଦରରେ ଆଖି ପୋଛିଦେଲି । ହୋତା କିନ୍ତୁ ସେତକ ଦେଖିପାରି ଥିଲେ । ସେ ହଠାତ୍ ବିବ୍ରତ ହୋଇପଡ଼ି ପଚାରିଲେ ବର୍ତ୍ତମାନ କେତେ ଟଙ୍କା ହେଲେ ଅକ୍ଷରତକ ଆସି ପାରିବ ? ମୁଁ କହିଲି ଦୁଇ ହଜାର ଟଙ୍କା ହେଲେ ଅକ୍ଷରତକ ଆସି ପାରିବ ? ମୁଁ କହିଲି ଦୁଇ ହଜାର ଟଙ୍କା ହେଲେ କାମ ସଙ୍ଗେ ସଙ୍ଗେ ଆରମ୍ଭ ହୋଇଯିବ । ସେ ସଙ୍ଗେ ସଙ୍ଗେ ଫୋନ୍ ଉଠାଇ ଜଣେ ଶିଳ୍ପ-ପତିଙ୍କୁ ସେତକ ଟଙ୍କା ସଙ୍ଗେ ସଙ୍ଗେ ଦେବାଲାଗି କହିଲେ । ସେ ମଧ୍ୟ ତତ୍‌କ୍ଷଣାତ୍ ରାଜି ହୋଇଗଲେ ।

ସନ୍ଧ୍ୟାବେଳ ସୁଦ୍ଧା ଆମ ପାଖରେ ଦୁଇ ହଜାର ଟଙ୍କା ଆସି ପହଞ୍ଚିଲା । ତା' ସଙ୍ଗେ ସଙ୍ଗେ ଗୋଟିଏ ଫୁଲ୍ ପେଜ୍‌ର ବିଜ୍ଞାପନ ବର୍ଷକ ପାଇଁ କାଢିବାଲାଗି ଅର୍ଡ଼ର ଥିଲା । ମୁଁ ଆନନ୍ଦରେ ଅଧୀର ହୋଇପଡ଼ିଲି । କାମ ପୁଣି ସୁରୁଖୁରୁରେ ଚାଲିଲା । ଡଗରର କୌଣସି ସ୍ଥାୟୀ ପାଣ୍ଠି ନଥିଲା । ଅନାଦି ବାବୁ ମନେ ମନେ ଏହି ବିଷୟ ଭାବୁଥିଲେ । ହଠାତ୍ ବାରବାଟି ଷ୍ଟାଡ଼ିୟମ୍‌ରେ ଅଷ୍ଟ୍ରେଲିଆ ସଙ୍ଗେ ଭାରତର କ୍ରିକେଟ୍ ଖେଳ ହେବ ବୋଲି ସ୍ଥିର ହୋଇଗଲା, ସରକାର ଟିକେଟ ଛପାଛପିରେ ଯେପରି କୌଣସିପ୍ରକାର ଅପକର୍ମ ନହୁଏ ସେଥିପାଇଁ ଅନାଦି ବାବୁଙ୍କୁ ଟିକେଟ ଛପା ଦାୟିତ୍ୱରେ ରଖାଇ ଦେଲେ । କଥାଟା ଖୁବ୍ ଗୁପ୍ତରେ ରଖାଗଲା । ଅନାଦି ବାବୁ ସେ କାମଟି ଆମରି ଉପରେ ନ୍ୟସ୍ତ କରି ଦେଲେ ଏବଂ ଛପାଛପି ସମ୍ବନ୍ଧୀୟ ସମସ୍ତ ପ୍ରକାର ସାଧୁତା ଅବଲମ୍ବନ କରିବା ଲାଗି ଆମକୁ ସତର୍କ କରାଇ କଥାଟିକୁ ଅତି ଗୁପ୍ତ ରଖିବା ଲାଗି ପରାମର୍ଶ ଦେଲେ । ଆମେ ମଧ୍ୟ ଏତେ ଗୁପ୍ତରେ ସେ କାମସବୁ କଲୁ ଯେ ଆମର ନିଜ ଲୋକେ ତଥା ଅନ୍ୟ କେହି ତା'ର ଟେର୍ ସୁଦ୍ଧା ପାଇଲେ ନାହିଁ । ଆମ ପାଖରେ ତ ଏ କାମ କରିବା ପାଇଁ ଅଗ୍ରୀମ ଖଟାଇବା ଲାଗି ଅର୍ଥ ନ ଥିଲା । ଏତକ ଜାଣି ଅନାଦି ବାବୁ ତାଙ୍କ ନିଜ ଟଙ୍କା ବ୍ୟାଙ୍କ୍‌ରୁ ଆଣି ଆମକୁ ଦେଲେ । ଏହି କାମରେ ସମସ୍ତ ଖର୍ଚ୍ଚବାର୍ଚ୍ଚ ଯାଇ ଓ ଅନାଦି ବାବୁଙ୍କ ଟଙ୍କା ଶୁଝାହୋଇ ଆମେ ମୁନଫାସ୍ୱରୂପ ସାତ ହଜାର ଟଙ୍କା ପାଇଲୁ ଓ ବ୍ୟାଙ୍କ୍‌ରେ ଥୋଇଦେଲୁ । ଚାଷୀ ବୁଢ଼ା କଠିନ କାମ ଶେଷରେ ଗଛ ଛାଇରେ ବସି ଯେପରି ଅଣ୍ଟା ସଳଖାଏ ମୁଁ ସେହିପରି ଅଣ୍ଟା ସଳଖାଇଲି । ବିଜୟାନନ୍ଦ ତ ଟୋକା-ଟାକଳିଆ ଲୋକ । ଉତ୍ସାହ ତାଙ୍କ ଭିତରେ ଖୁନ୍ଦି ହୋଇ ରହିଥାଏ । ତାଙ୍କର ଅଣ୍ଟା ସଳଖାଇବା ଦରକାର ପଡ଼ି ନଥିଲା । ସେ କେବଳ ଉଣ୍ଡିବାରେ ଲାଗିଥାଆନ୍ତି କୋଉଠୁ କୋଉଠୁ ଟଙ୍କା ମିଳିବ । ଗୋଟିଏ ପଙ୍ଗୁ ଲୋକକୁ ଟଣାଗାଡ଼ିରେ ବସାଇ ଓ ସେ ଗାଡ଼ିକୁ ଚାରିଆଡ଼େ ବୁଲେଇ ଜଣେ ଲୋକ ଯେପରି ଅର୍ଥ ସଂଗ୍ରହ କରେ ବିଜୟାନନ୍ଦ ସେହିପରି ମୋତେ ଚାରିଆଡ଼େ ନେଇ ବିଜ୍ଞାପନ ସଂଗ୍ରହରେ ଲାଗିପଡ଼ି ଥିଲେ । ଡଗର ବେଶ୍ କିଛି ଦିନ କଟାଗଛ କଅଁଳିଲା ପରି କଅଁଳି ଉଠିଲା ।

Digitized by srujanika@gmail.com

ମୁଁ ଡଗର ପାଇଁ ଆସିଥିବା ଲେଖାଗୁଡ଼ିକର ବଛାବଛି କାମ ହାତରେ ରଖିଲି । ବିଜୟାନନ୍ଦ ପ୍ରେସ୍ ଭାର ପୂରାପୂରି ନିଜେ ଗ୍ରହଣ କଲେ । ପୂର୍ବେ ପ୍ରେସ୍ ବିଷୟ ବୁଝିବାରେ ମୁଁ ବଡ଼ ହେଙ୍ଗେଙ୍ଗା ଥିଲି । କେଉଁ କର୍ମଚାରୀ କେଉଁଠି ଗଣ୍ଡଗୋଳ କଲା ସେଥି ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ କରୁ ନଥିଲି । ସେମାନଙ୍କୁ ପାକଲେଇ ପୁକୁଲେଇ କାମକୁ ସଜାଡ଼ି ନେଉଥିଲି । ଏପରି କରିବା ଫଳରେ ସେମାନେ ବେଶି ବେଶି ବେପରବାୟ ହୋଇ-ଯାଉଥିଲେ । କ୍ରମେ ସେମାନଙ୍କ ମୋ ପ୍ରତି ବେଖାତିର ଭାବ ବଢ଼ି ଉଠିଥିଲା । ବିଜୟାନନ୍ଦ ପ୍ରେସ୍ କର୍ମଚାରୀଙ୍କ ଭାର ନେବା ପରେ ସେମାନଙ୍କୁ ଦିନରାତି ଖାଲି ଶୋଧି ଲାଗିଲେ । ପ୍ରେସ୍‌ରେ ହରଦମ୍ ଶୁଭିଲା, 'ୟୁ ନନ୍‌ସେନ୍‌ସ, ଗେଟ୍ ଆଉଟ୍' । ମୋତେ ଏଗୁଡ଼ାକ ଭଲ ଲାଗୁ ନଥିଲା । କିନ୍ତୁ ପରେ ବୁଝିଲି ବିଜୟାନନ୍ଦ ଠିକ୍ ଲୁହା ଦେଖି ପାଣି ଦେଉଥିଲେ । ଫଳରେ ପ୍ରେସ୍ ଭିତରେ ଦେଖା ଦେଉଥିବା ବିଶୃଙ୍ଖଳା କମି ଆସିଲା ।

ବିଜୟାନନ୍ଦ ଆସିବା ପୂର୍ବରୁ ମୋର ସାନ ଭାଇ ଅଧ୍ୟାପକ ଶ୍ୟାମସୁନ୍ଦର ମିଶ୍ର ପାରଳାଖେମୁଣ୍ଡିରୁ ବଦଳି ହୋଇ ରେଭେନ୍‌ସା ସାନ୍ଧ୍ୟ କଲେଜରେ ଯୋଗ ଦେଇଥିଲା । ସେତେବେଳକୁ ଆମର ଏକାନ୍ନବର୍ତ୍ତୀ ବଡ଼ ପରିବାରଟି ଭାଙ୍ଗି ଛତ୍ରଛାଳ ହୋଇଯାଇ ଥିଲା । ମୁଁ ଘରୁ ସଂପୂର୍ଣ୍ଣରୂପେ ବିଚ୍ଛିନ୍ନ ହୋଇ ଡଗର ପ୍ରେସ୍‌ରେ ଡେରା ଜମାଇ ଥିଲି । ସେତେ-ବେଳେ ବୋଉର ଦେହ ଅତ୍ୟନ୍ତ ଖରାପ ହୋଇଯାଇ ଥିଲା । ପ୍ରାୟ ତିନି ଚାରିବର୍ଷ ସେ ରୁଗ୍ଣ ରହିବା ପରେ ୧୯୭୪ ମାର୍ଚ୍ଚ ପହିଲାରେ ଇହଧାମ ତ୍ୟାଗ କଲା । ମୁଁ ଏକା-ବେଳକେ ଭାଙ୍ଗି ପଡ଼ିଥିଲି । ବୋଉ ମଲା ପରେ ଘର ସାଙ୍ଗରେ ମୋର ଆଉ କୌଣସି ସଂବନ୍ଧ ରହିଲା ନାହିଁ । ଆମ ଘରର କୋଠାଘରଗୁଡ଼ିକ ବଣ୍ଟନ ବେଳେ ଶ୍ୟାମସୁନ୍ଦରର ଭାଗରେ ପଡ଼ିଲା ନାହିଁ । ଅନ୍ୟ କୌଣସି ଭାଇମାନଙ୍କ ସହ ମୋର କୌଣସି ସଂବନ୍ଧ ନଥିଲା । ତେଣୁ ପିଠାପୁରରେ ଡଗର ପାଇଁ ନିର୍ମିତ ଘରେ ମୁଁ ବେଶ୍ ଆରାମରେ ରହିଲି । ପୁଅ ମାଇପଙ୍କ ନେଣ୍ଟେରା ତ ମୋର ନଥିଲା, ତେଣୁ ହାଇରାଣର ପ୍ରଶ୍ନ ବି ନଥିଲା । କିନ୍ତୁ ଶ୍ୟାମସୁନ୍ଦର ଓ ତା'ର ଅନ୍ୟ ତିନି ଭାଇଙ୍କ ମଧ୍ୟରେ କନ୍ଦଳ ଦେଖାଦେଲା । ସେ ଦିନେ ଆସି ମୋତେ କହିଲା—ସାନନା, ମୋତେ ସେମାନେ ସେଠାରୁ ତଡ଼ି ଦେଲେ । ମୁଁ ତ ସାଙ୍ଗେ ସାଙ୍ଗେ ଘର କରି ପାରିବି ନାହିଁ । ତେଣୁ ଘର ତିଆରି କରିବା ପର୍ଯ୍ୟନ୍ତ ମୁଁ ଏଇ ଡଗର ପଛରେ ଥିବା ଘରେ ରହିବି ।

ମୁଁ କହିଲି—ଏଠି ତ କର୍ମଚାରୀମାନେ ରହୁଛନ୍ତି, ତୁ କଅଣ ସେଠି ରହି ପାରିବୁ ? ସେ କହିଲା—ଏଠି ତ ଯାହାହେଲେ ଘର ଖଣ୍ଡେ ଅଛି । ଏଠି ନ ରହିଲେ ମୋତେ ଗଛ ମୂଳ ଆଶ୍ରୟ କରିବାକୁ ପଡ଼ିବ । ମୁଁ କହିଲି—କିଛି ଚିନ୍ତା ନାହିଁ । ତୁ ଏଇଠି ରହ । ଯେଉଁ କର୍ମଚାରୀମାନେ ସେ ଘରେ ରହିଥିଲେ ସେମାନଙ୍କୁ ସେଠୁ କାଢ଼ିଲି । ଶ୍ୟାମ ପିଲାପିଲିଙ୍କୁ ଧରି ସେଠି ରହିଲା । ଫଳରେ ଡଗର ଓ ଅନ୍ୟାନ୍ୟ ଛପା କାର୍ଯ୍ୟର ପ୍ରୁଫ୍-ରିଡ଼ିଂରେ ସେ ନିଜକୁ ନିୟୋଜିତ କଲା । ଶ୍ୟାମ ଓ ମୁଁ ଡଗର ପରିଚାଳନାରେ ନିଜକୁ ଲଗାଇଲୁ । ପରେ ବିଜୟାନନ୍ଦ ବି.ଏ. ପାଶ୍ କରି କଲେଜରେ ଓଡ଼ିଆ ଏମ୍. ଏ.ରେ ନାଁ ଲେଖାଇଲେ । ଶ୍ୟାମ ଏମ୍. ଏ. ପଢ଼ାରେ ମଧ୍ୟ ତାଙ୍କୁ ବହୁତ ସାହାଯ୍ୟ କରିଥିଲା । ଡଗର ଏହି ସମୟରେ ଆର୍ଥିକ ପରିସ୍ଥିତି ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ଉନ୍ନତି

Digitized by srujanika@gmail.com

କରିଥିଲି । କ୍ଷମତା ଓ ପୁଞ୍ଜି ବିନା ଓଡ଼ିଶାରେ କୌଣସି ପତ୍ରିକା ଅଣ୍ଟା ସଳଖେଇ ଠିଆହୋଇ ପାରୁ ନଥିଲା । ଅନାଦି ବାବୁଙ୍କ ସାହାଯ୍ୟରୁ ଆମର ଯେଉଁ ସାମାନ୍ୟ ପୁଞ୍ଜି ହୋଇଥିଲା ତାହା ଡଗର ପେଟରେ ଆସ୍ତେ ଆସ୍ତେ ହଜମ ହୋଇଗଲା । ଯାହାହେଉ ବିଜୟାନନ୍ଦ ସବୁ କାମ କରି ସୁଦ୍ଧା ଓଡ଼ିଆ ଏମ୍. ଏ.ରେ ପ୍ରଥମ ଶ୍ରେଣୀରେ ପାଶ୍ କଲେ । କେବଳ ସେତିକି ନୁହେଁ ଭଗ୍ୟ ଜୋର୍‌ରୁ ସେ ନିଶ୍ଚିନ୍ତକୋଇଲି କଲେଜରେ ଓଡ଼ିଆ ଅଧ୍ୟାପକ ରୂପେ ନିଯୁକ୍ତି ପାଇଲେ । ଉଚ୍ଚ ଆଶା ଏତିକିରେ ତାଙ୍କର ତୃପ୍ତ ହୋଇ ନଥିଲା । ଓଡ଼ିଆରେ ଡକ୍ଟରେଟ୍ କରିବା ପାଇଁ ସେ ମନ ବଳାଇଲେ । ସାଲେପୁର କଲେଜରେ ଜଣେ ଅଧ୍ୟାପକ ରବି ନାୟକଙ୍କ ସହ ତାଙ୍କର ବନ୍ଧୁତା ଥିଲା । ସେ ତାଙ୍କୁ କେଉଁ ବିଷୟରେ ଥେସିସ୍‌ଟିଏ ଲେଖିଲେ ଭଲ ହେବ ସେ ବିଷୟ ପଗ୍ଚରିଲେ । ସେ କହିଲେ–ତୁମେ ଯେଉଁଠି ରହିଛ ସେଇଠି ତ ଭଲ ବିଷୟଟିଏ ରହିଛି । ସେ ବିଷୟ ପାଇଁ ଉପାଦାନ ବି ଯଥେଷ୍ଟ ସେଠାରେ ଅଛି । ଡଗର ପ୍ରେସ୍ ଛାଡ଼ି ତୁମକୁ କୋଉଠି ପଦାକୁ ଗୋଡ଼ ବଢ଼ାଇବାକୁ ପଡ଼ିବ ନାହିଁ । ଘୁରୁଖୁରୁରେ ଡକ୍ଟରେଟ୍ ହାସଲ କରିବ । ତାହା ନକରି ଏପରି ଧନ୍ଦି ହେଉଛ କାହିଁକି ? ପୁଣି ପ୍ରଶ୍ନ କରନ୍ତେ ସେ କହିଲେ–ହଇହୋ ! ସେଇଠି ପଗ ଫତୁରନନ୍ଦ ବଞ୍ଚିରହିଛନ୍ତି । ତାଙ୍କ ଉପରେ ତ କେହି ଥେସିସ୍ ଲେଖି ନାହାନ୍ତି । ତାଙ୍କ ବିଷୟରେ ସବୁକିଛି ସେଇଠାରୁ ପାଇବ । ବିଜୟାନନ୍ଦ ତାଙ୍କ ଉପଦେଶ ଆଗ୍ରହରେ ଗ୍ରହଣ କଲେ ଓ ମତେ ଆସି ଜଣାଇଲେ । ମୋର ଏଥିରେ ଅରାଜି ହେବାର କିଛି କାରଣ ନଥିଲା ।

ବିଜୟାନନ୍ଦ ଡ: ଅସିତ କବିଙ୍କ ତତ୍ତ୍ୱାବଧାନରେ କାମ ଆରମ୍ଭ କରିଦେଲେ । ମୋର ସାହିତ୍ୟିକ ଅବଦାନ ବିଷୟରେ ମୋତେ ବିଶେଷ କିଛି ଜଣା ନଥିଲା । ମୋ ବିଷୟରେ ମୋ ସାନଭଇ ଅଧ୍ୟାପକ ଶ୍ୟାମସୁନ୍ଦର ତାଙ୍କୁ ବହୁତ ତଥ୍ୟ ଯୋଗାଇ ଦେଇଛି । ବିଜୟାନନ୍ଦ ମୋଠାରୁ କେବଳ ମୋର ଗୋଟିଏ ବହି ସେଟ୍ ପାଇଥିଲେ ଓ ଡଗରରୁ ବହୁ କିଛି ସଂଗ୍ରହ କରିଥିଲେ । ମୋତେ ଦେଖି ନାକ ଟେକୁଥିବା କେତେ ଜଣ ସାହିତ୍ୟିକ ଗ୍ଚରିଆଡ଼େ କହି ବୁଲିଲେ–ଦେଖ ହେ ! ଫତୁରନନ୍ଦ ବିଜୟାନନ୍ଦକୁ ପାଖରେ ପାଇ ନିଜ ଉପରେ ଗୋଟିଏ ଥେସିସ୍ ଲେଖିବାଲାଗି ତାଙ୍କୁ ପାକଳେଇ ରାଜି କରାଇ ଦେଲେ । ତାଙ୍କ ଉପରେ ଗୋଟିଏ ଥେସିସ୍ ଲେଖା ହୋଇଗଲେ ସେ ଜଣେ ବଡ଼ ସାହିତ୍ୟିକ ବନିଯିବେ । ଏଇ ନିକମା ନିନ୍ଦୁକମାନଙ୍କର କଥାରେ ମୁଁ କିଛି ଗୁରୁତ୍ୱ ଦେଇ ନଥିଲି ।

ବିଜୟାନନ୍ଦଙ୍କ ଥେସିସ୍ ଲେଖା ଖୁବ୍ ଜୋର୍‌ରେ ଗ୍ଚଲିଲା । ଏହି ସମୟରେ ବିଜୟାନନ୍ଦଙ୍କୁ ଗୁଡ଼ିଏ କାମ କରିବାକୁ ପଡ଼ିଲା । ସେ ପ୍ରେସ୍ କାମ ବୁଝିବେ, ଥେସିସ୍ ପାଇଁ ପଢ଼ାପଢ଼ି କରିବେ, ନିଶ୍ଚିନ୍ତକୋଇଲି କଲେଜରେ ଅଧ୍ୟାପନା ପାଇଁ ପ୍ରସ୍ତୁତ ହେବେ । ମୁଁ ତାଙ୍କ ଥେସିସ୍‌ର ଅଗ୍ରଗତି ସମ୍ବନ୍ଧରେ ବାଣୀବିହାରର କର୍ମଗ୍ଚରୀ ଓ ମୋର ଜଣେ ବିଶିଷ୍ଟ ବନ୍ଧୁ ନୀଳମଣି ମାହାନାଙ୍କଠାରୁ ନାନା ଉପଦେଶ ସଂଗ୍ରହ କରୁଥିଲି । ଦିନେ ସେ ମୋତେ ଶୁଣାଇଦେଲେ ଯେ ଯଦି ବିଜୟାନନ୍ଦ ଏଇ ଛ'ମାସ ମଧ୍ୟରେ ଥେସିସ୍‌ଟି ଦାଖଲ

Digitized by srujanika@gmail.com

ନ କରିବ ତେବେ ତାହା ଆଉ ତିନି ଚାରି ବର୍ଷ ପଛେଇ ଯିବ । ମୁଁ ଦେଖିଲି ବିଜୟାନନ୍ଦଙ୍କ ମନ ଚାରିଆଡ଼େ ବିକ୍ଷିପ୍ତ ହୋଇ ରହିଛି । ମୋ ଆଖି ସେତେବେଳକୁ ସମ୍ପୂର୍ଣ୍ଣ ଜ୍ୟୋତିହୀନ ହୋଇ ପଡ଼ିଥିଲା । ପ୍ରେସ୍ ପରିଚାଳନା ଏପରି ଏକ ଜିନିଷ ଯେ ସେଠାରେ ସବୁବେଳେ ନଜର ଦେବା ପରିଚାଳକପକ୍ଷେ ଏକାନ୍ତ ଅପରିହାର୍ଯ୍ୟ ଯେଉଁଟା କି ବିଜୟାନନ୍ଦଙ୍କ ପକ୍ଷରେ ଅସମ୍ଭବ । ସେ ମଧ୍ୟ ନିତି ଡଗର ପ୍ରେସରୁ ନିଶ୍ଚିନ୍ତକୋଇଲି କଲେଜକୁ ବସରେ ଯାଉଥିଲେ ଓ ଫେରୁଥିଲେ । ମୁଁ ତାଙ୍କ ଡକ୍ଟରେଟ୍ ଲାଭକୁ ସୁଗମ କରିବାଲାଗି ତାଙ୍କୁ କହିଲି–ତୁମେ ଡଗର ପରିଚାଳନା ଭାର ଛାଡ଼ିଦେଇ କେବଳ ଥିସିସ୍ ଓ କଲେଜ ଉପରେ ମନୋନିବେଶ କର । ସେ କିନ୍ତୁ ମନରେ ଭାବିଲେ ଯେ ମୁଁ ତାଙ୍କୁ ଡଗରରୁ ତଡ଼ିଦେଲି । ସେଇ ବିଶ୍ୱାସ ଏ ପର୍ଯ୍ୟନ୍ତ ତାଙ୍କ ମନରେ ଭୂତ ପରି ମାଡ଼ିବସିଛି । ମୁଁ ଏଥିରେ ବ୍ୟଥିତ ହେଲି ନାହିଁ । ବହୁ ଅପବାଦ, ଗଞ୍ଜଣା ସହି ସହି ମୁଁ ଗଇଁଆ ହୋଇ ଯାଇଥିଲି । ବିଜୟାନନ୍ଦଙ୍କର ଏ ଅପବାଦକୁ ମଧ୍ୟ ମୁଁ ଖାଲେଇରେ ପକେଇ ଦେଲି ।

ଶ୍ୟାମ ସାହାଯ୍ୟରେ ମୁଁ ଡଗରକୁ ପୁଣି ଚଳାଇଲି । କୌଣସିପ୍ରକାର ସାହାଯ୍ୟ ମୁଁ ନିତ୍ୟାନନ୍ଦ ବାବୁଙ୍କ ଠାରୁ ପାଇଲି ନାହିଁ । ବିଜ୍ଞାପନ ନ ପାଇଲେ ପତ୍ରିକା ଯେ କିପରି ଚଳିବ ନିତ୍ୟାନନ୍ଦ ବାବୁ ସେ ବିଷୟରେ ବିଲ୍‌କୁଲ୍ ଚିନ୍ତା କରୁ ନଥିଲେ । ଫଳରେ ଡଗର ଅତି ସଙ୍କଟଜନକ ପରିସ୍ଥିତିରେ ପଡ଼ିଗଲା । ମୁଁ ଦିନରାତି ଭଗବାନଙ୍କୁ ଡ଼ାକିବାରେ ଲାଗିଲି–ହେ ଭଗବାନ୍ ! ମୋ ହାତରେ ଡ଼ଗର ନ ମରୁ । ମୋ ହାତରେ ମଲେ ମୁଁ ମର୍ମନ୍ତୁଦ ଯନ୍ତ୍ରଣାରେ ଛଟପଟ ହୋଇ ମରିଯିବି । ଅର୍ଥାଭାବରୁ ଡଗର ନିୟମିତ ରୂପେ ଛପା ହୋଇ ପାରୁ ନଥାଏ ।

ଯା ଭିତରେ ମୁଁ ସୁବର୍ଣ୍ଣ ଜୟନ୍ତୀ ସଂଖ୍ୟା କାଢ଼ିବା ଲାଗି ସାହାଯ୍ୟ ପାଇଁ ଚାରିଆଡ଼େ ସଂଯୋଗ ସ୍ଥାପନ କରି ସାରିଥିଲି । ଦୁଇଜଣ ଉଚ୍ଚ ସରକାରୀ କର୍ମଚାରୀ ଏଥିପାଇଁ ମୋତେ କୋଡ଼ିଏ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ରାଉରକେଲାର କଲେଜ ସମୂହରୁ କିଛି ଟଙ୍କା ପାଇବି ବୋଲି ମଧ୍ୟ ପ୍ରତିଶ୍ରୁତି ପାଇଥିଲି । ରଜତ ଜୟନ୍ତୀ ଉତ୍ସବଟିକୁ ମୁଁ ଖୁବ୍ ଆଡ଼ମ୍ବରସହ ସଂପାଦନ କରିଥିଲି । ସେ ସବୁ ଅଭିଜ୍ଞତା ସୁବର୍ଣ୍ଣ ଜୟନ୍ତୀ ଉତ୍ସବବେଳେ ଖଟାଇ ପାରିବି ବୋଲି ମନରେ ଦୃଢ଼ତା ରଖିଥିଲି । ଏବେ ମୁଁ ଭାବୁଛି ଦୁଇଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ସତ୍ତ୍ୱେ ମୁଁ ଯେ ମନରେ ଦୃଢ଼ତା ପୋଷଣ କରିଥିଲି ସେଥିରୁ ମୋତେ ଭଗବାନ ବଞ୍ଚାଇ ଦେଲେ । ମୋର ଆଶା ଥିଲା ଦୁଇଟା କି ତିନିଟା ସଂଖ୍ୟା ପରେ ଡଗରର ପଚାଶ ବର୍ଷ ପୂର୍ଣ୍ଣ ହୋଇଯିବ । ତାପରେ ସୁବର୍ଣ୍ଣ ଜୟନ୍ତୀ ସଂଖ୍ୟା ବାହାରିବ । ଏବେ ମୁଁ ଭାବୁଛି ଏତକ କାମ ଆଦରି ନେଇଥିଲେ ମୋତେ ଚରମ ଦୁର୍ଗତି ସହିବାକୁ ପଡ଼ିଥାନ୍ତା !

ଏଇ ସମୟରେ ମୋ ଆଡ଼କୁ ଆଉ ଗୋଟିଏ ବଡ଼ ବିପଦ ମାଡ଼ି ଆସିଲା । ମୋ ଛାତିରେ ମଝିଆଡ଼କୁ ଗୋଟାଏ ଛୋଟ ଟ୍ୟୁମର ଦେଖାଦେଲା । ପହିଲେ ତାହା ବୁଟ ପରି ଛୋଟଥିଲା ଓ କ୍ରମେ ବଢ଼ି ବଢ଼ି କେତେ ମାସ ମଧ୍ୟରେ କାଶୀ ବରକୋଳି ପରି ହୋଇଗଲା । ମୋ ହାତଟା ସବୁବେଳେ ତାରି ଉପରେ ଲାଗି ରହିଲା । ମନେ ମନେ ଭାବିଲି ଯଦି ଏହା କ୍ୟାନ୍‌ସର ତେବେ ଏତିକିବେଳୁ ତାହା କାଢ଼ିଦେଲେ ମୁଁ ନିରାପଦରେ

Digitized by srujanika@gmail.com

ରହିବି । ମୋର ଅନ୍ତରଙ୍ଗ ଡାକ୍ତର ବନ୍ଧୁ ଶ୍ରୀ ମହେଶ୍ୱର ସାହୁଙ୍କୁ ଡକାଇ ତାହା ଦେଖାଇଲି । ସେ ପରୀକ୍ଷା କରି ପ୍ରଥମେ କହିଲେ ଏଇଟା ବୋଧହୁଏ କ୍ୟାନ୍‌ସର ନୁହେଁ । ମୁଁ ତାଙ୍କୁ କହିଲି—ଏହା ବଡ଼ ହୋଇଗଲେ ଯେ କ୍ୟାନ୍‌ସର୍ ହେବ ନାହିଁ ତାହା ଆପଣ ନିର୍ଦ୍ଦିଷ୍ଟ ଭାବରେ କହି ପାରିବେ କି ? ସେ କିଛି ସମୟ ଚୁପ୍ ରହି କହିଲେ—ସେ କଥା କେହି ହେଲେ କହି ପାରିବେ ନାହିଁ । ମୁଁ ପୁଣି କହିଲି ଏଇଟା କ୍ୟାନ୍‌ସର୍ ହେବ କି ନହେବ ତାକୁ ଦେଖିବା ପାଇଁ ଅପେକ୍ଷା ନରଖି ଏଇ ଆରମ୍ଭରୁ ତାହାକୁ କାଢିଦେଲେ ଭଲ ହେବ ନାହିଁକି ? କାରଣ କ୍ୟାନ୍‌ସର୍ ପ୍ରଥମାବସ୍ଥାରେ ସୀମାବଦ୍ଧ ଥିବାବେଳେ ମୂଳପୋଛ କରି କାଢିଦେଲେ ସବୁଆଡ଼ୁ ନିରାପଦ ହୁଅନ୍ତା । ବଡ଼ ହୋଇଗଲାପରେ କ୍ୟାନ୍‌ସର୍ ବୋଲି ଜଣାପଡ଼ିଲେ ଆଉ ତାକୁ ସମ୍ଭାଳି ହେବ ନାହିଁ । ମୋ ସହ ସେ ଏକମତ ହୋଇଗଲେ ଏବଂ ଏଇ ଅବସ୍ଥାରେ ଅପରେସନ୍ ଦ୍ୱାରା କାଢିଦେବାଟା ସବୁଠାରୁ ଭଲ ହେବ । ଅପେକ୍ଷା କରିବା ଉଚିତ ନୁହେଁ ବୋଲି କହିଲେ ।

ଡା: ସାହୁଙ୍କ ମନ୍ତବ୍ୟ ସହ ମୁଁ ଏକ ଆର୍ଥିକ ସାହାଯ୍ୟ ପ୍ରାର୍ଥନାପତ୍ର ସ୍ୱାସ୍ଥ୍ୟ ବିଭାଗର ଡେପୁଟି ସେକ୍ରେଟେରୀ ଶ୍ରୀ ସୁଧାଂଶୁମୋହନ ରାଉତରାୟଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କଠାକୁ ପଠାଇଲି । ସାହିତ୍ୟିକମାନଙ୍କ ପ୍ରତି ଜାନକୀ ବାବୁଙ୍କ ଦରଦ ଓ ସମବେଦନା ଆଶାତୀତ ଭାବରେ ଅଧିକ ଥିଲା । ସେ ସଙ୍ଗେ ସଙ୍ଗେ ମୋତେ କ୍ୟାନ୍‌ସର୍ ପ୍ରତିଷ୍ଠାନରେ ରଖାଇ ଦେବାର ବ୍ୟବସ୍ଥା କରିଦେଲେ । ସେଠାର ଡିରେକ୍ଟର ଶ୍ରୀ ଆକୁଳାନନ୍ଦ ଷଡ଼ଙ୍ଗୀଙ୍କ ସମେତ ସମସ୍ତ କ୍ୟାନ୍‌ସର ଚିକିତ୍ସକ ମୋତେ ପରୀକ୍ଷା କରିସାରି ଏକତ୍ର ହୋଇ ଆଲୋଚନା କଲେ । ସମସ୍ତେ ସ୍ଥିର କଲେ ସେ ଛୋଟ ଟ୍ୟୁମରଟି ବଡ଼ ହୋଇଗଲେ ଯେ କ୍ୟାନ୍‌ସର୍ ନ ପାଲଟିବ ତାହା ଜୋର ଦେଇ କହିହେବ ନାହିଁ । ତେଣୁ ଏ ଛୋଟ ଅବସ୍ଥାରୁ ତାହାକୁ ଅପରେସନ କରି କାଢିଦେଲେ ସବୁଆଡ଼ୁ ମଙ୍ଗଳ ହେବ ।

ପ୍ରଚଣ୍ଡ ଗରମ ପଡ଼ୁଥିବାରୁ ଟିକିଏ ଥଣ୍ଡା ପଡ଼ିବା ପର୍ଯ୍ୟନ୍ତ ଅପରେସନ ସ୍ଥଗିତ ରଖିବା ଲାଗି ସିଦ୍ଧାନ୍ତ ନିଆଗଲା । ଏଇ ସମୟ ମଧ୍ୟରେ ଆନୁସଙ୍ଗିକ ପରୀକ୍ଷା ନିରୀକ୍ଷା ସବୁ କରାଗଲା । ଏତିକିବେଳେ ସେହିଠାରେ ଥାଇ ମୋର ଅପୂର୍ଣ୍ଣ ବହି 'ସାହି ମହାଭାରତ'କୁ ସମ୍ପୂର୍ଣ୍ଣ କରିବା ଲାଗି ମୋତେ ଗୋଟାଏ ବଡ଼ ସୁଯୋଗ ମିଳିଗଲା । ମୋ ପାଖକୁ ମୋ ସାନ ଭାଇ ଶ୍ୟାମସୁନ୍ଦର ଓ ଅନ୍ୟାନ୍ୟ ବନ୍ଧୁମାନେ ଯାଉଥିଲେ । ସେଇମାନଙ୍କୁ ବସାଇ ମୋର ଅପୂର୍ଣ୍ଣ ପାଣ୍ଡୁଲିପି 'ସାହି ମହାଭାରତ'ର ଲେଖା ପୁଣି ଆରମ୍ଭ କଲି । ନିୟମିତ ରୂପେ ପାଣ୍ଡୁଲିପି ଲେଖା ଆରମ୍ଭ କରିଥିଲେ ଶ୍ୟାମସୁନ୍ଦର, ଧ୍ରୁବଚରଣ ବାରିକ, ବୀରକିଶୋର ସାହୁ ଓ ଅନୀଲ ମହାନ୍ତି । ନିଃଶବ୍ଦ ଓ ଶାନ୍ତ ପରିବେଶ ଥିବାରୁ ପାଣ୍ଡୁଲିପି ଲେଖା ବହୁତ ଆଗେଇ ଗଲା ।

ସେଠା ଡିରେକ୍ଟର ଶ୍ରୀ ଆକୁଳାନନ୍ଦ ଷଡ଼ଙ୍ଗୀଙ୍କ ଲାଗି ମୋର ସେଠାରେ ସବୁପ୍ରକାର ଯତ୍ନ ସୁବ୍ୟବସ୍ଥାରୂପେ ନିଆଯାଇ ଥିଲା । ମୋର ବିଶ୍ୱସ୍ତ ସେବକ ଦେବରାଜ ପଲେଇ ମୋ ପାଖରେ ରହୁଥିଲେ । ତା'ର ଘର ବଡ଼ମ୍ବାର ଚଣ୍ଡୀମଙ୍ଗଳ ଗ୍ରାମରେ । ସେଠାକୁ

Digitized by srujanika@gmail.com

ତାଙ୍କ ଗ୍ରାମର କେହି ଜଣେ ଖବର ପଠାଇଦେଲା ଯେ ଦେବ କଟକର କ୍ୟାନ୍ସର ଓ୍ୱାର୍ଡ଼ରେ ଯାଇ ରହିଛି । ତା'ର ସମଗ୍ର ପରିବାର ଦିନେ ଉଠିଆସି ଅଣ୍ଡାଳି ଅଣ୍ଡାଳି ମୋ ପାଖରେ ପହଞ୍ଚିଲେ । କଥା ନାହିଁ ବାର୍ତ୍ତା ନାହିଁ ଦେବକୁ ଦେଖି କନ୍ଦାକଟା ଆରମ୍ଭ କରି ଦେଲେ । ସେ ମଧ୍ୟ କିଛି ବୁଝି ନପାରି ହାଉଳି ଖାଇଗଲା । ସେ ଭାବିଲା ତା ଘରେ କିଛି ଗୋଟାଏ ବଡ଼ ବିପତ୍ତି ପଡ଼ି ଯାଇଛି । ସେ ମଧ୍ୟ ଆଖି ଛଳ ଛଳେଇ ଗଦ୍ ଗଦ୍ କଣ୍ଠରେ କଅଣ ହେଲା ବୋଲି ପଚାରିଲା । ଅଳ୍ପ ସମୟ ମଧ୍ୟରେ ମୁଁ ଏ ହାଉଳିଖିଆର ଅସଲ କାରଣଟି ଧରି ପାରିଲି । ପାଟିକରି ସେମାନଙ୍କ କାନ୍ଦଣାକୁ ବନ୍ଦ କରାଇ ବୁଝାଇ ଦେଲି ଯେ କ୍ୟାନ୍ସର ଦେବକୁ ହୋଇନି, ମୋତେ ହୋଇଛି । ସେ ମୋତେ ସେବା କରିବାକୁ ଆସି ଏଠି ଅଛି । ସମସ୍ତେ ପ୍ରକୃତିସ୍ଥ ହୋଇ ଆଖିରୁ ଲୁହ ପୋଛିଲେ । ଦେବ ମଧ୍ୟ ଲୁହ ପୋଛିଲା । ସେମାନଙ୍କ ସାଙ୍ଗରେ ଦେବର କେତେକ ଭାଇ-ବିରାଦର ମଧ୍ୟ ଥିଲେ । କନ୍ଦାକଟାଟା କ୍ରମେ ହସରେ ପରିଣତ ହୋଇଗଲା । ଦେବର ଭାଇ-ବିରାଦର ସେମାନଙ୍କୁ ତରତର ହୋଇ ଫେରାଇନେଲେ । କାରଣ ଫେରନ୍ତା ବସ ପାଇଁ ସମୟ ଥିଲା, ଦେବ ଯାଇ ସମସ୍ତଙ୍କୁ ବଳେଇ ଦେଇ ଆସିଲା ।

ବର୍ଷା ପଡ଼ିବାରୁ ପାଗ ଟିକିଏ ଥଣ୍ଡା ହୋଇ ଆସିଲା ଏବଂ ଡାଃ ମହେଶ୍ୱର ସାହୁ ମୋର ଅପରେସନ୍ କଲେ । ଛାତିରୁ ଠିକ୍ କାଶୀ ବରକୋଳି ପରି ଗୋଟିଏ ଲମ୍ବାଳିଆ ଟ୍ୟୁମର ବାହାରିଲା । ତାହା ପରୀକ୍ଷା ହୋଇ କ୍ୟାନ୍ସର ପରିବର୍ତ୍ତେ ଲାଇପୋମାଟା ନାମକ ଏକ ଟ୍ୟୁମର ବୋଲି ଜଣାଗଲା । ଏହି ଲାଇପୋମାଟା ବଡ଼ ହୋଇଗଲେ ସମୟେ ସମୟେ କ୍ୟାନ୍ସରରେ ପରିଣତ ହୋଇଯାଏ ବୋଲି ଜଣାଥିଲା । ତେଣୁ ସବୁ ଦୃଷ୍ଟିରୁ ତାହାର ଉତ୍ପାଟନ ଅପରିହାର୍ଯ୍ୟ ଥିଲା ବୋଲି ବିଚାର କରାଗଲା । ଶେଷରେ ମୋର ବ୍ୟାଣ୍ଡେଜ କଢ଼ାହୋଇ ସିଲେଇ ଖୋଲାଗଲା । ମାତ୍ର ମହେଶ୍ୱର ସାହୁ ଏପରି ଅମୃତ ହସ୍ତ ଥିଲେ ଯେ ଘା ଏକାବେଳକେ ଶୁଖି ଯାଇଥିଲା । କଟା ସ୍ଥାନରେ ଗୋଟିଏ ସରୁ ଗାର ଛଡ଼ା ଆଉ କିଛି ଚିହ୍ନ ବର୍ଣ୍ଣ ନଥିଲା ।

ପ୍ରାୟ ସାଢ଼େ ଚାରିମାସର ରହଣି ପରେ ମୁଁ ଘରକୁ ଫେରିବାର ଉଦ୍ୟୋଗ କଲି । ଡିରେକ୍ଟର ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କୁ ତାଙ୍କର ମୋ ପ୍ରତି ପ୍ରଗାଢ଼ ଯତ୍ନ, ସମସ୍ତ ପ୍ରକାର ସାହାଯ୍ୟ ଓ ଚିକିତ୍ସାର ସମସ୍ତ ସୁବିଧାରୁ ବ୍ୟବସ୍ଥା ଲାଗି ଗଭୀର କୃତଜ୍ଞତା ଜଣାଇଲି । ଜଣେ ଝିଅ ପରି ମୁଖ୍ୟ ନର୍ସ ଶ୍ରୀମତୀ ଉମା ପ୍ରଧାନ ଅପରେସନ୍ ଥିଏଟରର କୁମାରୀ ଚାରୁଲତା, ସହକାରୀ ଅଧ୍ୟାପିକା ଶ୍ରୀମତୀ ପ୍ରଭାସ ମଞ୍ଜରୀ ପଟ୍ଟନାୟକ ମୋର ସବୁ-ପ୍ରକାର ଯତ୍ନ ନେଇଥିବାରୁ ସେମାନଙ୍କୁ ବ୍ୟକ୍ତିଗତ ଭାବରେ ଜଣ ଜଣ କରି ଧନ୍ୟବାଦ ଓ କୃତଜ୍ଞତା ଜଣାଇ ଦିନେ ସନ୍ଧ୍ୟା ସମୟକୁ କ୍ୟାନ୍ସର ପ୍ରତିଷ୍ଠାନ ପରିତ୍ୟାଗ କଲି । ମୋର ସେଠାରେ ଅବସ୍ଥାନ ସମୟରେ ମୋର ଲେଖକ ବନ୍ଧୁମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ମତ୍‌ଲୁବ୍ ଅଲି, ଅନାଦି ସାହୁ, ବିପିନ ବିହାରୀ ମିଶ୍ର, ବିଜୟାନନ୍ଦ ସିଂ ମୋତେ ଶୁଭ-କାମନା ଜଣାଇବାକୁ ସେଠାକୁ ଯାଇଥିଲେ ।

Digitized by srujanika@gmail.com

ତଗର ପ୍ରେସ୍‌ଠାରେ ପୁଣି ମୋର ପୁରାତନ ଜୀବନ ଆରମ୍ଭ ହୋଇଗଲା । 'ସାହି ମହାଭାରତ'ର ଯାହା ବାକି ଥିଲା ତାହା ଶୀଘ୍ର ଶୀଘ୍ର ଶେଷ କରିବାଲାଗି ଲାଗିପଡ଼ିଲି । ଅବଶିଷ୍ଟାଂଶର ଅଧିକାଂଶ ଭାଗ ଶ୍ୟାମସୁନ୍ଦର ହାତରେ ଲେଖାଇ ନେଲି । ବହୁବର୍ଷ ପୂର୍ବେ 'ସାହି ମହାଭାରତ'ର କିଛି ଅଂଶ ତଗରରେ ଧାରାବାହିକ ଭାବରେ ପ୍ରକାଶିତ ହୋଇ ସାରିଥିଲା । ତାହା ସହ ବାକି ଥିବା ହାତଲେଖା ଅଂଶଗୁଡ଼ିକ ଶ୍ୟାମ ହାତରେ ଆଉ ଥରେ ପଢ଼ାଇ ସଂଶୋଧନ କରାଇ ନେଲି । ସଂପୂର୍ଣ୍ଣ ପାଣ୍ଡୁଲିପି ତା ହାତରେ ପ୍ରସ୍ତୁତ କରାଇ ପ୍ରକାଶକଙ୍କୁ ଧରାଇ ଦେଲି । ସେ ତଗର ପ୍ରେସ୍‌କୁ ଏହାର ମୁଦ୍ରଣ ଦାୟିତ୍ୱ ଦେଲେ । ଜୋର୍‌ସୋର୍‌ରେ ଛପା କାର୍ଯ୍ୟ ଚାଲିଲା । ଶେଷରେ ୧୯୮୭ ମସିହା ଅପ୍ରେଲ ମାସରେ ମୁଦ୍ରଣ କାର୍ଯ୍ୟ ଶେଷ ହେଲା । ପ୍ରକାଶକ ଶ୍ରୀ ମହାଦେବ ପ୍ରଧାନ ପୁସ୍ତକ ଛପା ଶେଷରେ ଏକ ଅଜବଗି କଥା ଉଠେଇଲେ । ବହିର ବନ୍ଧାବନ୍ଧି କାମ କିଛି ନକରି ସେ ଘରେ ତାକୁ ବନ୍ଦ କରି ରଖିଲେ । ବିଳମ୍ବର କାରଣ ପଚାରିବାରୁ ସେ କହିଲେ—ଆଗରୁ ଏକ 'ପିଲାଙ୍କ ମହାଭାରତ' ବହି ଛାପିଥିବାରୁ ମୋତେ ଦୈବ ବିପତ୍ତି ଘୋଟିଯାଇ ଥିଲା । ମୋ ଘରେ ନାନାପ୍ରକାର କନ୍ଦଳ ସୃଷ୍ଟି ହେଲା । ମୋର ପରମ ମିତ୍ର ଠୋ କରି ମରିଗଲେ । ମୋ ଦୋକାନର ମେରୁଦଣ୍ଡସ୍ୱରୂପ ଥିବା ବଂଧୁଙ୍କର ମଧ୍ୟ ଅକାଳ ବିୟୋଗ ହେଲା । ଅନ୍ୟାନ୍ୟ କେତେକ ଅନ୍ତରଙ୍ଗ ବନ୍ଧୁଙ୍କ ସଙ୍ଗେ ମୋର ଅଯାଚକ କଳହ ଆରମ୍ଭ ହୋଇଯାଇ ଥିଲା । ପୁନର୍ବାର ଏ ମହାଭାରତଟି ଛାପିଥିବାରୁ ମୋ ଉପରେ ଅଧିକ ବିପତ୍ତି ପଡ଼ିବ ବୋଲି ମୁଁ ଆଶଙ୍କା କରୁଚି । ବହିଟି ପଦାକୁ ଛାଡ଼ିବାକୁ ମୋର ଆଉ ସାହସ ହେଉ ନାହିଁ । ମୁଁ ତାଙ୍କର ବିଚିତ୍ର ମନୋବୃତ୍ତି ଦେଖି କହି ପଠାଇଲି ଯେ ବହିର ଛପା ଫର୍ମାତକ ମୋତେ ଫେରାଇ ଦେଲେ ମୁଁ ତାଙ୍କୁ କାଗଜର ଦାମ୍ ଦେଇ ଦେବି । ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ମୋତେ କିଛି ଉତ୍ତର ଦେଲେ ନାହିଁ । ଏହି ସମୟରେ ସେ ବହି ବିଷୟରେ ଭଲଭାବରେ ଜାଣିଥିବା କେତେଜଣ ଅଧ୍ୟାପକ ତାଙ୍କୁ ବୁଝାଇଦେଲେ ଯେ ସେ ବହିଟି ଅତି ଉଚ୍ଚକୋଟିର ବହି । ତାକୁ ଯଦି ହରେଇବ ତେବେ ତୁମର ଭାଗ୍ୟ ଖରାପ ବୋଲି ଜାଣିବ । ଏତକ ଶୁଣିବାମାତ୍ରେ ସେ ପ୍ରକୃତିସ୍ଥ ହୋଇ ବନ୍ଧେଇ କାମ ଆରମ୍ଭ କଲେ ବୋଲି ପରେ ସେ ନିଜେ ମୋତେ କହିଲେ । ମୁଁ ମନେ ମନେ ଅନୁମାନ କଲି ବୋଧହୁଏ ମୋ ପ୍ରତି ଅସୂୟା ଥିବା କୌଣସି ସାହିତ୍ୟିକ ତାଙ୍କ ମୁଣ୍ଡକୁ ଏହିପରି ଗୋଳମାଳ କରିଦେଇ ଥିଲେ । ମୁଁ ବାରମ୍ବାର ତାଙ୍କୁ ଛପାଫର୍ମ ସବୁ ଫେରାଇବାକୁ କହିବାରୁ ସେ ନିଜେ ମୋ ପାଖକୁ ଆସି ବହୁ ଅନୁନୟ ବିନୟ ହୋଇ ତାଙ୍କର ପୂର୍ବ କଥାସବୁ ଭୁଲିଯିବା ଲାଗି ମୋତେ ଅନୁରୋଧ କଲେ । ବହି ବଜାରକୁ ଛାଡ଼ିବାରେ ତାଙ୍କର ବିଳମ୍ବ ହେବା ଦେଖି ମୋ ପାଖରେ ଯେଉଁ ଦୁଇଟି ବହିର ଛପା ଫର୍ମ ଥିଲା ତାକୁ ବନ୍ଧେଇ କରି ଦୁଇଟି ବହି କରିଦେଲି । ବହି ଲେଖିବା ପୂର୍ବରୁ ମୁଁ ଶାରଳା ଠାକୁରାଣୀଙ୍କ ପାଖରେ ମାନସିକ କରିଥିଲି ଯେ ବହିଟି ପ୍ରକାଶ ପାଇବାମାତ୍ରେ ତାକୁ ଆଣି ତାଙ୍କ ପାଦରେ ଭେଟି ଦେବି । ତେଣୁ ପଣା ସଂକ୍ରାନ୍ତି ଦିନ ସକାଳୁ ସକାଳୁ ଶ୍ୟାମକୁ ଖଣ୍ଡିଏ ବହିଦେଇ ଶାରଳାଙ୍କ ପାଖକୁ ପଠାଇ ଦେଲି ଭେଟି ଦେବା ପାଇଁ । ଶ୍ୟାମ ସେଠାରେ

Digitized by srujanika@gmail.com

ଠାକୁରାଣୀଙ୍କ ପାଦ ତଳେ ତାହା ସମର୍ପଣ କରିବା ପରେ ଶାରଳାଙ୍କ ଗ୍ରନ୍ଥାଗାରକୁ ତାହା ଫିସ୍ ସହ ଦେଇ ରସିଦ ଆଣିଥିଲି । ଦ୍ୱିତୀୟ କପିଟି ମୋର ପରମ ଶୁଭାକାଙ୍କ୍ଷୀ ଗ୍ରଟାର୍ଡ ଆକାଉଣ୍ଟାଣ୍ଟ ହୃଦୟାନନ୍ଦ ନାୟକଙ୍କୁ ଉପହାର ଦେଇଥିଲି ।

ଏହାପରେ ପ୍ରେସ୍ କାମରେ ମୋର ସମସ୍ତ ସମୟ ଲାଗିଗଲା । ବିପଦ ସବୁବେଳେ ମୋ ପାଖେ ପାଖେ ଲାଗି ରହିଥାଏ । ହଠାତ୍ ଦିନେ ମୋ ବାଁ ଆଖିରେ ଖୁବ୍ ବିନ୍ଧାହେଲା । ଆଖି ଡୋଳା ଉପରେ ଗୋଟିଏ ଜାଗା ପଟ୍‌କରି ଫାଟିଗଲା ଓ ପଚ୍‌କରି କିଛି ପାଣି ବାହାରି ପଡ଼ିଲା । ମୁଁ ଖୁବ୍ ଭୟ କରିଗଲି । ସଙ୍ଗେ ସଙ୍ଗେ ଶ୍ୟାମକୁ ନେଇ ଦୋଳମୁଣ୍ଡେଇ ପାଖରେ ଥିବା ଆଖି ଡାକ୍ତର ବିମଳ ତ୍ରିପାଠୀଙ୍କ ପାଖକୁ ଗଲି । ସେ ଆଖି ପରୀକ୍ଷା କରି କହିଲେ—ହଁ ଆଖିଟା ଫାଟିଯାଇଛି । ଏହାକୁ ଶୀଘ୍ର ଓପାଡ଼ିଦେବା ଦରକାର, ନଚେତ୍ ଏହା ଗୁରୁତର ଆକାର ଧାରଣ କରିବ । ଏଥିପାଇଁ ଡାକ୍ତରଖାନା ଚକ୍ଷୁ ବିଭାଗରେ ରହିବାକୁ ପଡ଼ିବ । ତାଙ୍କଠାରୁ ଗୋଟିଏ ସାର୍ଟିଫିକେଟ୍ ଲେଖାଇ ନେଇ ମୁଁ ପୁଣି ସଂସ୍କୃତି ବିଭାଗ ଡେପୁଟି ସେକ୍ରେଟେରୀ ସୁଧାଂଶୁମୋହନ ପଉତରାୟଙ୍କ ଜରିଆରେ ଅର୍ଥ ସାହାଯ୍ୟ ପାଇଁ ଜାନକୀ ବାବୁଙ୍କ ଶରଣାପନ୍ନ ହେଲି । ସେ ମୋତେ ସଙ୍ଗେ ସଙ୍ଗେ ସମସ୍ତ ପ୍ରକାର ସାହାଯ୍ୟ ଦେବାର ବ୍ୟବସ୍ଥା କରିଦେଲେ । ମୁଁ ଚକ୍ଷୁ ବିଭାଗରେ ଯାଇଁ ଭର୍ତ୍ତି ହେଲି ।

କ୍ୟାନ୍‌ସର ପ୍ରତିଷ୍ଠାନ ଓ ଚକ୍ଷୁ ବିଭାଗ ମଧ୍ୟରେ ପ୍ରଭେଦ ମୁଁ ବେଶ୍ ଅନୁଭବ କଲି । କ୍ୟାନ୍‌ସର ପ୍ରତିଷ୍ଠାନରେ ସକାଳଠାରୁ ରାତି ୯ଟା ପର୍ଯ୍ୟନ୍ତ ଡ଼ିରେକ୍ଟରଙ୍କଠାରୁ ଆରମ୍ଭକରି ଡାକ୍ତର, ଡାକ୍ତରାଣୀ, ସିଷ୍ଟରମାନଙ୍କର ମୋ ପାଖରେ ଉପସ୍ଥିତି ଓ ମୋର ଯତ୍ନ ନେବା ଅନବରତ ଲାଗିଥିଲା । ସ୍ଥାନଟି ବି ଅତି ପରିଷ୍କାରପରିଚ୍ଛନ୍ନ ଲାଗୁଥିଲା କିନ୍ତୁ ଏଇ ଚକ୍ଷୁ ବିଭାଗର କୋଠରୀଟି ଏକାବେଳେକେ ନିର୍ଜନ ବୋଧ ହେଲା । ଡାକ୍ତର ବିମଳ ତ୍ରିପାଠୀ ଓ ତାଙ୍କ ସହକାରୀଙ୍କ ଛଡ଼ା ଅନ୍ୟ କାହାଠାରୁ ସହାନୁଭୂତିସୂଚକ ପଦଟିଏ କଥା ଶୁଣି ନଥିଲି । ସେଇଟା ଧ୍ୟାନ ପାଇଁ ଏକ ଭଲ ସ୍ଥଳ ବୋଲି ମୁଁ ମନେ ମନେ ଭାବିନେଲି । ସରକାରଙ୍କ ଆଦେଶମତେ ମତେ ଗୋଟିଏ ସ୍ୱତନ୍ତ୍ର କ୍ୟାବିନ୍ ଦିଆଯାଇଥିଲା । କିନ୍ତୁ ପାଇଖାନା ଓ ଗାଧୁଆ ଘରଟି ଦୁଇଟି କ୍ୟାବିନ୍ ପାଇଁ ଉଦ୍ଦିଷ୍ଟ ଥିଲା । ଅନେକ ସମୟରେ ମୁଁ ହଇରାଣ ହେଉଥିଲି । ମୁଁ ଭର୍ତ୍ତି ହେବାର ଦିନକ ପରେ ବିମଳ ବାବୁ ମୋର ଅପରେସନ୍ କରାଇ ଦେଲେ । ଦଶଦିନ ପରେ ମୁଁ ଘରକୁ ଫେରିଲି । ପାଇଖାନା ଓ ଗାଧୁଆଘରର ଅସୁବିଧା ହେତୁ ମୁଁ ଶୀଘ୍ର ସେଠୁ ପଳାଇ ଆସିଲି । ଉଗର ପ୍ରେସ୍‌ର ହାଉଜାଉ ମଧ୍ୟରେ ମନ ପୁଣି ହଜିଗଲା । ଉଗରର ସୁବର୍ଣ୍ଣ ଜୟନ୍ତୀ ଭାବନା ମୋ ମୁଣ୍ଡକୁ ଘାଣ୍ଟିବାରେ ଲାଗିଲା ।

ଉଗର ପ୍ରେସ୍‌ର ବିଦାୟ :—

୧୯୮୭ ଜୁନ୍ ମାସ ସରିବାକୁ ଆଉ ଦୁଇ ବା ତିନି ମାସ ବାକୀ ଥାଏ । ସେତିକିବେଳେ ପ୍ରେସ୍‌କୁ ଗୋଟାଏ ବଡ଼ ଅର୍ଡର୍ ମିଳିଥିଲା । ମାସକ ଭିତରେ ସେତକ

Digitized by srujanika@gmail.com

ସାରିଦେଇ ଥିଲେ ଗୁଡିଏ ଟଙ୍କା ମିଳିଥାଆନ୍ତା, ଯାହାକି ସୁବର୍ଣ୍ଣ ଜୟନ୍ତୀ କାମ ଆରମ୍ଭ କରିବାରେ ବଡ଼ ସାହାଯ୍ୟ କରି ଥାଆନ୍ତା । ହଠାତ୍ ଦିନେ ନିତ୍ୟାନନ୍ଦ ବାବୁ, ତାଙ୍କ ପୁଅ ଓ ଗୋଟିଏ ପ୍ରେସ୍ ମେକାନିକ୍ ଡଗର ପ୍ରେସ୍‌ରେ ଆସି ପହଞ୍ଚିଲେ । ସେତେବେଳେ ମୁଁ ପ୍ରେସ୍‌ରେ ମୋର ସହପାଠୀ, ବନ୍ଧୁ ଓ ଅବସରପ୍ରାପ୍ତ ଫରମାକୋଲେଜି ଅଧ୍ୟାପକ ଶ୍ରୀ ଜୟକୃଷ୍ଣ ମହାନ୍ତିଙ୍କ ସହ ବସି କଥାବାର୍ତ୍ତା କରୁଥିଲି । ହଠାତ୍ ନିତ୍ୟାନନ୍ଦ ବାବୁ ମୋତେ କହିଲେ—ରାମ ବାବୁ ଆଜି ମୁଁ ପ୍ରେସ୍‌ଟା ଏଠୁ ନେଇଯିବି । ମୁଁ କହିଲି—ଏହା କ'ଣ ଛୋଟିଆ କଥାଟିଏ ହୋଇଛି ଟେକିନେଇ ଚାଲିଯିବେ । ନେବାଲାଗି କି ବନ୍ଦୋବସ୍ତ କରିଛନ୍ତି ? ସେ କହିଲେ—ଆମେ ତିନିଜଣ ଆସିଚୁ । ଯେ କୌଣସିମତେ ଆଜି ଏଠାରୁ ପ୍ରେସ୍‌କୁ ନେଇଯିବୁ । ତାପରେ ସେ ମୋତେ ଗୋଟାଏ କଡ଼କୁ ଡାକିନେଇ କହିଲେ—ରାମ ବାବୁ, ମୋତେ ଭୁଲ୍ ବୁଝନ୍ତୁ ନାହିଁ । ମୋର ଏପରି କରିବାର ଇଚ୍ଛା ନଥିଲା, ବାଧ୍ୟବାଧକତାରେ ପଡ଼ି ଏପରି କରିବାକୁ ଆସିଲି ।

ମୁଁ ପ୍ରେସ୍‌ଟିକୁ ଛାଡିଦେବାକୁ ସଙ୍ଗେ ସଙ୍ଗେ ପ୍ରସ୍ତୁତ ହୋଇଗଲି । ସେ ମାତ୍ର ତିନି ଜଣ ଆସିଥିଲେ ଏଠୁ ପ୍ରେସ୍ ଉଠେଇ ନେଇଯିବା ଲାଗି । ଏଠି କିନ୍ତୁ ତାଙ୍କୁ ତିରିଶ୍‌ଟି ମଜଭୁତିଆ ଲୋକଙ୍କ ସାହାଯ୍ୟ ନେବାକୁ ପଡ଼ିଲା । ସେ ମୋତେ ଲୋକ ସଂଗ୍ରହ କରାଇ ଦେବାଲାଗି ଅନୁରୋଧ କଲେ ଏବଂ ତାହା ମୁଁ କରାଇ ଦେଲି । ରାତି ୧୦ଟା ବେଳକୁ ପ୍ରେସ୍‌ଟି ଟ୍ରକ୍‌ରେ ବୋଝେଇ ହୋଇ ଚାଲିଗଲା । ଦୁଇଦିନ ପରେ ପୁଣି ଆଉ ଥରେ ଆସି ବାକୀ ସରଞ୍ଜାମଗୁଡ଼ିକ ଟ୍ରକ୍‌ରେ ଲଦି ନେଇଗଲେ । ଜୟକୃଷ୍ଣ ମହାନ୍ତି ନିତ୍ୟାନନ୍ଦ ବାବୁଙ୍କୁ ତାଙ୍କ ଘରକୁ ଡାକି ନେଇଗଲେ । ସେଠାରେ ନିତ୍ୟାନନ୍ଦ ବାବୁ ଖାଇଲାବେଳେ ଜୟକୃଷ୍ଣ ମହାନ୍ତିଙ୍କୁ ମଧ୍ୟ କହିଲେ ଯେ ତାଙ୍କର ଏପରି କରିବାର ଇଚ୍ଛା ନଥିଲା । ଜଣଙ୍କର ବାଧ୍ୟ ବାଧକତାରେ ପଡ଼ି ସେ ଏପରି କଲେ । ତହିଁ ଆରଦିନ ଜୟକୃଷ୍ଣ ମହାନ୍ତି ମୋ ପାଖକୁ ଆସି ନିତ୍ୟାନନ୍ଦ ବାବୁଙ୍କୁ ବାଧ୍ୟ କରାଇ ଏପରି କରାଯାଇଛି ବୋଲି କହିଲେ । ଝଡ଼ ତୋଫାନରେ ବସା ଭାଙ୍ଗିଯାଇଥିବା ଚଢ଼େଇଟିର ଯେଉଁ ଅବସ୍ଥା ହୁଏ ମୋର ସେହି ଅବସ୍ଥା ବହୁ ଦିନଯାଏ ଲାଗି ରହିଲା । ଚାରିଆଡ଼େ ମୋତେ ଫାଙ୍କା ଫାଙ୍କା ଲାଗିଲା । ଲେଖାଲେଖି ବି କିଛି କରି ପାରିଲି ନାହିଁ । ଅଠତିରିଶ ବର୍ଷକାଳ ଯେଉଁ ଦୃଢ଼ବନ୍ଧନ ଡଗର ସହ ମୋର ହୋଇଥିଲା ଏକାଦିନରେ ତାହା ପଟ୍‌କରି ଛିଣ୍ଡିଯିବା ଫଳରେ ମୁଁ ଏକରକମ ହାଉଳି ଖାଇଗଲି । ପ୍ରକୃତିସ୍ଥ ହେବାଲାଗି ମୋତେ ପ୍ରାୟ ପାଞ୍ଚ ଛ'ମାସ ଲାଗିଗଲା । ଭଗବାନ୍ ମୋ ପ୍ରତି ସଦୟ ହେଲେ । ସୁବର୍ଣ୍ଣ ଜୟନ୍ତି ଉତ୍ସବ କରାଇଥିଲେ ମୁଁ ଯେ କି ଭୟଙ୍କର ଅବସ୍ଥାରେ ପଡ଼ିଥାନ୍ତି ସେ ବିଷୟ ଭାବି ପାରିଲି । ମନ ଧୀରେ ଧୀରେ ସ୍ଥିର ହୋଇଗଲା । ବହୁ ବନ୍ଧୁ ମୋତେ ଆସି ବୁଝାଇ ଲାଗିଲେ—ବହୁ ମନସ୍ତାପରୁ ତୁମେ ରକ୍ଷାପାଇ ଯାଇଚ । ଏବେ ପୂର୍ଣ୍ଣମାତ୍ରାରେ ଲେଖା-ଲେଖିରେ ମନ ଦିଅ ।

ମୁଁ ଲେଖାଲେଖି ପୁଣି ଆରମ୍ଭ କରିବାକୁ ସ୍ଥିର କଲି । ସବୁ ସମୟତକ ମୋ ହାତରେ ଥିଲା । ମୋ ସମୟକୁ ଚୋରୀ କରିବାଲାଗି ଚାରିପାଖରେ କେହି ନଥିଲେ । ସମସ୍ତ ସମୟ ଲେଖାଲେଖିରେ କଟାଇବାକୁ ମୋର କିଛି ପ୍ରତିବନ୍ଧକ ନଥିଲା କିନ୍ତୁ

Digitized by srujanika@gmail.com

ଗୋଟିଏ ବାଧା ଆସି ଭଙ୍କି ମାରିଲା । ଡଗର ଥିଲାବେଳେ ଲୋକେ ସବୁବେଳେ ହାଉ ଛାଉ ହେଉଥିଲେ । ମୁଁ ନିଜେ ତ ଲେଖିପାରୁ ନଥିଲି । ମୁଁ ଡାକିଲେ ଲେଖିବାକୁ ସବୁବେଳେ ଲେଖନକାର ପାଇ ପାରୁଥିଲି । ଡଗର ଗ୍ଲାଲିଗଲାରୁ ଲୋକେ ଅଭାବ ପଡ଼ିଲେ । ଏଇ ଅଭାବ ଗୋଟିଏ ବିରାଟ ପ୍ରତିବନ୍ଧକ ରୂପେ ମୋ ଆଗରେ ଠିଆ ହେଲା । ଦରମା ଦେଇ ଗୋଟିଏ ଲେଖନକାର ମନୋନୟନ କରିବା ମୋପରି ଗୋଟିଏ ପଙ୍ଗୁର ଗିରିଲଙ୍ଘନ ପରି ଅସମ୍ଭବ ଜଣାଗଲା । ଯେତେବେଳେ କେହି ଜଣେ ବନ୍ଧୁ ମିଳିଯାଉ ଥିଲେ ତାଙ୍କୁ ପାମ୍ପଲାପାମ୍ପଲି କରି ପାଖରେ ବସାଇ ଗୋଟିଏ ଗୋଟିଏ ଗପ ଲେଖାଇ ନେଉଥିଲି । ସେଥିରେ ଯାହାଙ୍କୁ ଯେତିକି ସମୟ ମିଳୁଥିଲା ସେ ସେତିକି ସମୟ ଲେଖୁଥିଲେ ଏବଂ ଅଧା ଲେଖା ହୋଇ ରହୁଥିଲା । ଆଉ ଜଣଙ୍କୁ ଧରି ତାହା ମୁଁ ପୂରଣ କରୁଥିଲି । ନିୟମିତ ରୂପେ ଲେଖା ନହୋଇ ପାରିବାରୁ ମୁଁ ବହୁ ସମ୍ପାଦକଙ୍କର ଦାବୀ ପୂରଣ କରି ପାରିଲି ନାହିଁ । ସେ ଯାହାହେଉ ଅଳ୍ପ କେତେ ଜଣ ସମ୍ପାଦକଙ୍କୁ ଏଇ ପନ୍ଥାରେ ମୁଁ ସନ୍ତୁଷ୍ଟ କରି ପାରିଲି ।

ଇଷ୍ଟର୍ଣ୍ଣମେଡ଼ିଆର 'କଥା' ପତ୍ରିକାକୁ ମୁଁ ନିୟମିତରୂପେ ଗପ ଯୋଗାଇ ପାରୁଥିଲି । ବହୁ କଷ୍ଟରେ ମୁଁ ଯେ ଅନ୍ୟ ଦ୍ୱାରା ଏହା ଲେଖାଉଅଛି ଏହା ଇଷ୍ଟର୍ଣ୍ଣ-ମେଡ଼ିଆର ମ୍ୟାନେଜିଂ ଡିରେକ୍ଟର ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ ଜାଣି ପାରିଲେ । ସେ ଜାଣିବାମାତ୍ରେ ତାଙ୍କର ସହକାରୀ ଶ୍ରୀଯୁକ୍ତ ଗୌରହରି ଦାସଙ୍କ ହାତରେ ଗୋଟିଏ ନୂଆ ଫିଲିପ୍ସ ଟେପ୍ ରେକର୍ଡର ମୋ ପାଖକୁ ପଠାଇଲେ । ସୌମ୍ୟରଞ୍ଜନଙ୍କ ଗଭୀର ଆନ୍ତରିକତା ଓ ମୋ ପ୍ରତି ଦରଦ ମୁଁ ବେଶ୍ ଅନୁଭବ କରି ପାରିଲି । ପ୍ରତି ଲେଖା ପାଇଁ ସେ ମୋତେ ପାରିଶ୍ରମିକ ଦେଉଥିଲେ । ତାହା ବାଦ୍ ଗୋଟିଏ ଟେପ୍ ରେକର୍ଡର ଦେବା ନିଶ୍ଚିତ ଭାବରେ ମୋ ପ୍ରତି ଏକ ଅଧିକା ସହାନୁଭୂତି ବୋଲି ଅନୁଭବ କରି ପାରିଲି । ରେକର୍ଡରଟିକୁ ଚଳେଇବାର କୌଶଳ ହାସଲ କରିବା ପାଇଁ ମୁଁ ଲାଗି ପଡ଼ିଲି ।

ଲେଖନକାରର ଅଭାବ ମୁଁ ସବୁବେଳେ ଅନୁଭବ କରୁଥିଲି । ମୋର ସାନ· ଭାଇ ଶ୍ୟାମ ଏ ଅଭାବକୁ ଆଂଶିକ ଭାବରେ ଦୂରକଲା । ସେ ରେଭେନ୍‌ସା କଲେଜରୁ ଫେରିବାମାତ୍ରେ ଆଗ ମୋ ପାଖକୁ ଆସି କ'ଣ କ'ଣ ଲେଖା ହେବ ତାର ଖୋଜ-ଖବର ନେଉଥିଲା । ମୁଁ ସାରା ଦିନ ମନ ମଧ୍ୟରେ ଗପର ପ୍ଲଟ ସବୁ ଚିନ୍ତାକରି ମୁଣ୍ଡରେ ସାଇତି ରଖିବା ପାଇଁ ଲାଗିପଡ଼ିଥାଏ । ଶ୍ୟାମ କଲେଜରୁ ଆସିବାମାତ୍ରେ ସେତକ ସେ କାଗଜରେ ଲିପିବଦ୍ଧ କରିବାରେ ଲାଗିଲା । ଏହାଦ୍ୱାରା ମୋ ମନରେ ଅନେକ ଆଶ୍ୱସ୍ତି ହେଲା ।

ସରସ ସାହିତ୍ୟ ସମିତିର ସଂସ୍ଥାପନ :–

ମୋର ଅନୁଜ ଡକ୍ଟର ଶ୍ୟାମ ସୁନ୍ଦର ମିଶ୍ର ଏବଂ ଭଗତପୁର ନିବାସୀ ଶ୍ରୀଯୁକ୍ତ ମୁରାରି ମୋହନ ଜେନା ଏକାଠି ରେଭେନ୍‌ସା କଲେଜରେ ପଢୁଥିଲାବେଳେ "ତେନ୍ତୁଳି-ଛାଟ"ପତ୍ରିକାଟି ଆରମ୍ଭ କରାଯାଇଥିଲା । "ନିଆଁଖୁଣ୍ଟା' ପତ୍ରିକା ଭଳି ହେବ ବୋଲି ଆମର

Digitized by srujanika@gmail.com

ଆଶା ରଖାଯାଇଥିଲା । ସରସ ସାହିତ୍ୟ ସମିତିର ନାଆଁଟି ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା ଦେଇଥିଲେ । ପ୍ରଥମେ ଏହି ସମିତିର ପ୍ରେସିଡେଣ୍ଟ ଥିଲେ ଶ୍ୟାମସୁନ୍ଦର ମିଶ୍ର ଓ ସଂପାଦକ ଶ୍ରୀଯୁକ୍ତ ମୁରାରି ମୋହନ ଜେନା ରହିଲେ । ଏଥିପାଇଁ କୌଣସି ସଂବିଧାନ ନଥିଲା । ଛାଏଁ ଛାଏଁ ସମିତିଟା ଗଢି ହୋଇଗଲା । ଅଧ୍ୟାପକ ଶ୍ରୀରାମଚନ୍ଦ୍ର ଦାସ ସେତେବେଳେ ରେଭେନ୍‌ସା କଲେଜର ଅଧ୍ୟାପକ ଥିଲେ ଓ ଏହି ସମିତିର ପୃଷ୍ଠ-ପୋଷକ ଥିଲେ । ମୁଁ ଉଭୟଙ୍କ ସହିତ ସମ୍ପୃକ୍ତ ଥାଏ, ତେଣୁ 'ତେନ୍ତୁଳି ଛାଟ' ଛପା ହେବାର ଭାର ମୁଁ ହାତକୁ ନେଲି । ଶ୍ୟାମ ଓ ମୁରାରି ଏହି କାଗଜ ପାଇଁ କିଛି କିଛି ଲେଖୁଥିଲେହେଁ ଅଧିକାଂଶ ଭାଗ ମତେ ଲେଖିବାକୁ ପଡ଼ୁଥିଲା । ସେତେବେଳେ ପ୍ରଫେସର ବାମା ଚରଣ ଦାସ କଲେଜର ଅଧ୍ୟକ୍ଷ ଥିଲେ । ଏହି ପତ୍ରିକା ପାଇଁ ଶ୍ୟାମ ଓ ମୁରାରି ସାରା ଜୀବନ ଯେପରି ହଲପଟା ହେଲେ, ତା'ର ସ୍ମାରକ୍ ଟିକେ ଆଗରୁ ପାଇ-ଥିଲେ ମୁଁ ତେନ୍ତୁଳି ଛାଟରେ ସେମାନଙ୍କର ନାମ ଦେଇ ନଥାନ୍ତି । ସେମାନେ କିନ୍ତୁ ରୀତିମତ ଲେଖାଲେଖି କରୁଥାନ୍ତି । ଅଧ୍ୟାପକ ଶ୍ରୀରାମଚନ୍ଦ୍ର ଦାସ ସଂପୂର୍ଣ୍ଣ ପୃଷ୍ଠପୋଷ-କତା କରୁଥିଲେହେଁ ତେନ୍ତୁଳି ଛାଟରେ ତାଙ୍କ ନାମର ଚିହ୍ନବର୍ଣ୍ଣ ନଥିଲା । ସେ କେବଳ ସରସ ସାହିତ୍ୟ ସମିତିର ସଭାପତି ଭାବରେ ପରେ କାର୍ଯ୍ୟ କଲେ ।

ତେନ୍ତୁଳି ଛାଟର ମାତ୍ର ଚାରି ପାଞ୍ଚୋଟି ସଂଖ୍ୟା ପ୍ରକାଶ ପାଇବା ପରେ କଟକରେ ଗୋଟାଏ ଚହଳ ପଡ଼ିଗଲା । ତେନ୍ତୁଳିଛାଟର ଉଦ୍ଦେଶ୍ୟ ଥିଲା ସାହିତ୍ୟରେ ଯେଉଁ ଅଶ୍ଳୀଳତା ପଶି ଯାଉଛି ତା ବିରୁଦ୍ଧରେ ଏକ ସାଲିସବିହୀନ ନିରବଚ୍ଛିନ୍ନ ସଂଗ୍ରାମ ଚଳାଇବା । ଯେଉଁ ଲେଖକମାନେ ନିଜ ନିଜ ଲେଖାରେ ସ୍ୱଳ୍ପମାତ୍ରାରେ ବି ଅଶ୍ଳୀଳତା ଭର୍ତ୍ତି କରି ଦେଉଥିଲେ ତାଙ୍କୁ ସେହିପରି ଅଶ୍ଳୀଳ ଭାଷାରେମୁକାବିଲା କରିବା ଥିଲା ଏହାର ଲକ୍ଷ୍ୟ । ନିଜ ଲେଖାରେ ଅଶ୍ଳୀଳତା ଭର୍ତ୍ତି କରିଥିବା ଲେଖକ ଯେତେ ପ୍ରତିଭା-ବାନ୍ ହୋଇଥାନ୍ତୁନା କାହିଁକି ବା ଯେତେ ଉଚ୍ଚ ପଦବୀରେ ଥାଆନ୍ତୁ ନା କାହିଁକି ସେଥିକୁ ଆମେ ଖାତିର ନକରି ତାଙ୍କରି ଭାଷାରେ ତାଙ୍କୁ ଉତ୍କଟ ସମାଲୋଚନା କଲୁ । ଆଉ ଗୋଟିଏ ବିଷୟ ଆମେ ଚିନ୍ତା କରୁଥିଲୁ ଯେ ଯଦି ଏଥିପାଇଁ ଆମ ଉପରେ ସର-କାର ବା ଆକ୍ରାନ୍ତ ଲେଖକ ମାନହାନୀ ମକଦ୍ଦମା କରନ୍ତି ତେବେ ଆମେ ସଫେଇ ଦେବୁଯେ ଲେଖକ ପ୍ରଥମେ ଏ ଅଶ୍ଳୀଳତା ପରିବେଷଣ କଲାବେଳେ ବାଦୀ ଥିଲେ କେଉଁଠି ? ସେ ଅଭିଯୋଗ ଆରମ୍ଭ କଲାବେଳେ ଲେଖକଙ୍କର ମୂଳ ଲେଖା ସାଙ୍ଗରେ ଏହାକୁ ତୁଳନା କଲେ ନାହିଁ କାହିଁକି ? ଏପରି ଅଶ୍ଳୀଳ ଲେଖାର ଲେଖକର ଦୋଷକୁ ପ୍ରଥମରେ ଆକ୍ରମଣ ନକରି ଦୋଷ ବିରୁଦ୍ଧରେ ଅଭିଯାନ ଚଳାଇଥିବା ଲୋକଙ୍କ ଉପରେ ଆକ୍ରମଣ କରିବା କେଉଁ ନୀତି ନିୟମ ଦ୍ୱାରା ସ୍ୱୀକୃତ ହୋଇଅଛି ? ଏହି ମର୍ମରେ ଆମେ 'ତେନ୍ତୁଳି ଛାଟ'ର ପ୍ରଥମ ସଂଖ୍ୟାରୁ ବାରମ୍ବାର ସୂଚାଇ ଆସିଥିଲୁ ।

ପ୍ରଥମେ ଆମେ ଶୀର୍ଷ ସ୍ଥାନୀୟ ଲେଖକମାନଙ୍କଠାରୁ ଆରମ୍ଭ କରିଥିଲୁ । କଣ୍ଟାକୁ କଣ୍ଟାରେ କାଢିବାର ଅଭିଯାନ ରୀତିମତ ଚାଲିଲା । ଶୀର୍ଷସ୍ଥାନୀୟ ପ୍ରତିପତ୍ତିଶାଳୀ ଲେଖକମାନେ ସରକାରୀ ଓକିଲଙ୍କୁ ପ୍ରଭାବିତ କରି ତେନ୍ତୁଳି ଛାଟ ନାମରେ ଏକ ମକ-ଦ୍ଦମା ଆରମ୍ଭ କରିଦେଲେ । ଅବସରପ୍ରାପ୍ତ ଓଡ଼ିଆ ହାଇକୋର୍ଟର ପ୍ରଥମ ଚିଫ୍‌ଜଷ୍ଟିସ୍

Digitized by srujanika@gmail.com

ଶ୍ରୀଯୁକ୍ତ ବୀରକିଶୋର ରାୟଙ୍କ ପାଖକୁ ଆମେ ସାହାଯ୍ୟାର୍ଥେ ଗଲୁ । ସେ ସବୁ ପଢି ବମ୍ବେ ହାଇକୋର୍ଟର ଗୋଟିଏ ଡିସିସନ୍ ଆମକୁ ଧରାଇଦେଲେ । ଆମେ ମନେ ମନେ ଭାବିଲୁ ସେ ବୋଧହୁଏ ଆମ୍ଭମାନଙ୍କୁ ପିଲାଲୋକ ଭାବି ଉପେକ୍ଷା କଲେ । ଆମେ ତାହା ଆଣି ଆମ ଓକିଲଙ୍କୁ ଧରାଇଦେଲୁ । ସେ ବୋଧହୁଏ ସେ ଡିସିସନ୍‌ର ମର୍ମ ବୁଝି ନଥିଲେ । ତେଣୁ ମକଦ୍ଦମା ବିଚାର ବେଳେ ତାହାକୁ ଉତ୍‌ଥାପନ ମଧ୍ୟ କଲେ ନାହିଁ । ଆମର ସପକ୍ଷରେ ତତ୍‌କାଳୀନ ଓଡ଼ିଆ ଅଧ୍ୟାପକ ଶ୍ରୀ ଜୟକୃଷ୍ଣ ମିଶ୍ର ଓ ଓଡ଼ିଶାର ବିଶିଷ୍ଟ ସମାଜ-ସେବୀ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ସାକ୍ଷ୍ୟ ଦେଇଥିଲେ । କିନ୍ତୁ ଫଳ କିଛି ହେଲା ନାହିଁ । ତତ୍-କାଳୀନ ସେସନ୍ ଜଜ୍ ଜୟକୃଷ୍ଣ ମିଶ୍ର 'ତେନ୍ତୁଳିଛାଟ'ର ଯେଉଁ ସଂଖ୍ୟାଟି ଉପରେ ମକଦ୍ଦମା କରା ହୋଇଥିଲା ତାହାକୁ ବାଜ୍ୟାପ୍ତି କରିଦେଲେ ଏବଂ ତେନ୍ତୁଳିଛାଟର ପ୍ରକାଶନ ପାଇଁ ଦଶହଜାର ଟଙ୍କା ଅମାନତ ଦାଖଲ କରିବା ପାଇଁ ଆଦେଶ ଦେଲେ । ଆମେ ଯଦି ବୀରକିଶୋର ବାବୁ ଦେଇଥିବା ବମ୍ବେ ହାଇକୋର୍ଟର ଡିସିସନ୍‌ଟିକୁ ଅନ୍ୟ ଏକ ଓକିଲଙ୍କ ଜରିଆରେ ହାଇକୋର୍ଟରେ ଉତ୍‌ଥାନ କରିଥାନ୍ତୁ ତେବେ ବେକସୁର ଖଲାସ ହୋଇ ଥାଆନ୍ତୁ । କିନ୍ତୁ ସେ ସମୟରେ ଆମ ଅଣ୍ଟାରେ ଏତେ ବଳ ନଥିଲା ।

ଏହାପରେ ବମ୍ବେରେ ଯେଉଁ ଇଂରାଜୀ ପତ୍ରିକାର ସଂପାଦକ ଅଶ୍ଳୀଳତା ପାଇଁ ଜଜକୋର୍ଟରେ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ ଏବଂ ବମ୍ବେ ହାଇକୋର୍ଟରେ ଅପିଲ କରି ସେଥିରୁ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ ସେ ନିଜ ପତ୍ରିକାରେ ହାଇକୋର୍ଟର ସେହି ଡିସିସନ୍‌ଟିକୁ ପୂରାପୂରି ପ୍ରକାଶ କଲେ । ସେହି ସଂଖ୍ୟାଟି କୌତୂହଳବଶତଃ ଆମେ କିଣି ପାଠ କଲୁ । ବମ୍ବେ ହାଇକୋର୍ଟ ଯେଉଁ ଆଇନର ନଜିର ଦେଇ ତାଙ୍କୁ ଖଲାସ କରିଥିଲେ ସେହି ଆଇନର ଦଫା, ନମ୍ବର ଇତ୍ୟାଦି ସମସ୍ତ ବୀର ବାବୁ ଆମକୁ ଦେଇ-ଥିବା ଦଫା, ନମ୍ବର ଇତ୍ୟାଦି ସହ ମିଶି ଯାଉଥିଲା ; ତାହାକୁ ପଢି ଆମ ମନ ରାମ୍ପୁଡ଼ି କାମ୍ପୁଡ଼ି ହେଲା କିନ୍ତୁ ଅଣ୍ଟାରେ ହାତ ମାରି ଆମେ ତହିଁରୁ ନିବୃତ୍ତ ହେଲୁ ।

'ତେନ୍ତୁଳି ଛାଟ'ର ଲୋକପ୍ରିୟତା 'ପ୍ରଜାତନ୍ତ୍ର'ର ତତ୍କାଳୀନ ସହସମ୍ପାଦକ ସ୍ୱର୍ଗତ ରମେଶଚନ୍ଦ୍ର ମହାନ୍ତିଙ୍କର ଗୋଟିଏ ଉକ୍ତିରୁ ଜଣାପଡ଼େ । ଦିନେ ରମେଶ ବାବୁ ଡଗର ପ୍ରେସକୁ ଆସି ଆମ୍ଭମାନଙ୍କ ସହ କଥାବାର୍ତ୍ତା କରୁଥିଲେ । କଥା ପ୍ରସଙ୍ଗକ୍ରମେ 'ତେନ୍ତୁଳି-ଛାଟ' ଆଡ଼େ ଗଡ଼ିଗଲା । ସେ କହିଲେ, "ବାସ୍ତବିକ୍, 'ତେନ୍ତୁଳି ଛାଟ'ର ଲୋକପ୍ରିୟତା ଦେଖିଲେ ଅବାକ୍ ହେବାକୁ ପଡ଼େ । ଗୋଟିଏ ହକର 'ଡଗର', 'ଝଙ୍କାର', 'ସହ-କାର' 'ନବଜୀବନ' ଆଦି ଡାକି ଡାକି ଗଲାବେଳେ କ୍ୱଚିତ୍ କିଏ ହକର୍‌କୁ ଡାକିବାର ଶୁଣାଯାଉଥିଲା କିନ୍ତୁ ଯେତେବେଳେ ହକର୍‌ଟି ଡାକିଦିଏ 'ତେନ୍ତୁଳି ଛାଟ' ସେତେବେଳେ ଆଠ ଦଶଟା ସ୍ଥାନରୁ ହକର୍‌କୁ ଡକାରା ପଡ଼େ । ଏହାଶୁଣି ଆମ୍ଭମାନଙ୍କ ମନରେ ପ୍ରକୃ-ତରେ ଟିକିଏ ଈର୍ଷା ଆସେ ।"

'ତେନ୍ତୁଳି ଛାଟ' ତ ବନ୍ଦ ହୋଇଗଲା କିନ୍ତୁ ଶ୍ୟାମ ଓ ମୁରାରି ଉପରେ କଲେଜର ତତ୍‌କାଳୀନ ଅଧ୍ୟକ୍ଷ ବାମାଚରଣ ଦାସ ଓ ପରବର୍ତ୍ତୀ ସମୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ

Digitized by srujanika@gmail.com

ରେଷାରି ପଡ଼ିଲା । ପ୍ରିନ୍‌ସିପାଲ୍ ବାମାଚରଣ ଦାସ, ଶ୍ୟାମ ଓ ମୁରରିଙ୍କୁ ନିଜ ଚ୍ୟାମ୍ବରକୁ ଡାକିନେଇ ବହୁ ପ୍ରକାର ଧମକ ଦେଇଥିଲେ । ପରେ ଶ୍ୟାମ ଏମ୍. ଏ. ପାଶ୍ କରି ଅଧ୍ୟାପକ ଚାକିରୀ ପାଇଁ ପବ୍ଲିକ୍ ସର୍ଭିସ କମିଶନକୁ ବାରମ୍ବାର ସାକ୍ଷାତକାରକୁ ଯିବାବେଳେ ଶ୍ରୀ ଦାସ ଡ଼ି. ପି. ଆଇ. ଓ ପରେ କମିଶନର ମେମ୍ବର ରୂପେ ବୋର୍ଡରେ ଉପସ୍ଥିତ ରହି ଶ୍ୟାମକୁ ସେହି ତେନ୍ତୁଳି ଛାଟର ମକଦ୍ଦମା ସମ୍ପର୍କରେ ଗୁଡ଼େଇ ତୁଡ଼େଇ ପ୍ରଶ୍ନ ପଚାରି ଅମନୋନୀତ କରୁଥିଲେ । ଶ୍ୟାମ ଏକ ପ୍ରକାର ସେ କମିଶନରୁ ଏକଘରି-କିଆ ହୋଇ ରହିଗଲା ।

କେବଳ ସେତିକି ନୁହେଁ ଓଡ଼ିଶା ସେକ୍ରେଟାରୀ ଅର୍ଥ ବିଭାଗରେ ସେ ପାଇଥିବା ଚାକିରୀଟିରୁ ମଧ୍ୟ ସେହି 'ତେନ୍ତୁଳି ଛାଟ' ମକଦ୍ଦମା ଯୋଗୁଁ ବହିଷ୍କୃତ ହୋଇଥିଲା । ବଡ଼ ବଡ଼ ଲୋକ ଓ ଉଚ୍ଚପଦସ୍ଥ ଅଧିକାରୀମାନେ ବେଳେବେଳେ ଏପରି ଅହନ୍ତା ରଖନ୍ତି ।

'ତେନ୍ତୁଳି ଛାଟ' ତ ହାତରୁ ଯାଇଥିଲା । ଆମେ ସରସ ସାହିତ୍ୟ ସମିତିର ପୁନର୍ଗଠନ କରିବା ଲାଗି ତତ୍‌ପର ହୋଇ ଉଠିଲୁ । ସେତେବେଳେ ଡଗରର ମୁଁ ଏକ ପ୍ରକାର ସର୍ବେସର୍ବା ହୋଇ ପଡ଼ିଥିଲି । ଡଗରରେ ହାସ୍ୟରସ ଇତସ୍ତତଃ ଭାବରେ ଅଳ୍ପ ପରିବେଷଣ କରାଯାଉଥିଲା । ମୁଁ ତାକୁ ଏକ ସାଧାରଣ ବିଭାଗ ଓ ରଙ୍ଗରସ ବିଭାଗ, ଏପରି ଦୁଇଭାଗରେ ବିଭକ୍ତ କରି ଦେଲି । ରଙ୍ଗରସ ବିଭାଗଟିକୁ ଖୁବ୍ ବଢ଼ାଇ ଦେଇଥିଲି । ସେତିକିବେଳେ ବହୁ ନୂଆ ନୂଆ ହାସ୍ୟରସାତ୍ମକ ଲେଖକମାନଙ୍କୁ ମୁଁ ଏ ରଙ୍ଗରସ ବିଭାଗରେ ଭର୍ତ୍ତିକରି ଗୋଟିଏ ଗୋଷ୍ଠୀ ତିଆରି କରି ପକାଇଲି । 'ସରସ ସାହିତ୍ୟ ସମିତି'କୁ ଏକ ନୂଆ ରୂପରେଖ ଦେବାଲାଗି ମୁଁ ଆଇନ ବିଭାଗର ଶ୍ରୀଯୁକ୍ତ ଶଚ୍ଚିଦାନନ୍ଦ ମିଶ୍ର, ଲେବର କମିଶନର ଅଫିସର ଶ୍ରୀଯୁକ୍ତ ପ୍ରଫୁଲ୍ଲଚନ୍ଦ୍ର ଦାସ, ଶ୍ରୀ ରବୀନ୍ଦ୍ରନାଥ ପଣ୍ଡା, ଉତ୍କଳ ବିଶ୍ୱବିଦ୍ୟାଳୟ କର୍ମଚାରୀ ଶ୍ରୀ ନୀଳମଣି ମାହାନା ପ୍ରଭୃତିଙ୍କୁ ନେଇ ଗୋଟିଏ ସମ୍ବିଧାନ ପ୍ରସ୍ତୁତି କମିଟି ଗଢ଼ିଲି । ଅଳ୍ପ ଦିନ ମଧ୍ୟରେ ତାହା ତିଆରି ହୋଇଗଲା । ତାହାର ପ୍ରଥମ ସଭାପତି ରୂପେ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର ଓ ସମ୍ପାଦକ ରୂପେ ମୁଁ ନିଜେ ରହିଲୁ । ସଚ୍ଚିଦାନନ୍ଦ ବାବୁ ସମ୍ବିଧାନକୁ ଗଢ଼ିଦେଲେ । ସେତେବେଳକୁ ଅନେକ ହାସ୍ୟରସର ଲେଖକ ବାହାରି ପଡ଼ିଥିଲେ । ପ୍ରାରମ୍ଭିକ ସଭ୍ୟରୂପେ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ରଖି ସମିତିଟି ରେଜେଷ୍ଟ୍ରି କରାଗଲା । ପହିଲି ରଜଟିକୁ ସମିତିର ଆରମ୍ଭ ଦିବସ ରୂପେ ଗ୍ରହଣ କରାଯାଇ ଥିଲା ।

ମୁଁ ଟିକିଏ ଅତ୍ୟଧିକ ଉତ୍ସାହୀ ହୋଇପଡ଼ି ସମିତିର ସୁରୁଖୁରୁ କାର୍ଯ୍ୟ ନିର୍ବାହ ଲାଗି ହାସ୍ୟ ସାହିତ୍ୟର ଧାର୍ ଧାରୁ ନଥିବା କେତେକ ଲୋକଙ୍କୁ ମଧ୍ୟ ସମିତିର ସଭ୍ୟ-ଭୁକ୍ତ କରିଥିଲି । ଆୟବ୍ୟୟର ହିସାବ ଯେପରି ଠିକ୍ ଠାକ୍ ରହିବ ସେଥିପାଇଁ ଜଣେ ବ୍ୟାଙ୍କ୍ କର୍ମଚାରୀଙ୍କୁ ମୁଁ ସଭ୍ୟ ତାଲିକାଭୁକ୍ତ କରିଥିଲି । ହାସ୍ୟ ସାହିତ୍ୟ ଆଲୋଚନାରେ ଭାଗ ନେବାଲାଗି କେତେ ଜଣ ଅଧ୍ୟାପକଙ୍କୁ ମଧ୍ୟ ସଭ୍ୟଭାବେ ରଖିଥିଲି । କଥାରେ ଅଛି ବହୁତ ଲୋକ ଯହିଁ ମିଳି, ଅବଶ୍ୟ ଉପୁଜଇ କଳି । ଯେଉଁମାନେ ମୋତେ ଅନୁଷ୍ଠାନର କାର୍ଯ୍ୟରେ ସାହାଯ୍ୟ କରିବେ ବୋଲି ଭାବିଥିଲି ସେଇମାନେ କଳିଗୋଳ ଆରମ୍ଭ

Digitized by srujanika@gmail.com

କରିଦେଲେ । କେତେଜଣ ସଭ୍ୟ ଏଥିରେ କ୍ଷୁବ୍ଧ ହୋଇ ଧୀରେ ଧୀରେ ସମିତିରୁ ଅପସରି ଗଲେ ।

ନିତ୍ୟାନନ୍ଦ ବାବୁଙ୍କ ପରେ ଡ: ଶ୍ରୀରାମଚନ୍ଦ୍ର ଦାଶ ସଭାପତି ହେଲେ ଓ ତାଙ୍କ ପରେ ଡ: କୁଞ୍ଜବିହାରୀ ସଭାପତି ହେଲେ । ଏବେ ଶ୍ରୀ ହୃଦୟାନନ୍ଦ ନାୟକ ସମିତିର ସଭାପତି ଅଛନ୍ତି । ପ୍ରଥମେ ପ୍ରଥମେ ବହୁ ଉତ୍ସାହର ସହ ଆମର ବାର୍ଷିକ ବା ପହିଲିରଜ ଉତ୍ସବ ଜୁନ୍ ୧୩ ତାରିଖରେ ଅନୁଷ୍ଠିତ ହେଉଥିଲା । ପ୍ରତି ମାସରେ ବା ପନ୍ଦର ଦିନରେ ଡଗର ପ୍ରେସଠାରେ ସଭା ହେଉଥିଲା । ସରକାରଙ୍କ ସଂସ୍କୃତି ବିଭାଗ ଚାରିବର୍ଷ ପର୍ଯ୍ୟନ୍ତ ଗ୍ରାଣ୍ଟ୍ ଦେଇଥିଲେ । ଅଡ଼ିଟରମାନଙ୍କ ସନ୍ତୋଷବିଧାନ କରି ନ ପାରିବାରୁ ସେମାନେ ସମିତି ବିରୁଦ୍ଧରେ ଭୁଲ ରିପୋର୍ଟମାନ ଦେଲେ । ଏହାକୁ ଆମର ସାଧାରଣ ସଭା ଖଣ୍ଡନ କରି ସାଂସ୍କୃତିକ ବିଭାଗକୁ ଜଣାଇ ଥିଲେ । ଅଡ଼ିଟ ସେକସନ୍‌ରୁ ଭୁଲ ସ୍ୱୀକାର ସୂଚକପତ୍ର ଆମକୁ ମିଳିଥିଲା । ତାହାପରେ ଏତେ ଦହଗଞ୍ଜ ମଧ୍ୟରେ ନପଶିବା ପାଇଁ ଆମେ ସାହାଯ୍ୟ ଲାଗି ଦରଖାସ୍ତ କଲୁ ନାହିଁ । ଆଜିଯାଏ ଆମେ ନିଜ ଗୋଡ଼ରେ ଠିଆହୋଇ ଆସିଚୁ । ପ୍ରତିବର୍ଷ ବାର୍ଷିକ ସଭାରେ ଜଣେ ବିଶିଷ୍ଟ ହାସ୍ୟରସ ସ୍ରଷ୍ଟାଙ୍କୁ ରସରାଜ ପଦବୀ ସହ ଏକ ମାନପତ୍ର ଦିଆଯାଏ । ପ୍ରଥମ ବର୍ଷ ଚଉଧୁରୀ ହେମକାନ୍ତ ମିଶ୍ର ରସରାଜ ପଦବୀରେ ଭୂଷିତ ହୋଇଥିଲେ । ତା'ପରେ ପରେ ବର୍ତ୍ତମାନ ସୁଦ୍ଧା ଶ୍ରୀ ପୁଲିନ ବିହାରୀ ରାୟ, ଶ୍ରୀ ସୁନିଲ ମିଶ୍ର, ଶଙ୍କାକର ସୂପକାର, ଉଦୟନାଥ ମିଶ୍ର ଚନ୍ଦ୍ରମଣି ପଣ୍ଡା, କୁଳମଣି ମହାପାତ୍ର, ବଟବିହାରୀ ଦାସ, ବୈଦ୍ୟନାଥ ଶର୍ମା (ଦାସ କାଠିଆ), ଶ୍ୟାମସୁନ୍ଦର ମହାପାତ୍ର (ମେଘାସନ), ଅଧ୍ୟାପକ ବସନ୍ତ କୁମାର ଶତପଥୀ, ରବୀନ୍ଦ୍ରନାଥ ପଣ୍ଡା, ପଙ୍କଜିନୀ ଦାଶ ଏ ଉପାଧୀ ପାଇଛନ୍ତି । ପ୍ରତିବର୍ଷ ବାର୍ଷିକ ସଭାରେ ଗୋଟିଏ ଗୋଟିଏ ସିମ୍ପୋସିଅମ୍ ହୋଇ ଆସୁଛି । ଏହି ସମିତି ତରଫରୁ ଦିଲ୍ଲୀସ୍ଥିତ .ଉର୍ଦ୍ଦୁ ଏକାଡ଼େମୀର ସଭାପତି ବିଶିଷ୍ଟ ହାସ୍ୟରସିକ ଶ୍ରୀ ମୁଦତବା ହୋସେନ ଏବଂ ଆନ୍ଧ୍ର ସରକାରଙ୍କର ସଚିବ ଅନ୍ୟତମ ହାସ୍ୟରସିକ ଶ୍ରୀ ନରେନ୍ଦ୍ର ଲୁଥର ଏବଂ ହିନ୍ଦି ସାହିତ୍ୟର ଅନ୍ୟତମ ହାସ୍ୟରସିକ ନରେନ୍ଦ୍ର କୋହଲିଙ୍କୁ ମାନପତ୍ର ସହ ଅଭିନନ୍ଦିତ କରାଯାଇଛି ।

ବର୍ତ୍ତମାନର ସଭାପତି ଶ୍ରୀ ହୃଦୟାନନ୍ଦ ନାୟକ ଏବେ ସମିତିର ମୂଳ ପିଣ୍ଡରୂପେ ସବୁ କିଛି କାର୍ଯ୍ୟ କରୁଛନ୍ତି ।

ସରସ ସାହିତ୍ୟ ସମିତି ଛଡ଼ା ମୁଁ 'ହାସ୍ୟ ବିକାଶ କେନ୍ଦ୍ର' ନାମରେ ଆଉ ଗୋଟିଏ ରେଜେଷ୍ଟ୍ରିକୃତ ଅନୁଷ୍ଠାନ ଗଢିଅଛି । ଏଥିରେ ସଭାପତି କୁଞ୍ଜ ବିହାରୀ ଦାଶ, କୋଷାଧ୍ୟକ୍ଷ ହୃଦୟାନନ୍ଦ ନାୟକ, ସଂପାଦକ ମୁଁ ନିଜେ ଏବଂ ସଭ୍ୟରୂପେ ଜଷ୍ଟିସ୍ ହରିହର ମହାପାତ୍ର, ବନବିହାରୀ ପଣ୍ଡା (ଡ଼ି.ଆଇ.ଜି.), ଅନାଦି ସାହୁ (ଡ଼ି. ଆଇ. ଜି.) ଓ ବିପିନ ବିହାରୀ ମିଶ୍ର (ଡ଼ି. ଆଇ. ଜି.) ସ୍ଥାୟୀ ସଭ୍ୟ ଭାବରେ ରହିଛନ୍ତି । କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ବାବୁଲାଲ ଯୋଶୀ ସଭ୍ୟ ଥିଲେ । ତାଙ୍କ ବିୟୋଗ ପରେ ଶ୍ରୀ ବନ-ବିହାରୀ ପଣ୍ଡାଙ୍କୁ ସଭ୍ୟଭାବେ ନିଆଯାଇଛି ।

★

Digitized by srujanika@gmail.com

ମୋର ସାହିତ୍ୟିକ ସ୍ୱୀକୃତି

ମୋର ଅନ୍ୟ କିଛି ଗତି ନଥିବାରୁ ମୁଁ ସାହିତ୍ୟ ଦରିଆ ମଧ୍ୟକୁ ଧପାସ କରି ଡେଇଁଲି । ସାହିତ୍ୟର ହାବୁକା ଗୋଟିକ ପରେ ଗୋଟିଏ ଆସି ମତେ ଗଡ଼େଇ ଗଡ଼େଇ ଦେଉଥାଏ । ସେ ହାବୁକା ଗୁଡ଼ାକ ମୋ ଦେହରେ ରୋମାଞ୍ଚ ସୃଷ୍ଟି କରୁଥାଏ । ମୋତେ ସେଇଟା ଏତେ ଆରାମ ଲାଗିଲା ଯେ ମୁଁ ସେଇଥିରେ ନିଜକୁ ଭସାଇ ରଖିଲି । ଦିନ-ରାତି ଅଣନିଶ୍ୱାସୀ ହୋଇ ସାହିତ୍ୟ ସୃଷ୍ଟି କରିବାରେ ଲାଗିଲି । ମୋର ଏ ସାହିତ୍ୟ ସୃଷ୍ଟି ଭଲ ବାଟରେ କି ମନ୍ଦବାଟରେ ଯାଉଚି ତାହା ଭାବିବାକୁ ମୋର ସମୟ ନଥିଲା କି ମୁଁ ସେଥିରେ ମନଦେଇ ନଥିଲି । ସେଗୁଡ଼ା ସାହିତ୍ୟ କି ନା ତାହା ମଧ୍ୟ ମୁଁ ଜାଣି ନଥିଲି । ଆଲକୁଚି ମାଲକୁଚି କେତେ କ'ଣ ଲେଖିଥିଲି ପାଖ ଲୋକେ କେହି ତାକୁ ପସନ୍ଦ କରି ନଥିଲେ । ମନ ଖାଲି ହମ ହମ ହେଉଥାଏ କେମିତି ଗୋଟାଏ ଛପା ହୋଇ ବାହାରନ୍ତା । କବି ଲଢ଼େଇଟା ମୋର ପହିଲି ଲେଖା । ତାକୁ ଦେଖି ଜଣେ ଓଡ଼ିଆ ଅନର୍ସ ଥିବା କଲେଜ ପଢୁଆ ଦିନେ ମତେ କହିଦେଲା—ହଅ ଏଇଆକୁ ଛାପିବାଲାଗି ଲୋକେ ଖାଲି ଡେଉଁଛନ୍ତି । ଅଛପା ଲେଖାରେ ସ୍ୱୀକୃତି ମିଳିଲା ନାହିଁ । ମୁଁ ତେଣୁ ଆମ୍ବ-ଗଛକୁ ଫୋପଡ଼ଟାଏ ଛାଡ଼ିଲି । ବାଜିଲେ ବାଜୁ, ନ ବାଜିଲେ ନାହିଁ । କବି ଲଢ଼େଇକୁ 'ଡଗର'କୁ ପଠାଇଲି । ତାକୁ ପଢି ତତ୍‌କାଳୀନ ପରିଚାଳନା ସମ୍ପାଦକ ଶ୍ରୀଯୁକ୍ତ ରାଇମୋହନ ଦାସ ମୋତେ ବହୁତ ତାରିଫ୍ କରି ଖଣ୍ଡେ ଚିଠି ଦେଲେ ଓ ତାକୁ ଧାରା-ବାହିକ ଭାବରେ ଡଗରରେ କାଢିଲେ । ପହିଲେ ଅସ୍ୱୀକୃତିବାଦ ରାଇବାବୁଙ୍କ ଏଇ ସ୍ୱୀକୃତି ମୋତେ ଟିକିଏ ସାହସ ଦେଲା ।

ଏହାପରେ ରାଜକିଶୋର ରାୟଙ୍କର ଏହି କବି ଲଢ଼େଇ ବିଷୟରେ ଗୋଟିଏ ଲେଖା ସମାଜର ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟାରେ ବାହାରିଲା । ସେଥିରେ ସେ ଲେଖିଥିଲେ— ଡଗରରେ ବାହାରିଥିବା କବି ଲଢେଇ ଲେଖାଟି ଅତି ଉପାଦେୟ ହୋଇଛି । ସଚ୍ଚିଦା-ନନ୍ଦ କିଏ ଆମେ ଜାଣିନାହୁଁ । କିନ୍ତୁ ସେ ଯେ ଜଣେ ସୁଦକ୍ଷ ପ୍ୟାରୋଡ଼ି ଲେଖକ ତାହା ବେଶ୍ ବୁଝାଯାଉଛି । ପ୍ୟାରୋଡ଼ି କାହାକୁ କହନ୍ତି ମୁଁ ସେ ପର୍ଯ୍ୟନ୍ତ ଜାଣି ନଥିଲି । ପହିଲି ଲେଖାରେ ଏଇ ଦୁଇଜଣ ମାତ୍ର ମୋତେ ସ୍ୱୀକୃତି ଦେଇଥିଲେ । ଏହାପରେ ମୋର ବହୁଲେଖା ଡଗରରେ ନିୟମିତ ରୂପେ ବାହାରିଲା । ଦୀର୍ଘଦିନ ଧରି ମୁଁ କୌଣସି ସାହିତ୍ୟିକଙ୍କଠାରୁ ଆଉ ସ୍ୱୀକୃତି ପାଇ ନଥିଲି । ମୁଁ ମଧ୍ୟ କାହାରି ସ୍ୱୀକୃତିକୁ ଅପେକ୍ଷା ନକରି ନିୟମିତ ରୂପେ ଲେଖିଚାଲିଲି । ନିଜକୁ ଲୁଚାଇ ରଖିବା ଲାଗି ମୁଁ ବହୁତ ଚେଷ୍ଟା କରୁଥିଲି । କେତେଜଣ ବନ୍ଧୁଙ୍କଠାରୁ ଟିଟିକାରୀ ମଧ୍ୟ ଶୁଣିଥିଲି ।

Digitized by srujanika@gmail.com

ଯା ମଧ୍ୟରେ ମୋର ନାକଟା ଚିତ୍ରକର ବହିଟି ଛପାହୋଇ ବାହାରି ସାରିଥିଲା । ପ୍ରାୟ ସମସ୍ତ ଖବର କାଗଜରେ ବହିର ତାରିଫ୍ କରାଯାଇଥିଲା । ପଣ୍ଡିତ ନୀଳକଣ୍ଠ ଦାସଙ୍କଠାରୁ ମଧ୍ୟ ଗୋଟିଏ ଛୋଟ ସ୍ୱୀକୃତିପାଇଥିଲି । ସେତେବେଳକୁ ମୋର ଆଦର୍ଶ ସ୍ଥାନୀୟ ଲେଖକ ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତି ମୋତେ 'ଫତୁରାନନ୍ଦ' ବୋଲି ଜାଣି ସାରିଥିଲେ । ମୋର ମନେହୁଏ ମୋ ଜୀବନର ସର୍ବଶ୍ରେଷ୍ଠ ସ୍ୱୀକୃତି ତାଙ୍କଠାରୁ ପାଇଥିଲି । କଟକର ଏକ ସଭାକୁ ସେ ଆସିଥିବା ବେଳେ ବହୁ ସାହିତ୍ୟିକ ଅଧ୍ୟାପକମାନଙ୍କ ଗହଣରେ ଠିଆ ହୋଇଥିଲେ । ସେଠାରେ ସେ ମୋତେ ହଠାତ୍ ଦେଖି କହିଉଠିଲେ—ଫତୁରାନନ୍ଦ ତମର ଆଉ ଲେଖିବାର ଦରକାର ନାହିଁ । ତମେ ଏଇ ନାକଟା ଚିତ୍ରକର ବହିରେ ଅମର ହୋଇ ରହିବ । ମୁଁ ତାଙ୍କୁ ବହୁତ ଭକ୍ତି କରୁଥିଲି । ତାଙ୍କ ସ୍ୱୀକୃତି ମୋତେ ଦୋହଲେଇ ଦେଇଥିଲା ।

ଏଗୁଡ଼ିକ ଥିଲା ବ୍ୟକ୍ତିଗତ ସ୍ୱୀକୃତି । ଏହାଠାରୁ ଅଧିକ ମୁଁ କିଛି ଆଶା କରୁନଥିଲି । ଥରେ ଓଡ଼ିଶା ସାହିତ୍ୟ ଏକାଡେମୀରୁ ଏକ ନିମନ୍ତ୍ରଣ ପତ୍ର ପାଇଲି । ତାହା ଆଗରୁ ସାହିତ୍ୟ ଏକାଡେମୀ ଦୁଇ ହଜାର ଲେଖାଁଏ ଟଙ୍କା ଦୁସ୍ଥ ଲେଖକମାନଙ୍କୁ ଦେଇଥିଲା । ଡଗର ପରିଚାଳନାରେ ସଂପୃକ୍ତ ହୋଇ ମୁଁ ସର୍ବଦା ଘୋର ଅର୍ଥାଭାବରେ ବୁଡ଼ି ରହିଥିଲି । ମୁଁ ମନେ ମନେ ଠିକ୍ କରିନେଲି ଯେ ସାହିତ୍ୟ ଏକାଡେମୀରୁ ଦୁଇ ହଜାର ଟଙ୍କା ପାଇଲେ ଡଗରର ବହୁତ ଉପକାର ହେବ । ସଭା ମଞ୍ଚରେ ମୋତେ ବସେଇ ଦିଆଗଲା । ଜଣେ ସାହିତ୍ୟିକଙ୍କୁ ଦୁଇ ହଜାର ଟଙ୍କା ଦିଆଗଲା । ମୋତେ କିନ୍ତୁ ଗୋଟିଏ ପ୍ରଶଂସାପତ୍ର ଓ ଗୋଟିଏ ପେପରୱେଟ୍ ଦିଆଗଲା । ମୋତେ ଓ ମୋର ସହାୟକଙ୍କୁ ଗୋଟାଏ ଜାଗାକୁ ଡାକିନେଇ କିଛି ଜଳଖିଆ ଖାଇବାକୁ ଦେଲେ ଓ ୨୫ ଟଙ୍କାର ଗୋଟିଏ ଚେକ୍ ବାଟଖର୍ଚ୍ଚ ପାଇଁ ଧରାଇଦେଲେ । ମୋର ଖର୍ଚ୍ଚବାର୍ଚ୍ଚ ହାତରୁ ଯାଇ ମୁଁ ସେତେବେଳେ ହିସାବ କରିଥିଲି ଲାଭ ପାଞ୍ଚଟଙ୍କା ମିଳିଥିଲା । ମାନପତ୍ରଟିକୁ ମୁଁ ଏକ ଅଲଣା ସ୍ୱୀକୃତି ବୋଲି ମନେ ମନେ ଭାବିନେଲି ।

ସାହିତ୍ୟ ଏକାଡେମୀର ରଜତ ଜୟନ୍ତୀ ଉତ୍ସବକୁ ମୋତେ ନିମନ୍ତ୍ରଣ କରାଯାଇଥିଲା । ମଞ୍ଚ ଉପରେ ବସିଥିବା ବେଳେ ମୋତେ ଗୋଟିଏ ଦାମିକା ସାଲ୍ ଉପଢୌକନ ରୂପେ ମିଳିଲା । ମୋର ସଂକ୍ଷିପ୍ତ ଭାଷଣରେ ମୁଁ କହିଥିଲି—ଆଜିଯାଏ ହାସ୍ୟରସକୁ କେହି ସ୍ୱୀକୃତି ଦେଉ ନଥିଲେ । ଏ ସ୍ୱୀକୃତିକୁ ମୁଁ ହାସ୍ୟରସର ସ୍ୱୀକୃତି ବୋଲି ଗ୍ରହଣ କରୁଛି । ସଭା ଭାଙ୍ଗିବା ପରେ ମୁଁ ମଞ୍ଚରୁ ଓହ୍ଲେଇ ଆସିଲି । ଗୋଟିଏ ସ୍ଥାନରେ ଦଳେ ଛାତ୍ର ସାହିତ୍ୟ ଏକାଡେମୀର ଜଣେ ଅଧ୍ୟାପକ କର୍ମକର୍ତ୍ତାଙ୍କ ସଙ୍ଗେ ଖୁବ୍ ତର୍କ ବିତର୍କ ଚଳେଇ ଥାଆନ୍ତି । ସେମାନଙ୍କର ଏକ ବଡ଼ ଦାବୀ ଥିଲା ଯେ ସାହିତ୍ୟର ସବୁ ବିଭାଗକୁ ସ୍ୱୀକୃତି ଦିଆଯାଇଥିବା ବେଳେ ଆପଣ ହାସ୍ୟରସକୁ ସ୍ଥାନ ନଦେଲେ କାହିଁକି ? ସେଇଠି ମୁଁ ଟିକିଏ ଅଟକିଗଲି । ଅଧ୍ୟାପକ ଜଣକ ଘେରିଥିବା ଛାତ୍ରମାନଙ୍କୁ ପଚାରିଲେ—ଆଚ୍ଛା, ସମସ୍ତେ ତ ହାସ୍ୟରସ ହାସ୍ୟରସ ହଉଚ; କାହାକୁ ତୁମେ ଶ୍ରେଷ୍ଠ ହାସ୍ୟରସସ୍ରଷ୍ଟା ବୋଲି ବିଚାରୁଛ । ଜଣେ କିଏ କହିଦେଲା—କାହିଁକି

Digitized by srujanika@gmail.com

ଫତୁରାନନ୍ଦ ! ଅଧ୍ୟାପକ ଜଣକ ଗୋଟାଏ ତାଚ୍ଛଲ୍ୟ ଭରା ହସ ହସିଦେଇ କହିଲେ– ହେଃ, ଏତେ ତଳେ ଯାଇ ତୁମର ଦୃଷ୍ଟି ? ଏଇଥିରେ ହାସ୍ୟରସ ହାସ୍ୟରସ ହେଉଛ ?

କାହାରି ଦୃଷ୍ଟି ମୋ ଆଡ଼େ ନଥିଲା । ମୁଁ ଚୁପ୍‌ଚାପ୍ ଚାଲିଆସିଲି । ମୋତେ ବି ଭାରି ଅପମାନିଆ ଲାଗିଲା । ମାନ ଓ ଅପମାନକୁ ଧରି ମୁଁ ସେଠାରୁ ପଳାଇ ଆସିଲି । ଆଉ ଥରେ ପ୍ରଥମ ସାରଳା ପୁରସ୍କାର ଘୋଷଣାବେଳେ ମୋତେ ଆଉ ଗୋଟିଏ ସାଲ୍ ମିଳିଥିଲା । ସେ ସଭାରେ ହରେକୃଷ୍ଣ ମହତାବ, ନଟବର ସାମନ୍ତରାଏଙ୍କ ଭଳି ଓଜନଦାର ସାହିତ୍ୟିକମାନଙ୍କ ମଧ୍ୟରେ ମୋତେ ଗୋଟାଏ ଉପଢୌକନଟାଏ ମିଳିବାଟାକୁ ମୁଁ ଏକ ଗୌରବର କଥା ବୋଲି ଭାବିଥିଲି । ସେଠୁ ଫେରିଲାବେଳେ ମୁଁ କେତେ ଜଣଙ୍କୁ କହିବାର ଶୁଣିଲି–"ଏଇଟା ହେଲାନାହିଁ । ଏଇଟା ହଂସ ମଧ୍ୟେ ବକୋ ଯଥା ପରି କଥାଟାଏ ହେଲା ।" ଆଉ ଜଣେ କହୁଥିବାର ମଧ୍ୟ ମୁଁ ଶୁଣିପାରିଲି–କୁଞ୍ଜବାବୁ ତାଙ୍କୁ ଖୁବ୍ ଭଲପାଉ ଥିବାରୁ ତାଙ୍କୁ ବାଛି ଦେଇଥିଲେ । ଏସବୁ ମୋ ଉଦ୍ଦେଶ୍ୟରେ କୁହା-ହେଉଥିଲା । ମୁଁ ଏଥିରେ ମର୍ମାହତ ହୋଇ ନଥିଲି । କାରଣ ମୁଁ ଏଡ଼େ ବଡ଼ ସମ୍ମାନ କେବେ ଆଶା କରି ନଥିଲି ।

ପାଠକ ସଂସଦ ତରଫରୁ ଅନେକ ସାହିତ୍ୟିକଙ୍କ ସମେତ ମୋତେ ଏକ ଉପ-ଢୌକନ ମିଳିଥିଲା ଏବଂ ସେଇ ଉପଲକ୍ଷେ ପ୍ରକାଶିତ ଏକ ପୁସ୍ତିକାରେ ଡ: ରତ୍ନାକର ଚଇନିଙ୍କର ମୋ ବିଷୟରେ ଏକ ଭଲ ସନ୍ଦର୍ଭ ଛପାଯାଇଥିଲା ।

ସ୍ୱୀକୃତିସୂଚକ ଟଙ୍କା ପୁରସ୍କାର କେଉଁଠାରୁ ମିଳିବ ବୋଲି ମୁଁ ମନରେ କେବେହେଲେ ଭାବି ନଥିଲି । ହଠାତ୍ ଅପ୍ରତ୍ୟାଶିତ ଭାବରେ ରାଉରକେଲାରୁ ମୁଁ ଏକ ନିମନ୍ତ୍ରଣ ପାଇଲି । ସେଠାରେ ଦଶହଜାର ଟଙ୍କା ସହ ମୋତେ ଯେଉଁ ବିରାଟ ଅଭିନନ୍ଦନ ଦିଆଗଲା ସେଥିରେ ମୁଁ ସଂପୂର୍ଣ୍ଣ ଅଭିଭୂତ ହୋଇପଡ଼ିଲି । ସମସ୍ତ ରାଉର-କେଲା ଅଭିନନ୍ଦନର ଭାର ମୋ ଉପରେ ଅଜାଡ଼ି ଦେଇଥିଲେ । ଏହା ଭିତରେ ମୁଁ ହାସ୍ୟବିକାଶ କେନ୍ଦ୍ର ନାମକ ଏକ ଅନୁଷ୍ଠାନ ଗଢ଼ି ରେଜେଷ୍ଟ୍ରି କରି ସାରିଥିଲି । ରାଉରକେଲାର ସଭାରେ ମୁଁ ଏହି ଟଙ୍କାକୁ ହାସ୍ୟରସର ଅଭିବୃଦ୍ଧି ପାଇଁ ହୋଇଥିବା ଏହି ହାସ୍ୟ ବିକାଶ କେନ୍ଦ୍ରକୁ ଦାନ କଲି ବୋଲି ଘୋଷଣା କରି ପରମ ସନ୍ତୋଷ ଲାଭ କଲି । ମୋର 'ନାକଟା ଚିତ୍ରକର' ବହି ମଧ୍ୟ ନାଟକ ରୂପରେ ସେଠାରେ ଅଭିନୀତ ହୋଇ ଖୁବ୍ ପ୍ରଶଂସିତ ହେଲା । ଜୀବନର ସର୍ବଶ୍ରେଷ୍ଠ ସ୍ୱୀକୃତି ଓ ଅଭିନନ୍ଦନ ମୁଁ ଏହିଠାରେ ହିଁ ପାଇଲି ।

ଏହି ସମୟରେ କଟକରୁ କେତେ ଜଣ ଈର୍ଷାନ୍ୱିତ ସାହିତ୍ୟିକ ଛଦ୍ମ ନାମରେ ଏକ ପ୍ରଶ୍ନରପତ୍ର ଛାପି ରାଉରକେଲାକୁ ପଠାଇ ଦେଇଥିଲେ । ସେଥିରେ ମୋ ଭଳି ଏକ ନିମ୍ନଶ୍ରେଣୀର ସାହିତ୍ୟିକକୁ ଏପରି ଭାବରେ ସମ୍ମାନିତ କରିବା ଆଦୌ ସମିଚୀନ ହୋଇନାହିଁ ବୋଲି ଲେଖାଥିଲା । ଏହି ପ୍ରଶ୍ନରପତ୍ର କିନ୍ତୁ ଯେଉଁ କର୍ମକର୍ତ୍ତାଙ୍କ ହାତରେ ପଡ଼ିଲା ସେ ସଙ୍ଗେ ସଙ୍ଗେ ତାକୁ ପୋଡ଼ି ଦେଇଥିଲେ । ଖଣ୍ଡିଏ ହେଲେ ପତ୍ର

Digitized by srujanika@gmail.com

ବାହାରକୁ ଯାଇ ପାରିଲି ନାହିଁ । ଜଣେ କର୍ମକର୍ତ୍ତାଙ୍କ ଠାରୁ ମୁଁ ଏହା ଶୁଣିପାରିଲି ଏବଂ ମନରେ ଭାବିଲି ଏଇଟା ତ ଓଡ଼ିଆଙ୍କର ଟ୍ରେଡ୍‌ମାର୍କ । ମୋ ମନରେ ବିଶେଷ କଷ୍ଟ ହେଲନାହିଁ ।

ଏହାଛଡ଼ା ଅନେକ ପତ୍ରିକା ଓ ଛୋଟ ଛୋଟ ସାହିତ୍ୟ ଅନୁଷ୍ଠାନମାନଙ୍କଠାରୁ ନିରୁତା ମାନପତ୍ର ମତେ ମିଳିଛି । ଗଉଗକେଲ ମୋତେ ଏତେ ତୃପ୍ତି ଦେଇଛି ଯେ ଆଉ କୌଣସି ସ୍ୱୀକୃତି ପାଇଁ ମୋର ଆଶା ବା ଆଗ୍ରହ ନାହିଁ । ପେଟଭରା ସୁଭୋଜନ ମିଳିଲେ ଯେପରି ତୃପ୍ତି ମିଳେ ସେଇ ତୃପ୍ତି ମୋତେ ମିଳିଛି । ଏବେ ସ୍ୱୀକୃତି ବଦଳରେ କେହି ଗାଳିଗୁଲଜ କଲେ ବି ତାହା ମୋ ଦେହରେ ଭେଦୁ ନାହିଁ ।

ମୋ ବହିଗୁଡ଼ିକର ସାଧାରଣ ପାଠକମାନଙ୍କ ସଂଖ୍ୟା ଖୁବ୍ ବେଶି । ବହି ବିକ୍ରିରୁ ତାହା ଜଣାପଡ଼େ, ଅବଶ୍ୟ ରୟାଲିଟି ପ୍ରାପ୍ତିରୁ ନୁହେଁ । ମୁଁ ମଧ୍ୟ ଓଡ଼ିଶାରେ ବହି ବିକ୍ରିରୁ କିଛି ମୋଟା ଟଙ୍କା ପାଇବା ଆଶାରେ ଏକାବେଳକେ ଜଳାଞ୍ଜଳି ଦେଇଛି । ମୋ ଜୀବନର ଏକମାତ୍ର ଲକ୍ଷ୍ୟ ଅନ୍ୟମାନଙ୍କୁ ଆନନ୍ଦ ଦେବା । ସେଥିଲାଗି ମୁଁ ବହି-ଗୁଡ଼ିକ ଲେଖିଯାଏ । ପଇସା ପାଇବା ଉପରେ ମୋର ଲକ୍ଷ ହିଁ ନଥାଏ । ମୋର ସମ୍ପୂର୍ଣ୍ଣ ଅଜଣା ବ୍ୟକ୍ତି ପାଖକୁ କୌଣସି କାର୍ଯ୍ୟରେ ଯାଇ ନିଜର ପରିଚୟ ଦେଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ କହନ୍ତି ମୁଁ ଆପଣଙ୍କୁ ବହୁ ଆଗରୁ ଜାଣେ । ମୁଁ ମାଟ୍ରିକ୍ ପଢ଼ିଲାବେଳେ ଆପଣଙ୍କର ଅନେକ ବହି ପଢ଼ି ଆପଣଙ୍କ ଲେଖାପ୍ରତି ଅତିମାତ୍ରାରେ ଆକୃଷ୍ଟ ହୋଇଥିଲି । ଏହିପରି କଥାସବୁ ମନରେ ବେଶ୍ ଆନନ୍ଦ ଦିଏ । ତଥାପି ମୋ ମନରେ ଗୋଟାଏ ଅବଶୋଷ ସର୍ବଦା ଲାଗି ରହିଥାଏ । କେତେକ ବଡ଼ ଲେଖକ ବା ଶିକ୍ଷାବିତ୍ ମୋ ଲେଖାକୁ ପସନ୍ଦ କରନ୍ତି ନାହିଁ । ମୋର ସବୁବେଳେ ଇଚ୍ଛାହୁଏ କେମିତି ତାଙ୍କଠାରୁ ପଦେ ପ୍ରଶଂସା ଶୁଣିବି । ପଦଟିଏ ପ୍ରଶଂସା ଶୁଣିବା ଲାଗି ମୁଁ ସେମାନଙ୍କ ଘରକୁ ମଧ୍ୟ ଯାଇଚି । ଜଣେ ହାସ୍ୟରସସ୍ରଷ୍ଟା ମୋତେ ମୁହେଁ ମୁହେଁ କହିଦେଲେ- ଆପଣଙ୍କ ଲେଖାଗୁଡ଼ିକ ଓଜନ୍‌ଦାର ହେଉନାହିଁ । ଉପର ମହଲରେ ଆପଣଙ୍କ ଲେଖା ପଢ଼ିବାକୁ ସେପରି କିଛି ଆଗ୍ରହ ପ୍ରକାଶ ପାଏ ନାହିଁ । ତଥାପି ସାଧାରଣ ଲୋକେ ଆପଣଙ୍କ ଲେଖାକୁ ଛାଡ଼ି ପାରିବେ ନାହିଁ । କଅଣ, କେଉଁଠି କି ତ୍ରୁଟି ରହିଯାଉଛି ତାହା କହିବାଲାଗି ମୁଁ ତାଙ୍କୁ ଅନୁରୋଧ କଲି । ସେ କିନ୍ତୁ ସେ ବିଷୟ ଏଡ଼ାଇ ଦେଇ ଅନ୍ୟ ବିଷୟରେ କଥାବାର୍ତ୍ତା ଆରମ୍ଭ କଲେ । ମୋର ଏକ ନିର୍ଦ୍ଧାର୍ଯ୍ୟ ଧାରଣା ଯେ ନିଜ ତ୍ରୁଟି ନିଜକୁ ଦିଶେ ନାହିଁ । ସେଥିପାଇଁ ଅନ୍ୟର ସାହାଯ୍ୟ ଦରକାର । ସେ ତ୍ରୁଟିକୁ ସଂଶୋଧନ କରି ପାରିଲେ ମୋ ଲେଖାଗୁଡ଼ିକ ସର୍ବାଙ୍ଗ ସୁନ୍ଦର ହୁଅନ୍ତା । ସେ ସାହାଯ୍ୟଟି କାହାରିଠାରୁ ପାଇଲି ନାହିଁ । ଜଣେ ବୟସ୍କ ଶିକ୍ଷାବିତ୍ ମୋର ଗୋଟାଏ ତ୍ରୁଟି ଦେଖାଇ ଦେଇଥିଲେ । ସେ କହିଥିଲେ—ଦେଖନ୍ତୁ ଆପଣଙ୍କ ଲେଖାରେ ବହୁତ 'ଶଳା' ଶବ୍ଦ ରହି ଯାଉଛି । ଏଇଟା ବଡ଼ ଅରୁଚିକର । ମୁଁ ତାଙ୍କୁ କହିଲି—ମୋ ଲେଖାର ନାୟକମାନେ ନିମ୍ନଶ୍ରେଣୀ ବା ଗୁଣ୍ଡା ପ୍ରକୃତିର ଲୋକ । ସେମାନଙ୍କ ମୁହଁରେ ଭଦ୍ରଜନୋଚିତ ଶବ୍ଦସବୁ ପ୍ରକାଶ କରାଇବା ଅତି ଅସ୍ୱାଭାବିକ

Digitized by srujanika@gmail.com

ହୋଇପଡ଼ିବ । ଗପଟି କଇଁଥା ହୋଇଯିବ । ଏହି ଉତ୍ତର କିନ୍ତୁ ତାଙ୍କୁ ସନ୍ତୋଷ ଦେଇ ପାରିଲା ନାହିଁ । ତଥାପି ମୁଁ ତାଙ୍କୁ ସନ୍ତୁଷ୍ଟ ରଖିବା ଲାଗି 'ଶଳା' ଶବ୍ଦ ପରିବର୍ତ୍ତେ 'ଶଶୁର ପୁଅ' ରଖିଲି ।

ଆଉ ଜଣେ ବିଗତ ସାହିତ୍ୟିକ ମୋତେ କହିଲେ—ଆପଣଙ୍କ ହାସ୍ୟରସ ଲୋକଙ୍କୁ କୁତୁକୁତୁ କଲା ଭଳି ଲାଗୁଚି । ମୁଁ ତାଙ୍କୁ ପଚାରିଥିଲି—ଆଜ୍ଞା ରଚନା କୌଶଳରେ କି ପରିବର୍ତ୍ତନ କଲେ ଏ ଦୋଷଟି ଚାଲି ଯାଆନ୍ତା ? ସେ ସେ ବିଷୟରେ କିଛି କହିଲେ ନାହିଁ । ମୁଁ ମନେ ମନେ ଖୁବ୍ ଧନ୍ଦି ହେଲି । ଭାବିଲି—ବିକୃତିରୁ ହାସ୍ୟରସ ଜନ୍ମନିଏ । ବିକୃତିକୁ ବାଦଦେଇ କିପରି ହାସ୍ୟରସ ମୁଁ କାଢ଼ିବି ?

ମୁଁ ସ୍ୱୟଂ ସଂପୂର୍ଣ୍ଣ ନୁହେଁ ଏହା ସତ, କିନ୍ତୁ ବିକୃତିକୁ ଛାଡ଼ି କିପରି ହାସ୍ୟରସ ସୃଷ୍ଟି କରିବାକୁ ହେବ ତାହା ମୁଁ ଏପର୍ଯ୍ୟନ୍ତ ଭାବି ସ୍ଥିର କରି ପାରୁ ନାହିଁ । ମୋର ବନ୍ଧୁ ବିଜୟାନନ୍ଦ ସିଂ ମୋ ଉପରେ ଲେଖିଥିବା ଥିସିସ୍‌ରେ ମୁଁ କାହାଦ୍ୱାରା ପ୍ରଭାବିତ ଓ କିଏ ମୋ ଦ୍ୱାରା ପ୍ରଭାବିତ ଏ ବିଷୟରେ ଲେଖିବା ଲାଗି ତାଙ୍କ ଗାଇଡ୍ ଶ୍ରୀ ଅସିତ୍ କବି ତାଙ୍କୁ ଉପଦେଶ ଦେଇଥିଲେ । ମୁଁ କାହାଦ୍ୱାରା ପ୍ରଭାବିତ ତାହା ତାଙ୍କୁ କହିଗଲି । କିନ୍ତୁ ତାଙ୍କୁ ମୋ ଦ୍ୱାରା କିଏ ପ୍ରଭାବିତ ସେ ବିଷୟ ଲେଖିବାକୁ ଦୃଢ଼ଭାବେ ବାରଣ କଲି । ତାଙ୍କୁ ପରିଷ୍କାର କହିଲି ଯେ ଏହାଦ୍ୱାରା ତୁମେ କେବଳ ମୋତେ ଗୁଡ଼ାଏ ଗାଳି ଶୁଣାଇବ । ସେ ମୋ କଥା ପ୍ରତି ଭ୍ରୂକ୍ଷେପ ନକରି ଗାଇଡ୍‌ଙ୍କ ଇଚ୍ଛା ପୂରଣ କରିବା ଲାଗି କେତେ ଜଣ ହାସ୍ୟରସ ସ୍ରଷ୍ଟାଙ୍କୁ ଏ ବିଷୟରେ ପଚାରିଲେ ଏବଂ ମୋତେ ଯଥାବିଧି ଅସୂୟା ବାକ୍ୟ ସମ୍ବଳିତ ଭାଷାରେ ଗାଳି ଖୁଆଇଲେ ।

ଆଉ ଗୋଟିଏ କ୍ଷେତ୍ରରେ ରାଉରକେଲାର କେତେକ ଯୁବକ ହାସ୍ୟରସରେ ମୁଁ ଏକ ମାଇଲ ଖୁଣ୍ଟ ବୋଲି ଗୋଟିଏ ପ୍ରଚାର ପତ୍ରରେ ଲେଖି ଦେଇଥିଲେ । ତାଙ୍କୁ ପଢ଼ି ଜଣେ ଉଚ୍ଚକୋଟିର ହାସ୍ୟରସ ସ୍ରଷ୍ଟା ରାଉରକେଲାର ସେଇ କର୍ମକର୍ତ୍ତାଙ୍କ ପାଖକୁ ଚିଠିଲେଖି ଜଣାଇଲେ ଯେ ଫତୁରାନନ୍ଦଙ୍କୁ ହାସ୍ୟରସର ଏକ ମାଇଲ ଖୁଣ୍ଟ କହିବା ହାସ୍ୟରସ ପ୍ରତି ଏକ ଘୋର ଅପମାନ ।

ଜଣେ ଓଡ଼ିଆ ଅଧ୍ୟାପକ ମୋ ଲେଖାଗୁଡ଼ିକ ସୁରୁଚିପୂର୍ଣ୍ଣ ଓ ସାହିତ୍ୟପଦବାଚ୍ୟ ନୁହେଁ ବୋଲି ଗୋଟିଏ ପତ୍ରିକାରେ ଛାପି ଦେଇଥିଲେ । ଅବଶ୍ୟ ଅନ୍ୟ ଜଣେ ଅଧ୍ୟାପକ ଏହାର ପ୍ରତିବାଦ କରି ଏକ ଲେଖା ପରେ କଢ଼ାଇ ଥିଲେ ।

ଏହିପରି ଭଲ ଓ ମନ୍ଦ ଶୁଣି ଶୁଣି ମୋ ଦେହ ଓ ମନ ଖୁବ୍ ଟାଣ ହୋଇ ଯାଇଛି । ଏବେ ମୁଁ ପ୍ରଶଂସା ଓ ନିନ୍ଦାରେ ପ୍ରଭାବିତ ହେଉ ନାହିଁ ।

ଅନ୍ୟ ଏକପ୍ରକାର ସଂବର୍ଦ୍ଧନା :–

ଥରେ ମୋର ଭଣିଜାଜୋଇଁ ଶ୍ରୀ ତ୍ରୈଲୋକ୍ୟ ମୋହନ ମିଶ୍ର ତାଙ୍କର ବଡ଼ ଝିଅର ବାହାଘରକୁ ମୋତେ ତାଳଚେରୁ ନିମନ୍ତ୍ରଣ କରିଥିଲେ । ମୁଁ ମଧ୍ୟ ନିମନ୍ତ୍ରଣ ରକ୍ଷାକରି ଯାଇଥିଲି । ନିର୍ଦ୍ଦିଷ୍ଟ ସମୟରେ ମୁଁ ସେଠାରେ ପହଞ୍ଚିଲି । ତାଙ୍କ ଘର

Digitized by srujanika@gmail.com

ପାଖରେ ପହଞ୍ଚି ସିଧା ଘର ଭିତରକୁ ଚାଲିଗଲି । ସେଠାରେ ସମସ୍ତଙ୍କ ସଙ୍ଗେ ସ୍ନେହାଳାପ କରୁ କରୁ ବହୁ ସମୟ ବିତିଗଲା । ହଠାତ୍ ତାଙ୍କ ସାନଭାଇ ଦ୍ୱାରିକାମୋହନ ମିଶ୍ର ମୋତେ ଆସି କହିଲେ—ଛାମୁଡ଼ିଆ ତଳେ ଭଦ୍ରବ୍ୟକ୍ତିମାନେ ଆସି ପହଞ୍ଚିଗଲେଣି । ଆପଣ ଚାଲନ୍ତୁ ସେମାନଙ୍କ ସହ ମୁଁ ପରିଚିତ କରାଇ ଦେବି । ସହଜେ ମୋର ଗୋଟାଏ ଲାଜୁରା ଖୋଇ ଥିଲା । ମୁଁ ତାଙ୍କୁ କହିଲି—ନାହିଁ ଥାଉ ସେ ସବୁ ସ୍ଥଳରେ ପରିଚିତ ହେବାକୁ ମୋତେ ଭଲଲାଗେ ନାହିଁ । ସେ କିନ୍ତୁ ମୋ ପ୍ରତିବାଦକୁ ଭ୍ରୂକ୍ଷେପ ନକରି ମୋତେ ଘୋଷାଡ଼ି ଘୋଷାଡ଼ି ସେମାନଙ୍କ ପାଖକୁ ନେଇଗଲେ । କଂସେଇଖାନାକୁ ଛେଳି ଘୋଷାଡ଼ା ହୋଇଗଲା ପରି ମୁଁ ସେଠାକୁ ଗଲି । ସେ ମୋତେ ନେଇ ସେମାନଙ୍କ ଆଗରେ ଠିଆ କରାଇ ଦେଲେ । ବଡ଼ ବଡ଼ ଲୋକମାନଙ୍କୁ ସେଠି ବସିଥିବାର ଦେଖି ମୁଁ ମୁଣ୍ଡ ନୁଆଁଇ ନମସ୍କାରଟିଏ କରିଦେଲି । ଦ୍ୱାରିକାବାବୁ ପରିଚୟ କରାଇ ଦେଇ କହିଲେ—"ଏ ହେଉଛନ୍ତି ଓଡ଼ିଶାର ଜଣେ ଗଣ୍ୟମାନ୍ୟ ବଡ଼ ଲେଖକ । ଏହାପରେ ମୁଁ ବା ସେମାନଙ୍କୁ ମୋ ନିଜ ବିଷୟରେ କଅଣ କହି ଥାଆନ୍ତି । ମୁଁ ଚୁପ୍ ଚାପ୍ ରହିଲି । ଚାରିଆଡୁ ଚାହିଁ ଦେଖିଲି ସେମାନେ ସମସ୍ତେ ବିପୁଳ ବପୁଷ୍ମାନ ଓ ପୃଥୁଳ ଉଦରବିଶିଷ୍ଟ । ସମସ୍ତଙ୍କ ମୁଣ୍ଡରେ ପଗଡ଼ି ମାରୁଆଡ଼ିଆ ତକିଆମାନଙ୍କୁ ଆଉଜି ସେମାନେ ବସି ଥାଆନ୍ତି ।

ପ୍ରାୟ ପାଞ୍ଚମିନିଟ୍ ଚାଲିଗଲା କାହାରି ମୁହଁରୁ କିଛି କଥା ବାହାରିଲା ନାହିଁ । ଜଣେ ଅପେକ୍ଷାକୃତ କମ୍ ବୟସର ବ୍ୟକ୍ତି ବୋଧହୁଏ ଭାବିଲେ—ଭଦ୍ରଲୋକ ତ ଆମକୁ ନମସ୍କାର କଲେଣି । ଆମ ଆଡୁ କିଛି ଗୋଟାଏ ପଚାରିବା ଦରକାର । ତେଣୁ ସେ ତାଙ୍କଆଡୁ ଆରମ୍ଭ କଲେ, "ସେ କଅଣ କରନ୍ତି ?" ଦ୍ୱାରିକା ବାବୁ କହିଲେ—"ସେ ଲେଖନ୍ତି ।" ସେମାନଙ୍କ ମଧ୍ୟରୁ ଆଉ ଜଣେ ପଚାରିଲେ—"ସେ କଅଣ ଲେଖନ୍ତି ?" ଜଣେ ବପୁବନ୍ତ ବୟୋବୃଦ୍ଧ ଲୋକ ତାଙ୍କଆଡୁ ଆରମ୍ଭ କରିଦେଲେ । ସେ ପ୍ରଶ୍ନକର୍ତ୍ତାଙ୍କ ଉପରେ ଟିକିଏ ବିଗିଡ଼ିଯାଇ କହିଲେ—"ଆହେ କଅଣ ଗୁଡ଼ାଏ ପଚାରୁଚ ହୋ । ଆମମାନଙ୍କ ଗଦିରେ ଦଶ ପନ୍ଦର ଜଣ ଲେଖକ ଥାଆନ୍ତି । ତୁମେ କ'ଣ ଜାଣିନ ସେମାନେ କଅଣ ଲେଖନ୍ତି ?"

ସେତେବେଳକୁ ମୁଁ ଭାବୁଥାଏ—"ହେ ଭଗବାନ୍ ! ତୁମେ ବସୁଧା ଫଟେଇ ସୀତାଙ୍କୁ ପୃଥିବୀରୁ ନେଇଯାଇଥିଲ, ଏବେ ମୋତେ ନେଇଯାଅ ।" ଆଉ ସେମାନଙ୍କର ଆଲୋଚନା ଶୁଣିବାକୁ ମୋର ଧୈର୍ଯ୍ୟ ରହିଲା ନାହିଁ । ମୁଁ ଦ୍ୱାରିକା ବାବୁଙ୍କ କବଳରୁ ନିଜକୁ ମୁକ୍ତକରି ଘର ଭିତରକୁ ପଳାଇଲି । ପରେ ଦ୍ୱାରିକା ବାବୁ ମୋ ପାଖକୁ ଯାଇଁ ମୋତେ କହିଲେ—"ହେ ଆପଣ ପଳେଇ ଆସିଲେ କାହିଁକି ?" ମୁଁ କହିଲି—"ମୁଁ କ'ଣ ସେଠି ଠିଆ ହୋଇ ଥାଆନ୍ତି ତାଙ୍କ ଗଦିରେ ଗୋଟାଏ ନିଯୁକ୍ତି ପାଇବା ପାଇଁ ?" "ଆମେ ଦୁହେଁ ହସି ଗ୍ଳାନିଟାକୁ ଅପନୋଦନ କରିଦେଲୁ ।

—୦—

Digitized by srujanika@gmail.com

ଓଡ଼ିଆ ସାହିତ୍ୟରେ ଧସ୍ତାଧସ୍ତି

ମୁଁ ଓଡ଼ିଆ ସାହିତ୍ୟରେ ମୁଣ୍ଡ ଗୁଞ୍ଜିବା ପୂର୍ବରୁ ବେଳଟା ଖୁବ୍ ଶାନ୍ତ ଥିଲା । ସତ୍ୟବାଦୀ ଯୁଗ କୁହ, କି ସବୁଜ ଯୁଗ କୁହ ସେତେବେଳେ ସାହିତ୍ୟିକ ପବନଟା ମଳୟ ପବନ ପରି ସୁଲୁ ସୁଲୁ ହୋଇ ବହୁଥିଲା । ସେତେବେଳକୁ ଗୋଷ୍ଠୀ ଦେଖାଦେଇ-ଥିଲା ସତ ହେଲେ କେହି କାହା ଉପରେ ଚଢ଼ଉ କରୁ ନଥିଲେ । ପରସ୍ପରର ପ୍ରଶଂସାରେ ମୁଖର ହୋଇ ଉଠୁଥିଲେ । ଜଣେ ସାହିତ୍ୟିକ ଆଉ ଜଣେ ସାହିତ୍ୟିକକୁ ଦେଖିଲେ କୋଟିନିଧି ପାଇଲା ପରି ଭାବୁଥିଲେ । ମୁଁ ଯେତେବେଳେ ସାହିତ୍ୟ ଭିତରେ ମୁଣ୍ଡ ଗୁଞ୍ଜିଲି ସେହି ସମୟରେ ପାଣ୍ଡୋରା ବାକ୍ସର ଠିପି ଖୋଲିଗଲା ଅବା ସହଦେବ ଖଟ ଗୋଡ଼ରୁ କଳିଯୁଗକୁ ମୁକୁଳାଇ ଦେଲେ । ବାସ୍, ସାହିତ୍ୟିକମାନଙ୍କ ମଧ୍ୟରେ ପୂର୍ବପରି ସହୃଦୟତା ଆଉ ରହିଲା ନାହିଁ ବରଂ କେହି କାହାର ଶିରୀ ଦେଖି ପାରିଲେ ନାହିଁ, ଓଲଟି ଗାଳି ଦିଆଦେଇ, ଗୋଡ଼ ଟଣାଟଣି ଲାଗିଗଲା । ଏପରିକି କାହାରି କାହାରି କଛା ଖୋଲିଦେବା ପର୍ଯ୍ୟନ୍ତ ଘଟଣା ଆଗେଇଗଲା । ସାହିତ୍ୟିକମାନେ ବୃଦ୍ଧ ଓ ତରୁଣ ଗୋଷ୍ଠୀରେ ଭାଗଭାଗ ହୋଇ ଗଲେ ।

ତରୁଣ ଗୋଷ୍ଠୀରେ ଦୁଇଜଣ ମହାରଥୀ ଦେଖା ଦେଲେ । ସେମାନେ ହେଲେ ରବି ସିଂ ଓ ରବିନାରାୟଣ ମହାପାତ୍ର । ଏମାନଙ୍କର ପ୍ରଧାନ ଅଭିଯୋଗ ଥିଲା ଯେ ବୃଦ୍ଧ ଜରଦ୍‌ଗବ ସାହିତ୍ୟିକମାନେ ସବୁ ମୁଣ୍ଡିଆ ଜାଗାମାନଙ୍କରେ ଆସନ ମାଡ଼ି ବସି ତରୁଣ-ମାନଙ୍କୁ ବାଟ ଛାଡ଼ୁ ନାହାନ୍ତି । ସାହିତ୍ୟ ଦୁଧରେ ପଡ଼ିଥିବା ସରତକ ଓ ଅଧିକାଂଶ ଦୁଧ ସେଇମାନେ ଖାଇ ଯାଉଛନ୍ତି । ତରୁଣମାନଙ୍କ ପାଇଁ ବାକୀ ଦୁଧରେ ପାଣିମିଶେଇ ସାହିତ୍ୟ ବଜାରକୁ ଛାଡ଼ି ଦଉଚନ୍ତି । ଓଡ଼ିଶାକୁ ଗୋଟିଏ ମାତ୍ର କଳାପାହାଡ଼ ଲଣ୍ଡଭଣ୍ଡ କରିଦେଇ ଥିଲା । ଓଡ଼ିଆ ସାହିତ୍ୟ ଜଗତରେ ରବି ସିଂ ଓ ରବି ମହାପାତ୍ର ଦୁଇଟି କଳାପାହାଡ଼ ରୂପରେ ଆବିର୍ଭୂତ ହୋଇ ତାହାକୁ ଯେପରି ଭାବରେ ଲଣ୍ଡଭଣ୍ଡ କରି-ପକାଇଲେ ଏଇ ଜଗତଟା ଉଠିଲା ପଡ଼ିଲା ।

ପ୍ରଥମେ ପ୍ରଥମେ ବୃଦ୍ଧମାନେ ଭାବିଲେ ଏ ଟୋକା ଦି'ଟା ଡେଇଁ ଡେଇଁ ଥକି ପଡ଼ିବେ । ତାପରେ ସବୁ ଠିକଠାକ୍ ଚାଲିବ । ଏ ଦୁହେଁ କିନ୍ତୁ ଥିଲେ ଅସରନ୍ତି ଉଗ୍ରତାର ଭଣ୍ଡାର । ଓଡ଼ିଶାର ସର୍ବ ପୁରାତନ ସାହିତ୍ୟାନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ବୃଦ୍ଧ ଓ ତରୁଣଙ୍କର ଏକ କୁରୁକ୍ଷେତ୍ର ସମରାଙ୍ଗନରେ ପରିଣତ ହେଲା । ଉତ୍କଳ ସାହିତ୍ୟ ସମା-ଜର ପୀଠସ୍ଥଳୀ ଶ୍ରୀରାମଚନ୍ଦ୍ର ଭବନରେ ଓ ବେଳେ ବେଳେ କଟକ ଟାଉନ୍ ହଲ୍‌ରେ ଦୁଇ କଳାପାହାଡ଼ ସେମାନଙ୍କର ତାଣ୍ଡବଲୀଳା ଆରମ୍ଭ କଲେ । ଏ ଦୁଇଟି ସ୍ଥଳରେ କେଉଁ-ଦିନ ସାହିତ୍ୟ ସଭା ହେଉଛି ତାହାହିଁ ଏ ଦୁହେଁ ଉଣ୍ଡୁ ଥାଆନ୍ତି । ସଭା ଆରମ୍ଭ ହେବାମାତ୍ରେ

Digitized by srujanika@gmail.com

ଅଳ୍ପ କିଛି ସମୟ ସୁରୁଖୁରୁରେ କଟିଯାଏ । ସେହି ସମୟ ମଧ୍ୟରେ ଏମାନେ କେଉଁ ବାଣ ପ୍ରୟୋଗ କରିବେ ତାହା ମନ ମଧ୍ୟରେ ସଜିଲ କରୁଥାଆନ୍ତି । ଦୁହେଁ ସଭା ଆରମ୍ଭରୁ ନିଜ ନିଜ ନାମ ବକ୍ତା ତାଲିକାରେ ଲେଖାଇ ଦେଇ ଥାଆନ୍ତି । କର୍ମକର୍ତ୍ତାମାନେ ମନ ମଧ୍ୟରେ ଦୁହିଁଙ୍କୁ ନ ଡାକିବାକୁ ଇଚ୍ଛା କରୁଥିଲେ ମଧ୍ୟ ସେମାନଙ୍କ ସମ୍ପର୍କରେ ଲଭିଥିବା ଅତୀତର ତିକ୍ତ ଅନୁଭୂତି ଫଳରେ ଭୟଯୋଗୁ ଡାକିବାକୁ ବାଧ୍ୟ ହୁଅନ୍ତି ।

ଦୁହେଁ ନିଜ ନିଜ ବକ୍ତୃତାରେ ସଭାପତି ତଥା ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ତୀବ୍ର ଆକ୍ଷେପୋକ୍ତିରେ ଜର୍ଜର କରି ପକାନ୍ତି । ସେଥିର ସାରାଂଶ ଥାଏ—ଏହି ଜରଦ୍‌ଗବ ବୁଢ଼ାମାନେ ଘାଟିଜାଗାମାନ ମାଡ଼ିବସି ସବୁ ପୁରସ୍କାର, ଉପ-ଢ଼ୌକନ ଅଭିନନ୍ଦନ ଓ ଆର୍ଥିକ ସୁବିଧା ସାଉଁଟି ନେଉଛନ୍ତି । ତରୁଣ ଗୋଷ୍ଠୀକୁ ଏକାବେଳକେ ଉପେକ୍ଷା କରି ଦେଉଛନ୍ତି । ସେମାନଙ୍କୁ ଓଲଟି ବଳିକୁ ପାତାଳକୁ ଗୃପିଲ ପରି ମାଡ଼ି ଦେଉଚନ୍ତି । ଏ ବୁଢ଼ା ହଡ଼ାଗୁଡ଼ାଙ୍କୁ ଜୋର ଜବରଦସ୍ତି ସେଠାରୁ ହଟାଇ ନ ଦେଲେ ତରୁଣମାନଙ୍କର ଭାଗ୍ୟ ଫିଟିବ ନାହିଁ ।

ସଭାରେ ଯୋଗ ଦେଇଥିବା ଅଧିକାଂଶ ତରୁଣ ସେମାନଙ୍କୁ ନୀରବ ଓ ବେଳେ-ବେଳେ ସରବ ସମର୍ଥନ ଜଣାନ୍ତି । କର୍ମକର୍ତ୍ତା ଓ ସଭାପତି ପ୍ରଭୃତି ବୟସ୍କମାନେ ବାଧ୍ୟ ହୋଇ ଏଗୁଡ଼ିକ ହଜମ କରୁଥାନ୍ତି । ସେମାନେ ବରଂ ମନ ମଧ୍ୟରେ ଭାବୁଥାନ୍ତି—ଏ ଟୋକାଟାକଳିଆଙ୍କ ସାଙ୍ଗରେ ତେରିମେରି ହେବା ଆଦୌ ଉଚିତ ନୁହେଁ । ଯଦି କର୍ମକର୍ତ୍ତାଙ୍କ ମଧ୍ୟରୁ କେହି ହୃଦୟରେ ବଳ ଓ ସାହାସ ସଞ୍ଚର କରି ସେମାନଙ୍କର ମୁକାବିଲ କରନ୍ତି ତେବେ ସେମାନେ ଅତି ଉଗ୍ରଭାଷାସାଙ୍ଗକୁ ହାତାହାତି ମଧ୍ୟ ଆରମ୍ଭ କରନ୍ତି । ଥରେ ଟାଉନ୍ ହଲରେ ଜଣେ ତୁଙ୍ଗ ସାହିତ୍ୟିକଙ୍କ ଉପରେ କେହି ଜଣେ ଏସିଡ୍ ବଲବ୍‌ଟିଏ ପକାଇ ଥିଲେ । ସେ ଜୀବନବିକଳରେ ପାଖରେ ଥିବା ପୋଖରୀକୁ ଲମ୍ଫ ଦେଲେ ।

କ୍ରମାଗତ ଭାବରେ ଏହିସବୁ ବିଶୃଙ୍ଖଳା ଦେଖାଦେବାରୁ ସଭାକୁ ଆସିବା ଲାଗି ବନ୍ଦ କରିଦେଲେ । ସଭା ଭାଙ୍ଗିଯିବା ପରେ ବେଳେ ବେଳେ ବାହାରେ ସେମାନଙ୍କ ଉପରେ ପ୍ରବଳ ଗାଳିବର୍ଷଣ କରଯାଉ ଥିଲା ।

ଥରେ ରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜର ନୂତନ ସମ୍ବିଧାନ ଉଦ୍‌ଘାଟନ ହେବାର ଥିଲା । ଦୁଇ ରବି ସେଠାରେ ସର୍ବସମକ୍ଷରେ ସେଇ ନୂତନ ସମ୍ବିଧାନଟିକୁ ନିଆଁରେ ପୋଡ଼ି ଦେଇଥିଲେ । ଏଥିରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇ ଥିଲା କିନ୍ତୁ କେହି ହେଲେ ସେମାନଙ୍କ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ କରିବା ଲାଗି ସାହସ କରି ନଥିଲେ ।

ଥରେ ଉତ୍କଳ ସାହିତ୍ୟ ସମାଜର ହୀରକ ଜୁବୁଲି ବହୁ ଗୋଳମାଳ, ମତାନ୍ତର ମନାନ୍ତର ମଧ୍ୟରେ ପାଳିତ ହୋଇଗଲା । ତାହାର ଆୟବ୍ୟୟର ଆଲୋଚନା ପାଇଁ ଆହୂତ ଏକ ସଭାରେ ଆୟ ବ୍ୟୟର ତାଲିକା ପଢ଼ାଗଲା । ସେହି ଜୁବୁଲି ଉତ୍ସବରେ ବହୁ ଗଣ୍ୟମାନ୍ୟ ସାହିତ୍ୟିକ ସମ୍ପୃକ୍ତ ଥିଲେ । ହିସାବରୁ ଦେଖାଗଲା ଯେ ବିଶେଷାଙ୍କ ପାଇଁ ଲେଖା ସଂଗ୍ରହ କାର୍ଯ୍ୟରେ ସାତ ହଜାର ଟଙ୍କାର ପେଟ୍ରୋଲ ପୋଡ଼ା ଯାଇଅଛି ଅଥଚ

Digitized by srujanika@gmail.com

ବିଶେଷାଙ୍କଟିରେ ନିମ୍ନ ଶ୍ରେଣୀୟ ଲେଖା ସ୍ଥାନ ପାଇଛି । ସରକାର ଯାହା ଅନୁଦାନ ଦେଇଥିଲେ ସେଥିରେ ଗୋଟିଏ ସ୍ଥୂଳ କଳେବରର ସୁନ୍ଦର ବିଶେଷାଙ୍କଟିଏ ବାହାରି ପାରି ଥାଆନ୍ତା । ଖଣ୍ଡିଏ ଖଣ୍ଡିଏ ଚିଠି ଲେଖକମାନଙ୍କ ପାଖକୁ ପଠାଯାଇଥିଲେ ଉପାଦେୟ ଲେଖାସବୁ ଛାଏଁ ଛାଏଁ ଆସି ପାରି ଥାଆନ୍ତା । କେତେକ ବୃଦ୍ଧ ସାହିତ୍ୟିକ ଏହାକୁ ପସନ୍ଦ କରି ନଥିଲେ । କିନ୍ତୁ କର୍ମକର୍ତ୍ତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିପାରି ନ ଥିଲେ । ଯେଉଁ ତୁଙ୍ଗ ସାହିତ୍ୟିକ ଓ କବି ଲେଖା ସଂଗ୍ରହରେ ସାତ ହଜାର ଟଙ୍କା ଉଡ଼ାଇ ଦେଲେ ସେ ସେହି ସଭାକୁ ଆସି ନଥିଲେ କି ଶ୍ରୀରାମଚନ୍ଦ୍ର ଭବନକୁ ଆଉ ଆସିଲେ ନାହିଁ । ତାଙ୍କର ସାହିତ୍ୟ ସଭାକୁ ଆସିବା ଇତି ହୋଇଗଲା । ଦୁଇ ରବିଙ୍କର ତୀବ୍ର ଆକ୍ରମଣ ଫଳରେ ତାଙ୍କୁ ଭର୍ତ୍ସନାସୂଚକ ଏକ ପ୍ରସ୍ତାବ ଗ୍ରହଣ କରାଯାଇ ଥିଲା ।

ଆଉ ଜଣେ ଉଚ୍ଚ କର୍ମକର୍ତ୍ତା ସାହିତ୍ୟ ସମାଜ ଲାଇବ୍ରେରୀରୁ ବହୁ ମୂଲ୍ୟବାନ ବହି ଗର୍ଭୀୟ ସ୍ୱାହା କରି ହେଉଡ଼ି ମାରି ଦେଇଥିଲେ । ବଡ଼ ବଡ଼ମାନଙ୍କର ଏପରି କାର୍ଯ୍ୟକଳାପ ଦୃଷ୍ଟିରୁ ମୋର ମନେହୁଏ ଦୁଇ ରବିଙ୍କର ଧ୍ୱଂସାତ୍ମକ କାର୍ଯ୍ୟକଳାପ ଯଥାର୍ଥ ଥିଲା । ସୃଷ୍ଟି, ସ୍ଥିତି ଓ ବିଲୟ ପ୍ରତ୍ୟେକଟି କାଳର ଗତିରେ ଅପରିହାର୍ଯ୍ୟ । ଗୋଟିଏ ଶୁଷ୍କ ପତ୍ର ବୃନ୍ତଚ୍ୟୁତ ନହେଲେ ତା ସ୍ଥାନରେ କିଶଳୟଟିର ସମ୍ଭବ ହେବ କିପରି ? ମୁଁ ସେମାନଙ୍କର କାର୍ଯ୍ୟକଳାପ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲି ।

ଏ ଦୁହେଁ ଆଉ ଦୁଇଜଣ ସମଧର୍ମାଙ୍କୁ ନେଇ ଗୋଟିଏ ଅଭିନବ କାର୍ଯ୍ୟ ଆରମ୍ଭ କରିଥିଲେ । ତାହା ହେଲା ସ୍ୱୟଂ ସମ୍ବର୍ଦ୍ଧନା । ରବି ସିଂ, ରବି ମହାପାତ୍ର, ମୁରାରି ଜେନା ଏବଂ ନଗେନ୍ ବେଉରିଆ ଏଇ ଚାରିଜଣ ଏହି ସ୍ୱୟଂ ସମ୍ବର୍ଦ୍ଧନା ଆରମ୍ଭ କରିଥିଲେ । ସେଥିପାଇଁ ଯେଉଁ ନିମନ୍ତ୍ରଣ ବୃଦ୍ଧ ତରୁଣ ସମସ୍ତଙ୍କୁ ବିତରଣ କରାଯାଇ ଥିଲା ତାହା ମଧ୍ୟ ଅଭିନବ ଥିଲା । ତାହାର ସାରମର୍ମ ହେଲା—ଆପଣ ଅଲବତ ସଭାକୁ ଆସିବେ । ନ ଆସିଲେ ଆପଣଙ୍କୁ ପରିଣାମ ଭୋଗ କରିବାକୁ ପଡ଼ିବ । ମୁଁ ମନେ ମନେ ଭାବିଥିଲି ବୋଧହୁଏ ବୃଦ୍ଧମାନେ ଏହାକୁ ଉପେକ୍ଷା କରିବେ । କିନ୍ତୁ ସଭାସ୍ଥଳରେ ଯାଇଁ ଦେଖିଲି ମାତ୍ର କେତେଜଣଙ୍କୁ ଛାଡ଼ି ବୃଦ୍ଧ ତରୁଣ ନିର୍ବିଶେଷରେ ବହୁଶ୍ରୋତା ସଭାକୁ ଯାଇଛନ୍ତି । ମଧୁ ମହାନ୍ତି ବୋଧହୁଏ ସଭାପତି ହୋଇଥିଲେ । ସେ ଉପରୋକ୍ତ ଚାରିଜଣଙ୍କ ପାଇଁ ବରା ପକୁଡ଼ିର ଗୋଟିଏ ପୁଟୁଳା ନେଇ ଯାଇଥିଲେ । ସଭାସ୍ଥଳରେ ଏଇ ଚାରିଜଣଙ୍କୁ ସେ ନିଜ ହାତରେ ଖୁଆଇ ଥିଲେ—ଏବଂ ବହୁ ଉତ୍ସାହବାଣୀସହ ସେମାନଙ୍କୁ ବଧାଇ ଦେଇଥିଲେ । ତରୁଣମାନେ ତାଙ୍କୁ ଖୁବ୍ ଉପରକୁ ଟେକିଥିଲେ । ମୁଁ କିନ୍ତୁ ଘରୁ ଚାରିଟି ଘାସର ମାଳା ତିଆରି କରି ସାଙ୍ଗରେ ନେଇ ସଭାସ୍ଥଳକୁ ଯାଇଥିଲି । ମୁଁ ସେମାନଙ୍କୁ ସମ୍ବୋଧନ କରି କହିଥିଲି—ତୁମମାନଙ୍କ ମଧ୍ୟରେ ବହୁମୁଖୀ ପ୍ରତିଭା ଅଛି କିନ୍ତୁ ଗୋଟିଏ ଜିନିଷର ଅଭାବ ପରିଲକ୍ଷିତ ହେଉଅଛି । ତେଣୁ ମୁଁ ତୁମମାନଙ୍କ ଗଳାରେ ଏଇ ମାଳା ପିନ୍ଧାଉଛି । ଏହା ହେଉଛି ଦୁବଘାସର ମାଳା, ଏକ ନମ୍ରତାର ପ୍ରତୀକ । ଏଇ ମାଳା ତୁମମାନଙ୍କୁ ସେହି ନମ୍ରତା ଯୋଗାଇ ଦେଉ ।

ସଭାଟି ଖୁବ୍ ସଫଳ ହୋଇଥିଲା । ପରେ ବାହାରେ ସେମାନଙ୍କୁ ପରୋକ୍ଷରେ କେତେଜଣ ନିନ୍ଦା ମଧ୍ୟ କରିଥିଲେ । ସେମାନେ କିନ୍ତୁ ଏଥିପ୍ରତି ଭ୍ରୂକ୍ଷେପ କରି ନଥିଲେ ।

Digitized by srujanika@gmail.com

କବି ରବି ସିଂ ଥିଲେ ଛନ୍ଦୋବଦ୍ଧ ଓ ବାମପନ୍ଥ କବିତାର ଥିଲେ ଏକନିଷ୍ଠ ପୂଜାରୀ । ଗବଗବ ହୋଇ ଫୁଟୁଥିବା ତାଙ୍କର ଚକମକ କବିତା ବହୁ ପାଠକଙ୍କୁ ଅଭିଭୂତ କରିଥିଲା । ସେଥିଲାଗି ମୁଁ ତାଙ୍କୁ ବ୍ଲାଷ୍ଟଫର୍ଣ୍ଣେସ୍ କବି ନାମରେ ପରିଚିତ କରାଇ ଥିଲି । ଦୁଇ ରବିଙ୍କର କାର୍ଯ୍ୟକଳାପରୁ ମୁଁ ବହୁତ ଖୋରାକ ପାଉଥିଲି ଏବଂ ସେମାନଙ୍କ ନାମ ନେଇ ବହୁ ହାସ୍ୟରସାତ୍ମକ ଲେଖା ଲେଖିଥିଲି । ମୋର ବହୁ ଗଳ୍ପର ନାୟକ ସେହିମାନେ ହୋଇଥିଲେ । ରବି ସିଂଙ୍କର ଶିକ୍ଷାଗତ ଯୋଗ୍ୟତା କିଛି ନଥିଲା ସତ କିନ୍ତୁ ସେ ଯେଉଁ ଊର୍ଜସ୍ୱିନୀ ଛନ୍ଦୋବଦ୍ଧ କବିତା ଲେଖୁଥିଲେ ସେଥିରେ ମୁଁ ଏକା କାହିଁକି ବହୁ ପାଠକ ସ୍ତମ୍ଭିଭୂତ ହୋଇଯାଇ ଥିଲେ । ବହୁ ସାହିତ୍ୟିକଙ୍କର ଗ୍ରେରୀକୁ ସେ ନିର୍ଭୟରେ ସମ୍ବାଦପତ୍ରମାନଙ୍କରେ ପ୍ରକାଶ କରୁଥିଲେ । ଫଳରେ ବ୍ୟାପି ଯାଉଥିବା ଗ୍ରେରୀରେ ବାଧା ପଡ଼ିଥିଲା ଏବଂ ସଂଖ୍ୟା ମଧ୍ୟ ଧୀରେ ଧୀରେ କମି ଆସିଥିଲା । ତାଙ୍କ ରଚିତ ଓଡ଼ିଆ ସାହିତ୍ୟରେ 'ଧର୍ଷଣ' ନାମକ ଏକ ପୁସ୍ତକ ବହୁ ସମାଲୋଚକଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲା । ବହିଟିର ଉଦ୍‌ଘାଟନ ଏକ ଅଭିନବ ପନ୍ଥାରେ ହୋଇଥିଲା । ଗୋଟିଏ ମାଠିଆ ଭିତରେ ବହିଟିକୁ ଭର୍ତ୍ତି କରି ତା ଉପରେ ଏକ ଘୋଡ଼ଣି ଦିଆଯାଇଥିଲା ଏବଂ ତାହା ଏକ ଶିକାରେ ଝୁଲୁଥିଲା । ମାଠିଆଟି ବେଶ୍ ଚିତ୍ର ବିଚିତ୍ର ହୋଇଥିଲା । ଉଦ୍‌ଘାଟକ ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ ଟେବୁଲ୍ ଉପରେ ଥୁଆ ହୋଇଥିବା ଏକ କାଠ ହାତୁଡ଼ିରେ ଝୁଲୁଥିବା ମାଠିଆକୁ ପାହାରେ ଦେଇଥିଲେ । ମାଠିଆଟି ଚୂନା ହୋଇଗଲା ଓ ତାହା ମଧ୍ୟରୁ ବହିଟି ଖସି ପଡ଼ିଲା । ହାସ୍ୟରୋଳ ଭିତରେ ଡକ୍ଟର ଦାଶ ସେ ବହିଟିକୁ ଉଠାଇ ସମସ୍ତଙ୍କୁ ଦେଖାଇ ଥିଲେ ।

ଦୁଇ ରବିଙ୍କର ବକ୍ତୃତା ଶ୍ରୋତାମାନଙ୍କ ମନକୁ ବେଶ୍ ଦୋହଲାଇ ଦିଏ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏହି ଦୁଇ ଜଣଙ୍କ ଅବଦାନ ଉଲ୍ଲେଖନୀୟ । ଏ ତ ଗଲା ବୃଦ୍ଧ ଓ ତରୁଣଙ୍କ ମଧ୍ୟରେ ଧସ୍ତାଧସ୍ତି । ଏବେ ବୃଦ୍ଧ ଓ ବୃଦ୍ଧମାନଙ୍କ ମଧ୍ୟରେ ଧସ୍ତାଧସ୍ତି ବିଷୟରେ କିଛି କହୁଛି । ଏସବୁ ଧସ୍ତାଧସ୍ତିର କେନ୍ଦ୍ରବିନ୍ଦୁ ଥାଏ କେନ୍ଦ୍ର ସାହିତ୍ୟ ଏକାଡେମୀ, ରାଜ୍ୟ ସାହିତ୍ୟ ଏକାଡେମୀ ଏବଂ ଶାରଳା ଆଓ୍ବାର୍ଡ ସର୍ବୋପରି ଜ୍ଞାନପୀଠ ଆଓ୍ବାର୍ଡ । ଦିନେ ଦିଲ୍ଲୀରେ ଏନ୍.ସି.ଆଇ.ଆର.ଟିର ପ୍ରଫେସର ଶ୍ରୀଯୁକ୍ତ ହେମକାନ୍ତ ମିଶ୍ର କେନ୍ଦ୍ର ଏକାଡେମୀର କାର୍ଯ୍ୟାଳୟକୁ ଯାଇଥିଲେ । ସେଠି ଏକାଡେମୀର ସେକ୍ରେଟାରୀ ତାଙ୍କୁ ଡାକି ଏକାଡେମୀ ପୁରସ୍କାର ବିଷୟରେ ରାଜ୍ୟମାନଙ୍କରୁ ଆସିଥିବା ଚିଠିମାନଙ୍କର ଫାଇଲ୍ ଆଡ଼େ ଚାହିଁବାକୁ ଅନୁରୋଧ କଲେ । ହେମକାନ୍ତ ବାବୁ ଦେଖିଲେ ଅନ୍ୟାନ୍ୟ ରାଜ୍ୟ ଫାଇଲ୍‌ଗୁଡ଼ିକ ୩ ଇଞ୍ଚ ବା ୪ ଇଞ୍ଚ ସ୍ଥୂଳତା ଭିତରେ ସୀମାବଦ୍ଧ ଥାଏ । କିନ୍ତୁ ଓଡ଼ିଶା ରାଜ୍ୟରୁ ଯାଇଥିବା ଚିଠିଗୁଡ଼ିକର ଫାଇଲ୍ ପ୍ରାୟ ଦେଢ଼ଫୁଟ୍ ମୋଟା । ହେମକାନ୍ତ ବାବୁ କହିଲେ—ଆମ ରାଜ୍ୟର ଲେଖକମାନେ ଖୁବ୍ ସଚେତନ ଭଳି ଜଣାଯାଉଛି । ବହୁ ଲେଖକଙ୍କ ପାଇଁ ସୁପାରିଶ ପତ୍ର ବୋଧେ ପଠେଇ ଅଛନ୍ତି । ସେକ୍ରେଟାରୀ ହସି ହସି କହିଲେ—"ନା, ନା, ଅଧିକାଂଶ ଚିଠିର ମର୍ମ ହେଲା, ଅମୁକ ଲେଖକଙ୍କୁ ପୁରସ୍କାର ଦିଆ ନଯାଉ । ତାଙ୍କର ଚରିତ୍ର ସଂହାର କରି ବହୁଳଭାବରେ ଲେଖାଯାଇଛି । କୌଣସି ଲେଖକଙ୍କୁ ସେମାନଙ୍କଠାରୁ ସୁପାରିଶ୍ ପତ୍ର ମିଳି ନାହିଁ ।

Digitized by srujanika@gmail.com

ବରଂ ଜଣେ ଲେଖକ ଆତ୍ମପକ୍ଷ ସମର୍ଥନ କରି ନିଜେ ପୁରସ୍କାର ପାଇବାକୁ ହକ୍‌ଦାର ବୋଲି ଲେଖିଅଛନ୍ତି ଏବଂ କହିଛନ୍ତି ଯେ ବଛାଳିମାନେ ନାନା ଚକ୍ରାନ୍ତ କରି ସେଥିରୁ ତାଙ୍କୁ ବଞ୍ଚିତ କରିବା ଲାଗି ପ୍ରୟାସ କରିଅଛନ୍ତି । ହେମକାନ୍ତ ବାବୁ ଲଜ୍ଜାରେ ସେଠାରୁ ପଳାଇ ଆସିଲେ ।

ଓଡ଼ିଶାରେ ଦିଆଯାଉଥିବା ସର୍ବଶ୍ରେଷ୍ଠ ପୁରସ୍କାର ବିଷୟରେ ଘଟି ଯାଇଥିବା ଗୋଟିଏ ଧସ୍ତାଧସ୍ତି ବିଷୟରେ ଦି' ପଦ ଏବେ କହୁଛି । ସେହି ବର୍ଷ ଶିକ୍ଷା ବିଭାଗରେ ଥିବା ଜଣେ ଉଚ୍ଚ କର୍ମଚାରୀ ସେ ବର୍ଷ ଶାରଳା ଆୱାର୍ଡ଼ ପାଇବାରେ ବଡ଼ ଆଶାୟୀ ଥିଲେ । ଦିନେ ଶାରଳା ଆୱାର୍ଡର ଜଣେ ଉଚ୍ଚ କର୍ମକର୍ତ୍ତାଙ୍କ ପାଖକୁ ଫୋନ୍ ଆସିଲା– "ଆଜ୍ଞା, ଆପଣଙ୍କୁ ଆମେ ସଂସ୍କୃତ ବିଶ୍ୱବିଦ୍ୟାଳୟର ଉଚ୍ଚତମ କର୍ମକର୍ତ୍ତା କରିଦେବା ଲାଗି ସ୍ଥିରକରି ଦେଇଛୁ ।" ଫୋନ୍‌ରେ ଉତ୍ତର ଗଲା–"ଆଜ୍ଞା, ମୁଁ ସେଥିପାଇଁ ଆଗ୍ରହୀ ନୁହେଁ । ମୋର ଏ ପରିଣତ ବୟସରେ କୌଣସି ଉଚ୍ଚ ପଦରେ ରହିବାକୁ ଇଚ୍ଛା କରୁ ନାହିଁ । ମୋର ଶେଷ ସମୟତକ ସାହିତ୍ୟ ସେବାରେ ଲଗାଇବି ବୋଲି ସ୍ଥିର କରିଅଛି ।" ତାପରେ ଫୋନ୍ ଆସିଲା–ଆଚ୍ଛା, ଆପଣଙ୍କର ପୁଅ ଜଣେ ଇଂରେଜୀ ଅଧ୍ୟାପକ ନା' କଣ ? ଆଉ ସେ ବାହାରେ କୌଣସି କଲେଜରେ ରହିଛନ୍ତି ? ଫୋନ୍ ଗଲା, "ଆଜ୍ଞା, ହଁ" । ପୁଣି ଫୋନ୍ ଆସିଲା–"ମୁଁ ନିକଟରେ ତାଙ୍କୁ ରେଭେନ୍‌ସାକୁ ନେଇ-ଆସିବି ।" ଫୋନ୍ ଗଲା–"ସେ ପିଲା କେଉଁଠି ଅଛି ଓ କେଉଁଠିକି ଯିବ, ସେ ବିଷୟରେ ମୁଁ ମୁଣ୍ଡ ଖେଳାଉ ନାହିଁ ।" ଆଉ ଦି'ଚାରିପଦ କଥା ପରେ ଫୋନ୍‌ର ଯିବା ଆସିବା ବନ୍ଦ ହୋଇଗଲା । ସେହିଥର ଜଣେ ପ୍ରଖ୍ୟାତ୍ ସାହିତ୍ୟିକଙ୍କୁ ବିଚାରକ ମଣ୍ଡଳୀଙ୍କ ସୁପାରିଶ-କ୍ରମେ ଆୱାର୍ଡ ଦିଆଗଲା ।

ଆୱାର୍ଡ଼ ପାଇବାକୁ ଆଶାୟୀଥିବା ପୂର୍ବୋକ୍ତ କର୍ମଚାରୀ ଜଣେ ଓଡ଼ିଆ ଅଧ୍ୟାପକଙ୍କ ଉପରେ ଚାପ ପକାଇ ଆୱାର୍ଡ ପାଇଥିବା ବ୍ୟକ୍ତିଙ୍କର ଚରିତ୍ରସଂହାର କରି ତାଙ୍କ ବହି ଏ ଆୱାର୍ଡ ପାଇବାକୁ ସଂପୂର୍ଣ୍ଣ ଅନୁପଯୁକ୍ତ ବୋଲି ଏକ ଲେଖା ଲେଖାଇ ଖବର କାଗଜରେ ଛପାଇ ଦେଲେ । ଏଥିରେ ବିଚଳିତ ହୋଇ ଆୱାର୍ଡର ବିଚାରକ-ମଣ୍ଡଳୀ ଏ ଲେଖାର ଲେଖକଙ୍କୁ ପୁରସ୍କାର ପ୍ରାପ୍ତ ବହିରେ କେଉଁଠାରେ କେଉଁ ସ୍ଥଳରେ ନିମ୍ନ ମାନର ଲେଖା ରହିଅଛି ତା ଦର୍ଶାଇ ଦେବାକୁ ବାଧ୍ୟ କଲେ । ଉକ୍ତ ଅଧ୍ୟାପକ ହଡ଼ବଡ଼େଇ ଯାଇ କହିଲେ–"କ୍ଷମା କରନ୍ତୁ । ମୁଁ ସେ ବହି ପଢି ନାହିଁ, ଉପର ଚାପାରେ ମୁଁ ବାଧ୍ୟ ହୋଇ ଏହା ଲେଖାଇ ଥିଲି ? ତା' ମଧ୍ୟ ଖବର କାଗଜରେ ପ୍ରକାଶ ପାଇଲା । ଏଥିରେ ସେହି ଶିକ୍ଷା ବିଭାଗର କର୍ମକର୍ତ୍ତା ପ୍ରଚଣ୍ଡ ରାଗିଯାଇ କହିଲେ–ତୁମେ ଏହି ଲେଖାକୁ ଖଣ୍ଡନ କରି ଶୀଘ୍ର ଆଉ ଏକ ଲେଖା ପ୍ରକାଶ କରଅ । ନଚେତ୍, ତୁମର ଅବସ୍ଥା ବଡ଼ ଖରାପ ହେବ । ଏଥିରେ ଅଧ୍ୟାପକ ପୁଣି ଡରିଯାଇ ସେହି ଖବର କାଗଜରେ ବାହାର କଲେଯେ, ଉପର ଚାପାରେ ପଡ଼ି ଯାହା ମୁଁ ଆଗରୁ ଲେଖିଥିଲି ତାହା କୌଣସି କର୍ମକର୍ତ୍ତାଙ୍କ ଚାପାରେ ନୁହେଁ, ମୁଁ ମୋର ବିବେକର ଚାପାରେ ପଡ଼ି ତାହା ଲେଖିଥିଲି । ସାହିତ୍ୟାନୁରାଗୀ ଲୋକମାନେ ଏହି ଲେଖା ପଢି ବେଶ୍ ଆମୋଦ

Digitized by srujanika@gmail.com

ଲଭ କଲେ । ଆଓ୍ୱାର୍ଡର କର୍ମକର୍ତ୍ତାମାନେ ଅଧ୍ୟାପକଙ୍କର ଏପରି ହଇପଟା ଦୌଡ଼ ଦେଖି ସେ ବିଷୟରେ ଆଉ ମୁଣ୍ଡ ଖେଳେଇଲେ ନାହିଁ ।

ସର୍ବଭାରତୀୟ ସ୍ତରର ଜ୍ଞାନପୀଠ ଆଓ୍ୱାର୍ଡ଼ ନିକଟରେ ଜଣେ ଓଡ଼ିଆଙ୍କୁ ମିଳିଲା । ଏହି ଆଓ୍ୱାର୍ଡଟି ଅତି ଗୌରବାବହ । ସେ ଏହି ଆଓ୍ୱାର୍ଡଟି ପାଇବା ସଙ୍ଗେ ସଙ୍ଗେ ଖବର କାଗଜରେ ଲେଖିଲେ ଯେ ଏହି ଆଓ୍ୱାର୍ଡ ତାଙ୍କୁ ବହୁ ଆଗରୁ ମିଳିବା ଉଚିତ ଥିଲା । ତାଙ୍କ ଆଗରୁ ଯେଉଁ ଓଡ଼ିଆ ଏହି ଆଓ୍ୱାର୍ଡ ପାଇଛନ୍ତି ସେ ଅନ୍ୟ ଜଣଙ୍କ ସାଙ୍ଗରେ ମିଶି ପାଇଛନ୍ତି । ଅର୍ଥାତ୍ ସେ ଅର୍ଦ୍ଧେକ ମାତ୍ର ପାଇଛନ୍ତି କିନ୍ତୁ ଯେ ନିଜେ ପୂର୍ଣ୍ଣ ଆଓ୍ୱାର୍ଡ ପାଇଛନ୍ତି । ଏପରି ଲେଖିବା ଦ୍ୱାରା ସେ ପୂର୍ବର ଆଓ୍ୱାର୍ଡ ବିଜେତାଙ୍କୁ ପ୍ରକାରାନ୍ତରେ ନ୍ୟୁନ ବୋଲି କହିଛନ୍ତି । କେବଳ ଏତିକି ନୁହେଁ ଅନ୍ୟାନ୍ୟ ତୁଙ୍ଗ ଲେଖକଙ୍କ ପ୍ରତି କିଛି କିଛି ତାଚ୍ଛଲ୍ୟର ଛିଟିକା ଫୋପାଡ଼ି ଥିଲେ । ଏଥିରେ କ୍ଷୁବ୍ଧହୋଇ ଜଣେ ତୁଙ୍ଗ ଲେଖକ ତାଙ୍କ ପ୍ରତି ତୀବ୍ର ଭର୍ତ୍ସନା ବାକ୍ୟ ପ୍ରୟୋଗ କଲେ । ତହୁଁ ଆଓ୍ୱାର୍ଡ ବିଜେତା ମଧ୍ୟ ତୀବ୍ରତର ଭର୍ତ୍ସନା ବାକ୍ୟରେ ପୂର୍ବୋକ୍ତ ସାହିତ୍ୟିକଙ୍କୁ ଉତ୍ତର ଦେଲେ । ସେତେବେଳେ ଖବର କାଗଜରେ ଏହି ବାଡ଼ିଆପିଟା ବିଜ୍ଞଜନମାନଙ୍କୁ କ୍ଷୁବ୍ଧ କରିଥିଲା । ଆଉ କେତୋଟି ପତ୍ରିକା ମଧ୍ୟ ଏହି 'ତୁଙ୍ଗ'ମାନଙ୍କର ଉକ୍ତିକୁ ନାପସନ୍ଦ କରିଥିଲେ ।

ଯେଉଁଠି ବୃଦ୍ଧମାନଙ୍କର ଏପରି ଦଶା ସେଠାରେ ସେଠି ତରୁଣମାନଙ୍କୁ କ'ଣ କୁହାଯାଇ ପାରେ ?

—୦—

Digitized by srujanika@gmail.com

ମୋର ପରମ ମିତ୍ର ମହାବ୍ୟାଧି

ବ୍ରିଟେନ୍ ଯେପରି କାହିଁ କେତେ ଦୂରରୁ ଆସି ବଙ୍ଗଳାର ସୂତାନଟୀଠାରେ ଗୋଟିଏ ଟିକି ବାଣିଜ୍ୟ କୋଠି ସ୍ଥାପନ କଲା, ମୋର ମହାବ୍ୟାଧି ଠିକ୍ ସେହିପରି ବାହାରୁ ଆସି ମୋ ଡାହାଣ କହୁଣିର ଅଗରେ ଗୋଟିଏ ଆଶ୍ରୟସ୍ଥଳୀ ତିଆରି କଲା । ଏହି ପ୍ରଥମ ବସତି ବେଳେ ଯେପରି କେହି ଭାବି ନଥିଲେ ଯେ ସୂତାନଟୀରେ ଥିବା ଏହି ଟିକି ଜୀବଟି ସାରା ଭାରତବର୍ଷକୁ ଅକ୍ତିଆର କରି ପକାଇବ ଠିକ୍ ସେହିପରି ମୁଁ ଟିକେ-ହେଲେ ଭାବିପାରି ନଥିଲି ଯେ ମୋ କହୁଣିରେ ଥିବା ଏହି ଅତି ସାମାନ୍ୟ ଜୀବଟି ଦିନେ ମୋର ସମସ୍ତ ଶରୀରକୁ ଅଧିକାର କରିନେବ । ଭାରତୀୟମାନେ ସେତେବେଳେ କଳ୍ପନା କରି ପାରି ନଥିଲେ ଯେ ଏହି ସାମାନ୍ୟ କେତୋଟି ଜୀବ ଏଡ଼େ ଭୟଙ୍କର ଓ ଶକ୍ତିମାନ୍ ହୋଇ ସମସ୍ତ ଭାରତବର୍ଷକୁ କାବୁ କରି ପକାଇବେ, ମୁଁ ମଧ୍ୟ ତିଳେହେଲେ ସେତେବେଳେ ସନ୍ଦେହ କରି ପାରି ନଥିଲି ଯେ ଦିନେ ଏହି ନଗଣ୍ୟ କୀଟାଣୁ ମୋ କହୁଣିରୁ ଘରିଆଡ଼େ ବ୍ୟାପିଯାଇ ଏତେ ଭୟଙ୍କର ହୋଇ ଉଠିବ । ଭାରତୀୟମାନଙ୍କର ଅଜ୍ଞତା ଓ ଦୁର୍ବଳତାର ସୁଯୋଗ ନେଇ ବ୍ରିଟିଶ୍ ଲୋକେ ଧୀରେ ଧୀରେ ଅଜଗର ଗିଳିଲା ପରି ଭାରତକୁ ଗିଳି ସମ୍ପୂର୍ଣ୍ଣ ଗର୍ଭସାତ୍ କରିଦେଲେ । ମୋହର ମହାବ୍ୟାଧି ବହୁ ବର୍ଷଯାଏ ସେହି କହୁଣିରେ ଚୁପ୍‌ଚାପ୍ ହୋଇ ରହିଗଲା ।

ହାଇସ୍କୁଲ ଜୀବନରେ ମୁଁ ତା'ର କିଛି ମାତ୍ର ସନ୍ଧାନ ପାଇ ନଥିଲି । ମୋ ପକ୍ଷରେ ତାହା ଜାଣିବା ମଧ୍ୟ ଅସମ୍ଭବ ଥିଲା । ସ୍କୁଲ ମେଡ଼ିକାଲ୍ ଅଫିସର୍‌ମାନେ ମଧ୍ୟ ତାର ଅସ୍ତିତ୍ୱକୁ ଜାଣିପାରି ନଥିଲେ । ହାଇସ୍କୁଲ ଜୀବନର ଶେଷ ଆଡ଼କୁ ମୋର ବୁଢ଼ାବାପା ଏହାକୁ ଠାବକରି ଚିକିତ୍ସାର ବନ୍ଦୋବସ୍ତ କରିଥିଲେ । କୁଷ୍ଠାଶ୍ରମର ଜଣେ ଡାକ୍ତର ମୋତେ ପରୀକ୍ଷା କରିଥିଲେ ଏବଂ ସେଠାକାର ଜଣେ କମ୍ପାଉଣ୍ଡର୍‌ଙ୍କ ଜରୀଆରେ ମୋର ଚିକିତ୍ସା କରାଇ ଥିଲେ । ସେତେବେଳେ ଅବଶ୍ୟ କୁଷ୍ଠ ରୋଗର ଆଜି-କାଲି ପରି ଚିକିତ୍ସା ନଥିଲା । ସେ ଯାହାହେଉ କମ୍ପାଉଣ୍ଡର୍ ମୋତେ ବହୁତଗୁଡ଼ିଏ ଇଞ୍ଜେକ୍‌ସନ୍ ଦେଇଥିଲେ । ରୋଗର ବାହ୍ୟ ଉପସର୍ଗ କିଛିହେଲେ ମୋ ଦେହରେ ପ୍ରକାଶ ପାଇ ନଥିଲା । ମେଡ଼ିକାଲ୍ ସ୍କୁଲ୍‌ର ହଷ୍ଟେଲ୍‌ରେ ରହିଥିଲେ ସୁଦ୍ଧା କେହି ଏହାକୁ ସନ୍ଦେହ କରିପାରି ନଥିଲେ । ହଷ୍ଟେଲ୍‌ରେ ମୋ ସୁଖର ଦିନଗୁଡ଼ିକ ପାର୍ବତ୍ୟ ନଈର ସ୍ରୋତପରି ପ୍ରଚଣ୍ଡ ବେଗରେ ପ୍ରବାହିତ ହୋଇ ଚାଲିଗଲା ।

ଚତୁର୍ଥବାର୍ଷିକ ଶ୍ରେଣୀରେ ପଢ଼ିବାବେଳେ ମୋତେ ଭୀଷଣଭାବରେ ଟାଇ-ଫଏଡ଼୍ ଆକ୍ରମଣ କଲା । ମୁଁ ସେତେବେଳେ ଛୁଟିଥିବାରୁ ଘରେ ଆସି ରହିଥିଲି । ମୁଁ

Digitized by srujanika@gmail.com

ଏକାବେଳକେ ଶଯ୍ୟାଶାୟୀ ହୋଇ ପଡିଲି । ମୋ ଶରୀରର ପ୍ରତିରୋଧ ଶକ୍ତି ଏକାବେଳକେ ଭୁଷୁଡ଼ି ପଡ଼ିଲା ଏବଂ ବ୍ୟାଧି ଦେହରେ ବିଭିନ୍ନ ସ୍ଥାନରେ ନାଲି ନାଲି ଛଉ ଭାବେ ଆତ୍ମ ପ୍ରକାଶ କଲା । ଭାରତବର୍ଷର ମାନଚିତ୍ର ଯେପରି ନାଲି ରଙ୍ଗରେ କ୍ରମେ ବେଶି ବେଶି ରଞ୍ଜିତ ହେଇ ଯାଉଥିଲା ମୋ ଦେହ ସେହିପରି ବେଶି ବେଶି ଲାଲ୍ ରଙ୍ଗରେ ରଞ୍ଜିତ ହେବାକୁ ଲାଗିଲା । ସେତେବେଳେ ଜଣେ ଭାରତୀୟ ଶାସକ ବିବ୍ରତ ହୋଇ କହି ପକାଇଥିଲା–"ସବ୍ କୋଇ ଲାଲ୍ ହୋଇଯାଏଗା" । ଅନେକ ସେତେବେଳେ ତାହାହିଁ ମୋ ଶରୀରରେ ହୋଇଯିବ ବୋଲି ଆଶଙ୍କା କଲେ । ମୋର ଜଣେ ସାଙ୍ଗ ଆମ ଘରକୁ ଆସି ମୋର ଏ ଦୂରବସ୍ଥା ଦେଖିଲା ଏବଂ ମୋତେ ଆଉ ନ ପଢିବାକୁ ପରାମର୍ଶ ଦେଲା । ମୁଁ ଏଥିରେ ଦବିଗଲି ନାହିଁ । ମୁଁ ମନେ ମନେ ସ୍ଥିର କଲି ଏଇ ଶେଷ ବର୍ଷରେ ମୁଁ ପ୍ରାଣପଣେ ପଢି କୌଣସିମତେ ପାଶ୍ କରି ଯିବି । ତାପରେ ଛାଏଁ ଛାଏଁ ସ୍କୁଲରୁ ଚାଲି ଆସିବି । ଘରେ ମୋ ଅବସ୍ଥା ଦେଖି ସମସ୍ତେ ଭାଙ୍ଗି ପଡ଼ିଲେ । ମୋର ମନୋବଳ କିନ୍ତୁ ଅତୁଟ ରହିଥିଲା । ମୁଁ ତ ସମଗ୍ର ଡାକ୍ତରୀ ସ୍କୁଲ ଜୀବନରେ ପଢିବାରେ ମନ ନିବେଶ କରୁ ନଥିଲି ଓ ବାରମ୍ବାର ଫେଲ୍ ହେଉଥିଲି । ମୋର ଡାକ୍ତର ହେବାର ଆଶା ଘରେ ସମସ୍ତେ ଛାଡ଼ି ଦେଇଥିଲେ । ମୋର ଜିଗର କିନ୍ତୁ ବଢିଯାଇ ଥିଲା । ଶେଷବର୍ଷଟି ମୁଁ ଖୁବ୍ ମନଯୋଗ ଦେଇ ପଢିଲି ଏବଂ କୃତିତ୍ୱର ସହ ପାଶ୍‌କରି ଘରକୁ ଚାଲି ଆସିଲି । ସ୍କୁଲ୍‌ର ମୋର ପରମପୂଜ୍ୟ ଗୁରୁଦେବ ଶ୍ରୀଯୁକ୍ତ ବିଶ୍ୱନାଥ କର ମୋତେ ଖୁବ୍ ଭଲ ପାଉଥିଲେ । ମୁଁ ଘରକୁ ଆସିବା ପରେ ସେ ଆମ ଘରକୁ ଆସି ମୋର ସମସ୍ତ ଚିକିତ୍ସାର ବନ୍ଦୋବସ୍ତ କରି ଦେଇଥିଲେ । ତାଙ୍କରି ଚିକିତ୍ସାରେ ମୋର ରୋଗ ଶରୀରର ଆଉ ଅଧିକ ଅଂଶ ଗ୍ରାସ କରିପାରି ନଥିଲା । ଡାକ୍ତର ବିଶ୍ୱନାଥ କରଙ୍କର ନିର୍ଦ୍ଦେଶିତ ଔଷଧ ଓ ପନ୍ଥାରେ ମୁଁ ନିଜେ ନିଜକୁ ଚିକିତ୍ସା କଲି । ଏ ଚିକିତ୍ସା ବର୍ଷ ବର୍ଷ ଧରି ଚାଲିଲା । ଏତେବେଳେ ଯାଇ ବୁଝି ପାରିଲି ଭଗବାନ୍ ମୋତେ କାହିଁକି ମେଡ଼ିକାଲ୍ ସ୍କୁଲରେ ପଢ଼ାଇବାର ଯୋଜନା କରିଥିଲେ ।

ଭାରତରେ ବିଦେଶୀ ଶାସନ ବିରୁଦ୍ଧରେ ଯେପରି ତୀବ୍ର ମହାତ୍ମାଗାନ୍ଧୀଙ୍କ ଅହିଂସା ଯୁଦ୍ଧ ଲାଗି ରହିଥିଲା, ରୋଗ ବିରୁଦ୍ଧରେ ମୋର ସେହିପରି ତୀବ୍ର ଯୁଦ୍ଧ ଜାରି ରହିଲା । ମୋ ନିଜ ହାତରେ ମୁଁ ସର୍ବାଙ୍ଗ ଶରୀରରେ ଇଞ୍ଜେକ୍‌ସନ୍ ନେଉଥିଲି । ଇଞ୍ଜେକ୍‌ସନ୍ ଛୁଞ୍ଚି ମୂନରେ ଚମତଳେ ଟୋପାଏ ପଶିବାମାତ୍ରେ ମୋତେ ଲାଗୁଥିଲା ଯେପରିକି ଟକମକ ହୋଇ ଫୁଟୁଥିବା ତେଲ ମୋ ଚମ ତଳେ ସଞ୍ଚରି ଯାଉଛି । ଦେହ ସେତେବେଳେ ବେଦନାରେ ଛଟଛଟ ହୋଇ ଯାଉଥାଏ । ମୋ ମନୋବଳ ଏଥିରେ ଦବି ନଯାଇ ଆସ୍ତେ ଆସ୍ତେ ବରଂ ବଢୁଥାଏ । ଦେହରୁ ରୋଗର ମୂଳୋତ୍ପାଟନ ପାଇଁ ମୁଁ ବଦ୍ଧପରିକର ହୋଇ ଯାଇଥାଏ । ଏହିପରି ରୋଗ ବିରୁଦ୍ଧରେ ମୋର ଭୀଷଣ ସଂଗ୍ରାମ କେତେ ବର୍ଷଯାଏ ଚାଲିବା ପରେ ହଠାତ୍ ମୋ ଆଶାର ଦିଗ୍‌ବଳୟରେ ସୂର୍ଯ୍ୟୋଦୟର ଅରୁଣିମା ଦେଖାଗଲା । ସେତେବେଳେ ଦିଲ୍ଲୀରୁ ପ୍ରକାଶ ପାଉଥିବା "ଲେପ୍ରୋସି-ଇନ୍ ଇଣ୍ଡିଆ" ଏବଂ ଲଣ୍ଡନରୁ ବାହାରୁଥିବା "ଲେପ୍ରୋସି ରିଭ୍ୟୁ" ଇଂରାଜୀ ପତ୍ରିକା ଦୁଇଟିର ନିୟମିତ ଗ୍ରାହକ ହୋଇଥିଲି ଏବଂ ତାହା ଆମୂଳଚୂଳ ପାଠ କରୁଥିଲି । ଦିନେ

Digitized by srujanika@gmail.com

"ଲେପ୍ରୋସି ରିଭ୍ୟୁ"ରେ ପଢ଼ିଲି ଯେ ଆମେରିକାରେ ଗୋଟିଏ ନୂଆ ଔଷଧ ବାହାରିଛି । ତାହା ଲେପ୍ରୋସିରେ ଖୁବ୍ ଭଲ ଫଳ ଦେଖାଉଅଛି । କିନ୍ତୁ ଏହା ଅଧିକ ଗବେଷଣା-ସାପେକ୍ଷ ଥିଲା । ମୁଁ ତତ୍‌କ୍ଷଣାତ୍ "ବ୍ରିଟିଶ୍ ଏମ୍ପାୟାର୍ ଲେପ୍ରୋସି ରିଲିଫ୍ ଆସୋସିଏସନ୍"ର ସାଧାରଣ ସମ୍ପାଦକ ଓ ବିଶ୍ୱବିଖ୍ୟାତ ଲେପ୍ରୋସି ବୈଜ୍ଞାନିକ ଆର୍‌ନେଷ୍ଟ୍ ମ୍ୟୁର୍‌ଙ୍କ ପାଖକୁ ଏହି ବିଷୟରେ ସବୁ ତଥ୍ୟ ଦେବାଲାଗି ଏକ ଅନୁରୋଧ ପତ୍ର ଲେଖି ପଠାଇଲି । ସେ ସଙ୍ଗେ ସଙ୍ଗେ ମୋ ପାଖକୁ ଲେଖି ପଠାଇଲେ ଯେ ଆମେରିକାର "ଆବଟ୍ ରିସର୍ଚ୍ଚ ଲାବରେଟରିଜ୍"ଙ୍କ ପାଖକୁ ଲେଖି ତାହା ବିଷୟରେ ସମସ୍ତ ତଥ୍ୟ ମୁଁ ଜାଣି ପାରିବି । ମୁଁ ସଙ୍ଗେ ସଙ୍ଗେ ସେହି ଠିକଣାରେ ପତ୍ରାଳାପ କଲି । ସେଠାରୁ ଉତ୍ତର ଆସିଲା ଯେ ଏ ଔଷଧ ବର୍ତ୍ତମାନ ସର୍ବସାଧାରଣଙ୍କ ପାଖକୁ ଛଡ଼ାଯାଇ ନାହିଁ । କାରଣ ଏଥିରେ ଗବେଷଣା ଚାଲୁ ରହିଛି । ଦକ୍ଷିଣ ଆଫ୍ରିକାକୁ ଏହି ଔଷଧ ପରୀକ୍ଷା-ସୂତ୍ରରେ ଯୋଗାଇ ଦିଆଯାଇ ଅଛି । ସେଠାରୁ ଫଳାଫଳର ରିପୋର୍ଟ ପାଇବା ପରେ ଆମେ ଭାରତବର୍ଷକୁ ତାହା ପଠାଇବୁ । ଭାରତକୁ ପଠାଇବା ବେଳେ ବମ୍ବେସ୍ଥିତ ଆମର ଏଜେଣ୍ଟ୍‌କୁ ଆପଣଙ୍କ ସହ ସଂଯୋଗ ସ୍ଥାପନ କରିବାଲାଗି ନିର୍ଦ୍ଦେଶ ଦେବୁ । ଆପଣଙ୍କୁ ହଜାରେ ବଟିକା ଦେବାଲାଗି ତାଙ୍କୁ ମଧ୍ୟ ନିର୍ଦ୍ଦେଶ ଦେବୁ । ମୁଁ ଚୁପ୍‌ଚାପ୍ ରହିଲି । ପ୍ରାୟ ୬ ମାସ ପରେ ବମ୍ବେସ୍ଥିତ "ଆବଟ୍ ରିସର୍ଚ୍ଚ ଲାବରେଟରୀ"ଠାରୁ ମୁଁ ଏକ ପତ୍ର ପାଇଲି ଯେ ତାଙ୍କର ପ୍ରିନ୍‌ସିପାଲ୍ ତାଙ୍କୁ ଔଷଧ ଯୋଗାଇ ଦେଇଅଛନ୍ତି ଏବଂ ଆପଣଙ୍କୁ ତହିଁରୁ ହଜାରେ ଟାବ୍‌ଲେଟ୍ ଦେବାଲାଗି କହି ଅଛନ୍ତି । ତାହାର ଦାମ୍ ତିନିଶହ ଟଙ୍କା ଏବଂ ଡାକଖର୍ଚ୍ଚ ସ୍ୱତନ୍ତ୍ର । ଆପଣଙ୍କଠାରୁ ସ୍ୱୀକୃତି ପାଇଲେ ଆମେ ଭି. ପି.ପି.ରେ ପଠାଇ ଦେବୁ । ମୁଁ ତାଙ୍କୁ ତୁରନ୍ତ ତାହା ପଠାଇବାକୁ ଲେଖି ଧନ ଯୋଗାଡ଼ରେ ଲାଗି ପଡ଼ିଲି । ସେତେବେଳକୁ ମୋର ବୁଢ଼ାବାପା ଓ ବାପାଙ୍କର କାଳ ହୋଇଯାଇ ଥାଏ । ମୋ ବୋଉକୁ ମୁଁ ଏ ଔଷଧ ବିଷୟରେ କହିଲି । ସେ ସଙ୍ଗେ ସଙ୍ଗେ ତା'ର ସାଇତା ଅଳଙ୍କାରମାନଙ୍କ ଭିତରୁ ଗୋଟିଏ ସୁନାହାର ମୋତେ ଦେଇ କହିଲା—ନେ ଯାକୁ ନରହରିକୁ ଦେବୁ । ସେ ତାକୁ ବଜାରରେ ବିକି ତତେ ଟଙ୍କା ଆଣି ଦେବ । ନରହରି ଆମ ଘରର ଅତି ବିଶ୍ୱସ୍ତ କମ୍ପାଉଣ୍ଡର୍ ଥିଲା । ସେ ସଙ୍ଗେ ସଙ୍ଗେ ତାକୁ ବିକି ବୋଉ ହାତରେ ଟଙ୍କା ତକ ଦେଇ ଦେଲା । ପରେ ପରେ ଔଷଧ ମଧ୍ୟ ଭି. ପି. ପି.ରେ ଆସି ପହଞ୍ଚିଗଲା । ମୁଁ ତାକୁ ଛଡ଼ାଇ ଆଣିଲି । ଶୁଭ ଦିନଟିଏ ଦେଖି ଘର ପାଖରେ ଥିବା ମହାଦେବ ମନ୍ଦିରକୁ ଗଲି । ସେଠି ମୁଣ୍ଡିଆ ମାରିଲି ଏବଂ ବେଲପତ୍ର ଆଣି ଖାଇଲି, ପାଦୁକଟିକେ ଦେହରେ ଛିଞ୍ଚି ହୋଇ ପଡ଼ିଲି । ଘରେ ଯାଇ ଔଷଧଟିକୁ ଆରମ୍ଭ କଲି । ସେ ଔଷଧଟିର ନାମଥିଲା "ଡାୟାସୋନ୍ ।" ତାର ସେବନ ବିଧି ଓ ମାତ୍ରା ସବୁ କିଛି ଔଷଧ ସଙ୍ଗେ ଆସିଥିବା ସେବନ ବିଧି ପତ୍ରରୁ ଜାଣି ପାରିଲି । ଔଷଧ ଆରମ୍ଭ କଲାବେଳେ ମୋ ଦେହରେ ଅନେକ ଗୁଡ଼ିଏ ନାଲିଆ ଛଉ ଥିଲା । ଯିଏ ମୋତେ ଦେଖୁଥିଲା ସେ ଦୁଃଖରେ ଭାଙ୍ଗି ପଡୁଥିଲା ଏବଂ ଶେଷରେ ଏହି ବ୍ୟାଧିଯୋଗୁ ମୋର ଯେ ମୃତ୍ୟୁ ନିଶ୍ଚିତ ସେ ବିଷୟରେ ସେମାନେ ନିଃସନ୍ଦେହ ଥିଲେ । ଅସହଯୋଗ ଆନ୍ଦୋଳନରେ ବ୍ରିଟିଶ୍ ଶାସକ କେବେହେଲେ ଭାରତକୁ ଛାଡ଼ିଯିବେ ନାହିଁ ବୋଲି ଯେପରି ଭାରତର

Digitized by srujanika@gmail.com

ଅଧିକାଂଶ ଲୋକେ ଦୃଢ଼ ନିଶ୍ଚିତ ଥିଲେ ସେହିପରି କୌଣସି ଔଷଧ ଦ୍ୱାରା ମୋର ରୋଗ ଯେ ମୋତେ ଛାଡ଼ିବ ନାହିଁ ସେ ବିଷୟରେ ପ୍ରାୟ ସମସ୍ତେ ସୁନିଶ୍ଚିତ ଥିଲେ । ସେ ଔଷଧକୁ ନିୟମିତରୂପେ ୬ ମାସ ସେବନ କରିବା ପରେ ମୋ ଦେହସ୍ଥ ଛଉଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଲୋପ ପାଇଗଲା । ସେ ଔଷଧ ମୁଁ ହିଁ ପ୍ରଥମେ ବ୍ୟବହାର କଲି । ସମସ୍ତେ ଏ ଫଳାଫଳରେ ସ୍ତମ୍ଭୀଭୂତ ହୋଇଯାଇ ଥିଲେ । କଟକର ବହୁଲୋକ ଆମ ଘରକୁ ତଥା ମୋତେ ଜାଣିଥିଲେ । ଏ ଖବରଟା ଗ୍ରରିଆଡ଼ଯାକ ରାଷ୍ଟ ହୋଇଗଲା । ବହୁଲୋକ ମୋ ପାଖକୁ ଆସିବାକୁ ଲାଗିଲେ । ସେତେବେଳକୁ ସେ ଔଷଧ କଟକର କୌଣସି ଡାକ୍ତରଙ୍କ ପାଖକୁ ମଧ୍ୟ ଆସି ନଥିଲା । ଏ ଖବରଟା ବହୁ ଡାକ୍ତରମାନଙ୍କ ପାଖରେ ଯାଇ ପହଞ୍ଚିଲା । ସେମାନେ ମଧ୍ୟ ଏ ଔଷଧ ବିଷୟରେ ଜାଣିବାଲାଗି ମୋ ପାଖକୁ ଆସିଲେ । ମୁଁ ସେ ସମୟରେ ପୁରୁଣା ଇଞ୍ଜେକ୍‌ସନ୍ ଦ୍ୱାରା ଜଣେ ପୁରୁଣା ବନ୍ଧୁଙ୍କର ଚିକିତ୍ସା କରୁଥିଲି । ତାହାପାଇଁ ମଧ୍ୟ ଏହି ଔଷଧ ମଗାଇ ତାକୁ ଚିକିତ୍ସା କଲି । ସେ ମଧ୍ୟ ଅନୁରୂପ ଫଳ ପାଇଲା । ସେ ଔଷଧର ଅତ୍ୟଧିକ ମୂଲ୍ୟ ହେତୁ ଏହାକୁ ବ୍ୟବହାର କରିବା କ୍ରମେ ଦୁରୂହ ହୋଇ ପଡ଼ିଲା ।

ଭଗବାନଙ୍କ କରୁଣାରୁ ବୈଜ୍ଞାନିକମାନେ ଆଉ ଗୋଟିଏ ଶସ୍ତା ଔଷଧ ବାହାର କଲେ । ଯେଉଁ ଔଷଧର ସଂଶ୍ଳେଷଣ ପ୍ରକ୍ରିୟାରେ "ଡାୟାସନ୍" ଔଷଧଟି ପ୍ରସ୍ତୁତ ହେଉଥିଲା ସେହି ମୂଳ ଔଷଧଟି ଠିକ୍ "ଡାୟାସନ" ପରି ଉପକାରୀ ବୋଲି ଜଣାପଡ଼ିଗଲା । ଏ ଔଷଧଟି ଡ଼ି. ଡ଼ି. ଏସ୍ ଓ ପରେ "ଡାପ୍‌ସୋନ୍" ନାମରେ ନାମିତ ହେଲା ଏବଂ ଖର୍ଚ୍ଚ ମଧ୍ୟ ବହୁ ପରିମାଣରେ କମିଗଲା । "ଡାୟାସୋନ୍" ହଜାର ତିନିଶହ ଟଙ୍କା ଥିବାସ୍ଥଳେ "ଡାପ୍‌ସୋନ୍" ହଜାର ମାତ୍ର ଦଶ ଟଙ୍କାରେ ମିଳୁଥିଲା । ଫଳରେ କୁଷ୍ଠ ଚିକିତ୍ସା ଅତି ସହଜସାଧ୍ୟ ହୋଇପଡ଼ିଲା ।

ମୁଁ ସମ୍ପୂର୍ଣ୍ଣ ରୋଗ ମୁକ୍ତ ହେଲି । ବାଘ ସାଙ୍ଗରେ ଲଢି ବିଜୟୀ ହୋଇ ଫେରିଥିବା ଲୋକ ଦେହରେ ଯେପରି ବାଘ କାମୁଡ଼ାର ଚିହ୍ନ ସବୁ ରହିଯାଏ ସେହିପରି କେତେକ ଚିହ୍ନ ସବୁଦିନ ପାଇଁ ରହିଗଲା । ମୋର ଦୃଷ୍ଟିଶକ୍ତି କ୍ଷୀଣ ହୋଇ ଯାଇଥିଲା । ତାର ଚିକିତ୍ସା ପାଇଁ ଚେଷ୍ଟା କଲି । ମୋ ଦୁଇ ଆଖିରେ ମୋତିଆବିନ୍ଦୁ ହୋଇ ଯାଇଥିଲା । ମୋର ଜଣେ ବନ୍ଧୁ ଡାକ୍ତର ଜ୍ଞାନ ଦାସ ଭିଏନାରେ ଚକ୍ଷୁ ରୋଗ ଚିକିତ୍ସାର ଟ୍ରେନିଂ ପାଇ କଟକରେ ଚିକିତ୍ସା କରୁଥିଲେ । ମୁଁ ପ୍ରତିଦିନ ତାଙ୍କ ପାଖକୁ ଯାଉଥିଲି । ସେ ମଧ୍ୟ ସେତେବେଳେ ନେତାଜୀ ସେବାସଦନ ଚକ୍ଷୁ ରୋଗ ବିଭାଗର ଅବୈତନିକ ଡାକ୍ତର ରୂପେ ଚିକିତ୍ସା କରୁଥିଲେ । ସେ ଦିନେ ମୋତେ କହିଲେ ତୁମେ ନେତାଜୀ ସେବାସଦନକୁ ଗ୍ଲଲ । ସେହିଠାରେ ମୁଁ ତୁମର ଗୋଟିଏ ଆଖିରେ ଅସ୍ତ୍ରୋପଗ୍ଲର କରିଦେବି । ମୁଁ ତାଙ୍କ ପ୍ରସ୍ତାବରେ ରାଜିହୋଇ ଗଲି । ଦିନେ ସେହିଠାରେ ମୋର ଆଖିରେ ଅସ୍ତ୍ରୋପଗ୍ଲର କରାଗଲା । ସେଠାରେ ଥିବା ମୁଖ୍ୟ ଡାକ୍ତର ରାଜକିଶୋର ନନ୍ଦଙ୍କ ସଙ୍ଗେ ଜ୍ଞାନବାବୁଙ୍କର ମୋଟେ ପଡୁ ନଥିଲା । ତାଙ୍କୁ କିଛି ନ ପଗ୍ଲରି ଜ୍ଞାନବାବୁ ମୋର ଅସ୍ତ୍ରୋପଗ୍ଲର କରିଦେଲେ । ଏହାହିଁ ତାଙ୍କୁ କ୍ରୋଧାନ୍ୱିତ କରି ପକାଇଲା । ସିଏତ ଜାଣନ୍ତି ମୁଁ ଜଣେ ବ୍ୟାଧିଗ୍ରସ୍ତ ବ୍ୟକ୍ତି । ମୋର ରୋଗମୁକ୍ତ ହେବାକଥା ସେ ଜାଣି

Digitized by srujanika@gmail.com

ନଥିଲେ । ତେଣୁ ସେ ଜ୍ଞାନ ଦାସଙ୍କ ବିରୁଦ୍ଧରେ ସେବାସଦନ ପ୍ରାଙ୍ଗଣରେ ଗୋଟିଏ ପ୍ରେସ୍ କନ୍‌ଫରେନ୍‌ସ୍ କରି ଅଭିଯୋଗ ବାଢ଼ିଲେ ଯେ ଜ୍ଞାନ ଦାସ ଗୋଟିଏ କୁଷ୍ଠ ରୋଗୀକୁ ଆଣି ଏଠାରେ ଅସ୍ତ୍ରୋପଚାର କରାଇ ଏ ଡାକ୍ତରଖାନାଟିକୁ ଦୂଷିତ କରି ଦେଇଛନ୍ତି । ମୁଁ ଗୋଟିଏ କୋଠରୀ ଭିତରେ ଶୋଇଥାଏ । ବାହାରେ କନ୍‌ଫରେନ୍‌ସର ସବୁ ଆଲୋଚନା ଚୁପ୍‌ଚାପ୍ ଶୁଣୁଥାଏ । ଡାକ୍ତର ଜ୍ଞାନ ଦାସଙ୍କ ଯୋଗୁ ସମସ୍ତ ହସ୍‌ପିଟାଲ୍ ନଷ୍ଟ ହୋଇଗଲା ବୋଲି ପ୍ରେସ୍ କନ୍‌ଫରେନ୍‌ସରେ ଜଣାଇ ସେ ମୋର ବେଡ୍‌ହେଡ୍ ଟିକେଟ୍‌ଗୁଡ଼ିକ କାଢ଼ି ନେଇଗଲେ । ସେଠାର ଆଲୋଚନାଗୁଡ଼ିକ ମୋତେ ପ୍ରାଣାନ୍ତକ କଷ୍ଟ ଦେଉଥିଲା । ମୁଁ ବାଧ୍ୟ ହୋଇ ଜ୍ଞାନ ଦାସଙ୍କ ପରାମର୍ଶକ୍ରମେ ସେଠାରୁ ତା ପରଦିନ ସକାଳେ ଚାଲି ଆସିଲି ଏବଂ ଜ୍ଞାନ ଦାସଙ୍କ ଦ୍ୱାରା ଘରେ ଚିକିତ୍ସିତ ହେଲି । ଖବର କାଗଜରେ ସେଗୁଡ଼ିକ ପ୍ରଚାରିତ ହୋଇଯାଇ ଥିଲା । ଯେତିକି ବେଳେ ଆଖିକୁ କୌଣସିପ୍ରକାର ହଲ୍‌ଚଲ୍ ନକରି ସମ୍ପୂର୍ଣ୍ଣ ବିଶ୍ରାମ ଦେବା ଦରକାର ପଡୁଥିଲା ସେତିକିବେଳେ ମୁଖ୍ୟ ଡାକ୍ତରଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ମୁଁ ଘରକୁ ରିକ୍‌ସାରେ ଫେରିଲି । ଫଳରେ ଚିକିତ୍ସାରେ ଖରାପ ରହିଲା । ଅସ୍ତ୍ରୋପଚାରର ଉପଶମ ହେବା ପରେ ମୁଁ ଓ ଜ୍ଞାନବାବୁ ଓଡ଼ିଶା ସରକାରଙ୍କର ଲେପ୍ରୋସି ଅଫିସର୍ ଶ୍ରୀଯୁକ୍ତ ଖୁସୋଙ୍କ ପାଖକୁ ଗଲୁ । ସେ ସବୁ ଶୁଣି ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଉଠିଲେ ଏବଂ କହିଲେ—ଶୀଘ୍ର ଏକ ଫୌଜଦାରୀ ମକଦ୍ଦମା କର ମୁଁ ତହିଁରେ ସାକ୍ଷ୍ୟ ଦେବି । ସେ ଆଉମଧ୍ୟ କହିଲେ ଯେ ଭାରତ ସରକାର ତଥା ଓଡ଼ିଶା ସରକାର ଆଇନ୍ କରିଦେଇ ଅଛନ୍ତି ଯେ ଯେକୌଣସି କୁଷ୍ଠରୋଗୀ ଯେକୌଣସି ହସ୍‌ପିଟାଲ୍‌ରେ ଯେକୌଣସି ସାଧାରଣ ରୋଗୀଙ୍କ ପରି ଖଟିଆରେ ରହି ଚିକିତ୍ସିତ ହୋଇ ପାରିବେ । ସେ ଡାକ୍ତରଙ୍କୁ ତାହା ମାଲୁମ୍ ନାହିଁ ବୋଧହୁଏ । ସେହି ସମୟରେ ଓଡ଼ିଶାର ସବୁ ଜିଲ୍ଲାର ଲେପ୍ରୋସି ଡାକ୍ତରମାନେ ଅଧିକା ଟ୍ରେନିଂ ପାଇବା ଲାଗି କଟକ କୁଷ୍ଠାଶ୍ରମକୁ ଆସିଥାନ୍ତି । ସେହିଠାରେ ସେ ମୋତେ ସମସ୍ତଙ୍କ ଗହଣରେ ପରୀକ୍ଷା କରି ମୋତେ ସମ୍ପୂର୍ଣ୍ଣ ରୋଗମୁକ୍ତ ବୋଲି ସାର୍ଟିଫିକେଟ୍ ଦେଲେ ଏବଂ ତୁରନ୍ତ କେସ୍ କରିବାଲାଗି ଉପଦେଶ ଦେଲେ । ସେଠାରେ ଉପସ୍ଥିତ ସମସ୍ତ ଡାକ୍ତର ତାଙ୍କ ସହ ଏକମତ ହୋଇଥିଲେ । କେସ୍ ହେଲା । ଏଥିମଧ୍ୟରେ ମୁଁ ଭାରତ ସରକାରଙ୍କର ଲେପ୍ରୋସି ଅଫିସ୍‌ର ତଥା ଟ୍ରପିକାଲ୍ ସ୍କୁଲ୍‌ର ଲେପ୍ରୋସି ଅଫିସର ଡଃ ଧର୍ମେନ୍ଦ୍ର ଏବଂ ଡକ୍ଟର ଆଇଜାକ୍ ସାନ୍ତରାଙ୍କ ଠାରୁ ମତାମତ ଆଣି କୋର୍ଟରେ ଦାଖଲ କରିଦେଲି । ଡାକ୍ତର ରାଜକିଶୋର ନନ୍ଦ ଯେତେବେଳେ ସେ ସବୁର ନକଲ ନେଇ ଅନ୍ୟସବୁ ବଡ଼ ବଡ଼ ଓକିଲଙ୍କୁ ଦେଖାଇଲେ ସମସ୍ତେ ତାଙ୍କୁ କହିଲେ ଯେ ଏଥିରୁ ସେ କେବେହେଲେ ନିସ୍ତାର ପାଇବେ ନାହିଁ । ସେ ପ୍ରଥମେ ଅନେକ ବନ୍ଧୁବାନ୍ଧବଙ୍କୁ ମୋ ପାଖକୁ ପଠାଇ ଥିଲେ । ସେଥିରେ କିଛି ଫଳ ନ ହେବାରୁ ସେ ଦିନେ ନିଜେ ଆସି ମୋ ପାଖରେ ଦୁଃଖପ୍ରକାଶ କଲେ ଏବଂ କେସ୍ ଉଠାଇ ନେବାକୁ କହିଲେ । ଶେଷରେ ମୁଁ କେସ୍‌ଟି ଉଠାଇ ଆଣିଥିଲି । ଏହିପରି ଭାବରେ ମୋର ବ୍ୟାଧି ଜୀବନର ଇତିଶ୍ରୀ ହୋଇଥିଲା । ଯେଉଁ ବନ୍ଧୁମାନେ ମୋ ପାଖକୁ ଆସି ମୋତେ ସମବେଦନା ଜଣାଉ ଥିଲେ ମୁଁ ତାଙ୍କୁ

Digitized by srujanika@gmail.com

ହସି ହସି ଉତ୍ତର ଦେଉଥିଲି–ମୁଁ କେଡ଼େ ସୌଭାଗ୍ୟବାନ୍ ଯାହାକି ବ୍ୟାଧିଗ୍ରସ୍ତ ସଙ୍ଗେ ଅବିରତ ଲଢ଼େଇ କରି କରି ଶେଷରେ ଜୟଯୁକ୍ତ ହେଲି । ଏତେବଡ଼ ପୌରୁଷ କାହାକୁ ମିଳେ ! ଏଥିରେ ତୁମର ଦୁଃଖ କରିବାର କ'ଣ ଅଛି ? ଏବେ ଯେପରି ଅନେକ ଲୋକ ଅନୁଭବ କରୁଛନ୍ତି ଯେ ବ୍ରିଟିଶ୍ ସରକାର ଥିବାବେଳେ ଆଇନ୍ ଶୃଙ୍ଖଳା ଯେପରି ଉଚ୍ଚ ସ୍ଥାନରେ ଥିଲା, ଲୋକେ ଯେପରି ନିରାପଦରେ ବାସ କରୁଥିଲେ ଏବେ ତାହା ସାତ ସ୍ୱପ୍ନ ପରି ଜଣା ପଡୁଛି । ବ୍ରିଟିଶ୍ ସରକାର ଯୋଗୁ ସେମାନେ ଏହି ଉପକାର ସବୁ ପାଇଥିଲେ । ମୁଁ ବର୍ତ୍ତମାନ ମୋ ଜୀବନର ସିଂହାବଲୋକନ କରି ଜାଣିପାରୁଛି ଯେ ଏହି ରୋଗ ମୋତେ ଆକ୍ରମଣ ନ କରିଥିଲେ ମୁଁ ବର୍ତ୍ତମାନ ଓଡ଼ିଶାର ସବୁ ଅଞ୍ଚଳର ଲୋକମାନଙ୍କର ଯେପରି ଶ୍ରଦ୍ଧାଭାଜନ ହୋଇଛି ତାହା ହୋଇ ପାରି ନଥାନ୍ତି । କେଉଁଠି ଗୋଟିଏ ମାମୁଲି ଡାକ୍ତର ହୋଇ ମୋର ଜୀବନଲୀଳା ସାରିଥାନ୍ତି । ହାତଗଣତି କେଇ ଜଣ ଲୋକ କେବଳ ମୋତେ ଜାଣିଥାନ୍ତେ । ଏ ରୋଗ ମୋତେ ହେବାରୁ ମୁଁ ବାଧ୍ୟହୋଇ ସାହିତ୍ୟ ଭିତରକୁ ପଶିଲି ଏବଂ ସାହିତ୍ୟ ଜରିଆରେ ବହୁଲୋକର ଶ୍ରଦ୍ଧାଭାଜନ ହେଲି । ଏଣୁ ଏହି ରୋଗକୁ ମୋର ପରମ ମିତ୍ର ବୋଲି ମନେ ମନେ ଭାବିନେଇଛି ।

*
* *

Digitized by srujanika@gmail.com

ଅନ୍ତିମ ଯାତ୍ରା

ଚିରା ଓ ସିଲେଇ ହୋଇଥିବା ପୋରିହା ପାଲଲଗା ଫୁଟାଡଙ୍ଗାଟିରେ ବସି ଓ ଦୁଃଖ ମହାସାଗରରେ ଏହି ଡଙ୍ଗାଟିକୁ ବହୁ ବର୍ଷ ହେଲା ଚଳେଇ ଚଳେଇ ଏକୁ-ଟିଆ ମୁଁ ଆଗେଇଛି, ଗତି ପାହି ନାହିଁ । ଧ୍ରୁବତାରାକୁ ଗ୍ରହିଁ ଡଙ୍ଗାର ମଙ୍ଗ ମୋଡ଼ୁଛି । ଛିଣ୍ଡା ପୋରିହା ପାଲଟା ଡଙ୍ଗାକୁ କେତେବା ଟାଣିବ ସେଥିରେ ପୁଣି ଫୁଟାଡଙ୍ଗା ଭିତରେ ପଶୁଥିବା ପାଣି କାଢ଼ି କାଢ଼ି ହାତ ଘୋଳେଇ ହୋଇ ଆସିଲାଣି । ମୋ ଡଙ୍ଗାକୁ ମୁଁ ଠିକ୍ ଦିଗରେ ଚଳେଇ ନେଉଛି । କିନ୍ତୁ ନିକଟରେ କୂଳ ପାଇବି କି ନାହିଁ ତାହା କିଛି ସ୍ଥିର କରି ପାରୁ ନାହିଁ । ମଙ୍ଗକୁ ଠିକ୍ ଭବରେ ମୋଡ଼ିବି, ଡଙ୍ଗାରୁ ପାଣି କାଢ଼ିବି, ପାଲକୁ ପବନ ମୁହାଁ ରଖିବି, ତେଣେ ଧ୍ରୁବତାରା ଉପରେ ନଜର ରଖିବି । ସବୁଯାକ କାମ ମୋତେ ଏକୁଟିଆ ହିଁ କରିବାକୁ ହେଉଛି । ସାହା ଭରସା କେହି ନାହିଁ । ଯେଉଁ ଜାହାଜରୁ ଅଲଗା ହୋଇଯାଇ ମୁଁ ଫୁଟାଡଙ୍ଗାର ଆଶ୍ରୟ ନେଲି, ସେ ଜାହାଜ ପଛରେ କାହିଁ କେତେ ଦୂରରେ ରହିଗଲାଣି । ସେ ଜାହାଜ ବିଷୟ ମଧ୍ୟ ମୋର ମନରୁ ପୂରା ପୂରି ପାଶୋର ହୋଇଗଲାଣି । ମଝିରେ ମଝିରେ ସହୃଦୟ କେତେକ ନାବିକ କିଛି ସମୟ ପାଇଁ ମୋ ଫୁଟାଡଙ୍ଗା ପାଖେ ପାଖେ କିଛିବାଟ ଆସିଛନ୍ତି ଓ କିଛି ସମୟ ପାଇଁ ହସଖୁସି କଥା କହି ମୋ ମନକୁ ସରସ କରି ଦେଇଛନ୍ତି । ତାପରେ ନିଜ ନିଜର ରାସ୍ତା ଧରି ସମସ୍ତେ ଦୂରେଇ ଯାଇଛନ୍ତି । ସମୁଦ୍ରର ଭୀମ ଗର୍ଜନ କ୍ରମେ ଶାନ୍ତ ହୋଇ ଆସି ଅସ୍ପଷ୍ଟ ମୋହନ ମୁରଲୀ ସ୍ୱନ ପରି ଶୁଣା ଯାଉଛି । ଫୁଟାଡଙ୍ଗାରେ ଯାତ୍ରାର ଅନ୍ତ ନିକଟରେ ହୋଇଯିବ ପରା ! ମୁଁ କ'ଣ ସତେ କୂଳରେ ପହଞ୍ଚି ପାରିବି ? କୂଳରେ ପହଞ୍ଚିବାର ଠିକ୍ ପୂର୍ବରୁ ମୋ ଫୁଟାଡଙ୍ଗା ଯେ ଟୁବ୍ କରି ବୁଡ଼ିଯିବ, ଏଇଟା ବିଧିର ବିଧାନ ବୋଲି ମୁଁ ନିଶ୍ଚିତଭାବେ ଧରି ନେଇଛି । କୂଳରେ ମୁଁ ମୋଟେ ଲାଗି ପାରିବି ନାହିଁ । ଜୀବନସାରା ମୁଁ ବହୁଆଡ଼େ ଯାତ୍ରା କରିଛି । ସବୁଠାରେ ହିଁ ଠିକ୍ କୂଳରେ ପହଞ୍ଚିବା ପୂର୍ବରୁ ପ୍ରତିକୂଳ ପବନ ମୋ ଡଙ୍ଗାକୁ ମୋଡ଼ିକରି ଅନ୍ୟଆଡ଼େ ନେଇ ଯାଇଛି ।

ଯାତ୍ରା ପଥର ପଛ ଆଡ଼କୁ ବୁଲି ମନେ ମନେ ଗ୍ରହିଁଲି । ଜଳ ଜଳ ହୋଇ ମୋତେ ସବୁଗୁଡ଼ିକ ଦିଶିଗଲା । ପିଲାଦିନେ ଶୈଶବରେ ମୋର ସବୁଠାରୁ ବେଶୀ ଆକର୍ଷଣ ଥିଲା ଖେଳନା ବନ୍ଧୁକ । ଶହଶହ ଖେଳନା ଭିତରେ ମୁଁ ଖେଳନା ବନ୍ଧୁକକୁ ପସନ୍ଦ କରୁଥିଲି । ସେଥିରୁ ଗୋଟିଏ ପାଇଲେ ମୋ ଜୀବନ ଧନ୍ୟ ହୋଇଗଲା ବୋଲି ଭାବୁଥିଲି । ଖେଳନା ବନ୍ଧୁକଟିଏ ହାତରେ ପଡ଼ିଲେ ମୁଁ ସୈନିକ ପରି ଲକ୍ଷ୍ୟ କରି ବନ୍ଧୁକ ଫୁଟାଉ ଥିଲି । ସୈନିକମାନଙ୍କର ଚିତ୍ର ଦେଖିବାକୁ ପୋଲିସ୍ ଓ ସୈନ୍ୟମାନଙ୍କର ପ୍ୟାରେଡ୍ ଦେଖିବାକୁ ମୋର ସବୁଠାରୁ ବେଶୀ ଆଗ୍ରହ ଥିଲା । ସେ ସବୁ ଦେଖିଲା-

Digitized by srujanika@gmail.com

ବେଳେ ମୁଁ ଭେକ-ଶୋଷ ଭୁଲି ଯାଉଥିଲି । ପରିଣତ ବୟସରେ ମୁଁ ଜଣେ ସୈନିକ ହେବି ବୋଲି ମନରେ ସ୍ଥିର କରିଥିଲି । କିନ୍ତୁ ଭାଗ୍ୟ ସେ ଆଡୁ ମୋତେ ଅନ୍ୟ ଆଡ଼କୁ ଠେଲି ନେଇ ଯାଇଥିଲା । ପୁନଶ୍ଚ ଜଣେ ପାଇଲଟ୍ ହେବାଲାଗି ମୋର ପ୍ରବଳ ବାସନା ଜାଗି ଉଠିଥିଲା । କାହିଁକି ଯେ ଏସବୁ ପ୍ରତି ମୋର ଏଡ଼େ ଆଗ୍ରହ ଥିଲା ତାହା ମୁଁ ଏବେବି ଜାଣି ପାରି ନାହିଁ । ଭାଗ୍ୟ ସେଠାରୁ ମଧ୍ୟ ମୋତେ ଅନ୍ୟ ଆଡ଼କୁ ନେଇଗଲା ।

ବିଜ୍ଞାନ ମୋର ଅତି ପ୍ରିୟ ଥିଲା । ରେଭେନ୍ସା କଲେଜରେ ମାଟ୍ରିକ୍ ପରେ ବିଜ୍ଞାନ ପଢିବି ଓ ଗୋଟିଏ ବଡ଼ ବୈଜ୍ଞାନିକ ହେବି ବୋଲି ମନରେ ସ୍ଥିର କରିଥିଲି । କିନ୍ତୁ ମାଟ୍ରିକ୍ ପାଠ୍ୟରେ ଅତିରିକ୍ତ ଗଣିତ ସ୍ଥାନରେ ଅତିରିକ୍ତ ସଂସ୍କୃତ ନେବାକୁ ଗୃହ ଶିକ୍ଷକ ଉପଦେଶ ଦେଇଥିଲେ । ଗଣିତ ପାଇଁ ମୋତେ ସମ୍ପୂର୍ଣ୍ଣ ଭାବରେ ନିରୁତ୍ସାହିତ କରି ଦେଇଥିଲେ । ତଥାପି ମୁଁ ରେଭେନ୍ସା କଲେଜରେ ପଢିବି ବୋଲି ସ୍ଥିର କରିଥିଲି । ଗ୍ରୀଷ୍ମଛୁଟିରେ ଅତିରିକ୍ତ ଗଣିତକୁ ପଢିଦେଇ ବିଜ୍ଞାନ ନେବାଲାଗି ମନସ୍ଥ କରିଥିଲି । କିନ୍ତୁ ଆମର ଘର ପରମ୍ପରାକ୍ରମେ ଚିକିତ୍ସା ବ୍ୟବସାୟର କେନ୍ଦ୍ର ଥିବାରୁ ବୁଢ଼ାବାପା ମୋତେ ଡାକ୍ତରୀ ପଢ଼ାଇବା ଲାଗି ପରାମର୍ଶ ଦେଇଥିଲେ । ଡାକ୍ତରୀ ପଢିଲି । ପାସ୍-କଲି । କିନ୍ତୁ ଡାକ୍ତରୀ ଦିନେହେଲେ କରି ପାରିଲି ନାହିଁ । ମୋର ବ୍ୟାଧି ମୋତେ ଅନ୍ୟ-ଆଡ଼େ ଠେଲି ଠେଲି ନେଇଗଲା । ସମୟ କଟାଇବାକୁ ମୁଁ ସାହିତ୍ୟକୁ ଧଇଲି । 'ଡଗର' ସହିତ ଯୋଡ଼ି ହୋଇଗଲି । 'ଡଗର'ର ରଜତ ଜୟନ୍ତୀ କଲି । ବଡ଼ ଆଶା ଥିଲା ସୁବର୍ଣ୍ଣ ଜୟନ୍ତୀ କରିଥାନ୍ତି । ଆଉ ମାତ୍ର ଦୁଇଟି ମାସ ଯାଇଥିଲେ 'ଡଗର'ର ପଚାଶ ବର୍ଷ ପୂରି ଯାଇଥାନ୍ତା ଏବଂ ସୁବର୍ଣ୍ଣ ଜୟନ୍ତୀ ହୋଇଥାନ୍ତା । କିନ୍ତୁ ହଠାତ୍ 'ଡଗର'ର ସ୍ୱତ୍ୱାଧିକାରୀ ଓ ସଂପାଦକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର ଦିନେ ଆସି ତାଙ୍କ ମେସିନ୍ ଉଠାଇ ନେଇ ଚାଲିଗଲେ । ମୋର ମେରୁଦଣ୍ଡ ଭାଙ୍ଗିଗଲା ପରି ମୋତେ ଜଣାଗଲା । ଭାଗ୍ୟର ପ୍ରବଳ ଝଞ୍ଜା ସମ୍ଭାଳି ନପାରି ମୋ ଡଙ୍ଗା ଏ କୂଳରୁ ମଧ୍ୟ ଦୂରେଇ ଗଲା । କୌଣସି କୂଳରେ ମୁଁ ଲାଗି ପାରିଲି ନାହିଁ । ନିଜେ ମୁଁ ଖୁବ୍ ସାହିତ୍ୟ ରଚିଲି । ସାଧାରଣ ପାଠକ ମୋତେ ବେଶ୍ ଉତ୍ସାହ ଦେଲେ । କିନ୍ତୁ ସାହିତ୍ୟର ମଉଡ଼ମଣି ଓଡ଼ିଆ ଅଧ୍ୟାପକମାନେ ମୋ ସାହିତ୍ୟ ଦେଖି ନାକ ଟେକିଲେ । ଦୂର୍ ଦୂର୍ କଲେ । କିଏ କହିଲେ ମୋ ସାହିତ୍ୟ ଅଶ୍ଲୀଳ, କିଏ କହିଲେ ଏହା ସାହିତ୍ୟ ପଦବାଚ୍ୟ ନୁହେଁ । ଏହାକୁ ସାହିତ୍ୟ ବୋଲି କହିଲେ ସାହିତ୍ୟ ପ୍ରତି ଅବମାନନା ହେବ । ଜଣେ ଅଧ୍ୟାପକ ସାଧାରଣ ପାଠକ-ମାନଙ୍କ ଦ୍ୱାରା ଆଦୃତ ଗୋଟିଏ ବହି ଦେଖି କୁଣ୍ଢେଇ କୁଣ୍ଢେଇ କହିଲେ—"ହଁ, ଲେଖକ ବହୁତ ପରିଶ୍ରମ କରିଛନ୍ତି । ଏକପ୍ରକାର ହୋଇ ଯାଇଛି ।" ଆଉ ଜଣେ ଅଧ୍ୟାପକ ମୋତେ ଜଣେ ଲେଖକ ବୋଲି ସ୍ୱୀକାର କରିବାକୁ ମଧ୍ୟ ନାରାଜ ହୋଇଗଲେ । ଲେଖକ ତାଲିକାରେ ମୋ ନାଆଁ ରଖିବାକୁ ଘୃଣାବୋଧ କଲେ ।

ଓଡ଼ିଆ ସାହିତ୍ୟର ପଣ୍ଡିତମାନଙ୍କ ପାଖରେ ଲେଖକ ଭାବରେ ପରିଚିତ ହେବାର ଯେଉଁ ପ୍ରବଳ ବାସନା ଥିଲା ତାହା କୁଆଡ଼େ ଧୂଳି ହୋଇଗଲା । ମୁଁ ପରିଷ୍କାର ଅନୁଭବ କଲି ଭାଗ୍ୟ ମୋତେ ସୂତା ଲାଗିଥିବା କାଠପିତୁଳା ପରି ନଚାଇବାରେ ଲାଗିଛି । ପ୍ରତିରୋଧ ବା ପ୍ରତିବାଦ କରିବାର ଉପାୟ ନାହିଁ ।

Digitized by srujanika@gmail.com

ବୋଉଠାରୁ ଝରି ଆସୁଥିବା ଯେଉଁ ଅସରନ୍ତି ସ୍ନେହର ଝରଣାରେ ମୁଁ ସଦା ବୁଡ଼ି ରହିଥିଲି ସେ ମୋପ୍ରତି ଅପେକ୍ଷା ନକରି ନିଜ ବାଟକାଟି ମୋ ଆଗରେ ଚାଲିଗଲା । ମୁଁ ସ୍ନେହର କାଙ୍ଗାଳ ହୋଇଗଲି । ମନକୁ ପ୍ରବୋଧ ଦେଲି ଯଦି ତା ଆଗରୁ ମୁଁ ଚାଲିଯାଇଥା'ନ୍ତି ତେବେ ବିଚରା ସେ କେତେ କଷ୍ଟ ପାଇଥାନ୍ତା । ଆଗରୁ ଚାଲିଯାଇଛି ଭଲ ହୋଇଛି ।

ଯୁଦ୍ଧ ସମୟରେ ଭୁବନେଶ୍ୱରରେ ଯେଉଁ ଏରୋଡ୍ରମ୍ ତିଆରି ହେଉଥିଲା ସେଥିରେ ମୁଁ ପେଟି କଣ୍ଟ୍ରାକ୍ଟରୀ କରିଥିଲି । ଶେଷରେ ମୂଳଜମା ବି ଉଭେଇଗଲା । ଏହାପରେ ଗୋଟିଏ ଫର୍ଣିଚର୍ କାରଖାନା ଖୋଲିଲି । କିଛିଦିନ ଭିତରେ ସେଥିରେ ବି ମୂଳଜମା ବୁଡ଼ିଗଲା । ତାପରେ ଗୋଟିଏ ଚାଉଳ ଡାଲି ଦୋକାନ କଲି । ଗରାଖମାନେ ଧାରରେ ଦୋକାନଟାକୁ ଗିଳିଦେଲେ । ଶେଷରେ କକେୟୀ ମାଲଗୋଦାମକୁ ଯାଇ ମହାଜନକୁ ହାତରୁ ଟଙ୍କା ଛୁଟିଲେ । ତାପରେ ଆମ ଘର ପାଖ ବିଲରେ ଚାଷବାସ ଆରମ୍ଭ କରି-ଦେଲି । ମାଙ୍କଡ଼, କାଳିଆ ଷଣ୍ଢ, ଘୁଷୁରି ଇତ୍ୟାଦି ସମସ୍ତେ ଦାଉ ସାଧିଲେ । କେବଳ ଗୋଟିଏ ବାଟୁଲିଖଡ଼ା ସାହାଯ୍ୟରେ ପ୍ରାୟ ୯ ଏକର ବିଶିଷ୍ଟ ଗୋଟିଏ ଚକର ବିଲକୁ ମାଙ୍କଡ଼ଙ୍କ ଦାଉରୁ ରକ୍ଷାକରିବା ଏକ ଅସମ୍ଭବ ବ୍ୟାପାର ହୋଇଉଠିଲା । ମାମୁଁଙ୍କର ଗୋଟିଏ ଦୋ ନଳିଆ ବନ୍ଧୁକ ଥିଲା । ଆଉମଧ୍ୟ ମୋର ଡାକ୍ତର ବନ୍ଧୁ ରାମକୃଷ୍ଣ ମିଶ୍ରର ଗୋଟିଏ ଭଲ ଦୋ ନଳିଆ ବନ୍ଧୁକ ଥିଲା । ସେ ଅନେକ ସମୟରେ ଆସି ଆମ ଘରେ ୧୦/୧୫ ଦିନ ରହୁଥିଲା । ଏତିକି ବେଳେ ତା' ବନ୍ଧୁକର ସଦ୍‌ବ୍ୟବହାର ମୁଁ କରି ପକାଉ-ଥିଲି । ମୁଁ ମାଙ୍କଡ଼ମାନଙ୍କ ଅତ୍ୟାଚାରରେ ଉତ୍‌କ୍ଷିପ୍ତ ହୋଇ ପାତି ଓ ହନୁମାନଙ୍କୁ ମୂଳ-ପୋଛ କରିବାରେ ଲାଗିଲି । ବୋଉ ମୋର ଏପରି ନିର୍ଦ୍ଦୟକାମ ଦେଖି କାନ୍ଦିଲା । ମୁଁ ବନ୍ଧୁକ ଓ ବିଲକୁ ଛାଡ଼ିଦେଲି । ମନରେ ବଡ଼ ଅବଶୋଷ ଆସିଗଲା । ମୋର ବନ୍ଧୁକ ଚାଳନାରେ ମୁଁ ନିଜେ ବିସ୍ମିତ ହୋଇ ଯାଇଥିଲି । ମୁଁ ପ୍ରକୃତ ବନ୍ଧୁକ ମାରିବା ଶିଖି ନଥିଲି । କିନ୍ତୁ ମାଙ୍କଡ଼ ମାରିବା ବେଳେ ଗୋଟିଏ ବି ଗୁଳି ମୋର ଲକ୍ଷ୍ୟଭ୍ରଷ୍ଟ ହୋଇ ନଥିଲା । ଚାଷବି ମୋର ବୁଡ଼ିଗଲା । ଶେଷରେ ସାହିତ୍ୟକୁ ଆଶ୍ରାକରି ସଫଳତା କୂଳ ଆଡ଼େ ଆଗେଇଲି । ମନରେ ଖୁବ୍ ବିଶ୍ୱାସ ଆସିଲା ଏଥିରେ ମୁଁ ସଫଳତା ପାଇବି । ଡଙ୍ଗାଟା କୂଳରେ ବୋଧେ ଲାଗିଯିବ । କିନ୍ତୁ ବିଶିଷ୍ଟ ସାହିତ୍ୟିକଗୋଷ୍ଠୀଙ୍କର ସ୍ୱୀକୃତି ପାଇଲି ନାହିଁ । ଶେଷରେ ଦେଖିଲି ମୋ ଡଙ୍ଗାଟା ଫୁଟା । ପ୍ରାଣପଣେ ଗୋଟାଏ ହାତରେ ମଙ୍ଗଧରି ଆର ହାତରେ ପାଣି କାଢ଼ିଲି । ମନରେ ଆଶା ହୋଇଥିଲା ଡଙ୍ଗାଟି କୂଳରେ ଲାଗିଯିବ ଆଉ ଅଳ୍ପବାଟ ବାକି, ମନ ପାପ ଛୁଇଁଲା । ଡଙ୍ଗାରେ ଏତେ ପ୍ରବଳଭାବେ ପାଣି ପଶିଲା ଯେ ଆଶା ଭରସା କୁଆଡ଼େ ଉଭେଇଗଲା । କୂଳରେ ପହଞ୍ଚିବା ପୂର୍ବରୁ ଡଙ୍ଗା ବୁଡ଼ିବାଟା ସୁନିଶ୍ଚିତ ବୋଲି ଜାଣିପାରୁଛି । ଏବେ ପାଣି କଢ଼ା ଛାଡ଼ିଦେଇ ମଙ୍ଗକୁ ମଧ୍ୟ ଛାଡ଼ିଲି । ଦୁଇ ହାତ ଟେକି ମୋର ଇଷ୍ଟଦେବ ଓ ମୋର ପ୍ରିୟ ପାଠକମାନଙ୍କୁ ନମସ୍କାର ଜଣାଉଛି ।

—X—

Digitized by srujanika@gmail.com

—ଶୁଦ୍ଧିପତ୍ର—

[ଲେଖକ ନିଜେ ପାଣ୍ଡୁଲିପି ଲେଖିବା ଓ ପଢ଼ିବା ଅସମ୍ଭବ ଥିବାରୁ ବିଭିନ୍ନ ପ୍ରକାର ପ୍ରମାଦ ରହିଯାଇଛି । ସୁଧାରିନେଇ ପଢ଼ିବାଲାଗି ପାଠକମାନଙ୍କୁ ଅନୁରୋଧ ।]

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ହେବ/ବାଦ୍‌ଦିଆଯିବ
ପ୍ରାକ୍‌କଥନ	୨	ଯାଇଁ	ଯାଇ
		ଯାଇଁ	ଯାଇ
	୨୧	ଘଟଣାବଳି	ଘଟଣା
ପ୍ରାକ୍‌କଥନ-୨	୧୬	ଏଥିରେ ଭବସାଗର	ଭବସାଗର
	୨୨	ଅବସ୍ଥିତ	ଅବସ୍ଥାପିତ
	୩୨	ପାଣ୍ଡୁଲିପି	ପାଣ୍ଡୁଲିପି
୨	୨୩	ହାଡ଼ିସାହି,	ହାଡ଼ିସାହି ।
୪	ଶେଷ	ତିନିସେରେ	ତିନିସେର
୬	୧	ବରଣ୍ଡାରେ	ବାରଣ୍ଡାରେ
	୧୨	ଶ୍ରୀ ରମଚନ୍ଦ୍ର ଦାସ	ଶ୍ରୀ ରମଚନ୍ଦ୍ର ଦାଶ
	୧୯	ଆକୁଣ୍ଠ	ଅକୁଣ୍ଠ
୮	୧୬	ପରିବାରେ	ପରିବାରରେ
୯	୭	ବସୁଦେବ	ବାସୁଦେବ
	୮	କଞ୍ଚନ ବାସୁଦେବ ବଂଶୀଧର	ବାଦ୍‌ଦିଆଯିବ
୧୧	୨୨	କଷ୍ଟ	କଷ୍ଟା
୧୩	୨	ପାରିଲେ	ପାରିଲି
୧୮ ଓ	୭	କକେୟୀ	କକେଇ
ଅନେକ ସ୍ଥାନରେ	୩୦	ପା'ନ୍ତି	ପା'ନ୍ତି,
୨୦	୧୦	ନଜର ସବୁ	ନଜର
୨୧	୧୨	ପଢ଼ାଉଥିଲ	ପଢ଼ାଉଥିଲେ
୨୨	୯	ଭେରୁ	ଭେରରୁ
	୨୫	ମଳିଗଲେ	ମିଳିଗଲେ

Digitized by srujanika@gmail.com

ପୃଷ୍ଠା	ଧାଡ଼ି	ଅଛି	ହେବ/ବାଦ୍‌ଦିଆଯିବ
	୨୭	ପୁରଷ୍କାର	ପୁରସ୍କାର
୨୩	୧୫	ଯୋଗୀଟି	ଯୋଗୀଟିକୁ
୨୫	୨୧	ଦୀପାଳୀ	ଦୀପ
	୨୨	ମାଡୁଆଳୀ	ମାରୁଆଡ଼ି
	୨୪	ମାଡୁଆଳୀ	ମାରୁଆଡ଼ି
୨୭	୨୩	ଘୋଡଇ	ଘୋଡ଼ି ଘାଡ଼ି
୨୮	୧୦	ଯାହାସବୁ	ଯାହା
୨୯	୨୨	ବଜାର	ବଜାଇ
	୧୦	ନାହିଁ	ନାହିଁ ।
	୨୪	ସମ୍ଭାର	ଶାମ୍ଭ
୩୨	୧୭	ଡକଗଯାଏ	ଡକାଯାଏ
୩୩	୪	ଧିମ୍	ଧୂମ୍
୩୪	୧୪	ବଡ଼	ଅନ୍ୟ
୩୬	୧୯	ଉତ୍କର୍ଷତା	ଉତ୍କର୍ଷ
	୨୨	ଆବୃତି	ଆବୃତ୍ତି
	୨୭	”	”
	୩୧	ଉତ୍କର୍ଷତା	ଉତ୍କର୍ଷ
୪୨	୨୦	କ୍ଷତି ?	କ୍ଷତି ।
୪୬	୩	ଜିନିଷ	ଜିନିଷ ?
୪୭	ଶେଷ	କ୍ୟାରେଟ୍	୨୪କ୍ୟାରେଟ୍
୪୯	୪	ତା ସେ	ସେ
୫୧	୯	ଆଜିର	ବାଦ୍‌ଦିଆଯିବ
୫୪	୨୩	ଭିତର	ଭିତରେ
୫୫	୭	ଆଶ୍ୱସ୍ତି	ଅସ୍ୱସ୍ତି
	୨୫	ପହଞ୍ଚିଲେ ।	ପହଞ୍ଚିଲେ
୫୬	୨୫	ଅଧୋବନ୍ଧୁ	ଅଧୋବାୟୁ
	୨୬	ଶବ୍ଦଯୁଗ	ଶବ୍ଦଯନ୍ତ୍ର

Digitized by srujanika@gmail.com

ପୃଷ୍ଠା	ଧାଡ଼ି	ଅଛି	ହେବ ବାଦ୍/ଦିଆଯିବ
୫୭	୧୪	ତଲଖାରେ	ଲେଖାରେ
୫୮	୧୩	ଅଥିନେକ	ଅନେକ
	୨୪	ଗେଟାଏ	ଗୋଟାଏ
୫୯	୨୭	ତୁ	
୬୦	୨	ମହାଲଗଛ	ମହାକାଲଗଛ
୬୨	୧	ଦେଖ—	ଦେଖା
୬୩	୨୫	ସ୍କୁଲଲେ	ସ୍କୁଲରେ
୬୬	୧୨	ଗେଟିଏ	ଗୋଟିଏ
୬୭	୨୮	ଗ୍ଲିଗଲ	ଲଗିଗଲ
୭୨	୨୦	କ୍ଲସ୍‌ରେ	କ୍ଲାସ୍‌ରେ
୭୩	୧୪	ଭକ୍ତ	ଭକ୍ତି
୭୬	୧	ଦଇଥର	ଦୁଇଥର
	୨୮	ରୁକ୍ଷଣ	ରୁକ୍ଷତା
୭୯	୭	ପଏଣ୍ଟି	ପଏଣ୍ଟିଂ
୮୪	୨୫	କ୍ଲସ୍‌ର	କ୍ଲାସ୍‌ର
୮୬	୨୩	ନିରପରଧଧମ	ନିରପରଧା ଧମ
୯୩	୫	ତହିଁରେ	ବାଦ୍ ଦିଆଯିବ
୯୫	୧୬	କଲେପିଜର	କଲେଜର
୧୦୨	୩	୨	ଦୁଇ
	୩୧	ନେଇ ବିକ୍ରି	ବିକ୍ରି
୧୦୯	୪	ବିଶେଇ	ବିଷେଇ
୧୧୩	୬	ସେମାନେ	ସେ ପିଲମାନେ
	୧୮	ଭକ୍ତରେ	ଭକ୍ତିରେ
	୨୧,୨୨	" "	ବାଦ୍‌ଦିଆଯିବ
୧୨୦	୪	ମୋ ବେକରେ	ବେକରେ
୧୨୧	୯	ଅଧିକାଂଶ ଲୋକ	ଅଧିକାଂଶ
୧୨୨	୧୨	ଲେଖାଇଥିବା	ଲେଖାଇବା
୧୨୩	୫	ଉଠିନାହିଁ,"	ଉଠିନାହିଁ,

Digitized by srujanika@gmail.com

ପୃଷ୍ଠା	ଧାଡ଼ି	ଅଛି	ହେବ/ବାଦ୍ ଦିଆଯିବ
୧୨୮	୩	ଦେଖିବେ	ଦେଖିବେ
୧୨୯	୧୨	ସଠିକ୍	ଠିକ୍
	ଶେଷ	ସିଷ୍ଟମ୍	ସିଷ୍ଟେମ୍
୧୩୨	୧୫	ସୁଖାଇ	ଶୁଖାଇ
	୧୭	ଯାଇଁ	ଯାଇ
୧୩୪	୭	ଗୋଟିଏ "ଲୁଆ" ଅକ୍ଷର	"ଲୁଆ"
	୮	ସକ୍ଷମ	କ୍ଷମ/ସମର୍ଥ
	୧୬	କହେ ବୋଲି	ବୋଲି କହେଁ ।
୧୩୮	୭	ସହା	ସବୁ
	୧୬	ପଲିଟିକ୍ସି	ପଲିଟିକ୍ସ୍
୧୪୦	୨	"	ବାଦ୍ ଦିଆଯିବ
	୪	ଲଢ଼ିବି	ଲଢ଼ିବୁ
	୧୨	ରିଭଲ୍ଭର୍	ରିଭଲ୍ଭର୍ରେ
୧୪୧	୧୯	ଥିଲେ	ଥିଲ
	୨୪	ମରି	ମାରି
୧୪୩	୩୩	ପ୍ରାଟିକାଲ୍	ପ୍ରାକ୍ଟିକାଲ
୧୪୬	୫	ଉପବିଷ୍ଟ	ଉପଦିଷ୍ଟ
୧୫୧	୨୪	ଯାଇଁ	ଯାଇ
୧୫୨	୭	ନାହିଁ ।	ନାହିଁ,
୧୫୩	୨୭	ପୁନର୍ବାର	ବାଦ୍ ଦିଆଯିବ
୧୫୭	୧୭	ମିଶାଇଲା	ମିଶାଇଲ୍
୧୬୦	ଶେଷ	କପିତକୁ	କପିତକ
୧୬୧	୩୧	କିପରି	କପିର
୧୬୭	୧୫	ଏଇଟା	"ଏଇଟା
୧୬୮	୧	ବଙ୍ଗଳୀ	ବଙ୍ଗାଳୀ
୧୬୯	୩୨	ମେଳାପ	ମେଳାପୀ
୧୭୫	୧୯	ଲେଖିଯାଅ,"ସେ	ଲେଖିଯାଅ ।"ସେ ନିଜ

Digitized by srujanika@gmail.com

ପୃଷ୍ଠା	ଧାଡ଼ି	ଅଛି	ହେବ/ବାଦ୍‌ଦିଆଯିବ
୧୭୯	୧୯	ଦେଇଥିଲ	ଦେଉଥିଲ
୧୮୨	୨୪	ସେଥିରେ	ସେଥିରୁ
୧୮୬	୧	ନାକଟା ଚିତ୍ରକାରର	'ନାକଟା ଚିତ୍ରକର'
	୩୧	ଏଥି ପୂର୍ବରୁ	ଆଗ
୧୮୭	୮	ପାଇଲି ।	ପାଇଲି ।"
୧୮୯	୮	ଦୁର୍ଗାପ୍ରଶନ୍ନ	ଦୁର୍ଗାପ୍ରସନ୍ନ
	୧୭	ବିନ୍ଦୁବିସଃର୍ଗ	ବିନ୍ଦୁବିସର୍ଗ
୧୯୦	୨	ରଷୀ	ରଷି
	୧୩	ଫପତି	ଫପତ୍ତି
	୩୩	କହୁଛ	କହୁଛନ୍ତି
୧୯୧	୮	ମଖ	ମୁଖ
୨୦୦	୨୬	ତାହାର	ବାଦ୍‌ଦିଆଯିବ
୨୦୧	୧୬	ଅସୀତ	ଅସିତ୍
	୨୯	ହୋଇଥିଲେ	ହୋଇଥିଲେ
୨୦୭	୯	ଆସ୍ଵସ୍ତି	ଅସ୍ଵସ୍ତି
	୧୪	ମାହାନା	ମାହାନ୍ତା
୨୦୮	୪	ହେବି ।	ହେବି"
		କହିଲେ ଯେ	କହିଲେ,"
	୨୦	ବନ୍ଦି	ବନ୍ଦୀ
	୩୦	ଯାଇ	ବାଦ୍ ଦିଆଯିବ
୨୧୦	୧୪	ହାର୍ମ	ହର୍ଷ
	୨୭	ଅନୁଚିତ୍ ।	ଅନୁଚିତ ।"
	୨୮	ଥିଲ ।"	ଥିଲ ।
	ଶେଷ	ହଜାର	ହଜାରେ
୨୧୧	୯	ଗ୍ରାଣ୍ଡ	ଗ୍ରାଣ୍ଡ୍
୨୧୨	୨	କଳୀ	କାଳୀ
	୨୧	ଚେଷ୍ଟାକରୁ ନ ଥିଲି	ଚେଷ୍ଟା କରୁନଥିଲି

Digitized by srujanika@gmail.com

ପୃଷ୍ଠା	ଧାଡ଼ି	ଅଛି	ହେବ/ବାଦ୍‌ଦିଆଯିବ
୨୧୪	୧୦	ରହିଯା	ରହିଯାଅ
	୯	ମୋର	ଲେଖକର
	୨୨	ପାଇଲେ	ପାରିଲେ
୨୧୫	୩	କରିଦେବ।	କରିଦେବ ।"
୨୧୬	୨	ପାଠକମାନଙ୍କ	ପାଠକଙ୍କ
	୧୭	କିଣିବ	କିତାବ
	୨୦	ସହିତି	ସହିତ
	୨୭	ନାହିଁ	ନାହିଁ ।
	୩୩–୩୪	ଯେ..... କରନ୍ତୁ	"......କରନ୍ତୁ ।"
୨୧୭	୫	ଲକ୍ଷ୍ୟ କରି ଦେଖିଛି	ଲକ୍ଷ୍ୟ କରିଛି,
୨୧୮	୨୬	ନାଁ ଢଗରନ୍ତୁ	ନା,
୨୨୦	୧୧	ଦୁଗବସ୍ଥା!	ଦୁରବସ୍ଥା
୨୨୧	୭	?	।
		ମୁଁ କହିଲି	ବାଦ୍ ଦିଆଯିବ
୨୨୨	୨୬	ଏଠି	ସେଠି
୨୨୫	୧୦	ଏବଂ	ଯେ
	ଶେଷ	ରହୁଥିଲେ	ରହୁଥିଲା
୨୨୬	୧	ତାଙ୍କ	ତା'
୨୨୮	୧୫	ଯାଇଁ	ଯାଇ
	୩୧	ତିନିମାସ	ତିନିଦିନ
୨୩୧	୧	ରଖାଯାଇଥିଲା	ଥିଲା
୨୩୨	୧୨	ଉତ୍‌ଥାନ	ଉତ୍‌ଥାପନ
୨୩୩	୮	ସେକ୍ରେଟାରୀ	ସେକ୍ରେଟାରିଏଟ୍
	୨୯	ଭୁକ୍ତ	ବାଦ୍‌ଦିଆଯିବ
୨୩୪	୪	କୁଞ୍ଜବିହାରୀ	କୁଞ୍ଜବିହାରୀ ଦାଶ
	୨୧	ମୁଦତବା	ମଜ୍‌ତୋବା
୨୩୭	୮	ଗୋଟାଏ	ବାଦଦିଆଯିବ
୨୩୮	୧୦	ରୟାଲିଟି	ରୟାଲ୍‌ଟି

Digitized by srujanika@gmail.com

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ହେବ/ବାଦ୍‌ଦିଆଯିବ
	୧୩	ଲକ୍ଷ	ଲକ୍ଷ୍ୟ
୨୪୦	୩୦	ଗେଟାଏ	ଗୋଟାଏ
	ଶେଷ	"ଆମେ	ଆମେ
୨୪୧	୧୦	ନାହିଁ ବରଂ	ନାହିଁ,ବରଂ
	୧୪	ମହାରଥୀ	ମହାରଥ
୨୪୩	୨	ବିଶେଷାଙ୍କଟିଏ	ବିଶେଷାଙ୍କ
	୨୨	ଯାଇଁ	ଯାଇ
୨୪୪	୧	ବାମପନ୍ଥ	ବାମପନ୍ଥୀ
		କବିତାର ଥିଲେ	କବିତାର
	୩୧	ଜଣାଯାଉଛି	ଜଣାଯାଉଛନ୍ତି
୨୪୫	୨୭	ଥିଲି ?	ଥିଲି ।"
୨·୬	୭	କିନ୍ତୁ ଯେ	କିନ୍ତୁ ସେ
	୧୫	ସେଠି	ବାଦ୍ ଦିଆଯିବ
୨୪୮	୬	ପକାଇଥିଲ୍ଲ	ପକାଇଥିଲେ
	୮	ଦୂରବସ୍ଥା	ଦୂରବସ୍ଥା
	୨୩	ତୀବ୍ର	ବାଦ୍‌ଦିଆଯିବ
	୨୪	ଅହିଂସା	ତୀବ୍ର ଅହିଂସା
୨୫୦	୮	ଡାକ୍ତରମାନଙ୍କ	ଡାକ୍ତରଙ୍କ
	୧୨	ସେ	ବାଦ୍ ଦିଆଯିବ

* * *

Digitized by srujanika@gmail.com

ତା ୭ । ୪ । ୮୨ ରିଖ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଶ୍ରୀ ଅନାଦି ସାହୁଙ୍କ "ପାଣ୍ଡୁର ବଳୟ" ପୁସ୍ତକର ଉଦ୍‌ଘାଟନ ଉତ୍ସବରେ ଲଳିତ ସାହିତ୍ୟ ସଂସଦର ସଭାପତି ଫତୁରନନ୍ଦ ସଭାପତିତ୍ୱ କରୁଛନ୍ତି । ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ରଙ୍ଗନାଥ ମିଶ୍ର ମୁଖ୍ୟ ଅତିଥି, ସାହିତ୍ୟିକ ଶ୍ରୀଯୁକ୍ତ କାଳିନ୍ଦୀ ଚରଣ ପାଣିଗ୍ରାହୀ ଉଦ୍‌ଘାଟକ ଭାବରେ ଯୋଗ ଦେଇଥିଲେ ।

Digitized by srujanika@gmail.com

ତା ୧୦ । ୮ । ୮୬ ରିଖ ଶ୍ରୀରମଚନ୍ଦ୍ର ଭବନ କଟକଠାରେ ସେଚ, ଶକ୍ତି ମନ୍ତ୍ରୀ ସେକ୍ ମତଲୁବ୍ ଅଲୀଙ୍କୁ ଦିଆଯାଇଥିବା ନାଗରୀକ ସମ୍ବର୍ଦ୍ଧନା ସଭରେ ଫତୁରନନ୍ଦ ସଭପତିତ୍ୱ କରୁଛନ୍ତି ।

Digitized by srujanika@gmail.com

ଧରଣୀଧର ମହାବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହରେ ଫତୁରାନନ୍ଦ
ମୁଖ୍ୟ ଅତିଥିଭବେ ଉଦ୍‌ବୋଧନ ଦେଉଛନ୍ତି ।

ଫଡୁସ୍ୱନନ୍ଦ

Digitized by srujanika@gmail.com